# ସ୍ୱାମୀ ବିବେକାନନ୍ଦଙ୍କ
# ବାଣୀ ଓ ରଚନା

## ଦଶମ ଖଣ୍ଡ

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
ସ୍ୱାମୀ ଆତ୍ମପ୍ରଭାନନ୍ଦ
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର — ୭୫୧ ୦୦୨
ଓଡ଼ିଶା

ସର୍ବସ୍ୱତ୍ୱ ସଂରକ୍ଷିତ

ଦ୍ୱିତୀୟ ସଂସ୍କରଣ : ଡିସେମ୍ବର ୧୯୯୦
**ପ୍ରଥମ ପୁନର୍ମୁଦ୍ରଣ : ୨୮ ଅଗଷ୍ଟ ୨୦୧୩**
ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ
୫୦୦

**ମୂଲ୍ୟ– ଟ. ୧୩୦.୦୦**

ମୁଦ୍ରାକର :
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କ୍ସ୍
ଏ/୪୮, ରାମେଶ୍ୱର ପାଟଣା
ଭୁବନେଶ୍ୱର — ୭୫୧ ୦୦୨

***SWAMI VIVEKANANDANKA VANI O RACHANA* *Vol. - X :*** by Swami Vivekananda; Published by Ramakrishna Math, Vivekananda Marg, Bhubaneswar - 751 002; 1st Reprint on 28th August 2013; **Price : ₹ One Hundred Thirty only.**

# ପ୍ରକାଶକଙ୍କ ନିବେଦନ

ଶ୍ରୀଶ୍ରୀଭଗବାନଙ୍କର ଆଶୀର୍ବାଦରୁ 'ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା'ର ଶେଷ ଖଣ୍ଡ—ଏହି ଦଶମ ଖଣ୍ଡ—ପ୍ରକାଶିତ ହେଲା । ଏହି ଦଶଟି ଖଣ୍ଡରେ ସ୍ୱାମୀଜୀଙ୍କର ସମସ୍ତ ବକ୍ତୃତା ଓ ରଚନା ଅନ୍ତର୍ଭୁକ୍ତ ବୋଲି କହିବା ଠିକ୍ ହେବ ନାହିଁ; କାରଣ ଏବେ ମଧ୍ୟ ନୂତନ ନୂତନ ତଥ୍ୟ, ବକ୍ତୃତା ଓ ସମ୍ବାଦ ଆବିଷ୍କୃତ ହେଉଛି । ସମୟକ୍ରମେ ଅଧିକ ଖଣ୍ଡ ଏହି ଗ୍ରନ୍ଥାବଳୀରେ ସଂଯୁକ୍ତ ହେବାର ସମ୍ଭାବନା ରହିଛି । ତେବେ ସ୍ୱାମୀଜୀ ସମାନ ତତ୍ତ୍ୱକୁ ବାରମ୍ବାର କହିଛନ୍ତି, ବିଭିନ୍ନ ସ୍ଥାନରେ ବିଭିନ୍ନ ଭାବରେ ବୁଝାଇଛନ୍ତି । ତେଣୁ କୁହାଯାଇପାରେ ଯେ, ସ୍ୱାମୀଜୀଙ୍କର ପ୍ରଧାନ ପ୍ରଧାନ ଭାବଧାରାକୁ ଏହି ଗ୍ରନ୍ଥାବଳୀରେ ଯଥାସମ୍ଭବ ସଂଗ୍ରଥିତ କରାଯାଇଛି ।

ଏହି ଦଶମ ଖଣ୍ଡଟିକୁ ଏହି ଗ୍ରନ୍ଥାବଳୀର ପରିଶିଷ୍ଟ ବୋଲି କୁହାଯାଇପାରେ । ଏହାର ପ୍ରଥମାଂଶରେ 'ଆମେରିକାନ୍ ସମ୍ବାଦପତ୍ରର ରିପୋର୍ଟ' ପ୍ରଧାନତଃ ଶ୍ରୀମତୀ ମେରୀ ଲୁଇ ବାର୍କଙ୍କର ମହାଗ୍ରନ୍ଥ 'New Discoveries' ରୁ ସଂଗୃହୀତ ।

ଆଇଡା ଆନ୍‌ସେଲ୍‌ଙ୍କର ସଂକ୍ଷିପ୍ତ-ଲିପି ଅବଲମ୍ବନରେ ତାଙ୍କ ଦ୍ୱାରା ଲିଖିତ ତିନୋଟି ପ୍ରବନ୍ଧକୁ ନେଇ ଏହାର ଦ୍ୱିତୀୟାଂଶଟି ସଙ୍କଳିତ ।

ତୃତୀୟାଂଶଟି ବିବିଧ ସଂଗ୍ରହ—ଛୋଟ ବଡ଼ ବିଭିନ୍ନ ବିଷୟର ସମାବେଶରେ ସ୍ୱାମୀଜୀଙ୍କର ବହୁମୁଖୀ ଚିନ୍ତାଧାରାର ବିଚିତ୍ର ବିକାଶ ଓ ପ୍ରକାଶ ।

ଶେଷାଂଶ 'ଉକ୍ତି-ସଞ୍ଚୟନ' ପ୍ରଧାନତଃ ଭଗିନୀ ନିବେଦିତାଙ୍କର ଅମର ଗ୍ରନ୍ଥ 'Master as I saw Him'ରୁ ସ୍ୱାମୀଜୀଙ୍କର ଉକ୍ତି-ଚୟନ ।

ଏହାପରେ ସନ୍ନିବେଶିତ ହୋଇଛି ସ୍ୱାମୀଜୀଙ୍କ ଲେଖାର, ବକ୍ତୃତାର ଓ ଭ୍ରମଣର ସମୟସୂଚୀ । ସର୍ବଶେଷରେ ଏହି ଗ୍ରନ୍ଥାବଳୀରେ ସ୍ୱାମୀଜୀଙ୍କ ଦ୍ୱାରା ଆଲୋଚିତ ବିଷୟଗୁଡ଼ିକର ଗୋଟିଏ ବର୍ଣ୍ଣାନୁକ୍ରମିକ ସୂଚୀ ଦିଆଯାଇଛି—ଗବେଷଣାକାରୀମାନେ ଏହାଦ୍ୱାରା ଉପକୃତ ହେବେ ।

ଏହି ଖଣ୍ଡର ବିଭିନ୍ନ ଅଂଶର ସମ୍ପାଦନା କରିଛନ୍ତି ସର୍ବଶ୍ରୀ ଡକ୍ଟର ଜାନକୀବଲ୍ଲଭ ମହାନ୍ତି (ଭରଦ୍ୱାଜ), ଡକ୍ଟର ରାମଚନ୍ଦ୍ର ମହାନ୍ତି, କିଶୋର ମୋହନ ପଟ୍ଟନାୟକ ଓ ସତ୍ୟନାରାୟଣ ମିଶ୍ର । ଏହି ଗ୍ରନ୍ଥାବଳୀର ସମସ୍ତ ଖଣ୍ଡର ପାଣ୍ଡୁଲିପି ପ୍ରସ୍ତୁତ ଓ ସମ୍ପାଦନାରେ

ସ୍ୱାମୀ ବୈରାଗ୍ୟାନନ୍ଦ, ଶ୍ରୀ ତୃପ୍ତିକାନ୍ତ କର ଏବଂ ଶ୍ରୀ ନିତ୍ୟାନନ୍ଦ ପାଣିଙ୍କର ଅକୁଣ୍ଠ ସହଯୋଗ ବିଶେଷ ଉଲ୍ଲେଖଯୋଗ୍ୟ । ଏସମସ୍ତଙ୍କୁ ଆମେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛୁ ।

ଦଶଖଣ୍ଡରେ ସମାପ୍ତ ଏହି ସମଗ୍ର ଗ୍ରନ୍ଥାବଳୀର ସଫଳ ରୂପାୟନରେ ଅଧ୍ୟାପକ ଶ୍ରୀ ତତ୍ତ୍ୱକନ୍ଦର ମିଶ୍ରଙ୍କର ଅବଦାନ ଅବିସ୍ମରଣୀୟ । ସମ୍ପାଦନାରେ ବିଶେଷ ଭୂମିକା ଗ୍ରହଣ କରିବା ସଙ୍ଗେ ସଙ୍ଗେ ମୁଦ୍ରଣ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନ ସେ ନିଃସ୍ୱାର୍ଥପର ଭାବରେ ସମ୍ପନ୍ନ କରିଛନ୍ତି । ଏହାର ପ୍ରକାଶନ ପାଇଁ ତାଙ୍କର ଉତ୍ସାହ ଓ ଅକ୍ଳାନ୍ତ ପରିଶ୍ରମ ଆମମାନଙ୍କ ପାଇଁ ପ୍ରେରଣାସ୍ୱରୂପ । ଏପରିକି ଗ୍ରନ୍ଥାବଳୀର କାଗଜ ଓ ବହିଗୁଡ଼ିକର ସଂରକ୍ଷଣ ପାଇଁ ସେ ତାଙ୍କର ବାସଗୃହର କିଛି ଅଂଶ ମଧ୍ୟ ଛାଡ଼ି ଦେଇଛନ୍ତି । ଏହି ଉତ୍ସର୍ଗୀକୃତ କର୍ମଦ୍ୱାରା ସେ ଆମମାନଙ୍କୁ ଚିରଋଣୀ କରିଛନ୍ତି ।

ଏହି ଖଣ୍ଡର ପ୍ରକାଶନ ପାଇଁ ଆର୍ଥିକ ଅନୁଦାନ ଦେଇଥିବାରୁ କେନ୍ଦ୍ର ସରକାରଙ୍କୁ ଆମେ ଧନ୍ୟବାଦ ଜ୍ଞାପନ କରୁଛୁ । ଓଡ଼ିଶା ସରକାର ମଧ୍ୟ ଗ୍ରନ୍ଥାବଳୀର ପ୍ରକାଶନରେ ଆଂଶିକ ଆର୍ଥିକ ସାହାଯ୍ୟ କରି ଆମକୁ କୃତଜ୍ଞତା-ପାଶରେ ଆବଦ୍ଧ କରିଛନ୍ତି ।

ଏହି ଗ୍ରନ୍ଥାବଳୀ ଓଡ଼ିଆ ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ ବୋଲି ଆମେ ମନେକରୁ । ଓଡ଼ିଆ ପାଠକ-ପାଠିକାମାନେ ଏହି ଗ୍ରନ୍ଥାବଳୀର ପାଠ ଓ ଆଲୋଚନା ଦ୍ୱାରା ବିଶେଷ ଭାବରେ ଉପକୃତ ହେବେ ବୋଲି ଆମର ଆଶା ଓ ବିଶ୍ୱାସ ।

ଶ୍ରୀରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କର ଅମୋଘ ଆଶୀର୍ବାଦରେ ସମସ୍ତଙ୍କର ଅନ୍ତର୍ନିହିତ ଦେବତ୍ୱ ବିକଶିତ ହୋଇଉଠୁ— ଏହା ହିଁ ଆମର ଆନ୍ତରିକ କାମନା ।

ରାମକୃଷ୍ଣ ମଠ, ଭୁବନେଶ୍ୱର
୨୭ ନଭେମ୍ବର ୧୯୯୦

ସ୍ୱାମୀ ଶିବେଶ୍ୱରାନନ୍ଦ
ଅଧ୍ୟକ୍ଷ

# ସୂଚୀପତ୍ର


| ବିଷୟ | ପୃଷ୍ଠା |
|---|---|
| ଆମେରିକାନ୍ ସମ୍ବାଦପତ୍ରର ରିପୋର୍ଟ | ୧—୯୮ |
| ଭାରତର ଧର୍ମ ଓ ରୀତିନୀତିସମୂହ | ୩ |
| ବିଶ୍ୱମେଳାରେ ହିନ୍ଦୁଗଣ | ୮ |
| ଧର୍ମମହାସଭାରେ | ୧୦ |
| ବୌଦ୍ଧ ଦର୍ଶନ | ୧୧ |
| କଟୁ ମନ୍ତବ୍ୟ | ୧୧ |
| ବ୍ୟକ୍ତିଗତ ବୈଶିଷ୍ଟ୍ୟ | ୧୩ |
| ପୁନର୍ଜନ୍ମ | ୧୫ |
| ହିନ୍ଦୁ ସଭ୍ୟତା | ୧୬ |
| ଗୋଟିଏ ଚିତ୍ତାକର୍ଷକ ବକ୍ତୃତା | ୧୭ |
| ହିନ୍ଦୁଧର୍ମ | ୧୮ |
| ହିନ୍ଦୁ ସନ୍ନ୍ୟାସୀ | ୨୦ |
| ପରମତ ସହିଷ୍ଣୁତା ପାଇଁ ଅନୁନୟ | ୨୨ |
| ଭାରତୀୟ ଆଚାର-ବ୍ୟବହାର | ୨୪ |
| ହିନ୍ଦୁ ଦର୍ଶନ | ୨୮ |
| ଅଲୌକିକ ଘଟଣା | ୩୦ |
| ମନୁଷ୍ୟର ଦେବତ୍ୱ | ୩୧ |
| ଭଗବତ୍-ପ୍ରେମ | ୩୬ |
| ଭାରତୀୟ ନାରୀ | ୩୯ |
| ଭାରତର ପ୍ରଥମ ଅଧିବାସୀଗଣ | ୪୧ |
| ଆମେରିକାନ୍ ପୁରୁଷମାନଙ୍କ ପ୍ରତି କଥା | ୪୨ |
| ଉଭୟ ଦାହର ତୁଳନା | ୪୨ |
| ଜନନୀଗଣ ଆରାଧ୍ୟା | ୪୩ |
| ଅନ୍ୟାନ୍ୟ ଚିନ୍ତାଧାରା | ୪୪ |
| ଧର୍ମରେ ଦୋକାନଦାରି | ୪୪ |
| ମନୁଷ୍ୟର ଲକ୍ଷ୍ୟ | ୪୮ |

| ବିଷୟ | ପୃଷ୍ଠା |
|---|---|
| ପୁନର୍ଜନ୍ମ | ୫୧ |
| ତୁଳନାତ୍ମକ ଧର୍ମତତ୍ତ୍ୱ | ୫୩ |
| 'ଏସିଆର ଆଲୋକ'—ବୁଦ୍ଧଦେବଙ୍କ ଧର୍ମ | ୫୬ |
| ମନୁଷ୍ୟର ଦେବତ୍ୱ | ୫୮ |
| ହିନ୍ଦୁ ସନ୍ନ୍ୟାସୀ | ୬୦ |
| ଭାରତବର୍ଷ ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦ | ୬୧ |
| ଗତ ରବିର ବକ୍ତୃତା | ୬୨ |
| ଧର୍ମର ସମନ୍ୱୟ | ୬୪ |
| ସୁଦୂର ଭାରତବର୍ଷରୁ | ୬୬ |
| ଆମର ହିନ୍ଦୁ ଭ୍ରାତାମାନଙ୍କ ସହିତ ଗୋଟିଏ ସନ୍ଧ୍ୟା | ୬୭ |
| ଭାରତ ଓ ହିନ୍ଦୁଧର୍ମ ସମ୍ବନ୍ଧରେ | ୭୦ |
| ଭାରତୀୟ ଆଚାର-ବ୍ୟବହାର | ୭୧ |
| ଭାରତର ଧର୍ମସମୂହ | ୭୨ |
| ଭାରତର ଧର୍ମସମ୍ପ୍ରଦାୟ ଓ ଧର୍ମବିଶ୍ୱାସ | ୭୩ |
| ଉପଦେଶ କମ୍, ଖାଦ୍ୟ ବେଶୀ | ୭୪ |
| ବୁଦ୍ଧଙ୍କର ଧର୍ମ | ୭୫ |
| ସକଳ ଧର୍ମ ହିଁ ଭଲ | ୭୮ |
| ସେ ଏହା ଅନ୍ଧ ଭାବରେ ବିଶ୍ୱାସ କରନ୍ତି | ୭୯ |
| ଯୋଗୀଗଣ ଯାଦୁକର | ୮୦ |
| ହିନ୍ଦୁ ଜୀବନଦର୍ଶନ | ୮୦ |
| ନାରୀତ୍ୱର ଆଦର୍ଶ | ୮୪ |
| ପ୍ରକୃତ ବୌଦ୍ଧଧର୍ମ | ୮୮ |
| ଜଗତକୁ ଭାରତର ଦାନ | ୯୧ |
| ଭାରତର ବାଳ-ବିଧବାଗଣ | ୯୪ |
| ହିନ୍ଦୁମାନଙ୍କର କେତୋଟି ସିଦ୍ଧାନ୍ତ | ୯୫ |
| **ସଂକ୍ଷିପ୍ତ ଲିପି ଅବଲମ୍ବନରେ** | ୯୯—୧୩୦ |
| ଆତ୍ମା ଏବଂ ଈଶ୍ୱର | ୧୦୧ |
| ପ୍ରାଣାୟାମ | ୧୧୪ |
| ଯୋଗର ମୂଳ ସତ୍ୟ | ୧୨୩ |

| ବିଷୟ | ପୃଷ୍ଠା |
|---|---|
| ବିବିଧ | ୧୩୧ — ୨୭୧ |
| ମୋର ଜୀବନ ଓ ବ୍ରତ | ୧୩୩ |
| ଭାରତବନ୍ଧୁ ଅଧ୍ୟାପକ ମ୍ୟାକ୍ସମୂଲର୍ | ୧୫୦ |
| ଡକ୍ଟର୍ ପଲ୍ ଡସ୍ସନ୍ | ୧୫୪ |
| ଅଧିକାରୀବାଦର ଦୋଷ | ୧୬୦ |
| ସନ୍ନ୍ୟାସୀ ଓ ଗୃହସ୍ଥ | ୧୬୨ |
| ମଣିଷ ହିଁ ନିଜର ଭାଗ୍ୟବିଧାତା | ୧୬୫ |
| ଐକ୍ୟ | ୧୬୯ |
| ହିନ୍ଦୁ ଓ ଗ୍ରୀକ୍ ଜାତି | ୧୭୦ |
| ମନୁଷ୍ୟ ଓ ଖ୍ରୀଷ୍ଟଙ୍କ ମଧ୍ୟରେ ପ୍ରଭେଦ | ୧୭୧ |
| ଖ୍ରୀଷ୍ଟ ଓ ବୁଦ୍ଧ କ'ଣ ଅଭିନ୍ନ | ୧୭୨ |
| ପାପରୁ ପରିତ୍ରାଣ | ୧୭୩ |
| ରାମାୟଣ ପ୍ରସଙ୍ଗ | ୧୭୩ |
| ଜଗଜ୍ଜନନୀଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ | ୧୭୪ |
| ଈଶ୍ୱରଙ୍କଠାରୁ ସ୍ୱତନ୍ତ୍ର କୌଣସି ବ୍ୟକ୍ତିସତ୍ତା ନାହିଁ | ୧୭୪ |
| ଖ୍ରୀଷ୍ଟ ପୁଣି କେବେ ଅବତୀର୍ଣ୍ଣ ହେବେ | ୧୭୫ |
| ମାନ୍ଦ୍ରାଜରେ ଗୃହୀତ ସ୍ମାରକଲିପିରୁ | ୧୭୫ |
| ଭବିଷ୍ୟତ ସଭ୍ୟତାର ଢଗ ନିର୍ଣ୍ଣୟ | ୧୮୮ |
| ପତ୍ରାଳାପଦ୍ୱାରା ପ୍ରଶ୍ନୋତ୍ତର | ୧୮୯ |
| ଏକ ଅପୂର୍ବ ପତ୍ରାଳାପ | ୧୯୧ |
| ଇତିହାସର ପ୍ରତିଶୋଧ | ୧୯୯ |
| ଧର୍ମ ଓ ବିଜ୍ଞାନ | ୨୦୩ |
| ଉପଲବ୍ଧି ହିଁ ଧର୍ମ | ୨୦୪ |
| ସ୍ୱାର୍ଥର ବିଲୋପ ହିଁ ଧର୍ମ | ୨୦୫ |
| ଆତ୍ମାର ମୁକ୍ତି | ୨୦୬ |
| ବେଦାନ୍ତ ବିଷୟକ ବକ୍ତୃତାର ଅନୁଲିପି | ୨୦୬ |
| ବେଦ ଓ ଉପନିଷଦ୍ ପ୍ରସଙ୍ଗରେ | ୨୦୬ |
| ଜ୍ଞାନଯୋଗ | ୨୦୯ |
| ସତ୍ୟ ଏବଂ ଛାୟା | ୨୧୦ |
| ଜୀବନ-ମୃତ୍ୟୁର ବିଧାନ | ୨୧୦ |
| ଆତ୍ମା ଓ ଈଶ୍ୱର | ୨୧୨ |

| ବିଷୟ | ପୃଷ୍ଠା |
| --- | --- |
| ଚରମ ଲକ୍ଷ୍ୟ ବା ଉଦ୍ଦେଶ୍ୟ | ୨୧୦ |
| ଧର୍ମର ପ୍ରମାଣ ପ୍ରସଙ୍ଗରେ | ୨୧୩ |
| ଉଦ୍ଦେଶ୍ୟମୂଳକ ସୃଷ୍ଟିବାଦ | ୨୧୫ |
| ଚୈତନ୍ୟ ଓ ପ୍ରକୃତ | ୨୧୭ |
| ଧର୍ମର ଅନୁଶୀଳନ | ୨୧୯ |
| ବେଲୁଡ଼ ମଠ—ଆବେଦନ | ୨୨୦ |
| ଅଦ୍ୱୈତ ଆଶ୍ରମ, ହିମାଳୟ | ୨୨୧ |
| ବାରାଣସୀ ଶ୍ରୀରାମକୃଷ୍ଣ ସେବାଶ୍ରମ : ଆବେଦ | ୨୨୨ |
| ବୈଦିକ ଭାରତ | ୨୨୪ |
| ଶ୍ରେୟୋଲାଭର ପଥ | ୨୫୫ |
| ମୁକ୍ତିର ପଥ | ୨୭୩ |
| ମୁଁ ହିଁ ମୁଁ | ୨୭୪ |
| ଧର୍ମୀୟ ଐକ୍ୟର ମହାସମ୍ମେଳନ | ୨୭୯ |
| ପ୍ରାଚ୍ୟ ନାରୀ | ୨୭୦ |
| ଭାଷା ପ୍ରସଙ୍ଗରେ | ୨୭୦ |
| ଉକ୍ତି-ସଞ୍ଚୟନ | ୨୭୩—୩୦୭ |
| ତଥ୍ୟପଞ୍ଜୀ | ୩୦୯—୩୩୫ |
| ଲେଖା ଓ ରଚନାର ସମୟସୂଚୀ | ୩୧୧ |
| କଥୋପକଥନ ଓ ବକ୍ତୃତାର ସମୟସୂଚୀ | ୩୧୨ |
| ଭ୍ରମଣପଞ୍ଜୀ | ୩୧୬ |
| ନିର୍ଦ୍ଦେଶିକା | ୩୨୪ |
| ବିଷୟ-ନିର୍ଦ୍ଦେଶିକା (ସମଗ୍ର ଗ୍ରନ୍ଥାବଳୀ) | ୩୩୫—୩୭୮ |

# ଆମେରିକାନ୍ ସମ୍ବାଦପତ୍ରର ରିପୋର୍ଟ

## ଭାରତର ଧର୍ମ ଓ ରୀତିନୀତିସମୂହ

'ସାଲେମ୍ ଇଭନିଂ ନିଉଜ୍', ୨୯ ଅଗଷ୍ଟ ୧୮୯୩

ଗତକାଲି ଉପରଓଳି, ବାୟୁମଣ୍ଡଳ ଖୁବ୍ ଗରମ ଥିବା ସତ୍ତ୍ୱେ 'ଥଟ୍ ଆଣ୍ଡ ଉଆର୍କ୍ କ୍ଳବ୍'ର (ଚିନ୍ତା ଓ କର୍ମ ସମିତି) ବହୁ ସଭ୍ୟ-ସଭ୍ୟା ସେମାନଙ୍କର ଅତିଥିମାନଙ୍କ ସହିତ ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କର* ବକ୍ତୃତା ଶୁଣିବା ପାଇଁ ୱେସ୍ଲେ ହଲରେ ଏକତ୍ରିତ ହୋଇଥିଲେ । ଏହି ଭଦ୍ରଲୋକ ବର୍ତ୍ତମାନ ଏହି ଦେଶରେ ଭ୍ରମଣ କରୁଛନ୍ତି । ବକ୍ତୃତା ଥିଲା ଗୋଟିଏ ଘରୋଇ ଭାଷଣ ପରି । ପ୍ରଧାନ ଆଲୋଚ୍ୟ ବିଷୟ 'ହିନ୍ଦୁମାନଙ୍କର ଧର୍ମ—ସେମାନଙ୍କର ଧର୍ମଗ୍ରନ୍ଥ ବେଦରେ ଯେପରି ଭାବରେ ବ୍ୟାଖ୍ୟାତ ହୋଇଛି ।' ତେବେ ବକ୍ତା ଜାତିପ୍ରଥା ସମ୍ବନ୍ଧରେ ମଧ୍ୟ କହିଥିଲେ । ତାଙ୍କ ମତରେ ଜାତି ହେଉଛି ଗୋଟିଏ ସାମାଜିକ ବିଭାଗ; ମାତ୍ର ତାହା ଧର୍ମ ଉପରେ ନିର୍ଭର କରେ ନାହିଁ ।

ବକ୍ତା ଭାରତୀୟ ଜନସାଧାରଣଙ୍କ ଦାରିଦ୍ର୍ୟ ସମ୍ବନ୍ଧରେ ବିଶେଷ ଭାବରେ ଉଲ୍ଲେଖ କରିଥିଲେ । ଆମେରିକା ଯୁକ୍ତରାଷ୍ଟ୍ର ଅପେକ୍ଷା ଭାରତର ଆୟତନ ଅନେକ କ୍ଷୁଦ୍ର ହେଲେ ମଧ୍ୟ ସେଠାକାର ଜନସଂଖ୍ୟା ହେଉଛି ୨୬ କୋଟି, ଏବଂ ସେମାନଙ୍କ ମଧ୍ୟରୁ ୩ କୋଟି ଲୋକ ହାରାହାରି ୫୦ ସେଣ୍ଟରୁ ମଧ୍ୟ କମ୍ ଉପାର୍ଜନ କରନ୍ତି । ଦେଶର କୌଣସି କୌଣସି ଅଞ୍ଚଳରେ ଲୋକମାନେ ମାସ ପରେ ମାସ ଏପରିକି ବର୍ଷ ପରେ ବର୍ଷ ଧରି ଏକ ପ୍ରକାର ଗଛର ଫୁଲ ସିଝାଇ ତାକୁ ଖାଇ ଜୀବନଧାରଣ କରନ୍ତି ।

ଅନ୍ୟ କେତେକ ଜିଲ୍ଲାରେ ପରିବାରର ସମର୍ଥ ପୁରୁଷମାନେ ଭାତ ଖାଆନ୍ତି, ସ୍ତ୍ରୀଲୋକ ଓ ଶିଶୁମାନଙ୍କୁ ଭାତର ପେଜ ଖାଇ କ୍ଷୁଧା ନିବାରଣ କରିବାକୁ ପଡ଼େ । କୌଣସି ବର୍ଷ ଧାନ ନ ହେଲେ ଦୁର୍ଭିକ୍ଷ ଅବଶ୍ୟମ୍ଭାବୀ । ଅଧେ ଲୋକ ଓଳିଏ ଖାଇ ବଞ୍ଚନ୍ତି, ବାକି ଅଧେ ଲୋକ କୌଣସି ପ୍ରକାରେ ଥରେ ଖାଇବାକୁ ପାଇଲେ, ଆଉ ଥରକୁ କେଉଁଠାରୁ ଖାଇବାକୁ ମିଳିବ ତାହା ଜାଣନ୍ତି ନାହିଁ । ସ୍ୱାମୀ ବିବେକାନନ୍ଦଙ୍କ ମତରେ ଭାରତର ଅଧିବାସୀମାନଙ୍କର ପ୍ରୟୋଜନ ଅଧିକ ଧର୍ମ ବା ଉନ୍ନତତର କୌଣସି ଧର୍ମ ନୁହେଁ, ପ୍ରୟୋଜନ କର୍ମନିପୁଣତା । ଭାରତର ଲକ୍ଷ ଲକ୍ଷ ଦୁଃସ୍ଥ ଏବଂ ଅନାହାରକ୍ଳିଷ୍ଟ ଜନସାଧାରଣଙ୍କ ସାହାଯ୍ୟାର୍ଥେ ଆମେରିକାର ଅଧିବାସୀମାନଙ୍କୁ ଉନ୍ମୁଖ କରିବା ଆଶା ନେଇ ସେ ଏ ଦେଶକୁ ଆସିଛନ୍ତି ।

ବକ୍ତା କିଛି ସମୟ ତାଙ୍କର ସ୍ୱଦେଶବାସୀମାନଙ୍କର ଅବସ୍ଥା ଏବଂ ଧର୍ମ ସମ୍ବନ୍ଧରେ କହିଲେ । ତାଙ୍କର ବକ୍ତୃତା ସମୟରେ ମଝିରେ ମଝିରେ ସେଣ୍ଟ୍ରାଲ ବ୍ୟାପ୍ଟିଷ୍ଟ ଚର୍ଚ୍ଚର ଡକ୍ଟର୍

---

* ସେହି ସମୟରେ ଆମେରିକାର ଖବରକାଗଜମାନଙ୍କରେ ସ୍ୱାମୀ ବିବେକାନନ୍ଦଙ୍କର ନାମ ନାନା ଭାବରେ ବନାନ କରାଯାଉଥିଲା । ରିପୋର୍ଟଗୁଡ଼ିକରେ ପ୍ରଚୁର ଭୁଲ ମଧ୍ୟ ରହୁଥିଲା ।

ଏଫ୍. ଏ. ଗାର୍ଡନର୍ ଓ ରେଭେରେଣ୍ଡ ଏସ୍. ଏଫ୍. ନବସ ଟିକନର୍ଗି କରି ତାଙ୍କୁ ପ୍ରଶ୍ନ ପଚାରୁଥିଲେ । ବକ୍ତା କହିଲେ ଯେ, ମିଶନାରୀମାନେ ଭାରତରେ ଅନେକ ମୂଲ୍ୟବାନ୍ କଥା କହନ୍ତି ଏବଂ ପ୍ରଥମେ ଅନେକ କଲ୍ୟାଣକର କଳ୍ପନା ସେମାନଙ୍କର ଥିଲା; କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସେମାନେ ଦେଶର ଲୋକଙ୍କର ଶ୍ରମଶିଳ୍ପ-ସମ୍ବନ୍ଧୀୟ ଉନ୍ନତି ପାଇଁ କିଛି କରି ନାହାନ୍ତି । ତାଙ୍କ ମତରେ ଆମେରିକାନ୍‌ମାନଙ୍କର କର୍ତ୍ତବ୍ୟ ହେଉଛି ଭାରତକୁ ଧର୍ମ-ପ୍ରଚାର ଉଦ୍ଦେଶ୍ୟରେ ମିଶନାରୀମାନଙ୍କୁ ନ ପଠାଇ ଶ୍ରମଶିଳ୍ପ-ଶିକ୍ଷା ଦେଇପାରିବା ପରି ଲୋକ ପଠାଇବା ।

ଦୁର୍ଭିକ୍ଷ ସମୟରେ ଲୋକମାନେ ଖ୍ରୀଷ୍ଟାନ୍ ମିଶନାରୀମାନଙ୍କଠାରୁ ସାହାଯ୍ୟ ପାଆନ୍ତି ଏବଂ ମିଶନାରୀମାନେ ବ୍ୟାବହାରିକ ଶିକ୍ଷାଦାନ ପାଇଁ ସ୍କୁଲ୍ ମଧ୍ୟ ଖୋଲନ୍ତି—ଏହା ସତ କି ନୁହେଁ ପଚାରିବାରୁ ବକ୍ତା କହିଲେ : ସମୟ ସମୟରେ ସେମାନେ ଏପରି କରନ୍ତି ସତ; କିନ୍ତୁ ଏଥିରେ ସେମାନଙ୍କର କିଛି କୃତିତ୍ୱ ନାହିଁ, କାରଣ ଏପରି ସମୟରେ ଲୋକଙ୍କୁ ଧର୍ମାନ୍ତରିତ କରିବାର ଚେଷ୍ଟା ଆଇନତଃ ନିଷିଦ୍ଧ ବୋଲି ସେହି ଚେଷ୍ଟା ସ୍ୱଭାବତଃ ସେମାନଙ୍କୁ ବନ୍ଦ ରଖିବାକୁ ପଡ଼େ ।

ବକ୍ତାଙ୍କ ମତରେ ଭାରତରେ ସ୍ତ୍ରୀଜାତିର ଅନୁନ୍ନତ ଅବସ୍ଥାର କାରଣ ହେଲା ହିନ୍ଦୁମାନଙ୍କର ନାରୀ ପ୍ରତି ଅତ୍ୟଧିକ ସମ୍ମାନ । ନାରୀକୁ ଘର ବାହାରକୁ ଯିବାକୁ ନ ଦେବା ସେହି ସମ୍ମାନରକ୍ଷାର ଅନୁକୂଳ ବୋଲି ମନେକରାଯାଏ । ସର୍ବସାଧାରଣଙ୍କ ସଂସ୍ପର୍ଶରୁ ଦୂରରେ ଗୃହାଭ୍ୟନ୍ତରରେ ରହି ନାରୀ ଶ୍ରଦ୍ଧା ଓ ପୂଜା ଲାଭ କରନ୍ତି । ସ୍ୱାମୀ ସହିତ ଚିତାରେ ସହ-ମରଣ-ପ୍ରଥାର ବ୍ୟାଖ୍ୟା କରି ବକ୍ତା କହିଲେ, ପତ୍ନୀ ପତିଙ୍କୁ ଏତେ ଭଲପାଆନ୍ତି ଯେ, ତାଙ୍କୁ ଛାଡ଼ି ବଞ୍ଚିବା ତାଙ୍କ ପକ୍ଷରେ ଅସମ୍ଭବ ହୁଏ । ବିବାହରେ ସେମାନେ ଏକ ହୋଇଥିଲେ, ମୃତ୍ୟୁରେ ବି ସେମାନଙ୍କର ଏକ ହେବା ଦରକାର ।

ବକ୍ତାଙ୍କୁ ପ୍ରତିମା-ପୂଜା ଏବଂ ଜଗନ୍ନାଥଙ୍କ ରଥ ସମ୍ମୁଖରେ ସ୍ୱେଚ୍ଛାରେ ପଡ଼ି ମୃତ୍ୟୁବରଣ କରିବା ସମ୍ବନ୍ଧରେ ପଚାରିବାରୁ ସେ କହିଲେ, ରଥ ସମ୍ବନ୍ଧୀୟ ସେପରି ଘଟଣାରେ ହିନ୍ଦୁମାନଙ୍କୁ ଦୋଷ ଦେବା ଉଚିତ ନୁହେଁ, କାରଣ ତାହା କେତେକ ଧର୍ମୋନ୍ମତ୍ତ ଏବଂ ପ୍ରଧାନତଃ କୁଷ୍ଠରୋଗାକ୍ରାନ୍ତ ଲୋକଙ୍କର କାମ ।

ବକ୍ତା ତାଙ୍କର ସ୍ୱଦେଶର କର୍ମପଦ୍ଧତି ବିଷୟରେ କହିଲେ, ସେ ସନ୍ନ୍ୟାସୀମାନଙ୍କୁ ସଂଘବଦ୍ଧ କରି ଦେଶର ଶିଳ୍ପ-ବିଜ୍ଞାନ-ଶିକ୍ଷା କାର୍ଯ୍ୟରେ ଲଗାଇବେ, ଯାହାଦ୍ୱାରା ଜନସାଧାରଣ ପ୍ରୟୋଜନୀୟ କାର୍ଯ୍ୟକାରୀ ଶିକ୍ଷାଲାଭ କରି ନିଜ ନିଜର ଅବସ୍ଥାର ଉନ୍ନତି କରିପାରିବେ ।

ଆଜି ଅପରାହ୍ଣରେ ବିବେକାନନ୍ଦ ୧୬୭ ନମ୍ବର ନର୍ଥ ଷ୍ଟ୍ରୀଟ୍‌ରେ ମିସେସ୍ ଉଡ୍‌ସଙ୍କର ବଇଠକରେ ଭାରତବର୍ଷର ଶିଶୁମାନଙ୍କ ସମ୍ବନ୍ଧରେ କହିବେ । ଯେକୌଣସି ବାଳକ ବାଳିକା ବା ତରୁଣମାନେ ଇଚ୍ଛା କଲେ ଆସିପାରନ୍ତି । ବିବେକାନନ୍ଦଙ୍କର ଚେହେରା ଖୁବ୍ ଚମତ୍କାର, ରଙ୍ଗ ସାମାନ୍ୟ ମଇଳା, କିନ୍ତୁ ପ୍ରିୟଦର୍ଶନ । ଅଣ୍ଟାରେ ଦଉଡ଼ି ଦେଇ ବନ୍ଧାହୋଇଥିବା ପୀତାଭ ଲାଲ ରଙ୍ଗର ଗୋଟିଏ ଆଲଖାଲ୍ଲା ସେ ପିନ୍ଧିଥିଲେ । ମୁଣ୍ଡରେ ହଳଦିଆ ରଙ୍ଗର ପଗଡ଼ି । ସନ୍ନ୍ୟାସୀ ବୋଲି ତାଙ୍କର କୌଣସି ଜାତି ନାହିଁ, ସମସ୍ତଙ୍କ ସହିତ ସେ ପାନାହାର କରିପାରନ୍ତି ।

## 'ଡେଲି ଗେଜେଟ୍', ୨୯ ଅଗଷ୍ଟ ୧୮୯୩

ଭାରତବର୍ଷରୁ ଆସିଥିବା ରାଜା* ସ୍ୱାମୀ ବିବେକାନନ୍ଦ ଗତକାଲି ଓଏସ୍ଲି ଚର୍ଚ୍ଚରେ ସାଲେମ୍ର 'ଥଟ୍ ଆଣ୍ଡ୍ ୱାର୍କ କ୍ଲବ୍'ର ଅତିଥି ରୂପେ ବକ୍ତୃତା ଦେଇଥିଲେ । ବହୁ ସଂଖ୍ୟକ ଭଦ୍ରମହୋଦୟ ଓ ମହିଳା ଉପସ୍ଥିତ ଥିଲେ ଏବଂ ସମ୍ଭ୍ରାନ୍ତ ସନ୍ନ୍ୟାସୀଙ୍କ ସହିତ ଆମେରିକାନ୍ ରୀତିରେ କରମର୍ଦ୍ଦନ କରିଥିଲେ । ତାଙ୍କର ପରିଧାନରେ ଥିଲା କମଳାଲେମ୍ବୁ ରଙ୍ଗର ଗୋଟିଏ ଆଲଖାଲ୍ଲା, ତା'ର କଟିବନ୍ଧ ଲାଲ । ସେ ଗୋଟିଏ ପଗଡ଼ି ପିନ୍ଧିଥିଲେ । ପଗଡ଼ିର ପ୍ରାନ୍ତ ଗୋଟିଏ ପାଖକୁ ଝୁଲି ପଡ଼ିଥିଲା । ତାକୁ ସେ ରୁମାଲର କାମରେ ଲଗାଉଥିଲେ । ତାଙ୍କ ପାଦରେ ଥିଲା କଂଗ୍ରେସ-ଜୋତା ।

ବକ୍ତା ଅନେକ ସମୟ ଧରି ତାଙ୍କର ଦେଶବାସୀଙ୍କ ଧର୍ମ ଓ ଅର୍ଥନୈତିକ ଅବସ୍ଥା ସମ୍ବନ୍ଧରେ କହିଲେ । ସେଣ୍ଟ୍ରାଲ୍ ବ୍ୟାପ୍ଟିଷ୍ଟ ଚର୍ଚ୍ଚର ଡକ୍ଟର ଏଫ୍. ଏ. ଗାର୍ଡ଼ନର୍ ଏବଂ ରେଭରେଣ୍ଡ ଏସ୍. ଏଫ୍. ନବ୍ସ ବକ୍ତାଙ୍କୁ ଘନଘନ ଟିକିନିଖି ପ୍ରଶ୍ନ କରିଥିଲେ । ବକ୍ତା କହିଲେ, ମିଶନାରୀମାନେ ଭାରତବର୍ଷରେ ସୁନ୍ଦର ସୁନ୍ଦର ମତବାଦ ପ୍ରଚାର କରନ୍ତି; ଆରମ୍ଭରେ ସେମାନଙ୍କର ଉଦ୍ଦେଶ୍ୟ ମଧ୍ୟ ଭଲ ଥିଲା; କିନ୍ତୁ କର୍ମକ୍ଷେତ୍ରରେ ଦେଶର ଲୋକଙ୍କର ଅର୍ଥନୈତିକ ଉନ୍ନତି ପାଇଁ ସେମାନେ କିଛି କରି ନାହାନ୍ତି । ବକ୍ତାଙ୍କ ମତରେ ଆମେରିକାନ୍-ମାନଙ୍କର ଉଚିତ ହେଉଛି, ଧର୍ମପ୍ରଚାର ପାଇଁ ଭାରତକୁ ମିଶନାରି ନ ପଠାଇ ଭାରତବାସୀଙ୍କୁ ଶିଳ୍ପବିଜ୍ଞାନ ଶିଖାଇବା ପାଇଁ କାହାକୁ ପଠାଇବା ।

ଭାରତର ସ୍ତ୍ରୀ ଓ ପୁରୁଷଙ୍କ ସମ୍ବନ୍ଧରେ କିଛି ସମୟ କହିବା ସମୟରେ ବକ୍ତା କହିଲେ, ତାଙ୍କ ଦେଶରେ ସ୍ୱାମୀମାନେ ସ୍ତ୍ରୀ ନିକଟରେ କେବେହେଲେ ମିଥ୍ୟା କଥା କହନ୍ତି ନାହିଁ ଏବଂ ପତ୍ନୀ ଉପରେ ଅତ୍ୟାଚାର ମଧ୍ୟ କରନ୍ତି ନାହିଁ । ସେ ଆହୁରି ଅନେକ ଦୋଷର ଉଲ୍ଲେଖ କଲେ, ଯେଉଁଥିରୁ ଭାରତର ସ୍ୱାମୀମାନେ ମୁକ୍ତ ।

ବକ୍ତାଙ୍କୁ ପଚରାଗଲା ଯେ, ଦୈବଦୁର୍ବିପାକ ସମୟରେ ଭାରତର ଜନସାଧାରଣ ଖ୍ରୀଷ୍ଟାନ୍ ମିଶନାରୀମାନଙ୍କଠାରୁ ସାହାଯ୍ୟ ପାଆନ୍ତି ଏବଂ କାରିଗରୀ ଶିକ୍ଷା ପାଇଁ ସେମାନେ ସ୍କୁଲ୍ ମଧ୍ୟ ଚଳାନ୍ତି—ଏକଥା ସତ କି ନୁହେଁ । ଉତ୍ତରରେ ବକ୍ତା କହିଲେ, ବେଳେ ବେଳେ ମିଶନାରୀମାନେ ଏହି ଧରଣର କାମ କରନ୍ତି ସତ, ତେବେ ସେଥିରେ ସେମାନଙ୍କର କିଛି କୃତିତ୍ୱ ନାହିଁ; କାରଣ ଏପରି ସମୟରେ ଲୋକଙ୍କୁ ଖ୍ରୀଷ୍ଟଧର୍ମରେ ପ୍ରଭାବିତ କରିବାର ଚେଷ୍ଟା ବାଧ୍ୟ ହୋଇ ସେମାନଙ୍କୁ ବନ୍ଦ ରଖିବାକୁ ପଡ଼େ, ଯେହେତୁ ଆଇନତଃ ତାହା ନିଷିଦ୍ଧ ।

ଭାରତରେ ନାରୀମାନଙ୍କର ଦୁର୍ଦ୍ଦଶାର କାରଣ ନିର୍ଣ୍ଣୟ କରିବାକୁ ଯାଇ ବକ୍ତା କହିଲେ, ହିନ୍ଦୁମାନେ ସ୍ତ୍ରୀ-ଜାତିଙ୍କୁ ଏତେ ଶ୍ରଦ୍ଧା କରନ୍ତି ଯେ, ସେମାନଙ୍କୁ ସେମାନେ ଘର ବାହାରକୁ ଆଣିବାର ପକ୍ଷପାତୀ ନୁହନ୍ତି । ଗୃହାଭ୍ୟନ୍ତରରେ ରହି ନାରୀ ପରିବାରର

---

* ଆମେରିକାନ୍ ସାମ୍ବାଦିକଗଣ ସ୍ୱାମୀଜୀଙ୍କ ନାମ ସହିତ ନାନା ମନଗଢ଼ା ବିଶେଷଣ ବସାଇ ଦେଉଥିଲେ । ଯେପରି : ରାଜା, ବ୍ରାହ୍ମଣ, ପୁରୋହିତ ଇତ୍ୟାଦି ।

ସମସ୍ତଙ୍କଠାରୁ ସମ୍ମାନ ଲାଭ କରନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀଲୋକମାନେ ସହମୃତା ହେବାର ପ୍ରାଚୀନ ପ୍ରଥାର ବ୍ୟାଖ୍ୟା ପ୍ରସଙ୍ଗରେ ବକ୍ତା କହିଲେ ଯେ, ପତ୍ନୀର ସ୍ୱାମୀ ଉପରେ ଏତେ ଗଭୀର ପ୍ରେମ ଥାଏ ଯେ, ତାକୁ ଛାଡ଼ି ଜୀବନ-ଧାରଣ କରିବା ପତ୍ନୀ ପକ୍ଷରେ ଅସମ୍ଭବ । ଦିନେ ଉଭୟେ ପରିଣୟସୂତ୍ରରେ ଆବଦ୍ଧ ହୋଇଥିଲେ, ମୃତ୍ୟୁ ପରେ ମଧ୍ୟ ସେହି ସଂଯୋଗ ସେମାନଙ୍କର ଛିନ୍ନ ହେବାର ନୁହେଁ ।

ପ୍ରତିମାପୂଜା ସମ୍ବନ୍ଧରେ ବକ୍ତା କହିଲେ ଯେ, ସେ ଖ୍ରୀଷ୍ଟାନ୍‌ମାନଙ୍କୁ ପଚାରିଛନ୍ତି, ଉପାସନା ସମୟରେ ସେମାନେ କ'ଣ ଚିନ୍ତା କରନ୍ତି ? କେହି କେହି କହିଛନ୍ତି, ସେମାନେ ଗୀର୍ଜା କଥା ଭାବନ୍ତି, କିଏ ବା ଈଶ୍ୱରଙ୍କ ଚିନ୍ତା କରନ୍ତି । ତାଙ୍କ ଦେଶରେ ଲୋକମାନେ ଭଗବାନଙ୍କ ମୂର୍ତ୍ତି କଥା ଭାବନ୍ତି । ଦରିଦ୍ର ଜନସାଧାରଣଙ୍କ ପାଇଁ ମୂର୍ତ୍ତିପୂଜା ପ୍ରୟୋଜନ । ବକ୍ତା କହିଲେ, ପ୍ରାଚୀନ କାଳରେ ଭାରତୀୟ ଧର୍ମର ପ୍ରଥମ ଅଭ୍ୟୁଦୟ ସମୟରେ ନାରୀମାନେ ଆଧ୍ୟାତ୍ମିକ ପ୍ରତିଭା ଏବଂ ମାନସିକ ଶକ୍ତି ପାଇଁ ପ୍ରସିଦ୍ଧ ଥିଲେ । ତେବେ ବକ୍ତା ସ୍ୱୀକାର କଲେ ଯେ, ଆଧୁନିକ କାଳରେ ସେମାନଙ୍କର ଅବନତି ଘଟିଛି । ଖାଇବା, ପିନ୍ଧିବା, ଗପ କରିବା ଏବଂ ଅନ୍ୟର କୁତ୍ସାରଟନା କରିବା ଛଡ଼ା ଅନ୍ୟ କିଛି ଚିନ୍ତା ସେମାନଙ୍କର ନାହିଁ ।

ବକ୍ତା ସ୍ୱଦେଶରେ ତାଙ୍କର କର୍ମପ୍ରଣାଳୀ ସମ୍ବନ୍ଧରେ କହିଲେ ଯେ, ଦଳେ ସନ୍ନ୍ୟାସୀଙ୍କୁ ସେ ସଂଘବଦ୍ଧ କରି ଦେଶରେ କାରିଗରୀ-ଶିକ୍ଷା-ପ୍ରଚାର ପାଇଁ ଉପଯୋଗୀ କରି ଗଢ଼ିବେ । ଏହାଦ୍ୱାରା ଜନସାଧାରଣଙ୍କ ଅବସ୍ଥାର ଉନ୍ନତି ହେବ ।

'ସାଲେମ୍ ଇଭିନିଂ ନିଉଜ୍' ୧ ସେପ୍‌ଟେମ୍ବର ୧୮୯୩

ଯେଉଁ ପଣ୍ଡିତ ସନ୍ନ୍ୟାସୀ ଏହି ସହରକୁ କିଛି ଦିନ ହେଲା ଆସିଛନ୍ତି, ସେ ରବିବାର ସନ୍ଧ୍ୟା ୭।୩୦ରେ ଇଷ୍ଟ ଚର୍ଚ୍ଚରେ ବକ୍ତୃତା ଦେବେ । ସ୍ୱାମୀ (ରେଭରେଣ୍ଡ) ବିବେକାନନ୍ଦ ଗତ ରବିବାର ସନ୍ଧ୍ୟାରେ ଆନିସ୍‌କୋୟାମ୍ ସହରରେ ଏପିସ୍‌କୋପାଲ ଗୀର୍ଜାରେ ଭାଷଣ ଦେଇଥିଲେ । ସେହି ଗୀର୍ଜାର ପାଦ୍ରୀ ଏବଂ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ରାଇଟ୍ ତାଙ୍କୁ ସେଠାକୁ ଆମନ୍ତ୍ରଣ କରି ଆଣିଥିଲେ । ଅଧ୍ୟାପକ ରାଇଟ୍ ଏହି ଆଗନ୍ତୁକ ସନ୍ନ୍ୟାସୀଙ୍କୁ ଖୁବ୍ ସମାଦର କରୁଛନ୍ତି ।

ସୋମବାର ରାତିରେ ସେ ସାରାଟୋଗାକୁ ଯିବେ । ସେଠାରେ ସମାଜ-ବିଦ୍ୟା ସମିତିରେ ବକ୍ତୃତା ଦେବେ । ପରେ ଚିକାଗୋର ଆଗାମୀ ଧର୍ମ-ସମ୍ମେଳନରେ ତାଙ୍କର ବକ୍ତୃତା ଦେବାର କଥା । ଭାରତରେ ଯେଉଁମାନେ ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷିତ, ସେମାନଙ୍କ ପରି ବିବେକାନନ୍ଦ ମଧ୍ୟ ପ୍ରାଞ୍ଜଳ ଏବଂ ଶୁଦ୍ଧ ଇଂରାଜୀ କହିପାରନ୍ତି । ଗତ ଶୁକ୍ରବାର ଦିନ ସେ ଛୋଟ ଛୋଟ ପିଲାମାନଙ୍କ ଆଗରେ ଭାରତୀୟ ଶିଶୁମାନଙ୍କର ଖେଳାଖେଳି, ସ୍କୁଲ ଏବଂ ଚାଲିଚଳନ ସମ୍ବନ୍ଧରେ ଯେପରି ସରଳ ଭାବରେ କଥାବାର୍ତ୍ତା କରିଥିଲେ, ତାହା ଖୁବ ଉପକାରୀ ଓ ଚିତ୍ତାକର୍ଷକ ହୋଇଥିଲା । ଯେତେବେଳେ ଗୋଟିଏ ଛୋଟ ପିଲା କହିଲା ଯେ, ଥରେ ତା'ର ଶିକ୍ଷୟିତ୍ରୀ ତା'ର ଆଙ୍ଗୁଠି ଜୋର୍‌ରେ ଚୂଚୁମିବାରୁ ପ୍ରାୟ ଭାଙ୍ଗିଯିବାର ଉପକ୍ରମ

ହୋଇଥିଲା, ସେତେବେଳେ ବିବେକାନନ୍ଦଙ୍କର କୋମଳ ଦରଦୀ ହୃଦୟ ବିଗଳିତ ହୋଇ ଉଠିଥିଲା ।...ସ୍ୱଦେଶରେ ସବୁ ସନ୍ନ୍ୟାସୀଙ୍କ ପରି ତାଙ୍କୁ ମଧ୍ୟ ସତ୍ୟ, ଶୁଚିତା ଓ ଭ୍ରାତୃଧର୍ମ ପ୍ରଚାର କରିବାକୁ ହୁଏ ବୋଲି ଯାହା କଲ୍ୟାଣକର ଓ ମହତ୍, ତାହା ତାଙ୍କର ଦୃଷ୍ଟି ଆକର୍ଷଣ କରେ; ପୁଣି ଯଦି କେଉଁଠାରେ ବିଶେଷ କୌଣସି ଅନ୍ୟାୟ ଘଟିଯାଏ, ତାହା ମଧ୍ୟ ତାଙ୍କ ଆଖିରେ ପଡ଼େ । ଏହି ସନ୍ନ୍ୟାସୀ ଅନ୍ୟ ଧର୍ମାବଲମ୍ବୀଙ୍କ ପ୍ରତି ଅତ୍ୟନ୍ତ ଉଦାର, କାହା ସହିତ ମତର ମେଳ ନ ହେଲେ ମଧ୍ୟ ତାଙ୍କ ସମ୍ବନ୍ଧରେ ସଦୟ କଥା ହିଁ ଏହାଙ୍କ ମୁଖରୁ ବାହାରିଥାଏ ।

'ଡେଲି ଗେଜେଟ୍', ୫ ସେପ୍ଟେମ୍ବର ୧୮୯୩

ଭାରତରୁ ଆଗତ ରାଜା ସ୍ୱାମୀ ବିବେକାନନ୍ଦ ରବିବାର ସନ୍ଧ୍ୟାରେ ଇଷ୍ଟ୍ ଚର୍ଚ୍ଚରେ ଭାରତବର୍ଷର ଧର୍ମ ଏବଂ ଦରିଦ୍ର ଜନସାଧାରଣଙ୍କ ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ଯଦିଓ ଯଥେଷ୍ଟ ସଂଖ୍ୟାରେ ଶ୍ରୋତୃବର୍ଗ ଥିଲେ ତଥାପି ବିଷୟଟିର ଗୁରୁତ୍ୱ ଏବଂ ବକ୍ତାଙ୍କର ଚିତ୍ତାକର୍ଷଣ କରିବାର ଶକ୍ତି ତୁଳନାରେ ଆହୁରି ଲୋକ ହେବା ଉଚିତ ଥିଲା । ସନ୍ନ୍ୟାସୀ ତାଙ୍କର ଦେଶୀୟ ପୋଷାକ ପିନ୍ଧିଥିଲେ ଏବଂ ପ୍ରାୟ ଚାଳିଶ ମିନିଟ ପର୍ଯ୍ୟନ୍ତ କହିଥିଲେ । ତାଙ୍କ ମତରେ ଆଜିର ଭାରତବର୍ଷ ୫୦ ବର୍ଷ ତଳର ଭାରତ ନୁହେଁ । ବର୍ତ୍ତମାନ ମିଶନାରୀମାନଙ୍କର ଭାରତ-ବର୍ଷକୁ ଯାଇ ଧର୍ମପ୍ରଚାର କରିବାର କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ ଗୁରୁତର ପ୍ରୟୋଜନ ହେଉଛି ଲୋକଙ୍କୁ କାରିଗରୀ ଏବଂ ସାମାଜିକ ଶିକ୍ଷା ପ୍ରଦାନ । ଧର୍ମ କହିଲେ ଯାହା କିଛି ଆବଶ୍ୟକ, ସେସବୁ ହିନ୍ଦୁମାନଙ୍କର ଅଛି । ହିନ୍ଦୁଧର୍ମ ହେଉଛି ପୃଥିବୀର ପ୍ରାଚୀନତମ ଧର୍ମ । ସନ୍ନ୍ୟାସୀ ଖୁବ୍ ମଧୁରଭାଷୀ । ଶ୍ରୋତୃମଣ୍ଡଳୀଙ୍କର ମନୋଯୋଗ ସେ ଖୁବ୍ ଭଲ ଭାବରେ ଆକର୍ଷଣ କରିପାରିଥିଲେ ।

'ଡେଲି ସାରାଟୋଗିୟାନ୍', ୬ ସେପ୍ଟେମ୍ବର ୧୮୯୩

...ତା'ପରେ ବକ୍ତୃତାମଞ୍ଚକୁ ଆସିଲେ ହିନ୍ଦୁସ୍ଥାନର ମାନ୍ଦ୍ରାଜରୁ ଆଗତ ସନ୍ନ୍ୟାସୀ ବିବେକାନନ୍ଦ । ସେ ଭାରତର ସର୍ବତ୍ର ପ୍ରଚାର କରି ବୁଲୁଛନ୍ତି । ସମାଜବିଦ୍ୟାରେ ଏହାଙ୍କର ଅନୁରାଗ ଅଛି ଏବଂ ବକ୍ତାଭାବରେ ସେ ବୁଦ୍ଧିମାନ୍ ଓ ଚିତ୍ତାକର୍ଷକ । ଭାରତରେ ମୁସଲମାନ ରାଜତ୍ୱ ସମ୍ବନ୍ଧରେ ସେ କହିଲେ ।

ଆଜିକାର ବକ୍ତୃତା-ସୂଚୀରେ କେତୋଟି କୌତୂହଳୋଦ୍ଦୀପକ ବିଷୟ ଅଛି । ବିଶେଷତଃ ହାର୍ଟଫୋର୍ଡ୍‌ଙ୍କର କର୍ଣ୍ଣେଲ ଜେକପ୍ ଗ୍ରୀନ୍‌ଙ୍କର ଆଲୋଚ୍ୟ 'ସ୍ୱର୍ଣ୍ଣ ଓ ରୌପ୍ୟ—ଉଭୟ ଧାତୁର ମୁଦ୍ରାମାନ' । ବିବେକାନନ୍ଦ ପୁନରାୟ ବକ୍ତୃତା ଦେବେ । ଏଥର ତାଙ୍କର ବିଷୟ ହେବ, 'ଭାରତରେ ରୌପ୍ୟର ବ୍ୟବହାର' ।

# ବିଶ୍ୱମେଳାରେ ହିନ୍ଦୁଗଣ

'ବୋଷ୍ଟନ୍ ଇଭିନିଂ ଟ୍ରାନ୍ସକ୍ରିପ୍ଟ୍', ୩୦ ସେପ୍ଟେମ୍ବର ୧୮୯୩

ଚିକାଗୋ, ୨୩ ସେପ୍ଟେମ୍ବର :

ଆର୍ଟ ପ୍ୟାଲେସ୍‌ର ପ୍ରବେଶଦ୍ୱାରର ବାମପାର୍ଶ୍ୱରେ ଗୋଟିଏ ଘର ଅଛି, ଯେଉଁଠାରେ ଗୋଟିଏ ଚିହ୍ନ ଝୁଲୁଛି—'ନମ୍ବର ୧—ପ୍ରବେଶ ନିଷେଧ' । ଏହି ଘରକୁ ଧର୍ମ-ମହାସମ୍ମେଳନର ବକ୍ତାମାନେ ଶୀଘ୍ର ମଝିରେ ମଝିରେ ପରସ୍ପର ସହିତ ଅଥବା ସଭାପତି ମିଃ ବନିଙ୍କ ସହିତ କଥାବାର୍ତ୍ତା କରିବାକୁ ଆସନ୍ତି । ମିଃ ବନିଙ୍କର ଅଫିସ ଏହି ଗୃହସଂଲଗ୍ନ । ଘରର ଯାଉଁଳି କବାଟ ସତର୍କ ପହରାଦ୍ୱାରା ଜନସାଧାରଣଙ୍କଠାରୁ ଦୂରରେ ସଂରକ୍ଷିତ, ଉଙ୍କିମାରି ଦେଖିବାର ବି ଉପାୟ ନାହିଁ । କେବଳମାତ୍ର ମହାସଭାର ପ୍ରତିନିଧିମାନେ ଏହି 'ପୁଣ୍ୟ' ସୀମା ଭିତରକୁ ପଶିପାରନ୍ତି, ତେବେ ବିଶେଷ ଅନୁମତି ନେଇ ଭିତରେ ପ୍ରବେଶ କରିବା ଯେ ଏକାବେଳକେ ଅସମ୍ଭବ, ତାହା ନୁହେଁ । କେହି କେହି ଏହିପରି ପ୍ରବେଶ କରନ୍ତି ଏବଂ ଖ୍ୟାତନାମା ଅତିଥିମାନଙ୍କର ସାନ୍ନିଧ୍ୟ ଉପଭୋଗ କରନ୍ତି । କଲମ୍ବସ୍ ହଲ୍‌ରେ ବକ୍ତୃତାମଞ୍ଚ ଉପରେ ଯେତେବେଳେ ସେମାନେ ବସିଥାଆନ୍ତି, ସେତେବେଳେ ତ ଏହି ସୁଯୋଗ ମିଳେ ନାହିଁ !

ଏହି ସାକ୍ଷାତ୍‌କାର-କକ୍ଷରେ ସର୍ବାଧିକ ଆକର୍ଷଣୀୟ ବ୍ୟକ୍ତି ହେଉଛନ୍ତି ବ୍ରାହ୍ମଣ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ । ଲମ୍ବା ମଜ୍‌ବୁତ୍ ଚେହେରା, ହିନ୍ଦୁସ୍ଥାନୀମାନଙ୍କର ବୀରତ୍ୱବ୍ୟଞ୍ଜକ ଭଙ୍ଗୀ, କ୍ଷୌରସ୍ନିଗ୍ଧ ମୁଖ, ସୁଗଠିତ ଅଙ୍ଗପ୍ରତ୍ୟଙ୍ଗ, ଶୁଭ୍ର ଦନ୍ତପଙ୍‌କ୍ତି, ସୁଗଠିତ ଓଷ୍ଠଦ୍ୱୟ କଥୋପକଥନ ସମୟରେ ସ୍ନିଗ୍ଧହାସରେ ଈଷତ୍ ଫାଙ୍କ ହୋଇଯାଏ । ତାଙ୍କର ସୁବିନ୍ୟସ୍ତ ମସ୍ତକରେ ପୀତାଭ ବା ରକ୍ତିମ ବର୍ଣ୍ଣର ପଗଡ଼ି ଥାଏ । ସେ କେତେବେଳେ ଉଜ୍ଜ୍ୱଳ କମଳାଲେମ୍ବୁ ରଙ୍ଗର କେତେବେଳେ ବା ଗାଢ଼ ନାଲି ଅଲଖାଲ୍ଲା ପିନ୍ଧନ୍ତି । ଅଲଖାଲ୍ଲାଟି ଅଣ୍ଟାପଟି ଦେଇ ବନ୍ଧା ହୋଇଥାଏ ଏବଂ ଆଣ୍ଠୁ ତଳକୁ ପଡ଼ିଥାଏ । ବିବେକାନନ୍ଦ ଚମତ୍କାର ଇଂରେଜୀ କହନ୍ତି ଏବଂ ଆନ୍ତରିକତାର ସହିତ ପଚାରିଲେ ଯେକୌଣସି ପ୍ରଶ୍ନର ଉତ୍ତର ଆନନ୍ଦରେ ଦିଅନ୍ତି ।

ତାଙ୍କର ସହଜ ଚାଲିଚଳନ ସହ ବ୍ୟକ୍ତିଗତ ଗାମ୍ଭୀର୍ଯ୍ୟର ସ୍ପର୍ଶ ଲାଭ କରାଯାଏ, ଯେତେବେଳେ ସେ ମହିଳାମାନଙ୍କ ସହିତ କଥାବାର୍ତ୍ତା କରନ୍ତି; ସେତିକବେଳେ ବୁଝାଯାଏ, ସେ ସଂସାରତ୍ୟାଗୀ ସନ୍ନ୍ୟାସୀ । ତାଙ୍କ ସମ୍ପ୍ରଦାୟର ନିୟମ ସମ୍ବନ୍ଧରେ ପଚରାଗଲାରୁ ସେ କହିଲେ, 'ମୁଁ ଯାହା ଖୁସି ତାହା କରିପାରେ, ମୁଁ ସ୍ୱାଧୀନ । କେତେବେଳେ ମୁଁ ହିମାଳୟ ପର୍ବତରେ ବାସ କରେ, କେତେବେଳେ ବା ସହରର ରାସ୍ତାରେ । ପରବର୍ତ୍ତୀ ଖାଦ୍ୟ କେଉଁଠାରୁ ମିଳିବ, ତାହା ମୁଁ ଜାଣେ ନାହିଁ । ମୋ ପାଖରେ କୌଣସି ଟଙ୍କା ପଇସା ନ ଥାଏ । ଚାନ୍ଦା ଉଠାଇ ମୋତେ ଏଠାକୁ ପଠାହୋଇଛି ।' ପାଖରେ ତାଙ୍କର ସ୍ୱଦେଶବାସୀ ଜଣେ ଦୁଇଜଣ ଛିଡ଼ା ହୋଇଥିଲେ । ସେମାନଙ୍କ ଆଡ଼କୁ ଚାହିଁ ବିବେକାନନ୍ଦ କହିଲେ, 'ଏମାନେ ମୋର ଦାୟିତ୍ୱ ନେବେ ।' ଏଥିରୁ ଅନୁମିତ ହୁଏ ଯେ, ତାଙ୍କର ଚିକାଗୋରେ ଖାଇବା ଖର୍ଚ୍ଚ

ଅନ୍ୟମାନେ ଦେଉଛନ୍ତି । ଯେଉଁ ପୋଷାକ ସେ ପିନ୍ଧିଥିଲେ, ତାହା ତାଙ୍କର ସ୍ୱାଭାବିକ ସନ୍ନ୍ୟାସୀର ପରିଚ୍ଛେଦ କି ନୁହେଁ ପଚାରିବାରୁ ବିବେକାନନ୍ଦ ଉତ୍ତର ଦେଲେ, 'ଏହା ତ ଗୋଟିଏ ଉତ୍କୃଷ୍ଟ ପୋଷାକ । ନିଜ ଦେଶରେ ମୁଁ ସାମାନ୍ୟ ଲୁଗା ପିନ୍ଧେ, ଜୋତା ମଧ୍ୟ ପିନ୍ଧେ ନାହିଁ ।' ଜାତିଭେଦରେ ସେ ବିଶ୍ୱାସ କରନ୍ତି କି ନାହିଁ ପଚାରିବାରୁ କହିଲେ, 'ଜାତି ଗୋଟିଏ ସାମାଜିକ ପ୍ରଥା । ଧର୍ମ ସହିତ ଏହାର କୌଣସି ସମ୍ପର୍କ ନାହିଁ । ମୁଁ ସବୁ ଜାତିର ଲୋକଙ୍କ ସହିତ ମିଳାମିଶା କରେ ।'

ମିଃ ବିବେକାନନ୍ଦଙ୍କର ଚେହେରା ଓ ଚାଲିଚଳନରୁ ଏହା ସୁସ୍ପଷ୍ଟ ଯେ, ସେ ଅଭିଜାତ ବଂଶରେ ଜନ୍ମଗ୍ରହଣ କରିଛନ୍ତି । ବହୁବର୍ଷ ଧରି ସ୍ୱେଚ୍ଛାକୃତ ଗୃହହୀନ ପରିବ୍ରଜ୍ୟା ସତ୍ତ୍ୱେ ତାଙ୍କର କୁଳଗତ ଭଦ୍ରତା ଅକ୍ଷୁଣ୍ଣ ରହିଛି । ତାଙ୍କର ପାରିବାରିକ ନାମ କେହି ଜାଣନ୍ତି ନାହିଁ । ଧର୍ମଜୀବନ ବରଣ କରି ସେ ତାଙ୍କର ବିବେକାନନ୍ଦ ନାମ ଗ୍ରହଣ କରିଛନ୍ତି । 'ସ୍ୱାମୀ' ଶବ୍ଦଟି ସନ୍ନ୍ୟାସୀଙ୍କ ପ୍ରତି ସମ୍ମାନସୂଚକ ପ୍ରୟୋଗ । ତାଙ୍କର ବୟସ ତିରିଶ ବର୍ଷରୁ ବେଶୀ ନୁହେଁ । ତାଙ୍କୁ ଦେଖିଲେ ମନେହୁଏ, ସେ ଯେପରି ଏହି ଜୀବନର ପରିପୂର୍ଣ୍ଣତା ଓ ପରଜୀବନର ଧ୍ୟାନ ପାଇଁ ସୃଷ୍ଟ । ତଥାପି ମନରେ ଅନିବାର୍ଯ୍ୟ କୌତୂହଳର ସୃଷ୍ଟି ହୁଏ : ଏହାଙ୍କର ସଂସାରବିମୁଖତା ମୂଳରେ କଅଣ କାରଣ ନିହିତ ?

ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ହେବା ସମ୍ପର୍କରେ ଗୋଟିଏ ମନ୍ତବ୍ୟ ଶୁଣି ବିବେକାନନ୍ଦ ହଠାତ୍ କହି ଉଠିଲେ, 'ପ୍ରତ୍ୟେକ ନାରୀ ଭିତରେ ମୁଁ ଯେତେବେଳେ କେବଳ ଜଗନ୍ମାତାଙ୍କୁ ହିଁ ଦେଖେ, ସେତେବେଳେ ମୁଁ ବିବାହ କରିବି କାହିଁକି ? ଏହିସବୁ ତ୍ୟାଗ କରିଛୁ କାହିଁକି ? ସାଂସାରିକ ବନ୍ଧନ ଏବଂ ଆସକ୍ତିରୁ ନିଜକୁ ମୁକ୍ତ କରିବା ପାଇଁ, ଯଦ୍ଦ୍ୱାରା ଆଉ ପୁନର୍ଜନ୍ମ ହେବ ନାହିଁ । ମୃତ୍ୟୁ ସମୟରେ ମୁଁ ଦୈବୀ ସତ୍ତାରେ ମିଶିଯିବାକୁ ଚାହେଁ, ଭଗବାନଙ୍କ ସହିତ ଏକାକାର ହୋଇଯିବାକୁ ଚାହେଁ । ସେତେବେଳେ ମୁଁ ବୁଦ୍ଧତ୍ୱ ଲାଭ କରିବି ।'

ଏ କଥାଦ୍ୱାରା ବିବେକାନନ୍ଦ କହିବାକୁ ଚାହାଁନ୍ତି ନାହିଁ ଯେ, ସେ ବୌଦ୍ଧ । କୌଣସି ନାମ ବା ସମ୍ପ୍ରଦାୟ ତାଙ୍କୁ ଚିହ୍ନିତ କରିପାରିବ ନାହିଁ । ସେ ଉଚ୍ଚତର ବ୍ରାହ୍ମଣ୍ୟ ଧର୍ମର ସାର୍ଥକ ପରିଣତିସ୍ୱରୂପ, ବିଶାଳ ସ୍ୱପ୍ନମୟ ଆତ୍ମତ୍ୟାଗପ୍ରଧାନ ହିନ୍ଦୁ ସଂସ୍କୃତିର ସୁଯୋଗ୍ୟ ସନ୍ତାନ । ସେ ଜଣେ ଯଥାର୍ଥ ସନ୍ନ୍ୟାସୀ, ମହାପୁରୁଷ ।

ବିବେକାନନ୍ଦଙ୍କ ପାଖରେ ତାଙ୍କର ଗୁରୁ ପରମହଂସ ରାମକୃଷ୍ଣଙ୍କ ସମ୍ବନ୍ଧରେ କେତେଗୁଡ଼ିଏ ପୁସ୍ତିକା ବାଣ୍ଟିବା ପାଇଁ ଥାଏ । ରାମକୃଷ୍ଣ ଥିଲେ ଜଣେ ହିନ୍ଦୁ ସାଧକ । ତାଙ୍କର ଉପଦେଶରେ ଲୋକମାନେ ଏତେ ବେଶୀ ଆକୃଷ୍ଟ ହେଉଥିଲେ ଯେ, ଅନେକେ ତାଙ୍କର ମୃତ୍ୟୁ ପରେ ସଂସାର ତ୍ୟାଗ କରିଛନ୍ତି । ମଜୁମଦାର* ମଧ୍ୟ ଏହି ସାଧୁ ପୁରୁଷଙ୍କୁ ଗୁରୁପରି ମନେକରୁଥିଲେ । ତେବେ ମଜୁମଦାରଙ୍କର ଆଦର୍ଶ, ଯେପରି ଯୀଶୁଖ୍ରୀଷ୍ଟ ଶିକ୍ଷା ଦେଇଛନ୍ତି, ସଂସାରରେ ଅନାସକ୍ତ ଭାବରେ ରହି ପୃଥିବୀରେ ଦେବଭାବର ପ୍ରତିଷ୍ଠା କରିବା ।

* ଧର୍ମ-ମହାସଭାରେ ବ୍ରାହ୍ମସମାଜର ପ୍ରତିନିଧି ପ୍ରତାପଚନ୍ଦ୍ର ମଜୁମଦାର ।

ଧର୍ମ-ମହାସଭାରେ ବିବେକାନନ୍ଦଙ୍କର ଭାଷଣ ଆମ ଉପରେ ଥିବା ଆକାଶ ପରି ଉଦାର । ସବୁ ଧର୍ମରେ ଯାହା କିଛି ଶ୍ରେଷ୍ଠ ତାହା ସେ ଗ୍ରହଣ କରିଛନ୍ତି । ଏହା ହିଁ ହେବ ଭବିଷ୍ୟତରେ ସାର୍ବଜନୀନ ଧର୍ମ । ପ୍ରତ୍ୟେକ ମନୁଷ୍ୟପ୍ରତି ସହାନୁଭୂତି, ତାହା ଶାସ୍ତି ଭୟରେ ବା ପୁରସ୍କାର ଲୋଭରେ ନୁହେଁ, ଈଶ୍ୱରଙ୍କ ପ୍ରୀତି ପାଇଁ ସତ୍କର୍ମ—ଏହା ମଧ୍ୟ ଭାଷଣର ଅନ୍ୟତମ ମନ୍ତବ୍ୟ । ତାଙ୍କର ଚମତ୍କାର ଭାବଭଙ୍ଗି ଏବଂ ଚେହେରା ପାଇଁ ସେ ଧର୍ମ-ମହାସଭାରେ ଅତ୍ୟନ୍ତ ସମାଦୃତ । ମଞ୍ଚ ଉପର ଦେଇ ତାଙ୍କୁ ଖାଲି ଯିବାର ଦେଖିଲେ ବି ଲୋକମାନେ ହର୍ଷଧ୍ୱନି କରନ୍ତି । ହଜାର ହଜାର ଲୋକଙ୍କର ଏହି ଅଭିବାଦନ ସେ ବାଳକସୁଲଭ ସରଳତା ସହ ଗ୍ରହଣ କରନ୍ତି, ସେଥିରେ ଆତ୍ମଶ୍ଲାଘାର ଲେଶମାତ୍ର ଚିହ୍ନ ନାହିଁ । ଏହି ବିନୀତ ତରୁଣ ବ୍ରାହ୍ମଣ ସନ୍ନ୍ୟାସୀଙ୍କ ପକ୍ଷରେ ନିଃସ୍ୱତା ଓ ଆତ୍ମବିଲୁପ୍ତିରୁ ସହସା ଐଶ୍ୱର୍ଯ୍ୟ ଓ ପ୍ରଖ୍ୟାତିକୁ ଆବର୍ତ୍ତନ ନିଶ୍ଚିତ ଭାବରେ ଏକ ଅଭିନବ ଅଭିଜ୍ଞତା । ଯେତେବେଳେ ପଚାରାଗଲା, ଥିଓସଫିଷ୍ଟମାନେ ହିମାଳୟରେ 'ମହାତ୍ମା'ମାନଙ୍କର ଅବସ୍ଥାନ ସମ୍ବନ୍ଧରେ ଯେଉଁ ଦୃଢ଼ ବିଶ୍ୱାସ ପୋଷଣ କରନ୍ତି, ସେବିଷୟରେ ସେ କିଛି ଜାଣନ୍ତି କି ନାହିଁ ? ବିବେକାନନ୍ଦ କେବଳ ଏତିକି କହିଲେ, 'ମୁଁ ସେମାନଙ୍କ ମଧ୍ୟରୁ କାହାକୁ କେବେହେଲେ ଦେଖି ନାହିଁ ।' ଏହାର ତାତ୍ପର୍ଯ୍ୟ ଏହି ଯେ, ହିମାଳୟରେ ସେପରି ମହାତ୍ମା ହୁଏତ ଅଛନ୍ତି, ତେବେ ହିମାଳୟ ସହିତ ଯଥେଷ୍ଟ ପରିଚୟ ଥିଲେ ମଧ୍ୟ ତାଙ୍କର କେବେହେଲେ ସେମାନଙ୍କ ସହିତ ଦେଖା ହୋଇ ନାହିଁ ।

## ଧର୍ମ-ମହାସଭାରେ

ଦି ଡିଉବୁକ୍, ଆଇଓ୍ୱା 'ଟାଇମ୍ସ୍', ୨୯ ସେପ୍ଟେମ୍ବର ୧୮୯୩

ବିଶ୍ୱମେଳା, ୨୮ ସେପ୍ଟେମ୍ବର (ବିଶେଷ ସମ୍ବାଦ) :

ଧର୍ମମହାସଭା ଅଧିବେଶନଟିରେ ତୀବ୍ର ବାକ୍‌ବିତଣ୍ଡା ଦେଖା ଦେଇଥିଲା । ଭଦ୍ରତାର ସୂକ୍ଷ୍ମ ଆବରଣ ଅବଶ୍ୟ ବଜାୟ ରହିଥିଲା; କିନ୍ତୁ ତା' ପଛରେ ବୈରଭାବ ପ୍ରକାଶ ପାଉଥିଲା । ରେଭରେଣ୍ଡ ଯୋସେଫ୍ କୁକ୍ ହିନ୍ଦୁମାନଙ୍କୁ ତୀବ୍ର ସମାଲୋଚନା କଲେ; ହିନ୍ଦୁମାନେ ତାଙ୍କୁ ତୀବ୍ର ଭାବରେ ପାଲଟା ଆକ୍ରମଣ କଲେ । ରେଭରେଣ୍ଡ କୁକ୍ କହିଲେ, ବିଶ୍ୱସଂସାର ଅନାଦି —ଏହା କହିବା ଏକପ୍ରକାର ଅମାର୍ଜ୍ଜନୀୟ ପାଗଳାମି । ପ୍ରତ୍ୟୁତ୍ତରରେ ଏସିଆର ପ୍ରତିନିଧିମାନେ କହିଲେ ଯେ, କୌଣସି ଏକ ନିର୍ଦ୍ଦିଷ୍ଟ ସମୟରେ ଜଗତ୍ ସୃଷ୍ଟି—ଏହାର ଅଯୌକ୍ତିକତା ସ୍ୱତଃ ପ୍ରମାଣିତ । ଓହାଇଓ ନଦୀର ତୀରଦେଶରୁ ଲମ୍ବା ନଳୀର କମାଣ ଫୁଟାଇ ବିଶପ୍ ଜେ. ପି. ନିଉମ୍ୟାନ୍ ଗର୍ଜ୍ଜନ କରି ଘୋଷଣା କଲେ ଯେ, ପ୍ରାଚ୍ୟଦେଶୀୟ ବ୍ୟକ୍ତିମାନେ ମିଶନାରୀମାନଙ୍କ ବିରୋଧରେ ମିଥ୍ୟା କଥା କହି ଆମେରିକା ଯୁକ୍ତରାଷ୍ଟ୍ରର ସମଗ୍ର ଖ୍ରୀଷ୍ଟାନ୍ ସମାଜକୁ ଅପମାନିତ କରିଛନ୍ତି । ପ୍ରାଚ୍ୟ ପ୍ରତିନିଧିମାନେ ସେମାନଙ୍କର ଶାନ୍ତ ଓ ଗର୍ବିତ ହସ ହସି ଉତ୍ତର ଦେଲେ ଯେ, ତାହା କେବଳ ବିଶପ୍‌ଙ୍କର ଅଜ୍ଞତା ଛଡ଼ା ଆଉ କିଛି ନୁହେଁ ।

# ବୌଦ୍ଧ ଦର୍ଶନ

ସିଧାସଳଖ ପ୍ରଶ୍ନର ଉତ୍ତରରେ ଜଣକଣ ସୁପଣ୍ଡିତ ବୌଦ୍ଧ ଅସାଧାରଣ ସରଳ ଓ ମନୋଜ୍ଞ ଭାଷାରେ ଈଶ୍ୱର, ମନୁଷ୍ୟ ଏବଂ ପ୍ରକୃତି ସମ୍ବନ୍ଧରେ ସେମାନଙ୍କର ମୁଖ୍ୟ ବିଶ୍ୱାସ ଉପସ୍ଥାପିତ କଲେ । (ଏହା ପରେ ଧର୍ମପାଳଙ୍କର 'ବୁଦ୍ଧଙ୍କ ନିକଟରେ ଜଗତର ଋଣ' ନାମକ ବକ୍ତୃତାର ସାରାଂଶ ଦିଆଯାଇଛି । ଅନ୍ୟ ଏକ ସୂତ୍ରରୁ ଜଣାଯାଏ ଯେ, ଧର୍ମପାଳ ଭାଷଣ ପୂର୍ବରୁ ଗୋଟିଏ ସିଂହଳୀ ସ୍ୱସ୍ତିବାଚନ ବୋଲିଥିଲେ ।) ଏହାପରେ ସାମ୍ବାଦିକ ଲେଖୁଛନ୍ତି :

ଧର୍ମପାଳଙ୍କର ଉପସଂହାର ଅଂଶ ଏତେ ସୁନ୍ଦର ହୋଇଥିଲା ଯେ, ଶିକାଗୋର ଶ୍ରୋତୃମଣ୍ଡଳୀ ପୂର୍ବରୁ ଏପରି କଥା କେବେହେଲେ ଶୁଣି ନାହାନ୍ତି । ବୋଧହୁଏ ଟମସ୍-ଏ-କେମ୍ପିସ୍ ମଧ୍ୟ ତାହାକୁ ଅତିକ୍ରମ କରିପାରି ନାହାନ୍ତି ।

# କଟୁ ମନ୍ତବ୍ୟ

ହିନ୍ଦୁ ସନ୍ନ୍ୟାସୀ ବିବେକାନନ୍ଦଙ୍କର ଅଦୃଷ୍ଟ କିନ୍ତୁ ଏତେ ଭଲ ନ ଥିଲା । ଆରମ୍ଭରୁ ହିଁ ତାଙ୍କର ମିଜାଜ୍ ଠିକ୍ ନ ଥିଲା, କିମ୍ବା ବାହ୍ୟତଃ କିଛି ସମୟ ଭିତରେ ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥିଲା । ସେ କମଳାଲେମ୍ବୁ ରଙ୍ଗର ଆଲଖାଲ୍ଲା ପିନ୍ଧିଥିଲେ । ମସ୍ତକରେ ଥିଲା ଫିକା ହଳଦିଆ ରଙ୍ଗର ପଗଡ଼ି । ବକ୍ତୃତା ଦେବା ପାଇଁ ଛିଡ଼ା ହୋଇ ସେ ଖ୍ରୀଷ୍ଟଧର୍ମାବଲମ୍ବୀ ଜାତି-ମାନଙ୍କୁ ଖୁବ୍ ଭୀଷଣ ଭାବରେ ଆକ୍ରମଣ କଲେ ଓ କହିଲେ, 'ଆମେ ଯେଉଁମାନେ ପ୍ରାଚ୍ୟ ଦେଶରୁ ଆସିଛୁ, ଏଠାରେ ବସି ଦିନପରେ ଦିନ ଉଦ୍ଧତ ଭାଷାରେ ଶୁଣୁଛୁ ଯେ, ଆମମାନଙ୍କର ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ଉଚିତ, କାରଣ ଖ୍ରୀଷ୍ଟାନ୍ ଜାତିସମୂହ ସର୍ବାପେକ୍ଷା ସମୃଦ୍ଧିଶାଳୀ । ଆମର ଚତୁର୍ଦ୍ଦିଗକୁ ଚାହିଁ ଆମେ ଦେଖିବାକୁ ପାଉ ଯେ, ପୃଥିବୀରେ ଖ୍ରୀଷ୍ଟାନ୍ ଦେଶସମୂହ ମଧ୍ୟରେ ଇଂଲଣ୍ଡ ୨୫ କୋଟି ଏସିଆବାସୀଙ୍କ ମୁଣ୍ଡରେ ପାଦ ଦେଇ ବିତ୍ତ-ବିଭବ ଲାଭ କରିଛି । ଇତିହାସର ପୃଷ୍ଠା ଖୋଲିଲେ ଆମେ ଦେଖୁ ଖ୍ରୀଷ୍ଟାନ୍ ଇଉରୋପର ସମୃଦ୍ଧି ଆରମ୍ଭ ହୋଇଛି ସ୍ପେନ୍‌ରୁ; ଏବଂ ସ୍ପେନ୍‌ର ଐଶ୍ୱର୍ଯ୍ୟଲାଭ ହୋଇଛି ମେକ୍ସିକୋ ଆକ୍ରମଣ ପରଠାରୁ । ଖ୍ରୀଷ୍ଟାନ୍‌ମାନେ ମନୁଷ୍ୟଭାଇର ତଣ୍ଟି କାଟି ବିତ୍ତଶାଳୀ ହୁଅନ୍ତି; କିନ୍ତୁ ଏହି ମୂଲ୍ୟରେ ହିନ୍ଦୁ-ମାନେ ବଡ଼ଲୋକ ହେବାକୁ ଚାହାଁନ୍ତି ନାହିଁ ।'

(ବକ୍ତାମାନେ ଏହିପରି ଭାବରେ ଆକ୍ରମଣ କରିବାକୁ ଲାଗିଲେ । ପ୍ରତ୍ୟେକ ପରବର୍ତ୍ତୀ ବକ୍ତା ପୂର୍ବଗାମୀ ବକ୍ତା ଅପେକ୍ଷା ଯେପରି ବେଶୀ ଉତ୍ତେଜିତ ହୋଇ ଉଠୁଥିଲେ ।)

'ଆଉଟ୍‌ଲୁକ୍', ୭ ଅକ୍ଟୋବର ୧୮୯୩

···ଭାରତବର୍ଷରେ ଖ୍ରୀଷ୍ଟାନ୍ ମିଶନାରୀଙ୍କର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେଲା ବେଳେ ବିବେକାନନ୍ଦ ତାଙ୍କର ଧର୍ମଯାଜକର ଉପଯୋଗୀ ଉଜ୍ଜ୍ୱଳ କମଳାଲେମ୍ବୁ ରଙ୍ଗର

ପୋଷାକରେ ଜବାବ ଦେବା ପାଇଁ ... ଛୁଡ଼ା ହେଲେ । ସେ ଖ୍ରୀଷ୍ଟାନ୍ ମିଶନମାନଙ୍କର କାର୍ଯ୍ୟର ତୀବ୍ର ସମାଲୋଚନା କଲେ । ଏହା ସୁସ୍ପଷ୍ଟ ଯେ, ସେ ଖ୍ରୀଷ୍ଟଧର୍ମକୁ ଲୁଟିବା ପାଇଁ ଚେଷ୍ଟା କରି ନାହାନ୍ତି । ତେବେ ସେ ଯେପରି କହିଲେ ତାହା ମଧ୍ୟ ସତ୍ୟ ଯେ, ଖ୍ରୀଷ୍ଟାନ୍ ଧର୍ମଯାଜକମାନେ ହଜାର ହଜାର ବର୍ଷର ବଦ୍ଧମୂଳ ବିଶ୍ୱାସ ଓ ଜାତିସଂସ୍କାରଯୁକ୍ତ ହିନ୍ଦୁ-ଧର୍ମକୁ ଲୁଟିବା ପାଇଁ କୌଣସି ପ୍ରୟାସ କରି ନାହାନ୍ତି । ବିବେକାନନ୍ଦଙ୍କ ମତରେ ମିଶନାରି-ମାନେ ଭାରତକୁ ଯାଇ ଦୁଇଟି କାମ କରନ୍ତି—ଦେଶବାସୀଙ୍କର ପବିତ୍ରତମ ବିଶ୍ୱାସ-ସମୂହର ନିନ୍ଦା କରିବା ଏବଂ ଜନସାଧାରଣଙ୍କର ନୀତି ଓ ଧର୍ମବୋଧକୁ ଶିଥିଳ କରିଦେବା ।

'କ୍ରିଟିକ୍', ୭ ଅକ୍ଟୋବର ୧୮୯୩

ଧର୍ମ-ମହାସଭାର ପ୍ରତିନିଧିମାନଙ୍କ ମଧ୍ୟରେ ଦୁଇଜଣ ବ୍ୟକ୍ତି ଥିଲେ ସର୍ବାପେକ୍ଷା ଚିତ୍ତାକର୍ଷକ—ସିଂହଳର ବୌଦ୍ଧ ଧର୍ମଯାଜକ ଏଇଚ୍. ଧର୍ମପାଳ ଏବଂ ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ । ଧର୍ମପାଳଙ୍କର ଗୋଟିଏ ଭାଷଣ ଉକ୍ତି...'ଯଦି ଧର୍ମସିଦ୍ଧାନ୍ତ ବ୍ୟାଖ୍ୟା ଓ ମତବାଦ ତୁମର ସତ୍ୟ-ଅନୁସନ୍ଧାନ-ପଥରେ ବାଧା ସୃଷ୍ଟି କରେ, ତାହା ହେଲେ ସେସବୁକୁ ଦୂରେଇ ଦିଅ । କୌଣସି ପ୍ରକାର ପୂର୍ବ ଧାରଣାର ବଶୀଭୂତ ନ ହୋଇ ଚିନ୍ତା କରିବାକୁ, ଭଲ ପାଇବା ପାଇଁ ମନୁଷ୍ୟକୁ ଭଲ ପାଇବାକୁ, ନିଜର ବିଶ୍ୱାସଗୁଡ଼ିକୁ ନିର୍ଭୀକ ଭାବରେ ପ୍ରକାଶ କରିବାକୁ ଏବଂ ପବିତ୍ର ଜୀବନ ଯାପନ କରିବାକୁ ଶିଖ, ସତ୍ୟର ସୂର୍ଯ୍ୟାଲୋକ ନିଶ୍ଚିତ ଭାବରେ ତୁମକୁ ଦୀପ୍ତ କରିବ ।'

ଯଦିଓ ଏହି ଅଧିବେଶନର (ଧର୍ମ-ମହାସଭାର ଅନ୍ତିମ ଅଧିବେଶନ) ସଂକ୍ଷିପ୍ତ ଭାଷଣ-ସମୂହ ଭିତରୁ ଅନେକଗୁଡ଼ିଏ ଖୁବ୍ ଚମତ୍କାର ହୋଇଥିଲା ଏବଂ ଶ୍ରୋତୃବୃନ୍ଦଙ୍କ ଭିତରେ ପ୍ରଭୂତ ଉତ୍ସାହ ଉଦ୍ଦୀପିତ କରିଥିଲା, କିନ୍ତୁ ହିନ୍ଦୁ ସନ୍ନ୍ୟାସୀଙ୍କ ପରି ଅନ୍ୟ କେହି ମହାସଭାର ମୂଳ ଆଦର୍ଶ, ତାହାର କାର୍ଯ୍ୟଗତ ତ୍ରୁଟି ଏବଂ ତାହାର ଉତ୍କୃଷ୍ଟ ପ୍ରଭାବ ଏତେ ସୁନ୍ଦର ଭାବରେ ପ୍ରକାଶ କରିପାରି ନାହାନ୍ତି । ତାଙ୍କର ଭାଷଣ ଏଠାରେ ସମ୍ପୂର୍ଣ୍ଣ ରୂପେ ଉଦ୍ଧୃତ ହେଉଅଛି । ଶ୍ରୋତୃମଣ୍ଡଳୀ ଉପରେ ଏହି ଭାଷଣର କିପରି ଆଶ୍ଚର୍ଯ୍ୟ ପ୍ରଭାବ ପଡ଼ିଥିଲା ତା'ର ଇଙ୍ଗିତ ମାତ୍ର ମୁଁ ଦେଇପାରେ । ବିବେକାନନ୍ଦ ଯେପରି ଦେବଦତ୍ତ ବାଗ୍ମିତାର ଅଧିକାର ନେଇ ଜନ୍ମଗ୍ରହଣ କରିଛନ୍ତି । ତାଙ୍କର ହଳଦିଆ ଓ କମଳାଲେମ୍ବୁ ବର୍ଣ୍ଣର ନୟନାକର୍ଷୀ ପୋଷାକ ଏବଂ ପ୍ରତିଭାଦୀପ୍ତ ଦୃଢ଼ତାବ୍ୟଞ୍ଜକ ମୁଖଛବି—ତାଙ୍କର ଆନ୍ତରିକତାପୂର୍ଣ୍ଣ କଥା ଓ ସୁମିଷ୍ଟ ସତେଜ କଣ୍ଠସ୍ୱର ଅପେକ୍ଷା କମ୍ ଆକର୍ଷଣ ବିସ୍ତାର କରି ନାହିଁ ।

...ସ୍ୱାମୀଜୀଙ୍କର ଧର୍ମମହାସଭାର ଶେଷ ଭାଷଣଟିର ଅଧିକାଂଶ ଉଦ୍ଧୃତ କରି ସାମ୍ବାଦିକ ମନ୍ତବ୍ୟ ପ୍ରକାଶ କରିଛନ୍ତି :

ବୈଦେଶିକ ମିଶନ ସମ୍ପର୍କରେ ଯେଉଁସବୁ ମନୋବୃତ୍ତି ଧର୍ମ-ମହାସମ୍ମେଳନରେ ପ୍ରକାଶ ପାଇଥିଲା ତାହା ହିଁ ବୋଧହୁଏ ଏହି ସମ୍ମେଳନର ସର୍ବାପେକ୍ଷା ସୁସ୍ପଷ୍ଟ ଫଳ । ବିଦ୍ୟା ଏବଂ ଜ୍ଞାନରେ ଗରିଷ୍ଠ ପ୍ରାଚ୍ୟ ପଣ୍ଡିତମାନଙ୍କୁ ଶିକ୍ଷା ଦେବା ପାଇଁ କେତେଗୁଡ଼ିଏ ଅର୍ଦ୍ଧଶିକ୍ଷିତ

ଖ୍ରୀଷ୍ଟୀୟ ଧର୍ମମତର ଶିକ୍ଷାନବିଶଙ୍କୁ ପଠାଇବାର ଧୃଷ୍ଟତା ଇଂରେଜୀ-ଭାଷାଭାଷୀ ଶ୍ରୋତୃବର୍ଗଙ୍କ ସମକ୍ଷରେ ଏହା ପୂର୍ବରୁ ଏପରି ଦୃଢ଼ ଭାବରେ ପ୍ରକାଶ ପାଇ ନାହିଁ । ଆମେ ଯଦି ହିନ୍ଦୁମାନଙ୍କର ଧର୍ମ ସମ୍ବନ୍ଧରେ କିଛି କହିବାକୁ ଚାହୁଁ, ତେବେ ପରମତ-ସହିଷ୍ଣୁତା ଏବଂ ସହାନୁଭୂତିର ଭାବ ନେଇ ତାହା କହିବାକୁ ପଡ଼ିବ । ଏହି ଦୁଇଟି ଗୁଣ ଥିବା ସମାଲୋଚକ ଖୁବ୍ ଦୁର୍ଲ୍ଲଭ । ବୌଦ୍ଧମାନେ ଯେପରି ଆମ ନିକଟରୁ ଶିଖିପାରନ୍ତି, ଆମମାନଙ୍କର ଯେ ସେହିପରି ବୌଦ୍ଧମାନଙ୍କଠାରୁ ଶିଖିବାର ଅନେକ କଥା ଅଛି, ଏହା ଆଜି ହୃଦୟଙ୍ଗମ କରିବା ପ୍ରୟୋଜନ । ସାମଞ୍ଜସ୍ୟର ମାଧ୍ୟମ ଦେଇ ଶ୍ରେଷ୍ଠ ପ୍ରଭାବ କାର୍ଯ୍ୟକାରୀ ହୁଏ । (ଲୁସି ମନ୍‌ରୋ)

ଚିକାଗୋ, ୩ ଅକ୍ଟୋବର ୧୮୯୩

'ନିଉୟର୍କ ଓ୍ୱାର୍ଲଡ୍' ପତ୍ରିକା ଅକ୍ଟୋବର ପହିଲା (୧୮୯୩) ଧର୍ମ-ମହାସଭାର ପ୍ରତ୍ୟେକ ପ୍ରତିନିଧିଙ୍କୁ ଗୋଟିଏ ସଂକ୍ଷିପ୍ତ ଉକ୍ତିଦ୍ୱାରା ସେହି ମହତୀ ସଭାର ବୈଶିଷ୍ଟ୍ୟ ନିର୍ଣ୍ଣୟ କରିବା ପାଇଁ ଅନୁରୋଧ କରିବାରୁ ସ୍ୱାମୀଜୀ ଗୀତା ଏବଂ ବ୍ୟାସଙ୍କର ବଚନରୁ ନିମ୍ନୋକ୍ତ ଉଦ୍ଧୃତିଦ୍ୱୟ କହିଥିଲେ :

'ମଣିମାଳା ମଧ୍ୟରେ ଅନୁପ୍ରବିଷ୍ଟ ସୂତ୍ର ପରି ମୁଁ ପ୍ରତ୍ୟେକ ଧର୍ମ ମଧ୍ୟରେ ଥାଇ ତାହାକୁ ଧାରଣ କରି ରହିଅଛି ।'

'ପ୍ରତ୍ୟେକ ଧର୍ମରେ ପବିତ୍ର, ସାଧୁ-ପ୍ରକୃତି, ପୂର୍ଣ୍ଣତା-ସମ୍ପନ୍ନ ମନୁଷ୍ୟ ଦେଖାଯାଆନ୍ତି । ଅତଏବ ପ୍ରତ୍ୟେକ ମତ ମନୁଷ୍ୟକୁ ସତ୍ୟ ଆଡ଼କୁ ନେଇଯାଏ; କାରଣ ବିଷରୁ ଅମୃତର ଉତ୍ପତ୍ତି କିଅଣ ସମ୍ଭବପର ?'

## ବ୍ୟକ୍ତିଗତ ବୈଶିଷ୍ଟ୍ୟ

'କ୍ରିଟିକ', ୭ ଅକ୍ଟୋବର ୧୮୯୩

ଧର୍ମମହାସଭାର ଗୋଟିଏ ପରିଣାମ ଏହି ଯେ, ଏହା ଗୋଟିଏ ସତ୍ୟ ପ୍ରତି ଆମର ଆଖି ଫିଟାଇ ଦେଇଥିଲା । ଏହି ସତ୍ୟଟି ହେଉଛି ପ୍ରାଚୀନ ଧର୍ମମତ-ସମୂହର ଅନ୍ତର୍ନିହିତ ଦର୍ଶନରେ ବର୍ତ୍ତମାନ ମନୁଷ୍ୟର ଉପଯୋଗୀ ଅନେକ ଚମତ୍କାର ଶିକ୍ଷଣୀୟ ବିଷୟ ରହିଅଛି । ଥରେ ଯେତେବେଳେ ଏ କଥା ଆମେ ପରିଷ୍କାରରୂପେ ବୁଝିପାରିଲୁ, ସେତେବେଳେ ସେହି ଧର୍ମ-ବ୍ୟାଖ୍ୟାତାମାନଙ୍କ ପ୍ରତି ଆମର ଔତ୍ସୁକ୍ୟ ବଢ଼ିବାକୁ ଲାଗିଲା ଏବଂ ଆମର ସ୍ୱଭାବସୁଲଭ ଅନୁସନ୍ଧିତ୍ସା ନେଇ ଆମେ ଜ୍ଞାନାର୍ଜନରେ ତତ୍ପର ହେଲୁ । ଧର୍ମ-ମହାସଭା ଶେଷ ହେଲା ପରେ ଉପର୍ଯ୍ୟୁକ୍ତ ସତ୍ୟଟି ବୁଝିବା ସ୍ୱାମୀ ବିବେକାନନ୍ଦଙ୍କର ବକ୍ତୃତା ଏବଂ ପ୍ରସଙ୍ଗଗୁଡ଼ିକ ମାଧ୍ୟମରେ ସହଜ ହୋଇଥିଲା । ବିବେକାନନ୍ଦ ବର୍ତ୍ତମାନ ସୁଦ୍ଧା ଏହି ସହର (ଚିକାଗୋ)ରେ ରହିଛନ୍ତି । ତାଙ୍କର ଏ ଦେଶକୁ ଆସିବାର ମୂଳ ଉଦ୍ଦେଶ୍ୟ ଥିଲା—ତାଙ୍କର ସ୍ୱଦେଶବାସୀ ହିନ୍ଦୁମାନଙ୍କ ମଧ୍ୟରେ ନୂତନ ନୂତନ ଶ୍ରମଶିଳ୍ପ ଆରମ୍ଭ କରିବା ପାଇଁ ଆମେରିକାନ୍‌ମାନଙ୍କୁ ପ୍ରରୋଚିତ

କରିବା । କିନ୍ତୁ ବର୍ତ୍ତମାନ ସାମୟିକ ଭାବରେ ସେ ସେହି ପରିକଳ୍ପନା ତ୍ୟାଗ କରିଛନ୍ତି, କାରଣ ସେ ଦେଖୁଛନ୍ତି ଆମେରିକାନ୍ ଜାତି ପୃଥିବୀରେ ସର୍ବାପେକ୍ଷା ବଦାନ୍ୟ ବୋଲି ଏ ଦେଶକୁ ବହୁ ଲୋକ ନାନା ଉଦ୍ଦେଶ୍ୟରେ ସାହାଯ୍ୟାର୍ଥେ ଆସୁଛନ୍ତି । ଆମେରିକାରେ ଏବଂ ଭାରତରେ ଦରିଦ୍ରମାନଙ୍କର ଆପେକ୍ଷିକ ଅବସ୍ଥା ବିଷୟରେ ପଚାରିବାରୁ ବିବେକାନନ୍ଦ ଉତ୍ତର ଦେଲେ ଯେ, ଆମେରିକାରେ ଯେଉଁମାନଙ୍କୁ ଗରିବ କୁହାଯାଏ, ସେମାନେ ଭାରତକୁ ଗଲେ ରାଜାପରି ରହିପାରିବେ । ସେ ଚିକାଗୋର ନିକୃଷ୍ଟ ପଡ଼ା ବୁଲି ଦେଖିଛନ୍ତି । ସେଥିରେ ତାଙ୍କର ଉକ୍ତ ସିଦ୍ଧାନ୍ତ ଦୃଢ଼ ହୋଇଛି । ଆମେରିକାର ଅର୍ଥନୈତିକ ମାନ ଦେଖି ସେ ସୁଖୀ ହୋଇଛନ୍ତି ।

ଯଦିଓ ବିବେକାନନ୍ଦ ଉଚ୍ଚ ବ୍ରାହ୍ମଣକୁଳରେ ଜନ୍ମଗ୍ରହଣ କରିଥିଲେ, ତଥାପି ସନ୍ନ୍ୟାସୀ-ସଙ୍ଘରେ ଯୋଗଦାନ କରିବା ପାଇଁ ସେ କୁଳମର୍ଯ୍ୟାଦା ତ୍ୟାଗ କରିଛନ୍ତି । ସନ୍ନ୍ୟାସୀଙ୍କୁ ସ୍ୱେଚ୍ଛାରେ ଜାତିଗତ ସବୁ ଅଭିମାନ ବିସର୍ଜନ ଦେବାକୁ ପଡ଼େ । ବିବେକାନନ୍ଦଙ୍କ ଆକୃତିରେ ତାଙ୍କର ଆଭିଜାତ୍ୟ ସୂଚିତ୍ ହୁଏ । ତାଙ୍କର ମାର୍ଜିତ ରୁଚି, ବାଗ୍ମିତା ଏବଂ ମନୋମୁଗ୍ଧକର ବ୍ୟକ୍ତିତ୍ୱ ଆମମାନଙ୍କୁ ହିନ୍ଦୁ ସଂସ୍କୃତି ସମ୍ବନ୍ଧରେ ନୂତନ ଧାରଣା ଦେଇଛି । ତାଙ୍କ ପ୍ରତି ଲୋକମାନେ ସ୍ୱତଃ ଆକର୍ଷଣ ଅନୁଭବ କରନ୍ତି । ତାଙ୍କର ମୁଖଶ୍ରୀରେ ଏପରି ଏକପ୍ରକାର କମନୀୟତା, ବୁଦ୍ଧିମତ୍ତା ଓ ଜୀବନ୍ତଭାବ ଅଛି ଯେ, ତାହା ତାଙ୍କର ଗୈରିକ ପୋଷାକ ଏବଂ ଗମ୍ଭୀର ସୁମିଷ୍ଟ କଣ୍ଠସ୍ୱର ସହିତ ମିଶି ମନୁଷ୍ୟ ମନରେ ଅବିଲମ୍ବେ ତାଙ୍କ ପ୍ରତି ଅନୁକୂଳ ଭାବ ସୃଷ୍ଟି କରେ । ଏଥିପାଇଁ ଏହା ଆଦୌ ଆଶ୍ଚର୍ଯ୍ୟର କଥା ନୁହେଁ ଯେ, ଅନେକ ସାହିତ୍ୟସଭା ତାଙ୍କୁ ବକ୍ତୃତା ଦେବା ପାଇଁ ଆହ୍ୱାନ କରିଛନ୍ତି ଏବଂ ବହୁ ଗୀର୍ଜାରେ ମଧ୍ୟ ସେ ଧର୍ମ ଆଲୋଚନା କରିଛନ୍ତି । ଏହା ଫଳରେ ବୁଦ୍ଧଙ୍କର ଜୀବନ ଏବଂ ବିବେକାନନ୍ଦଙ୍କର ଧର୍ମମତ ଆମ ନିକଟରେ ସୁପରିଚିତ ହୋଇପାରିଛି । ସେ କୌଣସି ସ୍ମାରକଲିପି ନ ରଖି ବକ୍ତୃତା ଦିଅନ୍ତି, ତଥ୍ୟ ଏବଂ ସିଦ୍ଧାନ୍ତ ଏପରି ନିପୁଣଭାବରେ ନ୍ୟସ୍ତ କରନ୍ତି ଯେ, ତାଙ୍କର ଆନ୍ତରିକତାରେ ଦୃଢ଼ ବିଶ୍ୱାସ ଜନ୍ମେ । ତାଙ୍କର କହିବାର ଭଙ୍ଗୀ ମଝିରେ ମଝିରେ ଏତେ ଉଦ୍ଦୀପନାମୟ ହୋଇଉଠେ ଯେ, ଶ୍ରୋତାମାନେ ମତ୍ତ ହୋଇଯାଆନ୍ତି । ବିବେକାନନ୍ଦ ଜଣେ ଯୋଗ୍ୟତମ ଜେସୁଇଟ୍ ଧର୍ମଯାଜକ ପରି ପଣ୍ଡିତ ଓ ସଂସ୍କୃତି-ସମ୍ପନ୍ନ । ତାଙ୍କ ମନର ଗଠନରେ ମଧ୍ୟ ଯେଶୁଇଟ୍‌ମାନଙ୍କ ରୀତି ଯେପରି ରହିଛି । ତାଙ୍କର କଥୋପକଥନରେ ସୃଷ୍ଟ ଶ୍ଲେଷ ବ୍ୟଙ୍ଗୋକ୍ତିଗୁଡ଼ିକ କ୍ଷୁର ପରି ତୀକ୍ଷ୍ଣଧାର ହେଲେ ହେଁ ଏତେ ସୂକ୍ଷ୍ମ ଯେ, ତାଙ୍କର ଅଧିକାଂଶ ଶ୍ରୋତା ସେସବୁ ଧରିପାରନ୍ତି ନାହିଁ । ତଥାପି ତାଙ୍କର ସୌଜନ୍ୟର ଅଭାବ କେବେହେଲେ ହୁଏ ନାହିଁ । ସେ ଆମର ରୀତିନୀତିର ଏପରି କୌଣସି ସମାଲୋଚନା କରନ୍ତି ନାହିଁ, ଯାହା ଶ୍ରୁତିକଟୁ ହେବ । ବର୍ତ୍ତମାନ ସେ ଆମମାନଙ୍କୁ ତାଙ୍କର ବୈଦାନ୍ତିକ ଧର୍ମ ଓ ଦାର୍ଶନିକମାନଙ୍କର ବାଣୀ ସମ୍ବନ୍ଧରେ ଶିକ୍ଷା ଦେଉଛନ୍ତି । ବିବେକାନନ୍ଦଙ୍କ ମତରେ ଅଜ୍ଞାନ ଜନସାଧାରଣଙ୍କ ପାଇଁ ମୂର୍ତ୍ତି-ପୂଜାର ପ୍ରୟୋଜନ ରହିଛି । ତେବେ ସେ ଆଶା କରନ୍ତି ଯେ, ଏପରି ଦିନ ଆସିବ, ଯେତେବେଳେ ଆମେ ସାକାର ଉପାସନା ଏବଂ ପୂଜାକୁ

ଅତିକ୍ରମ କରି ବିଶ୍ୱପ୍ରକୃତିରେ ଭଗବାନଙ୍କର ସତ୍ତା ଅନୁଭବ କରିବୁ, ମନୁଷ୍ୟ ମଧ୍ୟରେ ଦେବତ୍ୱର ଉପଲବ୍ଧି କରିପାରିବୁ । ବୁଦ୍ଧ ଦେହତ୍ୟାଗ କରିବା ଆଗରୁ ଯେପରି କହିଥିଲେ, ବିବେକାନନ୍ଦ ମଧ୍ୟ ସେହିପରି କହନ୍ତି, 'ତୁମର ନିଜର ମୁକ୍ତି ତୁମେ ନିଜେ ସମ୍ପାଦନ କର । ମୁଁ ତୁମକୁ କୌଣସି ସାହାଯ୍ୟ କରିପାରିବି ନାହିଁ । କେହି ପାରନ୍ତି ନାହିଁ । ନିଜେ ନିଜକୁ ସାହାଯ୍ୟ କର ।' (ଲୁସି ମନ୍‌ରୋ)

## ପୁନର୍ଜନ୍ମ

### 'ଇଭାନ୍‌ଷ୍ଟନ୍ ଇଣ୍ଡେକ୍‌ସ', ୭ ଅକ୍ଟୋବର ୧୮୯୩

ଗତ ସପ୍ତାହରେ 'କଂଗ୍ରିଗେସନାଲ୍ ଚର୍ଚ୍ଚ'ରେ ଅନେକାଂଶରେ ସମ୍ପ୍ରତିସମାପ୍ତ ଧର୍ମମହାସଭା ପରି ଗୋଟିଏ ବକ୍ତୃତାମାଳାର ଅନୁଷ୍ଠାନ ହୋଇଥିଲା । ଦୁଇଜଣ ବକ୍ତା ଥିଲେ : ସୁଇଡେନ୍‌ର ଡକ୍‌ଟର କାର୍ଲଭନ୍ ବାର୍ଗେନ୍ ଏବଂ ହିନ୍ଦୁ ସନ୍ନ୍ୟାସୀ ସିଉଆମି ବିବେକାନନ୍ଦ ।··· ସିଉଆମି ବିବେକାନନ୍ଦ ଥିଲେ ଧର୍ମସଭାରେ ଜଣେ ଭାରତୀୟ ପ୍ରତିନିଧି । ସେ ତାଙ୍କର ଅପୂର୍ବ କମଳାଲେମ୍ବୁ ରଙ୍ଗର ପୋଷାକ, ଓଜସ୍ୱୀ ବ୍ୟକ୍ତିତ୍ୱ, ଅସାଧାରଣ ବାଗ୍ମିତା ଏବଂ ହିନ୍ଦୁ ଦର୍ଶନର ଆଶ୍ଚର୍ଯ୍ୟ ବ୍ୟାଖ୍ୟା ପାଇଁ ବହୁଲୋକଙ୍କର ମନୋଯୋଗ ଆକୃଷ୍ଟ କରିଛନ୍ତି । ତାଙ୍କର ଚିକାଗୋରେ ଅବସ୍ଥାନ, ତାଙ୍କପ୍ରତି ଅବିଚ୍ଛିନ୍ନ ଉତ୍ସାହ ଓ ସାଧୁବାଦର କାରଣ ହୋଇଛି । ବକ୍ତୃତାଗୁଡ଼ିକ ତିନୋଟି ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ।

ଶନିବାର ଏବଂ ମଙ୍ଗଳବାର ସନ୍ଧ୍ୟାରେ ଆଲୋଚ୍ୟ ବିଷୟଗୁଡ଼ିକର ତାଲିକା ଦେଇ ସାମ୍ବାଦିକ କହୁଛନ୍ତି :

ଗୁରୁବାର ଅକ୍ଟୋବର ୫ ତାରିଖ ସନ୍ଧ୍ୟାରେ ଡକ୍ଟର ଭନ୍ ବାର୍ଗେନ୍‌ଙ୍କର ଆଲୋଚ୍ୟ ବିଷୟ ଥିଲା 'ସୁଇଡେନ୍‌ର ରାଜକନ୍ୟା'-ବଂଶର ପ୍ରତିଷ୍ଠାତା 'ହାଲ୍‌ଡାଇନ୍ ସ୍ୱାମିସ୍' । ହିନ୍ଦୁ ସନ୍ନ୍ୟାସୀ କହିଲେ 'ପୁନର୍ଜନ୍ମ' ସମ୍ବନ୍ଧରେ । ଶେଷ ବକ୍ତୃତାଟି ଖୁବ୍ ଚିତ୍ତାକର୍ଷକ ହୋଇଥିଲା, କାରଣ ଏହି ବିଷୟଟିର ଆଲୋଚ୍ୟ ମତସମୂହ ପୃଥିବୀର ଏହି ଅଞ୍ଚଳରେ ଶୁଣାଯାଏ ନାହିଁ । 'ଆତ୍ମାର ଜନ୍ମାନ୍ତର-ଗ୍ରହଣ' ତତ୍ତ୍ୱ ଏହି ଦେଶରେ ଅପେକ୍ଷାକୃତ ନୂତନ ଏବଂ ଖୁବ୍ କମ୍ ଲୋକ ତାହା ବୁଝିପାରନ୍ତି; କିନ୍ତୁ ପ୍ରାଚ୍ୟରେ ତାହା ସୁପରିଚିତ ଏବଂ ସେଠାରେ ପ୍ରାୟ ସକଳ ଧର୍ମର ତାହା ଭିତ୍ତିସ୍ୱରୂପ । ଯେଉଁମାନେ ମତବାଦରୂପେ ଏହାକୁ ବ୍ୟବହାର କରନ୍ତି ନାହିଁ, ସେମାନେ ମଧ୍ୟ ଏହାର ବିରୋଧରେ କିଛି କହନ୍ତି ନାହିଁ । ପୁନର୍ଜନ୍ମତତ୍ତ୍ୱର ପ୍ରଧାନ ମୀମାଂସିତବ୍ୟ ହେଲା—ଆମର ଅତୀତ ବୋଲି କିଛି ଅଛି କି ନାହିଁ । ବର୍ତ୍ତମାନ ଜୀବନ ଯେ ଆମର ଗୋଟିଏ ଅଛି, ତାହା ଅମେ ଜାଣୁ । ଭବିଷ୍ୟତ ସମ୍ବନ୍ଧରେ ମଧ୍ୟ ଏକପ୍ରକାର ସ୍ଥିର ଅନୁଭବ ଆମର ଥାଏ । ତଥାପି ଅତୀତକୁ ସ୍ୱୀକାର ନ କରି ବର୍ତ୍ତମାନର ଅସ୍ତିତ୍ୱ କିପରି ସମ୍ଭବପର ? ବର୍ତ୍ତମାନ ବିଜ୍ଞାନ ପ୍ରମାଣ କରିଛି ଯେ, ଜଡ଼ର କଦାପି ବିନାଶ

ହୁଏ ନାହିଁ, ତାହାର ଅସ୍ତିତ୍ୱ ଅବିଚ୍ଛିନ୍ନ । ସୃଷ୍ଟି କେବଳ ଆକୃତିର ପରିବର୍ତ୍ତନ ମାତ୍ର । ଆମେ ଶୂନ୍ୟରୁ ଆସି ନାହୁଁ । କେହି କେହି ସବୁ ଜିନିଷର ସାଧାରଣ କାରଣରୂପେ ଈଶ୍ୱରଙ୍କୁ ସ୍ୱୀକାର କରନ୍ତି । ସେମାନେ ଭାବନ୍ତି ଯେ, ଏହି ସ୍ୱୀକାରଦ୍ୱାରା ସୃଷ୍ଟିର ପର୍ଯ୍ୟାପ୍ତ ବ୍ୟାଖ୍ୟା ହୋଇଗଲା । କିନ୍ତୁ ପ୍ରତ୍ୟେକ ବିଷୟରେ ଆମମାନଙ୍କୁ ଘଟଣାଗୁଡ଼ିକୁ ବିବେଚନା କରି ଦେଖିବାକୁ ହେବ—କେଉଁଠୁ ଓ କିପରିଭାବରେ ବସ୍ତୁର ଉତ୍ପତ୍ତି ଘଟୁଛି । ଯେଉଁସବୁ ଯୁକ୍ତି ଦେଇ ଭବିଷ୍ୟତ ଅବସ୍ଥାନ ପ୍ରମାଣ କରାଯାଏ, ସେହି ଯୁକ୍ତିଗୁଡ଼ିକ ଅତୀତ ଅସ୍ତିତ୍ୱକୁ ପ୍ରମାଣ କରେ । ଈଶ୍ୱରଙ୍କ ଇଚ୍ଛା ବ୍ୟତୀତ ଅନ୍ୟ କାରଣକୁ ସ୍ୱୀକାର କରିବା ପ୍ରୟୋଜନ । ବଂଶଗତି-ଦ୍ୱାରା ବ୍ୟାଖ୍ୟା ଯଥେଷ୍ଟ ନୁହେଁ । କେହି କେହି କହନ୍ତି, 'କାହିଁ, ଆମେ ତ ପୂର୍ବଜନ୍ମ କଥା ସ୍ମରଣ କରିପାରୁ ନାହୁଁ ।' କିନ୍ତୁ ଏପରି ଅନେକ ଉଦାହରଣ ମିଳିଛି, ଯେଉଁଠାରେ ପୂର୍ବଜନ୍ମର ସ୍ପଷ୍ଟ ସ୍ମୃତି ବିଦ୍ୟମାନ । ଏଠାରେ ଜନ୍ମାନ୍ତରବାଦର ବୀଜ ନିହିତ । ହିନ୍ଦୁମାନଙ୍କର ଇତର ପ୍ରାଣୀ ପ୍ରତି ଦୟାଭାବ ଦେଖି ଅନେକେ ମନେକରନ୍ତି, ହିନ୍ଦୁମାନେ ହୀନ ଯୋନିରେ ଜନ୍ମାନ୍ତର ବିଶ୍ୱାସ କରନ୍ତି । ଏମାନେ ନିମ୍ନ ପ୍ରାଣୀ ପ୍ରତି ଦୟାଭାବକୁ କୁସଂସ୍କାର ବ୍ୟତୀତ ଅନ୍ୟ କିଛି ମନେକରିପାରନ୍ତି ନାହିଁ । ଜନୈକ ପ୍ରାଚୀନ ହିନ୍ଦୁ ଋଷି ଧର୍ମର ସଂଜ୍ଞା ଦେଇଛନ୍ତି : ଯାହା ମନୁଷ୍ୟକୁ ଉନ୍ନତ କରେ ତାହାର ନାମ ଧର୍ମ । ପଶୁତ୍ୱକୁ ଦୂର କରିବାକୁ ହେବ । ମାନବତ୍ୱକୁ ଦେବତ୍ୱ ଆଡ଼କୁ ନେଇଯିବାକୁ ହେବ । ଜନ୍ମାନ୍ତରବାଦ ମନୁଷ୍ୟକୁ ଏହି କ୍ଷୁଦ୍ର ପୃଥିବୀରେ ସୀମାବଦ୍ଧ କରି ରଖେ ନାହିଁ । ମନୁଷ୍ୟର ଆତ୍ମା ଅନ୍ୟ ଉଚ୍ଚତର ଲୋକକୁ ଯାଇ ମହତ୍ତର ଜୀବନ ଲାଭ କରିପାରେ । ପାଞ୍ଚଟି ଇନ୍ଦ୍ରିୟ ପରିବର୍ତ୍ତେ ତା'ର ଆଠଟି ଇନ୍ଦ୍ରିୟ ଆସିପାରେ । ଏହିପରି ଉଚ୍ଚତର କ୍ରମବିକାଶ ଲାଭ କରି ଅବଶେଷରେ ସେ ପୂର୍ଣ୍ଣତାର ପରାକାଷ୍ଠା—ଅମୃତତ୍ୱ ଲାଭ କରିବ । ମହାଜନମାନଙ୍କର ଲୋକସମୂହରେ ସେତେବେଳେ ସେ ନିର୍ବାଣର ଗଭୀର ଆନନ୍ଦ ଉପଲବ୍ଧି କରୁଥିବ ।

## ହିନ୍ଦୁ ସଭ୍ୟତା

[ ଯଦିଓ ଷ୍ଟ୍ରିୟାଟର୍ ସହରରେ ଅକ୍ଟୋବର ୯ ତାରିଖରେ ପ୍ରଦତ୍ତ ସ୍ୱାମୀଜୀଙ୍କର ବକ୍ତୃତାରେ ବହୁ ଲୋକଙ୍କର ସମାଗମ ହୋଇଥିଲା, 'ଷ୍ଟ୍ରିୟାଟର୍ ଡେଲି ଫ୍ରୀପ୍ରେସ୍' (୯ ଅକ୍ଟୋବର) କେବଳ ନିମ୍ନଲିଖିତ ବିବରଣୀ ପରିବେଷଣ କରିଛନ୍ତି । ]

ଅପେରା ହାଉସ୍‌ରେ ଶନିବାର ରାତିରେ ଏହି ଖ୍ୟାତନାମା ହିନ୍ଦୁଙ୍କର ବକ୍ତୃତା ଖୁବ୍ ଚିତ୍ତାକର୍ଷକ ହୋଇଥିଲା । ତୁଳନାମୂଳକ ଭାଷାବିଦ୍ୟା ସାହାଯ୍ୟରେ ସେ ଆର୍ଯ୍ୟଜାତିସମୂହ ଏବଂ ନୂତନ ଗୋଲାର୍ଦ୍ଧରେ ସେମାନଙ୍କର ବଂଶଧରମାନଙ୍କ ମଧ୍ୟରେ ବହୁପୂର୍ବରୁ ସ୍ୱୀକୃତ ସମ୍ବନ୍ଧ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ଭାରତବର୍ଷର ସ୍ତରଭାଗରୁ ନିମ୍ନଭାଗ ଜନସାଧାରଣ ଯାହାଦ୍ୱାରା ଅତ୍ୟନ୍ତ ହୀନ ଭାବରେ ନିପୀଡ଼ିତ, ସେହି-ଜାତିଭେଦ-ପ୍ରଥାର ସେ ମୃଦୁ ସମର୍ଥନ କରିଥିଲେ, ଏବଂ ଗର୍ବର ସହିତ ଏହା ମଧ୍ୟ କହିଲେ ଯେ, ଯେଉଁ ଭାରତବର୍ଷ ଶତାବ୍ଦୀ ପରେ ଶତାବ୍ଦୀ ଧରି

ପୃଥିବୀର କ୍ଷମତାଦୃପ୍ତ ଜାତିସମୂହର ଉତ୍ଥାନ ଓ ପତନ ଦେଖିଆସିଛି, ସେହି ଭାରତବର୍ଷ ଏବେ ମଧ୍ୟ ବଞ୍ଚିଛି । ସ୍ୱାମୀ ବିବେକାନନ୍ଦ ତାଙ୍କର ଦେଶବାସୀଙ୍କ ପରି ଅତୀତକୁ ଭଲପାଆନ୍ତି । ତାଙ୍କର ଜୀବନ ନିଜ ପାଇଁ ନୁହେଁ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ତାଙ୍କର ସ୍ୱଦେଶରେ ଭିକ୍ଷାବୃତ୍ତି ଏବଂ ପଦବ୍ରଜରେ ଭ୍ରମଣକୁ ଖୁବ୍ ଉତ୍ସାହିତ କରାଯାଏ, ତେବେ ସେ ତାଙ୍କର ବକ୍ତୃତାରେ ସେକଥାର ବିଶେଷ ଉଲ୍ଲେଖ କରି ନାହାନ୍ତି । ଭାରତୀୟ ଗୃହରେ ରନ୍ଧା ହେବା ପରେ ପ୍ରଥମେ କୌଣସି ଅତିଥିକୁ ଖାଇବାକୁ ଦିଆ ହୁଏ । ତା'ପରେ ଗୃହପାଳିତ ପଶୁ, ଗୃହପରିବାର ଏବଂ ଗୃହସ୍ୱାମୀଙ୍କୁ ଖୁଆଇ ସାରି ଘରର ସ୍ତ୍ରୀଲୋକମାନେ ଅନ୍ନଗ୍ରହଣ କରନ୍ତି । ଦଶବର୍ଷ ବୟସ ହେଲେ ପୁଅମାନେ ଗୁରୁ-ଗୃହକୁ ଯାଆନ୍ତି । ଗୁରୁ ଦଶବର୍ଷଠାରୁ କୋଡ଼ିଏ-ବର୍ଷ ପର୍ଯ୍ୟନ୍ତ ସେମାନଙ୍କୁ ଶିକ୍ଷାଦାନ କରନ୍ତି । ତା'ପରେ ସେମାନେ ଘରକୁ ଫେରି ପାରିବାରିକ ପେଶା ଅବଲମ୍ବନ କରନ୍ତି ଅଥବା ପରିବ୍ରାଜକ ସନ୍ନ୍ୟାସୀ ହୁଅନ୍ତି । ସେକ୍ଷେତ୍ରରେ ସେମାନଙ୍କର ଜୀବନ ଅନବରତ ଭ୍ରମଣ, ଭଗବତ୍-ସାଧନା ଏବଂ ଧର୍ମପ୍ରଚାରରେ କଟିଯାଏ । ଯେଉଁ ଅଶନ-ବସନ ଲୋକମାନେ ସ୍ୱେଚ୍ଛାରେ ସେମାନଙ୍କୁ ଦିଅନ୍ତି, ସେତିକରେ ସନ୍ତୁଷ୍ଟ ରହିବାକୁ ପଡ଼େ; ସେମାନେ ଟଙ୍କାପଇସା କେବେହେଲେ ସ୍ପର୍ଶ କରନ୍ତି ନାହିଁ । ବିବେକାନନ୍ଦ ଏହି ଶେଷୋକ୍ତ ଶ୍ରେଣୀର । ବୃଦ୍ଧ ବୟସରେ ଲୋକମାନେ ସଂସାର ତ୍ୟାଗ କରନ୍ତି ଏବଂ କିଛି କାଳ ଶାସ୍ତ୍ରପାଠ ଏବଂ ତପସ୍ୟା କରି ଯଦି ଆତ୍ମଶୁଦ୍ଧି ଅନୁଭବ କରନ୍ତି, ସେତେବେଳେ ସେମାନେ ମଧ୍ୟ ଧର୍ମ-ପ୍ରଚାରରେ ଲାଗିଯାଆନ୍ତି । ବକ୍ତା କହିଲେ ଯେ, ମାନସିକ ଉନ୍ନତି ପାଇଁ ଅବସର ପ୍ରୟୋଜନ । ଏ ଦେଶର ଆଦିବାସୀ—ଯେଉଁମାନଙ୍କୁ କଲମ୍ବସ ବର୍ବର ଅବସ୍ଥାରେ ଦେଖିଥିଲେ, ସେମାନଙ୍କୁ ସୁଶିକ୍ଷା ନ ଦେବା ଯୋଗୁଁ ସେ ଆମେରିକାନ୍ ଜାତିକୁ ସମାଲୋଚନା କଲେ । ଏହି ବିଷୟରେ ପ୍ରକୃତ ଅବସ୍ଥା ସମ୍ବନ୍ଧରେ ସେ ତାଙ୍କର ଅଜ୍ଞତାର ପରିଚୟ ଦେଇଛନ୍ତି । ତାଙ୍କର ବକ୍ତୃତା ଅତି ମାତ୍ରାରେ ସଂକ୍ଷିପ୍ତ । ଯାହା ସେ କହିଛନ୍ତି, ତାହା ତୁଳନାରେ ଅନେକ ବେଶୀ ଗୁରୁତ୍ୱପୂର୍ଣ୍ଣ ବିଷୟ ସେ ଅନୁକ୍ତ ରଖିଛନ୍ତି ।

## ଗୋଟିଏ ଚିତ୍ତାକର୍ଷକ ବକ୍ତୃତା

'ଉଇସ୍କନ୍‌ସିନ୍ ଷ୍ଟେଟ୍ ଜର୍ଣ୍ଣାଲ୍', ୨୧ ନଭେମ୍ବର ୧୮୯୩

ସୁପ୍ରସିଦ୍ଧ ହିନ୍ଦୁ ସନ୍ନ୍ୟାସୀ ବିବେକାନନ୍ଦ ମ୍ୟାଡିସନ୍ ସହରର କଂଗ୍ରିଗେସନାଲ୍ ଚର୍ଚ୍ଚରେ ଗତ ରାତିରେ ଯେଉଁ ବକ୍ତୃତା ଦେଇଥିଲେ, ତାହା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା । ତାହା ଗଭୀର ଦାର୍ଶନିକ ଚିନ୍ତା ଏବଂ ମନୋଜ୍ଞ ଧର୍ମଭାବବ୍ୟଞ୍ଜକ । ଯଦିଓ ବକ୍ତା ଜଣେ ପୌତ୍ତଳିକ, ତଥାପି ତାଙ୍କର ଉପଦେଶାବଳୀର ଅଧିକାଂଶ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଅନାୟାସରେ ଅନୁସରଣ କରିପାରନ୍ତି । ତାଙ୍କର ଧର୍ମମତ ବିଶ୍ୱବ୍ରହ୍ମାଣ୍ଡ ପରି ଉଦାର । ସବୁ ଧର୍ମକୁ ସେ ମାନନ୍ତି । ଯେଉଁଠାରେ ସତ୍ୟର ସନ୍ଧାନ ମିଳେ, ସେଠାରୁ ସେ ତାକୁ ଗ୍ରହଣ କରିବାକୁ

ଉନ୍ନ୍ୟନ । ସେ ଘୋଷଣା କଲେ ଯେ, ଭାରତୀୟ ଧର୍ମସମୂହରେ ମତାନ୍ଧତା, କୁସଂସ୍କାର ଏବଂ ଅଳସ କ୍ରିୟାକଳାପର କୌଣସି ସ୍ଥାନ ନାହିଁ ।

## ହିନ୍ଦୁଧର୍ମ

'ମିନିଆପଲିସ ଷ୍ଟାର୍', ୨୫ ନଭେମ୍ବର ୧୮୯୩

ଗତକାଲି ସନ୍ଧ୍ୟାରେ ଫାଷ୍ଟ ଇଉନିଟାରିଆନ୍ ଚର୍ଚ୍ଚରେ (ମିନିଆପଲିସ୍ ସହରରେ) ସ୍ୱାମୀ ବିବେକାନନ୍ଦ ହିନ୍ଦୁଧର୍ମ ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ । ବ୍ରାହ୍ମଣ୍ୟଧର୍ମ ପ୍ରାଚୀନ ଚିରନ୍ତନ ସତ୍ୟସମୂହର ମୂର୍ତ୍ତି ପ୍ରକାଶ, ସେଥିପାଇଁ ତାହା ସ୍ୱକୀୟ ସମସ୍ତ ସୂକ୍ଷ୍ମ ଭାବରାଶି ଦ୍ୱାରା ଶ୍ରୋତୃବୃନ୍ଦଙ୍କୁ ବିଶେଷ ଭାବରେ ଅଭିନିବିଷ୍ଟ କରିଥିଲା । ଶ୍ରୋତୃମଣ୍ଡଳୀଙ୍କ ମଧ୍ୟରେ ବହୁ ଚିନ୍ତାଶୀଳ ନରନାରୀ ଥିଲେ, କାରଣ ବକ୍ତାଙ୍କୁ ଆମନ୍ତ୍ରଣ କରିଥିଲେ 'ପେରିପ୍ୟାଟେଟିକସ୍' ନାମକ ଦାର୍ଶନିକ ସମିତି । ନାନା ଖ୍ରୀଷ୍ଟାନ୍ ସମ୍ପ୍ରଦାୟର ଧର୍ମଯାଜକ ଏବଂ ଅନେକ ପଣ୍ଡିତ ବ୍ୟକ୍ତି ଓ ଛାତ୍ରଗଣ ସଭାରେ ଉପସ୍ଥିତ ଥିଲେ । ବିବେକାନନ୍ଦ ଜଣେ ବ୍ରାହ୍ମଣ ଧର୍ମଯାଜକ । ସେ ତାଙ୍କର ଦେଶୀୟ ପୋଷାକରେ ଆସିଥିଲେ—ମୁଣ୍ଡରେ ପଗଡ଼ି, ଅଣ୍ଟାରେ ଲାଲ କମରପଟି ଦେଇ ବନ୍ଧା ଯାଇଥିବା ଆଲଖାଲ୍ଲା ଏବଂ ନିମ୍ନଦେଶରେ ମଧ୍ୟ ଲାଲ ପରିଚ୍ଛଦ ।

ସେ ତାଙ୍କ ଧର୍ମର ଶିକ୍ଷାସମୂହ ଅତ୍ୟନ୍ତ ଆନ୍ତରିକତା ସହକାରେ ଧୀର ଏବଂ ସ୍ପଷ୍ଟ ଭାବରେ ଉପସ୍ଥାପିତ କରୁଥିଲେ; ଭାଷାଗତ ବାଗ୍‌ବିଳାସ ଅପେକ୍ଷା ଶାନ୍ତ ବଚନ-ଭଙ୍ଗୀ ଦ୍ୱାରା ସେ ଶ୍ରୋତୃବୃନ୍ଦଙ୍କ ମନରେ ଦୃଢ଼ ପ୍ରତ୍ୟୟ ଆଣି ଦେଉଥିଲେ । ତାଙ୍କର କଥାଗୁଡ଼ିକ ଖୁବ୍ ସାବଧାନତା ସହକାରେ ପ୍ରଯୁକ୍ତ । ସେସବୁର ଅର୍ଥ ମଧ୍ୟ ଖୁବ୍ ପରିଷ୍କାର । ହିନ୍ଦୁଧର୍ମର ସରଳତମ ସତ୍ୟଗୁଡ଼ିକ ସେ ପ୍ରକାଶ କରିଥିଲେ । ଖ୍ରୀଷ୍ଟଧର୍ମ ସମ୍ବନ୍ଧରେ ସେ କୌଣସି କଟୂକ୍ତି ନ କଲେ ମଧ୍ୟ ଏପରି ଭାବରେ ତା' ପ୍ରସଙ୍ଗରେ କହୁଥିଲେ, ଯଦ୍ୱାରା ବ୍ରାହ୍ମଣ୍ୟ ଧର୍ମକୁ ହିଁ ପୁରୋଭାଗରେ ରଖା ହେଉଥିଲା । ହିନ୍ଦୁଧର୍ମର ସର୍ବାଗଗାମୀ ଚିନ୍ତା ଏବଂ ମୁଖ୍ୟ ଭାବ ହେଉଛି—ମାନବାତ୍ମାର ସ୍ୱାଭାବିକ ଦେବତ୍ୱ । ଆତ୍ମା ପୂର୍ଣ୍ଣତ୍ୱସ୍ୱରୂପ, ଧର୍ମର ଲକ୍ଷ୍ୟ ହେଲା ମନୁଷ୍ୟର ଏହି ସହଜାତ ପୂର୍ଣ୍ଣତାକୁ ବିକାଶ କରିବା । ବର୍ତ୍ତମାନ କାଳ କେବଳ ଅତୀତ ଓ ଭବିଷ୍ୟତର ମଧ୍ୟବର୍ତ୍ତୀ ସୀମା-ରେଖା । ମନୁଷ୍ୟ ଭିତରେ ଭଲ ଏବଂ ମନ୍ଦ ଦୁଇ ପ୍ରକାର ପ୍ରବୃତ୍ତି ରହିଛି । ସତ୍ ସଂସ୍କାର ବଳବାନ୍ ହେଲେ ମନୁଷ୍ୟ ଉଚ୍ଚତର ଗତି ଲାଭ କରେ; ଅସତ୍ ସଂସ୍କାରର ପ୍ରାଧାନ୍ୟରେ ସେ ନିମ୍ନଗାମୀ ହୁଏ । ଏହି ଦୁଇଟି ଶକ୍ତି ଅନବରତ ତା' ମଧ୍ୟରେ କାର୍ଯ୍ୟ କରୁଛି । ଧର୍ମ ମନୁଷ୍ୟକୁ ଉନ୍ନତ କରେ, ଏବଂ ଅଧର୍ମ ତା'ର ଅଧଃପତନ ଘଟାଏ ।

କାନନ୍ଦ ଆଗାମୀ କାଲି ସକାଳେ ଫାଷ୍ଟ ଇଉନିଟାରିଆନ୍ ଚର୍ଚ୍ଚରେ ବକ୍ତୃତା ଦେବେ ।

'ଡେ ମଏନ୍ସ୍ ନିଉଜ', ୨୮ ନଭେମ୍ବର ୧୮୯୩

ସୁଦୂର ଭାରତବର୍ଷରୁ ଆଗତ ମନୀଷୀ ପଣ୍ଡିତ ସ୍ୱାମୀ ବିବେକାନନ୍ଦ ଗତ ରାତ୍ରରେ ସେଣ୍ଟ୍ରାଲ ଚର୍ଚ୍ଚରେ ବକ୍ତୃତା ଦେଇଥିଲେ । ଚିକାଗୋର ବିଶ୍ୱମେଳା ଉପଲକ୍ଷରେ ସମ୍ପ୍ରତି ଅନୁଷ୍ଠିତ ଧର୍ମ-ମହାସଭାରେ ସେ ତାଙ୍କ ଦେଶର ଓ ଧର୍ମର ପ୍ରତିନିଧିରୂପେ ଆସିଥିଲେ । ରେଭରେଣ୍ଡ ଏଇଚ. ଓ. ବ୍ରିଡେନ୍ ବକ୍ତାଙ୍କୁ ଶ୍ରୋତୃମଣ୍ଡଳୀଙ୍କ ନିକଟରେ ପରିଚିତ କରାଇ-ଦେଲେ । ବକ୍ତା ଛିଡ଼ା ହୋଇ ସମବେତ ସମସ୍ତଙ୍କୁ ମୁଣ୍ଡ ନୁଆଁଇ ଅଭିବାଦନ କରିବା ପରେ ତାଙ୍କର ଭାଷଣ ଆରମ୍ଭ କଲେ । ବିଷୟ ଥିଲା—ହିନ୍ଦୁଧର୍ମ । ତାଙ୍କର ବକ୍ତୃତା ଗୋଟିଏ ନିର୍ଦ୍ଦିଷ୍ଟ ଚିନ୍ତାଧାରା ମଧ୍ୟରେ ସୀମାବଦ୍ଧ ନ ଥିଲା । ତାଙ୍କର ନିଜର ଧର୍ମ ଏବଂ ଅନ୍ୟାନ୍ୟ ଧର୍ମମତ ସମ୍ପର୍କରେ ସେ ଯେଉଁସବୁ ଦାର୍ଶନିକ ଧାରଣା ପୋଷଣ କରନ୍ତି, ତା'ର କେତେକ ପରିଚୟ ସେହି ବକ୍ତୃତାରୁ ଜଣାଯାଇଥିଲା । ତାଙ୍କ ମତରେ ଶ୍ରେଷ୍ଠ ଖ୍ରୀଷ୍ଟାନ୍ ହେବାକୁ ହେଲେ ସବୁ ଧର୍ମ ସହିତ ପରିଚୟ ଅତ୍ୟାବଶ୍ୟକ । ଗୋଟିଏ ଧର୍ମରେ ଯାହା ନାହିଁ, ଅପର ଏକ ଧର୍ମରୁ ତାହା ନିଆଯାଇପାରେ । ଏଥିରେ କୌଣସି କ୍ଷତି ନାହିଁ । ପ୍ରକୃତ ଖ୍ରୀଷ୍ଟାନ୍ ପକ୍ଷରେ ଏହା ପ୍ରୟୋଜନୀୟ । ବିବେକାନନ୍ଦ କହିଲେ, 'ତୁମେମାନେ ଯେତେବେଳେ ଆମ ଦେଶକୁ କୌଣସି ମିଶନାରୀଙ୍କୁ ପଠାଅ, ସେ ହିନ୍ଦୁ-ଖ୍ରୀଷ୍ଟାନ୍‌ରେ ପରିଣତ ହୁଅନ୍ତି; ପକ୍ଷାନ୍ତରେ ମୁଁ ତୁମମାନଙ୍କ ଦେଶକୁ ଆସି ଖ୍ରୀଷ୍ଟାନ-ହିନ୍ଦୁ ହୋଇଛି । ମୋତେ ଏହି ଦେଶରେ ଅନେକ ଥର ପଚରାଯାଇଛି, ମୁଁ ଏଠାରେ ଲୋକମାନଙ୍କୁ ଧର୍ମାନ୍ତରିତ କରିବାର ଚେଷ୍ଟା କରେ କି ନାହିଁ ? ଏହି ପ୍ରଶ୍ନକୁ ମୁଁ ଅପମାନଜନକ ବୋଲି ମନେକରେ । ମୁଁ ଧର୍ମ-ପରିବର୍ତ୍ତନରେ ବିଶ୍ୱାସ କରେ ନାହିଁ । ଆଜି କୌଣସି ବ୍ୟକ୍ତି ପାପକାର୍ଯ୍ୟରେ ରତ ହୋଇଛି, ତୁମମାନଙ୍କର ଧାରଣା—କାଲି ଯଦି ସେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୁଏ, ତେବେ ଧୀରେ ଧୀରେ ସେ ସାଧୁତ୍ୱ ଲାଭ କରିବ । କିନ୍ତୁ ପ୍ରଶ୍ନ ଉଠେ, ଏହି ପରିବର୍ତ୍ତନ କୁଆଡ଼ୁ ଆସେ ? ଏହାର ବ୍ୟାଖ୍ୟା କ'ଣ ? ସେହି ବ୍ୟକ୍ତିର ତ ଗୋଟିଏ ନୂଆ ଆତ୍ମା ହୋଇ ନାହିଁ, କାରଣ ପୂର୍ବ ଆତ୍ମା ମଲେ ଯାଇ ନୂଆ ଆତ୍ମାର ଆବିର୍ଭାବ କଥା ଉଠିବ । କହିପାର, ଭଗବାନ ତା' ଭିତରେ ପରିବର୍ତ୍ତନ ଆଣି ଦେଇଛନ୍ତି । ଭଲ କଥା, କିନ୍ତୁ ଭଗବାନ ତ ପୂର୍ଣ୍ଣ, ସର୍ବଶକ୍ତିମାନ୍ ଓ ପବିତ୍ରତାର ସ୍ୱରୂପ । ତାହାହେଲେ ପ୍ରସଙ୍ଗୋକ୍ତ ବ୍ୟକ୍ତିର ଖ୍ରୀଷ୍ଟାନ୍ ହେବା ପରେ ଭଗବାନ ପୂର୍ବର ସେହି ଭଗବାନ ହୋଇ ରହନ୍ତି, କେବଳ ଯେଉଁ ପରିମାଣର ସାଧୁତା ସେ ସେହି ବ୍ୟକ୍ତିକୁ ଦେଇଥିଲେ, ତାହା କମିଯିବ ।

ଆମ ଦେଶରେ ଦୁଇଟି ଶବ୍ଦ ଅଛି, ଯାହାର ଅର୍ଥ ଏ ଦେଶରେ ସମ୍ପୂର୍ଣ୍ଣ ଭିନ୍ନ । ଶବ୍ଦ ଦୁଇଟି ହେଉଛି 'ଧର୍ମ' ଏବଂ 'ସମ୍ପ୍ରଦାୟ' । ଆମ ଧାରଣାରେ ଧର୍ମ ହେଲା ସେହି ସାର୍ବଜନୀନ ସତ୍ୟ, ଯାହା ସବୁ ଧର୍ମ ମଧ୍ୟରେ ଅନୁସ୍ୟୂତ । ଆମେ ପରମତ-ଅସହିଷ୍ଣୁତା ଛଡ଼ା ଆଉ ସବୁ କିଛି ସହ୍ୟ କରୁ । ଅପର ଶବ୍ଦଟି—'ସମ୍ପ୍ରଦାୟ'ର ଅର୍ଥ ହେଲା ଗୋଟିଏ ସମମତ-ସମର୍ଥକ ସଙ୍ଖ୍ୟାନିଷ୍ଠ ବ୍ୟକ୍ତିମାନଙ୍କର ଦଳ, ଯେଉଁମାନେ ନିଜ ନିଜକୁ ଧାର୍ମିକତାର ଆବରଣରେ ସର୍ବାଙ୍ଗ ଆବୃତ କରି କହନ୍ତି, 'ଆମର ମତ ହିଁ ଠିକ୍, ତୁମେମାନେ ଭୁଲ ବାଟରେ ଯାଉଛ ।' ଏମାନଙ୍କ

ପ୍ରସଙ୍ଗରେ ମୋର ଦୁଇଟି ବେଙ୍ଗର ଗଳ୍ପଟି ମନେପଡ଼ଗଲା ।

କୌଣସି ଗୋଟିଏ କୂଅରେ ଗୋଟିଏ ବେଙ୍ଗର ଜନ୍ମ ହେଲା । ବସ୍ତୁତଃ ସାରାଜୀବନ ସେଠାରେ କଟାଇବାକୁ ଲାଗିଲା । ହଠାତ୍ ସମୁଦ୍ରର ଗୋଟିଏ ବେଙ୍ଗ ସେହି କୂଅ ଭିତରେ ପଡ଼ିଗଲା । ଦୁଇ ଜଣଙ୍କ ଭିତରେ ସମୁଦ୍ର ବିଷୟରେ ଗପ ଆରମ୍ଭ ହେଲା । କୂପମଣ୍ଡୂକ ଆଗନ୍ତୁକକୁ ପଚାରିଲା, ସମୁଦ୍ର କେତେ ବଡ଼ ? ସାଦାସିଧା କୌଣସି ଉତ୍ତର ନ ପାଇ ସେ କୂଅର ଗୋଟିଏ କୋଣରୁ ଅପର ଏକ କୋଣକୁ ଡେଇଁପଡ଼ି ପଚାରିଲା, ଏତେ ବଡ଼ କି ନୁହେଁ ? ଆଗନ୍ତୁକ କହିଲା, ତା'ଠାରୁ ବଡ଼ । ସେତେବେଳେ କୂଅବେଙ୍ଗ ଆହୁରି ଟିକିଏ ବେଶୀ ବାଟ ଡେଇଁ ପଚାରିଲା—ଅଚ୍ଛା, ତେବେ କ'ଣ ଏତେ ବଡ଼ ? ସାଗର-ବେଙ୍ଗ ଯେତେବେଳେ ଉତ୍ତର ଦେଲା—ତା'ଠାରୁ ବଡ଼—ସେତେବେଳେ କୂପମଣ୍ଡୂକ ମନେ ମନେ ଭାବିଲା—ଏହି ବେଙ୍ଗ ନିଶ୍ଚୟ ମିଥ୍ୟାବାଦୀ ! ମୁଁ ତାକୁ ମୋ କୂଅରେ ଜାଗା ଦେବି ନାହିଁ । ସମ୍ପ୍ରଦାୟଗୁଡ଼ିକର ମଧ୍ୟ ସେହି ସମାନ ଅବସ୍ଥା । ସେମାନଙ୍କର ମତରେ ଯେଉଁମାନେ ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କୁ ସେମାନେ ଦୂର କରିଦେବାକୁ ଏବଂ ପଦଦଳିତ କରିବାକୁ ଚାହାଁନ୍ତି ।*

## ହିନ୍ଦୁ ସନ୍ନ୍ୟାସୀ

'ଆପିଲ୍-ଆଭାଲାଞ୍ଚ୍', ୧୬ ଜାନୁଆରି ୧୮୯୪

ସ୍ୱାମୀ ବିବେକାନନ୍ଦ ନାମରେ ଯେଉଁ ହିନ୍ଦୁ ସନ୍ନ୍ୟାସୀ ଆଜି ରାତିରେ ଏଠାକାର (ମେମ୍ଫିସ୍ ସହରରେ) ବକ୍ତୃତା-ଗୃହରେ ଭାଷଣ ଦେବେ, ସେ ଏ ଦେଶରେ ଅଦ୍ୟାବଧି ଧର୍ମସଭାରେ ବା ବକ୍ତୃତା-ମଞ୍ଚରେ ଉପସ୍ଥିତ ଶ୍ରେଷ୍ଠ ବାଗ୍ମୀମାନଙ୍କ ମଧ୍ୟରେ ଅନ୍ୟତମ । ତାଙ୍କର ଅତୁଳନୀୟ ବାଗ୍ମିତା, ଅତୀନ୍ଦ୍ରିୟ ବିଷୟରେ ଗଭୀର ଉପଲବ୍ଧି, ତର୍କପଟୁତା ଏବଂ ଉଦାର ଆନ୍ତରିକତା ବିଶ୍ୱଧର୍ମ-ସମ୍ମେଳନର ବିଶିଷ୍ଟ ଚିନ୍ତାନାୟକମାନଙ୍କର ପ୍ରଖର ମନୋଯୋଗ ଏବଂ ସହସ୍ର ସହସ୍ର ନରନାରୀଙ୍କର ପ୍ରଶଂସା ଆକର୍ଷଣ କରିଥିଲା । ତା'ପରଠାରୁ ଆମେରିକା ଯୁକ୍ତରାଷ୍ଟ୍ରର ଅନ୍ୟାନ୍ୟ ରାଜ୍ୟରେ ସେ ବକ୍ତୃତା ଦେଇଛନ୍ତି ଏବଂ ଲୋକମାନେ ତାଙ୍କ କଥା ଶୁଣି ମୁଗ୍ଧ ହୋଇଛନ୍ତି ।

ବିବେକାନନ୍ଦ କଥୋପକଥନରେ ଅତ୍ୟନ୍ତ ଅମାୟିକ ଭଦ୍ରଲୋକ । ଭାଷାରେ ସେ ଯେଉଁସବୁ ଶବ୍ଦ ବ୍ୟବହାର କରନ୍ତି, ତାହା ଇଂରେଜୀ ଭାଷାର ରତ୍ନବିଶେଷ । ତାଙ୍କର ଚାଲିଚଳନ ଅତ୍ୟନ୍ତ ସୁସଂସ୍କୃତ, ପାଶ୍ଚାତ୍ୟ ଶିଷ୍ଟାଚାର ଓ ରୀତିନୀତିର ସମକକ୍ଷ । ମନୁଷ୍ୟ

* ଧର୍ମାନ୍ତରୀକରଣ ସମ୍ବନ୍ଧରେ ସ୍ୱାମୀଜୀଙ୍କର ଯୁକ୍ତି ଯେ ରିପୋର୍ଟର୍ ସ୍ଥାନେ ସ୍ଥାନେ ଧରିପାରି ନାହାନ୍ତି ତାହା ସୁସ୍ପଷ୍ଟ । ତଥାପି ଯେତିକି ସେ ଲିପିବଦ୍ଧ କରିପାରିଛନ୍ତି, ସେଥିରୁ ସ୍ୱାମୀଜୀଙ୍କର ଭାବଧାରା ସହିତ ପରିଚିତ ପାଠକ ସ୍ୱାମୀଜୀଙ୍କର ଏହି କଥାର ମର୍ମାର୍ଥ ଗ୍ରହଣ କରିପାରିବେ ।

ହିସାବରେ ତାଙ୍କର ସାହଚର୍ଯ୍ୟ ଖୁବ୍ ହୃଦୟଗ୍ରାହୀ ଏବଂ କଥାବାର୍ତ୍ତାରେ ପାଶ୍ଚାତ୍ୟ ଜଗତର ଯେକୌଣସି ସହରର ବୈଠକଖାନାରେ ସେ ବୋଧହୁଏ ଅପରାଜେୟ । ସେ କେବଳ ପ୍ରାଞ୍ଜଳ ନୁହନ୍ତି, ଅନର୍ଗଳ ଭାବରେ ଇଂରେଜୀ କହିପାରନ୍ତି, ଏବଂ ତାଙ୍କର ଅଭିନବ ଦୀପ୍ତିମାନ୍ ଭାବରାଶି ଆଲଙ୍କାରିକ ଭାଷାର ଚମକପ୍ରଦ ପ୍ରବାହରେ ସତେ ଯେପରି ତାଙ୍କର ଜିହ୍ୱାରୁ ଓହ୍ଲାଇ ଆସେ ।

ସ୍ୱାମୀ ବିବେକାନନ୍ଦ ବ୍ରାହ୍ମଣବଂଶରେ ଜନ୍ମଗ୍ରହଣ କରିଛନ୍ତି ଏବଂ ବ୍ରାହ୍ମଣ-ଜନୋଚିତ ଶିକ୍ଷା-ଦୀକ୍ଷାରେ ପାଳିତ ହୋଇଛନ୍ତି; କିନ୍ତୁ ପରେ ସେ ଜାତି ଓ କୁଳମର୍ଯ୍ୟାଦା ତ୍ୟାଗ କରି ଧର୍ମଯାଜକ ବା ପ୍ରାଚ୍ୟଦେଶର ଆଦର୍ଶରେ ଯାହାକୁ 'ସନ୍ନ୍ୟାସୀ' କୁହାଯାଏ, ତାହା ହୋଇଛନ୍ତି । ସେ ସବୁବେଳେ ଈଶ୍ୱରଙ୍କ ସମ୍ବନ୍ଧରେ ମହତ୍ତମ ଧାରଣା ପୋଷଣ କରି ଆସିଛନ୍ତି ଏବଂ ସେହି ଧାରଣାର ଅଙ୍ଗୀଭୂତ ରହସ୍ୟମୟ ବିଶ୍ୱପ୍ରକୃତିର ଚୈତନ୍ୟାତ୍ମକତାରେ ବିଶ୍ୱାସୀ । ବିବେକାନନ୍ଦ ବହୁବର୍ଷ ଭାରତବର୍ଷର ଉଚ୍ଚତର ବିଦ୍ୟାର ସାଧନାରେ ଏବଂ ପ୍ରଚାରରେ ବିତାଇଛନ୍ତି । ଏହା ଫଳରେ ସେ ଏପରି ପ୍ରଗାଢ଼ ଜ୍ଞାନ ଆହରଣ କରିଛନ୍ତି ଯେ, ସାରା ପୃଥିବୀରେ ଏହି ଯୁଗର ମହାନ୍ ଚିନ୍ତାଶୀଳ ପଣ୍ଡିତମାନଙ୍କ ମଧ୍ୟରୁ ଅନ୍ୟତମ ଭାବରେ ସେ ବିଖ୍ୟାତ ।

ବିଶ୍ୱଧର୍ମ-ସମ୍ମେଳନରେ ତାଙ୍କର ଅତ୍ୟାଶ୍ଚର୍ଯ୍ୟ ପ୍ରଥମ ବକ୍ତୃତା ତତ୍‌କ୍ଷଣାତ୍ ସମବେତ ବିଶିଷ୍ଟ ଧର୍ମନାୟକମାନଙ୍କ ମଧ୍ୟରେ ତାଙ୍କୁ ଚିହ୍ନିତ କରି ଦେଇଥିଲା । ସମ୍ମେଳନର ଅଧିବେଶନ-ସମୂହରେ ତାଙ୍କ ଧର୍ମ ସପକ୍ଷରେ ସେ ଅନେକ ଥର କହିଛନ୍ତି । ମନୁଷ୍ୟର ଓ ତା'ର ସ୍ରଷ୍ଟାଙ୍କ ପ୍ରତି ମନୁଷ୍ୟର ଉଚ୍ଚତର କର୍ତ୍ତବ୍ୟ-ସମ୍ବନ୍ଧ ନିର୍ଣ୍ଣୟ କରି ତାଙ୍କ ମୁଖରୁ ଏପରି କେତେଗୁଡ଼ିଏ କଥା ବାହାରିଥିଲା, ଯାହା ଇଂରେଜୀ ଭାଷାର ଅତି ମୂଲ୍ୟବାନ୍ ମନୋଜ୍ଞ ଦାର୍ଶନିକ ସମ୍ପଦ । ଚିନ୍ତାରେ ସେ ଜଣେ ଶିଳ୍ପୀ, ବିଶ୍ୱାସରେ ଅଧ୍ୟାତ୍ମବାଦୀ ଏବଂ ବକ୍ତୃତାମଞ୍ଚରେ ସୁନିପୁଣ ନାଟ୍ୟକାର ବିଶେଷ ।

ମେମ୍ଫିସ୍ ସହରରେ ପହଞ୍ଚିବା ପରଠାରୁ ସେ ମିଃ ହି. ଏଲ. ବ୍ରିଙ୍କ୍‌ଲିଙ୍କର ଅତିଥି-ରୂପେ ରହିଛନ୍ତି । ସେଠାରେ ଦିବାରାତ୍ର ତାଙ୍କପ୍ରତି ଶ୍ରଦ୍ଧାଜ୍ଞାପନ କରିବା ପାଇଁ ଉକ୍ତ ସହରର ବହୁ ବ୍ୟକ୍ତି ତାଙ୍କ ସହିତ ସାକ୍ଷାତ୍ କରୁଛନ୍ତି । ସେ ଟେନେସୀ କ୍ଲବର ମଧ୍ୟ ଜଣେ ବେସରକାରୀ ଅତିଥି । ଶନିବାର ସନ୍ଧ୍ୟାରେ ମିସେସ୍ ଏସ୍. ଆର୍. ଶେପ୍‌ହାର୍ଡ଼ଙ୍କ ଦ୍ୱାରା ତାଙ୍କ ଉଦ୍ଦେଶ୍ୟରେ ଗୋଟିଏ ଅଭ୍ୟର୍ଥନାର ଆୟୋଜନ ହୋଇଥିଲା । ରବିବାର ଦିନ କର୍ଣ୍ଣେଲ୍ ଆର୍. ବି. ସ୍ନୋଡେନ୍ ତାଙ୍କର ଆନ୍‌ସ୍‌ଡେଲ୍ ଗୃହକୁ ଏହି ମାନନୀୟ ଅତିଥିଙ୍କୁ ଭୋଜନକୁ ଆମନ୍ତ୍ରଣ କରିଥିଲେ । ସେଠାରେ ବିବେକାନନ୍ଦଙ୍କ ସହିତ ସହକାରୀ ବିଶପ୍ ଟମାସ୍ ଏଫ୍. ଗେଲର୍, ରେଭରେଣ୍ଡ ଡକ୍ଟର୍ ଜର୍ଜ ପ୍ୟାଟର୍‌ସନ ଏବଂ ଆହୁରି ଅନେକ ଧର୍ମ-ଯାଜକଙ୍କର ସାକ୍ଷାତ୍ ହୋଇଥିଲା ।

ଗତ କାଲି ଅପରାହ୍ଣରେ ର୍‌ୟାଣ୍ଡଲ୍‌ଫ ବିଲ୍‌ଡିଂରେ ଅବସ୍ଥିତ ନାଇଣ୍ଟିନ୍ଥ ସେଞ୍ଚୁରୀ

କ୍ଲବ୍‌ର କାର୍ଯ୍ୟାଳୟରେ ସେହି କ୍ଲବ୍‌ର ସୁରୁଚିସମ୍ପନ୍ନ ସଭ୍ୟମାନଙ୍କ ସମକ୍ଷରେ ସେ ଗୋଟିଏ ବକ୍ତୃତା ଦେଇଥିଲେ । ଆଜି ରାତିରେ ସହରର ବକ୍ତୃତାଗୃହରେ ତାଙ୍କର ଭାଷଣର ବିଷୟ-ବସ୍ତୁ ହେବ 'ହିନ୍ଦୁଧର୍ମ' ।

## ପରମତ-ସହିଷ୍ଣୁତା ପାଇଁ ଅନୁନୟ

'ମେମ୍‌ଫିସ୍ କମର୍ସିଆଲ୍', ୧୭ ଜାନୁଆରୀ ୧୮୯୪

ବହୁସଂଖ୍ୟକ ଶ୍ରୋତା ଗତ ରାତିରେ ପ୍ରସିଦ୍ଧ ହିନ୍ଦୁ ସନ୍ନ୍ୟାସୀ ବିବେକାନନ୍ଦଙ୍କର ହିନ୍ଦୁଧର୍ମ-ସମ୍ବନ୍ଧୀୟ ଭାଷଣ ଶୁଣିବା ପାଇଁ ସହରର ବକ୍ତୃତାଗୃହରେ ସମବେତ ହୋଇଥିଲେ ।

ବିଚାରପତି ଆର. ଜେ. ମର୍ଗାନ୍ ବକ୍ତାଙ୍କୁ ପରିଚିତ କରାଇଦେବାକୁ ଯାଇ ଗୋଟିଏ ସଂକ୍ଷିପ୍ତ କିନ୍ତୁ ତଥ୍ୟପୂର୍ଣ୍ଣ ଭାଷଣରେ ମହାନ୍ ଆର୍ଯ୍ୟଜାତିର କ୍ରମପ୍ରସାରର ବିବରଣ ଦେଲେ । ସେ କହିଲେ, ଇଉରୋପୀୟମାନେ ଏବଂ ହିନ୍ଦୁମାନେ ଉଭୟେ ଆର୍ଯ୍ୟଜାତିର ଶାଖା । ଅତଏବ ଯେ ଆଜି ତାଙ୍କ ସମକ୍ଷରେ ବକ୍ତୃତା ଦେବେ, ତାଙ୍କର ଜାତିଗତ ଆତ୍ମୀୟତା ରହିଛି ।

ପ୍ରାଚ୍ୟଦେଶର ଏହି ଖ୍ୟାତିମାନ୍ ପଣ୍ଡିତଙ୍କୁ ବକ୍ତୃତା ସମୟରେ ଘନ ଘନ କରତାଳିଦ୍ୱାରା ଅଭିନନ୍ଦିତ କରାଗଲା । ସମସ୍ତେ ମୂଳରୁ ବିଶେଷ ମନୋଯୋଗ ସହକାରେ ତାଙ୍କର କଥା ଶୁଣିଲେ । ବକ୍ତାଙ୍କର ଶାରୀରିକ ଆକୃତି ଖୁବ୍ ସୁନ୍ଦର, ଦେହର ରଙ୍ଗ ବ୍ରୋଞ୍ଜବର୍ଣ୍ଣ, ଅଙ୍ଗସୌଷ୍ଠବ ମଧ୍ୟ ଚମତ୍କାର । ତାଙ୍କର ପରିଧାନରେ ଥିଲା ଅଣ୍ଟାରେ କଳା କଟିବନ୍ଧ-ବେଷ୍ଟିତ ପାଟଳବର୍ଣ୍ଣର ଆଲଖାଲ୍ଲା, କଳା ପେଣ୍ଟାଲୁନ୍ ଏବଂ ମସ୍ତକରେ ସୁନ୍ଦରଭାବେ ରକ୍ଷିତ ଭାରତୀୟ ରେଶମର ପୀତବର୍ଣ୍ଣ ପଗଡ଼ି । ବକ୍ତାଙ୍କର କହିବାର ଭଙ୍ଗୀ ଖୁବ୍ ଭଲ ଏବଂ ତାଙ୍କର ବ୍ୟବହୃତ ଇଂରେଜୀ ଭାଷା ଶବ୍ଦନିର୍ବାଚନ, ବ୍ୟାକରଣର ଶୁଦ୍ଧତା ଏବଂ ବାକ୍ୟଗଠନ ଦିଗରୁ ଉତ୍କୃଷ୍ଟ । ତାଙ୍କର ଉଚ୍ଚାରଣରେ ତ୍ରୁଟି ହେଉଛି କେବଳ ବେଳେ ବେଳେ ଯୌଗିକ ଶବ୍ଦର ଯେଉଁ ଅଂଶରେ ଜୋର୍ ଦେବା କଥା ନୁହେଁ ତା'ଉପରେ ଜୋର୍ ଦେବା । ତେବେ ସମ୍ଭବତଃ ମନୋଯୋଗୀ ଶ୍ରୋତାମାନେ ସବୁ ଶବ୍ଦ ବୁଝିପାରିଥିଲେ । ମୌଳିକ ଚିନ୍ତାପୂର୍ଣ୍ଣ, ତଥ୍ୟସମ୍ବଳିତ ଏବଂ ଉଦାର ଜ୍ଞାନରେ ଅନୁସ୍ୟୂତ ବକ୍ତୃତା ଶୁଣି ସେମାନଙ୍କର ଏକ ପ୍ରଖର ମନୋଯୋଗ ନିଶ୍ଚିତ ଭାବରେ ସାର୍ଥକ ହୋଇଥିଲା । ଏହି ଭାଷଣକୁ ଯଥାର୍ଥରେ ବିଶ୍ୱଜନୀନ ପରଧର୍ମ-ସହିଷ୍ଣୁତାର ସପକ୍ଷରେ ଗୋଟିଏ 'ଅନୁନୟ' ବୋଲି କୁହାଯାଇପାରେ । ଏହି ବିଷୟରେ ବକ୍ତା ଭାରତୀୟ ଧର୍ମସଂକ୍ରାନ୍ତ ନାନା ମନ୍ତବ୍ୟ ଉଦାହୃତ କଲେ । ସେ କହିଲେ, ପରମତ-ସହିଷ୍ଣୁତା ଏବଂ ପ୍ରେମ ହେଉଛି ସକଳ ଶ୍ରେଷ୍ଠଧର୍ମର ମୁଖ୍ୟ ଉଦ୍ଦୀପନା । ତାଙ୍କ ମତରେ ଏହା ଯେକୌଣସି ଧର୍ମବିଶ୍ୱାସର ଅନ୍ତିମ ଲକ୍ଷ୍ୟ ହେବା ଉଚିତ ।

ତାଙ୍କ ଭାଷଣରେ ହିନ୍ଦୁଧର୍ମର ପୁଙ୍ଖାନୁପୁଙ୍ଖ ଅବତାରଣା ନ ଥିଲା । ସେହି ଧର୍ମର

କିମ୍ବଦନ୍ତୀ ବା ଆଚାର-ଅନୁଷ୍ଠାନର ବିଶଦ ଚିତ୍ର ଉପସ୍ଥାପିତ ନ କରି ସେ ତା'ର ଅନ୍ତର୍ନିହିତ ଭାବଧାରାକୁ ବିଶ୍ଳେଷଣ କରିବାକୁ ଚେଷ୍ଟା କରିଥିଲେ । ଅବଶ୍ୟ ହିନ୍ଦୁଧର୍ମର କେତେକ ବିଶେଷ ମତବାଦ ଓ କ୍ରିୟାକର୍ମର ଉଲ୍ଲେଖ ସେ କରିଥିଲେ । ତେବେ ଏଗୁଡ଼ିକର ଅତି ସୁସ୍ପଷ୍ଟ ସରଳ ବ୍ୟାଖ୍ୟା ମଧ୍ୟ ସେ କରିଥିଲେ । ବକ୍ତା ହିନ୍ଦୁଧର୍ମର ଅତୀନ୍ଦ୍ରିୟ ଉପଲବ୍ଧି ସମ୍ବନ୍ଧରେ ଗୋଟିଏ ହୃଦୟଗ୍ରାହୀ ବିବରଣ ଦେଲେ । ଜନ୍ମାନ୍ତରବାଦ—ଯାହାର ଅନେକ ସମୟରେ ଅପବ୍ୟାଖ୍ୟା କରାଯାଇଥାଏ—ଏହି ଅତୀନ୍ଦ୍ରିୟ ଉପଲବ୍ଧିରୁ ଉଦ୍ଭୂତ । ବକ୍ତା ବ୍ୟାଖ୍ୟା କରି ବୁଝାଇ-ଦେଲେ, କିପରି ଭାବରେ ତାଙ୍କର ଧର୍ମ କାଳର ବୈଚିତ୍ର୍ୟକୁ ଉପେକ୍ଷା କରି ସର୍ବକାଳରେ ବିଦ୍ୟମାନ ମାନବାତ୍ମାର ସତ୍ତାକୁ ପ୍ରତ୍ୟକ୍ଷ ଅନୁଭବ କରିପାରେ । ପ୍ରତ୍ୟେକ ମନୁଷ୍ୟ ଯେପରି ଆତ୍ମାର ବର୍ତ୍ତମାନ ଓ ଭବିଷ୍ୟତ ଅସ୍ତିତ୍ୱରେ ବିଶ୍ୱାସ କରନ୍ତି, ବ୍ରାହ୍ମଣ୍ୟଧର୍ମ ସେହିପରି ଆତ୍ମାର ଅତୀତ ଅବସ୍ଥାକୁ ମଧ୍ୟ ସ୍ୱୀକାର କରେ । ବିବେକାନନ୍ଦ ଏକଥା ମଧ୍ୟ ସ୍ପଷ୍ଟଭାବରେ କହିଥିଲେ ଯେ, ଖ୍ରୀଷ୍ଟଧର୍ମରେ ଯାହାକୁ 'ଆଦିମ ପାପ' ବୋଲି କୁହାଯାଏ, ହିନ୍ଦୁଧର୍ମରେ ତା'ର କୌଣସି ସ୍ଥାନ ନାହିଁ । ମନୁଷ୍ୟ ଯେ ପରିପୂର୍ଣ୍ଣତା ଲାଭ କରିପାରେ—ଏହି ବିଶ୍ୱାସ ଉପରେ ହିନ୍ଦୁଧର୍ମ ମାନବର ସକଳ ଚେଷ୍ଟା ଓ ଆକାଙ୍କ୍ଷାକୁ ସ୍ଥାପନ କରେ । ବକ୍ତାଙ୍କ ମତରେ ଉନ୍ନତି ଏବଂ ଶୁଦ୍ଧି ଆଶା ଉପରେ ସ୍ଥାପିତ ହେବା ଉଚିତ । ମନୁଷ୍ୟର ଉନ୍ନତିର ଅର୍ଥ ତା'ର ସ୍ୱାଭାବିକ ପୂର୍ଣ୍ଣତାକୁ ଫେରିଯିବା । ସାଧୁତା ଏବଂ ପ୍ରେମର ଅଭ୍ୟାସଦ୍ୱାରା ଏହି ପୂର୍ଣ୍ଣତାର ଉପଲବ୍ଧି ହୁଏ । ଭାରତବାସୀ ଯୁଗ ଯୁଗ ଧରି ଏହି ଗୁଣଗୁଡ଼ିକ କିପରି ଭାବରେ ଅଭ୍ୟାସ କରିଛନ୍ତି—ଯୁଗ ଯୁଗ ଧରି ଭାରତବର୍ଷ କିପରି ଭାବରେ ନିପୀଡ଼ିତ ଜନସାଧାରଣଙ୍କ ଆଶ୍ରୟଭୂମି ହୋଇଛି, ବକ୍ତା ତାହା ନିର୍ଣ୍ଣୟ କଲେ । ଉଦାହରଣସ୍ୱରୂପ ସେ କହିଲେ ଯେ, ରୋମ୍-ସମ୍ରାଟ ଟାଇଟସ୍ ଯେତେବେଳେ ଜେରୁଜେଲମ୍ ଆକ୍ରମଣ କରି ଇହୁଦୀମାନଙ୍କର ମନ୍ଦିର ଧ୍ୱଂସ କଲେ, ସେତେବେଳେ ହିନ୍ଦୁମାନେ ସେମାନଙ୍କୁ ସାଦରେ ଆଶ୍ରୟ ଦେଇଥିଲେ ।

ବକ୍ତା ଖୁବ୍ ପ୍ରାଞ୍ଜଳଭାବରେ ବର୍ଣ୍ଣନା କରି ବୁଝାଇଦେଲେ ଯେ, ହିନ୍ଦୁମାନେ ଧର୍ମର ବାହ୍ୟରଙ୍ଗ ଉପରେ ବେଶୀ ଜୋର୍ ଦିଅନ୍ତି ନାହିଁ । ବେଳେବେଳେ ଦେଖାଯାଏ, ଗୋଟିଏ ପରିବାରର ଭିନ୍ନ ଭିନ୍ନ ବ୍ୟକ୍ତି ବିଭିନ୍ନ ସଂପ୍ରଦାୟର ଅନ୍ତର୍ଭୁକ୍ତ; କିନ୍ତୁ ପ୍ରତ୍ୟେକେ ଈଶ୍ୱରଙ୍କ ପ୍ରଧାନତମ ଗୁଣ ପ୍ରେମ ମାଧ୍ୟମରେ ଉପାସନା କରିଥାଆନ୍ତି । ବକ୍ତା କହିଲେ, ସବୁ ଧର୍ମରେ ଭଲ ଜିନିଷ ଅଛି; ମନୁଷ୍ୟର ସାଧୁତା ପ୍ରତି ଯେଉଁ ଉଦ୍ଦୀପନା-ବୋଧ, ସବୁ ଧର୍ମ ହେଉଛି ତାର ଅଭିବ୍ୟକ୍ତି; ଅତଏବ ପ୍ରତ୍ୟେକ ଧର୍ମ ହିଁ ସମାଦରଣୀୟ । ଏହି ବିଷୟରେ ଉଦାହରଣ ଦେଇ ସେ ବେଦର (?) ଗୋଟିଏ ଉକ୍ତି ଉଦ୍ଧୃତ କଲେ । ଗୋଟିଏ ଝରଣାରୁ ପାଣି ଆଣିବାକୁ ବିଭିନ୍ନ ଲୋକ ଯେପରି ବିଭିନ୍ନ ଧରଣର ପାତ୍ର ନେଇ ଯାଆନ୍ତି, ଧର୍ମସମୂହ ମଧ୍ୟ ସେହିପରି ସତ୍ୟ ଉପଲବ୍ଧିର ବିଭିନ୍ନ ଆଧାର-ସ୍ୱରୂପ । ପାତ୍ରର ଆକାର ଭିନ୍ନ ହେଲେ ମଧ୍ୟ ଯେପରି ସେହି ଏକା ପାଣି ଲୋକମାନେ ପୂର୍ଣ୍ଣ କରିନିଅନ୍ତି, ସେହିପରି ପୃଥକ୍ ପୃଥକ୍ ଧର୍ମର ମାଧ୍ୟମରେ ଆମେ ସେହି ଏକ ଭଗବତ୍-ସତ୍ୟ ଗ୍ରହଣ କରୁ । ଈଶ୍ୱର ପ୍ରତ୍ୟେକ ଧର୍ମବିଶ୍ୱାସର ମର୍ମବୋଦ୍ଧା । ଯେକୌଣସି ନାମରେ ତାଙ୍କୁ ଡାକିଲେ ବା ଯେକୌଣସି ରୀତିରେ ତାଙ୍କ ପ୍ରତି ଶ୍ରଦ୍ଧା ଅର୍ପଣ

କଲେ ମଧ୍ୟ ସେ ତାହା ବୁଝିପାରନ୍ତି ।

ବକ୍ତା କହିଲେ ଯେ, ଖ୍ରୀଷ୍ଟାନ୍‌ମାନେ ଯେଉଁ ଈଶ୍ୱରଙ୍କୁ ପୂଜା କରନ୍ତି, ସେ ହିନ୍ଦୁ-ମାନଙ୍କର ତ୍ରିମୂର୍ତ୍ତି—ବ୍ରହ୍ମା, ବିଷ୍ଣୁ ଓ ଶିବ—ଈଶ୍ୱରଙ୍କର ସୃଷ୍ଟି-ସ୍ଥିତି-ଲୟ-କାର୍ଯ୍ୟର ନାମାନ୍ତର ମାତ୍ର । ଈଶ୍ୱରଙ୍କର ଏହି ତିନୋଟି ବୈଶିଷ୍ଟ୍ୟ ଐକ୍ୟବଦ୍ଧ ନ କରି ବିଭିନ୍ନ ମୂର୍ତ୍ତି ମଧ୍ୟଦେଇ ପ୍ରକାଶ କରିବା ଅବଶ୍ୟ କିଛିଟା ଦୁର୍ବଳତା, ତଥାପି ସାଧାରଣ ମନୁଷ୍ୟ ନିକଟରେ ଧର୍ମନୀତିକୁ ଏହିପରି ସ୍ଥୂଳଭାବରେ ସ୍ପଷ୍ଟ କରି କହିବା ପ୍ରୟୋଜନ । ଏହି ଏକା କାରଣରୁ ହିନ୍ଦୁମାନେ ଭଗବାନଙ୍କର ଦୈବୀ ଗୁଣାବଳୀକୁ ନାନା ଦେବ-ଦେବୀଙ୍କର ସ୍ଥୂଳ ପ୍ରତିମାରୂପରେ ପ୍ରକାଶ କରିଛନ୍ତି ।

ହିନ୍ଦୁମାନଙ୍କର ଅବତାରବାଦ-ପ୍ରସଙ୍ଗରେ ବକ୍ତା ଶ୍ରୀକୃଷ୍ଣଙ୍କର କାହାଣୀ କହିଲେ । ପୁରୁଷସଂସର୍ଗ ବ୍ୟତୀତ ତାଙ୍କର ଜନ୍ମ ହୋଇଥିଲା । ଯୀଶୁଖ୍ରୀଷ୍ଟଙ୍କ ଚରିତ ସହିତ ତାଙ୍କର ଜୀବନବୃତ୍ତାନ୍ତର ଅନେକ ସାଦୃଶ୍ୟ ଅଛି । ବିବେକାନନ୍ଦଙ୍କ ମତରେ କୃଷ୍ଣଙ୍କର ଶିକ୍ଷା ହେଉଛି ପ୍ରେମ ପାଇଁ ହିଁ ପ୍ରେମ—ଏହି ତତ୍ତ୍ୱ । ଈଶ୍ୱରଙ୍କୁ ଭୟ କରିବା ଯଦି ଧର୍ମର ଆରମ୍ଭ ହୁଏ, ତେବେ ତା'ର ପରିଣତି ହେଉଛି ଈଶ୍ୱରଙ୍କୁ ଭଲପାଇବା ।

ତାଙ୍କର ସମଗ୍ର ବକ୍ତୃତାଟି ଏଠାରେ ପ୍ରକାଶ କରିବା ସମ୍ଭବପର ହେଲା ନାହିଁ, କିନ୍ତୁ ତାହା ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭ୍ରାତୃପ୍ରେମ ଉପଲବ୍ଧି ଲାଗି ଏକ ଚମତ୍କାର ଆବେଦନ ଏବଂ ଗୋଟିଏ ରମଣୀୟ ଧର୍ମବିଶ୍ୱାସର ଓଜସ୍ୱୀ ସମର୍ଥନ । ବିବେକାନନ୍ଦଙ୍କ ଭାଷଣର ଉପସଂହାର ବିଶେଷଭାବରେ ହୃଦୟଗ୍ରାହୀ ହୋଇଥିଲା—ଯେତେବେଳେ ସେ କହିଲେ ଯେ, ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବାକୁ ସେ ସତତ ପ୍ରସ୍ତୁତ, କିନ୍ତୁ ତା' ସଙ୍ଗେ ସଙ୍ଗେ କୃଷ୍ଣ ଓ ବୁଦ୍ଧଙ୍କୁ ମଧ୍ୟ ଆମର ପ୍ରଣିପାତ କରିବା ଆବଶ୍ୟକ; ଏବଂ ଯେତେବେଳେ ମାନବ-ସଭ୍ୟତାର ବର୍ବରତାର ଗୋଟିଏ ପରିଷ୍କୃତ ଚିତ୍ର ଅଙ୍କନ କରି ସେ କହିଲେ ଯେ, ସଭ୍ୟତାର ଏସବୁ ଗ୍ଲାନି ପାଇଁ ଭଗବାନ୍ ଯୀଶୁଖ୍ରୀଷ୍ଟଙ୍କୁ ଦାୟୀ କରିବାକୁ ସେ ରାଜି ନୁହନ୍ତି ।

## ଭାରତୀୟ ଆଚାର-ବ୍ୟବହାର

'ଆପିଲ ଆଭାଲାଞ୍ଚ', ୨୧ ଜାନୁଆରି ୧୮୯୪

ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଗତକାଲି ଅପରାହ୍ଣରେ ଲା ସାଲେଟ୍ ଏକାଡେମୀରେ (ମେମ୍‌ଫିସ୍ ସହରରେ) ଗୋଟିଏ ବକ୍ତୃତା ଦେଇଛନ୍ତି । ପ୍ରବଳ ବୃଷ୍ଟିପାତ ହେତୁ ଶ୍ରୋତୃସଂଖ୍ୟା ଖୁବ୍ କମ୍ ହୋଇଥିଲା ।

ବକ୍ତୃତାର ବିଷୟ ଥିଲା 'ଭାରତୀୟ ଆଚାର-ବ୍ୟବହାର' । ବିବେକାନନ୍ଦଙ୍କର ଧର୍ମ-ବିଷୟକ ଚିନ୍ତାଧାରା ଏହି ସହରରେ ଏବଂ ଆମେରିକାର ଅନ୍ୟାନ୍ୟ ନଗରୀର ଶ୍ରେଷ୍ଠ ମନୀଷୀ-ମାନଙ୍କ ହୃଦୟରେ ସହଜରେ ସମାଦର ଲାଭ କରିଛି ।

ତାଙ୍କର ମତବାଦ ଖ୍ରୀଷ୍ଟୀୟ ଧର୍ମଯାଜକମାନଙ୍କର ରକ୍ଷଣଶୀଳ ବିଶ୍ୱାସ ପକ୍ଷରେ ମାରାତ୍ମକ । ଖ୍ରୀଷ୍ଟାନ୍ ଆମେରିକା ଏପର୍ଯ୍ୟନ୍ତ ପୌତ୍ତଳିକ ଭାରତବର୍ଷର କୁସଂସ୍କାରାଚ୍ଛନ୍ନ ମନକୁ ଆଲୋକିତ କରିବା ପାଇଁ ପ୍ରଭୂତ ଚେଷ୍ଟା କରିଆସିଛି, କିନ୍ତୁ ବର୍ତ୍ତମାନ ମନେହେଉଛି ଯେ, କାନନ୍ଦଙ୍କ ଧର୍ମର ପ୍ରାଚ୍ୟ ବିଭବ ଆମର ପିତା-ପିତାମହଙ୍କର ଉପଦିଷ୍ଟ ପ୍ରାଚୀନ ଖ୍ରୀଷ୍ଟଧର୍ମର ସୌନ୍ଦର୍ଯ୍ୟକୁ ଅତିକ୍ରମ କରିଯାଇଛି ଏବଂ ତାହା ଆମେରିକାର ଅପେକ୍ଷାକୃତ ଶିକ୍ଷିତ-ମହଲର ଅନେକଙ୍କ ମନରେ ଗୋଟିଏ ଉତ୍କୃଷ୍ଟ କ୍ଷେତ୍ର ପାଇପାରିବ ।

ବର୍ତ୍ତମାନ କାଳ ହେଉଛି 'ଖିଆଲିର' ଯୁଗ । ମନେହେଉଛି ଯେ, କାନନ୍ଦ ଗୋଟିଏ 'ବହୁକାଳରୁ ଅନୁଭୂତ ସ୍ପୃହଦା' ମେଣ୍ଟାଇ ପାରିଛନ୍ତି । ସେ ବୋଧହୁଏ ତାଙ୍କ ଦେଶର ଜଣେ ବିଶିଷ୍ଟ ପଣ୍ଡିତ ଏବଂ ଆଶ୍ଚର୍ଯ୍ୟ ପରିମାଣରେ ବ୍ୟକ୍ତିଗତ ଆକର୍ଷଣ-ଶକ୍ତିର ମଧ୍ୟ ଅଧିକାରୀ । ତାଙ୍କର ବାଗ୍ମିତାରେ ଶ୍ରୋତୃମଣ୍ଡଳୀ ମୁଗ୍ଧ ହୋଇଯାଆନ୍ତି । ଯଦିଓ ତାଙ୍କର ମତବାଦ ଖୁବ୍ ଉଦାର, ତଥାପି ରକ୍ଷଣଶୀଳ ଖ୍ରୀଷ୍ଟଧର୍ମକୁ ପ୍ରଶଂସା କରିବା ପରି ଖୁବ୍ ସାମାନ୍ୟ ବିଷୟ ସେ ଦେଖିବାକୁ ପାଆନ୍ତି । ଏପର୍ଯ୍ୟନ୍ତ ମେମ୍ଫିସ୍ ସହରକୁ ଯେତେ ବକ୍ତା ବା ଧର୍ମଯାଜକ ଆସିଛନ୍ତି, କାନନ୍ଦ ସେମାନଙ୍କର ପ୍ରତ୍ୟେକଙ୍କ ଅପେକ୍ଷା ବିଶେଷଭାବରେ ବେଶୀ ସମାଦର ଲାଭ କରିଛନ୍ତି ବୋଲି ମନେହୁଏ ।

ଏହି ହିନ୍ଦୁ ସନ୍ନ୍ୟାସୀ ଏଠାରେ ଯେପରି ସହୃଦୟ ଅଭ୍ୟର୍ଥନା ପାଉଛନ୍ତି, ଭାରତର ଖ୍ରୀଷ୍ଟାନ୍ ମିଶନାରୀମାନେ ଯଦି ସେପରି ପାଇଥାଆନ୍ତେ, ତା'ହେଲେ ଅଖ୍ରୀଷ୍ଟାନ୍ ଦେଶସମୂହରେ ଖ୍ରୀଷ୍ଟଧର୍ମ ପ୍ରଚାର କରିବା କାମ ଖୁବ୍ ସହଜ ହୋଇଥାନ୍ତା । ଗତକାଲି ଅପରାହ୍ଣରେ ବିବେ କାନନ୍ଦଙ୍କର ବକ୍ତୃତା ଐତିହାସିକ ଦୃଷ୍ଟିରୁ ଚିତ୍ତାକର୍ଷକ ହୋଇଥିଲା । ସେ ତାଙ୍କ ସ୍ୱଦେଶର ପ୍ରାଚୀନ କାଳଠାରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଇତିହାସ ଏବଂ ଜ୍ୟୋତିର୍ବିଜ୍ଞାନ ସହିତ ସମ୍ପୂର୍ଣ୍ଣରୂପେ ପରିଚିତ ଏବଂ ଭାରତର ବିଭିନ୍ନ ଦ୍ରଷ୍ଟବ୍ୟ ସ୍ଥାନ ଓ ବିଷୟଗୁଡ଼ିକର ବର୍ଣ୍ଣନା ଖୁବ୍ ସୁନ୍ଦର ଓ ସହଜ ଭାବରେ ଦେଇପାରିଥିଲେ ।

ବକ୍ତୃତା ସମୟରେ ମହିଳା ଶ୍ରୋତାଗଣ ତାଙ୍କୁ ଘନ ଘନ ପ୍ରଶ୍ନ କରୁଥିଲେ । ସେ ମଧ୍ୟ ବିନ୍ଦୁମାତ୍ର ଦ୍ୱିଧା ନ କରି ସବୁ ପ୍ରଶ୍ନର ଉତ୍ତର ଦେଉଥିଲେ । କେବଳ ଜଣେ ମହିଳା ତାଙ୍କୁ ଗୋଟିଏ ଅବାନ୍ତର ଧର୍ମପ୍ରସଙ୍ଗକୁ ଟାଣି ଆଣିବାକୁ ଯାଇ ଯେତେବେଳେ ଗୋଟିଏ ପ୍ରଶ୍ନ ପଚାରିଲେ, ସେତେବେଳେ କାନନ୍ଦ ଆଲୋଚ୍ୟ ବିଷୟ ତ୍ୟାଗ କରି ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ରାଜି ହୋଇ ନ ଥିଲେ । ପ୍ରଶ୍ନକର୍ତ୍ତ୍ରୀଙ୍କୁ କହିଲେ, ଅନ୍ୟ କୌଣସି ସମୟରେ ସେ 'ଆତ୍ମାର ଜନ୍ମାନ୍ତରଗ୍ରହଣ' ପ୍ରଭୃତି ବିଷୟ ସମ୍ବନ୍ଧରେ ତାଙ୍କର ମତ ବିବୃତ କରିବେ ।

ପ୍ରସଙ୍ଗକ୍ରମେ ସେ କହିଲେ ଯେ, ତାଙ୍କର ପିତାମହଙ୍କର ବିବାହ ହୋଇଥିଲା ଛଅବର୍ଷ ବୟସରେ ଏବଂ ତାଙ୍କ ପିତା ଯେତେବେଳେ ବିବାହ କଲେ ସେତେବେଳେ ତାଙ୍କର ବୟସ ଅଠର ବର୍ଷ । ବକ୍ତା ନିଜେ ବିବାହ କରି ନାହାନ୍ତି । ସନ୍ନ୍ୟାସୀ ପକ୍ଷରେ ବିବାହ କରିବାରେ କୌଣସି ବାଧା ନାହିଁ, କିନ୍ତୁ ବିବାହ କଲେ ତାଙ୍କ ସ୍ତ୍ରୀଙ୍କୁ ସନ୍ନ୍ୟାସିନୀ ହେବାକୁ ପଡ଼ିବ ।

ସନ୍ନ୍ୟାସିନୀ ସ୍ତ୍ରୀଙ୍କର କ୍ଷମତା, ସୁବିଧା ଏବଂ ସାମାଜିକ ସମ୍ମାନ ତାଙ୍କ ସ୍ୱାମୀଙ୍କ ସଦୃଶ ।*

ଗୋଟିଏ ପ୍ରଶ୍ନର ଉତ୍ତରରେ ବକ୍ତା କହିଲେ ଯେ, ଭାରତରେ କୌଣସି କାରଣରୁ ବି ବିବାହବନ୍ଧନ ଛିନ୍ନ କରିବାର ପ୍ରଚଳନ ନାହିଁ । ତେବେ ବିବାହର ୧୪ ବର୍ଷ ପରେ ମଧ୍ୟ ସନ୍ତାନ ନ ହେଲେ ସ୍ତ୍ରୀର ଅନୁମତି ନେଇ ସ୍ୱାମୀ ଆଉ ଗୋଟିଏ ବିବାହ କରିପାରନ୍ତି । ସ୍ତ୍ରୀ ଆପତ୍ତି କଲେ ଏହା ସମ୍ଭବପର ନୁହେଁ । ବକ୍ତା ଭାରତର ପ୍ରାଚୀନ ମନ୍ଦିର ଏବଂ ସମାଧି-ସ୍ତମ୍ଭସମୂହର ଅତି ଚମତ୍କାର ବର୍ଣ୍ଣନା ଦେଲେ । ବୁଝାଯାଉଛି ଯେ, ପ୍ରାଚୀନଯୁଗର ଭାସ୍କର ଏବଂ ଶିଳ୍ପୀମାନଙ୍କର ବୈଜ୍ଞାନିକ ଜ୍ଞାନ ବର୍ତ୍ତମାନ କାଳର କାରିଗରମାନଙ୍କ ଅପେକ୍ଷା ଅନେକ ବେଶୀ ଉନ୍ନତ ଥିଲା ।

ସ୍ୱାମୀ ବିବେକାନନ୍ଦ ଆଜି ରାତିରେ ଓ୍ୱାଇ. ଏମ୍. ଏଇଚ. ହଲ୍‌ରେ ଏହି ସହରରେ ତାଙ୍କର ଶେଷ ବକ୍ତୃତା ଦେବେ । ସେ ଚିକାଗୋର 'ସ୍ଲେଟନ୍ ଲାଇସିୟାମ୍ ବ୍ୟୁରୋ'ଙ୍କ ସହିତ ଏହି ଦେଶରେ ତିନି ବର୍ଷ ପାଇଁ ବକ୍ତୃତା ଦେବାର ଗୋଟିଏ ଚୁକ୍ତି କରିଛନ୍ତି । କାଲି ସେ ଚିକାଗୋକୁ ଯାତ୍ରା କରିବେ । ୨୫ ତାରିଖ ରାତିରେ ତାଙ୍କର ଗୋଟିଏ ବକ୍ତୃତା ଦେବାର କଥା ଅଛି ।

'ଡେଟ୍ରୟେଟ୍ ଟ୍ରିବ୍ୟୁନ୍', ୧୫ ଫେବୃଆରି ୧୮୯୪

ଗତ ସନ୍ଧ୍ୟାରେ ବହୁସଂଖ୍ୟକ ଶ୍ରୋତା ବ୍ରାହ୍ମସମାଜର ପ୍ରସିଦ୍ଧ ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କର ଦର୍ଶନ ଓ ବକ୍ତୃତା ଶ୍ରବଣର ସୁଯୋଗ ପାଇଥିଲେ । ୟୁନିଟି କ୍ଲବର ଉଦ୍ୟୋଗରେ ୟୁନିଟାରିଆନ୍ ଚର୍ଚ୍ଚରେ ଏହି ବକ୍ତୃତାର ଆୟୋଜନ ହୋଇଥିଲା । ସେ ତାଙ୍କର ଦେଶୀୟ ପୋଷାକ ପିନ୍ଧି ଆସିଥିଲେ । ତାଙ୍କର କମନୀୟ ମୁଖମଣ୍ଡଳ ଏବଂ ବଳିଷ୍ଠ ଦେହ ତାଙ୍କ ଚେହେରାରେ ଗୋଟିଏ ସମ୍ଭ୍ରାନ୍ତ ଭାବର ସୃଷ୍ଟି କରିଥିଲା । ବାଗ୍ମିତାରେ ସେ ଶ୍ରୋତୃମଣ୍ଡଳୀଙ୍କର ବିଶେଷ ମନୋଯୋଗ ଆକର୍ଷଣ କରିଥିଲେ । ଘନ ଘନ କରତାଳି ପଡ଼ୁଥିଲା । ତାଙ୍କର ଆଲୋଚ୍ୟ ବିଷୟ ଥିଲା 'ଭାରତର ଆଚାର-ବ୍ୟବହାର' । ଏହାକୁ ସେ ଉତ୍କୃଷ୍ଟ ଇଂରାଜୀରେ ଉପସ୍ଥାପିତ କରିଥିଲେ । ସେ କହିଲେ ଯେ, ତାଙ୍କ ଦେଶର 'ଇଣ୍ଡିଆ' ଏବଂ ଦେଶବାସୀଙ୍କର 'ହିନ୍ଦୁ' ନାମ ଠିକ୍ ନୁହେଁ; ଏହା ବିଦେଶୀମାନଙ୍କର ଉଦ୍ଭାବିତ । ତାଙ୍କ ଦେଶର ପ୍ରକୃତ ନାମ 'ଭାରତ' ଏବଂ ଅଧିବାସୀମାନେ ବ୍ରାହ୍ମଣ । ପ୍ରାଚୀନ କାଳରେ ସେମାନଙ୍କର କଥିତ ଭାଷା ଥିଲା ସଂସ୍କୃତ । ପ୍ରତ୍ୟେକଟି ଶବ୍ଦର ବ୍ୟୁତ୍ପତ୍ତିଗତ ସ୍ପଷ୍ଟ ବୋଧଗମ୍ୟ ଅର୍ଥ ଥିଲା; କିନ୍ତୁ ବର୍ତ୍ତମାନ ସେସବୁ ଲୁଚିଯାଇଛି । ଜୁପିଟର ଶବ୍ଦର ସଂସ୍କୃତ ଅର୍ଥ 'ସ୍ୱର୍ଗସ୍ଥ ପିତା' । ବର୍ତ୍ତମାନ

* ସ୍ୱାମୀଜୀ ଯେ ସନ୍ନ୍ୟାସୀର ବିବାହ ସମ୍ବନ୍ଧରେ ଏପରି ମନ୍ତବ୍ୟ କରିବେ, ଏହା ସଂପୂର୍ଣ୍ଣ ଅସମ୍ଭବ । ସମ୍ବାଦପତ୍ରର ରିପୋର୍ଟର କ'ଣ ବୁଝିବାକୁ ଯାଇ କ'ଣ ବୁଝି ଏପରି ଲେଖିଛନ୍ତି । ଏହା ସୁବିଦିତ ଯେ, ସନ୍ନ୍ୟାସୀ ସ୍ତ୍ରୀ ଗ୍ରହଣ କଲେ ହିନ୍ଦୁସମାଜରେ ପତିତ ହୁଅନ୍ତି ।

କାଳରେ ଉତ୍ତର ଭାରତର ସବୁ ଭାଷା ମୋଟାମୋଟି ଏକା ପ୍ରକାର । କିନ୍ତୁ ଉତ୍ତର ଭାରତର ଲୋକମାନେ ଦକ୍ଷିଣ ଭାରତକୁ ଗଲେ ସେଠାର ଲୋକଙ୍କ ସହିତ କଥାବାର୍ତ୍ତା କରିପାରିବେ ନାହିଁ । ଫାଦର, ମଦର, ସିଷ୍ଟର, ବ୍ରଦର ପ୍ରଭୃତି ଶବ୍ଦର ସଂସ୍କୃତ ପ୍ରତିଶବ୍ଦଗୁଡ଼ିକ ଶୁଣିବାକୁ ପ୍ରାୟଶଃ ଏକା ପ୍ରକାର । ବକ୍ତା କହିଲେ ଯେ, ଏହି କାରଣରୁ ଏବଂ ଅନ୍ୟାନ୍ୟ ତଥ୍ୟର ପ୍ରମାଣରୁ ତାଙ୍କର ମନେହୁଏ ଯେ, ଆମେ ସମସ୍ତେ ଗୋଟିଏ ସାଧାରଣ ସୂତ୍ର—ଆର୍ଯ୍ୟଜାତିରୁ ଉଦ୍ଭୂତ । ଏହି ଆଦିମ ଆର୍ଯ୍ୟଜାତିର ପ୍ରାୟ ସବୁ ଶାଖା ହିଁ ନିଜନିଜର ସ୍ୱାତନ୍ତ୍ର୍ୟ ହରାଇଛି ।

ପ୍ରାଚୀନ ଭାରତର ସମାଜରେ ଚାରିଟି ଶ୍ରେଣୀବିଭାଗ ଥିଲା—ପୁରୋହିତ, ରାଜା ଓ ସୈନିକ, ବଣିକ ଓ ଶିଳ୍ପୀ ଏବଂ ଶ୍ରମିକ ଓ ଭୃତ୍ୟ । ପ୍ରଥମ ତିନିଶ୍ରେଣୀର ବାଳକଗଣଙ୍କୁ ଯଥାକ୍ରମେ ଦଶ, ଏଗାର ଏବଂ ତେରବର୍ଷ ବୟସରେ ଶିକ୍ଷା ନିମିତ୍ତ ଗୁରୁକୁଳକୁ ଅଧ୍ୟାପକ-ମାନଙ୍କର ତତ୍ତ୍ୱାବଧାନରେ ପଠାଯାଉଥିଲା ଏବଂ ସେମାନଙ୍କୁ ତିରିଶ, ପଚିଶ ଓ କୋଡ଼ିଏ ବର୍ଷ ବୟସ ପର୍ଯ୍ୟନ୍ତ ସେଠାରେ ରହିବାକୁ ହେଉଥିଲା । ପ୍ରାଚୀନ କାଳରେ ବାଳକ ଓ ବାଳିକା ଉଭୟଙ୍କ ନିମିତ୍ତ ହିଁ ଶିକ୍ଷାର ବ୍ୟବସ୍ଥା ଥିଲା । ବର୍ତ୍ତମାନ ବାଳକମାନଙ୍କର ହିଁ ସୁଯୋଗ ବେଶୀ । ଅବଶ୍ୟ ଦୀର୍ଘକାଳର ଏହି ଭୁଲଟିକୁ ସୁଧାରିବା ପାଇଁ ଚେଷ୍ଟା ଚାଲିଛି । ବୈଦେଶିକ ଅଧିକାର ପୂର୍ବେ ଭାରତବର୍ଷର ଦର୍ଶନ ଏବଂ ନୀତିନିୟମାଦିର ଅନେକ ଅଂଶ ପ୍ରାଚୀନ କାଳର ନାରୀମାନଙ୍କଦ୍ୱାରା ପ୍ରଣୀତ । ହିନ୍ଦୁସମାଜରେ ନାରୀର ସ୍ୱକୀୟ ଅଧିକାର ଅଛି । ଏହି ଅଧିକାର ସେମାନେ ବଜାୟ ରଖନ୍ତି । ସେମାନଙ୍କ ପକ୍ଷରେ ଆଇନ ମଧ୍ୟ ଅଛି ।

ଗୁରୁକୁଳରୁ ପ୍ରତ୍ୟାବର୍ତ୍ତନ ପରେ ଛାତ୍ରମାନେ ବିବାହ କରି ସଂସାରୀ ହୋଇ-ପାରୁଥିଲେ । ସଂସାରଦାୟିତ୍ୱ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର ଏବଂ ଉଭୟଙ୍କର ହିଁ ନିଜସ୍ୱ ଅଧିକାର ଥିଲା । କ୍ଷତ୍ରିୟମାନଙ୍କ କ୍ଷେତ୍ରରେ କନ୍ୟା ଅନେକ ସମୟରେ ନିଜର ପତି ମନୋନୟନ କରୁଥିଲେ; କିନ୍ତୁ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ପିତାମାତା ହିଁ ସେହି ବ୍ୟବସ୍ଥା କରୁଥିଲେ । ବର୍ତ୍ତମାନକାଳରେ ବାଲ୍ୟବିବାହ ପ୍ରତିରୋଧ ପାଇଁ ଅନବରତ ଚେଷ୍ଟା ଚାଲିଛି । ହିନ୍ଦୁମାନଙ୍କର ବିବାହ-ଅନୁଷ୍ଠାନଟି ଅତି ସୁନ୍ଦର । ବର ଏବଂ କନ୍ୟା ପରସ୍ପର ପରସ୍ପରର ବକ୍ଷ ସ୍ପର୍ଶ କରି ଭଗବାନ୍ ଏବଂ ସମବେତ ସମସ୍ତଙ୍କୁ ସାକ୍ଷୀ ରଖି ଶପଥ କରନ୍ତି ଯେ, ଜଣେ ଅନ୍ୟ ଜଣଙ୍କ ପ୍ରତି ବିଶ୍ୱସ୍ତ ରହିବ । ବିବାହ ନ କରିବା ପର୍ଯ୍ୟନ୍ତ କେହି ପୁରୋହିତ ହୋଇପାରିବେ ନାହିଁ । ପ୍ରକାଶ୍ୟ ଧର୍ମାନୁଷ୍ଠାନରେ ଯୋଗ ଦେବା ସମୟରେ ପୁରୁଷ ସହିତ ତାଙ୍କର ପତ୍ନୀ ମଧ୍ୟ ଯାଆନ୍ତି । ହିନ୍ଦୁମାନଙ୍କର ପୂଜାର୍ଚ୍ଚନା ପାଞ୍ଚଟି ଉପାସ୍ୟଙ୍କ ପ୍ରତି ନିବେଦିତ, ଯଥା—ଦେବତା, ପିତୃପୁରୁଷ, ଦରିଦ୍ର, ଇତରପ୍ରାଣୀ ଏବଂ ଋଷି ବା ଶାସ୍ତ୍ର । ହିନ୍ଦୁ ଗୃହସ୍ଥର ଘରେ ଯେପର୍ଯ୍ୟନ୍ତ ସାମାନ୍ୟ କିଛି ଥାଏ, ସେପର୍ଯ୍ୟନ୍ତ ଅତିଥିକୁ ଫେରିଯିବାକୁ ହୁଏ ନାହିଁ । ଅତିଥିଙ୍କର ପରିତୃପ୍ତି-ପୂର୍ବକ ଭୋଜନ ଶେଷ ହେଲେ ଗୃହର ଶିଶୁମାନେ ଖାଆନ୍ତି, ତା'ପରେ ସେମାନଙ୍କ ପିତା ଏବଂ ସର୍ବଶେଷରେ ଜନନୀ । ହିନ୍ଦୁମାନେ ପୃଥିବୀର ସର୍ବାପେକ୍ଷା ଦରିଦ୍ର ଜାତି; କିନ୍ତୁ ଦୁର୍ଭିକ୍ଷ ସମୟ ବ୍ୟତୀତ କେବେ ହେଁ କେହି କ୍ଷୁଧାରେ ମରନ୍ତି ନାହିଁ । ସଭ୍ୟତା ଗୋଟିଏ ବିରାଟ କୀର୍ତ୍ତି । ତୁଳନାସ୍ୱରୂପ କୁହାଯାଏ ଯେ, ଇଂଲଣ୍ଡରେ ଯଦି ପ୍ରତି ଚାରିଶହ ବ୍ୟକ୍ତିଙ୍କ ମଧ୍ୟରେ ଜଣେ

ମଦ୍ୟପାୟୀ ଥାଆନ୍ତି, ତେବେ ଭାରତରେ ସେହି ଅନୁପାତ ପ୍ରତି ଦଶଲକ୍ଷରେ ଜଣେ । ବକ୍ତା ମୃତବ୍ୟକ୍ତିର ଶବଦାହ-ଅନୁଷ୍ଠାନର ଏକ ବର୍ଣ୍ଣନା ଦେଇଥିଲେ । କୌଣସି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ କ୍ଷେତ୍ର ଛଡ଼ା ଏହି ଅନୁଷ୍ଠାନ ସମ୍ପର୍କରେ କୌଣସି ପ୍ରକାଶ୍ୟ ପ୍ରଚାର କରାହୁଏ ନାହିଁ । ପନ୍ଦର ଦିନ ଉପବାସ ପରେ ମୃତବ୍ୟକ୍ତିଙ୍କ ଆତ୍ମୀୟମାନେ ପୂର୍ବପୁରୁଷମାନଙ୍କ ନାମରେ ଦରିଦ୍ର-ମାନଙ୍କୁ ଅର୍ଥାଦି ଦାନ କରନ୍ତି ଅଥବା ଜନହିତକର କୌଣସି ପ୍ରତିଷ୍ଠାନ ଗଠନ କରନ୍ତି । ନୈତିକ ଆଦର୍ଶଦିଗରୁ ହିନ୍ଦୁମାନେ ଅନ୍ୟାନ୍ୟ ସମସ୍ତ ଜାତିଠାରୁ ବହୁ ଉନ୍ନତ ।

## ହିନ୍ଦୁ-ଦର୍ଶନ

'ଡେଟ୍ରୟେଟ୍ ଫ୍ରୀ ପ୍ରେସ୍', ୧୬ ଫେବୃଆରି ୧୮୯୪

ହିନ୍ଦୁସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଗତକାଲି ସନ୍ଧ୍ୟାରେ ୟୁନିଟାରିଆନ୍ ଚର୍ଚ୍ଚରେ ଏକ ବୃହତ୍ ଏବଂ ମର୍ମଗ୍ରାହୀ ଶ୍ରୋତୃମଣ୍ଡଳୀ ନିକଟରେ ତାଙ୍କର ଦ୍ୱିତୀୟ ବକ୍ତୃତା ପ୍ରଦାନ କରିଥିଲେ । ବକ୍ତୃତାର ଘୋଷିତ ବିଷୟ 'ହିନ୍ଦୁଦର୍ଶନ' ସମ୍ବନ୍ଧରେ ଶ୍ରୋତାଙ୍କର ଅନେକ କିଛି ଜାଣିବାର ଆଶା ମାତ୍ର ଆଂଶିକଭାବରେ ପୂର୍ଣ୍ଣ ହୋଇଥିଲା । ବକ୍ତାଙ୍କ ଭାଷଣରେ ବୌଦ୍ଧ-ଦର୍ଶନର ଉଲ୍ଲେଖ ଥିଲା, ଏବଂ ଯେତେବେଳେ ସେ କହିଲେ ଯେ, ବୌଦ୍ଧ ଧର୍ମ ହିଁ ପୃଥିବୀର ପ୍ରଥମ ପ୍ରଚାରଶୀଳ ଧର୍ମ ଓ ଏକବିନ୍ଦୁ ରକ୍ତପାତ ନ କରି ଏହା ସର୍ବାପେକ୍ଷା ଅଧିକସଂଖ୍ୟକ ଲୋକଙ୍କୁ ନିଜ ମତାବଲମ୍ବୀ କରିଛି, ସେତେବେଳେ ଶ୍ରୋତୃମଣ୍ଡଳୀ ହର୍ଷଧ୍ୱନି କରି ଉଠିଥିଲେ । କିନ୍ତୁ ବକ୍ତା ବୁଦ୍ଧଙ୍କ ଧର୍ମ ବା ଦର୍ଶନ ସମ୍ବନ୍ଧରେ ବେଶୀ କିଛି କହି ନ ଥିଲେ । ସେ ଖ୍ରୀଷ୍ଟଧର୍ମ ପ୍ରତି କେତୋଟି ମୃଦୁ ରସାଳ ଆକ୍ଷେପ କରିଥିଲେ ଏବଂ ଅଖ୍ରୀଷ୍ଟାନ୍ ଦେଶସମୂହରେ ଏହି ଧର୍ମର ପ୍ରଚଳନଦ୍ୱାରା ଯେଉଁ ବିପତ୍ତି ଓ କଷ୍ଟର ଉଦ୍ଭବ ହୋଇଛି, ତାହାର ଉଲ୍ଲେଖ କରିଥିଲେ । କିନ୍ତୁ ସେ ତାଙ୍କର ନିଜ ଦେଶବାସୀଙ୍କ ସହିତ ଏହି ଦେଶର ଲୋକଙ୍କର ସାମାଜିକ ଅବସ୍ଥାର ତୁଳନାମୂଳକ ଆଲୋଚନା କୌଶଳସହକାରେ ଏଡ଼ାଇ ଯାଇଥିଲେ । ବକ୍ତା କହିଲେ ଯେ, ସାଧାରଣଭାବରେ ହିନ୍ଦୁ ଦାର୍ଶନିକଗଣ ନିମ୍ନତର ସତ୍ୟରୁ ଆରମ୍ଭ କରି ଉଚ୍ଚତର ସତ୍ୟ ପର୍ଯ୍ୟନ୍ତ ଧାରାବାହିକ ଶିକ୍ଷା ଦେଇଛନ୍ତି । କୌଣସିଟି ହିଁ ଅନାଦରଣୀୟ ନୁହେଁ; ପକ୍ଷାନ୍ତରରେ କୌଣସି ନୂତନ ବ୍ୟକ୍ତି ଯଦି ଖ୍ରୀଷ୍ଟଧର୍ମର କୌଣସି ମତବାଦ ପ୍ରତି ଆକୃଷ୍ଟ ହୁଏ, ତା' ହେଲେ ତାକୁ ତା'ର ପୁରାତନ ବିଶ୍ୱାସର ସମସ୍ତ କିଛି ତ୍ୟାଗ କରି ନୂତନ ଧର୍ମମତଟିକୁ ସମ୍ପୂର୍ଣ୍ଣଭାବରେ ଗ୍ରହଣ କରିବାକୁ କୁହାଯାଏ । ବକ୍ତା କହିଲେ, ଆମେ ସମସ୍ତେ ଦିନେ ଗୋଟିଏ ମାତ୍ର ଧର୍ମମତକୁ ଆଶ୍ରୟ କରିବୁ—ଏହା ଏକ ଅଳସ ସ୍ୱପ୍ନ ମାତ୍ର ।

'ଡେଟ୍ରୟେଟ୍ ଟ୍ରିବିଉନ୍', ୧୭ ଫେବୃଆରି ୧୮୯୪

ବ୍ରାହ୍ମଣ-ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଗତ ସନ୍ଧ୍ୟାରେ ୟୁନିଟାରିଆନ୍ ଚର୍ଚ୍ଚରେ

ପୁନର୍ବାର ବକ୍ତୃତା ଦେଇଥିଲେ । ତାଙ୍କର ବିଷୟ ଥିଲା—'ହିନ୍ଦୁଦର୍ଶନ' । ବକ୍ତା କିଛି ସମୟ ସାଧାରଣଭାବରେ ଦର୍ଶନ ଓ ଅଧିବିଦ୍ୟାର (Metaphysics) ଆଲୋଚନା କରି କହିଲେ ଯେ, ଏହି ବକ୍ତୃତାଟିରେ ସେ ବିଶେଷଭାବରେ ଧର୍ମ ସମ୍ବନ୍ଧରେ ହିଁ କହିବେ । ଗୋଟିଏ ଧର୍ମସମ୍ପ୍ରଦାୟ ଆତ୍ମା ମାନନ୍ତି; କିନ୍ତୁ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ । ବୌଦ୍ଧଧର୍ମରେ ନୈତିକ ଆଦର୍ଶ ବହୁତ ବଡ଼ ଥିଲା, କିନ୍ତୁ ଈଶ୍ୱର-ବିଶ୍ୱାସ ନ ଥିବାରୁ ଏହା (ଭାରତରେ) ଅଧିକ ଦିନ ସ୍ଥାୟୀ ହୋଇ ରହିପାରିଲା ନାହିଁ । ଆଉ ଏକ ଧର୍ମସମ୍ପ୍ରଦାୟର ନାମ ଜୈନ । ଏମାନେ ଆତ୍ମା ମାନନ୍ତି; କିନ୍ତୁ ନୀତିବାଦଦ୍ୱାରା ଦେଶର ଶାସନରେ ଆସ୍ଥାବାନ୍ ନୁହନ୍ତି । ଏହି ମତାବଲମ୍ବୀଙ୍କର ସଂଖ୍ୟା କେତୋଟି ଲକ୍ଷ ହେବ । କାଳେ ନିଜର ଗରମ ନିଃଶ୍ୱାସ ମନୁଷ୍ୟ ବା ଜୀବଜନ୍ତୁଙ୍କ ଦେହରେ ଲାଗି ଅନିଷ୍ଟ ଘଟାଇବ ଏଥିପାଇଁ ଏମାନଙ୍କର ପୁରୋହିତ ଓ ସନ୍ନ୍ୟାସୀଗଣ ମୁହଁରେ ଗୋଟିଏ ରୁମାଲ୍ ବାନ୍ଧି ରଖନ୍ତି ।

ସନାତନପନ୍ଥୀମାନଙ୍କ ମଧ୍ୟରୁ ସମସ୍ତେ ହିଁ ଈଶ୍ୱରଙ୍କ ପ୍ରକାଶିତ ଧର୍ମତତ୍ତ୍ୱରେ ବିଶ୍ୱାସୀ । ସେମାନେ ମନେକରନ୍ତି ଯେ, ତାଙ୍କର ଶାସ୍ତ୍ର ବେଦର ପ୍ରତ୍ୟେକଟି ଶବ୍ଦ ଭଗବାନଙ୍କ ନିକଟରୁ ଆସିଛି । ଅଧିକାଂଶ ଧର୍ମରେ କୌଣସି ଗୋଟିଏ ଶବ୍ଦର ଅର୍ଥକୁ ନେଇ ଟିକିଏ ଟଣାଓଟରା ଲାଗେ; କିନ୍ତୁ ହିନ୍ଦୁଶାସ୍ତ୍ରର ସଂସ୍କୃତ ଭାଷାର ଶବ୍ଦର ମୂଳ ବ୍ୟୁତ୍ପତ୍ତିଗତ ଅର୍ଥଟି ବରାବର ଏକପ୍ରକାର ରହେ ।

ପ୍ରାଚ୍ୟଦେଶୀୟ ଏହି ବିଶିଷ୍ଟ ବକ୍ତାଙ୍କ ମତରେ ଆମେ ଯେଉଁ ପାଞ୍ଚଟି ଜ୍ଞାନେନ୍ଦ୍ରିୟ କଥା ଜାଣୁ, ଏମାନଙ୍କ ଅପେକ୍ଷା ଅନେକ ବେଶୀ ଶକ୍ତିଶାଳୀ ଆଉ ଏକ ଷଷ୍ଠ ଜ୍ଞାନର ଦ୍ୱାର ଅଛି । ତାହା ହେଲା ପ୍ରତ୍ୟାଦେଶଲବ୍ଧ ସତ୍ୟ । ଜଣେ ବ୍ୟକ୍ତି ପୃଥିବୀର ସମସ୍ତ ଧର୍ମର ଯାବତୀୟ ବହି ପଢ଼ି ମଧ୍ୟ ସଇତାନ ରହିଯାଇପାରେ । ପ୍ରତ୍ୟାଦେଶର ଅର୍ଥ ଆଧ୍ୟାତ୍ମିକ ଅନୁଭୂତିସମୂହର ପରବର୍ତ୍ତୀ ବର୍ଣ୍ଣନା ।

ସୃଷ୍ଟି ସମ୍ବନ୍ଧରେ ଦ୍ୱିତୀୟ ମତଟି ଏହି ଯେ, ସୃଷ୍ଟି ଅନାଦି ଓ ଅନନ୍ତ । ଏପରି ଏକ ସମୟର କଥା ଯଦି ଧରିଯାଏ, ଯେତେବେଳେ କି ଜଗତ୍‌ସଂସାର ନ ଥିଲା; ତାହା ହେଲେ ପ୍ରଶ୍ନ ଉଠେ, ଭଗବାନ୍ ସେତେବେଳେ କ'ଣ କରୁଥିଲେ ? ହିନ୍ଦୁମାନଙ୍କ ଦୃଷ୍ଟିରେ ସୃଷ୍ଟି କେବଳ ଆକୃତିର ଅଭିବ୍ୟକ୍ତି ମାତ୍ର । ଧରନ୍ତୁ—ଜଣେ ଖୁବ୍ ଭଲ ସ୍ୱାସ୍ଥ୍ୟ ନେଇ ସଦ୍‌ବଂଶରେ ଜନ୍ମଗ୍ରହଣ କରିଛନ୍ତି ଏବଂ ବଡ଼ ହୋଇ କ୍ରମେ ଜଣେ ମହାପୁରୁଷରେ ପରିଣତ ହୋଇଛନ୍ତି । ଅପର ଜଣେ ହୁଏତ ଅଙ୍ଗହୀନ ବା ବିକଳାଙ୍ଗ ହୋଇ ପୃଥିବୀକୁ ଆସିଲେ, କ୍ରମଶଃ ସେ ଏକ ମହା-ଦୁଷ୍ଟ ବ୍ୟକ୍ତିରେ ପରିଣତ ହେଲେ ଏବଂ ସମାଜର ଶାସ୍ତି ଭୋଗ କଲେ । ନ୍ୟାୟବାନ୍ ଏବଂ ମଙ୍ଗଳମୟ ଭଗବାନ୍ ଜଣକୁ ବହୁ ସୁଯୋଗ ଦେଇ ଏବଂ ଅନ୍ୟ ଜଣକୁ ନାନା ଅସୁବିଧା ମଧ୍ୟରେ ପକାଇ ସୃଷ୍ଟି କଲେ କାହିଁକି ? ମନୁଷ୍ୟର ତ ବାଛିନେବାର ସ୍ୱାଧୀନତା ନ ଥାଏ । ଦୁଷ୍କର୍ମକାରୀ ନିଜର ଅପରାଧ ସମ୍ବନ୍ଧରେ ସଚେତନ । ପାପ ଓ ପୁଣ୍ୟର ପାର୍ଥକ୍ୟ ବକ୍ତା ବ୍ୟାଖ୍ୟା କରିଥିଲେ । ସମସ୍ତ କିଛି ଈଶ୍ୱରଙ୍କର ଇଚ୍ଛାଦ୍ୱାରା ନିୟନ୍ତ୍ରିତ ବୋଲି ମାନି ନେଲେ ସକଳ ବିଜ୍ଞାନର ମଧ୍ୟ ଅବସାନ ଘଟିବ । ମନୁଷ୍ୟ କେତେ ତଳକୁ ଯାଇପାରେ ? ପଶୁସ୍ତରକୁ

ଫେରିଯିବା କ'ଣ ତା' ପକ୍ଷରେ ସମ୍ଭବପର ?

କାନନ୍ଦ କହିଲେ, ସେ ଯେ ହିନ୍ଦୁ, ଏଥିପାଇଁ ସେ ସୁଖୀ । ରୋମାନ୍‌ମାନେ ଯେତେବେଳେ ଜେରୁଜେଲମ୍ ଧ୍ୱଂସ କଲେ, ସେତେବେଳେ ବହୁ ସହସ୍ର ଇହୁଦୀ ଭାରତବର୍ଷକୁ ଆସି ବସବାସ କଲେ । ଆରବଗଣଙ୍କଦ୍ୱାରା ସ୍ୱଦେଶରୁ ବିତାଡ଼ିତ ହୋଇ ଅନେକ ସହସ୍ର ପାରସିକ ମଧ୍ୟ ଭାରତରେ ଆଶ୍ରୟ ପାଇଥିଲେ; କେହି ନିପୀଡ଼ିତ ହୋଇ ନାହାନ୍ତି । ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ—ସକଳ ଧର୍ମ ହିଁ ସତ୍ୟ । ତେବେ ସେମାନଙ୍କ ଧର୍ମ ଅପର ଧର୍ମସମୂହରୁ ପ୍ରାଚୀନତର । ଇଂରେଜ ମିଶନାରୀମାନଙ୍କର ପ୍ରଥମ ଦଳଟିକୁ ଇଂରେଜ ସରକାର ଯେତେବେଳେ ଜାହାଜରୁ ଭାରତରେ ଓହ୍ଲାଇବା ନିମିତ୍ତ ବାଧା ଦେଇଥିଲେ, ସେତେବେଳେ ଜଣେ ହିନ୍ଦୁ ହିଁ ସେମାନଙ୍କ ପକ୍ଷ ସମର୍ଥନ କରି ସେମାନଙ୍କୁ ଓହ୍ଲାଇବାରେ ସାହାଯ୍ୟ କରିଥିଲେ । ଯାହା ସବୁକିଛିକୁ ବିନା ବିଚାରରେ ମାନିନିଏ, ତାହା ଅନ୍ଧ ଧର୍ମବିଶ୍ୱାସ । ବକ୍ତା ଅନ୍ଧଙ୍କର ହସ୍ତୀଦର୍ଶନ ସହିତ ଧର୍ମମତର ତୁଳନା କରିଥିଲେ । ଜଣେ ଜଣେ ଅନ୍ଧ ହାତୀ ଦେହର ଗୋଟିଏ ଗୋଟିଏ ଅଂଶ ସ୍ପର୍ଶଦ୍ୱାରା ଅନୁଭବ କରି ହାତୀ ଦେଖିବାକୁ କିପରି ତାହା ସିଦ୍ଧାନ୍ତ କରି କହିଥିଲେ । ନିଜର ଅଭିଜ୍ଞତା ଦିଗରୁ ପ୍ରତ୍ୟେକଙ୍କର ଉକ୍ତି ସତ୍ୟ ହେଲେ ମଧ୍ୟ ହାତୀର ସାମଗ୍ରିକ ବର୍ଣ୍ଣନା କୌଣସି ଗୋଟିକରୁ ହେଲେ ମିଳିଲା ନାହିଁ । ହିନ୍ଦୁ ଦାର୍ଶନିକମାନେ କହନ୍ତି, 'ସତ୍ୟରୁ ସତ୍ୟକୁ, ନିମ୍ନତର ସତ୍ୟରୁ ଉଚ୍ଚତର ସତ୍ୟକୁ ।' ସବୁ ମନୁଷ୍ୟ କୌଣସି ଏକ ସମୟରେ ସମାନ ଭାବରେ ଚିନ୍ତା କରିବେ, ଏହା ଯେଉଁମାନେ ଆଶା କରନ୍ତି, ସେମାନେ ଅଳସ ସ୍ୱପ୍ନ ମାତ୍ର ଦେଖୁଛନ୍ତି । ଏଭଳି ଅବସ୍ଥା ଉପସ୍ଥିତ ହେଲେ ଧର୍ମର ମୃତ୍ୟୁ ଘଟିବ । ପ୍ରତ୍ୟେକ ଧର୍ମ ହିଁ କ୍ଷୁଦ୍ର କ୍ଷୁଦ୍ର ଦଳରେ ବିଭକ୍ତ ହୋଇପଡ଼େ ଏବଂ ପ୍ରତ୍ୟେକଟି ଦଳ ଦାବି କରନ୍ତି ଯେ, ତାଙ୍କର ପଥ ହିଁ ସତ୍ୟ ଏବଂ ଅନ୍ୟମାନେ ଭ୍ରାନ୍ତ । ବୌଦ୍ଧଧର୍ମରେ ଅପରମତାବଲମ୍ବୀଙ୍କ ଉପରେ ନିପୀଡ଼ନ ସମ୍ପୂର୍ଣ୍ଣ ଅବିଦିତ । ଏକମାତ୍ର ବୌଦ୍ଧଧର୍ମ ହିଁ ପ୍ରଥମେ ନାନାଦେଶକୁ ପ୍ରଚାରକ ପଠାଇଥିଲା ଏବଂ କହିପାରେ ଯେ, ଏକବିନ୍ଦୁ ମଧ୍ୟ ରକ୍ତପାତ ନ କରି ଲକ୍ଷ ଲକ୍ଷ ଲୋକଙ୍କୁ ଧର୍ମାନ୍ତରିତ କରିପାରିଛି । ନାନା ଦୋଷ ଓ କୁସଂସ୍କାର ସତ୍ତ୍ୱେ ହିନ୍ଦୁମାନେ କଦାପି ଅପର କାହା ଉପରେ ଅତ୍ୟାଚାର କରି ନାହାନ୍ତି । ବକ୍ତା ଜାଣିବାକୁ ଚାହିଁଥିଲେ ଯେ, ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଅନ୍ୟାନ୍ୟ ଖ୍ରୀଷ୍ଟାନ୍ ଦେଶରେ ରହିଥିବା ଅସାମ୍ୟକୁ କିପରି ଭାବରେ ଅନୁମୋଦନ କରନ୍ତି ?

## ଅଲୌକିକ ଘଟଣା

'ଇଭ୍‌ନିଂ ନିଉଜ୍', ୧୭ ଫେବୃଆରି ୧୮୯୪

'ମୁଁ ମୋର ଧର୍ମର ପ୍ରମାଣସ୍ୱରୂପ କୌଣସି ଅଲୌକିକ ଘଟଣା ଦେଖାଇବି—ନିଉଜ୍ ପତ୍ରିକାର ଏହି ଅନୁରୋଧ ରକ୍ଷା କରିବା ମୋ ପକ୍ଷରେ ସମ୍ଭବ ନୁହେଁ ।'—ଏହି କାଗଜର ଜଣେ ପ୍ରତିନିଧି ବିବେକାନନ୍ଦଙ୍କୁ ଏହି ବିଷୟକ ସମ୍ପାଦକୀୟ ପ୍ରବନ୍ଧଟି ଦେଖାଇବାରୁ ସେ

ଉପର୍ଯ୍ୟୁକ୍ତ ମନ୍ତବ୍ୟ ଦେଇଥିଲେ । ସେ କହିଲେ, ପ୍ରଥମତଃ ମୁଁ ଅଲୌକିକ ଘଟଣା ନେଇ କାମ କରେ ନାହିଁ, ଏବଂ ଦ୍ୱିତୀୟତଃ ମୁଁ ଯେଉଁ ହିନ୍ଦୁଧର୍ମର ଅନ୍ତର୍ଭୁକ୍ତ ତାହା ଅଲୌକିକ ଘଟନା ଉପରେ ପ୍ରତିଷ୍ଠିତ ନୁହେଁ । ଅଲୌକିକ ଘଟନା ବୋଲି କିଛି ଆମେ ମାନୁ ନାହିଁ । ଆମର ପଞ୍ଚେନ୍ଦ୍ରିୟର ପରିସର ବାହାରେ ଆଶ୍ଚର୍ଯ୍ୟ ଅନେକ କିଛି ଘଟିଥାଏ ସତ୍ୟ; କିନ୍ତୁ ତାହା କୌଣସି ନା କୌଣସି ନିୟମର ଅଧୀନ । ଆମର ଧର୍ମ ସହିତ ସେଗୁଡ଼ିକର କୌଣସି ସମ୍ପର୍କ ନାହିଁ । ଯେଉଁସବୁ ଆଶ୍ଚର୍ଯ୍ୟ କ୍ରିୟାକଳାପ ଭାରତବର୍ଷରେ କରାଯାଏ ବୋଲି ବୈଦେଶିକ ସମ୍ବାଦପତ୍ରମାନଙ୍କରେ ଛପା ହୁଏ, ସେଥିମଧ୍ୟରୁ ଅଧିକାଂଶ ହିଁ ହେଲା ହାତର କୌଶଳ ବା ସମ୍ମୋହନ-ବିଦ୍ୟାର ପ୍ରଭାବଜନିତ ଆଖିର ଭ୍ରମ । ଯଥାର୍ଥ ଜ୍ଞାନୀ ପୁରୁଷମାନେ କଦାପି ସେସବୁ କରନ୍ତି ନାହିଁ । ସେମାନେ କେବେହେଲେ ପଇସା ପାଇଁ ହାଟ ବଜାରରେ ଏହିପରି ଗୁଣି-ଗାରୁଡ଼ି ଦେଖାଇ ଦେଶସାରା ବୁଲି ବୁଲନ୍ତି ନାହିଁ । ଯେଉଁମାନେ ଯଥାର୍ଥ ଆଧ୍ୟାତ୍ମିକ ତତ୍ତ୍ୱ-ଜିଜ୍ଞାସୁ ଏବଂ କେବଳ ବାଳସୁଲଭ କୌତୂହଳାକ୍ରାନ୍ତ ନୁହନ୍ତି, ସେମାନେ ସେସବୁ ଜ୍ଞାନୀ ପୁରୁଷମାନଙ୍କର ଦେଖାପାଆନ୍ତି ଏବଂ ସେମାନଙ୍କୁ ଚିହ୍ନିପାରନ୍ତି ।

## ମନୁଷ୍ୟର ଦେବତ୍ୱ

'ଡେଟ୍ରୟେଟ ଫ୍ରୀ ପ୍ରେସ୍', ୧୮ ଫେବ୍ରୁଆରି ୧୮୯୪

ହିନ୍ଦୁ ଦାର୍ଶନିକ ଏବଂ ପୁରୋହିତ ସ୍ୱାମୀ ବିବେକାନନ୍ଦ ଗତରାତିରେ ୟୁନିଟାରିଆନ୍ ଚର୍ଚ୍ଚରେ 'ମନୁଷ୍ୟର ଦେବତ୍ୱ' ସମ୍ବନ୍ଧରେ କିଛି କହି ତାଙ୍କର ବକ୍ତୃତା ବା ଧର୍ମ-ବ୍ୟାଖ୍ୟାନ-ମାଳାର ଉପସଂହାର କରିଛନ୍ତି । ପାଗ ଖରାପ ଥିବା ସତ୍ତ୍ୱେ ପ୍ରାଚ୍ୟଦେଶୀୟ ଏହି ଭ୍ରାତାଙ୍କର (ଏହି ନାମରେ ତାଙ୍କୁ ଅଭିହିତ କରିବାକୁ ସେ ପସନ୍ଦ କରନ୍ତି) ବକ୍ତୃତା-ମଞ୍ଚକୁ ଆସିବାର ଅଧଘଣ୍ଟା ପୂର୍ବରୁ ସମଗ୍ର ଗୀର୍ଜାଟି ପ୍ରାୟ ଦୁଆର ପର୍ଯ୍ୟନ୍ତ ଶ୍ରୋତୃମଣ୍ଡଳୀଦ୍ୱାରା ଭର୍ତ୍ତି ହୋଇଯାଇ-ଥିଲା । ସେମାନଙ୍କ ମଧ୍ୟରେ ଆଇନଜୀବୀ, ବିଚାରକ, ଖ୍ରୀଷ୍ଟୀୟ ଧର୍ମଯାଜକ, ବ୍ୟବସାୟୀ, ଜଣେ ଇହୁଦୀ ଧର୍ମଯାଜକ ଆଦି ସବୁ ଜୀବିକା ଓ ବୃତ୍ତିର ଲୋକମାନେ ଥିଲେ, ଏବଂ ମହିଳା କଥା ତ ଛାଡ଼ିଦିଅ । ମହିଳାଗଣ ବାରମ୍ବାର ଉପସ୍ଥିତ ହୋଇ ଏବଂ ପ୍ରଖର ମନୋଯୋଗ ସହକାରେ ତାଙ୍କର ଭାଷଣ ଶୁଣି ଶ୍ୟାମବର୍ଣ୍ଣ ଆଗନ୍ତୁକଙ୍କୁ ସେମାନଙ୍କର ଭୂରି ଭୂରି ପ୍ରଶଂସାବାଦ ଅର୍ପଣ କରିବାର ସୁସ୍ପଷ୍ଟ ପ୍ରବଣତା ପ୍ରମାଣ କରିଛନ୍ତି । ବକ୍ତା ଭଦ୍ରଲୋକମାନଙ୍କ ବୈଠକଖାନାରେ ବସି ଆଳାପ ଆଲୋଚନାରେ ଯେପରି ସମସ୍ତଙ୍କୁ ଆକର୍ଷଣ କରିପାରନ୍ତି, ସାଧାରଣ ବକ୍ତୃତା-ମଞ୍ଚରେ ମଧ୍ୟ ଠିଆ ହୋଇ ଠିକ୍ ସେହିପରି କରିପାରନ୍ତି ।

ଗତ ରାତିର ବକ୍ତୃତା ପୂର୍ବର ବକ୍ତୃତାଗୁଡ଼ିକ ଅପେକ୍ଷା କମ୍ ବର୍ଣ୍ଣନାମୂଳକ ଥିଲା । ପ୍ରାୟ ଦୁଇଘଣ୍ଟା ଧରି ବିବେକାନନ୍ଦ ମାନବୀୟ ଏବଂ ଐଶ୍ୱରିକ ବିଷୟରେ ତତ୍ତ୍ୱବିଦ୍ୟାର ଏକ ଆସ୍ତରଣ ରଚନା କରିଗଲେ । ତାଙ୍କର କଥାଗୁଡ଼ିକ ଏତେ ଯୁକ୍ତିସଙ୍ଗତ ଯେ, ବିଜ୍ଞାନକୁ ସେ ସାଧାରଣ ବୋଧଗମ୍ୟ ହେଲାଭଳି ସରଳ କରିଦେଲେ । ନ୍ୟାୟଗର୍ଭିକ ଭାଷଣଟି ଠିକ୍ ଯେପରି

ତାଙ୍କର ସ୍ୱଦେଶର ହାତବୁଣା ଏବଂ ଅତି ଚମତ୍କାର ପ୍ରାଚ୍ୟଗନ୍ଧଦ୍ରବ୍ୟଦ୍ୱାରା ସୁବାସିତ ନାନା ବର୍ଣ୍ଣର ଗୋଟିଏ ବସ୍ତ୍ର ପରି—ସୁନ୍ଦର, ଉଜ୍ଜ୍ୱଳ, ଚିତ୍ତାକର୍ଷକ ଏବଂ ଆନନ୍ଦଦାୟକ । ଶିଳ୍ପୀ ଯେପରି ତାଙ୍କର ଚିତ୍ରରେ ନିପୁଣଭାବରେ ନାନା ରଙ୍ଗ ବ୍ୟବହାର କରନ୍ତି ଏହି ଶ୍ୟାମବର୍ଣ୍ଣ ଭଦ୍ରଲୋକ ମଧ୍ୟ ତାଙ୍କର ଭାଷଣରେ ସେହିପରି କାବ୍ୟମୟ ଉପମା ପ୍ରୟୋଗ କରିଥିଲେ । ଯେଉଁଠାରେ ଯାହା ମାନିବ, ସେ ଠିକ୍ ସେହିଠାରେ ତାହା ଖଞ୍ଜି ଦେଉଥିଲେ । ଏହାର ପ୍ରତିକ୍ରିୟା କିଛି ଅଦ୍ଭୁତ ମନେହେଲେ ମଧ୍ୟ ତାହାର ଏକ ଅପୂର୍ବ ଆକର୍ଷଣ ଥିଲା । ତାଙ୍କର ଯୁକ୍ତିପ୍ରତିଷ୍ଠ ସିଦ୍ଧାନ୍ତଗୁଡ଼ିକ ଠିକ୍ ଚଳିଚିତ୍ର ପରି ଦ୍ରୁତଭାବରେ ଓ କ୍ରମାନ୍ୱୟରେ ଉପସ୍ଥିତ ହେଉଥିଲା ଓ ଏହି କୁଶଳୀ ବକ୍ତାଙ୍କର ଶ୍ରମ ମଧ୍ୟ ମଝିରେ ମଝିରେ ଶ୍ରୋତୃବୃନ୍ଦଙ୍କର ଉତ୍ସାହ-ପୂର୍ଣ୍ଣ କରତାଳିଦ୍ୱାରା ସାର୍ଥକତା ଲାଭ କରୁଥିଲା ।

ବକ୍ତୃତାର ପୂର୍ବରୁ ଘୋଷଣା କରାଯାଇଥିଲା ଯେ, ବକ୍ତାଙ୍କ ନିକଟକୁ ଅନେକଗୁଡ଼ିଏ ପ୍ରଶ୍ନ ଅଣାଯାଇଛି । ଏଥିରୁ କେତେଗୁଡ଼ିକର ଉତ୍ତର ପୃଥକ୍‌ରୂପେ ବ୍ୟକ୍ତିଗତ ଭାବରେ ଦେବାକୁ ସେ ଉଚିତ ମନେକରିଥିଲେ । ତଥାପି ବକ୍ତୃତାମଞ୍ଚରୁ ପ୍ରତ୍ୟୁତ୍ତର ଦେବା ପାଇଁ ତିନୋଟି ପ୍ରଶ୍ନ ସେ ବାଛି ରଖିଥିଲେ । ପ୍ରଶ୍ନଗୁଡ଼ିକ ହେଲା :

(୧) ଭାରତର ଲୋକମାନେ କଅଣ ସେମାନଙ୍କର ଶିଶୁସନ୍ତାନମାନଙ୍କୁ କୁମ୍ଭୀର-ମୁଖରେ ନିକ୍ଷେପ କରନ୍ତି ?

(୨) ସେମାନେ କଅଣ ଜଗନ୍ନାଥଙ୍କ ରଥଚକତଳେ ପଡ଼ି ମୃତ୍ୟୁବରଣ କରନ୍ତି ?

(୩) ସେମାନେ କ'ଣ ମୃତସ୍ୱାମୀ ସହିତ ତାଙ୍କର ଜୀବିତ ବିଧବାକୁ ମଧ୍ୟ ଜବରଦସ୍ତି ଦାହ କରନ୍ତି ?

ବିଦେଶରେ ଜଣେ ଆମେରିକାନ୍‌ଙ୍କୁ ନ୍ୟୁୟର୍କ ସହରର ରାସ୍ତାରେ ରେଡ୍ ଇଣ୍ଡିଆନ୍-ମାନେ ଦୌଡ଼ା-ଦୌଡ଼ି କରନ୍ତି କି ନାହିଁ—ଏ ବିଷୟରେ, ଅବା ଆମେରିକା ସମ୍ବନ୍ଧରେ ୟୁରୋପରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚଳିତ ଏହି ଧରଣର ଅବାନ୍ତର ଖବର ସମ୍ବନ୍ଧରେ ପ୍ରଶ୍ନ କଲେ ସେ ଯେଉଁ ଭାବରେ ଉତ୍ତର ଦେଇଥାନ୍ତେ, ବକ୍ତା ବିବେକାନନ୍ଦ ପ୍ରଥମ ପ୍ରଶ୍ନଟିର ଉତ୍ତର ସେହିଭାବରେ ହିଁ ଦେଇଥିଲେ । ଅର୍ଥାତ୍ ପ୍ରଶ୍ନଟି ଏତେ ଅବାନ୍ତର ଯେ, ତାହାର କୌଣସି ଗୁରୁତ୍ୱପୂର୍ଣ୍ଣ ଉତ୍ତର ନିଷ୍ପ୍ରୟୋଜନ । କୌଣସି କୌଣସି ସରଳ କିନ୍ତୁ ଅଜ୍ଞ ଲୋକ ତାଙ୍କୁ ପଚାରିଥିଲେ ଯେ, ହିନ୍ଦୁମାନେ କେବଳ ସ୍ତ୍ରୀ-ଶିଶୁଙ୍କୁ କାହିଁକି କୁମ୍ଭୀରମୁହଁରେ ଦିଅନ୍ତି ? —ଏହାର ଉତ୍ତରରେ ବିବେକାନନ୍ଦ ବ୍ୟଙ୍ଗ କରି କହିଥିଲେ, ଏହାର କାରଣ ବୋଧହୁଏ ଏହି ଯେ, ସ୍ତ୍ରୀ-ଶିଶୁମାନଙ୍କର ମାଂସ ବେଶୀ ନରମ ଏବଂ ସେହି ଅଦ୍ଭୁତ ଦେଶର ନଦୀରେ ଯେଉଁସବୁ ହିଂସ୍ର ଜଳଜନ୍ତୁ ବାସ କରନ୍ତି, ସେମାନେ ଏହିପରି ମାଂସ ସହଜରେ ହଜମ କରି-ପାରନ୍ତି । ଜଗନ୍ନାଥ ସମ୍ବନ୍ଧୀୟ ପ୍ରଶ୍ନଟି ସମ୍ବନ୍ଧରେ ବକ୍ତା ସେହି ତୀର୍ଥସ୍ଥାନର ଦୀର୍ଘ କାଳରୁ ପ୍ରଚଳିତ ରଥଯାତ୍ରା ବ୍ୟାପାରଟି ବ୍ୟାଖ୍ୟା କରି ବୁଝାଇ ଦେଇଥିଲେ ଏବଂ କହିଲେ ଯେ, ହୁଏତ ସମ୍ଭବ କେତେବେଳେ କୌଣସି ଖୁବ୍ ଉତ୍ସାହୀ ଭକ୍ତ ରଥସଂଲଗ୍ନ ଦଉଡ଼ି ଧରିବାକୁ ଏବଂ ଟାଣିବାକୁ ଯାଇ ଗୋଡ଼ ଖସି ଚକତଳେ ପଡ଼ି ମରିଯାଇଥିବେ । ଏହିପରି କୌଣସି

ଆକସ୍ମିକ ଦୁର୍ଘଟଣାର ଅତିରଞ୍ଜିତ ବର୍ଣ୍ଣନାରୁ ପରେ ନାନା ବିକୃତ ଧାରଣାର ସୃଷ୍ଟି ହୋଇଛି ଏବଂ ଏହିସବୁ ଶୁଣି ଅନ୍ୟ ଦେଶର ସହୃଦୟ ଲୋକେ ଆତଙ୍କରେ ଶିହରି ଉଠୁଛନ୍ତି । ହିନ୍ଦୁମାନେ ଜୀବିତ ବିଧବାମାନଙ୍କୁ ଅଗ୍ନିସାତ୍ କରନ୍ତି, ଏକଥା ବିବେକାନନ୍ଦ ଅସ୍ୱୀକାର କରିଥିଲେ । ତେବେ ଏହା ସତ୍ୟ ଯେ ସମୟେ ସମୟେ କୌଣସି ବିଧବା ନିଜେ ସ୍ୱେଚ୍ଛାରେ ଅଗ୍ନିରେ ଆତ୍ମାହୁତି ଦେଇଛନ୍ତି । ଏହିପରି ଘଟଣା ଯେତେବେଳେ ଘଟିଛି ସେତେବେଳେ ପୁରୋହିତ ଏବଂ ସାଧୁସନ୍ଥମାନେ ସେମାନଙ୍କୁ ସେହି କାର୍ଯ୍ୟରୁ ବିରତ ହେବା ପାଇଁ ବାରମ୍ବାର ଅନୁରୋଧ କରିଛନ୍ତି । କାରଣ ସେମାନେ ସମସ୍ତେ ଆତ୍ମହତ୍ୟାର ବିରୋଧୀ । ସମସ୍ତଙ୍କର ଅନୁରୋଧ ସତ୍ତ୍ୱେ ଯଦି ପତିବ୍ରତା ବିଧବା ସ୍ୱାମୀଙ୍କ ସହିତ ସହମୃତା ହେବା ପାଇଁ ଜିଦ୍ କରନ୍ତି, ତେବେ ତାଙ୍କୁ ଏକ ଅଗ୍ନି-ପରୀକ୍ଷା ଦେବାକୁ ପଡ଼ୁଥିଲା । ଅର୍ଥାତ୍ ସେ ପ୍ରଥମେ ଅଗ୍ନିଶିଖାରେ ହାତ ପୂରାଇ ଦେଉଥିଲେ । ଯଦି ହାତ ପୋଡ଼ିଯାଏ, ତେବେ ତାଙ୍କୁ ତାଙ୍କ ସ୍ୱାମୀଙ୍କ ସହିତ ସହମରଣର ଇଚ୍ଛାରେ ଆଉ ବାଧା ଦିଆଯାଉ ନ ଥିଲା; କିନ୍ତୁ ଭାରତ ତ ଏକମାତ୍ର ଦେଶ ନୁହେଁ, ଯେଉଁଠାରେ ପ୍ରେମିକା ନାରୀ ପ୍ରେମାସ୍ପଦର ମୃତ୍ୟୁପରେ ସ୍ୱେଚ୍ଛାରେ ତାଙ୍କ ସହିତ ଅମୃତଲୋକକୁ ଅନୁଗମନ କରିଛନ୍ତି । ଏହି ଧରଣର ମୃତ୍ୟୁବରଣ ପ୍ରତ୍ୟେକ ଦେଶରେ ହିଁ ହୋଇଛି । ଯେକୌଣସି ଦେଶରେ ଏହା ଏକପ୍ରକାର ଅସ୍ୱାଭାବିକ ଧର୍ମୋନ୍ମତ୍ତତା । ଅନ୍ୟତ୍ର ଯେପରି ଭାରତରେ ମଧ୍ୟ ତାହା ସେହିପରି ଅସ୍ୱାଭାବିକ । ବକ୍ତା ପୁନରାୟ କହିଲେ ଯେ, ନା, ଭାରତବାସୀ ନାରୀମାନଙ୍କୁ ପୋଡ଼ି ମାରନ୍ତି ନାହିଁ । ପାଶ୍ଚାତ୍ୟ ଦେଶପରି ସେମାନେ କେବେ ହେଲେ ଡାହାଣୀମାନଙ୍କୁ ଦଗ୍ଧ କରି ନାହାନ୍ତି ।

ଅତଃପର ବକ୍ତୃତାର ପ୍ରକୃତ ବିଷୟକୁ ଆସି ବିବେକାନନ୍ଦ ପ୍ରଥମେ ମାନବଜୀବନର ଶାରୀରିକ, ମାନସିକ ଏବଂ ଆତ୍ମିକ ବୈଶିଷ୍ଟ୍ୟଗୁଡ଼ିକର ବିଶ୍ଳେଷଣ କରିଥିଲେ । ଶରୀର ବାହାରର ଖୋଳପା ମାତ୍ର, ମନ ମଧ୍ୟ ଗୋଟିଏ କ୍ରିୟାଶୀଳ ବସ୍ତୁବିଶେଷ, ଯାହାର କାର୍ଯ୍ୟ ଖୁବ୍ ତ୍ୱରିତ ଏବଂ ରହସ୍ୟମୟ; ଏକମାତ୍ର ଆତ୍ମା ହିଁ ସମସ୍ତ ବ୍ୟକ୍ତିସତ୍ତା । ଆତ୍ମାର ଅନନ୍ତ ସ୍ୱରୂପର ଜ୍ଞାନ ହେଲେ ମୁକ୍ତିଲାଭ ହୁଏ । ଆମେମାନେ ଯାହାକୁ 'ପରିତ୍ରାଣ' କହୁ, ହିନ୍ଦୁମାନେ ତାକୁ 'ମୁକ୍ତି' କହନ୍ତି । ବେଶ୍ ବଳବାନ୍ ଯୁକ୍ତି ସାହାଯ୍ୟରେ ବକ୍ତା ପ୍ରମାଣ କଲେ ଯେ, ପ୍ରତ୍ୟେକ ଆତ୍ମା ହିଁ ପ୍ରକୃତ ପକ୍ଷରେ ସ୍ୱାଧୀନ । ଆତ୍ମା ଯଦି କୌଣସି ବସ୍ତୁର ଅଧୀନ ହୋଇଥାନ୍ତା, ତାହାହେଲେ ଏହା କଦାପି ଅମରତ୍ୱ ଲାଭ କରିପାରନ୍ତା ନାହିଁ । କୌଣସି ବ୍ୟକ୍ତି କିପରି ଭାବରେ ଆତ୍ମାର ସ୍ୱାଧୀନତା ଓ ଅମରତ୍ୱର ପ୍ରତ୍ୟକ୍ଷାନୁଭୂତି ଲାଭ କରିପାରନ୍ତି, ତାହାର ଉଦାହରଣସ୍ୱରୂପ ବକ୍ତା ତାଙ୍କ ଦେଶର ଗୋଟିଏ ଉପକଥାର ବର୍ଣ୍ଣନା କରିଥିଲେ ।

ଏକ ଆସନ୍ନପ୍ରସବା ସିଂହୀ ଗୋଟିଏ ମେଷ ଉପରେ ଝାମ୍ପି ପଡ଼ିବା ସମୟରେ ସନ୍ତାନ ପ୍ରସବ କରି ପକାଇଲା ଓ ତତ୍ପରେ ମରିଗଲା । ସିଂହଶାବକଟିକୁ ମେଷୀ ସ୍ତନ୍ୟପାନ କରାଇ ବଞ୍ଚାଇଲା । ସେ ମେଷଦଳରେ ବଢ଼ିବାକୁ ଲାଗିଲା । ନିଜକୁ ସେ ମେଷ ବୋଲି ଭାବୁଥିଲା ଓ ମେଷପରି ଆଚରଣ ମଧ୍ୟ କରୁଥିଲା । ଦିନେ ଆଉ ଏକ ସିଂହ ତାକୁ ଏକ ଜଳାଶୟ ନିକଟକୁ ନେଇଗଲା । ଜଳରେ ସେ ନିଜର ପ୍ରତିବିମ୍ବକୁ ଅନ୍ୟ ସିଂହଙ୍କ ଭଳି ଦେଖି ବୁଝିଲା ଯେ, ସେ

ମେଷ ନୁହେଁ । ସେତେବେଳେ ସେ ସିଂହ ପରି ଗର୍ଜନ କରି ଉଠିଲା । ଆମମାନଙ୍କ ମଧ୍ୟରୁ ଅନେକଙ୍କର ଦଶା ଏହି ଭ୍ରାନ୍ତ ସିଂହ-ମେଷ ପରି ।

ନିଜକୁ 'ପାପୀ' ମନେକରି ଆମେ କୋଣରେ ଲୁଚିରହୁ, ଏବଂ ଯେତେପ୍ରକାରେ ସମ୍ଭବ ହୀନ ଆଚରଣ କରିଯାଉ । ଆପଣାର ଆତ୍ମାର ପୂର୍ଣ୍ଣତା ଓ ଦେବତ୍ୱ ଆମେ ଦେଖିପାରୁ ନାହିଁ । ନରନାରୀଙ୍କର ଯାହା 'ମୁଁ', ତାହା ହିଁ ଆତ୍ମା । ଆତ୍ମା ଯଦି ପ୍ରକୃତ ପକ୍ଷରେ ମୁକ୍ତ, ତାହା ହେଲେ ଅନନ୍ତ ପୂର୍ଣ୍ଣସ୍ୱରୂପରୁ ବ୍ୟକ୍ତିଗତ ବିଚ୍ଛିନ୍ନତା ଆସିଲା କିପରି ? —ହ୍ରଦଜଳରେ ସୂର୍ଯ୍ୟର ଯେପରି ପୃଥକ୍ ପୃଥକ୍ ଅସଂଖ୍ୟ ପ୍ରତିବିମ୍ବ ପଡ଼େ, ଠିକ୍ ସେହିଭାବରେ । ସୂର୍ଯ୍ୟ ଏକ, କିନ୍ତୁ ପ୍ରତିବିମ୍ବିତ ସୂର୍ଯ୍ୟ ବହୁ । ମାନବାତ୍ମାର ପ୍ରକୃତ ସ୍ୱରୂପ ଏକ, କିନ୍ତୁ ନାନା ଦେହରେ ପ୍ରତିବିମ୍ବିତ ଆତ୍ମା ବହୁ । ବିଶ୍ୱସ୍ୱରୂପ ପରମାତ୍ମାଙ୍କର ଅବ୍ୟାହତ ସ୍ୱାଧୀନତାକୁ ଉପଲବ୍ଧି କରିହୋଇପାରେ । ଆତ୍ମାର କୌଣସି ଲିଙ୍ଗ ନାହିଁ । ଦେହରେ ହିଁ ସ୍ତ୍ରୀ-ପୁରୁଷ ଭେଦ ହୁଏ । ଏହି ପ୍ରସଙ୍ଗରେ ବକ୍ତା ସୁଇଡେନବର୍ଗଙ୍କର ଦର୍ଶନ ଓ ଧର୍ମ ମଧ୍ୟରେ ଗଭୀର ଭାବରେ ପ୍ରବେଶ କରିଥିଲେ । ହିନ୍ଦୁ ବିଶ୍ୱାସସମୂହ ସହିତ ଏହି ଆଧୁନିକ ମହାପୁରୁଷଙ୍କର ଆଧ୍ୟାତ୍ମିକ ଭାବଧାରାର ସମ୍ବନ୍ଧ ଖୁବ୍ ସ୍ପଷ୍ଟ ହୋଇ ଉଠିଥିଲା । ମନେହେଉଥିଲା ସୁଇଡେନବର୍ଗ ଯେପରି ପ୍ରାଚୀନ ଏକ ହିନ୍ଦୁ ଋଷିଙ୍କର ଇଉରୋପୀୟ ଉତ୍ତରାଧିକାରୀ, ଯେ କି ଏକ ସନାତନ ସତ୍ୟକୁ ବର୍ତ୍ତମାନ କାଳର ପୋଷାକ ପିନ୍ଧାଇ ଉପସ୍ଥାପିତ କରିଛନ୍ତି । ଶ୍ରେଷ୍ଠ ଫରାସୀ ଦାର୍ଶନିକ ଓ ଔପନ୍ୟାସିକ (ବାଲଜାକ୍ ?) ମଧ୍ୟ ତାଙ୍କର 'ପୂର୍ଣ୍ଣ ଆତ୍ମା'ର ଉଦ୍ଦୀପନାମୟ ପ୍ରସଙ୍ଗ ମଧ୍ୟରେ ଏହି ଧରଣର ଚିନ୍ତାଧାରାକୁ ଅନ୍ତର୍ଭୁକ୍ତ କରିବା ସମୀଚୀନ ମନେକରିଛନ୍ତି । ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ହିଁ ପରିପୂର୍ଣ୍ଣତା ବିଦ୍ୟମାନ । ତାହାର ଶାରୀରିକ ସତ୍ତାର ଅନ୍ଧକାର ଗୁହାଗୁଡ଼ିକ ଭିତରେ ଏହା ଯେପରିକି ଶୋଇ ରହିଛି । ଯଦି କେହି କହନ୍ତି, ଭଗବାନ ତାଙ୍କର ପୂର୍ଣ୍ଣତାର କିଛି ଅଂଶ ମନୁଷ୍ୟକୁ ଦାନ କରନ୍ତି ବୋଲି ମନୁଷ୍ୟ ସତ୍ ହୁଏ, ତାହାହେଲେ ସ୍ୱୀକାର କରିବାକୁ ହେବ ଯେ, ଭଗବାନଙ୍କର ପୂର୍ଣ୍ଣତାରୁ ପୃଥିବୀର ମନୁଷ୍ୟକୁ ପ୍ରଦତ୍ତ ସେତିକି ଅଂଶ ବାଦ୍ ଗଲା । ବିଜ୍ଞାନର ଅବ୍ୟର୍ଥ ନିୟମରୁ ପ୍ରମାଣିତ ହୁଏ ଯେ, ପ୍ରତ୍ୟେକ ବ୍ୟଷ୍ଟି-ଆତ୍ମା ମଧ୍ୟରେ ପୂର୍ଣ୍ଣତା ନିହିତ ଏବଂ ଏହି ପୂର୍ଣ୍ଣତାକୁ ଲାଭ କରିବାର ନାମ ହିଁ ମୁକ୍ତି—ବ୍ୟକ୍ତିଗତ ଅନନ୍ତତାର ଉପଲବ୍ଧି । ପ୍ରକୃତି, ଈଶ୍ୱର, ଧର୍ମ—ତିନୋଟି ହିଁ ସେତେବେଳେ ଏକ ।

ସବୁ ଧର୍ମ ହିଁ ଭଲ । ଗିଲାସେ ପାଣି ଭିତରେ ବାୟୁର ଯେଉଁ ବୁଦ୍‌ବୁଦଟି ଆବଦ୍ଧ ହୋଇପଡ଼ିଛି, ତାହା ବାହାରର ଅନନ୍ତ ବାୟୁସହିତ ଯୁକ୍ତ ହେବାକୁ ଚେଷ୍ଟା କରେ । ବାୟୁର ବୁଦ୍‌ବୁଦଟି ଯଦି ତେଲ, ଭିନେଗାର ବା ଏହିପରି ଅନ୍ୟାନ୍ୟ ବିଭିନ୍ନ ଘନତ୍ୱବିଶିଷ୍ଟ ତରଳ ପଦାର୍ଥରେ ଆବଦ୍ଧ ହୋଇପଡ଼େ, ତାହାହେଲେ ମୁକ୍ତିର ଚେଷ୍ଟା ତରଳ ପଦାର୍ଥଟିର ଘନତ୍ୱ ଅନୁଯାୟୀ କମ୍ ବା ବେଶୀ ବ୍ୟାହତ ହୁଏ । ଜୀବାତ୍ମା ମଧ୍ୟ ସେହିପରି ବିଭିନ୍ନ ଦେହ ଭିତର ଦେଇ ଏହାର ସ୍ୱକୀୟ ଅନନ୍ତତା ଲାଭ କରିବାକୁ ପ୍ରୟାସ କରିଚାଲିଛି । ଆହାର-ବ୍ୟବହାର, ପାରିପାର୍ଶ୍ୱିକ ଓ ବଂଶଗତ ବୈଶିଷ୍ଟ୍ୟ ଏବଂ ଜଳବାୟୁର ପ୍ରଭାବ—ଏହିସବୁ ଦିଗରୁ ବିଚାର କରି କୌଣସି ଏକ ମାନବଗୋଷ୍ଠୀ ପକ୍ଷରେ ଏକ ନିର୍ଦ୍ଦିଷ୍ଟ ଧର୍ମ ହୁଏତ ସର୍ବାପେକ୍ଷା

ଉପଯୋଗୀ । ଅନୁରୂପ କାରଣରୁ ଅନ୍ୟ ଏକ ଧର୍ମ ଅପର ଏକ ମାନବଗୋଷ୍ଠୀ ପକ୍ଷରେ ପ୍ରଶସ୍ତ । ବକ୍ତାଙ୍କର ସିଦ୍ଧାନ୍ତଗୁଡ଼ିକର ସାରକଥା ବୋଧହୁଏ ଏହା ଯେ, ଯାହା କିଛି ଅଛି ସବୁ ହିଁ ଉତ୍ତମ । କୌଣସି ଏକ ଜାତିର ଧର୍ମକୁ ହଠାତ୍ ପରିବର୍ତ୍ତନ କରିବାକୁ ଯିବା— ଆଲପ୍ସ ପର୍ବତରୁ ପ୍ରବହମାନା ଗୋଟିଏ ନଦୀକୁ ଦେଖି ତାହା କାହିଁକି ତାହାର ବର୍ତ୍ତମାନ ପଥଟି ନେଇଛି, ସେହି ବିଷୟରେ ସମାଲୋଚନା କରିବା ପରି । ଆଉ ଜଣେ ବ୍ୟକ୍ତି ହୁଏତ ଅଭିମତ ପ୍ରକାଶ କଲେ ଯେ, ନିଃସନ୍ଦେହ ଗୋଟିଏ ଖରସ୍ରୋତା ନଦୀ ହଜାର ହଜାର ବର୍ଷ ଧରି ଯେଉଁ ପଥରେ ବହି ଚାଲିଛି, ସେହି ପଥ ତାହା ପକ୍ଷରେ ସ୍ୱଳ୍ପତମ ଓ ସୁଷ୍ଠୁତମ ପଥ ନୁହେଁ । ଖ୍ରୀଷ୍ଟଧର୍ମାବଲମ୍ବୀ ଈଶ୍ୱରଙ୍କୁ ଆମ ପୃଥିବୀର ଊର୍ଦ୍ଧ୍ୱରେ କୌଣସି ସ୍ଥାନରେ ଉପବିଷ୍ଟ ଜଣେ ବ୍ୟକ୍ତି ବୋଲି କଳ୍ପନା କରନ୍ତି । ଫଳତଃ ଯେଉଁ ସ୍ୱର୍ଗରେ ସ୍ୱର୍ଣ୍ଣମଣ୍ଡିତ ସିଂହାସନରେ ଠିଆ ହୋଇ ମଝିରେ ମଝିରେ ତଳେ ମର୍ତ୍ତ୍ୟଲୋକଙ୍କ ପ୍ରତି ଦୃଷ୍ଟିପାତ କରି ସ୍ୱର୍ଗ-ମର୍ତ୍ତ୍ୟର ପାର୍ଥକ୍ୟ ବୁଝାଯାଏ ନାହିଁ, ଏପରି ସ୍ୱର୍ଗରେ ସେ ସ୍ୱସ୍ତି ଲାଭ କରିପାରନ୍ତି ନାହିଁ । ଯାହାକୁ ଖ୍ରୀଷ୍ଟିଆନ୍‌ମାନେ ଆଚରଣର 'ସ୍ୱର୍ଣ୍ଣୋଜ୍ଜ୍ୱଳ ନୀତି'* ବୋଲି କହନ୍ତି, ତାହା ପରିବର୍ତ୍ତେ ହିନ୍ଦୁମାନେ ଏହି ନୀତିରେ ବିଶ୍ୱାସ କରନ୍ତି ଯେ, ଯାହା କିଛି 'ଅହଂଶୂନ୍ୟ' ତାହା ହିଁ ଭଲ ଏବଂ 'ମୁଁତ୍ୱ' ମାତ୍ରେ ଖରାପ ଏବଂ ଏହି ବିଶ୍ୱାସ ଦ୍ୱାରା ମନୁଷ୍ୟ ଯଥାସମୟରେ ତାହାର ଆତ୍ମାର ଅନନ୍ତ ସ୍ୱରୂପ ଓ ମୁକ୍ତି ଲାଭ କରିପାରିବ । ସ୍ୱାମୀ ବିବେକାନନ୍ଦ କହିଲେ, ତଥାକଥିତ ସ୍ୱର୍ଣ୍ଣମୟ ନୀତିଟି କି ଭୟଙ୍କର ଅମାର୍ଜିତ ! ସର୍ବଦା 'ମୁଁ', 'ମୁଁ' !

ଅନ୍ୟ ନିକଟରୁ ତୁମେ ନିଜେ ଯେପରି ଆଚରଣ ଚାହଁ, ତୁମେ ମଧ୍ୟ ତା' ପ୍ରତି ସେହିପରି ଆଚରଣ କର ! ଏହା ଏକ ଭୀଷଣ ବର୍ବରୋଚିତ କ୍ରୂର ନୀତି, କିନ୍ତୁ ବକ୍ତା ଖ୍ରୀଷ୍ଟଧର୍ମର ଏହି ମତବାଦର ନିନ୍ଦା କରିବାକୁ ଚାହାଁନ୍ତି ନାହିଁ, କାରଣ ଯେଉଁମାନେ ଏଥିରେ ସନ୍ତୁଷ୍ଟ, ସେମାନେ ଏହା ସହିତ ନିଜକୁ ବେଶ୍ ଖାପ ଖୁଆଇ ନେଇଛନ୍ତି ବୋଲି ବୁଝିବାକୁ ହେବ । ଯେଉଁ ବିପୁଳ ଜଳଧାରାଟି ବହି ଚାଲିଛି, ତାକୁ ବହିଯିବାକୁ ଦେବା ହିଁ କର୍ତ୍ତବ୍ୟ । ଯେ ତାହାର ଗତିକୁ ପରିବର୍ତ୍ତିତ କରିବାକୁ ଚାହିଁବ, ସେ ନିର୍ବୋଧ । ପ୍ରକୃତି ହିଁ ପ୍ରୟୋଜନ ଅନୁସାରେ ସମସ୍ତ ସମସ୍ୟାର ସମାଧାନ କରିଦେବ । ସ୍ୱାମୀ ବିବେକାନନ୍ଦ ବେଶ୍ ଜୋର୍ ଦେଇ କହିଲେ ଯେ, ପ୍ରେତତତ୍ତ୍ୱବାଦୀ ବା ଅଦୃଷ୍ଟବାଦୀ—ଏମାନେ ସମସ୍ତେ ହିଁ ଭଲ ଏବଂ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କୁ ଧର୍ମାନ୍ତରିତ କରିବାର କୌଣସି ଇଚ୍ଛା ତାଙ୍କର ନାହିଁ । ଯେଉଁମାନେ ଖ୍ରୀଷ୍ଟଧର୍ମ ଅନୁସରଣ କରି ଚାଲୁଛନ୍ତି, ସେମାନେ ବେଶ୍ ଭଲ କରୁଛନ୍ତି । ସେ ଯେ ହିନ୍ଦୁ, ଏହା ମଧ୍ୟ ଉତ୍ତମ । ତାଙ୍କ ଦେଶରେ ବିଭିନ୍ନ ସ୍ତରର ମେଧାବିଶିଷ୍ଟ ଲୋକଙ୍କ ପାଇଁ ବିଭିନ୍ନ ପର୍ଯ୍ୟାୟର ଧର୍ମମତ ପ୍ରଚଳିତ ଅଛି । ସବୁ ମିଶି ଗୋଟିଏ ଧାରାବାହିକ ଆଧ୍ୟାତ୍ମିକ କ୍ରମୋନ୍ନତି ଲକ୍ଷିତ ହୁଏ । ହିନ୍ଦୁଧର୍ମ ଅହଂଭାବକୁ ବଡ଼ କରେ ନାହିଁ; ଏହାର ଆକାଙ୍‌କ୍ଷା କେବେହେଲେ

---

* 'ଅନ୍ୟମାନଙ୍କ ନିକଟରୁ ତୁମେମାନେ ନିଜପ୍ରତି ଯେଉଁପରି ବ୍ୟବହାର ପ୍ରତ୍ୟାଶା କର, ସେମାନଙ୍କ ପ୍ରତି ମଧ୍ୟ ତୁମେମାନେ ସେହିପରି ଆଚରଣ କରିବ ।' ଯୀଶୁଙ୍କର ଏହି ଉପଦେଶକୁ 'ଗୋଲ୍‌ଡେନ୍ ରୁଲ୍' କୁହାଯାଏ ।—ବାଇବେଲ୍, ନିଉ ଟେଷ୍ଟାମେଣ୍ଟ, ମାଥ୍ୟୁ, ୭।୧୨

ମନୁଷ୍ୟର ଅହମିକାକୁ କେନ୍ଦ୍ର କରେ ନାହିଁ, ଏହା କେବେହେଲେ ପୁରସ୍କାରର ଆଶା ବା ଶାସ୍ତିର ଭୟକୁ ଆଗରେ ରଖେ ନାହିଁ । ହିନ୍ଦୁଧର୍ମ କହେ ଯେ, ବ୍ୟଷ୍ଟି 'ଅହଂ'କୁ ବର୍ଜନ କରି ଅନନ୍ତତ୍ୱ ଲାଭ କରିପାରେ ।

ମନୁଷ୍ୟକୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପ୍ରଲୋଭନ କରିବାର ରୀତି—ଭଗବାନ ସ୍ୱୟଂ ପୃଥିବୀର ଏକ ମାନବଗୋଷ୍ଠୀ ନିକଟରେ ପ୍ରକଟ ହୋଇ ଏହା ପ୍ରବର୍ତ୍ତନ କରିଛନ୍ତି ବୋଲି କୁହାଯାଇଥାଏ—ବସ୍ତୁତଃ ଅତି ନିଷ୍ଠୁର ଏବଂ ଭୟଙ୍କର ଭାବରେ ଦୁର୍ନୀତିଜନକ । ଧର୍ମାନ୍ଧଗଣ ଯଦି ଖ୍ରୀଷ୍ଟୀୟ ମତବାଦ ଆକ୍ଷରିକ ଭାବରେ ଗ୍ରହଣ କରନ୍ତି, ତେବେ ଏହା ସେମାନଙ୍କର ନୈତିକ ସ୍ୱଭାବ ଉପରେ ଏକ ଲଜ୍ଜାକର ପ୍ରତିକ୍ରିୟା ସୃଷ୍ଟି କରେ । ଫଳରେ ଆତ୍ମାର ଅନନ୍ତତା-ଉପଲବ୍ଧିର ସମସ୍ତ ପଛେଇଯାଏ ।

'ଡେଟ୍ରୟେଟ୍ ଟ୍ରିବ୍ୟୁନ୍', ୧୮ ଫେବୃଆରି ୧୮୯୪

ଗତ ରାତିରେ ୟୁନିଟାରିଆନ୍ ଚର୍ଚ୍ଚରେ ବକ୍ତୃତା-ପ୍ରସଙ୍ଗରେ ସ୍ୱାମୀ ବିବେକାନନ୍ଦ କହିଲେ ଯେ, ଭାରତରେ ଧର୍ମ ବା ସାମାଜିକ ନିୟମବଶରୁ ବିଧବାମାନଙ୍କୁ କଦାପି ଜବରଦସ୍ତି ଦାହ କରାଯାଇ ନାହିଁ । ଏହି ଘଟନାଗୁଡ଼ିକରେ ସବୁ କ୍ଷେତ୍ରରେ ହିଁ ସ୍ତ୍ରୀଲୋକମାନେ ସମ୍ପୂର୍ଣ୍ଣ ସ୍ୱେଚ୍ଛାରେ ମୃତ୍ୟୁବରଣ କରିଛନ୍ତି । ପୂର୍ବେ ଭାରତର ଜଣେ ସମ୍ରାଟ ସତୀଦାହ-ପ୍ରଥା ବନ୍ଦ କରିଦେଇଥିଲେ, କିନ୍ତୁ କ୍ରମଶଃ ପରେ ଏହା ପୁନର୍ବାର ପ୍ରଚଳିତ ହେଲା । ଅବଶେଷରେ ଇଂରେଜ ସରକାର ଏହାକୁ ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କଲେ । ସମସ୍ତ ଧର୍ମରେ ହିଁ ଏକଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନେ କି ଧର୍ମୋନ୍ମାଦ । ଏହା ଖ୍ରୀଷ୍ଟଧର୍ମରେ ଯେପରି, ହିନ୍ଦୁଧର୍ମରେ ମଧ୍ୟ ସେହିପରି । ଭାରତରେ ଏପରି ଧର୍ମୋନ୍ମତ୍ତ ଦେଖାଯାଆନ୍ତି, ଯେଉଁମାନେ ତପଶ୍ଚରଣ ନାମରେ ଦିନ ପରେ ଦିନ ସର୍ବଦା ମୁଣ୍ଡ ଉପରକୁ ହାତ ଟେକି ରଖନ୍ତି । ଦୀର୍ଘକାଳ ଏହିପରି କରିବା ଫଳରେ ହାତଟି କ୍ରମେ ଅଚଳ ହୋଇଯାଏ ଏବଂ ଆଜୀବନ ସେହି ଅବସ୍ଥାରେ ରହେ । କେହି କେହି ନିଶ୍ଚଳଭାବରେ ଠିଆ ହୋଇ ରହିବାର ବ୍ରତ ନିଅନ୍ତି । କ୍ରମେ ଏମାନଙ୍କର ଶରୀରର ନିମ୍ନଅଂଶ ସମ୍ପୂର୍ଣ୍ଣ ଅବଶ ହୋଇଯାଏ ଏବଂ ସେମାନେ ଆଉ ଚାଲିପାରନ୍ତି ନାହିଁ ।

ସବୁ ଧର୍ମ ହିଁ ସତ୍ୟ । ମନୁଷ୍ୟ ଯେ ନୈତିକତା ଅନୁଶୀଳନ କରେ, ତାହା କୌଣସି ଦୈବାଦେଶ ପାଇଁ ନୁହେଁ, ତାହା ଭଲ ବୋଲି ସେ କରେ । ହିନ୍ଦୁମାନେ ଧର୍ମାନ୍ତରୀକରଣରେ ବିଶ୍ୱାସ କରନ୍ତି ନାହିଁ । ବକ୍ତା କହିଲେ, ତାହା ହେଉଛି ଅପଚେଷ୍ଟା । ଅଧିକାଂଶ ଧର୍ମ-ପନ୍ଥାରେ କେତେ ଐତିହ୍ୟ, ଶିକ୍ଷାଦୀକ୍ଷା ଏବଂ ପରିବେଶ ରହିଛି । ଅତଏବ କୌଣସି ଏକ ଧର୍ମ-ପ୍ରଚାରକଙ୍କ ପକ୍ଷରେ ଅନ୍ୟ-ଧର୍ମାବଲମ୍ବୀଙ୍କର ଧର୍ମବିଶ୍ୱାସସମୂହକୁ ଭୁଲ ବୋଲି ଘୋଷଣା କରିବା କି ନିର୍ବୁଦ୍ଧିତା ! ଏହା ଯେପରି କୌଣସି ଏସିଆବାସୀର ଆମେରିକାକୁ ଆସି ମିସିସିପି ନଦୀର ଗତିପଥ ଦେଖିସାରି ସେହି ନଦୀକୁ ଡାକି କହିବା—'ତୁମେ ସମ୍ପୂର୍ଣ୍ଣ ଭୁଲ ପଥରେ ପ୍ରବାହିତ

ହେଉଛି । ତୁମକୁ ଉତ୍ପତ୍ତି-ସ୍ଥାନକୁ ଫେରିଯାଇ ନୂଆକରି ଯାତ୍ରା ଆରମ୍ଭ କରିବାକୁ ହେବ ।' ପୁଣି ଆମେରିକାବାସୀ କେହି ଯଦି ଆଲପସ୍ ପର୍ବତକୁ ଯାଇ ଜର୍ମାନ୍ ସାଗରରେ ପଡ଼ୁଥିବା କୌଣସି ନଦୀକୁ କହନ୍ତି ଯେ, ତାହାର ଗତିପଥ ଅତ୍ୟନ୍ତ ବଙ୍କାଟଙ୍କା ଏବଂ ଏହାର ଏକମାତ୍ର ପ୍ରତିକାର ହେଉଛି ନୂତନ ନିର୍ଦ୍ଦେଶ ଅନୁସାରେ ପ୍ରବାହିତ ହେବା—ତାହାହେଲେ ଏହା ମଧ୍ୟ ଏକପ୍ରକାର ବୋକାମି ହେବ । ବକ୍ତା କହିଲେ ଯେ, ଖ୍ରୀଷ୍ଟାନ୍‌ମାନେ ଯାହାକୁ 'ସୁନାର ନିୟମ' ବୋଲି କହନ୍ତି, ତାହା ମାଟି ବସୁନ୍ଧରାଙ୍କ ଭଳି ପୁରାତନ । ନୈତିକତାର ଯାବତୀୟ ବିଧାନର ଉତ୍ପତ୍ତି ଏହି ନିୟମଟି ମଧ୍ୟରେ ମିଳେ । ମନୁଷ୍ୟ ତ ସ୍ୱାର୍ଥପରତାର ଅଳ-ବିଶେଷ ।

ବକ୍ତା କହିଲେ ଯେ, ପାପୀମାନେ ନରକାଗ୍ନିରେ ଅନନ୍ତକାଳ ଶାସ୍ତିଭୋଗ କରିବେ, ଏହି ମତବାଦ ସମ୍ପୂର୍ଣ୍ଣ ଅର୍ଥହୀନ । ଦୁଃଖ ଅଛି, ଏହା ଯେତେବେଳେ ଜଣା କଥା, ସେତେବେଳେ ପୂର୍ଣ୍ଣ ସୁଖ କିପରି ସମ୍ଭବପର ? ବକ୍ତା କୌଣସି କୌଣସି ତଥାକଥିତ ଧାର୍ମିକ ବ୍ୟକ୍ତିଙ୍କର ପ୍ରାର୍ଥନା କରିବା ରୀତିକୁ ବିଦ୍ରୂପ କରିଥିଲେ । ସେ କହିଲେ ଯେ, ହିନ୍ଦୁ ଆଖି ବୁଜି ଅନ୍ତରାତ୍ମାଙ୍କର ଉପାସନା କରେ, କିନ୍ତୁ କୌଣସି କୌଣସି ଖ୍ରୀଷ୍ଟାନ୍‌ଙ୍କୁ ପ୍ରାର୍ଥନା ସମୟରେ କୌଣସି ଗୋଟିଏ ଆଡ଼କୁ ଗୁହିଁ ରହିବାର ସେ ଦେଖିଛନ୍ତି, ସତେ ଯେପରି ସ୍ୱର୍ଗର ସିଂହାସନରେ ଉପବିଷ୍ଟ ଭଗବାନଙ୍କୁ ସେମାନେ ଦେଖିବାକୁ ପାଉଛନ୍ତି ! ଧର୍ମର ଦୁଇଟି ଚରମ ସୀମା—ଧର୍ମାନ୍ଧ ଏବଂ ନାସ୍ତିକ । ଯେ ନାସ୍ତିକ, ତା'ର କିଛି ଭଲ ଦିଗ ଅଛି, କିନ୍ତୁ ଧର୍ମାନ୍ଧ ବଞ୍ଚିରହେ କେବଳ ତା'ର କ୍ଷୁଦ୍ର 'ମୁଁ' ପାଇଁ । ଜଣେ ଅଜ୍ଞାତ ବ୍ୟକ୍ତି ବକ୍ତାଙ୍କୁ ଯୀଶୁଙ୍କ ହୃଦୟର ଗୋଟିଏ ଛବି ପଠାଇଛନ୍ତି । ଏଥିପାଇଁ ସେ ତାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି, ତେବେ ତାଙ୍କ ମତରେ ଏହା ମତାନ୍ଧତାର ଅଭିବ୍ୟକ୍ତି । ଧର୍ମାନ୍ଧକୁ କୌଣସି ଧର୍ମର ଅନ୍ତର୍ଭୁକ୍ତ କରିବା ଚଳେ ନାହିଁ । ସେମାନେ ଏକ ଅଭିନବ ବସ୍ତୁବିଶେଷ ।

## ଭଗବତ୍‌ପ୍ରେମ

'ଡେଟ୍ରୟେଟ ଟ୍ରିବ୍ୟୁନ', ୨୧ ଫେବୃଆରି ୧୮୯୪

ଗତ ରାତିରେ ବିବେକାନନ୍ଦଙ୍କର ବକ୍ତୃତା ଶୁଣିବା ପାଇଁ ପ୍ରଥମେ ୟୁନିଟାରିଆନ୍ ଚର୍ଚ୍ଚରେ ଖୁବ ଭିଡ଼ ହୋଇଥିଲା । ଶ୍ରୋତୃମଣ୍ଡଳୀ ଆସିଥିଲେ ଜେଫୋରସନ୍ ଆଭେନ୍ୟୁ ଏବଂ ଉଡ୍‌ଓ୍ୱାର୍ଡ ଆଭେନ୍ୟୁର ଉଚ୍ଚବଂଶରୁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଲେ ମହିଳା । ଏମାନେ ବକ୍ତୃତାଟିରେ ଖୁବ୍ ଆକୃଷ୍ଟ ହେଲପରି ମନେହେଲ । ବ୍ରାହ୍ମଣ ବକ୍ତାଙ୍କର ଅନେକଗୁଡ଼ିଏ ମନ୍ତବ୍ୟ ଏହି ମହିଳାମାନେ ଉତ୍ସାହ ସହିତ ହର୍ଷଧ୍ୱନି ଦ୍ୱାରା ସମର୍ଥନ କରୁଥିଲେ ।

ବକ୍ତା ଯେଉଁ ପ୍ରେମ ବିଷୟରେ ଆଲୋଚନା କଲେ, ତାହା ଯୌନ-ଆକର୍ଷଣ ସହିତ ସଂଶ୍ଲିଷ୍ଟ ଭାବାବେଗ ନୁହେଁ । ଭାରତରେ ଭଗବଦ୍‌ଭକ୍ତ ଈଶ୍ୱରଙ୍କ ପାଇଁ ଯେଉଁ ନିଷ୍କଳୁଷ ପବିତ୍ର ଅନୁରାଗ ବୋଧ କରନ୍ତି, ଏହା ସେହି ପ୍ରେମ । ବିବେକାନନ୍ଦ ତାଙ୍କର ଭାଷଣ ପ୍ରାରମ୍ଭରେ ଆଲୋଚ୍ୟ ବିଷୟଟିକୁ 'ଭାରତୀୟ ତା'ର ଭଗବାନଙ୍କ ନିମିତ୍ତ ଯେଉଁ ପ୍ରୀତି ଅନୁଭବ

କରେ'—ଏହା କହି ଘୋଷଣା କରିଥିଲେ । କିନ୍ତୁ କହିବା ସମୟରେ ସେ ଏହି ଘୋଷିତ ବିଷୟଟିର ସୀମା ମଧ୍ୟରେ ରହି ନ ଥିଲେ । ବରଂ ବକ୍ତୃତାର ବେଶୀ ଭାଗ ଥିଲା ଖ୍ରୀଷ୍ଟଧର୍ମର ସମାଲୋଚନା । ଭାରତୀୟମାନଙ୍କ ଧର୍ମ ଏବଂ ଭଗବତ୍-ପ୍ରେମ ସମ୍ବନ୍ଧରେ ଆଲୋଚନା ଥିଲା ଏହାର ଗୌଣ ଅଂଶ । ବକ୍ତୃତାର ଅନେକ ବିଷୟ ଭାରତ-ଇତିହାସର ପ୍ରସିଦ୍ଧ ବ୍ୟକ୍ତିମାନଙ୍କର କେତେକ ପ୍ରାସଙ୍ଗିକ କାହାଣୀ ସାହାଯ୍ୟରେ ବିଶଦୀକୃତ ହୋଇଥିଲା । ଏହି କାହାଣୀଗୁଡ଼ିକର ପାତ୍ର ଭାରତବର୍ଷର ବିଖ୍ୟାତ ମୋଗଲ ସମ୍ରାଟଗଣ, ହିନ୍ଦୁରାଜଗଣ ନୁହନ୍ତି ।

ବକ୍ତା ଧର୍ମାନୁସନ୍ଧିତ୍ସୁଗଣଙ୍କୁ ଦୁଇ ଶ୍ରେଣୀରେ ଭାଗ କରିଥିଲେ, ଜ୍ଞାନମାର୍ଗର ପଥିକ ଓ ଭକ୍ତିପଥର ଅନୁସରଣକାରୀ । ପ୍ରଥମ ଶ୍ରେଣୀର ଜୀବନର ଲକ୍ଷ୍ୟ ହେଲା ପ୍ରତ୍ୟକ୍ଷ-ଅନୁଭୂତି, ଦ୍ୱିତୀୟର ଭଗବତ୍ପ୍ରେମ । ବକ୍ତା କହିଲେ, ପ୍ରେମ ହେଉଛି ଆତ୍ମତ୍ୟାଗ । ପ୍ରେମ କିଛି ନିଏ ନାହିଁ, ସର୍ବଦା ଦେଇଯାଏ । ହିନ୍ଦୁଭକ୍ତ ଭଗବାନଙ୍କ ନିକଟରୁ କିଛି ଚାହେଁ ନାହିଁ, ମୁକ୍ତି ବା ପାରଲୌକିକ ସୁଖ ପାଇଁ କେବେହେଲେ ପ୍ରାର୍ଥନା କରେ ନାହିଁ । ସେ ତାହାର ସମସ୍ତ ଚେତନାକୁ ଅନୁରାଗର ଗାଢ଼ ଉଲ୍ଲାସରେ ପ୍ରେମାସ୍ପଦ ଭଗବାନଙ୍କ ପ୍ରତି ନିଯୁକ୍ତ କରେ । ଏହି ସୁନ୍ଦର ଅବସ୍ଥା ଲାଭ କରିବା ସେତିକିବେଳେ ସମ୍ଭବପର, ଯେତେବେଳେ କି ମନୁଷ୍ୟ ଭଗବାନଙ୍କ ପାଇଁ ଗଭୀର ଅଭାବ ବୋଧ କରିବାକୁ ଲାଗେ । ସେତେବେଳେ ଭଗବାନ ତାଙ୍କର ପରିପୂର୍ଣ୍ଣ ସ୍ୱରୂପରେ ଭକ୍ତ ନିକଟରେ ଆବିର୍ଭୂତ ହୁଅନ୍ତି ।

ଈଶ୍ୱରଙ୍କୁ ଆମେ ତିନିଭାବରେ ଧାରଣା କରିପାରୁ । ଗୋଟିଏ ହେଲା—ତାଙ୍କୁ ଏକ ବିରାଟ କ୍ଷମତାବାନ୍ ପୁରୁଷ ବୋଲି ମନେକରିବା, ଏବଂ ମାଟିରେ ପଡ଼ି ତାଙ୍କ ମହିମାର ଆରାଧନା କରିବା । ଦ୍ୱିତୀୟ—ତାହାଙ୍କୁ ପିତୃଦୃଷ୍ଟିରେ ଭକ୍ତି କରିବା । ଭାରତରେ ପିତା ସବୁ ସମୟରେ ସନ୍ତାନମାନଙ୍କୁ ଶାସନ କରନ୍ତି । ସେଥିପାଇଁ ପିତାଙ୍କପ୍ରତି ଭକ୍ତିଶ୍ରଦ୍ଧା ସହିତ କିଛି ଭୟ ମଧ୍ୟ ମିଶି ଥାଏ । ଆଉରି ଗୋଟିଏ ଭାବ ହେଲା ଭଗବାନଙ୍କୁ 'ମା' ବୋଲି ଚିନ୍ତା କରିବା । ଭାରତରେ ଜନନୀ ସର୍ବଦା ଯଥାର୍ଥ ଭଲପାଇବା ଓ ଶ୍ରଦ୍ଧାର ପାତ୍ରୀ । ତେଣୁ ଈଶ୍ୱରଙ୍କ ପ୍ରତି ମାତୃଭାବ ଭାରତରେ ଖୁବ ସ୍ୱାଭାବିକ ।

କାନନ୍ଦ କହିଲେ ଯେ, ଯଥାର୍ଥ ଭକ୍ତ ଭଗବଦାନୁରାଗରେ ଏତେ ବିଭୋର ଥାଆନ୍ତି ଯେ, ଅପର ଧର୍ମାବଲମ୍ବୀଙ୍କ ନିକଟକୁ ଯାଇ ସେମାନେ ଭୁଲ ବାଟରେ ଈଶ୍ୱର ସାଧନା କରୁଛନ୍ତି, ଏହା କହିବା ଏବଂ ସେମାନଙ୍କୁ ସ୍ୱମତକୁ ଆଣିବା ପାଇଁ ଚେଷ୍ଟା କରିବା ପାଇଁ ତାଙ୍କର ସମୟ ନ ଥାଏ ।

'ଡେଟ୍ରୟେଟ ଜର୍ଣ୍ଣାଲ', ୨୧ ଫେବ୍ରୁଆରି ୧୮୯୪

'ଗୋଟିଏ ସଉକ ମାତ୍ର ।'—ଏହା ହିଁ ଆଧୁନିକ କାଳର ଧର୍ମ ସମ୍ବନ୍ଧରେ ବିବେକାନନ୍ଦଙ୍କ ଅଭିମତ ! ବ୍ରାହ୍ମଣ ସନ୍ନ୍ୟାସୀ ବିବେକାନନ୍ଦ, ଯେ କି ଏହି ଡେଟ୍ରୟେଟ ସହରରେ କେତେକ ଧାରାବାହିକ ବକ୍ତୃତା ଦେଉଛନ୍ତି, ଯଦି ଆଉରି ଏକ ସପ୍ତାହ ଏଠାରେ

ରହିବାକୁ ଦିଆ ହୁଅନ୍ତା, ତାହାହେଲେ ସହରର ବୃହତ୍ତମ ହଲ ଘରଟିରେ ମଧ୍ୟ ଆଗ୍ରହଶୀଳ ଶ୍ରୋତୃମଣ୍ଡଳୀଙ୍କୁ ସ୍ଥାନ ଅଣ୍ଟିବ ନାହିଁ । ସେ ଶିକ୍ଷିତମତ ଏକ ଆକର୍ଷଣର ବସ୍ତୁ ହୋଇପଡ଼ିଛନ୍ତି । ଗତକାଲି ସନ୍ଧ୍ୟାରେ ୟୁନିଟାରିଆନ୍ ଚର୍ଚ୍ଚର ପ୍ରତ୍ୟେକଟି ଆସନ ଅଧିକୃତ ହୋଇଥିଲା । ବହୁ ଲୋକଙ୍କୁ ବାଧ୍ୟ ହୋଇ ବକ୍ତୃତା ଶେଷ ପର୍ଯ୍ୟନ୍ତ ଠିଆ ହୋଇ ରହିବାକୁ ପଡ଼ିଥିଲା ।

ବକ୍ତାଙ୍କର ଆଲୋଚ୍ୟ ବିଷୟ ଥିଲା 'ଭଗବଦ୍ପ୍ରେମ' । ସେ ପ୍ରେମର ସଂଜ୍ଞା ଦେଲେ —'ଯାହା ସମ୍ପୂର୍ଣ୍ଣ ନିଃସ୍ୱାର୍ଥ, ପ୍ରେମାସ୍ପଦ ବସ୍ତୁର ଆରାଧନା ଓ ଭଜନା ବ୍ୟତୀତ ଯାହାର ଅପର କୌଣସି ଉଦ୍ଦେଶ୍ୟ ନାହିଁ ।' ବକ୍ତା କହିଲେ ଯେ, ପ୍ରେମ ଏପରି ଗୋଟିଏ ଗୁଣ ଯାହା ମୁଣ୍ଡ ନୁଆଁଇ ପୂଜା କରିଯାଏ ଏବଂ ପ୍ରତିଦାନରେ କିଛି ଚାହେଁ ନାହିଁ । ଭଗବତ୍ପ୍ରେମ ଜାଗତିକ ପ୍ରେମରୁ ସମ୍ପୂର୍ଣ୍ଣ ଭିନ୍ନ । ସାଧାରଣତଃ ଆମେ ସ୍ୱାର୍ଥସିଦ୍ଧିର ଉଦ୍ଦେଶ୍ୟ ଛଡ଼ା ଭଗବାନଙ୍କୁ ଚାହୁଁନା । ବକ୍ତା ନାନା ଗଳ୍ପ ଓ ଉଦାହରଣ ଦ୍ୱାରା ଦେଖାଇଲେ, ଆମର ଭଗବତ୍ ଅର୍ଚ୍ଚନା ପଛରେ ସ୍ୱାର୍ଥବୁଦ୍ଧି କିପରି ଭାବରେ ନିହିତ ଥାଏ । ବକ୍ତା କହିଲେ, ଖ୍ରୀଷ୍ଟୀୟ ବାଇବେଲର ସର୍ବାପେକ୍ଷା ଚମତ୍କାର ଅଂଶ ହେଲା 'ସୋଲୋମନ୍ଙ୍କର ଗୀତ'; ତେବେ ଏହି ଅଂଶକୁ ବାଇବେଲରୁ ବାଦ ଦେବାର ସମ୍ଭାବନା ଦେଖା ଦେଇଛି, ଏହା ଶୁଣି ସେ ଅତ୍ୟନ୍ତ ଦୁଃଖିତ ହୋଇଛନ୍ତି । ଶେଷ ଆଡ଼କୁ ବକ୍ତା ପ୍ରାୟ ଏକପ୍ରକାର ଚୂଡ଼ାନ୍ତ ଯୁକ୍ତିସ୍ୱରୂପ କହିଲେ, 'ଏଥିରୁ କେତେଟା ଲାଭ ଆଦାୟ କରିପାରେ'—ଏହି ନୀତି ଉପରେ ହିଁ ଆମର ଈଶ୍ୱର-ପ୍ରେମ ସ୍ଥାପିତ ହେଲାପରି ଦେଖାଯାଉଛି । ଭଗବାନଙ୍କୁ ଭଲ ପାଇବା ସହିତ ଖ୍ରୀଷ୍ଟାନ୍ମାନଙ୍କର ଏତେ ସ୍ୱାର୍ଥବୁଦ୍ଧି ଜଡ଼ିତ ଥାଏ ଯେ, ସେମାନେ ସର୍ବଦା ତାଙ୍କ ନିକଟରୁ କିଛି ନା କିଛି ଚାହାଁନ୍ତି । ନାନାପ୍ରକାରର ଭୋଗସାମଗ୍ରୀ ମଧ୍ୟ ତାହାର ଅନ୍ତର୍ଭୁକ୍ତ । ଅତଏବ ବର୍ତ୍ତମାନ କାଳର ଧର୍ମ ଗୋଟିଏ ସଉକ ଓ ଫେଶନ ମାତ୍ର, ଏବଂ ମନୁଷ୍ୟମାନେ ମେଣ୍ଢାପଲ ପରି ଗୀର୍ଜାରେ ଭିଡ଼ ଜମାନ୍ତି ।

## ଭାରତୀୟ ନାରୀ

'ଡେଟ୍ରୟେଟ ଫ୍ରୀ ପ୍ରେସ୍', ୨୫ ମାର୍ଚ୍ଚ ୧୮୯୪

କାନନ୍ଦ ଗତ ରାତିରେ ୟୁନିଟାରିଆନ୍ ଚର୍ଚ୍ଚରେ 'ଭାରତୀୟ ନାରୀ' ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ପ୍ରାଚୀନ ଭାରତର ନାରୀଗଣଙ୍କ ପ୍ରସଙ୍ଗରେ ସେ କହିଲେ ଯେ, ଶାସ୍ତ୍ରଗ୍ରନ୍ଥ-ସମୂହରେ ସେମାନଙ୍କୁ ଗଭୀର ଶ୍ରଦ୍ଧା ପ୍ରଦର୍ଶନ କରାଯାଇଛି । ଅନେକ ନାରୀ ଋଷିତ୍ୱ ଲାଭ କରିଥିଲେ । ସେମାନଙ୍କର ଆଧ୍ୟାତ୍ମିକତା ସେତେବେଳେ ଖୁବ୍ ପ୍ରଶଂସନୀୟ ଥିଲା । ପ୍ରାଚ୍ୟର ନାରୀଗଣଙ୍କୁ ପ୍ରତୀଚ୍ୟର ଆଦର୍ଶରେ ବିଚାର କରିବା ଠିକ୍ ନୁହେଁ । ପାଶ୍ଚାତ୍ୟରେ ନାରୀ ହେଉଛନ୍ତି ପତ୍ନୀ, ପ୍ରାଚ୍ୟରେ ସେ ଜନନୀ । ହିନ୍ଦୁମାନେ ମାତୃଭାବର ପୂଜାରୀ । ସନ୍ନ୍ୟାସୀ-ମାନଙ୍କୁ ମଧ୍ୟ ଗର୍ଭଧାରିଣୀ ଜନନୀଙ୍କ ସମ୍ମୁଖରେ ଭୂମିରେ ମୁଣ୍ଡ ଲଗାଇ ସମ୍ମାନ ଦେଖାଇବାକୁ ହୁଏ । ଭାରତରେ ପବିତ୍ରତାର ସ୍ଥାନ ଖୁବ୍ ଉଚ୍ଚରେ । କାନନ୍ଦ ଏଠାରେ ଯେଉଁସବୁ ଭାଷଣ

ଦେଇଛନ୍ତି, ସେଗୁଡ଼ିକ ମଧ୍ୟରେ ଏଇଟି ଅତ୍ୟନ୍ତ ଚିତ୍ତାକର୍ଷକ । ସମସ୍ତେ ଏହା ଖୁବ୍ ପସନ୍ଦ କରିଛନ୍ତି ।

## 'ଡେଟ୍ରୟେଟ୍ ଇଭିନିଂ ନିଉଜ', ୨୫ ମାର୍ଚ୍ଚ ୧୮୯୪

ଗତ ରାତିରେ ୟୁନିଟାରିଆନ ଚର୍ଚ୍ଚରେ ସ୍ୱାମୀ ବିବେକାନନ୍ଦଙ୍କର ବକ୍ତୃତାର ବିଷୟ ଥିଲା—'ପ୍ରାଚୀନ, ମଧ୍ୟ ଓ ବର୍ତ୍ତମାନ ଯୁଗରେ ଭାରତର ନାରୀ ।' ସେ କହିଲେ ଯେ, ଭାରତବର୍ଷରେ ନାରୀଙ୍କୁ ଭଗବାନଙ୍କର ସାକ୍ଷାତ୍ ପ୍ରକାଶ ବୋଲି ମନେକରାଯାଏ । ସେ ଯେ ମାତା, ଏହି ଗୋଟିଏ ଚିନ୍ତା ତାଙ୍କ ସମଗ୍ର ଜୀବନ ଉପରେ ରଖେ ଏବଂ ଆଦର୍ଶ ମାତା ହେବାକୁ ଗଲେ ତାଙ୍କୁ ଖୁବ୍ ପବିତ୍ର ରହିବାକୁ ହେବ । ଭାରତରେ କୌଣସି ଜନନୀ କେବେହେଲେ ତାଙ୍କର ସନ୍ତାନକୁ ତ୍ୟାଗ କରି ନାହାନ୍ତି । ବକ୍ତା କହିଲେ, ଏହାର ବିପରୀତ ପ୍ରମାଣ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ କରୁଛନ୍ତି । ଭାରତର କନ୍ୟାମାନେ ଯଦି ଆମେରିକାନ୍ ତରୁଣୀମାନଙ୍କ ପରି ଶରୀରର ଅର୍ଦ୍ଧଭାଗ ଯୁବକମାନଙ୍କର କୁଦୃଷ୍ଟି ସମ୍ମୁଖରେ ଖୋଲି ରଖିବାକୁ ବାଧ୍ୟ ହୁଅନ୍ତେ, ତାହାହେଲେ ସେମାନେ ମରିଯାଆନ୍ତେ । ବକ୍ତାଙ୍କ ଇଚ୍ଛା ଯେ, ଭାରତକୁ ତାହାର ନିଜସ୍ୱ ଆଦର୍ଶରେ ବିଚାର କରିବା ଉଚିତ, ଏ ଦେଶର ଆଦର୍ଶରେ ନୁହେଁ ।

## 'ଟ୍ରିବ୍ୟୁନ୍', ୧ ଏପ୍ରିଲ ୧୮୯୪

ସ୍ୱାମୀ କାନନ୍ଦଙ୍କର ଡେଟ୍ରୟେଟରେ ଅବସ୍ଥାନ କାଳରେ ନାନା କଥୋପକଥନରେ ସେ ଭାରତୀୟ ନାରୀଗଣଙ୍କ ସମ୍ପର୍କରେ କେତେକ ପ୍ରଶ୍ନର ଉତ୍ତର ଦେଇଥିଲେ । ସେ ଯେଉଁସବୁ ତଥ୍ୟ ଉପସ୍ଥାପିତ କରିଥିଲେ, ତଦ୍ଦ୍ୱାରା ଶ୍ରୋତାମାନଙ୍କର କୌତୂହଳ ଉଦ୍ଦୀପ୍ତ ହୋଇଥିଲା ଏବଂ ସେହି ବିଷୟରେ ସର୍ବସାଧାରଣଙ୍କ ପାଇଁ ଗୋଟିଏ ବକ୍ତୃତା ଦେବା ନିମିତ୍ତ ଅନୁରୋଧ ଆସିଥିଲା । କିନ୍ତୁ ସେ ବକ୍ତୃତା ସମୟରେ କୌଣସି ସ୍ମାରକଲିପି ରଖୁ ନ ଥିବାରୁ ଭାରତୀୟ ନାରୀ ସମ୍ବନ୍ଧରେ ପୂର୍ବେ ବ୍ୟକ୍ତିଗତ କଥୋପକଥନ ସମୟରେ ଯେଉଁସବୁ ବିଷୟ କହିଥିଲେ, ତାହା ସେହି ବକ୍ତୃତାରେ ବାଦ୍ ପଡ଼ିଯାଇଥିଲା । ଏଥିରେ ତାଙ୍କର ବନ୍ଧୁବର୍ଗ କେତେକାଂଶରେ ନିରାଶ ହୋଇଥିଲେ । କିନ୍ତୁ ତାଙ୍କର ମହିଳା ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ତାଙ୍କର ଅନ୍ୟାନ୍ୟ କଥୋପକଥନର କିଛି ପ୍ରସଙ୍ଗ ସଂକ୍ଷେପରେ ଲିପିବଦ୍ଧ କରିଥିଲେ । ତାହା ବର୍ତ୍ତମାନ ସର୍ବପ୍ରଥମ ସମ୍ବାଦପତ୍ରରେ ପ୍ରକାଶ ପାଇଁ ଦିଆଯାଉଛି :

ଆକାଶଚୁମ୍ବୀ ହିମାଳୟ ପର୍ବତମାଳାର ପାଦଦେଶର ବିସ୍ତୀର୍ଣ୍ଣ ସମତଳଭୂମିରେ ଆର୍ଯ୍ୟଗଣ ଆସି ବସବାସ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଭାରତରେ ସେମାନଙ୍କର ବଂଶଧର ଖାଣ୍ଟି ବ୍ରାହ୍ମଣ ଜାତି ବିଦ୍ୟମାନ । ପାଶ୍ଚାତ୍ୟ ଲୋକମାନଙ୍କ ପକ୍ଷରେ ସ୍ୱପ୍ନରେ ମଧ୍ୟ ଏହି ଉନ୍ନତ ମାନବଗୋଷ୍ଠୀର ଧାରଣା କରିବା ଅସମ୍ଭବ । ଚିନ୍ତା, କାର୍ଯ୍ୟ ଓ ଆଚରଣରେ ଏମାନେ ଅତିଶୟ ଶୁଚିସମ୍ପନ୍ନ । ଏମାନେ ଏତେ ସାଧୁପ୍ରକୃତିର ଯେ, ଖଣ୍ଡିଏ ସୁନା ଯଦି ପ୍ରକାଶ୍ୟରେ ପଡ଼ିଥାଏ, ତାହା କେହି ନେବେ ନାହିଁ । କୋଡ଼ିଏ ବର୍ଷ ପରେ ମଧ୍ୟ ଏହି ଥଳିଟି ସେହି

ଗୋଟିଏ ଜାଗାରେ ମିଳିବ । ଏହି ବ୍ରାହ୍ମଣମାନଙ୍କର ଶାରୀରିକ ଗଠନ ମଧ୍ୟ ଅତି ଚମତ୍କାର । ଡାନିଏଲ୍‌ଙ୍କ ନିଜ ଭାଷାରେ : 'କ୍ଷେତରେ କର୍ମନିରତା ଏମାନଙ୍କର ଏକ କନ୍ୟାକୁ ଦେଖିଲେ ବିସ୍ମୟରେ ସ୍ତବ୍ଧ ହେବାକୁ ହୁଏ, ଆଶ୍ଚର୍ଯ୍ୟ ହୋଇ ଭାବିବାକୁ ହୁଏ, ଭଗବାନ ଏପରି ଅପରୂପ ସୌନ୍ଦର୍ଯ୍ୟ-ପ୍ରତିମା କପରି ଗଢ଼ିଲେ !' ଏହି ବ୍ରାହ୍ମଣମାନଙ୍କର ଅବୟବସଂସ୍ଥାନ ସୁସମ୍ବନ୍ଧ, ଚକ୍ଷୁ ଏବଂ କେଶ କୃଷ୍ଣବର୍ଣ୍ଣ ଏବଂ ଅଙ୍ଗୁଳି ସୂଚୀବିଦ୍ଧ କଲେ ସେଥିରୁ ରକ୍ତବିନ୍ଦୁ ଯଦି ଗିଲାସେ ଦୁଧରେ ପଡ଼େ ତେବେ ସେଥିରୁ ଯେଉଁ ରଙ୍ଗର ସୃଷ୍ଟି ହେବ, ଏମାନଙ୍କର ଦେହର ରଙ୍ଗ ସେହିପରି । ଏହା ହିଁ ଅବିମିଶ୍ର ବିଶୁଦ୍ଧ ହିନ୍ଦୁ ବ୍ରାହ୍ମଣମାନଙ୍କର ବର୍ଣ୍ଣନା ।

ହିନ୍ଦୁ ନାରୀର ଉତ୍ତରାଧିକାରର ଆଇନ୍-କାନୁନ୍ ସମ୍ବନ୍ଧରେ କହିବା କହିଲେ, ବିବାହ ସମୟରେ ସ୍ତ୍ରୀ ଯେଉଁ ଯୌତୁକ ପାଆନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି; ସେଥିରେ ସ୍ୱାମୀଙ୍କର ମାଲିକାନା ଆଦୌ ରହେ ନାହିଁ । ସ୍ୱାମୀଙ୍କର ସମ୍ମତି ବିନା ଆଇନତଃ ସେ ତାହା ବିକ୍ରୟ ବା ଦାନ କରିପାରନ୍ତି । ସେହିପରି ଅନ୍ୟ ସୂତ୍ରରୁ, ତଥା ସ୍ୱାମୀଙ୍କ ନିକଟରୁ ମଧ୍ୟ ସେ ଯେଉଁସବୁ ଅର୍ଥାଦି ପାଆନ୍ତି, ତାହା ତାଙ୍କର ନିଜସ୍ୱ ସମ୍ପତ୍ତି, ତାଙ୍କର ଇଚ୍ଛାନୁସାରେ ସେ ତାହା ବ୍ୟୟ କରିପାରନ୍ତି ।

ସ୍ତ୍ରୀଲୋକମାନେ ନିର୍ଭୟରେ ବାହାରେ ବୁଲିଥାନ୍ତି । ଘରପାଖର ଲୋକଙ୍କ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି ଏହା ସମ୍ଭବପର ହୁଏ । ହିମାଳୟରେ ପର୍ଦ୍ଦା ପ୍ରଥା ନାହିଁ । ସେଠାରେ ଏପରି ଅଞ୍ଚଳ ଅଛି, ଯେଉଁଠାରେ ମିଶନାରୀମାନେ ପହଞ୍ଚିପାରନ୍ତି ନାହିଁ । ଏହିସବୁ ଗ୍ରାମ ଖୁବ୍ ଦୁର୍ଗମ । ଅନେକ ଉଠାଣି ପାର ହୋଇ ଏବଂ ପରିଶ୍ରମ କରି ସେହିସବୁ ଜାଗାକୁ ଯାଇ ହୁଏ । ଏ ସ୍ଥାନର ଅଧିବାସୀମାନେ କେବେହେଲେ ମୁସଲମାନଙ୍କ ପ୍ରଭାବରେ ଆସି ନାହାନ୍ତି । ଖ୍ରୀଷ୍ଟଧର୍ମ ମଧ୍ୟ ଏମାନଙ୍କୁ ଅଜଣା ।

## ଭାରତର ପ୍ରଥମ ଅଧିବାସୀଗଣ

ଭାରତର ଅରଣ୍ୟରେ ବର୍ତ୍ତମାନ ସୁଦ୍ଧା କିଛି କିଛି ବନବାସୀ ଅସଭ୍ୟ ଲୋକ ଦେଖାଯାଆନ୍ତି । ସେମାନେ ଅତ୍ୟନ୍ତ ବର୍ବର ଏପରିକି ନରମାଂସଭୋଜୀ । ଏମାନେ ଦେଶର ଆଦିମ ଅଧିବାସୀ ଏବଂ କେବେହେଲେ ଆର୍ଯ୍ୟ ବା ହିନ୍ଦୁ ହୋଇ ନାହାନ୍ତି । ଆର୍ଯ୍ୟଗଣ ଭାରତରେ ସ୍ଥାୟୀ ବସବାସ ଆରମ୍ଭ କରିବାରୁ ଏବଂ ଦେଶର ଭୂଭାଗରେ ବିକ୍ଷିପ୍ତ ହୋଇପଡ଼ିବାରୁ ସେମାନଙ୍କ ମଧ୍ୟରେ କ୍ରମଶଃ ନାନାପ୍ରକାର ବିକୃତି ପ୍ରବେଶ କଲା । ସୂର୍ଯ୍ୟତାପ ମଧ୍ୟ ପ୍ରଚଣ୍ଡ ଥିଲା । ଖର ରୌଦ୍ରଦ୍ୱାରା ଅନେକଙ୍କର ଦେହର ବର୍ଣ୍ଣ କ୍ରମଶଃ କଳା ହୋଇଗଲା । ହିମାଳୟ-ପର୍ବତବାସୀ ଶ୍ୱେତକାୟ ଲୋକଙ୍କର ଉଜ୍ଜ୍ୱଳ ବର୍ଣ୍ଣ ସମତଳ ଭୂମିର ହିନ୍ଦୁଙ୍କର ତାମ୍ରବର୍ଣ୍ଣରେ ପରିବର୍ତ୍ତିତ ହେବା ମାତ୍ର ପାଞ୍ଚପୁରୁଷର ଘଟଣା । ଡାନିଏଲ୍‌ଙ୍କର ଜଣେ ଭାଇ ଅଛନ୍ତି ଯେ କି ଖୁବ୍ ଗୋରା, ପୁଣି ଦ୍ୱିତୀୟ ଆଉ ଜଣେ ଭାଇଙ୍କ ରଙ୍ଗ ଡାନିଏଲ୍‌ଙ୍କଠାରୁ ମଇଳା । ତାଙ୍କର ପିତାମାତା ଗୌରବର୍ଣ୍ଣ । ମୁସଲମାନଙ୍କର ଅତ୍ୟାଚାରରୁ ନାରୀମାନଙ୍କୁ ରକ୍ଷା କରିବା

ନିମିତ୍ତ ନିଷ୍ଠୁର ପର୍ଦ୍ଦା-ପ୍ରଥାର ଉଦ୍ଭବ ହୋଇଥିଲା । ଗୃହରେ ଆବଦ୍ଧ ରହିବା ହେତୁ ହିନ୍ଦୁ ରମଣୀମାନଙ୍କର ଦେହର ରଙ୍ଗ ପୁରୁଷମାନଙ୍କ ଅପେକ୍ଷା ସଫା । କାନନ୍ଦଙ୍କର ବୟସ ଏକତିରିଶି ବର୍ଷ ।

## ଆମେରିକାନ୍ ପୁରୁଷମାନଙ୍କ ପ୍ରତି କଟାକ୍ଷ

କାନନ୍ଦ ଆଖିକୋଣରେ ଈଷତ୍ କୌତୁକ ମିଶାଇ କହିଲେ ଯେ, ଆମେରିକାନ୍ ପୁରୁଷମାନଙ୍କୁ ଦେଖି ସେ ଆମୋଦ ଅନୁଭବ କରନ୍ତି । ସେମାନେ ପ୍ରଚ୍ଚୁର କରି ବୁଲନ୍ତି ଯେ, ସ୍ତ୍ରୀଜାତି ତାଙ୍କର ପୂଜାର ପାତ୍ର, କିନ୍ତୁ ତାଙ୍କ ମତରେ ସେମାନେ ପୂଜା କରନ୍ତି ରୂପ ଓ ଯୌବନକୁ । ସେମାନଙ୍କୁ ତ କେବେ ବଳିରେଖା ବା ପକ୍ୱକେଶ ସହିତ ପ୍ରେମରେ ପଡ଼ିବାର ଦେଖାଯାଏ ନାହିଁ । ବକ୍ତା କହିଲେ ଯେ, ବାସ୍ତବ ପକ୍ଷରେ ତାଙ୍କର ଦୃଢ଼ ଧାରଣା ଏହି ଯେ, ଏକ ସମୟରେ ଆମେରିକାନ୍ ପୁରୁଷମାନଙ୍କର ପୁରୁଷାନୁକ୍ରମେ ପାଇଥିବା ଗୋଟିଏ କୌଶଳ ଥିଲା—ବୁଢ଼ୀ ନାରୀମାନଙ୍କୁ ପୋଡ଼ି ମାରିଦେବା । ବର୍ତ୍ତମାନ ଇତିହାସ ଏହାର ନାମ ଦେଇଛି ଡାହାଣୀ-ଦହନ । ପୁରୁଷମାନେ ହିଁ ଡାହାଣୀମାନଙ୍କୁ ଅଭିଯୁକ୍ତ କରୁଥିଲେ ଏବଂ ସାଧାରଣତଃ ଅଭିଯୁକ୍ତର ବାର୍ଦ୍ଧକ୍ୟ ହିଁ ତାହାର ପ୍ରାଣଦଣ୍ଡର କାରଣ ଥିଲା । ଅତଏବ ଦେଖାଯାଉଛି, ଜୀବନ୍ତ ନାରୀକୁ ଦଗ୍ଧ କରିବା କେବଳ ଯେ ଏକ ହିନ୍ଦୁରୀତି, ତାହା ନୁହେଁ । ବକ୍ତାଙ୍କ ମତରେ ଖ୍ରୀଷ୍ଟୀୟ ଗୀର୍ଜା ତରଫରୁ ଏକ ସମୟରେ ବୁଢ଼ୀ ସ୍ତ୍ରୀଲୋକମାନଙ୍କୁ ଅଗ୍ନି-ଦଗ୍ଧ କରି ହେଉଥିଲା—ଏହା ସ୍ମରଣ ରଖିଲେ ହିନ୍ଦୁ ବିଧବାମାନଙ୍କର ସହମରଣ-ପ୍ରଥାର କଥା ଶୁଣି ପାଶ୍ଚାତ୍ୟ ସମାଲୋଚକଙ୍କର ଆତଙ୍କ ଅନେକ କମ୍ ହେବ ।

## ଉଭୟ ଦାହର ତୁଳନା

ହିନ୍ଦୁ ବିଧବା ଯେତେବେଳେ ମୃତ ପତିଙ୍କ ସହିତ ସ୍ୱେଚ୍ଛାରେ ଅଗ୍ନିରେ ପ୍ରବେଶ କରି ମୃତ୍ୟୁବରଣ କରୁଥିଲେ, ସେତେବେଳେ ଭୂରିଭୋଜନ ଏବଂ ସଙ୍ଗୀତାଦି ସହ ଗୋଟିଏ ଉତ୍ସବ-ପରିବେଶ ସୃଷ୍ଟି ହେଉଥିଲା । ମହିଳା ନିଜେ ତାଙ୍କର ସର୍ବାପେକ୍ଷା ଦାମୀ ବସ୍ତ୍ର ପିନ୍ଧୁଥିଲେ । ସେ ବିଶ୍ୱାସ କରୁଥିଲେ ଯେ, ସ୍ୱାମୀଙ୍କ ସହିତ ସହମରଣ ଦ୍ୱାରା ତାଙ୍କର ନିଜର ଏବଂ ପରିବାରବର୍ଗଙ୍କର ସ୍ୱର୍ଗଲୋକ-ପ୍ରାପ୍ତି ହେବ । ଆତ୍ମବଳିଦାନୀ ରୂପରେ ତାଙ୍କୁ ସମସ୍ତେ ପୂଜା କରୁଥିଲେ ଏବଂ ତାଙ୍କର ନାମ ପରିବାରର ବିବରଣୀରେ ଚିରଦିନ ଗୌରବାନ୍ୱିତ ହୋଇ ରହୁଥିଲା ।

ସହମରଣ-ପ୍ରଥା ଆମ ନିକଟରେ ଯେତେ ନୃଶଂସ ମନେହେଉ ନା କାହିଁକି, ଖ୍ରୀଷ୍ଟୀୟ ସମାଜରେ ଡାହାଣୀ-ଦହନ ତୁଳନାରେ ଏହାର ଗୋଟିଏ ଉଜ୍ଜ୍ୱଳ ଦିଗ ଅଛି । ଯେଉଁ ସ୍ତ୍ରୀଲୋକଙ୍କୁ ଡାହାଣୀ ବୋଲି ଘୋଷଣା କରି ହେଉଥିଲା, ମୂଳରୁ ହିଁ ସେମାନଙ୍କୁ ପାପୀ

ବୋଲି ସାବ୍ୟସ୍ତ କରାଯାଉଥିଲା । ତା'ପରେ ତାଙ୍କୁ ଏକ ବନ୍ଦ କାରାକକ୍ଷକୁ ନେଇ ପାପ ସ୍ୱୀକାର ନିମିତ୍ତ ନିଷ୍ଠୁର ନିର୍ଯ୍ୟାତନ ଏବଂ ଘୃଣିତ ବିଚାରର ପ୍ରହସନ ଚାଲୁଥିଲା । ଅବଶେଷରେ ଶାସ୍ତିଦାତାମାନଙ୍କ ହର୍ଷଧ୍ୱନି ମଧ୍ୟରେ ବନ୍ଦୀକୁ ବଧ ସ୍ଥାନକୁ ଟାଣି ନିଆଯାଉଥିଲା । ବଳ-ପୂର୍ବକ ଅଗ୍ନିଦାହର ଯନ୍ତ୍ରଣା ମଧ୍ୟରେ ତା'ର ସାନ୍ତ୍ୱନା ଥିଲା ଖାଲି ଦର୍ଶକମାନଙ୍କର ଏହି ଆଶ୍ୱାସ ଯେ, ମୃତ୍ୟୁ ପରେ ଅନନ୍ତ ନରକାଗ୍ନିରେ ନିକ୍ଷିପ୍ତ ହୋଇ ତା'ର ଆତ୍ମାର ଭାଗ୍ୟରେ ଭବିଷ୍ୟତରେ ଯେଉଁ ଭୀଷଣତର କଷ୍ଟ ଲେଖା ଅଛି, ବର୍ତ୍ତମାନ କଷ୍ଟ ତାହାର ଏକ ସାମାନ୍ୟ ନିଦର୍ଶନ ମାତ୍ର ।

## ଜନନୀଗଣ ଆରାଧ୍ୟା

କାନନ୍ଦ କହିଲେ ଯେ, ହିନ୍ଦୁମାନେ ମାତୃତ୍ୱ-ଭାବଟିର ପୂଜା କରିବାକୁ ଶିକ୍ଷା ପାଆନ୍ତି । ମା'ର ସ୍ଥାନ ପତ୍ନୀର ଊର୍ଦ୍ଧ୍ୱରେ । ମା ଆରାଧନାର ପାତ୍ରୀ ଅଟନ୍ତି । ହିନ୍ଦୁମାନଙ୍କ ମନରେ ଈଶ୍ୱରଙ୍କ ପିତୃଭାବ ଅପେକ୍ଷା ମାତୃଭାବଟି ହିଁ ଅଧିକ ସ୍ଥାନ ପାଏ ।

ଭାରତରେ କୌଣସି ଜାତିର ସ୍ତ୍ରୀଲୋକଙ୍କୁ ଅପରାଧ ପାଇଁ କଠିନ ଶାରୀରିକ ଶାସ୍ତି ଦେବାର ବିଧାନ ନାହିଁ । ହତ୍ୟା-ଅପରାଧ କଲେ ମଧ୍ୟ ନାରୀ ପ୍ରାଣଦଣ୍ଡରୁ ଅବ୍ୟାହତି ପାଏ । ବରଂ ଅପରାଧିନୀକୁ ଗଧ ପିଠିରେ ଲାଞ୍ଜ ଆଡ଼କୁ ମୁହଁ କରି ବସାଇ ରାସ୍ତାରେ ବୁଲା ହୁଏ । ଢୋଲ ପିଟି ତାହାର ଅପରାଧ ଉଚ୍ଚ ସ୍ୱରରେ ଜଣାଇ ଦିଆଯାଏ । ପରେ ତାହାକୁ ଛାଡ଼ି ଦିଆଯାଏ । ତାହାର ଏହି ଅବମାନନାକୁ ହିଁ ଯଥେଷ୍ଟ ଶାସ୍ତି ଏବଂ ଭବିଷ୍ୟତରେ ଅପରାଧର ପୁନରାବୃତ୍ତିର ପ୍ରତିଷେଧକ ବୋଲି ମନେକରାହୁଏ । ଅପରାଧିନୀ ପ୍ରାୟଶ୍ଚିତ୍ତ କରିବାକୁ ଚାହିଁଲେ ନାନା ଧର୍ମ-ପ୍ରତିଷ୍ଠାନକୁ ଯାଇ ଏହାର ଅନୁଷ୍ଠାନ କରିବାର ସୁଯୋଗ ପାଏ ଏବଂ ଏହି ଭାବରେ ସେ ପୁନରାୟ ଶୁଚି ହୋଇପାରେ । ଅଥବା ସେ ସ୍ୱେଚ୍ଛାରେ ସଂସାର ତ୍ୟାଗ କରି ସନ୍ନ୍ୟାସ-ଆଶ୍ରମରେ ପ୍ରବେଶପୂର୍ବକ ଯଥାର୍ଥ ନିଷ୍ପାପ ଜୀବନ ଲାଭ କରିପାରେ ।

ମିଃ କାନନ୍ଦଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ଏହି ଭାବରେ ଅପରାଧିନୀ ନାରୀ ସନ୍ନ୍ୟାସ-ଆଶ୍ରମରେ ପ୍ରବେଶ କରିବା ପାଇଁ ଅନୁମତି ପାଇଲେ ଏବଂ ସମାଜ-ଶାସନ ଏଡ଼ାଇଗଲେ ପବିତ୍ର ଋଷିମାନଙ୍କ ପ୍ରତିଷ୍ଠିତ ଆଶ୍ରମରେ ଭଣ୍ଡାମିର ସ୍ଥାନ ଦିଆ ହୁଏ କି ନାହିଁ । କାନନ୍ଦ ଏହା ସ୍ୱୀକାର କରିଥିଲେ, ତେବେ ବ୍ୟାଖ୍ୟା କରି ଏହା ମଧ୍ୟ ବୁଝାଇଦେଲେ ଯେ, ଜନସାଧାରଣ ଓ ସନ୍ନ୍ୟାସୀଙ୍କ ମଧ୍ୟରେ ଅପର କେହି ଅନ୍ତର୍ବର୍ତ୍ତୀ ନାହାନ୍ତି । ସନ୍ନ୍ୟାସୀ ସମସ୍ତ ଜାତିର ଗଣ୍ଡି ଭାଙ୍ଗି ଦେଇଛନ୍ତି । ଜଣେ ବ୍ରାହ୍ମଣ ନିମ୍ନବର୍ଣ୍ଣର କୌଣସି ହିନ୍ଦୁଙ୍କୁ ହୁଏତ ସ୍ପର୍ଶ କରିବେ ନାହିଁ; କିନ୍ତୁ ସେହି ବ୍ୟକ୍ତି ଯଦି ସନ୍ନ୍ୟାସ ଗ୍ରହଣ କରନ୍ତି, ତାହାହେଲେ ଅତ୍ୟନ୍ତ ଅଭିଜାତ ବ୍ରାହ୍ମଣ ମଧ୍ୟ ତାଙ୍କ ପାଦତଳେ ଲୋଟି ପଡ଼ିବାକୁ ସଙ୍କୁଚିତ ହେବେ ନାହିଁ ।

ଗୃହସ୍ଥମାନେ ସନ୍ନ୍ୟାସୀଙ୍କର ଭରଣପୋଷଣର ଭାର ଗ୍ରହଣ କରନ୍ତି, ଅବଶ୍ୟ ଯେତେବେଳ ପର୍ଯ୍ୟନ୍ତ ତାଙ୍କର ସାଧୁତା ସମ୍ବନ୍ଧରେ ସେମାନଙ୍କର ବିଶ୍ୱାସ ଅଛି । ସନ୍ନ୍ୟାସୀଙ୍କର

ଭଣ୍ଡାମି ଧରାପଡ଼ିଲେ ତାଙ୍କୁ ସମସ୍ତେ ମିଥ୍ୟାଗ୍ରସ୍ତ ବୋଲି ମନେକରନ୍ତି । ତାଙ୍କର ଜୀବନ ସେତେବେଳେ ଅଧମ ଭିକ୍ଷୁକ ଜୀବନ ମାତ୍ର । ତାଙ୍କୁ ଆଉ କେହି ଶ୍ରଦ୍ଧା କରନ୍ତି ନାହିଁ ।

## ଅନ୍ୟାନ୍ୟ ଚିନ୍ତାଧାରା

ନାରୀମାନେ ରାଜାଙ୍କ ଅପେକ୍ଷା ମଧ୍ୟ ଅଧିକ ସମ୍ମାନ ଓ ସୁବିଧା ଭୋଗ କରନ୍ତି । ଯେତେବେଳେ ଗ୍ରୀକ୍ ପଣ୍ଡିତମାନେ ହିନ୍ଦୁଜାତି ସମ୍ବନ୍ଧରେ ଜ୍ଞାନଲାଭ କରିବା ପାଇଁ ହିନ୍ଦୁସ୍ଥାନ ଆସିଥିଲେ, ସେତେବେଳେ ସବୁ ଗୃହର ଦ୍ୱାର ସେମାନଙ୍କ ପାଇଁ ଉନ୍ମୁକ୍ତ ଥିଲା । କିନ୍ତୁ ମୁସଲମାନମାନେ ଯେତେବେଳେ ସେମାନଙ୍କର ତରବାରି ଏବଂ ଇଂରେଜମାନେ ତାଙ୍କର ଗୁଳିଗୋଳା ନେଇ ଦେଖା ଦେଲେ, ସେତେବେଳେ ସବୁ ଦ୍ୱାର ବନ୍ଦ କରାଗଲା । ଏହି ଧରଣର ଅତିଥିଙ୍କୁ କେହି ସ୍ୱାଗତ ଜଣାଇ ନ ଥିଲେ । କାନନ୍ଦ ସ୍ୱଭାବସିଦ୍ଧ ମଧୁର ଭାବରେ କହିଲେ, 'ଯେତେବେଳେ ବାଘ ଆସେ, ସେତେବେଳେ ବାଘ ଚାଲିଯିବା ପର୍ଯ୍ୟନ୍ତ ଆମେ-ମାନେ ଦରଜା ବନ୍ଦ ରଖୁ ।'

କାନନ୍ଦ କହିଲେ ଯେ ଆମେରିକା ଯୁକ୍ତରାଷ୍ଟ୍ର ତାହାଙ୍କୁ ବହୁତର ଭବିଷ୍ୟତ ସମ୍ଭାବନା ପାଇଁ ଉଦ୍ଦୀପନା ଦେଇଛି । ତେବେ ଆମର ତଥା ଜଗତର ନିୟତି ଆଜିକାର ଆଇନ-ପ୍ରଣେତାଙ୍କ ଉପରେ ନିର୍ଭର କରେ ନାହିଁ । ଏହା ନିର୍ଭର କରେ ନାରୀଜାତି ଉପରେ । କାନନ୍ଦଙ୍କର ଉକ୍ତି : 'ତୁମ ଦେଶର ମୁକ୍ତି ଦେଶର ନାରୀଗଣଙ୍କ ଉପରେ ହିଁ ନିର୍ଭର କରେ ।'

## ଧର୍ମରେ ଦୋକାନଦାରି

ମିନିଆପଲିସ ସହରରେ ୧୮୯୩ ନଭେମ୍ବର ୨୬ରେ ପ୍ରଦତ୍ତ
ବକ୍ତୃତାର 'ମିନିଆପଲିସ୍ ଜର୍ଣ୍ଣାଲ୍' ପତ୍ରିକାରେ ପ୍ରକାଶିତ ବିବରଣ ।

ଚିକାଗୋ ଧର୍ମ-ମହାସଭାର ବିଖ୍ୟାତ ବ୍ରାହ୍ମଣ ପୁରୋହିତ ସ୍ୱାମୀ ବିବେ କାନନ୍ଦଙ୍କର ପ୍ରାଚ୍ୟଦେଶୀୟ ଧର୍ମ-ବ୍ୟାଖ୍ୟାରୁ କିଛି ଶିଖିବା ପାଇଁ ଉଦ୍‌ଗ୍ରୀବ ଶ୍ରୋତୃମଣ୍ଡଳୀ ଗତକାଲି ସକାଳେ ୟୁନିଟାରିଆନ୍ ଚର୍ଚ୍ଚରେ ଜମା ହୋଇଥିଲେ । ବ୍ରାହ୍ମଣ୍ୟ ଧର୍ମର ଏହି ବିଶିଷ୍ଟ ପ୍ରତିନିଧିଙ୍କୁ 'ପେରିପ୍ୟାଟେଟିକ୍ କ୍ଲବ୍' ଏହି ସହରକୁ ଆମନ୍ତ୍ରଣ କରି ଆଣିଛନ୍ତି । ଗତ ଶୁକ୍ରବାର ସନ୍ଧ୍ୟାରେ ସେହି ପ୍ରତିଷ୍ଠାନରେ ତାଙ୍କର ବକ୍ତୃତା ହୋଇଥିଲା । ଗତ କାଲିର ବକ୍ତୃତା ପାଇଁ ତାଙ୍କୁ ଏହି ସପ୍ତାହ ପର୍ଯ୍ୟନ୍ତ ଏଠାରେ ରହିବାକୁ ଅନୁରୋଧ କରାଯାଇଥିଲା ।···

ପ୍ରାରମ୍ଭିକ ପ୍ରାର୍ଥନା ପରେ ଧର୍ମଯାଜକ ଡକ୍ଟର ଏଚ. ଏମ୍. ସିମନସ୍ 'ବିଶ୍ୱାସ, ଆଶା ଏବଂ ଦାନ' ସମ୍ବନ୍ଧରେ ସେଣ୍ଟ୍ ପଲଙ୍କର ଉକ୍ତି ପାଠ କଲେ । ସେଣ୍ଟ୍ ପଲ୍ କହିଛନ୍ତି ଯେ, 'ଏମାନଙ୍କ ଭିତରେ ଦାନ ହେଉଛି ସର୍ବୋତ୍ତମ'—ଏହାର ସମର୍ଥନ ପାଇଁ ଡକ୍ଟର ସିମନସ୍ ବ୍ରାହ୍ମଣ୍ୟ ଶାସ୍ତ୍ରର ଗୋଟିଏ ଶିକ୍ଷା, ମୁସଲମାନ ଧର୍ମମତର ଗୋଟିଏ ବଚନ ଏବଂ ହିନ୍ଦୁ

ସାହିତ୍ୟରୁ କେତୋଟି କବିତା ପାଠ କରିଥିଲେ । ଏହି ଉକ୍ତିଗୁଡ଼ିକ ସହିତ ସେଣ୍ଟ୍ ପଲ୍ଙ୍କ କଥାର ସାମଞ୍ଜସ୍ୟ ରହିଛି ।

ଦ୍ୱିତୀୟ ପ୍ରାର୍ଥନା-ସଙ୍ଗୀତ ପରେ ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରୋତୃମଣ୍ଡଳୀଙ୍କ ସହିତ ପରିଚିତ କରାଇଦିଆଗଲା । ସେ ବକ୍ତୃତାମଞ୍ଚରେ ଆସି ଛିଡ଼ା ହେଲେ ଏବଂ ଆରମ୍ଭରେ ଗୋଟିଏ ହିନ୍ଦୁ ଉପାଖ୍ୟାନ କହି ସମସ୍ତଙ୍କ ଚିତ୍ତ ଆକୃଷ୍ଟ କଲେ । ଉତ୍କୃଷ୍ଟ ଇଂରେଜୀରେ ସେ କହିଲେ :

ତୁମମାନଙ୍କୁ ମୁଁ ପାଞ୍ଚଟି ଅନ୍ଧଙ୍କ ବିଷୟରେ ଗୋଟିଏ ଗଳ୍ପ କହିବି । ଭାରତର କୌଣସି ଗୋଟିଏ ଗ୍ରାମରେ ଶୋଭାଯାତ୍ରା ଚାଲିଥିଲା । ତାକୁ ଦେଖିବା ପାଇଁ ଅନେକ ଲୋକ ଭିଡ଼ କରିଥିଲେ । ବହୁ ଆଡ଼ମ୍ବରରେ ସୁସଜ୍ଜିତ ଗୋଟିଏ ହାତୀ ଥିଲା ସମସ୍ତଙ୍କର ବିଶେଷ ଆକର୍ଷଣ । ସମସ୍ତେ ଖୁବ୍ ଖୁସି । ପାଞ୍ଚଜଣ ଅନ୍ଧ ମଧ୍ୟ ଦର୍ଶକମାନଙ୍କ ଭିତରେ ଆସି ଛିଡ଼ା ହୋଇଥିଲେ । ସେମାନେ ତ ଆଖିରେ ଦେଖିପାରୁ ନାହାନ୍ତି, ସେଥିପାଇଁ ଠିକ୍ କଲେ ହାତୀକୁ ସ୍ପର୍ଶ କରି ପଶୁଟି କପରି ତାହା ବୁଝିନେବେ । ସେହି ସୁଯୋଗ ସେମାନଙ୍କୁ ଦିଆଗଲା । ଶୋଭାଯାତ୍ରା ଚାଲିଗଲାରୁ ସମସ୍ତଙ୍କ ସହିତ ସେମାନେ ଘରକୁ ଫେରି ଆସିଲେ । ସେତେବେଳେ ସେମାନେ ହାତୀ ସମ୍ବନ୍ଧରେ କଥାବାର୍ତ୍ତା ଆରମ୍ଭ କଲେ ।

ଜଣେ କହିଲା, 'ହାତୀ ହେଉଛି ଠିକ୍ କାନ୍ଥ ପରି ।' ଦ୍ୱିତୀୟ କହିଲା, 'ନା, ତାହା ତ ନୁହେଁ, ସେ ହେଉଛି ଦଉଡ଼ି ପରି ।' ତୃତୀୟ ଅନ୍ଧଟି କହିଲା, 'ତୁମର ଭୁଲ ହେଉଛି, ମୁଁ ନିଜେ ହାତ ଦେଇ ଦେଖିଛି, ସେ ଠିକ୍ ସାପ ପରି ।' ଆଲୋଚନାରେ ଉତ୍ତେଜନା ବଢ଼ି ଚାଲିଲା, ସେତେବେଳେ ଚତୁର୍ଥ ଅନ୍ଧଟି କହିଲା ଯେ, 'ହାତୀ ହେଲା ଠିକ୍ ଗୋଟିଏ ତକିଆ ପରି ।' କ୍ରୁଦ୍ଧ ବାଦ-ପ୍ରତିବାଦର ଅବଶେଷରେ ପଞ୍ଚମ ଅନ୍ଧ ମାରାମାରି ଆରମ୍ଭ କଲା । ସେତିକି-ବେଳେ ଜଣେ ଚକ୍ଷୁଷ୍ମାନ ବ୍ୟକ୍ତି ଘଟଣାସ୍ଥଳରେ ଆସି ଉପସ୍ଥିତ ହେଲେ । ସେ ପଚାରିଲେ, 'ବନ୍ଧୁଗଣ, କଥା କ'ଣ ?' କଳହର କାରଣ କହିବାରୁ ଆଗନ୍ତୁକ କହିଲେ, 'ମହାଶୟଗଣ, ଆପଣମାନଙ୍କର ସମସ୍ତ କଥା ଠିକ୍ । ଅସୁବିଧା ଏତିକି ଯେ, ଆପଣମାନେ ହାତୀର ବିଭିନ୍ନ ସ୍ଥାନକୁ ସ୍ପର୍ଶ କରିଛନ୍ତି । ହାତୀର ଗୋଟିଏ ପାଖ ହେଲା କାନ୍ଥପରି, ଲାଞ୍ଜ ତ ଦଉଡ଼ି ପରି ମନେହେବ । ତା'ର ଶୁଣ୍ଢକୁ ସାପ ବୋଲି କୁହାଯାଇପାରେ । ଆଉ ଯେ ପାଦ ଛୁଇଁଛନ୍ତି ସେ ଠିକ୍ କହିଛନ୍ତି ଯେ, ହାତୀ ତକିଆ ପରି । ବର୍ତ୍ତମାନ ଆପଣମାନେ କଳହ ବନ୍ଦ କରନ୍ତୁ । ବିଭିନ୍ନ ଦିଗରୁ ହାତୀ ସମ୍ବନ୍ଧରେ ଆପଣମାନେ ସମସ୍ତେ ଠିକ୍ କଥା କହିଛନ୍ତି ।'

ବକ୍ତା କହିଲେ, ଧର୍ମରେ ମଧ୍ୟ ଏହି ଧରଣର ମତଦ୍ୱୈଧ ଦେଖା ଦେଇଛି । ପାଶ୍ଚାତ୍ୟର ଲୋକମାନେ ମନେକରନ୍ତି, ସେମାନେ କେବଳ ଈଶ୍ୱରଙ୍କ ସତ୍ୟ ଧର୍ମର ଅଧିକାରୀ; ପୁଣି ପ୍ରାଚ୍ୟ ଦେଶର ଲୋକମାନଙ୍କର ମଧ୍ୟ ନିଜ ଧର୍ମ ସମ୍ବନ୍ଧରେ ସେହିପରି ରକ୍ଷଣଶୀଳ ମନୋଭାବ ବିଦ୍ୟମାନ । ଉଭୟଙ୍କର ଧାରଣା ଭୁଲ । ବସ୍ତୁତଃ ଈଶ୍ୱର ପ୍ରତ୍ୟେକ ଧର୍ମରେ ରହିଛନ୍ତି ।

ପାଶ୍ଚାତ୍ୟ ଚିନ୍ତାଧାରା ସମ୍ବନ୍ଧରେ ବକ୍ତା ବହୁ ସ୍ପଷ୍ଟ ସମାଲୋଚନା କଲେ । ତାଙ୍କ

ମତରେ ଖ୍ରୀଷ୍ଟାନ୍‌ମାନଙ୍କ ମଧ୍ୟରେ 'ବ୍ୟବସାୟୀ ଧର୍ମର' ଲକ୍ଷଣ ଦେଖାଯାଉଛି । ସେମାନଙ୍କ ପ୍ରାର୍ଥନା—'ହେ ଈଶ୍ୱର, ମୋତେ ଏହା ଦିଅ, ତାହା ଦିଅ; ହେ ପ୍ରଭୁ, ତୁମେ ମୋ ପାଇଁ ଏ କଥା କର, ସେକଥା କର ।' ହିନ୍ଦୁ ଏକଥା ବୁଝିପାରେ ନାହିଁ । ତା'ର ବିବେଚନାରେ ଈଶ୍ୱରଙ୍କ ନିକଟରେ ଭିକ୍ଷା କରିବା ଭୁଲ । କିଛି ନ ମାଗି ଧର୍ମପ୍ରାଣ ବ୍ୟକ୍ତିର ବରଂ ଦେବା ଉଚିତ । ଈଶ୍ୱରଙ୍କ ନିକଟରେ କୌଣସି ଜିନିଷ ପ୍ରାର୍ଥନା ନ କରି ତାଙ୍କୁ ଓ ମନୁଷ୍ୟକୁ ଦାନ କର—ଏଥିରେ ହିଁ ହିନ୍ଦୁର ଅଧିକତର ବିଶ୍ୱାସ । ବକ୍ତା କହନ୍ତି, ସେ ଲକ୍ଷ୍ୟ କରି ଦେଖିଛନ୍ତି ଯେ, ପାଶ୍ଚାତ୍ୟରେ ଅନେକେ ଯେତେବେଳେ ଭଲ୍ ବେଳ ପଡ଼ୁଛି, ସେତେବେଳେ ଈଶ୍ୱରଙ୍କ ସମ୍ବନ୍ଧରେ ଖୁବ୍ ସଚେତନ; କିନ୍ତୁ ଦୁର୍ଦ୍ଦିନ ଆସିଲେ ତାଙ୍କୁ ଆଉ ମନେରଖନ୍ତି ନାହିଁ । ପକ୍ଷାନ୍ତରେ ହିନ୍ଦୁ ଈଶ୍ୱରଙ୍କୁ ଦେଖେ ପ୍ରେମର ପାତ୍ରରୂପେ । ହିନ୍ଦୁଧର୍ମରେ ଭଗବାନଙ୍କର ପିତୃତ୍ୱପରି ମାତୃତ୍ୱର ସ୍ୱୀକୃତ ମଧ୍ୟ ରହିଛି, କାରଣ ମାତା ଓ ପୁତ୍ରର ସମ୍ପର୍କ ମାଧ୍ୟମରେ ଭଲପାଇବାର ଉତ୍କୃଷ୍ଟତର ପରିଣତି ଘଟେ । ପାଶ୍ଚାତ୍ୟର ଖ୍ରୀଷ୍ଟିଆନ୍ ସାରା ସପ୍ତାହ ଧରି ଅର୍ଥ-ଉପାର୍ଜନ ପାଇଁ ପରିଶ୍ରମ କରେ । ଏଥିରେ ସଫଳତା ଲାଭ କଲେ ସେ ଭଗବାନଙ୍କୁ ସ୍ମରଣ କରି କହେ, 'ହେ ପ୍ରଭୁ, ତୁମେ ଯେ ମୋତେ ଏହି ଅର୍ଥ ଦେଇଛ, ସେଥିପାଇଁ ତୁମକୁ ଧନ୍ୟବାଦ ।' ତା'ପରେ ସେ ଯାହା ଉପାର୍ଜନ କରିଥାଏ, ସବୁ ନିଜ ପକେଟରେ ପୁରାଏ । ହିନ୍ଦୁ କ'ଣ କରେ ? ସେ ଅର୍ଥ ଉପାର୍ଜନ କଲେ ଦରିଦ୍ର ଏବଂ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରି ଭଗବାନଙ୍କର ସେବା କରେ ।

ବକ୍ତା ଏହି ଭାବରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଭାବଧାରାର ତୁଳନାତ୍ମକ ଆଲୋଚନା କଲେ । ଈଶ୍ୱରଙ୍କ ପ୍ରସଙ୍ଗରେ ବିବେକାନନ୍ଦଙ୍କ ଉକ୍ତିର ସାରମର୍ମ—ତୁମେ ପାଶ୍ଚାତ୍ୟ ଅଧିବାସୀ-ମାନେ ଭାବ ଯେ, ଈଶ୍ୱରଙ୍କୁ ଆୟତ୍ତ କରିଛ । ଏହାର ଅର୍ଥ କ'ଣ ? ଭଗବାନଙ୍କୁ ଯଦି ତୁମେମାନେ ପାଇଥାଆନ୍ତ, ତେବେ ତୁମ ଭିତରେ ଏତେ ଅପରାଧପ୍ରବଣତା କାହିଁକି ? ଦଶ ଜଣଙ୍କ ଭିତରୁ ନଅ ଜଣ ଏତେ କପଟ କାହିଁକି ? ଯେଉଁଠାରେ ଭଗବାନ, ସେଠାରେ କପଟାଚାର ରହି ନ ପାରେ । ଭଗବାନଙ୍କ ଉପାସନା ପାଇଁ ତୁମମାନଙ୍କର ପ୍ରାସାଦୋପମ ଅଟ୍ଟାଳିକାସବୁ ରହିଛି, ସପ୍ତାହରେ ଦିନେ ସେଠାରେ କିଛି ସମୟ ତୁମେମାନେ ଅତିବାହିତ କର; କିନ୍ତୁ ତୁମ ଭିତରୁ କେତେଜଣ ପ୍ରକୃତରେ ଭଗବାନଙ୍କୁ ପୂଜା କରିବାକୁ ଯାଅ ? ପାଶ୍ଚାତ୍ୟରେ ଗୀର୍ଜାକୁ ଯିବା ଗୋଟିଏ ଫେସନ୍ ଏବଂ ତୁମ ଭିତରୁ ଅଧିକାଂଶଙ୍କର ଗୀର୍ଜାକୁ ଯିବା ପଛରେ ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ । ଏପରି କ୍ଷେତ୍ରରେ ତୁମମାନଙ୍କର ଭଗବାନଙ୍କ ଉପରେ ବିଶେଷ ଅଧିକାର ପାଇଁ କୌଣସି ଦାବି ରହିପାରେ କି ?

ଏହି ସମୟରେ ବକ୍ତାଙ୍କୁ ସ୍ୱତଃସ୍ଫୂର୍ତ୍ତ ସାଧୁବାଦଦ୍ୱାରା ଅଭିନନ୍ଦିତ କରାଗଲା । ବକ୍ତା କହିବାକୁ ଲାଗିଲେ—ଆମେ ହିନ୍ଦୁ ଧର୍ମାବଲମ୍ବୀଗଣ ପ୍ରେମ ପାଇଁ ଭଗବାନଙ୍କୁ ଡାକିବାରେ ବିଶ୍ୱାସ କରୁ । ସେ ଆମମାନଙ୍କୁ କ'ଣ ଦେଲେ ସେଥିପାଇଁ ନୁହେଁ, ସେ ପ୍ରେମସ୍ୱରୂପ ବୋଲି ତାଙ୍କୁ ଭଲପାଉ । କୌଣସି ଜାତି, ଧର୍ମ ବା ସମାଜ ଯେପର୍ଯ୍ୟନ୍ତ ପ୍ରେମ ପାଇଁ ଭଗବାନଙ୍କୁ

ଆରାଧନା କରିବାକୁ ବ୍ୟଗ୍ର ନ ହୋଇଛ, ସେପର୍ଯ୍ୟନ୍ତ ସେମାନେ ଈଶ୍ୱରଙ୍କୁ ପାଇପାରିବେ ନାହିଁ । ପାଶ୍ଚାତ୍ୟରେ ତୁମେମାନେ ବ୍ୟବସାୟ-ବାଣିଜ୍ୟରେ ଏବଂ ବଡ଼ ବଡ଼ ଆବିଷ୍କାରରେ ଖୁବ୍ କରିତ୍‌କର୍ମା । ପ୍ରାଚ୍ୟରେ ଆମେମାନେ ଧର୍ମରେ କ୍ରିୟାପଟୁ । ତୁମର ଦକ୍ଷତା ବାଣିଜ୍ୟରେ, ଆମର ଧର୍ମରେ । ତୁମେ ଯଦି ଭାରତକୁ ଯାଇ କୃଷୀ ମୂଲିଆଙ୍କ ସହିତ କଥା କହ, ଦେଖିବ ରାଜନୀତିବିଷୟରେ ସେମାନଙ୍କର କୌଣସି ମତାମତ ନାହିଁ । ସେସମ୍ବନ୍ଧରେ ସେମାନେ ଏକାବେଳକେ ଅଜ୍ଞ; କିନ୍ତୁ ଧର୍ମ ସମ୍ବନ୍ଧରେ କଥା କହ, ଦେଖିବ, ସେମାନଙ୍କ ମଧ୍ୟରେ ଯେ ଦୀନତମ ସେ ମଧ୍ୟ ଏକେଶ୍ୱରବାଦ, ଦ୍ୱୈତବାଦ ପ୍ରଭୃତି ଧର୍ମର ବିଭିନ୍ନ ବାଦର କଥା ଜାଣେ । ଯଦି ତାକୁ ପଚାରିବ, 'ତୁମର ରାଷ୍ଟ୍ରବ୍ୟବସ୍ଥା କିପରି ?' ସେ କହିବ, 'ମୁଁ ଏତେ କଥା ଜାଣେ ନାହିଁ, ମୁଁ କେବଳ ଖଜଣା ଦିଏ, ଆଉ କିଛି ଜାଣେ ନାହିଁ ।' ମୁଁ ତୁମମାନଙ୍କର ଶ୍ରମିକ ଏବଂ କୃଷକ ପ୍ରଭୃତିଙ୍କ ସହିତ କଥା କହି ଦେଖିଛି, ସେମାନେ ରାଜନୀତିରେ ବେଶ ଅଭିଜ୍ଞ । ସେମାନେ ହୁଏତ ଡେମୋକ୍ରାଟ୍ ନ ହେଲେ ରିପବ୍ଲିକାନ୍ ଏବଂ ରୌପ୍ୟମାନ ବା ସ୍ୱର୍ଣ୍ଣମାନ—କାହାକୁ ସେମାନେ ପସନ୍ଦ କରନ୍ତି, ସେକଥା ମଧ୍ୟ କହିପାରନ୍ତି । କିନ୍ତୁ ଧର୍ମ ସମ୍ବନ୍ଧରେ ଯଦି ପଚାର, ସେମାନେ ଭାରତୀୟ କୃଷକ ପରି କହିବେ—'ଜାଣୁନା ।' ଗୋଟିଏ ନିର୍ଦ୍ଦିଷ୍ଟ ଗିର୍ଜାକୁ ସେମାନେ ଯାଆନ୍ତି, କିନ୍ତୁ ସେହି ଗିର୍ଜାର ମତବାଦ କ'ଣ, ତାହା ସେମାନଙ୍କ ମୁଣ୍ଡରେ ପଶେ ନାହିଁ । ଗିର୍ଜାରେ ନିଜର ସୁରକ୍ଷିତ ଆସନ ପାଇଁ ସେମାନେ ଭଡ଼ା ଦିଅନ୍ତି—ଏତିକି ସେମାନେ ଜାଣନ୍ତି ।

ଭାରତବର୍ଷରେ ଯେ ନାନା ପ୍ରକାର କୁସଂସ୍କାର ଅଛି, ବକ୍ତା ତାହା ସ୍ୱୀକାର କଲେ; କିନ୍ତୁ ସେ ଓଲଟା ପ୍ରଶ୍ନ କଲେ, 'କେଉଁ ଜାତି କୁସଂସ୍କାରରୁ ମୁକ୍ତ ?' ଉପସଂହାରରେ ବକ୍ତା କହିଲେ : ପ୍ରତ୍ୟେକ ଜାତି ଭଗବାନଙ୍କୁ ସେମାନଙ୍କର ଏକଚୁଟିଆ ସମ୍ପତ୍ତି ବୋଲି ମନେ-କରନ୍ତି । ବସ୍ତୁତଃ ପ୍ରତ୍ୟେକ ଜାତିର ଈଶ୍ୱରଙ୍କ ଉପରେ ଦାବି ଅଛି । ସତ୍‌ପ୍ରବୃତ୍ତି ମାତ୍ରେ ହିଁ ଈଶ୍ୱରଙ୍କର ପ୍ରକାଶ । କି ପ୍ରାଚ୍ୟ କି ପ୍ରତୀଚ୍ୟ ସବୁଠାରେ ମନୁଷ୍ୟଙ୍କୁ ଶିଖିବାକୁ ହେବ 'ଭଗବାନଙ୍କୁ ଖୋଜିବା' । ବକ୍ତା ଏହି ଖୋଜିବାକୁ ଜଳମଗ୍ନ ବ୍ୟକ୍ତିର ପବନ ପାଇଁ ବ୍ୟାକୁଳତା ସହିତ ତୁଳନା କରିଛନ୍ତି । ପବନ ତା'ର ଆବଶ୍ୟକ, କାରଣ ତାହା ଛଡ଼ା ସେ ବଞ୍ଚିପାରିବ ନାହିଁ । ପାଶ୍ଚାତ୍ୟବାସୀ ଯେତେବେଳେ ଏହି ଭାବରେ ଭଗବାନଙ୍କୁ ଖୋଜିବେ, ସେତେବେଳେ ସେମାନେ ଭାରତରେ ସ୍ୱାଗତ ହେବେ; କାରଣ ପ୍ରଚାରକମାନେ ସେତେବେଳେ ଯଥାର୍ଥରେ ଭଗବଦ୍‌ଭାବ ନେଇ ଆସିବେ, ଭାରତ ଈଶ୍ୱର-ବିମୁଖ—ଏହି ଧାରଣା ନେଇ ନୁହେଁ । ସେମାନେ ଯଥାର୍ଥରେ ପ୍ରେମଭାବ ନେଇ ଆସିବେ, କେତେଗୁଡ଼ିଏ ମତବାଦର ଭାର ନେଇ ନୁହେଁ ।

# ମନୁଷ୍ୟର ନିୟତି

ମେମ୍ଫିସ୍ ସହରରେ ୧୮୯୪ ଜାନୁଆରି ୧୭ ଦିନ ପ୍ରଦତ୍ତ ଭାଷଣର
ସାରାଂଶ ୧୮ ଜାନୁଆରୀର 'ଆପିଲ୍ ଆଭାଲାଞ୍ଚ' ପତ୍ରିକାରେ ପ୍ରକାଶିତ ।

ଶ୍ରୋତାମାନଙ୍କର ସମାଗମ ମୋଟ ଉପରେ ଭଲ ହୋଇଥିଲା । ସହରର ଶ୍ରେଷ୍ଠ ସାହିତ୍ୟରସିକ ଓ ସଙ୍ଗୀତାମୋଦୀ ତଥା ଆଇନ୍ ଏବଂ ଅର୍ଥନୈତିକ ପ୍ରତିଷ୍ଠାନର କେତେକ ବିଶିଷ୍ଟ ବ୍ୟକ୍ତି ଏହି ସଭାରେ ଉପସ୍ଥିତ ଥିଲେ । ବକ୍ତା କୌଣସି କୌଣସି ଆମେରିକାନ୍ ବାଗ୍ମୀଙ୍କଠାରୁ ଗୋଟିଏ ବିଷୟରେ ସ୍ୱତନ୍ତ୍ର । ଗଣିତର ଅଧ୍ୟାପକ ଯେପରି ଛାତ୍ରମାନଙ୍କ ସମ୍ମୁଖରେ ବୀଜଗଣିତର ଗୋଟିଏ ପ୍ରତିପାଦ୍ୟ ଅଙ୍କ ସୋପାନ-କ୍ରମରେ ବୁଝାଇଦିଅନ୍ତି, ସେ ମଧ୍ୟ ସେହିପରି ତାଙ୍କର ବିଷୟବସ୍ତୁକୁ ସୁବିଚାର ସହକାରେ ଧୀରେ ଧୀରେ ଉପସ୍ଥାପିତ କରନ୍ତି । କାନନ୍ଦ[୧] ନିଜର କ୍ଷମତା ଏବଂ ଯାବତୀୟ ପ୍ରତିକୂଳ ଯୁକ୍ତି ବିରୋଧରେ ନିଜର ପ୍ରତିପାଦ୍ୟ ବିଷୟକୁ ସଫଳତାର ସହିତ ସମର୍ଥନ କରିବାର ସାମର୍ଥ୍ୟ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି କଥା କହନ୍ତି । ଏପରି କୌଣସି ଭାବଧାରା ସେ ଆଣନ୍ତି ନାହିଁ ବା ଏପରି କୌଣସି କଥା ଘୋଷଣା କରନ୍ତି ନାହିଁ, ଯାହାକୁ ଶେଷ ପର୍ଯ୍ୟନ୍ତ ସେ ନ୍ୟାୟସଙ୍ଗତ ସିଦ୍ଧାନ୍ତରେ ପହଞ୍ଚାଇ ପାରିବେ ନାହିଁ । ତାଙ୍କର ବକ୍ତୃତାର ବହୁ ସ୍ଥାନରେ ଇଙ୍ଗାରସୋଲଙ୍କ[୨] ଦର୍ଶନ ସହିତ କେତେକ ସାଦୃଶ୍ୟ ଅଛି । ସେ ମୃତ୍ୟୁପରେ ନରକରେ ଶାସ୍ତିଭୋଗ କରିବା କଥା ବିଶ୍ୱାସ କରନ୍ତି ନାହିଁ । ଖ୍ରୀଷ୍ଟଧର୍ମାବଲମ୍ବୀଗଣ ଯେଉଁ ଭାବରେ ଈଶ୍ୱରଙ୍କୁ ମାନନ୍ତି, ସେହିପରି ଈଶ୍ୱରଙ୍କ ଉପରେ ତାଙ୍କର ଆସ୍ଥା ନାହିଁ । ମନୁଷ୍ୟର ମନକୁ ସେ ଅମର ବୋଲି କହନ୍ତି ନାହିଁ, କାରଣ ଏହା ପରତନ୍ତ୍ର । ସର୍ବପ୍ରକାର ଆବେଷ୍ଟନୀରୁ ଯାହା ମୁକ୍ତ ନୁହେଁ, ତାହା କଦାପି ଅମର ହୋଇପାରିବ ନାହିଁ ।

କାନନ୍ଦ କହନ୍ତି : ଭଗବାନ୍ ଜଣେ ରାଜା ନୁହନ୍ତି, ଯେ କି ବିଶ୍ୱବ୍ରହ୍ମାଣ୍ଡର କୌଣସି ଗୋଟିଏ ସ୍ଥାନରେ ବସି ମର୍ତ୍ତ୍ୟବାସୀ ମନୁଷ୍ୟର କାର୍ଯ୍ୟ-ଅନୁସାରେ ଦଣ୍ଡ ବା ପୁରସ୍କାର ବିଧାନ କରୁଛନ୍ତି । ଏପରି ଗୋଟିଏ ସମୟ ଆସିବ, ଯେତେବେଳେ ମନୁଷ୍ୟ ସତ୍ୟକୁ ଉପଲବ୍ଧି କରି ଠିଆ ହେବ ଏବଂ କହିବ—ମୁଁ ଈଶ୍ୱର, ମୁଁ ତାଙ୍କର ପ୍ରାଣର ପ୍ରାଣ । ଆମର ପ୍ରକୃତ ସ୍ୱରୂପ, ନିଜର ମୃତ୍ୟୁହୀନ ସତ୍ତା ହିଁ ଯେତେବେଳେ ଭଗବାନ, ସେତେବେଳେ ସେ ବହୁଦୂରରେ, ଏ କଥା ଶିକ୍ଷା ଦେବାର ସାର୍ଥକତା କ'ଣ ?

---

୧ ସେହି ସମୟରେ ସାମ୍ବାଦିକମାନେ ସାଧାରଣତଃ ସ୍ୱାମୀଜୀଙ୍କ ନାମକୁ ଦୁଇଭାଗରେ ଲେଖୁଥିଲେ—ଯଥା 'ବିବେ' ଓ 'କାନନ୍ଦ' । ସେମାନେ ଭାବୁଥିଲେ ଯେ, ପ୍ରଥମାଂଶଟି ତାଙ୍କର ନାମ ଓ ଦ୍ୱିତୀୟଟି ତାଙ୍କର ଉପାଧି ।

୨ ରବର୍ଟ ଗ୍ରୀନ୍ ଇଙ୍ଗାର୍ସୋଲ୍ (୧୮୩୩-୯୯) ଆମେରିକାର ପ୍ରସିଦ୍ଧ ଆଇନଜୀବୀ, ଅଜ୍ଞେୟବାଦୀ (Agnostic) ବକ୍ତା ଏବଂ ଲେଖକ ।

ତୁମ ଧର୍ମରେ ଯେଉଁ ଆଦମ ପାପର କଥା ଅଛି, ତାହା ଶୁଣି ବିଭ୍ରାନ୍ତ ହୁଅ ନାହିଁ, କାରଣ ତୁମ ଧର୍ମ ଆଦମ ନିଷ୍ପାପ ଅବସ୍ଥାର କଥା ବି କହୁଛି । ଆଦମ୍‌ଙ୍କର ଯେତେବେଳେ ଅଧଃପତନ ହେଲା, ସେତେବେଳେ ତାହା ତ ତାଙ୍କର ପୂର୍ବର ନିର୍ମଳ ସ୍ୱଭାବରୁ ହେଲା ! (ଶ୍ରୋତୃବୃନ୍ଦଙ୍କ ହର୍ଷଧ୍ୱନି) ପବିତ୍ରତା ହିଁ ଆମର ପ୍ରକୃତ ସ୍ୱରୂପ, ଆଉ ପ୍ରତ୍ୟେକ ଧର୍ମାଚରଣର ଲକ୍ଷ୍ୟ ହେଲା ତାହା ପୁନର୍ଲାଭ କରିବା । ପ୍ରତ୍ୟେକ ମନୁଷ୍ୟ ଶୁଦ୍ଧସ୍ୱରୂପ, ପ୍ରତ୍ୟେକ ମନୁଷ୍ୟ ସତ୍ତ୍ୱ । ଆପତ୍ତି ଉଠିପାରେ—କୌଣସି କୌଣସି ଲୋକ ପଶୁପରି ଆଚରଣ କରନ୍ତି କାହିଁକି ? ଉତ୍ତର ହେଉଛି—ଯାହାକୁ ତୁମେ ପଶୁତୁଲ୍ୟ ମନେକରୁଛ, ସେ ଧୂଳିମାଟିରେ ଆବୃତ ହୀରକଖଣ୍ଡପରି । ଧୂଳି ଝାଡ଼ିଦିଅ, ଯେଉଁ ହୀରାକୁ ସେହି ହୀରା ଦେଖିବାକୁ ପାଇବ—ଯେପରି କେବେ ହେଲେ ଧୂଳିଲିପ୍ତ ହୋଇ ନାହିଁ, ଏହିପରି ସ୍ୱଚ୍ଛ । ଆମକୁ ସ୍ୱୀକାର କରିବାକୁ ହେବ ଯେ, ପ୍ରତ୍ୟେକ ଆତ୍ମା ଗୋଟିଏ ବୃହତ୍ ହୀରକଖଣ୍ଡ ।

ଆମର ମଣିଷଭାଇକୁ ପାପୀ କହିବାଠାରୁ ମିଚତା ଆଉ କିଛି ନାହିଁ । ଥରେ ଗୋଟିଏ ସିଂହୀ ଦଳେ ମେଣ୍ଢାପଲରେ ପଶି ଗୋଟିଏ ମେଣ୍ଢାକୁ ନିହତ କଲା । ସିଂହୀ ଥିଲା ଆସନ୍ନପ୍ରସବା । ଡେଇଁବା ଫଳରେ ତା'ର ସନ୍ତାନ ଭୂମିଷ୍ଠ ହେଲା; କିନ୍ତୁ ସିଂହୀର ମୃତ୍ୟୁ ହେଲା । ସିଂହଶିଶୁକୁ ଦେଖି ଗୋଟିଏ ମେଣ୍ଢୀ ତାକୁ ସ୍ତନ୍ୟପାନ କରାଇଲା । ସିଂହଶିଶୁ ମେଣ୍ଢାପଲରେ ଘାସ ଖାଇ ବଢ଼ିବାକୁ ଲାଗିଲା । ଦିନେ ଗୋଟିଏ ବୁଢ଼ା ସିଂହ ସେହି ସିଂହରୂପୀ ମେଷକୁ ଦେଖିପାରି ମେଣ୍ଢାପଲରୁ ତାକୁ ନେଇଯିବା ପାଇଁ ଚେଷ୍ଟା କଲା; କିନ୍ତୁ ସିଂହରୂପୀ ମେଷ ଦୌଡ଼ି ପଳାଇଲା । ବୁଢ଼ା ସିଂହ ଅପେକ୍ଷା କଲା ଏବଂ ପରେ ତାକୁ ଧରି ପକାଇଲା । ସେତେବେଳେ ସେ ତାକୁ ଗୋଟିଏ ଜଳାଶୟ ନିକଟକୁ ନେଇଯାଇ କହିଲା, 'ତୁ ମେଣ୍ଢା ନୋହୁ, ତୁ ସିଂହ—ଏହି ପାଣିରେ ନିଜର ଆକୃତି ଦେଖ ।' ସିଂହରୂପୀ ମେଣ୍ଢା ମଧ୍ୟ ପାଣିରେ ପ୍ରତିବିମ୍ବିତ ନିଜର ରୂପ ଦେଖି କହିଲା, 'ମୁଁ ସିଂହ, ମେଣ୍ଢା ନୁହେଁ ।' ଆସନ୍ତୁ, ଆମେ ନିଜକୁ ମେଣ୍ଢା ନ ଭାବି ସିଂହ ହେବା, ମେଣ୍ଢାପରି ବୋବାଇବା ଓ ଘାସ ଖାଇବା ଛାଡ଼ିଦେବା ।

'ଆମେରିକାରେ ମୋର ଚାରିମାସ କଟିଗଲା । ମାସାଚୁସେଟସ୍ ରାଜ୍ୟରେ ମୁଁ ଗୋଟିଏ ଚରିତ୍ର-ସଂଶୋଧନ ଜେଲଖାନା ଦେଖିବାକୁ ଯାଇଥିଲି । ଜେଲ୍‌ର ଅଧ୍ୟକ୍ଷଙ୍କୁ ଜଣାଇ ଦିଆଯାଏ ନାହିଁ ଯେ, କେଉଁ ବନ୍ଦୀର କି ଅପରାଧ ' ପ୍ରତ୍ୟେକ ବନ୍ଦୀ ଉପରେ ଯେପରି ଗୋଟିଏ ସହୃଦୟତାର ଆଚ୍ଛାଦନୀ ଘୋଡ଼ାଇ ଦିଆଯାଏ । ଆଉ ଗୋଟିଏ ସହରର କଥା ଜାଣିଛି, ଯେଉଁଠାରେ ବିଶିଷ୍ଟ ପଣ୍ଡିତମାନଙ୍କଦ୍ୱାରା ସଂପାଦିତ ତିନୋଟି ସମ୍ବାଦପତ୍ରରେ ପ୍ରମାଣ କରିବାର ଚେଷ୍ଟା ଚାଲିଛି ଯେ, ଅପରାଧୀମାନଙ୍କୁ କଠିନ ଦଣ୍ଡ ଦେବା ପ୍ରୟୋଜନ । ପୁଣି ସେଠିକାର ଆଉ ଗୋଟିଏ କାଗଜର ମତରେ ଦଣ୍ଡ ଅପେକ୍ଷା କ୍ଷମା ହିଁ ସୁସଙ୍ଗତ । ଗୋଟିଏ କାଗଜର ସଂପାଦକ ପରିସଂଖ୍ୟାନଦ୍ୱାରା ସ୍ଥିର କରିଛନ୍ତି ଯେ, ଯେଉଁସବୁ ବନ୍ଦୀଙ୍କୁ କଠୋର ଶାସ୍ତି ଦିଆଯାଏ, ସେମାନଙ୍କ ଭିତରୁ ଶତକଡ଼ା ପଚାଶ ଜଣ ସତ୍‌ପଥକୁ ଫେରି ଆସନ୍ତି; ପକ୍ଷାନ୍ତରରେ ଯେଉଁମାନେ ସାମାନ୍ୟ ଭାବରେ ଦଣ୍ଡିତ ହୁଅନ୍ତି, ସେମାନଙ୍କ ଭିତରୁ ଶତକଡ଼ା

ନବେଜଣ କାର୍ମୁକ୍ତ ପରେ ସତ୍ତ୍ୱବୃତ୍ତି ଅବଲମ୍ବନ କରନ୍ତୁ ।

ଧର୍ମର ଉତ୍ପତ୍ତି ମନୁଷ୍ୟର ପ୍ରକୃତିଗତ ଦୁର୍ବଳତାରୁ ହୋଇ ନାହିଁ । କୌଣସି ଜଣେ ଅତ୍ୟାଚାରୀକୁ ଆମେ ଭୟ କରୁ ବୋଲି ଯେ ଧର୍ମର ଜନ୍ମ ହେଲା, ତାହା ନୁହେଁ । ଧର୍ମ ହେଉଛି ପ୍ରେମ—ଯେଉଁ ପ୍ରେମ ବିକଶିତ ହୋଇ, ବିସ୍ତାରିତ ହୋଇ ପୁଷ୍ଟିଲାଭ କରେ । ଗୋଟିଏ ଘଣ୍ଟା କଥା ଧରାଯାଉ । ଖୋଳ ଆବରଣ ଭିତରେ କଳକବ୍ଜା ରହିଛି, ଆଉ ଗୋଟିଏ ସ୍ପ୍ରିଂ ଅଛି । ସ୍ପ୍ରିଂରେ ଦମ୍ ଦେଲେ ସେ ତା'ର ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବାକୁ ଚାହେଁ । ମନୁଷ୍ୟ ହେଉଛି ଘଣ୍ଟାର ସ୍ପ୍ରିଂ ପରି । ସବୁ ଘଣ୍ଟାର ଯେ ଏକପ୍ରକାର ସ୍ପ୍ରିଂ ରହିବ ତାହା ନୁହେଁ, ସେହିପରି ମନୁଷ୍ୟର ଧର୍ମମତ ଏକା ହେବାର ପ୍ରୟୋଜନୀୟତା ନାହିଁ । ଆମେ ବିବାଦ କରିବୁ ବା କାହିଁକି ? ଆମ ସମସ୍ତଙ୍କ ଚିନ୍ତାଧାରା ଯଦି ଏକାପ୍ରକାର ହୁଅନ୍ତା, ତାହାହେଲେ ସମସ୍ତଙ୍କର ମୃତ୍ୟୁ ହୁଅନ୍ତା । ବାହ୍ୟଗତିର ନାମ ହେଲା କାର୍ଯ୍ୟ, ଆଭ୍ୟନ୍ତରୀଣ ଗତି ହେଲା ମନୁଷ୍ୟର ଚିନ୍ତା । ଗୋଟିଏ ଢେଲା ମାଟିରେ ପଡ଼ିଲା; ଆମେ କହୁ, ତା'ର କାରଣ ହେଲା ମାଧ୍ୟାକର୍ଷଣ ଶକ୍ତି । ଗାଡ଼ିକୁ ଘୋଡ଼ା ଟାଣି ନେଇ ଯାଉଛି; କିନ୍ତୁ ଘୋଡ଼ାକୁ ଈଶ୍ୱର ଚଳାଉଛନ୍ତି । ଏହା ହିଁ ଗତିର ନିୟମ । ଭଉଁରୀ ଜଳସ୍ରୋତର ପ୍ରଖରତା ନିର୍ଣ୍ଣୟ କରେ । ସ୍ରୋତ ଯଦି ବନ୍ଦ ହୁଏ, ତେବେ ନଦୀ ଶୁଷ୍କ ହୋଇଯାଏ । ଗତି ହିଁ ଜୀବନ । ଆମର ଏକତ୍ୱ ଏବଂ ବୈଚିତ୍ର୍ୟ ଦୁଇଟିଯାକ ଦରକାର । ଗୋଲାପକୁ ଅନ୍ୟ କୌଣସି ନାମ ଦେଲେ ବି ତା'ର ମିଠା ଗନ୍ଧ ଆଗପରି ରହିବ । ଅତଏବ ତୁମର ଧର୍ମ ଯାହା ହେଉ ନା କାହିଁକି, ସେଥିରେ କିଛି ଯାଏ ଆସେ ନାହିଁ ।

ଗୋଟିଏ ଗ୍ରାମରେ ଛଅଜଣ ଅନ୍ଧ ବାସ କରୁଥିଲେ । ସେମାନେ ହାତୀ ଦେଖିବାକୁ ଗଲେ । ଆଖିରେ ତ ଦେଖିପାରୁ ନାହାଁନ୍ତି, ହାତ ଦେଇ ଅନୁଭବ କଲେ ହାତୀ କେମିତି । ଜଣେ ହାତୀର ଲାଞ୍ଜରେ ହାତ ଦେଇ ଦେଖିଲା, ଜଣେ ହାତୀର ଗୋଟିଏ ପାଖରେ, ଆଉ ଜଣେ ଶୁଣ୍ଢରେ ଏବଂ ଚତୁର୍ଥ ବ୍ୟକ୍ତି କାନରେ ହାତ ଦେଲା । ତା'ପରେ ସେମାନେ ହାତୀର ବର୍ଣ୍ଣନା ଆରମ୍ଭ କଲେ । ପ୍ରଥମ ଅନ୍ଧ କହିଲା, ହାତୀ ହେଉଛି ଦଉଡ଼ିପରି । ଦ୍ୱିତୀୟ ବ୍ୟକ୍ତି କହିଲା, ହାତୀ ହେଉଛି ବିରାଟ କାନ୍ଥପରି । ତୃତୀୟ ଅନ୍ଧ ମତରେ ହାତୀ ଗୋଟିଏ ଅଜଗର ସାପପରି ଏବଂ ଚତୁର୍ଥ ବ୍ୟକ୍ତି, ଯେ କି ହାତୀର କାନରେ ହାତ ମାରିଥିଲା ସେ କହିଲା, ହାତୀ ଗୋଟିଏ କୁଲାପରି । ମତଭେଦ ହେବାରୁ ସେମାନେ ଅବଶେଷରେ କଳହ ଓ ମାରାମାରି ଆରମ୍ଭ କରିଦେଲେ । ଏତିକିବେଳେ ଘଟଣା-ସ୍ଥଳରେ ଜଣେ ଲୋକ ପହଞ୍ଚି ସେମାନଙ୍କୁ କଳହର କାରଣ ପଚାରିଲେ । ଅନ୍ଧମାନେ କହିଲେ ଯେ, ସେମାନେ ହାତୀକୁ ଦେଖିଛନ୍ତି; କିନ୍ତୁ ହାତୀ ସମ୍ବନ୍ଧରେ ସମସ୍ତଙ୍କର ମତ ଭିନ୍ନ ଏବଂ ସେଥିପାଇଁ ପ୍ରତ୍ୟେକେ ଅପରକୁ ମିଥ୍ୟାବାଦୀ ବୋଲି କହୁଛନ୍ତି । ସେତେବେଳେ ଆଗନ୍ତୁକ ସେମାନଙ୍କୁ କହିଲେ, 'ତୁମ ଭିତରୁ କାହାରି କଥା ସମ୍ପୂର୍ଣ୍ଣ ସତ୍ୟ ନୁହେଁ, ତୁମେ ସବୁ ଅନ୍ଧ । ହାତୀ ପ୍ରକୃତରେ କିପରି ତାହା କେହି ଜାଣି ନାହଁ ।' ଧର୍ମ ସମ୍ବନ୍ଧରେ ମଧ୍ୟ ଆମମାନଙ୍କର ଏହିପରି ଘଟୁଛି । ଆମର ଧର୍ମଜ୍ଞାନ ଅନ୍ଧର ହାତୀ ଦେଖିବାପରି । (ଶ୍ରୋତୃମଣ୍ଡଳୀଙ୍କର ହର୍ଷଧ୍ୱନି )

ଭାରତରେ ଜଣେ ସନ୍ନ୍ୟାସୀ କହିଥିଲେ—ମରୁଭୂମିର ବାଲି ପେଷି କେହି ତେଲ ବାହାର କରିପାରେ ଅଥବା କୁମ୍ଭୀରର କାମୁଡ଼ା ନ ଖାଇ କେହି ତା'ର ଦାନ୍ତ ଉପାଡ଼ି ଆଣିପାରେ—ଏ କଥା ବରଂ ବିଶ୍ୱାସ କରିବ, କିନ୍ତୁ ଧର୍ମାନ୍ଧ ବ୍ୟକ୍ତିର ରକ୍ଷଣଶୀଳ ଭାବର ପରିବର୍ତ୍ତନ ହୋଇଛି, ଏକଥା କଦାପି ବିଶ୍ୱାସ କରିପାରିବ ନାହିଁ । ଧର୍ମ ଧର୍ମ ଭିତରେ ଏତେ ମତାନ୍ତର କାହିଁକି—ଯଦିଓ ଏକଥା ପଚାର, ତେବେ ତା'ର ଉତ୍ତର ହେଉଛି—କ୍ଷୁଦ୍ର କ୍ଷୁଦ୍ର ନଦୀଗୁଡ଼ିକ ପର୍ବତରୁ ବାହାରି ହଜାର ହଜାର ମାଇଲ ପ୍ରବାହିତ ହୋଇ ଅବଶେଷରେ ସମୁଦ୍ରରେ ପଡ଼ନ୍ତି । ସେହିପରି ପ୍ରତ୍ୟେକ ଧର୍ମ ତା'ର ଅନୁସରଣକାରୀମାନଙ୍କୁ ଶେଷରେ ଭଗବାନଙ୍କ ପାଖକୁ ନେଇଯାଏ । ୧୯୦୦ ବର୍ଷ ଧରି ତୁମେମାନେ ଇହୁଦୀମାନଙ୍କୁ ପଦଦଳିତ କରିବା ପାଇଁ ଚେଷ୍ଟା କରୁଛ । ଚେଷ୍ଟା ସଫଳ ହୋଇଛି କି ? ପ୍ରତିଧ୍ୱନି କହେ—ଅଜ୍ଞାନତା ଏବଂ ଧର୍ମାନ୍ଧତା କଦାପି ସତ୍ୟକୁ ବିନଷ୍ଟ କରିପାରିବ ନାହିଁ ।

ବକ୍ତା ଏହି ଭାବରେ ପ୍ରାୟ ଦୁଇଘଣ୍ଟା ଧରି କହିଲେ । ବକ୍ତୃତାର ଉପସଂହାରରେ ସେ କହିଲେ, 'ଆସନ୍ତୁ, ଆମେମାନେ କାହାରି ଧ୍ୱଂସ ପାଇଁ ଚେଷ୍ଟା ନ କରି ପରସ୍ପରକୁ ସାହାଯ୍ୟ କରିବା ।'

## ପୁନର୍ଜନ୍ମ

ମେମ୍ଫିସ୍ ସହରରେ ୧୮୯୪ ଜାନୁଆରି ୧୯ରେ ପ୍ରଦତ୍ତ,
ଜାନୁଆରି ୨୦ର 'ଆପିଲ ଆଭାଲାଞ୍ଚ' ପତ୍ରିକାରେ ପ୍ରକାଶିତ

ହଲଦିଆ ଆଲଖାଲ୍ଲା ଓ ପଗଡ଼ିପରିହିତ ସ୍ୱାମୀ ବିବେକାନନ୍ଦ ପୁଣି ଗତ ରାତିରେ 'ଲା ସ୍ୟାଲେଟ୍ ଏକାଡେମୀ'ରେ ଖୁବ୍ ବଡ଼ ଓ ସମଝଦାର ସଭାରେ ବକ୍ତୃତା ଦେଇଥିଲେ । ଆଲୋଚ୍ୟ ବିଷୟ ଥିଲା 'ଆତ୍ମାର ଜନ୍ମାନ୍ତର-ଗ୍ରହଣ' । କହିବାକୁ ଗଲେ ଏହି ବିଷୟଟି ଆଲୋଚନା କରିବାରେ ବିବେକାନନ୍ଦଙ୍କର ନିଜ ପକ୍ଷ ସମର୍ଥନ ଲାଗି ଯେତେ ସୁବିଧା ହୋଇଥିଲା, ଆଉ ଅନ୍ୟ କୌଣସି କ୍ଷେତ୍ରରେ ଏପରି ହୋଇ ନାହିଁ । ପ୍ରାଚ୍ୟ ଜାତିଗୁଡ଼ିକଦ୍ୱାରା ବୋଧହୁଏ ବ୍ୟାପକଭାବରେ ସ୍ୱୀକୃତ ବିଶ୍ୱାସଗୁଡ଼ିକ ମଧ୍ୟରୁ ପୁନର୍ଜନ୍ମବାଦ ଅନ୍ୟତମ । ସ୍ୱଦେଶରେ କିମ୍ବା ବିଦେଶରେ ଏହି ବିଶ୍ୱାସର ପକ୍ଷ ସମର୍ଥନ କରିବା ପାଇଁ ସେମାନେ ସବୁବେଳେ ପ୍ରସ୍ତୁତ । ବିବେକାନନ୍ଦ ତାଙ୍କ ବକ୍ତୃତାରେ କହିଲେ :

ଆପଣମାନଙ୍କ ଭିତରେ ଅନେକେ ଜାଣନ୍ତି ନାହିଁ ଯେ, ପୁନର୍ଜନ୍ମବାଦ ପ୍ରାଚୀନ ଧର୍ମସମୂହର ଗୋଟିଏ ଅତି ପ୍ରାଚୀନ ବିଶ୍ୱାସ । ଇହୁଦୀ ଜାତି ଅନ୍ତର୍ଗତ ଫାରିସୀମାନଙ୍କ ମଧ୍ୟରେ ଏବଂ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପ୍ରଥମ ପ୍ରବର୍ତ୍ତକମାନଙ୍କ ମଧ୍ୟରେ ଏହା ସୁପରିଚିତ ଥିଲା । ଆରବମାନଙ୍କ ମଧ୍ୟରେ ଏହା ଗୋଟିଏ ପ୍ରଚଳିତ ବିଶ୍ୱାସ ଥିଲା । ହିନ୍ଦୁ ଓ ବୌଦ୍ଧମାନଙ୍କ ଭିତରେ ଏହି ବିଶ୍ୱାସ ବର୍ତ୍ତମାନ ସୁଦ୍ଧା ଅଛି । ବିଜ୍ଞାନର ଅଭ୍ୟୁଦୟ କାଳ ପର୍ଯ୍ୟନ୍ତ ଏହି ଧାରା ଗଡ଼ି ଆସୁଥିଲା । ବିଜ୍ଞାନ ତ ବିଭିନ୍ନ ଜଡ଼ଶକ୍ତିକୁ ବୁଝିବାର ପ୍ରୟାସ ମାତ୍ର । ପାଶ୍ଚାତ୍ୟ

ଦେଶରେ ଆପଣମାନେ ମନେକରନ୍ତି ଯେ, ପୁନର୍ଜନ୍ମବାଦ ନୈତିକ ଆଦର୍ଶକୁ ବ୍ୟାହତ କରୁଛି । ପୁନର୍ଜନ୍ମବାଦର ବିସ୍ତୃତ ଧାରା ଏବଂ ଯୌକ୍ତିକ ଓ ତାତ୍ତ୍ୱିକ ଦୃଷ୍ଟିକୋଣରୁ ପୂରାପୂରି ଆଲୋଚନା ପାଇଁ ଆମକୁ ମୂଳରୁ ସବୁ ବିଷୟ ପରୀକ୍ଷା କରିବାକୁ ହେବ । ଆମେ ଏହି ବିଶ୍ୱ-ଜଗତର ଜଣେ ନ୍ୟାୟବନ୍ତ ଅଧୀଶ୍ୱରଙ୍କୁ ବିଶ୍ୱାସ କରୁ; କିନ୍ତୁ ସଂସାର ପ୍ରତି ଦୃଷ୍ଟିପାତ କଲେ ଆମେ ନ୍ୟାୟ ଅପେକ୍ଷା ବେଶୀ ଅନ୍ୟାୟ ଦେଖିବାକୁ ପାଇବା । ଜଣେ ମନୁଷ୍ୟ ସର୍ବୋତ୍କୃଷ୍ଟ ପାରିପାର୍ଶ୍ୱିକ ଅବସ୍ଥା ଭିତରେ ଜନ୍ମଗ୍ରହଣ କଲା । ତା'ର ସାରା ଜୀବନ ଧରି ଅନୁକୂଳ ଅବସ୍ଥା ସବୁ ଯେପରି ପୂର୍ବରୁ ପ୍ରସ୍ତୁତ ହୋଇ ତା' ହାତ ପାଖକୁ ଆସିଲା । ସବୁ ବିଷୟ ତା'ର ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ଉନ୍ନତିର ସହାୟକ ହେଲା । ପକ୍ଷାନ୍ତରରେ ଆଉ ଜଣେ ହୁଏତ ଏପରି ପରିବେଷ୍ଟନୀ ଭିତରେ ପୃଥିବୀକୁ ଆସେ ଯେ, ଜୀବନର ପ୍ରତିପଦରେ ତାକୁ ଅନ୍ୟ ସମସ୍ତଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼େ । ନୈତିକ ଅଧଃପତନ-ପଥରେ ଯାଇ, ସମାଜଚ୍ୟୁତ ହୋଇ ସେ ପୃଥିବୀରୁ ବିଦାୟ ନିଏ । ମନୁଷ୍ୟ ଭିତରେ ସୁଖ-ଶାନ୍ତି ବିଧାନରେ ଏତେ ତାରତମ୍ୟ କାହିଁକି ?

ଜନ୍ମାନ୍ତରବାଦ ଆମ ଭିତରେ ପ୍ରଚଳିତ ବିଶ୍ୱାସଗୁଡ଼ିକର ଏହି ବୈଷମ୍ୟ ମଧ୍ୟରେ ସାମଞ୍ଜସ୍ୟ-ସାଧନ କରିପାରେ । ଏହି ମତବାଦ ଆମକୁ ଦୁର୍ନୀତିପରାୟଣ ନ କରି ନ୍ୟାୟ-ଧାରଣାରେ ଉଦ୍‌ବୁଦ୍ଧ କରେ । ପୂର୍ବୋକ୍ତ ପ୍ରଶ୍ନର ଉତ୍ତରରେ ତୁମେମାନେ ହୁଏତ କହିବ— ଏହା ଭଗବାନଙ୍କର ଇଚ୍ଛା; କିନ୍ତୁ ଏହା ଆଦୌ ସଦୁତ୍ତର ନୁହେଁ, ଏହା ଅବୈଜ୍ଞାନିକ । ପ୍ରତ୍ୟେକ ଘଟଣାର ଗୋଟିଏ କାରଣ ଥାଏ । ଏକମାତ୍ର ଈଶ୍ୱରଙ୍କୁ ସମସ୍ତ କାର୍ଯ୍ୟ-କାରଣର ସ୍ରଷ୍ଟା ବୋଲି କହିଲେ ସେ ଜଣେ ଘୋର ଦୁର୍ନୀତିପରାୟଣ ବ୍ୟକ୍ତି ଭାବରେ ପ୍ରତିଭାତ ହେବେ; କିନ୍ତୁ ଜଡ଼ବାଦ ବି ପୂର୍ବୋକ୍ତ ମତବାଦ ପରି ଅଯୌକ୍ତିକ । ଆମ ଜ୍ଞାନର ଅଭିଜ୍ଞତାର ଇଲାକାରେ ସର୍ବତ୍ର କାର୍ଯ୍ୟ-କାରଣର ଭାବ ପରିବ୍ୟାପ୍ତ । ଅତଏବ ଏହି ଦିଗରୁ ଆତ୍ମାର ଜନ୍ମାନ୍ତରବାଦ ଆବଶ୍ୟକ । ଆମେ ଏହି ପୃଥିବୀକୁ ଆସିଛୁ । ଏହା କ'ଣ ଆମର ପ୍ରଥମ ଜନ୍ମ ? ସୃଷ୍ଟିର ଅର୍ଥ କ'ଣ ଶୂନ୍ୟରୁ କୌଣସି ବସ୍ତୁର ଉତ୍ପତ୍ତି ? ଭଲ କରି ବିଶ୍ଳେଷଣ କଲେ ଏହା ଅସମ୍ଭବ ମନେହୁଏ । ଅତଏବ କହିବା ଉଚିତ ସୃଷ୍ଟି ନୁହେଁ—ଅଭିବ୍ୟକ୍ତି ।

ଅବିଦ୍ୟମାନ କାରଣରୁ କୌଣସି କାର୍ଯ୍ୟର ଉତ୍ପତ୍ତି ହୋଇପାରିବ ନାହିଁ । ମୁଁ ଯଦି ନିଆଁରେ ହାତ ଦିଏ, ସଙ୍ଗେ ସଙ୍ଗେ ତା'ର ଫଳ ଫଳିବ—ଆଙ୍ଗୁଠି ପୋଡ଼ିଯିବ । ମୁଁ ଜାଣେ ନିଆଁ ସହିତ ଆଙ୍ଗୁଠିର ସଂସ୍ପର୍ଶ-କ୍ରିୟା ହେଉଛି ପୋଡ଼ିଯିବାର କାରଣ । ସୁତରାଂ ବିଶ୍ୱପ୍ରକୃତି ନ ଥିଲା—ଏପରି କୌଣସି ସମୟ ଥିବା ଅସମ୍ଭବ, କାରଣ ପ୍ରକୃତିର କାରଣ ସର୍ବଦା ବିଦ୍ୟମାନ । ତର୍କ-ଦୃଷ୍ଟିରୁ ଯଦି ସ୍ୱୀକାର କର ଯେ, ଏପରି ସମୟ ଥିଲା ଯେତେବେଳେ କୌଣସି ବସ୍ତୁର ଅସ୍ତିତ୍ୱ ନ ଥିଲା, ତେବେ ପ୍ରଶ୍ନ ଉଠେ—ଏହିସବୁ ବିପୁଳ ଜଡ଼-ସମଷ୍ଟି କେଉଁଠାରେ ଥିଲା ? ସମ୍ପୂର୍ଣ୍ଣ ନୂତନ ବସ୍ତୁ ସୃଷ୍ଟି କରିବାକୁ ହେଲେ ବିଶ୍ୱବ୍ରହ୍ମାଣ୍ଡରେ ପ୍ରଚଣ୍ଡ ଅତିରିକ୍ତ ଶକ୍ତିର ପ୍ରୟୋଜନ ହେବ । ଏହା ଅସମ୍ଭବ । ପୁରାତନ ବସ୍ତୁକୁ ନୂଆ କରି ଗଢ଼ା ହୁଏ, କିନ୍ତୁ ବ୍ରହ୍ମାଣ୍ଡରେ ନୂଆ ଜିନିଷ ଆମଦାନି କରିହୁଏ ନାହିଁ ।

ଏହା ଠିକ୍ ଯେ ପୁନର୍ଜନ୍ମବାଦକୁ ଗାଣିତିକ ପଦ୍ଧତିରେ ପ୍ରମାଣ କରିହେବ ନାହିଁ । ନ୍ୟାୟଶାସ୍ତ୍ର ଅନୁଯାୟୀ ଅନୁମାନ ଓ ମତବାଦର ବଳବତ୍ତା ପ୍ରତ୍ୟକ୍ଷ ପରି ନାହିଁ ସତ; ତେବେ ମୋର ବକ୍ତବ୍ୟ ହେଉଛି ଯେ, ଜୀବନର ଘଟଣାସମୂହକୁ ବ୍ୟାଖ୍ୟା କରିବା ପାଇଁ ମନୁଷ୍ୟର ବୁଦ୍ଧି ଏହାଠାରୁ ପ୍ରଶସ୍ତତର ଅନ୍ୟ କୌଣସି ମତବାଦ ଉପସ୍ଥାପିତ କରିପାରି ନାହିଁ ।

ମିନିଆପଲିସ୍ ସହରରୁ ଟ୍ରେନ୍‌ରେ ଆସିବାବେଳେ ମୋର ଗୋଟିଏ ବିଶେଷ ଘଟଣା ମନେପଡ଼ୁଛି । ଗାଡ଼ିରେ ଜଣେ ଗୋପାଳକ ଥିଲା । ସେ ଟିକିଏ ରୁକ୍ଷ ପ୍ରକୃତିର ଏବଂ ଧର୍ମ-ବିଶ୍ୱାସରେ ରକ୍ଷଣଶୀଳ ପ୍ରେସ୍‌ବିଟାରିଆନ୍ । ସେ ମୋ ଆଡ଼କୁ ଆଗେଇ ଆସି ମୁଁ କେଉଁଠିକାର ଲୋକ ଜାଣିବାକୁ ଚାହିଁଲା । ମୁଁ କହିଲି ଭାରତବର୍ଷର । ତା'ପରେ ସେ ପୁଣି ପଚାରିଲା, 'ତୁମର ଧର୍ମ କ'ଣ ?' ମୁଁ କହିଲି, 'ହିନ୍ଦୁ !' ସେ କହିଲା,'ତା'ହେଲେ ତୁମେ ନିଶ୍ଚିତ ଭାବରେ ନରକକୁ ଯିବ ।' ମୁଁ ତାକୁ ପୁନର୍ଜନ୍ମବାଦ ବିଷୟରେ କହିଲି । ଏକଥା ଶୁଣି ସେ କହିଲା : ସେ ବରାବର ଏହି ମତବାଦରେ ବିଶ୍ୱାସୀ, କାରଣ ଥରେ ସେ ଯେତେବେଳେ କାଠ କାଟୁଥିଲା, ସେତେବେଳେ ତା'ର ଜ୍ୟେଷ୍ଠ ଭଉଣୀ (ଗୋ-ପାଳକର) ପୋଷାକ ପିନ୍ଧି ତାକୁ କହିଲା ଯେ, ସେ ଆଗେ ପୁରୁଷ ଥିଲା । ଏଥିପାଇଁ ସେ ଆତ୍ମାର ଦେହାନ୍ତର-ପ୍ରାପ୍ତିରେ ବିଶ୍ୱାସ କରେ । ଏହି ମତବାଦର ମୂଳସୂତ୍ର ହେଉଛି : ମନୁଷ୍ୟ ଯଦି ଭଲ କାମ କରେ, ତାହାହେଲେ ତା'ର ଉଚ୍ଚତର ଜନ୍ମ ହେବ; ଆଉ ମନ୍ଦ କାମ କଲେ ନିକୃଷ୍ଟ ଗତି ।

ଏହି ମତବାଦର ଆଉ ଗୋଟିଏ ଚମତ୍କାର ଦିଗ ଅଛି—ଏହା ଶୁଭ ପ୍ରବୃତ୍ତିର ପ୍ରରୋଚକ । ଗୋଟିଏ କାମ ଯେତେବେଳେ କରି ହୋଇଯାଏ, ସେତେବେଳେ ତ ତାକୁ ଆଉ ଫେରାଇ ଆଣିହୁଏ ନାହିଁ ! ଏହି ମତ କହେ—ଆହା, ଯଦି ସେହି କାମଟି ଆହୁରି ଭଲଭାବରେ କରିପାରିଥାନ୍ତି ! ଯାହାହେଉ, ନିଆଁରେ ଆଉ ହାତ ଦିଅ ନାହିଁ । ପ୍ରତ୍ୟେକ ମୁହୂର୍ତ୍ତରେ ନୂତନ ସୁଯୋଗ ଆସୁଛି । ତାକୁ କାମରେ ଲଗାଅ ।

ବିବେକାନନ୍ଦ ଏହି ଭାବରେ କେତେକ ସମୟ କହିବାକୁ ଲାଗିଲେ । ଶ୍ରୋତାମାନେ ଘନ ଘନ କରତାଳି ଦେଇ ପ୍ରଶଂସାସୂଚକ ଧ୍ୱନି କଲେ ।

ସ୍ୱାମୀ ବିବେକାନନ୍ଦ ପୁଣି ଆଜି ଅପରାହ୍ନ ୪ଟାବେଳେ ଲି ସ୍ୟାଲେଟ୍ ଏକାଡେମୀରେ 'ଭାରତୀୟ ଆଚାର-ବ୍ୟବହାର' ସମ୍ବନ୍ଧରେ ବକ୍ତୃତା ଦେବେ ।

## ତୁଳନାତ୍ମକ ଧର୍ମତତ୍ତ୍ୱ

ମେମ୍‌ଫିସ୍ ସହରରେ ୧୮୯୪ ଜାନୁଆରି ୨୧ରେ ପ୍ରଦତ୍ତ; ୨୨ ଜାନୁଆରିର
'ଆପିଲ ଆଭାଲାଞ୍ଚ' ପତ୍ରିକାରେ ପ୍ରକାଶିତ

ସ୍ୱାମୀ ବିବେକାନନ୍ଦ ଗତରାତିରେ 'ଇୟଂ ମେନ୍‌ସ ହିବ୍ରୁ ଆସୋସିଏସନ ହଲ'ରେ ତୁଳନାତ୍ମକ ଧର୍ମତତ୍ତ୍ୱ ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ଏଠାରେ ସେ ଯେତେଗୁଡ଼ିଏ ବକ୍ତୃତା

ଦେଇଛନ୍ତି, ସେଗୁଡ଼ିକ ଭିତରେ ଏହା ସର୍ବୋତ୍କୃଷ୍ଟ। ଏହି ସୁପଣ୍ଡିତ ଭଦ୍ରମହୋଦୟଙ୍କ ପ୍ରତି ଏହି ସହରର ଅଧିବାସୀବୃନ୍ଦଙ୍କର ଶ୍ରଦ୍ଧା ଏହି ବକ୍ତୃତାଦ୍ୱାରା ନିଃସନ୍ଦେହରେ ଅନେକ ଗୁଣରେ ବଢ଼ିଯାଇଛି। ଏପର୍ଯ୍ୟନ୍ତ ବିବେକାନନ୍ଦ କୌଣସି ନା କୌଣସି ଦାତବ୍ୟ ପ୍ରତିଷ୍ଠାନର ଉପକାର ପାଇଁ ବକ୍ତୃତା ଦେଇଛନ୍ତି। ସେହିସବୁ ପ୍ରତିଷ୍ଠାନ ଯେ ତାଙ୍କଠାରୁ ଆର୍ଥିକ ସହାୟତା ପାଇଛନ୍ତି, ତାହା ମଧ୍ୟ ଠିକ୍। କିନ୍ତୁ ଗତ ରାତିର ବକ୍ତୃତାର ଦର୍ଶନୀ ତାଙ୍କର ନିଜ ପାଇଁ। ବିବେକାନନ୍ଦଙ୍କର ବିଶିଷ୍ଟ ବନ୍ଧୁ ଓ ଭକ୍ତ ମିଃ ହିଉ ଏଲ. ବ୍ରିଙ୍କଲି ଏହି ବକ୍ତୃତାର ପରିକଳ୍ପନା ଓ ବ୍ୟବସ୍ଥା କରିଥିଲେ। ଏହି ପ୍ରାଚ୍ୟଦେଶୀୟ ମନୀଷୀଙ୍କର ଶେଷ ବକ୍ତୃତା ଶୁଣିବା ପାଇଁ ଗତ ରାତିରେ ପ୍ରାୟ ଦୁଇଶହ ଶ୍ରୋତାଙ୍କର ସମାଗମ ହୋଇଥିଲା।

ବକ୍ତା ତାଙ୍କର ବକ୍ତବ୍ୟ ବିଷୟ ଉପରେ ପ୍ରଥମେ ଏହି ପ୍ରଶ୍ନଟି ଉଠାଇଲେ: ଧର୍ମରେ ନାନା ମତବାଦ ସତ୍ତ୍ୱେ ଧର୍ମ ଧର୍ମ ଭିତରେ ବାସ୍ତବିକ କ'ଣ ଖୁବ୍ ପାର୍ଥକ୍ୟ ଅଛି ? ବକ୍ତାଙ୍କ ମତରେ : ନା, ବର୍ତ୍ତମାନ ଯୁଗରେ ଆଉ ବିଶେଷ ପାର୍ଥକ୍ୟ ନାହିଁ। ଆଦିମ କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ସବୁ ଧର୍ମର କ୍ରମବିକାଶ ବିଶେଷ ଅନୁସରଣ କରି ସେ ଦେଖାଇଲେ ଯେ, ଆଦିମ ମନୁଷ୍ୟ ଈଶ୍ୱରଙ୍କ ସମ୍ବନ୍ଧରେ ଅବଶ୍ୟ ନାନା ପ୍ରକାର ଧାରଣା ପୋଷଣ କରୁଥିଲା, କିନ୍ତୁ ମନୁଷ୍ୟର ନୈତିକ ଓ ମାନସିକ ଅଗ୍ରଗତି ସଙ୍ଗେ ସଙ୍ଗେ ଈଶ୍ୱର-ଧାରଣାରେ ଏହିସବୁ ପାର୍ଥକ୍ୟ କ୍ରମଶଃ ହ୍ରାସପ୍ରାପ୍ତ ହେଲା ଏବଂ ଅବଶେଷରେ ତାହା ସମ୍ପୂର୍ଣ୍ଣ ମିଳାଇଗଲା। ବର୍ତ୍ତମାନ କେବଳ ଗୋଟିଏ ମତ ସର୍ବତ୍ର ପ୍ରବଳ—ଈଶ୍ୱରଙ୍କର ନିର୍ବିଶେଷ ଅସ୍ତିତ୍ୱ।

ବକ୍ତା କହିଲେ : ଏପରି କୌଣସି ବର୍ବର ଜାତି ନାହିଁ, ଯେ କି କୌଣସି ନା କୌଣସି ଦେବତାଙ୍କୁ ବିଶ୍ୱାସ କରେ ନାହିଁ। ସେମାନଙ୍କ ଭିତରେ ପ୍ରେମଭାବ ବଳବତ୍ତର ନୁହେଁ, ବରଂ ସେମାନେ ଭୟର ପୃଷ୍ଠଭୂମିରେ ଜୀବନ-ଯାପନ କରନ୍ତି। ସେମାନଙ୍କର କୁସଂସ୍କାରାଚ୍ଛନ୍ନ କଳ୍ପନାରେ ଗୋଟିଏ ଘୋର ବିଦ୍ୱେଷପରାୟଣ'ଦେବତା'ଙ୍କର ସୃଷ୍ଟି ହୁଏ। ଏହି 'ଦେବତା'ଙ୍କ ଭୟରେ ସେମାନେ ସବୁବେଳେ ସନ୍ତ୍ରସ୍ତ। ସେମାନଙ୍କୁ ଯାହା ଭଲ ଲାଗେ, ସେମାନେ ଧରିନିଅନ୍ତି ସେହି ଦେବତାଙ୍କୁ ମଧ୍ୟ ତାହା ଭଲ ଲାଗିବ। ସେମାନେ ନିଜେ ଯାହା ପାଇ ଖୁସି ହୁଅନ୍ତି, ସେମାନେ ଭାବନ୍ତି—ଦେବତାଙ୍କର କ୍ରୋଧ ମଧ୍ୟ ସେଥିରେ ଶାନ୍ତ ହେବ। ନିଜ ଜାତିର ବିରୁଦ୍ଧତା କରି ମଧ୍ୟ ସେମାନେ ଏହି ଉଦ୍ଦେଶ୍ୟସିଦ୍ଧି ପାଇଁ ଚେଷ୍ଟା କରନ୍ତି।

ବକ୍ତା ଐତିହାସିକ ତଥ୍ୟଦ୍ୱାରା ପ୍ରମାଣ କରନ୍ତି : ଅସଭ୍ୟ ମନୁଷ୍ୟ ପିତୃପୁରୁଷର ପୂଜାରୁ ହାତୀମାନଙ୍କ ପୂଜାରେ ପହଞ୍ଚେ ଏବଂ ପରେ ବଜ୍ର ଏବଂ ଝଡ଼ର ଦେବତା ପ୍ରଭୃତି ନାନାପ୍ରକାର ଦେବତାଙ୍କର ଉପାସନା କରେ। ଏହି ଅବସ୍ଥାରେ ମନୁଷ୍ୟର ଧର୍ମ ଥିଲା ବହୁଦେବବାଦ। ବିବେକାନନ୍ଦ କହିଲେ : ସୂର୍ଯ୍ୟୋଦୟର ସୌନ୍ଦର୍ଯ୍ୟ, ସୂର୍ଯ୍ୟାସ୍ତର ଚମତ୍କାରିତା, ନକ୍ଷତ୍ରଖଚିତ ଆକାଶର ରହସ୍ୟମୟ ଦୃଶ୍ୟ ଏବଂ ବଜ୍ର ଓ ବିଦ୍ୟୁତ୍‌ର ଅସ୍ୱାଭାବିକ ଭୟଙ୍କରତା ଆଦିମ ମନୁଷ୍ୟମନରେ ଏପରି ଗଭୀର ଆବେଶ ସୃଷ୍ଟି କରିଥିଲା, ଯାହା ସେ ବ୍ୟାଖ୍ୟା କରିପାରି ନାହିଁ। ସୁତରାଂ ଆଖି ଆଗରେ ଥିବା ପ୍ରକୃତିର ଏହିସବୁ ବିଶାଳ ଘଟଣାର ନିୟାମକ ଜଣେ ଉଚ୍ଚତର ଏବଂ ସର୍ବଶକ୍ତିମାନ୍ କେହି ଅଛନ୍ତି—ଏହି ଧାରଣା ତା' ହୃଦୟରେ

ସଞ୍ଚାରିତ ହୋଇଥିଲା ।

ଏହାପରେ ଆସିଲା ଆଉ ଗୋଟିଏ ପର୍ଯ୍ୟାୟ—ଏକେଶ୍ୱରବାଦର କାଳ । ବିଭିନ୍ନ ଦେବତାମାନେ ଅଦୃଶ୍ୟ ହୋଇ ଏକମାତ୍ର ସତ୍ତାରେ ଲୀନ ହେଲେ—ଦେବତାଙ୍କର ଦେବତା, ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱରଙ୍କ ଭିତରେ । ଏହାପରେ ବକ୍ତା ଆର୍ଯ୍ୟଜାତିକୁ ଏହି ପର୍ଯ୍ୟାୟ ପର୍ଯ୍ୟନ୍ତ ଅନୁସରଣ କଲେ । ଏହି ପର୍ଯ୍ୟାୟରେ ତତ୍ତ୍ୱଜିଜ୍ଞାସୁର କଥା ହେଲା—'ଆମେ ଈଶ୍ୱରଙ୍କ ସତ୍ତାରେ ବଞ୍ଚିଛୁ, ତାଙ୍କରି ଭିତରେ ଗୃହୁଛୁ, ବୁଲୁଛୁ । ସେ ଗତିସ୍ୱରୂପ ।' ଏହାପରେ ଆଉ ଗୋଟିଏ ସମୟ ଆସିଲା, ଦର୍ଶନଶାସ୍ତ୍ରରେ ଯାହାକୁ ସର୍ବେଶ୍ୱରବାଦର କାଳ କୁହାଯାଏ । ଆର୍ଯ୍ୟଜାତି ବହୁଦେବତାବାଦ, ଏକେଶ୍ୱରବାଦ ଏବଂ ସର୍ବେଶ୍ୱରବାଦର ବିଶ୍ୱଜଗତ୍ ହିଁ ଈଶ୍ୱର—ଏହି ମତକୁ ବି ପ୍ରତ୍ୟାଖ୍ୟାନ କରି କହିଲେ, 'ମୋର ଅନ୍ତରାତ୍ମା ହିଁ ଏକମାତ୍ର ସତ୍ୟ । ମୋର ପ୍ରକୃତି ହେଲା ସତ୍ତାସ୍ୱରୂପ, ଯାହାକିଛି ବସ୍ତୁତ ସବୁ ମୋରି ଭିତରେ ।'

ତବେ କାନନ୍ଦ ଏହାପରେ ବୌଦ୍ଧଧର୍ମର ପ୍ରସଙ୍ଗ ଉତ୍ଥାପନ କଲେ । ସେ କହିଲେ : ବୌଦ୍ଧମାନେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରି ନାହାନ୍ତି, ଅସ୍ୱୀକାର ମଧ୍ୟ କରି ନାହାନ୍ତି । ଉପଦେଶ ମାଗିଲେ ବୁଦ୍ଧ ଖାଲି କହୁଥିଲେ, 'ଦୁଃଖକୁ ତ ଦେଖି ପାରୁଛ, ବରଂ ତାକୁ ହ୍ରାସ କରିବା ପାଇଁ ଚେଷ୍ଟା କର ।' ବୌଦ୍ଧଧର୍ମାବଲମ୍ବୀଙ୍କ ମତରେ ଦୁଃଖ ସର୍ବଦା ବିଦ୍ୟମାନ ।

ବକ୍ତା କହିଲେ : ମୁସଲମାନମାନେ ହିବ୍ରୁମାନଙ୍କର 'ପୁରାତନ ସମାଗ୍ଭର' ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କର 'ନୂତନ ସମାଗ୍ଭର'କୁ ମଧ୍ୟ ମାନନ୍ତି । ତେବେ ସେମାନେ ଖ୍ରୀଷ୍ଟିଆନ୍‌ମାନଙ୍କୁ ପସନ୍ଦ କରନ୍ତି ନାହିଁ, କାରଣ ସେମାନଙ୍କ ମତରେ ଖ୍ରୀଷ୍ଟିଆନ୍‌ମାନେ ପ୍ରାଚୀନ ଧର୍ମମତର ବିରୁଦ୍ଧବାଦୀ ଏବଂ ମନୁଷ୍ୟ-ପୂଜା ଶିକ୍ଷା ଦିଅନ୍ତି । ମହମ୍ମଦ ତାଙ୍କର ମତାନୁବର୍ତ୍ତୀମାନଙ୍କୁ ତାଙ୍କ ନିଜର ଛବି ଖଣ୍ଡିଏ ସୁଦ୍ଧା ରଖିବାକୁ ନିଷେଧ କରିଥିଲେ ।

ବକ୍ତା କହିଲେ : ବର୍ତ୍ତମାନ ଏହି ପ୍ରଶ୍ନ ଉଠିପାରେ ଯେ, ଏହିସବୁ ବିଭିନ୍ନ ଧର୍ମର ସବୁଗୁଡ଼ିକ କ'ଣ ସତ୍ୟ—ନା କେତେଗୁଡ଼ିଏ ସତ, ଆଉ ବାକି ସବୁ ମିଛ ? ସବୁ ଧର୍ମ ଶେଷରେ ଗୋଟିଏ ସିଦ୍ଧାନ୍ତରେ ପହଞ୍ଚିଛନ୍ତି—ଗୋଟିଏ ଚରମ ଅନନ୍ତ ସତ୍ତାର ଅସ୍ତିତ୍ୱ । ଧର୍ମର ଲକ୍ଷ୍ୟ ହେଲା ଏକତ୍ୱ । ଆମେ ଚତୁର୍ଦ୍ଦିଗରେ ଘଟଣାରାଜିର ଯେଉଁ ବୈଚିତ୍ର୍ୟ ଦେଖିବାକୁ ପାଉ, ସେସବୁ ଏକତ୍ୱର ଅନନ୍ତ ଅଭିବ୍ୟକ୍ତି । ଧର୍ମଗୁଡ଼ିକର ଯଦି ସୂକ୍ଷ୍ମ ବିଶ୍ଳେଷଣ କରାଯାଏ, ତେବେ ଦେଖିପାରିବା ଯେ, ମନୁଷ୍ୟର ଅଭିଯାନ—ମିଥ୍ୟାରୁ ସତ୍ୟକୁ ନୁହେଁ, ନିମ୍ନତର ସତ୍ୟରୁ ଉଚ୍ଚତର ସତ୍ୟକୁ ।

ଧରନ୍ତୁ, ଜଣେ ଲୋକ ଗୋଟିଏ ମାପର ଜାମା ଆଣି କେତେଗୁଡ଼ିଏ ଲୋକଙ୍କ ପାଖକୁ ବିକ୍ରି କରିବାକୁ ଆସିଛି । କେହି କେହି କହିଲେ ଯେ, ସେହି ଜାମା ତାଙ୍କ ଦେହକୁ ହେବ ନାହିଁ । ସେତେବେଳେ ଲୋକଟି ଉତ୍ତର ଦେଲା—ତାହାହେଲେ ତୁମେମାନେ ଗ୍ଭଲିଯାଅ—ତୁମମାନଙ୍କର ଜାମା ପିନ୍ଧିବା ଦରକାର ନାହିଁ । କୌଣସି ପାଦ୍ରୀଙ୍କୁ ଯଦି ପଚରାଯାଏ ଯେ, ଯେଉଁସବୁ ସମ୍ପ୍ରଦାୟ ତାଙ୍କର ମତବାଦ ଓ ବିଶ୍ୱାସଗୁଡ଼ିକୁ ମାନନ୍ତି ନାହିଁ, ସେମାନଙ୍କର

ଅବସ୍ଥା କ'ଣ ହେବ ? ସେ ଉତ୍ତର ଦେବେ, 'ଓଃ ସେମାନେ ଆଦୌ ଖ୍ରୀଷ୍ଟିଆନ୍ ନୁହନ୍ତି ।' କିନ୍ତୁ ଏହା ଅପେକ୍ଷା ଭଲ ଉପଦେଶ ମଧ୍ୟ ସମ୍ଭବପର । ଆମ ନିଜର ପ୍ରକୃତି, ପରସ୍ପର ପ୍ରତି ପ୍ରେମ ଏବଂ ବୈଜ୍ଞାନିକ ପର୍ଯ୍ୟବେକ୍ଷଣ—ଏସବୁ ଆମମାନଙ୍କୁ ପ୍ରଶସ୍ତତର ଶିକ୍ଷା ଦିଅନ୍ତି । ନଦୀବକ୍ଷରେ ଜଳସ୍ରୋତର ଆବର୍ତ୍ତ ଯେପରି ନଦୀର ପ୍ରାଣରେ ପରିପୁଷ୍ଟିକ, ସେସବୁ ନ ଥିଲେ ନଦୀ ଯେପରି ଶୁଷ୍କ ହୋଇଯାଏ, ସେହିପରି ଧର୍ମକୁ ଘେରି ନାନା ବିଶ୍ୱାସ ଓ ମତ ଧର୍ମର ଅନ୍ତର୍ନିହିତ ଶକ୍ତିର ହିଁ ଇଙ୍ଗିତ । ଏହି ମତବୈଚିତ୍ର୍ୟ ଯଦି ଅପସରି ଯାଏ, ତା'ହେଲେ ଧର୍ମଚିନ୍ତାର ମଧ୍ୟ ମୃତ୍ୟୁ ଘଟିବ । ଗତି ଆବଶ୍ୟକ । ଚିନ୍ତା ହେଲା ମନର ଗତି, ଏହି ଗତି ବନ୍ଦ ହେବା ମୃତ୍ୟୁର ସୂଚନା ।

ଗୋଟିଏ ବାୟୁକଣାକୁ ଯଦି ଗିଲସେ ପାଣିର ନିମ୍ନଦେଶରେ ଅଟକାଇ ରଖ, ତେବେ ତାହା ତତ୍‌କ୍ଷଣାତ୍ ଉପରର ଅନନ୍ତ ବାୟୁମଣ୍ଡଳରେ ଯୋଗ ଦେବା ପାଇଁ ଆନ୍ଦୋଳନ ଆରମ୍ଭ କରିବ । ଜୀବାତ୍ମା ସମ୍ବନ୍ଧରେ ମଧ୍ୟ ସେହି ଏକା କଥା । ତାହା ଭୌତିକ ଦେହରୁ ମୁକ୍ତିଲାଭ କରିବା ପାଇଁ ଏବଂ ନିଜର ଶୁଦ୍ଧ ସ୍ୱଭାବ ଫେରିପାଇବା ପାଇଁ ଅନବରତ ଚେଷ୍ଟା କରୁଛି । ତା'ର ଆକାଙ୍‌କ୍ଷା ହେଉଛି ନିଜର ବାଧାହୀନ ଅନନ୍ତ ବିସ୍ତାର ପୁନର୍ବାର ଲାଭ କରିବା । ଆତ୍ମାର ଏହି ପ୍ରଚେଷ୍ଟା ସର୍ବତ୍ର ସମାନ । ଖ୍ରୀଷ୍ଟିଆନ୍ ବା ବୌଦ୍ଧ ବା ମୁସଲମାନ ହେଉ, ଅଥବା ସଂଶୟବାଦୀ କିମ୍ବା ଧର୍ମଯାଜକ ହେଉ, ସମସ୍ତଙ୍କ ଭିତରେ ଜୀବାତ୍ମା ଏହି ମୁକ୍ତିଲାଭର ପ୍ରୟାସରେ ତତ୍ପର । ମନେକର, ଗୋଟିଏ ନଦୀ ହଜାର ମାଇଲ ଅଙ୍କାବଙ୍କା ପାର୍ବତ୍ୟ ପଥ ବହୁ କଷ୍ଟରେ ଅତିକ୍ରମ କରି ଶେଷରେ ସମୁଦ୍ରରେ ପଡ଼ୁଛି, ଆଉ ଜଣେ ମନୁଷ୍ୟ ସେହି ସଙ୍ଗମସ୍ଥଳରେ ଦଣ୍ଡାୟମାନ ହୋଇ ନଦୀ ଉପରେ ଆଜ୍ଞା ଜାରି କରୁଛି : ହେ ନଦୀ, ତୁମ ଉତ୍ପତ୍ତିସ୍ଥଳକୁ ଫେରିଯାଅ ଏବଂ ନୂଆ ଗୋଟିଏ ସିଧା ରାସ୍ତା ଦେଇ ସାଗରକୁ ଆସ । ଏହି ମନୁଷ୍ୟ କ'ଣ ନିର୍ବୋଧ ନୁହେଁ ? ତୁମେ ଇହୁଦୀ, ତୁମେ ହେଲ ଜାଏନ (Zion) ଶୈଳରୁ ନିର୍ଗତ ଗୋଟିଏ ନଦୀ । କିନ୍ତୁ ମୁଁ ବହି ଆସିଛି ଉତ୍ତୁଙ୍ଗ ହିମାଳୟ-ଶୃଙ୍ଗରୁ । ମୁଁ ତୁମକୁ କହିପାରିବି କି—ଯାଅ, ତୁମେ ଫେରିଯାଅ, ତୁମେ ଭୁଲ ବାଟରେ ଆସିଛ । ମୋ ବାଟରେ ପୁଣି ବହି ଆସ । ଏହିପରି ଉକ୍ତି ଖାଲି ବୋକାମି ନୁହେଁ, ଖୁବ୍ ଭୁଲ କଥା ମଧ୍ୟ । ନିଜର ବିଶ୍ୱାସ ନେଇ ରହ, ସତ୍ୟ କଦାପି ଲୁପ୍ତ ହେବ ନାହିଁ । ବହିପତ୍ର ନଷ୍ଟ ହୋଇପାରେ, ଜାତିସମୂହ ମଧ୍ୟ ସଂଘର୍ଷ ଫଳରେ ନିଶ୍ଚିହ୍ନ ହୋଇଯାଇପାରେ; କିନ୍ତୁ ସତ୍ୟ ବଞ୍ଚି ରହେ । ପରବର୍ତ୍ତୀ କାଳରେ କୌଣସି ମନୁଷ୍ୟ ଆସି ତାକୁ ଆବିଷ୍କାର କରେ ଏବଂ ତାହା ସମାଜରେ ପୁନର୍ବାର ପ୍ରବର୍ତ୍ତିତ ହୁଏ । ଏଥିରୁ ପ୍ରମାଣିତ ହୁଏ ଯେ, ଭଗବାନ୍ କିପରି ଚମତ୍କାର ଭାବରେ ତାଙ୍କର ଅତୀନ୍ଦ୍ରିୟ ଜ୍ଞାନ ସର୍ବଦା ମନୁଷ୍ୟ ନିକଟରେ ଅଭିବ୍ୟକ୍ତ କରୁଛନ୍ତି !

# 'ଏସିଆର ଆଲୋକ'—ବୁଦ୍ଧଦେବଙ୍କ ଧର୍ମ

ଡେଟ୍ରୟେଟ୍ ସହରରେ ଖ୍ରୀ: ୧୮୯୪ ମାର୍ଚ୍ଚ ୧୯ରେ ପ୍ରଦତ୍ତ;
'ଡେଟ୍ରୟେଟ୍ ଟ୍ରିବ୍ୟୁନ୍' ପତ୍ରିକାରେ ପ୍ରକାଶିତ

ଗତ ରାତିରେ ଅଡ଼ିଟୋରିୟମ୍‌ରେ ବିବେକାନନ୍ଦ ୧୫୦ ଜଣ ଶ୍ରୋତାଙ୍କ ସମକ୍ଷରେ 'ଏସିଆର ଆଲୋକ'—ବୁଦ୍ଧଦେବଙ୍କ ଧର୍ମ ବିଷୟରେ ବକ୍ତୃତା ଦେଲେ । ମାନନୀୟ ଡନ୍ ଏମ୍. ଡିକିନ୍‌ସନ୍ ସମବେତ ଶ୍ରୋତୃମଣ୍ଡଳୀଙ୍କ ନିକଟରେ ବକ୍ତାଙ୍କର ପରିଚୟ ପ୍ରଦାନ ପ୍ରସଙ୍ଗରେ କହିଲେ—କିଏ କହିପାରିବ ଯେ ଏହି ଧର୍ମମତଟି ଈଶ୍ୱରାଦିଷ୍ଟ ଏବଂ ଅନ୍ୟଟି ନିକୃଷ୍ଟ ? ଅଭ୍ରାନ୍ତ ସତ୍ୟତାର ବିଭାଗ-ରେଖା କିଏ ଟାଣିପାରିବ ?

ବିବେକାନନ୍ଦ ଭାରତବର୍ଷର ପ୍ରାଚୀନ ଧର୍ମଗୁଡ଼ିକର ବିଶଦ ପର୍ଯ୍ୟାଲୋଚନା କଲେ । ସେ ଯଜ୍ଞବେଦୀରେ ବହୁଳ ଭାବରେ ପ୍ରାଣୀବଧ କରିବା କଥା କହି ବୁଦ୍ଧଙ୍କର ଜନ୍ମ ଓ ଜୀବନକାହାଣୀ ବର୍ଣ୍ଣନା କଲେ । ସୃଷ୍ଟିର କାରଣ ଏବଂ ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ବୁଦ୍ଧଙ୍କ ମନରେ ଯେଉଁ ଦୁରୂହ ସମସ୍ୟା ଜାଗ୍ରତ ହୋଇଥିଲା, ସେସବୁର ସମାଧାନ ପାଇଁ ସେ ଯେପରି ତୀବ୍ର ସାଧନା କରିଗଲେ ଏବଂ ପରିଶେଷରେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ—ଏସବୁ ବିଷୟ ବକ୍ତା ଉଲ୍ଲେଖ କଲେ ।

ସେ କହିଲେ ଯେ, ବୁଦ୍ଧ ଅନ୍ୟସବୁ ମନୁଷ୍ୟଙ୍କ ଉପରେ ମୁଣ୍ଡ ଟେକି ଠିଆ ହୋଇଛନ୍ତି । ସେ ଏପରି ଜଣେ ବ୍ୟକ୍ତି ଯାହାଙ୍କ ସମ୍ବନ୍ଧରେ କି ମିତ୍ର କି ଶତ୍ରୁ କେହି କେବେହେଲେ କହିପାରିବେ ନାହିଁ ଯେ, ସେ ସମସ୍ତଙ୍କର ହିତ ସାଧନ କରିବା ବ୍ୟତୀତ ମୁହୂର୍ତ୍ତେ ନିଃଶ୍ୱାସ ନେଇଛନ୍ତି ବା ଖଣ୍ଡେ ରୁଟି ଖାଇଛନ୍ତି ।

ବିବେକାନନ୍ଦ କହିଲେ, ଆତ୍ମାର ଜନ୍ମାନ୍ତର ଗ୍ରହଣ କରିବା କଥା ବୁଦ୍ଧ କେବେହେଲେ ପ୍ରଚାର କରି ନାହାନ୍ତି । ତେବେ ସେ ବିଶ୍ୱାସ କରୁଥିଲେ ଯେ, ଯେପରି ସମୁଦ୍ରରେ ଗୋଟିଏ ଢେଉ ଉଠି ମିଳାଇ ଯିବା ସମୟରେ ପରବର୍ତ୍ତୀ ଢେଉରେ ତା'ର ଶକ୍ତି ସଂକ୍ରମିତ କରିଦେଇ ଯାଏ, ସେହିପରି ଗୋଟିଏ ଜୀବ ତା'ର ପରବର୍ତ୍ତୀଠାରେ ନିଜର ଶକ୍ତି ରଖିଯାଏ । ବୁଦ୍ଧ ଈଶ୍ୱରଙ୍କ ଅସ୍ତିତ୍ୱ କେବେହେଲେ ପ୍ରଚାର କରି ନାହାନ୍ତି; ପୁଣି ଈଶ୍ୱର ନାହାନ୍ତି ବୋଲି ମଧ୍ୟ ସେ କହି ନାହାନ୍ତି ।

ତାଙ୍କର ଶିଷ୍ୟବୃନ୍ଦ ତାଙ୍କୁ ପଚାରିଥିଲେ, 'ଆମେ କାହିଁକି ସତ୍ ହେବୁ ?' ବୁଦ୍ଧ ଉତ୍ତର ଦେଲେ, 'କାରଣ ତୁମେ ନିଜେ ଉତ୍ତରାଧିକାର ସୂତ୍ରରେ ସଦ୍‌ଭାବ ପାଇଛ । ତୁମମାନଙ୍କର ମଧ୍ୟ ପରବର୍ତ୍ତୀମାନଙ୍କ ପାଇଁ କିଛି ସଦ୍‌ଭାବ ରଖିଯିବା ଉଚିତ ।' ସଂସାରରେ ସମଷ୍ଟିକୃତ ସାଧୁତାର ସଂପ୍ରସାରଣ ପାଇଁ ସମସ୍ତଙ୍କର ସାଧୁତା ଆଚରଣ କରିବା ବିଧେୟ ।

ବୁଦ୍ଧ ପୃଥିବୀର ଶ୍ରେଷ୍ଠ ଅବତାର । ସେ କାହାର ନିନ୍ଦା କରି ନାହାନ୍ତି, ନିଜ ପାଇଁ କିଛି ଦାବି କରି ନାହାନ୍ତି । ନିଜ ଚେଷ୍ଟାରେ ଆତ୍ମାକୁ ମୁକ୍ତିଲାଭ କରିବାକୁ ହେବ, ଏହା ହିଁ ଥିଲା ତାଙ୍କର ବିଶ୍ୱାସ । ମୃତ୍ୟୁଶଯ୍ୟାରେ ସେ କହିଥିଲେ, 'ମୁଁ କିମ୍ବା ଅନ୍ୟ କେହି ତୁମମାନଙ୍କୁ

ସାହାଯ୍ୟ କରିପାରିବ ନାହିଁ । କାହା ଉପରେ ନିର୍ଭର କର ନାହିଁ । ନିଜର ମୁକ୍ତି ନିଜେ ସମ୍ପାଦନ କର ।'

ମଣିଷ ମଣିଷ ଭିତରେ ଏବଂ ମଣିଷ ଓ ଇତର ପ୍ରାଣୀ ଭିତରେ ଅସାମ୍ୟ ବିରୋଧରେ ବୁଦ୍ଧ ପ୍ରତିବାଦ କରିଥିଲେ । ସେ କହୁଥିଲେ, ସବୁ ପ୍ରାଣୀ ସମାନ । ସେ ପ୍ରଥମେ ମଦ୍ୟପାନ-ବର୍ଜନର ନୀତି ଉପସ୍ଥାପିତ କଲେ । ତାଙ୍କର ଶିକ୍ଷା : ସତ୍ ହୁଅ, ସତ୍ କର୍ମ କର । ଯଦି ଈଶ୍ୱର ଥାଆନ୍ତି, ସାଧୁତାଦ୍ୱାରା ତାଙ୍କୁ ଲାଭ କର । ଯଦି ଈଶ୍ୱର ନ ଥାନ୍ତି, ତଥାପି ସାଧୁତା ହିଁ ଚରମ ଲକ୍ଷ୍ୟ । ମନୁଷ୍ୟର ଯାବତୀୟ ଦୁଃଖ ପାଇଁ ସେ ନିଜେ ଦାୟୀ । ତା'ର ସମୁଦାୟ ସଦାଚରଣ ପାଇଁ ପ୍ରଶଂସା ମଧ୍ୟ ତା'ର ପ୍ରାପ୍ୟ ।

ବୁଦ୍ଧ ହିଁ ପ୍ରଥମ ଧର୍ମପ୍ରଚାରକଦଳର ଉଦ୍ଭାବକ । ଭାରତର ଲକ୍ଷ ଲକ୍ଷ ପଦଦଳିତ-ମାନଙ୍କର ପରିତ୍ରାଣକର୍ତ୍ତାରୂପେ ତାଙ୍କର ଆବିର୍ଭାବ । ସେମାନେ ତାଙ୍କର ଦାର୍ଶନିକ ମତ ବୁଝିପାରୁ ନ ଥିଲେ, କିନ୍ତୁ ତାଙ୍କୁ ଦେଖି ଏବଂ ତାଙ୍କର ଉପଦେଶ ଶୁଣି ତାଙ୍କୁ ଅନୁସରଣ କରୁଥିଲେ ।

ଉପସଂହାରରେ କାନନ୍ଦ କହିଲେ ଯେ, ବୌଦ୍ଧଧର୍ମ ଖ୍ରୀଷ୍ଟଧର୍ମର ଭିତ୍ତି । କ୍ୟାଥଲିକ୍ ସମ୍ପ୍ରଦାୟ ବୌଦ୍ଧଧର୍ମରୁ ଉଦ୍ଭୂତ ।

## ମନୁଷ୍ୟର ଦେବତ୍ୱ

'ଏଡା ରେକର୍ଡ', ୨୮ ଫେବୃଆରି ୧୮୯୪

ଗତ ଶୁକ୍ରବାର (୨୨ ଫେବୃଆରି) ଅପେରା ହାଉସ୍‌ରେ ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କର 'ମନୁଷ୍ୟର ଦେବତ୍ୱ' ସମ୍ବନ୍ଧରେ ବକ୍ତୃତା ଶୁଣିବା ପାଇଁ ପରମ-ଭକ୍ତି ଶ୍ରୋତାଙ୍କର ସମାଗମ ହୋଇଥିଲା । ବକ୍ତା କହିଲେ : ସକଳ ଧର୍ମର ମୂଳଭିତ୍ତି ହେଲା ମନୁଷ୍ୟର ପ୍ରକୃତ ସ୍ୱରୂପ ଆତ୍ମାରେ ବିଶ୍ୱାସ—ଯେଉଁ ଆତ୍ମା କି ଜଡ଼ ପଦାର୍ଥ ଓ ମନ ଏ ଦୁଇଟିରୁ ଅତିରିକ୍ତ କିଛି । ଜଡ଼ ବସ୍ତୁର ଅସ୍ତିତ୍ୱ ଅପର କୌଣସି ବସ୍ତୁ ଉପରେ ନିର୍ଭର କରେ । ମନ ମଧ୍ୟ ପରିବର୍ତ୍ତନଶୀଳ ବୋଲି ଅନିତ୍ୟ । ମୃତ୍ୟୁ ଏକ ପରିବର୍ତ୍ତନ ମାତ୍ର ।

ଆତ୍ମା ମନକୁ ଯନ୍ତ୍ରସ୍ୱରୂପ କରି ଶରୀରକୁ ଚାଳିତ କରେ । ମାନବାତ୍ମା ଯେପରି ନିଜର ଶକ୍ତି ସମ୍ବନ୍ଧରେ ସଚେତନ ହୁଏ, ସେହି ଚେଷ୍ଟା କରିବା କର୍ତ୍ତବ୍ୟ । ମନୁଷ୍ୟର ସ୍ୱରୂପ ସ୍ୱଭାବତଃ ନିର୍ମଳ ଓ ପବିତ୍ର; କିନ୍ତୁ ଅଜ୍ଞାନ ଏହାକୁ ମେଘ ପରି ଆଚ୍ଛନ୍ନ କରି ରଖିଛି । ଭାରତୀୟ ଧର୍ମର ଦୃଷ୍ଟିରେ ପ୍ରତ୍ୟେକ ଆତ୍ମା ହିଁ ତାହାର ପ୍ରକୃତ ଶୁଦ୍ଧ ସ୍ୱରୂପ ଫେରି ପାଇବାକୁ ଚେଷ୍ଟା କରୁଛି । ଅଧିକାଂଶ ଭାରତବାସୀ ଆତ୍ମାର ସ୍ୱାତନ୍ତ୍ର୍ୟରେ ବିଶ୍ୱାସୀ । ଆମମାନଙ୍କର ଧର୍ମ ହିଁ ଏକମାତ୍ର ସତ୍ୟ, ଏହା ପ୍ରଚାର କରିବା ଆମମାନଙ୍କର ନୀତିର ।

ବକ୍ତା କହିଲେ, "ମୁଁ ଚୈତନ୍ୟସ୍ୱରୂପ ଅଟେ—ଜଡ଼ ନୁହେଁ । ପ୍ରତୀଚ୍ୟର ଧର୍ମ-ବିଶ୍ୱାସ

ଅନୁସାରେ ମନୁଷ୍ୟ ମୃତ୍ୟୁ ପରେ ମଧ୍ୟ ପୁନର୍ବାର ସ୍ଥୂଳ ଶରୀରରେ ବାସ କରିବାର ଆଶା ପୋଷଣ କରେ । ଆମମାନଙ୍କର ଧର୍ମ ଶିକ୍ଷା ଦିଏ ଯେ, ଏପରି କୌଣସି ଅବସ୍ଥା ରହି ନ ପାରେ । ଆମେମାନେ ପରିତ୍ରାଣ ପରିବର୍ତ୍ତେ 'ଆତ୍ମାର ମୁକ୍ତି'ର କଥା କହୁଁ ।"

ପ୍ରକୃତ ବକ୍ତୃତାଟି ମାତ୍ର ୩୦ ମିନିଟ୍ ଲାଗିଥିଲା । ତେବେ ବକ୍ତୃତାର ବ୍ୟବସ୍ଥାପକ ସମିତିର ଅଧ୍ୟକ୍ଷ ଘୋଷଣା କରିଥିଲେ ଯେ, ବକ୍ତୃତା ଶେଷରେ କେହି ପ୍ରଶ୍ନ କଲେ ବକ୍ତା ତାହାର ଉତ୍ତର ଦେବାକୁ ପ୍ରସ୍ତୁତ ଅଛନ୍ତି ।

ଏହି ସୁଯୋଗ ଅନେକେ ଗ୍ରହଣ କରିଥିଲେ । ଯେଉଁମାନେ ପ୍ରଶ୍ନ କରିଥିଲେ, ସେମାନଙ୍କ ମଧ୍ୟରେ ଯେପରି ଧର୍ମଯାଜକ, ଅଧ୍ୟାପକ, ଡାକ୍ତର ଓ ଦାର୍ଶନିକ ଥିଲେ, ସେହିପରି ସାଧାରଣ ନାଗରିକ, ଛାତ୍ର, ସତ୍‌ଲୋକ ଓ ଦୁଷ୍ଟଲୋକ ମଧ୍ୟ ଥିଲେ । ଅନେକେ ଲିଖିତ ପ୍ରଶ୍ନ ଉପସ୍ଥାପିତ କରିଥିଲେ । ପୁଣି ଅନେକେ ନିଜ ଆସନରୁ ଉଠି ବକ୍ତାଙ୍କୁ ସିଧାସଳଖ ପ୍ରଶ୍ନ କରିଥିଲେ । ବକ୍ତା ସମସ୍ତଙ୍କୁ ସୌଜନ୍ୟର ସହିତ ଉତ୍ତର ଦେଇଥିଲେ ଏବଂ କୌଣସି କୌଣସି କ୍ଷେତ୍ରରେ ପ୍ରଶ୍ନକର୍ତ୍ତାଙ୍କୁ ଖୁବ୍ ହସାଇଥିଲେ । ଏକଘଣ୍ଟା ଏହିପରି ଚାଲିବା ପରେ ବକ୍ତା ଆଲୋଚନା ସମାପ୍ତିର ଅନୁରୋଧ ଜଣାଇଥିଲେ । ସେପର୍ଯ୍ୟନ୍ତ ବହୁ ଲିଖିତ ପ୍ରଶ୍ନର ଉତ୍ତର ଦିଆଯାଇପାରି ନ ଥିଲା । ବକ୍ତା ଅନେକଗୁଡ଼ିଏ ପ୍ରଶ୍ନର ଉତ୍ତର କୌଶଳ ସହକାରେ ଏଡ଼ାଇ ଗଲେ । ଯାହା ହେଉ, ତାଙ୍କର ଆଲୋଚନାରୁ ହିନ୍ଦୁଧର୍ମର ବିଶ୍ୱାସ ଓ ଶିକ୍ଷାସମୂହ ସମ୍ବନ୍ଧରେ ଆହୁରି କେତୋଟି କଥା ଆମେମାନେ ଲିପିବଦ୍ଧ କଲୁଁ :

ହିନ୍ଦୁମାନେ ମନୁଷ୍ୟର ପୁନର୍ଜନ୍ମରେ ବିଶ୍ୱାସୀ । ସେମାନଙ୍କର ଭଗବାନ କୃଷ୍ଣ ପାଞ୍ଚହଜାର ବର୍ଷ ପୂର୍ବେ ଉତ୍ତର-ଭାରତରେ ଜନୈକ ଶୁଦ୍ଧସତ୍ତ୍ୱା ନାରୀଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । କୃଷ୍ଣଙ୍କର କାହାଣୀ ବାଇବେଲ୍‌ରେ କଥିତ ଖ୍ରୀଷ୍ଟଙ୍କର ଜୀବନେତିହାସର ଅନୁରୂପ, ତେବେ କୃଷ୍ଣ ଏକ ଆକସ୍ମିକ ଦୁର୍ଘଟଣାରେ ନିହତ ହୋଇଥିଲେ । ହିନ୍ଦୁମାନେ ମାନବାତ୍ମାର ପ୍ରଗତି ଏବଂ ଦେହାନ୍ତରପ୍ରାପ୍ତି ସ୍ୱୀକାର କରନ୍ତି । ଆମର ଆତ୍ମା ପୂର୍ବେ ପକ୍ଷୀ, ମାଛ ବା ଅପର କୌଣସି ଇତରପ୍ରାଣୀର ଦେହରେ ଆଶ୍ରିତ ଥିଲା, ମୃତ୍ୟୁ ପରେ ପୁଣି ଅନ୍ୟ କୌଣସି ପ୍ରାଣୀ ହୋଇ ଜନ୍ମ ଗ୍ରହଣ କରିବ । ଜଣେ ପଚାରିଲେ, ଏହି ପୃଥିବୀକୁ ଆସିବା ପୂର୍ବରୁ ଏହିସବୁ ଆତ୍ମା କେଉଁଠାରେ ଥିଲେ ? ବକ୍ତା କହିଲେ, ଅନ୍ୟାନ୍ୟ ଲୋକରେ । ଆତ୍ମା ସକଳ ଅସ୍ତିତ୍ୱର ଅପରିବର୍ତ୍ତନୀୟ ଆଧାର । ଏପରି କୌଣସି କାଳ ନାହିଁ ଯେତେବେଳେ କି ଈଶ୍ୱର ନ ଥିଲେ ଏବଂ ସେଥିପାଇଁ ଏପରି କୌଣସି କାଳ ନାହିଁ ଯେତେବେଳେ କି ସୃଷ୍ଟି ନ ଥିଲା । ବୌଦ୍ଧ-ଧର୍ମାବଲମ୍ବୀଗଣ ବ୍ୟକ୍ତି-ଭଗବାନଙ୍କୁ ସ୍ୱୀକାର କରନ୍ତି ନାହିଁ । ବକ୍ତା କହିଲେ ଯେ, ସେ ବୌଦ୍ଧ ନୁହନ୍ତି । ଖ୍ରୀଷ୍ଟଙ୍କୁ ଯେଉଁ ଭାବରେ ପୂଜା କରାଯାଏ, ମହମ୍ମଦଙ୍କୁ ସେହିଭାବରେ କରାଯାଏ ନାହିଁ । ମହମ୍ମଦ ଖ୍ରୀଷ୍ଟଙ୍କୁ ମାନୁଥିଲେ । ତେବେ ଖ୍ରୀଷ୍ଟ ଯେ ଈଶ୍ୱର—ଏହା ଅସ୍ୱୀକାର କରୁଥିଲେ । ପୃଥିବୀରେ ମନୁଷ୍ୟର ଆବିର୍ଭାବ କ୍ରମବିକାଶ ଫଳରେ ଘଟିଛି, ବିଶେଷ ନିର୍ବାଚନ (ନୂତନ ସୃଷ୍ଟି) ଦ୍ୱାରା ନୁହେଁ । ଈଶ୍ୱର ହେଉଛନ୍ତି ସ୍ରଷ୍ଟା, ବିଶ୍ୱପ୍ରକୃତି ତାଙ୍କର ସୃଷ୍ଟି । କେବଳ ଶିଶୁମାନଙ୍କ ବ୍ୟତୀତ ଅନ୍ୟ କାହା ପାଇଁ ହିନ୍ଦୁଧର୍ମରେ 'ପ୍ରାର୍ଥନା'ର ସ୍ଥାନ ନାହିଁ ଏବଂ ଏହା

କେବଳ ସେମାନଙ୍କର ମନର ଉନ୍ନତି ପାଇଁ । ପାପର ଦଣ୍ଡ ଅପେକ୍ଷାକୃତ ଶୀଘ୍ର ଘଟିଥାଏ । ଆମେମାନେ ଯେଉଁସବୁ କାର୍ଯ୍ୟ କରୁ, ତାହା ଆତ୍ମାର ନୁହେଁ, ଅତଏବ କାର୍ଯ୍ୟରେ ମଳିନତା ପ୍ରବେଶ କରିପାରେ । ଆତ୍ମା ପୂର୍ଣ୍ଣସ୍ୱରୂପ, ଶୁଦ୍ଧସ୍ୱରୂପ । ଏହାର କୌଣସି ବିଶ୍ରାମସ୍ଥଳର ପ୍ରୟୋଜନ ହୁଏ ନାହିଁ । ଆତ୍ମାରେ ଜଡ଼ ପଦାର୍ଥର କୌଣସି ଧର୍ମ ନାହିଁ । ମାନବ ଯେତେବେଳେ ନିଜକୁ ଚୈତନ୍ୟସ୍ୱରୂପ ବୋଲି ଜାଣିପାରେ, ସେତେବେଳେ ହିଁ ସେ ପୂର୍ଣ୍ଣାବସ୍ଥା ଲାଭ କରେ । ଧର୍ମ ଆତ୍ମସ୍ୱରୂପର ଅଭିବ୍ୟକ୍ତି ଅଟେ । ଯେ ଆତ୍ମାରସ୍ୱରୂପ ସମ୍ବନ୍ଧରେ ଯେତେ ଅବହିତ ସେ ସେତେ ସାଧୁ । ଭଗବାନଙ୍କର ଶୁଦ୍ଧସତ୍ତ୍ୱର ଅନୁଭବର ନାମ ହିଁ ଉପାସନା । ହିନ୍ଦୁଧର୍ମ ବହିଃପ୍ରକୃତିରେ ବିଶ୍ୱାସ କରେ ନାହିଁ । ଏହାର ଶିକ୍ଷା ଏହି ଯେ—ମନୁଷ୍ୟ ଭଗବାନଙ୍କୁ ଭଲପାଇବା ନିମିତ୍ତ ହିଁ ଯେପରି ଭଲପାଏ ଏବଂ ପ୍ରତିବେଶୀ ପ୍ରତି ସଦୟ ଆଚରଣ କରିବା ସମୟରେ ନିଜକୁ ଯେପରି ସମ୍ପୂର୍ଣ୍ଣ ଭୁଲିଯାଏ । ପାଶ୍ଚାତ୍ୟ ଲୋକମାନେ ଅତିରିକ୍ତ କର୍ମପ୍ରବଣ । ବିଶ୍ରାମ ମଧ୍ୟ ସଭ୍ୟତାର ଗୋଟିଏ ଅଙ୍ଗ । ହିନ୍ଦୁମାନେ ନିଜର ଦୁର୍ବଳତାଗୁଡ଼ିକୁ ଈଶ୍ୱରଙ୍କ ଉପରେ ଲଦି ଦିଅନ୍ତି ନାହିଁ । ସକଳ ଧର୍ମର ପାରସ୍ପରିକ ମିଳନର ଗୋଟିଏ ପ୍ରବଣତା ବର୍ତ୍ତମାନ ଦେଖାଯାଉଛି ।

## ହିନ୍ଦୁ ସନ୍ନ୍ୟାସୀ

'ବେ ସିଟି ଟାଇମସ୍', ୨୯ ମାର୍ଚ୍ଚ ୧୮୯୪

ଗତକାଲି ସନ୍ଧ୍ୟାରେ ଅପେରା ହାଉସ୍‌ରେ ସ୍ୱାମୀ ବିବେକାନନ୍ଦ ଯେଉଁ ଚିତ୍ତାକର୍ଷକ ଭାଷଣଟି ଦେଇଛନ୍ତି, ଏଭଳି ବକ୍ତୃତା ଶୁଣିବାର ସୁଯୋଗ ଏହି ସହରର (ବେ ସିଟି) ଲୋକେ କଦାଚିତ୍ ପାଇଥାଆନ୍ତି । ବକ୍ତା ଭଦ୍ରଲୋକ, ଭାରତବର୍ଷର ଅଧିବାସୀ । ପ୍ରାୟ ୩୦ ବର୍ଷ ପୂର୍ବେ ସେ କଲିକତାରେ ଜନ୍ମଗ୍ରହଣ କରିଥିଲେ । ଡକ୍ଟର ସି. ଟି. ନିଉକର୍କ ଯେତେବେଳେ ଶ୍ରୋତୃବୃନ୍ଦଙ୍କ ନିକଟରେ ବକ୍ତାଙ୍କର ପରିଚୟ ପ୍ରଦାନ କରୁଥିଲେ, ସେତେବେଳେ ଅପେରା ହାଉସର ତଳମହଲାର ପ୍ରାୟ ଅର୍ଦ୍ଧେକ ଅଂଶ ପୂର୍ଣ୍ଣ ହୋଇଯାଇଥିଲା । କଥାପ୍ରସଙ୍ଗରେ ବକ୍ତା ଏହି ଦେଶର ଲୋକମାନଙ୍କୁ ସର୍ବ-ଶକ୍ତିମାନ୍ ଡଲାରର ଭଜନା କରୁଥିବା ନିମିତ୍ତ ସମାଲୋଚନା କରିଥିଲେ । ଭାରତରେ ଜାତିଭେଦ ଅଛି ସତ୍ୟ, କିନ୍ତୁ ଖୁନୀ ଲୋକ କଦାପି ସମାଜର ଶୀର୍ଷ ସ୍ଥାନକୁ ଯାଇପାରେ ନାହିଁ, ମାତ୍ର ଏ ଦେଶରେ ଯଦି ସେ ଦଶଲକ୍ଷ ଡଲାରର ମାଲିକ ହୁଏ, ତେବେ ସେ ଅପର ଯେକୌଣସି ବ୍ୟକ୍ତି ସହିତ ସମାନ । ଭାରତରେ କେହି ଯଦି ଥରେ ଗୁରୁତର ଅପରାଧ କରିପକାଏ, ତାହାହେଲେ ସେ ବରାବର ହୀନ ରହିଯାଏ । ହିନ୍ଦୁଧର୍ମର ଏକ ପ୍ରଧାନ ବୈଶିଷ୍ଟ୍ୟ ହେଲା—ଅନ୍ୟାନ୍ୟ ଧର୍ମ ଓ ବିଶ୍ୱାସସମୂହ ପ୍ରତି ସହିଷ୍ଣୁତା । ଅନ୍ୟାନ୍ୟ ପ୍ରାଚ୍ୟ ଦେଶର ଧର୍ମ ଅପେକ୍ଷା ଭାରତବର୍ଷର ଧର୍ମ ଉପରେ ହିଁ ମିଶନାରୀମାନଙ୍କର ଆକ୍ରୋଶ ଅଧିକ, କାରଣ ହିନ୍ଦୁମାନେ ସେମାନଙ୍କୁ ଏପରି କରିବାକୁ ବାଧା ଦିଅନ୍ତି ନାହିଁ । ଏଠାରେ ହିନ୍ଦୁମାନେ ତାଙ୍କ ଧର୍ମର, ଯାହା ପ୍ରଧାନ ଶିକ୍ଷା—ସହିଷ୍ଣୁତା, ତାହା ହିଁ ପ୍ରତିପାଳନ କରୁଛନ୍ତି

ବୋଲି କୁହାଯାଇପାରେ । ବିବେକାନନ୍ଦ ଜଣେ ଉଚ୍ଚ-ଶିକ୍ଷିତ ଏବଂ ମାର୍ଜିତରୁଚି ଭଦ୍ରଲୋକ । ଆମେମାନେ ଶୁଣିଛୁ ଡେଟ୍ରୟେଟରେ ବିବେକାନନ୍ଦଙ୍କୁ ପଚରା ହୋଇଥିଲା, ହିନ୍ଦୁମାନେ ସେମାନଙ୍କର ଶିଶୁସନ୍ତାନଙ୍କୁ ନଦୀରେ ନିକ୍ଷେପ କରନ୍ତି କି ନାହିଁ । ବିବେକାନନ୍ଦ ଉତ୍ତର ଦେଇଥିଲେ ନା, ସେମାନେ ଏପରି କରନ୍ତି ନାହିଁ; ପାଶ୍ଚାତ୍ୟଦେଶ ଭଳି ଡାହାଣୀ ସନ୍ଦେହରେ ସ୍ତ୍ରୀଲୋକମାନଙ୍କୁ ମଧ୍ୟ ସେମାନେ ଦାହ କରନ୍ତି ନାହିଁ । ବକ୍ତା ଆଜି ରାତିରେ ସ୍ୟାଗିନ୍ ସହରରେ ବକ୍ତୃତା ଦେବେ ।

## ଭାରତବର୍ଷ ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦ

'ବେ ସିଟି ଡେଲି ଟ୍ରିବିଉନ୍', ୨୧ ମାର୍ଚ୍ଚ ୧୮୯୪

ବେ ସିଟିକୁ ଗତକାଲି ଜଣେ ଖ୍ୟାତନାମା ଅତିଥି ଆସିଅଛନ୍ତି । ସେ ହେଉଛନ୍ତି ସେହି ବହୁ-ଆଲୋଚିତ ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେ କାନନ୍ଦ । ସେ ଡେଟ୍ରୟେଟରୁ ଦ୍ୱିପ୍ରହରରେ ଏଠାରେ ପହଞ୍ଚି ସଙ୍ଗେ ସଙ୍ଗେ ଫ୍ରେଜର୍ ହାଉସ୍‌କୁ ଯାଇଥିଲେ । ଡେଟ୍ରୟେଟରେ ସେ ସିନେଟର ପାମାର୍‌ଙ୍କର ଅତିଥି ଥିଲେ । ଆମର ପତ୍ରିକାର ଜନୈକ ପ୍ରତିନିଧି କାଲି ତାଙ୍କ ସହିତ ଫ୍ରେଜର୍ ହାଉସ୍‌ରେ ଦେଖା କରିଥିଲେ । ତାଙ୍କର ଚେହେରା ସହଜରେ ଲୋକଙ୍କର ଦୃଷ୍ଟି ଆକର୍ଷଣ କରେ । ସେ ଉଚ୍ଚତାରେ ପ୍ରାୟ ଛ ଫୁଟ, ଓଜନ ବୋଧହୁଏ ୧୮୦ ପାଉଣ୍ଡ, ଅଙ୍ଗପ୍ରତ୍ୟଙ୍ଗର ଗଠନରେ ଆଶ୍ଚର୍ଯ୍ୟ ଧରଣର ସାମଞ୍ଜସ୍ୟ । ତାଙ୍କର ଗାତ୍ରବର୍ଣ୍ଣ ଉଜ୍ଜ୍ୱଳ ଅଲିଭ୍ ସଦୃଶ, କେଶ ଏବଂ ଚକ୍ଷୁ ସୁନ୍ଦର କୃଷ୍ଣବର୍ଣ୍ଣ, ମୁଖ ପରିଷ୍କାରଭାବେ କ୍ଷୌରିତ । ସନ୍ନ୍ୟାସୀଙ୍କର କଣ୍ଠସ୍ୱର ଖୁବ୍ ମିଷ୍ଟ ଏବଂ ସୁନିୟମିତ । ସେ ଚମତ୍କାର ଇଂରାଜୀ କହନ୍ତି, ବସ୍ତୁତଃ ଅଧିକାଂଶ ଆମେରିକାନ୍‌ଙ୍କ ଅପେକ୍ଷା ଭଲ କହନ୍ତି । ତାଙ୍କର ଭଦ୍ରତା ମଧ୍ୟ ଉଲ୍ଲେଖ-ଯୋଗ୍ୟ ।

ବିବେକାନନ୍ଦ ତାଙ୍କର ସ୍ୱଦେଶର କଥା ତଥା ତାଙ୍କ ନିଜର ଆମେରିକାର ଅଭିଜ୍ଞତାର କଥା ଆମୋଦଜନକଭାବରେ ବର୍ଣ୍ଣନା କରିଥିଲେ । ସେ ପ୍ରଶାନ୍ତ ମହାସାଗର ଦେଇ ଆମେରିକା ଆସିଛନ୍ତି—ଫେରିବେ ଆଟଲାଣ୍ଟିକ ପଥରେ । ବକ୍ତା କହିଲେ, 'ଆମେରିକା ଏକ ବିରାଟ ଦେଶ, ତେବେ ମୁଁ ଏଠାରେ ବରାବର ରହିବାକୁ ଚାହେଁ ନାହିଁ । ଆମେରିକାନମାନେ ଅତିରିକ୍ତ ଅର୍ଥଚିନ୍ତା କରନ୍ତି । ଅନ୍ୟ ସବୁ କିଛିର ଆଗେ ଏହାର ସ୍ଥାନ । ଆପଣମାନଙ୍କୁ ବର୍ତ୍ତମାନ ସୁଦ୍ଧା ଅନେକ କିଛି ଶିଖିବାକୁ ହେବ । ଆପଣଙ୍କର ଜାତି ଯେତେବେଳେ ଆମମାନଙ୍କ ଜାତି ପରି ପ୍ରାଚୀନ ହେବ, ସେତେବେଳେ ଆପଣମାନଙ୍କର ବିଜ୍ଞତା ବଢ଼ିବ । ଚିକାଗୋ ମୋତେ ଖୁବ୍ ଭଲ ଲାଗେ । ଡେଟ୍ରୟେଟ ସ୍ଥାନଟି ମଧ୍ୟ ସୁନ୍ଦର ।'

ଆମେରିକାରେ କେତେଦିନ ରହିବେ ପଚାରିବାରୁ ବିବେକାନନ୍ଦ କହିଲେ, 'ତାହା ମୁଁ ଜାଣେ ନାହିଁ । ଆପଣମାନଙ୍କ ଦେଶର ଅଧିକାଂଶ ମୁଁ ଦେଖିନେବାର ଚେଷ୍ଟା କରୁଛି । ଏହାପରେ ମୁଁ ପୂର୍ବାଞ୍ଚଳକୁ ଯିବି ଏବଂ ବୋଷ୍ଟନ ଓ ନ୍ୟୁୟର୍କରେ କିଛିକାଳ ରହିବି ।

ବୋଷ୍ଟନକୁ ମୁଁ ଯାଇଛି; କିନ୍ତୁ ସେଠାରେ ରହି ନାହିଁ । ଆମେରିକା ଦେଖା ହୋଇଗଲେ ମୁଁ ୟୁରୋପ ଯିବି । ୟୁରୋପ ଦେଖିବାର ମୋର ଖୁବ୍ ଇଚ୍ଛା । ସେଠାକୁ ମୁଁ କେବେହେଲେ ଯାଇ ନାହିଁ ।'

ନିଜ ସମ୍ବନ୍ଧରେ ଏହି ପ୍ରାଚ୍ୟ ସନ୍ନ୍ୟାସୀ କହିଲେ ଯେ, ତାଙ୍କର ବୟସ ତିରିଶ ବର୍ଷ । ସେ କଲିକତାରେ ଭୂମିଷ୍ଠ ହୋଇଥିଲେ ଏବଂ ସେହି ସ୍ଥାନର ଗୋଟିଏ କଲେଜରେ ଶିକ୍ଷାଲାଭ କରିଥିଲେ । ସେ ସନ୍ନ୍ୟାସୀ ବୋଲି ଦେଶର ସର୍ବତ୍ର ତାଙ୍କୁ ଭ୍ରମଣ କରିବାକୁ ହୁଏ । ସବୁ ସମୟରେ ସେ ସମଗ୍ର ଜାତିର ଅତିଥି ।

ଭାରତବର୍ଷର ଲୋକସଂଖ୍ୟା ପ୍ରାୟ ୨୮ କୋଟି, ତା' ମଧ୍ୟରୁ ମୁସଲମାନ ହେଲେ ୬ କୋଟି, ବାକି ଅଧିକାଂଶ ହିନ୍ଦୁ । ଭାରତରେ ୬ ଲକ୍ଷ ଖ୍ରୀଷ୍ଟିଆନ୍ ଅଛନ୍ତି । ତାହା ମଧ୍ୟରୁ ଅନ୍ତତଃ ଅଢ଼େଇ ଲକ୍ଷ କ୍ୟାଥଲିକ୍-ସମ୍ପ୍ରଦାୟ-ଭୁକ୍ତ । ଆମ ଦେଶର ଲୋକେ ସଚରାଚର ଖ୍ରୀଷ୍ଟଧର୍ମ ଅବଲମ୍ବନ କରନ୍ତି ନାହିଁ, ନିଜ ଧର୍ମରେ ହିଁ ସେମାନେ ପରିତୃପ୍ତ । ତେବେ କେହି କେହି ଆର୍ଥିକ ସୁବିଧା ନିମିତ୍ତ ଖ୍ରୀଷ୍ଟିଆନ୍ ହୁଅନ୍ତି । ମୋଟକଥା ଧର୍ମ ସମ୍ବନ୍ଧରେ ଲୋକଙ୍କର ଖୁବ୍ ସ୍ୱାଧୀନତା ଅଛି । ଆମେମାନେ କହୁ, ଯାହାର ଯେଉଁ ଧର୍ମରେ ଅଭିରୁଚି ସେ ତାହା ହିଁ ଗ୍ରହଣ କରୁ । ଆମେ ଚତୁର ଜାତି । ରକ୍ତପାତରେ ଆମର ଆସ୍ଥା ନାହିଁ । ଆମ ଦେଶରେ ଦୁଷ୍ଟ ଲୋକ ଅବଶ୍ୟ ଅଛନ୍ତି, ବରଂ ସେମାନେ ହିଁ ସଂଖ୍ୟାଗରିଷ୍ଠ, ଯେପରି ଆପଣମାନଙ୍କ ଦେଶରେ । ଜନସାଧାରଣ ଦେବଦୂତ ହୋଇଯିବେ ଏଭଳି ଆଶା କରିବା ଯୁକ୍ତିଯୁକ୍ତ ନୁହେଁ । ବିବେକାନନ୍ଦ ଆଜି ରବିବାରେ ସ୍ୟାଗିନ୍‌ରେ ବକ୍ତୃତା ଦେବେ ।

## ଗତ ରବିବାର ବକ୍ତୃତା

ଗତ ସନ୍ଧ୍ୟାରେ ବକ୍ତୃତା ଆରମ୍ଭ ହେବା ବେଳକୁ ଅପେରା ହାଉସ୍‌ର ତଳମହଲ ପ୍ରାୟ ଭର୍ତ୍ତି ହୋଇଯାଇଥିଲା । ଠିକ୍ ୮।୪୫ ମିନିଟ୍‌ରେ ବିବେକାନନ୍ଦ ତାଙ୍କର ସୁନ୍ଦର ପ୍ରାଚ୍ୟ ପରିଚ୍ଛଦରେ ଆସି ବକ୍ତୃତାମଞ୍ଚରେ ଠିଆ ହେଲେ । ଡକ୍ଟର ସି. ଟି. ନଉର୍କ ବକ୍ତାଙ୍କର ପରିଚୟ ଦେଇ କିଛି କହିଲେ ।

ଆଲୋଚନାର ପ୍ରଥମାଂଶ ଥିଲା ଭାରତବର୍ଷର ବିଭିନ୍ନ ଧର୍ମ ଏବଂ ଜନ୍ମାନ୍ତରବାଦର ବ୍ୟାଖ୍ୟାମୂଳକ । ଦ୍ୱିତୀୟ ବିଷୟଟିର ପ୍ରସଙ୍ଗରେ ବକ୍ତା କହିଲେ ଯେ, ବିଜ୍ଞାନ-ଜଗତରେ ଶକ୍ତି-ସାତତ୍ୟ-ବାଦର ଯାହା ମୂଳଭିତ୍ତି, ତାହା ହିଁ ଜନ୍ମାନ୍ତରବାଦର ମଧ୍ୟ ମୂଳଭିତ୍ତି । ଭାରତବର୍ଷର ହିଁ ଜଣେ ଦାର୍ଶନିକ ଶକ୍ତି-ସାତତ୍ୟ-ବାଦ ପ୍ରଥମେ ଉପସ୍ଥାପିତ କରିଛନ୍ତି । ଏମାନେ ଆଗନ୍ତୁକ ସୃଷ୍ଟିରେ ବିଶ୍ୱାସ କରୁ ନ ଥିଲେ । ଶୂନ୍ୟରୁ କିଛି ଉତ୍ପନ୍ନ ହେବାକୁ ସୃଷ୍ଟି ବୋଲି ବୁଝାଯାଏ । ଯୁକ୍ତିଦିଗରୁ ଦେଖିଲେ ଏହା ଅସମ୍ଭବ । କାଳର ଯେପରି ଆଦି ନାହିଁ, ସୃଷ୍ଟିର ମଧ୍ୟ ସେହିପରି କୌଣସି ଆଦି ନାହିଁ । ଈଶ୍ୱର ଓ ସୃଷ୍ଟି ଯେପରି କି ଆଦ୍ୟନ୍ତବିହୀନ ଦୁଇଟି ସମାନ୍ତରାଳ ରେଖା । ଏହି ଦାର୍ଶନିକ ମତ ଅନୁସାରେ 'ସୃଷ୍ଟିପ୍ରପଞ୍ଚ ଥିଲା, ଅଛି ଏବଂ

ରହିବ ।' ହିନ୍ଦୁ ଦର୍ଶନ ମତରେ ଆମେ ଯାହାକୁ ଶାସ୍ତି କହୁ—ତାହା କୌଣସି କ୍ରିୟାର ପ୍ରତିକ୍ରିୟା ମାତ୍ର । ଆମେ ଯଦି ନିଆଁରେ ହାତ ଦେଉ, ହାତ ପୋଡ଼ିଯାଏ । ଏହା ଏହା ଏକ କ୍ରିୟାର ପ୍ରତିକ୍ରିୟା । ଜୀବନର ଭବିଷ୍ୟତ୍ ଅବସ୍ଥା ବର୍ତ୍ତମାନ ଅବସ୍ଥାଦ୍ୱାରା ନିରୂପିତ ହୁଏ । ହିନ୍ଦୁମାନେ ଈଶ୍ୱରଙ୍କୁ ଶାସ୍ତିଦାତା ବୋଲି ମନେକରନ୍ତି ନାହିଁ । ବକ୍ତା କହିଲେ, 'ଏହି ଦେଶରେ ଯେ ରାଗେ ନାହିଁ, ତୁମେମାନେ ତାହାର ପ୍ରଶଂସା କର ଏବଂ ଯେ ରାଗେ ତାହାର ନିନ୍ଦା କରିଥାଅ । ତଥାପି ଦେଶସାରା ହଜାର ହଜାର ଲୋକ ଭଗବାନଙ୍କୁ ଯେ କ୍ରୋଧୀ ବୋଲି ଅଭିଯୁକ୍ତ କରୁଛନ୍ତି । ରୋମ୍‌ନଗରୀ ଯେତେବେଳେ ଅଗ୍ନିଦଗ୍ଧ ହେଉଥିଲା, ସେତେବେଳେ ସମ୍ରାଟ ନୀରୋ ତାଙ୍କର ବେହେଲା ବଜାଉଥିଲେ ବୋଲି ତାହାଙ୍କୁ ସମସ୍ତେ ନିନ୍ଦା କରି ଆସୁଛନ୍ତି । ଈଶ୍ୱରଙ୍କର ମଧ୍ୟ ଅନୁରୂପ ଆଚରଣ ନିମିତ୍ତ ତୁମମାନଙ୍କ ମଧ୍ୟରୁ ହଜାର ହଜାର ବ୍ୟକ୍ତି ତାହାଙ୍କୁ ଦୋଷ ଦେଉଛ ।'

ହିନ୍ଦୁଧର୍ମରେ ଖ୍ରୀଷ୍ଟଧର୍ମ ଭଳି 'ଅବତାର ମାଧ୍ୟମରେ ପରିତ୍ରାଣ'—ଏପରି ମତ ନାହିଁ । ହିନ୍ଦୁମାନଙ୍କ ଦୃଷ୍ଟିରେ ଖ୍ରୀଷ୍ଟ କେବଳ ମୁକ୍ତିର ଉପାୟ-ପ୍ରଦର୍ଶକ । ପ୍ରତ୍ୟେକ ନାରୀମାନଙ୍କ ମଧ୍ୟରେ ଦିବ୍ୟସତ୍ତା ରହିଛି, ତେବେ ତାହା ଯେପରି ଗୋଟିଏ ପର୍ଦ୍ଦାଦ୍ୱାରା ଆବୃତ ଅଛି । ଧର୍ମର ଚେଷ୍ଟା ହେଲା, ଏହି ଆବରଣଟିକୁ ଦୂର କରିଦେବା । ଏହି ଆବରଣ-ଅପସାରଣକୁ ଖ୍ରୀଷ୍ଟାନ୍‌ମାନେ କହନ୍ତି 'ପରିତ୍ରାଣ', ହିନ୍ଦୁମାନେ କହନ୍ତି 'ମୁକ୍ତି' । ଈଶ୍ୱର ବିଶ୍ୱସଂସାରର ସ୍ରଷ୍ଟା, ପାଳନକର୍ତ୍ତା ଏବଂ ସଂହର୍ତ୍ତା ।

ବକ୍ତା ଏହାପରେ ତାଙ୍କ ଦେଶର ଧର୍ମସମୂହର ସମର୍ଥନ ନିମିତ୍ତ କିଛି ଆଲୋଚନା କରିଥିଲେ । ସେ କହିଲେ, ରୋମାନ୍ କ୍ୟାଥଲିକ୍-ସମ୍ପ୍ରଦାୟର ସମସ୍ତ ରୀତିନୀତି ଯେ ବୌଦ୍ଧଗ୍ରନ୍ଥସମୂହରୁ ଗୃହୀତ ହୋଇଛି, ଏହା ସୁପ୍ରମାଣିତ । ପାଶ୍ଚାତ୍ୟ ଲୋକମାନଙ୍କର ଭାରତ ନିକଟରୁ ଗୋଟିଏ ଜିନିଷ ଶିଖିବା ଉଚିତ—ତାହା ପରମତ-ସହିଷ୍ଣୁତା ।

ଅନ୍ୟାନ୍ୟ ଯେଉଁ ବିଷୟରେ ସେ ବିଶେଷଭାବେ ଆଲୋଚନା କରିଥିଲେ, ତାହା ହେଉଛି—ଖ୍ରୀଷ୍ଟାନ୍ ମିଶନାରୀଗଣ, ପ୍ରେସ୍‌ବିଟେରିଆନ୍-ସମ୍ପ୍ରଦାୟର ପ୍ରଚାର-ଉତ୍ସାହ ତଥା ଅସହିଷ୍ଣୁତା, ଏହି ଦେଶରେ ଡଲାର-ପୂଜା ଏବଂ ଧର୍ମଯାଜକସମ୍ପ୍ରଦାୟ । ବକ୍ତା କହିଲେ ଯେ, ଶେଷୋକ୍ତ ବ୍ୟକ୍ତିଗଣ ଡଲାର ନିମିତ୍ତ ହିଁ ସେମାନଙ୍କ କାର୍ଯ୍ୟରେ ବ୍ରତୀ ହୋଇଛନ୍ତି । ଯଦି ସେମାନଙ୍କୁ ବେତନ ପାଇଁ ଭଗବାନଙ୍କ ମୁହଁକୁ ଚାହିଁ ରହିବାକୁ ପଡ଼ୁଥାଆନ୍ତା, ତେବେ ସେମାନେ କେତେଦିନ ଗୀର୍ଜାର କାର୍ଯ୍ୟରେ ନିଯୁକ୍ତ ରହିଥାଆନ୍ତେ, ତାହା କୁହାଯାଇପାରିବ ନାହିଁ । ଏହା ପରେ ବକ୍ତା ଭାରତର ଜାତିପ୍ରଥା, ଆମେରିକାର ଦକ୍ଷିଣାଞ୍ଚଳର ସଂସ୍କୃତି, ମାନବମନର ସାଧାରଣ ଜ୍ଞାନ ଏବଂ ଆହୁରି କେତୋଟି ବିଷୟ ସଂକ୍ଷେପରେ କିଛି କିଛି କହିସାରି ବକ୍ତୃତାର ଉପସଂହାର କରିଥିଲେ ।

# ଧର୍ମର ସମନ୍ୱୟ

'ସ୍ୱାଗିନ୍ ଇଭନିଂ ନିଉଜ', ୨୨ ମାର୍ଚ୍ଚ ୧୮୯୪

ଗତ କାଲି ସନ୍ଧ୍ୟାରେ ସଙ୍ଗୀତ ଏକାଡେମୀରେ ବହୁକଥିତ ହିନ୍ଦୁସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ 'ଧର୍ମର ସମନ୍ୱୟ' ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ଶ୍ରୋତାଙ୍କର ସଂଖ୍ୟା ବେଶୀ ନ ହେଲେ ମଧ୍ୟ ପ୍ରତ୍ୟେକେ ପ୍ରଗାଢ଼ ମନୋଯୋଗ ସହକାରେ ତାଙ୍କର ଆଲୋଚନା ଶୁଣିଥିଲେ । ବକ୍ତା ପ୍ରାଚ୍ୟ ପୋଷାକ ପିନ୍ଧି ଆସିଥିଲେ ଏବଂ ଅତ୍ୟନ୍ତ ସମାଦର ସହକାରେ ଅଭ୍ୟର୍ଥିତ ହୋଇଥିଲେ । ମାନନୀୟ ଓ୍ୱେଲାଣ୍ଡ ହୋମ୍‌ର ଅମାୟିକ ଭାବରେ ବକ୍ତାଙ୍କର ପରିଚୟ କରାଇ ଦେଇଥିଲେ । ବକ୍ତା ଭାଷଣର ପ୍ରଥମାଂଶ ନିୟୋଗ କରିଥିଲେ ଭାରତର ବିଭିନ୍ନ ଧର୍ମ ଏବଂ ଜନ୍ମାନ୍ତରବାଦର ବ୍ୟାଖ୍ୟାନରେ । ଖ୍ରୀଷ୍ଟାନ୍‌ମାନେ ନୂତନ ଦେଶ ଜୟ କରିବା ପରେ ଯେପରି କରିଥାନ୍ତି, ଭାରତର ପ୍ରଥମ ବିଜେତା ଆର୍ଯ୍ୟଗଣ ସେପରି ଭାବରେ ଦେଶର ତତ୍କାଳୀନ ଅଧିବାସୀଗଣଙ୍କୁ ନିଶ୍ଚିହ୍ନ କରିବା ପାଇଁ ଚେଷ୍ଟା କରି ନ ଥିଲେ । ଅମାର୍ଜିତ ସଂସ୍କାରର ଲୋକମାନଙ୍କୁ ସୁସଂସ୍କୃତ କରିବା ନିମିତ୍ତ ସେମାନେ ଉଦ୍ୟୋଗୀ ହୋଇଥିଲେ । ଭାରତବର୍ଷରେ ମଧ୍ୟ ହିନ୍ଦୁମାନେ ଯେଉଁମାନେ ସ୍ନାନ କରନ୍ତି ନାହିଁ ବା ମୃତଜନ୍ତୁ ଭକ୍ଷଣ କରନ୍ତି, ସେମାନଙ୍କ ଉପରେ ବିରକ୍ତ । ଉତ୍ତର-ଭାରତର ଅଧିବାସୀ ଆର୍ଯ୍ୟଗଣ ଦକ୍ଷିଣାଞ୍ଚଳର ଅନାର୍ଯ୍ୟମାନଙ୍କର ଉପରେ ନିଜର ଆଚାର-ବ୍ୟବହାର ଜବରଦସ୍ତି ଲଦି ଦେବା ପାଇଁ ଚେଷ୍ଟା କରି ନାହାନ୍ତି, ତେବେ ଅନାର୍ଯ୍ୟମାନେ ଆର୍ଯ୍ୟମାନଙ୍କର ଅନେକ ରୀତିନୀତି ଧୀରେ ଧୀରେ ସ୍ୱତଃ ଗ୍ରହଣ କରିଛନ୍ତି । ଭାରତର ଦକ୍ଷିଣତମ ପ୍ରଦେଶରେ ବହୁ ଶତାବ୍ଦୀଧରି କିଛି କିଛି ଖ୍ରୀଷ୍ଟାନ୍ ଅଛନ୍ତି । ସ୍ପାନିସ୍ୱାର୍ଡ଼ମାନେ ସିଂହଳକୁ ଖ୍ରୀଷ୍ଟଧର୍ମ ନେଇଯାଇଥିଲେ । ସେମାନେ ମନେକରୁଥିଲେ ଯେ, ଅଖ୍ରୀଷ୍ଟାନ୍‌ମାନଙ୍କୁ ବଧ କରିବା ଏବଂ ତାଙ୍କର ମନ୍ଦିରସମୂହ ଧ୍ୱଂସ କରିବା ନିମିତ୍ତ ସେମାନେ ଈଶ୍ୱରଙ୍କ ଦ୍ୱାରା ଆଦିଷ୍ଟ ।

ବିଭିନ୍ନ ଧର୍ମ ଯଦି ନ ଥାଆନ୍ତା, ତାହାହେଲେ ଗୋଟିଏ ଧର୍ମ ମଧ୍ୟ ବଞ୍ଚିରହି ପାରି ନ ଥାଆନ୍ତା । ଖ୍ରୀଷ୍ଟାନ୍‌ମାନଙ୍କ ପାଇଁ ତାଙ୍କର ନିଜସ୍ୱ ଧର୍ମ ଦରକାର । ହିନ୍ଦୁମାନଙ୍କର ମଧ୍ୟ ପ୍ରୟୋଜନ ସ୍ୱକୀୟ ଧର୍ମବିଶ୍ୱାସ ବଜାୟ ରଖିବା । ଯେଉଁସବୁ ଧର୍ମର ମୂଳରେ କୌଣସି ଶାସ୍ତ୍ରଗ୍ରନ୍ଥ ଅଛି, ତାହା ବର୍ତ୍ତିମାନ ସୁଦ୍ଧା ବଞ୍ଚିରହିଛି । ଖ୍ରୀଷ୍ଟାନ୍‌ମାନେ ଇହୁଦୀମାନଙ୍କୁ ଖ୍ରୀଷ୍ଟଧର୍ମକୁ ଆଣିପାରି ନାହାନ୍ତି କାହିଁକି ? ପାରସିକମାନଙ୍କୁ ମଧ୍ୟ ଖ୍ରୀଷ୍ଟାନ୍ କରିପାରନ୍ତି ନାହିଁ କେଉଁ କାରଣରୁ ? ମୁସଲମାନମାନେ ମଧ୍ୟ ଖ୍ରୀଷ୍ଟାନ୍ ହୁଅନ୍ତି ନାହିଁ କାହିଁକି ? ଚୀନ ଏବଂ ଜାପାନରେ ଖ୍ରୀଷ୍ଟଧର୍ମର ପ୍ରଭାବ ନାହିଁ କାହିଁକି ? ବୌଦ୍ଧଧର୍ମ—ଯାହାକୁ କି ପ୍ରଥମ ପ୍ରଚାରଶୀଳ ଧର୍ମ ବୋଲି କୁହାଯାଇପାରେ—କଦାପି ତରବାରି ସାହାଯ୍ୟରେ ଅପରକୁ ବୌଦ୍ଧଧର୍ମରେ ଦୀକ୍ଷିତ କରି ନାହିଁ, ତଥାପି ଏହା ଖ୍ରୀଷ୍ଟଧର୍ମ ଅପେକ୍ଷା ଦ୍ୱିଗୁଣ ଲୋକଙ୍କୁ ସ୍ୱମତକୁ ଆଣିପାରିଛି । ମୁସଲମାନମାନେ ସର୍ବାପେକ୍ଷା ଅଧିକ ବଳ ପ୍ରୟୋଗ କଲେ ମଧ୍ୟ ତିନିଗୋଟି ବଡ଼ ପ୍ରଚାରଶୀଳ ଧର୍ମ ମଧ୍ୟରୁ ସେମାନଙ୍କର ସଂଖ୍ୟା ସ୍ୱଳ୍ପତମ । ମୁସଲମାନମାନଙ୍କର ବିଜୟର ଦିନ ଶେଷ ହୋଇ

ଯାଇଛି । ଖ୍ରୀଷ୍ଟଧର୍ମାବଲମ୍ବୀ ଜାତିଗଣ ରକ୍ତପାତ କରି ଭୂମି ଦଖଲ କରୁଛନ୍ତି, ଏହି ଖବର ଆମେ ପ୍ରତ୍ୟହ ପଢ଼ୁଛୁ । କେଉଁ ପ୍ରଚାରକ ଏହାର ପ୍ରତିବାଦ କରୁଛନ୍ତି ? ଅତ୍ୟନ୍ତ ରକ୍ତପିପାସୁ ଜାତିଗଣ ଯେଉଁ ଧର୍ମକୁ ନେଇ ଏତେ ଜୟଗାନ କରନ୍ତି, ତାହା ତ ଖ୍ରୀଷ୍ଟଙ୍କର ଧର୍ମ ନୁହେଁ । ଇହୁଦୀ ଏବଂ ଆରବଗଣ ଖ୍ରୀଷ୍ଟଧର୍ମର ଜନକ, କିନ୍ତୁ ଏମାନେ ଖ୍ରୀଷ୍ଟିଆନ୍‌ମାନଙ୍କଦ୍ୱାରା କେତେ ନିର୍ଯ୍ୟାତିତ ନ ହୋଇଛନ୍ତି ! ଭାରତବର୍ଷରେ ଖ୍ରୀଷ୍ଟାନ୍ ଧର୍ମର ପ୍ରଚାରକଗଣଙ୍କୁ ପରୀକ୍ଷା କରି ଦେଖାଯାଇଛି ଯେ, ଖ୍ରୀଷ୍ଟଙ୍କ ଆଦର୍ଶଠାରୁ ସେମାନେ ଅନେକ ଦୂରରେ ।

ବକ୍ତା କହିଲେ, ସେ ରୂଢ଼ ହେବାକୁ ଚାହାଁନ୍ତି ନାହିଁ, ତେବେ ଅନ୍ୟମାନଙ୍କ ଆଖିରେ ଖ୍ରୀଷ୍ଟିଆନମାନଙ୍କୁ କିପରି ଦେଖାଯାଏ, ତାହା ହିଁ ସେ ଉଲ୍ଲେଖ କରୁଛନ୍ତି । ଯେଉଁସବୁ ମିଶନାରୀ ନରକର ଜ୍ୱଳନ୍ତ ଗହ୍ୱରର କଥା ପ୍ରଚାର କରନ୍ତି, ତାଙ୍କୁ ଲୋକେ ଭୟର ସହିତ ଦେଖିଥାଆନ୍ତି । ମୁସଲମାନମାନେ ଭାରତରେ ତରବାରିର ଝନତ୍କାର ସହ ଆକ୍ରମଣ ପରେ ଆକ୍ରମଣର ପ୍ରବାହ ଚଲାଇ ଆସିଛନ୍ତି; କିନ୍ତୁ ଆଜି ସେମାନେ କାହାନ୍ତି ? ସବୁ ଧର୍ମ ହିଁ ଚୂଡ଼ାନ୍ତ ଦୃଷ୍ଟିରେ ଯାହା ଦେଖିଥାଏ, ତାହା ହେଲା ଗୋଟିଏ ଚୈତନ୍ୟସତ୍ତା । କୌଣସି ଧର୍ମ ହିଁ ଏହା ଉପରେ ଆଉ କିଛି ଶିକ୍ଷା ଦେଇପାରେ ନାହିଁ । ପ୍ରତ୍ୟେକ ଧର୍ମର ହିଁ ଗୋଟିଏ ମୁଖ୍ୟ ସତ୍ୟ ଅଛି, ଏବଂ କେତେକ ଗୌଣଭାବ ଏହାକୁ ଆଚ୍ଛାଦନ କରି ରଖିଛି । ଯେପରି ଗୋଟିଏ ମଣି ଏକ ପେଟିକା ମଧ୍ୟରେ ରଖାହୋଇଛି । ମୁଖ୍ୟ ସତ୍ୟଟି ହେଲା ମଣି, ଗୌଣଭାବ ଗୁଡ଼ିକ ପେଟିକାସ୍ୱରୂପ । ଇହୁଦୀଙ୍କର ଶାସ୍ତ୍ର ବା ହିନ୍ଦୁଙ୍କର ଧର୍ମଗ୍ରନ୍ଥକୁ ମାନିନେଲା—ଏହା ଗୌଣ ବିଷୟ ।

ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ଘଟିଲେ ଧର୍ମର ମୂଳ ସତ୍ୟର ଆଧାରଟିର ମଧ୍ୟ ପରିବର୍ତ୍ତନ ହୁଏ; କିନ୍ତୁ ମୂଳସତ୍ୟ ଅପରିବର୍ତ୍ତିତ ରହିଯାଏ । ପ୍ରତ୍ୟେକ ଧର୍ମସମ୍ପ୍ରଦାୟରେ ଯେଉଁମାନେ ଶିକ୍ଷିତ ବ୍ୟକ୍ତି ସେମାନେ ଧର୍ମର ମୂଳ ସତ୍ୟକୁ ଧରିଥାଆନ୍ତି । ଶୁକ୍ତିର ବାହାରର ଆବରଣଟି ସୁନ୍ଦର ନୁହେଁ । ତେବେ ସେହି ଆବରଣ ମଧ୍ୟରେ ତ ମୁକ୍ତା ରହିଛି । ପୃଥିବୀର ସମୁଦାୟ ଜନସଂଖ୍ୟାର ଗୋଟିଏ ଅଳ୍ପ ଅଂଶମାତ୍ର ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପୂର୍ବରୁ ଏହି ଧର୍ମ ବହୁ ମତବାଦରେ ବିଭକ୍ତ ହୋଇଯିବ । ଏହା ହିଁ ପ୍ରକୃତିର ନିୟମ । ପୃଥିବୀର ନାନା ଧର୍ମକୁ ନେଇ ଯେଉଁ ଏକ ମହାନ୍ ଐକ୍ୟତାନ ବାଦ୍ୟ ଚାଲିଛି, ତାହା ମଧ୍ୟରୁ କେବଳ ଗୋଟିଏ ମାତ୍ର ଯନ୍ତ୍ରକୁ ସ୍ୱୀକାର କରିବାକୁ ଚାହୁଁଛ କାହିଁକି ? ସମଗ୍ର ବାଦ୍ୟଟିକୁ ହିଁ ଚାଲିବାକୁ ଦିଅ । ବକ୍ତା ବିଶେଷ ଜୋର୍ ଦେଇ କହିଲେ : ପବିତ୍ର ହୁଅ, କୁସଂସ୍କାର ଛାଡ଼ି ଦେଇ ପ୍ରକୃତିର ଆଶ୍ଚର୍ଯ୍ୟ ସମନ୍ୱୟ ଦେଖିବାକୁ ଚେଷ୍ଟା କର । କୁସଂସ୍କାର ହିଁ ଧର୍ମକୁ ଅତିକ୍ରମ କରି ଗଣ୍ଡଗୋଳ ସୃଷ୍ଟି କରେ । ସବୁ ଧର୍ମ ଭଲ, କାରଣ ମୂଳତତ୍ତ୍ୱ ସବୁର ଏକ । ପ୍ରତ୍ୟେକ ମନୁଷ୍ୟ ତାହାର ବ୍ୟକ୍ତିତ୍ୱର ପୂର୍ଣ୍ଣ ବ୍ୟବହାର କରୁ, କିନ୍ତୁ ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ସକଳ ପୃଥକ୍ ବ୍ୟକ୍ତିକୁ ନେଇ ଏକ ସୁସମଞ୍ଜସ ସମଷ୍ଟି ଗଠିତ ହୁଏ । ଏହି ଆଶ୍ଚର୍ଯ୍ୟ ସାମଞ୍ଜସ୍ୟର ଅବସ୍ଥା ପୂର୍ବରୁ ହିଁ ରହିଅଛି । ପ୍ରତ୍ୟେକଟି ଧର୍ମମତ ସମ୍ପୂର୍ଣ୍ଣ ଧର୍ମ-ସୌଧଟିର ଗଠନରେ କିଛି ନା କିଛି ଯୋଗ କରିଛି ।

* ——*

ବକ୍ତା ତାଙ୍କ ଭାଷଣରେ ସବୁବେଳେ ତାଙ୍କ ସ୍ୱଦେଶର ଧର୍ମସମୂହର ସମର୍ଥନ କରିଥିଲେ । ସେ କହିଲେ, ରୋମାନ୍ କ୍ୟାଥଲିକ୍ ସମ୍ପ୍ରଦାୟର ଯାବତୀୟ ଖ୍ରୀଷ୍ଟମତ ଯେ ବୌଦ୍ଧମାନଙ୍କର ଗ୍ରନ୍ଥରୁ ନିଆଯାଇଛି—ଏହା ପ୍ରମାଣିତ ହୋଇଛି । ନୈତିକତାର ଉଚ୍ଚ ମାନ ଏବଂ ପବିତ୍ର ଜୀବନର ଯେଉଁ ଆଦର୍ଶ ବୁଦ୍ଧଙ୍କ ଉପଦେଶରୁ ମିଳେ, ବକ୍ତା କିଛି ସମୟ ତାହାର ବର୍ଣ୍ଣନା କରିଥିଲେ; ତେବେ ସେ କହିଲେ ଯେ, ବ୍ୟକ୍ତି-ଈଶ୍ୱରଙ୍କଠାରେ ବିଶ୍ୱାସ ସମ୍ପର୍କରେ ବୌଦ୍ଧଧର୍ମରେ ଅଜ୍ଞେୟବାଦ ହିଁ ପ୍ରବଳ । ବୁଦ୍ଧଙ୍କ ଶିକ୍ଷାର ପ୍ରଧାନ କଥା ହେଲା—'ସତ୍ତ୍ୱ ହୁଅ, ନୀତିପରାୟଣ ହୁଅ, ପୂର୍ଣ୍ଣତା ଲାଭ କର ।'

## ସୁଦୂର ଭାରତବର୍ଷରୁ

'ସ୍ୟାଗିନ୍ କୁଇଅର୍ ହେରଲ୍ଡ', ୨୨ ମାର୍ଚ୍ଚ ୧୮୯୪

ହିନ୍ଦୁ ପ୍ରଚାରକ କାନନ୍ଦଙ୍କର ସ୍ୟାଗିନ୍ ସହରକୁ ଆଗମନ ଏବଂ ଏକାଡେମିରେ ମନୋଜ୍ଞ ବାକ୍ୟାଳାପ ।

ଗତ ସନ୍ଧ୍ୟାରେ ହୋଟେଲ ଭିନ୍‌ସେଣ୍ଟର ଲବିରେ ଜନୈକ ବଳିଷ୍ଠ ସୁଗଠିତ ଭଦ୍ରଲୋକ ବସିଥିଲେ । ଗାତ୍ରର ଶ୍ୟାମବର୍ଣ୍ଣ ସହିତ ତାଙ୍କର ମୁକ୍ତାଧବଳ ଦନ୍ତ ଖୁବ୍ ଉଜ୍ଜ୍ୱଳ ଦେଖାଯାଉଥିଲା । ଚଉଡ଼ା ଏବଂ ଉଚ୍ଚ କପାଳତଳେ ତାଙ୍କର ଆଖି ଦୁଇଟି ତୀକ୍ଷ୍ଣ ବୁଦ୍ଧିର ପରିଚୟ ଦେଉଥିଲା । ଏହି ଭଦ୍ରଲୋକ ହେଲେ ହିନ୍ଦୁଧର୍ମର ପ୍ରଚାରକ ସ୍ୱାମୀ ବିବେ କାନନ୍ଦ । ମିଃ କାନନ୍ଦ ଶୁଦ୍ଧ ଏବଂ ବ୍ୟାକରଣସମ୍ମତ ଇଂରାଜୀରେ କଥାବାର୍ତ୍ତା କରୁଥିଲେ । ତାଙ୍କର ଉଚ୍ଚାରଣରେ ଈଷତ୍ ବିଦେଶୀ ଢଙ୍ଗଟି ବେଶ୍ ଚିତ୍ତାକର୍ଷକ । ଡେଟ୍ରୟେଟର ସମ୍ବାଦପତ୍ରସମୂହ ଯେଉଁମାନେ ପଢ଼ନ୍ତି, ସେମାନେ ଅବଗତ ଅଛନ୍ତି ଯେ, ମିଃ କାନନ୍ଦ ଏହି ସହରରେ ଅନେକ ବକ୍ତୃତା ଦେଇଥିଲେ ଏବଂ ତାଙ୍କର ଖ୍ରୀଷ୍ଟାନ୍‌ମାନଙ୍କ ପ୍ରତି କଟାକ୍ଷ ନିମିତ୍ତ କେହି କେହି ତାଙ୍କ ଉପରେ ରୁଷ୍ଟ ମଧ୍ୟ ହୋଇଥିଲେ । ମିଃ କାନନ୍ଦ କାଲି ଏକାଡେମିରେ ବକ୍ତୃତା ଦେବାକୁ ଯିବା ପୂର୍ବରୁ 'କୁଇଆର୍ ହେରଲ୍ଡ'ର ପ୍ରତିନିଧି ତାଙ୍କ ସହିତ କେତେକ ମିନିଟ୍ ପାଇଁ କଥୋପକଥନର ସୁଯୋଗ ପାଇଥିଲେ । ମିଃ କାନନ୍ଦ କହିଲେ, 'ଆଜିକାଲି ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସତ୍ୟ ଓ ନ୍ୟାୟର ପଥରୁ କିଭଳି ବିଚ୍ୟୁତି ଘଟୁଛି, ତାହା ଦେଖି ସେ ଅବାକ୍ ହୋଇଛନ୍ତି; ତେବେ ସକଳ ଧର୍ମ-ସମ୍ପ୍ରଦାୟ ମଧ୍ୟରେ ଭଲମନ୍ଦ ଉଭୟ ଅଛି ।' ମିଃ କାନନ୍ଦଙ୍କର ଗୋଟିଏ ଉକ୍ତି ନିଶ୍ଚିତ ଭାବରେ ଆମେରିକାନ୍ ଆଦର୍ଶର ବିରୋଧୀ । ସେ ଆମ ଦେଶର ପ୍ରତିଷ୍ଠାନସମୂହ ପର୍ଯ୍ୟବେକ୍ଷଣ କରୁଛନ୍ତି କି ନାହିଁ ପଚାରିବାରୁ ସେ କହିଲେ, 'ନା, ମୁଁ ଜଣେ ପ୍ରଚାରକ ମାତ୍ର ।' ଏହା କୌତୂହଳର ଅଭାବ ଓ ସଙ୍କୀର୍ଣ୍ଣତାର ପରିଚାୟକ ଏବଂ ଧର୍ମତତ୍ତ୍ୱାଭିଜ୍ଞ ଏହି ବୌଦ୍ଧ ପ୍ରଚାରକଙ୍କ ସହିତ ଯେପରି କି ଖାପ ଖାଉ ନାହିଁ ।

ଏକାଡେମି ହୋଟେଲର ଖୁବ୍ ନିକଟରେ । ୮ଟା ସମୟରେ ହେଲେଣ୍ଡ କୋନର୍ ତାଙ୍କୁ ନାତିବୃହତ୍ ଶ୍ରୋତୃମଣ୍ଡଳୀ ସହିତ ପରିଚିତ କରାଇଦେଲେ । ବକ୍ତା ଗୋଟିଏ ଲମ୍ବା

ଅଲଖାଲ୍ଲା ପିନ୍ଧି ଯାଇଥିଲେ, ଏହାର କଟିବନ୍ଧଟି ଲାଲବର୍ଣ୍ଣର । ତାଙ୍କର ମୁଣ୍ଡରେ ପଗଡ଼ି ଥିଲା । ଏକ ଅପ୍ରଶସ୍ତ ଶାଲ ଗୁଡ଼ାଇ ଗୁଡ଼ାଇ ବୋଧହୁଏ ଏହା ଗଠିତ ହୋଇଥିଲା ।

ଭାଷଣର ପ୍ରାରମ୍ଭରେ ହିଁ ବକ୍ତା କହି ଦେଇଥିଲେ ଯେ, ସେ ମିଶନାରୀରୂପେ ଏଠାକୁ ଆସି ନାହାନ୍ତି, ବୌଦ୍ଧମାନେ (ହିନ୍ଦୁମାନେ) ଅପରଧର୍ମ-ବିଶ୍ୱାସର ଲୋକଙ୍କୁ ସ୍ୱମତକୁ ଆଣିବା ପାଇଁ ଚେଷ୍ଟା କରନ୍ତି ନାହିଁ । ତାଙ୍କ ବକ୍ତୃତାର ବିଷୟ ହେଲା—'ଧର୍ମସମୂହର ସମନ୍ୱୟ' । ମିଃ କାନନ୍ଦ କହିଲେ, ପ୍ରାଚୀନ କାଳରେ ଏପରି ବହୁଧର୍ମ ଥିଲା—ଯାହାର କି ଆଜି କୌଣସି ଅସ୍ତିତ୍ୱ ନାହିଁ । ଭାରତବାସୀଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ହେଉଛନ୍ତି ବୌଦ୍ଧ (ହିନ୍ଦୁ), ଅବଶିଷ୍ଟ ତୃତୀୟାଂଶ ଅନ୍ୟାନ୍ୟ ନାନା ଧର୍ମର ଅନୁଗାମୀ । ବୌଦ୍ଧମତରେ ମୃତ୍ୟୁ ପରେ ମନୁଷ୍ୟର ନରକରେ ଶାସ୍ତି-ଭୋଗର କୌଣସି ସ୍ଥାନ ନାହିଁ । ଏହିଠାରେ ଖ୍ରୀଷ୍ଟାନ୍‌ମାନଙ୍କ ମତରୁ ଏହାର ପାର୍ଥକ୍ୟ । ଖ୍ରୀଷ୍ଟାନ୍‌ମାନେ ଇହଲୋକରେ ମନୁଷ୍ୟକୁ ପାଞ୍ଚ ମିନିଟ ପାଇଁ କ୍ଷମା କରି ପାରନ୍ତି; କିନ୍ତୁ ପରଲୋକରେ ତାହା ପାଇଁ ଅନନ୍ତ ନରକର ବ୍ୟବସ୍ଥା କରନ୍ତି । ମାନବର ବିଶ୍ୱଜନୀନ ଭ୍ରାତୃତ୍ୱର ଶିକ୍ଷା ବୁଦ୍ଧ ହିଁ ପ୍ରଥମେ ଦେଇଛନ୍ତି । ବର୍ତ୍ତମାନ କାଳରେ ବୌଦ୍ଧଧର୍ମର ଏହା ଗୋଟିଏ ପ୍ରଧାନ ନୀତି । ଖ୍ରୀଷ୍ଟାନ୍‌ମାନେ ଏହା ପ୍ରଚାର କରନ୍ତି ସତ; କିନ୍ତୁ କାର୍ଯ୍ୟରେ ଅଭ୍ୟାସ କରନ୍ତି ନାହିଁ ।

ଉଦାହରଣସ୍ୱରୂପ ସେ ଏହି ଦେଶର ଦକ୍ଷିଣାଞ୍ଚଳରେ ନିଗ୍ରୋଗଣଙ୍କର ଅବସ୍ଥା ବିଷୟ ଉଲ୍ଲେଖ କରିଥିଲେ । ସେମାନଙ୍କୁ ଶ୍ୱେତକାୟଗଣଙ୍କ ସହିତ ଏକ ହୋଟେଲରେ ସ୍ଥାନ ବା ଏକ ଗାଡ଼ିରେ ଚଢ଼ିବାକୁ ଦିଆଯାଏ ନାହିଁ । କୌଣସି ଭଦ୍ରଲୋକ ସେମାନଙ୍କ ସହିତ କଥା କହନ୍ତି ନାହିଁ । ବକ୍ତା କହିଲେ, ସେ ଦକ୍ଷିଣକୁ ଯାଇଛନ୍ତି ଏବଂ ନିଜର ପ୍ରତ୍ୟକ୍ଷ ଜ୍ଞାନ ଓ ପର୍ଯ୍ୟବେକ୍ଷଣଦ୍ୱାରା ଏହା କହୁଛନ୍ତି ।

## ଆମର ହିନ୍ଦୁ ଭ୍ରାତାମାନଙ୍କ ସହିତ ଗୋଟିଏ ସନ୍ଧ୍ୟା

'ନର୍ଦ୍ଦାମ୍ପଟନ୍ ଡେଲି ହେରାଲ୍ଡ', ୧୬ ଏପ୍ରିଲ ୧୮୯୪

ସ୍ୱାମୀ ବିବେକାନନ୍ଦ ନିଶ୍ଚିତରୂପେ ପ୍ରମାଣ କରିଦେଇଛନ୍ତି ଯେ, ସମୁଦ୍ରର ଅନ୍ୟ ପାଖରେ ଆମର ଯେଉଁସବୁ ପ୍ରତିବେଶୀ ଅଛନ୍ତି, ଏପରି କି ଯେଉଁମାନେ ସୁଦୂରତମ ଅଞ୍ଚଳର ବାସିନ୍ଦା, ସେମାନେ ମଧ୍ୟ ଆମର ନିକଟସମ୍ପର୍କୀୟ ଆତ୍ମୀୟ—କେବଳ ଧର୍ମ, ଭାଷା, ଆଚାର-ବ୍ୟବହାର ଏବଂ ଧର୍ମରେ ଯାହା ସାମାନ୍ୟ କିଛିଏ ପାର୍ଥକ୍ୟ ରହିଛି । ଏହି ବାଗ୍ମୀ ହିନ୍ଦୁ ସନ୍ନ୍ୟାସୀ ଗତ ଶନିବାର ସନ୍ଧ୍ୟାରେ ସିଟି ହଲରେ ତାଙ୍କର ବକ୍ତୃତାର ଉପକ୍ରମଣିକାସ୍ୱରୂପ ଭାରତୀୟ ଏବଂ ପୃଥିବୀର ଅନ୍ୟାନ୍ୟ ଜାତିର ଉତ୍ପତ୍ତି ସମ୍ବନ୍ଧରେ ଏକ ଐତିହାସିକ ଚିତ୍ର ଦେଇଥିଲେ । ସେଥିରେ ଏହା ହିଁ ପ୍ରତିପାଦିତ ହେଲା ଯେ, ଅନେକେ ଯଥେଷ୍ଟ ଜାଣିଲେ ମଧ୍ୟ ବା ଅସ୍ୱୀକାର କଲେ ମଧ୍ୟ ଜାତିସମୂହର ପାରସ୍ପରିକ ସାଦୃଶ୍ୟ ଓ ସମ୍ପର୍କ ଏକ ସୁସ୍ପଷ୍ଟ ସତ୍ୟ ଘଟଣା ।

ଏହା ପରେ ବକ୍ତା ମନୋଜ୍ଞ ଓ ପ୍ରାଞ୍ଜଳ କଥୋପକଥନ ଛଳରେ ହିନ୍ଦୁ ଜନଗଣଙ୍କର କେତେକ ଆଚାରବ୍ୟବହାର ସମ୍ବନ୍ଧରେ ଆଲୋଚନା କରିଥିଲେ । ଶ୍ରୋତୃବୃନ୍ଦ ମଧ୍ୟରେ ଯେଉଁମାନଙ୍କର ଆଲୋଚ୍ୟ ବିଷୟଟି ସମ୍ବନ୍ଧରେ ସ୍ୱାଭାବିକ ବା ଅନୁଶୀଳିତ ଅନୁରାଗ ଅଛି, ସେମାନେ ବକ୍ତା ଓ ତାଙ୍କର ଚିନ୍ତାଧାରା ପ୍ରତି ନାନା କାରଣରୁ ବିଶିଷ୍ଟ ଆକୃଷ୍ଟ ହୋଇଥିଲେ; କିନ୍ତୁ ଅନ୍ୟାନ୍ୟମାନଙ୍କଠାରେ ବକ୍ତା ନୈରାଶ୍ୟ ହିଁ ଉଦ୍‌ବୁଦ୍ଧ କରିଥିଲେ, କାରଣ ତାଙ୍କର ଆଲୋଚନାର ସୀମା ଆହୁରି ବିସ୍ତୃତ ହେବା ଉଚିତ ଥିଲା । ଆମେରିକାର ବକ୍ତୃତାମଞ୍ଚ ପକ୍ଷରେ ବକ୍ତୃତାଟି ଅତ୍ୟନ୍ତ ଦୀର୍ଘ ହେବା ସତ୍ତ୍ୱେ ହିନ୍ଦୁମାନଙ୍କର 'ଆଚାରବ୍ୟବହାର' ସମ୍ବନ୍ଧରେ ସାମାନ୍ୟ ମାତ୍ର କୁହା ହୋଇଥିଲା । ଏହି ପ୍ରାଚୀନତମ ଜାତିର ବର୍ତ୍ତମାନର ଜଣେ ସୁଯୋଗ୍ୟ ପ୍ରତିନିଧିଙ୍କ ମୁଖରୁ ଏହି ଜାତିର ବ୍ୟକ୍ତିଗତ, ନାଗରିକ, ସାମାଜିକ, ପାରିବାରିକ ଏବଂ ଧର୍ମସମ୍ବନ୍ଧୀୟ ଆହୁରି ଅନେକ କିଛି ତଥ୍ୟ ଶୁଣିବାକୁ ପାଇଥିଲେ ସମସ୍ତେ ସୁଖୀ ହୋଇଥାନ୍ତେ । ମାନବ-ପ୍ରକୃତି ସମ୍ବନ୍ଧରେ ଯେଉଁମାନେ ଜିଜ୍ଞାସୁ, ସେମାନଙ୍କ ନିକଟରେ ଏହି ବିଷୟଟି ଖୁବ୍ ଚିତ୍ତାକର୍ଷକ, ଯଦିଓ ଏ ଦିଗରେ ସେମାନଙ୍କର ଜ୍ଞାନ ଖୁବ୍ ସୀମାବଦ୍ଧ ।

ହିନ୍ଦୁ ବାଳକର ଜନ୍ମଠାରୁ ବକ୍ତା ହିନ୍ଦୁ-ଜୀବନର ପ୍ରସଙ୍ଗ ଆରମ୍ଭ କରିଥିଲେ । ତା'ପରେ ବିଦ୍ୟାରମ୍ଭ ଓ ବିବାହ । ହିନ୍ଦୁଙ୍କର ପାରିବାରିକ ଜୀବନର ଉଲ୍ଲେଖ ସାମାନ୍ୟ କରା ହୋଇଥିଲା ଯଦିଓ ଲୋକେ ଆହୁରି ବେଶୀ ଶୁଣିବା ପାଇଁ ଆଶା କରିଥିଲେ । ବକ୍ତା ଘନ ଘନ ସମାଜ, ନୀତି ଓ ଧର୍ମ ଦୃଷ୍ଟିରୁ ଭାରତୀୟ ଜାତିର ଚିନ୍ତା ଓ କାର୍ଯ୍ୟଧାରା ସହିତ ଇଂରେଜଭାଷୀ ଜାତିସମୂହର ଭାବ ଓ ଆଚରଣର ତୁଳନାମୂଳକ ମନ୍ତବ୍ୟରେ ବ୍ୟାପୃତ ହୋଇଥିଲେ । ତାଙ୍କର ସିଦ୍ଧାନ୍ତ ପ୍ରାୟ ସବୁ କ୍ଷେତ୍ରରେ ଭାରତର ଅନୁକୂଳରେ ଉପସ୍ଥାପିତ ହେଉଥିଲା । ତେବେ ତାଙ୍କର ପ୍ରକାଶଭଙ୍ଗୀ ଅତି ବିନୀତ, ସହୃଦୟ ଓ ଭଦ୍ର । ଶ୍ରୋତୃମଣ୍ଡଳୀ ମଧ୍ୟରେ କେହି କେହି ଥିଲେ, ଯେଉଁମାନେ କି ହିନ୍ଦୁଜାତିର ସକଳ ଶ୍ରେଣୀର ସାମାଜିକ ଓ ପାରିବାରିକ ଅବସ୍ଥା ସମ୍ବନ୍ଧରେ ମୋଟାମୋଟି ଜାଣିଥିଲେ । ବକ୍ତାଙ୍କର ଆଲୋଚିତ ଅନେକଗୁଡ଼ିଏ ବିଷୟରେ ତାଙ୍କୁ ଗୋଟିଏ ଦୁଇଟି ପ୍ରତିପ୍ରଶ୍ନ କରିବାର ଇଚ୍ଛା ସେମାନଙ୍କ ପକ୍ଷରେ ସ୍ୱାଭାବିକ । ଉଦାହରଣସ୍ୱରୂପ କୁହାଯାଇପାରେ ଯେ, ବକ୍ତା ଯେତେବେଳେ ଚମତ୍କାର ବାଗ୍ମିତା ସହକାରେ ନାରୀଜାତିକୁ ଦିବ୍ୟ ମାତୃତ୍ୱର ଦୃଷ୍ଟିରେ ଦେଖୁଥିବା ହିନ୍ଦୁମାନଙ୍କର ଏହି ଭାବଟି ବର୍ଣ୍ଣନା କରୁଥିଲେ—କହୁଥିଲେ, ଭାରତରେ ନାରୀ ଚରିତ୍ର ଶ୍ରଦ୍ଧାର ପାତ୍ରୀ ଏବଂ ଏପରିକି କୌଣସି କୌଣସି ସମୟରେ ଯେଉଁ ଗଭୀର ବିଶ୍ୱାସ ଓ ଭକ୍ତିସହକାରେ ସେମାନେ ପୂଜିତ ହୁଅନ୍ତି, ତାହା ସ୍ତ୍ରୀଜାତି ପ୍ରତି ମହତ୍ତମ ସମ୍ମାନସମ୍ପନ୍ନ, ଯାହାକି ଆମେରିକାନ୍ ପୁତ୍ର, ସ୍ୱାମୀ ଓ ପିତାମାନେ କଳ୍ପନା ମଧ୍ୟ କରିପାରିବେ ନାହିଁ—ସେତେବେଳେ ବକ୍ତାଙ୍କୁ କେହି ପଚାରି ପାରିଥାନ୍ତେ ଯେ, ଏହି ସୁନ୍ଦର ଉଚ୍ଚ ଆଦର୍ଶଟି କାର୍ଯ୍ୟତଃ ହିନ୍ଦୁମାନଙ୍କ ଗୃହରେ ସ୍ତ୍ରୀ, ଜନନୀ, କନ୍ୟା ଏବଂ ଭଗିନୀମାନଙ୍କ ପ୍ରତି କେତେଦୂର ପ୍ରୟୋଗ କରାହୋଇଥାଏ ।

ବକ୍ତା ଶ୍ୱେତକାୟ ୟୁରୋପୀୟ ଓ ଆମେରିକାନ୍ ଜାତିମାନଙ୍କର ବିଳାସ-ବ୍ୟସନ, ସ୍ୱାର୍ଥପରତା ଏବଂ କାଞ୍ଚନ-କୌଳିନ୍ୟର ସମାଲୋଚନା କରି ଏହାର ବିଷମୟ ନୈତିକ

ଓ ସାମାଜିକ ପରିଣାମର କଥା କହିଥିଲେ । ତାଙ୍କର ଏହି ସମାଲୋଚନା ସମ୍ପୂର୍ଣ୍ଣ ନ୍ୟାଯ୍ୟ ଏବଂ ସେ ଏହା ଅତି ସୁନ୍ଦରଭାବରେ ପ୍ରକାଶ କରିଥିଲେ । ଧୀର, ମୃଦୁ, ଶାନ୍ତ, ଅନୁତ୍ତେଜିତ ଏବଂ ମଧୁରକଣ୍ଠରେ ବକ୍ତା ତାଙ୍କର ଚିନ୍ତାରାଜିକୁ ଯେଉଁ ବାକ୍ୟରେ ଆକାର ଦେଉଥିଲେ, ତାହା ମଧ୍ୟରେ ଥିଲା ପ୍ରଚଣ୍ଡତମ ଭାସାର ଶକ୍ତି ଓ ଅଗ୍ନି-ତେଜ ଏବଂ ଏହା ସିଧା ସଳଖଭାବରେ ତାଙ୍କର ଅଭିପ୍ରେତ ବିଷୟକୁ ବ୍ୟକ୍ତ କରୁଥିଲା । ଯୀଶୁଖ୍ରୀଷ୍ଟଙ୍କର ଇହୁଦୀମାନଙ୍କ ପ୍ରତି ଉଗ୍ର କଟୂକ୍ତି କଥା ମନେ ପଡ଼ୁଥିଲା; କିନ୍ତୁ ଅଭିଜାତ-କୁଳୋଦ୍ଭବ, ଚରିତ୍ର ଏବଂ ଶିକ୍ଷାଦୀକ୍ଷାରେ ଉନ୍ନତ ଏହି ହିନ୍ଦୁ ମହୋଦୟ, ମଝିରେ ମଝିରେ ଯେତେବେଳେ କେତେକାଂଶରେ ନିଜର ଅଜ୍ଞାତରେ ମୂଳ ବକ୍ତବ୍ୟରୁ ଅପସରି ଯାଇ ପ୍ରମାଣ କରିବାକୁ ଚେଷ୍ଟା କରୁଥିଲେ ଯେ, ପୃଥିବୀରେ ଉପଯୋଗିତା ଦୃଷ୍ଟିରୁ ତାଙ୍କର ସ୍ୱଜାତିର ଧର୍ମ—ଯାହା ସୁସ୍ପଷ୍ଟଭାବେ ଆତ୍ମକୈନ୍ଦ୍ରିକ, ସ୍ୱାର୍ଥାନ୍ୱେଷୀ ପ୍ରଧାନତଃ ନିଜକୁ ବଞ୍ଚାଇବାରେ ବ୍ୟସ୍ତ, ନେତିମୂଳକ, ନିଶ୍ଚେଷ୍ଟ ଓ କର୍ମବିମୁଖ—ଖ୍ରୀଷ୍ଟଧର୍ମ ନାମରେ ପରିଚିତ ପ୍ରାଣବନ୍ତ, ଉଦ୍ୟମଶୀଳ, ଆତ୍ମତ୍ୟାଗୀ, ସର୍ବଦା ପରହିତବ୍ରତୀ, ପୃଥିବୀର ସର୍ବତ୍ର ପ୍ରସାରଶୀଳ କର୍ମତତ୍ପର ଧର୍ମଠାରୁ ପୃଥିବୀରେ ଉପଯୋଗିତା ଦୃଷ୍ଟିରୁ ଉତ୍କୃଷ୍ଟ—ସେତେବେଳେ ତାଙ୍କର ଏହି ପ୍ରଚେଷ୍ଟା ଏକ ବଡ଼ ଧରଣର ଭୁଲ୍ ପରି ବୋଧ ହୋଇଥିଲା । ଖ୍ରୀଷ୍ଟଧର୍ମାବଲମ୍ବୀ ଅବିବେକୀ ରକ୍ଷଣଶୀଳମାନେ ଯେତେ ଶୋଚନୀୟ ଓ ଲଜ୍ଜାକର ଭୁଲ କରିଥାଆନ୍ତୁ ନା କାହିଁକି, ଏହା ତ ସତ୍ୟ ଯେ ପୃଥିବୀରେ ଯେତେ ନୈତିକ, ଆଧ୍ୟାତ୍ମିକ ଏବଂ ଲୋକହିତକର କାର୍ଯ୍ୟ ଦେଖିବାକୁ ମିଳେ, ତାହାର ନଅ-ଦଶମାଂଶ ଏହି ଧର୍ମର ନାମରେ ହିଁ ସମ୍ପନ୍ନ ହୋଇଛି ।

କିନ୍ତୁ ସ୍ୱାମୀ ବିବେକାନନ୍ଦଙ୍କୁ ଦେଖିବା ଓ ତାଙ୍କର କଥା ଶୁଣିବାର ସୁଯୋଗ କୌଣସି ବୁଦ୍ଧିମାନ ଓ ପକ୍ଷପାତଶୂନ୍ୟ ଆମେରିକାନ୍ଙ୍କର ତ୍ୟାଗ କରିବା ଉଚିତ ନୁହେଁ । ଯେଉଁ ଜାତି ତାହାର ଆୟୁକାଳ ଆମପରି ଶତାବ୍ଦୀରେ ନ ମାପି ହଜାର ବର୍ଷରେ ଗଣନା କରନ୍ତି, ସେହି ଜାତିର ମାନସିକ, ନୈତିକ ଏବଂ ଆଧ୍ୟାତ୍ମିକ ସଂସ୍କୃତିର ଏକ ଅତ୍ୟୁଜ୍ଜ୍ୱଳ ନିଦର୍ଶନ ହେଲେ ସ୍ୱାମୀ ବିବେକାନନ୍ଦ । ତାଙ୍କ ସହିତ ପରିଚୟ ପ୍ରତ୍ୟେକଙ୍କ ପକ୍ଷରେ ପ୍ରଚୁର ଲାଭ-ଜନକ । ରବିବାର ଅପରାହ୍ନରେ ଏହି ବିଶିଷ୍ଟ ହିନ୍ଦୁ ସ୍ମିଥ୍ କଲେଜର ଛାତ୍ରଗଣଙ୍କ ନିକଟରେ 'ଈଶ୍ୱରଙ୍କର ପିତୃଭାବ ଏବଂ ମାନବର ଭ୍ରାତୃତ୍ୱ' ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ଶ୍ରୋତୃବର୍ଗଙ୍କ ହୃଦୟରେ ଏହି ଭାଷଣ ଗଭୀର ରେଖାପାତ କରିଥିଲା । ବକ୍ତାଙ୍କର ସମଗ୍ର ଚିନ୍ତାଧାରାରେ ଉଦାରତମ ବଦାନ୍ୟତା ଏବଂ ଯଥାର୍ଥ ଧର୍ମପ୍ରବଣତା ପରିସ୍ଫୁଟ, ଏହା ପ୍ରତ୍ୟେକେ କହୁଥିଲେ ।

## 'ସ୍ମିଥ୍ କଲେଜ ମାସିକ', ମେ ୧୮୯୪

ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ—ଯାହାଙ୍କର ବ୍ରାହ୍ମଣ୍ୟ ଧର୍ମର ପାଣ୍ଡିତ୍ୟପୂର୍ଣ୍ଣ ବ୍ୟାଖ୍ୟାନ ଚିକାଗୋ ଧର୍ମ-ମହାସମ୍ମିଳନୀରେ ପ୍ରଭୂତ ପ୍ରଶଂସାସୂଚକ ମନ୍ତବ୍ୟର ସୃଷ୍ଟି

କରିଥିଲେ—ସେ ଏପ୍ରିଲ ୧୫ ତାରିଖ ରବିବାର ଦିନ କଲେଜର ସାନ୍ଧ୍ୟ ଉପାସନାରେ ବକ୍ତୃତା ଦେଇଥିଲେ । ଆମେମାନେ ମନୁଷ୍ୟର ସୌଭ୍ରାତ୍ର ଏବଂ ଈଶ୍ୱରଙ୍କର ପିତୃତ୍ୱ ସମ୍ବନ୍ଧରେ ବହୁକଥା କହିଥାଉଁ; କିନ୍ତୁ ଏହି ଶବ୍ଦଗୁଡ଼ିକର ପ୍ରକୃତ ତାତ୍ପର୍ଯ୍ୟ ଅଳ୍ପ ଲୋକେ ହିଁ ହୃଦୟଙ୍ଗମ କରିଥାନ୍ତି । ମାନବାତ୍ମା ଯେତେବେଳେ ବିଶ୍ୱପିତାଙ୍କର ଏତେ ସନ୍ନିକଟକୁ ଆସେ ଯେ, ଦ୍ୱେଷ ହିଂସା ଏବଂ ନିଜର ଶ୍ରେଷ୍ଠତ୍ୱର କ୍ଷୁଦ୍ର ଭାବସମୂହ ତିରୋହିତ ହୁଏ (କାରଣ ମନୁଷ୍ୟର ସ୍ୱରୂପ ଏସବୁର ଅନେକ ଊର୍ଦ୍ଧ୍ୱରେ), ସେତେବେଳେ ହିଁ ଯଥାର୍ଥ ବିଶ୍ୱଭ୍ରାତୃତ୍ୱ ସମ୍ଭବପର । ଆମମାନଙ୍କର ସତର୍କ ରହିବା ଉଚିତ, ଯେପରି କି ଆମେମାନେ ହିନ୍ଦୁମାନଙ୍କର ଗଳ୍ପରେ ବର୍ଣ୍ଣିତ 'କୂପମଣ୍ଡୂକ' ହୋଇ ନ ପଡ଼ୁ । ଗୋଟିଏ ବେଙ୍ଗ ବହୁବର୍ଷ ଧରି ଗୋଟିଏ କୂପ ମଧ୍ୟରେ ବାସ କରୁଥିଲା । ଅବଶେଷରେ କୂପ ବାହାରେ ଯେଉଁ ଖୋଲା ଜାଗା ଅଛି, ଏହା ସେ ଭୁଲିଗଲା ଏବଂ ତାହାର ଅସ୍ତିତ୍ୱ ଅସ୍ୱୀକାର କରିବାକୁ ଲାଗିଲା ।

## ଭାରତ ଓ ହିନ୍ଦୁଧର୍ମ ସମ୍ବନ୍ଧରେ

'ନ୍ୟୁୟର୍କ ଡେଲି ଟ୍ରିବ୍ୟୁନ୍', ୨୫ ଏପ୍ରିଲ ୧୮୯୪

ଗତ ସନ୍ଧ୍ୟାରେ ସ୍ୱାମୀ ବିବେକାନନ୍ଦ ଉଆଲ୍‌ଡର୍ଫ ହୋଟେଲରେ ମିସେସ୍ ଆର୍ଥର ସ୍ମିଥଙ୍କର 'କଥୋପକଥନ-ଚକ୍ର'ରେ 'ଭାରତ ଓ ହିନ୍ଦୁଧର୍ମ ସମ୍ବନ୍ଧରେ' ବକ୍ତୃତା ଦେଇଥିଲେ । ଗାୟିକା ମିସ୍ ସାରି ହାମବର୍ଟ ଓ ମିସ୍ ଆନି ଉଇଲ୍‌ସନ୍ ସଙ୍ଗୀତ ପରିବେଷଣ କରିଥିଲେ । ବକ୍ତା ଗୋଟିଏ କମଳାଲେମ୍ବୁ ରଙ୍ଗର କୋର୍ଟ ଓ ଗୋଟିଏ ହଳଦିଆ ରଙ୍ଗର ପଗଡ଼ି ପିନ୍ଧିଥିଲେ । ଏହା ହିଁ ଭଗବାନ ଏବଂ ମାନବସେବା ନିମିତ୍ତ ସର୍ବତ୍ୟାଗୀ ବୌଦ୍ଧସନ୍ନ୍ୟାସୀଙ୍କର ବେଶ ।

ବକ୍ତା ପୁନର୍ଜନ୍ମବାଦର ଆଲୋଚନା କରିଥିଲେ । ସେ କହିଲେ ଯେ, ଯେଉଁମାନଙ୍କର ପାଣ୍ଡିତ୍ୟ ଅପେକ୍ଷା କଳହପ୍ରିୟତା ଅଧିକ, ଏପରି ଅନେକ ଧର୍ମଯାଜକ ତାଙ୍କୁ ପଚାରିଛନ୍ତି, ପୂର୍ବଜନ୍ମ ଯଦି ଥାଏ, ତାହାହେଲେ ଲୋକଙ୍କର ଏହା ସ୍ମରଣ ହୁଏ ନାହିଁ କାହିଁକି ? ଏହାର ଉତ୍ତର ଏହି ଯେ, ସ୍ମରଣ କରିପାରିବା ବା ନ ପାରିବା ଉପରେ କୌଣସି ଘଟନାର ସତ୍ୟା-ସତ୍ୟ ସ୍ଥାପନ କରିବା ପିଲାଳିଆମି । ମନୁଷ୍ୟ ତ ତାହାର ଜନ୍ମକଥା ମନେ କରିପାରେ ନାହିଁ ଏବଂ ଜୀବନରେ ଘଟିଥିବା ଏପରି ଅନେକ କିଛି ସେ ଭୁଲିଯାଏ ।

ବକ୍ତା କହିଲେ, ଖ୍ରୀଷ୍ଟଧର୍ମର 'ଶେଷ ବିଚାରର ଦିନ' ପରି କୌଣସି ବସ୍ତୁ ହିନ୍ଦୁଧର୍ମରେ ନାହିଁ । ହିନ୍ଦୁମାନଙ୍କର ଈଶ୍ୱର ଶାସ୍ତି ମଧ୍ୟ ଦିଅନ୍ତି ନାହିଁ, ପୁରସ୍କୃତ ମଧ୍ୟ କରନ୍ତି ନାହିଁ । କୌଣସି ପ୍ରକାର ଅନ୍ୟାୟ କଲେ ତାହାର ଶାସ୍ତି ଅବଲମ୍ବେ ସ୍ୱାଭାବିକ ଭାବରେ ହିଁ ଘଟିବ । ଯେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣତା -ଲାଭ ନ ହୋଇଛି, ସେତେଦିନ ପର୍ଯ୍ୟନ୍ତ ଆତ୍ମାକୁ ଗୋଟିଏ ଦେହରୁ ଦେହାନ୍ତରକୁ ପ୍ରବେଶ କରିବାକୁ ହେବ ।

## ଭାରତୀୟ ଆଚାର-ବ୍ୟବହାର

'ବୋଷ୍ଟନ୍ ହେରାଲ୍ଡ', ୧୫ ମେ ୧୮୯୪

ଗତ କାଲି ବ୍ରାହ୍ମଣ-ସନ୍ନ୍ୟାସୀ ବିବେକାନନ୍ଦଙ୍କର 'ଭାରତୀୟ ଧର୍ମ' (ବସ୍ତୁତଃ ଭାରତୀୟ ଆଚାର-ବ୍ୟବହାର) ସମ୍ବନ୍ଧରେ ବକ୍ତୃତା ଶୁଣିବା ପାଇଁ ଆସୋସିଏସନ୍ ହଲରେ ମହିଳା-ମାନଙ୍କର ଖୁବ୍ ଭିଡ଼ ହୋଇଥିଲା । ୧୭ନଂ ଓ୍ୱାର୍ଡ଼ର ଡେ-ନର୍ସରୀ ବିଦ୍ୟାଳୟର ସାହାଯ୍ୟାର୍ଥେ ଏହି ବକ୍ତୃତାର ଆୟୋଜନ ହୋଇଥିଲା । (ବସ୍ତୁତଃ ଟାଇଲାର୍ ଷ୍ଟ୍ରୀଟ୍ ଡେ-ନର୍ସରୀ ବିଦ୍ୟାଳୟ) । ଏହି ବ୍ରାହ୍ମଣ-ସନ୍ନ୍ୟାସୀ ଗତ ବର୍ଷ ଚିକାଗୋରେ ଯେପରି ସମସ୍ତଙ୍କର ମନୋଯୋଗ ଓ ଉତ୍ସାହ ଆକର୍ଷଣ କରିଥିଲେ, ଏଥର ବୋଷ୍ଟନ୍‌ରେ ମଧ୍ୟ ଅନୁରୂପ ଘଟିଥିଲା । ତାଙ୍କର ଆନ୍ତରିକ ସାଧୁ ମାର୍ଜିତ ଚାଲିଚଳନଦ୍ୱାରା ସେ ବହୁ ଅନୁରାଗୀ ବନ୍ଧୁ ଲାଭ କରିଛନ୍ତି ।

ବକ୍ତା କହିଲେ : ହିନ୍ଦୁଜାତି ମଧ୍ୟରେ ବିବାହକୁ ଖୁବ୍ ବଡ଼ କରି ଦେଖା ହୁଏ ନାହିଁ । ଏହାର କାରଣ ଏହା ନୁହେଁ ଯେ, ଆମେମାନେ ସ୍ତ୍ରୀ-ଜାତିକୁ ଘୃଣା କରୁ । ଆମର ଧର୍ମ ନାରୀକୁ ମାତୃଭାବରେ ପୂଜା କରିବାର ଉପଦେଶ ଦିଏ ବୋଲି ଏହିପରି ଘଟିଛି । ପ୍ରତ୍ୟେକ ନାରୀ ହେଲେ ନିଜର ମା ପରି—ଏହି ଶିକ୍ଷା ହିନ୍ଦୁମାନେ ବାଲ୍ୟକାଳରୁ ପାଆନ୍ତି । କେହି ତ ଆଉ ଜନନୀଙ୍କୁ ବିବାହ କରିବାକୁ ଚାହେଁ ନାହିଁ । ଆମେମାନେ ଈଶ୍ୱରଙ୍କୁ ମା' ବୋଲି ଭାବୁ । ସ୍ୱର୍ଗବାସୀ ଈଶ୍ୱରଙ୍କୁ ଆମେ ପରବାୟ କରୁ ନାହିଁ । ବିବାହକୁ ଆମେ ଏକ ନିମ୍ନତର ଅବସ୍ଥା ବୋଲି ମନେ କରୁ । ଯଦି କେହି ବିବାହ କରନ୍ତି, ତେବେ ଧର୍ମପଥରେ ତାଙ୍କର ଜଣେ ସହାୟିକା ସଙ୍ଗୀର ପ୍ରୟୋଜନ-ବୋଧରେ ହିଁ କରନ୍ତି ।

ତୁମେମାନେ କହିଥାଅ ଯେ, ଆମେ ହିନ୍ଦୁମାନେ ଆମର ନାରୀମାନଙ୍କ ପ୍ରତି ମନ୍ଦ ବ୍ୟବହାର କରୁ । ପୃଥିବୀର କେଉଁ ଜାତି ସ୍ତ୍ରୀଜାତିକୁ ପୀଡ଼ା ଦେଇ ନାହିଁ ? ୟୁରୋପ ବା ଆମେରିକାରେ କୌଣସି ବ୍ୟକ୍ତି ଅର୍ଥଲୋଭରେ କୌଣସି ମହିଳାଙ୍କର ପାଣିଗ୍ରହଣ କରିପାରନ୍ତି ଏବଂ ବିବାହ ପରେ ତାଙ୍କର ଅର୍ଥ ଆତ୍ମସାତ୍ କରି ତାଙ୍କୁ ପରିତ୍ୟାଗ କରିପାରନ୍ତି । ପକ୍ଷାନ୍ତରେ ଭାରତରେ କୌଣସି ସ୍ତ୍ରୀଲୋକ ଯଦି ଧନଲୋଭରେ ବିବାହ କରନ୍ତି, ତାହା ହେଲେ ତାଙ୍କର ସନ୍ତାନମାନଙ୍କୁ କ୍ରୀତଦାସ ବୋଲି ମନେକରାହୁଏ । ବିତ୍ତବାନ ପୁରୁଷ ବିବାହ କଲେ ତାଙ୍କର ଅର୍ଥ ମଧ୍ୟ ତାଙ୍କ ପତ୍ନୀଙ୍କର ହାତକୁ ହିଁ ଯାଏ ଏବଂ ସେଥିପାଇଁ ଟଙ୍କାପଇସାର ଭାର ଯେ ନେଇଛନ୍ତି, ସେହି ପତ୍ନୀଙ୍କୁ ପରିତ୍ୟାଗ କରିବାର ସମ୍ଭାବନା ଖୁବ କମ୍ ଥାଏ ।

ତୁମେମାନେ ଆମମାନଙ୍କୁ ପୌତ୍ତଳିକ, ଅଶିକ୍ଷିତ, ଅସଭ୍ୟ ପ୍ରଭୃତି କହିଥାଅ; ଆମେ ଶୁଣି ଏହିପରି କଟୂଭାଷୀ ତୁମମାନଙ୍କର ଭଦ୍ରତାର ଅଭାବ ଦେଖି ମନେ ମନେ ହସୁ । ଆମମାନଙ୍କ ଦୃଷ୍ଟିରେ ସଦ୍‌ଗୁଣ ଏବଂ ସତ୍‌କୁଳରେ ଜନ୍ମ ହିଁ ଜାତି ନିର୍ଦ୍ଧାରଣ କରେ, ଟଙ୍କା ନୁହେଁ । ଭାରତରେ ଟଙ୍କା ଦେଇ ସମ୍ମାନ କିଣାଯାଏ ନାହିଁ । ଜାତିପ୍ରଥାରେ ଉଚ୍ଚତା ଅର୍ଥ ଦ୍ୱାରା ନିରୂପିତ ହୁଏ ନାହିଁ । ଜାତିହିସାବରୁ ଅତି ଦରିଦ୍ର ଏବଂ ଅତ୍ୟନ୍ତ ଧନୀର ସମାନ ମର୍ଯ୍ୟାଦା । ଜାତିପ୍ରଥାର ଏହା ଏକ ଚମତ୍କାର ଦିଗ ।

ଧନ ନମିତ୍ତ ପୃଥିବୀରେ ବହୁ ଯୁଦ୍ଧ-ବିଗ୍ରହ ଘଟିଛି । ଖ୍ରୀଷ୍ଟିଆନ୍‌ମାନେ ପରସ୍ପରକୁ ଭୂପତିତ କରି ପଦଦଳିତ କରିଛନ୍ତି । ଧନଲିପ୍‌ସାରୁ ହିଁ ଜନ୍ମ ନିଏ ହିଂସା, ଘୃଣା, ଲୋଭ ଏବଂ ଚାଲେ ପ୍ରଚଣ୍ଡ କର୍ମୋନ୍ମତ୍ତତା, ବ୍ୟସ୍ତତା, କଳରବ । ଜାତିପ୍ରଥା ମନୁଷ୍ୟକୁ ଏସବୁରୁ ନିଷ୍କୃତି ଦିଏ । ଏହା ତାହାକୁ ଅଳ୍ପ ଟଙ୍କାରେ ଜୀବନଯାପନ କରିବାକୁ କ୍ଷମ କରେ ଏବଂ ସମସ୍ତଙ୍କୁ ହିଁ କାମ ଯୋଗାଏ । ଜାତିପ୍ରଥା ଦ୍ୱାରା ମନୁଷ୍ୟ ଆତ୍ମାର ଚିନ୍ତା କରିବାକୁ ଅବସର ପାଏ, ଏବଂ ଭାରତୀୟ ସମାଜରେ ଏହା ହିଁ ତ ଆମେ ଚାହୁଁ ।

ବ୍ରାହ୍ମଣର ଜନ୍ମ ଦେବାର୍ଚ୍ଚନା ପାଇଁ । ଜାତି ଯେତେ ଉଚ୍ଚ, ସାମାଜିକ ବିଧି-ନିଷେଧ ମଧ୍ୟ ସେତିକି ବେଶୀ । ଜାତିପ୍ରଥା ଆମମାନଙ୍କୁ ହିନ୍ଦୁଜାତିରୂପେ ବଞ୍ଚାଇ ରଖିଛି । ଏହି ପ୍ରଥାର ବହୁ ତ୍ରୁଟି ଥିଲେ ହେଁ ବହୁ ସୁବିଧା ମଧ୍ୟ ଅଛି ।

ମିଃ ବିବେକାନନ୍ଦ ଭାରତବର୍ଷର ପ୍ରାଚୀନ ଓ ଆଧୁନିକ ବିଶ୍ୱବିଦ୍ୟାଳୟ ଓ କଲେଜ ସମୂହର ବର୍ଣ୍ଣନା କରିଥିଲେ । ସେ ବିଶେଷ କରି ବାରାଣସୀର (?)ପ୍ରାଚୀନ ବିଶ୍ୱବିଦ୍ୟାଳୟଟିର ଉଲ୍ଲେଖ କରିଥିଲେ । ଏହାର ଛାତ୍ର ଓ ଅଧ୍ୟାପକଙ୍କର ମୋଟ ସଂଖ୍ୟା ଥିଲା ୨୦,୦୦୦ ।

ବକ୍ତା ଆହୁରି କହିଲେ, 'ତୁମେମାନେ ଯେତେବେଳେ ମୋର ଧର୍ମ ସମ୍ବନ୍ଧରେ ବିଚାର କରିବସ, ସେତେବେଳେ ଧରି ନିଅ ଯେ, ତୁମର ଧର୍ମଟି ହେଲା ଦୋଷଶୂନ୍ୟ ଏବଂ ମୋରଟି ଭୁଲ । ଭାରତର ସମାଜକୁ ସମାଲୋଚନା କରିବା ସମୟରେ ତୁମେମାନେ ମନେ କର ଯେ, ଯେଉଁ ପରିମାଣରେ ତୁମର ଆଦର୍ଶ ସହିତ ତାହାର ଅମେଳ, ସେହି ପରିମାଣରେ ଏହା ଅମାର୍ଜିତ । ଏହି ଦୃଷ୍ଟିଭଙ୍ଗୀ ଅର୍ଥହୀନ ।'

ଶିକ୍ଷା ସମ୍ପର୍କରେ ବକ୍ତା କହିଲେ ଯେ, ଭାରତରେ ଯେଉଁମାନେ ଅଧିକ ଶିକ୍ଷିତ, ସେମାନେ ଅଧ୍ୟାପକ-କାର୍ଯ୍ୟ କରନ୍ତି । ଅପେକ୍ଷାକୃତ କମ୍ ଶିକ୍ଷିତମାନେ ପୁରୋହିତ ହୁଅନ୍ତି ।

## ଭାରତର ଧର୍ମସମୂହ

'ବୋଷ୍ଟନ୍ ହେରାଲ୍‌ଡ', ୧୮୯୪

ବ୍ରାହ୍ମଣ-ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଗତ କାଲି ଉପରଓଲା ଆସୋସିଏସନ୍ ହଲ୍‌ରେ ୧୭ ନଂ ଓୟାର୍ଡ ଡେ ନର୍ସରୀ ବିଦ୍ୟାଳୟର ସାହାଯ୍ୟାର୍ଥେ 'ଭାରତର ଧର୍ମସମୂହ' ସମ୍ବନ୍ଧରେ ଗୋଟିଏ ବକ୍ତୃତା ଦେଇଥିଲେ । ପ୍ରଚୁର ଶ୍ରୋତୃ-ସମାଗମ ହୋଇଥିଲା ।

ବକ୍ତା ପ୍ରଥମେ ମୁସଲମାନମାନଙ୍କର ଧର୍ମବିଶ୍ୱାସ ସମ୍ବନ୍ଧରେ କହିଥିଲେ । ଭାରତର ଜନସଂଖ୍ୟାର ଏକ-ପଞ୍ଚମାଂଶ ହେଲେ ମୁସଲମାନ । ଏମାନେ ବାଇବେଲର ପୁରାତନ ଏବଂ ନୂତନ ଦୁଇ ଟେଷ୍ଟାମେଣ୍ଟରେ ହିଁ ବିଶ୍ୱାସ କରନ୍ତି; କିନ୍ତୁ ଯୀଶୁଖ୍ରୀଷ୍ଟଙ୍କୁ କେବଳ ଭଗବଦାଦିଷ୍ଟ ମହାପୁରୁଷ ମାତ୍ର କହନ୍ତି । ଖ୍ରୀଷ୍ଟାନଙ୍କପରି ଏମାନଙ୍କର ଉପାସନାଳୟସମୂହର କୌଣସି ସଂସ୍ଥା ନାହିଁ, ତେବେ ସମ୍ମିଳିତ କୋରାନ୍‌ପାଠ ପ୍ରଚଳିତ ।

ଭାରତବର୍ଷର ଆଉ ଗୋଟିଏ ଧର୍ମସମ୍ପ୍ରଦାୟ ପାର୍ସୀ ଜାତି । ଏମାନଙ୍କର ଧର୍ମଗ୍ରନ୍ଥର ନାମ ଜେନ୍ଦ-ଆବେସ୍ତା । ଏମାନେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦେବତାରେ ବିଶ୍ୱାସୀ— କଲ୍ୟାଣର ଅଧିଷ୍ଠାତା ଆରମୁଜ୍‌ଦ୍ ଓ ଅଶୁଭର ଜନକ ଆହ୍ରିମାନ୍ । ପାର୍ସୀମାନଙ୍କର ନୈତିକ ବିଧାନର ସାର ମର୍ମ ହେଲା : ସତ୍ ଚିନ୍ତା, ସତ୍ ବାକ୍ୟ ଏବଂ ସତ୍ କର୍ମ ।

ହିନ୍ଦୁଗଣ ବେଦକୁ ସେମାନଙ୍କର ଧର୍ମଗ୍ରନ୍ଥ ବୋଲି ମନେ କରନ୍ତି । ପ୍ରତ୍ୟେକ ବ୍ୟକ୍ତି ସ୍ୱକୀୟ ଜାତିର ରୀତିନୀତି ମାନିବାକୁ ବାଧ୍ୟ, ତେବେ ଧର୍ମ ବିଷୟରେ ନିଜର ଇଚ୍ଛା ଅନୁସାରେ ଚିନ୍ତା କରି ଦେଖିବାର ପୂର୍ଣ୍ଣ ସ୍ୱାଧୀନତା ପ୍ରତ୍ୟେକଙ୍କୁ ଦିଆ ହୁଏ । ଧର୍ମସାଧନାର ଗୋଟିଏ ଅଂଶ ହେଲା କୌଣସି ସାଧୁପୁରୁଷ ବା ଧର୍ମାଗୁରୁଙ୍କୁ ଖୋଜି ବାହାର କରିବା ଏବଂ ତାଙ୍କଠାରେ ଯେଉଁ ଆଧ୍ୟାତ୍ମିକ ଶକ୍ତିପ୍ରବାହ କାର୍ଯ୍ୟ କରୁଛି, ତାହାର ସୁଯୋଗ ନେବା ।

ହିନ୍ଦୁମାନଙ୍କର ତିନୋଟି ବିଭିନ୍ନ ଧର୍ମସମ୍ପ୍ରଦାୟ ରହିଛି—ଦ୍ୱୈତବାଦୀ, ବିଶିଷ୍ଟାଦ୍ୱୈତବାଦୀ ଏବଂ ଅଦ୍ୱୈତବାଦୀ । ଏଗୁଡ଼ିକୁ କୌଣସି ବ୍ୟକ୍ତିର ଆଧ୍ୟାତ୍ମିକ କ୍ରମବିକାଶ-ପଥରେ ସ୍ୱାଭାବିକ ଭାବରେ ଉପସ୍ଥିତ ତିନୋଟି ସ୍ତର ବୋଲି ମନେ କରାହୁଏ । ତିନି ସମ୍ପ୍ରଦାୟ ହିଁ ଈଶ୍ୱରଙ୍କଠାରେ ବିଶ୍ୱାସୀ, ତେବେ ଦ୍ୱୈତବାଦୀଙ୍କ ମତରେ ଈଶ୍ୱର ଏବଂ ମନୁଷ୍ୟ ପରସ୍ପର ଭିନ୍ନ । ପକ୍ଷାନ୍ତରେ ଅଦ୍ୱୈତବାଦୀମାନେ କହନ୍ତି ଯେ, ବିଶ୍ୱବ୍ରହ୍ମାଣ୍ଡରେ ଗୋଟିଏ ମାତ୍ର ସତ୍ତା ଅଛି—ଏହା ଈଶ୍ୱର ଓ ଜୀବ ଦୁଇଟିର ହିଁ ଅତୀତ ।

ବକ୍ତା ବେଦରୁ ଉଦ୍ଧୃତ କରି ହିନ୍ଦୁଧର୍ମର ପ୍ରକୃତି କ'ଣ ତାହା ଦର୍ଶାଇଥିଲେ ଏବଂ କହିଲେ, ଭଗବାନଙ୍କୁ ପାଇବାକୁ ହେଲେ ଆମକୁ ନିଜର ହୃଦୟ ଅନ୍ୱେଷଣ କରିବାକୁ ହେବ । ଧର୍ମ ପୋଥିପତ୍ର ମଧ୍ୟରେ ନାହିଁ । ଧର୍ମ ହେଲା ଅନ୍ତରର, ଅନ୍ତରକୁ ଦୃଷ୍ଟି ଦେଇ ଈଶ୍ୱର ଓ ଅମୃତତ୍ୱର ସତ୍ୟକୁ ଉପଲବ୍ଧି କରିବା । ବେଦର ଗୋଟିଏ ଉକ୍ତି, 'ଯାହାକୁ ମୁଁ ପସନ୍ଦ କରେ, ତାହାକୁ ମୁଁ ସତ୍ୟଦ୍ରଷ୍ଟାରୂପେ ଗଢ଼ି ତୋଳେ ।' ସତ୍ୟଦ୍ରଷ୍ଟୃତ୍ୱ ଲାଭ କରିବା ହିଁ ଧର୍ମର ମୂଳ ଲକ୍ଷ୍ୟ ।

ଜୈନ ଧର୍ମ ସମ୍ବନ୍ଧରେ କିଛି କହି ବକ୍ତା ତାଙ୍କର ଆଲୋଚନାର ଉପସଂହାର କରିଥିଲେ । ଏହି ଧର୍ମାବଲମ୍ବୀମାନେ ମୂକ ପ୍ରାଣୀମାନଙ୍କ ପ୍ରତି ବିଶେଷ ଦୟା ପ୍ରଦର୍ଶନ କରନ୍ତି । ସଂକ୍ଷେପରେ ସେମାନଙ୍କର ନୈତିକ ଅନୁଶାସନ ହେଲା : କୌଣସି ପ୍ରାଣୀର ଅନିଷ୍ଟ ନ କରିବା ହିଁ ମହତ୍ତମ କଲ୍ୟାଣ ।

## ଭାରତର ଧର୍ମସମ୍ପ୍ରଦାୟ ଓ ଧର୍ମବିଶ୍ୱାସ

'ହାର୍ଭାର୍ଡ଼ କ୍ରିମ୍‌ସନ୍', ୧୭ ମେ ୧୮୯୪

ହାର୍ଭାର୍ଡ଼ ଧର୍ମ-ସମ୍ମିଳନୀର ଉଦ୍ୟୋଗରେ ଗତକାଲି ସନ୍ଧ୍ୟାରେ 'ସେଭର୍ ହଲ'ରେ ହିନ୍ଦୁସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ଗୋଟିଏ ଚିତ୍ତାକର୍ଷକ ବକ୍ତୃତା ଦେଇଥିଲେ । ବକ୍ତାଙ୍କର

ପରିଷ୍କୃତ ଓଜସ୍ୱୀ କଣ୍ଠ ଏବଂ ଧୀର ଆନ୍ତରିକତାପୂର୍ଣ୍ଣ କହିବାର ଶୈଳୀ ନିମିତ୍ତ ତାହାଙ୍କର କଥାଗୁଡ଼ିକ ବିଶେଷଭାବରେ ହୃଦୟସ୍ପର୍ଶୀ ହୋଇଥିଲା ।

ବିବେକାନନ୍ଦ କହିଲେ, ଭାରତରେ ନାନା ଧର୍ମସମ୍ପ୍ରଦାୟ ଓ ଧର୍ମମତ ବିଦ୍ୟମାନ । ଏଥିମଧ୍ୟରୁ କେତେକ ବ୍ୟକ୍ତି ଈଶ୍ୱରଙ୍କୁ ସ୍ୱୀକାର କରନ୍ତି, ପୁଣି କେତେକଙ୍କ ମତରେ ଭଗବାନ୍ ଓ ବିଶ୍ୱଜଗତ୍ ଅଭିନ୍ନ । ତେବେ ଯେକୌଣସି ସମ୍ପ୍ରଦାୟର ଅନ୍ତର୍ଭୁକ୍ତ ହୁଅନ୍ତୁ ନା କାହିଁକି, କୌଣସି ହିନ୍ଦୁ କହନ୍ତି ନାହିଁ ଯେ, ତାଙ୍କର ମତଟି ହିଁ ସତ୍ୟ ଏବଂ ଅନ୍ୟମାନଙ୍କର ଭ୍ରାନ୍ତ । ହିନ୍ଦୁ ବିଶ୍ୱାସ କରେ ଯେ, ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ବହୁ ପଥ ଅଛି, ଯେ ପ୍ରକୃତ ଧାର୍ମିକ ସେ ଦଳ ବା ମତର କ୍ଷୁଦ୍ର କଳହର ଊର୍ଦ୍ଧ୍ୱରେ । ଯଦି କାହାର ଯଥାର୍ଥ ଧାରଣା ହୁଏ ଯେ, ସେ ଦେହ ନୁହେଁ, ଚୈତନ୍ୟସ୍ୱରୂପ ଆତ୍ମା, ତେବେ ତାହାକୁ ହିଁ ଭାରତରେ ଧାର୍ମିକ କୁହାଯାଏ, ତା' ପୂର୍ବରୁ ନୁହେଁ ।

ଭାରତବର୍ଷରେ ସନ୍ନ୍ୟାସୀ ହେବାକୁ ହେଲେ ଦେହର ଚିନ୍ତା ସର୍ବତୋଭାବେ ବିସ୍ମୃତ ହେବା ଏବଂ ଅନ୍ୟ ମନୁଷ୍ୟଙ୍କୁ ଆତ୍ମା ବୋଲି ଭାବିବା ପ୍ରୟୋଜନୀୟ । ଏଥିପାଇଁ ସନ୍ନ୍ୟାସୀମାନେ କଦାପି ବିବାହ କରନ୍ତି ନାହିଁ । ସନ୍ନ୍ୟାସ ଗ୍ରହଣ କରିବା ସମୟରେ ଦୁଇଟି ବ୍ରତ ନେବାକୁ ହୁଏ—ଦାରିଦ୍ର୍ୟ ଏବଂ ବ୍ରହ୍ମଚର୍ଯ୍ୟ । ସନ୍ନ୍ୟାସୀର ଟଙ୍କା ପଇସା ଗ୍ରହଣ କରିବା ବା ରଖିବା ନିଷିଦ୍ଧ । ସନ୍ନ୍ୟାସବ୍ରତ ଗ୍ରହଣ କରିବା ସମୟରେ ପ୍ରଥମେ ଗୋଟିଏ କ୍ରିୟା ଅନୁଷ୍ଠେୟ—ନିଜର ପ୍ରତିମୂର୍ତ୍ତି ଦଗ୍ଧ କରିବା । ଏହାଦ୍ୱାରା ପୁରାତନ ଶରୀର, ନାମ ଓ ଜାତିକୁ ଯେପରି କି ଚିରକାଳ ପାଇଁ ଧ୍ୱଂସ କରି ଦିଆହେଲା । ତା'ପରେ ବ୍ରତୀଙ୍କୁ ଗୋଟିଏ ନୂତନ ନାମ ଦିଆଯାଏ ଏବଂ ସେ ଇଚ୍ଛାନୁସାରେ ପର୍ଯ୍ୟଟନ ବା ଧର୍ମପ୍ରଚାରର ଅନୁମତି ଲାଭ କରନ୍ତି, କିନ୍ତୁ ସେ ଯେଉଁ ଶିକ୍ଷା ଦିଅନ୍ତି, ତା' ପାଇଁ ପ୍ରତିଦାନରେ କୌଣସି ଅର୍ଥ ନେବାର ଅଧିକାର ତାଙ୍କର ନାହିଁ ।

## ଉପଦେଶ କମ୍, ଖାଦ୍ୟ ବେଶୀ

'ବାଲ୍‌ଟିମୋର୍ ଆମେରିକାନ୍', ୧୫ ଅକ୍ଟୋବର ୧୮୯୪

ଭଦ୍ରମ୍ୟାନ୍ ବ୍ରଦର୍ସଙ୍କ ଉଦ୍‌ଯୋଗରେ ଅନୁଷ୍ଠେୟ ଆଲୋଚନା-ସଭାଗୁଡ଼ିକର ପ୍ରଥମଟି ଗତକାଲି ରାତିରେ ଲାଇସିୟାମ୍ ଥିଏଟର୍‌ରେ ସମ୍ପନ୍ନ ହୋଇଥିଲା । ଖୁବ୍ ଭିଡ଼ ହୋଇଥିଲା । ଆଲୋଚ୍ୟ ବିଷୟ ଥିଲା 'ପ୍ରାଣବନ୍ତ ଧର୍ମ ।'

ଭାରତରୁ ଆଗତ ଧର୍ମଯାଜକ ସ୍ୱାମୀ ବିବେକାନନ୍ଦ ଥିଲେ ଶେଷ ବକ୍ତା । ଯଦିଓ ସେ ସ୍ୱଳ୍ପକ୍ଷଣ ପାଇଁ କହିଥିଲେ, ତଥାପି ଶ୍ରୋତାମାନେ ବିଶେଷ ମନୋଯୋଗ ସହକାରେ ତାଙ୍କର କଥା ଶୁଣିଥିଲେ । ତାଙ୍କର ଇଂରାଜୀ ଭାଷା ଏବଂ ବକ୍ତୃତାର ଧରଣ ଅତି ସୁନ୍ଦର । ତାଙ୍କର ଉଚ୍ଚାରଣରେ ବୈଦେଶିକ ଢଙ୍ଗ ଥିଲେ ମଧ୍ୟ ତାଙ୍କ କଥା ବୁଝିବାରେ ଅସୁବିଧା ହୋଇନାହିଁ । ସେ ତାଙ୍କର ସ୍ୱଦେଶୀୟ ପୋଷାକ ପିନ୍ଧିଥିଲେ ଏବଂ ଏହା ବେଶ୍ ଆଡ଼ମ୍ବରପୂର୍ଣ୍ଣ । ସେ

କହିଲେ ଯେ, ତାଙ୍କ ପୂର୍ବରୁ ଅନେକ ଓଜସ୍ୱିନୀ ବକ୍ତୃତା ହୋଇଯାଇଥିବାରୁ ସେ ସଂକ୍ଷେପରେ ତାଙ୍କର ବକ୍ତବ୍ୟ ଶେଷ କରିବାକୁ ଚାହାଁନ୍ତି । ପୂର୍ବବକ୍ତାମାନେ ଯାହା କହିଛନ୍ତି, ସେ ତାହା ଅନୁମୋଦନ କରୁଛନ୍ତି । ସେ ଅନେକ ଭ୍ରମଣ କରିଛନ୍ତି ଏବଂ ନାନା ଶ୍ରେଣୀର ଲୋକଙ୍କ ନିକଟରେ ଧର୍ମପ୍ରସଙ୍ଗ କରିଛନ୍ତି । ତାଙ୍କର ଅଭିଜ୍ଞତା ଏହି ଯେ, କେଉଁ ମତବାଦ ପ୍ରଚାର କରାଗଲା, ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ । ଅସଲ ପ୍ରୟୋଜନ ହେଉଛି ଗୋଟିଏ କାର୍ଯ୍ୟକାରୀ କର୍ମପନ୍ଥା । ବଡ଼ ବଡ଼ କଥା ଯଦି କାର୍ଯ୍ୟରେ ପରିଣତ ନ ହୁଏ, ତାହାହେଲେ ମନୁଷ୍ୟତ୍ୱ ଉପରୁ ବିଶ୍ୱାସ ଚାଲିଯାଏ । ପୃଥିବୀର ସବୁସ୍ତ ଲୋକଙ୍କର ବ୍ୟାକୁଳ ଦାବି ହେଲା— ଉପଦେଶ କମ୍, ଖାଦ୍ୟ ବେଶୀ । ଭାରତବର୍ଷକୁ ମିଶନାରୀ ପଠାଇବା ଅବଶ୍ୟ ଭଲ । ତାଙ୍କର ଏଥିରେ ଆପତ୍ତି କରିବାର କିଛି ନାହିଁ । ତେବେ ତାଙ୍କ ମତରେ କମ୍ ଲୋକ ପଠାଇ ବେଶୀ ଟଙ୍କା ପଠାଇବା ସଙ୍ଗତ । ଭାରତରେ ଧର୍ମମତର ଅଭାବ ନାହିଁ । ନୂତନ ଧର୍ମମତ ଆମଦାନି ଅପେକ୍ଷା ଧର୍ମର ଶିକ୍ଷା ଅନୁଯାୟୀ ଜୀବନ-ଯାପନ ହିଁ ଅଧିକ ପ୍ରୟୋଜନୀୟ । ଭାରତବାସୀ ଏବଂ ପୃଥିବୀର ସବୁସ୍ତ ଅନ୍ୟାନ୍ୟ ସମସ୍ତେ ହିଁ ଉପାସନାର ରୀତି ସମ୍ବନ୍ଧରେ ଶିକ୍ଷା ପାଇଛନ୍ତି; କିନ୍ତୁ ଖାଲି ମୁହଁରେ ପ୍ରାର୍ଥନା ଉଚ୍ଚାରଣ କରିବା ଯଥେଷ୍ଟ ନୁହେଁ, ହୃଦୟର ଆନ୍ତରିକତା ସହକାରେ ପ୍ରାର୍ଥନା କରିବା ଦରକାର । ବକ୍ତା କହିଲେ, 'ବାସ୍ତବପକ୍ଷେ ଜଗତରେ ପ୍ରକୃତ କଲ୍ୟାଣକାମୀଙ୍କର ସଂଖ୍ୟା ଖୁବ୍ ଅଳ୍ପ । ଅନ୍ୟମାନେ କେବଳ ଦେଖନ୍ତି, ବାହାବା ଦିଅନ୍ତି ଏବଂ ଭାବନ୍ତି ଯେ, ସେମାନେ ନିଜେ ଅନେକ କିଛି ମହତ୍ କାମ କରି ପକାଇଛନ୍ତି । ପ୍ରେମ ହିଁ ଯଥାର୍ଥ ଜୀବନ । ମନୁଷ୍ୟ ଯେତେବେଳେ ଅପରର ହିତସାଧନରୁ କ୍ଷାନ୍ତ ହୁଏ, ସେତେବେଳେ ଆଧ୍ୟାତ୍ମିକତା ଦୃଷ୍ଟିରୁ ସେ ମୃତ ।'

ଆଗାମୀ ରବିବାର ସନ୍ଧ୍ୟାରେ ଲାଇସିୟାମ୍‌ରେ ସ୍ୱାମୀ ବିବେକାନନ୍ଦ ପ୍ରଧାନ ବକ୍ତା ହେବେ ।

## ବୁଦ୍ଧଙ୍କର ଧର୍ମ

'ମର୍ଣ୍ଣିଂ ହେରାଲ୍ଡ୍', ୨୨ ଅକ୍ଟୋବର ୧୮୯୪

ଭ୍ରମ୍ୟାନ୍ ଭ୍ରାତୃମଣ୍ଡଳୀକର୍ତ୍ତୃକ ଆୟୋଜିତ 'ପ୍ରାଣବନ୍ତ ଧର୍ମ' ପର୍ଯ୍ୟାୟର ଦ୍ୱିତୀୟ ବକ୍ତୃତାରେ ଗତ ରାତିରେ ଲାଇସିୟାମ୍ ଥିଏଟର୍ ଲୋକଭିଡ଼ରେ ସମ୍ପୂର୍ଣ୍ଣ ରୂପେ ଭର୍ତ୍ତି ହୋଇ ଯାଇଥିଲା । ଶ୍ରୋତାଙ୍କର ସଂଖ୍ୟା ତିନିହଜାର ହେବ ।···ରେଭରେଣ୍ଡ ହିରମ୍, ଭ୍ରମ୍ୟାନ୍, ରେଭରେଣ୍ଡ ଓ୍ୱାଲଟର୍ ଭ୍ରମ୍ୟାନ୍ ଏବଂ ଏହି ସହରକୁ (ବାଲ୍‌ଟିମୋରକୁ) ସମ୍ପ୍ରତି ଆଗତ ବ୍ରାହ୍ମଣ ଧର୍ମଯାଜକ ରେଭରେଣ୍ଡ ସ୍ୱାମୀ ବିବେକାନନ୍ଦ ବକ୍ତୃତା ଦେଇଥିଲେ । ବକ୍ତାମାନେ ସମସ୍ତେ ଷ୍ଟେଜ୍ ଉପରେ ବସିଥିଲେ । ରେଭରେଣ୍ଡ ବିବେକାନନ୍ଦ ସମସ୍ତଙ୍କର ବିଶେଷ ମନୋଯୋଗ ଆକର୍ଷଣ କରୁଥିଲେ ।

ସେ ଗୋଟିଏ ହଳଦିଆ ରଙ୍ଗର ପଗଡ଼ି ଏବଂ ଲାଲ ଆଲଖାଲ୍ଲା ପିନ୍ଧିଥିଲେ ।

ଆଲଖାଲ୍ଲାର କଟିବନ୍ଧଟି ମଧ୍ୟ ଲାଲ ରଙ୍ଗର । ଏହି ପୋଷାକ ତାଙ୍କର ପ୍ରାଚ୍ୟ ଚେହେରାର ମର୍ଯ୍ୟାଦା ବଢ଼ାଇଥିଲା ଏବଂ ତାଙ୍କ ପ୍ରତି ଗୋଟିଏ ଅଦ୍ଭୁତ ଆକର୍ଷଣ ସୃଷ୍ଟି କରିଥିଲା । ତାଙ୍କର ବ୍ୟକ୍ତିତ୍ୱ ହିଁ ଗତ ରାତିର ଅନୁଷ୍ଠାନଟିକୁ ସତେ ଯେପରି ସରଗରମ କରି ରଖିଥିଲା । ସହଜ ଭାବରେ କିଛି ମାତ୍ର ବିବ୍ରତବୋଧ ନ କରି ସେ ଭାଷଣଟି କହିଗଲେ । ତାଙ୍କର ଭାଷା ତ୍ରୁଟିହୀନ, ଉଚ୍ଚାରଣ ଇଂରେଜୀ ଭାଷା ଜାଣିଥିବା କୌଣସି ସୁଶିକ୍ଷିତ ଲାଟିନ୍‌ଜାତୀୟ ବ୍ୟକ୍ତିଙ୍କ ଭଳି । ତାଙ୍କର ବକ୍ତୃତାର କିୟଦଂଶ ତଳେ ଦିଆଗଲା :

ଖ୍ରୀଷ୍ଟଙ୍କ ଜନ୍ମର ୬୦୦ ବର୍ଷ ପୂର୍ବରୁ ବୁଦ୍ଧ ତାଙ୍କର ଧର୍ମପ୍ରଚାର ଆରମ୍ଭ କରିଥିଲେ । ସେ ଦେଖିଲେ, ସେତେବେଳେ ଭାରତବର୍ଷର ଧର୍ମ ପ୍ରଧାନତଃ ମାନବର ଆତ୍ମାର ପ୍ରକୃତିକୁ ନେଇ ଅନ୍ତହୀନ ବାଦ-ବିତଣ୍ଡାରେ ବ୍ୟାପୃତ । ତଦାନୀନ୍ତନ ଧର୍ମର ଶିକ୍ଷାରେ ଧର୍ମ-ଜୀବନର ଅନିଷ୍ଟକର ବିଷୟସମୂହର ଅପନୋଦନ ନିମିତ୍ତ ପ୍ରାଣୀହତ୍ୟା, ଯାଗଯଜ୍ଞ ଏବଂ ଅନୁରୂପ ପ୍ରଣାଳୀଗୁଡ଼ିକ ଉପରେ ନିର୍ଭର କରିବାକୁ ପଡ଼ୁଥିଲା ।

ବୌଦ୍ଧଧର୍ମର ଯେ ପ୍ରତିଷ୍ଠାତା, ସେ ଏହିପରି ଧର୍ମବ୍ୟବସ୍ଥା ମଧ୍ୟରେ ଗୋଟିଏ ଅଭିଜାତ ବଂଶରେ ଜନ୍ମଗ୍ରହଣ କରିଥିଲେ । ପ୍ରଥମ କଥା ଏହି ଯେ, ସେ କୌଣସି ନୂତନ ଧର୍ମ ପ୍ରଚଳିତ କରି ନାହାନ୍ତି; ତାଙ୍କର ଆନ୍ଦୋଳନ ଥିଲା ସଂସ୍କାରମୂଳକ । ସମସ୍ତଙ୍କର ହିତକାମନା ଥିଲା ତାଙ୍କର ଲକ୍ଷ୍ୟ । ତାଙ୍କର ଉପଦିଷ୍ଟ ଧର୍ମ ତିନୋଟି ଆବିଷ୍କାର ମଧ୍ୟରେ ନିହିତ । ପ୍ରଥମତଃ—ଅଶୁଭ ଅଛି । ଦ୍ୱିତୀୟ—ଏହି ଅଶୁଭର କାରଣ କ'ଣ ? ବୁଦ୍ଧ କହିଲେ ଅଶୁଭର କାରଣ ମାନବର ଅନ୍ୟମାନଙ୍କ ଉପରେ ପ୍ରାଧାନ୍ୟ-ଲାଭର କାମନା । ତୃତୀୟ—ନିଃସ୍ୱାର୍ଥପରତାଦ୍ୱାରା ଏହି ଦୋଷକୁ ଦୂର କରାଯାଇପାରେ । ବୁଦ୍ଧଙ୍କ ମତରେ—ବଳପ୍ରକାଶ କରି ଏହାର ପ୍ରତିରୋଧ ସମ୍ଭବପର ନୁହେଁ । ମଇଳାଦ୍ୱାରା ମଇଳା ପରିଷ୍କାର କରାଯାଏ ନାହିଁ; ଘୃଣାଦ୍ୱାରା ଘୃଣା ନିବାରିତ ହୁଏ ନାହିଁ ।

ଏହା ହିଁ ହେଲା ବୁଦ୍ଧଙ୍କର ଧର୍ମର ଭିତ୍ତି । ଯେପର୍ଯ୍ୟନ୍ତ ସମାଜ ମନୁଷ୍ୟର ସ୍ୱାର୍ଥପରତାକୁ ଏପରି ସବୁ ଆଇନ-କାନୁନ ଓ ସଂସ୍ଥାର ମାଧ୍ୟମରେ ପ୍ରତିବିଧାନ କରିବାର ଚେଷ୍ଟା କରେ—ଯାହାର ଲକ୍ଷ୍ୟ ହେଲା ଜବରଦସ୍ତି ମନୁଷ୍ୟକୁ ପ୍ରତିବେଶୀଙ୍କର ହିତସାଧନରେ ପ୍ରଯୋଜିତ କରିବା—ସେପର୍ଯ୍ୟନ୍ତ କୌଣସି ସୁଫଳ ମିଳିବ ନାହିଁ । କୌଶଳ ବିରୋଧରେ କୌଶଳକୁ, ହିଂସା ବିରୋଧରେ ହିଂସାକୁ ପ୍ରୟୋଗ ନ କରିବା ହିଁ ହେଲା କାର୍ଯ୍ୟକର ପନ୍ଥା । ନିଃସ୍ୱାର୍ଥ ନରନାରୀ ସୃଷ୍ଟି କରିବା ହିଁ ହେଲା ଏକମାତ୍ର ପ୍ରତିକାର । ବର୍ତ୍ତମାନର ଅଶୁଭଗୁଡ଼ିକୁ ଦୂର କରିବା ପାଇଁ ଆଇନ ସୃଷ୍ଟି କରାଯାଇପାରେ, କିନ୍ତୁ ସେଥିରେ ବିଶେଷ କୌଣସି ଫଳ ହେବ ନାହିଁ ।

ବୁଦ୍ଧ ଦେଖିଥିଲେ, ଭାରତରେ ଈଶ୍ୱର ଏବଂ ତାଙ୍କର ସ୍ୱରୂପ ନେଇ ଅତ୍ୟଧିକ ଜଳ୍ପନା ଚାଲେ; କିନ୍ତୁ ପ୍ରକୃତ କାମ ଅତି ସାମାନ୍ୟ ହୁଏ । ଏହି ମୁଖ୍ୟ ସତ୍ୟଟି ଉପରେ ସେ ସବୁବେଳେ ଜୋର୍ ଦେଉଥିଲେ : ଆମମାନଙ୍କୁ ସତ୍ ଓ ପବିତ୍ର ହେବାକୁ ପଡ଼ିବ ଏବଂ ଅପରକୁ ପବିତ୍ର ହେବା ପାଇଁ ସାହାଯ୍ୟ କରିବାକୁ ହେବ । ସେ ବିଶ୍ୱାସ କରୁଥିଲେ, ମାନବକୁ ଉଦ୍ୟମଶୀଳ

ହୋଇ ଅପରର କଲ୍ୟାଣ-ସାଧନରେ ଲଗିବାକୁ ପଡ଼ିବ; ଅନ୍ୟ ମଧ୍ୟରେ ନିଜର ଆତ୍ମାକୁ, ଅନ୍ୟ ଭିତରେ ନିଜର ଜୀବନକୁ ଖୋଜି ପାଇବାକୁ ହେବ । ଅପରର କଲ୍ୟାଣସାଧନଦ୍ୱାରା ହିଁ ଆମେ ନିଜର ମଙ୍ଗଳବିଧାନ କରୁ । ବୁଦ୍ଧ ବୁଝିଥିଲେ ଯେ, ଜଗତରେ ସର୍ବଦା ଅତ୍ୟଧିକ ପରିମାଣରେ ମତବାଦ ଚାଲିଥାଏ, ତଦନୁପାତରେ କାର୍ଯ୍ୟତଃ ଅଭ୍ୟାସ ଖୁବ୍ କମ୍ ଦେଖାଯାଏ । ବର୍ତ୍ତମାନ କାଳରେ ୧୨ ଜଣ ବୁଦ୍ଧଙ୍କପରି ଲୋକ ଯଦି ଭାରତରେ ଥାଆନ୍ତି, ତା'ହେଲେ ସେହି ଦେଶ ପକ୍ଷରେ ତାହା ଯଥେଷ୍ଟ । ଏହି ଦେଶରେ ଜଣେ ବୁଦ୍ଧ ମିଳିଲେ ପ୍ରଭୂତ କଲ୍ୟାଣ ହେବ ।

ଧର୍ମୀୟ ମତବାଦ ଯେତେବେଳେ ବୃଦ୍ଧି ପାଏ, ପିତୃପୁରୁଷଙ୍କ ଧର୍ମରେ ଅନ୍ଧବିଶ୍ୱାସ ଯେତେବେଳେ ପ୍ରବଳ ହୁଏ ଏବଂ କୁସଂସ୍କାରକୁ ଯେତେବେଳେ ଯୁକ୍ତିଦ୍ୱାରା ସମର୍ଥନର ପ୍ରଚେଷ୍ଟା ଚାଲେ, ସେତେବେଳେ ଗୋଟିଏ ପରିବର୍ତ୍ତନର ପ୍ରୟୋଜନ ହୋଇଥାଏ । କାରଣ ଏହିସବୁଦ୍ୱାରା ମନୁଷ୍ୟର ଅନିଷ୍ଟ ହିଁ ବଢ଼ିଥାଏ । ଏଗୁଡ଼ିକର ଶୋଧନ ନ ହେଲେ ମନୁଷ୍ୟର କଲ୍ୟାଣ ନାହିଁ ।

ମିଃ ବିବେକାନନ୍ଦଙ୍କର ବକ୍ତୃତା ଶେଷରେ ଶ୍ରୋତୃବୃନ୍ଦ ସ୍ୱତଃସ୍ଫୂର୍ତ୍ତି ହର୍ଷଧ୍ୱନିଦ୍ୱାରା ତାହାଙ୍କୁ ଅଭିନନ୍ଦନ କରିଥିଲେ ।

## 'ବଲ୍ଟିମୋର୍ ଆମେରିକାନ୍', ୨୨ ଅକ୍ଟୋବର ୧୮୯୪

'ପ୍ରାଚ୍ୟର ଧର୍ମ' ସମ୍ବନ୍ଧରେ ଭ୍ରମ୍ୟାନ୍ ଭ୍ରାତୃମଣ୍ଡଳୀ ଯେଉଁ ବକ୍ତୃତାମାଳାର ବ୍ୟବସ୍ଥା କରିଛନ୍ତି, ତାହାର ଦ୍ୱିତୀୟଟି ଶୁଣିବା ପାଇଁ ଗତ ରାତିରେ ଲାଇସିୟାମ୍ ଥିଏଟର୍ ଗୃହ ଲୋକଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭର୍ତ୍ତି ହୋଇଯାଇଥିଲା । ପ୍ରଧାନ ବକ୍ତା ଥିଲେ ଭାରତର ସ୍ୱାମୀ ବିବେକାନନ୍ଦ । ସେ ବୌଦ୍ଧ ଧର୍ମ ସମ୍ବନ୍ଧରେ କହିଥିଲେ ଏବଂ ବୁଦ୍ଧଙ୍କ ଜନ୍ମ ସମୟରେ ଭାରତବାସୀମାନଙ୍କ ମଧ୍ୟରେ ଯେଉଁସବୁ ଦୋଷ ଥିଲା, ତାହାର ଉଲ୍ଲେଖ କରିଥିଲେ । ସେହି ସମୟରେ ଭାରତରେ ସାମାଜିକ ଅସାମ୍ୟ ପୃଥିବୀର ଅନ୍ୟ ଯେକୌଣସି ଅଞ୍ଚଳ ଅପେକ୍ଷା ହଜାର ଗୁଣରେ ବେଶୀ ଥିଲା । ଖ୍ରୀଷ୍ଟଙ୍କ ଜନ୍ମର ଛଅ ଶହ ବର୍ଷ ପୂର୍ବେ ଭାରତୀୟ ଜନଗଣଙ୍କ ଉପରେ ପୁରୋହିତସମ୍ପ୍ରଦାୟର ତୀବ୍ର ପ୍ରଭାବ ଥିଲା । ବୁଦ୍ଧି-ବିଚାର ଏବଂ ବିଦ୍ୟାବତ୍ତା— ପେଷଣଯନ୍ତ୍ରର ଏହି ଦୁଇଟି ପ୍ରସ୍ତର ମଧ୍ୟରେ ପଡ଼ି ଜନସାଧାରଣ ନିଷ୍ପିଷ୍ଟ ହୋଇଥିଲେ ।

ବୌଦ୍ଧଧର୍ମ ଗୋଟିଏ ନୂତନ ଧର୍ମ ରୂପେ ସ୍ଥାପିତ ହୋଇ ନାହିଁ; ବରଂ ତାହାର ଉତ୍ପତ୍ତି ହୋଇଥିଲା ସେହି ସମୟରେ ଧର୍ମର ଅବନତିର ସଂଶୋଧକରୂପେ । ବୁଦ୍ଧ ହିଁ ବୋଧହୁଏ ଏକମାତ୍ର ମହାପୁରୁଷ, ଯେ ନିଜପ୍ରତି ବିନ୍ଦୁମାତ୍ର ଦୃଷ୍ଟି ନ ଦେଇ ସକଳ ଉଦ୍ୟମ ପରହିତରେ ନିୟୋଗ କରିଥିଲେ । ମାନବର ଦୁଃଖ-କଷ୍ଟ-ରୂପକ ଭୀଷଣ ବ୍ୟାଧିର ଔଷଧ ଅନ୍ୱେଷଣ ପାଇଁ ସେ ଗୃହ ଏବଂ ଜୀବନର ସମସ୍ତ ଭୋଗସୁଖ ବିସର୍ଜନ ଦେଇଥିଲେ । ଯେଉଁ ଯୁଗରେ ପଣ୍ଡିତ ଏବଂ ପୁରୋହିତକୁଳ ଈଶ୍ୱରଙ୍କର ସ୍ୱରୂପ ନେଇ ବୃଥା ତର୍କ-ବିତର୍କରେ ବ୍ୟସ୍ତ, ବୁଦ୍ଧ ସେହି ସମୟରେ ମନୁଷ୍ୟ ଯାହା ଭିଆଇ କରିନ୍ତି ନାହିଁ, ଜୀବନରେ ସେହି

ଗୋଟିଏ ବିପୁଳ ବାସ୍ତବ ସତ୍ୟ ଆବିଷ୍କାର କରିଥିଲେ—ଦୁଃଖର ଅସ୍ତିତ୍ୱ । ଆମେ ଅପରକୁ ଝପି ଯିବାକୁ ଚାହୁଁ ଏବଂ ଆମେ ସ୍ୱାର୍ଥପର ବୋଲି ପୃଥିବୀରେ ଏତେ ଅନିଷ୍ଟ ଘଟେ । ଯେଉଁ ମୁହୂର୍ତ୍ତରେ ଜଗତରେ ସମସ୍ତେ ନିଃସ୍ୱାର୍ଥ ହୋଇପାରିବେ, ସେହି ମୁହୂର୍ତ୍ତରେ ସକଳ ଅଶୁଭ ତିରୋହିତ ହେବ । ସମାଜ ଯେତେଦିନ ପର୍ଯ୍ୟନ୍ତ ଆଇନ୍‌କାନୁନ୍ ଏବଂ ସଂସ୍ଥାସମୂହ ମାଧ୍ୟମରେ ଅକଲ୍ୟାଣର ପ୍ରତିକାର କରିବାକୁ ସଚେଷ୍ଟ, ସେତେଦିନ ପର୍ଯ୍ୟନ୍ତ ଏହି ପ୍ରତିକାର ଅସମ୍ଭବ । ହଜାର ହଜାର ବର୍ଷ ଧରି ଜଗତ୍ ଏହି ପ୍ରଣାଳୀ ଅବଲମ୍ବନ କରି ଦେଖିଛି । କୌଣସି ଫଳ ହୋଇନାହିଁ । ହିଂସାଦ୍ୱାରା ହିଂସାକୁ ଜୟ କରାଯାଏ ନାହିଁ । ନିଃସ୍ୱାର୍ଥପରତା ଦ୍ୱାରା ହିଁ ସକଳ ଅଶୁଭ ନିବାରିତ ହୁଏ । ନୂତନ ନୂତନ ନିୟମ ନ କରି ମନୁଷ୍ୟକୁ ପୁରାତନ ନିୟମ-ଗୁଡ଼ିକୁ ପାଳନ କରିବା ପାଇଁ ଶିକ୍ଷା ଦେବାକୁ ହେବ । ବୌଦ୍ଧଧର୍ମ ପୃଥିବୀର ପ୍ରଥମ ପ୍ରଚାରଶୀଳ ଧର୍ମ; ତେବେ ଅନ୍ୟ କୌଣସି ଧର୍ମର ପ୍ରତିଦ୍ୱନ୍ଦିତା ନ କରିବା ବୌଦ୍ଧଧର୍ମର ଅନ୍ୟତମ ଶିକ୍ଷା । ସାମ୍ପ୍ରଦାୟିକତା ମାନବଗୋଷ୍ଠୀ ମଧ୍ୟରେ ପାରସ୍ପରିକ ସଂଘର୍ଷ ସୃଷ୍ଟି କରି କଲ୍ୟାଣ-ଶକ୍ତି ହରାଇଥାଏ ।

## ସକଳ ଧର୍ମ ହିଁ ଭଲ

### 'ଓ୍ୱାଶିଂଟନ୍ ପୋଷ୍ଟ', ୨୯ ଅକ୍ଟୋବର ୧୮୯୪

'ପିପୁଲସ୍ ଚର୍ଚ୍ଚ' ଗୀର୍ଜାର ଧର୍ମଯାଜକ ଡକ୍ଟର କେଣ୍ଟଙ୍କର ଆମନ୍ତ୍ରଣକ୍ରମେ ମିଃ କାନନ୍ଦ ଗତକାଲି ସେଠାରେ ବକ୍ତୃତା ଦେଇଥିଲେ । ସକାଳର ବକ୍ତୃତାଟି ଥିଲା ସାଧାରଣ ଧର୍ମୋପଦେଶ । ଧର୍ମର ଆଧ୍ୟାତ୍ମିକ ଦିଗଟିକୁ ସେ ଆଲୋଚନା କରିଥିଲେ । ପ୍ରାଚୀନପନ୍ଥୀ ସମ୍ପ୍ରଦାୟଗୁଡ଼ିକ ନିକଟରେ ତାଙ୍କର କଥା କିଛି ଅଭିନବ ବୋଲି ମନେ ହେବ । ସେ କହିଲେ ଯେ, ପ୍ରତ୍ୟେକ ଧର୍ମମୂଳରେ ହିଁ ଭଲ ଜିନିଷ ରହିଛି । ଭାଷାସମୂହ ପରି ବିଭିନ୍ନ ଧର୍ମ ମଧ୍ୟ ଗୋଟିଏ ସାଧାରଣ ଭଣ୍ଡାରରୁ ଉତ୍ପନ୍ନ । ରକ୍ଷଣଶୀଳ ମତବାଦ ଏବଂ ପ୍ରାଣହୀନ କଙ୍କାଳରେ ପରିଣତ—ଏହି ଦୁଇଟିରୁ ଯଦି ଧର୍ମକୁ ମୁକ୍ତ ରଖାଯାଏ, ତାହାହେଲେ ପ୍ରତ୍ୟେକ ଧର୍ମ ହିଁ ମାନବର ଲୌକିକ ଓ ଆଧ୍ୟାତ୍ମିକ ଜୀବନରେ ପ୍ରଭୂତ କଲ୍ୟାଣ ସାଧନ କରିପାରେ । ଅପରାହ୍ଣର ଆଲୋଚନାଟି ଥିଲା ଆର୍ଯ୍ୟଜାତି ସମ୍ବନ୍ଧରେ । ଏହା ପ୍ରାୟ ଗୋଟିଏ ବକ୍ତୃତା ଆକାରରେ ହିଁ ଉପସ୍ଥାପିତ ହୋଇଥିଲା । ବକ୍ତା ବିଭିନ୍ନ ଜାତିର ଭାଷା, ଧର୍ମ ଏବଂ ରୀତିନୀତି ବିଶ୍ଳେଷଣ କରି ଏକ ସାଧାରଣ ସଂସ୍କୃତ ଭାଷା-ଗୋଷ୍ଠୀରୁ ଏସମସ୍ତଙ୍କର ଉତ୍ପତ୍ତି ବୋଲି ପ୍ରମାଣ କରିଥିଲେ ।

ସଭା ଶେଷରେ ମିଃ କାନନ୍ଦ 'ପୋଷ୍ଟ'ର ଜନୈକ ସମ୍ବାଦଦାତାଙ୍କୁ କହିଲେ, ମୁଁ କୌଣସି ନିର୍ଦ୍ଦିଷ୍ଟ ଧର୍ମସମ୍ପ୍ରଦାୟର ଅନ୍ତର୍ଭୁକ୍ତ ବୋଲି ଦାବି କରେ ନାହିଁ । ମୋର ଭୂମିକା ଜଣେ ପରିଦର୍ଶକର ଏବଂ ଯେତେଦୂର ସମ୍ଭବ ମୁଁ ମାନବକୁ ଶିକ୍ଷା-ଦାନ ଦେବାରେ ବ୍ରତୀ ।

ମୋ ନିକଟରେ ସବୁ ଧର୍ମ ହିଁ ସୁନ୍ଦର । ଜୀବନ ଓ ଜଗତର ଉଚ୍ଚତର ରହସ୍ୟ ସମ୍ବନ୍ଧରେ ଅନ୍ୟମାନଙ୍କ ଭଳି ମୁଁ ମଧ୍ୟ କେତେଗୁଡ଼ିଏ ଧାରଣା ଉପସ୍ଥାପିତ କରିବା ବ୍ୟତୀତ ଅଧିକ କିଛି କରିପାରେ ନାହିଁ । ମୋର ମନେହୁଏ ପୁନର୍ଜନ୍ମବାଦ—ଧର୍ମ ବିଷୟରେ ଆମର ଅନେକ ଜିଜ୍ଞାସାର ଏକ ଯୁକ୍ତିସଙ୍ଗତ ବ୍ୟାଖ୍ୟାର ଖୁବ୍ ନିକଟବର୍ତ୍ତୀ; କିନ୍ତୁ ମୁଁ ଏହାକୁ ଏକ ଧର୍ମତତ୍ତ୍ୱରୂପେ ଠିଆ କରାଇବାକୁ ଚାହେଁ ନାହିଁ । ଖୁବ୍ ବେଶୀ ହେଲେ ଏହା ଗୋଟିଏ ମତବାଦ । ବ୍ୟକ୍ତିଗତ ଅଭିଜ୍ଞତା ଛଡ଼ା ଏହାକୁ ପ୍ରମାଣ କରାଯାଇପାରିବ ନାହିଁ । ଯାହାଙ୍କର ଏହି ଅଭିଜ୍ଞତା ହୋଇଛି, ତାଙ୍କ ପକ୍ଷରେ ହିଁ ଏହି ପ୍ରମାଣ କାର୍ଯ୍ୟକର । ତୁମର ଅଭିଜ୍ଞତା ମୋ ନିକଟରେ କିଛି ନୁହେଁ, ମୋର ଅଭିଜ୍ଞତା ମଧ୍ୟ ତୁମ ନିକଟରେ ନିଷ୍ଫଳ । ମୁଁ ଅଲୌକିକ ଘଟଣାରେ ବିଶ୍ୱାସୀ ନୁହେଁ । ଧର୍ମ ବିଷୟରେ ଅଦ୍ଭୁତ କାଣ୍ଡକାରଖାନା ମୋ ନିକଟରେ ଅପ୍ରୀତିକର ।

### ସେ ଏହା ଅନ୍ଧଭାବରେ ବିଶ୍ୱାସ କରନ୍ତି

ତେବେ ମୋର ବର୍ତ୍ତମାନ ଅସ୍ତିତ୍ୱର ବ୍ୟାଖ୍ୟା ନିମିତ୍ତ ମୋତେ ଗୋଟିଏ ଅତୀତ ଓ ଭବିଷ୍ୟତ୍ ଅବସ୍ଥାରେ ଅବଶ୍ୟ ବିଶ୍ୱାସ କରିବାକୁ ହେବ । ଆମେ ଯଦି ଏହି ପୃଥିବୀରୁ ଚାଲିଯାଉ, ଆମକୁ ନିଶ୍ଚୟ ଅନ୍ୟ କୌଣସି ଆକାର ଧାରଣ କରିବାକୁ ହେବ । ଏହି ଦିଗରୁ ଦେଖିଲେ ମୋର ପୁନର୍ଜନ୍ମରେ ବିଶ୍ୱାସ ଆସେ । ତେବେ ମୁଁ ଏହା ପ୍ରତ୍ୟକ୍ଷଭାବରେ ପ୍ରମାଣ କରିପାରିବ ନାହିଁ । ପୁନର୍ଜନ୍ମବାଦ ବଦଳରେ ଅନ୍ୟ ସୁଷ୍ଠୁତର କିଛି ଯଦି କେହି ମୋତେ ଦେଖାଇପାରନ୍ତି, ତା'ହେଲେ ମୁଁ ତାହା ତ୍ୟାଗ କରିବାକୁ ପ୍ରସ୍ତୁତ ଅଛି । ଏପର୍ଯ୍ୟନ୍ତ ମୁଁ ନିଜେ ଏପରି ସନ୍ତୋଷଜନକ କିଛି ଖୋଜି ପାଇନାହିଁ ।

ମିଃ କାନନ୍ଦ କଲିକତାର ଅଧିବାସୀ ଏବଂ ସେଠାର ରାଜକୀୟ ବିଶ୍ୱବିଦ୍ୟାଳୟର ଗ୍ରାଜୁଏଟ୍ । ଇଂରେଜୀ ଯେଉଁମାନଙ୍କର ମାତୃଭାଷା, ସେ ସେମାନଙ୍କ ପରି ହିଁ ଇଂରାଜୀ କହି-ପାରନ୍ତି । ଏହି ଭାଷାର ମାଧ୍ୟମରେ ହିଁ ସେ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଲାଭ କରିଛନ୍ତି । ସେ ଇଂରେଜ ଜାତି ସହିତ ଭାରତବାସୀଙ୍କର ସଂସ୍ପର୍ଶ ଲକ୍ଷ୍ୟ କରିବାର ପ୍ରଚୁର ସୁଯୋଗ ପାଇଛନ୍ତି । କୌଣସି ବୈଦେଶିକ ମିଶନାରୀ କର୍ମୀ କାନନ୍ଦଙ୍କର କଥାବାର୍ତ୍ତା ଶୁଣିଲେ ଭାରତବାସୀଙ୍କୁ ଖ୍ରୀଷ୍ଟଧର୍ମାବଲମ୍ବୀ କରିବା ବିଷୟରେ ନୈରାଶ୍ୟ ପୋଷଣ କରିବେ । ଏହି ସମ୍ପର୍କରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା—ପାଶ୍ଚାତ୍ୟର ଧର୍ମଶିକ୍ଷା ପ୍ରାଚ୍ୟର ଚିନ୍ତାଧାରା ଉପରେ କେତେଦୂର କାର୍ଯ୍ୟକାରୀ ହୋଇଛି ? ଉତ୍ତରରେ କାନନ୍ଦ କହିଲେ, 'ଗୋଟିଏ ଦେଶକୁ ନୂତନ କୌଣସି ଚିନ୍ତାଧାରା ଗଲେ ତାହାର କିଛି ନା କିଛି ଫଳ ଅବଶ୍ୟ ଘଟେ । ତେବେ ପ୍ରାଚ୍ୟ ଚିନ୍ତାଧାରା ଉପରେ ଖ୍ରୀଷ୍ଟଧର୍ମର ଶିକ୍ଷା ଯେଉଁ ପ୍ରଭାବ ବିସ୍ତାର କରିଛି, ତାହା ଏତେ ସାମାନ୍ୟ ଯେ, ଏହା ନଜରକୁ ହିଁ ଆସେ ନାହିଁ । ପ୍ରାଚ୍ୟ ଚିନ୍ତାଧାରା ଏଦେଶରେ ଯେପରି ସ୍ୱଳ୍ପ ହିଁ ଦାଗ ରଖେ, ପ୍ରାଚ୍ୟଦେଶରେ ପାଶ୍ଚାତ୍ୟ ମତବାଦସମୂହର ଫଳ ସେହିପରି, ବରଂ ଏତିକି ମଧ୍ୟ ନୁହେଁ । ଅର୍ଥାତ୍ ଦେଶର ଚିନ୍ତାଶୀଳ ଲୋକଙ୍କ ଉପରେ ଏହାର କୌଣସି ପ୍ରଭାବ

ନାହିଁ । ସାଧାରଣ ଲୋକଙ୍କ ମଧ୍ୟରେ ମିଶନାରୀମାନଙ୍କ କାର୍ଯ୍ୟର ଫଳ ମଧ୍ୟ ଅତି ସାମାନ୍ୟ । ଯେତେଜଣ ଲୋକ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୁଅନ୍ତି, ଦେଶୀୟ ଧର୍ମସମ୍ପ୍ରଦାୟରୁ ସେତିକିଜଣ ଲୋକ ଅବଶ୍ୟ କମିଯାଆନ୍ତି । ତେବେ ଦେଶର ସମଗ୍ର ଜନସଂଖ୍ୟା ଏତେ ବିପୁଳ ଯେ, ମିଶନାରୀମାନଙ୍କର ଧର୍ମାନ୍ତରୀକରଣର ପରିମାଣ ନଜରକୁ ଆସେ ନାହିଁ ।

## ଯୋଗୀଗଣ ଯାଦୁକର

ଯୋଗୀ ବା ଅପର ପାରଦର୍ଶୀଗଣଙ୍କଦ୍ୱାରା ଅନୁଷ୍ଠିତ ଅଲୌକିକ କ୍ରିୟାକଲାପ କଥା ଯାହା ଶୁଣାଯାଏ, ସେସମ୍ବନ୍ଧରେ କିଛି ଜାଣନ୍ତି କି ନାହିଁ ପ୍ରଶ୍ନ କରାଯିବାରୁ ମିଃ କାନନ୍ଦ କହିଲେ ଯେ, ଅଲୌକିକ ଘଟନା ପ୍ରତି ସେ ଦୃଷ୍ଟି ଦିଅନ୍ତି ନାହିଁ । ଦେଶରେ ଅବଶ୍ୟ ବହୁ ଯାଦୁକର ଦେଖାଯାଆନ୍ତି, ତେବେ ସେମାନେ ଯାହା ଦେଖାନ୍ତି, ତାହା ହାତର କୌଶଳ-ବିଶେଷ । ମିଃ କାନନ୍ଦ ନିଜେ ଥରେ ଜଣେ ମୁସଲମାନ ଫକୀର ନିକଟରୁ 'ଆମ୍ବର ମ୍ୟାଜିକ୍' ଅଳ୍ପମାତ୍ରାରେ ଦେଖିଥିଲେ । ଲାମାମାନଙ୍କର ଅଲୌକିକ କ୍ରିୟାକଲାପ ସମ୍ବନ୍ଧରେ ମଧ୍ୟ ତାଙ୍କର ମତ ଅନୁରୂପ । ମିଃ କାନନ୍ଦ କହିଲେ, ଏସବୁ ଘଟନାର ପ୍ରତ୍ୟକ୍ଷଦର୍ଶୀମାନଙ୍କ ମଧ୍ୟରେ ସୁଶିକ୍ଷିତ, ବୈଜ୍ଞାନିକ-ଦୃଷ୍ଟିସମ୍ପନ୍ନ ବା ପକ୍ଷପାତଶୂନ୍ୟ ଲୋକଙ୍କର ଏକାନ୍ତ ଅଭାବ । ଅତଏବ ସେମାନଙ୍କ ପ୍ରଦତ୍ତ ବିବରଣରୁ କେଉଁଟି ସତ୍ୟ, କେଉଁଟି ମିଥ୍ୟା, ତାହା ବିଚାର କରିବା କଠିନ ।

# ହିନ୍ଦୁ ଜୀବନଦର୍ଶନ

'ବ୍ରୁକ୍‌ଲିନ୍ ଟାଇମସ୍', ୩୧ ଡିସେମ୍ବର ୧୮୯୪

ଗତ ରାତିରେ ପୋଚ୍ ଗ୍ୟାଲେରୀରେ ବ୍ରୁକ୍‌ଲିନ୍ ଏଥିକାଲ୍ ଆସୋସିଏସନ ତରଫରୁ ସ୍ୱାମୀ ବିବେକାନନ୍ଦଙ୍କୁ ଏକ ଅଭ୍ୟର୍ଥନା ଦିଆ ହୋଇଥିଲା ।···ଅଭ୍ୟର୍ଥନା ପୂର୍ବରୁ ଏହି ବିଶିଷ୍ଟ ଅତିଥି ଭାରତର ଧର୍ମସମୂହ ସମ୍ବନ୍ଧରେ ଏକ ଅତ୍ୟନ୍ତ ଚିତ୍ତାକର୍ଷକ ବକ୍ତୃତା ଦେଇଥିଲେ । ଅନ୍ୟାନ୍ୟ ନାନା ଆଲୋଚନା ବ୍ୟତୀତ ସେ କହିଲେ, 'ଆମେମାନେ ପୃଥିବୀକୁ ଆସିଛୁ ଶିଖିବାକୁ'—ଏହା ହିଁ ହେଲା ହିନ୍ଦୁମାନଙ୍କର ଜୀବନଦର୍ଶନ । ଜ୍ଞାନସଞ୍ଚୟରେ ହିଁ ଜୀବନର ପୂର୍ଣ୍ଣ ସୁଖ । ମାନବାତ୍ମା ଜ୍ଞାନ ଓ ଅଭିଜ୍ଞତା ଲାଭ ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି । ତୁମର ବାଇବେଲର ଜ୍ଞାନଦ୍ୱାରା ମୁଁ ମୋର ଶାସ୍ତ୍ର ଭଲଭାବେ ବୁଝିପାରେ । ସେହିପରି ତୁମେ ମଧ୍ୟ ତୁମର ବାଇବେଲ ସୁଷ୍ଠୁତର ଭାବରେ ପଢ଼ିପାରିବ ଯଦି ମୋର ଶାସ୍ତ୍ର ସହିତ ତୁମର ପରିଚୟ ଥାଏ । ଗୋଟିଏ ଧର୍ମ ସତ୍ୟ ହେଲେ ଅନ୍ୟାନ୍ୟ ଧର୍ମ ମଧ୍ୟ ନିଶ୍ଚୟ ସତ୍ୟ । ଏକ ସତ୍ୟ ବିଭିନ୍ନ ଆକାରରେ ଅଭିବ୍ୟକ୍ତ ହୋଇଛି ଏବଂ ଏହି ଆକାରଗୁଡ଼ିକ ନିର୍ଭର କରେ ଭିନ୍ନ ଭିନ୍ନ ଜାତିର ଶାରୀରିକ ଓ ମାନସିକ ଅବସ୍ଥାର ବୈଚିତ୍ର୍ୟ ଉପରେ ।

ଆମର ଯାହାକିଛି ଅଛି, ତାହାକୁ ଯଦି ଜଡ଼ବସ୍ତୁ ଓ ତାହାର ପରିଣାମ ଦ୍ୱାରା ବ୍ୟାଖ୍ୟା କରିଯାଇପାରୁଥାନ୍ତା, ତାହା ହେଲେ ଆତ୍ମାର ଅସ୍ତିତ୍ୱ ସ୍ୱୀକାର କରିବାର କୌଣସି ପ୍ରୟୋଜନ ନ ଥାନ୍ତା; କିନ୍ତୁ ଚିନ୍ତାଶକ୍ତି ଯେ ଜଡ଼ବସ୍ତୁରୁ ଉଦ୍ଭୂତ ହୋଇଛି, ଏହା ପ୍ରମାଣ କରାଯାଇପାରେ ନାହିଁ । ମନୁଷ୍ୟର ଦେହ ଯେ କେତେଗୁଡ଼ିଏ ପ୍ରବୃତ୍ତି ବଂଶାନୁକ୍ରମେ ଲାଭ କରେ—ଏହା ଆମେମାନେ ଅସ୍ୱୀକାର କରିପାରିବୁ ନାହିଁ; କିନ୍ତୁ ଏହି ପ୍ରବୃତ୍ତିଗୁଡ଼ିକର ଅର୍ଥ ହେଲା ସେହି ଉପଯୁକ୍ତ ଶାରୀରିକ ଗଠନ, ଯାହା ମାଧ୍ୟମରେ ଗୋଟିଏ ବିଶେଷ ମନ ନିଜସ୍ୱ ଧାରାରେ କାର୍ଯ୍ୟ କରିବ । ଜୀବାତ୍ମା ଯେଉଁ ବିଶେଷ ମାନସିକ ସଂସ୍କାର ନେଇ ଜନ୍ମଗ୍ରହଣ କରେ, ତାହା ତା'ର ଅତୀତ କର୍ମଦ୍ୱାରା ସଞ୍ଜାତ । ତାହାକୁ ଏପରି ଗୋଟିଏ ଶରୀର ବାଛି ନେବାକୁ ହେବ, ଯାହା ତା'ର ମାନସିକ ସଂସ୍କାରଗୁଡ଼ିକର ବିକାଶ ପକ୍ଷରେ ସର୍ବାପେକ୍ଷା ଉପଯୋଗୀ ହେବ । ସାଦୃଶ୍ୟର ନିୟମରେ ଏହା ଘଟେ । ବିଜ୍ଞାନ ସହିତ ଏହାର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି, କାରଣ ବିଜ୍ଞାନ 'ଅଭ୍ୟାସ' ଦ୍ୱାରା ସବୁ କିଛି ବ୍ୟାଖ୍ୟା କରିବାକୁ ଚାହେଁ । କିଛି ଗୋଟାଏ ପୁନଃ ପୁନଃ ଘଟିବା ଫଳରେ ଅଭ୍ୟାସର ସୃଷ୍ଟି ହୁଏ । ଅତଏବ ନବଜାତ ଆତ୍ମାର ସ୍ୱାଭାବିକ ସଂସ୍କାରଗୁଡ଼ିକର ବ୍ୟାଖ୍ୟା କରିବାକୁ ହେଲେ ସେଗୁଡ଼ିକର ପୁନଃ ପୁନଃ ଆବୃତ୍ତି ପୂର୍ବରୁ ସଙ୍ଘଟିତ ହୋଇଛି ବୋଲି ସ୍ୱୀକାର କରିବା ପ୍ରୟୋଜନ । ଏହି ସଂସ୍କାର-ଗୁଡ଼ିକ ତ ଏହି ଜନ୍ମରେ ଉତ୍ପନ୍ନ ନୁହେଁ, ଅତଏବ ନିଶ୍ଚିତରୂପେ ଅତୀତ ଜନ୍ମରୁ ଏଗୁଡ଼ିକ ଆସିଛି ।

ମାନବଜାତିର ବିଭିନ୍ନ ଧର୍ମଗୁଡ଼ିକ ବିଭିନ୍ନ ଅବସ୍ଥା ମାତ୍ର । ମାନବାତ୍ମା ଯେଉଁସବୁ ସ୍ତର ଅତିକ୍ରମ କରି ଈଶ୍ୱରଙ୍କୁ ପ୍ରତ୍ୟକ୍ଷ କରେ, ପ୍ରତ୍ୟେକଟି ଧର୍ମ ଏହିଭଳି ସ୍ତରବିଶେଷ । କୌଣସି ସ୍ତରଟିକୁ ଅବହେଳା କରିବା ଉଚିତ ନୁହେଁ । କୌଣସିଟି ଖରାପ ବା ବିପଜ୍ଜନକ ନୁହେଁ । ସବୁଗୁଡ଼ିକ ହିଁ କଲ୍ୟାଣପ୍ରସୂ । ଶିଶୁ ଯେପରି ଯୁବକ ହୁଏ, ପୁଣି ଯୁବକ ଯେପରି ପରିଣତ ବୟସରେ ରୂପାନ୍ତରିତ ହୁଏ, ମାନବ ସେହିପରି ଗୋଟିଏ ସତ୍ୟରୁ ଅପର ସତ୍ୟରେ ଉପନୀତ ହୁଏ । ବିପଦ ଆସେ ସେତିକିବେଳେ, ଯେତେବେଳେ ଏହି ବିଭିନ୍ନ ଅବସ୍ଥାର ସତ୍ୟଗୁଡ଼ିକ ଅନମନୀୟ ହୋଇ ଠିଆ ହୁଏ ଏବଂ ଆଉ ଘୁଞ୍ଚିବାକୁ ଚାହେଁ ନାହିଁ । ସେତେବେଳେ ମାନବର ଆଧ୍ୟାତ୍ମିକ ଗତି ରୁଦ୍ଧ ହୁଏ । ଶିଶୁ ଯଦି ନ ବଢ଼େ ତାହାହେଲେ ବୁଝିବାକୁ ହେବ ଯେ, ସେ ବ୍ୟାଧିଗ୍ରସ୍ତ । ଧର୍ମ-ପଥରେ ମନୁଷ୍ୟ ଯଦି ଧୀରଭାବରେ ସ୍ତର ପରେ ସ୍ତର ଆଗେଇ-ଯାଏ, ତାହାହେଲେ ଏହି ସ୍ତରଗୁଡ଼ିକ କ୍ରମଶଃ ତାହାକୁ ପୂର୍ଣ୍ଣ ସତ୍ୟର ଉପଲବ୍ଧି ଆଣି-ଦେବ । ଏଥିପାଇଁ ଆମେମାନେ ଈଶ୍ୱରଙ୍କର ସଗୁଣ ଓ ନିର୍ଗୁଣ ଉଭୟ ଭାବ ହିଁ ବିଶ୍ୱାସ କରୁ, ଏବଂ ଏହି ସଙ୍ଗେ ସଙ୍ଗେ ଅତୀତରେ ଯେଉଁ ସବୁ ଧର୍ମ ଥିଲା, ବର୍ତ୍ତମାନ ଯେଉଁଗୁଡ଼ିକ ବିଦ୍ୟମାନ ଏବଂ ଭବିଷ୍ୟତରେ ଯେଉଁଗୁଡ଼ିକ ଆସିବ—ସବୁଗୁଡ଼ିକୁ ବିଶ୍ୱାସ କରୁ । ଆମମାନଙ୍କର ଆହୁରି ବିଶ୍ୱାସ ଯେ, ଧର୍ମସମୂହକୁ କେବଳ ସହ୍ୟ କରିବା ନୁହେଁ, ଆନ୍ତରିକତାର ସହିତ ଗ୍ରହଣ କରିବା କର୍ତ୍ତବ୍ୟ ।

ସ୍ଥୂଳ ଜଡ଼ଜଗତରେ ଆମେ ଦେଖିବାକୁ ପାଉ—ବିସ୍ତାର ହିଁ ଜୀବନ, ସଙ୍କୋଚ ହିଁ

ମୃତ୍ୟୁ । କୌଣସି ବସ୍ତୁର ପ୍ରସାରଣ ବନ୍ଦ ହୋଇଗଲେ ତାହାର ଜୀବନର ଅବସାନ ଘଟେ । ନୈତିକ କ୍ଷେତ୍ରରେ ଏହି ନିୟମ ପ୍ରୟୋଗ କଲେ କୁହାଯାଇପାରେ—ଯଦି କେହି ବଞ୍ଚିବାକୁ ଚାହେଁ, ତାକୁ ସମସ୍ତଙ୍କୁ ଭଲପାଇବାକୁ ପଡ଼ିବ । ଭଲପାଇବା ରୁଦ୍ଧ ହେଲେ ମୃତ୍ୟୁ ଅନିବାର୍ଯ୍ୟ । ପ୍ରେମ ହିଁ ହେଲା ମାନବପ୍ରକୃତି । ଏହାକୁ ତୁମେ କୌଣସିମତେ ଏଡ଼ାଇପାରିବ ନାହିଁ, କାରଣ ଏହା ହିଁ ଜୀବନର ଏକମାତ୍ର ନିୟମ । ଅତଏବ ଆମର କର୍ତ୍ତବ୍ୟ ଭଲ ପାଇବା ପାଇଁ ଭଗବାନଙ୍କୁ ଭଲ ପାଇବା, କର୍ତ୍ତବ୍ୟ ପାଇଁ କର୍ତ୍ତବ୍ୟ ସମ୍ପାଦନ କରିବା, କାର୍ଯ୍ୟ ପାଇଁ କାର୍ଯ୍ୟ କରିବା । ଅନ୍ୟ କୌଣସି ପ୍ରତ୍ୟାଶା ଯେପରି ଆମର ନ ରହେ । ଜାଣିବାକୁ ହେବ ଯେ, ମନୁଷ୍ୟ ସ୍ୱରୂପତଃ ଶୁଦ୍ଧ ଓ ପୂର୍ଣ୍ଣ, ମନୁଷ୍ୟ ହିଁ ଭଗବାନଙ୍କର ପ୍ରକୃତ ମନ୍ଦିର ।

'ବୃକ୍‌ଲିନ୍ ଡେଲି ଇଗ୍‌ଲ', ୩୧ ଡିସେମ୍ବର ୧୮୯୪

ମହାସମ୍ପ୍ରଦାୟ, ବୌଦ୍ଧ ଏବଂ ଭାରତର ଅନ୍ୟାନ୍ୟ ଧର୍ମସମ୍ପ୍ରଦାୟର ମତଗୁଡ଼ିକ ଉଲ୍ଲେଖ କରି ବକ୍ତା କହିଲେ ଯେ, ହିନ୍ଦୁମାନେ ସେମାନଙ୍କର ଧର୍ମ ବେଦର ଆପ୍ତବାଣୀରୁ ଲାଭ କରିଛନ୍ତି । ବେଦ-ମତରେ ସୃଷ୍ଟି ଅନାଦି ଓ ଅନନ୍ତ । ମନୁଷ୍ୟ ଦେହଧାରୀ ଆତ୍ମା । ଦେହର ମୃତ୍ୟୁ ଅଛି; କିନ୍ତୁ ଆତ୍ମା ଅବିନାଶୀ । ଦେହ ଧ୍ୱଂସ ପାଇଲେ ମଧ୍ୟ ଆତ୍ମା ରହିଯିବ । ଆତ୍ମା କୌଣସି କିଛିରୁ ଉତ୍ପନ୍ନ ହୋଇ ନାହିଁ, କାରଣ ଉତ୍ପତ୍ତି ଅର୍ଥରେ କେତେଗୁଡ଼ିଏ ଜିନିଷର ସମ୍ମେଳନ, ଓ ଯାହା କିଛି ସମ୍ମିଳିତ, ଭବିଷ୍ୟତରେ ତାହାର ବିଶ୍ଳେଷଣ ସୁନିଶ୍ଚିତ । ଅତଏବ ଆତ୍ମାର ଉଦ୍ଭବ ସ୍ୱୀକାର କଲେ ଏହାର ଲୟ ମଧ୍ୟ ଅବଶ୍ୟମ୍ଭାବୀ । ସେଥିପାଇଁ କୁହାଯାଏ, ଆତ୍ମାର ଉତ୍ପତ୍ତି ନାହିଁ । ଯଦି କହ, ଆମର ପୂର୍ବ ଜନ୍ମର କୌଣସି କଥା ଆମେ ସ୍ମରଣ କରି-ପାରୁ ନାହିଁ କାହିଁକି, ତାହାର ବ୍ୟାଖ୍ୟା ସହଜ । ଆମେ ଯାହାକୁ ବିଷୟର ଜ୍ଞାନ କହୁ ତାହା ଏକାନ୍ତଭାବେ ଆମର ମନ-ସମୁଦ୍ରର ଉପରର ବ୍ୟାପାର । ମନର ଗଭୀରତାରେ ଆମର ସମସ୍ତ ଅଭିଜ୍ଞତା ସଞ୍ଚିତ ରହିଛି ।

ଗୋଟିଏ ସ୍ଥାୟୀ ସତ୍ତାର ଅନ୍ୱେଷଣର ଆକାଙ୍‌କ୍ଷା ମଣିଷ ମନରେ ଜାଗ୍ରତ ହୋଇଥିଲା । ମନ, ବୁଦ୍ଧି—ବସ୍ତୁତଃ ସାରା ବିଶ୍ୱପ୍ରକୃତି ହିଁ ତ ପରିବର୍ତ୍ତନଶୀଳ । ଅସୀମ, ଅନନ୍ତ କିଛିର ସନ୍ଧାନ ମିଳିବ କି ନାହିଁ—ଏହି ପ୍ରଶ୍ନ ନେଇ ଅନେକ ଆଲୋଚନା ହୋଇଛି । ଏକ ଦାର୍ଶନିକ ସମ୍ପ୍ରଦାୟ, ବର୍ତ୍ତମାନ ବୌଦ୍ଧଗଣ ଯାହାର ପ୍ରତିନିଧି—କହନ୍ତି, 'ଯାହା କିଛି ପଞ୍ଚେନ୍ଦ୍ରିୟଗ୍ରାହ୍ୟ ନୁହେଁ, ତାହାର କୌଣସି ଅସ୍ତିତ୍ୱ ନାହିଁ । ପ୍ରତ୍ୟେକ ବସ୍ତୁ ଅପର ବସ୍ତୁନିଚୟ ଉପରେ ନିର୍ଭର କରେ । ମନୁଷ୍ୟ ଗୋଟିଏ ସ୍ୱାଧୀନ ସତ୍ତା—ଏହି ଧାରଣା ଭ୍ରମ ।' ପକ୍ଷାନ୍ତରେ, ଭାବବାଦୀମାନେ କହନ୍ତି, ପ୍ରତ୍ୟେକେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବ୍ୟକ୍ତି । ସମସ୍ୟାଟିର ପ୍ରକୃତ ସମାଧାନ ଏହି ଯେ ପ୍ରକୃତି ଅନ୍ୟୋନ୍ୟ-ନିର୍ଭରତା ଓ ସ୍ୱତନ୍ତ୍ରତା, ବାସ୍ତବତା ଓ ଭାବସତ୍ତା—ଏହି ଉଭୟର ସମ୍ମିଶ୍ରଣ । ପାରସ୍ପରିକ ନିର୍ଭରତାର ପ୍ରମାଣ ଏହି ଯେ, ଆମ ଶରୀରର ଗତିସମୂହ ଆମ ମନର ଅଧୀନ; ପୁଣି, ମନ ଖ୍ରୀଷ୍ଟାନ୍‌ମାନେ ଯାହାକୁ 'ଆତ୍ମା' କହନ୍ତି, ସେହି ଚୈତନ୍ୟସତ୍ତାଦ୍ୱାରା ଚାଳିତ ।

ମୃତ୍ୟୁ ଏକ ପରିବର୍ତ୍ତନ ମାତ୍ର । ମୃତ୍ୟୁପରେ ଅନ୍ୟ ଲୋକକୁ ଯାଇ ଯେଉଁ ଆତ୍ମାଗଣ ଉଚ୍ଚ ଅବସ୍ଥା ପ୍ରାପ୍ତ ହୋଇଛନ୍ତି, ଏବଂ ଯେଉଁମାନେ ଏହି ପୃଥିବୀରେ ରହିଛନ୍ତି, ଚୈତନ୍ୟସତ୍ତା ଦିଗରୁ ଦେଖିଲେ ସେମାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସେହିପରି ଅପର ଲୋକରେ ନିମ୍ନଗତି-ପ୍ରାପ୍ତ ଆତ୍ମାମାନେ ମଧ୍ୟ ଏଠାରେ ଅନ୍ୟାନ୍ୟ ଆତ୍ମା ସହିତ ଅଭିନ୍ନ । ପ୍ରତ୍ୟେକ ମନୁଷ୍ୟ ସ୍ୱରୂପତଃ ପୂର୍ଣ୍ଣ ସତ୍ତା । ଅନ୍ଧକାରରେ ବସି 'ଅନ୍ଧାର, ଅନ୍ଧାର' ବୋଲି ପରିତାପ କଲେ କିଛି ଲାଭ ନାହିଁ । ବରଂ ଉଠିଆସିଲି ଆଣି ଆଲୁଅ ଜାଳିଲେ ଅନ୍ଧକାର ତତ୍କ୍ଷଣାତ୍ ଦୂର ହୁଏ । ସେହିପରି 'ଆମର ଶରୀର ସୀମାବଦ୍ଧ, ଆମର ଆତ୍ମା ମଳିନ' ବୋଲି କହି ବସି ବସି ଅନୁଶୋଚନା କରିବା ନିଷ୍ଫଳ । ତତ୍ତ୍ୱଜ୍ଞାନର ଆଲୋକକୁ ଆବାହନ କଲେ ସଂସାରର ଅନ୍ଧକାର କଟିଯିବ । ଜୀବନର ଉଦ୍ଦେଶ୍ୟ ଜ୍ଞାନଲାଭ । ଖ୍ରୀଷ୍ଟାନ୍‌ମାନେ ହିନ୍ଦୁମାନଙ୍କ ପାଖରୁ, ହିନ୍ଦୁମାନେ ମଧ୍ୟ ଖ୍ରୀଷ୍ଟାନ୍‌ଙ୍କ ପାଖରୁ ଶିଖିପାରନ୍ତି ।

ବକ୍ତା କହିଲେ : ତୁମର ସନ୍ତାନମାନଙ୍କୁ ଶିଖାଅ ଯେ, ଧର୍ମ ଏକ ପ୍ରତ୍ୟକ୍ଷ ବସ୍ତୁ, ନେତିବାଚକ କିଛି ନୁହେଁ । ଏହା ମନୁଷ୍ୟର ଘୋଷା କଥା ମାତ୍ର ନୁହେଁ, ଏହା ହେଲା ଜୀବନର ଏକ ବିସ୍ତାର । ମନୁଷ୍ୟର ପ୍ରକୃତି ମଧ୍ୟରେ ଏକ ମହତ୍ ସତ୍ୟ ପ୍ରଚ୍ଛନ୍ନ ଭାବରେ ରହିଛି, ଯାହା ଅନବରତ ବିକଶିତ ହେବା ପାଇଁ ଚାହୁଁଛି । ଏହି ବିକାଶର ନାମ ହିଁ ଧର୍ମ । ଶିଶୁ ଯେତେବେଳେ ଭୂମିଷ୍ଠ ହୁଏ, ସେ ସେତେବେଳେ କେତେଗୁଡ଼ିଏ ପୂର୍ବ-ସଞ୍ଚିତ ଅଭିଜ୍ଞତା ନେଇ ଆସେ । ଆମେ ଆପଣା ମଧ୍ୟରେ ଯେଉଁ ସ୍ୱତନ୍ତ୍ରତାର ଭାବ ଅନୁଭବ କରୁ, ସେଥିରୁ ବୁଝାଯାଏ ଯେ, ଶରୀର ଓ ମନ ବ୍ୟତୀତ ଆମ ମଧ୍ୟରେ ଅପର ଏକ ସତ୍ୟ ରହିଛି । ଶରୀର ଓ ମନ ପରାଧୀନ; କିନ୍ତୁ ଆମର ଆତ୍ମା ସ୍ୱାଧୀନ ସତ୍ତା । ଏହା ହିଁ ଆମ ଅନ୍ତରରେ ମୁକ୍ତିର ଇଚ୍ଛା ସୃଷ୍ଟି କରୁଛି । ଆମେମାନେ ଯଦି ସ୍ୱରୂପତଃ ମୁକ୍ତ ନ ହୋଇଥାନ୍ତୁ, ତାହାହେଲେ ଆମେ ଜଗତକୁ ସତ୍ ଓ ପୂର୍ଣ୍ଣ କରି ତୋଳିବାର ଆଶା ପୋଷଣ କରିପାରନ୍ତୁ କି ? ଆମେ ବିଶ୍ୱାସ କରୁ ଯେ, ଆମେ ହିଁ ଆମର ଭବିଷ୍ୟତ୍ ଗଢ଼ୁ । ଆମେ ବର୍ତ୍ତମାନ ଯାହା, ତାହା ଆମର ନିଜର ହିଁ ସୃଷ୍ଟି । ଇଚ୍ଛା କଲେ ଆମେ ନିଜକୁ ଭାଙ୍ଗିଚୂରି ପୁଣି ନୂତନ କରି ଗଢ଼ିପାରୁ । ଆମେ ବିଶ୍ୱପିତା ଭଗବାନଙ୍କୁ ବିଶ୍ୱାସ କରୁ । ସେ ତାଙ୍କର ସନ୍ତାନମାନଙ୍କର ଜନକ ଓ ପାଳୟିତା— ସର୍ବବ୍ୟାପୀ, ସର୍ବଶକ୍ତିମାନ୍ । ତୁମେମାନେ ଯେପରି ବ୍ୟକ୍ତି-ଈଶ୍ୱରଙ୍କୁ ସ୍ୱୀକାର କର, ଆମେ ମଧ୍ୟ ସେହିପରି କରୁ । କିନ୍ତୁ ଆମେ ବ୍ୟକ୍ତି-ଈଶ୍ୱରଙ୍କଠାରୁ ଊର୍ଦ୍ଧ୍ୱକୁ ଯିବାକୁ ଚାହୁଁ । ଆମେ ବିଶ୍ୱାସ କରୁ ଯେ, ଈଶ୍ୱରଙ୍କ ନିର୍ବିଶେଷ ସତ୍ତା ସହିତ ଆମେ ସ୍ୱରୂପତଃ ଏକ । ଅତୀତରେ ଯେଉଁସବୁ ଧର୍ମ ହୋଇଛି, ବର୍ତ୍ତମାନ ଯେଉଁସବୁ ଧର୍ମ ଅଛି, ଏବଂ ଭବିଷ୍ୟତରେ ଯେଉଁସବୁ ଧର୍ମ ଉଦ୍ଭୂତ ହେବ, ସବୁଗୁଡ଼ିକ ଉପରେ ଆମର ଶ୍ରଦ୍ଧା ଅଛି । ହିନ୍ଦୁ ମାନେ ଧର୍ମର ପ୍ରତ୍ୟେକ ଅଭିବ୍ୟକ୍ତି ପ୍ରତି ମସ୍ତକ ନତ କରନ୍ତି, କାରଣ ଜଗତରେ କଲ୍ୟାଣକର ଆଦର୍ଶ ହେଲା ଗ୍ରହଣ— ବର୍ଜନ ନୁହେଁ । ସବୁ ସୁନ୍ଦର ବର୍ଣ୍ଣର ଫୁଲ ମିଶାଇ ଆମେ ତୋଡ଼ା ବାନ୍ଧି ବିଶ୍ୱସ୍ରଷ୍ଟା ଭଗବାନଙ୍କୁ ଉପହାର ଦେବୁ ! ସେ ଯେ ଆମର ଏକାନ୍ତ ଆପଣାର ଲୋକ ! ଭଲପାଇବା ପାଇଁ ହିଁ ଆମେ ତାଙ୍କୁ ଭଲପାଇବୁ, କର୍ତ୍ତବ୍ୟ ନିମିତ୍ତ ତାଙ୍କ ପ୍ରତି ଆମର କର୍ତ୍ତବ୍ୟ ସାଧନ କରିବୁ, ପୂଜା ନିମିତ୍ତ ହିଁ ଆମେ ତାଙ୍କର

ପୂଜା କରନ୍ତୁ ।

ଧର୍ମଗ୍ରନ୍ଥସମୂହ ଅବଶ୍ୟ ଭଲ, ତେବେ ସେଗୁଡ଼ିକ କେବଳ ମାନଚିତ୍ର ପରି । ଧର ଗୋଟିଏ ବହିରେ ଲେଖା ଅଛି—ବର୍ଷକୁ ଏତେ ଇଞ୍ଚ ବର୍ଷା ହୁଏ । ଜଣେ ଯଦି ମୋତେ ବହିଟିକୁ ଚିପୁଡ଼ିବା ପାଇଁ କହନ୍ତି; ମୁଁ ଏହାଦ୍ୱାରା ବିନ୍ଦୁଏ ପାଣି ମଧ୍ୟ ପାଇବି ନାହିଁ । ବହି କେବଳ ବର୍ଷାର ଧାରଣା ହିଁ ଦେଇଥାଏ । ଠିକ୍ ସେହିପରି ଶାସ୍ତ୍ର, ମନ୍ଦିର, ଗୀର୍ଜା ପ୍ରଭୃତି ଆମକୁ ପଥର ନିର୍ଦ୍ଦେଶ ଦିଏ ମାତ୍ର । ଯେପର୍ଯ୍ୟନ୍ତ ସେଗୁଡ଼ିକ ଆମକୁ ଧର୍ମପଥରେ ଆଗେଇ ଯିବାକୁ ସାହାଯ୍ୟ କରନ୍ତି, ସେପର୍ଯ୍ୟନ୍ତ ସେଗୁଡ଼ିକ ହିତକର । ବଳିଦାନ, ନତଜାନୁ ହେବା, ସ୍ତୋତ୍ରପାଠ ବା ମନ୍ତ୍ରୋଚ୍ଚାରଣ—ଏସବୁ ଧର୍ମର ଲକ୍ଷ୍ୟ ନୁହେଁ । ଆମେ ଯେତେବେଳେ ଯୀଶୁଖ୍ରୀଷ୍ଟଙ୍କୁ ସାମନାସାମନି ପ୍ରତ୍ୟକ୍ଷ ଦେଖିବାକୁ ପାଇବୁ, ସେତେବେଳେ ହିଁ ଆମର ପୂର୍ଣ୍ଣତାର ଉପଲବ୍ଧି ହେବ । ପୂର୍ବୋକ୍ତ କ୍ରିୟାକଳାପ ଯଦି ଆମମାନଙ୍କୁ ସେହି ପୂର୍ଣ୍ଣତାର ଉପଲବ୍ଧିରେ ସାହାଯ୍ୟ କରେ, ତାହାହେଲେ ସେଗୁଡ଼ିକ ଭଲ । ଶାସ୍ତ୍ରର କଥା ବା ଉପଦେଶ ଆମର ଉପକାରରେ ଆସିପାରେ । କଲମ୍ବସ୍ ଏହି ମହାଦେଶ ଆବିଷ୍କାର କରିବା ପରେ ଦେଶକୁ ଫେରିଯାଇ ସ୍ୱଦେଶବାସୀଙ୍କୁ ନୂତନ ପୃଥିବୀର ସମ୍ବାଦ ଦେଲେ । ଅନେକେ ବିଶ୍ୱାସ କରିବାକୁ ଚାହିଁଲେ ନାହିଁ । ସେମାନଙ୍କୁ କହିଲେ, ନିଜେ ଯାଇ ଖୋଜି ଦେଖ । ସେହିପରି ଆମେମାନେ ମଧ୍ୟ ଶାସ୍ତ୍ରର ଉପଦେଶ ପଢ଼ିବା ପରେ ଯଦି ନିଜେ ସାଧନା କରି ଶାସ୍ତ୍ରୋକ୍ତ ସତ୍ୟ ପ୍ରତ୍ୟକ୍ଷ କରିପାରୁ, ତାହାହେଲେ ଆମେ ଯେଉଁ ଦୃଢ଼ ବିଶ୍ୱାସ ଲାଭ କରୁ, ତାହା କେହି କାଢ଼ି ନେଇପାରିବେ ନାହିଁ ।

ବକ୍ତୃତା ପରେ ବକ୍ତାଙ୍କୁ ଯେକୌଣସି ପ୍ରଶ୍ନ ପଚାରି ତାଙ୍କର ଅଭିମତ ଜାଣିବାର ସୁଯୋଗ ଉପସ୍ଥିତ ସମସ୍ତଙ୍କୁ ଦିଆ ହୋଇଥିଲା । ଅନେକେ ଏହି ସୁଯୋଗ ଗ୍ରହଣ କରିଥିଲେ ।*

## ନାରୀତ୍ୱର ଆଦର୍ଶ

'ବ୍ରୁକ୍‌ଲିନ୍ ଷ୍ଟାଣ୍ଡାର୍ଡ ୟୁନିଅନ୍', ୨୧ ଜାନୁଆରି ୧୮୯୫

'ଏଥିକାଲ୍ ଆସୋସିଏସନ'ର ସଭାପତି ଡକ୍ଟର ଜେନସ ସ୍ୱାମୀ ବିବେକାନନ୍ଦଙ୍କୁ ଶ୍ରୋତୃମଣ୍ଡଳୀ ସହିତ ପରିଚୟ କରାଇଦେବା ପରେ ସେ ତାଙ୍କର ବକ୍ତୃତାରେ ଯାହା କହିଲେ, ତାହାର କିୟଦଂଶ ଏଠାରେ ଉଦ୍ଧୃତ କରାଗଲା :

କୌଣସି ଜାତିର ବସ୍ତିରେ ଉତ୍ପନ୍ନ ପଦାର୍ଥ ସେହି ଜାତିକୁ ବିଚାର କରିବାର ପରିମାପକ ନୁହେଁ । ପୃଥିବୀର ସବୁ ଆପେଲ-ଗଛତଳୁ ପୋକଖିଆ ପଚା ଆପେଲ ସଂଗ୍ରହ କରି ଜଣେ ସେଗୁଡ଼ିକରୁ ପ୍ରତ୍ୟେକଟିକୁ ନେଇ ଖଣ୍ଡିଏ ଖଣ୍ଡିଏ ବହି ଲେଖିପାରେ; ତଥାପି ଆପେଲ ଗଛର ସୌନ୍ଦର୍ଯ୍ୟ ଓ ସମ୍ଭାବନା ସମ୍ବନ୍ଧରେ ତାହାର କିଛିମାତ୍ର ଧାରଣା ନାହିଁ, ଏହା ମଧ୍ୟ

* 'ସ୍ୱାମୀଜୀଙ୍କ ବାଣୀ ଓ ରଚନା', ୧ମ ଖଣ୍ଡରେ 'ପ୍ରଶ୍ନୋତ୍ତର' ଦ୍ରଷ୍ଟବ୍ୟ ।

ସମ୍ଭବ । ଜାତିର ମହତ୍ତମ ଓ ଶ୍ରେଷ୍ଠ ବ୍ୟକ୍ତିମାନଙ୍କଦ୍ୱାରା ହିଁ ଜାତିକୁ ଯଥାର୍ଥଭାବରେ ବିଚାର କରାଯାଇପାରେ । ଯେଉଁମାନେ ପତିତ ସେମାନେ ନିଜେ ହିଁ ତ ଗୋଟିଏ ଶ୍ରେଣୀବିଶେଷ । ଅତଏବ କୌଣସି ଏକ ଜାତିକୁ ବିଚାର କରିବା ସମୟରେ ତାହାର ଶ୍ରେଷ୍ଠ ଅଭିବ୍ୟକ୍ତି ଓ ଆଦର୍ଶଦ୍ୱାରା ବିଚାର କରିବା କେବଳ ସମୀଚୀନ ନୁହେଁ, ନ୍ୟାଯ୍ୟ ଓ ନୀତିସଙ୍ଗତ ।

ପୃଥିବୀର ଇତିହାସରେ ପ୍ରାଚୀନତମ ଜାତି—ଭାରତୀୟ ଆର୍ଯ୍ୟଗଣଙ୍କ ନିକଟରେ ନାରୀତ୍ୱର ଆଦର୍ଶ ଅତି ପ୍ରଧାନ ସ୍ଥାନ ଅଧିକାର କରିଥିଲା । ଆର୍ଯ୍ୟଜାତିରେ ପୁରୁଷ ଏବଂ ନାରୀ ଉଭୟେ ଧର୍ମଗୁରୁ ହୋଇପାରୁଥିଲେ । ବେଦର ଭାଷାରେ ସ୍ତ୍ରୀ ଥିଲେ ସ୍ୱାମୀର 'ସହଧର୍ମିଣୀ' ଅର୍ଥାତ୍ ଧର୍ମସଙ୍ଗିନୀ । ପ୍ରତ୍ୟେକ ପରିବାରରେ ଗୋଟିଏ ଯଜ୍ଞବେଦୀ ରହୁଥିଲା । ବିବାହ ସମୟରେ ତହିଁରେ ଯେଉଁ ହୋମାଗ୍ନି ପ୍ରଜ୍ୱଳିତ ହେଉଥିଲା, ତାହାକୁ ମୃତ୍ୟୁ ପର୍ଯ୍ୟନ୍ତ ଉଦ୍ଦୀପିତ କରି ରଖା ହେଉଥିଲା । ଦମ୍ପତିଙ୍କ ମଧ୍ୟରୁ ଜଣେ ମରିଗଲେ ତାହାର ଶିଖାରୁ ହିଁ ଚିତାଗ୍ନି ଜଳା ହେଉଥିଲା । ସ୍ୱାମୀ ଓ ସ୍ତ୍ରୀ ଏକତ୍ର ଗୃହର ଯଜ୍ଞାଗ୍ନିରେ ପ୍ରତ୍ୟହ ଦେବତା ଉଦ୍ଦେଶ୍ୟରେ ଆହୁତି ଦେଉଥିଲେ । ପତ୍ନୀଙ୍କୁ ଛାଡ଼ି ପତିର ଏକାକୀ ଉପାସନାର ଅଧିକାର ନ ଥିଲା, କାରଣ ପତ୍ନୀଙ୍କୁ ସ୍ୱାମୀର ଅର୍ଦ୍ଧାଙ୍ଗୀ ବୋଲି ମନେକରାଯାଉଥିଲା । ଅବିବାହିତ ବ୍ୟକ୍ତି ଯାଜ୍ଞିକ ହୋଇପାରୁ ନ ଥିଲେ । ପ୍ରାଚୀନ ରୋମ୍ ଓ ଗ୍ରୀସ୍‌ରେ ମଧ୍ୟ ଏହି ନିୟମ ପ୍ରଚଳିତ ଥିଲା; କିନ୍ତୁ ଏକ ସ୍ୱତନ୍ତ୍ର ପୃଥକ୍ ପୁରୋହିତଶ୍ରେଣୀର ଆବିର୍ଭାବ ସଙ୍ଗେ ସଙ୍ଗେ ଏହିସବୁ ଜାତି ମଧ୍ୟରୁ ନାରୀର ଧର୍ମକୃତ୍ୟରେ ସମାନାଧିକାର ପଛକୁ ଘୁଞ୍ଚିଯାଇଥିଲା । ସେମିଟିକ୍ ରକ୍ତସମ୍ଭୂତ ଆସିରୀୟ ଜାତିର ଘୋଷଣା ପ୍ରଥମେ ଶୁଣାଗଲା—କନ୍ୟାର କୌଣସି ସ୍ୱାଧୀନ ମତ ରହିବ ନାହିଁ, ବିବାହ ପରେ ମଧ୍ୟ ତାହାକୁ କୌଣସି ଅଧିକାର ଦିଆଯିବ ନାହିଁ । ପାରସିକଗଣ ଏହି ମତ ବିଶେଷଭାବରେ ଗ୍ରହଣ କଲେ, ପରେ ସେମାନଙ୍କ ମାଧ୍ୟମରେ ଏହା ରୋମ୍ ଓ ଗ୍ରୀସ୍‌ରେ ପହଞ୍ଚିଲା ଏବଂ ସର୍ବତ୍ର ନାରୀଜାତିର ଉନ୍ନତି ବ୍ୟାହତ ହେବାକୁ ଲାଗିଲା ।

ଆଉ ଗୋଟିଏ ବ୍ୟାପାର ମଧ୍ୟ ଏହି ଘଟଣା ପାଇଁ ଦାୟୀ—ବିବାହପଦ୍ଧତିର ପରିବର୍ତ୍ତନ । ପ୍ରଥମେ ପାରିବାରିକ ନିୟମ ଥିଲା, ଜନନୀର କର୍ତ୍ତୃତ୍ୱ ଅର୍ଥାତ୍ ମାତା ଥିଲେ ପରିବାରର କେନ୍ଦ୍ର । କନ୍ୟାମାନେ ତାଙ୍କର ସ୍ଥାନ ଅଧିକାର କରୁଥିଲେ । ଏଥିରୁ ସ୍ତ୍ରୀ-ଲୋକର ବହୁ ବିବାହରୂପକ ଅଜବ ପ୍ରଥାର ଉଦ୍ଭବ ହେଲା । ଅନେକ ସମୟରେ ପାଞ୍ଚ ବା ଛ ଭ୍ରାତା ଗୋଟିଏ ସ୍ତ୍ରୀକୁ ହିଁ ବିବାହ କରୁଥିଲେ । ଏପରିକି ବେଦରେ ମଧ୍ୟ ଏହାର ଆଭାସ ଦେଖିବାକୁ ମିଳେ । ନିଃସନ୍ତାନ ଅବସ୍ଥାରେ କୌଣସି ପୁରୁଷ ମରିଗଲେ ତାଙ୍କର ବିଧବା ପତ୍ନୀ ସନ୍ତାନ ନ ହେବା ପର୍ଯ୍ୟନ୍ତ ଅପର ଜଣେ ପୁରୁଷଙ୍କ ସହିତ ବାସ କରିପାରୁଥିଲେ । ସନ୍ତାନର ଦାବି କିନ୍ତୁ ଏହି ପୁରୁଷଙ୍କର ରହୁ ନ ଥିଲା । ବିଧବାର ମୃତ ସ୍ୱାମୀ ହିଁ ସନ୍ତାନର ପିତାରୂପେ ବିବେଚିତ ହେଉଥିଲେ । ପରବର୍ତ୍ତୀ କାଳରେ ବିଧବାର ପୁନର୍ବିବାହର ପ୍ରଚଳନ ହେଲା । ବର୍ତ୍ତମାନ କାଳରେ ଅବଶ୍ୟ ଏହା ନିଷିଦ୍ଧ ।

କିନ୍ତୁ ଏହି ସବୁ ଅସ୍ୱାଭାବିକ ଅଭିବ୍ୟକ୍ତିର ପାଖାପାଖି ବ୍ୟକ୍ତିଗତ ପବିତ୍ରତାର ଏକ ପ୍ରଗାଢ଼ ଭାବ ଜାତିମାନସରେ ଦେଖାଦେବାକୁ ଲାଗିଲା । ଏହି ସମ୍ପର୍କିତ ବିଧାନଗୁଡ଼ିକ ଖୁବ୍

କଠୋର ଥିଲା । ପ୍ରତ୍ୟେକ ବାଳକ ବା ବାଳିକାଙ୍କୁ ଗୁରୁଗୃହକୁ ପଠାଯାଉଥିଲା । କୋଡ଼ିଏ ବା ତିରିଶ ବର୍ଷ ପର୍ଯ୍ୟନ୍ତ ସେମାନେ ସେଠାରେ ବିଦ୍ୟାଚର୍ଚ୍ଚାରେ ବ୍ୟାପୃତ ରହୁଥିଲେ । ଚରିତ୍ରରେ ଲେଶମାତ୍ର ଅଶୁଚିଭାବ ଦେଖା ଗଲେ ପ୍ରାୟ ନିଷ୍ଠୁରଭାବରେ ହିଁ ସେମାନଙ୍କୁ ଶାସ୍ତି ଦିଆଯାଉଥିଲା । ଜାତିର ହୃଦୟରେ ଏହି ବ୍ୟକ୍ତିଗତ ଶୁଚିତାର ଭାବ ଏତେ ଗଭୀର ରେଖାପାତ କରିଛି ଯେ, ଏହା ଏକ ବ୍ୟାଧି ପରି ହୋଇଯାଇଛି । ମୁସଲମାନମାନଙ୍କର ଚିତୋର ଅବରୋଧ ସମୟରେ ଏହାର ଏକ ସୁସ୍ପଷ୍ଟ ଉଦାହରଣ ଦେଖାଯାଇଥିଲା । ପ୍ରବଳ ଆକ୍ରମଣର ବିରୁଦ୍ଧରେ ପୁରୁଷମାନେ ନଗରୀଟିକୁ ଅନେକଦିନ ପର୍ଯ୍ୟନ୍ତ ରକ୍ଷା କରି ଚାଲିଥିଲେ; କିନ୍ତୁ ଯେତେବେଳେ ଦେଖାଗଲା ପରାଜୟ ଅବଶ୍ୟମ୍ଭାବୀ, ସେତେବେଳେ ନଗରୀର ନାରୀଗଣ ବଜାରରେ ଗୋଟିଏ ବିରାଟ ଅଗ୍ନିକୁଣ୍ଡ ପ୍ରଜ୍ୱଳିତ କଲେ । ଶତ୍ରୁପକ୍ଷ ନଗରଦ୍ୱାର ଭାଙ୍ଗି ଭିତରକୁ ପଶିବାକ୍ଷଣି ୭୪୫୦୦ କୁଳଲଳନା ଏକସଙ୍ଗରେ ସେହି ଅଗ୍ନିକୁଣ୍ଡକୁ ଡେଇଁପଡ଼ି ଆତ୍ମବିସର୍ଜନ ଦେଲେ । ଏହି ମହତ୍ ଦୃଷ୍ଟାନ୍ତଟି ବର୍ତ୍ତମାନ କାଳ ପର୍ଯ୍ୟନ୍ତ ଭାରତରେ ଅନୁସୃତ ହୋଇ ଆସୁଛି । ଚିଠିର ଲଫାପା ଉପରେ ୭୪୫୦୦, ଏହି ସଂଖ୍ୟାଟି ଲେଖିଦେବାର ରୀତି ଅଛି । ଏହାର ତାତ୍ପର୍ଯ୍ୟ ଏହି ଯେ, ଯଦି କେହି ବେଆଇନଭାବରେ ସେହି ଚିଠିଟି ପଢ଼େ, ତେବେ ଯେଉଁ ମହାପାପରୁ ରକ୍ଷା ପାଇବା ପାଇଁ ଚିତୋରର ମହାପ୍ରାଣା ନାରୀକୁଳକୁ ଅଗ୍ନିରେ ଆତ୍ମାହୁତି ଦେବାକୁ ହୋଇଥିଲା, ସେହିପରି ଅପରାଧରେ ସେ ଅପରାଧୀ ହେବ ।

ଏହାର (ବୈଦିକ ଯୁଗର) ପରବର୍ତ୍ତୀ କାଳ ହେଲା ସନ୍ନ୍ୟାସୀମାନଙ୍କର ଯୁଗ, ଯାହା ବୌଦ୍ଧଧର୍ମର ଅଭ୍ୟୁଦୟ ସହିତ ଆସିଥିଲା । ବୌଦ୍ଧଧର୍ମ ଶିକ୍ଷା ଦେଇଥିଲା ଯେ, ଗୃହତ୍ୟାଗୀ ଯତିମାନେ କେବଳ 'ନିର୍ବାଣ'ର ଅଧିକାରୀ । 'ନିର୍ବାଣ' କେତେକାଂଶରେ ଖ୍ରୀଷ୍ଟାନଙ୍କର 'ସ୍ୱର୍ଗରାଜ୍ୟ' ପରି । ଏହି ଶିକ୍ଷା ଫଳରେ ସାରା ଭାରତ ଯେପରିକି ଏ ସନ୍ନ୍ୟାସୀମାନଙ୍କର ଏକ ବିରାଟ ମଠରେ ପରିଣତ ହେଲା । କିପରି ପବିତ୍ର ରହିବ—ଏହି ଗୋଟିଏ ମାତ୍ର ଲକ୍ଷ୍ୟରେ, ଏହି ଗୋଟିଏ ମାତ୍ର ସଂଗ୍ରାମରେ ସମସ୍ତ ମନୋଯୋଗ ନିବଦ୍ଧ ରହିଲା । ସ୍ତ୍ରୀଲୋକଙ୍କ ଉପରେ ସମସ୍ତ ଦୋଷ ଲଦି ଦିଆଗଲା । ଏପରିକି ଉଗଡମାଳ ଭିତରେ ମଧ୍ୟ ନାରୀପ୍ରତି ସତର୍କତାର କଥା ପ୍ରବେଶ କଲା; ଯଥା : ନରକର ଦ୍ୱାର କ'ଣ ? ଏହି ପ୍ରଶ୍ନଟି ପ୍ରସ୍ତୁତ କରି ଉତ୍ତରରେ କୁହାଗଲା 'ନାରୀ' । ଆଉ ଗୋଟିଏ ହେଲା : ଏହି ମାଟି ସହିତ ଆମକୁ ବାନ୍ଧି ରଖେ କେଉଁ ଶୃଙ୍ଖଳ ? —'ନାରୀ' । ଅପର ଗୋଟିଏ : 'ଅନ୍ଧ ଅପେକ୍ଷା ମଧ୍ୟ ଅନ୍ଧ କିଏ ?'—'ଯେ ନାରୀଦ୍ୱାରା ପ୍ରବଞ୍ଚିତ ।'

ପାଶ୍ଚାତ୍ୟର ମଠସମୂହରେ ମଧ୍ୟ ଅନୁରୂପ ଧାରଣା ଦେଖାଯାଏ । ସନ୍ନ୍ୟାସପ୍ରଥାର ବିସ୍ତାର ସବୁ ସମୟରେ ହିଁ ସ୍ତ୍ରୀ-ଜାତିର ଅବନତି ସୂଚିତ କରିଛି, କିନ୍ତୁ ଅବଶେଷରେ ନାରୀତ୍ୱର ଆଉ ଏକ ଧାରଣା ଉଦ୍ଭୂତ ହେଲା । ପାଶ୍ଚାତ୍ୟରେ ଏହି ଧାରଣା ରୂପ ନେଲା ପତ୍ନୀର ଆଦର୍ଶରେ, ଭାରତରେ ଜନନୀର । ଏହି ପରିବର୍ତ୍ତନ କେବଳ ଧର୍ମ-ଯାଜକଗଣଙ୍କଦ୍ୱାରା ଆସିଥିଲା ଏପରି ମନେକର ନାହିଁ । ମୁଁ ଜାଣେ ଯେ, ଜଗତରେ ଯାହା କିଛି ମହତ୍ ଘଟେ ପୁରୋହିତକୁଳ ତା'ର ଉଦ୍ୟୋକ୍ତା ବୋଲି ଦାବି କରନ୍ତି; କିନ୍ତୁ ଏ ଦାବି ଯେ ଯଥାର୍ଥ ନୁହେଁ,

ନିଜେ ଜଣେ ଧର୍ମପ୍ରଚାରକ ହେଲେ ମଧ୍ୟ, ଏହା କହିବାକୁ ମୋର ସଙ୍କୋଚ ନାହିଁ । ଜଗତର ସମସ୍ତ ଧର୍ମଗୁରୁମାନଙ୍କ ଉଦ୍ଦେଶ୍ୟରେ ମୁଁ ସଶ୍ରଦ୍ଧ ପ୍ରଣତି ଜଣାଉଛି; କିନ୍ତୁ ଏ କ୍ଷେତ୍ରରେ ମୁଁ କହିବାକୁ ବାଧ୍ୟ ଯେ, ପାଶ୍ଚାତ୍ୟରେ ନାରୀ-ପ୍ରଗତି ଧର୍ମମାଧ୍ୟମରେ ଆସି ନାହିଁ । ଜନ୍ ଷ୍ଟୁଅର୍ଟ ମିଲ୍‌ଙ୍କ ଭଳି ବ୍ୟକ୍ତିମାନେ ଏବଂ ବିପ୍ଳବୀ ଫରାସୀ ଦାର୍ଶନିକମାନେ ହିଁ ଏହାର ଜନକ । ଧର୍ମ ଧାମାନ୍ୟ କିଛି କରିଛି ସନ୍ଦେହ ନାହିଁ; କିନ୍ତୁ ସବୁ କିଛି ନୁହେଁ । କହିବାକୁ ଗଲେ, ବର୍ତ୍ତମାନ କାଳରେ ମଧ୍ୟ ଏସିଆମାଇନର୍‌ରେ ଖ୍ରୀଷ୍ଟାନ୍ ବିଶପ୍‌ମାନେ ଉପପତ୍ନୀଗୋଷ୍ଠୀ ରଖନ୍ତି ।

ଆଂଗ୍ଲୋ-ସାକ୍ସନ ଜାତି ମଧ୍ୟରେ ସ୍ତ୍ରୀଲୋକଙ୍କ ପ୍ରତି ଯେଉଁ ମନୋଭାବ ଦେଖାଯାଏ, ତାହା ହିଁ ଖ୍ରୀଷ୍ଟଧର୍ମର ଆଦର୍ଶାନୁଗ । ସାମାଜିକ ଏବଂ ମାନସିକ ଉନ୍ନତିର ବିଚାରରେ ମୁସଲମାନ ନାରୀର ତା'ର ପାଶ୍ଚାତ୍ୟଦେଶୀୟ ଭଗିନୀଗଣଙ୍କଠାରୁ ବିପୁଳ ପାର୍ଥକ୍ୟ; କିନ୍ତୁ ତା'ବୋଲି ମନେକର ନାହିଁ ଯେ, ମୁସଲମାନ ନାରୀ ଅସୁଖୀ, କାରଣ ବାସ୍ତବିକ୍ ତାହାର କୌଣସି କଷ୍ଟ ନାହିଁ । ଭାରତରେ ହଜାର ହଜାର ବର୍ଷ ଧରି ନାରୀ ସମ୍ପତ୍ତିର ମାଲିକାନା ଭୋଗ କରି ଆସୁଛି । ଏ ଦେଶରେ କୌଣସି ବ୍ୟକ୍ତି ତାଙ୍କର ପତ୍ନୀଙ୍କୁ ସମ୍ପତ୍ତିର ଅଧିକାର ନ ଦେଇ ମଧ୍ୟ ପାରନ୍ତି; କିନ୍ତୁ ଭାରତବର୍ଷରେ ସ୍ୱାମୀର ମୃତ୍ୟୁ ପରେ ତାଙ୍କର ଯାବତୀୟ ବିଷୟ-ସମ୍ପତ୍ତି ସ୍ତ୍ରୀର ପ୍ରାପ୍ୟ—ବ୍ୟକ୍ତିଗତ ସମ୍ପତ୍ତି ତ ସମ୍ପୂର୍ଣ୍ଣଭାବରେ, ଏପରିକି ସ୍ଥାବର ସମ୍ପତ୍ତି ମଧ୍ୟ ଜୀବିତକାଳ ପର୍ଯ୍ୟନ୍ତ ପ୍ରାପ୍ୟ ।

ଭାରତରେ ପରିବାରର କେନ୍ଦ୍ର ହେଲେ ମା । ସେ ଆମର ଉଚ୍ଚତମ ଆଦର୍ଶ । ଆମେମାନେ ଭଗବାନଙ୍କୁ ବିଶ୍ୱଜନନୀ କହୁ, ଆଉ ଗର୍ଭଧାରିଣୀ ମାତା ହେଲେ ସେହି ବିଶ୍ୱଜନନୀଙ୍କର ହିଁ ପ୍ରତିନିଧି । ଜଣେ ମହିଳା-ଋଷି ହିଁ ପ୍ରଥମେ ଭଗବାନଙ୍କ ସହିତ ଐକାତ୍ମ୍ୟ ଅନୁଭବ କରିଥିଲେ । ବେଦର ଏକ ପ୍ରଧାନ ସୂକ୍ତରେ ତାଙ୍କର ଅନୁଭୂତି ଲିପିବଦ୍ଧ ହୋଇଛି । ଆମର ଈଶ୍ୱର ସଗୁଣ ଏବଂ ନିର୍ଗୁଣ ଉଭୟ । ନିର୍ଗୁଣ ଯଦି ପୁରୁଷ ହୁଏ, ସଗୁଣ ପ୍ରକୃତି । ତେଣୁ ଆମେ କହୁ—'ଯେଉଁ ହସ୍ତଦ୍ୱୟ ଶିଶୁକୁ ଦୋଳିରେ ଝୁଲାଏ, ସେଥିରେ ହିଁ ଭଗବାନଙ୍କର ପ୍ରଥମ ଅଭିବ୍ୟକ୍ତି ।' ଯେଉଁ ଜାତକ ଈଶ୍ୱର-ଆରାଧନାର ମଧ୍ୟଦେଇ ଭୂମିଷ୍ଠ ହୋଇଛି, ସେ ହେଲା ଆର୍ଯ୍ୟ; ଏବଂ ଯାହାର ଜନ୍ମ ଇନ୍ଦ୍ରିୟପରାୟଣତାର ମାଧ୍ୟମରେ ହୋଇଛି, ସେ ହେଲା ଅନାର୍ଯ୍ୟ ।

ପ୍ରାକ୍-ଜନ୍ମ-ପ୍ରଭାବ-ସମ୍ବନ୍ଧୀୟ ମତବାଦ ବର୍ତ୍ତମାନ କାଳରେ ଧୀରେ ଧୀରେ ସ୍ୱୀକୃତି ଲାଭ କରୁଛି । ବିଜ୍ଞାନ ଏବଂ ଧର୍ମ ଉଭୟେ ହିଁ କହୁଛନ୍ତି : 'ନିଜକୁ ଶୁଚି ଏବଂ ଶୁଦ୍ଧ ରଖ ।' ଭାରତବର୍ଷରେ ଶୁଚିତାର ଧାରଣା ଏତେ ଗଭୀର ଯେ, ଧର୍ମସାଧନାରେ ପରିଣତ ନ ହେଲେ ବିବାହକୁ ମଧ୍ୟ ଆମେ ବ୍ୟଭିଚାର ବୋଲି କହିଥାଉ । ମୁଁ ପ୍ରତ୍ୟେକ ସତ୍ ହିନ୍ଦୁଙ୍କ ସହିତ ବିଶ୍ୱାସ କରେ, ମୋର ଜନ୍ମଦାତ୍ରୀ ମାତାର ଚରିତ୍ର ନିର୍ମଳ ଓ ନିଷ୍କଳଙ୍କ ଥିଲା ଏବଂ ସେଥିପାଇଁ ମୋର ଆଜି ଯାହା କିଛି ପ୍ରଶଂସନୀୟ ତାହା ତାଙ୍କ ନିକଟରୁ ହିଁ ପ୍ରାପ୍ତ । ଭାରତୀୟ ଜାତିର ଜୀବନ-ରହସ୍ୟ ହିଁ ଏହି ପବିତ୍ରତା ।

# ପ୍ରକୃତ ବୌଦ୍ଧଧର୍ମ

'ବ୍ରୁକଲିନ୍ ଷ୍ଟାଣ୍ଡାର୍ଡ ୟୁନିୟନ୍', ୪ ଫେବ୍ରୁଆରି ୧୮୯୫

ଏଥିକାଲ୍ ଆସୋସିଏସନର ସଭାପତି ଡକ୍ଟର ଜେନସ୍ ସ୍ୱାମୀ ବିବେକାନନ୍ଦଙ୍କୁ ବକ୍ତୃତାମଞ୍ଚରେ ଉପସ୍ଥାପିତ କରିବା ପରେ ସେ ତାଙ୍କର ଭାଷଣ ଆରମ୍ଭ କରିଥିଲେ । ତାହାର କିୟଦଂଶ ଉଦ୍ଧୃତ ହେଲା :

ବୌଦ୍ଧଧର୍ମ ସମ୍ପର୍କରେ ହିନ୍ଦୁମାନଙ୍କର ଏକ ବିଶିଷ୍ଟ ସ୍ଥାନ ଅଛି । ଯୀଶୁଖ୍ରୀଷ୍ଟ ଯେପରି ପ୍ରଚଳିତ ଇହୁଦୀ ଧର୍ମର ପ୍ରତିପକ୍ଷତା କରିଥିଲେ, ବୁଦ୍ଧ ମଧ୍ୟ ସେହିପରି ଭାରତବର୍ଷର ତତ୍କାଳୀନ ଧର୍ମର ବିରୋଧରେ ଠିଆ ହୋଇଥିଲେ । ଖ୍ରୀଷ୍ଟଙ୍କୁ ତାଙ୍କର ଦେଶବାସୀଗଣ ଅସ୍ୱୀକାର କରିଥିଲେ, ବୁଦ୍ଧ କିନ୍ତୁ ସ୍ୱଦେଶରେ ଈଶ୍ୱରାବତାରରୂପେ ଗୃହୀତ ହୋଇଥିଲେ । ଯେଉଁ ମନ୍ଦିରମାନଙ୍କର ଦ୍ୱାରଦେଶରେ ବୁଦ୍ଧ ପୌରୋହିତ୍ୟ-କ୍ରିୟାକଳାପର ନିନ୍ଦା କରିଥିଲେ, ସେହି ମନ୍ଦିରମାନଙ୍କରେ ହିଁ ଆଜି ତାଙ୍କର ପୂଜା ହେଉଅଛି । ଅବଶ୍ୟ ତାଙ୍କ ନାମରେ ଯେଉଁ ମତବାଦ ପ୍ରଚଳିତ ହୋଇଥିଲା, ସେଥିରେ କିନ୍ତୁ ହିନ୍ଦୁମାନଙ୍କର ଆସ୍ଥା ନାହିଁ । ବୁଦ୍ଧ ଯେଉଁ ଶିକ୍ଷା ଦେଇଥିଲେ, ତାହାକୁ ହିନ୍ଦୁମାନେ ଶ୍ରଦ୍ଧା କରନ୍ତି; କିନ୍ତୁ ବୌଦ୍ଧଗଣ ଯାହା ପ୍ରଚାର କରନ୍ତି, ତାହା ଗ୍ରହଣ କରିବାକୁ ସେମାନେ ରାଜି ନୁହନ୍ତି । କାରଣ ବୁଦ୍ଧଙ୍କ ବାଣୀ ନାନା ସ୍ଥାନରେ ବ୍ୟାପ୍ତ ହୋଇ ବହୁ ବିଚିତ୍ର ବର୍ଣ୍ଣରେ ରଞ୍ଜିତ ହୋଇଥିଲା । ସେହି ରଞ୍ଜିତ ଓ ବିକୃତ ବାଣୀ ଭାରତୀୟ ଐତିହ୍ୟ ସହିତ ଖାପଖାଇବା ସମ୍ଭବପର ନ ଥିଲା ।

ବୌଦ୍ଧଧର୍ମକୁ ପୂରାପୂରି ବୁଝିବାକୁ ହେଲେ ତାହା ଯହିଁରୁ ଉଦ୍ଭୂତ, ସେହି ମୂଳ ଧର୍ମଟି ଆଡ଼କୁ ଆମର ଦୃଷ୍ଟି ଫେରାଇବାକୁ ପଡ଼ିବ । ବୈଦିକ ଗ୍ରନ୍ଥଗୁଡ଼ିକର ଦୁଇଟି ଭାଗ— ପ୍ରଥମ କର୍ମକାଣ୍ଡ, ଯହିଁରେ ଯାଗଯଜ୍ଞର କଥା ଅଛି, ଏବଂ ଦ୍ୱିତୀୟଟି ହେଲା ବେଦାନ୍ତ—ଯାହା ଯାଗଯଜ୍ଞର ନିନ୍ଦା କରେ, ଦାନ ଓ ପ୍ରେମ ଶିକ୍ଷା ଦିଏ, ମୃତ୍ୟୁକୁ ବଡ଼ କରି ଦେଖାଏ ନାହିଁ । ବେଦବିଶ୍ୱାସୀ-ସମ୍ପ୍ରଦାୟ ମଧ୍ୟରୁ ବେଦର ଯେଉଁ ଅଂଶରେ ଯାହାର ପ୍ରୀତି ସେହି ଅଂଶ ହିଁ ସେମାନେ ଗ୍ରହଣ କରିଛନ୍ତି । ଅବୈଦିକଙ୍କ ମଧ୍ୟରୁ ଚାର୍ବାକପନ୍ଥୀ ବା ଭାରତୀୟ ଜଡ଼ବାଦୀମାନେ ବିଶ୍ୱାସ କରୁଥିଲେ ଯେ, ସବୁ କିଛି ହେଲା ଜଡ଼—ସ୍ୱର୍ଗ, ନରକ ଆତ୍ମା ବା ଈଶ୍ୱର ବୋଲି କିଛି ନାହିଁ । ଦ୍ୱିତୀୟ ଏକ ସମ୍ପ୍ରଦାୟ—ଜୈନଗଣ ମଧ୍ୟ ନାସ୍ତିକ; କିନ୍ତୁ ଅତ୍ୟନ୍ତ ନୀତିବାଦୀ । ସେମାନେ ଈଶ୍ୱର-ଧାରଣାକୁ ଅସ୍ୱୀକାର କରୁଥିଲେ, କିନ୍ତୁ ଆତ୍ମା ମାନୁଥିଲେ । ଆତ୍ମା ଅଧିକତର ପୂର୍ଣ୍ଣତାର ଅଭିବ୍ୟକ୍ତି ନିମିତ୍ତ କ୍ରମାଗତ ଚେଷ୍ଟା କରି ଚାଲିଛି । ଏହି ଦୁଇ ସମ୍ପ୍ରଦାୟକୁ ଅବୈଦିକ କୁହାଯାଉଥିଲା । ତୃତୀୟ ଏକ ସମ୍ପ୍ରଦାୟ ବୈଦିକ ହେଲେ ମଧ୍ୟ ବ୍ୟକ୍ତି-ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରୁ ନ ଥିଲେ । ସେମାନେ କହୁଥିଲେ ଯେ, ବିଶ୍ୱଜଗତର ସବୁ କିଛିର ଜନକ ହେଲା ପରମାଣୁ ବା ପ୍ରକୃତି ।

ଅତଏବ ଦେଖାଯାଉଛି, ବୁଦ୍ଧଙ୍କର ଆବିର୍ଭାବ ପୂର୍ବରୁ ଭାରତର ଚିନ୍ତାଜଗତ ବିଭକ୍ତ ଥିଲା । ତାଙ୍କ ଧର୍ମର ନିର୍ଭୁଲ ଧାରଣା ନିମିତ୍ତ ଆଉ ଏକ ବିଷୟର ଉଲ୍ଲେଖ ପ୍ରୟୋଜନୀୟ—

ତାହା ହେଲା ସେହି ସମୟର ଜାତିପ୍ରଥା । ବେଦ ଶିକ୍ଷା ଦିଏ ଯେ, ବ୍ରହ୍ମଙ୍କୁ ଯେ ଜାଣନ୍ତି ସେ ବ୍ରାହ୍ମଣ, ଯେ ସମାଜର ସମସ୍ତଙ୍କୁ ରକ୍ଷା କରନ୍ତି ସେ କ୍ଷତ୍ରିୟ, ଏବଂ ଯେ ବ୍ୟବସାୟ ବାଣିଜ୍ୟ କରି ଅନ୍ନସଂସ୍ଥାନ କରନ୍ତି ସେ ବୈଶ୍ୟ । ଏହି ସାମାଜିକ ବୈଚିତ୍ର୍ୟଗୁଡ଼ିକ ପରେ ଧରାବନ୍ଧା କଠୋର ଜାତିଭେଦରୂପରେ ପରିଣତି ଅର୍ଥାତ୍ ଅବନତି ଲାଭ କଲା ଏବଂ କ୍ରମେ ଦୃଢ଼ ଗଠିତ ସୁସମୃଦ୍ଧ ଏକ ପୌରୋହିତ୍ୟ-ଶାସନ ସମଗ୍ର ଜାତିର ସ୍କନ୍ଧକୁ ଆଶ୍ରୟ କରି ଠିଆ ହେଲା । ଠିକ୍ ଏହି ସମୟରେ ବୁଦ୍ଧ ଜନ୍ମଗ୍ରହଣ କରିଥିଲେ । ଅତଏବ ତାଙ୍କର ଧର୍ମକୁ ଧର୍ମବିଷୟକ ଓ ସାମାଜିକ ସଂସ୍କାରର ଏକ ଚରମ ପ୍ରୟାସ ବୋଲି କୁହାଯାଇପାରେ ।

ସେହି ସମୟରେ ଦେଶର ଗଗନପବନ ବାଦବିତଣ୍ଡାରେ ପରିପୂର୍ଣ୍ଣ ହୋଇଥିଲା । ୨୦ ହଜାର ଅନ୍ଧ ପୁରୋହିତ ୨ କୋଟି ପରସ୍ପର-ବିବଦମାନ ଅନ୍ଧ ମାନବଙ୍କୁ ପଥ ଦେଖାଇବାର ଚେଷ୍ଟା କରୁଥିଲେ । ଏହିପରି ସଙ୍କଟକାଳରେ ବୁଦ୍ଧଙ୍କ ଭଳି ଜଣେ ଜ୍ଞାନୀ ପୁରୁଷଙ୍କର ପ୍ରଚାର-କାର୍ଯ୍ୟ ଅପେକ୍ଷା ଜାତି ପକ୍ଷରେ ଅଧିକ ପ୍ରୟୋଜନୀୟ ଆଉ କ'ଣ ଥାଇପାରେ ? ସେ ସମସ୍ତଙ୍କୁ ଶୁଣାଇଲେ—'କଳହ ବନ୍ଦ କର, ପୋଥିପତ୍ର ସାଇତି ରଖ, ନିଜର ପୂର୍ଣ୍ଣତାକୁ ବିକାଶ କରି ତୋଳ ।' ଜାତିବିଭାଗର ମୂଳ ତଥ୍ୟଟିକୁ ବୁଦ୍ଧ କଦାପି ବିରୋଧ କରି ନାହାନ୍ତି; କାରଣ ତାହା ସମାଜ-ଜୀବନର ଏକ ସ୍ୱାଭାବିକ ପ୍ରବଣତାର ହିଁ ଅଭିବ୍ୟକ୍ତି ଏବଂ ସବୁ ସମୟରେ ହିଁ ମୂଲ୍ୟବାନ୍; କିନ୍ତୁ ଯାହା ବଂଶଗତ ବିଶେଷ ସୁବିଧାର ଦାବି କରେ, ବୁଦ୍ଧ ସେହି ଅବନତ ଜାତିପ୍ରଥା ବିରୋଧରେ ଯୁଦ୍ଧ କରିଥିଲେ । ବ୍ରାହ୍ମଣଗଣଙ୍କୁ ସେ କହିଥିଲେ—'ପ୍ରକୃତ ବ୍ରାହ୍ମଣମାନେ ଲୋଭ, କ୍ରୋଧ ଏବଂ ପାପକୁ ଜୟ କରିଥାଆନ୍ତି । ତୁମେମାନେ ଏପରି କରିପାରିଛ କି ? ଯଦି ନ ପାରିଥାଅ ତେବେ ଆଉ ଭଣ୍ଡାମି କର ନାହିଁ । ଜାତି ହେଲା ଚରିତ୍ରର ଗୋଟିଏ ଅବସ୍ଥା, ତାହା କୌଣସି କଠୋର ଗଣ୍ଡିବଦ୍ଧ ଶ୍ରେଣୀ ନୁହେଁ । ଯେ କେହି ଭଗବାନଙ୍କୁ ଜାଣେ ଓ ଭଲପାଏ ସେ ହିଁ ଯଥାର୍ଥ ବ୍ରାହ୍ମଣ ।' ଯାଗଯଜ୍ଞ ସମ୍ବନ୍ଧରେ ବୁଦ୍ଧ କହିଲେ, 'ଯାଗଯଜ୍ଞ ଆମକୁ ପବିତ୍ର କରେ, ଏପରି କଥା ବେଦରେ କେଉଁଠାରେ ଅଛି ? ତାହା ହୁଏତ ଦେବତାମାନଙ୍କୁ ଖୁସି କରିପାରେ, କିନ୍ତୁ ଆମମାନଙ୍କର କୌଣସି ଉନ୍ନତି-ସାଧନ କରେ ନାହିଁ । ଅତଏବ ଏହିସବୁ ନିଷ୍ଫଳ ଆଡ଼ମ୍ବରରେ କ୍ଷାନ୍ତ ଦେଇ ଭଗବାନଙ୍କୁ ଭଲପାଅ ଏବଂ ପୂର୍ଣ୍ଣତା ଲାଭ କରିବାର ଚେଷ୍ଟା କର ।'

ପରବର୍ତ୍ତୀ କାଳରେ ବୁଦ୍ଧଙ୍କର ଏହିସବୁ ଶିକ୍ଷା ଲୋକେ ବିସ୍ମୃତ ହେଲେ । ଭାରତ ବାହାରେ ଏପରି ଅନେକ ଦେଶରେ ଏହା ପ୍ରଚାରିତ ହୋଇଥିଲା, ଯାହାର ଅଧିବାସୀମାନଙ୍କର ଏହି ମହାନ୍ ସତ୍ୟସମୂହକୁ ଗ୍ରହଣ କରିବାର ଯୋଗ୍ୟତା ନ ଥିଲା । ଏହି ଜାତିମାନଙ୍କର ବହୁ କୁସଂସ୍କାର ଓ କଦାଚାର ସହିତ ମିଶ୍ରିତ ହୋଇ ବୁଦ୍ଧବାଣୀ ଭାରତକୁ ଫେରି ଆସିଲା ଏବଂ କିମ୍ଭୂତକିମାକାର ମତସମୂହର ଜନ୍ମ ଦେବାକୁ ଲାଗିଲା । ଏହି ଭାବରେ ଆସିଲେ ଶୂନ୍ୟବାଦୀ ସମ୍ପ୍ରଦାୟ, ଯାହାଙ୍କ ମତରେ ବିଶ୍ୱସଂସାର, ଭଗବାନ୍ ଏବଂ ଆତ୍ମାର କୌଣସି ମୂଳ ଭିତ୍ତି ନାହିଁ । ସବୁ କିଛି ହିଁ ନିୟତ ପରିବର୍ତ୍ତନଶୀଳ । କ୍ଷଣକାଳର ସମ୍ଭୋଗ ବ୍ୟତୀତ ଅନ୍ୟ କୌଣସିଥିରେ ସେମାନେ ବିଶ୍ୱାସ କରୁ ନ ଥିଲେ । ଫଳରେ ପରେ ଏହି ମତ ଅତି ଜଘନ୍ୟ

କଦାଚାରସମୂହ ସୃଷ୍ଟି କଲା । ଯାହା ହେଉ, ତାହା ତ ବୁଦ୍ଧଙ୍କ ଶିକ୍ଷା ନୁହେଁ, ବରଂ ତାଙ୍କ ଶିକ୍ଷାର ଭୟାବହ ଅଧୋଗତି ମାତ୍ର । ହିନ୍ଦୁଜାତି ଯେ ଏହା ବିରୋଧରେ ଦଣ୍ଡାୟମାନ ହୋଇ ଏହି କୁଶିକ୍ଷାକୁ ଦୂର କରିଦେଇଥିଲା, ଏଥିପାଇଁ ସେମାନେ ଅଭିନନ୍ଦନୀୟ ।

ବୁଦ୍ଧଙ୍କର ପ୍ରତ୍ୟେକଟି ବାଣୀ ବେଦାନ୍ତ ଉପରେ ପ୍ରତିଷ୍ଠିତ । ବେଦାନ୍ତଗ୍ରନ୍ଥ ଏବଂ ଅରଣ୍ୟର ମଠସମୂହରେ ଲୁକ୍କାୟିତ ସତ୍ୟଗୁଡ଼ିକୁ ଯେଉଁମାନେ ସମସ୍ତଙ୍କର ଗୋଚରୀଭୂତ କରିବାକୁ ଚାହୁଁଥିଲେ, ବୁଦ୍ଧ ସେହି ସନ୍ନ୍ୟାସୀମାନଙ୍କ ମଧ୍ୟରୁ ଜଣେ । ଅବଶ୍ୟ ମୁଁ ବିଶ୍ୱାସ କରେ ନାହିଁ ଯେ, ଜଗତ ବର୍ତ୍ତମାନ ମଧ୍ୟ ସେହିସବୁ ସତ୍ୟ ପାଇଁ ପ୍ରସ୍ତୁତ । ଲୋକେ ବର୍ତ୍ତମାନ ମଧ୍ୟ ଧର୍ମର ନିମ୍ନତମ ଅଭିବ୍ୟକ୍ତିଗୁଡ଼ିକ ହିଁ ଚାହାଁନ୍ତି, ଯେଉଁଥିରେ କି ବ୍ୟକ୍ତି-ଈଶ୍ୱରଙ୍କର ଉପଦେଶ ଅଛି । ଏହି କାରଣରୁ ମୌଳିକ ବୌଦ୍ଧଧର୍ମ ଜନଗଣଙ୍କର ଚିତ୍ତକୁ ବେଶୀ ଦିନ ଧରି ରଖିପାରି ନାହିଁ । ଯେତେବେଳେ ତିବ୍ବତ ଏବଂ ତାତାର ଦେଶମାନଙ୍କରୁ ଆମଦାନୀ ହୋଇ ଆସିଥିବା ବିକୃତ ଆଚାରସମୂହର ପ୍ରଚଳନ ହେଲା, ସେତେବେଳେ ଜନଗଣ ଦଳ ଦଳ ହୋଇ ବୌଦ୍ଧଧର୍ମ ଆଡ଼କୁ ଝୁଙ୍କିଲେ । ମୌଳିକ ବୌଦ୍ଧଧର୍ମ ଆଦୌ ଶୂନ୍ୟବାଦ ନୁହେଁ । ତାହା ଜାତିଭେଦ ଏବଂ ପୌରୋହିତ୍ୟ ବିରୋଧରେ ଏକ ସଂଗ୍ରାମର ପ୍ରଚେଷ୍ଟା ମାତ୍ର । ବୌଦ୍ଧଧର୍ମ ହିଁ ପୃଥିବୀରେ ସର୍ବପ୍ରଥମ ମୂକ ଓ ଇତର ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଘୋଷଣା କରିଛି ଏବଂ ମନୁଷ୍ୟ ମନୁଷ୍ୟ ମଧ୍ୟରେ ବିଭେଦ-ସୃଷ୍ଟିକାରୀ ଆଭିଜାତ୍ୟପ୍ରଥାକୁ ଭାଙ୍ଗିଦେଇଛି ।

ବୁଦ୍ଧଙ୍କ ଜୀବନର କେତୋଟି ଛବି ଉପସ୍ଥାପିତ କରି ସ୍ୱାମୀ ବିବେକାନନ୍ଦ ତାଙ୍କର ବକ୍ତୃତା ଶେଷ କରିଥିଲେ । ତାଙ୍କ ଭାଷାରେ ବୁଦ୍ଧ ଥିଲେ 'ଏପରି ଜଣେ ମହାପୁରୁଷ— ଯାହାଙ୍କର ମାନବର ହିତ-ସାଧନ ବ୍ୟତୀତ ଅପର କୌଣସି ଉଦ୍ଦେଶ୍ୟରେ ଗୋଟିଏ ମାତ୍ର ଚିନ୍ତା ମନରେ ଉଠି ନାହିଁ ବା ଗୋଟିଏ ମାତ୍ର କାର୍ଯ୍ୟ ସାଧିତ ହୋଇ ନାହିଁ । ଯାହାଙ୍କର ମେଧା ଏବଂ ହୃଦୟ ଉଭୟ ହିଁ ଥିଲା ବିରାଟ—ଯେ ସମୁଦାୟ ମାନବଜାତି ଓ ପ୍ରାଣୀକୁଳକୁ ପ୍ରେମରେ ଆଲିଙ୍ଗନ କରିଥିଲେ ଏବଂ କି ଉଚ୍ଚତମ ଦେବଦୂତ କି ନିମ୍ନତମ କୀଟ, ସମସ୍ତଙ୍କ ପାଇଁ ନିଜର ପ୍ରାଣ ଉତ୍ସର୍ଗ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ ।' ବୁଦ୍ଧ କିପରି ଜନୈକ ରାଜାଙ୍କର ଯଜ୍ଞରେ ବଳିପ୍ରଦାନ ଉଦ୍ଦେଶ୍ୟରେ ନୀତ ଏକ ମେଷଯୂଥକୁ ବଞ୍ଚାଇବା ପାଇଁ ନିଜକୁ ଯୂପକାଷ୍ଠରେ ନିକ୍ଷେପ କରି ସ୍ୱକୀୟ ଉଦ୍ଦେଶ୍ୟ ସିଦ୍ଧ କରିଥିଲେ, ବକ୍ତା ପ୍ରଥମେ ତାହା ବର୍ଣ୍ଣନା କରିଥିଲେ । ତା'ପରେ ସେ ଚିତ୍ରିତ କଲେ : ଦୁଃଖସନ୍ତପ୍ତ ମନୁଷ୍ୟର କ୍ରନ୍ଦନରେ ବ୍ୟଥିତ ଏହି ମହାପୁରୁଷ କିପରି ଭାବରେ ସ୍ତ୍ରୀ ଓ ଶିଶୁପୁତ୍ରଙ୍କୁ ତ୍ୟାଗ କରିଥିଲେ ! ପରେ ତାଙ୍କର ଶିକ୍ଷା ଭାରତରେ ସାର୍ବଜନୀନ ଭାବରେ ଯେତେବେଳେ ଗୃହୀତ ହେଲା, ସେତେବେଳେ କିପରି ସେ ଜନୈକ ନୀଚକୁଳୋଦ୍ଭବ ଚଣ୍ଡାଳର ନିମନ୍ତ୍ରଣ ଗ୍ରହଣ କରି ତତ୍ପ୍ରଦତ୍ତ ଶୂକର-ମାଂସ ଆହାର କରିଥିଲେ ଏବଂ ତାହା ଫଳରେ ଅବଶେଷରେ ମୃତ୍ୟୁବରଣ କରିଥିଲେ ।

## ଜଗତକୁ ଭାରତର ଦାନ

'ବ୍ରୁକ୍‌ଲିନ୍ ଷ୍ଟାଣ୍ଡାର୍ଡ ୟୁନିୟନ୍', ୨୭ ଫେବୃଆରି ୧୮୯୫

ସୋମବାର ରାତିରେ ବ୍ରୁକ୍‌ଲିନ୍ ଏଥିକାଲ୍ ଅସୋସିଏସନ୍‌ର ଉଦ୍ୟୋଗରେ ପାଇୟାରପଣ୍ଟ ଏବଂ କ୍ଲିନ୍ ଷ୍ଟ୍ରୀଟର ସଂଯୋଗସ୍ଥଳସ୍ଥ ଲଂ ଆଇଲାଣ୍ଡ ହିଷ୍ଟୋରିକାଲ୍ ସୋସାଇଟି ହଲ୍‌ରେ ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ 'ଜଗତକୁ ଭାରତର ଦାନ' ବିଷୟରେ ବକ୍ତୃତା ଦେଇଥିଲେ । ଶ୍ରୋତୃସଂଖ୍ୟା ଖୁବ୍ ବେଶୀ ଥିଲା ।

ବକ୍ତା ତାଙ୍କ ସ୍ୱଦେଶର ଆଶ୍ଚର୍ଯ୍ୟ ସୌନ୍ଦର୍ଯ୍ୟ କଥା କହିଥିଲେ—ଯେଉଁ ଦେଶ ନୀତି, ଶିଳ୍ପକଳା, ସାହିତ୍ୟ ଏବଂ ବିଜ୍ଞାନର ଆଦିମ ବିକାଶଭୂମି, ଯେଉଁ ଦେଶର ପୁତ୍ରମାନଙ୍କର ଚରିତ୍ରବତ୍ତା ଏବଂ କନ୍ୟାଗଣଙ୍କର ଧର୍ମନିଷ୍ଠାର କଥା ବହୁ ବୈଦେଶିକ ପର୍ଯ୍ୟଟକ କୀର୍ତ୍ତନ କରି ଯାଇଛନ୍ତି । ଅତଃପର ବକ୍ତା ବିଶ୍ୱଜଗତକୁ ଭାରତ କ'ଣ କ'ଣ ଦେଇଛି, ତାହା ଦ୍ରୁତଗତିରେ ବିସ୍ତାରିତ ଭାବରେ ପ୍ରଦର୍ଶନ କରିଥିଲେ ।

ଧର୍ମକ୍ଷେତ୍ରରେ ଭାରତର ଦାନପ୍ରସଙ୍ଗରେ ସେ କହିଲେ ଯେ, ଖ୍ରୀଷ୍ଟଧର୍ମ ଉପରେ ଭାରତ ପ୍ରଚୁର ପ୍ରଭାବ ବିସ୍ତାର କରିଛି । ଯୀଶୁଖ୍ରୀଷ୍ଟଙ୍କର ଉପଦେଶଗୁଡ଼ିକର ମୂଳ ଉତ୍ସର ଅନୁସନ୍ଧାନ କଲେ ତାହା ବୁଦ୍ଧଙ୍କ ବାଣୀ ଭିତରେ ଦେଖାଇ ଦିଆଯାଇପାରେ ।

ୟୁରୋପୀୟ ଏବଂ ଆମେରିକାନ୍ ଗବେଷକମାନଙ୍କର ଗ୍ରନ୍ଥରୁ ଉଦ୍ଧୃତ କରି ବକ୍ତା ବୁଦ୍ଧ ଏବଂ ଖ୍ରୀଷ୍ଟଙ୍କ ମଧ୍ୟରେ ବହୁ ସାଦୃଶ୍ୟ ପ୍ରଦର୍ଶନ କରିଥିଲେ । ଯୀଶୁଙ୍କ ଜନ୍ମ, ଗୃହତ୍ୟାଗାନ୍ତେ ନିର୍ଜନ ବାସ, ଅନ୍ତରଙ୍ଗ ଶିଷ୍ୟସଂଖ୍ୟା ଏବଂ ତାଙ୍କର ନୈତିକ ଶିକ୍ଷା ତାଙ୍କ ଆବିର୍ଭାବର ବହୁଶତ ବର୍ଷ ପୂର୍ବର ବୁଦ୍ଧଙ୍କ ଜୀବନର ତତ୍‌ତତ୍ ଘଟନାର ଅନୁରୂପ । ବକ୍ତା ପଚାରିଥିଲେ—ଏହି ସାଦୃଶ୍ୟ କ'ଣ କେବଳ ଆକସ୍ମିକ ଘଟଣା ନା ବୁଦ୍ଧଙ୍କ ଧର୍ମ ଖ୍ରୀଷ୍ଟଧର୍ମର ଏକ ପୂର୍ବତନ ଆଭାସ ? ମନେହୁଏ ପାଶ୍ଚାତ୍ୟର ଅଧିକାଂଶ ମନୀଷୀ ଦ୍ୱିତୀୟ ବ୍ୟାଖ୍ୟାଟିରେ ହିଁ ସନ୍ତୁଷ୍ଟ; କିନ୍ତୁ ଏପରି କେହି କେହି ପଣ୍ଡିତ ଅଛନ୍ତି, ଯେଉଁମାନେ ନିର୍ଭୀକଭାବରେ କହନ୍ତି ଯେ, ଖ୍ରୀଷ୍ଟଧର୍ମ ସାକ୍ଷାତ୍ ବୌଦ୍ଧଧର୍ମରୁ ପ୍ରସୂତ, ଯେପରି ଖ୍ରୀଷ୍ଟଧର୍ମର ପ୍ରଥମ ବିରୁଦ୍ଧବାଦୀ ଶାଖା ମନିକାଇବାଦକୁ (Monecian heresy) ବର୍ତ୍ତମାନ ସର୍ବସମ୍ମତଭାବେ ବୌଦ୍ଧଧର୍ମର ଗୋଟିଏ ସମ୍ପ୍ରଦାୟର ଶିକ୍ଷା ବୋଲି ମନେକରାଯାଇଥାଏ । କିନ୍ତୁ ଖ୍ରୀଷ୍ଟଧର୍ମ ଯେ ବୌଦ୍ଧଧର୍ମ ଉପରେ ପ୍ରତିଷ୍ଠିତ, ଏ ବିଷୟରେ ଆହୁରି ଅନେକ ପ୍ରମାଣ ରହିଛି । ଭାରତସମ୍ରାଟ ଅଶୋକଙ୍କର ସମ୍ପ୍ରତି ଆବିଷ୍କୃତ ଶିଳାଲିପିରେ ଏହାର ପ୍ରମାଣ ମିଳେ । ଅଶୋକ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଲୋକ । ସେ ଗ୍ରୀକ୍ ରାଜାମାନଙ୍କ ସହିତ ସନ୍ଧିପତ୍ର ସମ୍ପାଦନ କରିଥିଲେ । ପରବର୍ତ୍ତୀ କାଳରେ ଯେଉଁସବୁ ଅଞ୍ଚଳରେ ଖ୍ରୀଷ୍ଟଧର୍ମ ପ୍ରଚାର ଲାଭ କଲା, ସମ୍ରାଟ୍ ଅଶୋକଙ୍କ ପ୍ରେରିତ ପ୍ରଚାରକଗଣ ସେହିସବୁ ସ୍ଥାନରେ ବୌଦ୍ଧଧର୍ମର ଶିକ୍ଷାସମୂହ ବିସ୍ତାର କରିଥିଲେ । ଏଥିରୁ ବୁଝାଯାଇ-ପାରେ, କିପରି ଖ୍ରୀଷ୍ଟଧର୍ମରେ ଈଶ୍ୱରଙ୍କ ତ୍ରିତ୍ୱବାଦ, ଅବତାରବାଦ ଏବଂ ଭାରତୀୟ ନୀତିତତ୍ତ୍ୱ ଆସିଲା ଏବଂ କାହିଁକି ବା ଆମ ଦେଶର ମନ୍ଦିର ପୂଜାର୍ଚ୍ଚନା ସହିତ ରୋମର କ୍ୟାଥଲିକ୍ ଗୀର୍ଜାର

'ମାସ୍'[୧] ଆବୃତ୍ତି ଏବଂ 'ଆଶୀର୍ବାଦ'[୨] ପ୍ରଭୃତି ଧର୍ମକୃତ୍ୟର ଏତେ ସାଦୃଶ୍ୟ । ଖ୍ରୀଷ୍ଟଧର୍ମର ବହୁପୂର୍ବରୁ ବୌଦ୍ଧଧର୍ମରେ ଏହି ସମସ୍ତ ପ୍ରଚଳିତ ଥିଲା ।

ବର୍ତ୍ତମାନ ଏହି ତଥ୍ୟଗୁଡ଼ିକ ଉପରେ ନିଜର ବିଚାର ବିବେଚନା ପ୍ରୟୋଗ କରି ଆପଣମାନେ ଦେଖନ୍ତୁ । ଆମେ ହିନ୍ଦୁମାନେ ଆପଣମାନଙ୍କର ଧର୍ମ ଯେ ପ୍ରାଚୀନତର, ଏହା ବିଶ୍ୱାସ କରିବାକୁ ପ୍ରସ୍ତୁତ ଅଛୁ, ଯଦି ଆପଣମାନେ ଯଥେଷ୍ଟ ପ୍ରମାଣ ଉପସ୍ଥାପିତ କରିପାରନ୍ତି । ଆମେ ଜାଣୁ ଯେ, ଆପଣମାନଙ୍କର ଧର୍ମ ଯେତେବେଳେ କଳ୍ପନାରେ ମଧ୍ୟ ଉଦ୍ଭୂତ ହୋଇ ନାହିଁ, ତା'ର ଅନ୍ତତଃ ତିନିଶହ ବର୍ଷ ପୂର୍ବରୁ ଆମର ଧର୍ମ ସୁପ୍ରତିଷ୍ଠିତ ।

ବିଜ୍ଞାନ ସମ୍ବନ୍ଧରେ ମଧ୍ୟ ଏହା ପ୍ରଯୋଜ୍ୟ । ପ୍ରାଚୀନ କାଳରେ ଭାରତବର୍ଷର ଅନ୍ୟ ଏକ ଦାନ ହେଲା ବୈଜ୍ଞାନିକ ଦୃଷ୍ଟିସମ୍ପନ୍ନ ଚିକିତ୍ସକଗଣ । ସାର୍ ଉଇଲ୍ୟମ୍ ହଣ୍ଟର୍ଙ୍କ ମତରେ ବିବିଧ ରାସାୟନିକ ପଦାର୍ଥର ଆବିଷ୍କାର ଏବଂ ବିକଳ କର୍ଣ୍ଣ ଓ ନାସିକାର ପୁନର୍ଗଠନର ଉପାୟ ନିର୍ଣ୍ଣୟଦ୍ୱାରା ଭାରତବର୍ଷ ଆଧୁନିକ ଚିକିତ୍ସାବିଜ୍ଞାନକୁ ସମୃଦ୍ଧ କରିଛି । ଅଙ୍କଶାସ୍ତ୍ରରେ ଭାରତର କୃତିତ୍ୱ ଆହୁରି ବେଶୀ । ବୀଜଗଣିତ, ଜ୍ୟାମିତି, ଜ୍ୟୋତିର୍ବିଦ୍ୟା ଏବଂ ବର୍ତ୍ତମାନ ବିଜ୍ଞାନର ବିଜୟଗୌରବସ୍ୱରୂପ ମିଶ୍ରଗଣିତ—ସବୁଗୁଡ଼ିକ ହିଁ ଭାରତବର୍ଷରେ ଉଦ୍ଭାବିତ ହୋଇଥିଲା । ବର୍ତ୍ତମାନ ସଭ୍ୟତାର ପ୍ରଧାନ ଭିତ୍ତିପ୍ରସ୍ତରସ୍ୱରୂପ ସଂଖ୍ୟାଦଶକ ମଧ୍ୟ ଭାରତ-ମନୀଷାର ସୃଷ୍ଟି । ଦଶଟି ସଂଖ୍ୟାବାଚକ ଦଶମିକ ଶବ୍ଦ ବାସ୍ତବିକ୍ ସଂସ୍କୃତ ଭାଷାର ଶବ୍ଦ ।

ଦର୍ଶନକ୍ଷେତ୍ରରେ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଅପର ଯେକୌଣସି ଜାତି ଅପେକ୍ଷା ଅନେକ ଉପରେ ଅଛୁ । ପ୍ରସିଦ୍ଧ ଜର୍ମାନ୍ ଦାର୍ଶନିକ ଶୋପେନହାଓ୍ୱାର୍ ମଧ୍ୟ ଏହା ସ୍ୱୀକାର କରିଛନ୍ତି । ସଙ୍ଗୀତକ୍ଷେତ୍ରରେ ଭାରତ ଜଗତକୁ ଦେଇଛି ପ୍ରଧାନ ସାତୋଟି ସ୍ୱର ଏବଂ ସ୍ୱରର ତିନୋଟି ଗ୍ରାମ ସହ ସ୍ୱରଲିପିପ୍ରଣାଳୀ । ଖ୍ରୀଷ୍ଟପୂର୍ବ ୩୫୦ ଶତାବ୍ଦୀରେ ମଧ୍ୟ ଆମେ ଏହିପରି

---

୧ ମାସ (Mass) : ଯୀଶୁଖ୍ରୀଷ୍ଟ ତାଙ୍କର ୧୨ଜଣ ଅନ୍ତରଙ୍ଗ ଶିଷ୍ୟଙ୍କ ସହ ଶେଷ ନୈଶ୍ୟ-ଭୋଜନ କାଳରେ ଖଣ୍ଡେ ରୁଟି ଭାଙ୍ଗିଦେଇ କହିଥିଲେ, ଏହା ମୋର ଶରୀର ଏବଂ ପାନୀୟ ମଦ୍ୟକୁ ତାଙ୍କ ଦେହର ରକ୍ତ ବୋଲି ନିର୍ଣ୍ଣୟ କରିଥିଲେ । କ୍ୟାଥଲିକ ଗୀର୍ଜାରେ ଯୀଶୁଖ୍ରୀଷ୍ଟଙ୍କର ଏହି ଶେଷ ନୈଶଭୋଜନର ସ୍ମରଣରେ ରୁଟି ଏବଂ ମଦ୍ୟବିଶେଷ ପୂଜାକୃତ୍ୟ ସହିତ ଆହୁତ ଦିଆଯାଏ । ପୁରୋହିତଙ୍କର ମନ୍ତ୍ର ଓ ସ୍ତବାଦି ଉଚ୍ଚାରଣ ଯୋଗୁଁ ଅତୀନ୍ଦ୍ରିୟ ଶକ୍ତିର ଆବେଶରେ ସେହି ରୁଟି ଓ ମଦ୍ୟ ଖ୍ରୀଷ୍ଟଙ୍କର ଦିବ୍ୟଦେହର ମାଂସ ଓ ରକ୍ତରେ ପରିଣତ ହୁଏ—କ୍ୟାଥଲିକ ଧର୍ମମତର ଏହା ଏକ ପ୍ରଧାନ ବିଶ୍ୱାସ । ଭକ୍ତଗଣ ଏହାକୁ ପରେ 'ପ୍ରସାଦ' ସ୍ୱରୂପ ଗ୍ରହଣ କରନ୍ତି । ଉଦ୍ଦେଶ୍ୟ, ଖ୍ରୀଷ୍ଟଙ୍କର ବିଗ୍ରହ ଦେହ ସହିତ ଏକାତ୍ମତା ଏବଂ ତାଙ୍କର ଅଭୟ ଓ କୃପା ଲାଭ । ଏହି ଅନୁଷ୍ଠାନକୁ 'ମାସ୍' କୁହନ୍ତି ।

୨ 'ଆଶୀର୍ବାଦ' (Benediction) : କ୍ୟାଥଲିକ୍ ଗୀର୍ଜାରେ ଉପାସନା ପରେ ପୁରୋହିତ ବା ଧର୍ମଯାଜକ କର୍ତ୍ତୃକ ଉପାସକମାନଙ୍କ ଉଦ୍ଦେଶ୍ୟରେ ଉଚ୍ଚାରିତ ଈଶ୍ୱରଙ୍କ ଅଭୟ ଓ ମଙ୍ଗଳ ଆଶ୍ୱାସ-ବାଣୀ ।

ପ୍ରଣାଳୀବଦ୍ଧ ସଙ୍ଗୀତ ଉପଭୋଗ କରିଛୁ । ୟୁରୋପକୁ ଏହା ପ୍ରଥମେ ଆସିଛି ମାତ୍ର ଏକାଦଶ ଶତାବ୍ଦୀରେ । ଭାଷାବିଜ୍ଞାନକ୍ଷେତ୍ରରେ ଏହା ବର୍ତ୍ତମାନ ସର୍ବବାଦୀସମ୍ମତ ଯେ ଆମର ସଂସ୍କୃତ ଭାଷା ଯାବତୀୟ ୟୁରୋପୀୟ ଭାଷାର ଭିତ୍ତି । ଏହି ଭାଷାଗୁଡ଼ିକ ବିକୃତ ଉଚ୍ଚାରଣବିଶିଷ୍ଟ ସଂସ୍କୃତ ଛଡ଼ା ଆଉ କିଛି ନୁହେଁ ।

ସାହିତ୍ୟ କ୍ଷେତ୍ରରେ ଆମର ମହାକାବ୍ୟ, କାବ୍ୟ ଏବଂ ନାଟକ ଅପର ଯେକୌଣସି ଭାଷାର ଶ୍ରେଷ୍ଠ ରଚନାର ସମତୁଲ୍ୟ । ଜର୍ମାନୀର ଶ୍ରେଷ୍ଠ କବି ଆମର ଶକୁନ୍ତଳା ନାଟକ ସମ୍ବନ୍ଧରେ କହିଛନ୍ତି : ସେଥିରେ 'ସ୍ୱର୍ଗ ଏବଂ ପୃଥିବୀ ସମ୍ମିଳିତ' । 'ଈସପ୍‌ସ୍ ଫେବ୍‌ଲ୍‌ସ୍' ନାମକ ପ୍ରସିଦ୍ଧ ଗଳ୍ପମାଳା ଭାରତର ହିଁ ଦାନ, କାରଣ ଈସପ୍ ଏକ ପ୍ରାଚୀନ ସଂସ୍କୃତ ଗ୍ରନ୍ଥରୁ ତାଙ୍କ ବହିର ଉପାଦାନ ନେଇଥିଲେ । 'ଆରବିଆନ୍ ନାଇଟ୍‌ସ୍' ନାମକ ବିଖ୍ୟାତ କଥାସାହିତ୍ୟ, ଏପରିକି 'ସିଣ୍ଡ୍ରେଲା ଓ ବରଗୁଡ଼ି ଜୁଇଁ' ଗଳ୍ପର ମଧ୍ୟ ଉତ୍ପତ୍ତି ଭାରତରେ । ଶିଳ୍ପକଳା କ୍ଷେତ୍ରରେ ଭାରତ ହିଁ ପ୍ରଥମ ତୁଳା ଓ ନୀଳ ରଙ୍ଗ ଉତ୍ପାଦନ କରିଛି ଏବଂ ସବୁ ପ୍ରକାର ଅଳଙ୍କାର-ନିର୍ମାଣରେ ପ୍ରଭୂତ ଦକ୍ଷତା ଦେଖାଇଛି । ଚିନି ଭାରତରେ ହିଁ ପ୍ରଥମେ ପ୍ରସ୍ତୁତ ହୋଇଥିଲା । ଇଂରାଜୀ 'ସୁଗାର' କଥାଟି ସଂସ୍କୃତ 'ଶର୍କରା'ରୁ ଉତ୍ପନ୍ନ । ସର୍ବଶେଷରେ ଉଲ୍ଲେଖ କରାଯାଇପାରେ ଯେ ଚେସ୍, ତାସ ଏବଂ ପଶା ଖେଳ ଭାରତରେ ହିଁ ଆବିଷ୍କୃତ ହୋଇଥିଲା । ବସ୍ତୁତଃ ସବୁ ଦିଗରୁ ଭାରତବର୍ଷର ଉତ୍କର୍ଷ ଏତେ ବିରାଟ ଥିଲା ଯେ, ଦଳ ଦଳ ବୁଭୁକ୍ଷୁ ୟୁରୋପୀୟ ଭାଗ୍ୟାନ୍ୱେଷୀଗଣ ଭାରତ ସୀମାନ୍ତରେ ଉପସ୍ଥିତ ହେବାକୁ ଲାଗିଲେ ଏବଂ ପରୋକ୍ଷଭାବରେ ଏହି ଘଟଣା ହିଁ ପରେ ଆମେରିକା ଆବିଷ୍କାରର କାରଣ ହେଲା ।

ବର୍ତ୍ତମାନ ଦେଖାଯାଉ, ଏହି ସବୁର ବଦଳରେ ଜଗତ ଭାରତକୁ କ'ଣ ଦେଇଛି । ନିନ୍ଦା, ଅଭିଶାପ ଏବଂ ଘୃଣା ଛଡ଼ା ଆଉ କିଛି ନୁହେଁ । ଭାରତ-ସନ୍ତାନମାନଙ୍କର ରୁଧିରସ୍ରୋତ ମଧ୍ୟ ଦେଇ ଅନ୍ୟମାନେ ନିଜର ସମୃଦ୍ଧିର ପଥ କରିନେଇଛନ୍ତି, ଭାରତକୁ ଦାରିଦ୍ର୍ୟରେ ନିକ୍ଷେପିତ କରି ଏବଂ ଭାରତର ପୁତ୍ରକନ୍ୟାଗଣଙ୍କୁ ଦାସତ୍ୱକୁ ଠେଲି ଦେଇ । ଆଉ ବର୍ତ୍ତମାନ ଆଘାତ ଉପରେ ଆହୁରି ଅପମାନ ଦିଆ ହେଉଛି ଭାରତରେ ଏପରି ଏକ ଧର୍ମ ପ୍ରଚାର କରି, ଯାହାର ଅନ୍ୟ ସମସ୍ତ ଧର୍ମର ଧ୍ୱଂସ ଉପରେ ହିଁ କେବଳ ପୁଷ୍ଟି ହୋଇପାରେ । କିନ୍ତୁ ଭାରତ ଭୀତ ନୁହେଁ । ସେ କୌଣସି ଜାତିର କୃପାଭିକ୍ଷୁ ନୁହେଁ । ଆମର ଏକମାତ୍ର ଦୋଷ ଏହି ଯେ, ଆମେ ଅପରକୁ ପଦଦଳିତ କରିବା ପାଇଁ ଯୁଦ୍ଧ କରିପାରୁ ନାହିଁ, ଆମେ ବିଶ୍ୱାସ କରୁ ସତ୍ୟର ଅନନ୍ତ ମହିମାରେ । ବିଶ୍ୱ ନିକଟରେ ଭାରତର ବାଣୀ ହେଲା—ପ୍ରଥମତଃ ତାହାର ମଙ୍ଗଳେଚ୍ଛା । ଅହିତର ପ୍ରତିଦାନରେ ଭାରତ ଦିଏ ହିତ । ଭାରତରେ ହିଁ ଏହି ମହତ୍ ଆଦର୍ଶର ଉତ୍ପତ୍ତି । ଭାରତ ଏହାକୁ କାର୍ଯ୍ୟରେ ପରିଣତ କରି ଜାଣେ । ପରିଶେଷରେ ଭାରତର ବାଣୀ ହେଲା : ପ୍ରଶାନ୍ତ ସାଧୁତା ଧୈର୍ଯ୍ୟ ଏବଂ ମୃଦୁତା ଶେଷରେ ଅବଶ୍ୟ ଜୟୀ ହେବେ । ଏକ ସମୟରେ ଯେଉଁମାନଙ୍କର ପୃଥିବୀରେ ବିପୁଳ ଅଧିକାର ଥିଲା, ସେହି ପରାକ୍ରାନ୍ତ ଗ୍ରୀକ୍ ଜାତି ଆଜି କାହାନ୍ତି ? ସେମାନେ ବିଲୁପ୍ତ । ଏକଦା ଯାହାଙ୍କର ବିଜୟୀ ସୈନ୍ୟଦଳଙ୍କ ପଦଭାରରେ ମେଦିନୀ କମ୍ପିତ ହେଉଥିଲା, ସେହି ରୋମାନ୍ ଜାତି କାହିଁ ? ଅତୀତର ଗର୍ଭରେ ।

ପଚାଶ ବର୍ଷ ଧରି ଯେଉଁମାନେ ଏକ ସମୟରେ ଆଟଲାଣ୍ଟିକ୍ ମହାସାଗରଠାରୁ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ବିଜୟପତାକା ଉଡ୍ଡୀନ କରିଥିଲେ, ସେହି ଆରବମାନେ ବା ଆଜି କେଉଁଠି ? କାହାନ୍ତି ସେହି ଲକ୍ଷ ଲକ୍ଷ ନରପଶୁ ମନୁଷ୍ୟଙ୍କର ନିଷ୍ଠୁର ହତ୍ୟାକାରୀ ସ୍ପାନିୟାର୍ଡ-ଗଣ ? ଉଭୟ ଜାତି ହିଁ ଆଜି ପ୍ରାୟ ବିଲୁପ୍ତ । ତେବେ ସେମାନଙ୍କର ପରବର୍ତ୍ତୀ ବଂଶଧରଗଣଙ୍କ ନ୍ୟାୟପରତା ଓ ଦୟାଧର୍ମ ଗୁଣରେ ସେମାନେ ସାମୂହିକ ବିନାଶରୁ ରକ୍ଷା ପାଇବେ, ପୁନର୍ବାର ସେମାନଙ୍କ ଅଭ୍ୟୁଦୟର ସମୟ ଆସିବ ।

ବକ୍ତୃତା ଶେଷରେ ସ୍ୱାମୀ ବିବେକାନନ୍ଦଙ୍କୁ କରତାଳିଦ୍ୱାରା ସାଦର ଅଭିନନ୍ଦନ ଦିଆଯାଇଥିଲା । ଭାରତର ରୀତିନୀତି ସମ୍ପର୍କରେ ସେ ବହୁ ପ୍ରଶ୍ନର ଉତ୍ତର ଦେଇଥିଲେ । ଗତକାଲି ଫେବୃଆରି ୨୫ ତାରିଖର 'ଷ୍ଟାଣ୍ଡାର୍ଡ ୟୁନିୟନ୍' ପତ୍ରିକାରେ ଭାରତବର୍ଷରେ ବିଧବା-ମାନଙ୍କର ନିର୍ଯ୍ୟାତନା ସମ୍ପର୍କରେ ଯେଉଁ ଉକ୍ତିଟି ପ୍ରକାଶ ପାଇଥିଲା, ତାହାର ପ୍ରତିବାଦ ସେ ସ୍ପଷ୍ଟଭାବରେ କରିଥିଲେ ।

ଭାରତୀୟ ଆଇନ୍ ଅନୁସାରେ ନାରୀଙ୍କ ବିବାହପୂର୍ବରୁ ନିଜସ୍ୱ ସମ୍ପତ୍ତି ଯଦି କିଛି ଥାଏ, ତେବେ ବିବାହ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲେ ସେଥିରେ ତାଙ୍କର ଅଧିକାର ତ ରହିବ ହିଁ ରହିବ, ଏହା ଛଡ଼ା ସ୍ୱାମୀଙ୍କ ନିକଟରୁ ସେ ଯାହା କିଛି ପାଇଥିବେ ଏବଂ ମୃତ ସ୍ୱାମୀଙ୍କର କେହି ଉତ୍ତରାଧିକାରୀ ନ ଥିଲେ ତାଙ୍କ ସମ୍ପତ୍ତିରେ ମଧ୍ୟ ତାଙ୍କର ଅଧିକାର ରହିବ । ପୁରୁଷସଂଖ୍ୟା ନ୍ୟୂନ ବୋଲି ଭାରତରେ ବିଧବାମାନେ କ୍ୱଚିତ୍ ପୁଣି ବିବାହ କରନ୍ତି ।

ବକ୍ତା ଆହୁରି ଉଲ୍ଲେଖ କରିଥିଲେ ଯେ, ସ୍ୱାମୀଙ୍କ ମୃତ୍ୟୁ ପରେ ନାରୀ ସହମରଣପ୍ରଥା ଏବଂ ଜଗନ୍ନାଥ-ରଥଚକ୍ରତଳେ ଆତ୍ମବଳିଦାନପ୍ରଥା ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ଏହାର ପ୍ରମାଣ ପାଇଁ ସେ ଶ୍ରୋତୃମଣ୍ଡଳୀକୁ ସାର୍ ଉଇଲିୟମ୍ ହଣ୍ଟର୍‌ଙ୍କ ପ୍ରଣୀତ 'ଭାରତସାମ୍ରାଜ୍ୟର ଇତିହାସ' ନାମକ ପୁସ୍ତକଟି ପଢ଼ିବାକୁ ଅନୁରୋଧ କରିଥିଲେ ।

## ଭାରତର ବାଳବିଧବାଗଣ

'ଡେଲି ଈଗଲ୍', ୨୭ ଫେବୃଆରି ୧୮୯୫

ବୃକଲିନ୍ ଏଥିକାଲ୍ ଆସୋସିଏସନ୍ ଉଦ୍‌ଯୋଗରେ ହିଷ୍ଟୋରିକାଲ୍ ହଲ୍‌ରେ ହିନ୍ଦୁ-ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦ ସୋମବାର ରାତିରେ 'ଜଗତକୁ ଭାରତବର୍ଷର ଦାନ' ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ବକ୍ତା ଯେତେବେଳେ ମଞ୍ଚ ଉପରକୁ ଉଠିଲେ ସେତେବେଳେ ହଲ୍‌ରେ ପ୍ରାୟ ଅଢ଼େଇଶହ ବ୍ୟକ୍ତି ଉପସ୍ଥିତ ଥିଲେ । ବୃକଲିନ୍ ରମାବାଈ ସର୍କଲର ସଭାପତି ମିସେସ୍ ଜେମସ୍ ମ୍ୟାକ୍‌କ୍ଲାନ୍ କିଛିଦିନ ପୂର୍ବେ 'ଭାରତବର୍ଷରେ ବାଳବିଧବାମାନଙ୍କ ଉପରେ ଦୁର୍ବ୍ୟବହାର କରାଯାଏ ନାହିଁ'—ବକ୍ତାଙ୍କର ଏହି ଉକ୍ତିଟିର ପ୍ରତିବାଦ କରିଥିଲେ । ଏହି ପ୍ରତିଷ୍ଠାନଟି ଭାରତରେ ଖ୍ରୀଷ୍ଟମତାନୁଗ ସେବା-କାର୍ଯ୍ୟ କରନ୍ତି । ବକ୍ତାଙ୍କ ନିକଟରୁ ଏହି ପ୍ରତିବାଦର ପ୍ରତ୍ୟୁତ୍ତର ଶୁଣିବା ପାଇଁ ଶ୍ରୋତୃବୃନ୍ଦଙ୍କର ଖୁବ୍ ଆଗ୍ରହ ଦେଖାଯାଇଥିଲା; କିନ୍ତୁ

ସ୍ୱାମୀ ବିବେକାନନ୍ଦ ତାଙ୍କର ଭାଷଣରେ ସେବିଷୟରେ କୌଣସି ଉଲ୍ଲେଖ କରି ନ ଥିଲେ । ତାଙ୍କ ବକ୍ତୃତା ଶେଷ ହେବା ପରେ ଜଣେ ଶ୍ରୋତା ଏହି ପ୍ରସଙ୍ଗଟି ଉତ୍ଥାପିତ କରିଥିଲେ ଏବଂ ତାଙ୍କର ଏ ବିଷୟରେ କ'ଣ ମତାମତ ତାହା ପଚାରିଥିଲେ । ସ୍ୱାମୀ ବିବେକାନନ୍ଦ କହିଲେ, ବାଲବିଧବାମାନଙ୍କ ପ୍ରତି ନିର୍ଯାତନ ବା କଠୋର ବ୍ୟବହାର କରାଯାଏ, ଏ ସମ୍ବାଦ ସତ୍ୟ ନୁହେଁ । ସେ ପୁଣି କହିଲେ : ଏହା ଠିକ୍ ଯେ, କୌଣସି କୌଣସି ହିନ୍ଦୁଙ୍କର ଖୁବ୍ ଅଳ୍ପ ବୟସରେ ବିବାହ ହୁଏ । ଅନେକ କିନ୍ତୁ ବେଶ୍ ପରିଣତ ବୟସରେ ହିଁ ବିବାହ କରନ୍ତି । କେହି କେହି ବା ଆଦୌ ବିବାହ କରନ୍ତି ନାହିଁ । ମୋର ପିତାମହଙ୍କର ଯେତେବେଳେ ବିବାହ ହୋଇଥିଲା, ସେତେବେଳେ ସେ ନିତାନ୍ତ ବାଳକ । ମୋର ପିତା ବିବାହ କରିଥିଲେ ଚଉଦ ବର୍ଷ ବୟସରେ । ମୋର ବୟସ ତିରିଶ ବର୍ଷ, ମୁଁ ବର୍ତ୍ତମାନ ପର୍ଯ୍ୟନ୍ତ ବିବାହ କରି ନାହିଁ । ସ୍ୱାମୀ ମୃତ ହେଲେ ତାଙ୍କର ଯାବତୀୟ ସମ୍ପତ୍ତି ତାଙ୍କର ବିଧବା ପତ୍ନୀ ପାଆନ୍ତି । ଦରିଦ୍ର ଗୃହରେ ବିଧବାର କଷ୍ଟ ଅନ୍ୟାନ୍ୟ ଦେଶରେ ଯେପରି, ଭାରତରେ ମଧ୍ୟ ସେହିପରି । କେତେବେଳେ ବୃଦ୍ଧମାନେ ବାଳିକା ବିବାହ କରନ୍ତି । ଏପରି ବୃଦ୍ଧ ସ୍ୱାମୀ ଯଦି ଧନୀ ହୁଅନ୍ତି, ତେବେ ସେ ଯେତେ ଶୀଘ୍ର ମରନ୍ତି, ତାଙ୍କ ବିଧବା ସ୍ତ୍ରୀ ପକ୍ଷରେ ସେତେ ମଙ୍ଗଳ । ମୁଁ ଭାରତର ସର୍ବତ୍ର ଭ୍ରମଣ କରିଛି; କିନ୍ତୁ ବିଧବାମାନଙ୍କ ପ୍ରତି ଯେପରି ନିର୍ଯାତନର କଥା ପ୍ରଚାରିତ ହେଉଛି, ସେପରି ଗୋଟିଏ ମଧ୍ୟ କେଉଁଠି ଦେଖିବାକୁ ପାଇ ନାହିଁ । ଅତୀତରେ ଆମ ଦେଶରେ ଏକ ଧରଣର ଧର୍ମୋନ୍ମତ୍ତତା ଥିଲା । ସେସମୟରେ ବେଳେ ବେଳେ ବିଧବାମାନେ ମୃତ ପତିଙ୍କର ଜ୍ୱଳନ୍ତ ଚିତାରେ ପ୍ରବେଶ କରି ମୃତ୍ୟୁବରଣ କରୁଥିଲେ । ହିନ୍ଦୁ ଜନସାଧାରଣ ଯେ ଏହି ରୀତି ପସନ୍ଦ କରୁଥିଲେ, ତାହା ନୁହେଁ, ତାହା ବନ୍ଦ କରିବାର ଚେଷ୍ଟା ମଧ୍ୟ ନ ଥିଲା । ଅବଶେଷରେ ବ୍ରିଟିଶ୍-ଅଧିକୃତ ଭାରତରେ ଏହା ନିଷିଦ୍ଧ ହେଲା । ସହମୃତା ନାରୀଙ୍କୁ ସାଧ୍ୱୀ ବୋଲି ଖୁବ୍ ସମ୍ମାନ କରାଯାଉଥିଲା । ଅନେକ ସମୟରେ ତାଙ୍କର ସ୍ମୃତିରକ୍ଷା ଲାଗି ସ୍ତମ୍ଭାଦି ନିର୍ମିତ ହେଉଥିଲା ।

## ହିନ୍ଦୁମାନଙ୍କର କେତୋଟି ରୀତିନୀତି

'ବୃକ୍‌ଲିନ୍ ଷ୍ଟାଣ୍ଡାର୍ଡ ୟୁନିଅନ୍', ୮ ଏପ୍ରିଲ୍ ୧୮୯୫

ଗତ ରାତିରେ କ୍ଲିଣ୍ଟନ୍ ଆଭେନ୍ୟୁସ୍ଥିତ ପଉଚ୍ ଗ୍ୟାଲେରୀରେ ବୃକ୍‌ଲିନ୍ ଏଥିକାଲ୍ ଆସୋସିଏସନର ଏକ ବିଶେଷ ସଭାରେ ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କ ବକ୍ତୃତା ହିଁ ପ୍ରଧାନ କର୍ମସୂଚୀ ଥିଲା । ଆଲୋଚ୍ୟ ବିଷୟ ଥିଲା : 'ହିନ୍ଦୁମାନଙ୍କର କେତୋଟି ରୀତିନୀତି—ସେଗୁଡ଼ିକର ତାତ୍ପର୍ଯ୍ୟ ଏବଂ କଦର୍ଥ' । ପ୍ରଶସ୍ତ ଗ୍ୟାଲେରୀଟି ବୃହତ୍ ଜନତାଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥିଲା ।

ପରିଧାନରେ ପ୍ରାଚ୍ୟ ପୋଷାକ, ଉଜ୍ଜ୍ୱଳ ଚକ୍ଷୁ ଏବଂ ମୁଖରେ ପ୍ରତିଭାର ଦୀପ୍ତି ନେଇ ସ୍ୱାମୀ ବିବେକାନନ୍ଦ ତାଙ୍କର ସ୍ୱଦେଶ, ତାହାର ଅଧିବାସୀ ଏବଂ ରୀତିନୀତି ବିଷୟ କହିବାକୁ

ଆରମ୍ଭ କଲେ । ବକ୍ତା କହିଲେ ଯେ, ଶ୍ରୋତୃମଣ୍ଡଳୀ ନିକଟରୁ ସେ କେବଳ ଗ୍ରହାନ୍ତି ତାଙ୍କ ପ୍ରତି ଓ ତାଙ୍କ ସ୍ୱଦେଶ ପ୍ରତି ନ୍ୟାୟଦୃଷ୍ଟି । ସେ ଭାଷଣର ପ୍ରାରମ୍ଭରେ ଭାରତ ସମ୍ବନ୍ଧରେ ଏକ ସାଧାରଣ ଧାରଣା ଉପସ୍ଥାପିତ କରିଥିଲେ । ଭାରତ ଗୋଟିଏ ଦେଶ ନୁହେଁ, ଏହା ଏକ ମହାଦେଶ । ଯେଉଁସବୁ ପର୍ଯ୍ୟଟକ ଆଦୌ ଭାରତବର୍ଷକୁ ଯାଇ ନାହାନ୍ତି, ସେମାନେ ଏହା ସମ୍ବନ୍ଧରେ ଅନେକ ଭୁଲ ମତ ପ୍ରଚାର କରିଛନ୍ତି । ଭାରତରେ ୯ଟି ପ୍ରଧାନ ଭାଷା ଅଛି ଏବଂ ପ୍ରାଦେଶିକ ଉପଭାଷା ଏକଶହରୁ ମଧ୍ୟ ବେଶୀ । ତାଙ୍କର ସ୍ୱଦେଶ ସମ୍ବନ୍ଧରେ ଯେଉଁମାନେ ବହି ଲେଖିଛନ୍ତି, ବକ୍ତା ସେମାନଙ୍କୁ କଠୋର ସମାଲୋଚନା କରିଥିଲେ । ସେ କହିଲେ ଯେ, ଏହିସବୁ ବ୍ୟକ୍ତିଙ୍କର ମସ୍ତିଷ୍କ କୁସଂସ୍କାରଦ୍ୱାରା ବିକୃତ ହୋଇଯାଇଛି । ଏମାନଙ୍କର ଗୋଟିଏ ଧାରଣା ଯେ, ତାଙ୍କର ଧର୍ମର ଗଣ୍ଡିର ବାହାରେ ପ୍ରତ୍ୟେକ ଲୋକ ଭୟଙ୍କର ସଇତାନ । ହିନ୍ଦୁମାନଙ୍କର ଦନ୍ତଧାବନ-ପ୍ରଣାଳୀର ଅନେକ ସମୟରେ କଦର୍ଥ କରାଯାଇଥାଏ । ସେମାନେ ମୁଖ ମଧ୍ୟରେ ପଶୁର ଲୋମ ବା ଚମଡ଼ା ପୂରାଇବାର ପକ୍ଷପାତୀ ନୁହନ୍ତି ବୋଲି ବିଶେଷ କେତୋଟି ଗଛର ଶ୍ରେଷ୍ଠ ଡାଳଦ୍ୱାରା ଦାନ୍ତକୁ ପରିଷ୍କାର କରନ୍ତି । ଜନୈକ ପାଶ୍ଚାତ୍ୟ-ଲେଖକ ଏଥିପାଇଁ ଲେଖିଛନ୍ତି, 'ହିନ୍ଦୁମାନେ ପ୍ରତ୍ୟୁଷରେ ଶଯ୍ୟାତ୍ୟାଗ କରି ଗୋଟିଏ ଗଛ ଗିଳି ପକାନ୍ତି ।' ବକ୍ତା କହିଲେ ଯେ, ହିନ୍ଦୁ ବିଧବାମାନଙ୍କର ଜଗନ୍ନାଥଙ୍କ ରଥଚକ୍ରତଳେ ଆତ୍ମବଳି-ଦାନର ରୀତି କେବେହେଲେ ନ ଥିଲା । ଏହି ଗଳ୍ପ କିପରି ଯେ ପ୍ରଚଳିତ ହେଲା, ତାହା ବୁଝିବା କଷ୍ଟ ।

ଜାତିଭେଦ ସମ୍ବନ୍ଧରେ ସ୍ୱାମୀ ବିବେକାନନ୍ଦଙ୍କର ମନ୍ତବ୍ୟଗୁଡ଼ିକ ଖୁବ୍ ବ୍ୟାପକ ଓ ଚିତ୍ତାକର୍ଷକ । ଭାରତୀୟ ଜାତିପ୍ରଥା ଉଚ୍ଚନୀଚ ଶ୍ରେଣୀରେ ବିଭକ୍ତ ନୁହେଁ । ପ୍ରତ୍ୟେକଟି ଜାତି ହିଁ ନିଜ କ୍ଷେତ୍ରରେ ଶ୍ରେଷ୍ଠ । ଜାତିପ୍ରଥା କୌଣସି ଧର୍ମକୃତ୍ୟ ନୁହେଁ, ତାହା କେବଳ ବିଭିନ୍ନ କାରିଗରି ବିଭାଗ-ବ୍ୟବସ୍ଥା । ସ୍ମରଣାତୀତ କାଳରୁ ତାହା ମାନବସମାଜରେ ପ୍ରଚଳିତ ରହିଛି । ବକ୍ତା ବ୍ୟାଖ୍ୟା କରି ଦେଖାଇଲେ—କିପରି ଭାବରେ ସମାଜରେ ପ୍ରଥମେ କେତୋଟି ମାତ୍ର ନିର୍ଦ୍ଦିଷ୍ଟ ଅଧିକାର ବଂଶାନୁକ୍ରମିକ ଥିଲା । ଏହାପରେ ଚାଲିଲା ପ୍ରତ୍ୟେକ ଶ୍ରେଣୀକୁ କଠୋର ବନ୍ଧନରେ ଆବଦ୍ଧ କରିବା ଏବଂ ବିବାହ ଓ ପାନାହାରକୁ ନିଜ ନିଜ ଶ୍ରେଣୀ ମଧ୍ୟରେ ସୀମାବଦ୍ଧ କରିବା ।

ହିନ୍ଦୁ ଗୃହରେ ଖ୍ରୀଷ୍ଟାନ୍ ବା ମୁସଲମାନଙ୍କ ଉପସ୍ଥିତିଦ୍ୱାରା କିଅଣ ପ୍ରଭାବ ପଡ଼େ, ବକ୍ତା ତାହା ବର୍ଣ୍ଣନା କରିଥିଲେ । କୌଣସି ଶ୍ୱେତକାୟ ବ୍ୟକ୍ତି ହିନ୍ଦୁଙ୍କ ଘରେ ପଶିଲେ ଘର ଅଶୁଚି ହୋଇଯାଏ । ବିଧର୍ମୀ ଗୃହକୁ ଆସିଲେ ଗୃହସ୍ୱାମୀ ପ୍ରାୟ ପରେ ସ୍ନାନ କରିଥାଆନ୍ତି । ଅନ୍ତ୍ୟଜ ଜାତିମାନଙ୍କ ପ୍ରସଙ୍ଗରେ ବକ୍ତା କହିଲେ ଯେ, ଏମାନେ ସମାଜରେ ମେହେନ୍ତରର କାମ, ଝାଡ଼ୁଦେବା ପ୍ରଭୃତି କାର୍ଯ୍ୟ କରନ୍ତି ଏବଂ ଏମାନେ ଗଳିତ-ମାଂସଭୋଜୀ । ସେ ଆହୁରି କହିଲେ ଯେ, ଭାରତ ସମ୍ବନ୍ଧରେ ଯେଉଁସବୁ ପାଶ୍ଚାତ୍ୟ ଲେଖକ ବହି ଲେଖିଛନ୍ତି, ସେମାନେ ସମାଜର ଏହିସବୁ ନିମ୍ନସ୍ତରର ଲୋକଙ୍କର ସଂସ୍ପର୍ଶରେ ହିଁ ଆସିଛନ୍ତି, ଉଚ୍ଚବର୍ଣ୍ଣର ହିନ୍ଦୁମାନଙ୍କ ଜୀବନ ହେତୁ ସେମାନଙ୍କର ପରିଚୟ ଘଟି ନାହିଁ । ଜାତିର ନିୟମକାନୁନ୍ ଭାଙ୍ଗିଲେ କି ଶାସ୍ତି ହୁଏ,

ତାହା ବକ୍ତା ବର୍ଣ୍ଣନା କରିଥିଲେ । ଶାନ୍ତି କେବଳ ଏହି ଯେ, ନିମ୍ନ-ଭଙ୍ଗକାରୀ ଯେଉଁ ଜାତିର ଅନ୍ତର୍ଭୁକ୍ତ, ସେହି ଜାତି ମଧ୍ୟରେ ବୈବାହିକ ଆଦାନପ୍ରଦାନ ଓ ପାନାହାର ତାଙ୍କର ଓ ତାଙ୍କର ସନ୍ତାନଗଣଙ୍କ ପାଇଁ ନିଷିଦ୍ଧ । ଏ ସମ୍ପର୍କରେ ଅନ୍ୟ ଯେଉଁସବୁ ଧାରଣା ପାଶ୍ଚାତ୍ୟରେ ପ୍ରଚଳିତ, ତାହା ଅତିରଞ୍ଜିତ ଓ ଭୁଲ୍ ।

ଜାତିପ୍ରଥାର ଦୋଷ ଦେଖାଇବାକୁ ଯାଇ ବକ୍ତା କହିଲେ ଯେ, ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ନ ଦେଇ ଏହି ପ୍ରଥା ଜାତିର କର୍ମଜୀବନରେ ଜଡ଼ତା ସୃଷ୍ଟି କରିଛି ଏବଂ ସେଥିଯୋଗୁଁ ଜନଗଣଙ୍କର ଅଗ୍ରଗତି ସମ୍ପୂର୍ଣ୍ଣଭାବରେ ପ୍ରତିହତ ହୋଇଛି । ଏହି ପ୍ରଥା ସମାଜକୁ ପାଶବିକ ଦଳାଦଳିରୁ ମୁକ୍ତ କରିଛି ସତ, କିନ୍ତୁ ଅନ୍ୟ ଦିଗରେ ଏହା ସାମାଜିକ ଉନ୍ନତିକୁ ରୁଦ୍ଧ କରିଛି । ପ୍ରତିଦ୍ୱନ୍ଦ୍ୱିତା ବନ୍ଦ କରି ଏହା ପ୍ରଜାବୃଦ୍ଧି ଘଟାଇଛି । ଜାତିପ୍ରଥା ସପକ୍ଷରେ ବକ୍ତା କହିଲେ ଯେ, ଏହା ହିଁ ସମତା ଏବଂ ଭ୍ରାତୃତ୍ୱର ଏକମାତ୍ର କାର୍ଯ୍ୟକାରୀ ଆଦର୍ଶ । କାହାରି ଆର୍ଥିକ ଅବସ୍ଥା ଜାତି ମଧ୍ୟରେ ତାହାର ଉଚ୍ଚନୀଚ ସ୍ଥାନର ପରିମାପକ ନୁହେଁ । ଜାତି ମଧ୍ୟରେ ପ୍ରତ୍ୟେକେ ହିଁ ସମାନ । ବଡ଼ ବଡ଼ ସମାଜସଂସ୍କାରକଗଣଙ୍କ ମଧ୍ୟରୁ ସମସ୍ତଙ୍କର ହିଁ ଗୋଟିଏ ବଡ଼ ଭୁଲ ହୋଇଥିଲା । ଜାତିପ୍ରଥାର ଯଥାର୍ଥ ଉତ୍ପତ୍ତି-ସୂତ୍ର ଯେ ସମାଜର ଗୋଟିଏ ବିଶିଷ୍ଟ ପରିବେଶ, ଏହା ଦେଖି ନ ପାରି ସେମାନେ ମନେକରିଥିଲେ ଯେ, ଧର୍ମର ବିଧି-ନିଷେଧ ହିଁ ଏହି ପ୍ରଥାର ଜନକ । ବକ୍ତା ଇଂରେଜ ଏବଂ ମୁସଲମାନ ଶାସକଗଣଙ୍କର ସଙ୍ଗୀନମୁନ; ଗୋଲାବାରୁଦ ଏବଂ ତରବାରି ସାହାଯ୍ୟରେ ଦେଶକୁ ସୁସଭ୍ୟ କରିବା ଚେଷ୍ଟାର ତୀବ୍ର ନିନ୍ଦା କରିଥିଲେ । ତାଙ୍କ ମତରେ ଜାତିଭେଦ ଦୂର କରିବାକୁ ହେଲେ ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ, ଏବଂ ଦେଶର ଅର୍ଥନୈତିକ ପ୍ରଣାଳୀର ଧ୍ୱଂସସାଧନ ଏକାନ୍ତ ପ୍ରୟୋଜନ । ସେ କହିଲେ, ଏହା ଅପେକ୍ଷା ବରଂ ବଙ୍ଗୋପସାଗରର ଜଳରେ ସମସ୍ତଙ୍କୁ ବୁଡ଼ାଇ ମାରିବା ଶ୍ରେୟଃ । ଇଂରାଜି ସଭ୍ୟତାର ଉପାଦାନ ହେଲା ତିନୋଟି 'ବି'—ବାଇବେଲ, ବାଇଓନେଟ୍ ଏବଂ ବ୍ରାଣ୍ଡି । ଏହାର ନାମ ହିଁ ସଭ୍ୟତା ! ଏହି ସଭ୍ୟତାକୁ ଏତେଦୂର ପର୍ଯ୍ୟନ୍ତ ନିଆଯାଇଥିଲା ଯେ, ଜଣେ ହିନ୍ଦୁର ହାରାହାରି ମାସିକ ଆୟ ୫୦ ସେଣ୍ଟରେ ପହଞ୍ଚିଛି । ରୁଷିଆ ବାହାରେ ଠିଆ ହୋଇଛି ଏବଂ କହୁଛି, 'ଆମେ ମଧ୍ୟ କିଛି ସଭ୍ୟତା ନେଇ ଆସୁ ।' ଇଂଲଣ୍ଡର ସଭ୍ୟତା-ବିସ୍ତାର କିନ୍ତୁ ଅବ୍ୟାହତ ରହିଛି ।

ସନ୍ନ୍ୟାସୀ ବକ୍ତା ମଞ୍ଚର ଗୋଟିଏ ପ୍ରାନ୍ତରୁ ଅପର ପ୍ରାନ୍ତକୁ ପାଦଚାରଣ କରୁ କରୁ ହିନ୍ଦୁମାନଙ୍କ ପ୍ରତି କିପରି ଅବିଚାର କରାଯାଏ, ତାହା ବର୍ଣ୍ଣନା କଲାବେଳେ ଖୁବ୍ ଉତ୍ତେଜିତ ହୋଇ ପଡ଼ିଥିଲେ । ତାଙ୍କର କଥା ମଧ୍ୟ ବେଶ୍ ଦ୍ରୁତଗତିରେ ଚାଲିଥିଲା । ବିଦେଶରେ ଶିକ୍ଷାପ୍ରାପ୍ତ ହିନ୍ଦୁମାନଙ୍କ ପ୍ରତି କଟାକ୍ଷ କରି ସେ କହିଲେ ଯେ, ଏମାନେ ସ୍ୱଦେଶକୁ ଫେରିବେ ଶ୍ୟାମ୍ପେନ ଏବଂ ବିଜାତୀୟ ନୂତନ ଭାବରେ ପୁରିପୂରି ଦୀକ୍ଷିତ ହୋଇ । ବାଲ୍ୟ-ବିବାହକୁ ନିନ୍ଦା କରିବାର ଏତେ ଆଡ଼ମ୍ବର କାହିଁକି ? କାରଣ ସାହେବମାନେ କହିଛନ୍ତି, ତାହା ଖରାପ । ହିନ୍ଦୁଗୃହରେ ଶାଶୂ ଯଦି ପୁତ୍ରବଧୂକୁ ନିପୀଡ଼ନ କରୁଥାଆନ୍ତି, ତେବେ ତା'ର କାରଣ ଏହି

ଯେ, ପୁନ ପ୍ରତିବାଦ କରେ ନାହିଁ । ବକ୍ତା କହିଲେ ଯେ, ବିଦେଶୀମାନେ ଯେକୌଣସି ସୁଯୋଗରେ ହିନ୍ଦୁଙ୍କ ଉପରେ ଗାଳିବର୍ଷଣ କରିବାକୁ ଉନ୍ମୁଖ, କାରଣ ତାଙ୍କର ନିଜର ଏତେ ଦୋଷ ଅଛି ଯେ, ସେମାନେ ତାହା ଘୋଡ଼ାଇ ପକାଇବାକୁ ଚାହାଁନ୍ତି । ତାଙ୍କ ମତରେ ପ୍ରତ୍ୟେକ ଜାତିକୁ ସ୍ୱକୀୟ ମୁକ୍ତି ନିଜେ ହିଁ ସାଧିତ କରିବାକୁ ହେବ, ଅନ୍ୟ କେହି ତାହାର ସମସ୍ୟା ସମାଧାନ କରିଦେଇପାରିବେ ନାହିଁ ।

ବିଦେଶୀ ଭାରତ-ବନ୍ଧୁମାନଙ୍କ ପ୍ରସଙ୍ଗରେ ଆମେରିକାରେ ଡେଭିଡ୍ ହେୟାର୍‌ଙ୍କ କଥା କେହି ଶୁଣିଛନ୍ତି କି ନାହିଁ ବୋଲି ବକ୍ତା ପଚାରିଥିଲେ । ସେ ଭାରତରେ ନାରୀମାନଙ୍କ ପାଇଁ ପ୍ରଥମ କଲେଜ ପ୍ରତିଷ୍ଠା କରିଛନ୍ତି ଏବଂ ଜୀବନର ଅଧିକାଂଶ ଶିକ୍ଷାପ୍ରସାର ନିମିତ୍ତ ବ୍ୟୟ କରିଛନ୍ତି । ବକ୍ତା ଅନେକଗୁଡ଼ିଏ ଭାରତୀୟ ପ୍ରବାଦ-ବାକ୍ୟ ଶୁଣାଇଥିଲେ । ଏଗୁଡ଼ିକ ଆଦୌ ଇଂରେଜଗଣଙ୍କର ପ୍ରଶଂସାସୂଚକ ନୁହେଁ । ଭାରତ ନିମିତ୍ତ ଏକ ବ୍ୟାକୁଳ ଆବେଦନ ପ୍ରକାଶ କରି ସେ ବକ୍ତୃତାର ସମାପ୍ତି କରିଥିଲେ । ସେ କହିଲେ—ଭାରତ ଯେତେଦିନ ପର୍ଯ୍ୟନ୍ତ ନିଜପ୍ରତି ଓ ସ୍ୱଧର୍ମ ପ୍ରତି ନିଷ୍ଠା ରଖିଥିବ, ସେତେଦିନ ପର୍ଯ୍ୟନ୍ତ କୌଣସି ଆଶଙ୍କାର କାରଣ ନାହିଁ, କିନ୍ତୁ ଈଶ୍ୱରଜ୍ଞାନହୀନ ଏହି ଭୟଙ୍କର ପାଶ୍ଚାତ୍ୟ ଯେତେବେଳେ ଭାରତକୁ ଭଣ୍ଡାମି ଓ ନାସ୍ତିକତା ରପ୍ତାନି କରେ, ସେତେବେଳେ ହିଁ ଭାରତ-ବକ୍ଷରେ ପ୍ରଚଣ୍ଡ ଆଘାତ ଦିଆଯାଏ । ଟନ୍ ଟନ୍ ଗାଳିଗୁଲଜ, ଗାଡ଼ି ବୋଝେଇ ତିରସ୍କାର ଏବଂ ଜାହାଜଭର୍ତ୍ତି ନିନ୍ଦା ନ ପଠାଇ ଅନନ୍ତ ଏକ ପ୍ରୀତିର ସ୍ରୋତ ବୁହାଇଦିଆଯାଉ । ଆସନ୍ତୁ ଆମେ ସମସ୍ତେ ମଣିଷ ହେବା ।

# ସଂକ୍ଷିପ୍ତ ଲିପି ଅବଲମ୍ବନରେ

# ଅନୁବନ୍ଧ

୧୯୦୦ ଖ୍ରୀଷ୍ଟାବ୍ଦର ପ୍ରଥମଭାଗରେ ସ୍ୱାମୀ ବିବେକାନନ୍ଦ ଆମେରିକା ଯୁକ୍ତରାଷ୍ଟ୍ରର କାଲିଫର୍ଣ୍ଣିଆ ରାଜ୍ୟର ସାନ୍ ଫ୍ରାନ୍ସିସ୍କୋ ଏବଂ ପାର୍ଶ୍ୱବର୍ତ୍ତୀ କେତୋଟି ସହରରେ ଅନେକଗୁଡ଼ିଏ ବକ୍ତୃତା ଦେଇଥିଲେ । ତନ୍ମଧ୍ୟରୁ ସତରଟି ବକ୍ତୃତା ମିସ୍ ଆଇଡ଼ା ଆନ୍‌ସେଲ୍ ନାମ୍ନୀ ଜଣେ ମହିଳା ସାଙ୍କେତିକ ଲିପିରେ ଲେଖି ନେଇଥିଲେ । ସେ ଏହି ଲିପିସଙ୍କେତ ସେତେବେଳେ ସଦ୍ୟ ଶିଖିଥିଲେ, ପାରଦର୍ଶିତା ଆସି ନ ଥିଲା । ଫଳରେ ସ୍ୱାମୀଜୀଙ୍କର କଥା ସ୍ଥାନେ ସ୍ଥାନେ ଛାଡ଼ିଯିବା ତାଙ୍କ ପକ୍ଷରେ ସ୍ୱାଭାବିକ ଥିଲା । ମିସ୍ ଆନ୍‌ସେଲ୍ ନିଜର ଅନୁଧ୍ୟାନ ପାଇଁ ହିଁ ସ୍ୱାମୀଜୀଙ୍କର ବକ୍ତୃତାକୁ ସାଙ୍କେତିକ ଲିପିରେ ଲେଖିନେଇଥିଲେ; ଲିପିଗୁଡ଼ିକୁ ଭାଷାରେ ରୂପାନ୍ତରିତ କରି ପୂର୍ଣ୍ଣ ବକ୍ତୃତା ଆକାରରେ ପ୍ରକାଶ କରିବାର କୌଣସି ସଂକଳ୍ପ ତାଙ୍କର ନ ଥିଲା । ପଚାଶ ବର୍ଷ କାଳ ଲିପିଗୁଡ଼ିକ ତାଙ୍କର ନୋଟ୍-ଖାତାରେ ଆବଦ୍ଧ ରହିବା ପରେ ଅନେକଙ୍କର ଅନୁରୋଧରେ ଦେହତ୍ୟାଗର କିଛିକାଳ ପୂର୍ବେ ମିସ୍ ଆନ୍‌ସେଲ୍ ଲିପିଗୁଡ଼ିକୁ ବିସ୍ତାର କରିବାକୁ ଆରମ୍ଭ କଲେ ଏବଂ ୧୭ଟି ବକ୍ତୃତା ସମ୍ପୂର୍ଣ୍ଣ କରିପାରିଲେ । ଏହି ଅଂଶରେ ଅନୂଦିତ ବକ୍ତୃତାଗୁଡ଼ିକ ମିସ ଆଇଡା ଆନ୍‌ସେଲ୍‌ଙ୍କର ଏହି ନୋଟ୍‌ରୁ ପ୍ରସ୍ତୁତ । ସ୍ୱାମୀଜୀ ଯେପରି ଯେପରି କହିଥିଲେ, ଲେଖିକା ଅବିକଳ ତାହା ବଜାୟ ରଖିଛନ୍ତି, ଭାଷା ବା ବ୍ୟାକରଣ ସମ୍ପାଦନା କରି ନାହାନ୍ତି । ଯେଉଁସବୁ ସ୍ଥାନରେ ସେ ନିଜେ ସ୍ୱାମୀଜୀଙ୍କର କଥା ଧରିପାରି ନାହାନ୍ତି, ସେହି ସେହି ସ୍ଥାନ କେତୋଟି ବିନ୍ଦୁଦ୍ୱାରା ଚିହ୍ନିତ କରାଯାଇଛି । ବନ୍ଧନୀମଧ୍ୟସ୍ଥ ଅଂଶ ସ୍ୱାମୀଜୀଙ୍କର ନିଜର ଉକ୍ତି ନୁହେଁ, ତାଙ୍କର କୌଣସି କଥାର ସୂତ୍ର ଧରାଇ ଦେବା ଲାଗି ଲିପିକାରଙ୍କ ଦ୍ୱାରା ସମ୍ବଦ୍ଧ ।

# ଆତ୍ମା ଏବଂ ଈଶ୍ୱର

୨୩ ମାର୍ଚ୍ଚ ୧୯୦୦, ସାନ୍ ଫ୍ରାନ୍‌ସିସ୍କୋ ସହରରେ ପ୍ରଦତ୍ତ

ମନୁଷ୍ୟକୁ ସର୍ବପ୍ରଥମେ ଯାହା ତା'ର ନିଜ ଅପେକ୍ଷା ଉଚ୍ଚତର ଶକ୍ତିସମୂହ ସମ୍ବନ୍ଧରେ ଚିନ୍ତା କରିବାକୁ ପ୍ରରୋଚିତ କରିଥିଲା ତାହା ଭୟ ଅଥବା କୌତୂହଳ, ସେକଥା ଆମମାନଙ୍କର ଆଲୋଚନା କରିବାର ପ୍ରୟୋଜନ ନାହିଁ । ଏହି ଭାବସମୂହରୁ ମନୁଷ୍ୟ-ମନରେ ବିଶେଷ ବିଶେଷ ପୂଜାର ପ୍ରବୃତ୍ତି ଉଦ୍‌ଭୂତ ହୋଇଥିଲା । ମାନବ-ଇତିହାସରେ ଏପରି କୌଣସି ସମୟ ଖୋଜିଲେ ମିଳିବ ନାହିଁ, ଯେତେବେଳେ କୌଣସି ନା କୌଣସି ପ୍ରକାର ପୂଜାର ଆଦର୍ଶ ବିଦ୍ୟମାନ ନାହିଁ । ଏହାର କାରଣ କ'ଣ ? ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁର ବାହାରେ କୌଣସି ବିଷୟ ଉପଲବ୍ଧି କରିବା ପାଇଁ ଆମେମାନେ କାହିଁକି ଏତେ ବ୍ୟାକୁଳ ହେଉ ? ମନୋରମ ପ୍ରାତଃକାଳର ସ୍ପର୍ଶରେ ହେଉ ଅଥବା ମୃତ ଆତ୍ମାର ଭୟରେ ହେଉ, କାହିଁକି ଆମେମାନେ ଅତୀନ୍ଦ୍ରିୟର ଆବେଶ ଅନୁଭବ କରୁ ? ପ୍ରାଗୈତିହାସିକ ଯୁଗକୁ ଯିବାର ପ୍ରୟୋଜନ ନାହିଁ, କାରଣ ଏହି ଘଟଣା ଦୁଇହଜାର ବର୍ଷ ପୂର୍ବେ ଯେପରି ଥିଲା, ଆଜି ମଧ୍ୟ ସେହିପରି ଅଛି । ଆମେ ଏଠାରେ ପରିତୃପ୍ତି ଖୋଜି ପାଉ ନାହିଁ । ଯେକୌଣସି ଅବସ୍ଥାରେ ଆମେ ଥାଉନା କାହିଁକି, ପ୍ରଚୁର କ୍ଷମତା ଏବଂ ଧନ ଐଶ୍ୱର୍ଯ୍ୟ ସତ୍ତ୍ୱେ କ'ଣ ଗୋଟାଏ ଅତୃପ୍ତି ଯେପରି ଆମମାନଙ୍କୁ ଚଞ୍ଚଳ କରେ ।

ବାସନା ଅନନ୍ତ । କିନ୍ତୁ ତାହାର ଚରିତାର୍ଥତା ଖୁବ୍ ସୀମାବଦ୍ଧ । ଆମର କାମନାର ଶେଷ ନାହିଁ; କିନ୍ତୁ ଯାହା ଚାହୁଁ ତାକୁ ପାଇବା ପାଇଁ ଯେତେବେଳେ ଆକାଙ୍କ୍ଷା କରୁ, ସେତେବେଳେ ସଙ୍କଟ ଉପସ୍ଥିତ ହୁଏ । ଆଦିମ ମନୁଷ୍ୟର କ୍ଷେତ୍ରରେ ମଧ୍ୟ ଏହିପରି ଘଟୁଥିଲା । ତା'ର ଆକାଙ୍କ୍ଷା ଯଦିଓ ଅତ୍ୟନ୍ତ ଅଳ୍ପ ଥିଲା, ତଥାପି ତାକୁ ସେ ମେଣ୍ଟାଇପାରୁ ନ ଥିଲା । ବର୍ତ୍ତମାନ ଆମର ଶିଳ୍ପବିଜ୍ଞାନର କେତେ ଉନ୍ନତି ଓ ବୈଚିତ୍ର୍ୟ ହୋଇଛି, ତଥାପି ଆମର ଚାହିଦା ଦୂର ହେଉ ନାହିଁ । ଏକ ଦିଗରେ ବାସନା-ପରିପୂର୍ତ୍ତିର ଉପାୟଗୁଡ଼ିକୁ ଆମେ ନିପୁଣତର କରିବାରେ ଲାଗିଛୁ, ଅନ୍ୟଦିଗରେ ବାସନା ବି କ୍ରମଶଃ ବୃଦ୍ଧି ପାଉଛି ।

ଆଦିମତମ ମନୁଷ୍ୟ ଯେଉଁସବୁ ଜିନିଷ ନିଜେ ସମ୍ପନ୍ନ କରିପାରୁ ନ ଥିଲା, ସେସବୁ ପାଇଁ ସ୍ୱଭାବତଃ ବାହାରର ସାହାଯ୍ୟ ଚାହୁଁଥିଲା ।...କୌଣସି ଜିନିଷ ପାଇଁ ଆକାଙ୍କ୍ଷା ଜାତ ହେଉଛି, ଅଥଚ ତାହା ମିଳୁ ନାହିଁ । ଅତଏବ ବାହାରର ଶକ୍ତିର ସହାୟତା ସେ ଲୋଡ଼ୁଥିଲା । ସେକାଳର ସେହି ଅଜ୍ଞ ଆଦିମ ମନୁଷ୍ୟ ଆଉ ବର୍ତ୍ତମାନର ସୁସଭ୍ୟ ମନୁଷ୍ୟ ଉଭୟେ ଯେତେବେଳେ ଭଗବାନଙ୍କଠାରେ କୌଣସି କାମନା ପରିପୂର୍ତ୍ତି ନିମିତ୍ତ ପ୍ରାର୍ଥନା କରୁଛନ୍ତି, ସେତେବେଳେ ଉଭୟେ ସମପର୍ଯ୍ୟାୟଭୁକ୍ତ । କୌଣସି ପାର୍ଥକ୍ୟ ଅଛି କି ? କେହି କେହି ହୁଏତ କହିବେ, ନା ବହୁତ ପାର୍ଥକ୍ୟ ଅଛି; କିନ୍ତୁ ମୋର ମନେହୁଏ ଏହି ଧାରଣା ଭୁଲ । ବସ୍ତୁତଃ ଅନେକ ସମୟରେ ଆମେ ସମଲକ୍ଷଣବିଶିଷ୍ଟ ଘଟଣାସମୂହ ମଧ୍ୟରେ ମନଗଢ଼ା

ପ୍ରଭେଦ ସୃଷ୍ଟି କରୁ । ଆଦିମ ମନୁଷ୍ୟ ଓ ସଭ୍ୟ ମନୁଷ୍ୟ ଗୋଟିଏ ଶକ୍ତି ସମ୍ମୁଖରେ ପ୍ରାର୍ଥନା ଜଣାଉଛନ୍ତି । ସେହି ଶକ୍ତିକୁ ତୁମେ ଭଗବାନ୍ ବା ଆଲ୍ଲା ବା ଜିହୋଭା ଯାହା ଖୁସି କହିପାର । ମନୁଷ୍ୟ କିଛି ଚାହେଁ, ଆଉ ନିଜ ସାମର୍ଥ୍ୟଦ୍ୱାରା ଯେତେବେଳେ ତାକୁ ଆୟତ୍ତ କରି ନ ପାରେ, ସେତେବେଳେ ଅନ୍ୟ କାହାରି ସାହାଯ୍ୟ ଲୋଡ଼େ । ଏହି ପ୍ରବୃତ୍ତି ଆଦିମ କାଳରେ ଯେପରି ଥିଲା, ଆଜି ମଧ୍ୟ ସେହିପରି ଅଛି ।···ଆମେ ସମସ୍ତେ ଆଦିମ ବର୍ବରରୂପେ ପୃଥିବୀକୁ ଆସୁ, ଧୀରେ ଧୀରେ ନିଜକୁ ସଂସ୍କୃତ କରୁ ।···ନିଜ ନିଜର ହୃଦୟ ଅନ୍ୱେଷଣ କଲେ ଆମେ ଏହି ସତ୍ୟ ବୁଝିପାରିବା । ବର୍ତ୍ତମାନ ସୁଦ୍ଧା ଆମର ଅସହାୟତାର ଭୟ ଯାଇ ନାହିଁ । ବଡ଼ ବଡ଼ କଥା ଆମେ କହିପାରୁ, ଦାର୍ଶନିକ ବୋଲି ଖ୍ୟାତି ମଧ୍ୟ ଲାଭ କରିପାରୁ; କିନ୍ତୁ ଜୀବନରେ ଆଘାତ ଯେତେବେଳେ ଆସେ, ସେତେବେଳେ ଆମେ ଦେଖୁ ଆମେ କେତେ ଦୁର୍ବଳ, ଆମମାନଙ୍କର ସାହାଯ୍ୟର କେତେ ପ୍ରୟୋଜନ! ଯେତେସବୁ କୁସଂସ୍କାର ପ୍ରଚଳିତ ଅଛି, ସବୁଗୁଡ଼ିକୁ ବିଶ୍ୱାସ କରୁ । ଅବଶ୍ୟ ଏପରି କୌଣସି କୁସଂସ୍କାର ପୃଥିବୀରେ ନାହିଁ, ଯେଉଁଥିରେ କିଛି ନା କିଛି ସତ୍ୟ-ଭିତ୍ତି ନ ରହିଛି । ଧରନ୍ତୁ, ମୁଁ ଯଦି ସାରା ମୁହଁଟି ଘୋଡ଼ାଇ ଖାଲି ନାକ-ଅଗଟି ଦେଖାଏ, ତେବେ ବି ତ ତାହା ମୋର ମୁହଁର ଏକ ଅଂଶ । କୁସଂସ୍କାର ସମ୍ବନ୍ଧରେ ମଧ୍ୟ ଏହି କଥା । ଗୋଟିଏ ବୃହତ୍ ସତ୍ୟର କ୍ଷୁଦ୍ର ଅଂଶଗୁଡ଼ିକ ମଧ୍ୟ ତୁଚ୍ଛ ନୁହେଁ । ଦେଖନ୍ତୁ, ମୃତ-ବ୍ୟକ୍ତିକୁ କବର ଦେବା ବିଷୟରୁ ଧର୍ମର ନିମ୍ନତମ ବିକାଶ ଘଟିଥିଲା ।··ପ୍ରଥମେ ମୃତଦେହକୁ ଲୁଗାରେ ଘୋଡ଼ାଇ ମୃତ୍ତିକାସ୍ତୂପ ମଧ୍ୟରେ ରଖି ଦିଆଯାଉଥିଲା । ମୃତ ବ୍ୟକ୍ତିର ଆତ୍ମା ରାତିରେ ଆସି ସେଠାରେ ବାସ କରେ—ଏହା ହିଁ ଥିଲା ପ୍ରଚଳିତ ବିଶ୍ୱାସ ।··ତା'ପରେ ଆରମ୍ଭ ହେଲା ଭୂମିରେ ମୃତଦେହ ପ୍ରୋଥିତ କରିବାର ରୀତି ।···କବରସ୍ଥାନର ଦ୍ୱାରଦେଶରେ ସହସ୍ରଦନ୍ତୀ ଏକ ଭୀଷଣଦର୍ଶନା ଦେବୀ ଛିଡ଼ା ହୋଇଥାନ୍ତି ।···ଏହାପରେ ଆସିଲା ମୃତଦେହ ଦାହ କରିବା ପ୍ରଥା । ଧାରଣା ଥିଲା ଚିତାଗ୍ନିର ଶିଖା ଆତ୍ମାକୁ ଊର୍ଦ୍ଧ୍ୱ-ଲୋକକୁ ନେଇଯାଏ ।··ମିଶରର ବାସୀମାନେ ମୃତ ବ୍ୟକ୍ତି ପାଇଁ ଖାଦ୍ୟ ଏବଂ ପାନୀୟ ନେଇ ଯାଉଥିଲେ ।

ଏହାର ପରବର୍ତ୍ତୀ ଉଲ୍ଲେଖଯୋଗ୍ୟ ବିଷୟ ହେଲା ଗୋଷ୍ଠୀଗତ ଦେବତାମାନଙ୍କର ଧାରଣା । ଗୋଟିଏ ଗୋଷ୍ଠୀର ଉପାସ୍ୟ ହେଲେ ଜଣେ ଦେବତା, ଅପର ଗୋଷ୍ଠୀର ଆରାଧ୍ୟ ଅପର ଏକ ଦେବତା । ଇହୁଦୀ ଜାତିର ଈଶ୍ୱର 'ଜିହୋଭା' ଥିଲେ ସେମାନଙ୍କର ନିଜସ୍ୱ ଜାତୀୟ ଦେବତା । ସେ ଅନ୍ୟାନ୍ୟ ଗୋଷ୍ଠୀର ଉପାସିତ ଦେବତାମାନଙ୍କ ସହିତ ଯୁଦ୍ଧ କରୁଥିଲେ ଏବଂ ତାଙ୍କର ଆଶ୍ରିତ ଜାତିର ମଙ୍ଗଳ ଲାଗି ସବୁକିଛି କରିପାରୁଥିଲେ । ତାଙ୍କର ଅନାଶ୍ରିତ ଏପରି ଗୋଟିଏ ସମଗ୍ର ଜାତିକୁ ବି ଯଦି ସେ ବିନଷ୍ଟ କରୁଥିଲେ, ସେଥିରେ କହିବାର କିଛି ନ ଥିଲା; ତାହା ନ୍ୟାଯ୍ୟ ବୋଲି ବିବେଚିତ ହେଉଥିଲା । ଅବଶ୍ୟ ସେ କିଞ୍ଚିତ୍ ଦୟା ବି ଦେଖାଉଥିଲେ; କିନ୍ତୁ ସେ କରୁଣା ଗୋଟିଏ କ୍ଷୁଦ୍ର ମାନବଗୋଷ୍ଠୀରେ ସୀମାବଦ୍ଧ ଥିଲା ।

କ୍ରମଶଃ ଉଚ୍ଚତର ଆଦର୍ଶ ଦେଖା ଦେଲା । ବିଜେତା ଜାତିର ଯେ ଅଧିପତି ତାଙ୍କୁ

ସମସ୍ତ ଦଳପତିଙ୍କ ଉପରେ ସ୍ଥାନ ଦିଆଗଲା । ସେ ହେଲେ ଦେବତାମାନଙ୍କର ବି ଦେବତା । …ପାର୍ସୀମାନେ ଯେତେବେଳେ ମିଶର ଜୟ କଲେ, ସେତେବେଳେ ପାରସ୍ୟର ସମ୍ରାଟଙ୍କୁ ଏହିପରି ମନେକରାଯାଉଥିଲା । ଦେବତା ବା ମନୁଷ୍ୟ କେହି ତାଙ୍କର ସମକକ୍ଷ ନୁହନ୍ତି । ଏପରିକି ସମ୍ରାଟଙ୍କ ଆଡ଼କୁ ଦୃଷ୍ଟିପାତ କରିବା ବି ଥିଲା ପ୍ରାଣଦଣ୍ଡଯୋଗ୍ୟ ଅପରାଧ ।

ଏହାପରେ ଦେଖିବାକୁ ପାଉ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ସମ୍ବନ୍ଧୀୟ ଧାରଣା—ସେ ସମସ୍ତ କ୍ଷମତାର ଆଧାର, ସର୍ବଜ୍ଞ ଏବଂ ବିଶ୍ୱଜଗତର ପାଳକ । ତାଙ୍କର ବାସସ୍ଥଳୀ ହେଲା ସ୍ୱର୍ଗ । ମନୁଷ୍ୟର ସେ ବିଶେଷଭାବରେ ଆରାଧ୍ୟ, ସର୍ବାପେକ୍ଷା ପ୍ରିୟ, କାରଣ ମନୁଷ୍ୟ ପାଇଁ ସେ ସବୁକିଛି ସୃଷ୍ଟି କରିଛନ୍ତି । ସମଗ୍ର ପୃଥିବୀ ମନୁଷ୍ୟର ଭୋଗ ଉଦ୍ଦେଶ୍ୟରେ ସୃଷ୍ଟ । ସୂର୍ଯ୍ୟ, ଚନ୍ଦ୍ର, ତାରା ପ୍ରଭୃତି ତାହାରି ପାଇଁ ।

ଯେଉଁମାନଙ୍କର ଏହିସବୁ ଧାରଣା, ସେମାନଙ୍କ ମନ ଆଦିମ ସ୍ତରରେ ରହିଛି ବୋଲି କହିବାକୁ ହେବ । ସେମାନଙ୍କୁ ଆଦୌ ସଭ୍ୟ ଓ ସଂସ୍କୃତ ବୋଲି କୁହାଯାଇ ନ ପାରେ । ଗଙ୍ଗା ଓ ଇଉଫ୍ରେଟିସ୍ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳରେ ଉଚ୍ଚତର ଧର୍ମସମୂହର ପ୍ରସାର ହୁଏ । ଭାରତବର୍ଷର ବାହାରେ ସ୍ୱର୍ଗବାସୀ ଈଶ୍ୱରଙ୍କ ଧାରଣାର ଅତିରିକ୍ତ ଧର୍ମର ଆଉ କୌଣସି ଗଭୀରତର ବିକାଶ ଆମେ ଦେଖିବାକୁ ପାଉ ନାହିଁ । ଭାରତବାହାରେ ଉଚ୍ଚତମ ଈଶ୍ୱରୀୟ ଜ୍ଞାନ କହିଲେ ଏପର୍ଯ୍ୟନ୍ତ ଏହାହିଁ ମିଳିଛି । ସ୍ୱର୍ଗରେ ଈଶ୍ୱର ବସିଛନ୍ତି ଆଉ ବିଶ୍ୱାସୀମାନେ ମୃତ୍ୟୁପରେ ସେଠାକୁ ଯିବେ ।…ମୋ ବିଶ୍ଳେଷଣରେ ଏହାକୁ ଆମମାନଙ୍କର ଏକ ଅତ୍ୟନ୍ତ ଆଦିମ ଧାରଣା କହିବା ଉଚିତ । ଆଫ୍ରିକାର ମାମ୍ବୋ-ଜାମ୍ବୋ ଆଉ ଏହି ସ୍ୱର୍ଗବାସୀ ଚିନ୍ତା—ଏକା କଥା । ସେ ଜଗତକୁ ପରିଚାଳିତ କରୁଛନ୍ତି ଏବଂ ତାଙ୍କର ଇଚ୍ଛା ମଧ୍ୟ ସର୍ବଦା ପୂର୍ଣ୍ଣ ହେଉଛି ।

ପ୍ରାଚୀନ ହିବ୍ରୁମାନେ ସ୍ୱର୍ଗକୁ ସ୍ୱୀକାର କରି ନାହାନ୍ତି । ଯୀଶୁଖ୍ରୀଷ୍ଟଙ୍କୁ ସେମାନଙ୍କର ନ ମାନିବାର ଏହା ହିଁ ଅନ୍ୟତମ କାରଣ, କାରଣ ସେ ମୃତ୍ୟୁ ପରେ ଜୀବନ ଥିବା କଥା କହିଥିଲେ । ସଂସ୍କୃତଭାଷାରେ 'ସ୍ୱର୍ଗ' ଶବ୍ଦର ଅର୍ଥ—ଏହି ପୃଥିବୀର ଅତୀତ ସ୍ଥାନ । ଅତଏବ ପୃଥିବୀର ଯାହା କିଛି ଅଶୁଭ ତା'ର ସଂଶୋଧନର ସ୍ଥାନ ହେଲା ସ୍ୱର୍ଗ । ଆଦିମ ମନୁଷ୍ୟ ଅଶୁଭକୁ ଖାତିର କରେ ନାହିଁ । ଅଶୁଭ କାହିଁକି ରହିବ ଏ କଥା ନେଇ ସେ ପ୍ରଶ୍ନ ଉଠାଏ ନାହିଁ ।…

…'ସଇତାନ' ଶବ୍ଦଟି ପାରସିକ…ପାରସିକ ଏବଂ ହିନ୍ଦୁମାନେ ଧର୍ମକ୍ଷେତ୍ରରେ ଏକ ଆର୍ଯ୍ୟଜାତିର ବିଶ୍ୱାସସମୂହର ଉତ୍ତରାଧିକାରୀ । ସେମାନଙ୍କ ଭାଷାରେ ବି ଐକ୍ୟ ଥିଲା—ତେବେ ଗୋଟିଏ ଜାତିର ଭାଷାରେ 'ଶୁଭ'ବାଚକ ଶବ୍ଦଗୁଡ଼ିକ ଅପର ଜାତିର ଭାଷାରେ 'ଅଶୁଭ' ବୁଝାଉଥିଲା । 'ଦେବ' ଶବ୍ଦ ଗୋଟିଏ ପ୍ରାଚୀନ ସଂସ୍କୃତ ଶବ୍ଦ, ତା'ର ଅର୍ଥ ଈଶ୍ୱର । ପାର୍ସୀ ଭାଷାରେ ତାହାର ଅର୍ଥ ହେଲା ସଇତାନ ।…

ପରେ ମନୁଷ୍ୟର ଧର୍ମବିଷୟକ ଚିନ୍ତା ଆହୁରି ବିକାଶପ୍ରାପ୍ତ ହେବାରୁ ନାନା ଜିଜ୍ଞାସା ଉପସ୍ଥିତ ହେଲା । ଈଶ୍ୱରଙ୍କୁ ମଙ୍ଗଳମୟ ବୋଲି କୁହାଗଲା । ପାରସିକମାନଙ୍କ ମତରେ

ବିଶ୍ୱସଂସାରର ଅଧୀଶ୍ୱର ଦୁଇଜଣ—ଜଣେ ଶୁଭ ଅନ୍ୟ ଜଣକ ଅଶୁଭ । ପ୍ରଥମେ ସବୁକିଛି ଥିଲା ସୁନ୍ଦର—ଚିର ବସନ୍ତଯୁକ୍ତ ମନୋରମ ଦେଶ, ମୃତ୍ୟୁହୀନ ଜୀବନ, ବ୍ୟାଧିହୀନ ଶରୀର । ଏହାପରେ ଅଶୁଭର ଅଧିପତିଙ୍କର ଆବିର୍ଭାବ ହେଲା । ସେ ଭୂମିକୁ ସ୍ପର୍ଶ କଲେ, ସଙ୍ଗେ ସଙ୍ଗେ ଆସିଲା ବ୍ୟାଧି, ମୃତ୍ୟୁ, ମଶକ, ବ୍ୟାଘ୍ର, ସିଂହ ପ୍ରଭୃତି ଅନିଷ୍ଟକାରୀ ଓ ହିଂସ୍ର ଜନ୍ତୁସମୂହ । ଏହାପରେ ଆର୍ଯ୍ୟଗଣ ପିତୃଭୂମି ପରିତ୍ୟାଗ କରି ଦକ୍ଷିଣାଭିମୁଖେ ଯାତ୍ରା କଲେ । ପ୍ରାଚୀନ ଆର୍ଯ୍ୟଗଣ ଉତ୍ତରାଞ୍ଚଳରେ ବହୁକାଳ ଥିଲେ । ଇହୁଦୀମାନେ ପାରସିକମାନଙ୍କ ନିକଟରୁ ସଇତାନର ଧାରଣା ପାଇଥିଲେ । ପାରସିକମାନେ ମଧ୍ୟ ଶିକ୍ଷା ଦେଉଥିଲେ ଯେ, ଦିନେ ଏହି ଅଶୁଭ ଈଶ୍ୱର ବିନଷ୍ଟ ହେବେ । ଆମର କର୍ତ୍ତବ୍ୟ ହେଲା ଶୁଭ ଈଶ୍ୱରଙ୍କ ପକ୍ଷରେ ରହି ଅଶୁଭର ଅଧୀଶ୍ୱରଙ୍କ ସହିତ ତାଙ୍କର ଏହି ଚିରନ୍ତନ ସଂଘର୍ଷରେ ତାଙ୍କର ଶକ୍ତି ବୃଦ୍ଧି କରିବା ।···ସମସ୍ତ ପୃଥିବୀ ଭସ୍ମୀଭୂତ ହେବ ଏବଂ ପ୍ରତ୍ୟେକେ ଗୋଟିଏ ନୂତନ ଦେହ ଲାଭ କରିବେ ।

ପାରସିକମାନଙ୍କର ଧାରଣା ଥିଲା ମନ୍ଦମାନେ ମଧ୍ୟ ଦିନେ ପବିତ୍ରତା ଲାଭ କରିବେ ! ସେତେବେଳେ ସେମାନଙ୍କର ଆଉ ଅଶୁଭ ପ୍ରବୃତ୍ତି ରହିବ ନାହିଁ । ଆର୍ଯ୍ୟମାନଙ୍କର ପ୍ରକୃତି ଥିଲା ସ୍ନେହ ମମତାମୟ ଓ କବିତ୍ୱପ୍ରବଣ । ସେଥିପାଇଁ ସେମାନେ ଅନନ୍ତକାଳ ନରକାଗ୍ନିରେ ଦଗ୍ଧ ହେବାର କଥା ଭାବିପାରୁ ନ ଥିଲେ । ମୃତ୍ୟୁପରେ ମନୁଷ୍ୟର ନୂତନ ଶରୀର ହେବ, ଆଉ ମୃତ୍ୟୁ ରହିବ ନାହିଁ—ଭାରତ ବାହାରେ ଧର୍ମଧାରଣାର ଏହା ହିଁ ହେଲା ଚରମ ଉତ୍କର୍ଷ । ତାହା ସହିତ ନୈତିକ ଉପଦେଶ ମଧ୍ୟ ରହିଛି । ମନୁଷ୍ୟର କର୍ତ୍ତବ୍ୟ ତିନୋଟି ବିଷୟରେ ମନୋଯୋଗ ଦେବା—ସଦ୍‌ଚିନ୍ତା, ସତ୍‌ବାକ୍ୟ ଏବଂ ସତ୍‌କାର୍ଯ୍ୟ—ଏତିକିମାତ୍ର । ଏହା ଏକ କାର୍ଯ୍ୟକାରୀ ଓ ଜ୍ଞାନଗର୍ଭିକ ଧର୍ମ । ଏହା ମଧ୍ୟରେ କିଛି କବିତ୍ୱର ଆବିର୍ଭାବ ମଧ୍ୟ ଘଟିଛି; କିନ୍ତୁ କବିତ୍ୱ ଓ ଚିନ୍ତାଧାରାର ଉଚ୍ଚତର ପରିଣତି ଅଛି ।

ଭାରତରେ ବେଦର ପ୍ରାଚୀନତମ ଅଂଶରେ ସଇତାନର ଇଷତ୍ ପ୍ରସଙ୍ଗ ଦେଖିବାକୁ ମିଳେ । ତେବେ ତାହାର ପ୍ରଭାବ ସ୍ଥାୟୀ ନୁହେଁ, ଥରେ ଦେଖା ଦେଇ ସେ ଯେପରି ଆତ୍ମଗୋପନ କରିଛି । ବେଦରେ ଅଶୁଭର ଜନକ ଏହି ସଇତାନ ସତେ ଯେପରି ଗୋଟିଏ ପ୍ରହାର ଖାଇ ପଳାୟନ କରିଛି । ଭାରତରୁ ସେ ଯେତେବେଳେ ଚାଲିଗଲା, ସେତେବେଳେ ପାରସିକମାନେ ତାହାକୁ ଗ୍ରହଣ କଲେ । ଆମେମାନେ ତାକୁ ପୃଥିବୀରୁ ଏକାବେଳକେ ବିତାଡ଼ିତ କରିବାର ଚେଷ୍ଟା କରୁଛୁ । ପାରସିକମାନଙ୍କ ଧାରଣା ନେଇ ଆମେମାନେ ତାହାକୁ ଜଣେ ସୁସଭ୍ୟ ଭଦ୍ରଲୋକରେ ପରିଣତ କରିବାକୁ ଚାହୁଁ । ଆମେ ତାକୁ ଗୋଟିଏ ନୂଆ କଳେବର ଦେବୁ । ଭାରତରେ ସଇତାନର ଇତିବୃତ୍ତ ଏହିଠାରୁ ଶେଷ ହେଲା ।

କିନ୍ତୁ ପରମେଶ୍ୱରଙ୍କ ସମ୍ବନ୍ଧୀୟ ଧାରଣା ଆଗେଇ ଚାଲିଲା । ତେବେ ଏଠାରେ ଆଉ ଗୋଟିଏ ଘଟଣା ମନେରଖିବାକୁ ହେବ । ଈଶ୍ୱରଙ୍କ ଧାରଣା ସଙ୍ଗେ ସଙ୍ଗେ ମାନବୀୟ ପ୍ରଭାପର ଧାରଣା ବଢ଼ି ବଢ଼ି ଅବଶେଷରେ ପାରସ୍ୟସମ୍ରାଟଙ୍କର ମହାମହିମାରେ ଯାଇ ପହଞ୍ଚିଥିଲା । କିନ୍ତୁ ଅନ୍ୟ ଦିଗରେ ତତ୍ତ୍ୱବିଦ୍ୟା ଓ ଦର୍ଶନର ଉଦ୍ଭବ ହେଲା । ମନୁଷ୍ୟର

ଆତ୍ମାନୁସନ୍ଧାନ ସତ୍ୟ—ଆତ୍ମାର ଧାରଣା ଦେଖା ଦେଲା ଏବଂ ଏହାର କ୍ରମବିକାଶ ଘଟିଲା । ଭାରତବର୍ଷର ବାହାରେ ଅନ୍ୟାନ୍ୟ ଜାତିର ଈଶ୍ୱରଙ୍କ ଧାରଣା ଗୋଟିଏ ବସ୍ତୁନିଷ୍ଠ ଆକାରରେ ରହିଯାଇଥିଲା । ସେମାନଙ୍କୁ ଏହି ସ୍ତର କେତେକ ପରିମାଣରେ ଅତିକ୍ରମ କରିବାକୁ ଭାରତ ସାହାଯ୍ୟ କରିଥିଲା । ଏହି ଦେଶରେ (ଆମେରିକାରେ) ଲକ୍ଷ ଲକ୍ଷ ଲୋକ ବିଶ୍ୱାସ କରନ୍ତି ଯେ, ଈଶ୍ୱରଙ୍କର ଗୋଟିଏ ଦେହ ଅଛି ।···ପୂରା ସମ୍ପ୍ରଦାୟଟି ଏହିପରି କହନ୍ତି । ସେମାନଙ୍କର ଧାରଣା, ଈଶ୍ୱର ସମସ୍ତ ଜଗତର ଶାସକ, କିନ୍ତୁ ଗୋଟିଏ ବିଶେଷ ସ୍ଥାନ ଅଛି, ଯେଉଁଠାରେ ସେ ସଶରୀରେ ବାସ କରୁଛନ୍ତି । ସେ ଗୋଟିଏ ସିଂହାସନ ଉପରେ ବସିଛନ୍ତି । ସେଠାରେ ପ୍ରଦୀପ ଜଳାଇ ଦିଆଯାଏ, ସେହି ରାଜାଧିରାଜଙ୍କ ଉଦ୍ଦେଶ୍ୟରେ ଗୀତ ବୋଲାଯାଏ—ଯେପରି ପୃଥିବୀର ମନ୍ଦିରରେ ଆମେ କରିଥାଉ ।

ଭାରତରେ ଉପାସକମାନଙ୍କର କିନ୍ତୁ ଯଥେଷ୍ଟ ଜ୍ଞାନ ଥିଲା, ଯାହା ଫଳରେ ସେମାନେ ଈଶ୍ୱରଙ୍କୁ କେବେହେଲେ ଦେହଧାରୀରୂପେ ଗଢ଼ି ନାହାନ୍ତି । ଭାରତରେ ବ୍ରହ୍ମଙ୍କର କୌଣସି ମନ୍ଦିର ଦେଖିବାକୁ ମିଳେ ନାହିଁ । ଏହାର କାରଣ ଏହି ଯେ, ଆତ୍ମାର ଧାରଣା ଭାରତରେ ସର୍ବଦା ବିଦ୍ୟମାନ ଥିଲା । ହିବ୍ରୁ ଜାତି କେବେହେଲେ ଆତ୍ମା ସମ୍ବନ୍ଧରେ ପ୍ରଶ୍ନ କରି ନାହାନ୍ତି । ବାଇବେଲ୍‌ର 'ପୁରାତନ ସମାଚାର'ରେ ଆତ୍ମା ସମ୍ବନ୍ଧରେ କୌଣସି କଥା ମିଳେ ନାହିଁ । 'ନୂତନ ସମାଚାର'ରେ ତାହା ପ୍ରଥମେ ଦେଖିବାକୁ ମିଳେ । ପାରସିକମାନେ ଥିଲେ ଆଶ୍ଚର୍ଯ୍ୟ ଧରଣର କର୍ମତତ୍ପର, ଯୁଦ୍ଧପ୍ରିୟ, ବିଜେତା ଜାତି । ସେମାନେ ଯେପରିକି ବର୍ତ୍ତମାନର ଇଂରେଜମାନଙ୍କର ପ୍ରାଚୀନ ସଂସ୍କରଣ—ପ୍ରତିବେଶୀ ଜାତିମାନଙ୍କ ସହିତ ସର୍ବଦା ଯୁଦ୍ଧ କରି ସେମାନଙ୍କୁ ଧ୍ୱଂସ କରୁଛନ୍ତି । ଏହି ଧରଣର ବ୍ୟାପାରରେ ସେମାନେ ଏତେ ବ୍ୟସ୍ତ ଥିଲେ ଯେ, ଆତ୍ମା ସମ୍ବନ୍ଧରେ ଚିନ୍ତା କରିବାକୁ ସେମାନଙ୍କର ଅବକାଶ ନ ଥିଲା ।···

ଆତ୍ମାର ପ୍ରାଚୀନତମ ଧାରଣା ଥିଲା ଯେ, ତାହା ସ୍ଥୂଳ ଦେହର ଅଭ୍ୟନ୍ତରରେ ଏକ ସୂକ୍ଷ୍ମ ଶରୀରବିଶେଷ । ସ୍ଥୂଳ ଦେହ ବିନାଶପ୍ରାପ୍ତ ହେଲେ ସୂକ୍ଷ୍ମ ଦେହର ଆବିର୍ଭାବ ହୁଏ । ମିଶର ଦେଶରେ ବିଶ୍ୱାସ ଥିଲା ଯେ, ସୂକ୍ଷ୍ମ ଦେହର ବି ମୃତ୍ୟୁ ଅଛି । ସ୍ଥୂଳ ଦେହର ବିକାର ଘଟିଲେ ସୂକ୍ଷ୍ମ ଦେହର ମଧ୍ୟ ବିଶ୍ଳେଷ ହୋଇଥାଏ । ଏଥିପାଇଁ ମିଶରରେ ପିରାମିଡ୍ ନିର୍ମିତ ହୋଇଥିଲା—ଯାହାଦ୍ୱାରା ମୃତ ବ୍ୟକ୍ତି ଅମରତ୍ୱ ଲାଭ କରିପାରେ, ଏହି ଆଶାରେ ପିରାମିଡ୍‌ରେ ରକ୍ଷିତ ମୃତ ଦେହକୁ ଔଷଧ ଦ୍ରବ୍ୟାଦି ସାହାଯ୍ୟରେ ସତେଜ ରଖିବାର ଚେଷ୍ଟା କରାଯାଉଥିଲା ।···

ଭାରତବାସୀଙ୍କର ମୃତଦେହ ପ୍ରତି କୌଣସି ଦୃଷ୍ଟି ନାହିଁ । ସେମାନଙ୍କର ଭାବ ଏହି—ଶବଟିକୁ କୌଣସି ସ୍ଥାନକୁ ନେଇ ପୋଡ଼ି ଦିଆଯାଉ । ପୁତ୍ରକୁ ପିତାଙ୍କର ମୃତଦେହରେ ଅଗ୍ନି ସଂଯୋଗ କରିବାକୁ ପଡ଼େ ।

ମନୁଷ୍ୟ ଦୁଇ ପ୍ରକୃତିର—ଦୈବ ଏବଂ ଅସୁର । ଯେଉଁମାନେ ଦୈବ-ପ୍ରକୃତିର ସେମାନେ ନିଜକୁ ଚୈତନ୍ୟମୟ ଆତ୍ମା ବୋଲି ଭାବନ୍ତି । ଅସୁର ପ୍ରକୃତିର ମନୁଷ୍ୟମାନେ ମନେକରନ୍ତି ଯେ, ସେମାନେ ଦେହ । ଭାରତର ପ୍ରାଚୀନ ଦାର୍ଶନିକଗଣ ଶିକ୍ଷା ଦେଉଥିଲେ,

ଶରୀରର କୌଣସି ଅପରିଣାମୀ ସତ୍ତା ନାହିଁ । 'କୌଣସି ବ୍ୟକ୍ତି ଯେପରି ପୁରାତନ ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରେ, ମାନବାତ୍ମା ମଧ୍ୟ ସେହିପରି ଜୀର୍ଣ୍ଣ ଦେହ ତ୍ୟାଗ କରି ଆଉ ଗୋଟିଏ ନୂତନ ଦେହ ଗ୍ରହଣ କରେ ।' ମୋ କ୍ଷେତ୍ରରେ ମୋ ପରିବେଷ୍ଟନୀ ଓ ଶିକ୍ଷାଦୀକ୍ଷା ମୋତେ ଭାରତୀୟ ଦୃଷ୍ଟିଭଙ୍ଗୀର ବିପରୀତ ଦିଗରେ ନେଇଯିବା ପାଇଁ ଉନ୍ମୁଖ ଥିଲା, କାରଣ, ମୁଁ ସର୍ବଦା ମୁସଲମାନ ଓ ଖ୍ରୀଷ୍ଟାନମାନଙ୍କ ସହିତ ସଶ୍ଳିଷ୍ଟ ଥିଲି । ସେମାନେ ଦେହପ୍ରତି ଅଧିକ ମନୋଯୋଗୀ ।

ଦେହଠାରୁ ଆତ୍ମା ତ ମାତ୍ର ଗୋଟିଏ ସୋପାନ । ଭାରତରେ ଆତ୍ମାର ଆଦର୍ଶ ଉପରେ ଖୁବ୍ ଦୃଷ୍ଟି ଦିଆଯାଉଥିଲା । ଈଶ୍ୱରଙ୍କ ଧାରଣା ସହିତ ଆତ୍ମାର ଧାରଣା ଏକ ହୋଇ ଯାଇଥିଲା । ଆତ୍ମାର ଧାରଣାକୁ ଯଦି ପ୍ରସାରିତ କରିବାକୁ ହୁଏ ତେବେ ଆମକୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ପଡ଼ିବ ଯେ, ଆତ୍ମା ନାମ ଓ ରୂପର ଅତୀତ ।···ଭାରତୀୟ ଶିକ୍ଷା ହେଲା ଯେ, ଆତ୍ମା ନିରବୟବ । ଯାହାର ଆକୃତି ଅଛି ତାହା କୌଣସି ନା କୌଣସି ସମୟରେ ବିନଷ୍ଟ ହେବ । ଜଡ଼-ଭୂତ ଓ ଶକ୍ତିର ସମବେତ କାର୍ଯ୍ୟ ବ୍ୟତୀତ କୌଣସି ଆକୃତିର ଉଦ୍ଭବ ହୋଇ-ପାରିବ ନାହିଁ । ଆଉ ସମସ୍ତ ସଂହତ ବସ୍ତୁର ବିଶ୍ଳେଷ ତ ଅବଶ୍ୟମ୍ଭାବୀ । ଅତଏବ ତୁମ ଆତ୍ମାର ଯଦି ନାମ ଓ ରୂପ ସ୍ୱୀକାର କରିବ, ତେବେ ତୁମେ ଆଉ ଅମର ହେବ ନାହିଁ, ତୁମେ ମୃତ୍ୟୁର ଅଧୀନ । ଆତ୍ମା ଯଦି ସ୍ଥୂଳ ଦେହର ଅନୁରୂପ ଗୋଟିଏ ସୂକ୍ଷ୍ମ ଦେହମାତ୍ର ହୁଏ, ତାହାହେଲେ ଆକୃତିମାତ୍ର ହୋଇ ତାହା ପ୍ରକୃତିର ଅନ୍ତର୍ଗତ ଏବଂ ପ୍ରକୃତିର ଜନ୍ମମୃତ୍ୟୁର ନିୟମ ମଧ୍ୟ ତାହା ପ୍ରତି ପ୍ରଯୁକ୍ତ ହେବ ।···ଭାରତର ଋଷିମାନେ ଉପଲବ୍ଧି କରିଛନ୍ତି—ଆତ୍ମା ମନ ନୁହେଁ; ସୂକ୍ଷ୍ମ ଦେହ ମଧ୍ୟ ନୁହେଁ ।···

···ଚିନ୍ତାସମୂହକୁ ନିୟନ୍ତ୍ରିତ ଓ ସଂଯତ କରିହୁଏ । ଭାରତୀୟ ଯୋଗୀମାନେ ମନଃସଂଯମକୁ କେତେଦୂର ନିଆଯାଇପାରିବ, ତାହା ନିର୍ଣ୍ଣୟ କରିବା ଉଦ୍ଦେଶ୍ୟରେ ସାଧନା କରିଛନ୍ତି । କଠୋର ଅଭ୍ୟାସଦ୍ୱାରା ଚିନ୍ତାର ଗତିକୁ ସମ୍ପୂର୍ଣ୍ଣ ନିଶ୍ଚଳ କରିହୁଏ । ମନ ହିଁ ଯଦି ମନୁଷ୍ୟର ପ୍ରକୃତ ସ୍ୱରୂପ ହୋଇଥାନ୍ତା, ତାହାହେଲେ ଚିନ୍ତା ବନ୍ଦ ହେଲେ ମନୁଷ୍ୟର ମୃତ୍ୟୁ ହୁଅନ୍ତା । ଧ୍ୟାନରେ ଚିନ୍ତା ବିଲୁପ୍ତ ହୁଏ, ମନର ଉପାଦାନଗୁଡ଼ିକ ମଧ୍ୟ ସର୍ବତୋଭାବେ ସ୍ତିମିତ ହୋଇଯାଏ । ରକ୍ତପ୍ରବାହ ବନ୍ଦ ହୁଏ ଏବଂ ନିଃଶ୍ୱାସ-ପ୍ରଶ୍ୱାସ ମଧ୍ୟ ରୁଦ୍ଧ ହୁଏ, କିନ୍ତୁ ସାଧକର ତ ମୃତ୍ୟୁ ହୁଏ ନାହିଁ ! ଯଦି ଚିନ୍ତାସମଷ୍ଟି ଉପରେ ତାଙ୍କର ଜୀବନ ନିର୍ଭର କରୁଥାନ୍ତା, ତାହାହେଲେ ସେହିପରି ଅବସ୍ଥାରେ ଦେହ-ମନ-ସଂଘାତର ବିନାଶ ହିଁ ସ୍ୱାଭାବିକ; କିନ୍ତୁ ସେମାନେ ଦେଖିଛନ୍ତି ତାହା ହୁଏ ନାହିଁ । ଏହା ପରୀକ୍ଷିତ ସତ୍ୟ । ଅତଏବ ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ମନ ଓ ମନର ଚିନ୍ତାରାଶି ପ୍ରକୃତ ମନୁଷ୍ୟ ନୁହେଁ । ବିଚାରଦ୍ୱାରା ମଧ୍ୟ ଦେଖାଗଲା ଯେ, ମନ କେବେହେଲେ ମନୁଷ୍ୟର ଆତ୍ମା ହୋଇପାରିବ ନାହିଁ ।

ମୁଁ ଚାଲେ, ଚିନ୍ତା କରେ, କଥା କହେ—ଏସବୁ କାର୍ଯ୍ୟ ଭିତରେ ଗୋଟିଏ ଏକତାର ସୂତ୍ର ରହିଛି । ଚିନ୍ତା ଓ କର୍ମରାଶିର ଅସଂଖ୍ୟ ବୈଚିତ୍ର୍ୟ ଆମେ ଦେଖିବାକୁ ପାଉ; କିନ୍ତୁ ସମସ୍ତ ବୈଚିତ୍ର୍ୟ ଭିତରେ ଅନୁସ୍ୟୂତ ଅପରିବର୍ତ୍ତନୀୟ ଗୋଟିଏ ସତ୍ତା ବିରାଜିତ । ଏହି ସତ୍ତା କଦାପି

ଶରୀର ହୋଇ ନ ପାରେ । ଶରୀର ତ ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନଶୀଳ ! ତାହା ମନ ମଧ୍ୟ ହୋଇପାରିବ ନାହିଁ, କାରଣ ମନ ଭିତରେ ବି ତ ଅଜସ୍ର ନୂତନ ନୂତନ ଚିନ୍ତା ସର୍ବଦା ଉଦିତ ହେଉଅଛି । ସେହି ଏକତାର ଭିତ୍ତି ଶରୀର ଓ ମନର ଯୁଗ୍ମ ସହିତ—ଏ କଥା ମଧ୍ୟ କୁହାଯାଇପାରିବ ନାହିଁ । ଶରୀର ଓ ମନର ସହିତ ପ୍ରକୃତିର ଅନ୍ତର୍ଗତ ଏବଂ ପ୍ରକୃତିର ନିୟମାଧୀନ । ମନ ଯଦି ମୁକ୍ତ ହୁଏ, ତାହାହେଲେ ସେ···

ଅତଏବ ଯେ ପ୍ରକୃତ ମନୁଷ୍ୟ ସେ ପ୍ରକୃତିର ଇଲାକା ଭିତରେ ନ ଥାନ୍ତି । ସେ ସେହି ଅପରିବର୍ତ୍ତନୀୟ ଚୈତନ୍ୟମୟ ପୁରୁଷ—ଯାହାଙ୍କର ଦେହ ଓ ମନ ଅବଶ୍ୟ ପ୍ରକୃତିର ଅଧୀନ । ସେ ପ୍ରକୃତିକୁ ବ୍ୟବହାର କରୁଛନ୍ତି, ଯେପରି ତୁମେ ଏହି ଚେୟାର୍, ଏହି କଲମ ଏବଂ ଏହି କାଳି ବ୍ୟବହାର କରୁଛ, ସେ ମଧ୍ୟ ସେହିପରି ପ୍ରକୃତିର ସୂକ୍ଷ୍ମ ଓ ସ୍ଥୂଳ ଆକୃତିକୁ କାମରେ ଲଗାଉଛନ୍ତି । ସ୍ଥୂଳ ଆକୃତି ହେଲା ଦେହ, ସୂକ୍ଷ୍ମ ଆକୃତି ମନ । ସେ ନିଜେ ନିରବୟବ, ସବୁ ପ୍ରକାର ଆକୃତିବିହୀନ । ଆକାରସମୂହ ପ୍ରକୃତିରେ । ଯେ ପ୍ରକୃତିର ବହିର୍ଭୂତ ତାଙ୍କର ସ୍ଥୂଳ ବା ସୂକ୍ଷ୍ମ—କୌଣସି ରୂପ ରହି ନ ପାରେ । ସେ ନିଶ୍ଚିତଭାବରେ ଅରୂପ । ତାହାଙ୍କୁ ସର୍ବବ୍ୟାପୀ ମଧ୍ୟ ହେବାକୁ ପଡ଼ିବ । ଏହା ହୃଦୟଙ୍ଗମ କରିବା ପ୍ରୟୋଜନ । ଟେବୁଲ ଉପରେ ଥିବା ଏହି ଗ୍ଲାସ୍‌ଟିର କଥା ଧରିଯାଉ । ଗ୍ଲାସ ଗୋଟିଏ ଆକାର, ଟେବୁଲ ବି ଗୋଟିଏ ଆକାର । ଏସବୁ ଯେତେବେଳେ ଭାଙ୍ଗିଯାଏ, ସେତେବେଳେ ଗ୍ଲାସ ଏବଂ ଟେବୁଲର ଭାବ ଅନେକାଂଶରେ ଚାଲିଯାଏ ।

ଆତ୍ମାର କୌଣସି ରୂପ ନାହିଁ ବୋଲି କୌଣସି ନାମ ମଧ୍ୟ ନାହିଁ । ସେ ଯେପରି ଏହି ଗ୍ଲାସ ଭିତରେ ପଶିବେ ନାହିଁ, ସେହିପରି ସ୍ୱର୍ଗକୁ ମଧ୍ୟ ଯିବେ ନାହିଁ, ନରକକୁ ବି ନୁହେଁ । ଯେଉଁ ଆଧାରରେ ସେ ରହିଛନ୍ତି, ସେହି ଆଧାରର ରୂପ ସେ ଗ୍ରହଣ କରନ୍ତି । ଆତ୍ମା ଯଦି ଦେଶ (Space)-ରେ ନ ରହନ୍ତି, ତେବେ ଦୁଇଟି ବିକଳ୍ପ ସମ୍ଭବପର । ହୁଏତ ସେ ଦେଶରେ ଅନୁସ୍ୟୂତ, ନଚେତ୍ ଦେଶ ତାଙ୍କ ମଧ୍ୟରେ ଅବସ୍ଥିତ । ତୁମ ଦେହ ଦେଶରେ ଅବସ୍ଥାନ କରୁଛି ବୋଲି ତୁମର ଗୋଟିଏ ଆକାର ଅବଶ୍ୟ ପ୍ରୟୋଜନ । ଦେଶ ଆମମାନଙ୍କୁ ସୀମାବଦ୍ଧ କରେ, ଆମକୁ ଦଉଡ଼ି ଯେପରି ବାନ୍ଧି ପକାଏ ଏବଂ ଆମ ଉପରେ ଗୋଟିଏ ଆକୃତିକୁ ଚାପିଦିଏ । ଅନ୍ୟ ପକ୍ଷରେ ତୁମେ ଯଦି ଦେଶରେ ଅବସ୍ଥାନ ନ କର, ତେବେ ଦେଶ ତୁମ ଭିତରେ ବିଦ୍ୟମାନ । ସମଗ୍ର ପୃଥିବୀ ସେହି ଚୈତନ୍ୟମୟ ପୁରୁଷ ମଧ୍ୟରେ ଅବସ୍ଥିତ ।

ଈଶ୍ୱରଙ୍କ ସମ୍ବନ୍ଧରେ ମଧ୍ୟ ଏହିପରି ହେବାକୁ ବାଧ୍ୟ । ଈଶ୍ୱର ସର୍ବତ୍ର ବିଦ୍ୟମାନ । 'ହସ୍ତ ନ ଥିଲେ ମଧ୍ୟ ସେ ସମସ୍ତ ବସ୍ତୁ ଧାରଣ କରନ୍ତି, ପଦ-ବିହୀନ ହେଲେ ମଧ୍ୟ ସେ ସର୍ବତ୍ର ବିଚରଣ କରନ୍ତି ।'··· ସେ ନିରାକାର, ମୃତ୍ୟୁହୀନ, ଅନନ୍ତ । ଈଶ୍ୱରଙ୍କ ସମ୍ବନ୍ଧରେ ଏହିପରି ଧାରଣା ବିକାଶପ୍ରାପ୍ତ ହେଲା ।···ସେ ସମସ୍ତ ଆତ୍ମାର ଅଧୀଶ୍ୱର, ଯେପରି ମୋ ଆତ୍ମା ମୋର ଏହି ଦେହର ଅଧିପତି । ମୋର ଆତ୍ମା ଯଦି ଦେହ ତ୍ୟାଗ କରି ଯାଆନ୍ତି, ତେବେ ଦେହ ମୁହୂର୍ତ୍ତେ ମାତ୍ର ବଞ୍ଚିପାରିବ ନାହିଁ । ସେହିପରି ପରମାତ୍ମା ଯଦି ମୋ ଆତ୍ମାରୁ

ବିଯୁକ୍ତ ହୁଅନ୍ତି, ଆତ୍ମାର ଅସ୍ତିତ୍ୱ ସମ୍ଭବପର ନୁହେଁ । ସେ ବିଶ୍ୱଭୁବନର ସ୍ରଷ୍ଟା, ପୁଣି ଯାହା କିଛି ଧ୍ୱଂସ ପାଉଛି, ତା'ର ସଂହର୍ତ୍ତା ମଧ୍ୟ ସେ । ଜୀବନ ତାଙ୍କର ଛାୟା, ମୃତ୍ୟୁ ମଧ୍ୟ ତାଙ୍କର ଛାୟା ।

ପ୍ରାଚୀନ ଭାରତର ଦାର୍ଶନିକମାନେ ମନେକରନ୍ତି, କଳୁଷିତ ପୃଥିବୀ ମନୁଷ୍ୟର ସମାଦରର ଯୋଗ୍ୟ ନୁହେଁ । କି ଭଲ କି ମନ୍ଦ—କିଛି ଏଠାରେ ଚିରସ୍ଥାୟୀ ନୁହେଁ ।

ମୁଁ ପୂର୍ବରୁ କହିଛି, ସଇତାନ ଭାରତରେ ବେଶୀ ସୁଯୋଗ ପାଇ ନାହିଁ । ଏହାର କାରଣ କ'ଣ ? କାରଣ ଏହି ଯେ, ଧର୍ମଚିନ୍ତାରେ ଭାରତବାସୀ ଖୁବ୍ ସାହସୀ ଥିଲେ । ସେମାନେ ଧର୍ମକ୍ଷେତ୍ରରେ ଅବୋଧ ଶିଶୁ ପରି ଆଚରଣ କରିବାକୁ ଚାହିଁ ନାହାନ୍ତି । ଶିଶୁମାନଙ୍କର ବୈଶିଷ୍ଟ୍ୟ ତୁମେ ସବୁ ଲକ୍ଷ୍ୟ କରିଛ କି ? ସେମାନେ ସବୁବେଳେ ଅନ୍ୟ ଉପରେ ଦୋଷ ଦେବାକୁ ଚାହାଁନ୍ତି । ଶିଶୁମନ ଭୁଲ କଲେ ଅନ୍ୟ କାହାକୁ ଦୋଷୀ ସାବ୍ୟସ୍ତ କରିବାକୁ ତତ୍ପର । ଗୋଟିଏ ପଟେ ଆମେ ଚିତ୍କାର କରୁ—'ମୋତେ ଏହା ଦିଅ, ତାହା ଦିଅ ।' ଅନ୍ୟଆଡ଼େ କହୁ—'ମୁଁ ଏହା କରି ନାହିଁ । ସଇତାନ ମୋତେ ପ୍ରଲୋଭିତ କରିଥିଲା । ସେ ହିଁ ଏଥିପାଇଁ ଦାୟୀ ।' ଏହା ହିଁ ମନୁଷ୍ୟର ଇତିହାସ—ଦୁର୍ବଳ ମାନବଜାତିର ଇତିବୃତ୍ତ !...

ମନ୍ଦ ଆସିଲା କାହିଁକି ? ଜଗତ୍ ଗୋଟିଏ ଜଘନ୍ୟ ମଇଳା ଗାଡ଼ିଆ ପରି କାହିଁକି ? ଆମେମାନେ ହିଁ ତାକୁ ସେହିପରି କରିଛୁ । ଅନ୍ୟ କେହି ଦୋଷୀ ନୁହନ୍ତି । ଆମେ ନିଆଁରେ ହାତ ଦେଇଛୁ ବୋଲି ହାତ ପୋଡ଼ିଯାଇଛି । ଭଗବାନ୍ ଆମମାନଙ୍କୁ ଆଶୀର୍ବାଦ କରନ୍ତୁ । ମନୁଷ୍ୟ ଯାହା ପାଇବାର ଯୋଗ୍ୟ, ତାହା ହିଁ ସେ ପାଏ । ଭଗବାନ୍ ତ କରୁଣାମୟ । ଆମେ ଯଦି ତାଙ୍କ ନିକଟରେ ପ୍ରାର୍ଥନା କରିବୁ, ସେ ଆମମାନଙ୍କୁ ନିଶ୍ଚୟ ସାହାଯ୍ୟ କରିବେ । ସେ ତ ନିଜକୁ ଆମମାନଙ୍କ ଭିତରେ ବିତରଣ କରିବାକୁ ପ୍ରସ୍ତୁତ ।

ଏହା ହିଁ ଭାରତୀୟ ଦୃଷ୍ଟିଭଙ୍ଗୀ । ଭାରତବାସୀଙ୍କ ପ୍ରକୃତି କାବ୍ୟମୁଖୀ । କାବ୍ୟ ପାଇଁ ସେମାନେ ପାଗଳ । ସେମାନଙ୍କ ଦର୍ଶନ ବି କାବ୍ୟ । ଯେଉଁ ଦର୍ଶନକଥା କହୁଛି ତାହା ଗୋଟିଏ କବିତା । ସଂସ୍କୃତ ଭାଷାରେ ଯାହାକିଛି ଉଚ୍ଚକୋଟୀର ଚିନ୍ତା, ସବୁ କବିତାରେ ଲେଖା ହୋଇଛି—ତତ୍ତ୍ୱବିଦ୍ୟା, ଜ୍ୟୋତିର୍ବିଦ୍ୟା ସବୁ କାବ୍ୟ ।

ହଁ, ଆମେମାନେ ହିଁ ଦାୟୀ । ଆମେ ଦୁଃଖ ପାଉ କାହିଁକି ? କହିପାର, 'ମୁଁ ଦୁଃଖୀ, ଦରିଦ୍ରଘରେ ଜନ୍ମଗ୍ରହଣ କରିଛି । ସାରାଜୀବନ କି କଠୋର ସଂଗ୍ରାମ କରିଛି, ତାହା ଭଲରୂପେ ଜାଣେ ।' ଦାର୍ଶନିକମାନେ ଏହାର ଉତ୍ତରରେ କହିବେ : ହଁ, ଏହି ଦୁଃଖଭୋଗ ପାଇଁ ତୁମେ ହିଁ ଦାୟୀ । ଯେଉଁ ଦୁଃଖଦାରିଦ୍ର୍ୟର କଥା କହିଲ, ସେସବୁ କ'ଣ ଅକାରଣରେ ଘଟିଛି ବୋଲି କହିବାକୁ ଚାହଁ ? ତୁମେ ତ ଯୁକ୍ତିବାଦୀ । ତୁମ ଜୀବନର ଘଟଣାବଳୀର କାରଣ-ପରମ୍ପରା ରହିଛି । ତା'ର କେନ୍ଦ୍ର ତୁମେ ନିଜେ । ତୁମେ ସର୍ବଦା ତୁମ ଜୀବନକୁ ନିୟନ୍ତ୍ରିତ କରୁଛ ।...ନିଜ ଜୀବନର ଛାଞ୍ଚ ନିଜେ ଗଢ଼ୁଛ । ତୁମ ଜୀବନର ଗତି ପାଇଁ ତୁମେ ନିଜେ ହିଁ ଦାୟୀ । କାହାକୁ ଦୋଷ ଦିଅ ନାହିଁ, କୌଣସି ସଇତାନକୁ

ଆସାମୀରୂପେ ଛୁଡ଼ା କର ନାହିଁ । ସେଥିରେ ତୁମର ଶାନ୍ତିର ମାତ୍ରା ବଢ଼ିବ ।...

ଜଣେ ଲୋକଙ୍କୁ ମୃତ୍ୟୁ ପରେ ଈଶ୍ୱରଙ୍କ ବିଚାରସଭାରେ ହାଜର କରାଗଲା । ଈଶ୍ୱର ତା'ର ଶାସ୍ତି ସ୍ଥିର କଲେ—ତିରିଶ ପାହାର ବେତ । ଅପର ଜଣେ ବ୍ୟକ୍ତି ଯେ କି ପୃଥିବୀରେ ନିଜେ କିଛି ଉପଲବ୍ଧି ନ କରି ଧର୍ମୋପଦେଶ ଦେଉଥିଲା, ମୃତ୍ୟୁପରେ ଈଶ୍ୱରଙ୍କ ବିଚାରସଭାକୁ ନିଆଯିବାରୁ ଈଶ୍ୱର ଆଦେଶ ଦେଲେ—ଏହାର ନିଜର ପାପ ପାଇଁ ତିରିଶ ପାହାର ବେତ ଏବଂ ଅପରକୁ ଭୁଲ ଉପଦେଶ ଦେଇଛି ବୋଲି ଆହୁରି ପନ୍ଦର ପାହାର ବେତ ଦିଅ । ଧର୍ମ-ଉପଦେଶ ଦେବାର ଏହି ହେଉଛି ବିପଦ । ମୋ ଭାଗ୍ୟରେ କ'ଣ ଅଛି, ମୁଁ ଜାଣେ ନାହିଁ । ମୁଁ ତ ପୃଥିବୀର ସବୁଆଡ଼େ ଧର୍ମ-ବକ୍ତୃତା ଦେଇ ବୁଲୁଛି । ଯେତେଲୋକ ମୋର ଉପଦେଶ ଶୁଣିଛନ୍ତି, ପ୍ରତ୍ୟେକଙ୍କ ପାଇଁ ଯଦି ମୋତେ ପନ୍ଦର ପାହାର କରି ବେତ ଖାଇବାକୁ ପଡ଼େ, ତାହାହେଲେ ତ ସମୂହ ବିପଦ !*

ଆମମାନଙ୍କୁ ଏହି ଭାବଟି ବୁଝିବାକୁ ହେବ—ଈଶ୍ୱରଙ୍କର ମାୟା ଦୈବୀ । ତାହା ତାଙ୍କର କ୍ରିୟାଶକ୍ତି । ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି—'ମୋର ଏହି ଦୈବୀମାୟାକୁ ଅତିକ୍ରମ କରିବା ସହଜ ନୁହେଁ, କିନ୍ତୁ ଯେଉଁମାନେ ମୋର ଶରଣ ନିଅନ୍ତି, ସେମାନେ ମାୟାକୁ ଅତିକ୍ରମ କରିପାରନ୍ତି ।' ଆମେ ଦେଖିବାକୁ ପାଉ ଯେ, ନିଜ ଚେଷ୍ଟାରେ ଏହି ମାୟାର ମହାସମୁଦ୍ର ପାର ହେବା ଅତ୍ୟନ୍ତ କଠିନ, ଏକ ପ୍ରକାର ଅସମ୍ଭବ । ସେହି ପୁରାତନ କୁକୁଡ଼ା ଓ ତା' ଅଣ୍ଡାର ପ୍ରଶ୍ନ—କିଏ ଆଗେ ? ଯେକୌଣସି କର୍ମ କର, ତାହା ଫଳ ପ୍ରସବ କରିବ । କର୍ମ ହେଉଛି କାରଣ, ଫଳ ହେଉଛି କାର୍ଯ୍ୟ; କିନ୍ତୁ ଫଳ ପୁଣି ତୁମକୁ ନୂତନ କର୍ମରେ ପ୍ରବୃତ୍ତ କରେ । ଏଠାରେ ଫଳ ହେଲା କାରଣ, ନୂତନ କର୍ମ ହେଲା କାର୍ଯ୍ୟ । ଏହି ଭାବରେ କାର୍ଯ୍ୟ-କାରଣ-ପରମ୍ପରା ଚାଲିଥାଏ । ଥରେ ଗତି ଆରମ୍ଭ ହେଲେ ତା'ର ଆଉ ବିରତି ଘଟେ ନାହିଁ । ଭଲ କି ମନ୍ଦ ଯେକୌଣସି କାମ କଲେ ତା'ର କ୍ରିୟା ଆରମ୍ଭ ହୋଇଯିବ । ତାକୁ ବନ୍ଦ କରିବାର ଉପାୟ ନାହିଁ । ଅତଏବ ଏହି କର୍ମବନ୍ଧନରୁ ନିଷ୍କୃତି ପାଇବା ସୁକଠିନ । କାର୍ଯ୍ୟ-କାରଣର ନିୟମ ଅପେକ୍ଷା ଅଧିକ ଶକ୍ତିଶାଳୀ ଯଦି କେହି ଥାଆନ୍ତି ଏବଂ ସେ ଯଦି ଆମ ଉପରେ ପ୍ରସନ୍ନ ହୁଅନ୍ତି, ତାହାହେଲେ ସେ ଆମମାନଙ୍କୁ କର୍ମଚକ୍ରର ବାହାରକୁ ଟାଣି ଆଣିପାରିବେ ।

ଆମେ କହୁ ଏହିପରି ଜଣେ ଅଛନ୍ତି—ସେ ଈଶ୍ୱର—ଅସୀମ କରୁଣାମୟ । ସେ ଅଛନ୍ତି ବୋଲି ଆମମାନଙ୍କର ମୁକ୍ତି ସମ୍ଭବପର । ନିଜ ଇଚ୍ଛାରେ କ'ଣ ତୁମେ ମୁକ୍ତ ହୋଇ-ପାରିବ ? 'ଈଶ୍ୱରଙ୍କ କୃପାରେ ମୁକ୍ତି'— ଏହି ମତବାଦର ଅନ୍ତର୍ନିହିତ ଦର୍ଶନ ବୁଝିପାରୁଛ କି ? ତୁମେ ପାଶ୍ଚାତ୍ୟବାସୀମାନେ ଖୁବ ନିପୁଣବୁଦ୍ଧି— କିନ୍ତୁ ତୁମେମାନେ ଯେତେବେଳେ ଦାର୍ଶନିକ ତତ୍ତ୍ୱର ବ୍ୟାଖ୍ୟା କରିବାକୁ ବସ, ସେତେବେଳେ ସବୁ ଜିନିଷକୁ ଅତି ଜଟିଳ

---

* ମନେହୁଏ, ଯେ ନୋଟ୍ ନେଇଥିଲେ, ସେ ଏଠାରେ ସ୍ୱାମୀଜୀଙ୍କ କଥାକୁ ଏପଟ ସେପଟ କରିଦେଇଛନ୍ତି ।

କରିପକାଅ । ମୁକ୍ତିର ଅର୍ଥ ଯଦି ପ୍ରକୃତିର ବାହାରକୁ ଯିବା ବୁଝାଏ, ତାହାହେଲେ କର୍ମଦ୍ୱାରା ତୁମେମାନେ କପରି ମୁକ୍ତିଲାଭ କରିବ ? 'ମୁକ୍ତି'ର ଅର୍ଥ ଈଶ୍ୱରଙ୍କଠାରେ ଅବସ୍ଥାନ । ଏହା ସେତିକବେଳେ ସମ୍ଭବପର, ଯେତେବେଳେ ତୁମେ ନିଜ ଆତ୍ମାର ପ୍ରକୃତ ସ୍ୱରୂପ ଚିହ୍ନିପାରିବ ଯେ, ପ୍ରକୃତି ଏବଂ ତା'ର ଯାବତୀୟ ବିକାରଠାରୁ ଆତ୍ମା ପୃଥକ୍ । ଏହି ଆତ୍ମା ହିଁ ଈଶ୍ୱର— ବିଶ୍ୱପ୍ରକୃତି ଏବଂ ଜୀବକୁଳ ମଧ୍ୟରେ ଓତପ୍ରୋତ ।

ମୋର ବ୍ୟଷ୍ଟି-ଆତ୍ମା ସହିତ ମୋ ଶରୀରର ଯେଉଁ ସମ୍ପର୍କ, ପରମାତ୍ମାଙ୍କ ସହିତ ବ୍ୟଷ୍ଟି-ଆତ୍ମାସମୂହର ମଧ୍ୟ ସେହିପରି ସମ୍ବନ୍ଧ । ଆମେ ବ୍ୟଷ୍ଟିମାନେ ହେଲୁ ପରମାତ୍ମାଙ୍କ ଦେହ । ଈଶ୍ୱର, ଆତ୍ମା ଏବଂ ପ୍ରକୃତି—ତନୋଟିଯାକ ଏକ, କିନ୍ତୁ ଆମେ ଦେଖିଛୁ କାର୍ଯ୍ୟ-କାରଣର ନିୟମ ପ୍ରକୃତିର ପ୍ରତିଟି ଅଂଶରେ ପରିବ୍ୟାପ୍ତ । ପ୍ରକୃତିର ଫାନ୍ଦରେ ଥରେ ଅଟକିଗଲେ ଆଉ ବାହାରି ଆସି ହୁଏ ନାହିଁ । କାର୍ଯ୍ୟକାରଣର ନିୟମରେ ଥରେ ବନ୍ଦି ହେଲେ ସମ୍ଭାବ୍ୟ ପରିତ୍ରାଣ ତୁମମାନଙ୍କଦ୍ୱାରା ଅନୁଷ୍ଠିତ ସତ୍‌କର୍ମଦ୍ୱାରା ହେବ ନାହିଁ । ଜଗତର ପ୍ରତ୍ୟେକଟି ମାଛି ପାଇଁ ତୁମେମାନେ ଡାକ୍ତରଖାନା ନିର୍ମାଣ କରିପାର…ଏସବୁ ପ୍ରକାର ସତ୍‌କର୍ମ ତୁମକୁ କଦାପି ମୁକ୍ତ ଦେବ ନାହିଁ । ଏହିସବୁ ଲୋକହିତକର କାର୍ଯ୍ୟକଳାପ ଗଢ଼ଉଠେ, ପୁଣି ଭାଙ୍ଗେ । ମୁକ୍ତିଲାଭ ସମ୍ଭବପର, ଯଦି ଏପରି କେହି ଥାଆନ୍ତି, ଯିଏ କେବେହେଲେ ପ୍ରକୃତିଠାରେ ବନ୍ଧା ପଡ଼ି ନାହାନ୍ତି, ଯେ ପ୍ରକୃତିର ଅଧୀଶ୍ୱର । ପ୍ରକୃତି ତାହାଙ୍କୁ ଅଭିଭୂତ କରିପାରେ ନାହିଁ, ସେ ପ୍ରକୃତିକୁ ନିୟନ୍ତ୍ରିତ କରନ୍ତି । ନିୟମ ତାହାଙ୍କୁ ଚାଳିତ କରେ ନାହିଁ, ତାଙ୍କର ଇଚ୍ଛାରେ ନିୟମ କାର୍ଯ୍ୟ କରେ ।…ସେ ନିତ୍ୟ ବର୍ତ୍ତମାନ; ତାଙ୍କର କରୁଣାର ଅନ୍ତ ନାହିଁ । ଯେଉଁ ମୁହୂର୍ତ୍ତରେ ତୁମେ ତାଙ୍କୁ ଯଥାର୍ଥରେ ଖୋଜିବ, ସେହି ମୁହୂର୍ତ୍ତରେ ସେ ତୁମକୁ ମୁକ୍ତ କରିଦେବେ, କାରଣ ସେ ନିଜେ ହିଁ ତୁମର ଯେ ପ୍ରକୃତ ସ୍ୱରୂପ !

ପରମାତ୍ମା ଆମମାନଙ୍କୁ କାହିଁକି ଉଦ୍ଧାର କରନ୍ତି ନାହିଁ ? ଆମେ ତାଙ୍କୁ ଚାହିଁ ନାହୁଁ ବୋଲି । ଆମେ ତାଙ୍କ ବ୍ୟତୀତ ଅନ୍ୟ ସବୁ କିଛି ଚାହୁଁ । ତାଙ୍କ ପ୍ରତି ଯେତେବେଳେ ପ୍ରଗାଢ଼ ବ୍ୟାକୁଳତା ଜାଗ୍ରତ ହେବ, ସେତେବେଳେ ଆମେ ତାଙ୍କୁ ଦେଖିପାରିବୁ । ଆମେ ଭଗବାନଙ୍କୁ କହୁ, 'ପ୍ରଭୁ ମୋତେ ଗୋଟିଏ ସୁନ୍ଦର ଘର ଦିଅ, ମୋତେ ସ୍ୱାସ୍ଥ୍ୟ ଦିଅ, ଏହି ବିପଦରୁ ମୁକ୍ତ କର' ଇତ୍ୟାଦି । ମନୁଷ୍ୟ ଯେତେବେଳେ ତାଙ୍କ ଛଡ଼ା ଆଉ କିଛି ଚାହେଁ ନାହିଁ, ସେତେବେଳେ ସେ ଦେଖା ଦିଅନ୍ତି । ଜଣେ ଭକ୍ତର ପ୍ରାର୍ଥନା : 'ହେ ପ୍ରଭୁ, ଧନୀବ୍ୟକ୍ତିର ସ୍ୱର୍ଣ୍ଣ, ରୌପ୍ୟ ଏବଂ ଅନ୍ୟାନ୍ୟ ସମ୍ପତ୍ତି ଉପରେ ଯେପରି ପ୍ରୀତି, ତୁମ ପ୍ରତି ମୋର ସେହିପରି ପ୍ରୀତି ଯେପରି ଜାଗ୍ରତ ହୁଏ । ମୁଁ ପୃଥିବୀ ବା ସ୍ୱର୍ଗର ସୁଖ ଚାହେଁ ନାହିଁ, ରୂପ-ଯୌବନ ଚାହେଁ ନାହିଁ, ବିଦ୍ୟା-ଗୌରବ ଚାହେଁ ନାହିଁ, ମୁକ୍ତି ମଧ୍ୟ ଚାହେଁ ନାହିଁ । ବାରମ୍ବାର ଯଦି ନରକକୁ ଯିବାକୁ ପଡ଼େ, ସେଥିରେ ବି ମୋର ଭୟ ନାହିଁ; କିନ୍ତୁ ମୋର କାମ୍ୟ କେବଳ ଗୋଟିଏ ବସ୍ତୁ—ତୁମକୁ ଭଲପାଇବା—ଭଲପାଇବା ପାଇଁ ଭଲପାଇବା—ଯାହା ନିକଟରେ ସ୍ୱର୍ଗ ଅତି ତୁଚ୍ଛ ।'

ମନୁଷ୍ୟ ଯାହା ଚାହେଁ ତାହା ପାଏ । ଯଦି ସର୍ବଦା ଦେହର ଧ୍ୟାନ କର, ତେବେ

ପୁନର୍ବାର ଦେହଧାରଣ କରିବାକୁ ହେବ । ଏହି ଦେହ ଗଲେ ପୁଣି ଆଉ ଗୋଟିଏ ଆସିବ । ଗୋଟିକ ପରେ ଗୋଟିଏ ଶରୀରର ପରିଗ୍ରହ ଚାଲିଥିବ । ଜଡ଼ଭୂତକୁ ଭଲ ପାଇଲେ ଜଡଭୂତରେ ଆବଦ୍ଧ ହୋଇ ରହିବାକୁ ପଡ଼ିବ । ପ୍ରଥମେ ହୁଏ ପଶୁଜନ୍ମ । ଗୋଟିଏ କୁକୁରକୁ ଯେତେବେଳେ ହାଡ଼ ଖଣ୍ଡେ କାମୁଡ଼ୁଥିବାର ଦେଖୁ, ସେତେବେଳେ କହୁ, 'ଭଗବାନ୍ ଆମମାନଙ୍କୁ ରକ୍ଷା କରନ୍ତୁ, ଯେପରି କୁକୁରଜନ୍ମ ନ ହୁଏ ।' ଅତ୍ୟନ୍ତ ଦେହାସକ୍ତିର ପରିଣାମ କୁକୁର ବିଲେଇ ହୋଇ ଜନ୍ମିବା । ଆହୁରି ଯଦି ଅବନତ ହୁଅ, ତେବେ ଖଣିଜ ପ୍ରସ୍ତରାଦିର ଅସ୍ତିତ୍ୱ ଲାଭ କରିବ—କେବଳ ଜଡ଼ପିଣ୍ଡ, ଆଉ କିଛି ନୁହେଁ ।

ଆଉ ଅନେକ ଲୋକ ଅଛନ୍ତି, ଯେଉଁମାନେ କୌଣସି ମିଳାମିଶା ସାଲିସ୍ କରିବାକୁ ଯିବେ ନାହିଁ । ସତ୍ୟକୁ ଅବଲମ୍ବନ କରି ମୁକ୍ତି-ପଥରେ ଯିବାକୁ ହୁଏ । ଏହା ହେଲା ଆଉ ଗୋଟିଏ ମୂଳମନ୍ତ୍ର ।...

ମନୁଷ୍ୟ ଯେତେବେଳେ ସଇତାନକୁ ପଦାଘାତ କରି ଦୂର କରିଦେଲା, ସେତେବେଳେ ତା'ର ଯଥାର୍ଥ ଆଧ୍ୟାତ୍ମିକ ଉନ୍ନତି ଆରମ୍ଭ ହେଲା । ସେ ସାହସର ସହିତ ସିଧା ହୋଇ ଛିଡ଼ା ହେଲା ଏବଂ ସଂସାରର ଦୁଃଖ-କଷ୍ଟର ଦାୟିତ୍ୱ ନିଜ କାନ୍ଧରେ ନେଲା । ପକ୍ଷାନ୍ତରେ ଯେତେବେଳେ ସେ ଭୂତ-ଭବିଷ୍ୟତ ଆଡ଼କୁ ଚାହିଁଛି ଏବଂ କାର୍ଯ୍ୟ-କାରଣର ନିୟମ ନେଇ ମୁଣ୍ଡ ଖେଳାଇଛି, ସେତେବେଳେ ତାକୁ ନତଜାନୁ ହୋଇ କାନ୍ଦିକରି କହିବାକୁ ପଡ଼ିଛି, 'ପ୍ରଭୁ ହେ, ମୋତେ ବଞ୍ଚାଅ । ତୁମେ ତ ଆମର ସ୍ରଷ୍ଟା ଓ ପିତା, ଆମର ପରମ ବନ୍ଧୁ ।' ଏହା କାବ୍ୟ, ତେବେ ମୋର ମନେହୁଏ, ଖୁବ୍ ଉତ୍କୃଷ୍ଟ କାବ୍ୟ ନୁହେଁ । ଏହା ଯେପରି ଅନନ୍ତକୁ ରୂପାୟିତ କରିବା । ପ୍ରତ୍ୟେକ ଭାଷାରେ ଏହିପରି ଅସୀମକୁ ରୂପାୟିତ କରିବାର ନିଦର୍ଶନ ଅଛି; କିନ୍ତୁ ଏହି ଅନନ୍ତ ଯଥାର୍ଥ ଅନନ୍ତ ନୁହନ୍ତି—ଏହା ଆମର ଇନ୍ଦ୍ରିୟସ୍ପୃଷ୍ଟ ଅନନ୍ତ—ଆମର ମାଂସପେଶୀ-ବିଧୃତ ଅନନ୍ତ ।...

'ତାହାଙ୍କୁ ସୂର୍ଯ୍ୟ ପ୍ରକାଶ କରିପାରେ ନାହିଁ, ଚନ୍ଦ୍ର ବା ତାରକାରାଜି ବା ବିଦ୍ୟୁତ୍ ବି ନୁହେଁ ।'* ଏହା ଅନନ୍ତର ଆଉ ଏକ ପ୍ରକାର ଚିତ୍ରଣ—ନିଷେଧାତ୍ମକ ଭାଷାରେ ।... ଉପନିଷଦ୍‌ର ଅଧ୍ୟାତ୍ମବାଦରେ ଅନନ୍ତକୁ ଏହି ଭାବରେ ଚରମ ବର୍ଣ୍ଣନା କରାଯାଇଅଛି । ବେଦାନ୍ତ ପୃଥିବୀର କେବଳ ଶ୍ରେଷ୍ଠ ଦର୍ଶନ ନୁହେଁ, ଏହା ଶ୍ରେଷ୍ଠ କାବ୍ୟ ମଧ୍ୟ ।...

ବର୍ତ୍ତମାନ ଏ କଥା ଭଲ କରି ଲକ୍ଷ୍ୟ କର, ବେଦର ପ୍ରଥମ ଓ ଦ୍ୱିତୀୟ ଅଂଶ ମଧ୍ୟରେ ପାର୍ଥକ୍ୟ ହେଲା : ପ୍ରଥମ ଭାଗର ବିଷୟବସ୍ତୁ ଇନ୍ଦ୍ରିୟବେଦ୍ୟ ଜଗତ୍ । ବହିର୍ଜଗତର ଅନନ୍ତତା, ପ୍ରକୃତି ଓ ପ୍ରକୃତିର ଅଧିକର୍ତ୍ତା—ଏସବୁ ନେଇ ବେଦର ପ୍ରଥମଭାଗର ଧର୍ମକର୍ମ । ଦ୍ୱିତୀୟ ଭାଗ ଅର୍ଥାତ୍ ବେଦାନ୍ତର ଅନ୍ୱେଷ୍ଟବ୍ୟ ଭିନ୍ନ । ଏଠାରେ ମାନବ-ମନୀଷା ଏସବୁକୁ ଅତିକ୍ରମ କରି ଅଭିନବ ଆଲୋକର ସନ୍ଧାନ ପାଇଛି । ଦେଶଗତ ଅନନ୍ତତାରେ ସେ ତୃପ୍ତି ପାଇ ନାହିଁ ।

---

* କଠ ଉପ., ୨।୨।୧୫; ମୁ. ଉପ., ୨।୨।୧୦; ଶ୍ୱେ. ଉପ., ୬।୧୪

ଉପନିଷଦ୍‌ର ଘୋଷଣା: 'ସ୍ୱତୋ-ବର୍ତ୍ତିମାନ ପରମାତ୍ମା ମନୁଷ୍ୟର ଇନ୍ଦ୍ରିୟନିଚୟଙ୍କୁ ବହିର୍ମୁଖୀ କରି ଗଢ଼ିଛନ୍ତି । ଯେଉଁମାନଙ୍କର ଦୃଷ୍ଟି ବାହାରେ, ସେମାନେ ଅଭ୍ୟନ୍ତରସ୍ଥିତ ସତ୍ତାର ସନ୍ଧାନ ପାଆନ୍ତି ନାହିଁ । ତେବେ ଏପରି କେହି କେହି ଅଛନ୍ତି, ଯେଉଁମାନେ ସତ୍ତାଙ୍କୁ ଜାଣିବା ଇଚ୍ଛାରେ ନିଜ ନିଜର ଦୃଷ୍ଟି ଭିତର ଆଡ଼କୁ ମୁହାଁଇ ଦେଇ ଅନ୍ତରର ଅନ୍ତରରେ ପ୍ରତ୍ୟଗାତ୍ମାର ମହିମାକୁ ଉପଲବ୍ଧି କରିଛନ୍ତି ।"*

ଆତ୍ମାର ଅନନ୍ତତା ଦେଶଗତ ଅନନ୍ତତା ନୁହେଁ, ଏହି ଅନନ୍ତତା ହିଁ ଯଥାର୍ଥ ଅନନ୍ତତା—ଏହା ଦେଶ ଓ କାଳର ଊର୍ଦ୍ଧ୍ୱରେ ।...ପାଶ୍ଚାତ୍ୟ ଏହି ଦେଶକାଳାତୀତ ଅଧ୍ୟାତ୍ମ-ଜଗତର ସନ୍ଧାନ ପାଇ ନାହିଁ ।...ସେମାନଙ୍କର ମନ ବହିଃ-ପ୍ରକୃତି ଏବଂ ତାହାର ଅଧୀଶ୍ୱରଙ୍କ ପ୍ରତି ନିୟୋଜିତ । ନିଜ ଅନ୍ତରକୁ ଯାଅ, ହଜିଯାଇଥିବା ସତ୍ତାଙ୍କୁ ଖୋଜି ବାହାର କର । ଦେବତାମାନଙ୍କର ବିନା ସହାୟତାରେ ଏହି ସଂସାର-ସ୍ୱପ୍ନରୁ ମନ କ'ଣ ଜାଗି ଉଠିପାରେ ? ଥରେ ଯଦି ସଂସାରର ଚକ ଘୂରିବାକୁ ଆରମ୍ଭ କରେ, ତାହାହେଲେ କୃପାମୟ ପରମ ପିତା ଏଥିରୁ ଆମମାନଙ୍କୁ ବାହାର କରି ନ ଆଣିଲେ ଆମମାନଙ୍କର ଉପାୟ ନାହିଁ ।

ତେବେ କରୁଣାମୟ ଭଗବାନଙ୍କ ନିକଟକୁ ଗଲେ ମଧ୍ୟ ତାହା ଚରମ ମୁକ୍ତି ହେବ ନାହିଁ । ଦାସତ୍ୱ ଦାସତ୍ୱ ହିଁ । ସୁନାର ଶିକୁଳି ବି ଲୁହାର ଶିକୁଳି ପରି ବିପଜ୍ଜନକ । ନିଷ୍କୃତିର ପଥ ଅଛି କି ?

ନା, ତୁମେ ବଦ୍ଧ ନୁହଁ । କେହି କୌଣସି ସମୟରେ ବଦ୍ଧ ନ ଥିଲେ । ଆତ୍ମା ସଂସାରର ଅତୀତ । ଆତ୍ମା ହିଁ ସବୁ । ତୁମେ ମଧ୍ୟ ସେହି ଏକ । ଦ୍ୱିତୀୟ ନାହିଁ; ଈଶ୍ୱର ହେଉଛନ୍ତି ମାୟାର ପର୍ଦ୍ଦାରେ ତୁମର ପ୍ରତିବିମ୍ବ । ଆତ୍ମା ହିଁ ପ୍ରକୃତ ଈଶ୍ୱର । ମନୁଷ୍ୟ ଯାହାଙ୍କୁ ଅଜ୍ଞାନବଶତଃ ପୂଜା କରେ, ସେ ଆତ୍ମାର ହିଁ ପ୍ରତିବିମ୍ବ । ସ୍ୱର୍ଗବାସୀ ପିତାଙ୍କୁ ଭଗବାନ କୁହାଯାଏ; କିନ୍ତୁ ଭଗବାନଙ୍କର ଭଗବତ୍ତ୍ୱ କେଉଁଥିରେ ? ସେ ତୁମ ନିଜର ପ୍ରତିବିମ୍ବ ବୋଲି ସର୍ବଦା ଯେ ତୁମେ ଭଗବାନଙ୍କୁ ଦେଖୁଛ—ଏହା ବୁଝିପାରିଲ କି ? ତୁମର ଯେତିକି ବିକାଶ ଘଟେ, ସେହି ପ୍ରତିବିମ୍ବ ସେତିକି ସ୍ପଷ୍ଟତର ହୋଇଥାଏ ।

'ଗୋଟିଏ ବୃକ୍ଷରେ ଦୁଇଟି ସୁନ୍ଦର ପକ୍ଷୀ** ବସିଛନ୍ତି । ଉପରର ପକ୍ଷୀଟି ସ୍ଥିର, ଶାନ୍ତ, ଗମ୍ଭୀର । ତଳ ପକ୍ଷୀଟି ସଦା ଚଞ୍ଚଳ—ମିଠା ଓ ତିକ୍ତ ଫଳ ଖାଇ କେତେବେଳେ ସୁଖୀ କେତେବେଳେ ଦୁଃଖୀ ।—ଜୀବାତ୍ମାରୂପୀ ତଳ ପକ୍ଷୀଟି ଯେତେବେଳେ ପରମାତ୍ମାରୂପୀ ଉପର ପକ୍ଷୀଟିକୁ ନିଜର ସ୍ୱରୂପ ବୋଲି ବୁଝିପାରେ, ସେତେବେଳେ ତାହାର ଦୁଃଖର ଅବସାନ ଘଟେ ।'

...'ଈଶ୍ୱର' କହ ନାହିଁ; 'ତୁମେ' କହ ନାହିଁ; କହ 'ମୁଁ' । ଦ୍ୱୈତବାଦର ଭାଷା ହେଲା—'ହେ ଈଶ୍ୱର, ତୁମେ ମୋର ପିତା ।' ଅଦ୍ୱୈତର ଭାଷା ହେଲା—'ଆତ୍ମା' ମୋ ନିଜ ଅପେକ୍ଷା ମଧ୍ୟ ପ୍ରିୟ । ଅନ୍ତରତମ ସତ୍ତାର କୌଣସି ନାମ ମୁଁ ଦେବି ନାହିଁ । ନିକଟତମ ଶବ୍ଦ

* କଠ ଉପ., ୨।୧।୧

** ଶ୍ୱେ. ଉପ., ୪।୬; ମୁ. ଉପ., ୩।୧।୧

ଯଦି କିଛି ଥାଏ, ତାହାହେଲ 'ମୁଁ' ।...

'ଈଶ୍ୱର ହିଁ ସତ୍ୟ । ଜଗତ୍ ସ୍ୱପ୍ନ ମାତ୍ର ! ଧନ୍ୟ ମୁଁ, ଯେ ଏହି ମୁହୂର୍ତ୍ତରେ ଜାଣୁଛି— ମୁଁ ଚିରକାଳ ମୁକ୍ତ ଥିଲି, ଚିରକାଳ ମୁକ୍ତ ରହିବି । ମୁଁ ଯେଉଁ ପୂଜା କରୁଛି, ତା'ର ଲକ୍ଷ୍ୟ ନିଜେ ମୁଁ । ପ୍ରକୃତି ବା ଅଜ୍ଞାନ କେହି ମୋତେ ଅଭିଭୂତ କରନ୍ତି ନାହିଁ । ପ୍ରକୃତି ମୋଠାରୁ ତିରୋହିତ, ଦେବତାମାନେ ମୋଠାରୁ ତିରୋହିତ, ପୂଜା...କୁସଂସ୍କାର ସବୁ ମୋଠାରୁ ତିରୋହିତ । ମୁଁ ନିଜକୁ ଜାଣୁଛି । ମୁଁ ସେହି ଅନନ୍ତ । ସେ ଅମୁକ ଭଦ୍ରଲୋକ, ସେ ଅମୁକ ମହିଳା, ଦାୟିତ୍ୱ, ସୁଖ, ଦୁଃଖ ଇତ୍ୟାଦି ସବୁ ବୁଦ୍ଧି ଲୋପ ପାଇଛି । ମୁଁ ସେହି ଭୂମା । ମୋର ମୃତ୍ୟୁ କି'ଣ ସମ୍ଭବପର, ଅଥବା ଜନ୍ମ ? କାହାକୁ ମୁଁ ଡରିବି ? ମୁଁ ସେହି ଏକ । ମୁଁ କି'ଣ ନିଜକୁ ଡରିବି ? ଅନ୍ୟ କିଏ ଅଛି, ଯାହାଠାରୁ ଭୟ ଜନ୍ମିବ ? ଏକମାତ୍ର ସତ୍ତା ମୁଁ । ଅନ୍ୟ କିଛି ନାହିଁ । ମୁଁ ସବୁ ।'

ଖାଲି ନିଜର ଚିରମୁକ୍ତ ସ୍ୱରୂପର ସ୍ମୃତି । କର୍ମ-ସମ୍ପାଦ୍ୟ ମୁକ୍ତି ଖୋଜ ନାହିଁ । ସେ ମୁକ୍ତି କେବେହେଲେ ମିଳେ ନାହିଁ । ତୁମେ ଯେ ବରାବର ମୁକ୍ତ ରହିଛ ।

ଆବୃତ୍ତି କରିଯାଅ—'ମୁକ୍ତୋଽହଂ' । ଯଦି ପରମୁହୂର୍ତ୍ତରେ ମୋହ ଆସେ ଏବଂ କହିବାକୁ ପଡ଼େ—'ମୁଁ ବଦ୍ଧ'—ସେଥିରେ ପଛେଇଯାଅ ନାହିଁ । ଏହି ସମ୍ମୋହନକୁ ପୁରାପୁରି ଦୂର କରିଦିଅ ।

ଏହି ତତ୍ତ୍ୱ ପ୍ରଥମେ ଶୁଣିବା ଆବଶ୍ୟକ । ଶୁଣିବାପରେ ଦିନ ପରେ ଦିନ ତାହା ଚିନ୍ତା କରିବାରେ ଲାଗ । ଅହୋରାତ୍ର ମନକୁ ଏହି ଭାବନାରେ ପରିପୂର୍ଣ୍ଣ କରି ରଖ ।

'ମୁଁ ହିଁ ପରମ ସତ୍ୟ । ମୁଁ ହିଁ ବିଶ୍ୱର ଅଧିପତି । ମୋହ କେବେହେଲେ ନ ଥିଲା ।' ଯେତେଦିନ ପର୍ଯ୍ୟନ୍ତ ପ୍ରକୃତରେ ପ୍ରତ୍ୟକ୍ଷ ନ କରିଛ ଯେ ଏହି କାନ୍ଥଗୁଡ଼ିକ, ଘରଗୁଡ଼ିକ, ଅଦୃଶ୍ୟ ହୋଇଯାଉଛି, ଦେହରୁ ଆରମ୍ଭ କରି ଯାବତୀୟ ବିଷୟ ଅଦୃଶ୍ୟ ହେଉଅଛି, ସେତେଦିନ ପର୍ଯ୍ୟନ୍ତ ମନର ସକଳ ଶକ୍ତି ଦେଇ ଏହି ଭାବରେ ଧ୍ୟାନ କରିବାରେ ଲାଗ । 'ମୁଁ ଏକାକୀ ଦଣ୍ଡାୟମାନ ରହିବି । ମୁଁ ସେହି ଏକ ।' ଚେଷ୍ଟା କରି ଚାଲ । ଭାବନା କି'ଣ ? ଆମେ ଚାହୁଁ ମୁକ୍ତି; ଅଲୌକିକ ଶକ୍ତି ଆମର କାମ୍ୟ ନୁହେଁ । ସମଗ୍ର ପୃଥିବୀକୁ ଆମେ ତ୍ୟାଗ କଲୁ, ସମସ୍ତ ସ୍ୱର୍ଗ ଓ ସମସ୍ତ ନରକକୁ ଆମେ ତୁଚ୍ଛ କଲୁ । ଅତିପ୍ରାକୃତ କ୍ଷମତା, ଏହି ଐଶ୍ୱର୍ଯ୍ୟ, ଅମୁକ ବିଭୂତି—ଏସବୁ ନେଇ ମୁଁ କି'ଣ ମୁଣ୍ଡ ଖେଳେଇବି ? ମନ ବଶୀଭୂତ ହେଲା କି ନାହିଁ, ସେଥିରେ ବା ମୋର କି'ଣ ଯାଏ ଆସେ ? ମନ ଯଦି ଦୌଡ଼ିବାକୁ ଚାହେଁ, ଦୌଡ଼ୁ । ମୁଁ ତ ମନ ନୁହେଁ ! ସେ ଯଥାରୁଚି ଚାଲୁ ।

ସତ୍ ଓ ଅସତ୍—ଦୁହିଁଙ୍କ ଉପରେ ସୂର୍ଯ୍ୟ ସମାନ ଭାବରେ କିରଣ ଦିଏ । କାହାର ଆଖିର ଭୁଲ ପାଇଁ ସୂର୍ଯ୍ୟର କି'ଣ କିଛି କ୍ଷତି ଘଟେ ? 'ସୋଽହଂ' । ମନ ଯାହା କରେ, ମୋତେ ତାହା ସ୍ପର୍ଶ କରେ ନାହିଁ । ଅପରିଚ୍ଛନ୍ନ ସ୍ଥାନରେ ସୂର୍ଯ୍ୟର ଆଲୋକପାତ ହେଲେ ସୂର୍ଯ୍ୟ ତ ତା'ଦ୍ୱାରା ଅପବିତ୍ର ହୁଏ ନାହିଁ । ମୁଁ ସତ୍ତ୍ୱସ୍ୱରୂପ ।

ଏହା ହିଁ ହେଲା ଅଦ୍ୱୈତ-ଦର୍ଶନର ଧର୍ମ । ଏହା ଅତ୍ୟନ୍ତ କଠିନ; କିନ୍ତୁ ସାଧନ କରି

ଦ୍ୟୁଲ । ସମସ୍ତ କୁସଂସ୍କାରକୁ ଦୂର କରିଦିଅ । ଗୁରୁ ବା ଶାସ୍ତ୍ର ବା ଦେବତା ଦୂର ହୁଅନ୍ତୁ । ମନ୍ଦିର, ପୁରୋହିତ, ପ୍ରତିମା, ଅବତାର—ଏପରିକି ଈଶ୍ୱରଙ୍କୁ ମଧ୍ୟ ବିଦାୟ ଦିଅ । ଈଶ୍ୱର ବୋଲି ଯଦି କେହି ଥାଆନ୍ତି ସେ ଈଶ୍ୱର ମୁଁ ନିଜେ । ସତ୍ୟାନ୍ୱେଷୀ ଦାର୍ଶନିକଗଣ ! ଉତ୍ତିଷ୍ଠତ ! ଅଗ୍ରିଃ ! ଈଶ୍ୱର ଓ ଜଗତ୍-ରୂପକ କୁସଂସ୍କାରର କଥା କହ ନାହିଁ; 'ସତ୍ୟମେବ ଜୟତେ ।' ଆଉ ଏହା ହିଁ ସତ୍ୟ । ମୁଁ ଅନନ୍ତ ।

ଧର୍ମର କୁସଂସ୍କାରସମୂହ ଅସାର କଳ୍ପନା ମାତ୍ର···। ଏହି ସମାଜ—ଏହି ଯେ ମୁଁ ତୁମମାନଙ୍କୁ ଆଗରେ ଦେଖୁଛି—ତୁମମାନଙ୍କ ସହିତ କଥା କହୁଛି—ଏ ସବୁ ମିଥ୍ୟା-ପ୍ରତୀତ । ଏସବୁ ତ୍ୟାଗ କରିବାକୁ ହେବ । ଭାବି ଦେଖ, ତତ୍ତ୍ୱଜ୍ଞ ଦାର୍ଶନିକ ହେବାକୁ ହେଲେ କ'ଣ ଆବଶ୍ୟକ ହୁଏ ? ଏହି ସାଧନ-ପ୍ରଣାଳୀକୁ ଜ୍ଞାନଯୋଗ କହନ୍ତି—ଜ୍ଞାନ ବିଚାରର ପଥ । ଅନ୍ୟାନ୍ୟ ପଥ ସହଜ ଓ ମନ୍ଥର···କିନ୍ତୁ ଜ୍ଞାନ-ପଥରେ ପ୍ରଚଣ୍ଡ ମନୋବଳ ଆବଶ୍ୟକ । ଦୁର୍ବଳ ବ୍ୟକ୍ତି ସକାଶେ ଏହା ନୁହେଁ । ତୁମର କହିବା ଉଚିତ : 'ମୁଁ ଆତ୍ମା, ନିତ୍ୟମୁକ୍ତ; ମୋର କେବେହେଲେ ବନ୍ଧନ ନ ଥିଲା । କାଳ ମୋ ମଧ୍ୟରେ ବିଦ୍ୟମାନ, ମୁଁ କାଳ ମଧ୍ୟରେ ନୁହେଁ । ମୋ ମନରେ ହିଁ ଈଶ୍ୱରଙ୍କର ଜନ୍ମ । ଯାହାଙ୍କୁ ପିତା ଈଶ୍ୱର ଅଥବା ବିଶ୍ୱଜନକ ଈଶ୍ୱର କୁହାଯାଏ, ସେ ମୋର ମାନସ-ସୃଷ୍ଟ ।'

ତୁମେ ଯଦି ନିଜକୁ ଦାର୍ଶନିକ ବୋଲି କହ, ତେବେ କାର୍ଯ୍ୟରେ ତାହା ଦେଖାଅ । ଏହି ପରମ ସତ୍ୟର ଅନୁଧ୍ୟାନ ଓ ଆଲୋଚନା କର । ପରସ୍ପର ପରସ୍ପରକୁ ଏହି ବାଟରେ ସାହାଯ୍ୟ କର ଏବଂ ସବୁ ପ୍ରକାର କୁସଂସ୍କାର ବର୍ଜନ କର ।

## ପ୍ରାଣାୟାମ*

ସାନ୍ ଫ୍ରାନ୍‌ସିସ୍କୋରେ ପ୍ରଦତ୍ତ, ୨୮ ମାର୍ଚ୍ଚ ୧୯୦୦

ଅତି ପ୍ରାଚୀନ କାଳରୁ ଭାରତବର୍ଷରେ ନିଃଶ୍ୱାସ-ପ୍ରଶ୍ୱାସର ନିୟନ୍ତ୍ରଣ-ଅଭ୍ୟାସ ଜନପ୍ରିୟତା ଲାଭ କରିଆସୁଛି । ଏପରିକି ଏହା ମନ୍ଦିରଦର୍ଶନ ବା ସ୍ତବସ୍ତୋତ୍ର ପ୍ରଭୃତି ପାଠ ପରି ଧର୍ମାଚରଣର ଗୋଟିଏ ଅଂଶରେ ପରିଣତ ହୋଇଛି ।···ମୁଁ ଏହି ବିଷୟର ପ୍ରତିପାଦ୍ୟ-ଗୁଡ଼ିକ ତୁମ ନିକଟରେ ଉପସ୍ଥାପିତ କରିବାକୁ ଚେଷ୍ଟା କରିବି ।

ତୁମମାନଙ୍କୁ ମୁଁ କହିଛି, ଭାରତୀୟ ଦାର୍ଶନିକ କିପରି ଭାବରେ ବିଶ୍ୱବ୍ରହ୍ମାଣ୍ଡକୁ ଦୁଇଟି ବସ୍ତୁରେ ପର୍ଯ୍ୟବସିତ କରିଛନ୍ତି—ପ୍ରାଣ ଓ ଆକାଶ । 'ପ୍ରାଣ' ଅର୍ଥ ଶକ୍ତି । ଯାହା କିଛି ଗତି ବା ସାମ୍ଭାବ୍ୟ ଗତି, ଚାପ, ଆକର୍ଷଣ···ବିଦ୍ୟୁତ୍, ଚୁମ୍ବକଶକ୍ତି, ଶରୀରର କ୍ରିୟାକଳାପ, ମନର ସ୍ପନ୍ଦନ ପ୍ରଭୃତି ରୂପରେ ପ୍ରକାଶ ପାଉଛି, ସବୁ ସେହି ଏକ ମୂଳଶକ୍ତି ପ୍ରାଣର ଅଭିବ୍ୟକ୍ତି । ପ୍ରାଣର

* Vedanta and the West ପତ୍ରିକାର ନଭେମ୍ବର-ଡିସେମ୍ବର ୧୯୫୮ ସଂଖ୍ୟାରେ ପ୍ରକାଶିତ ।

ଶ୍ରେଷ୍ଠ ବିକାଶ ହେଉଛି— ଯାହା ମସ୍ତିଷ୍କରେ ବୁଦ୍ଧିର ଆଲୋକ ରୂପରେ ଅଭିବ୍ୟକ୍ତ ।…

ଶରୀରରେ ପ୍ରାଣର ଯାହାକିଛି ଅଭିବ୍ୟକ୍ତି ତା'ର ପ୍ରତ୍ୟେକଟିକୁ ମନଦ୍ୱାରା ନିୟନ୍ତ୍ରିତ କରିବା ଉଚିତ ।… ଶରୀରକୁ ସମ୍ପୂର୍ଣ୍ଣଭାବରେ ମନର ଅଧିକାରରେ ଆଣିବା ପ୍ରୟୋଜନ । ଆମ ସମସ୍ତଙ୍କ ପକ୍ଷରେ ଏହା ସମ୍ଭବପର ନୁହେଁ । ବରଂ ଆମ ଅଧିକାଂଶଙ୍କ କ୍ଷେତ୍ରରେ ଏହାର ବିପରୀତ ହିଁ ସତ୍ୟ । ଯାହାହେଉ, ଆମର ଲକ୍ଷ୍ୟ ହେଲା—ମନକୁ ଏପରି ଭାବରେ ତିଆରି କରିବା, ଯାହାଦ୍ୱାରା ସେ ଇଚ୍ଛାନୁଯାୟୀ ଶରୀରର ପ୍ରତ୍ୟେକ ଅଂଶ ଶାସନ କରିପାରିବ । ଏହା ହିଁ ତତ୍ତ୍ୱବିଚାର ଓ ଦର୍ଶନର ଦୃଷ୍ଟିଭଙ୍ଗୀ । ଅବଶ୍ୟ ଆମେ ଯେତେବେଳେ ବାସ୍ତବ କ୍ଷେତ୍ରକୁ ଆସୁ ସେତେବେଳେ ଏହା ଘଟେ ନାହିଁ । ସେତେବେଳେ ଆମେ ଗାଡ଼ିଟିକୁ ଘୋଡ଼ା ଆଗରେ ସ୍ଥାପନ କରୁ । ଦେହ ସେତେବେଳେ ମନ ଉପରେ କର୍ତ୍ତୃତ୍ୱ କରେ । ଆଙ୍ଗୁଠିରେ କେହି ଚିମୁଟି ଦେଲେ ମୁଁ ଯନ୍ତ୍ରଣା ଅନୁଭବ କରେ । ଦେହର ପ୍ରଭାବ ମନ ଉପରେ ରହିଥାଏ । ଦେହରେ ଅବାଞ୍ଛନୀୟ କିଛି ଘଟିଲେ ମୋର ଦୁଶ୍ଚିନ୍ତାର ଶେଷ ହୁଏ ନାହିଁ । ମୋ ମନର ସାମ୍ୟଚ୍ୟୁତି ଘଟେ । ଏହି ଅବସ୍ଥାରେ ଦେହ ହିଁ ଆମ ମନର ପ୍ରଭୁ । ଆମେ ଦେହ ସହିତ ଏକ ହୋଇଯାଉ । ନିଜକୁ ଦେହ ବ୍ୟତୀତ ଆଉ କିଛି ଭାବିପାରୁ ନାହିଁ ।

ତତ୍ତ୍ୱଦର୍ଶୀ ଆସି ଆମମାନଙ୍କୁ ଏହି ଦେହାତ୍ମବୁଦ୍ଧିର ବାହାରକୁ ଯିବାର ପଥ ଦେଖାଇଲେ । ଆମର ପ୍ରକୃତ ସ୍ୱରୂପ କ'ଣ, ତାହା ସେ ଆମମାନଙ୍କୁ ଶିକ୍ଷା ଦେଲେ । ତେବେ ଯୁକ୍ତି-ବିଚାରଦ୍ୱାରା ବୁଦ୍ଧିରେ ଏହାର ଧାରଣା କରିବା ଏବଂ ଏହାର ପ୍ରତ୍ୟକ୍ଷାନୁଭୂତି— ଏ ଦୁଇଟି ମଧ୍ୟରେ ସୁଦୀର୍ଘ ବ୍ୟବଧାନ ରହିଛି, ଯେପରି ଗୋଟିଏ ଘରର ନକ୍ସା ଓ ପ୍ରକୃତ ଘର ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । ଅତଏବ ଧର୍ମର ପ୍ରକୃତ ଲକ୍ଷ୍ୟରେ ପହଞ୍ଚିବା ପାଇଁ ନାନା ପ୍ରଣାଳୀ ରହିବା ଆବଶ୍ୟକ । ପୂର୍ବବର୍ତ୍ତୀ ଆଲୋଚନାରେ ଆମେ ତତ୍ତ୍ୱଜ୍ଞାନର ପନ୍ଥା ଅନୁଶୀଳନ କରିଥିଲୁ—ଆତ୍ମସ୍ୱରୂପରେ ଦଣ୍ଡାୟମାନ ହୋଇ ସବୁକିଛିକୁ ନିୟନ୍ତ୍ରିତ କରିବା—ଆତ୍ମାର ମୁକ୍ତସ୍ୱଭାବ ଘୋଷଣା କରିବା—ଦେହର ସାହାଯ୍ୟ ନ ନେଇ ଏହାକୁ ଜୟ କରିବା । ଗୀତା କହନ୍ତି, 'ଏହା ଖୁବ୍ କଠିନ । ସମସ୍ତଙ୍କ ପାଇଁ ଏ ପଥ ନୁହେଁ । ଦେହାସକ୍ତ ବ୍ୟକ୍ତି ପକ୍ଷରେ ଏହା ଧାରଣା କରିବା ଦୁଷ୍କର ।' (ଗୀତା, ୧୨।୫)

କୌଣସି ସ୍ଥୂଳ ସହାୟତା ପାଇଲେ ମନ ସ୍ୱାଚ୍ଛନ୍ଦ୍ୟ ବୋଧ କରେ । ଯଦି ମନ ନିଜେ ଏହି ଚରମ ଆଧ୍ୟାତ୍ମିକ ସତ୍ୟର ଅନୁଭୂତି ସମ୍ପାଦନ କରିପାରେ, ତାହାହେଲେ ତା' ଅପେକ୍ଷା ସଙ୍ଗତତର ଆଉ କିଛି ଅଛି କି ? କିନ୍ତୁ ଦୁଃଖର ବିଷୟ, ମନ ତାହା ପାରେ ନାହିଁ । ଆମ ଅଧିକାଂଶଙ୍କ କ୍ଷେତ୍ରରେ ସ୍ଥୂଳ ସାହାଯ୍ୟର ପ୍ରୟୋଜନ ହୁଏ । ରାଜଯୋଗର ପ୍ରଣାଳୀ ହେଲା— ଏହି ସ୍ଥୂଳ ସାହାଯ୍ୟଗୁଡ଼ିକୁ ଗ୍ରହଣ କରିବା । ଏହା ଆମ ଦେହ ଭିତରେ ଯେଉଁସବୁ ଶକ୍ତି ଓ ସାମର୍ଥ୍ୟ ରହିଛି, ସେସବୁକୁ କାର୍ଯ୍ୟରେ ଲଗାଇ କେତେଗୁଡ଼ିଏ ଉନ୍ନତ ମାନସିକ ଅବସ୍ଥା ସୃଷ୍ଟି କରେ ଏବଂ ମନକୁ ଉତ୍ତରୋତ୍ତର ସବଳ କରି ତାହାକୁ ତା'ର ହୃତ ସାମ୍ରାଜ୍ୟର ପୁନଃପ୍ରାପ୍ତିରେ ସହାୟତା କରେ । କେବଳ ମାତ୍ର ଇଚ୍ଛା-ଶକ୍ତି ପ୍ରୟୋଗ କରି କେହି ଯଦି ଚରମ ଆତ୍ମତତ୍ତ୍ୱ ଉପଲବ୍ଧି କରିପାରେ, ତାହା ତ ଅତି ଉତ୍ତମ କଥା; କିନ୍ତୁ ଆମେ ଅନେକେ

ତ ତାହା ପାରିବା ନାହିଁ । ସେଥିପାଇଁ ଆମକୁ ସ୍ଥୂଳ ସାହାଯ୍ୟ ଅବଲମ୍ବନ କରି କ୍ରମଶଃ ଇଚ୍ଛା-ଶକ୍ତିକୁ ଲକ୍ଷ୍ୟପଥରେ ନେଇଯିବାକୁ ହେବ ।

…ସମଗ୍ର ଜଗତ୍ ହେଲା ବହୁତ୍ୱରେ ଏକତ୍ୱର ଏକ ଉଜ୍ଜ୍ୱଳ ନିଦର୍ଶନ । ମାତ୍ର ଗୋଟିଏ ସମଷ୍ଟି-ମନ ରହିଛି । ତାହାର ବିଭିନ୍ନ ଅବସ୍ଥା ବିଭିନ୍ନ ନାମରେ ପରିଚିତ । ମନରୂପକ ମହାସମୁଦ୍ରରେ ସେସବୁ ଯେପରି କ୍ଷୁଦ୍ର କ୍ଷୁଦ୍ର ଆବର୍ତ୍ତ । ଆମେ ଏକ ସମୟରେ ସମଷ୍ଟି ଓ ବ୍ୟଷ୍ଟି । ଏହି ଭାବରେ ଖେଳ ଚାଲିଛି… । ବାସ୍ତବରେ ଏକତ୍ୱର କେବେହେଲେ ବିଚ୍ୟୁତି ଘଟେ ନାହିଁ । ଜଡ ପଦାର୍ଥ, ମନ ଏବଂ ଆତ୍ମା—ତିନିଟିଯାକ ଏକ ।

ଏସବୁ ବିଭିନ୍ନ ନାମ ମାତ୍ର । ବିଶ୍ୱବ୍ରହ୍ମାଣ୍ଡରେ କେବଳ ଗୋଟିଏ ମାତ୍ର ସତ୍ୟ ଅଛି, ଆମେ ବିଭିନ୍ନ ଦୃଷ୍ଟିକୋଣରୁ ଏହାକୁ ପ୍ରତ୍ୟକ୍ଷ କରୁ । ଗୋଟିଏ ଦୃଷ୍ଟିକୋଣରେ ଏହା ଜଡ଼ ବସ୍ତୁରୂପେ ପ୍ରତୀତ ହୁଏ, ଅନ୍ୟ ଦୃଷ୍ଟିକୋଣରେ ଆମେ ଏହାକୁ ମନରୂପରେ ଦେଖୁ, ଦୁଇଟି ବସ୍ତୁ କିଛି ନାହିଁ । ଜଣେ ଗୋଟିଏ ଦଉଡ଼ିକୁ ସାପ ବୋଲି ଭୁଲ କରିଥିଲା । ଭୟରେ ଅସ୍ଥିର ହୋଇ ସାପଟିକୁ ମାରିବା ପାଇଁ ଆଉ ଜଣକୁ ଡାକିବାକୁ ଲଗିଲା । ତା'ର ସ୍ନାୟୁମଣ୍ଡଳୀରେ କମ୍ପନ ଆରମ୍ଭ ହେଲା, ଛାତି ଧଡ଼ପଡ଼ କରିବାକୁ ଆରମ୍ଭ କଲା ।…ଭୟରୁ ହିଁ ଏହିସବୁ ଲକ୍ଷଣ ଦେଖା ଦେଇଥିଲା । ଅବଶେଷରେ ସେ ଯେତେବେଳେ ଆବିଷ୍କାର କଲା ଯେ, ତାହା ଦଉଡ଼ି, ସେତେବେଳେ ସବୁ ବିକାର ଚାଲିଗଲା । ଆମେ ମଧ୍ୟ ଚିରନ୍ତନ ସତ୍ୟ-ବସ୍ତୁକୁ ଏହିପରି ନାନା ମିଥ୍ୟା ଆକାରରେ ଦେଖୁଅଛୁ । ଆମର ଇନ୍ଦ୍ରିୟଗ୍ରାହ୍ୟ ବିଷୟସମୂହ, ଆମେ ଯାହାକୁ ଜଡ଼ ପଦାର୍ଥ କହୁ, ତାହା ମଧ୍ୟ ସେହି ସତ୍ସ୍ୱରୂପ । ତେବେ ଆମେ ଯେପରି ଭାବରେ ଦେଖୁଛୁ, ତାହା ସେପରି ନୁହେଁ । ଯେଉଁ ମନ ଦଉଡ଼ି ଦେଖି ତାକୁ ସାପ ବୋଲି ଭାବିଥିଲା, ସେ ଯେ ମୋହଗ୍ରସ୍ତ ହୋଇଥିଲା, ତାହା ନୁହେଁ; ତାହାହେଲେ ସେ କିଛି ଦେଖିପାରି ନ ଥାନ୍ତା । ଗୋଟିଏ ଜିନିଷକୁ ଅନ୍ୟ ଜିନିଷ ବୋଲି ଦେଖିବା, ଏକାବେଳକେ ଯାହାର ଅସ୍ତିତ୍ୱ ନାହିଁ—ସେପରି କିଛି ଦେଖିବା ନୁହେଁ । ଆମେ ଶରୀର ଦେଖୁଛୁ । ଅନନ୍ତକୁ ଜଡ଼ବସ୍ତୁ ବୋଲି ମନେ-କରୁଛୁ । ଆମେ ସତ୍ୟର ସନ୍ଧାନ କରୁଛୁ । ଆମେ କଦାପି ପ୍ରବଞ୍ଚିତ ନୋହୁଁ । ସର୍ବଦା ଆମେ ସତ୍ୟକୁ ଜାଣୁଛୁ, ତେବେ ସତ୍ୟର ପ୍ରତିଛବି ବେଳେ ବେଳେ ଆମ ପାଖରେ ଭୁଲ ହୋଇ-ଯାଉଛି, ଏତିକି ମାତ୍ର । ଗୋଟିଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ କେବଳ ଗୋଟିଏ ବସ୍ତୁକୁ ଦେଖି ହୁଏ । ଯେତେବେଳେ ମୁଁ ସର୍ପକୁ ଦେଖୁଛି, ସେତେବେଳେ ରଜ୍ଜୁ ସମ୍ପୂର୍ଣ୍ଣ ତିରୋହିତ । ପୁଣି ଯେତେ-ବେଳେ ରଜ୍ଜୁକୁ ଦେଖୁଛି ସେତେବେଳେ ସର୍ପ ଆଉ ନାହିଁ । ଏକ ସମୟରେ ଗୋଟିଏ ମାତ୍ର ବସ୍ତୁ ପ୍ରତ୍ୟକ୍ଷ ହୋଇପାରେ ।…

ଆମେ ଯେତେବେଳେ ଜଗତକୁ ଦେଖୁଛୁ, ସେତେବେଳେ ଈଶ୍ୱରଙ୍କୁ କିପରି ଦେଖିବୁ ? ଏକଥା ମନେ ମନେ ଭଲ କରି ଭାବି ଦେଖ । 'ଜଗତ' ଅର୍ଥ ଇନ୍ଦ୍ରିୟସମୂହ ମାଧ୍ୟମରେ ବହୁ ବସ୍ତୁରୂପେ ପ୍ରତୀୟମାନ ଈଶ୍ୱର । ଯେତେବେଳେ ତୁମେ ସାପ ଦେଖୁଛ, ସେତେବେଳେ ଦଉଡ଼ି ନାହିଁ । ଯେତେବେଳେ ଚୈତନ୍ୟ-ସତ୍ତାର ବୋଧହେବ ସେତେବେଳେ ଅନ୍ୟ ସବୁ କିଛି ଲୋପ ପାଇବ । ସେତେବେଳେ ଆଉ ଜଡ଼ ବସ୍ତୁକୁ ଦେଖିବ ନାହିଁ, କାରଣ

ଯାହାକୁ ଜଡ଼ ବସ୍ତୁ ବୋଲି କହୁଥିଲ, ତାହା ଚୈତନ୍ୟ ବ୍ୟତୀତ ଆଉ କିଛି ନୁହେଁ । ଆମର ଇନ୍ଦ୍ରିୟନିଚୟ 'ବହୁ'ର 'ଅଧ୍ୟାସ' ନେଇ ଆସେ ।

ଜଳାଶୟର ସହସ୍ର ସହସ୍ର ତରଙ୍ଗରେ ଗୋଟିଏ ସୂର୍ଯ୍ୟ ପ୍ରତିବିମ୍ବିତ ହୋଇ ସହସ୍ର ସହସ୍ର କ୍ଷୁଦ୍ର ସୂର୍ଯ୍ୟର ସୃଷ୍ଟି କରେ । ଇନ୍ଦ୍ରିୟଦ୍ୱାରା ମୁଁ ଯେତେବେଳେ ବ୍ରହ୍ମାଣ୍ଡ ଆଡ଼କୁ ଅନାଏ ସେତେବେଳେ ତାହାକୁ ଜଡ଼ ବସ୍ତୁ ଓ ଶକ୍ତିରୂପେ ବ୍ୟାଖ୍ୟା କରେ । ଏକ ସମୟରେ ହିଁ ସେ ଏକ ଓ ବହୁ । ବହୁ ଏକକୁ ନଷ୍ଟ କରେ ନାହିଁ, ଯେପରି ମହାସମୁଦ୍ରର କୋଟି କୋଟି ତରଙ୍ଗ ତା'ର ଏକତ୍ୱକୁ କେବେହେଲେ ବ୍ୟାହତ କରେ ନାହିଁ । ସବୁ ସମୟରେ ତାହା ସେହି ଏକ ମହାସମୁଦ୍ର । ଯେତେବେଳେ ଜଗତକୁ ଦେଖୁଛ, ମନେରଖ—ଆମେ ତା'କୁ ଜଡ଼ ବା ଶକ୍ତି ଉଭୟରେ ପରିଣତ କରିପାରୁ । ଆମେ ଯଦି କୌଣସି ବସ୍ତୁର ବେଗ ବଢ଼ାଇ ଦେଉ, ତା'ର ଭର (mass) କମିଯାଏ ।···ପକ୍ଷାନ୍ତରେ ଭର ବୃଦ୍ଧି କଲେ ବେଗ ହ୍ରାସ ପାଏ । ·· ଏପରି ଗୋଟିଏ ଅବସ୍ଥାରେ ପହଞ୍ଚେ, ଯେଉଁଠି ବହୁର ଭର ସମ୍ପୂର୍ଣ୍ଣ ଲୋପ ପାଇବ ।···

ଜଡ଼କୁ ଶକ୍ତିର କାରଣ ଅଥବା ଶକ୍ତିକୁ ଜଡ଼ର କାରଣ ବୋଲି କୁହାଯାଇ ନ ପାରେ । ଉଭୟର ସମ୍ପର୍କ ଏପରି ଯେ ଗୋଟିଏ ଅନ୍ୟଟି ଭିତରେ ଓତପ୍ରୋତ ହୁଏ । ଗୋଟିଏ ତୃତୀୟ ପକ୍ଷ ରହିବା ଏକାନ୍ତ ଆବଶ୍ୟକ, ତାହା ହିଁ ମନ । ବିଶ୍ୱଜଗତକୁ ଜଡ଼ ବା ଶକ୍ତି କୌଣସିଥିରୁ ଉତ୍ପନ୍ନ କରାଯାଇପାରେ ନାହିଁ । ମନ ଜଡ଼ ନୁହେଁ, ଶକ୍ତି ବି ନୁହେଁ, ଅଥଚ ସର୍ବଦା ଜଡ଼ ଓ ଶକ୍ତିକୁ ପ୍ରସବ କରୁଛି । ଶେଷରେ ମନରୁ ସକଳଶକ୍ତିର ଉଦ୍ଭବ । 'ବିଶ୍ୱମନ'ର ଏହା ହିଁ ଅର୍ଥ—ସମଗ୍ର ବ୍ୟଷ୍ଟି-ମନର ସଂହତି । ପ୍ରତ୍ୟେକ ବ୍ୟଷ୍ଟି-ମନ ସୃଷ୍ଟି କରି ଚାଲିଛି, ଏବଂ ସବୁ ସୃଷ୍ଟିକୁ ଏକତ୍ର ଯୋଗ କଲେ ଅଖିଳ ବିଶ୍ୱପ୍ରପଞ୍ଚ ହୋଇଯାଏ । ବହୁତ୍ୱରେ ଏକତ୍ୱ—ଏକ ସମୟରେ ବହୁ ଓ ଏକ ।

ବ୍ୟକ୍ତି-ଈଶ୍ୱର ହେଉଛନ୍ତି ସକଳ ଜୀବର ସମଷ୍ଟି, ପୁଣି ତାଙ୍କର ଗୋଟିଏ ସ୍ୱକୀୟ ସ୍ୱାତନ୍ତ୍ର୍ୟ ବି ରହିଛି—ଯେପରି ଆମର ଦେହ ଅସଂଖ୍ୟ କୋଷର ସମଷ୍ଟି, କିନ୍ତୁ ସମଗ୍ର ଦେହଟିର ବି ଗୋଟିଏ ପୃଥକ୍ ସ୍ୱାତନ୍ତ୍ର୍ୟ ରହିଛି ।

ଯେକୌଣସି ଜିନିଷର ଗତି ଅଛି, ତାହା ପ୍ରାଣ ବା ଶକ୍ତିର ଅନ୍ତର୍ଗତ । ଏହି ପ୍ରାଣ ହିଁ ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରକୁ ଘୂରାଉଛି; ପ୍ରାଣ ହିଁ ମାଧ୍ୟାକର୍ଷଣ ।···

ଅତଏବ ପ୍ରକୃତିର ଯାବତୀୟ ଶକ୍ତି ବିଶ୍ୱମନର ସୃଷ୍ଟି । ଆଉ ଆମେ ସେହି ବିଶ୍ୱମନର କ୍ଷୁଦ୍ର କ୍ଷୁଦ୍ର ଅଂଶରୂପେ ଭୂମାପ୍ରକୃତିରୁ ପ୍ରାଣ ଆହରଣ କରି ନିଜର ବ୍ୟଷ୍ଟି-ପ୍ରକୃତିରେ ଦେହର କ୍ରିୟା, ମନର ଚିନ୍ତା ସୃଷ୍ଟି ପ୍ରଭୃତି କାର୍ଯ୍ୟରେ ଲଗାଉଛୁ । ଯଦି କହ—ଚିନ୍ତା ସୃଷ୍ଟି କରି ହୁଏ ନାହିଁ । ତେବେ କୋଡ଼ିଏ ଦିନ ନ ଖାଇ ଦେଖ କିପରି ବୋଧ ହେଉଛି । ଚିନ୍ତା ମଧ୍ୟ ଆମର ଭୁକ୍ତ ଖାଦ୍ୟଦ୍ୱାରା ଉତ୍ପନ୍ନ । ଏଥିରେ କୌଣସି ସନ୍ଦେହ ନାହିଁ ।

ଯେଉଁ ପ୍ରାଣ ସବୁକିଛିକୁ ଚାଳିତ କରୁଛି, ତାକୁ ଆମର ଦେହ ଭିତରେ ନିୟନ୍ତ୍ରଣ କରିବାର ନାମ 'ପ୍ରାଣାୟାମ' । ସହଜ ବୁଦ୍ଧିରେ ଆମେ ଦେଖିବାକୁ ପାଉ ଯେ, ଆମ ଦେହର

ଯାବତୀୟ କ୍ରିୟାର ମୂଳରେ ରହିଛି ଆମର ଶ୍ୱାସ-ପ୍ରଶ୍ୱାସ । ନିଃଶ୍ୱାସ ବନ୍ଦ କଲେ ଦେହର କ୍ରିୟା ମଧ୍ୟ ରୁଦ୍ଧ ହୋଇଯାଏ । ପୁଣି ଶ୍ୱାସ ନେଲେ କ୍ରିୟା ଆରମ୍ଭ ହୁଏ । ତେବେ ପ୍ରାଣାୟାମର ଲକ୍ଷ୍ୟ ଶ୍ୱାସନିରୋଧ ମାତ୍ର ନୁହେଁ, ଶ୍ୱାସ ପଛରେ ଗୋଟିଏ ସୂକ୍ଷ୍ମତର ଶକ୍ତିକୁ ବଶୀଭୂତ କରିବା ।

ଜଣେ ରାଜା ମନ୍ତ୍ରୀଙ୍କ ପ୍ରତି କୌଣସି କାରଣରୁ ଅସନ୍ତୁଷ୍ଟ ହୋଇ ଗୋଟିଏ ଉଚ୍ଚ ଗମ୍ବୁଜ ଉପରେ ତାଙ୍କୁ ବନ୍ଦୀ କରି ରଖିବାକୁ ଆଦେଶ ଦେଲେ । ମନ୍ତ୍ରୀଙ୍କ ସ୍ତ୍ରୀ ରାତିରେ ସ୍ୱାମୀଙ୍କ ସହିତ ଦେଖା କରିବାକୁ ଆସିବାରୁ ମନ୍ତ୍ରୀ କହିଲେ, 'କାନ୍ଦାକଟା କରି ଲାଭ ନାହିଁ, ବରଂ ସୁକୌଶଳରେ ମୋତେ ଗୋଟିଏ ଦଉଡ଼ି ପଠାଇଦିଅ ।' ମନ୍ତ୍ରୀପତ୍ନୀ ଗୋଟିଏ ଗୋବରପୋକ-ପାଦରେ ଖଣ୍ଡେ ରେଶମର ସୂତା ବାନ୍ଧି ତା' ମୁଣ୍ଡରେ କିଛି ମହୁ ବୋଳି ତାକୁ ଛାଡ଼ିଦେଲେ । ରେଶମ ସୂତା ସହିତ ପ୍ରଥମେ କିଛି ମୋଟା ସୂତା ଏବଂ ତା' ପଛରେ ଗୋଟିଏ ମୋଟା ଟୁଇନ୍‌ସୂତାର ଗୁଲି ସଂଲଗ୍ନ ଥିଲା । ଟୁଇନ୍ ଗୁଲିରେ ବନ୍ଧା ହୋଇଥିଲା ଖଣ୍ଡିଏ ଶକ୍ତ ମୋଟା ଦଉଡ଼ି । ମହୁ ଗନ୍ଧରେ ପୋକଟି ଧୀରେ ଧୀରେ ଉପରକୁ ଉଠିବାକୁ ଲାଗିଲା ଏବଂ କ୍ରମେ ଗମ୍ବୁଜର ଅଗକୁ ଉଠିଲା । ମନ୍ତ୍ରୀ ପୋକକୁ ଧରିଲେ ଏବଂ କ୍ରମଶଃ ରେଶମୀ ସୂତା, ମୋଟା ସୂତା ଏବଂ ଟୁଇନ୍‌ସୂତାକୁ ଧରି ମୋଟା ଦଉଡ଼ିଟିକୁ ତଳୁ ଉପରକୁ ଟାଣିନେଲେ ଏବଂ ତାରି ସାହାଯ୍ୟରେ ଗମ୍ବୁଜରୁ ପଲାୟନ କଲେ । ଆମ ଦେହରେ ନିଃଶ୍ୱାସ-ପ୍ରଶ୍ୱାସ ହେଲା ସେହି ରେଶମୀସୂତା । ତାକୁ ଆୟତ୍ତ କଲେ କ୍ରମଶଃ ଆମର ସ୍ନାୟୁମଣ୍ଡଳୀରୂପକ ମୋଟା ସୂତା ଏବଂ ଚିନ୍ତାରୂପକ ଟୁଇନ୍‌ସୂତାକୁ ଧରିପାରିବୁ । ଅବଶେଷରେ ଆମର ହସ୍ତଗତ ହୁଏ ପ୍ରାଣରୂପକ ଶକ୍ତ ରଜ୍ଜୁ । ପ୍ରାଣ-ନିୟନ୍ତ୍ରଣଦ୍ୱାରା ଆମେ ମୁକ୍ତି ଲାଭ କରୁ ।

ଜଡ଼ସ୍ତରର ବସ୍ତୁ ସାହାଯ୍ୟରେ ଆମମାନଙ୍କୁ ସୂକ୍ଷ୍ମ ଓ ସୂକ୍ଷ୍ମତର ଅନୁଭୂତିରେ ଉପସ୍ଥିତ ହେବାକୁ ପଡ଼ିବ । ବିଶ୍ୱଜଗତେ ଏକମାତ୍ର ସତ୍ତା—ତା'ର ଯେକୌଣସି ବିନ୍ଦୁରେ ସ୍ପର୍ଶ କରନା କାହିଁକି, ସବୁ ବିନ୍ଦୁ ହିଁ ସେହି ଏକ ବିନ୍ଦୁର ଅଦଳବଦଳ । ଗୋଟିଏ ଏକତା ସର୍ବତ୍ର ଅନୁସ୍ୟୂତ । ଅତଏବ ଶ୍ୱାସ-ପ୍ରଶ୍ୱାସରୂପକ ସ୍ଥୂଳ କ୍ରିୟା ସାହାଯ୍ୟରେ ବି ସୂକ୍ଷ୍ମ ଚୈତନ୍ୟକୁ ଅଧିଗତ କରିହୁଏ ।

ବର୍ତ୍ତମାନ ଶରୀରର ଯେଉଁସବୁ ସ୍ପନ୍ଦନ ଆମର ଜ୍ଞାନଗୋଚର ନୁହେଁ, ସେସବୁକୁ ଆମେ କ୍ରମଶଃ ପ୍ରାଣାୟାମ ଅଭ୍ୟାସ ଦ୍ୱାରା ଅନୁଭବ କରିବାକୁ ଆରମ୍ଭ କରୁ; ଏବଂ ସେହି ସ୍ପନ୍ଦନ ଅନୁଭବର ସଙ୍ଗେ ସଙ୍ଗେ ସେସବୁ ଆମର ବଶବର୍ତ୍ତୀ ହୁଏ । ଆମେ ଶାକାକାରରେ ନିହିତ ଚିନ୍ତାଗୁଡ଼ିକୁ ଦେଖିପାରିବୁ ଏବଂ ସେଗୁଡ଼ିକୁ ଆୟତ୍ତ କରିପାରିବୁ । ଅବଶ୍ୟ ଆମ ସମସ୍ତଙ୍କର ଯେ ଏହା ସମ୍ପନ୍ନ କରିବାର ସୁଯୋଗ ବା ଇଚ୍ଛା ବା ଧୈର୍ଯ୍ୟ ବା ଶ୍ରଦ୍ଧା ଆସିବ, ତାହା ନୁହେଁ, ତେବେ ଏହି ସମ୍ପର୍କୀୟ ସାଧାରଣ ଜ୍ଞାନ ମଧ୍ୟ ପ୍ରତ୍ୟେକଙ୍କର କିଛି ନା କିଛି ଉପକାର ସାଧନ କରେ ।

ପ୍ରଥମ ସୁଫଳ ସ୍ୱାସ୍ଥ୍ୟ । ଆମେ ଶତକଡ଼ା ଅନେଶତଜଣ ଯଥାଯଥ ନିଃଶ୍ୱାସ ନେଉ ନାହିଁ । ଫୁସ୍‌ଫୁସରେ ଯଥେଷ୍ଟ ପବନ ଆମେ ଟାଣି ନେଉ ନାହିଁ ।...ଶ୍ୱାସ-ପ୍ରଶ୍ୱାସକୁ

ନିୟମିତ କରିପାରିଲେ ଶରୀର ଶୁଦ୍ଧ ହୁଏ, ମନ ଶାନ୍ତ ହୁଏ··· । ଲକ୍ଷ୍ୟ କରିଥିବ—ମନରେ ଯେତେବେଳେ ଶାନ୍ତି ଥାଏ—ସେତେବେଳେ ନିଃଶ୍ୱାସ ଧୀରେ ଧୀରେ ଏବଂ ତାଳେ ତାଳେ ଚାଲୁଥାଏ । ସେହିପରି ନିଃଶ୍ୱାସକୁ ଯଦି ସ୍ଥିର ଓ ଛନ୍ଦୋବଦ୍ଧ କରାଯାଏ, ତେବେ ମନରେ ବି ଶାନ୍ତି ଆସେ । ଅନ୍ୟପକ୍ଷରେ ମନ ଉଦ୍‌ବିଗ୍ନ ହେଲେ ନିଃଶ୍ୱାସର ତାଳ ବି କଟିଯାଏ । ଅଭ୍ୟାସଦ୍ୱାରା ନିଃଶ୍ୱାସକୁ ନିୟନ୍ତ୍ରିତ କରିପାରିଲେ ମନର ଶାନ୍ତି ଅବଶ୍ୟ ସହଜରେ ଲାଭ କରାଯାଇପାରିବ । ମନ ଯଦି ଉତ୍ତେଜିତ ହୁଏ, ଘରେ ଯାଇ ଦୁଆର ବନ୍ଦ କରି ଏବଂ ମନକୁ ସ୍ଥିର କରିବାର ଚେଷ୍ଟା ନ କରି ଦଶମିନିଟ୍ ତାଳେ ତାଳେ ନିଃଶ୍ୱାସ ନିଅ । ଦେଖିବ, ମନ ଶାନ୍ତ ହୋଇ ଆସୁଛି । ଏହି ଧରଣର ଅଭ୍ୟାସଗୁଡ଼ିକ ହେଲା ସାଧାରଣ ଲୋକଙ୍କ ଉପଯୋଗୀ ଓ ଉପକାରୀ । ଅନ୍ୟଗୁଡ଼ିକ ଯୋଗୀମାନଙ୍କ ନିମିତ୍ତ ।

ଶରୀର ଶ୍ୱାସ-ପ୍ରଶ୍ୱାସର କ୍ରିୟାଗୁଡ଼ିକ ପ୍ରଥମ ସ୍ତର ମାତ୍ର । ବିଭିନ୍ନ କ୍ରିୟା ପାଇଁ ପ୍ରାୟ ଚଉରାଶିଟି ଆସନ ଅଛି । କେହି କେହି ପ୍ରାଣାୟାମକୁ ଜୀବନର ପ୍ରଧାନତମ ଅନୁଶୀଳନରୂପେ ଗ୍ରହଣ କରିଛନ୍ତି । ନିଃଶ୍ୱାସର ଗତିକୁ ଲକ୍ଷ୍ୟ ନ କରି ସେମାନେ କୌଣସି କାମ କରନ୍ତି ନାହିଁ । ସବୁବେଳେ ସେମାନଙ୍କର ଦୃଷ୍ଟି ଥାଏ କେଉଁ ନାକରେ ବେଶୀ ପବନ ଯାଉଛି । ଦକ୍ଷିଣ ନାସାରନ୍ଧ୍ରରେ ଶ୍ୱାସର ଗତି ଥିଲେ ସେମାନେ କେତେଗୁଡ଼ିଏ କାମ କରିବେ, ବାମ ନାସାରନ୍ଧ୍ରରେ ଶ୍ୱାସ ବହିଲେ ଅନ୍ୟ କେତେଗୁଡ଼ିଏ କାମ କରିବେ । ଯେତେବେଳେ ଉଭୟ ନାସାରନ୍ଧ୍ରରେ ଶ୍ୱାସର ଗତି ସମାନ ଥାଏ, ସେତେବେଳେ ସେମାନେ ଭଗବତ୍-ଉପାସନା କରନ୍ତି । ଶ୍ୱାସର ଏହିପରି ଅବସ୍ଥାରେ ମନଃସଂଯମ ସହଜ ହୁଏ । ଶ୍ୱାସଦ୍ୱାରା ଦେହର ସ୍ନାୟୁପ୍ରବାହକୁ ଶରୀରର ଯେକୌଣସି ଅଂଶରେ ଇଚ୍ଛାନୁଯାୟୀ ଚାଳିତ କରିହୁଏ । କୌଣସି ଅଙ୍ଗ ପୀଡ଼ିତ ହେଲେ ପ୍ରାଣପ୍ରବାହ ସେହି ଅଂଶରେ ନିୟୋଜିତ କରି ପୀଡ଼ାର ଉପଶମ କରିହୁଏ ।

ଆହୁରି ଅନେକ ପ୍ରକାର ଯୌଗିକ କ୍ରିୟା ପ୍ରଚଳିତ ଅଛି । କେତେଗୁଡ଼ିଏ ସମ୍ପ୍ରଦାୟ ଅଛନ୍ତି, ଯେଉଁମାନେ ଶ୍ୱାସକ୍ରିୟାକୁ ରୁଦ୍ଧ କରି ରଖିବାକୁ ଚାହାନ୍ତି । ସେମାନେ ଏପରି କିଛି କରିବେ ନାହିଁ, ଯାହାଦ୍ୱାରା ବେଶୀ ନିଃଶ୍ୱାସ ନେବାକୁ ପଡ଼ିବ । ସେମାନେ ଏକ ପ୍ରକାର ଧ୍ୟାନସ୍ଥ ହୋଇ ରହନ୍ତି । ଶରୀରର ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ସେତେବେଳେ ପ୍ରାୟ ସବୁ ବନ୍ଦ ଥାଏ । ହୃଦଯନ୍ତ୍ରର ସ୍ପନ୍ଦନ ବି ଏକପ୍ରକାର ସ୍ତବ୍ଧ ହୋଇଯାଏ ।··· ଏହିସବୁ କ୍ରିୟା ଖୁବ୍ ବିପଦଜନକ । ଆହୁରି କେତେଗୁଡ଼ିଏ କଠିନ କ୍ରିୟାର ଉଦ୍ଦେଶ୍ୟ—ଉନ୍ନତତର ଯୌଗିକ ଶକ୍ତି ଲାଭ କରିବା । ତାହାର ଚେଷ୍ଟା ଥାଏ, ଶ୍ୱାସ ରୁଦ୍ଧ କରି ଶରୀରକୁ ହାଲୁକା କରି ପକାଇବା । ସେତେବେଳେ ସେମାନେ ଶୂନ୍ୟକୁ ଉଠିପାରନ୍ତି । ମୁଁ କେବେହେଲେ କାହାକୁ ଏପରି ଶୂନ୍ୟକୁ ଉଠିବାର ବା ପବନରେ ଉଡ଼ିବାର ଦେଖି ନାହିଁ । ତେବେ ଯୋଗ-ବହିରେ ଏପରି କ୍ଷମତାର ଉଲ୍ଲେଖ ଅଛି । ଏସବୁର ପ୍ରତ୍ୟକ୍ଷ ଜ୍ଞାନର ଛଳନା କରିବାକୁ ମୁଁ ଚାହେଁ ନାହିଁ । ତେବେ ମୁଁ ଅନେକ ଆଶ୍ଚର୍ଯ୍ୟ ଯୌଗିକକ୍ରିୟା ଦେଖିଛି । ···ଥରେ ଜଣେ ବ୍ୟକ୍ତିଙ୍କୁ ଶୂନ୍ୟରୁ ଫଳ ଓ ଫୁଲ ବାହାର କରିବାର ଦେଖିଥିଲି ।

···ଯୋଗୀ ଯୋଗଶକ୍ତିଦ୍ୱାରା ନିଜ ଦେହକୁ ଏତେ କ୍ଷୁଦ୍ର କରିପାରନ୍ତି ଯେ, ତାହା

ଏହି କାନ୍ଥ ଭେଦ କରିଯାଇପାରେ । ପୁଣି ତାଙ୍କର ଶରୀରକୁ ଏତେ ଭାରି କରିବା ବି ସମ୍ଭବ ଯେ ଦୁଇଶହ ଲୋକ ତାଙ୍କୁ ଉଠାଇପାରିବେ ନାହିଁ । ଯଦି ଇଚ୍ଛା କରନ୍ତି ତେବେ ସେ ପକ୍ଷୀପରି ଆକାଶରେ ଉଡ଼ିପାରିବେ । କୌଣସି ଯୋଗୀଙ୍କ ପକ୍ଷରେ ଭଗବାନଙ୍କ ପରି କ୍ଷମତା ଲାଭ କରିବା ସମ୍ଭବପର ନୁହେଁ । ତାହା ଯଦି ହୁଅନ୍ତା, ତେବେ ଜଣେ ଯୋଗୀ ହୁଏତ ସୃଷ୍ଟି କରନ୍ତେ, ଅନ୍ୟ ଜଣେ ତାକୁ ଧ୍ୱଂସ କରିଦିଅନ୍ତେ ।...ଯୋଗସମ୍ବନ୍ଧୀୟ ଗ୍ରନ୍ଥରେ ଏସବୁ କଥା ଅଛି । ମୋ ନିଜ ପକ୍ଷରେ ଏସବୁ ବିଶ୍ୱାସ କରିବା କଠିନ, ତେବେ ମୁଁ ଅବିଶ୍ୱାସ ମଧ୍ୟ କରେ ନାହିଁ । ତେବେ ନିଜ ଆଖିରେ ଯେଉଁସବୁ କଥା ଦେଖିଛି, ସେବିଷୟରେ କୌଣସି ସନ୍ଦେହ ନାହିଁ ।

ଜଗତରେ ଜ୍ଞାନ-ଆହରଣ ଯଦି ସମ୍ଭବପର ହୁଏ, ତାହା ପ୍ରତିଦ୍ୱନ୍ଦ୍ୱିତାଦ୍ୱାରା ନୁହେଁ, ମନକୁ ନିୟନ୍ତ୍ରିତ କରିବାଦ୍ୱାରା । ପାଶ୍ଚାତ୍ୟଦେଶୀୟ ଲୋକମାନେ କହନ୍ତି,'ଏହା ଆମର ସ୍ୱଭାବ, ଆମେ ତାହା ବଦଳାଇପାରିବୁ ନାହିଁ ।' କିନ୍ତୁ ଏହି ପ୍ରକାର ମନୋଭାବଦ୍ୱାରା ସାମାଜିକ ସମସ୍ୟାର ସମାଧାନ ହୁଏ ନାହିଁ, ଜଗତର ମଧ୍ୟ କିଛି ଉନ୍ନତି ହୁଏ ନାହିଁ ।...

ବଳବାନ୍‌ମାନେ ସବୁକିଛି ଗ୍ରାସ କରୁଛନ୍ତି, ଦୁର୍ବଳମାନେ ଦୁଃଖ ଭୋଗ କରୁଛନ୍ତି । ଯାହାଙ୍କର କାଢ଼ିନେବାର କ୍ଷମତା ଅଛି, ତାଙ୍କର ଲୋଭର ବି ସୀମା ନାହିଁ । ବଞ୍ଚିତମାନେ ଧନୀମାନଙ୍କ ପ୍ରତି ପ୍ରବଳ ଘୃଣାସହକାରେ ନିଜ ନିଜର ସୁଯୋଗ ସନ୍ଧାନେ ଅପେକ୍ଷା କରୁଛନ୍ତି । ସେମାନଙ୍କ ହାତକୁ ଯେତେବେଳେ କ୍ଷମତା ଆସିବ, ସେତେବେଳେ ସେମାନଙ୍କ ଆଚରଣ ମଧ୍ୟ ସେହିପରି ହେବ । ଏହା ହିଁ ପ୍ରତିଦ୍ୱନ୍ଦ୍ୱିତାର ଫଳ, ଅନିୟନ୍ତ୍ରିତ ଭୋଗପ୍ରବୃତ୍ତିର ପରିଣାମ । ମନୁଷ୍ୟର ମନକୁ ସୁପରିଚାଳିତ କରିବାଦ୍ୱାରା କେବଳ ସମସ୍ୟାର ସମାଧାନ ହୋଇପାରେ । ...ମନୁଷ୍ୟ ଯାହା କରିବାକୁ ଚାହେଁ ନାହିଁ, ତାହା ତାକୁ ଆଇନ ବଳରେ କରାଇ ହୁଏ ନାହିଁ ...ସେ ଯଦି ଆନ୍ତରିକ ଭାବରେ ସତ୍ ହେବାକୁ ଚାହେଁ ତେବେ ସେ ସତ୍ ହୋଇପାରେ । ଆଇନ୍‌ଅଦାଲତ ତା'କୁ ସତ୍‌ପଥକୁ ଆଣିପାରିବ ନାହିଁ ।

ମନୁଷ୍ୟର ମନରେ ହିଁ ସକଳ ଜ୍ଞାନ । ଗୋଟିଏ ପଥରରେ କ'ଣ ଜ୍ଞାନ ଦେଖିଛ ? ଜ୍ୟୋତିର୍ବିଦ୍ୟା କ'ଣ ତାରାଗୁଡ଼ିକରେ ନିହିତ ? ମନୁଷ୍ୟ ହିଁ ଜ୍ଞାନର ଆଧାର । ଆସନ୍ତୁ, ଆମେ ଉପଲବ୍ଧି କରିବା ଯେ ଆମେ ଅନନ୍ତ ଶକ୍ତିସ୍ୱରୂପ । ମନର କ୍ଷମତାର ସୀମା କିଏ ନିର୍ଦ୍ଦେଶ କରିପାରିବ ? ଆମେ ସମସ୍ତେ ସେହି ଅନନ୍ତ ମନସ୍ୱରୂପ, ଆସନ୍ତୁ, ଆମେ ଏହା ଅନୁଭବ କରିବା । ପ୍ରତ୍ୟେକ ଜଳବିନ୍ଦୁ ସହିତ ସମଗ୍ର ମହାସମୁଦ୍ର ରହିଛି । ମନୁଷ୍ୟର ମନ ସେହି ମହାସମୁଦ୍ର ପରି । ଭାରତ-ମନୀଷା ମନର ଏହି ଶକ୍ତି ଓ ସମ୍ଭାବନାଗୁଡ଼ିକ ଆଲୋଚନା କରିଛି ଏବଂ ସେସବୁର ବିକାଶ-ସାଧନ କରିବାରେ ସେ ତତ୍ପର । ପୂର୍ଣ୍ଣତାର ଉପଲବ୍ଧି ସମୟସାପେକ୍ଷ । ଧୈର୍ଯ୍ୟ ଧରି ଅପେକ୍ଷା କରିବା ଆବଶ୍ୟକ । ଯଦି ପଚିଶ ହଜାର ବର୍ଷ ବି ଲାଗେ, ସେଥିରେ ବା କ'ଣ ଅଛି ? ମନୁଷ୍ୟ ଯଦି ସ୍ୱେଚ୍ଛାରେ ତାହାର ମନର ଗତି ଫେରାଇ ପୂର୍ଣ୍ଣତାର ଅଭିଳାଷୀ ହୁଏ, ତେବେ ଯାଇ ପୂର୍ଣ୍ଣତାର ଉପଲବ୍ଧି ସମ୍ଭବପର ।

ରାଜଯୋଗଘୋଷିତ ସମସ୍ତ ବିଷୟରେ ତୁମମାନଙ୍କର ବିଶ୍ୱାସ କରିବାର ପ୍ରୟୋଜନ

ନାହିଁ । ତେବେ ଗୋଟିଏ ବିଷୟ ଅତ୍ୟନ୍ତ ପ୍ରୟୋଜନୀୟ । ତାହା ହେଉଛି ମନୁଷ୍ୟର ଦେବତ୍ୱ-ଲାଭର ସାମର୍ଥ୍ୟ । ମନୁଷ୍ୟ ଯେତେବେଳେ ତା' ନିଜ ମନର ଚନ୍ତାସମୂହ ଉପରେ ସମ୍ପୂର୍ଣ୍ଣ ପ୍ରଭୁତ୍ୱ ଅର୍ଜନ କରେ, ସେତିକବେଳେ ଏହି ଦେବତ୍ୱର ବିକାଶ ସମ୍ଭବପର ।... ମନର ଭାବନା ଓ ଇନ୍ଦ୍ରିୟସମୂହ ମୋର ଆଜ୍ଞାବହ ଭୃତ୍ୟ, ମୋର ଚାଳକ ନୁହନ୍ତି—ଏହିପରି ଅବସ୍ଥା ଆସିବା ଆବଶ୍ୟକ । ତା'ହେଲେ ସବୁ ଅଶୁଭ ଲୋପ ପାଇବ ।...

ମନକୁ ରାଶି ରାଶି ତଥ୍ୟଦ୍ୱାରା ପୂର୍ଣ୍ଣ କରିବାର ଅର୍ଥ ଶିକ୍ଷା ନୁହେଁ । ମନରୂପକ ଯନ୍ତ୍ରଟିକୁ ସୁନ୍ଦରତର କରି ତୋଳିବା ଏବଂ ତା'କୁ ସମ୍ପୂର୍ଣ୍ଣ ବଶୀଭୂତ କରିବା—ଏହା ହିଁ ହେଲା ଶିକ୍ଷାର ଆଦର୍ଶ । ମୁଁ ମନକୁ ଯଦି ଗୋଟିଏ ବିନ୍ଦୁରେ ଏକାଗ୍ର କରିବାକୁ ଚାହେଁ, ସେ ସେଠାକୁ ଯିବ; ପୁଣି ଯେଉଁ ମୁହୂର୍ତ୍ତରେ ମୁଁ ତାକୁ ଡାକିବି, ସେ ସେହି ବିନ୍ଦୁରୁ ଯେପରି ଫେରି ଆସିପାରେ ।...

ଏହା ହିଁ ବିଷମ ସଙ୍କଟ । ଅନେକ କଷ୍ଟରେ ଆମେ କିଞ୍ଚିତ୍ ପରିମାଣରେ ଏକାଗ୍ରତାର ଶକ୍ତି ଲାଭ କରୁ । ମନ କେତେଗୁଡ଼ିଏ ବିଷୟରେ ଲାଗି ରହିପାରେ; କିନ୍ତୁ ଅନାସକ୍ତିର କ୍ଷମତା ଆମେ ସଙ୍ଗେ ସଙ୍ଗେ ଅର୍ଜନ କରୁ ନାହିଁ । ମନକୁ ଗୋଟିଏ ବିଷୟରୁ ଇଚ୍ଛାନୁଯାୟୀ ଟାଣି ଆଣିପାରିବ ନାହିଁ, ଏପରିକି ଜୀବନର ଅଧେ ଦେବାକୁ ରାଜି ହେଲେ ବି ନୁହେଁ ।

ମନକୁ ଏକାଗ୍ର କରିବା ଓ ନିଯୁକ୍ତ କରିବା—ଉଭୟ କ୍ଷମତା ଆମର ରହିବା ଦରକାର । ଯେଉଁ ବ୍ୟକ୍ତି ଏହି ଉଭୟ ବିଷୟରେ ନିପୁଣ, ସେ ହିଁ ଯଥାର୍ଥ ମନୁଷ୍ୟତ୍ୱ ଲାଭ କରିଛନ୍ତି । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଭାଙ୍ଗିପଡ଼ୁଛି ଶୁଣିଲେ ବି ସେ ଦୁଃଖିତ ହେବେ ନାହିଁ । ଏହିପରି ସ୍ଥିରତା କ'ଣ ପୁସ୍ତକ ପଢ଼ି ଲାଭ କରିହୁଏ ? ରାଶି ରାଶି ବହି ପଢ଼ିପାର,...ଶିଶୁର ମୁଣ୍ଡରେ ମୁହୂର୍ତ୍ତକରେ ପନ୍ଦର ହଜାର ଶବ୍ଦ ପୁରାଇପାର, ଯେତେ ମତବାଦ ଯେତେ ଦର୍ଶନ ଅଛି, ସବୁ ତାକୁ ଶିଖାଇପାର, ...ମାତ୍ର ଗୋଟିଏ ବିଜ୍ଞାନ ଅଛି, ଯାହାଦ୍ୱାରା ମନର ପ୍ରଭୁତ୍ୱ ଲାଭ କରାଯାଏ—ମନୋବିଦ୍ୟା...ପ୍ରାଣାୟାମରୁ ଏହାର ଆରମ୍ଭ ।

ଧୀରେ ଧୀରେ ଏବଂ କ୍ରମେ କ୍ରମେ ମନର ବିଭିନ୍ନ କକ୍ଷରେ ପ୍ରବେଶ କରିହୁଏ ଏବଂ ଅବଶେଷରେ ମନ ବଶବର୍ତ୍ତୀ ହୁଏ । ଏହା ସୁଦୀର୍ଘ ଅଭ୍ୟାସର ବିଷୟ । ଲଘୁ କୌତୂହଳ ଚରିତାର୍ଥ କରିବା ପାଇଁ ଏହା କଦାପି ଚେଷ୍ଟା କରିବା ଉଚିତ ନୁହେଁ । ଯାହାର ଯଥାର୍ଥରେ ଆଗ୍ରହ ଅଛି, ସେ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସରଣ କରେ । ରାଜଯୋଗ କୌଣସି ବିଶ୍ୱାସ ମତବାଦ ବା ଈଶ୍ୱରଙ୍କ କଥା କହେ ନାହିଁ । ଯଦି ତୁମର ଦୁଇହଜାର ଦେବତାଙ୍କ ଉପରେ ଆସ୍ଥା ଥାଏ, ବେଶ୍ ତ, ସେହି ବିଶ୍ୱାସ ପଥରେ ଚାଲ । କ୍ଷତି କ'ଣ ? କିନ୍ତୁ ରାଜଯୋଗରେ ମିଳେ, ବ୍ୟକ୍ତିତ୍ୱର ସମ୍ପର୍କଶୂନ୍ୟ ତତ୍ତ୍ୱ ।

ମୁଖ୍ୟ-ଅଡ଼୍ଆ କଥା ଏହି ଯେ, ଆମେ ବଚନ ଏବଂ ମତବାଦ ସୃଷ୍ଟି କରିବାରେ ବ୍ୟସ୍ତ; କିନ୍ତୁ ଏହି ବାକ୍ୟର ଭାର ଅଧିକାଂଶ ମନୁଷ୍ୟଙ୍କୁ କୌଣସି ସାହାଯ୍ୟ କରେ ନାହିଁ । ସେମାନଙ୍କର ପ୍ରୟୋଜନ ବାସ୍ତବ ଜୀବନର ସମ୍ପର୍ଶ । ବଡ଼ ବଡ଼ ଦାର୍ଶନିକ ତତ୍ତ୍ୱର କଥା କହିଲେ ସେମାନେ ଧାରଣା କରିପାରିବେ ନାହିଁ, ସେମାନଙ୍କର ମୁଣ୍ଡ ଘୂରିଯିବ । ସରଳ

ଶ୍ୱାସପ୍ରଶ୍ୱାସର ଅଭ୍ୟାସ ବିଷୟରେ ଅଳ୍ପ ଅଳ୍ପ କରି ଶିକ୍ଷା ଦେଲେ ବରଂ ସେମାନେ ବୁଝି-ପାରିବେ ଏବଂ ଅଭ୍ୟାସ କରି ଆନନ୍ଦ ଲାଭ କରିବେ । ଧର୍ମର ଏହା ପ୍ରାଥମିକ ପାଠ । ଶ୍ୱାସ-ପ୍ରଶ୍ୱାସର ଅଭ୍ୟାସଦ୍ୱାରା ଯଥେଷ୍ଟ ଉପକାର ଲାଭ ହେବ । ମୋର ମିନତି—ଆପଣମାନେ ଉପରଠାଉରିଆଭାବରେ କୌତୁହଳୀ ହେବେ ନାହିଁ । କିଛିଦିନ ଅଭ୍ୟାସ କରି ଦେଖନ୍ତୁ । ଯଦି ଫଳ ନ ପାଆନ୍ତି ମୋତେ ଆସି ଗାଳିଦେବେ ।

ସମଗ୍ର ବ୍ରହ୍ମାଣ୍ଡ ଏକ ପୁଞ୍ଜୀଭୂତ ଶକ୍ତି—ସେହି ମହାଶକ୍ତି ପ୍ରତିବସ୍ତୁରେ ବିଦ୍ୟମାନ । ତା'ର କଣାଏ ମାତ୍ର ଆମ ସମସ୍ତଙ୍କ ପକ୍ଷରେ ପର୍ଯ୍ୟାପ୍ତ, ଯଦି ଆମେ ଜାଣିଥାଉ କିପରି ଭାବରେ ତାକୁ ଆୟତ୍ତ କରାଯାଇପାରିବ ।...

'ଅମୁକ କାମ ମୋତେ କରିବାକୁ ହେବ'—ଏହି ବୃତ୍ତି ଆମମାନଙ୍କୁ ନଷ୍ଟ କରି-ଦେଉଛି, ଏହା କ୍ରୀତଦାସର ବୃତ୍ତି ।...ମୁଁ ତ ଚିରମୁକ୍ତ । ମୋର ପୁଣି କର୍ତ୍ତବ୍ୟର ବନ୍ଧନ କ'ଣ ? ମୁଁ ଯାହା କରେ ତାହା ମୋର ଖେଳ । ଟିକିଏ ଆମୋଦ ଖୁସି କରିନିଏ... ଏତିକି ମାତ୍ର ।...

ପ୍ରେତାତ୍ମାମାନେ ଦୁର୍ବଳ । ସେମାନେ ଆମଠାରୁ କିଛି ପ୍ରାଣଶକ୍ତି ପାଇବାକୁ ଚେଷ୍ଟା କରୁଛନ୍ତି ।...

ଗୋଟିଏ ମନରୁ ଆଉ ଗୋଟିଏ ମନକୁ ଆଧ୍ୟାତ୍ମିକ ତେଜ ସଂକ୍ରମିତ କରି ହୁଏ । ଯିଏ ଦିଅନ୍ତି, ସେ ଗୁରୁ; ଯିଏ ଗ୍ରହଣ କରନ୍ତି, ସେ ଶିଷ୍ୟ । ଏହିପରି ଭାବରେ ପୃଥିବୀରେ ଆଧ୍ୟାତ୍ମିକ ଶକ୍ତି ବିକୀର୍ଣ୍ଣ ହୁଏ ।

ମୃତ୍ୟୁ ସମୟରେ ଇନ୍ଦ୍ରିୟସମୂହ ମନରେ ଲୀନ ହୋଇଯାଆନ୍ତି । ମନ ପ୍ରାଣରେ ଲୀନ ହୁଏ । ଆତ୍ମା ଦେହରୁ ନିଷ୍କ୍ରାନ୍ତ ହେବା ସମୟରେ ମନ ଓ ପ୍ରାଣର କିଛି ଅଂଶ ସଙ୍ଗରେ ନେଇ ଯାଆନ୍ତି । ସୂକ୍ଷ୍ମ-ଦେହର ଧାରକ ହିସାବରେ କିଛି ସୂକ୍ଷ୍ମ ଉପାଦାନ ବି ନିଅନ୍ତି । କୌଣସି ପ୍ରକାର ବାହକ ବ୍ୟତୀତ ପ୍ରାଣ ରହିପାରିବ ନାହିଁ ।...ସଂସ୍କାରଗୁଡ଼ିକରେ ପ୍ରାଣ ଆଶ୍ରୟ ନିଏ । ନୂତନ ଶରୀର ପରିଗ୍ରହ କରିବା ସମୟରେ ତାହା ପୁଣି ଅଲଗା ହୁଏ । ଯଥାସମୟରେ ନୂତନ ଦେହ ଓ ନୂତନ ମସ୍ତିଷ୍କ ତିଆରି ହୁଏ । ଆତ୍ମା ତା' ମାଧ୍ୟମରେ ପୁନର୍ବାର ଅଭିବ୍ୟକ୍ତ ହୁଅନ୍ତି ।...

ପ୍ରେତାତ୍ମାମାନେ ଦେହ ସୃଷ୍ଟି କରିପାରନ୍ତି ନାହିଁ । ସେମାନଙ୍କ ଭିତରେ ଯେଉଁମାନେ ଖୁବ୍ ଦୁର୍ବଳ, ସେମାନେ ଯେ ଦେହତ୍ୟାଗ କରିଛନ୍ତି ସେକଥା ସେମାନଙ୍କର ମନେ ରହେ ନାହିଁ । ସେମାନେ ଅନ୍ୟ ମନୁଷ୍ୟର ଦେହରେ ପ୍ରବେଶ କରି ପୃଥିବୀର କିଛି ସୁଖଭୋଗ କରିବା ପାଇଁ ଚେଷ୍ଟା କରନ୍ତି । ଯେ କେହି ସେହି ପ୍ରେତାତ୍ମାମାନଙ୍କୁ ପ୍ରଶ୍ରୟ ଦିଅନ୍ତି, ସେମାନଙ୍କର ସମୂହ ବିପଦ ଘଟିପାରେ, କାରଣ ପ୍ରେତାତ୍ମାଗଣ ତା'ର ଜୀବନୀ-ଶକ୍ତି ଶୋଷଣ କରନ୍ତି ।

ଏହି ସଂସାରରେ ଈଶ୍ୱରଙ୍କ ବ୍ୟତୀତ ଆଉ କିଛି ଚିରନ୍ତନ ନୁହେଁ...ମୁକ୍ତିର ଅର୍ଥ ସତ୍ୟକୁ ଜାଣିବା । ଆମେ ନୂଆ କିଛି ହେଉ ନାହିଁ, ଆମେ ଯାହା ତାହା ହିଁ ରହୁ । ଆତ୍ମ-ସତ୍ୟରେ ଶ୍ରଦ୍ଧା ଆଣିପାରିଲେ ମୁକ୍ତି ସମ୍ଭବପର, କର୍ମଦ୍ୱାରା ନୁହେଁ । ଏହା ଜ୍ଞାନର ପ୍ରଶ୍ନ ।

ତୁମେ କିଏ—ଏ କଥା ତୁମକୁ ଉପଲବ୍ଧି କରିବାକୁ ହେବ, ଆଉ କିଛି ନୁହେଁ । ସଂସାର-ସ୍ୱପ୍ନ ତତ୍‌କ୍ଷଣାତ ଅପସାରିତ ହେବ । ତୁମେ ଏବଂ ଅନ୍ୟ ସମସ୍ତେ ଏହି ପୃଥିବୀରେ ନାନା ସ୍ୱପ୍ନ ଦେଖିବାରେ ଲଗିଛ । ମୃତ୍ୟୁ ପରେ ସ୍ୱର୍ଗକୁ ଯାଇ ପୁଣି ନୂଆ ସ୍ୱପ୍ନ ଦେଖିବା ଆରମ୍ଭ ହେବ । ସେହି ସ୍ୱପ୍ନ ଦେଖିବା କିଛି କାଳ ଚାଲିବ । ତା'ର ଅବସାନ ଘଟିଲେ ପୁନର୍ବାର ଶରୀର ଧାରଣ କରି ପୃଥିବୀକୁ ଆସିବ—ହୁଏତ ଖୁବ୍ ସଦ୍‌ଭାବରେ ଜୀବନ-ଯାପନ, ଅନେକ ଦାନଧ୍ୟାନ; କିନ୍ତୁ ତାହା ତ ଆଉ ଆତ୍ମଜ୍ଞାନ ଆଣିଦେବ ନାହିଁ । ପ୍ରକୃତ ଦାନ ଅର୍ଥ ଡାକ୍ତରଖାନା ନିର୍ମାଣ କରିବା ନୁହେଁ—ଏ କଥା ଆମେ କେବେ ବୁଝିବୁ ?

କିଛି ବ୍ୟକ୍ତି କହନ୍ତି, 'ସମସ୍ତ ବାସନା ମୋଠାରୁ ଚାଲିଯାଇଛି । ମୁଁ ଆଉ ଇନ୍ଦ୍ରିୟାକାଣ୍ଡ ଭିତରକୁ ଯିବି ନାହିଁ ।' ସେ ତତ୍ତ୍ୱଜ୍ଞାନର ପ୍ରୟାସୀ ହୋଇ କଠୋର ସାଧନାରେ ଲଗିପଡ଼ନ୍ତି । ଅବଶେଷରେ ଦିନେ ଦେଖିପାରନ୍ତି—ଏହି ଜଗଦ୍‌ବୈଚିତ୍ର୍ୟ କି ମିଥ୍ୟାକଳ୍ପନା, କି ଦୁଃସ୍ୱପ୍ନ, ଏବଂ ସ୍ୱର୍ଗ ବା ଲୋକ-ଲୋକାନ୍ତରର ପ୍ରସଙ୍ଗ ଆହୁରି କି ନିକୃଷ୍ଟତର ପ୍ରତାରଣା !—ସେତେବେଳେ ସେ ହସି ଉଠନ୍ତି ।

## ଯୋଗର ମୂଳ ସତ୍ୟ*

ସାନ୍ ଫ୍ରାନ୍‌ସିସ୍କୋରେ ପ୍ରଦତ୍ତ, ୫ ଏପ୍ରିଲ୍ ୧୯୦୦

ଧର୍ମର ଅଭ୍ୟାସ ସମ୍ବନ୍ଧରେ କୌଣସି ଲୋକର ଧାରଣା ନିର୍ଭର କରେ—ସେ ନିଜେ କାର୍ଯ୍ୟକାରିତା କହିଲେ କ'ଣ ବୁଝେ ଏବଂ କେଉଁ ଦୃଷ୍ଟିକୋଣରୁ ସେ ଆରମ୍ଭ କରିଛି, ତା' ଉପରେ । କର୍ମକୁ ଅବଲମ୍ବନ କରି ଅଥବା ପୂଜାପ୍ରଣାଳୀ ମାଧ୍ୟମରେ କିମ୍ବା ଜ୍ଞାନ-ବିଚାର ଦ୍ୱାରା—ଏହି ତିନି ଭାବରେ ଆମେ ଧର୍ମର ଅଭ୍ୟାସ କରିପାରୁ ।

ଯେ ଦାର୍ଶନିକ, ସେ ଚିନ୍ତା କରି ଚାଲନ୍ତି···ଜ୍ଞାନ ଓ ଅଜ୍ଞାନର ତାରତମ୍ୟରୁ ବନ୍ଧନ ଓ ମୁକ୍ତିର ପାର୍ଥକ୍ୟ ଘଟେ । ସତ୍ୟର ଉପଲବ୍ଧି ହେଉଛି ଦାର୍ଶନିକଙ୍କର ଲକ୍ଷ୍ୟ; ତାଙ୍କ ନିକଟରେ ଧର୍ମର ବ୍ୟାବହାରିକ ଉପଯୋଗିତା ହେଉଛି ତତ୍ତ୍ୱଜ୍ଞାନଲାଭ । ଯେ ଉପାସକ, ତାଙ୍କର ବ୍ୟାବହାରିକ ଧର୍ମ ହେଉଛି ଭକ୍ତି ଓ ଭଲପାଇବାର କ୍ଷମତା । ସତ୍‌କାର୍ଯ୍ୟ କରିଯିବା ହିଁ କାର୍ଯ୍ୟକାରୀ ଧର୍ମ ବୋଲି କର୍ମୀ ଭାବନ୍ତି । ଅନ୍ୟାନ୍ୟ ପ୍ରତ୍ୟେକ ବିଷୟ ପରି ଧର୍ମକ୍ଷେତ୍ରରେ ମଧ୍ୟ ଆମେ ପ୍ରାୟ ଅନ୍ୟର ଆଦର୍ଶର କଥା ମନେରଖୁ ନାହିଁ । ସମଗ୍ର ପୃଥିବୀକୁ ଆମ ନିଜ ଆଦର୍ଶରେ ବାନ୍ଧି ରଖିବାକୁ ଚାହୁଁ ।

ହୃଦୟବାନ୍ ବ୍ୟକ୍ତିର ଧର୍ମାଚରଣ ହେଲା—ମନୁଷ୍ୟର ଉପକାର ସାଧନ । ଯଦି କେହି ଡାକ୍ତରଖାନା ନିର୍ମାଣ କରିବାରେ ତାଙ୍କୁ ସାହାଯ୍ୟ ନ କରନ୍ତି, ତେବେ ତାଙ୍କ ମତରେ

* Vedanta and the West ପତ୍ରିକାର ସେପ୍‌ଟେମ୍ବର୍‌-ଅକ୍ଟୋବର ୧୯୫୭ ସଂଖ୍ୟାରେ ପ୍ରକାଶିତ ।

ସେମାନେ ଏକାନ୍ତରେ ଅଧାର୍ମିକ; କିନ୍ତୁ ଧର୍ମତନ୍ତ୍ରଙ୍କୁ ଯେ ସେପରି କରିବାକୁ ହେବ ତା'ର କୌଣସି ଯୁକ୍ତି ଅଛି କି ? ଯେଉଁମାନେ ତତ୍ତ୍ୱଜ୍ଞାନର ଧାର ଧାରନ୍ତି ନାହିଁ, ସେମାନଙ୍କୁ ଦାର୍ଶନିକ ପ୍ରକାଶ୍ୟଭାବରେ ହୁଏତ ନିନ୍ଦା କରିବାରେ ଲାଗିବେ । କେହି କେହି ହୁଏତ କୋଡ଼ିଏ ହଜାର ଡାକ୍ତରଖାନା ନିର୍ମାଣ କରିଛନ୍ତି; ଦାର୍ଶନିକ ଘୋଷଣା କରିବେ ସେମାନେ ତ ଦେବତାମାନଙ୍କର ଭାରବାହୀ ପଶୁ । ଉପାସକଙ୍କର ମଧ୍ୟ କାର୍ଯ୍ୟକାରୀ ଧର୍ମ ସମ୍ବନ୍ଧରେ ନିଜସ୍ୱ ଧାରଣା ଓ ଆଦର୍ଶ ରହିଛି । ତାଙ୍କ ମତରେ ଯେଉଁମାନେ ଭଗବାନଙ୍କୁ ଭଲ ପାଆନ୍ତି ନାହିଁ, ସେମାନେ ଯେତେ ବଡ଼ କାମ କଲେ ମଧ୍ୟ ଭଲ ଲୋକ ନୁହନ୍ତି । ଯୋଗୀ ମନଃସଂଯମ ଏବଂ ଅନ୍ତଃପ୍ରକୃତିକୁ ଜୟ କରିବା ପାଇଁ ଉଦ୍ୟୋଗୀ । ତାଙ୍କର କେବଳ ମାତ୍ର ପ୍ରଶ୍ନ : ସେଦିଗରେ କେତେ ବାଟ ଆଗେଇଛ ? ଇନ୍ଦ୍ରିୟ ଓ ଦେହ ଉପରେ କେତେଦୂର ଆଧିପତ୍ୟ ଲାଭ କରିଛ ? ଏମାନେ ସମସ୍ତେ ନିଜ ନିଜର ଆଦର୍ଶ ଅନୁଯାୟୀ ଅନ୍ୟର ବିଚାର କରିଥାଆନ୍ତି ।...

ଆମେ ସବୁବେଳେ ବ୍ୟାବହାରିକ ଧର୍ମର କଥା କହୁଥାଉ; କିନ୍ତୁ ଏହି ବ୍ୟାବହାରିକତା ଆମର ନିଜସ୍ୱ ଧାରଣା ଅନୁସାରେ ହେବା ଦରକାର, ବିଶେଷତଃ ପାଶ୍ଚାତ୍ତ୍ୟ ଦେଶଗୁଡ଼ିକରେ । ପ୍ରୋଟେଷ୍ଟାଣ୍ଟମାନଙ୍କର ଆଦର୍ଶ ହେଲା ସତ୍କର୍ମ । ସେମାନେ ଭକ୍ତି ବା ଦାର୍ଶନିକ ଜ୍ଞାନର ଆଦୌ ପକ୍ଷପାତୀ ନୁହନ୍ତି, ସେମାନେ ମନେକରନ୍ତି ସେଥିରେ ସେପରି କିଛି ନାହିଁ । 'ତୁମର ଆଧ୍ୟାତ୍ମିକ ଜ୍ଞାନ ପୁଣି କ'ଣ ? ମନୁଷ୍ୟର କିଛି କାମ କରିବା ଦରକାର ।'—ଏହା ହିଁ ହେଲା ସେମାନଙ୍କର ମନୋଭାବ ।...ମାନବ-ହିତୈଷଣାର ସାମାନ୍ୟତମ ଅଂଶ ! ଗୀର୍ଜାଗୁଡ଼ିକ ତ ଦିନରାତି ମୁହଁରେ ସହାନୁଭୂତିହୀନ ଅଜ୍ଞେୟବାଦ ବିରୋଧରେ ଗାଳିବର୍ଷଣ କରୁଛନ୍ତି; କିନ୍ତୁ କାର୍ଯ୍ୟତଃ ମନେହୁଏ ସେମାନେ ସେହି ଦିଗରେ ଦ୍ରୁତ ଅଗ୍ରସର ହେଉଛନ୍ତି । ନୀରସ ଉପଯୋଗବାଦର କ୍ରୀତଦାସ ! ଉପଯୋଗିତାର ଧର୍ମ ! ବର୍ତ୍ତମାନ ତ ଏହି ଭାବ ଖୁବ୍ ପ୍ରବଳଭାବରେ ଦେଖାଯାଉଛି । ଆଉ ଏଇଥିପାଇଁ ପାଶ୍ଚାତ୍ତ୍ୟର କୌଣସି କୌଣସି ସ୍ଥାନରେ ବୌଦ୍ଧମତ ଅତ୍ୟନ୍ତ ଜନପ୍ରିୟ ହୋଇଛି । ଈଶ୍ୱରଙ୍କ ଅସ୍ତିତ୍ୱ ଅଛି କି ନାହିଁ, ଆତ୍ମା ବୋଲି କିଛି ଅଛି କି ନାହିଁ, ତାହା ସାଧାରଣ ମନୁଷ୍ୟର ଜ୍ଞାନଗୋଚର ନୁହେଁ, ଅଥଚ ଜଗତରେ ଅଶେଷ ଦୁଃଖ । ଅତଏବ ଜଗତର କଲ୍ୟାଣସାଧନ ହିଁ ପ୍ରତ୍ୟକ୍ଷ ନୀତିରୂପେ ବିରାଜିତ ।

ଆମର ଆଲୋଚ୍ୟ ଯୋଗମତର ଦୃଷ୍ଟିଭଙ୍ଗୀ କିନ୍ତୁ ଏପ୍ରକାରର ନୁହେଁ । ଏହି ମତରେ ମନୁଷ୍ୟର ଆତ୍ମା ଅଛି ଏବଂ ତା' ମଧ୍ୟରେ ସକଳ ଶକ୍ତି ନିହିତ । ଆମେ ଯଦି ଶରୀରକୁ ସମ୍ପୂର୍ଣ୍ଣରୂପେ ଆୟତ୍ତ କରିପାରିବା, ତାହାହେଲେ ଅନ୍ତରର ସେହି ଶକ୍ତି ବିକଶିତ ହେବ । ଆତ୍ମାରେ ହିଁ ସକଳ ଜ୍ଞାନ । ମନୁଷ୍ୟର ଏତେ ସଂଗ୍ରାମ କାହିଁକି ? ଦୁଃଖର ଉପଶମ ପାଇଁ...। ଶରୀର ଉପରେ ଆମର ଆଧିପତ୍ୟ ନାହିଁ ବୋଲି ଆମେ ସେତେ ଦୁଃଖ ଭୋଗ କରୁ ।...ଆମେ ଅଶ୍ୱର ପୁରୋଭାଗରେ ଶକଟ ସ୍ଥାପନ କରୁଛୁ । ଉଦାହରଣସ୍ୱରୂପ ସତ୍କର୍ମର କଥା ଧରାଯାଉ ।

ଆମେ ଭଲ କାମ କରିବାକୁ ଚେଷ୍ଟା କରୁଛୁ...ଦରିଦ୍ରର ସେବା କରୁଛୁ; କିନ୍ତୁ ଆମେ ଦୁଃଖର ମୂଳ କାରଣପ୍ରତି ଦୃଷ୍ଟିପାତ କରୁ ନାହିଁ । ଏହା ଯେପରି ଗୋଟିଏ ବାଲ୍ଟି

ନେଇ ସମୁଦ୍ରରୁ ପାଣି ନିଷ୍କାସନ କରିବା, ଯେତିକ ପାଣି ଖାଲି କରିଗଲ ତା'ଠାରୁ ଅନେକ ବେଶୀ ପାଣି ଆସି ପହଞ୍ଚିଯାଉଛି । ଯୋଗୀ ଦେଖନ୍ତି, ଏହା ଅର୍ଥହୀନ ପ୍ରଚେଷ୍ଟା । ସେ କହନ୍ତି, ଦୁଃଖରୁ ପରିତ୍ରାଣର ଉପାୟ—ପ୍ରଥମେ ଦୁଃଖର ମୂଳ କାରଣ ଅନ୍ୱେଷଣ ।···ବ୍ୟାଧି ଯଦି ଦୁରାରୋଗ୍ୟ ହୁଏ, ତେବେ ତାକୁ ଆରୋଗ୍ୟ କରିବାର ଚେଷ୍ଟା ନିରର୍ଥକ । ଜଗତରେ ଏତେ ଦୁଃଖ କାହିଁକି ? ଆମର ନିର୍ବୁଦ୍ଧିତା ପାଇଁ । ଆମେ ଆମର ଦେହକୁ ଆୟତ୍ତ କରି ନାହୁଁ । ଯଦି ନିଜ ଦେହ ଉପରେ ପ୍ରଭୁତ୍ୱ ଲଭ କରିପାର, ତେବେ ଜଗତର ସକଳ ଦୁଃଖ ଦୂର ହେବ । ପ୍ରତ୍ୟେକଟି ଡାକ୍ତରଖାନା ବେଶୀ ବେଶୀ ରୋଗୀ ଚାହାଁନ୍ତି । ଯେତେଥର ତୁମେ କିଛି ଦାନ କରିବାକୁ ଭାବୁଛ, ସେତେଥର ତୁମକୁ ତୁମର ଦାନ ଯେ ଗ୍ରହଣ କରିବ, ସେହି ଭିକ୍ଷୁକର କଥା ମଧ୍ୟ ଭାବିବାକୁ ପଡ଼େ । ଯଦି କହ, 'ହେ ଭଗବାନ୍, ପୃଥିବୀ ଯେପରି ଦାନଶୀଳ ବ୍ୟକ୍ତିମାନଙ୍କଦ୍ୱାରା ପୂର୍ଣ୍ଣ ହେଉ'—ତୁମ କଥାର ତାତ୍ପର୍ଯ୍ୟ ଏହି ଯେ, ପୃଥିବୀ ଯେପରି ଭିକ୍ଷୁମାନଙ୍କଦ୍ୱାରା ବି ପରିପୂର୍ଣ୍ଣ ହେଉ । ଲୋକହିତକର କାର୍ଯ୍ୟରେ ଯଦି ଜଗତକୁ ପରିବ୍ୟାପ୍ତ ହେବାର ଦେଖିବାକୁ ଚାହଁ, ତେବେ ଜଗତକୁ ଦୁଃଖକଷ୍ଟରେ ପରିପୂର୍ଣ୍ଣ ଦେଖିବାକୁ ମଧ୍ୟ ପ୍ରସ୍ତୁତ ରହ ।

ଯୋଗୀ କହନ୍ତି, ଦୁଃଖର କାରଣ କ'ଣ—ତାହା ପ୍ରଥମେ ବୁଝିଲେ ଧର୍ମର ବ୍ୟାବହାରିକ ଉପଯୋଗିତା ହୃଦୟଙ୍ଗମ କରିହୁଏ । ଜଗତର ଯାବତୀୟ ଦୁଃଖ ଆମର ଇନ୍ଦ୍ରିୟଗୁଡ଼ିକ ସହିତ ସଂଶ୍ଳିଷ୍ଟ । ସୂର୍ଯ୍ୟ, ଚନ୍ଦ୍ର, ଅଥବା ତାରାସମୂହରେ କ'ଣ କୌଣସି ବ୍ୟାଧି ଅଛି ? ଯେଉଁ ନିଆଁ ଦ୍ୱାରା ଭାତ ରାନ୍ଧୁଅଛ, ସେଥିରେ ହିଁ ଶିଶୁର ହାତ ଦଗ୍ଧ ହୋଇପାରେ । ତାହା କ'ଣ ନିଆଁର ଦୋଷ ? ଅଗ୍ନି ଧନ୍ୟ ! ଏହି ବିଦ୍ୟୁତ୍-ଶକ୍ତି ଧନ୍ୟ ! ଏହା ଆଲୋକ ଦେଉଛି ।···ତୁମେ କାହାରି ଉପରେ ଦୋଷ ଲଦି ଦେଇପାରିବ ନାହିଁ । ମୂଳଭୂତଗୁଡ଼ିକ ଉପରେ ମଧ୍ୟ ନୁହେଁ । ଜଗତ ଭଲ ନୁହେଁ କି ମନ୍ଦ ନୁହେଁ । ଜଗତ୍ ହିଁ ଜଗତ୍ । ନିଆଁ ହିଁ ନିଆଁ । ସେଥିରେ ଯଦି ତୁମେ ହାତକୁ ପୋଡ଼ ତାହା ତୁମର ବୋକାମି । ଯଦି ଅଗ୍ନିକୁ ରନ୍ଧନ ଓ କ୍ଷୁଧାନିବାରଣ କାମରେ ଲଗାଇପାର, ତା'ହେଲେ ତୁମେ ବିଜ୍ଞ । ଏହା ହିଁ ପାର୍ଥକ୍ୟ, କୌଣସି ଅବସ୍ଥାବିଶେଷକୁ କଦାପି ଭଲ ବା ମନ୍ଦ କୁହାଯାଇପାରିବ ନାହିଁ । ଭଲ ବା ମନ୍ଦ ବ୍ୟକ୍ତି ମନୁଷ୍ୟ-କ୍ଷେତ୍ରରେ ହିଁ ପ୍ରଯୋଜ୍ୟ । ଜଗତକୁ ଭଲ ବା ମନ୍ଦ ବୋଲି କହିଲେ କୌଣସି ଅର୍ଥ ହୁଏ କି ? ଇନ୍ଦ୍ରିୟ-ପରବଶ ବ୍ୟକ୍ତି-ମନୁଷ୍ୟ ହିଁ ସୁଖ ବା ଦୁଃଖର ଅଧୀନ ହୁଏ ।

ଯୋଗୀମାନେ କହନ୍ତି : ପ୍ରକୃତି ଭୋଗ୍ୟ, ଆତ୍ମା ଭୋକ୍ତା । ବିଷୟ ସହିତ ଇନ୍ଦ୍ରିୟର ସ୍ପର୍ଶରୁ ସୁଖ ବା ଦୁଃଖ, ଶୀତ ବା ଉଷ୍ଣର ଜ୍ଞାନ ହୁଏ । ଆମେ ଯଦି ଇନ୍ଦ୍ରିୟଗୁଡ଼ିକୁ ଆୟତ୍ତ କରିପାରିବୁ ଏବଂ ବର୍ତ୍ତମାନ ସେମାନେ ଆମକୁ ଯେପରି ଚାଳିତ କରୁଛନ୍ତି, ସେପରି ନ ହୋଇ ଆମେ ଯଦି ସେମାନଙ୍କୁ ଇଚ୍ଛାନୁଯାୟୀ ଚାଳିତ କରିପାରିବୁ, ସେମାନଙ୍କୁ ଯଦି ଆମର ଆଜ୍ଞାବହ ଭୃତ୍ୟ କରି ରଖିପାରିବୁ, ତାହାହେଲେ ତତ୍କ୍ଷଣାତ୍ ସମସ୍ୟାର ସମାଧାନ ହୋଇଯିବ । ବର୍ତ୍ତମାନ ଅବସ୍ଥାରେ ଇନ୍ଦ୍ରିୟଗୁଡ଼ିକ ଆମମାନଙ୍କୁ ବାନ୍ଧି ରଖିଛନ୍ତି, ଆମମାନଙ୍କୁ

ସେମାନେ ଖେଳାଉଛନ୍ତି, ସବୁବେଳେ ବୋକା ବନାଉଛନ୍ତି ।

ଧରନ୍ତୁ ଏଠାରେ ଏକପ୍ରକାର ଦୁର୍ଗନ୍ଧ ରହିଛି । ତାହା ମୋର ନାକର ସଂସ୍ପର୍ଶରେ ଆସିଲେ ମୁଁ ବିରକ୍ତ ବୋଧ କରିବି, ଯେପର୍ଯ୍ୟନ୍ତ ମୁଁ ମୋର ଘ୍ରାଣେନ୍ଦ୍ରିୟର ଗୋଲାମ୍ । ତାହା ଯଦି ନ ହୋଇଥାନ୍ତି, ତେବେ ମୁଁ ସେହି ଦୁର୍ଗନ୍ଧକୁ କାହିଁକି ଖାତିର କରନ୍ତି ? ଜଣେ ମୋତେ କଟୁକଥା କହିଲା । ତାହା ମୋର କାନରେ ପଶି ମୋ ଦେହ ଓ ମନ ଭିତରେ ରହିଲା । ମୁଁ ଯଦି ମୋର ଦେହେନ୍ଦ୍ରିୟ ଓ ମନର ପ୍ରଭୁ ହୁଏ, ତାହାହେଲେ ମୁଁ କହିବି, 'ସେହି ଶବ୍ଦଗୁଡ଼ିକ ଚୁଲିକି ଯାଉ, ମୋ ପକ୍ଷରେ ସେସବୁର କିଛି ମୂଲ୍ୟ ନାହିଁ, ମୋର କୌଣସି କଷ୍ଟ ନାହିଁ, ଏସବୁକୁ ମୁଁ ଗ୍ରାହ୍ୟ କରେ ନାହିଁ ।' ଏହା ହିଁ ହେଲା ସୁସ୍ପଷ୍ଟ ସରଳ ସହଜ ସତ୍ୟ ।

ପ୍ରଶ୍ନ ଉଠିପାରେ : ଏହାକୁ କ'ଣ କାର୍ଯ୍ୟରେ ପରିଣତ କରି ହେବ ? ମନୁଷ୍ୟ କ'ଣ ନିଜର ଦେହମନକୁ ଏପରି ଭାବରେ ଜୟ କରିପାରେ ?···ଯୋଗ କହେ, ଏହା ଅବଶ୍ୟ ସମ୍ଭବ ।···ଯଦି ନ ବି ହୁଏ, ଯଦି ତୁମ ମନରେ ସଂଶୟ ଥାଏ, ତଥାପି ତୁମକୁ ଚେଷ୍ଟା କରିବାକୁ ହେବ । ନିଷ୍କୃତିର ଅନ୍ୟ ପଥ ନାହିଁ ।···

ତୁମେ ସର୍ବଦା ସତ୍‌କାର୍ଯ୍ୟ କରିପାର । ତଥାପି ତୁମର ଇନ୍ଦ୍ରିୟସମୂହର ଦାସତ୍ୱ-ମୋଚନ ହେବ ନାହିଁ, ତୁମକୁ ସୁଖଦୁଃଖର ଅଧୀନ ହୋଇ ରହିବାକୁ ପଡ଼ିବ । ହୁଏତ ତୁମେ ପ୍ରତ୍ୟେକ ଧର୍ମର ଦର୍ଶନ ଅଧ୍ୟୟନ କରିଛ । ଏ ଦେଶରେ ତ ଲୋକମାନେ ଗଦା ଗଦା ବହି ଧରି ବୁଲନ୍ତି । ସେମାନେ ପଣ୍ଡିତ ମାତ୍ର; କିନ୍ତୁ ଇନ୍ଦ୍ରିୟର ଦାସତ୍ୱରୁ ପରିତ୍ରାଣ ପାଇ ନାହାନ୍ତି । ସୁଖ-ଦୁଃଖବୋଧ ସେମାନଙ୍କର ଅବଶ୍ୟମ୍ଭାବୀ । ସେମାନେ ଦୁଇ ହଜାର ବହି ପଢ଼ିପାରନ୍ତି, ସେଥିରେ କହିବାର କିଛି ନାହିଁ; କିନ୍ତୁ ଯେଉଁ ମୁହୂର୍ତ୍ତରେ ସାମାନ୍ୟ କଷ୍ଟ ଦେଖାଦିଏ, ସେମାନଙ୍କର ଦୁର୍ଭାବନାର ଆଉ ଅନ୍ତ ନ ଥାଏ ।···ଏହାକୁ କ'ଣ ମନୁଷ୍ୟତ୍ୱ କୁହାଯାଏ ? ଏହା ତ ଚରମ ନିର୍ବୁଦ୍ଧିତାର ପରିଚାୟକ !

ମନୁଷ୍ୟ ଆଉ ପଶୁ ଭିତରେ ପାର୍ଥକ୍ୟ କ'ଣ ? ଆହାର, ନିଦ୍ରା, ଭୟ ଓ ବଂଶବିସ୍ତାର ତ ପ୍ରତ୍ୟେକ ପ୍ରାଣୀର ସାଧାରଣ ଧର୍ମ ! ମନୁଷ୍ୟର ବୈଶିଷ୍ଟ୍ୟ ହେଉଛି, ସେ ଏସବୁକୁ ଆୟତ୍ତ କରିପାରେ ଏବଂ ଏମାନଙ୍କ ଉପରେ ପ୍ରଭୁତ୍ୱ ଲାଭ କରି ଈଶ୍ୱରଙ୍କ ତତ୍ତ୍ୱ ଉପଲବ୍ଧି କରିପାରେ । ପଶୁ ପକ୍ଷରେ ଏହା ସମ୍ଭବ ନୁହେଁ । ପରୋପକାର-ସାଧନ କରିବାରେ ମନୁଷ୍ୟର ଏମିତି କ'ଣ ବିଶେଷ କୃତିତ୍ୱ ? ଇତର ପ୍ରାଣୀ ମଧ୍ୟ ପରୋପକାର କରିପାରେ । ପିମ୍ପୁଡ଼ି, କୁକୁର ପ୍ରଭୃତିଙ୍କ ଭିତରେ ମଧ୍ୟ ଏହା ଦେଖାଯାଇଛି । ମନୁଷ୍ୟର ସ୍ୱାତନ୍ତ୍ର୍ୟ ଆତ୍ମଜୟରେ ନିହିତ । କୌଣସି ବସ୍ତୁର ସଂସ୍ପର୍ଶଜନିତ ପ୍ରତିକ୍ରିୟାକୁ ସେ ବାଧା ଦେଇପାରେ । ଇତରପ୍ରାଣୀର ଏହି ସାମର୍ଥ୍ୟ ନାହିଁ । ସର୍ବଦା ସେ ପ୍ରକୃତିର ବନ୍ଧନରେ ବାନ୍ଧି ହୋଇ ରହିଛି । ମନୁଷ୍ୟ ପ୍ରକୃତିର ଅଧୀଶ୍ୱର, ପଶୁ ପ୍ରକୃତିର କ୍ରୀତଦାସ—ଏହା ହିଁ ହେଉଛି ଏକମାତ୍ର ପ୍ରଭେଦ । ପ୍ରକୃତି କ'ଣ ?—ପଞ୍ଚେନ୍ଦ୍ରିୟ···।

ଯୋଗମତରେ ଅନ୍ତଃପ୍ରକୃତିର ଜୟ ହିଁ ନିଷ୍କୃତିର ପଥ ।···ଭଗବାନଙ୍କ ନିମିତ୍ତ

ବ୍ୟାକୁଳତା ହିଁ ଧର୍ମ ।···ସତ୍କର୍ମ ପ୍ରଭୃତି ମନକୁ ସାମାନ୍ୟ ସ୍ଥିର କରେ—ଏତିକି ମାତ୍ର । ଯୋଗାଭ୍ୟାସ—ପୂର୍ଣ୍ଣତାର ଉପଲବ୍ଧି ଆମର ପୂର୍ବସଂସ୍କାର ଉପରେ ନିର୍ଭର କରେ । ମୁଁ ତ ସାରା ଜୀବନ ଏହାର ଅନୁଶୀଳନ କରୁଛି, ତଥାପି ବର୍ତ୍ତମାନ ସୁଦ୍ଧା ସାମାନ୍ୟ ପଥ ମାତ୍ର ଅଗ୍ରସର ହୋଇପାରିଛି । ତେବେ ଏହା ହିଁ ଯେ ଏକମାତ୍ର ଠିକ୍ ବାଟ, ତା' ବିଶ୍ୱାସ କରିବା ପରି ସୁଫଳ ମୁଁ ଲାଭ କରିଛି । ଏପରି ଦିନ ଆସିବ, ଯେତେବେଳେ ମୁଁ ମୋ ନିଜର ପ୍ରଭୁ ହୋଇପାରିବ । ଏ ଜନ୍ମରେ ନ ହେଲେ ଅନ୍ୟ ଏକ ଜନ୍ମରେ ନିଶ୍ଚୟ ଏହା ଘଟିବ । ମୁଁ କଦାପି ଚେଷ୍ଟାରୁ ବିରତ ହେବ ନାହିଁ । କୌଣସି ଜିନିଷ ନଷ୍ଟ ହୁଏ ନାହିଁ । ଏହି ମୁହୂର୍ତ୍ତରେ ଯଦି ମୋର ମୃତ୍ୟୁ ହୁଏ, ମୋର ସମୁଦାୟ ଅତୀତ ସାଧନା ମୋ ସଙ୍ଗରେ ଯିବ । ମନୁଷ୍ୟ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ କିପରି ହୁଏ ? ତା'ର ପୂର୍ବାନୁଷ୍ଠିତ କର୍ମଦ୍ୱାରା । ଅତୀତର ଅଭ୍ୟାସ ଜଣକୁ ମନସ୍ୱୀ କରେ ଏବଂ ଅପରକୁ ନିର୍ବୋଧ କରେ । ଅତୀତର ଅର୍ଜିତ ଶକ୍ତି ଥିଲେ ତୁମେ ପାଞ୍ଚ ମିନିଟରେ ହୁଏତ କୌଣସି କାର୍ଯ୍ୟ ସମ୍ପନ୍ନ କରିପାରିବ । କେବଳ ବର୍ତ୍ତମାନକୁ ଦେଖି କୌଣସି ବିଷୟରେ ଭବିଷ୍ୟତ୍-ବାଣୀ କରିହୁଏ ନାହିଁ । ଆମ ପ୍ରତ୍ୟେକଙ୍କୁ କୌଣସି ନା କୌଣସି ସମୟରେ ପୂର୍ଣ୍ଣତା ଲାଭ କରିବାକୁ ହେବ ।

ଯୋଗୀମାନେ ଯେଉଁସବୁ ବ୍ୟାବହାରିକ ଅଭ୍ୟାସ ଶିକ୍ଷା ଦିଅନ୍ତି, ସେଥିମଧ୍ୟରୁ ଅଧିକାଂଶ ବିଷୟ ମନକୁ ନେଇ—ଏକାଗ୍ରତା, ଧ୍ୟାନ ପ୍ରଭୃତି । ଆମେ ଏତେ ବେଶୀ ଜଡ଼ର ଅଧୀନ ହୋଇପଡ଼ିଛୁ ଯେ, ନିଜ ବିଷୟରେ ଚିନ୍ତା କଲେ ଆମେ କେବଳ ଆମର ଦେହକୁ ଦେଖୁ, ଦେହ ହିଁ ଆମର ଆଦର୍ଶ, ଆଉ କିଛି ନୁହେଁ । ଅତଏବ ଶାରୀରିକ କିଛି ଅବଲମ୍ବନର ପ୍ରୟୋଜନ ।

ପ୍ରଥମେ ଆସନ । ଏପରି ଏକ ଭଙ୍ଗୀରେ ବସିବାକୁ ହେବ, ଯେଉଁ ଅବସ୍ଥାରେ ଅନେକ ସମୟ ପର୍ଯ୍ୟନ୍ତ ସ୍ଥିରଭାବରେ ବସିପାରିବା ସମ୍ଭବ । ଶରୀରର ସ୍ନାୟୁପ୍ରବାହଗୁଡ଼ିକ ମେରୁଦଣ୍ଡ ମଧ୍ୟଦେଇ ପ୍ରବାହିତ । ମେରୁଦଣ୍ଡ ଶରୀରର ଭାର ଧାରଣ କରିବା ପାଇଁ ଅଭିପ୍ରେତ ନୁହେଁ । ଅତଏବ ଏପରି ଆସନରେ ବସିବା ପ୍ରୟୋଜନ ଯେଉଁଥିରେ ଦେହର ଓଜନ ମେରୁଦଣ୍ଡ ଉପରେ ପଡ଼ିବ ନାହିଁ । ମେରୁଦଣ୍ଡକୁ ସବୁପ୍ରକାର ଭାରରୁ ମୁକ୍ତ ରଖିବାକୁ ହେବ ।

ଆହୁରି କେତୋଟି ପ୍ରାଥମିକ ବିଷୟ ଅଛି । ଖାଦ୍ୟ ଏବଂ ବ୍ୟାୟାମର ଗୁରୁତର ପ୍ରଶ୍ନଟି ଉଲ୍ଲେଖଯୋଗ୍ୟ ।···

ଖାଦ୍ୟ ଖୁବ୍ ସାଧାସିଧା ହେବା ଉଚିତ । ମାତ୍ର ଥରେ ବା ଦୁଇଥରରେ ସମଗ୍ର ଦିନର ଆହାର୍ଯ୍ୟ ଉଦରସାତ୍ ନ କରି ଅଳ୍ପ ପରିମାଣରେ କେତେଥର ଖାଇବା ଭଲ । କେତେବେଳେ ହେଲେ କ୍ଷୁଧାରେ ପୀଡ଼ିତ ହୁଅ ନାହିଁ । ଯେ ଅତ୍ୟଧିକ ଭୋଜନ କରନ୍ତି, ସେ ଯୋଗୀ ହୋଇପାରିବେ ନାହିଁ । ଯେ ବେଶୀ ଉପବାସ କରନ୍ତି, ତାଙ୍କ ପକ୍ଷରେ ମଧ୍ୟ ଯୋଗ-ସାଧନ କଠିନ । ଅତିମାତ୍ରାରେ ନିଦ୍ରା ବା ଅଧିକ ରାତ୍ରିଜାଗରଣ, ଏକାବେଳକେ କାମ ନ କରିବା ବା ଅତ୍ୟଧିକ ପରିଶ୍ରମ କରିବା—ଏଗୁଡ଼ିକ ମଧ୍ୟ ଯୋଗର ଅନୁକୂଳ ନୁହେଁ ।

ଯୋଗରେ ସାଫଲ୍ୟ ଅର୍ଜନ କରିବା ପାଇଁ ନିୟମିତ ଆହାର ଓ ପରିଶ୍ରମ, ନିୟମିତ ନିଦ୍ରା ଓ ଜାଗରଣ—ଏହିସବୁ ପ୍ରୟୋଜନ । ଯଥାଯୋଗ୍ୟ ଖାଦ୍ୟ କ'ଣ ତାହା ନିଜକୁ ସ୍ଥିର କରିବାକୁ ହେବ । ଅନ୍ୟ କେହି ତାହା କହିପାରିବେ ନାହିଁ । ସାଧାରଣ ନିୟମ ଏହି ଯେ, ଉତ୍ତେଜକ ଖାଦ୍ୟ ବା ବେଶୀ ମସଲା ଦିଆଯାଇଥିବା ରନ୍ଧା ବର୍ଜନୀୟ ।···ଆମ କାମର ପରିବର୍ତ୍ତନ ସହିତ ଖାଦ୍ୟର ପରିବର୍ତ୍ତନ ଯେ ଆବଶ୍ୟକ, ସେଥିପ୍ରତି ଆମେ ଲକ୍ଷ୍ୟ ରଖୁ ନାହିଁ । ଆମେ ଅନେକ ସମୟରେ ଭୁଲିଯାଉ ଯେ, ଆମର ଯାହାକିଛି ଶକ୍ତି ତାହା ଆମେ ଖାଦ୍ୟରୁ ହିଁ ପାଇ ଥାଉ । ଅତଏବ ଯେଉଁ ପରିମାଣରେ ଓ ଯେଉଁ ଧରଣର ଶକ୍ତି ଆମେ ଚାହୁଁ, ଆମର ଆହାର୍ଯ୍ୟ ବସ୍ତୁକୁ ମଧ୍ୟ ସେହି ଅନୁସାରେ ନିରୂପଣ କରିବାକୁ ହେବ ।···

ପ୍ରଚଣ୍ଡ ବ୍ୟାୟାମ କରିବାର କୌଣସି ପ୍ରୟୋଜନ ନାହିଁ ।···ମାଂସଳ ଶରୀର ଯଦି ଚାହଁ, ଯୋଗ ତୁମ ପାଇଁ ନୁହେଁ । ବର୍ତ୍ତମାନ ଯେଉଁ ଦେହ ଅଛି, ତାହା ଅପେକ୍ଷା ଅନେକ ସୂକ୍ଷ୍ମତର ଗୋଟିଏ ଯନ୍ତ୍ର ନିର୍ମାଣ କରିବାକୁ ହେବ । ବେଶୀ କାୟିକ ପରିଶ୍ରମ ଯୋଗ ପକ୍ଷରେ ଖୁବ୍ ଅନିଷ୍ଟକାରକ । ଯେଉଁମାନଙ୍କୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼େ ନାହିଁ, ସେପରି ଲୋକମାନଙ୍କ ଭିତରେ ବାସ କର । ଅତ୍ୟଧିକ ପରିଶ୍ରମ ନ କଲେ ଦୀର୍ଘାୟୁ ହୋଇପାରିବ । ଅପରିମିତ ଭାବରେ ଜଳାଇଲେ ପ୍ରଦୀପ ଯେପରି ପୋଡ଼ିଯାଏ, ସେହିପରି ମାଂସପେଶୀକୁ ବେଶୀ ମାତ୍ରାରେ ଖଟାଇଲେ ତାହା ଖୁବ୍ ଶୀଘ୍ର କ୍ଷୟ ହୋଇଯାଏ । ଯେଉଁମାନେ ମସ୍ତିଷ୍କର କାମ କରନ୍ତି, ସେମାନେ ବେଶୀ ଦିନ ବଞ୍ଚନ୍ତି ।···ଦୀପକୁ ଧୀରେ ଧୀରେ ଏବଂ ମୃଦୁଭାବରେ ଜଳାଅ । ବେଶୀ ଜଳାଇ ଶୀଘ୍ର ଶୀଘ୍ର ତାକୁ ପୋଡ଼ିଦିଅ ନାହିଁ । ପ୍ରତ୍ୟେକ ଉଦ୍‌ବେଗ, ପ୍ରତ୍ୟେକ ଉଦ୍ଦାମ କର୍ମ-ବ୍ୟସ୍ତତା—ଶାରୀରିକ ଅଥବା ମାନସିକ ଯାହା ହେଉନା କାହିଁକି—ତୁମର ଆୟୁ କ୍ଷୟ କରୁଛି, ଏ କଥା ମନେରଖ ।

ଯୋଗୀମାନେ କହନ୍ତି, ପ୍ରକୃତିର ତିନୋଟି ଗୁଣ ଅନୁସାରେ ତିନି ପ୍ରକାରର ମନ ଅଛି । ପ୍ରଥମ—ତାମସ ମନ, ଆତ୍ମାର ଆଲୋକକୁ ତାହା ଘୋଡ଼ାଇ ରଖେ । ଦ୍ୱିତୀୟ—ରାଜସିକ ମନ, ଯାହା ମନୁଷ୍ୟକୁ ଖୁବ୍ କର୍ମବ୍ୟସ୍ତ ରଖେ । ତୃତୀୟ—ସାତ୍ତ୍ୱିକ ମନ, ତା'ର ଲକ୍ଷଣ ହେଉଛି ସ୍ଥିରତା ଓ ଶାନ୍ତି ।

ଏପରି ଲୋକ ଅଛନ୍ତି, ଯେଉଁମାନଙ୍କର ଜନ୍ମରୁ ସବୁବେଳେ ଶୋଇବା ଅଭ୍ୟାସ; ସେମାନଙ୍କର ରୁଚି—ପଚା ବାସି ଖାଦ୍ୟରେ । ଯେଉଁମାନେ ରଜୋଗୁଣୀ ସେମାନେ ରାଗ ଓ ଉଗ୍ର ଧରଣର ଖାଦ୍ୟ ପସନ୍ଦ କରନ୍ତି ।···ସାତ୍ତ୍ୱିକ ବ୍ୟକ୍ତି ଖୁବ୍ ଚିନ୍ତାଶୀଳ, ଧୀର ଏବଂ ସହିଷ୍ଣୁ ହୁଅନ୍ତି । ସେମାନେ ଅଳ୍ପ ପରିମାଣରେ ଖାଆନ୍ତି ଏବଂ କେବେହେଲେ ଉଗ୍ର ଦ୍ରବ୍ୟ ଖାଆନ୍ତି ନାହିଁ ।

ମୋତେ ଲୋକମାନେ ପ୍ରାୟ ପଚାରନ୍ତି, 'ମାଂସ ଖାଇବା ଛାଡ଼ିଦେବୁ କି ?' ମୋ ଗୁରୁଦେବ କହୁଥିଲେ, 'ତୁମେ କୌଣସି ଜିନିଷ ଛାଡ଼ିବାକୁ ଯିବ କାହିଁକି ? ସେମାନେ ତୁମକୁ ଛାଡ଼ି ଯିବେ ।' ତୁମେ ନିଜେ ପ୍ରକୃତିର କୌଣସି ବସ୍ତୁ ବର୍ଜନ କରିବାକୁ ଚେଷ୍ଟା କର ନାହିଁ, ବରଂ ନିଜକୁ ଏପରି ଭାବରେ ତିଆରି କର, ଯାହାଦ୍ୱାରା ପ୍ରକୃତି ନିଜେ ତୁମଠାରୁ ଅପସାରିତ୍ତ

ହୋଇଯିବ । ଏପରି ସମୟ ଆସିବ, ଯେତେବେଳେ ତୁମ ପକ୍ଷରେ ମାଂସ ଖାଇବା ସ୍ୱଭାବତଃ ସମ୍ଭବପର ହେବ ନାହିଁ । ତାକୁ ଦେଖିବା ମାତ୍ରେ ତୁମ ମନରେ ଘୃଣାର ଉଦ୍ରେକ ହେବ । ଏପରି ଦିନ ଆସିବ, ଯେତେବେଳେ କି ଆଜି ଯେଉଁସବୁ ଜିନିଷ ଛାଡ଼ିବାକୁ ଚେଷ୍ଟା କରୁଛ, ସେ ଆପେ ଆପେ ବିସ୍ୱାଦ ଓ ଘୃଣ୍ୟ ମନେହେବ ।

ଶ୍ୱାସ-ନିୟନ୍ତ୍ରଣର ଅନେକ ପ୍ରଣାଳୀ ଅଛି । ଗୋଟିକୁ ତିନୋଟି ସୋପାନ ଦେଇ ଅଭ୍ୟାସ କରିବାକୁ ହୁଏ—ନିଃଶ୍ୱାସ ଟାଣି କରି ନେବା, ନିଃଶ୍ୱାସକୁ ରୁଦ୍ଧ କରି ରଖିବା, ଏବଂ ତାକୁ ତ୍ୟାଗ କରିବା । କେତେକ ପ୍ରଣାଳୀ ଖୁବ୍ କଠିନ । କେତେକ ଜଟିଳ ପ୍ରଣାଳୀକୁ ଯଥୋଚିତ ଆହାର୍ଯ୍ୟ ବ୍ୟତୀତ ଅଭ୍ୟାସ କରିବାକୁ ଚେଷ୍ଟା କଲେ ଖୁବ୍ ବିପଜ୍ଜନକ ହୋଇ-ପାରେ । ଯେଉଁଗୁଡ଼ିକ ଖୁବ୍ ସରଳ, ସେଗୁଡ଼ିକ ବ୍ୟତୀତ ଅନ୍ୟ ପ୍ରଣାଳୀଗୁଡ଼ିକୁ ଅଭ୍ୟାସ କରିବା ପାଇଁ ମୁଁ ତୁମମାନଙ୍କୁ ପରାମର୍ଶ ଦେବି ନାହିଁ ।

- ଗୋଟିଏ ଗଭୀର ନିଃଶ୍ୱାସ ନେଇ ଫୁସ୍‌ଫୁସ୍ ପରିପୂର୍ଣ୍ଣ କର । ଧୀରେ ଧୀରେ ତାକୁ ତ୍ୟାଗ କର । ଏଥର ଗୋଟିଏ ନାକପୁଡ଼ାରେ ନିଃଶ୍ୱାସ ନେଇ ଅପର ନାକପୁଡ଼ାଦେଇ ତାକୁ ଧୀରେ ଧୀରେ ଛାଡ଼ । ଆମ ଭିତରେ କେହି କେହି ପୂରା ନିଃଶ୍ୱାସ ନେଇପାରନ୍ତି ନାହିଁ, କେହି କେହି ଫୁସ୍‌ଫୁସ୍‌କୁ ପ୍ରଚୁର ପବନରେ ପୂର୍ଣ୍ଣ କରିବାକୁ ସମର୍ଥ ନୁହନ୍ତି । ଉପର୍ଯ୍ୟୁକ୍ତ ଅଭ୍ୟାସଗୁଡ଼ିକ ଏହି ତ୍ରୁଟିକୁ ଖୁବ୍ ଭଲ ଭାବରେ ସଂଶୋଧନ କରିପାରିବ । ସକାଳ ଓ ସନ୍ଧ୍ୟାରେ ଅଧଘଣ୍ଟା ଅଭ୍ୟାସ କରି ତୁମେ ନୂଆ ମଣିଷ ହୋଇଯିବ । ଏହି ଧରଣର ଶ୍ୱାସ-ନିୟନ୍ତ୍ରଣ ଆଦୌ ବିପଜ୍ଜନକ ନୁହେଁ । ଅନ୍ୟାନ୍ୟ ଅଭ୍ୟାସଗୁଡ଼ିକ ଧୀରେ ଧୀରେ ଆୟତ୍ତ କରିବାକୁ ହେବ । ନିଜର ଶକ୍ତି ଅନ୍ଦାଜ କରି ଚଳିବ । ଦଶମିନିଟ୍ ଯଦି କ୍ଳାନ୍ତିକର ବୋଧହୁଏ ତେବେ ପାଞ୍ଚମିନିଟ କରିବ ।

ଯୋଗୀକୁ ନିଜର ଦେହକୁ ସୁସ୍ଥ ରଖିବାକୁ ହେବ । ଏହିସବୁ ପ୍ରାଣାୟାମ ଶରୀରର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗକୁ ନିୟନ୍ତ୍ରଣ କରିବାରେ ଯଥେଷ୍ଟ ସହାୟତା କରେ । ଦେହର ସବୁଯାକ ଯେପରି ବାୟୁପ୍ରବାହରେ ଭରିଯାଏ । ନିଃଶ୍ୱାସର ଗତିଦ୍ୱାରା ଆମେ ସବୁ ଅଙ୍ଗ-ପ୍ରତ୍ୟଙ୍ଗ ଉପରେ ପ୍ରଭୁତ୍ୱ ଲାଭ କରୁ । ଶରୀରର କୌଣସି ସ୍ଥାନରେ ଅସାମ୍ୟ ହେଲେ ବାୟୁପ୍ରବାହ ସେହି ଦିଗରେ ଚାଳିତ କରି ତାକୁ ଆୟତ୍ତ କରି ହୁଏ । ଯୋଗୀ ବୁଝିପାରନ୍ତି ଶରୀରର କେଉଁ ସ୍ଥାନରେ କେତେବେଳେ ପ୍ରାଣଶକ୍ତିର ନ୍ୟୁନତା ବଶତଃ ଯନ୍ତ୍ରଣା ହେଉଛି । ସେତେବେଳେ ତାଙ୍କୁ ପ୍ରାଣ-ସାମ୍ୟଦ୍ୱାରା ସେହି ଅଭାବ ଦୂର କରିବାକୁ ପଡ଼େ ।

ଯୋଗରେ ସିଦ୍ଧିଲାଭର ଅନ୍ୟତମ ସର୍ତ୍ତ ହେଲା ପବିତ୍ରତା । ସବୁପ୍ରକାର ସାଧନର ଏହା ହିଁ ମୂଳଭିତ୍ତିସ୍ୱରୂପ । ବିବାହିତ ବା ଅବିବାହିତ ସମସ୍ତଙ୍କ ପକ୍ଷରେ ସମ୍ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ରକ୍ଷା କରିବା ପ୍ରୟୋଜନ । ଅବଶ୍ୟ ଏହା ଏକ ଦୀର୍ଘ ଆଲୋଚନାର ବିଷୟ, ତେବେ ମୁଁ ତୁମମାନଙ୍କୁ କେତୋଟି କଥା କହିବାକୁ ଚାହେଁ । ଜନସାଧାରଣଙ୍କ ସମକ୍ଷରେ ଏ ବିଷୟରେ ଆଲୋଚନା କରିବା ଏ ଦେଶର ରୁଚିସମ୍ମତ ନୁହେଁ । ପାଶ୍ଚାତ୍ୟ ଦେଶଗୁଡ଼ିକ ଲୋକଶିକ୍ଷକଙ୍କ ଛଦ୍ମବେଶରେ ଏକ ଶ୍ରେଣୀର ଅତି ହୀନ ବ୍ୟକ୍ତିଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ଉଠିଛି । ଏମାନେ

ନରନାରୀଙ୍କୁ ଉପଦେଶ ଦିଅନ୍ତି ଯେ, ଯଦି ସେମାନେ ଯୌନ-ସଂଯମ ଅଭ୍ୟାସ କରନ୍ତି, ତେବେ ସେମାନଙ୍କର ସମୂହକ୍ଷତି ଘଟିବ । ଏସବୁ ତଥ୍ୟ ସେମାନେ କେଉଁଠାରୁ ପାଇଲେ ? ···ମୋ ପାଖକୁ ଏହି ପ୍ରଶ୍ନ ନେଇ ଅନେକ ଲୋକ ଆସନ୍ତି । ସେମାନଙ୍କୁ କେହି କହିଛି ଯେ, ସେମାନେ ପବିତ୍ର ଜୀବନ ଯାପନ କଲେ ସେମାନଙ୍କର ସ୍ୱାସ୍ଥ୍ୟହାନି ଘଟିବ ।···ଏହି ସବୁ ଶିକ୍ଷକ ଏହା କିପରି ଜାଣିଲେ ? ସେମାନେ ନିଜେ ବ୍ରହ୍ମଚର୍ଯ୍ୟ ପାଳନ କରିଛନ୍ତି କି ? ଏହି ଅପବିତ୍ର ନିର୍ବୋଧ କାମୁକ ପଶୁମାନେ ସମଗ୍ର ଜଗତକୁ ସେମାନଙ୍କର ପର୍ଯ୍ୟାୟଭୁକ୍ତ କରିବାକୁ ଚାହାଁନ୍ତି !

ଆତ୍ମତ୍ୟାଗ ବ୍ୟତୀତ କିଛି ମିଳେ ନାହିଁ ।···ମାନବ-ଚେତନାରେ ଯାହା ପବିତ୍ରତମ, ମହତ୍ତମ ବୃତ୍ତି, ତାହାକୁ କଳୁଷିତ କର ନାହିଁ ।···ପଶୁସ୍ତରକୁ ତାକୁ ଟାଣି ଆଣ ନାହିଁ । ନିଜକୁ ଭଦ୍ର କରି ଗଢ଼ ।···ଶୁଚି ହୁଅ, ପବିତ୍ର ହୁଅ ।··· ଅନ୍ୟ ପଥ ନାହିଁ । ଯୀଶୁଖ୍ରୀଷ୍ଟ କ'ଣ ଅନ୍ୟ କୌଣସି ପଥର ସନ୍ଧାନ ପାଇଥିଲେ ?···ଯଦି ତୁମର ଯୌନ-ଶକ୍ତିକୁ ରକ୍ଷା କରିପାର ଏବଂ ଯଥାଯଥ ପ୍ରୟୋଗ କରିପାର, ତେବେ ସେ ତୁମମାନଙ୍କୁ ଭଗବାନଙ୍କ ନିକଟକୁ ନେଇଯିବ । ଏହାର ବିପରୀତ ଯାହା, ତାହା ହେଉଛି ନରକତୁଲ୍ୟ ।

ବହିର୍ବିଷୟରେ କିଛି ସମ୍ପାଦନ କରିବା ଅନେକ ସହଜ; କିନ୍ତୁ ପୃଥିବୀର ଯେ ପ୍ରସିଦ୍ଧତମ ଯୋଦ୍ଧା, ସେ ମଧ୍ୟ ଯେତେବେଳେ ନିଜ ମନକୁ ସଂଯତ କରିବାକୁ ଚେଷ୍ଟା କରନ୍ତି, ସେତେବେଳେ ସେ ନିଜକୁ ଶିଶୁପରି ଅସହାୟ ମନେକରନ୍ତି । ଅନ୍ତଃସାମ୍ରାଜ୍ୟ ଜୟ କରିବା ବହୁ ଗୁଣରେ କଠିନ କାର୍ଯ୍ୟ । ତେବେ ନିରାଶ ହୁଅ ନାହିଁ । ଉଠ, ଜାଗ୍ରତ ହୁଅ, ଲକ୍ଷ୍ୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଚେଷ୍ଟାରୁ କ୍ଷାନ୍ତ ହୁଅ ନାହିଁ ।

[illegible]

# ମୋର ଜୀବନ ଓ ବ୍ରତ

କାଲିଫର୍ଣ୍ଣିଆ, ପ୍ୟାସାଡେନା ସେକ୍ସପିୟର୍ କ୍ଲବରେ ପ୍ରଦତ୍ତ, ୨୭ ଜାନୁଅରି ୧୯୦୦

ଭଦ୍ରମହୋଦୟ ଓ ଭଦ୍ରମହିଳାଗଣ, ଆଜି ସକାଳେ ଆଲୋଚନାର ବିଷୟ ଥିଲା 'ବେଦାନ୍ତ ଦର୍ଶନ' । ବିଷୟଟି ହୃଦୟଗ୍ରାହୀ ହେଲେ ହେଁ କିଛିଏ ନୀରସ ଏବଂ ଅତି ବିରାଟ ।

ଇତିମଧ୍ୟରେ ଆପଣଙ୍କର ସଭାପତି ଏବଂ ଉପସ୍ଥିତ କେତେ ଜଣ ଭଦ୍ରବ୍ୟକ୍ତି ଓ ଭଦ୍ରମହିଳା 'ମୋର କାର୍ଯ୍ୟ ଏବଂ ଏତେ ଦିନର କାର୍ଯ୍ୟକ୍ରମ' ସମ୍ବନ୍ଧରେ କିଛି କହିବା ନିମିତ୍ତ ମୋତେ ଅନୁରୋଧ କରିଛନ୍ତି । ବିଷୟଟି କାହା କାହା ପାଇଁ ଆକର୍ଷଣୀୟ ହୋଇପାରେ, କିନ୍ତୁ ମୋ ପାଇଁ ନୁହେଁ । ବସ୍ତୁତଃ କିପରି ଭାବରେ ଯେ ଆପଣଙ୍କ ନିକଟରେ ଏ ସମ୍ବନ୍ଧରେ କହିବି, ତାହା ମୁଁ ବୁଝିପାରୁ ନାହିଁ । ଏ ବିଷୟରେ ଏହା ମୋର ପ୍ରଥମ କହିବା ।

ମୋର କ୍ଷୁଦ୍ର ଶକ୍ତିଦ୍ୱାରା ଏତେ ଦିନ କ'ଣ କରିବାକୁ ଚେଷ୍ଟା କରିଛି, ତାହା ବୁଝାଇବା ନିମିତ୍ତ ଆପଣଙ୍କ ପାଇଁ କଳ୍ପନାରେ ଭାରତବର୍ଷକୁ ନେଇଯାଉଛି । ବିଷୟବସ୍ତୁର କିଛିକିଛି ଓ ବୈଚିତ୍ର୍ୟ ନେଇ ଆଲୋଚନା ପାଇଁ ଆମମାନଙ୍କର ସମୟ ନାହିଁ । ଗୋଟିଏ ବିଦେଶୀ ଜାତିର ସବୁପ୍ରକାର ବୈଚିତ୍ର୍ୟ ଏତେ ଅଳ୍ପ ସମୟ ମଧ୍ୟରେ ଆପଣମାନଙ୍କର ହୃଦୟଙ୍ଗମ କରାଇବା ସମ୍ଭବ ନୁହେଁ । ଭାରତବର୍ଷର ଯଥାର୍ଥ ସ୍ୱରୂପ କିଛି ପରିମାଣରେ ଆପଣଙ୍କ ସମ୍ମୁଖରେ ଧରି ରଖିବା ନିମନ୍ତେ ଚେଷ୍ଟା କରିବି ।

ଭାରତବର୍ଷ ଗୋଟିଏ ଭଗ୍ନସ୍ତୂପରେ ପରିଣତ ବିରାଟ ଅଟ୍ଟାଳିକା ସଦୃଶ । ପ୍ରଥମ ଦର୍ଶନରେ କୌଣସି ଆଶା ଜାଗେ ନାହିଁ । ଏହା ଗୋଟିଏ ବିଗତଶ୍ରୀ ବିଧ୍ୱସ୍ତ ଜାତି । କିନ୍ତୁ କିଛିଏ ଧୈର୍ଯ୍ୟ ଧରି ଲକ୍ଷ୍ୟ କଲେ ଏହି ରୂପର ପଶ୍ଚାତ୍ତରେ ଭାରତର ଆଉ ଗୋଟିଏ ସତ୍ତା ଦେଖିପାରିବେ । ଜଣେ ମନୁଷ୍ୟ ଯେଉଁ ଆଦର୍ଶ ଓ ମୂଳନୀତିର ବହିଃପ୍ରକାଶ, ସେହି ଆଦର୍ଶ ଓ ମୂଳନୀତି ଯେପର୍ଯ୍ୟନ୍ତ ବ୍ୟାହତ ବା ବିନଷ୍ଟ ହୋଇ ନାହିଁ, ସେପର୍ଯ୍ୟନ୍ତ ମଣିଷଟି ବଞ୍ଚିରହେ, ସେତେଦିନ ପର୍ଯ୍ୟନ୍ତ ତା'ର ଆଶା ଅଛି । ଆପଣ ପିନ୍ଧିଥିବା ଜାମା କୋଡ଼ିଏ ଥର ଚିରି ହୋଇଗଲେ ମଧ୍ୟ ତାହା ଆପଣଙ୍କ ମୃତ୍ୟୁର କାରଣ ହୁଏ ନାହିଁ । ଆପଣ ଆଉ ଗୋଟିଏ ନୂଆ ଜାମା ଆଣିପାରିବେ । ଜାମା ଏ କ୍ଷେତ୍ରରେ ଅପ୍ରଧାନ । ଧନବାନ୍‌ର ଧନରାଶି ଅପହୃତ ହେଲେ ତା'ର ପ୍ରାଣଶକ୍ତି ଅପହୃତ ହୁଏ ନାହିଁ । ମଣିଷଟି ବଞ୍ଚି ରହେ । ଏହି ଦୃଷ୍ଟିଭଙ୍ଗୀରୁ ଦେଖିଲେ କ'ଣ ଦେଖିବାକୁ ମିଳେ ତାହା ପରେ କହୁଛି ।

ଏକଥା ସତ୍ୟ ଯେ, ଭାରତବର୍ଷ ବର୍ତ୍ତମାନ ଗୋଟିଏ ରାଜନୈତିକ ଶକ୍ତି ନୁହେଁ, ଭାରତବର୍ଷ ଦାସତ୍ୱ-ଶୃଙ୍ଖଳରେ ଆବଦ୍ଧ ଗୋଟିଏ ଜାତି । ନିଜର ଶାସନ-କାର୍ଯ୍ୟରେ ଭାରତବାସୀଙ୍କର କୌଣସି ହାତ ନାହିଁ । ତିରିଶକୋଟି ପରାଧୀନ ଦାସ ଛଡ଼ା ଭାରତବାସୀ ଆଉ କିଛି ନୁହନ୍ତି । ଭାରତବାସୀଙ୍କର ଜଣ ପିଛା ମାସିକ ଆୟ ଦୁଇ ଶିଲିଂ ମାତ୍ର । ଜନସାଧାରଣଙ୍କର ଅଧିକାଂଶଙ୍କ ପାଇଁ ଉପବାସ ହିଁ ସ୍ୱାଭାବିକ ଅବସ୍ଥା । ଫଳରେ ଆୟରେ

ବୃଷ୍ଟିମାତ୍ର କମ୍ ହେଲେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡ଼ନ୍ତି । ସାମାନ୍ୟ ଦୁର୍ଭିକ୍ଷ ହେଲେ ବହୁ ଲୋକଙ୍କର ମୃତ୍ୟୁ । ଏ ଦେଶକୁ ଦେଖିଲେ କେବଳ ଧ୍ୱଂସସ୍ତୂପ—ଆଶାହୀନ ଧ୍ୱଂସାବଶେଷ ହିଁ ଦେଖିବାକୁ ମିଳେ ।

କିନ୍ତୁ ଆମେ ଜାଣୁ, ଭାରତବାସୀ କେବେହେଲେ ଧନସମ୍ପଦ ପାଇଁ ଚେଷ୍ଟା କରି ନାହାନ୍ତି । ପୃଥିବୀର ଯେକୌଣସି ଜାତି ଅପେକ୍ଷା ବିପୁଳତର ଧନସମ୍ପଦର ଅଧିକାରୀ ହୋଇ ମଧ୍ୟ ଭାରତବାସୀ କୌଣସି ଦିନ ଅର୍ଥ ନିମନ୍ତେ ଲାଳାୟିତ ହୋଇ ନାହାନ୍ତି । ଯୁଗ ଯୁଗ ଧରି ଭାରତବର୍ଷ ଗୋଟିଏ ଶକ୍ତିମାନ୍ ଜାତି ଥିଲା, କିନ୍ତୁ କୌଣସି ସମୟରେ ତା'ର କ୍ଷମତାଲୋଭ ନ ଥିଲା । ଅନ୍ୟ ଜାତିକୁ ଜୟ କରିବା ନିମନ୍ତେ ଭାରତବାସୀ କେବେହେଲେ ବାହାରକୁ ଯାଇ ନାହାନ୍ତି । ନିଜ ସୀମା ଭିତରେ ସେମାନେ ସନ୍ତୁଷ୍ଟ ଥିଲେ; ବାହାର ସହିତ ବିବାଦରେ ଜଡ଼ିତ ହୋଇ ନାହାନ୍ତି । ଭାରତୀୟ ଜାତି କେବେହେଲେ ସାମ୍ରାଜ୍ୟ-ଲାଭର ଆକାଙ୍କ୍ଷା କରି ନାହାନ୍ତି । ପରାକ୍ରମ ଓ ସମ୍ପଦ ଏ ଜାତିର ଆଦର୍ଶ ନ ଥିଲା ।

ତେବେ ଭାରତବାସୀ ଭୁଲ କରିଥିଲେ କି ଠିକ୍ ପଥରେ ଚାଲିଥିଲେ, ତାହା ବର୍ତ୍ତମାନ ଆଲୋଚ୍ୟ ନୁହେଁ । ପୃଥିବୀର ସବୁଜାତିଙ୍କ ଭିତରେ ଏହି ଗୋଟିଏ ଜାତି ଗଭୀର ଭାବରେ ବିଶ୍ୱାସ କରୁଥିଲା—ଏହି ଜୀବନ ଏକମାତ୍ର ସତ୍ୟ ନୁହେଁ । ଈଶ୍ୱର ହିଁ ସତ୍ୟ । ସୁଖରେ ଦୁଃଖରେ ସେ ହିଁ ତା'ର ଆଶ୍ରୟସ୍ଥଳ । ଭାରତବର୍ଷର ଅଧଃପତନ କାଳରେ ଏଥିପାଇଁ ସର୍ବପ୍ରଥମେ ଧର୍ମର ଅବନତି ଘଟିଥିଲା । ହିନ୍ଦୁମାନେ ଧର୍ମଭାବରେ ଖାଆନ୍ତି ଓ ପିଅନ୍ତି, ଧର୍ମଭାବରେ ନିଦ୍ରା ଯାଆନ୍ତି, ଧର୍ମଭାବରେ ବିଚରଣ କରନ୍ତି, ଧର୍ମଭାବରେ ବିବାହାଦି କରନ୍ତି, ଧର୍ମଭାବରେ ଦସ୍ୟୁବୃତ୍ତି କରନ୍ତି ।

ଆପଣମାନେ କ'ଣ କେବେ ଏପରି ଦେଶ ଦେଖିଛନ୍ତି ? ସେଠାରେ ଯଦି ଆପଣ ଦସ୍ୟୁଦଳ ଗଠନ କରିବାକୁ ଚାହାଁନ୍ତି, ତେବେ ଦଳର ନେତାକୁ କୌଣସି ପ୍ରକାରେ ଧର୍ମ ପ୍ରଚାର କରିବାକୁ ହେବ, ତା'ପରେ କେତେଗୁଡ଼ିଏ ଅସାର ଦାର୍ଶନିକ ତତ୍ତ୍ୱ ସୂତ୍ରାକାରରେ ପ୍ରକାଶ କରି କହିବାକୁ ପଡ଼ିବ, 'ଏହି ଦସ୍ୟୁବୃତ୍ତି ହିଁ ଭଗବାନ୍-ଲାଭ ନିମନ୍ତେ ସହଜ ଓ ସୁଗମ ପନ୍ଥା' । ତେବେ ଯାଇ ନେତା ତା'ର ଦଳ ଗଠନ କରିପାରିବ । ଅନ୍ୟଥା ନୁହେଁ । ଏଥିରୁ ପ୍ରମାଣିତ ହୁଏ ଯେ, ଏ ଜାତିର ଲକ୍ଷ୍ୟ ଓ ପ୍ରାଣଶକ୍ତି—ଧର୍ମ । ଏହି ଧର୍ମ ଉପରେ ହସ୍ତକ୍ଷେପ ହୋଇ ନାହିଁ ବୋଲି ଏ ଜାତି ଏବେ ସୁଦ୍ଧା ବଞ୍ଚିଛି ।

ରୋମ୍‌ର କଥା ଭାବନ୍ତୁ । ରୋମ୍‌ର ଜାତୀୟ ଲକ୍ଷ୍ୟ ଥିଲା ସାମ୍ରାଜ୍ୟ-ପ୍ରତିଷ୍ଠା ଓ ତାହାର ବିସ୍ତାର । ଯେଉଁ ମୁହୂର୍ତ୍ତରେ ଏହି ସାମ୍ରାଜ୍ୟବାଦରେ ବାଧା ପଡ଼ିଲା, ତତ୍‌କ୍ଷଣାତ୍ ରୋମ୍ ଚୂର୍ଣ୍ଣବିଚୂର୍ଣ୍ଣ ହୋଇ ଧ୍ୱଂସ ପାଇଗଲା । ଗ୍ରୀସ୍‌ର ଆଦର୍ଶ ଥିଲା ବୁଦ୍ଧିବୃତ୍ତି । ଯେଉଁ ମୁହୂର୍ତ୍ତରେ ବୁଦ୍ଧିକ୍ଷେତ୍ରରେ ସଙ୍କଟ ଦେଖାଦେଲା, ଗ୍ରୀସ୍ ମଧ୍ୟ ଅତୀତ-ଗର୍ଭରେ ବିଲୀନ ହୋଇଗଲା । ଠିକ୍ ଏହି ଅବସ୍ଥା ହିଁ ବର୍ତ୍ତମାନ କାଳରେ ସ୍ପେନ୍ ଓ ଅନ୍ୟାନ୍ୟ ନୂତନ ଦେଶଗୁଡ଼ିକରେ ଘଟିଛି । ପ୍ରତ୍ୟେକ ଜାତିର ଏହି ପୃଥିବୀରେ ଗୋଟିଏ ଜୀବନଲକ୍ଷ୍ୟ ଅଛି । ଯେପର୍ଯ୍ୟନ୍ତ ଏହି ଲକ୍ଷ୍ୟ ଉପରେ କୌଣସି ଆଘାତ ନ ଆସେ, ସେପର୍ଯ୍ୟନ୍ତ ବାଧା-ବିପତ୍ତି ସତ୍ତ୍ୱେ

ଜାତି ବଞ୍ଚିରହେ, କିନ୍ତୁ ଯେଉଁ ମୁହୂର୍ତ୍ତରେ ସେହି ଆଦର୍ଶଟି ଧ୍ୱଂସପ୍ରାପ୍ତ ହୁଏ, ସଙ୍ଗେ ସଙ୍ଗେ ସେହି ଜାତିର ମୃତ୍ୟୁ ଘଟେ ।

ଭାରତରେ ସେହି ପ୍ରାଣଶକ୍ତି ଆଜି ମଧ୍ୟ ଅବ୍ୟାହତ । ଏହି ଶକ୍ତି ଭାରତବାସୀ କେବେ ତ୍ୟାଗ କରି ନାହାନ୍ତି । ଭାରତୀୟମାନଙ୍କର ସକଳ ପ୍ରକାର କୁସଂସ୍କାର ସତ୍ତ୍ୱେ ସେହି ପ୍ରାଣଶକ୍ତି ଆଜି ମଧ୍ୟ ଜାତିର ଜୀବନରେ ସମଭାବରେ ପ୍ରବାହିତ । ଅତି ଭୟଙ୍କର ଘୃଣ୍ୟ ବହୁ କୁସଂସ୍କାର ଭାରତବର୍ଷରେ ରହିଛି । ସେଥିରେ କିଛି ଯାଏ ଆସେ ନାହିଁ । ଜାତିର ଜୀବନ-ପ୍ରବାହ ଓ ଜୀବନୋଦ୍ଦେଶ୍ୟ ଆଜି ମଧ୍ୟ ସେହିପରି ଅଛି ।

ଭାରତବାସୀ କେବେହେଲେ ଗୋଟିଏ ଶକ୍ତିଶାଳୀ ବିଜୟୀ ଜାତି ହୋଇପାରିବେ ନାହିଁ । ରାଜନୀତି-କ୍ଷେତ୍ରରେ କେବେହେଲେ ସେମାନେ ଗୋଟିଏ ବୃହତ୍ ଶକ୍ତିରେ ପରିଣତ ହୋଇପାରିବେ ନାହିଁ । ଏ କାର୍ଯ୍ୟ ସେମାନଙ୍କର ନୁହେଁ । ବିଶ୍ୱ-ସଭାରେ ଏହା ଭାରତବର୍ଷର ଭୂମିକା ନୁହେଁ । ଭାରତର ଭୂମିକା କ'ଣ ? ଭାରତବର୍ଷର ଆଦର୍ଶ—ଭଗବାନ୍, ଏକମାତ୍ର ଭଗବାନ୍ । ଯେତେଦିନ ଭାରତବର୍ଷ ମରଣପଣ କରି ଭଗବାନଙ୍କୁ ଧରି ରଖିଥିବ, ସେତେଦିନ ତା'ର ଆଶା ଅଛି ।

ଅତଏବ ବିଶ୍ଲେଷଣ ଶେଷରେ ଆପଣଙ୍କର ସିଦ୍ଧାନ୍ତ ହେବ ଯେ, ବାହାରର ଏହି ଦୁଃଖ-ଦାରିଦ୍ର୍ୟ ଅକିଞ୍ଚିତ୍କର, ଏହା ଅନ୍ତରର ମଣିଷଟିକୁ ମାରିପାରି ନାହିଁ । ସେ ମଣିଷଟି ଆଜି ବି ବଞ୍ଚିଛି, ଏବେ ମଧ୍ୟ ତା'ର ଆଶା ଅଛି ।

ଦେଖିବାକୁ ପାଇବେ, ସମଗ୍ର ଭାରତବର୍ଷ ବ୍ୟାପୀ ଧର୍ମ-ବିଷୟକ କାର୍ଯ୍ୟଧାରା ଚାଲିଛି । ଏପରି ଗୋଟିଏ ବର୍ଷ ମୋର ମନେପଡ଼େ ନାହିଁ—ଯେଉଁ ବର୍ଷ କେତୋଟି ନୂତନ ସମ୍ପ୍ରଦାୟର ଉଦ୍ଭବ ହୋଇ ନାହିଁ । ସ୍ରୋତ ଯେତେ ତୀବ୍ର ହୁଏ, ସେଥିରେ ସେତିକି ଅଧିକ ଘୂର୍ଣ୍ଣ୍ୟାବର୍ତ୍ତର ସୃଷ୍ଟି ହୋଇଥାଏ । ସମ୍ପ୍ରଦାୟସମୂହ ଅବନତିର ଲକ୍ଷଣ ନୁହେଁ—ଜୀବନର ପରିଚାୟକ । ସମ୍ପ୍ରଦାୟର ସଂଖ୍ୟା ଆହୁରି ବଢ଼ୁଥାଉ । ଏପରି ଦିନ ଆସୁ ଯେତେବେଳେ ପ୍ରତ୍ୟେକ ମଣିଷ ଗୋଟିଏ ଗୋଟିଏ ସମ୍ପ୍ରଦାୟ ହୋଇ ଛିଡ଼ା ହେବେ । ସମ୍ପ୍ରଦାୟ ନେଇ କଳହର କୌଣସି କାରଣ ନାହିଁ ।

ବର୍ତ୍ତମାନ ଆପଣ ନିଜ ଦେଶ ପ୍ରତି ଦୃଷ୍ଟିପାତ କରନ୍ତୁ । ମୁଁ କୌଣସି ପ୍ରକାର ସମାଲୋଚନା କରୁ ନାହିଁ । ଏ ଦେଶର ସାମାଜିକ ବିଧିବିଧାନ, ରାଜନୈତିକ ସଂଗଠନ ପ୍ରଭୃତି ସବୁକିଛି ଇହଜୀବନର ଯାତ୍ରାପଥକୁ ସୁଗମ କରିବା ପାଇଁ ରଚିତ ହୋଇଛି । ମଣିଷ ଯେତେଦିନ ବଞ୍ଚିବ, ସେତେଦିନ ଖୁବ୍ ସୁଖରେ ରହିପାରେ । ଆପଣମାନଙ୍କର ରାସ୍ତାଘାଟ ପ୍ରତି ଦୃଷ୍ଟିପାତ କରନ୍ତୁ—କି ପରିଷ୍କାର, ପରିଚ୍ଛନ୍ନ ! ସହର ସବୁ କି ସୁନ୍ଦର ! ମଣିଷ କେତେ ଉପାୟରେ ଯେ ଅର୍ଥ ଉପାର୍ଜନ କରିପାରେ ! ଜୀବନରେ ସୁଖ-ସମ୍ଭୋଗର କେତେ ପଥ ! କିନ୍ତୁ ଯଦି କେହି ଏଠାରେ କହେ ଯେ, 'ମୁଁ କୌଣସି କାର୍ଯ୍ୟ କରିବାକୁ ଚାହେଁ ନାହିଁ, କେବଳ ଏହି ବୃକ୍ଷତଳେ ବସି ଧ୍ୟାନ କରିବି', ତାହାହେଲେ ତତ୍‌କ୍ଷଣାତ୍ ତାକୁ ଜେଲ୍ ଯିବାକୁ ପଡ଼ିବ । କୌଣସି ସୁଯୋଗ ତାକୁ ଦିଆହେବ ନାହିଁ—ସାମାନ୍ୟତମ ସୁଯୋଗ ମଧ୍ୟ ନୁହେଁ । ସମସ୍ତଙ୍କ ସହିତ

ତାଳ ମିଳାଇ ଚାଲିଲେ ହିଁ ଏ ସମାଜରେ ମଣିଷ ବଞ୍ଚି ରହିବା ସମ୍ଭବ । ଇହଲୌକିକ ସୁଖ-ସମ୍ଭୋଗର ମତ୍ତତାରେ ତାକୁ ଯୋଗ ଦେବାକୁ ପଡ଼ିବ, ନଚେତ୍ ମୃତ୍ୟୁ ଅନିବାର୍ଯ୍ୟ ।

ଭାରତବର୍ଷ ପ୍ରତି ଦୃଷ୍ଟିପାତ କରନ୍ତୁ । ସେଠାରେ ଯଦି କେହି କହେ, 'ପର୍ବତ-ଶିଖରରେ ଧ୍ୟାନାସନରେ ବସି ନାସାଗ୍ରରେ ଦୃଷ୍ଟି ନିବଦ୍ଧ କରି ମୁଁ ମୋର ଅବଶିଷ୍ଟ ଜୀବନ ଅତିବାହିତ କରିବି', ସମସ୍ତେ ତାକୁ କହିବେ, 'ଯାଅ, ଈଶ୍ୱର ତୁମକୁ ସହାୟ ହୁଅନ୍ତୁ' । ତାକୁ କୌଣସି କଥା କହିବାକୁ ପଡ଼ିବ ନାହିଁ । କେହି ତାକୁ ପରିଧେୟ ବସ୍ତ୍ର ଦେବେ, ଅନାୟାସରେ ତା'ର ଅଭାବ ପୂରଣ ହେବ । କିନ୍ତୁ ଯଦି କେହି କହେ, 'ଏ ଜୀବନକୁ ମୁଁ ଟିକିଏ ଉପଭୋଗ କରିବାକୁ ଚାହେଁ', ତାହା ପାଇଁ ସଙ୍ଗେ ସଙ୍ଗେ ସମସ୍ତ ଦ୍ୱାର ବନ୍ଦ ହୋଇଯିବ ।

ମୁଁ କହେ, ଉଭୟ ଦେଶର ଧାରଣା ହିଁ ଅଯୌକ୍ତିକ । ଏ ଦେଶରେ ଯଦି କେହି ସ୍ଥିର ଆସନରେ ବସି ନାସାଗ୍ରରେ ଦୃଷ୍ଟି ନିବଦ୍ଧ କରିବାକୁ ଚାହେଁ, ତେବେ ସେ କାହିଁକି ସୁଯୋଗ ପାଇବ ନାହିଁ, ତାହା ବୁଝିପାରେ ନାହିଁ । ଅଧିକାଂଶ ଲୋକ ଯାହା କରନ୍ତି, ପ୍ରତ୍ୟେକଙ୍କ ପାଇଁ ତାହା କାହିଁକି କର୍ତ୍ତବ୍ୟ ହେବ ? ମୁଁ ଏହାର କୌଣସି କାରଣ ଦେଖିପାରୁ ନାହିଁ । ଆଉ ପୁଣି ଭାରତବର୍ଷରେ କୌଣସି ବ୍ୟକ୍ତି ଇହଜୀବନରେ ସୁଖସମ୍ଭୋଗ ଓ ଅର୍ଥ-ଉପାର୍ଜନ କାହିଁକି କରିବ ନାହିଁ, ତାହାର ମଧ୍ୟ କାରଣ ଖୋଜି ପାଉ ନାହିଁ । କିନ୍ତୁ ଦେଖନ୍ତୁ, ଜୋର୍ କରି କୋଟି କୋଟି ଲୋକଙ୍କୁ ସେମାନଙ୍କର ବିପରୀତ ଦୃଷ୍ଟିଭଙ୍ଗୀ ଗ୍ରହଣ କରିବାକୁ ବାଧ୍ୟ କରାଯାଉଛି—ଏହା ମୁନିଋଷିମାନଙ୍କର ଅତ୍ୟାଚାର । ଏହି ଅତ୍ୟାଚାର ଶ୍ରେଷ୍ଠ ବ୍ୟକ୍ତିମାନଙ୍କର, ମନୀଷୀମାନଙ୍କର; ଏହି ଅତ୍ୟାଚାର ଅଧ୍ୟାତ୍ମବାଦୀଙ୍କର, ଜ୍ଞାନୀ ପୁରୁଷମାନଙ୍କର । ଆଉ ମନେରଖିବେ, ଅଜ୍ଞ ଲୋକର ଅତ୍ୟାଚାର ଅପେକ୍ଷା ଜ୍ଞାନବାନ୍ ଲୋକଙ୍କର ଅତ୍ୟାଚାର ବେଶୀ ଶକ୍ତିଶାଳୀ । ନିଜର ମତ ଅନ୍ୟ ଉପରେ ଜୋର୍ କରି ଚାପିଦେବା ନିମନ୍ତେ ଜ୍ଞାନୀ ଓ ବୁଦ୍ଧିମାନ୍ ବ୍ୟକ୍ତିମାନେ ସହସ୍ର ବିଧି-ନିଷେଧର ପ୍ରଚଳନ କରିଛନ୍ତି । ସେସବୁ ବିଧିନିଷେଧକୁ ଅଗ୍ରାହ୍ୟ କରିବା ଅଜ୍ଞ ଲୋକଙ୍କ ପକ୍ଷରେ ଅସାଧ୍ୟ ।

ମୁଁ କହେ, ଏ ଅତ୍ୟାଚାର ବନ୍ଦ କରିବାକୁ ପଡ଼ିବ । ଗୋଟିଏ ଆଧ୍ୟାତ୍ମିକ ମହାମାନବ ସୃଷ୍ଟି କରିବା ନିମନ୍ତେ କୋଟି କୋଟି ମଣିଷଙ୍କୁ ବଳିଦେବାରେ ଲାଭ ନାହିଁ । ଯଦି ଏପରି କୌଣସି ସମାଜ ଗଠନ କରିବା ସମ୍ଭବ ହୁଏ, ଯେଉଁଠାରେ ଆଧ୍ୟାତ୍ମିକ ମହାମାନବଙ୍କର ଆବିର୍ଭାବ ହେବ ଓ ସଙ୍ଗେ ସଙ୍ଗେ ସମାଜର ଅନ୍ୟାନ୍ୟ ସମସ୍ତେ ସୁଖରେ ରହିବେ, ଭଲ କଥା; କିନ୍ତୁ ଯଦି କୋଟି କୋଟି ମଣିଷଙ୍କୁ ନିଷ୍ପେଷିତ କରି ଗୋଟିଏ ମହାମାନବଙ୍କୁ ସୃଷ୍ଟି କରାଯାଏ, ତାହା ଅନ୍ୟାୟ । ବରଂ ବିଶ୍ୱ-ମାନବର ମୁକ୍ତି ପାଇଁ ଜଣେ ମହାପୁରୁଷଙ୍କର ଦୁଃଖଭୋଗ ଶ୍ରେୟସ୍କର ।

ପ୍ରତ୍ୟେକ ଜାତି ମଧ୍ୟରେ ଆପଣଙ୍କୁ ସେହି ଜାତିର ବିଶିଷ୍ଟ ପନ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ସହିତ ସେହି ବ୍ୟକ୍ତିର ନିଜସ୍ୱ ଭାଷାରେ କଥା କହିବାକୁ ହେବ । ଇଂଲଣ୍ଡ ବା ଆମେରିକାକୁ ଯଦି ଧର୍ମପ୍ରଚାର କରିବା ପାଇଁ ଯାଆନ୍ତି, ତାହାହେଲେ ରାଜନୈତିକ ପନ୍ଥା ଅନୁସାରେ ଆପଣଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ । ସେଠାରେ ପାଶ୍ଚାତ୍ୟ

ରୀତି-ଅନୁଯାୟୀ ଭୋଟ୍-ବ୍ୟାଲଟ୍, ପ୍ରେସିଡେଣ୍ଟ-ନିର୍ବାଚନ ପ୍ରଭୃତି ଦ୍ୱାରା ସଂସ୍ଥା ଓ ସମିତି ଗଠନ କରିବାକୁ ହେବ, କାରଣ ଏହା ହିଁ ପାଶ୍ଚାତ୍ୟ ଜାତିର ଭାଷା ଓ ରୀତି । ପକ୍ଷାନ୍ତରେ ଆପଣ ଯଦି ଭାରତବର୍ଷରେ ରାଜନୀତି ବିଷୟରେ କିଛି କହିବାକୁ ଚାହାଁନ୍ତି, ତାହାହେଲେ ଆପଣଙ୍କୁ ଧର୍ମର ଭାଷାରେ କଥା କହିବାକୁ ହେବ । ଏହି ଭାବରେ ପ୍ରାୟ କହିବାକୁ ହେବ : ଯେଉଁ ବ୍ୟକ୍ତି ପ୍ରତିଦିନ ସକାଳେ ତା'ର ଗୃହ ପରିଷ୍କାର ପରିଚ୍ଛନ୍ନ ରଖିବ, ତା'ର ବହୁତ ପୁଣ୍ୟ ହେବ, ସେ ସ୍ୱର୍ଗକୁ ଯିବ, ଅଥବା ଈଶ୍ୱର-ଲାଭ କରିବ । ଏପରି ଭାବରେ ନ କହିଲେ ସେମାନେ ଶୁଣିବେ ନାହିଁ । ଏ କେବଳ ଭାଷାର ଖେଳ । ବିଷୟବସ୍ତୁ କିନ୍ତୁ ଏକା । କିନ୍ତୁ କୌଣସି ଜାତିର ହୃଦୟରେ ପ୍ରବେଶ କରିବାକୁ ହେଲେ ଆପଣଙ୍କୁ ସେହି ଜାତିର ଭାଷାରେ କଥା କହିବାକୁ ହେବ । କଥାଟି ଖୁବ୍ ନ୍ୟାୟସଙ୍ଗତ—ଏ ବିଷୟରେ ବିରକ୍ତି ପ୍ରକାଶ କରିବା ଆମର ଉଚିତ ନୁହେଁ ।

ମୁଁ ଯେଉଁ ସମ୍ପ୍ରଦାୟଭୁକ୍ତ, ତାକୁ ସନ୍ନ୍ୟାସୀ-ସମ୍ପ୍ରଦାୟ କୁହାଯାଏ । 'ସନ୍ନ୍ୟାସୀ' ଶବ୍ଦର ଅର୍ଥ 'ଯେଉଁ ବ୍ୟକ୍ତି ସମ୍ୟକ୍ ଭାବରେ ତ୍ୟାଗ କରିଛି' । ଏହା ଅତି ପ୍ରାଚୀନ ସମ୍ପ୍ରଦାୟ । ଯୀଶୁଙ୍କ ଜନ୍ମର ୫୬୦ ବର୍ଷ ପୂର୍ବରୁ ବୁଦ୍ଧ ଏହି ସମ୍ପ୍ରଦାୟଭୁକ୍ତ ଥିଲେ । ସେ ତାଙ୍କ ସମ୍ପ୍ରଦାୟର ଅନ୍ୟତମ ସଂସ୍କାରକ ମାତ୍ର । ଏତେ ପ୍ରାଚୀନ ଏହି ସମ୍ପ୍ରଦାୟ ! ପୃଥିବୀର ପ୍ରାଚୀନତମ ଗ୍ରନ୍ଥ ବେଦରେ ମଧ୍ୟ ଆପଣ ସନ୍ନ୍ୟାସୀର ଉଲ୍ଲେଖ ପାଇବେ । ପ୍ରାଚୀନ ଭାରତରେ ନିୟମ ଥିଲା ଯେ, ପ୍ରତ୍ୟେକ ନରନାରୀ ଶେଷ ଜୀବନରେ ସମାଜରୁ ବିଦାୟ ନେଇ ଏକମାତ୍ର ନିଜର ମୁକ୍ତି ଓ ଭଗବତ୍-ଚିନ୍ତାରେ ମନୋନିବେଶ କରିବେ । ଏହା ଥିଲା ଚରମ ଘଟଣା—ମୃତ୍ୟୁ ନିମନ୍ତେ ବିଶେଷ ପ୍ରସ୍ତୁତି । ସୁତରାଂ ପ୍ରାଚୀନ କାଳରେ ବୃଦ୍ଧଗଣ ସନ୍ନ୍ୟାସ ଅବଲମ୍ବନ କରୁଥିଲେ । ପରବର୍ତ୍ତୀ କାଳରେ ତରୁଣ ଯୁବକଦଳ ସଂସାର-ତ୍ୟାଗ କରିବାକୁ ଲାଗିଲେ । ଯୁବକଗଣ କର୍ମଠ ! ବୃକ୍ଷ ତଳେ ଉପବେଶନ କରି ସର୍ବକ୍ଷଣ ମୃତ୍ୟୁଚିନ୍ତା କରିବା ସେମାନଙ୍କ ପକ୍ଷରେ ଅସମ୍ଭବ, ସୁତରାଂ ସେମାନେ ଧର୍ମପ୍ରଚାର, ବିଭିନ୍ନ ସମ୍ପ୍ରଦାୟ ଗଠନ ପ୍ରଭୃତି କାର୍ଯ୍ୟରେ ବ୍ରତୀ ହେଲେ । ଏହି ରୂପେ ଯୁବକ ବୁଦ୍ଧ ତାଙ୍କର ମହାନ୍ ସଂସ୍କାର-କାର୍ଯ୍ୟ ଆରମ୍ଭ କଲେ । ସେ ଯଦି ବୃଦ୍ଧ ହୋଇଥାଆନ୍ତେ ତେବେ ଅବଶ୍ୟ ନାସାଗ୍ରରେ ଦୃଷ୍ଟି ନିବଦ୍ଧ କରି ନୀରବରେ ନିର୍ବାଣ ଲାଭ କରିଥାଆନ୍ତେ ।

ସନ୍ନ୍ୟାସୀ-ସମ୍ପ୍ରଦାୟ କହିଲେ 'ଚର୍ଚ୍ଚ'କୁ ବୁଝାଏ ନାହିଁ ଏବଂ ସେହି ସମ୍ପ୍ରଦାୟଭୁକ୍ତ ବ୍ୟକ୍ତିମାନେ ପୁରୋହିତ ନୁହନ୍ତି । ପୁରୋହିତ ଓ ସନ୍ନ୍ୟାସୀ ଭିତରେ ଆକାଶ-ପାତାଳ ପ୍ରଭେଦ । ଭାରତବର୍ଷରେ ସାମାଜିକ ଜୀବନର ଅନ୍ୟାନ୍ୟ କାର୍ଯ୍ୟପରି ପୁରୋହିତ-ବୃତ୍ତି ମଧ୍ୟ ଗୋଟିଏ ଜନ୍ମଗତ ବ୍ୟବସାୟ । ସୂତ୍ରଧରର ପୁତ୍ର ଯେପରି ସୂତ୍ରଧର ହୁଏ, କମାର-ପୁତ୍ର ଯେପରି କମାର ହୁଏ, ଠିକ୍ ସେହିଭାବରେ ପୁରୋହିତର ସନ୍ତାନ ମଧ୍ୟ ପୁରୋହିତ ହୁଏ । ପୁରୋହିତକୁ ବିବାହ କରିବାକୁ ହୁଏ । ଅବିବାହିତକୁ ହିନ୍ଦୁମାନେ ଅସମ୍ପୂର୍ଣ୍ଣ ମନେକରିଥାଆନ୍ତି । ତେଣୁ ଧର୍ମଗତ ଆଚାର-ଅନୁଷ୍ଠାନରେ ଅବିବାହିତର ଅଧିକାର ନାହିଁ ।

ସନ୍ନ୍ୟାସୀମାନଙ୍କର ସମ୍ପତ୍ତି ନ ଥାଏ, ସେମାନେ ବିବାହ କରନ୍ତି ନାହିଁ ।

ସେମାନଙ୍କର କୌଣସି ସ୍ଥାନ ନାହିଁ । ସେମାନଙ୍କର ଏକମାତ୍ର ବନ୍ଧନ ଗୁରୁ-ଶିଷ୍ୟର ବନ୍ଧନ । ଏହି ବନ୍ଧନଟି ଭାରତବର୍ଷର ବୈଶିଷ୍ଟ୍ୟ । କେବଳ ଶିକ୍ଷାଦାନ ନିମନ୍ତେ ଯେଉଁମାନେ ଆସନ୍ତି ଏବଂ ସେହି ଶିକ୍ଷା ନିମିତ୍ତ କିଛି ମୂଲ୍ୟଦାନ ଦେବାପରେ ଯାହାଙ୍କ ସହିତ ସମ୍ବନ୍ଧ ଶେଷ ହୋଇଯାଏ, ସେ ପ୍ରକୃତ ଶିକ୍ଷକ ନୁହନ୍ତି । ଭାରତବର୍ଷରେ ଏହା ସତକୁ ସତ ଦାତା ଓ ଗ୍ରହୀତା ପରି । ଶିକ୍ଷାଦାତା ଗୁରୁ ମୋର ପିତାଙ୍କଠାରୁ ଅଧିକ, ମୁଁ ତାଙ୍କର ସନ୍ତାନ—ସବୁ ଦିଗରୁ ମୁଁ ତାଙ୍କର ସନ୍ତାନ । ସର୍ବାଗ୍ରେ—ପିତାଙ୍କ ଆଗରୁ ମଧ୍ୟ ତାଙ୍କୁ ପ୍ରଥମେ ଶ୍ରଦ୍ଧା କରିବି ଏବଂ ତାଙ୍କର ବଶ୍ୟତା ସ୍ୱୀକାର କରିବି; କାରଣ ଭାରତବାସୀ କହନ୍ତି, 'ପିତା ଆମକୁ ଜନ୍ମଦାନ କରିଛନ୍ତି, କିନ୍ତୁ ଗୁରୁ ଆମକୁ ମୁକ୍ତିର ପଥ ଦେଖାଇଛନ୍ତି; ସୁତରାଂ ଗୁରୁ ପିତାଙ୍କଠାରୁ ମହତ୍ତର ।' ଆଜୀବନ ଆମେ ଗୁରୁଙ୍କ ପ୍ରତି ଏହି ଶ୍ରଦ୍ଧା ଏବଂ ଭଲପାଇବା ପୋଷଣ କରୁ । ଗୁରୁ-ଶିଷ୍ୟଙ୍କ ମଧ୍ୟରେ ଏହି ସମ୍ବନ୍ଧ ବିଦ୍ୟମାନ । ମୁଁ ମୋର ଶିଷ୍ୟମାନଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରେ । ଅନେକ ସମୟରେ ଗୁରୁ ହୁଏତ ତରୁଣ ଏବଂ ଶିଷ୍ୟ ବୟୋବୃଦ୍ଧ । ସେଥିରେ କିଛି ଯାଏ ଆସେ ନାହିଁ । ଶିଷ୍ୟ ସନ୍ତାନ, ସେ ମୋତେ 'ପିତା' ବୋଲି ସମ୍ବୋଧନ କରିବ; ମୋତେ ମଧ୍ୟ ତାକୁ ପୁତ୍ର ବା କନ୍ୟା ବୋଲି ସମ୍ବୋଧନ କରିବାକୁ ହେବ ।

ଜଣେ ବୃଦ୍ଧଙ୍କୁ ମୁଁ ଗୁରୁ ରୂପେ ପାଇଥିଲି । ସେ ଏକ ଅଦ୍ଭୁତ ଲୋକ । ତାଙ୍କର କିଛି ପାଣ୍ଡିତ୍ୟ ନ ଥିଲା, ଲେଖା ପଢ଼ା ମଧ୍ୟ ବିଶେଷ କରି ନ ଥିଲେ; କିନ୍ତୁ ସତ୍ୟର ପ୍ରତ୍ୟକ୍ଷାନୁଭୂତି ଲାଭ କରିବା ନିମନ୍ତେ ଶୈଶବରୁ ତାଙ୍କ ମନରେ ତୀବ୍ର ଆକାଙ୍କ୍ଷା ଜନ୍ମିଥିଲା । ସ୍ୱଧର୍ମ-ଚର୍ଚ୍ଚା ମାଧ୍ୟମରେ ତାଙ୍କର ସାଧନାର ଆରମ୍ଭ ହୋଇଥିଲା । ପରେ ସେ ଅନ୍ୟ ଧର୍ମମତ ଅନୁସାରେ ସତ୍ୟଲାଭ କରିବା ମାନସରେ ଗୋଟିକ ପରେ ଗୋଟିଏ କରି ସମସ୍ତ ଧର୍ମ-ସମ୍ପ୍ରଦାୟରେ ଯୋଗ ଦେଇଥିଲେ । କିଛିଦିନ ଗୋଟିଏ ସମ୍ପ୍ରଦାୟର ନିର୍ଦ୍ଦେଶ ଅନୁଯାୟୀ ସେ ସାଧନ କରୁଥିଲେ ଏବଂ ସେହି ସମ୍ପ୍ରଦାୟର ଭକ୍ତମାନଙ୍କ ସହିତ ବାସ କରି ସେମାନଙ୍କ ଭାବାଦର୍ଶରେ ତନ୍ମୟ ହୋଇଯାଉଥିଲେ । କିଛି ବର୍ଷ ପରେ ସେ ଆଉ ଗୋଟିଏ ସମ୍ପ୍ରଦାୟକୁ ଯାଉଥିଲେ । ଏହିପରି ଭାବରେ ସମସ୍ତ ସାଧନା ଶେଷରେ ସେ ସିଦ୍ଧାନ୍ତ କରିଥିଲେ—ସବୁମତ ହିଁ ଭଲ । କୌଣସି ଧର୍ମମତକୁ ସେ ସମାଲୋଚନା କରୁ ନ ଥିଲେ; ସେ କହୁଥିଲେ, ବିଭିନ୍ନ ଧର୍ମମତଗୁଡ଼ିକ ଗୋଟିଏ ସତ୍ୟରେ ପହଞ୍ଚିବା ନିମିତ୍ତ ବିଭିନ୍ନ ପଥ ମାତ୍ର । ଅଧିକ ମଧ୍ୟ ସେ କହୁଥିଲେ: ଏତେଗୁଡ଼ିଏ ପଥ ରହିବା ତ ଖୁବ୍ ଗୌରବର ବିଷୟ, କାରଣ ଈଶ୍ୱରଲାଭର ପଥ ଯଦି ଗୋଟିଏ ମାତ୍ର ହୋଇଥାଆନ୍ତା, ତେବେ ତାହା ହୁଏତ କେବଳ ଜଣେ ମାତ୍ର ବ୍ୟକ୍ତି ପକ୍ଷରେ ଉପଯୋଗୀ ହୁଅନ୍ତା । ବାଟର ସଂଖ୍ୟା ଯେତେ ଅଧିକ ହେବ, ସେତେ ବେଶୀ ଆମ ପ୍ରତ୍ୟେକଙ୍କ ପକ୍ଷରେ ସତ୍ୟଲାଭର ସୁଯୋଗ ଘଟିବ । ଯଦି ଗୋଟିଏ ଭାଷାରେ ଶିଖି ନ ପାରେ, ତେବେ ଅନ୍ୟ ଏକ ଭାଷାରେ ଶିଖିବାର ଚେଷ୍ଟା କରିବ, ସକଳ ଧର୍ମମତ ପାଇଁ ତାଙ୍କର ଏପରି ଶ୍ରଦ୍ଧା ଥିଲା ।

ଯେଉଁ ସମସ୍ତ ଭାବ ମୁଁ ପ୍ରଚାର କରୁଛି, ସେଗୁଡ଼ିକ ତାଙ୍କର ଚିନ୍ତାରାଶିର ପ୍ରତିଧ୍ୱନି ମାତ୍ର । ଏଥିରେ କେବଳ ମନ୍ଦଗୁଡ଼ିକ ବ୍ୟତୀତ ମୋର ଗୋଟିଏ ବି ନିଜସ୍ୱ ନୁହେଁ । ମୋର

ଭିତରେ ଯାହା ମିଥ୍ୟା ଓ ମନ୍ଦ, ସେଗୁଡ଼ିକ ହିଁ ମୋର । ସତ୍ୟ ଓ କଲ୍ୟାଣକର ଯେଉଁସବୁ କଥା ମୁଁ ଉଚ୍ଚାରଣ କରିଛି, ତାହା କେବଳ ତାଙ୍କ ବାଣୀର ପ୍ରତିଧ୍ୱନି ମାତ୍ର । ଆପଣମାନଙ୍କ ପାଇଁ ଅଧ୍ୟାପକ ମ୍ୟାକ୍ସମୁଲର୍ଙ୍କ ରଚିତ ତାଙ୍କର ଜୀବନଚରିତ* ପଢ଼ି ଦେଖିବାକୁ କହୁଛି ।

ତାଙ୍କର ଚରଣତଳେ କେତେଜଣ ଯୁବକଙ୍କ ସହିତ ମୁଁ ଏହି ଭାବଧାରା ଲାଭ କରିଛି । ସେତେବେଳେ ମୁଁ ବାଳକମାତ୍ର । ପ୍ରାୟ ଷୋଳ ବର୍ଷ ବୟସରେ ମୁଁ ତାଙ୍କ ପାଖକୁ ଯାଇଥିଲି । ଅନ୍ୟାନ୍ୟ ସଙ୍ଗୀମାନଙ୍କ ଭିତରୁ ବୟସରେ କେହି ଆହୁରି ଛୋଟ, କେହି ବା ଟିକିଏ ବଡ଼ । ସବୁ ମିଶି ବାରଜଣ ବା କିଛି ବେଶୀ ହେବେ । ସମସ୍ତେ ମିଶି ଏହି ଆଦର୍ଶ-ପ୍ରଚାରର କଥା ଭାବିଲୁ । କେବଳ ପ୍ରଚାର ନୁହେଁ, ଏହି ଆଦର୍ଶକୁ ବାସ୍ତବରେ ପରିଣତ କରିବାକୁ ଚାହିଁଲୁ । ଏହାର ଅର୍ଥ—ଆମର ଦୈନନ୍ଦିନ ଜୀବନଯାପନ ମଧ୍ୟରେ ହିନ୍ଦୁର ଆଧ୍ୟାତ୍ମିକତା, ବୌଦ୍ଧଙ୍କର କରୁଣା, ଖ୍ରୀଷ୍ଟିଆନ୍ଙ୍କ କର୍ମପ୍ରବଣତା ଓ ଇସଲାମ୍ର ଭ୍ରାତୃତ୍ୱ ଫୁଟାଇବା । ପ୍ରତିଜ୍ଞା କଲୁ ଯେ, 'ଏହି ମୁହୂର୍ତ୍ତରୁ ଆମେ ଗୋଟିଏ ବିଶ୍ୱଜନୀନ ଧର୍ମ ପ୍ରବର୍ତ୍ତନ କରିବୁ; ଆଉ ବିଳମ୍ବ ନୁହେଁ ।'

ଆମର ଗୁରୁଦେବ କେବେହେଲେ ମୁଦ୍ରା ସ୍ପର୍ଶକରୁ ନ ଥିଲେ । ସାମାନ୍ୟ ଖାଦ୍ୟ, ବସ୍ତ୍ର ଯାହା ପ୍ରୟୋଜନୀୟ ତାହା କେବଳ ସେ ଗ୍ରହଣ କରୁଥିଲେ, ତା'ଠାରୁ ଆଉ ବେଶୀ କିଛି ନୁହେଁ । ଅନ୍ୟ କୌଣସି ପ୍ରକାର ଦାନ ଗ୍ରହଣ ପାଇଁ ତାଙ୍କୁ ରାଜି କରାଯାଇପାରୁ ନ ଥିଲା । ଆଶ୍ଚର୍ଯ୍ୟ ଆଧ୍ୟାତ୍ମିକ ଭାବରାଶି ସହିତ ଏହି ନିର୍ଲିପ୍ତତା ଫଳରେ ତାଙ୍କର କୌଣସି ପ୍ରକାର ବନ୍ଧନ ନ ଥିଲା । ଭାରତୀୟ ସନ୍ନ୍ୟାସୀ ଆଜି ହୁଏତ ରାଜ-ବନ୍ଧୁ, ରାଜ-ଅତିଥି—କାଲି ପୁଣି ସେ ଭିକାରୀ, ବୃକ୍ଷତଳଶାୟୀ । ସମସ୍ତଙ୍କ ସଂସ୍ପର୍ଶରେ ତାଙ୍କୁ ଆସିବାକୁ ହେବ । ସର୍ବଦା ତାଙ୍କୁ ପରିଭ୍ରମଣ କରିବାକୁ ହେବ । ପ୍ରବାଦ ଅଛି, 'ଗଡ଼ିଯାଉଥିବା ପଥରରେ ଶିଉଳି ଜମେ ନାହିଁ' । ଗତ ଚଉଦ ବର୍ଷ ଭିତରେ ମୁଁ କୌଣସି ସ୍ଥାନରେ ତିନି ମାସରୁ ବେଶୀ ରହି ନାହିଁ—ସର୍ବଦା ଘୂରିଛି । ଆମେ ସମସ୍ତେ ଏହିପରି କରିଥାଉ ।

ମୁଷ୍ଟିମେୟ ଏହି କେତେଜଣ ବାଳକ ଏହି ମହାନ୍ ଭାବଧାରାର ପ୍ରେରଣାରେ ନିଜର ଜୀବନ ଗଢ଼ିବାକୁ ଲାଗିଲେ । ସାର୍ବଜନୀନ ଧର୍ମ, ଦରିଦ୍ରପ୍ରତି ସହାନୁଭୂତି ପ୍ରଭୃତି ତତ୍ତ୍ୱ-ଦୃଷ୍ଟିରୁ ଖୁବ୍ ଭଲ—କିନ୍ତୁ ଏସବୁକୁ କାର୍ଯ୍ୟରେ ଫୁଟାଇବା ଦରକାର ।

ତା'ପରେ ଦିନେ ଗୁରୁଦେବଙ୍କର ପ୍ରୟାଣକାଳ ଆସି ଉପସ୍ଥିତ ହେଲା । ସମସ୍ତେ ମିଶି ଯଥାସାଧ୍ୟ ତାଙ୍କର ସେବା କଲୁ । ଆମର ବନ୍ଧୁବାନ୍ଧବ ବିଶେଷ କେହି ନ ଥିଲେ । ଏହିସବୁ ଅଦ୍ଭୁତ ଧାରଣା-ପୋଷଣକାରୀ ତରୁଣମାନଙ୍କ କଥା କିଏ ବା ଶୁଣିବ ? ଅନ୍ତତଃ ଭାରତବର୍ଷରେ ତରୁଣମାନେ କିଛି ନୁହନ୍ତି । ଥରେ ଭାବି ଦେଖନ୍ତୁ, ବାରଜଣ ବାଳକ ମଣିଷଙ୍କ ପାଖରେ ବଡ଼ ବଡ଼ ଆଦର୍ଶର କଥା କହୁଛନ୍ତି, ସେହି ଆଦର୍ଶକୁ ଜୀବନରେ ପରିଣତ

* 'Ramakrishna : His Life and Sayings' by Prof. Max Muller, ୧୮୯୬ ଖ୍ରୀ:ରେ ପ୍ରଥମେ ଲଣ୍ଡନରେ ପ୍ରକାଶିତ । ୧୯୫୧ ଖ୍ରୀ:ରେ ଅଦ୍ୱୈତ ଆଶ୍ରମଦ୍ୱାରା ପୁନର୍ମୁଦ୍ରିତ ।

କରିବାକୁ ଦୃଢ଼ସଂକଳ୍ପ । ସମସ୍ତେ ହସନ୍ତି । ଏହି ହସ କ୍ରମେ ଗୁରୁତର ହୋଇଉଠିଲା । ରୀତିମତ ଅତ୍ୟାଚାର ଆରମ୍ଭ ହେଲା । ଠଟ୍ଟା-ବିଦ୍ରୂପ ଯେତେ ପ୍ରବଳ ହେଲା, ଆମେ ମଧ୍ୟ ସେତିକି ଦୃଢ଼ପ୍ରତିଜ୍ଞ ହେଲୁ ।

ତା'ପରେ ଆସିଲା ଦାରୁଣ ଦୁଃସମୟ—ବ୍ୟକ୍ତିଗତଭାବରେ ମୋ ପକ୍ଷରେ ଏବଂ ଅନ୍ୟାନ୍ୟ ଭ୍ରାତାମାନଙ୍କ ପକ୍ଷରେ ମଧ୍ୟ । କିନ୍ତୁ ମୋ ପକ୍ଷରେ ସେ କି ନିଦାରୁଣ ଦୁର୍ଭାଗ୍ୟ ! ଗୋଟିଏ ଦିଗରେ ମା' ଓ ଭାଇମାନେ । ପିତାଙ୍କ ମୃତ୍ୟୁ ପରେ ସେତେବେଳେ ଆମେ ଚରମ ଦାରିଦ୍ର୍ୟରେ ଉପନୀତ । ଅଧିକାଂଶ ଦିନ ନ ଖାଇ ରହିବାକୁ ପଡ଼ୁଥିଲା । ପରିବାରରେ ମୁଁ ହିଁ ଏକମାତ୍ର ଆଶା ଭରସା—ସାହାଯ୍ୟ କରିବାକୁ ଉପଯୁକ୍ତ ଥିଲି । ମୋ ସମ୍ମୁଖରେ ସେତେବେଳେ ଦୁଇଟି ଜଗତ । ଗୋଟିଏ ଦିଗରେ ମା' ଓ ଭାଇମାନେ ନ ଖାଇ ମରିଯିବେ ଏହା ଦେଖିବାକୁ ପଡ଼ିବ, ଅନ୍ୟ ଦିଗରେ ବିଶ୍ୱାସ କରୁଥିଲି ଯେ, ଗୁରୁଦେବଙ୍କର ଭାବଧାରା ଭାରତ ତଥା ଜଗତ ପକ୍ଷରେ କଲ୍ୟାଣକର, ସୁତରାଂ ଏହି ଆଦର୍ଶ ଜଗତରେ ପ୍ରଚାର କରି କାର୍ଯ୍ୟରେ ପରିଣତ କରିବାକୁ ପଡ଼ିବ । ଦିନ ପରେ ଦିନ, ମାସ ପରେ ମାସ ଏହି ଦ୍ୱନ୍ଦ୍ୱ ଚାଲିଲା । କେବେ କେବେ ୫।୬ ଦିନ ଧରି ଅବିରତ ପ୍ରାର୍ଥନା କରୁଥାଏ । ସେ କି ହୃଦୟ-ବେଦନା ! ମୁଁ ସେତେବେଳେ ଦାରୁଣ ଯନ୍ତ୍ରଣା ଅନୁଭବ କରୁଥିଲି ! ତରୁଣ ହୃଦୟର ସ୍ୱାଭାବିକ ସ୍ନେହ ଆତ୍ମୀୟଙ୍କ ଆଡ଼କୁ ଟାଣୁଥାଏ—ଅତି ପ୍ରିୟଜନମାନଙ୍କର ଦୁରବସ୍ଥା ସହ୍ୟ କରିପାରୁ ନ ଥାଏ । ଅନ୍ୟ ପକ୍ଷରେ ସହାନୁଭୂତି ଜଣାଇବା ପାଇଁ ଜଣେ ହେଲେ ଲୋକ ନ ଥିଲେ । ବାଳକର କଳ୍ପନା ପ୍ରତି କିଏ ବା ସହାନୁଭୂତି ଦେଖାଇବ ? ଯେଉଁ କଳ୍ପନା ପାଇଁ ଅନ୍ୟକୁ ଏତେ କଷ୍ଟ ପାଇବାକୁ ହୁଏ, ସେହି କଳ୍ପନା ପ୍ରତି କାହାର ବା ସହାନୁଭୂତି ହେବ ? କେବଳ ଜଣକେ ଛଡ଼ା ଆଉ କେହି ସହାନୁଭୂତି ଜଣାଇଲେ ନାହିଁ ।

ସେହି ଜଣକର ସହାନୁଭୂତି ହିଁ ଆଶା ଓ ଆଶୀର୍ବାଦ ବହନ କରି ଆଣିଲା । ସେ ଜଣେ ନାରୀ । ଆମର ମହାଯୋଗୀ ଗୁରୁଦେବ ତାଙ୍କୁ ଅତି ଅଳ୍ପ ବୟସରେ ବିବାହ କରିଥିଲେ । ପରେ ଯୌବନରେ ଧର୍ମ-ଉନ୍ମାଦନାରେ ମଗ୍ନ ଥିବା ସମୟରେ ପତ୍ନୀ ଥରେ ତାଙ୍କ ସହିତ ଦେଖାକଲେ । ଅତି ଶୈଶବରେ ବିବାହ ହୋଇଥିଲେ ମଧ୍ୟ ବଡ଼ ନ ହେବା ପର୍ଯ୍ୟନ୍ତ ପତ୍ନୀ ସ୍ୱାମୀଙ୍କୁ ବିଶେଷ ଦେଖିବାର ସୁଯୋଗ ପାଇ ନ ଥିଲେ । ପରବର୍ତ୍ତୀ କାଳରେ ପତ୍ନୀଙ୍କ ସହିତ ଦେଖାହେବାରୁ ସ୍ୱାମୀ କହିଲେ, 'ଦେଖ, ମୁଁ ତୁମର ସ୍ୱାମୀ । ଏ ଦେହ ଉପରେ ତୁମର ଦାବି ଅଛି । କିନ୍ତୁ ବିବାହିତ ହେଲେ ମଧ୍ୟ ଯୌନ-ଜୀବନ ଯାପନ କରିବା ମୋ ପକ୍ଷରେ ଅସମ୍ଭବ । ଏ ବିଷୟର ବିଚାର-ଭାର ତୁମ ଉପରେ ଦେଲି ।' ପତ୍ନୀ ସାଶ୍ରୁନୟନରେ କହିଲେ, 'ଭଗବାନ ତୁମର ସହାୟ ହୁଅନ୍ତୁ, ତୁମକୁ ଆଶୀର୍ବାଦ କରନ୍ତୁ । ମୁଁ କ'ଣ ତୁମକୁ ତଳକୁ ନେଇଯିବି ? ଯଦି ପାରେ, ତୁମକୁ ସାହାଯ୍ୟ କରିବି । ତୁମେ ତୁମର ସାଧନା ନେଇ ରହ ।'

ସେହି ନାରୀ ଏପରି ପ୍ରକୃତିର ଥିଲେ । ସାଧନାରେ ମଗ୍ନ ହୋଇ ସ୍ୱାମୀ କ୍ରମେ ନିଜ ଭାବରେ ସନ୍ନ୍ୟାସୀ ହୋଇଗଲେ । ଦୂରରେ ରହି ପତ୍ନୀ ଯଥାଶକ୍ତି ସାହାଯ୍ୟ କରିବାକୁ

ଲାଗିଲେ । ସ୍ୱାମୀ ଯେତେବେଳେ ଆଧ୍ୟାତ୍ମ-ଜଗତରେ ଏକ ବରିଷ୍ଠ ପୁରୁଷ ହୋଇ ଛିଡ଼ା ହେଲେ ପତ୍ନୀ ଫେରି ଆସିଲେ । କହିବାକୁ ଗଲେ ସେ ହିଁ ତାଙ୍କର ପ୍ରଥମ ଶିଷ୍ୟା । ଅବଶିଷ୍ଟ ଜୀବନ ସେ ସ୍ୱାମୀଙ୍କର ସେବାରେ ଅତିବାହିତ କଲେ । ବଞ୍ଚିଛନ୍ତି କି ମରିଗଲେଣି— ଏହି ଲୋକୋତ୍ତର ମହାପୁରୁଷଙ୍କର ସେ ଆଡ଼କୁ ଦୃଷ୍ଟି ନ ଥିଲା । କଥା କହି କହି ସେ ଏପରି ତନ୍ମୟ ହୋଇଯାଉଥିଲେ ଯେ, ଜ୍ୱଳନ୍ତ ଅଙ୍ଗାର ଉପରେ ବସିଲେ ମଧ୍ୟ ସେ ଜାଣିପାରୁ ନ ଥିଲେ । ଜ୍ୱଳନ୍ତ ଅଙ୍ଗାର ! ସଦା ସର୍ବଦା ସେ ଏହିପରି ଦେହ-ଜ୍ଞାନରହିତ ଥିଲେ ।

ସେହି ନାରୀ ତାଙ୍କର ସହଧର୍ମିଣୀ । ସେ ଏହି ବାଳକମାନଙ୍କ ପ୍ରତି ସହାନୁଭୂତି ପୋଷଣ କରୁଥିଲେ; କିନ୍ତୁ ତାଙ୍କର କୌଣସି ଶକ୍ତି ନ ଥିଲା । ସେ ଆମମାନଙ୍କ ଅପେକ୍ଷା ଦରିଦ୍ର ଥିଲେ । ଯାହା ହେଉ ଆମେ ସଂଗ୍ରାମରେ ଡେଇଁ ପଡ଼ିଲୁ । ମୁଁ ମନପ୍ରାଣରେ ବିଶ୍ୱାସ କରୁଥିଲି ଯେ, ଏହି ଭାବଧାରା ଦିନେ ସମଗ୍ର ଭାରତବର୍ଷକୁ ଯୁକ୍ତିପରାୟଣ କରି ତୋଳିବ ଏବଂ ନାନାଦେଶ ଓ ନାନାଜାତିର କଲ୍ୟାଣ ସାଧନ କରିବ । ଏହି ବିଶ୍ୱାସରୁ ସ୍ଥିର ପ୍ରତୀତି ଜନ୍ମିଲା ଯେ, ଏହି ଭାବରାଶି ନଷ୍ଟ ହେବା ଅପେକ୍ଷା କେତେଜଣ ଲୋକ ଦୁଃଖ-ବରଣ କରିବା ଭଲ । ଜଣେ ମା ଓ ଦୁଇଟି ଭାଇ ଯଦି ମରିଯାନ୍ତି, ସେଥିରେ କଅଣ ଯାଏ ଆସେ ? ଏହା ହିଁ ତ ତ୍ୟାଗ । ତ୍ୟାଗ କର—ତ୍ୟାଗ ଛଡ଼ା କୌଣସି ମହତ୍ତ୍ୱ କାର୍ଯ୍ୟ ସମ୍ପନ୍ନ ହୁଏ ନାହିଁ । ବକ୍ଷ ଚିରି ହୃତ୍‌ପିଣ୍ଡ ବାହାର କରିବାକୁ ପଡ଼ିବ, ଏବଂ ସେହି ରକ୍ତସିକ୍ତ ହୃଦୟକୁ ବେଦୀ ଉପରେ ଉତ୍ସର୍ଗ କରିବାକୁ ପଡ଼ିବ—ତେବେ ଯାଇ ମହତ୍ତ୍ୱ କାର୍ଯ୍ୟ ସାଧିତ ହେବ । ଅନ୍ୟ କୌଣସି ପଥ ଅଛି କି ? କେହି ସେ ପଥ ଆବିଷ୍କାର କରିପାରି ନାହିଁ । ଆପଣମାନଙ୍କ ମଧ୍ୟରେ ଯଦି କେହି କୌଣସି ମହତ୍ତ୍ୱ କାର୍ଯ୍ୟ ସାଧନ କରିଛନ୍ତି, ତାଙ୍କୁ ଭାବି ଦେଖିବାକୁ କହୁଛି । ସେ କି ବିରାଟ ମୂଲ୍ୟ ! ସେ କି ବେଦନା ! କି ନିଦାରୁଣ ଯନ୍ତ୍ରଣା ! ପ୍ରତ୍ୟେକର ଜୀବନରେ ପ୍ରତିଟି ସଫଳତା ପଛରେ କି ଭୟଙ୍କର ଦୁଃଖଭୋଗ ଅଛି, ତାହା ତ ଆପଣମାନେ ସମସ୍ତେ ଜାଣିଛନ୍ତି ।

ଏହି ଭାବରେ ଆମର ସେହି ତରୁଣ ଦଳଟି ଦିନ କାଟିବାକୁ ଲାଗିଲା । ଚତୁଃପାର୍ଶ୍ୱରେ ସମସ୍ତଙ୍କ ନିକଟରୁ ଅପମାନ ଓ ଲାଞ୍ଛନା ପାଇଲୁ । ଅଗଣ୍ୟ ଦ୍ୱାରେ ଦ୍ୱାରେ ଭିକ୍ଷା କରି ଅନ୍ନସଂଗ୍ରହ କରି ହେଉଥିଲା । ଏଠି ସେଠି ଖଣ୍ଡେ ଦୁଇଖଣ୍ଡ ରୋଟି ରୁଟି ମିଳେ । ଗୋଟିଏ ଅତି ପୁରାତନ ଜୀର୍ଣ୍ଣଗୃହ ବାସସ୍ଥାନ ହିସାବରେ ମିଳିଲା, ତା'ର ତଳ ମହଲରେ ଗୋଖୁର ସାପର ବସା, ସେମାନଙ୍କର ଫଁ ଫଁ ଶବ୍ଦ ଶୁଣାଯାଉଥିଲା । ଅଳ୍ପ ଭଡ଼ାରେ ଘରଟି ପାଇବାରୁ ଆମେ ସେହି ଘରଟିରେ ଯାଇ ରହିବାକୁ ଲାଗିଲୁ ।

ଏହିପରି କେତେ ବର୍ଷ ଅତିବାହିତ ହେଲା । ଏହା ମଧ୍ୟରେ ଭାରତର ସବୁଆଡେ ପରିଭ୍ରମଣ କଲି । ଉଦ୍ଦେଶ୍ୟ—କ୍ରମଶଃ ଏହି ଭାବଧାରା ପ୍ରଚାରର ଚେଷ୍ଟା । ଦଶବର୍ଷ କଟିଗଲା—କୌଣସି ଆଲୋକରେଖା ଦେଖିବାକୁ ପାଇଲି ନାହିଁ ! ଦଶବର୍ଷ ! ସହସ୍ରବାର ହତାଶା ଆସିଲା; କିନ୍ତୁ ଗୋଟିଏ ଜିନିଷ ଆମକୁ ସର୍ବଦା ଆଶାନ୍ୱିତ କରି ରଖିଥିଲା—ତାହା ହେଲା ଆମ ପରସ୍ପର ପ୍ରତି ଅଗାଧ ବିଶ୍ୱାସ ଓ ଗଭୀର ଭଲପାଇବା । ପ୍ରାୟ ଏକଶତ ନରନାରୀ

ମୋ ଗୃହପାଖରେ ରହିଛନ୍ତି; ଯଦି କାଲି ମୁଁ ସାକ୍ଷାତ୍ ସଇତାନ୍ ହୋଇଯାଏ, ସେମାନେ କହିବେ, 'ଆମେ ଏବେ ବି ଅଛୁ ! ଆମେ ତୁମକୁ କେବେ ହେଲେ ତ୍ୟାଗ କରିବୁ ନାହିଁ !' ଏହି ଭଲପାଇବା ହିଁ ପରମ ଆଶୀର୍ବାଦ ।

ସୁଖ-ଦୁଃଖରେ, ଦୁର୍ଭିକ୍ଷରେ, ଯାତନାରେ, ଶ୍ମଶାନରେ, ସ୍ୱର୍ଗରେ ବା ନର୍କରେ ଯେ ଆମକୁ କେବେ ତ୍ୟାଗ କରେ ନାହିଁ, ସେହି ତ ବନ୍ଧୁ । ଏହି ବନ୍ଧୁତ୍ୱ କ'ଣ ଖେଳଘର ? ଏପରି ବନ୍ଧୁତ୍ୱ ଦ୍ୱାରା ମୋକ୍ଷଲାଭ ମଧ୍ୟ ସମ୍ଭବ । ଆମେ ଯଦି ଏପରି ଭାବରେ ଭଲପାଇପାରୁ, ତେବେ ଏହି ଭଲପାଇବା ହିଁ ଆମମାନଙ୍କୁ ମୁକ୍ତି ଆଣିଦେବ । ଏହି ବିଶ୍ୱସ୍ତତା ମଧ୍ୟରେ ହିଁ ଏକାଗ୍ରତାର ସାର ନିହିତ । ଯଦି ତୁମର ସେହି ବିଶ୍ୱାସ, ସେହି ଶକ୍ତି, ସେହି ଭଲ ପାଇବା ଥାଏ, ତେବେ ଜଗତରେ ତୁମର କୌଣସି ଦେବାର୍ଚ୍ଚନାର ପ୍ରୟୋଜନ ନାହିଁ । ସେହି ଦୁଃଖର ଦିନରେ ଏହି ଭଲପାଇବା ଆମମାନଙ୍କ ହୃଦୟରେ ସର୍ବଦା ଜାଗ୍ରତ ଥିଲା । ସେହି ଭଲପାଇବା ହିଁ ଆମକୁ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ଏବଂ ସିନ୍ଧୁଠାରୁ ବ୍ରହ୍ମପୁତ୍ର ପର୍ଯ୍ୟନ୍ତ ପରିବ୍ରାଜିତ କରିଥିଲା ।

ସେହି ତରୁଣ ଦଳଟି ଏହି ଭାବରେ ସମଗ୍ର ଭାରତ ପରିଭ୍ରମଣ କରିବାକୁ ଲାଗିଲେ । ଧୀରେ ଧୀରେ ଆମେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲୁ । ଶତକଡ଼ା ନବେ ଭାଗ କ୍ଷେତ୍ରରେ ବିରୁଦ୍ଧାଚରଣ ପାଇଲୁ, ଅତି ଅଳ୍ପ କ୍ଷେତ୍ରରେ ସାହାଯ୍ୟ ମିଳିଲା । କାରଣ ଗୋଟିଏ ଦୋଷ ଆମର ଥିଲା ଯେ—ଆମେ ଦୁଃଖ-ଦାରିଦ୍ର୍ୟରେ ରୁକ୍ଷଚିତ୍ତ ଥିଲୁ । ଯାହାର ଜୀବନରେ ନିଜର ପଥ ନିଜକୁ କରିନେବାକୁ ପଡ଼ିଥାଏ, ସେ ଟିକିଏ ରୁକ୍ଷ ହୁଏ; ଶାନ୍ତ, କୋମଳ ଓ ଭଦ୍ର ହେବା—'ଭଦ୍ର ମହୋଦୟ ଓ ମହୋଦୟା' ଇତ୍ୟାଦି କହିବା ପାଇଁ ତା'ର ବେଶୀ ସମୟ ନ ଥାଏ । ନିଜ ଜୀବନରେ ଆପଣମାନେ ଏହା ସର୍ବଦା ଲକ୍ଷ୍ୟ କରିଥିବେ । ଏହିପରି ବ୍ୟକ୍ତି ଯେପରି ଗୋଟିଏ ଆଧାରରେ ଅଯତ୍ନରକ୍ଷିତ ଅମସୃଣ ହୀରାଖଣ୍ଡଟିଏ ।

ଆମେମାନେ ଠିକ୍ ସେହିପରି ଥିଲୁ । 'କୌଣସି ସାଲିସ୍ ଚଳିବ ନାହିଁ'—ଏହା ଆମର ମୂଳ ମନ୍ତ୍ର ଥିଲା । 'ଏହା ହିଁ ଆଦର୍ଶ ଏବଂ ଏହି ଆଦର୍ଶ କାର୍ଯ୍ୟରେ ପରିଣତ କରିବାକୁ ପଡ଼ିବ । ମରିବାକୁ ନ ଡରି ରାଜାଙ୍କ ନିକଟରେ ଏ ଆଦର୍ଶ ଯେପରି ପ୍ରଚାର କରିବୁ, ଚଷା ନିକଟରେ ମଧ୍ୟ ସେହିପରି ଏ ଆଦର୍ଶ ତୋଳି ଧରିବୁ ।' ସ୍ୱଭାବତଃ ହିଁ ଆମେମାନେ ବିରୋଧିତାର ସମ୍ମୁଖୀନ ହେଲୁ ।

କିନ୍ତୁ ମନେରଖିବେ, ଏହା ହିଁ ଜୀବନର ଅଭିଜ୍ଞତା; ଯଦି ଆପଣ ଯଥାର୍ଥରେ ପରର ମଙ୍ଗଳ କାମନା କରନ୍ତି, ବିଶ୍ୱଜଗତ ଆପଣଙ୍କ ବିରୋଧରେ ଛିଡ଼ା ହୋଇ ମଧ୍ୟ କିଛି କରି-ପାରିବ ନାହିଁ । ଆପଣଙ୍କ ଶକ୍ତି ନିକଟରେ ତାହା ପରାସ୍ତ ହେବ । ଯଦି ଆପଣ ଆନ୍ତରିକ ଓ ପ୍ରକୃତରେ ନିଃସ୍ୱାର୍ଥ ହୁଅନ୍ତି, ସ୍ୱୟଂ ଈଶ୍ୱରଙ୍କର ସମସ୍ତ ଶକ୍ତି ଆପଣଙ୍କ ମଧ୍ୟରେ ଜାଗ୍ରତ ରହି ସମସ୍ତ ବାଧା-ବିପତ୍ତି ଚୂର୍ଣ୍ଣ-ବିଚୂର୍ଣ୍ଣ କରିବ । ସେହି ବାଳକଦଳ ଏହିପରି ଥିଲେ । ସେମାନେ ଥିଲେ ପ୍ରକୃତି ମଧ୍ୟରୁ ସଦ୍ୟନିଃସୃତ ଶିଶୁ ପରି ପବିତ୍ର; ଗୁରୁଦେବ କହୁଥିଲେ, 'ଭଗବାନଙ୍କ ବେଦୀମୂଳରେ ମୁଁ ଅନାଘ୍ରାତ ପୁଷ୍ପ ଓ ଅସ୍ପୃଷ୍ଟ ଫଳ ନିବେଦନ କରିବାକୁ ଚାହେଁ ।'

ମହାପୁରୁଷଙ୍କର ସେହି ବାଣୀ ଆମମାନଙ୍କୁ ସଞ୍ଜୀବିତ କରୁଥିଲା । କଲିକତାର ରାସ୍ତାରୁ ସେ ଯେଉଁସବୁ ବାଳକମାନଙ୍କୁ ଗୋଟେଇ ଆଣିଥିଲେ, ସେମାନଙ୍କର ଭବିଷ୍ୟତ ସେ ସ୍ପଷ୍ଟ ଦେଖିପାରୁଥିଲେ । 'ଏହି ପିଲାଟି କିମ୍ବା ଏହି ତରୁଣଟି ଭବିଷ୍ୟତରେ କ'ଣ ହେବ, ଦେଖିବ'—ତାଙ୍କର ଏ ପ୍ରକାର କଥା ଶୁଣି ଲୋକେ ଥଟ୍ଟା କରୁଥିଲେ । ଅବିଚଳିତ ବିଶ୍ୱାସରେ ସେ କହୁଥିଲେ, 'ମା ମୋତେ ଏହା ଦେଖାଇ ଦେଇଛନ୍ତି । ମୁଁ ନିଜେ ଦୁର୍ବଳ ହୋଇପାରେ, କିନ୍ତୁ ମା' ଯେତେବେଳେ ଏହା କହୁଛନ୍ତି, ସେତେବେଳେ ତାଙ୍କର ଭୁଲ୍ ହେବା କେବେ ସମ୍ଭବ ନୁହେଁ, ଏହିପରି ହେବ ହିଁ ହେବ ।'

ଦଶଟି ବର୍ଷ କୌଣସି ଆଶାର ଆଲୋକ ବିନା କଟିଗଲା । ଏହା ମଧ୍ୟରେ ମୋର ଶରୀର ଭାଙ୍ଗିପଡ଼ିଲା । କେତେବେଳେ ରାତି ନଅଟାରେ ଥରେ ଆହାର ତ, କେତେବେଳେ ସକାଳ ଆଠଟାରେ ଓଳିଏ ଆହାର, ତାହା ମଧ୍ୟ ଦିନାନ୍ତର ପରେ—ଏବଂ ସର୍ବଦା ହିଁ ଅତି ସାମାନ୍ୟ, କଦର୍ଯ୍ୟ ଅନ୍ନ । ପରିଣାମରେ ଦେହ ଉପରେ ତା'ର ପ୍ରତିକ୍ରିୟା ଦେଖାଦେଲା । ଭିକାରୀଙ୍କୁ କିଏ ବା ଭଲ ଖାଇବାକୁ ଦିଏ ? ଆଉ ଭଲ ଜିନିଷ ଦେବାର ସାମର୍ଥ୍ୟ ଭାରତବାସୀଙ୍କର ନାହିଁ । କେବଳ ଗୋଟିଏ ଓଳି ଆହାର ପାଇଁ ବେଶୀ ଭାଗ ସମୟ ପାଦରେ ଚାଲି, ତୁଷାରଶୃଙ୍ଗ ଚଢ଼ି, କେବେ ଦଶମାଇଲ୍ ପଥ ଦୁର୍ଗମ ପର୍ବତ ଚଢ଼ି ଚାଲିଛି । ଭାରତ ବର୍ଷରେ ରୁଟିରେ ଖମୀର ଦିଅନ୍ତି ନାହିଁ । କେବେ କେବେ ଏହି ଖମୀର ନ ଦିଆ ରୁଟି କୋଡ଼ିଏ ତିରିଶ ଦିନ ସଞ୍ଚିତ କରି ରଖାଯାଏ, ସେତେବେଳେ ତାହା ଇଟା ଅପେକ୍ଷା ମଧ୍ୟ ଟାଣ ହୁଏ । ଭିକାରୀଙ୍କୁ ସେହି ରୁଟିର ଅଂଶ ଦିଆଯାଏ । ଓଳିଏ ଆହାର ଯୋଗାଡ଼ କରିବା ପାଇଁ ମୋତେ ଦୁଆରେ ଦୁଆରେ ମାଗିବାକୁ ପଡ଼ୁଥିଲା । ତା'ପରେ ଇଟାପରି ଟାଣ ଏହି ରୁଟି ଚୋବାଇବାରେ ମୁଖରୁ ରକ୍ତ ପଡ଼ୁଥିଲା । ଏହି ରୁଟି ଚୋବାଇବାରେ ସତକୁ ସତ ଦାନ୍ତ ଭାଙ୍ଗେ । ନଦୀରୁ ଜଳ ଆଣି ଗୋଟିଏ ପାତ୍ରରେ ଏ ରୁଟି ଭିଜାଇ ରଖେ । ମାସ ପରେ ମାସ ଏହିପରି ରହିବାକୁ ହୋଇଛି—ଫଳରେ ଦେହ ସ୍ୱାଭାବିକ ଭାବରେ ଖରାପ ହୋଇଗଲା ।

ତା'ପରେ ଭାବିଲି, ଭାରତବର୍ଷରେ ଚେଷ୍ଟା କରିଛି, ଏଥର ଅନ୍ୟ ଦେଶରେ ଚେଷ୍ଟା କରିବାକୁ ଯାଏ । ଏହି ସମୟରେ ଆପଣମାନଙ୍କର ଧର୍ମମହାସଭାର ଅଧିବେଶନ ହେବାର ଥିଲା । ଭାରତବର୍ଷରୁ କୌଣସି ଜଣକୁ ଏହି ସଭାକୁ ପ୍ରେରଣ କରିବାକୁ ପଡ଼ିବ । ମୁଁ ସେତେବେଳେ ଜଣେ ବୃଥା-ଭ୍ରମଣକାରୀ । ତେବେ କହିଲି, 'ଭାରତବାସୀ ତୁମେମାନେ ମୋତେ ପଠାଇଲେ ମୁଁ ଯିବି । ମୋର କୌଣସି କ୍ଷତିର ଭୟ ନାହିଁ; ଯଦି କ୍ଷତି ହୁଏ, ତାହାକୁ ମୁଁ ଖାତିର କରେ ନାହିଁ ।' ଅର୍ଥସଂଗ୍ରହ କରିବା ଅତ୍ୟନ୍ତ କଠିନ ଥିଲା । ବହୁ ଦିନଧରି ଆପ୍ରାଣ ଚେଷ୍ଟା କରିବାରୁ କେବଳ ଆସିବାର ଖର୍ଚ୍ଚ ଯୋଗାଡ଼ ହେଲା; ଏବଂ ମୁଁ ଏ ଦେଶକୁ ଚାଲି ଆସିଲି । ଧର୍ମ-ମହାସଭାର ମାସେ ଦୁଇମାସ ପୂର୍ବରୁ ମୁଁ ଆସିଲି, ଏବଂ ପରିଚୟହୀନ ଅବସ୍ଥାରେ ରାସ୍ତାରେ ରାସ୍ତାରେ ଘୁରି ବୁଲିଲି ।

ତା'ପରେ ଧର୍ମ-ମହାସଭା ଆରମ୍ଭ ହେଲା, ସେହି ସମୟରେ କେତେଜଣ ସହୃଦୟ

ବନ୍ଧୁଙ୍କ ସହିତ ପରିଚୟ ହେବାରୁ ସେମାନେ ମୋତେ ଖୁବ୍ ସାହାଯ୍ୟ କଲେ । କିଛି କିଛି ଅର୍ଥ ସଂଗ୍ରହ, ଦୁଇଟି ପତ୍ରିକାର ପ୍ରକାଶନ ପ୍ରଭୃତି କିଛି କାର୍ଯ୍ୟ ଆରମ୍ଭ କଲି । ତା'ପରେ ଇଂଲଣ୍ଡ ଗଲି । ସେଠାରେ ମଧ୍ୟ କାର୍ଯ୍ୟ ଚାଲିଲା । ସେହି ସମୟରେ ଆମେରିକାରେ ଥାଇ ମଧ୍ୟ ଭାରତ ପାଇଁ କାର୍ଯ୍ୟ ଚଳାଇଲି ।

ଭାରତ ନିମନ୍ତେ ମୋର ପରିକଳ୍ପନା ଯେଉଁ ଭାବରେ ରୂପ ପାଇଛି ଏବଂ କେନ୍ଦ୍ରୀଭୂତ ହୋଇଛି, ତାହା ଏହି : ମୁଁ ଆପଣମାନଙ୍କୁ ଭାରତର ସନ୍ନ୍ୟାସୀମାନଙ୍କ କଥା କହିଛି । କିପରି ଭାବରେ ଆମେ କୌଣସି ମୂଲ୍ୟ ଗ୍ରହଣ ନ କରି ଅଥବା ଖଣ୍ଡିଏ ରୁଟିର ମୂଲ୍ୟରେ ଦୁଆରେ ଦୁଆରେ ଧର୍ମପ୍ରଚାର କରିଥାଉ, ତାହା ମଧ୍ୟ କହିଛି । ସେଥିପାଇଁ ଭାରତବର୍ଷରେ ସର୍ବାପେକ୍ଷା ନିମ୍ନସ୍ତରର ବ୍ୟକ୍ତି ମଧ୍ୟ ଧର୍ମର ମହତ୍ତମ ଭାବରାଶି ଧାରଣ କରେ । ଏସବୁ ହିଁ ଏହି ସନ୍ନ୍ୟାସୀ-ମାନଙ୍କର କାର୍ଯ୍ୟ । କିନ୍ତୁ ଯଦି କୌଣସି ବ୍ୟକ୍ତିକୁ ପଚରା ଯାଏ—'ଇଂରେଜ କେଉଁମାନେ ?' ସେ ଉତ୍ତର ଦେଇପାରିବେ ନାହିଁ । ହୁଏତ କହିବେ 'ପୋଥିରେ ଯେଉଁସବୁ ଦୈତ୍ୟଦାନବଙ୍କ କଥା ଅଛି—ଇଂରେଜମାନେ ସେମାନଙ୍କର ବଂଶଧର—ନୁହେଁ କି ?' 'ତୁମମାନଙ୍କର ଶାସନକର୍ତ୍ତା କିଏ ?' 'ଜାଣେ ନାହିଁ ।' 'ଶାସନତନ୍ତ୍ର କ'ଣ ?'—ସେମାନେ ଜାଣନ୍ତି ନାହିଁ । କିନ୍ତୁ ଦର୍ଶନର ମୂଳତତ୍ତ୍ୱ ସେମାନେ ଜାଣନ୍ତି । ଯେଉଁ ଇହଜଗତରେ ସେମାନେ ଦୁଃଖକଷ୍ଟ ଭୋଗ କରନ୍ତି, ସେହି ଜଗତ ସମ୍ବନ୍ଧରେ ତାଙ୍କର ବ୍ୟାବହାରିକ ଜ୍ଞାନର ଅଭାବ । ଏହିସବୁ ଲକ୍ଷ ଲକ୍ଷ ମାନବ ପରଲୋକ ନିମିତ୍ତ ପ୍ରସ୍ତୁତ—ଏହା କ'ଣ ଯଥେଷ୍ଟ ? କେବେ ନୁହେଁ, ଖଣ୍ଡିଏ ଭଲ ରୁଟି ଏବଂ ଗୋଟିଏ ଭଲ କମ୍ବଳ ସେମାନଙ୍କର ଦରକାର । ବଡ଼ ପ୍ରଶ୍ନ ଏହି ଯେ, ଏସମସ୍ତ ଲକ୍ଷ ଲକ୍ଷ ପତିତ ଜନଗଣଙ୍କ ପାଇଁ ସେହି ଭଲ ରୁଟି ଓ ଭଲ କମ୍ବଳ କେଉଁଠାରୁ ମିଳିପାରିବ ?

ପ୍ରଥମେ ଆପଣମାନଙ୍କୁ କହିବି, ସେମାନଙ୍କର ବିପୁଳ ସମ୍ଭାବନା ରହିଛି, କାରଣ ପୃଥିବୀରେ ସେମାନେ ସବୁଠାରୁ ଶାନ୍ତ ଜାତି । ସେମାନେ ଯେ ଭୀରୁ, ତାହା ନୁହେଁ । ଯୁଦ୍ଧ-କ୍ଷେତ୍ରରେ ସେମାନେ ଅସୁର-ପରାକ୍ରମରେ ଯୁଦ୍ଧ କରନ୍ତି । ଇଂରେଜର ଶ୍ରେଷ୍ଠ ସୈନ୍ୟଦଳ ଭାରତୀୟ କୃଷକ-ସମ୍ପ୍ରଦାୟରୁ ସଂଗୃହୀତ । ମୃତ୍ୟୁକୁ ସେମାନେ ଗ୍ରାହ୍ୟ କରନ୍ତି ନାହିଁ । ସେମାନଙ୍କର ମନୋଭାବ ଏହି ଯେ : 'ଏ ଜନ୍ମର ପୂର୍ବରୁ ଅନ୍ତତଃ କୋଡ଼ିଏ ଥର ମରିଛନ୍ତି, ହୁଏତ ତା'ପରେ ଅତୁଳ ଅସଂଖ୍ୟ ଥର ମରିବେ । ସେଥିରେ କ'ଣ ଯାଏ ଆସେ ?' ସେମାନେ କେବେହେଲେ ପଛଘୁଞ୍ଚା ଦିଅନ୍ତି ନାହିଁ । ବିଶେଷ ଭାବପ୍ରବଣ ନ ହେଲେ ମଧ୍ୟ ଯୋଦ୍ଧା ହିସାବରେ ସେମାନେ ଭଲ ।

ସେମାନଙ୍କର ଜନ୍ମଗତ ପ୍ରବୃତ୍ତି ଅବଶ୍ୟ କୃଷି-କର୍ମ । ଆପଣ ତାଙ୍କର ସର୍ବସ୍ୱ ନେଇଯାଆନ୍ତୁ, ତାଙ୍କୁ ହତ୍ୟା କରନ୍ତୁ, କରଭାରରେ ଜର୍ଜରିତ କରନ୍ତୁ, ଯାହା ଇଚ୍ଛା କରନ୍ତୁ—ଯେପର୍ଯ୍ୟନ୍ତ ସେମାନଙ୍କୁ ସ୍ୱାଧୀନ ଭାବରେ ଧର୍ମ ଆଚରଣ କରିବାକୁ ଦେଉଛନ୍ତି, ସେମାନେ ଶାନ୍ତ ଓ ନମ୍ର ରହିବେ । ସେମାନେ କେବେହେଲେ ଅନ୍ୟର ଧର୍ମ ଉପରେ ହସ୍ତକ୍ଷେପ କରନ୍ତି ନାହିଁ । 'ଆମର ଭାବାନୁଯାୟୀ ଆମକୁ ଈଶ୍ୱରଙ୍କର ଆରାଧନା କରିବା

ପାଇଁ ଅଧିକାର ଦିଅ, ଆଉ ସବୁ କାଢ଼ିନିଅ'—ଏହା ହିଁ ସେମାନଙ୍କର ମନୋଭାବ । ଇଂରେଜମାନେ ଯେତେବେଳେ ଏ ବିଷୟରେ ହସ୍ତକ୍ଷେପ କଲେ, ସେତେବେଳେ ଗଣ୍ଡଗୋଳ ଆରମ୍ଭ ହେଲା । ଏହା ହିଁ ୧୮୫୭ ଖ୍ରୀଷ୍ଟାବ୍ଦର ସିପାହୀ-ବିଦ୍ରୋହର ପ୍ରଥମ କାରଣ—ଧର୍ମକୁ ନେଇ ନିର୍ଯାତନ ଭାରତବାସୀ ସହ୍ୟ କରିବେ ନାହିଁ । ଭାରତବାସୀଙ୍କ ଧର୍ମରେ ହସ୍ତକ୍ଷେପ କରିବାକୁ ଯାଇ ବିଶାଳ ମୁସଲମାନ ରାଜ୍ୟଗୁଡ଼ିକ ଏକାବେଳକେ ଫାଟି ବିଲୀନ ହୋଇଗଲା ।

ଅଧିକନ୍ତୁ ଭାରତର ଜନସାଧାରଣ ଶାନ୍ତ, ନମ୍ର, ଭଦ୍ର—ସର୍ବୋପରି ସେମାନେ ପାପାସକ୍ତ ନୁହନ୍ତି । କୌଣସି ପ୍ରକାର ଉତ୍ତେଜକ ମାଦକ ଦ୍ରବ୍ୟ ପ୍ରଚଳିତ ନ ଥିବାରୁ ସେମାନେ ଅନ୍ୟ ଯେକୌଣସି ଦେଶର ଜନସାଧାରଣଙ୍କ ଅପେକ୍ଷା ଅନନ୍ତ ଗୁଣରେ ଶ୍ରେଷ୍ଠ । ଏଠାକାର ବସ୍ତି-ଜୀବନ ସହିତ ତୁଳନା କରି ଆପଣମାନେ ଭାରତବର୍ଷର ଦରିଦ୍ର ଜନସାଧାରଣଙ୍କ ସୁନ୍ଦର ନୈତିକ ଜୀବନ ବୁଝିପାରିବେ ନାହିଁ । ବସ୍ତି ମାନେ ହିଁ ଦାରିଦ୍ର୍ୟ ! କିନ୍ତୁ ଭାରତବର୍ଷରେ ଦାରିଦ୍ର୍ୟ ଅର୍ଥ ପାପ, ଅଶ୍ଲୀଳତା ଓ ଅପରାଧ-ପ୍ରବଣତା ନୁହେଁ । ଅନ୍ୟାନ୍ୟ ଦେଶରେ ଏପରି ବ୍ୟବସ୍ଥା ଯେ, ମଇଳା ଓ ଅଳସୁଆ ଲୋକମାନେ ହିଁ ଦରିଦ୍ର ହୁଅନ୍ତି । ନଗର-ଜୀବନ ଓ ଏହାର ବିଳାସ-ବ୍ୟସନ ଚାହୁଁନାହାନ୍ତି, ଏପରି ମୂର୍ଖ ବା ବଦ୍‌ମାସ୍ ବ୍ୟକ୍ତି ଆଉ କାହାରିକୁ ଏ ଦେଶରେ ଦରିଦ୍ର ହୋଇ ରହିବାକୁ ପଡ଼େ ନାହିଁ । ସେମାନେ କୌଣସି ପ୍ରକାରେ ଗ୍ରାମକୁ ଯିବେ ନାହିଁ । ସେମାନେ କହନ୍ତି, 'ଆମେ ଏ ସହରରେ ବେଶ୍ ସ୍ଫୂର୍ତ୍ତିରେ ଅଛୁ । ତୁମେ ଅବଶ୍ୟ ହିଁ ଆମକୁ ଆହାର ଯୋଗାଇବ ।' ଭାରତବର୍ଷର ବ୍ୟାପାର ଏପରି ନୁହେଁ । ସେଠାରେ ଗରିବମାନେ ଉଦୟାସ୍ତ ଖଟି ଖଟି ମରନ୍ତି, ଅନ୍ୟ ଜଣେ ଆସି ସେମାନଙ୍କ ଶ୍ରମର ଫଳ କାଢ଼ି ନେଇଯାଏ—ସେମାନଙ୍କର ସନ୍ତାନମାନେ ଉପବାସରେ ରହନ୍ତି । ଲକ୍ଷ ଲକ୍ଷ ଟନ୍ ଗହମ ଭାରତରେ ଉତ୍ପନ୍ନ ହେଉଥିବା ସତ୍ତ୍ୱେ କ୍ୱଚିତ୍ କେବେ ଗୋଟିଏ ଦାନା କୃଷକର ମୁହଁକୁ ଯାଏ । ଆପଣମାନେ ପଶୁପକ୍ଷୀଙ୍କୁ ମଧ୍ୟ ଯେଉଁ ଶସ୍ୟ ଖୋଇବାକୁ ଚାହାଁନ୍ତି ନାହିଁ, ଭାରତର କୃଷକ ସେହି ଶସ୍ୟରେ ପ୍ରାଣ ଧାରଣ କରେ ।

ଏହି ପବିତ୍ର ଓ ସରଳ କୃଷକକୁଳ କାହିଁକି ଦୁଃଖଭୋଗ କରିବେ ? ଭାରତର ନିମଜ୍ଜମାନ ଜନସାଧାରଣ ଓ ଅବନମିତ ନାରୀସମାଜର କଥା ଆପଣମାନେ ଏତେ ଶୁଣିବାକୁ ପାଆନ୍ତି; କିନ୍ତୁ କେହି ତ ଆମକୁ ସାହାଯ୍ୟ କରିବା ପାଇଁ ଅଗ୍ରସର ହୁଅନ୍ତି ନାହିଁ । ଅନେକେ କହନ୍ତି : ତୁମେ ଯଦି ନିଜର ସ୍ୱଭାବ ସମ୍ପୂର୍ଣ୍ଣ ପରିବର୍ତ୍ତନ କର, ତେବେ ତୁମେ ଭଲ ହେବ, ତେବେ ହିଁ ତୁମକୁ ସାହାଯ୍ୟ କରିବା ଚଳିବ । ହିନ୍ଦୁମାନଙ୍କୁ ସାହାଯ୍ୟ କରିବା ବୃଥା । କିନ୍ତୁ ଏମାନେ ବିଭିନ୍ନ ଜାତିର ଇତିହାସ ଜାଣନ୍ତି ନାହିଁ । ଭାରତବାସୀ ଯଦି ସେମାନଙ୍କର ଧର୍ମ ଓ ଆନୁସଙ୍ଗିକ ରୀତିନୀତିଗୁଡ଼ିକ ପରିବର୍ତ୍ତନ କରନ୍ତି, ତେବେ ଭାରତବର୍ଷ ଆଉ ରହିବ ନାହିଁ, କାରଣ ଧର୍ମ ହିଁ ଭାରତବାସୀଙ୍କ ପ୍ରାଣଶକ୍ତି । ଭାରତୀୟ ଜାତି ଲୁପ୍ତ ହୋଇଗଲେ ଆପଣମାନଙ୍କ ସାହାଯ୍ୟ ଗ୍ରହଣ କରିବା ନିମନ୍ତେ ସେଠାରେ ଆଉ କେହି ରହିବେ ନାହିଁ ।

ଆଉ ଗୋଟିଏ ମହତ୍ତ୍ୱ ଶିକ୍ଷଣୀୟ ବିଷୟ ଅଛି, ବସ୍ତୁତଃ ଆପଣମାନେ କାହାକୁ ହେଲେ

ସାହାଯ୍ୟ କରିପାରିବେ ନାହିଁ । ଆମେମାନେ କାହା ପାଇଁ କ'ଣ କରିପାରିବା ? ଆପଣ ଆପଣଙ୍କ ରୀତି ଅନୁସାରେ ଗଢ଼ିଉଠିଛନ୍ତି, ଆଉ ମୁଁ ମୋ ଭାବରେ । ସମସ୍ତ ପଥ ଶେଷରେ ପ୍ରେମ୍‌ଠାରେ ଆସି ମିଳିତ ହୁଏ—ଏକଥାଟି ମନେରଖି ମୁଁ ହୁଏତ ଆପଣମାନଙ୍କ ଜୀବନରେ କିଛିଟା ପରିବର୍ତ୍ତନ କରିପାରିବି । ଜାତୀୟ-ଜୀବନ ଧୀରେ ଧୀରେ ଗଢ଼ିଉଠେ । ଏପର୍ଯ୍ୟନ୍ତ କୌଣସି ଜାତିଗତ ସଭ୍ୟତା ସମ୍ପୂର୍ଣ୍ଣ ସାର୍ଥକ ହୋଇ ନାହିଁ । ଏହି ସଭ୍ୟତାକୁ କିଛିଟା ଆଗେଇ ଦିଅ, ତାହାହେଲେ ଏହା ନିଜ ଲକ୍ଷ୍ୟରେ ପହଞ୍ଚିବ । ଏହି ସଭ୍ୟତାକୁ ଆମୂଳ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବେ ନାହିଁ । ଗୋଟିଏ ଜାତିର ପ୍ରଚଳିତ ପ୍ରଥା ନିୟମକାନୁନ୍ ରୀତିନୀତିକୁ ବାଦ ଦେଲେ ତାହାର ଆଉ ଅବଶିଷ୍ଟ କ'ଣ ରହେ ? ଏଗୁଡ଼ିକ ଜାତିକୁ ସଂହତ କରି ରଖେ ।

କିନ୍ତୁ ଅତି ପଣ୍ଡିତ ଜଣେ ବିଦେଶୀ ଆସି କହିଲେ, 'ଦେଖ, ତୁମର ସହସ୍ର ବର୍ଷର ରୀତି-ନୀତି, ନିୟମ-କାନୁନ୍ ଛାଡ଼ିଦେଇ ଆମର ଏହି ଛଦ୍ମସ୍ନାନ ପାତ୍ରଟିକୁ ଗ୍ରହଣ କର ।'—ଏହା ନିତାନ୍ତ ମୂର୍ଖତା ।

ପରସ୍ପର ପରସ୍ପରକୁ ସାହାଯ୍ୟ କରିବାକୁ ପଡ଼ିବ; କିନ୍ତୁ ଏବିଷୟରେ ଆମକୁ ଆଉ ଟିକିଏ ଅଗ୍ରସର ହେବାକୁ ପଡ଼ିବ । ସାହାଯ୍ୟ କରିବାକୁ ଗଲେ ନିଃସ୍ୱାର୍ଥ ହେବା ଦରକାର । 'ମୁଁ ତୁମକୁ ଯେପରି କରିବାକୁ କହୁଛି, ଠିକ୍ ସେହିପରି କଲେ ତୁମକୁ ମୁଁ ସାହାଯ୍ୟ କରିବି, ନଚେତ୍ ନୁହେଁ ।'—ଏହାର ନାମ କ'ଅଣ ସାହାଯ୍ୟ ?

ଅତଏବ ହିନ୍ଦୁ ଯଦି ତୁମ ପାଇଁ ଆଧ୍ୟାତ୍ମିକ ସାହାଯ୍ୟ ଦେବାକୁ ଚାହେଁ ସେହି ସାହାଯ୍ୟରେ ନିୟନ୍ତ୍ରଣର କୌଣସି ପ୍ରଶ୍ନ ରହିବ ନାହିଁ, ସାହାଯ୍ୟ—ସେବା, ପୂର୍ଣ୍ଣ ନିଃସ୍ୱାର୍ଥତା । ମୁଁ ଦେଲି, ଏହିଠାରେ ହିଁ ଏହା ଶେଷ । ମୋ ନିକଟରୁ ଏହା ଚାଲିଗଲା । ମୋର ମନ, ମୋର ଶକ୍ତି, ମୋର ଯାହା କିଛି ଦେବାର ଅଛି, ସବୁ ଦେଇଛି, ଦେବାର ଭାବ ନେଇ ଦେଇଛି, ଆଉ କିଛି ନୁହେଁ । ବହୁ ସମୟରେ ଦେଖିଛି, ଯେଉଁମାନେ ଅର୍ଦ୍ଧେକ ପୃଥିବୀ ଶୋଷଣ କରି ଫେରିଛନ୍ତି, ସେମାନେ ହିଁ 'ଅସଭ୍ୟ' ହିଦେନ୍‌ମାନଙ୍କୁ ଧର୍ମାନ୍ତରିତ କରିବା କାର୍ଯ୍ୟରେ କୋଡ଼ିଏ ହଜାର ଡଲାର୍ ଦାନ କରିଛନ୍ତି । କେଉଁଥିପାଇଁ ? ଏହି ହିଦେନ୍‌ମାନଙ୍କର ଉପକାର ପାଇଁ, ନା ସେମାନଙ୍କ ନିଜ ଆତ୍ମାର ପରିତ୍ରାଣ ପାଇଁ ? ଥରେ ଭାବି ଦେଖନ୍ତୁ ତ !

ପାପର ସମୁଚିତ ଫଳ ଫଳୁଛି । ଆମେ ମଣିଷମାନେ ନିଜ ଆଖିକୁ ଫାଙ୍କିଦେବାକୁ ଚାହୁଁ । କିନ୍ତୁ ଅନ୍ତରର ଅନ୍ତଃସ୍ଥଳରେ ସ୍ୱ-ସ୍ୱରୂପରେ ସେ ସଦା ବିରାଜିତ । ସେ ତ କୌଣସି ଦିନ ଭୁଲିଯାନ୍ତି ନାହିଁ । ଆମେ ତାଙ୍କୁ କେବେହେଲେ ପ୍ରତାରିତ କରିପାରିବା ନାହିଁ । ତାଙ୍କ ଦୃଷ୍ଟିକୁ କେବେହେଲେ ଫାଙ୍କି ଦେଇ ହେବ ନାହିଁ । ଯଥାର୍ଥ ପରୋପକାରର ପ୍ରେରଣା ସହସ୍ର ବର୍ଷ ପରେ ବି ଫଳବତୀ ହୁଏ । ବାଧା-ବିପତ୍ତି ସତ୍ତ୍ୱେ ବି ସୁଯୋଗ ପାଇଲେ ହିଁ ତାହା ପୁଣି ବଜ୍ର ପରି ଫାଟି ପଡ଼ିବାକୁ ଚାହେଁ । ଆଉ ଯେଉଁ ଭାବାବେଗ ପଛରେ ସ୍ୱାର୍ଥାନ୍ୱେଷୀ ମନୋବୃତ୍ତି ଥାଏ—ସମ୍ବାଦପତ୍ର ଶିରୋନାମାରେ ସମାରୋହ ଏବଂ ଲକ୍ଷ ଲକ୍ଷ ଲୋକଙ୍କର କରତାଳି ଲାଭ କଲେ ମଧ୍ୟ ଏହାର ଉଦ୍ଦେଶ୍ୟ ବ୍ୟର୍ଥ ହେବ ହିଁ ହେବ ।

ମୁଁ କୌଣସି ପ୍ରକାର ଗର୍ବ କରି କହୁ ନାହିଁ, କିନ୍ତୁ ମନେରଖିବେ, ମୁଁ ଆପଣମାନଙ୍କୁ ସେହି ମୁଷ୍ଟିମେୟ ଯୁବକମାନଙ୍କର କଥା କହୁଛି । ଆଜି ଭାରତବର୍ଷରେ ଏପରି ଗୋଟିଏ ଗ୍ରାମ ନାହିଁ, ଏପରି ନରନାରୀ ନାହାନ୍ତି, ଯେଉଁମାନେ ସେମାନଙ୍କର କାର୍ଯ୍ୟ ଜାଣି ନାହାନ୍ତି ଏବଂ ସେମାନଙ୍କୁ ଆନ୍ତରିକ ଆଶୀର୍ବାଦ ନ କରନ୍ତି । ଏପରି ଏକ ଦୁର୍ଭିକ୍ଷ ନାହିଁ, ଯେଉଁଠାରେ ଏହି ଯୁବକଦଳ ଲମ୍ଫ ଦେଇ ଯେତେ ଲୋକଙ୍କୁ ପାରନ୍ତି ବଞ୍ଚାଇବାର ଚେଷ୍ଟା କରି ନାହାନ୍ତି । ଏହି ସେବା ହୃଦୟକୁ ନିଶ୍ଚୟ ସ୍ପର୍ଶ କରିବ । ଦେଶବାସୀ ସେମାନଙ୍କ କଥା ଜାଣିପାରିଛନ୍ତି । ଯେତେବେଳେ ସମ୍ଭବ ସେମାନଙ୍କୁ ସାହାଯ୍ୟ କରନ୍ତୁ, କିନ୍ତୁ ସେହି ସାହାଯ୍ୟ ପଛରେ କେଉଁ ଉଦ୍ଦେଶ୍ୟ କାର୍ଯ୍ୟ କରୁଛି, ତାହା ଲକ୍ଷ୍ୟ ରଖିଥିବେ । ସ୍ୱାର୍ଥପୂର୍ଣ୍ଣ ହେଲେ ସେହି ଦାନ—ଦାତା ବା ଗ୍ରହୀତା—କାହାରି ବି ଉପକାରରେ ଆସିବ ନାହିଁ । ସାହାଯ୍ୟ ଯଦି ନିଃସ୍ୱାର୍ଥ ହୁଏ, ତେବେ ତାହା ଗ୍ରହୀତା ପକ୍ଷରେ କଲ୍ୟାଣକର ହେବ, ଏବଂ ଆପଣଙ୍କ ପାଇଁ ତାହା ଲକ୍ଷଗୁଣ କଲ୍ୟାଣକର ହେବ; ଆପଣଙ୍କ ଜୀବନ ଯେପରି ସତ୍ୟ, ଏକଥା ମଧ୍ୟ ସେହିପରି ନିଶ୍ଚିତ ସତ୍ୟ, ଜାଣିବେ । ଜଗଦୀଶ୍ୱରଙ୍କୁ କେବେ ଫାଙ୍କିଦେଇ ହୁଏ ନାହିଁ । କର୍ମଫଳକୁ ଫାଙ୍କିଦେବା ଅସମ୍ଭବ । ସୁତରାଂ ମୋର ପରିକଳ୍ପନା ଭାରତର ଜନଗଣଙ୍କୁ ଲକ୍ଷ୍ୟ କରି । ଧରନ୍ତୁ, ଆପଣ ସମଗ୍ର ଭାରତବର୍ଷରେ ବିଦ୍ୟାଳୟ ସ୍ଥାପନ କରିବା ଆରମ୍ଭ କଲେ, ତଥାପି ଆପଣ ସେମାନଙ୍କୁ ଶିକ୍ଷିତ କରିପାରିବେ ନାହିଁ । କିପରି କରିପାରିବେ ? ଗୃହିନର୍ଷର ଗୋଟିଏ ପିଲା ବରଂ ଲଙ୍ଗଳ ଧରିବ ଅଥବା ଅନ୍ୟ କୌଣସି କାର୍ଯ୍ୟ କରିବ; କିନ୍ତୁ ସେ ଆପଣଙ୍କ ବିଦ୍ୟାଳୟକୁ ପଢ଼ିବା ପାଇଁ ଯିବ ନାହିଁ । ତା' ପକ୍ଷରେ ବିଦ୍ୟାଳୟକୁ ଯିବା ଅସମ୍ଭବ । ଆତ୍ମରକ୍ଷା ହିଁ ମନୁଷ୍ୟର ପ୍ରଥମ ପ୍ରେରଣା । କିନ୍ତୁ ଯଦି ପର୍ବତ ମହମ୍ମଦଙ୍କ ନିକଟକୁ ନ ଆସେ, ତେବେ ମହମ୍ମଦଙ୍କୁ ପର୍ବତ ନିକଟକୁ ଯିବାକୁ ପଡ଼ିବ । ମୁଁ କହେ, ଶିକ୍ଷା କାହିଁକି ପ୍ରତି ଦ୍ୱାରକୁ ଯିବ ନାହିଁ ? ଚଷାର ପିଲା ଯଦି ବିଦ୍ୟାଳୟକୁ ଆସି ନ ପାରେ, ତାହା ହେଲେ କୃଷିକ୍ଷେତ୍ରରେ ଅଥବା କାରଖାନାରେ—ଯେଉଁଠାରେ ସେ ଅଛି, ସେହିଠାରେ ହିଁ ତାକୁ ଶିକ୍ଷିତ କରି ଗଢ଼ିବାକୁ ପଡ଼ିବ । ଗ୍ରାଇ ପରି ତା' ସାଥେ ସାଥେ ଯାଅ । ଶତ ସହସ୍ର ସନ୍ନ୍ୟାସୀ ଜନସାଧାରଣଙ୍କୁ ଆଧ୍ୟାତ୍ମିକ କ୍ଷେତ୍ରରେ ବିଦ୍ୟାଦାନ କରୁଛନ୍ତି; କାହିଁକି ଏହି ସନ୍ନ୍ୟାସୀମାନେ ଜାଗତିକ କ୍ଷେତ୍ରରେ ମଧ୍ୟ ବିଦ୍ୟାବୁଦ୍ଧି ବିତରଣ କରିବେ ନାହିଁ ? ଜନସାଧାରଣଙ୍କ ନିକଟରେ ତାଙ୍କର ଇତିହାସ ଅବା ଅନ୍ୟାନ୍ୟ ବହୁ ବିଷୟରେ କଥା କାହିଁକି କହିବେ ନାହିଁ ? ଶ୍ରବଣ ମାଧ୍ୟମରେ ଶ୍ରେଷ୍ଠଶିକ୍ଷା ଲାଭ ହୁଏ । ଯେଉଁ ଶିକ୍ଷା ଆମେମାନେ ମାଆମାନଙ୍କଠାରୁ କାନରେ ଶୁଣି ଲାଭ କରିଛେ, ତାହା ହିଁ ଆମର ଜୀବନରେ ଶ୍ରେଷ୍ଠ ଶିକ୍ଷା । ଚନ୍ଦ୍ରାଦି ଅନେକ ପରେ ଦେଖାଦେଇଛି । ପୋଥିଗତ ବିଦ୍ୟା କିଛି ନୁହେଁ । କାନରେ ଶୁଣି ଆମେ ହିଁ ଚରିତ୍ରଗଠନକାରୀ ନୀତିସମୂହ ପାଇଥାଉ । ତା'ପରେ ଜନସାଧାରଣଙ୍କ ଆଗ୍ରହ ଯେତେବେଳେ ବଢ଼ିବ, ସେତେବେଳେ ସେମାନେ ଆପଣଙ୍କ ବହି ମଧ୍ୟ ପଢ଼ିବେ । ପ୍ରଥମେ କାର୍ଯ୍ୟ ଆରମ୍ଭ କରିଦିଆଯାଉ—ଏହା ହିଁ ମୋର ମନୋଭାବ ।

ଦେଖନ୍ତୁ, ଆପଣଙ୍କୁ ଅବଶ୍ୟ କହିବି, ସନ୍ନ୍ୟାସ-ବ୍ୟବସ୍ଥାରେ ମୁଁ ଖୁବ୍ ବେଶୀ ବିଶ୍ୱାସୀ

ନୁହେଁ । ଏ ବ୍ୟବସ୍ଥାର ଅନେକ ଗୁଣ ଅଛି, ଅନେକ ଦୋଷ ମଧ୍ୟ ଅଛି । ସନ୍ନ୍ୟାସୀ ଓ ଗୃହସ୍ଥଙ୍କ ମଧ୍ୟରେ ପୂର୍ଣ୍ଣ ସାମଞ୍ଜସ୍ୟ ରହିବା ଉଚିତ । କିନ୍ତୁ ଭାରତରେ ସନ୍ନ୍ୟାସ-ଆଶ୍ରମ ପ୍ରତି ସମସ୍ତ ଶକ୍ତି ଆକୃଷ୍ଟ ହୋଇଛି । ଆମେ ସନ୍ନ୍ୟାସୀମାନେ ଶ୍ରେଷ୍ଠ ଶକ୍ତିର ପ୍ରତୀକ । ସନ୍ନ୍ୟାସୀ ରାଜାଙ୍କ ଅପେକ୍ଷା ବଡ଼ । ଭାରତବର୍ଷରେ ଏପରି କୌଣସି ଶାସକ ନୃପତି ନାହିଁ, ଯେ 'ଗୈରିକ ବସନଧାରୀ' ସମ୍ମୁଖରେ ବସିରହିବାକୁ ସାହସ କରେ । ସେ ଆସନ ଛାଡ଼ି ଛିଡ଼ା ହୁଏ । ଯଦିଓ ଏହି ସନ୍ନ୍ୟାସୀମାନେ ହିଁ ଜନଗଣଙ୍କର ଆତ୍ମରକ୍ଷାର ଅବଲମ୍ବନ, ତଥାପି ଭଲ ଲୋକ ହାତରେ ଏତେ କ୍ଷମତା ରହିବା ଠିକ୍ ନୁହେଁ । ସନ୍ନ୍ୟାସୀମାନେ ପୌରୋହିତ୍ୟ ଓ ଅଧ୍ୟାତ୍ମଜ୍ଞାନର ମଝିରେ ଦଣ୍ଡାୟମାନ । ସେମାନେ ଜ୍ଞାନବିସ୍ତାର ଓ ସଂସ୍କାରର କେନ୍ଦ୍ରସ୍ୱରୂପ । ଏମାନେ ଠିକ୍ ଇହୁଦୀମାନଙ୍କର ଭବବାଦୀ (Prophets)-ଙ୍କ ପରି । ଏହି ମହାପୁରୁଷଗଣ ସର୍ବଦା ପୌରୋହିତ୍ୟ ବିରୋଧରେ ସଂଗ୍ରାମ କରି କୁସଂସ୍କାର ଦୂର କରିବାକୁ ଚେଷ୍ଟା କରୁଥିଲେ । ଭାରତବର୍ଷର ସନ୍ନ୍ୟାସୀମାନେ ମଧ୍ୟ ଏହି ଧରଣର । କିନ୍ତୁ ଏହା ସତ୍ତ୍ୱେ ସେଠାରେ ଏତେ କ୍ଷମତା ଭଲ ନୁହେଁ । ଅନ୍ୟ କୌଣସି ଉନ୍ନତତର ପନ୍ଥା ଆବିଷ୍କାର କରିବାକୁ ପଡ଼ିବ । କିନ୍ତୁ ସ୍ୱଳ୍ପତମ ବାଧା ଥିବା ପଥରେ କାର୍ଯ୍ୟ କରିବା ସମ୍ଭବ । ସମଗ୍ର ଜାତିର ଆତ୍ମା ସନ୍ନ୍ୟାସୀର ପକ୍ଷପାତୀ । ଆପଣ ଭାରତବର୍ଷରେ ଗୃହସ୍ଥ ଭାବରେ କୌଣସି ଧର୍ମପ୍ରଚାର କରନ୍ତୁ, ହିନ୍ଦୁ ଜନସାଧାରଣ ବିମୁଖ ହୋଇ ପ୍ରସ୍ଥାନ କରିବେ । ଯଦି ଆପଣ ସଂସାର ତ୍ୟାଗ କରିଥାନ୍ତି, ତା'ହେଲେ ହିନ୍ଦୁମାନେ କହିବେ, 'ଲୋକଟି ଭଲ, ସଂସାରତ୍ୟାଗୀ, ଖାଣ୍ଟି ଲୋକ, ମୁଖରେ ଯାହା କହେ, କାର୍ଯ୍ୟରେ ତାହା କରେ ।' ମୁଁ ଯାହା କହିବାକୁ ଚାହୁଁଛି, ତାହା ଏହି ଯେ, ସନ୍ନ୍ୟାସ ଏକ ଅସାଧାରଣ ଶକ୍ତିର ପ୍ରତୀକ । ଆମେ ଏତିକି କରିପାରିବା, ଏହାର ରୂପାନ୍ତର ସାଧନ କରିପାରିବା, ଅନ୍ୟ ରୂପ ଦେଇପାରିବା—ପରିବ୍ରାଜକ ସନ୍ନ୍ୟାସୀମାନଙ୍କ ହାତରେ ଅବସ୍ଥିତ ଏହି ପ୍ରଚଣ୍ଡ ଶକ୍ତିର ରୂପାନ୍ତର ଘଟାଇବାକୁ ପଡ଼ିବ, ଏହା ହିଁ ଜନସାଧାରଣଙ୍କୁ ଉନ୍ନତ କରି ଗଢ଼ିବ ।

ପରିକଳ୍ପନାଟି ପରେ କାଗଜ-କଲମରେ ସୁନ୍ଦରଭାବରେ ଲେଖା ହୋଇଥିଲା । କିନ୍ତୁ ସଙ୍ଗେ ସଙ୍ଗେ କହେ, ମୁଁ ଆଦର୍ଶବାଦର ସ୍ତରରୁ ଏହି ପରିକଳ୍ପନା ଗ୍ରହଣ କରିଥିଲି । ଏପର୍ଯ୍ୟନ୍ତ ପରିକଳ୍ପନାଟି ଶିଥିଳ ଓ ଆଦର୍ଶବାଦୀ ଥିଲା । ଯେତେଦିନ ଗଡ଼ିଗଲା, ସେତିକି ଏହା ସଂହତ ଓ ନିଖୁଣ ହୋଇଉଠିଲା; ପ୍ରକୃତ କର୍ମକ୍ଷେତ୍ରକୁ ଅସି ମୁଁ ଏହାର ତ୍ରୁଟି ପ୍ରଭୃତି ଲକ୍ଷ୍ୟ କଲି ।

ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ କରିବାକୁ ଯାଇ ମୁଁ କ'ଣ ଆବିଷ୍କାର କଲି ? ପ୍ରଥମତଃ ଏହି ସନ୍ନ୍ୟାସୀମାନଙ୍କୁ କପରି ଭାବରେ ଲୋକଶିକ୍ଷା ଦେବାକୁ ପଡ଼ିବ ସେ ବିଷୟରେ ଶିକ୍ଷିତ କରିବା ନିମନ୍ତେ କେନ୍ଦ୍ର ରହିବା ପ୍ରୟୋଜନ । ଯେପରି ଧରନ୍ତୁ, ମୋର ଗୋଟିଏ ଲୋକକୁ ମୁଁ କ୍ୟାମେରା ଦେଇ ପଠାଇଲି, ତାକୁ ପ୍ରଥମେ ଏସମସ୍ତ ବିଷୟରେ ଶିକ୍ଷିତ ହେବାକୁ ପଡ଼ିବ । ଭାରତବର୍ଷରେ ପ୍ରାୟ ସବୁଲୋକ ହିଁ ଅଶିକ୍ଷିତ, ସୁତରାଂ ଶିକ୍ଷା ପାଇଁ ପ୍ରଚଣ୍ଡ ଶକ୍ତିଶାଳୀ ବହୁ କେନ୍ଦ୍ର ପ୍ରୟୋଜନ । ଏହାର ଅର୍ଥ କ'ଣ ? —ଟଙ୍କା ! ଆଦର୍ଶବାଦର ଜଗତରୁ ଆପଣ

ପ୍ରତିଦ୍ୱନ୍ଦନର କର୍ମକ୍ଷେତ୍ରକୁ ଓହ୍ଲାଇ ଆସିଲେ ।

ମୁଁ ଆପଣମାନଙ୍କ ଦେଶରେ ଗ୍ଧରିବର୍ଷ ଓ ଇଂଲଣ୍ଡରେ ଦୁଇବର୍ଷ କଠୋର ପରିଶ୍ରମ କରିଛି । କେତେଜଣ ବନ୍ଧୁ ମୋତେ ସାହାଯ୍ୟ କରିଛନ୍ତି ବୋଲି ମୁଁ କୃତଜ୍ଞ । ତାଙ୍କ ଭିତରୁ ଜଣେ ବର୍ତ୍ତମାନ ଏଠାରେ ଆପଣଙ୍କ ମଧ୍ୟରେ ଅଛନ୍ତି । ଆମେରିକାନ୍ ଏବଂ ଇଂରେଜୀ ବନ୍ଧୁମାନେ ମୋ ସହିତ ଭାରତକୁ ଯାଇଛନ୍ତି ଏବଂ ଅତି-ସାଧାରଣ ଭାବରେ କାର୍ଯ୍ୟର ସୂଚନା ହୋଇଅଛି । କେତେଜଣ ଇଂରେଜ ଆମ ସହିତ ଯୋଗଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ବିଗ୍ଧରି ତ ଅତ୍ୟନ୍ତ ପରିଶ୍ରମ କରି ଭାରତରେ ମୃତ୍ୟୁ ବରଣ କଲେ । ଏକ ଇଂରେଜ ଦମ୍ପତି ଅବସର ଗ୍ରହଣ କରି ନିଜର ସାମାନ୍ୟ ଯାହା କିଛି ସଞ୍ଚୟ, ସେଥିରେ ହିମାଳୟରେ ଗୋଟିଏ କେନ୍ଦ୍ର ସ୍ଥାପନ କରି ଶିକ୍ଷା ପ୍ରଗ୍ଧର କରୁଛନ୍ତି । ମୁଁ ମୋ ଦ୍ୱାରା ସ୍ଥାପିତ 'ପ୍ରବୁଦ୍ଧ ଭାରତ' (Awakened India) ପତ୍ରିକାଟିର ଭାର ସେମାନଙ୍କୁ ଦେଇଛି । ସେମାନେ ଜନସାଧାରଣଙ୍କ ଭିତରେ ଶିକ୍ଷାଦାନ ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ରତୀ ଅଛନ୍ତି । ମୋର ଆଉ ଗୋଟିଏ କେନ୍ଦ୍ର କଲିକତାରେ ଅଛି । ସମସ୍ତ ବୃହତ୍ ଆନ୍ଦୋଳନ ହିଁ ରାଜଧାନୀରୁ ଆରମ୍ଭ କରିବା ପ୍ରୟୋଜନ । ରାଜଧାନୀ କାହାକୁ କୁହାଯାଏ ? ରାଜଧାନୀ ଗୋଟିଏ ଜାତିର ହୃତ୍‌ପିଣ୍ଡ । ସମୁଦାୟ ରକ୍ତ ଆସି ହୃତ୍‌ପିଣ୍ଡରେ ଜମା ହୁଏ, ସେଠାରୁ ସବୁ ଜାଗାକୁ ସଞ୍ଚାରିତ ହୁଏ; ସେହିପରି ସମସ୍ତ ସମ୍ପତ୍ତି, ସବୁ ଭାବାଦର୍ଶ, ସମସ୍ତ ଶିକ୍ଷା, ସମସ୍ତ ଆଧ୍ୟାତ୍ମିକତା ପ୍ରଥମେ ରାଜଧାନୀ ଅଭିମୁଖରେ ଯାଇ ସେଠାରୁ ଅନ୍ୟତ୍ର ସଞ୍ଚାରିତ ହୋଇଥାଏ ।

ମୁଁ ଆପଣଙ୍କୁ ଆନନ୍ଦର ସହିତ କହୁଛି ଯେ, ସାଧାରଣ ଭାବରେ କାର୍ଯ୍ୟଟି ଆରମ୍ଭ ହୋଇଛି । କିନ୍ତୁ ଠିକ୍ ଏହିପରି କାର୍ଯ୍ୟ ସମାନ୍ତରାଳ ଭାବରେ ନାରୀମାନଙ୍କ ପାଇଁ ମୁଁ କରିବାକୁ ଗ୍ଧହେଁ । ମୋର ଆଦର୍ଶ—ପ୍ରତ୍ୟେକେ ସ୍ୱାବଲମ୍ବୀ ହେବେ । ମୋର ସାହାଯ୍ୟ କେବଳ ଦୂରରୁ । ଭାରତୀୟ ନାରୀ, ଇଂରେଜ ନାରୀ ଏବଂ ଆଶାକରେ ଆମେରିକାନ୍ ନାରୀ-ମାନେ ମଧ୍ୟ ଏହି ବ୍ରତ ଗ୍ରହଣ କରିବେ । ଯେତେବେଳେ ସେମାନେ କାର୍ଯ୍ୟରେ ହାତ ଦେବେ ସେତେବେଳେ ହିଁ ମୁଁ ମୋ ହାତ କାଢ଼ିନେବି । କୌଣସି ପୁରୁଷ ନାରୀଙ୍କ ଉପରେ ହୁକୁମ ଚଳାଇବେ ନାହିଁ । କୌଣସି ନାରୀ ମଧ୍ୟ ପୁରୁଷଙ୍କୁ ହୁକୁମ ଦେବେ ନାହିଁ । ପ୍ରତ୍ୟେକେ ସ୍ୱାଧୀନ । ଯଦି କିଛି ବନ୍ଧନ ଥାଏ, ତାହା କେବଳ ପ୍ରୀତିର ବନ୍ଧନ । ପୁରୁଷ ନାରୀ ପାଇଁ ଯାହା କରିଦେଇପାରିବ, ତାହା ଅପେକ୍ଷା ନାରୀ ଅନେକ ଭଲଭାବରେ ନିଜର ଭାଗ୍ୟ ନିୟନ୍ତ୍ରଣ କରିପାରିବ । ପୁରୁଷମାନେ ନାରୀମାନଙ୍କର ଭାଗ୍ୟ-ଗଠନର ଭାର ଗ୍ରହଣ କରିବା ଦ୍ୱାରା ହିଁ ନାରୀଜାତିର ଯାହା କିଛି ଅନିଷ୍ଟ ହୋଇଛି । ଗୋଟିଏ ପ୍ରାରମ୍ଭିକ ଭୁଲକୁ ନେଇ ମୁଁ କାର୍ଯ୍ୟ ଆରମ୍ଭ କରିବାକୁ ଗ୍ଧହେଁ ନାହିଁ । ଗୋଟିଏ କ୍ଷୁଦ୍ର ଭ୍ରମ କ୍ରମେ କ୍ରମେ ବଢ଼ି ଗ୍ଧଲିବ ଏବଂ ଶେଷରେ ଏପରି ଏକ ବୃହତ୍ ଆକାର ଧାରଣ କରିବ ଯେ, ତାହାକୁ ସଂଶୋଧନ କରିବା କଠିନ ହୋଇପଡ଼ିବ । ସୁତରାଂ ମୁଁ ଯଦି ଭୁଲ କରି ନାରୀର କର୍ମଧାରା ନିର୍ଣ୍ଣୟ କରିବା କାର୍ଯ୍ୟରେ ପୁରୁଷକୁ ଲଗାଏ, ତାହାହେଲେ ନାରୀ କେବେହେଲେ ନିର୍ଭରତାର ଭାବରୁ ମୁକ୍ତ ହୋଇପାରିବ ନାହିଁ—ଏହା ହିଁ ପ୍ରଥା ହୋଇ ଛିଡ଼ା ହେବ । କିନ୍ତୁ ମୋର ଗୋଟିଏ

ସୁବିଧା ଅଛି । ଆପଣମାନଙ୍କୁ ମୁଁ ମୋ ଗୁରୁଦେବଙ୍କ ସହଧର୍ମିଣୀଙ୍କ କଥା କହୁଛି । ଆମ ସମସ୍ତଙ୍କର ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଅଛି । ସେ କେବେ ବି ଆମ ଉପରେ ହୁକୁମ୍ ଜାରି କରନ୍ତି ନାହିଁ । ତେଣୁ ଏହା ସମ୍ପୂର୍ଣ୍ଣ ନିରାପଦ । କର୍ମର ଏହି ଅଂଶଟିକୁ ଗ୍ରହଣ କରିବାକୁ ହେବ ।

## ଭାରତବନ୍ଧୁ ଅଧ୍ୟାପକ ମ୍ୟାକ୍ସମୁଲର

୬ ଜୁନ୍ ୧୮୯୬ ଖ୍ରୀ:ରେ ଲଣ୍ଡନରୁ 'ବ୍ରହ୍ମବାଦନ୍' ପତ୍ରିକା ପାଇଁ ଲିଖିତ

'ବ୍ରହ୍ମବାଦନ୍'-ସଂପାଦକ ମହାଶୟ,

ଯଦିଓ ଆମମାନଙ୍କର 'ବ୍ରହ୍ମବାଦନ୍' ପକ୍ଷରେ କର୍ମର ଆଦର୍ଶ ଚିରଦିନ ରହିବ— 'କର୍ମଣ୍ୟେବାଧିକାରସ୍ତେ ମା ଫଲେଷୁ କଦାଚନ', ଅର୍ଥାତ୍ କର୍ମରେ ହିଁ ତୁମର ଅଧିକାର, ଫଳରେ ନୁହେଁ—ତଥାପି କୌଣସି ଅକପଟ କର୍ମୀ ମଧ୍ୟ କିଛି ଭାବରେ ପରିଚୟ ଏବଂ ସମାଦର ଲାଭ ନ କରି କର୍ମକ୍ଷେତ୍ରରୁ ବିଦାୟ ନେଇପାରନ୍ତି ନାହିଁ ।

ଆମମାନଙ୍କ କାର୍ଯ୍ୟର ଆରମ୍ଭ ଯେ ଖୁବ୍ ଭଲ ହୋଇଛି ଏବଂ ଆମର ବନ୍ଧୁଗଣ ଏହା ପ୍ରତି ଯେଉଁ ଦୃଢ଼ ଆନ୍ତରିକତା ଦେଖାଇଛନ୍ତି, ଶତମୁଖରେ ତାହାର ପ୍ରଶଂସା କଲେ ମଧ୍ୟ ପର୍ଯ୍ୟାପ୍ତ ହେଲା ବୋଲି ବୋଧହୁଏ ନାହିଁ । ଅକପଟ ବିଶ୍ୱାସ ଓ ସତ୍ ଅଭିପ୍ରାୟ ନିଶ୍ଚୟ ଜୟ ଲାଭ କରିବ ଏବଂ ଏହି ଦୁଇ ଅସ୍ତ୍ରରେ ସଜ୍ଜିତ ହୋଇ ଅତି ଅଳ୍ପସଂଖ୍ୟକ ବ୍ୟକ୍ତି ମଧ୍ୟ ସମସ୍ତ ବିଘ୍ନକୁ ଜୟ କରିବା ପାଇଁ ନିଶ୍ଚୟ ସମର୍ଥ ହେବେ ।

କପଟ ଅଲୌକିକ ଜ୍ଞାନାଭିମାନୀଗଣଙ୍କଠାରୁ ସର୍ବଦା ଦୂରରେ ରହିବ । ଅଲୌକିକ ଜ୍ଞାନ ଲାଭ କରିବା ଯେ ଅସମ୍ଭବ ତାହା ନୁହେଁ, କିନ୍ତୁ ଏହି ପୃଥିବୀରେ ଯେଉଁମାନେ ଏପରି ଜ୍ଞାନର ଦାବି କରନ୍ତି, ସେମାନଙ୍କ ମଧ୍ୟରୁ ଶତକଡ଼ା ନବେ ଲୋକଙ୍କ କାମ-କାଞ୍ଚନ-ଯଶଃ-ସ୍ପୃହାରୂପ ଗୁପ୍ତ ଅଭିସନ୍ଧି ଥାଏ । ଆଉ ଦଶଜଣଙ୍କ ମଧ୍ୟରୁ ନଅ ଜଣ ଲୋକ ଦାର୍ଶନିକମାନଙ୍କ ଅପେକ୍ଷା ଡାକ୍ତର ଚିକିତ୍ସକଙ୍କର ବିଶେଷ ଆଲୋଚନାର ବିଷୟ ।

ଆମମାନଙ୍କର ପ୍ରଥମ ଓ ପ୍ରଧାନ ଆବଶ୍ୟକତା—ଚରିତ୍ର ଗଠନ—ଯାହାକୁ 'ପ୍ରତିଷ୍ଠିତ ପ୍ରଜ୍ଞା' ବୋଲି କୁହାଯାଏ । ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଏହା ଯେପରି ଆବଶ୍ୟକ, ବ୍ୟକ୍ତିଙ୍କର ସମଷ୍ଟି ସମାଜ ପକ୍ଷରେ ମଧ୍ୟ ତଦ୍ରୂପ । ଜଗତ୍ ପ୍ରତ୍ୟେକ ନୂତନ ଉଦ୍ୟମ ପ୍ରତି, ଏପରିକି ଧର୍ମପ୍ରଚାରର ନୂତନ ପ୍ରଚେଷ୍ଟା ପ୍ରତି ମଧ୍ୟ ସନ୍ଦେହ ଦୃଷ୍ଟିରେ ଦେଖିଥାଏ ବୋଲି ବିରକ୍ତ ହୁଅନ୍ତୁ ନାହିଁ । ସେମାନଙ୍କର ବା ଅପରାଧ କ'ଣ ? କେତେଲୋକ କେତେଥର ତାଙ୍କୁ ପ୍ରତାରିତ କରିଛନ୍ତି ! ଏ ସଂସାର କୌଣସି ନୂତନ ସମ୍ପ୍ରଦାୟ ପ୍ରତି ଯେତେ ସନ୍ଦେହ ଦୃଷ୍ଟିରେ ଦେଖୁ ବା ତା'ପ୍ରତି ବୈରଭାବାପନ୍ନ ହେଉ, ତାହା ପକ୍ଷରେ ସେସବୁ ସେତିକି ମଙ୍ଗଳକର । ଯଦି ଏହି ସମ୍ପ୍ରଦାୟର ପ୍ରଚାରରେ କୌଣସି ଉପଯୁକ୍ତ ସତ୍ୟ ଥାଏ, ଯଦି ବାସ୍ତବିକ୍ କୌଣସି ଅଭାବ-ମୋଚନ ପାଇଁ ଏହାର ଜନ୍ମ ହୋଇଥାଏ, ତେବେ ନିନ୍ଦା ଅତିଶୀଘ୍ର ପ୍ରଶଂସାରେ ଏବଂ ଘୃଣା

ପ୍ରୀତରେ ପରିଣତ ହେବ । ଆଜକାଲି ଲୋକେ ପ୍ରାୟ ଧର୍ମକୁ କୌଣସି ପ୍ରକାର ସାମାଜିକ ବା ରାଜନୈତିକ ଉଦ୍ଦେଶ୍ୟ-ସାଧନର ଉପାୟ ରୂପେ ଗ୍ରହଣ କରିଥାନ୍ତି । ଏ ବିଷୟରେ ସାବଧାନ ରହିବେ । ଧର୍ମର ଉଦ୍ଦେଶ୍ୟ ଧର୍ମ । ଯେଉଁ ଧର୍ମ କେବଳ ମାତ୍ର ସାଂସାରିକ ସୁଖଲାଭର ଉପାୟ ସ୍ୱରୂପ, ତାହା ଆଉ ଯାହା ହେଉନା କାହିଁକି, କଦାପି ଧର୍ମ ନୁହେଁ । ଆଉ ଅବାଧ ଇନ୍ଦ୍ରିୟ-ସୁଖ-ଭୋଗ ବ୍ୟତୀତ ମନୁଷ୍ୟ ଜୀବନର ଆଉ କୌଣସି ଉଦ୍ଦେଶ୍ୟ ନାହିଁ ବୋଲି କହିଲେ ଧର୍ମ ବିରୋଧରେ, ଈଶ୍ୱର ବିରୋଧରେ ଏବଂ ମନୁଷ୍ୟ ବିରୋଧରେ ଘୋରତର ଅପରାଧ ହେବ ।

ସତ୍ୟ, ପବିତ୍ରତା ଓ ନିଃସ୍ୱାର୍ଥପରତା—ଯେଉଁ ବ୍ୟକ୍ତିଠାରେ ଏହି ଗୁଣଗୁଡ଼ିକ ବିଦ୍ୟମାନ—ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ଏପରି କୌଣସି ଶକ୍ତି ନାହିଁ ଯାହା ତାହାର କୌଣସି କ୍ଷତି-ସାଧନ କରିପାରେ । ଏଗୁଡ଼ିକ ସମ୍ବଳ ଥିଲେ, ସମଗ୍ର ବ୍ରହ୍ମାଣ୍ଡ ତା' ବିପକ୍ଷରେ ଦଣ୍ଡାୟମାନ ହେଲେ ସୁଦ୍ଧା ଜଣେ ବ୍ୟକ୍ତି ତାହାର ସମ୍ମୁଖୀନ ହୋଇପାରେ ।

ସର୍ବୋପରି ସାଲିସ୍ କରିବା ବିଷୟରେ ମୋର ଏହା କହିବାର ଉଦ୍ଦେଶ୍ୟ ନୁହେଁ ଯେ, କାହା ସହିତ ବିରୋଧ କରିବାକୁ ପଡ଼ିବ; କିନ୍ତୁ ସୁଖରେ ହେଉ ବା ଦୁଃଖରେ ହେଉ ନିଜର ଆଦର୍ଶକୁ ସର୍ବଦା ଧରି ରହିବାକୁ ପଡ଼ିବ । ଦଳ ପୁଷ୍ଟି ଉଦ୍ଦେଶ୍ୟରେ ନିଜର ମତକୁ ଅପରଙ୍କ ବିଭିନ୍ନ ଖିଆଲ ଅନୁଯାୟୀ ପରିବର୍ତ୍ତିତ କରନ୍ତୁ ନାହିଁ । ଆପଣଙ୍କର ଆତ୍ମା ସମୁଦାୟ ବ୍ରହ୍ମାଣ୍ଡର ଆଶ୍ରୟ । ତେଣୁ ଆପଣଙ୍କ ପାଇଁ ଅପର ଆଶ୍ରୟର ଆଉ କ'ଣ ପ୍ରୟୋଜନ ? ସହିଷ୍ଣୁତା, ପ୍ରୀତି ଓ ଦୃଢ଼ତାର ସହିତ ଅପେକ୍ଷା କରନ୍ତୁ; ଯଦି ବର୍ତ୍ତମାନ କୌଣସି ସାହାଯ୍ୟକାରୀ ନ ମିଳନ୍ତି, ତେବେ ଯଥାସମୟରେ ପାଇବେ । ତରବର ହୋଇ ଲାଭ କ'ଣ ? ସମସ୍ତ ମହତ୍ତ୍ୱ କାର୍ଯ୍ୟର ଆରମ୍ଭ ସମୟରେ ତାହାର ପ୍ରାଣଶକ୍ତିର ଅସ୍ତିତ୍ୱ ସହଜରେ ବୁଝାପଡ଼େ ନାହିଁ ।

କିଏ ଭାବିଥିଲା ଯେ, ସୁଦୂର ବଙ୍ଗୀୟ ପଲ୍ଲୀଗ୍ରାମର ଜଣେ ଦରିଦ୍ର ବ୍ରାହ୍ମଣ-ତନୟଙ୍କ ଜୀବନ ଓ ଉପଦେଶ ଏହି ଅଳ୍ପ କେତେକ ବର୍ଷ ମଧ୍ୟରେ ଏପରି ଦୂରଦେଶର ଲୋକଙ୍କ ନିକଟରେ ପରିଚିତ ହେବ, ଯାହାକି ଆମର ପୂର୍ବପୁରୁଷମାନେ ସ୍ୱପ୍ନରେ ସୁଦ୍ଧା କେବେ ଧାରଣା କରି ନଥିଲେ ? ମୁଁ ଭଗବାନ୍ ରାମକୃଷ୍ଣଙ୍କ କଥା କହୁଛି । ଅଧ୍ୟାପକ ମ୍ୟାକ୍ସମୁଲର୍ 'ନାଇଣ୍ଟିଥ ସେଞ୍ଚୁରୀ' ନାମକ ପତ୍ରିକାରେ ଶ୍ରୀରାମକୃଷ୍ଣଙ୍କ ସମ୍ପର୍କରେ ଏକ ପ୍ରବନ୍ଧ ଲେଖିଛନ୍ତି ଏବଂ ଯଦି ଉପଯୁକ୍ତ ଉପାଦାନ ପାଆନ୍ତି, ତା'ହେଲେ ଆନନ୍ଦର ସହିତ ତାହାଙ୍କ ଜୀବନୀ ଓ ଉପଦେଶ ସମ୍ପର୍କରେ ଆହୁରି ବିସ୍ତାରିତ ବିବରଣ-ସମ୍ବଳିତ ଏକ ଗ୍ରନ୍ଥ ଲେଖିବାକୁ ପ୍ରସ୍ତୁତ ଅଛନ୍ତି—ଏହା ଆପଣ ଶୁଣିଛନ୍ତି କି ? ଅଧ୍ୟାପକ ମ୍ୟାକ୍ସମୁଲର୍ ଜଣେ ଅସାଧାରଣ ବ୍ୟକ୍ତି । ମୁଁ କିଛିଦିନ ତଳେ ତାଙ୍କ ସହିତ ସାକ୍ଷାତ୍ କରିବାକୁ ଯାଇଥିଲି । ବାସ୍ତବିକ୍ କହିବାକୁ ଗଲେ, ମୁଁ ତାଙ୍କ ପ୍ରତି ମୋର ଭକ୍ତି-ନିବେଦନ ଜଣାଇବାକୁ ଯାଇଥିଲି । କାରଣ, ଯେକୌଣସି ବ୍ୟକ୍ତି ଶ୍ରୀରାମକୃଷ୍ଣଙ୍କୁ ଶ୍ରଦ୍ଧା କରନ୍ତି—ସେ ସ୍ତ୍ରୀ ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, ସେ ଯେକୌଣସି ସମ୍ପ୍ରଦାୟ, ମତ ବା ଜାତିଭୁକ୍ତ ହୁଅନ୍ତୁ ନା କାହିଁକି—ତାହାଙ୍କୁ ଦର୍ଶନ କରିବାକୁ ଯିବା ଏକ ତୀର୍ଥଯାତ୍ରା

ବୋଲି ମୁଁ ମନେକରେ । 'ମଦ୍‌ଭକ୍ତାନାଞ୍ଚ ଯେ ଭକ୍ତାସ୍ତେ ମେ ଭକ୍ତତମା ମତାଃ'—ମୋର ଭକ୍ତଙ୍କର ଯେଉଁମାନେ ଭକ୍ତ, ସେମାନେ ହିଁ ମୋର ସର୍ବଶ୍ରେଷ୍ଠ ଭକ୍ତ ! ଏହା କଅଣ ସତ୍ୟ ନୁହେଁ ?

ସ୍ୱର୍ଗୀୟ କେଶବଚନ୍ଦ୍ର ସେନଙ୍କ ଜୀବନରେ ହଠାତ୍ ଏକ ଗୁରୁତର ପରିବର୍ତ୍ତନ କିପରି ସଂଘଟିତ ହେଲା, ସେ ସମ୍ପର୍କରେ ପ୍ରଥମେ ଅନୁସନ୍ଧାନ କରିବାକୁ ଅଧ୍ୟାପକ ମ୍ୟାକ୍‌ସମୁଲର୍ ପ୍ରବୃତ୍ତ ହୋଇଥିଲେ । ତା'ପରଠାରୁ ସେ ଶ୍ରୀରାମକୃଷ୍ଣଙ୍କ ଜୀବନ ଓ ଉପଦେଶ ପ୍ରତି ବିଶେଷ ଆକୃଷ୍ଟ ହେଲେ ଏବଂ ସେ ସମ୍ପର୍କରେ ଚର୍ଚ୍ଚା ଆରମ୍ଭ କଲେ । ମୁଁ କହିଲି, 'ଅଧ୍ୟାପକ ମହାଶୟ, ଆଜି କାଲି ସହସ୍ର ସହସ୍ର ଲୋକ ରାମକୃଷ୍ଣଙ୍କୁ ପୂଜା କରୁଛନ୍ତି ।' ସେ ଉତ୍ତର ଦେଲେ, 'ଏପରି ବ୍ୟକ୍ତିଙ୍କୁ ଲୋକେ ପୂଜା ନ କରିବେ ତ ଆଉ କାହାକୁ ପୂଜା କରିବେ ?' ଅଧ୍ୟାପକ ଯେପରି ସହୃଦୟତାର ମୂର୍ତ୍ତି-ବିଶେଷ । ସେ ଷ୍ଟର୍ଡି ସାହେବଙ୍କୁ ଓ ମୋତେ ତାଙ୍କ ସହିତ ମଧ୍ୟାହ୍ନ ଭୋଜନ କରିବାକୁ ନିମନ୍ତ୍ରଣ କଲେ ଏବଂ ଆମକୁ ଅକ୍‌ସଫୋର୍ଡର କେତେକ କଲେଜ ଓ ବୋଡ୍‌ଲିୟାନ୍ ପୁସ୍ତକାଗାର (Bodleian Library) ଦେଖାଇଲେ । ଆମମାନଙ୍କୁ ବିଦାୟ ଦେବାକୁ ରେଲଷ୍ଟେସନ ପର୍ଯ୍ୟନ୍ତ ମଧ୍ୟ ଆସିଥିଲେ । ଆମକୁ ଏତେ ଯତ୍ନ କାହିଁକି କରୁଛନ୍ତି ବୋଲି ପ୍ରଶ୍ନ କରିବାରୁ ଉତ୍ତର ଦେଲେ, 'ରାମକୃଷ୍ଣ ପରମହଂସଙ୍କ ଜଣେ ଶିଷ୍ୟଙ୍କ ସାଙ୍ଗରେ ତ ପ୍ରତିଦିନ ସାକ୍ଷାତ୍ ହୋଇପାରିବ ନାହିଁ !'

ତାଙ୍କୁ ଦେଖି ବାସ୍ତବିକ ମୁଁ ଏକ ନୂତନ ଦୃଷ୍ଟି ଲାଭ କରିଛି । ସୁନ୍ଦର ଉଦ୍ୟାନ-ସମନ୍ୱିତ ସେହି ମନୋରମ କ୍ଷୁଦ୍ର ଗୃହ, ସପ୍ତତିବର୍ଷ-ବୟଃକ୍ରମ ସତ୍ତ୍ୱେ ସେହି ସ୍ଥିର ପ୍ରସନ୍ନ ଆନନ, ବାଳସୁଲଭ ମସୃଣ ଲଲାଟ, ରଜତଶୁଭ୍ର କେଶ, ଋଷିହୃଦୟର କେଉଁ ନିଭୃତ ଅନ୍ତରାଳରେ ଗଭୀର ଆଧ୍ୟାତ୍ମିକତାର ଖଣିର ଅସ୍ତିତ୍ୱସୂଚକ ତାଙ୍କର ସେହି ବଦନର ପ୍ରତ୍ୟେକ ରେଖା, ତାଙ୍କର ସମଗ୍ର ଜୀବନର (ଯାହାଙ୍କ ଜୀବନ ପ୍ରାଚୀନ ଭାରତର ଋଷିଗଣଙ୍କ ଚିନ୍ତାରାଶି ପ୍ରତି ସହାନୁଭୂତି-ଆକର୍ଷଣ, ସେଥିପ୍ରତି ଲୋକଙ୍କ ଭିତରେ ଥିବା ବିରୋଧ ଓ ଘୃଣାଭାବର ଦୂରୀକରଣ ଏବଂ ଅବଶେଷରେ ଶ୍ରଦ୍ଧା-ଉତ୍ପାଦନରୂପକ ଦୀର୍ଘକାଳବ୍ୟାପୀ ଦୁଃସାଧ୍ୟ କାର୍ଯ୍ୟରେ ବ୍ୟାପୃତ ରହିଥିଲା) ସଙ୍ଗିନୀ ସେହି ଉଚ୍ଚାଶୟା ସହଧର୍ମିଣୀ, ତାଙ୍କର ସେହି ଉଦ୍ୟାନର ତରୁରାଜି, ପୁଷ୍ପନିଚୟ, ସେଠାର ନିସ୍ତବ୍ଧ ପରିବେଶ ଓ ନିର୍ମଳ ଆକାଶ—ଏ ସମସ୍ତ ମିଶି ମୋ କଳ୍ପନାରେ ପ୍ରାଚୀନ ଭାରତର ସେହି ଗୌରବମୟ ଯୁଗକୁ ନେଇଗଲା—ଯେତେବେଳେ ବାସ କରୁଥିଲେ ଆମର ବ୍ରହ୍ମର୍ଷି ଓ ରାଜର୍ଷିଗଣ ଏବଂ ଉଚ୍ଚାଶୟ ବାନପ୍ରସ୍ଥୀଗଣ—ସେହି ଅରୁନ୍ଧତୀ ଓ ବଶିଷ୍ଠ ଆଦିଙ୍କ ଯୁଗରେ ।

ଜଣେ ଭାଷାତତ୍ତ୍ୱବିତ୍ ବା ପଣ୍ଡିତ ଭାବରେ ମୁଁ ତାଙ୍କୁ ଦେଖି ନ ଥିଲି, ମୁଁ ଦେଖିଲି—ଯେପରି କୌଣସି ଆତ୍ମା ପ୍ରତିଦିନ ବ୍ରହ୍ମଙ୍କ ସହିତ ନିଜର ଏକତ୍ୱ ଅନୁଭବ କରୁଛନ୍ତି, ଯେପରି କୌଣସି ହୃଦୟ ଅନନ୍ତ ସହିତ ମିଳିତ ହେବା ଲାଗି ପ୍ରତି ମୁହୂର୍ତ୍ତରେ ପ୍ରସାରିତ ହେଉଛି । ଯେଉଁଠାରେ ଅନ୍ୟମାନେ ଶୁଷ୍କ, ଅପ୍ରୟୋଜନୀୟ ବିଚାରରୂପକ ମରୁଭୂମିରେ ବାଟହରା, ସେଠାରେ ସେ ଏକ ଜୀବନପ୍ରଦ ଉତ୍ସର ସନ୍ଧାନ ପାଇଛନ୍ତି । ତାଙ୍କର ହୃତ୍‌ସ୍ପନ୍ଦନ ଯେପରି

ଉପନିଷଦ୍‌ର ସେହି ଛନ୍ଦରେ ଧ୍ୱନିତ ହେଉଛି, 'ତମେବୈକଂ ଜାନଥ ଆତ୍ମାନଂ ଅନ୍ୟା ବାଚୋ ବିମୁଞ୍ଚଥ'—ଅର୍ଥାତ୍ ସେହି ଏକ ଆତ୍ମାକୁ ଉପଲବ୍ଧି କର, ଅନ୍ୟ ବିଷୟ ତ୍ୟାଗ କର ।

ଯଦିଓ ସେ ଜଣେ ବ୍ରହ୍ମାଣ୍ଡ-ଆଲୋଡ଼ନକାରୀ ପଣ୍ଡିତ ଓ ଦାର୍ଶନିକ, ତଥାପି ତାଙ୍କର ପାଣ୍ଡିତ୍ୟ ଓ ଦର୍ଶନ ତାଙ୍କୁ କ୍ରମଶଃ ଉଚ୍ଚରୁ ଉଚ୍ଚତର ଦେଶକୁ ନେଇଯାଇ ଚୈତନ୍ୟସତ୍ତ୍ୱର ସାକ୍ଷାତ୍କାର ପାଇଁ ସମର୍ଥ କରିଛି । ତାଙ୍କର ଅପରା ବିଦ୍ୟା ବାସ୍ତବିକ୍ ତାଙ୍କୁ ପରାବିଦ୍ୟା ଲାଭରେ ସହାୟତା କରିଛି । ଏହା ହିଁ ପ୍ରକୃତ ବିଦ୍ୟା—ବିଦ୍ୟା ଦଦାତି ବିନୟମ୍ । ଜ୍ଞାନ ଯଦି ଆମମାନଙ୍କୁ ସେହି ପରାତ୍ପର ନିକଟକୁ ନେଇ ନ ପାରେ, ତା'ହେଲେ ଜ୍ଞାନର ଆଉ ସାର୍ଥକତା କ'ଣ ?

ଭାରତ ଉପରେ ତାଙ୍କର କି ଅନୁରାଗ ! ଯଦି ସେ ଅନୁରାଗର ଶତାଂଶରୁ ଏକାଂଶ ସୁଦ୍ଧା ମୋ ଭିତରେ ଥାଆନ୍ତା, ତେବେ ମୁଁ ନିଜକୁ ଧନ୍ୟ ମନେକରନ୍ତି । ସେହି ଅସାଧାରଣ ମନସ୍ୱୀ, ପଚାଶ ବା ତତୋଽଧିକ ବର୍ଷ ଧରି ଭାରତୀୟ ଚିନ୍ତା-ରାଜ୍ୟରେ ବସବାସ ଓ ବିଚରଣ କରୁଛନ୍ତି, ପରମ ଆଗ୍ରହ ଓ ହୃଦୟର ଶ୍ରଦ୍ଧା ସହିତ ସଂସ୍କୃତ ସାହିତ୍ୟରୂପକ ଅନନ୍ତ ଅରଣ୍ୟର ଆଲୋକ ଓ ଛାୟାର ବିନିମୟ ପର୍ଯ୍ୟବେକ୍ଷଣ କରିଛନ୍ତି; ଅବଶେଷରେ ଏ ସମସ୍ତ ତାଙ୍କ ହୃଦୟରେ ପ୍ରତିଷ୍ଠିତ ହୋଇଛି ଏବଂ ତାଙ୍କର ସର୍ବାଙ୍ଗରେ ସେଗୁଡ଼ିକର ବର୍ଣ୍ଣ ପ୍ରକାଶ ପାଇଛି ।

ମ୍ୟାକ୍ସମୁଲର ଜଣେ ମହାନ୍ ବୈଦାନ୍ତିକ । ପ୍ରକୃତରେ ସେ ବେଦାନ୍ତରୂପକ ରାଗିଣୀର ନାନାସ୍ୱର-ବିସ୍ତାରରେ ତାହାର ଅସଲ ତାନଟିକୁ ଧରିପାରିଛନ୍ତି । ବାସ୍ତବିକ୍ ବେଦାନ୍ତ ହେଉଛି ଏକମାତ୍ର ଆଲୋକ, ଯାହା ପୃଥିବୀର ସକଳ ସମ୍ପ୍ରଦାୟ ଓ ମତକୁ ଆଲୋକିତ କରୁଛି; ତାହା ହେଉଛି ଏକମାତ୍ର ତତ୍ତ୍ୱ, ସମସ୍ତ ଧର୍ମ ଯାହାର କାର୍ଯ୍ୟରେ ପରିଣତ ରୂପ ମାତ୍ର । ତେବେ ରାମକୃଷ୍ଣ ପରମହଂସ କିଏ ଥିଲେ ? ସେ ଏହି ପ୍ରାଚୀନ ତତ୍ତ୍ୱର ପ୍ରତ୍ୟକ୍ଷ ଉଦାହରଣ, ପ୍ରାଚୀନ ଭାରତର ସାକାର ବିଗ୍ରହସ୍ୱରୂପ ଓ ଭବିଷ୍ୟତ ଭାରତର ପୂର୍ବାଭାସ—ତାଙ୍କ ମାଧ୍ୟମରେ ସକଳ ଜାତି ଆଧ୍ୟାତ୍ମିକ ଆଲୋକ ଲାଭ କରିବେ । କଥାରେ ଅଛି—ସୁନା ଚହ୍ନେ ବଣିଆ । ତେଣୁ ମୁଁ କହେ, ଭାରତୀୟ ଚିନ୍ତାଗଗନରେ କୌଣସି ନୂତନ ନକ୍ଷତ୍ରର ଉଦୟ ହେବା ମାତ୍ରେ, ଭାରତବାସୀଗଣ ତାହାର ମହତ୍ତ୍ୱ ଉପଲବ୍ଧି କରିବା ପୂର୍ବରୁ ଉକ୍ତ ପାଶ୍ଚାତ୍ୟ ଋଷି ସେଥିପ୍ରତି ଆକୃଷ୍ଟ ହୋଇ ସେବିଷୟରେ ବିଶେଷ ଆଲୋଚନା କରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା !

ମୁଁ ତାଙ୍କୁ ପଚାରିଥିଲି, 'ଆପଣ କେବେ ଭାରତକୁ ଆସିବେ ? ଭାରତବାସୀଙ୍କ ପୂର୍ବ-ପୁରୁଷଙ୍କର ଚିନ୍ତାରାଶି ଆପଣ ଯଥାର୍ଥ ଭାବରେ ଅନ୍ୟମାନଙ୍କ ସମକ୍ଷରେ ପ୍ରକାଶ କରିଛନ୍ତି, ତେଣୁ ସେଠାର ସମସ୍ତେ ଆପଣଙ୍କ ଶୁଭାଗମନରେ ବିଶେଷ ଆନନ୍ଦିତ ହେବେ !' ବୃଦ୍ଧ ଋଷିଙ୍କ ମୁଖ ଉଜ୍ଜ୍ୱଳ ହୋଇଉଠିଲା, ତାଙ୍କ ନୟନରୁ ଏକ ବିନ୍ଦୁ ଅଶ୍ରୁ ପ୍ରାୟ ଝରି ଆସିଲା, ମୃଦୁ ଭାବରେ ମସ୍ତକ ହଲାଇ ଧୀରେ ଧୀରେ କହିଲେ, 'ତା'ହେଲେ ମୁଁ ଆଉ ଫେରିପାରିବି ନାହିଁ ।

ଆପଣଙ୍କର ସେଦେଶରେ ହିଁ ମୋତେ ଦାହ କରିବାକୁ ପଡ଼ିବ ।' ଆଉ ଅଧିକ ପ୍ରଶ୍ନ ମାନବ-ହୃଦୟର ପବିତ୍ର ରହସ୍ୟପୂର୍ଣ୍ଣ ରାଜ୍ୟରେ ଅନଧିକାର ପ୍ରବେଶ ତୁଲ୍ୟ ବୋଧ ହେଲା । କିଏ ଜାଣେ, କବି ଯାହା କହିଛନ୍ତି ଏହା ହିଁ ତାହା—

'ତଚ୍ଚେତସା ସ୍ମରତି ନୂନମବୋଧପୂର୍ବମ୍ ।
ଭାବସ୍ଥିରାଣି ଜନନାନ୍ତରସୌହୃଦାନି ॥'

—ସେ ନିଶ୍ଚୟ ଅଜ୍ଞାତସାରରେ ହୃଦୟରେ ଦୃଢ଼ଭାବରେ ନିବଦ୍ଧ ପୂର୍ବଜନ୍ମର ବନ୍ଧୁତ୍ୱ କଥା ଚିନ୍ତା କରୁଛନ୍ତି ।

ତାଙ୍କର ଜୀବନ ଜଗତ ପକ୍ଷରେ ପରମ ମଙ୍ଗଳସ୍ୱରୂପ ହୋଇଛି । ଈଶ୍ୱର କରନ୍ତୁ, ସେ ଯେପରି ଇହ-ଶରୀର ତ୍ୟାଗ କରିବା ପୂର୍ବରୁ ତାଙ୍କର ଜୀବନରେ ବହୁ ବର୍ଷ ଅତୀତ ହୋଇଯାଉ ।

## ଡକ୍ଟର ପଲ୍ ଡୟସନ୍

୧୮୯୭ ଖ୍ରୀ:, 'ବ୍ରହ୍ମବାଦନ୍'ର ସମ୍ପାଦକଙ୍କୁ ଲିଖିତ

ପ୍ରାୟ ଦଶବର୍ଷ ତଳର କଥା । କୌଣସି ମଧ୍ୟବିତ୍ତ ପାଦ୍ରୀଙ୍କର ଆଠଟି ସନ୍ତାନ ମଧ୍ୟରୁ ଅନ୍ୟତମ, ଜନୈକ ଅଳ୍ପବୟସ୍କ ଜର୍ମାନ ଛାତ୍ର ଥରେ ଅଧ୍ୟାପକ ଲାସେନ୍‌ଙ୍କଠାରୁ ଏକ ନୂତନ ଭାଷା ଓ ସାହିତ୍ୟ ସମ୍ପର୍କରେ ବକ୍ତୃତା ଶୁଣିବାକୁ ପାଇଲେ । ସେ ଭାଷା ଅର୍ଥାତ୍ ସଂସ୍କୃତ ସେତେବେଳେ ୟୁରୋପୀୟ ପଣ୍ଡିତବର୍ଗଙ୍କ ପକ୍ଷରେ ଏକ ସମ୍ପୂର୍ଣ୍ଣ ନୂତନ ଭାଷା ଓ ସାହିତ୍ୟ ଥିଲା । ଏହି ବକ୍ତୃତାଗୁଡ଼ିକ ଶୁଣିବା ପାଇଁ ଅବଶ୍ୟ ଖର୍ଚ୍ଚ ପଡ଼ୁ ନ ଥିଲା, କାରଣ, ବର୍ତ୍ତମାନ ସୁଦ୍ଧା କୌଣସି ବ୍ୟକ୍ତି ପକ୍ଷରେ କୌଣସି ୟୁରୋପୀୟ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଅଧ୍ୟାପନା କରି ଅର୍ଥୋପାର୍ଜନ କରିବା ଅସମ୍ଭବ—ଅବଶ୍ୟ ବିଶ୍ୱବିଦ୍ୟାଳୟ ଯଦି ତାଙ୍କର ପୃଷ୍ଠପୋଷକତା କରନ୍ତି, ତା'ହେଲେ ଅଲଗା କଥା ।

ଅଧ୍ୟାପକ ଲାସେନ୍ ଜର୍ମାନୀର ସଂସ୍କୃତ-ବିଦ୍ୟା-ଆଲୋଚନାକାରୀଙ୍କର ଅଗ୍ରଣୀ, ସେ ହିଁ ବୀର-ହୃଦୟ ଜର୍ମାନୀ ପଣ୍ଡିତମାନଙ୍କର ଶେଷ ପ୍ରତିନିଧି । ଏହି ପଣ୍ଡିତମାନେ ପ୍ରକୃତରେ ବୀର ବ୍ୟକ୍ତି ଥିଲେ, କାରଣ ବିଦ୍ୟା ପ୍ରତି ପବିତ୍ର ଓ ନିଃସ୍ୱାର୍ଥ ପ୍ରେମ ବ୍ୟତୀତ ସେତେବେଳର ଜର୍ମାନ ବିଦ୍ୱଜ୍ଜନଙ୍କ ପକ୍ଷରେ ଭାରତୀୟ ସାହିତ୍ୟ ପ୍ରତି ଆକର୍ଷଣ ପାଇଁ ଆଉ କଅଣ କାରଣ ବା ଥିଲା ? ସେହି ବହୁଦର୍ଶୀ ଅଧ୍ୟାପକ 'ଶକୁନ୍ତଳା'ର ଗୋଟିଏ ଅଧ୍ୟାୟ ବ୍ୟାଖ୍ୟା କରୁଥିଲେ । ସେଦିନ ଆମର ଉପରୋକ୍ତ ଯୁବକ ଛାତ୍ରଟି ଲାସେନ୍‌ଙ୍କ ବ୍ୟାଖ୍ୟାକୁ ଯେପରି ଆଗ୍ରହ ଓ ମନଯୋଗର ସହିତ ଶ୍ରବଣ କରୁଥିଲେ, ସେପରି ଆଗ୍ରହବାନ୍ ଶ୍ରୋତା ସେଠାରେ ଆଉ କେହି ନ ଥିଲେ । ବ୍ୟାଖ୍ୟା ଓ ବିଷୟଟି ଅବଶ୍ୟ ଅତିଶୟ ହୃଦୟଗ୍ରାହୀ ଓ ଅଦ୍ଭୁତ ବୋଧ ହେଉଥିଲା; କିନ୍ତୁ ସର୍ବାପେକ୍ଷା ବିଚିତ୍ର ଲାଗୁଥିଲା ସେହି ଅପରିଚିତ ଭାଷା, ଯାହାର ଅପରିଚିତ ଶବ୍ଦଗୁଡ଼ିକ—ଅନଭ୍ୟସ୍ତ ୟୁରୋପୀୟ ମୁଖରୁ ଉଚ୍ଚାରିତ ହେଲେ ତାହାର ବ୍ୟଞ୍ଜନବର୍ଣ୍ଣଗୁଡ଼ିକ ଯେପରି

କମ୍ଭୁତକିମାକାର ମୂର୍ତ୍ତି ଧାରଣ କରେ, ସେହିପରି ଉଚ୍ଚାରିତ ହେଉଥିଲେ ମଧ୍ୟ ଯୁବକଙ୍କୁ ଅଦ୍ଭୁତ ଭାବେ ମନ୍ତ୍ରମୁଗ୍ଧ କରିଥିଲା । ସେ ନିଜ ଘରକୁ ଫେରିଆସିଲେ । କିନ୍ତୁ ସେ ଯାହା ଶୁଣିଥିଲେ, ତାହା ରାତିର ନିଦ୍ରାରେ ମଧ୍ୟ ଭୁଲିପାରିଲେ ନାହିଁ । ଏତେଦିନକେ ଯେପରି ସେ ଏକ ଅଜ୍ଞାତ, ଅଚିହ୍ନା ଦେଶର ଚକିତ ଦର୍ଶନ ଲାଭ କଲେ, ଏହି ଦେଶ ଯେପରି ତାଙ୍କର ଦୃଷ୍ଟି ଅନ୍ୟାନ୍ୟ ଦେଶ ଅପେକ୍ଷା ବର୍ଣ୍ଣବିଭାରେ ଅଧିକ ସମୁଜ୍ଜ୍ୱଳ; ତାହାର ଯେପରି ମୋହିନୀ-ଶକ୍ତି, ଏପରି ଆକର୍ଷଣ ଏହି ଉଦ୍ଦାମ ଯୁବକ-ହୃଦୟ ଏହା ପୂର୍ବରୁ କେବେହେଲେ ସେପରି ଅନୁଭବ କରି ନ ଥିଲା ।

ଯୁବକଙ୍କ ବନ୍ଧୁବର୍ଗ ସ୍ୱଭାବତଃ ଉଦ୍‌ବିଗ୍ନ ଭାବରେ ଚାହିଁ ରହିଥିଲେ, କେବେ ଏହି ଯୁବକଙ୍କର ସ୍ୱାଭାବିକ ତୀକ୍ଷ୍ଣ ମେଧା ସମ୍ୟକ୍ ସୁପରିସ୍ଫୁଟ ହେବ । ସେମାନେ ଆଶା କରିଥିଲେ, ସେ କୌଣସି ଉଚ୍ଚ-ଶିକ୍ଷିତଙ୍କର ବୃତ୍ତିରେ ନିଯୁକ୍ତ ହୋଇ ସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନ-ଭାଜନ ହେବେ, ସର୍ବୋପରି ଉଚ୍ଚ ବେତନ ଓ ପଦମର୍ଯ୍ୟାଦା ପ୍ରାପ୍ତ ହେବେ ! କିନ୍ତୁ କୁଆଡ଼ୁ ଏ ସଂସ୍କୃତ ଆସି ଜୁଟିଗଲା । ଅଧିକାଂଶ ୟୁରୋପୀୟ ପଣ୍ଡିତ ସେତେବେଳେ ଏ ଭାଷାର ନାମ ପର୍ଯ୍ୟନ୍ତ ଶୁଣି ନ ଥିଲେ । ଆଉ ତାହାକୁ ଅବଲମ୍ବନ କରି ଅର୍ଥ ଉପାର୍ଜନ ? ମୁଁ ଆଗରୁ କହିଛି ଯେ, ସଂସ୍କୃତ ଭାଷାରେ ପଣ୍ଡିତ ହୋଇ ଅର୍ଥୋପାର୍ଜନ କରିବା ପାଶ୍ଚାତ୍ୟ ଦେଶ-ମାନଙ୍କରେ ବର୍ତ୍ତମାନ ସୁଦ୍ଧା ଅସମ୍ଭବ । ତଥାପି ଆମର ଏହି ଆଲୋଚ୍ୟ ଯୁବକଙ୍କ ମନରେ ସଂସ୍କୃତ ଶିଖିବା ଲାଗି ପ୍ରବଳ ଆଗ୍ରହ ଜାଗ୍ରତ ହେଲା ।

ଦୁଃଖର କଥା, ବିଦ୍ୟାଲାଭ ପାଇଁ ବିଦ୍ୟାଶିକ୍ଷାର ଯେଉଁ ଆଗ୍ରହ—ତାହା ଯେ କି ପ୍ରକାର ବସ୍ତୁ, ସେ ବିଷୟ ହୃଦୟଙ୍ଗମ କରିବା ଆମର ଆଧୁନିକ ଭାରତୀୟଙ୍କ ପକ୍ଷରେ ଅତ୍ୟନ୍ତ କଠିନ ହୋଇପଡ଼ିଛି । ଏହା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଭାରତର ନବଦ୍ୱୀପ, ବାରାଣସୀ ଓ ଭାରତର ଅନ୍ୟ କେତେକ ସ୍ଥାନରେ ଥିବା ପଣ୍ଡିତଗଣଙ୍କ ମଧ୍ୟରେ, ବିଶେଷ କରି କେତେକ ସନ୍ନ୍ୟାସୀଙ୍କ ମଧ୍ୟରେ ବୟସ୍କ ତଥା ଯୁବକ, ଉଭୟ ଶ୍ରେଣୀର ଏପରି କେତେକ ବ୍ୟକ୍ତିଙ୍କର ସାକ୍ଷାତ୍ ମିଳେ, ଯେଉଁମାନେ ଏହିପରି ଜ୍ଞାନ-ତୃଷ୍ଣାରେ ଉନ୍ମତ୍ତ । ଆଧୁନିକ ୟୁରୋପୀୟ-ଭାବାପନ୍ନ ହିନ୍ଦୁଙ୍କ ବିଳାସୋପକରଣଶୂନ୍ୟ, ଅଧ୍ୟୟନ ଲାଗି ସେମାନଙ୍କ ଅପେକ୍ଷା ସହସ୍ର ଗୁଣରେ ସ୍ୱଳ୍ପସୁଯୋଗବିଶିଷ୍ଟ, ରାତି ରାତି ଧରି ତୈଳପ୍ରଦୀପର କ୍ଷୀଣ ଆଲୋକରେ ହସ୍ତଲିଖିତ ପୋଥି ଉପରେ ନିବଦ୍ଧ-ଦୃଷ୍ଟି (ଯେଉଁ ଅବସ୍ଥାରେ ଅନ୍ୟ କୌଣସି ଜାତିର ଛାତ୍ରଙ୍କ ଦୃଷ୍ଟିଶକ୍ତି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାର ସମ୍ଭାବନା), କୌଣସି ଦୁର୍ଲ୍ଲଭ ହସ୍ତଲିଖିତ ଗ୍ରନ୍ଥ ବା ବିଖ୍ୟାତ ଅଧ୍ୟାପକଙ୍କ ଅନୁସନ୍ଧାନରେ କେବଳ ଭିକ୍ଷା ଉପରେ ନିର୍ଭର କରି ଶତଶତ କୋଶ ପଦବ୍ରଜରେ ଭ୍ରମଣକାରୀ, ବର୍ଷ ବର୍ଷ ଧରି—ମସ୍ତକର କେଶ ଶୁଭ୍ର ହୋଇ ବୟସ-ଭାରରେ ଶରୀର ଅକ୍ଷମ ହୋଇ ନ ପଡ଼ିବା ପର୍ଯ୍ୟନ୍ତ—ନିଜ ପଠିତବ୍ୟ ବିଷୟରେ ଅଦ୍ଭୁତ ଭାବରେ ଦେହମନର ସମଗ୍ର ଶକ୍ତି ପ୍ରୟୋଗ କରୁଥିବା ଛାତ୍ର ଈଶ୍ୱରଙ୍କ କୃପାରୁ ବର୍ତ୍ତମାନ ସୁଦ୍ଧା ଏ ଦେଶରୁ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇ ନାହାନ୍ତି । ବର୍ତ୍ତମାନ ଭାରତ ଯାହାକୁ ନିଜର ମୂଲ୍ୟବାନ୍ ସମ୍ପତ୍ତି ବୋଲି କହି ଗର୍ବ କରୁଛି, ତାହା ନିଶ୍ଚିତ ଭାବରେ ତାହାର ଅତୀତକାଳର ଉପଯୁକ୍ତ ସନ୍ତାନଗଣଙ୍କର

ଏତାଦୃଶ ପରିଶ୍ରମର ଫଳସ୍ୱରୂପ । ପ୍ରାଚୀନ ଯୁଗର ଭାରତୀୟ ପଣ୍ଡିତଗଣଙ୍କ ପାଣ୍ଡିତ୍ୟର ଗଭୀରତା ଓ ସାରବତ୍ତା ଏବଂ ସେମାନଙ୍କର ସ୍ୱାର୍ଥଗନ୍ଧହୀନତା ଓ ଉଦ୍ଦେଶ୍ୟର ଐକାନ୍ତିକତାର ସହିତ ଆଧୁନିକ ଭାରତର ବିଶ୍ୱବିଦ୍ୟାଳୟ-ଶିକ୍ଷାର ପରିଣତିକୁ ତୁଳନା କଲେ ମୋର ଉପର୍ଯ୍ୟୁକ୍ତ ମନ୍ତବ୍ୟର ସତ୍ୟତା ସୁସ୍ପଷ୍ଟ ହେବ । ଯଦି ଭାରତୀୟମାନେ ନିଜର ଐତିହାସିକ ଅତୀତ ଯୁଗ ପରି ବର୍ତ୍ତମାନ ଅନ୍ୟ ଜାତି ମଧ୍ୟରେ ପୁଣି ସ୍ୱୀୟ ପଦମର୍ଯ୍ୟାଦା ପ୍ରତିଷ୍ଠିତ କରିବାକୁ ଚାହାଁନ୍ତି, ତା'ହେଲେ ସେମାନଙ୍କ ଜୀବନରେ ଯଥାର୍ଥ ପାଣ୍ଡିତ୍ୟ ପାଇଁ ସ୍ୱାର୍ଥହୀନ ଅକପଟ ଉତ୍ସାହ ଓ ସାଗ୍ରହ ଚିନ୍ତାଶକ୍ତି ପୁନର୍ବାର ପ୍ରବଳଭାବେ ଜାଗରିତ ହେବା ଆବଶ୍ୟକ । ଏପ୍ରକାର ଜ୍ଞାନନିଷ୍ଠା ହିଁ ଜର୍ମାନୀକୁ ତାହାର ଆଧୁନିକ ପଦବୀକୁ ଉନ୍ନୀତ କରିଛି—ଏ ପଦବୀ ବର୍ତ୍ତମାନ ସମଗ୍ର ପୃଥିବୀରେ ସର୍ବଶ୍ରେଷ୍ଠ ନ ହୋଇପାରେ, କିନ୍ତୁ ଶ୍ରେଷ୍ଠଗଣଙ୍କ ମଧ୍ୟରେ ଯେ ଅନ୍ୟତମ, ଏଥିରେ ସନ୍ଦେହ ନାହିଁ ।

ଏବେ ଯାହା କହୁଥିଲି—ସେହି ଜର୍ମାନୀ ଯୁବକଙ୍କ ହୃଦୟରେ ସଂସ୍କୃତ-ଶିକ୍ଷାର ବାସନା ପ୍ରବଳ ହୋଇ ଉଠିଥିଲା । ଅବଶ୍ୟ ସଂସ୍କୃତ ଶିକ୍ଷା କରିବାକୁ ହେଲେ ଦୀର୍ଘକାଳ ଧରି ଅଧ୍ୟବସାୟ ସହକାରେ ପର୍ବତାରୋହଣ ତୁଲ୍ୟ କଠୋର ପରିଶ୍ରମ ଆବଶ୍ୟକ । ଏହି ଦୃଷ୍ଟିରୁ ଏହି ପାଶ୍ଚାତ୍ୟ ବିଦ୍ୟାର୍ଥୀଙ୍କର ଜୀବନ ଅନ୍ୟ ସକଳ ସଫଳକାମ ବିଦ୍ୟାର୍ଥୀଗଣଙ୍କ ଚିରପରିଚିତ କାହାଣୀ ସହିତ ସମାନ । ସେମାନଙ୍କ ପରି ଏହି ଯୁବକ ମଧ୍ୟ କଠୋର ପରିଶ୍ରମ କରି, ଅନେକ ଦୁଃଖକଷ୍ଟ ସ୍ୱୀକାର କରି, ଅଦମ୍ୟ ଉତ୍ସାହର ସହିତ ନିଜ ବ୍ରତରେ ଦୃଢ଼ ଭାବରେ ଲାଗିରହିଲେ ଏବଂ ଫଳତଃ ଯଥାର୍ଥ ବୀରଜନୋଚିତ ସାଫଲ୍ୟର ଗୌରବ-ମୁକୁଟରେ ଭୂଷିତ ହେଲେ । ଏହି ଭାବରେ ଯୁବକଙ୍କର ଅଭୀଷ୍ଟ ସିଦ୍ଧ ହେଲା । ବର୍ତ୍ତମାନ କେବଳ ୟୁରୋପ ନୁହେଁ, ସମଗ୍ର ଭାରତବର୍ଷରେ କିୟେଲ୍ ବିଶ୍ୱବିଦ୍ୟାଳୟର ପଲ୍ ଡୟସନ୍ ନାମକ ଏହି ଦର୍ଶନ-ଶାସ୍ତ୍ର-ଅଧ୍ୟାପକ ସର୍ବଜନ ସୁପରିଚିତ । ଆମେରିକା ଓ ୟୁରୋପରେ ସଂସ୍କୃତ ଶାସ୍ତ୍ରର ବହୁ ଅଧ୍ୟାପକଙ୍କୁ ମୁଁ ଦେଖିଛି । ସେମାନଙ୍କ ମଧ୍ୟରୁ ଅନେକେ ବୈଦାନ୍ତିକ ଭାବ ପ୍ରତି ବିଶେଷ ସହାନୁଭୂତିସମ୍ପନ୍ନ । ସେମାନଙ୍କର ମନୀଷା ଓ ନିଃସ୍ୱାର୍ଥ କାର୍ଯ୍ୟରେ ଉତ୍ସର୍ଗୀକୃତ ଜୀବନ ଦେଖି ମୁଁ ମୁଗ୍ଧ ହୋଇଛି । କିନ୍ତୁ ପଲ୍ ଡୟସନ୍ (ଅଥବା ଯେ ନିଜକୁ ସଂସ୍କୃତରେ ଦେବସେନା ବୋଲି ଅଭିହିତ କରିବାକୁ ପସନ୍ଦ କରନ୍ତି) ଏବଂ ବୃଦ୍ଧ ମ୍ୟାକ୍ସମୁଲାର୍ ଭାରତ ତଥା ଭାରତୀୟ ଚିନ୍ତାପ୍ରଣାଳୀର ସର୍ବାପେକ୍ଷା ଅକୃତ୍ରିମ ବନ୍ଧୁ ବୋଲି ମୋର ଧାରଣା । କିୟେଲ୍ ନଗରରେ ଏହି ଉତ୍ସାହୀ ବୈଦାନ୍ତିକଙ୍କ ସହିତ ମୋର ପ୍ରଥମ ସାକ୍ଷାତ୍, ତାଙ୍କର ଭାରତ-ଭ୍ରମଣର ସଙ୍ଗିନୀ ଧୀରପ୍ରକୃତି ସହଧର୍ମିଣୀ ଓ ତାଙ୍କର ହୃଦୟାନନ୍ଦଦାୟିନୀ ବାଳିକା କନ୍ୟା, ଜର୍ମାନୀ ଓ ହଲାଣ୍ଡ ମଧ୍ୟଦେଇ ଆମମାନଙ୍କର ଏକତ୍ର ଲଣ୍ଡନ୍-ଯାତ୍ରା ଏବଂ ଲଣ୍ଡନ୍ ତଥା ତତ୍ପାର୍ଶ୍ୱବର୍ତ୍ତୀ ସ୍ଥାନମାନଙ୍କରେ ଆମମାନଙ୍କର ଆନନ୍ଦ-ଜନକ ମିଳନ—ଏ ସମସ୍ତ ମୋ ଜୀବନର ଅନ୍ୟାନ୍ୟ ମଧୁମୟ ସ୍ମୃତି ମଧ୍ୟରୁ ଅନ୍ୟତମ ଭାବରେ ଚିରଦିନ ହୃଦୟରେ ଗ୍ରଥିତ ରହିବ ।

ୟୁରୋପର ପ୍ରଥମ ଯୁଗର ସଂସ୍କୃତଜ୍ଞ ପଣ୍ଡିତଗଣଙ୍କ ସଂସ୍କୃତଚର୍ଚ୍ଚା ଭିତରେ

ସମାଲୋଚନା ଶକ୍ତି ଅପେକ୍ଷା କଳ୍ପନାଶକ୍ତି ଅଧିକ ଭାବରେ ବିଦ୍ୟମାନ ଥିଲା । ସେମାନଙ୍କର ଜ୍ଞାନ ସୀମାବଦ୍ଧ ଥିଲା; କିନ୍ତୁ ସେମାନେ ସେହି ସ୍ୱଳ୍ପ ଜ୍ଞାନରୁ ଅନେକ କିଛି ଆଶା କରୁଥିଲେ । ଅଧିକାଂଶ ସମୟରେ ସେମାନେ ଏହି ଅଳ୍ପ ଜ୍ଞାନ ନେଇ ବଡ଼ିମା ଦେଖାଇବାକୁ ଚେଷ୍ଟା କରୁଥିଲେ । ସେହି ସମୟରେ 'ଶକୁନ୍ତଳା'କୁ ଭାରତୀୟ ଦର୍ଶନଶାସ୍ତ୍ରର ଚରମ ସିଦ୍ଧାନ୍ତ ବୋଲି ମନେକରିବାର ପାଗଳାମି ମଧ୍ୟ ପୂର୍ବରୁ ଅଜ୍ଞାତ ନ ଥିଲା । ଏମାନଙ୍କ ପରେ ସ୍ୱଭାବତଃ ହିଁ ଦଳେ ପ୍ରତିକ୍ରିୟାଶୀଳ ସ୍ଥୂଳଦର୍ଶୀ ସମାଲୋଚକ ସମ୍ପ୍ରଦାୟ ମୁଣ୍ଡ ଟେକି ଉଠିଲେ । କିନ୍ତୁ ସେମାନଙ୍କୁ ମଧ୍ୟ ପ୍ରକୃତ ପଣ୍ଡିତ ବୋଲି କୁହାଯାଇପାରିବ ନାହିଁ । ଏମାନେ ସଂସ୍କୃତ ସମ୍ପର୍କରେ କିଛି ଜାଣି ନ ଥିଲେ ବୋଲି ହୁଏତ ସଂସ୍କୃତ-ଚର୍ଚ୍ଚାରୁ କୌଣସି ଲାଭ ଉଠାଇବା ଆଶା ରଖିନଥିଲେ, ବରଂ ପ୍ରାଚ୍ୟଦେଶୀୟ ବିଭିନ୍ନ ବିଷୟକୁ ଉପହାସ କରୁଥିଲେ । ପ୍ରଥମୋକ୍ତ ଦଳ କଳ୍ପନା-ଚକ୍ଷୁ ଦ୍ୱାରା ଭାରତୀୟ ସାହିତ୍ୟରେ କେବଳ ନନ୍ଦନକାନନ ଦର୍ଶନ କରୁଥିଲେ । ଏହି ଦ୍ୱିତୀୟ ସମ୍ପ୍ରଦାୟ ସେଥିପାଇଁ ସେମାନଙ୍କର ବୃଥା କଳ୍ପନା-ପ୍ରିୟତାର କଠୋର ସମାଲୋଚନା ଆରମ୍ଭ କରିଦେଲେ । କିନ୍ତୁ ଏହା ସଙ୍ଗେ ସଙ୍ଗେ ନିଜେ ଏପରିସବୁ ସିଦ୍ଧାନ୍ତ ପ୍ରଚାର କରିବାକୁ ଲାଗିଲେ ଯେ, ବିଶେଷ କିଛି କୁହା ନ ଗଲେ ସୁଦ୍ଧା, ସେସବୁ ସିଦ୍ଧାନ୍ତକୁ ପ୍ରଥମୋକ୍ତ ଦଳଙ୍କ ସିଦ୍ଧାନ୍ତ ପରି ଅସମୀଚୀନ ଓ ଅତିଶୟ ଦୁଃସାହସିକ ବୋଲି କୁହାଯାଇ-ପାରେ । ଏ ବିଷୟରେ ସେମାନଙ୍କର ସାହସ ସ୍ୱଭାବତଃ ବଢ଼ିଯିବାର କାରଣ ହେଉଛି ଯେ, ଭାରତୀୟ ଭାବ ପ୍ରତି ସହାନୁଭୂତିଲେଶଶୂନ୍ୟ ଏବଂ ଚିନ୍ତାଶୂନ୍ୟ ଭାବରେ ହଠାତ୍ ସିଦ୍ଧାନ୍ତ କରିନେଉଥିବା ସେହି ପଣ୍ଡିତ ଓ ସମାଲୋଚକଗଣ ଏପରି ଶ୍ରୋତୃବର୍ଗଙ୍କ ନିକଟରେ ନିଜର ବକ୍ତବ୍ୟ ପ୍ରକାଶ କରୁଥିଲେ, ଯେଉଁମାନଙ୍କର ଏସମସ୍ତ ବିଷୟରେ କୌଣସି ମତାମତ ଦେବାର ଅଧିକାର ତାଙ୍କର ସଂସ୍କୃତ ଭାଷା ସମ୍ବନ୍ଧୀୟ ଅଜ୍ଞତାରୁ ହିଁ ସୂଚିତ ହେଉଥିଲା । ଏ ପ୍ରକାର ସମାଲୋଚକ ପଣ୍ଡିତଗଣଙ୍କଠାରୁ ନାନାରୂପ ବିରୁଦ୍ଧ ସିଦ୍ଧାନ୍ତ ଯେ ପ୍ରସୂତ ହେବ, ଏଥିରେ ବିସ୍ମୟର ବିଷୟ ବା କଅଣ ଅଛି ? ହଠାତ୍ ଦିନେ ସକାଳୁ ଉଠି ବିଚରା ହିନ୍ଦୁଜାତି ଦେଖିଲା ଯେ—ତା'ର ଯାହା ଥିଲା, ସେଥିରୁ କିଛିହେଲେ ନାହିଁ ! ଏକ ଅପରିଚିତ ଜାତି ତା' ଶିଳ୍ପକୁ ନିଜସ୍ୱ କରିନେଇଛି, ଆଉ କେହି ତା'ର ସ୍ଥାପତ୍ୟ-ବିଦ୍ୟାକୁ ଆପଣାର ବୋଲି କହୁଛି, ଅନ୍ୟ କୌଣସି ତୃତୀୟ ଜାତି ତା'ର ସମସ୍ତ ପ୍ରାଚୀନ ବିଜ୍ଞାନର ଅଧିକାରୀ ହୋଇଯାଇଛି; ଏପରିକି ତା'ର ଧର୍ମ ମଧ୍ୟ ନିଜସ୍ୱ ନୁହେଁ । ହଁ, ଧର୍ମ ମଧ୍ୟ ଏକ ପହ୍ଲବ ଜାତୀୟ ପ୍ରସ୍ତରଖଣ୍ଡ ନିର୍ମିତ କ୍ରଶ ସହିତ ଭାରତକୁ ଆସିଛି ! ଏ ପ୍ରକାର ମୌଳିକ ଗବେଷଣାର ପରମ୍ପରାରୂପକ ଉତ୍ତେଜନାପୂର୍ଣ୍ଣ ଯୁଗ ପରେ ଏବେ ଅପେକ୍ଷାକୃତ ଉତ୍ତମ ସମୟ ଆସିଛି । ବର୍ତ୍ତମାନ ସମସ୍ତେ ବୁଝିପାରିଛନ୍ତି ଯେ, କେତେକ ସଂସ୍କୃତ ଗ୍ରନ୍ଥ ସହିତ ସାକ୍ଷାତ୍ ପରିଚୟ ଓ ସେଥିରେ ଆଲୋଚନାରୁ କିଛି ମୂଳଧନ ସଂଗ୍ରହ ନ କରି, କେବଳ ହଠକାରିତା ସହକାରେ ଅନୁମାନ ଉପରେ ନିର୍ଭର କରି ଏଣୁ ତେଣୁ ସିଦ୍ଧାନ୍ତ କରିବସିଲେ ପ୍ରାଚ୍ୟ-ତତ୍ତ୍ୱ-ଗବେଷଣା ହାସ୍ୟୋ-ଦ୍ଦୀପକ ଅସାଫଲ୍ୟ ହିଁ ପ୍ରସବ କରିଥାଏ । ଏହାଛଡ଼ା, ଭାରତର ପ୍ରାଚୀନ ଭାବଧାରାଗୁଡ଼ିକୁ ସଦମ୍ଭ ଅବଜ୍ଞା ସହକାରେ ଉଡ଼ାଇଦେଲେ ଚଳିବ ନାହିଁ । କାରଣ, ତା' ଭିତରେ ମଧ୍ୟ

ଏପରି ଅନେକ ବିଷୟ ରହିଛି, ଯାହା ଅନ୍ୟମାନେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରିବେ ନାହିଁ ।

ସୁଖର କଥା, ୟୁରୋପରେ ବର୍ତ୍ତମାନ ଆଉ ଦଳେ ନୂତନ ଧରଣର ସଂସ୍କୃତ ପଣ୍ଡିତ ଦେଖା ଦେଇଛନ୍ତି । ଏମାନେ ସମସ୍ତେ ଶ୍ରଦ୍ଧାବାନ୍, ସହାନୁଭୂତିସମ୍ପନ୍ନ ଯଥାର୍ଥ ପଣ୍ଡିତ । ଏମାନେ ଶ୍ରଦ୍ଧାବାନ୍—କାରଣ ଏମାନେ ଅପେକ୍ଷାକୃତ ଉଚ୍ଚସ୍ତରର ବ୍ୟକ୍ତି; ଏମାନେ ସହାନୁଭୂତିସମ୍ପନ୍ନ—କାରଣ ଏମାନେ ପ୍ରକୃତ ବିଦ୍ୱାନ୍ । ଆଉ ମଧ୍ୟ ଆମମାନଙ୍କର ମ୍ୟାକ୍ସମୂଲର୍ ହିଁ ପ୍ରାଚୀନ ଦଳରୂପକ ଶୃଙ୍ଖଳ ସହିତ ନୂତନ ଦଳର ସଂଯୋଗଗ୍ରନ୍ଥି ସ୍ୱରୂପ । ହିନ୍ଦୁଧର୍ମାବଲମ୍ବୀ ଆମେ ସମସ୍ତେ ପାଶ୍ଚାତ୍ୟ ଦେଶୀୟ ଅନ୍ୟାନ୍ୟ ସଂସ୍କୃତଜ୍ଞ ପଣ୍ଡିତଙ୍କ ଅପେକ୍ଷା ଏହି ମନୀଷୀଙ୍କ ନିକଟରେ ବିଶେଷ ଋଣୀ । ସେ ତାଙ୍କର ଯୌବନାବସ୍ଥାରେ ଯୌବନକାଳୋଚିତ ଉତ୍ସାହ ସହିତ ଯେଉଁ ମହାନ୍ କାର୍ଯ୍ୟ ଆରମ୍ଭ କରି, ବୃଦ୍ଧାବସ୍ଥାରେ ସାଫଲ୍ୟମଣ୍ଡିତ କରିଛନ୍ତି, ତାହା ଚିନ୍ତା କଲେ ବିସ୍ମୟର ଅବଧି ରହେ ନାହିଁ । ଏହାଙ୍କ କଥା ଥରେ ଭାବି ଦେଖନ୍ତୁ—ହିନ୍ଦୁମାନଙ୍କ ଚକ୍ଷୁରେ ମଧ୍ୟ ଯାହାର ଲିପି ଅସ୍ପଷ୍ଟ, ସେହି ସମସ୍ତ ପ୍ରାଚୀନ ହସ୍ତଲିଖିତ ଗ୍ରନ୍ଥ ସେ ଅହୋରାତ୍ର ଆଲୋଡ଼ନ କରୁଛନ୍ତି; ଏ ଗ୍ରନ୍ଥଗୁଡ଼ିକ ପୁଣି ଏପରି ଭାଷାରେ ରଚିତ, ଯାହା ଆୟତ୍ତ କରିବା ଲାଗି ଭାରତବାସୀଙ୍କ ପକ୍ଷରେ ମଧ୍ୟ ସାରାଜୀବନ ଲାଗିଯାଇଥାଏ; ଏପରି କୌଣସି ଅଭାବଗ୍ରସ୍ତ ପଣ୍ଡିତଙ୍କର ମଧ୍ୟ ସାହାଯ୍ୟ ସେ ପାଇ ନାହାନ୍ତି, ଯାହାଙ୍କୁ ମାସିକ କିଛି ଅର୍ଥଦାନ କରି ପୂରାପୂରି ନିଜ ହାତମୁଠାରେ ରଖାଯାଇପାରିବ ଏବଂ 'ଅତି ନୂତନ ଗବେଷଣାପୂର୍ଣ୍ଣ' ଗ୍ରନ୍ଥର ଭୂମିକାରେ ଯାହାଙ୍କ ନାମମାତ୍ର ଉଲ୍ଲେଖ ଦ୍ୱାରା ଗ୍ରନ୍ଥର ମୂଲ୍ୟ ବହୁଗୁଣରେ ବଢ଼ିଯିବ । ସେହି ମହାମନୀଷୀଙ୍କ ବିଷୟ ଭାବି ଦେଖନ୍ତୁ—ସେ ବେଳେବେଳେ ସାୟଣ-ଭାଷ୍ୟ ଅନ୍ତର୍ଗତ କୌଣସି ଶବ୍ଦ ବା ବାକ୍ୟର ଯଥାର୍ଥ ପାଠୋଦ୍ଧାର ଓ ଅର୍ଥ-ଆବିଷ୍କାର ଲାଗି ଦିନ ଦିନ ଧରି ଏବଂ କେବେ କେବେ ମଧ୍ୟ ମାସ ମାସ ଧରି ଗବେଷଣା କାର୍ଯ୍ୟରେ ବ୍ୟାପୃତ ଅଛନ୍ତି (ସେ ନିଜେ ମୋ ଆଗରେ ଏହା ପ୍ରକାଶ କରିଛନ୍ତି), ଏବଂ ଯେ ଏହି ଦୀର୍ଘକାଳବ୍ୟାପୀ ଅଧ୍ୟବସାୟ ଦ୍ୱାରା ପରିଶେଷରେ ବୈଦିକ ସାହିତ୍ୟରୂପ ଅରଣ୍ୟ ମଧ୍ୟ ଦେଇ ଅନ୍ୟମାନେ ଗ୍ଲଚିପାରିବା ଭଳି ସହଜ ରାସ୍ତା ପ୍ରସ୍ତୁତ କରିବାରେ କୃତକାର୍ଯ୍ୟ ହୋଇପାରିଛନ୍ତି । ଏହି ବ୍ୟକ୍ତି ଓ ତାଙ୍କ କାର୍ଯ୍ୟ ସମ୍ପର୍କରେ ଚିନ୍ତା କରି ଦେଖନ୍ତୁ, ଏବଂ ତା'ପରେ କୁହନ୍ତୁ—ସେ ଆମମାନଙ୍କର ବାସ୍ତବିକ୍ କ'ଣ ନ କରିଛନ୍ତି ! ଅବଶ୍ୟ ସେ ତାଙ୍କ ବିଭିନ୍ନ ରଚନାବଳୀରେ ଯାହା ସବୁ ଉଲ୍ଲେଖ କରିଛନ୍ତି, ସେସମସ୍ତ ସହିତ ଆମେମାନେ ପୂରାପୂରି ଏକମତ ହୋଇ ନ ପାରୁ, କାରଣ ଏପରି ସମ୍ପୂର୍ଣ୍ଣ ମତୈକ୍ୟ ସର୍ବଥା ଅସମ୍ଭବ; କିନ୍ତୁ ମତୈକ୍ୟ ରହୁ ବା ନ ରହୁ, ଆମେମାନେ ଗୋଟିଏ ସତ୍ୟକୁ କଦାପି ଅସ୍ୱୀକାର କରିପାରିବା ନାହିଁ । ତାହା ହେଉଛି ଯେ ଆମ ପୂର୍ବପୁରୁଷଗଣଙ୍କ ସାହିତ୍ୟର ରକ୍ଷା ଓ ବିସ୍ତାର ଏବଂ ତତ୍ପ୍ରତି ଅନ୍ୟମାନଙ୍କ ଶ୍ରଦ୍ଧା-ଉତ୍ପାଦନ ଦିଗରେ ଆମମାନଙ୍କ ମଧ୍ୟରେ ଯେ ଯେତେଦୂର କରିବାକୁ ଆଶା କରିପାରୁ, ତଦପେକ୍ଷା ସେ ବହୁସହସ୍ରଗୁଣ ଅଧିକ କାର୍ଯ୍ୟ କରିଛନ୍ତି, ଏବଂ ସେ ଯାହା କରିଛନ୍ତି ତାହା ଶ୍ରଦ୍ଧା ଓ ପ୍ରେମପୂର୍ଣ୍ଣ ହୃଦୟରେ କରିଛନ୍ତି ।

ଯଦି ମ୍ୟାକ୍ସମୁଲର୍‌ଙ୍କୁ ଏହି ନୂତନ ଆନ୍ଦୋଳନର ପ୍ରାଚୀନ ଅଗ୍ରଦୂତ ବୋଲି କୁହାଯିବ, ତା'ହେଲେ ଡୟସନ୍ ନିଶ୍ଚିତ ଭାବରେ ଯେ ଜଣେ ନବୀନ ଅଗ୍ରଗାମୀ ନେତୃପଦ-ବାଚ୍ୟ, ଏଥିରେ ସନ୍ଦେହ ନାହିଁ । ଆମର ପ୍ରାଚୀନଶାସ୍ତ୍ରରୂପକ ଖଣିରେ ଯେଉଁ ସମସ୍ତ ଭାବ ଓ ଆଧ୍ୟାତ୍ମିକତାର ଅମୂଲ୍ୟ ରତ୍ନସମୂହ ନିହିତ ରହିଛି, ଭାଷାତତ୍ତ୍ୱର ଆଲୋଚନା ଭିତରେ ତାହା ଆମର ଦୃଷ୍ଟିର ଅନ୍ତରାଳରେ ରହିଯାଇଥିଲା । ମ୍ୟାକ୍ସମୁଲର୍ ସେଥିରୁ କେତେକ ଉଦ୍ଧାର କରିଆଣି ସାଧାରଣଙ୍କ ଦୃଷ୍ଟିଗୋଚର କରାଇଲେ । ଶ୍ରେଷ୍ଠତମ ଭାଷାତତ୍ତ୍ୱବିତ୍ ଭାବରେ ତାଙ୍କ ଉକ୍ତିର ଯେଉଁ ଯଥାର୍ଥତା ରହିଥିଲା, ତାହା ସାହାଯ୍ୟରେ ସେ ସେହି ରତ୍ନଗୁଡ଼ିକ ପ୍ରତି ସାଧାରଣଙ୍କ ମନଯୋଗ ବଳପୂର୍ବକ ଆକର୍ଷଣ କରିପାରିଥିଲେ; କିନ୍ତୁ ଭାଷାତତ୍ତ୍ୱ ଆଲୋଚନା ପ୍ରତି ଡୟସନ୍‌ଙ୍କ କୌଣସି ଆଗ୍ରହ ନ ଥିଲା, ବରଂ ସେ ଦାର୍ଶନିକ ଶିକ୍ଷାରେ ସୁଶିକ୍ଷିତ ଥିଲେ । ପ୍ରାଚୀନ ଗ୍ରୀସ୍ ଏବଂ ଆଧୁନିକ ଜର୍ମାନୀର ତତ୍ତ୍ୱାଲୋଚନା ପ୍ରଣାଳୀ ଓ ସିଦ୍ଧାନ୍ତ ସେ ଭଲକରି ଜାଣିଥିଲେ । ତଥାପି ମ୍ୟାକ୍ସମୁଲରଙ୍କ ପନ୍ଥାନୁସରଣ କରି ସେ ଅତି ସାହସର ସହିତ ଉପନିଷଦ୍‌ର ଗଭୀର ଦାର୍ଶନିକ ତତ୍ତ୍ୱ-ସାଗରରେ ନିଜକୁ ନିମଜ୍ଜିତ କଲେ । ସେ ଦେଖିଲେ ଯେ, ସେଥିରେ କୌଣସି ତ୍ରୁଟି ନାହିଁ, ବରଂ ତାହା ଆମର ବୁଦ୍ଧିବୃତ୍ତି ଓ ହୃଦୟର ଦାବିକୁ ସମ୍ପୂର୍ଣ୍ଣ ଭାବରେ ଚରିତାର୍ଥ କରେ—ସେତେବେଳେ ସେ ପୁଣି ତଦ୍ରୂପ ସାହସର ସହିତ ତାହା ସମଗ୍ର ପୃଥିବୀ ସମକ୍ଷରେ ଘୋଷଣା କଲେ । ପାଶ୍ଚାତ୍ୟ ପଣ୍ଡିତଙ୍କ ମଧ୍ୟରୁ ଏକମାତ୍ର ଡୟସନ୍ ହିଁ ବେଦାନ୍ତ ସମ୍ପର୍କରେ ତାଙ୍କର ମତାମତ ଖୁବ୍ ସ୍ୱାଧୀନ ଭାବରେ ବ୍ୟକ୍ତ କରିଛନ୍ତି । ଅଧିକାଂଶ ପଣ୍ଡିତ ଯେପରି ଅପରଙ୍କ ମତାମତ ବିଷୟରେ ଚିନ୍ତା କରି ବିଶେଷ ଶଙ୍କାଜଡ଼ିତ ଭାବରେ ରହିଥାନ୍ତି, ଡୟସନ୍ ସେପରି କେବେ ନ ଥିଲେ । ବାସ୍ତବିକ୍, ଯେଉଁମାନେ ପ୍ରକୃତ ସତ୍ୟ ସମ୍ବନ୍ଧରେ ନିଜ ମତାମତ ଏପରି ସାହସର ସହିତ ପ୍ରକାଶ କରିପାରନ୍ତି, ସେହିପରି ନିର୍ଭୀକ ବ୍ୟକ୍ତି ଏ ପୃଥିବୀରେ ରହିବା ଆବଶ୍ୟକ ହୋଇପଡ଼ିଛି !

ୟୁରୋପ ପକ୍ଷରେ ଏ ଉକ୍ତିର ଯଥାର୍ଥତା ବିଶେଷ ଭାବରେ ପ୍ରଯୋଜ୍ୟ । କାରଣ ସେଠାର ପଣ୍ଡିତବର୍ଗ ଏପରି ବିଭିନ୍ନ ଧର୍ମମତସମୂହ ଓ ଆଚାର-ବ୍ୟବହାରକୁ କୌଣସି ପ୍ରକାରେ ସମର୍ଥନ କରି ସେଥିର ଦୋଷତ୍ରୁଟି ଘୋଡ଼ାଇ ରଖିବାକୁ ଚେଷ୍ଟା କରୁଛନ୍ତି, ଯାହା ପ୍ରତି ସେମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ଯଥାର୍ଥ ଭାବରେ ବିଶ୍ୱାସୀ ନୁହନ୍ତି । ସୁତରାଂ ମ୍ୟାକ୍ସମୁଲାର୍ ଓ ଡୟସନ୍ ଯେପରି ସାହସର ସହିତ ଖୋଲଖୋଲି ଭାବରେ ସତ୍ୟକୁ ସମର୍ଥନ କରିଛନ୍ତି, ତାହା ବିଶେଷ ପ୍ରଶଂସନୀୟ । ସେମାନେ ଆମ ଶାସ୍ତ୍ର-ସମୂହର ଗୁଣଭାଗ ପ୍ରଦର୍ଶନରେ ଯେଉଁ ନିର୍ଭୀକତାର ପରିଚୟ ଦେଇଛନ୍ତି, ସେହିପରି ସାହସର ସହିତ ତାହାର ଦୋଷଭାଗ ମଧ୍ୟ ପ୍ରଦର୍ଶନ କରନ୍ତୁ । ପରବର୍ତ୍ତୀ କାଳରେ ଭାରତୀୟ ଚିନ୍ତାପ୍ରଣାଳୀରେ ଯେଉଁ ସବୁ ଭ୍ରମପ୍ରମାଦ ପ୍ରବେଶ କରିଛି, ବିଶେଷତଃ ସାମାଜିକ ଆବଶ୍ୟକତା-କ୍ଷେତ୍ରରେ ତାହାର ପ୍ରୟୋଗ ବେଳେ ଯେଉଁସବୁ ତ୍ରୁଟି ଘଟିଛି—ସେସମସ୍ତକୁ ବିନା ଦ୍ୱିଧାରେ ସେମାନେ ଦର୍ଶାଇ ଦିଅନ୍ତୁ । ଏ ଯୁଗରେ ଆମମାନଙ୍କ ପକ୍ଷରେ ଏ ପ୍ରକାର ନିଷ୍କପଟ ବନ୍ଧୁଙ୍କ ସାହାଯ୍ୟ ବିଶେଷ ପ୍ରୟୋଜନ ହୋଇପଡ଼ିଛି । ଭାରତରେ ବର୍ତ୍ତମାନ ଯେଉଁ ରୋଗ ଦିନକୁ ଦିନ ପ୍ରବଳ ହୋଇ

ଉଠୁଛୁ, ସେମାନେ ତାହାର ପ୍ରତୀକାର କରିପାରିବେ । ତାହା ହେଲା, ଏକ ଦିଗରେ ଦାସବତ୍ ପ୍ରାଚୀନ ପ୍ରଥାର ଅନ୍ଧ ଜନ୍ତୁକାରିତା ଯାହା କି ସମସ୍ତ ଗ୍ରାମ୍ୟ କୁସଂସ୍କାରଗୁଡ଼ିକୁ ଆମ ଶାସ୍ତ୍ରର ସାରସତ୍ୟ ବୋଲି ଧରି ରଖିବାକୁ ଚାହେଁ, ଏବଂ ଅପର ପକ୍ଷରେ ଅତ୍ୟନ୍ତ ପୈଶାଚିକ ନାସ୍ତିକ ଦଳ—ଯେଉଁମାନେ ଆମମାନଙ୍କ ମଧ୍ୟରେ ବା ଆମ ଇତିହାସରେ କୌଣସି ସାରବସ୍ତୁ ଦେଖିବାକୁ ପାଆନ୍ତି ନାହିଁ—ଯଦି ପାରନ୍ତି ତା'ହେଲେ ଧର୍ମ ଓ ଦର୍ଶନର ଲୀଳାଭୂମି ଆମର ଏହି ପ୍ରାଚୀନ ଜନ୍ମଭୂମିର ସମସ୍ତ ଆଧ୍ୟାତ୍ମିକ ଓ ସାମାଜିକ ପ୍ରତିଷ୍ଠାନଗୁଡ଼ିକୁ ଯେକୌଣସି ମୂହୂର୍ତ୍ତରେ ଭାଙ୍ଗି ଧୂଳିସାତ୍ କରିଦେବାକୁ ପ୍ରସ୍ତୁତ । ଉପରୋକ୍ତ ଭାରତର ବନ୍ଧୁଗଣ ଏହି ଉଭୟ ଦଳଙ୍କ ଚୂଡ଼ାନ୍ତ ଏକଦେଶୀ ଭାବର ଗତିରୋଧ କରିପାରିବେ ।

# ଅଧିକାରୀବାଦର ଦୋଷ

ବେଲୁଡ଼ ମଠର ସନ୍ନ୍ୟାସୀ ଏବଂ ବ୍ରହ୍ମଚାରୀମାନଙ୍କ ନିକଟରେ କଥିତ

ପ୍ରାଚୀନ ଋଷିଗଣଙ୍କ ପ୍ରତି ମୋର ଅସୀମ ଶ୍ରଦ୍ଧା ଓ ଭକ୍ତି ଅଛି, କିନ୍ତୁ ପରବର୍ତ୍ତୀ କାଳରେ ସେମାନଙ୍କ ଦ୍ୱାରା ଦେଇ ଯେଉଁ ଭାବରେ ଜନସମାଜରେ ଲୋକଶିକ୍ଷା ପ୍ରବର୍ତ୍ତିତ ହୋଇଅଛି, ସେହି ଶିକ୍ଷାପ୍ରଣାଳୀକୁ ମୁଁ ବିଶେଷ ଅପତ୍ତିକର ବୋଲି ମନେକରେ । ସେହି-କାଳରୁ ସ୍ମୃତିକାରଗଣ ସର୍ବଦା 'ଏହା କର, ତାହା କର ନାହିଁ' ଇତ୍ୟାଦି କହି ବିଧି-ନିଷେଧ କରିଯାଇଛନ୍ତି; କିନ୍ତୁ କାହିଁକି 'ଏ କାର୍ଯ୍ୟ କରିବାକୁ ହେବ ? କାହିଁକି ସେ କାର୍ଯ୍ୟ କରିବା ନାହିଁ ?'—ଏହାର ଉଦ୍ଦେଶ୍ୟ ବା ଯୁକ୍ତି ସେମାନେ କୌଣସିଠାରେ ଦର୍ଶାଇ ନାହାନ୍ତି । ଏହି ପ୍ରକାର ଶିକ୍ଷାପ୍ରଣାଳୀ ଆମୂଳଚୂଳ ଅତ୍ୟନ୍ତ ଅନିଷ୍ଟକର—ଏହାଦ୍ୱାରା ଯଥାର୍ଥ ଉଦ୍ଦେଶ୍ୟ ତ ସାଧିତ ହୁଏ ନାହିଁ, ପରନ୍ତୁ ଲୋକଙ୍କ ମୁଣ୍ଡରେ କେତେଗୁଡ଼ିଏ ଅନର୍ଥର ବୋଝ ଲଦି ଦିଆଯାଏ । ଏହି ବିଧି-ନିଷେଧସମୂହର ଉଦ୍ଦେଶ୍ୟ ସାଧାରଣ ଲୋକଙ୍କଠାରୁ ଗୋପନୀୟ ରଖିବା ସପକ୍ଷରେ ଏମାନଙ୍କର ଯୁକ୍ତି ହେଲା ଯେ, ସାଧାରଣ ଲୋକେ ଏହି ଉଦ୍ଦେଶ୍ୟକୁ ବୁଝିବାର ଯଥାର୍ଥ ଅଧିକାରୀ ନୁହନ୍ତି—ଏଣୁ ସେମାନଙ୍କ ନିକଟରେ କହିଲେ ମଧ୍ୟ ସେମାନେ ତାହା ବୁଝିବେ ନାହିଁ । ଏହି ଅଧିକାରୀବାଦର ଅଧିକାଂଶ ଖାଣ୍ଟି ସ୍ୱାର୍ଥ ଛଡ଼ା ଆଉ କିଛି ନୁହେଁ । ସେମାନେ ଭାବନ୍ତି ଯେ, ସେମାନେ ଯେଉଁ ବିଷୟରେ ଏତେ ଚର୍ଚ୍ଚା କରି ଜ୍ଞାନଲାଭ କରିଛନ୍ତି, ଲୋକଙ୍କୁ ଯଦି ତାହା ଶିକ୍ଷା ଦିଆଯାଏ, ତା'ହେଲେ ଲୋକମାନେ ଆଉ ସେମାନଙ୍କୁ ଆଗ୍ରହର ସମ୍ମାନ ଦେବେ ନାହିଁ । ଏହି କାରଣରୁ ହିଁ ସେମାନେ ଅଧିକାରୀବାଦର ମତକୁ ବିଶେଷ ଭାବରେ ସମର୍ଥନ କରିବାରେ ପ୍ରୟାସୀ । ଅସମର୍ଥ ବୋଲି ଯଦି କୌଣସି ଲୋକକୁ ତୁମେ ଉଚ୍ଚ ବିଷୟ ଜାଣିବାର ଅନଧିକାରୀ ମନେକର, ତାହାହେଲେ ତୁମେ ତାହାକୁ ଅଧିକ ପରିମାଣରେ ଶିକ୍ଷା ଦାନ କରି ସେ ଯେପରି ଏହି ତତ୍ତ୍ୱସମୂହକୁ ବୁଝିବାକୁ ସମର୍ଥ ହେବ ସେଥିପାଇଁ ଚେଷ୍ଟା କରିବା ଉଚିତ; ତାହାର ବୁଦ୍ଧି ଯେଉଁଥିରେ ମାର୍ଜିତ ଓ ସୂକ୍ଷ୍ମ ହେବ, ସୂକ୍ଷ୍ମ ବିଷୟସମୂହକୁ ସେ ଯେପରି ଧାରଣା କରିପାରେ, ସେଥିପାଇଁ ତାହାକୁ ଅଳ୍ପ ଶିକ୍ଷା ନ ଦେଇ ବରଂ ଅଧିକ ଶିକ୍ଷା ଦେବା

ବଧେୟ । ମାନବାତ୍ମା ମଧ୍ୟରେ ଯେ ଗୂଢ଼ ଭାବରେ ସମୁଦାୟ ଶକ୍ତି ରହିଛି—ଏହି ସତ୍ୟକୁ ଅଧିକାରିବାଦରେ ବିଶ୍ୱାସ କରୁଥିବା ବ୍ୟକ୍ତିଗଣ ଯେପରି ସମ୍ପୂର୍ଣ୍ଣ ଭାବରେ ଭୁଲିଯାନ୍ତି; କିନ୍ତୁ ବସ୍ତୁତଃ ମଣିଷକୁ ଯଦି ତା' ଭାଷାରେ, ତା'ର ଉପଯୋଗୀ ଭାବରେ ଶିକ୍ଷା ଦିଆଯାଏ, ତାହାହେଲେ ପ୍ରତ୍ୟେକ ବ୍ୟକ୍ତି ଜ୍ଞାନର ଅଧିକାରୀ ହୋଇପାରିବେ । ଯେଉଁ ଆଚାର୍ଯ୍ୟ ଅନ୍ୟର ଜ୍ଞାନୋନ୍ମେଷ କରିପାରୁ ନାହାନ୍ତି, ସେ ତାଙ୍କ ଶିଷ୍ୟଗଣଙ୍କର ନିନ୍ଦା ନ କରି ଏବଂ ଉଚ୍ଚତର ଜ୍ଞାନ ସେମାନଙ୍କ ନିମିତ୍ତ ନୁହେଁ, ଏଭଳି ବୃଥା ହେତୁବାଦରେ ସେମାନଙ୍କୁ ଚିରଦିନ ପାଇଁ ଅଜ୍ଞାନ ଓ କୁସଂସ୍କାର ମଧ୍ୟରେ ପକାଇ ନ ରଖି ବରଂ ସେମାନଙ୍କୁ ସେମାନଙ୍କ ଭାଷାରେ, ସେମାନଙ୍କର ଉପଯୋଗୀ ଶିକ୍ଷା ଦେଇ ସେମାନଙ୍କର ଜ୍ଞାନୋନ୍ମେଷ କରିପାରୁ ନାହାନ୍ତି ବୋଲି ନିକାଞ୍ଚନରେ ଅଶ୍ରୁମୋଚନ କରିବା ଉଚିତ । ଯାହା ସତ୍ୟ ତାହାକୁ ନିର୍ଭୟରେ ସର୍ବସମକ୍ଷରେ ଉଚ୍ଚସ୍ୱରରେ ପ୍ରକାଶ କର—ଏହାଦ୍ୱାରା ଦୁର୍ବଳ ଅଧିକାରୀଗଣଙ୍କର ବୁଦ୍ଧି ବିଣା ହେବ ବୋଲି ଆଶଙ୍କା କର ନାହିଁ । ମଣିଷ ଘୋର ସ୍ୱାର୍ଥପର; ସେଥିପାଇଁ ସେ ଚାହେଁ ନାହିଁ ଯେ, ସେ ଯେଉଁ ଜ୍ଞାନ ଲାଭ କରିଛି, ଅନ୍ୟମାନେ ସେହି ଜ୍ଞାନଲାଭ କରନ୍ତୁ—ତାହାର ଆଶଙ୍କା ହୁଏ ଯେ, ତା'ହେଲେ ଲୋକମାନେ ତାକୁ ଆଉ ମାନିବେ ନାହିଁ, ଅନ୍ୟମାନଙ୍କଠାରୁ ସେ ଯେଉଁସବୁ ସୁବିଧାସୁଯୋଗ ଓ ସମ୍ମାନ ପାଉଛି, ତାହା ଆଉ ପାଇବ ନାହିଁ । ସେଥିପାଇଁ ଯୁକ୍ତି କରେ ଯେ, ଦୁର୍ବଳଚିତ୍ତ ଲୋକଙ୍କୁ ଉଚ୍ଚତମ ଆଧ୍ୟାତ୍ମିକ ଜ୍ଞାନର କଥା କହିଲେ ସେମାନଙ୍କର ବୁଦ୍ଧି ଭ୍ରମ ହେବ । ସେଥିପାଇଁ ଆମେ ନିମ୍ନ ଶ୍ଳୋକ ଶୁଣୁ—

ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।
ଯୋଜୟେତ୍ ସର୍ବକର୍ମାଣି ବିଦ୍ୱାନ୍ ଯୁକ୍ତଃ ସମାଚରନ୍ ।

—କର୍ମାସକ୍ତ ଅଜ୍ଞ ବ୍ୟକ୍ତିଗଣଙ୍କୁ ଜ୍ଞାନ-ଉପଦେଶ ଦେଇ ଜ୍ଞାନୀ ବ୍ୟକ୍ତି ସେମାନଙ୍କର ବୁଦ୍ଧିଭ୍ରମ କରିବେ ନାହିଁ । କିନ୍ତୁ ଜ୍ଞାନୀ ବ୍ୟକ୍ତି ଯୁକ୍ତ ଭାବରେ ସମୁଦାୟ କର୍ମ ସ୍ୱୟଂ ଆଚରଣ କରି ସେମାନଙ୍କୁ ସେହି କର୍ମରେ ନିୟୋଜିତ କରିବେ ।

ଆଲୋକଦ୍ୱାରା ଅନ୍ଧକାର ଦୂର ନ ହୋଇ ବରଂ ପୂର୍ବାପେକ୍ଷା ଅଧିକ ଘନୀଭୂତ ହୁଏ —ଏହି ସ୍ୱବିରୋଧୀ ବାକ୍ୟ ମୁଁ ଶୁଣିବାକୁ ଚାହେଁ ନାହିଁ । ଅମୃତସ୍ୱରୂପ ସଚ୍ଚିଦାନନ୍ଦ ସମୁଦ୍ର ମଧ୍ୟରେ ବୁଡ଼ିଗଲେ ମଣିଷ ମରିଯାଏ—ଏକଥା ଯେପରି, ପୂର୍ବୋକ୍ତ କଥାଟି ମଧ୍ୟ ସେହିପରି । କି ଅସମ୍ଭବ କଥା ! ଜ୍ଞାନର ଅର୍ଥ—ଅଜ୍ଞାନଜ ଭ୍ରମସମୂହରୁ ମୁକ୍ତ ହେବା । ସେହି ଜ୍ଞାନ ଦ୍ୱାରା ଭ୍ରମ ଜାତ ହେବ—ଜ୍ଞାନାଲୋକ ଆସିଲେ ମତି ବିଭ୍ରମ ହେବ !! ଏହା କଅଣ କେବେ ସମ୍ଭବ ! ଏପ୍ରକାର ମତବାଦର ଉତ୍ପତ୍ତିର ପ୍ରକୃତ କାରଣ ହେଉଛି—ମଣିଷ ସାଧାରଣ ଲୋକଙ୍କ ପାଖରୁ ସମ୍ମାନ ହରାଇବା ଭୟରେ ଯାହା ଖାଣ୍ଟି ସତ୍ୟ, ତାହାକୁ ପ୍ରଚାର କରିବାକୁ ସାହସୀ ହୁଏ ନାହିଁ । ସେମାନେ ସନାତନ ସତ୍ୟ ସହ ଭ୍ରମପୂର୍ଣ୍ଣ କୁସଂସ୍କାରସମୂହର ସାଲିସ ପାଇଁ ଚେଷ୍ଟା କରନ୍ତି ଏବଂ ସେଥିପାଇଁ ଏହି ମତାବଲମ୍ବୀଗଣ କହନ୍ତି ଯେ, ଲୋକାଚାର ଓ ଦେଶାଚାର ଉଭୟଙ୍କୁ ହିଁ ମାନିବାକୁ ହେବ । ସାବଧାନ, ତୁମେମାନେ କେବେହେଲେ ଏପରି ସାଲିସ୍ କର ନାହିଁ । ସାବଧାନ, ପୁରୁଣା ଘରେ ଚୂନ ଲଗାଇ ତାହାକୁ ନୂଆଘର ଭାବରେ

ଚଳାଇବାକୁ ଚେଷ୍ଟା କର ନାହିଁ । ମଡ଼ା ଉପରେ ଗୁଡ଼ାଏ ଫୁଲ ବିଛେଇଦେଇ ତା'ର ବୀଭତ୍ସତାକୁ ଘୋଡ଼ାଇବାକୁ ଚେଷ୍ଟା କର ନାହିଁ । ତଥାପି 'ଲୌକିକାଚାରଂ ମନସାପି ନ ଲଙ୍ଘୟେତ୍'—ତଥାପି ମନେ ମନେ ମଧ୍ୟ ଲୋକାଚାରକୁ ଲଙ୍ଘନ କରନାହିଁ—ଏପରି କଥାକୁ ଗଙ୍ଗାଜଳରେ ଭସେଇଦିଅ । ଏହିପରି ସାଲିସ୍ କରିବାକୁ ଗଲେ ଫଳ ହୁଏ ଯେ—ମହାନ୍ ସତ୍ୟସବୁ ଅତିଶୀଘ୍ର ନାନା କୁସଂସ୍କାରରୂପକ ଆବର୍ଜନାସ୍ତୂପ ତଳେ ପୋତି ହୋଇଯାଏ, ଏବଂ ମନୁଷ୍ୟ ଏଗୁଡ଼ିକୁ ପରମ ଆଗ୍ରହରେ ସତ୍ୟ ବୋଲି ଗ୍ରହଣ କରେ । ଏପରିକି ଶ୍ରୀକୃଷ୍ଣ ନିର୍ଭୀକ ଭାବରେ ଗୀତାରେ ଯେଉଁସବୁ ମହାନ୍ ସତ୍ୟ ପ୍ରଚାର କରିଗଲେ ତାହା ମଧ୍ୟ ପରବର୍ତ୍ତୀ କାଳରେ ଶିଷ୍ୟ-ପ୍ରଶିଷ୍ୟଙ୍କ ଦ୍ୱାରା ଅସମ୍ପୂର୍ଣ୍ଣ ଅପବ୍ୟାଖ୍ୟାରେ ପରିଣତ ହେଲା । ଫଳରେ ପୃଥିବୀର ଏହି ସର୍ବଶ୍ରେଷ୍ଠ ଶାସ୍ତ୍ରଟି ମଧ୍ୟରେ ଏପରି ଅନେକ କିଛି ପ୍ରବେଶ କରିଛି, ଯାହା ମଣିଷକୁ ପଥଭ୍ରାନ୍ତ କରିପାରେ ।

ଘୋର କାପୁରୁଷତା ଓ ଲୋକଭୟ ଯୋଗୁଁ ଏ ପ୍ରକାର ସାଲିସ୍ କରିବାର ଚେଷ୍ଟା ଆସେ । ତୁମେମାନେ ନିର୍ଭୀକ ହୁଅ । ମୋର ଶିଷ୍ୟଗଣ ସର୍ବୋପରି ଖୁବ୍ ନିର୍ଭୀକ ହେବା ଦରକାର । କୌଣସି କାରଣରୁ କାହାରି ସହିତ କୌଣସି ପ୍ରକାର ଆପୋଷ କରିବା ଚଳିବ ନାହିଁ । ଅଧିକାରୀ ନିର୍ବିଶେଷରେ ଉଚ୍ଚତମ ସତ୍ୟସମୂହ ପ୍ରଚାର କରିଚାଲ । ଲୋକେ ତୁମକୁ ମାନିବେ ନାହିଁ ଅଥବା ଲୋକଙ୍କ ସହ ତୁମର ଅନର୍ଥକ ବିବାଦ ଉପୁଜିବ—ଏଭଳି ଭୟ ଆଦୌ କର ନାହିଁ । ନିଶ୍ଚିତ ଭାବରେ ଜାଣିରଖ ଯେ, ସତ୍ୟକୁ ପରିହାର କରିବା ପାଇଁ ଶତ ଶତ ପ୍ରଲୋଭନ ସତ୍ତ୍ୱେ ଯଦି ତୁମେ ସତ୍ୟକୁ ଧରି ରହିପାର, ତା'ହେଲେ ତୁମ ଭିତରେ ଏପରି ଏକ ଦୈବୀଶକ୍ତି ଆସିବ ଯାହା ସମ୍ମୁଖରେ କେହିହେଲେ—ତୁମେ ଯାହା ବିଶ୍ୱାସ କର ନାହିଁ, ତାହା କହିବାକୁ ସାହସ କରିବେ ନାହିଁ । ଯଦି ତୁମେ ଚଉଦ ବର୍ଷ ଧରି ସତ୍ୟପଥରେ ଅବିଚଳିତ ରହି କ୍ରମାଗତ ଭାବରେ ସତ୍ୟର ଯଥାର୍ଥ ସେବା କରିପାର, ତା'ହେଲେ ତୁମେ ଲୋକମାନଙ୍କୁ ଯାହା କହିବ, ସେମାନେ ତାହାକୁ ସତ୍ୟ ବୋଲି ଅବଶ୍ୟ ସ୍ୱୀକାର କରିବେ । ଏହି ଭାବରେ ତୁମେ ସର୍ବସାଧାରଣଙ୍କର ଅଶେଷ କଲ୍ୟାଣ ସାଧନ କରିପାରିବ; ତୁମମାନଙ୍କ ଦ୍ୱାରା ଲୋକଙ୍କର ବନ୍ଧନ ଦୂରୀଭୂତ ହେବ ଓ ତୁମେମାନେ ସମଗ୍ର ଜାତିକୁ ଉନ୍ନତ କରିପାରିବ ।

## ସନ୍ନ୍ୟାସୀ ଓ ଗୃହସ୍ଥ

ବେଲୁଡ଼ ମଠର ସନ୍ନ୍ୟାସୀ ଓ ବ୍ରହ୍ମଚାରୀ ଶିଷ୍ୟଙ୍କ ନିକଟରେ କଥିତ

ସନ୍ନ୍ୟାସୀମାନଙ୍କର କାର୍ଯ୍ୟରେ, ଯଥା ମଠ ଓ ମଣ୍ଡଳୀ-ପରିଚାଳନା, ଜନସମାଜରେ ଧର୍ମପ୍ରଚାର ଓ ଅନୁଷ୍ଠାନପ୍ରଣାଳୀର ପ୍ରବର୍ତ୍ତନ, ତ୍ୟାଗ ଓ ଧର୍ମମତ-ସମ୍ବନ୍ଧୀୟ ସ୍ୱାଧୀନ ଚିନ୍ତାର ସୀମାନିରୂପଣ ଇତ୍ୟାଦିରେ କୌଣସି ମତାମତ ଦେବାର ଅଧିକାର ସଂସାରୀ ଲୋକର ରହିବା ଉଚିତ ନୁହେଁ । ସନ୍ନ୍ୟାସୀ ଧନୀ ଲୋକଙ୍କ ସହ କୌଣସି ସମ୍ପର୍କ ରଖିବେ ନାହିଁ—ତାଙ୍କର

କାମ ଗରିବଙ୍କୁ ନେଇ । ସନ୍ନ୍ୟାସୀର କର୍ତ୍ତବ୍ୟ ପରମ ଯତ୍ନ ସହକାରେ ପ୍ରାଣପଣେ ଗରିବ-ମାନଙ୍କର ସେବା କରିବା ଏବଂ ଏ ପ୍ରକାର ସେବା କରି ପରମାନନ୍ଦ ଅନୁଭବ କରିବା । ଆମ ଦେଶର ସକଳ ସନ୍ନ୍ୟାସୀ-ସଂପ୍ରଦାୟ ମଧ୍ୟରେ ଧନୀ ଲୋକଙ୍କୁ ତୋଷାମୋଦ କରିବା ଏବଂ ସେମାନଙ୍କ ଉପରେ ବିଶେଷଭାବରେ ନିର୍ଭର କରିବା ଭାବ ପ୍ରବେଶ କରିବାଦ୍ୱାରା ସେଗୁଡ଼ିକ ଉତ୍ସନ୍ନ ହେବାକୁ ବସିଲାଣି । ଯଥାର୍ଥ ସନ୍ନ୍ୟାସୀ କାୟମନୋବାକ୍ୟରେ ଏହା ତ୍ୟାଗ କରିବା ଉଚିତ । ଧନୀ ଲୋକ ପଛରେ ଏଭଳି ଭାବରେ ଗୋଡ଼ାଇବା ବେଶ୍ୟା ପାଇଁ ଉପଯୁକ୍ତ, କିନ୍ତୁ ସଂସାରତ୍ୟାଗୀ ପାଇଁ ନୁହେଁ । କାମ-କାଞ୍ଚନତ୍ୟାଗ ଥିଲା ଶ୍ରୀରାମକୃଷ୍ଣଦେବଙ୍କର ମୂଳମନ୍ତ୍ର; ସୁତରାଂ ଘୋର କାମକାଞ୍ଚନରେ ମଗ୍ନ ଥିବା ବ୍ୟକ୍ତି କିପରି ତାଙ୍କର ଶିଷ୍ୟ ବା ଭକ୍ତ ଭାବରେ ପରିଗଣିତ ହେବେ ? ସେ ମାଆ ଭଗବତୀଙ୍କୁ ପ୍ରାର୍ଥନା କରି କହୁଥିଲେ, 'ମାଆ, କଥା କହିବା ପାଇଁ ମୋ ପାଖରେ ଏମିତି ଜଣେ ଲୋକକୁ ଦେ, ଯାହାକୁ କାମକାଞ୍ଚନଲୋଭ ଲେଶମାତ୍ର ସ୍ପର୍ଶ କରି ନାହିଁ; ସଂସାରୀ ଲୋକଙ୍କ ସହ କଥା କହି କହି ମୋ ମୁହଁ ପୋଡ଼ିଗଲାଣି ।' ସେ ଆହୁରି କହୁଥିଲେ, 'ସଂସାରୀ ଓ ଅପବିତ୍ର ଲୋକଙ୍କ ସ୍ପର୍ଶ ମୁଁ ସହ୍ୟ କରିପାରୁ ନାହିଁ ।' ସେ 'ତ୍ୟାଗୀଙ୍କ ବାଦଶାହା' ଥିଲେ—ସଂସାରୀ ଲୋକ କେବେହେଲେ ତାଙ୍କୁ ପ୍ରଚାର କରିପାରିବେ ନାହିଁ । ସଂସାରୀ ଗୃହସ୍ଥ ଲୋକ କଦାପି ସଂପୂର୍ଣ୍ଣ ଅକପଟ ହୋଇପାରନ୍ତି ନାହିଁ, କାରଣ ତାଙ୍କର କୌଣସି ନା କୌଣସି ସ୍ୱାର୍ଥପର ଉଦ୍ଦେଶ୍ୟ ରହିବ ହିଁ ରହିବ । ଭଗବାନ ସ୍ୱୟଂ ଯଦି ଗୃହସ୍ଥ ରୂପରେ ଅବତୀର୍ଣ୍ଣ ହୁଅନ୍ତି, ମୁଁ ତାଙ୍କୁ କଦାପି ପୂର୍ଣ୍ଣ ଅକପଟ ବୋଲି ବିଶ୍ୱାସ କରିପାରିବି ନାହିଁ । ଗୃହସ୍ଥ ଲୋକ ଯଦି କୌଣସି ଧର୍ମ-ସଂପ୍ରଦାୟର ନେତୃତ୍ୱ ନିଅନ୍ତି, ତା'ହେଲେ ଧର୍ମ ନାଆଁରେ ସେ କେବଳ ନିଜର ସ୍ୱାର୍ଥ ସିଦ୍ଧି କରି ବୁଲିବ । ଏବଂ ତା' ଫଳରେ ସଂପ୍ରଦାୟଟି ସଂପୂର୍ଣ୍ଣ ଅମୂଳଚୂଳ ଭ୍ରମପୂର୍ଣ୍ଣ ହୋଇଯିବ । ଗୃହସ୍ଥଗଣ ଯେଉଁସବୁ ଧର୍ମ-ଆନ୍ଦୋଳନର ନେତା ହୋଇଛନ୍ତି, ସବୁଗୁଡ଼ିକର ଏହି ଗୋଟିଏ ଦଶା ହୋଇଛି । ତ୍ୟାଗ ବିନା ଧର୍ମ ତିଷ୍ଠିପାରେ ନାହିଁ ।

ଏହି ସମୟରେ ଜଣେ ସନ୍ନ୍ୟାସୀ ଶିଷ୍ୟ ପଚାରିଲେ, 'ସ୍ୱାମୀଜି, ଠିକ୍ ଠିକ୍ କାଞ୍ଚନ-ତ୍ୟାଗ କାହାକୁ କୁହାଯାଏ ?' ସ୍ୱାମୀଜୀ ହସି ହସି କହିଲେ : ହଁ, ତୋର ପ୍ରଶ୍ନର ଉଦ୍ଦେଶ୍ୟ ମୁଁ ବୁଝିଛି । ସଂସାର ତ୍ୟାଗ କରି ଆସିବା ପରେ ମୋର ଏବଂ ଏହି ମଠର ଟଙ୍କା ପଇସା ରକ୍ଷଣା-ବେକ୍ଷଣ ଭାର ତୋ' ଉପରେ ପଡ଼ିଛି ବୋଲି ତୋ' ମନ ଭିତରେ ଏପରି ସନ୍ଦେହ ଉଠୁଛି । ତେବେ ଏତିକ ବୁଝିବାକୁ ହେବ ଯେ, ଉପାୟ ଓ ଉଦ୍ଦେଶ୍ୟ । ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ସାଧନ ପାଇଁ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରାଯାଇଥାଏ । ଅନେକ ସମୟରେ ଦେଖାଯାଏ ଯେ, ଗୋଟିଏ ଉଦ୍ଦେଶ୍ୟ ସାଧନ ପାଇଁ ଦେଶକାଳପାତ୍ର ଅବସ୍ଥାକୁ ଚାହିଁ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରାଯାଉଛି । ସନ୍ନ୍ୟାସୀର ଉଦ୍ଦେଶ୍ୟ—ନିଜର ମୁକ୍ତି-ସାଧନ ଏବଂ ଜଗତର ହିତସାଧନ କରିବା—'ଆତ୍ମନୋ ମୋକ୍ଷାର୍ଥଂ ଜଗଦ୍ଧିତାୟ ଚ ।' ଏହି ଉଦ୍ଦେଶ୍ୟସାଧନର ପ୍ରଧାନ ଉପାୟ— କାମକାଞ୍ଚନ ତ୍ୟାଗ । କିନ୍ତୁ ବିଶେଷ ଭାବରେ ମନେରଖିବାକୁ ହେବ ଯେ, 'ତ୍ୟାଗ'ର ଅର୍ଥ ମନର ଆସକ୍ତି ତ୍ୟାଗ—ସବୁ ପ୍ରକାର ସ୍ୱାର୍ଥଭାବର ତ୍ୟାଗ । ନଚେତ୍ ମୁଁ

ନିଜ ହାତରେ ଟଙ୍କା ନ ରଖି ଅନ୍ୟ ନିକଟରେ ଗଚ୍ଛିତ କରି ରଖିଲି ଓ ଟଙ୍କା ମାଧ୍ୟମରେ ଯେଉଁସବୁ ସୁବିଧା ମିଳେ ସେସବୁ ଭୋଗ କରିବାରେ ଲାଗିଲି—ଏହାକୁ କ'ଣ ତ୍ୟାଗ କୁହାଯିବ ? ଯେଉଁ ସମୟରେ ଗୃହସ୍ଥଗଣ ମନୁ ଓ ଅନ୍ୟାନ୍ୟ ସ୍ମୃତିକାରମାନଙ୍କ ଉପଦେଶକୁ ମାନି ସନ୍ନ୍ୟାସୀ-ଅତିଥିମାନଙ୍କ ପାଇଁ ସେମାନଙ୍କ ଖାଦ୍ୟର କିୟଦଂଶ ପୃଥକ୍ କରି ରଖି-ଦେଉଥିଲେ, ସେତେବେଳର ସନ୍ନ୍ୟାସୀମାନଙ୍କର ପଇସାକଉଡ଼ି ରଖିବାର ଆବଶ୍ୟକତା ପଡ଼ୁନ ଥିଲା । ସେମାନେ ଭିକ୍ଷାବୃତ୍ତିଦ୍ୱାରା ଜୀବନ ଧାରଣ କରୁଥିଲେ, ଫଳରେ କାଞ୍ଚନତ୍ୟାଗର ଉଦ୍ଦେଶ୍ୟ ସିଦ୍ଧ ହେଉଥିଲା । ଏବେ କିନ୍ତୁ କାଳଧର୍ମର ପ୍ରଭାବରେ ଗୃହସ୍ଥ-ମାନଙ୍କର ସେହି ଭାବ ଖୁବ୍ କମ୍—ବିଶେଷତଃ ବଙ୍ଗଳାରେ ଏବେ ମାଧୁକରୀ ଭିକ୍ଷାର ପ୍ରଥା ଆଉ ନାହିଁ । ଏବେ ମାଧୁକରୀ ଭିକ୍ଷା ଉପରେ ନିର୍ଭର କଲେ କେବଳ ଅନର୍ଥକ ଶକ୍ତିକ୍ଷୟ ହେବ ସିନା, କିଛି ଲାଭ ହେବ ନାହିଁ ।* ଭିକ୍ଷାର ବିଧାନ କେବଳ ସନ୍ନ୍ୟାସୀମାନଙ୍କର ପୂର୍ବୋକ୍ତ ଉଦ୍ଦେଶ୍ୟଦ୍ୱୟର ସିଦ୍ଧି ପାଇଁ, କିନ୍ତୁ ଏହି ଉପାୟରେ ଏବେ ସେ ଉଦ୍ଦେଶ୍ୟ ଆଉ ସିଦ୍ଧ ହେବ ନାହିଁ । ସୁତରାଂ ଏହି ଅବସ୍ଥାରେ ଯଦି କୌଣସି ସନ୍ନ୍ୟାସୀ ନିଜ ଜୀବନଯାତ୍ରାର ଉପଯୋଗୀ ମାତ୍ର ଅର୍ଥ ସଂଗ୍ରହ କରନ୍ତି, ଏବଂ ଯେଉଁ ଉଦ୍ଦେଶ୍ୟରେ ସେ ସନ୍ନ୍ୟାସ ଗ୍ରହଣ କରିଛନ୍ତି ସେହି ଉଦ୍ଦେଶ୍ୟସିଦ୍ଧି ପାଇଁ ସମସ୍ତ ଶକ୍ତି ବିନିଯୋଗ କରନ୍ତି, ତା'ହେଲେ ସେଥିରେ ସନ୍ନ୍ୟାସଧର୍ମର ମୂଳ ଉଦ୍ଦେଶ୍ୟର ବିରୁଦ୍ଧାଚରଣ ହୁଏ ନାହିଁ । ଅନେକ ସମୟରେ ଲୋକେ ଅଜ୍ଞତାବଶତଃ ଉପାୟକୁ ହିଁ ଉଦ୍ଦେଶ୍ୟ କରିଥାନ୍ତି । ଗୋଟାଏ ଦୁଇଟା ଦୃଷ୍ଟାନ୍ତ ଦେଖ । ଅନେକଙ୍କ ଜୀବନର ଉଦ୍ଦେଶ୍ୟ—ଇନ୍ଦ୍ରିୟ-ସୁଖ-ଭୋଗ । ଏହାର ଉପାୟସ୍ୱରୂପ ସେମାନେ ଟଙ୍କା ରୋଜଗାର କରିବା ଆରମ୍ଭ କରନ୍ତି । କିନ୍ତୁ ଏ କ୍ଷେତ୍ରରେ ମଧ୍ୟ ଲୋକେ ଉଦ୍ଦେଶ୍ୟକୁ ଭୁଲି ଉପାୟ ପ୍ରତି ଏତେଦୂର ଆସକ୍ତ ହୋଇପଡ଼ନ୍ତି ଯେ, କେବଳ ଟଙ୍କା ସଞ୍ଚୟ ହିଁ କରି ଚାଲନ୍ତି, ତାହାକୁ ବ୍ୟୟ କରି ଭୋଗ କରିବାର କ୍ଷମତା ଶେଷରେ ହରାଇ ବସନ୍ତି । ଆଉ ମଧ୍ୟ ଦେଖ, ଶୁଚି ଓ ଶୁଦ୍ଧ ହେବା ପାଇଁ ଆମେ ଲୁଗା କାଚି ସଫା କରୁ । କିନ୍ତୁ ଅନେକ ସମୟରେ ଆମେ ମନେକରୁ ଯେ, କେବଳ ଲୁଗାକୁ ପାଣିରେ ବୁଡ଼ାଇ ଉଠାଇ ଆଣିଲେ ମହା ପବିତ୍ର ହୋଇଗଲା । ଏହିଭଳି କ୍ଷେତ୍ରମାନଙ୍କରେ ଆମେ ଉପାୟକୁ ଉଦ୍ଦେଶ୍ୟର ସ୍ଥାନରେ ବସାଇ ଗୋଳମାଳ କରିପକାଉ । କିନ୍ତୁ ଆମେ ଉଦ୍ଦେଶ୍ୟକୁ କେବେହେଲେ ଭୁଲିଯିବା ଉଚିତ ନୁହେଁ ।

---

* ଏଥିରୁ କେହି ଯେପରି ନ ଭାବନ୍ତି ଯେ, ସ୍ୱାମୀଜୀ ମାଧୁକରୀ ଭିକ୍ଷାର ବିରୋଧୀ ଥିଲେ । ସେ ଅନେକ ସନ୍ନ୍ୟାସୀ ଶିଷ୍ୟଙ୍କୁ ଏଭଳି ଭିକ୍ଷା କରାଇଛନ୍ତି ଓ ନିଜେ ମଧ୍ୟ ଅନେକବାର କରିଛନ୍ତି ।

# ମଣିଷ ହିଁ ନିଜର ଭାଗ୍ୟବିଧାତା

ଧର୍ମାଲୋଚନା ପ୍ରସଙ୍ଗରେ କଥିତ

ଦକ୍ଷିଣ ଭାରତରେ ଖୁବ୍ ପ୍ରଭାବଶାଳୀ ଗୋଟିଏ ରାଜବଂଶ ଥିଲା । ବିଭିନ୍ନ କାଳର ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ଜନ୍ମରୁ ଗଣନା କରି କୋଷ୍ଠୀ ସଂଗ୍ରହ କରି ରଖିବା ପାଇଁ ଗୋଟିଏ ନିୟମ ସେମାନେ ପ୍ରବର୍ତ୍ତିନ କରିଥିଲେ । ସେମାନେ ସେହିସବୁ କୋଷ୍ଠୀରେ ନିର୍ଦ୍ଦିଷ୍ଟ ଭବିଷ୍ୟତର ପ୍ରଧାନ ପ୍ରଧାନ ଘଟଣାମାନ ଲିପିବଦ୍ଧ କରି ଯାଉଥିଲେ ଏବଂ ପରବର୍ତ୍ତୀ କାଳରେ ସଙ୍ଘଟିତ ଘଟଣା ସହିତ ତୁଳନା କରୁଥିଲେ । ପ୍ରାୟ ହଜାର ବର୍ଷ ଧରି ଏହିପରି କରିବା ଫଳରେ ସେମାନେ କେତେଗୁଡ଼ିଏ ଐକ୍ୟ ଖୋଜି ପାଇଥିଲେ । ସେଗୁଡ଼ିକ ମଧ୍ୟରୁ ସାଧାରଣ ସୂତ୍ର ନିର୍ଣ୍ଣୟ କରି ଗୋଟିଏ ବିରାଟ ଗ୍ରନ୍ଥ ପ୍ରଣୀତ ହେଲା । କାଳକ୍ରମେ ସେହି ରାଜବଂଶ ଲୁପ୍ତ ହେଲେ ମଧ୍ୟ ଜ୍ୟୋତିଷୀମାନଙ୍କର ବଂଶଟି ବଞ୍ଚିରହିଲା ଏବଂ ସେହି ଗ୍ରନ୍ଥଟି ସେମାନଙ୍କ ଅଧିକାରକୁ ଚାଲି ଆସିଲା । ସମ୍ଭବତଃ ଏହି ଭାବରେ ହିଁ ଜ୍ୟୋତିଷ-ବିଦ୍ୟାର ଉଦ୍ଭବ ହୋଇଥିଲା । ଯେଉଁସବୁ କୁସଂସ୍କାର ହିନ୍ଦୁମାନଙ୍କର ପ୍ରଭୂତ କ୍ଷତି-ସାଧନ କରିଛି, ସେଗୁଡ଼ିକ ମଧ୍ୟରେ ଏହି ଜ୍ୟୋତିଷ-ବିଦ୍ୟାର ଟିକିନିଖି ପ୍ରତି ଅତ୍ୟଧିକ ମନୋଯୋଗ ଅନ୍ୟତମ ।

ମୋର ଧାରଣା ଯେ, ଭାରତରେ ଫଳିତ ଜ୍ୟୋତିଷ-ବିଦ୍ୟା ଗ୍ରୀକ୍‌ମାନେ ହିଁ ପ୍ରଥମେ ପ୍ରବର୍ତ୍ତିନ କରିଥିଲେ ଏବଂ ହିନ୍ଦୁମାନଙ୍କ ନିକଟରୁ ଜ୍ୟୋତିର୍ବିଜ୍ଞାନ ଶିକ୍ଷା କରି ୟୁରୋପକୁ ନେଇଯାଇଥିଲେ । ଭାରତରେ ବିଶେଷ ଜ୍ୟାମିତିକ ପରିକଳ୍ପନା ଅନୁଯାୟୀ ନିର୍ମିତ ଅନେକ ପୁରାତନ ବେଦୀ ଦେଖିବାକୁ ମିଳେ ଏବଂ ନକ୍ଷତ୍ରମାନଙ୍କର ବିଶେଷ ବିଶେଷ ଅବସ୍ଥାନ କାଳରେ କେତେଗୁଡ଼ିଏ କ୍ରିୟାକର୍ମ ଅନୁଷ୍ଠିତ ହୁଏ । ସେଥିପାଇଁ ମୋର ମନେହୁଏ, ଗ୍ରୀକ୍‌ମାନେ ହିନ୍ଦୁମାନଙ୍କୁ ଫଳିତ ଜ୍ୟୋତିଷ-ବିଦ୍ୟା ଦେଇଛନ୍ତି ଏବଂ ହିନ୍ଦୁମାନେ ସେମାନଙ୍କୁ ଦେଇଛନ୍ତି ଜ୍ୟୋତିର୍ବିଜ୍ଞାନ ।

କେତେଜଣ ଜ୍ୟୋତିଷୀଙ୍କୁ ମୁଁ ଅଦ୍ଭୁତ ଭବିଷ୍ୟବାଣୀ କରିବାର ଦେଖିଛି, କିନ୍ତୁ ସେମାନେ ଯେ କେବଳ ନକ୍ଷତ୍ର ବା ସେହିପ୍ରକାର କୌଣସି ବିଷୟରୁ ଏ ପ୍ରକାର ଭବିଷ୍ୟତବାଣୀ କରୁଥିଲେ, ଏଭଳି ବିଶ୍ୱାସର କାରଣ ମୁଁ ପାଇ ନାହିଁ । ଅନେକ କ୍ଷେତ୍ରରେ ତାହା ସ୍ପଷ୍ଟତଃ ଅନ୍ୟର ମନକୁ ବୁଝିବାର କ୍ଷମତା । ବେଳେବେଳେ ଆଶ୍ଚର୍ଯ୍ୟ ଭବିଷ୍ୟତବାଣୀ କରାଯାଏ, କିନ୍ତୁ ଅନେକ କ୍ଷେତ୍ରରେ ସେସବୁ ଅତି ବାଜେ କଥା ।

ଲଣ୍ଡନରେ ଜଣେ ଯୁବକ ମୋ ପାଖକୁ ପ୍ରାୟ ଆସୁଥିଲା ଏବଂ ପଚାରୁଥିଲା, 'ଆଗାମୀ ବର୍ଷ ମୋ ଅଦୃଷ୍ଟରେ କ'ଣ ଅଛି ?' ମୁଁ ତାକୁ ଏପ୍ରକାର ପ୍ରଶ୍ନର କାରଣ ପଚାରିବାରୁ ସେ କହିଲା, 'ମୋର ସବୁ ଧନସମ୍ପତ୍ତି ନଷ୍ଟ ହୋଇଯାଇଛି, ମୁଁ ଏବେ ଖୁବ୍ ଗରିବ ।' ଅନେକଙ୍କ ନିକଟରେ ଟଙ୍କା ହିଁ ଭଗବାନ । ଦୁର୍ବଳ ଲୋକମାନେ ଯେତେବେଳେ ସବୁ କିଛି ହରାଇ ଆହୁରି ଦୁର୍ବଳ ହୋଇପଡ଼ନ୍ତି, ସେତେବେଳେ ସେମାନେ ନାନା ଅପ୍ରାକୃତ ଉପାୟରେ ଟଙ୍କା ରୋଜଗାର କରିବା ପାଇଁ ଉପାୟ ଖୋଜନ୍ତି ଏବଂ ଫଳିତ ଜ୍ୟୋତିଷ-ବିଦ୍ୟା ବା

ଏହି ଧରଣର ବିଷୟର ଆଶ୍ରୟ ନିଅନ୍ତି । ସଂସ୍କୃତରେ ଗୋଟିଏ ପ୍ରବଚନ ଅଛି—'କାପୁରୁଷ ଓ ମୂର୍ଖମାନେ ହିଁ ଅଦୃଷ୍ଟର ଦ୍ୱାହି ଦିଅନ୍ତି ।' କିନ୍ତୁ ଯିଏ ଶକ୍ତିମାନ୍, ସେ ଏସବୁରେ ବିଶ୍ୱାସ ନ କରି ବରଂ ଅଣ୍ଟା ଭିଡ଼ି ଛିଡ଼ା ହୋଇ କହେ, 'ମୁଁ ହିଁ ମୋର ଅଦୃଷ୍ଟକୁ ଗଢ଼ିବି ।' ଯେଉଁମାନେ ବୃଦ୍ଧ ହେବାକୁ ଯାଉଛନ୍ତି, ସେମାନେ ହିଁ ନିୟତିର କଥା କହନ୍ତି । ଯୁବକମାନେ ସାଧାରଣତଃ ଜ୍ୟୋତିଷୀମାନଙ୍କ ପାଖ ମାଡ଼ନ୍ତି ନାହିଁ । ଗ୍ରହସମୂହର ପ୍ରଭାବ ହୁଏତ ଆମ ଉପରେ ରହିଛି, କିନ୍ତୁ ସେଥିରେ ଆମର ବିଶେଷ କିଛି ଯାଏ ଆସେ ନାହିଁ । ବୁଦ୍ଧ କହିଛନ୍ତି, 'ଯେଉଁମାନେ ନକ୍ଷତ୍ରଗଣନା ଓ ଏ ପ୍ରକାର ଅନ୍ୟାନ୍ୟ ବିଦ୍ୟା ବା ଗୁଳିକ ଦ୍ୱାରା ଜୀବିକା ନିର୍ବାହ କରନ୍ତି ସେମାନଙ୍କୁ ସର୍ବଦା ବର୍ଜନ କରିବ ।' ତାଙ୍କର ଏହି ଉକ୍ତି ନିର୍ଭରଯୋଗ୍ୟ, କାରଣ ତାଙ୍କପରି ଶ୍ରେଷ୍ଠ ହିନ୍ଦୁ ଏଯାବତ୍ କେହି ଜନ୍ମି ନାହିଁ । ନକ୍ଷତ୍ରସମୂହ ଆସନ୍ତୁ, ସେଥିରେ କ୍ଷତି କ'ଣ ? ଗୋଟିଏ ନକ୍ଷତ୍ର ଦ୍ୱାରା ଯଦି ମୋ ଜୀବନରେ ବିପର୍ଯ୍ୟୟ ଘଟେ, ତା' ହେଲେ ମୋ ଜୀବନର କ'ଣ ବା ମୂଲ୍ୟ ? ଜ୍ୟୋତିଷ-ବିଦ୍ୟା ବା ଏପ୍ରକାର ରହସ୍ୟପୂର୍ଣ୍ଣ କଥାରେ ବିଶ୍ୱାସ କରିବା ସାଧାରଣତଃ ଦୁର୍ବଳ ଚିତ୍ତର ଲକ୍ଷଣ; ଅତଏବ ଯେତେବେଳେ ଏସବୁ କଥା ଆମ ମନରେ ପ୍ରାଧାନ୍ୟ ଲାଭ କରୁଥାଏ, ସେତେବେଳେ ଆମେ ଉତ୍ତମ ଚିକିତ୍ସକଙ୍କର ପରାମର୍ଶ ନେଇ ଉତ୍ତମ ଖାଦ୍ୟ ଖାଇ ଉପଯୁକ୍ତ ବିଶ୍ରାମ ଗ୍ରହଣ କରିବା ଉଚିତ ।

କୌଣସି ଘଟଣାର ବ୍ୟାଖ୍ୟା ଯଦି ତା'ର ସ୍ୱକୀୟ ପ୍ରକୃତିରୁ ମିଳିଯାଏ, ତା'ହେଲେ ବାହାରେ ତା'ର କାରଣ ଅନୁସନ୍ଧାନ କରିବା ବୋକାମି । ଜଗତ ଯଦି ନିଜେ ନିଜକୁ ବ୍ୟାଖ୍ୟା କରେ, ତା' ହେଲେ ବାହାରେ ତା'ର ବ୍ୟାଖ୍ୟା ଖୋଜିବା ନିର୍ବୋଧର କାର୍ଯ୍ୟ । ମଣିଷର ଜୀବନରେ ଏପରି କ'ଅଣ କିଛି କେବେ ତୁମେମାନେ ଲକ୍ଷ୍ୟ କରିଛ, ଯାହାକୁ ତା'ର ଆପଣା ଶକ୍ତି ଦ୍ୱାରା ବ୍ୟାଖ୍ୟା କରିହୁଏ ନାହିଁ ? ସୁତରାଂ ନକ୍ଷତ୍ର ବା ଜଗତର ଅନ୍ୟ କିଛିର ନିକଟକୁ ଯିବା କ'ଅଣ ଦରକାର ? ମୋର ନିଜର କର୍ମ ହିଁ ମୋ ବର୍ତ୍ତମାନ ଅବସ୍ଥାର ଯଥୋଚିତ ବ୍ୟାଖ୍ୟା । ସ୍ୱୟଂ ଯୀଶୁଙ୍କ କ୍ଷେତ୍ରରେ ମଧ୍ୟ ସେହି ଏକା କଥା । ଆମେ ଜାଣୁ ଯେ, ତାଙ୍କର ପିତା ଥିଲେ ଜଣେ ସାମାନ୍ୟ ମୋଚି । ତାଙ୍କ ଶକ୍ତିର ବ୍ୟାଖ୍ୟା ଖୋଜିବା ପାଇଁ ଆମର ଅନ୍ୟ କାହା ପାଖକୁ ଯିବା ଦରକାର ନାହିଁ । ଯୀଶୁ ତାଙ୍କ ନିଜ ଅତୀତର ଫଳ, ଯେଉଁ ଅତୀତର ସବୁ କିଛି ହିଁ ଥିଲା ଯୀଶୁଙ୍କ ଆବିର୍ଭାବ ପାଇଁ ପ୍ରସ୍ତୁତି ପର୍ବ । ବୁଦ୍ଧ ବାରମ୍ବାର ଜୀବଦେହ ଗ୍ରହଣ କରିଥିଲେ ଏବଂ କିଭଳି ଏହିସବୁ ଜନ୍ମ ମଧ୍ୟଦେଇ ଶେଷକୁ ସେ ବୁଦ୍ଧତ୍ୱ ଲାଭ କଲେ, ତା'ର ବିବରଣ ସେ ନିଜେ ଦେଇଛନ୍ତି । ସୁତରାଂ ଏସବୁକୁ ବ୍ୟାଖ୍ୟା କରିବା ପାଇଁ ନକ୍ଷତ୍ର-ମାନଙ୍କର ଦ୍ୱାରସ୍ଥ ହେବା କ'ଅଣ ଦରକାର ? ନକ୍ଷତ୍ରମାନଙ୍କର ହୁଏତ ସାମାନ୍ୟ କିଛି ପ୍ରଭାବ ଥାଇପାରେ, କିନ୍ତୁ ସେଥିପ୍ରତି ମନଯୋଗ ନ ଦେଇ ବା ସେଥିରେ ବିବ୍ରତ ନ ହୋଇ ସେସବୁକୁ ଉପେକ୍ଷା କରି ଆଗେଇଯିବା ଆମର କର୍ତ୍ତବ୍ୟ । ମୋର ସକଳ ଶିକ୍ଷାର ପ୍ରଥମ ଓ ପ୍ରଧାନ କଥା : ଯାହା କିଛି ତୁମର ଆଧ୍ୟାତ୍ମିକ, ମାନସିକ ଓ ଶାରୀରିକ ଦୁର୍ବଳତା ଆଣେ, ତାହାକୁ ତୁମେ ପାଦର ଆଙ୍ଗୁଠିରେ ମଧ୍ୟ ସ୍ପର୍ଶ କର ନାହିଁ । ମଣିଷ ଭିତରେ ଯେଉଁ ସ୍ୱାଭାବିକ ଶକ୍ତି ରହିଛି, ତାହାର ବିକାଶସାଧନ ହିଁ ଧର୍ମ । ଅନନ୍ତ ଶକ୍ତି ଏକ ସ୍ପ୍ରିଙ୍ଗ୍ ପରି କୁଣ୍ଡଳୀବଦ୍ଧ

ହୋଇ ଏହି କ୍ଷୁଦ୍ର ଦେହ ମଧ୍ୟରେ ରହିଛି ଓ ସେହି ସଂହତ ଶକ୍ତି ଧୀରେ ଧୀରେ ବିସ୍ତୃତି ଲାଭ କରୁଛି । ବିଭିନ୍ନ ଦେହ ଧାରଣ କରି ଏହା ନିଜକୁ ବିସ୍ତୃତ ବା ବିକଶିତ କରିବାକୁ ଚାହେଁ । ଯେଉଁସବୁ ଦେହ ଏହି ବିକାଶ ପାଇଁ ଅନୁପଯୁକ୍ତ, ସେହିସବୁ ଦେହକୁ ତ୍ୟାଗ କରି ଏହି ଶକ୍ତି ଉନ୍ନତତର ଦେହ ଗ୍ରହଣ କରେ । ଏହା ହିଁ ହେଲା ମଣିଷର ଇତିହାସ—ଧର୍ମ, ସଭ୍ୟତା ବା ପ୍ରଗତିର ଇତିହାସ । ସେହି ବିଶାଳବପୁ ଶୃଙ୍ଖଳବଦ୍ଧ ଦୈତ୍ୟ 'ପ୍ରମିଥିଏସ୍'ର ବନ୍ଧନ ଛିଣ୍ଡିଯାଉଛି । ସବୁବେଳେ ଏହି ଶକ୍ତିର ବିକାଶ । ଜ୍ୟୋତିଷ ବା ଅନୁରୂପ ଭାବ ମଧ୍ୟରେ ଜାଣିଚୁଏ ସତ୍ୟ ଥିଲେ ବି ସେସବୁକୁ ବର୍ଜନ କରିବା ଉଚିତ ।

ଗୋଟିଏ ପୁରାତନ ଗଳ୍ପ ଅଛି । ଥରେ ଜଣେ ଜ୍ୟୋତିଷ ରାଜାଙ୍କୁ ଆସି କହିଲା, 'ମହାରାଜ, ଆପଣ ଛଅମାସ ମଧ୍ୟରେ ମୃତ୍ୟୁବରଣ କରିବେ ।' ରାଜା ଏକଥା ଶୁଣି ଭୟରେ ଜ୍ଞାନବୁଦ୍ଧି ହରାଇ ବସିଲେ ଏବଂ ସେବେଠୁଁ ତାଙ୍କ ମୃତ୍ୟୁର ଉପକ୍ରମ ଆରମ୍ଭ ହୋଇଗଲା । କିନ୍ତୁ ରାଜାଙ୍କର ମନ୍ତ୍ରୀ ଥିଲେ ଅତି ଚତୁର । ସେ ରାଜାଙ୍କୁ କହିଲେ ଯେ, ଏହି ଜ୍ୟୋତିଷୀ-ମାନେ ହେଉଛନ୍ତି ନିହାତି ମୂର୍ଖ । ରାଜା କିନ୍ତୁ ମନ୍ତ୍ରୀଙ୍କ କଥାରେ ଆସ୍ଥା ସ୍ଥାପନ କରିପାରିଲେ ନାହିଁ । ସୁତରାଂ ଜ୍ୟୋତିଷୀମାନେ ଯେ ନିର୍ବୋଧ, ତାହା ରାଜାଙ୍କ ପାଖରେ ପ୍ରମାଣ କରିବା ପାଇଁ ଜ୍ୟୋତିଷୀକୁ ଆଉ ଥରେ ରାଜପ୍ରାସାଦକୁ ଆମନ୍ତ୍ରଣ କରିବା ଭିନ୍ନ ମନ୍ତ୍ରୀଙ୍କ ପାଖରେ ଅନ୍ୟ କୌଣସି ଉପାୟ ନ ଥିଲା । ଜ୍ୟୋତିଷୀ ଆସିବାରୁ ତାଙ୍କ ଗଣନା ନିର୍ଭୁଲ କି ନୁହେଁ ମନ୍ତ୍ରୀ ତାଙ୍କୁ ପଚାରିଲେ । ଜ୍ୟୋତିଷୀ କହିଲେ ଯେ, ତାଙ୍କର ଗଣନା କଦାପି ଭୁଲ ହୋଇ ନ ପାରେ, କିନ୍ତୁ ମନ୍ତ୍ରୀଙ୍କର ହୃଦ୍‌ବୋଧ ହେବା ପାଇଁ ସେ ପୁନର୍ବାର ମୂଳରୁ ଗଣନା କରି ଅବଶେଷରେ କହିଲେ ଯେ, ତାଙ୍କ ଗଣନା ସମ୍ପୂର୍ଣ୍ଣ ନିର୍ଭୁଲ । ଏକଥା ଶୁଣି ରାଜାଙ୍କର ମୁହଁ ବିବର୍ଣ୍ଣ ହୋଇଗଲା । ମନ୍ତ୍ରୀ ଜ୍ୟୋତିଷୀଙ୍କୁ ପଚାରିଲେ, 'ଆପଣ କେବେ ମରିବେ ଜାଣିଛନ୍ତି ?' ଉତ୍ତରରେ ଜ୍ୟୋତିଷୀ କହିଲେ, 'ବାର ବର୍ଷ ପରେ । ମନ୍ତ୍ରୀ ସଙ୍ଗେ ସଙ୍ଗେ ତାଙ୍କର ତରବାରି ବାହାର କରି ଜ୍ୟୋତିଷୀଙ୍କ ମସ୍ତକ ଛେଦନ କଲେ ଏବଂ ତା'ପରେ ରାଜାଙ୍କୁ କହିଲେ, 'ଦେଖିଲେ ତ, ଏ ଜ୍ୟୋତିଷୀ କେଡ଼େ ମିଥ୍ୟାବାଦୀ ! ଏହି ମୁହୂର୍ତ୍ତରେ ହିଁ ତା'ର ପରମାୟୁ ଶେଷ ହୋଇଗଲା ।'

ଏଣୁ ତୁମେମାନେ ଯଦି ତୁମ ଜାତିକୁ ବଞ୍ଚାଇବାକୁ ଚାହଁ, ତେବେ ଏସବୁ ଜିନିଷରୁ ଦୂରେଇ ରହ । ଯାହା ଆମକୁ ବଳବାନ୍ କରେ ତାହା ହିଁ ଶ୍ରେୟଃ । ଶୁଭ ହିଁ ଜୀବନ ଓ ଅଶୁଭ ହିଁ ମୃତ୍ୟୁସ୍ୱରୂପ । ଏହିସବୁ କୁସଂସ୍କାରପୂର୍ଣ୍ଣ ଭାବ ତୁମମାନଙ୍କ ଦେଶରେ ଯାରୁଗଛ ଭଳି ବଢ଼ି ଚାଲିଛି ଏବଂ ବସ୍ତୁର ଯୁକ୍ତିପୂର୍ଣ୍ଣ ବିଶ୍ଳେଷଣରେ ଅସମର୍ଥ ନାରୀମାନେ ହିଁ ଏଗୁଡ଼ିକୁ ବିଶ୍ୱାସ କରି ଚାଲିଛନ୍ତି । ଏହାର କାରଣ ହେଲା, ସେମାନେ ସ୍ୱାଧୀନତା ପାଇଁ ସଂଗ୍ରାମ କଲେ ମଧ୍ୟ ଏଯାବତ୍ ବୋଧ-ଶକ୍ତିରେ ପ୍ରତିଷ୍ଠିତ ହୋଇପାରି ନାହାନ୍ତି । କୌଣସି ଉପନ୍ୟାସର ଆରମ୍ଭରେ ଥିବା ଗୋଟିଏ କବିତାର କେତେଧାଡ଼ି ଉଦ୍ଧୃତିକୁ ମୁଖସ୍ଥ କରି କୌଣସି ମହିଳା କହନ୍ତି ଯେ, ସେ ବ୍ରାଉନିଂଙ୍କୁ ସମ୍ପୂର୍ଣ୍ଣ ଭାବରେ ଜାଣିଛନ୍ତି । ଆଉ କେହି କେହି ଦୁଇ ତିନଥର କେଉଁଠି ବକ୍ତୃତା ଶୁଣି ଭାବନ୍ତି ଯେ, ସେମାନେ ଜଗତର ସବୁ କିଛି ଜାଣିଯାଇଛନ୍ତି । କିନ୍ତୁ ମୁସ୍କିଲ

କଥା ହେଲା ଯେ, ସେମାନେ ନାରୀର ସହଜାତ କୁସଂସ୍କାରଗୁଡ଼ିକୁ ଛାଡ଼ିପାରନ୍ତି ନାହିଁ । ସେମାନଙ୍କ ପାଖରେ ପ୍ରଚୁର ଅର୍ଥ ଓ କିଛି ଜ୍ଞାନ ବୁଦ୍ଧି ଅଛି; କିନ୍ତୁ ସେମାନେ ଯେତେବେଳେ ପରିବର୍ତ୍ତନର ଏହି ମଧ୍ୟବର୍ତ୍ତୀ ଅବସ୍ଥା ଅତିକ୍ରମ କରି ଦୃଢ଼ ହୋଇ ଛିଡ଼ା ହେବେ, ସେତେବେଳେ ଯାଇ ସବୁକିଛି ଠିକ୍ ହୋଇଯିବ । ଏବେ ସେମାନେ କେତେଜଣ ବଚନବାଗୀଶଙ୍କ ହାତରେ କଣ୍ଢେଇ ଭଳି । ଦୁଃଖ କର ନାହିଁ, କାହାକୁ ଆଘାତ ଦେବାକୁ ମୁଁ ଇଚ୍ଛା କରୁ ନାହିଁ; କିନ୍ତୁ ଯାହା ସତ୍ୟ ତାହା ହିଁ ମୋତେ କହିବାକୁ ହେବ । ତୁମେମାନେ ଏସବୁରେ କିପରି ଅତି ସହଜରେ ପ୍ରଭାବିତ ହୋଇଯାଉଛ, ତାହା କ'ଣ ଜାଣିପାରୁ ନାହଁ ? ଏହି ନାରୀମାନେ କେତେ ପରିମାଣରେ ଐକାନ୍ତିକ ଏବଂ ସେମାନଙ୍କର ଅନ୍ତର୍ନିହିତ ଦେବତ୍ୱ ଯେ କେବେ ମରିପାରିବ ନାହିଁ—ଏହା କଅଣ ଦେଖିପାରୁ ନାହଁ ? ସେହି ଦିବ୍ୟ ଭାବକୁ ଆହ୍ୱାନ କରି ଜାଣିବା ହିଁ ସାଧନା ।

ଯେତେଦିନ ଗଡ଼ି ଚାଲିଛି, ମୋର ଧାରଣା ସେତିକି ଦୃଢ଼ ହେବାରେ ଲାଗିଛି ଯେ, ପ୍ରତ୍ୟେକ ମଣିଷ ଦିବ୍ୟସ୍ୱଭାବସମ୍ପନ୍ନ । ପୁରୁଷ ବା ନାରୀ ଯେତେ ଜଘନ୍ୟ ଚରିତ୍ରର ହୋଇଥାନ୍ତୁ ନା କାହିଁକି, ସେମାନଙ୍କର ଅନ୍ତର୍ନିହିତ ଦେବତ୍ୱର ବିନାଶ ନାହିଁ । କେବଳ ସେ ଜାଣେ ନାହିଁ ଯେ, କିପରି ସେହି ଦେବତ୍ୱରେ ପହଞ୍ଚିବାକୁ ହେବ ଏବଂ ସେହି ସତ୍ୟର ପ୍ରତୀକ୍ଷାରେ ସେ ଅଛି । ଦୁଷ୍ଟ ପ୍ରକୃତିର ଲୋକମାନେ ବିଭିନ୍ନ ଭାବରେ ସେହି ପୁରୁଷ ବା ନାରୀକୁ ପ୍ରତାରିତ କରିବା ପାଇଁ ଚେଷ୍ଟା କରୁଛନ୍ତି । ଯଦି ଜଣେ ଅନ୍ୟକୁ ଅର୍ଥଲୋଭରେ ପ୍ରତାରଣା କରେ, ତା'ହେଲେ ତୁମେ ସବୁ ତାକୁ ନିର୍ବୋଧ ଓ ବଦମାସ୍ ବୋଲି କୁହ । କିନ୍ତୁ ଯିଏ ଅନ୍ୟକୁ ଆଧ୍ୟାତ୍ମିକ ପଥରେ ପ୍ରବଞ୍ଚିତ କରିବାକୁ ଚେଷ୍ଟା କରେ, ତାହାଠାରୁ ଜଘନ୍ୟ ଆଉ କିଛି ନାହିଁ । ସତ୍ୟର ଏକମାତ୍ର ପରୀକ୍ଷା ହେଉଛି : ଏହା ତୁମକୁ ସବଳ କରେ ଏବଂ କୁସଂସ୍କାରର ଊର୍ଦ୍ଧ୍ୱକୁ ନେଇଯାଏ । ଦାର୍ଶନିକର କର୍ତ୍ତବ୍ୟ ହେଲା ମଣିଷକୁ କୁସଂସ୍କାରର ଊର୍ଦ୍ଧ୍ୱକୁ ନେଇଯିବା । ଏପରିକି ଏହି ଜଗତ, ଏହି ଦେହ ଓ ମନ କୁସଂସ୍କାର-ରାଶି ମାତ୍ର; ତୁମେ କିନ୍ତୁ ଅନନ୍ତ ଆତ୍ମା ! ଆକାଶରେ ମିଟିମିଟି ହେଉଥିବା ତାରାଗୁଡ଼ିକଦ୍ୱାରା ତୁମେ ପ୍ରତାରିତ ହେବ ! ଏହା କି ଲଜ୍ଜାର କଥା ! ତୁମେମାନେ ଦିବ୍ୟାତ୍ମା—ସେହି କ୍ଷୀଣାଲୋକ ନକ୍ଷତ୍ରସମୂହ ସେମାନଙ୍କର ଅସ୍ତିତ୍ୱ ପାଇଁ ତୁମମାନଙ୍କ ନିକଟରେ ଋଣୀ ।

ଏକଦା ହିମାଳୟ-ପ୍ରଦେଶରେ ଭ୍ରମଣ କରୁଥିଲି । ଆମ ସମ୍ମୁଖରେ ଥିଲା ସୁଦୀର୍ଘ ପଥ । କପର୍ଦ୍ଦକହୀନ ସନ୍ନ୍ୟାସୀ ଆମେ, ଯାନବାହନ କେଉଁଠାରୁ ପାଇବୁ ? ସୁତରାଂ ସମସ୍ତ ପଥ ଆମକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ୁଥିଲା । ଆମ ସାଙ୍ଗରେ ଜଣେ ବୃଦ୍ଧ ସାଧୁ ଥିଲେ । କେତେ ଶହ ମାଇଲବ୍ୟାପୀ ଚଢ଼ା-ଉତରା ରାସ୍ତା ଆଗକୁ ପଡ଼ିଛି—ସେହି ଆଡ଼କୁ ଦୃଷ୍ଟି ନିକ୍ଷେପ କରି ବୃଦ୍ଧ ସାଧୁ କହିଲେ, 'କିପରି ମୁଁ ଏହି ଦୀର୍ଘ ପଥ ଅତିକ୍ରମ କରିବି ? ମୁଁ ଆଉ ଚାଲିପାରୁ ନାହିଁ; ମୋର ହୃତ୍‌ସ୍ପନ୍ଦନକ୍ରିୟା ବନ୍ଦ ହୋଇଯିବ ।' ମୁଁ ତାଙ୍କୁ କହିଲି, 'ଆପଣ ଆପଣଙ୍କ ପାଦ ତଳକୁ ଚାହାଁନ୍ତୁ ।' ସେ ଚାହିଁବାରୁ ମୁଁ କହିଲି, 'ଆପଣଙ୍କ ପାଦ ତଳେ ଯେଉଁ ରାସ୍ତା ପଡ଼ିଛି, ତାକୁ ତ ଆପଣ ହିଁ ଅତିକ୍ରମ କରି ଆସିଛନ୍ତି ଏବଂ ଆଗକୁ ଯେଉଁ ପଥ ଦେଖୁଛନ୍ତି,

ତାହା ମଧ୍ୟ ସେହି ଗୋଟିଏ ପଥ । ସେହି ପଥ ମଧ୍ୟ ଅଚିରେ ଆପଣଙ୍କ ପାଦତଳକୁ ଆସିବ ।' ଉଚ୍ଚ ବସ୍ତୁ ସକଳ ତୁମମାନଙ୍କର ପାଦ ତଳେ, କାରଣ ତୁମେମାନେ ହେଉଛ ଦିବ୍ୟ ନକ୍ଷତ୍ର । ଏସବୁ ବସ୍ତୁ ତୁମମାନଙ୍କର ପାଦ ତଳେ । ଇଚ୍ଛା କଲେ ତୁମେମାନେ ନକ୍ଷତ୍ର ସମୂହକୁ ହାତମୁଠାରେ ଧରି ଗିଳିପାରିବ । ତୁମମାନଙ୍କର ଯଥାର୍ଥ ସ୍ୱରୂପର ଏପରି ଶକ୍ତି ! ତୁମେମାନେ ବଳୀୟାନ୍ ହୁଅ, ସମସ୍ତ କୁସଂସ୍କାରର ଊର୍ଦ୍ଧ୍ୱକୁ ତୁମେମାନେ ଉଠ ଏବଂ ମୁକ୍ତ ହୁଅ ।

## ଐକ୍ୟ

୧୯୦୦ ଖ୍ରୀଷ୍ଟାବ୍ଦ ଜୁନ୍ ମାସରେ ନ୍ୟୁୟର୍କସ୍ଥିତ ବେଦାନ୍ତ ସୋସାଇଟିରେ ପ୍ରଦତ୍ତ ବକ୍ତୃତାର ସ୍ମାରକ ଲିପି

ଭାରତରେ ବିଭିନ୍ନ ସାଂପ୍ରଦାୟିକ ମତବାଦ—ହୁଏତ ଐକ୍ୟର ଏକ ମୂଳ ଭାବ ଅଥବା ଦ୍ୱୈତଭାବରୁ ବିକାଶ ଲାଭ କରିଛି ।

ସବୁ ମତବାଦ ବେଦାନ୍ତର ଅନ୍ତର୍ଗତ ଏବଂ ବେଦାନ୍ତ ସାହାଯ୍ୟରେ ବ୍ୟାଖ୍ୟାତ । ଏହିସବୁ ମତବାଦର ସାରକଥା ହେଉଛି : ଐକ୍ୟର ଶିକ୍ଷା । ଯାହାଙ୍କୁ ଆମେମାନେ ବହୁ ରୂପରେ ଦେଖୁଛୁ, ସେ ହିଁ ଈଶ୍ୱର । ବସ୍ତୁଗତ ପୃଥିବୀ ଓ ବହୁବିଧ ଇନ୍ଦ୍ରିୟଗତ ଜ୍ଞାନ ଆମେ ଅନୁଭବ କରୁ, ତଥାପି କେବଳ ଗୋଟିଏ ମାତ୍ର ସତ୍ତା ବିଦ୍ୟମାନ ।

ଏହିସବୁ ଭିନ୍ନ ଭିନ୍ନ ନାମ କେବଳ ସେହି 'ଏକ'ର ପ୍ରକାଶର ମାତ୍ରାଗତ ପାର୍ଥକ୍ୟକୁ ସୂଚାଇ ଦିଏ । ଆଜି ଯିଏ କୀଟ, କାଲି ସେ ଦେବତା । ଏହି ଯେଉଁସବୁ ସ୍ୱାତନ୍ତ୍ର୍ୟକୁ ଆମେ ଏତେ ଭଲପାଉ, ସେସମସ୍ତ ହିଁ ଏକ ଅନନ୍ତ ସତ୍ତାର ଅଂଶମାତ୍ର ଏବଂ କେବଳ ପ୍ରକାଶର ମାତ୍ରାରେ ହିଁ ସେଗୁଡ଼ିକ ଭିତରେ ପ୍ରଭେଦ ଦେଖାଯାଏ । ସେହି ଅନନ୍ତ ସତ୍ତାର ଜ୍ଞାନ ହିଁ ମୁକ୍ତିଲାଭ ।

ଉପାସନା-ପ୍ରଣାଳୀ ସମ୍ପର୍କରେ ଆମର ଯେତେ ବିଭ୍ରାନ୍ତି ଘଟୁ ନା କାହିଁକି, ବସ୍ତୁତଃ ଆମର ସକଳ ପ୍ରଚେଷ୍ଟା ହିଁ କେବଳ ମୁକ୍ତିଲାଭ ପାଇଁ ! ଆମେ ସୁଖ ଚାହୁଁ ନାହିଁ କି ଦୁଃଖ ମଧ୍ୟ ଚାହୁଁ ନାହିଁ; ଆମେ ଚାହୁଁ କେବଳ ମୁକ୍ତି । ଏହି ଗୋଟିଏ ଲକ୍ଷ୍ୟ ମଧ୍ୟରେ ହିଁ ରହିଛି ମଣିଷର ସକଳ ଅତୃପ୍ତ ତୃଷ୍ଣାର ମୂଳ ରହସ୍ୟ । ହିନ୍ଦୁ କହେ, ବୌଦ୍ଧ ବି କହେ—ମଣିଷର ତୃଷ୍ଣା ହେଲା ଅଧିକରୁ ଅଧିକତର ଲାଭ ପାଇଁ ଏକ ଜ୍ୱଳନ୍ତ ଅପୂରଣୀୟ ଆକାଙ୍କ୍ଷା ।

ତୁମେ ଆମେରିକାବାସୀମାନେ ସର୍ବଦା ଆହୁରି ଅଧିକ ସୁଖ ଓ ସମ୍ଭୋଗର ସନ୍ଧାନ କରି ଚାଲିଛ । ଏକଥା ସତ୍ୟ ଯେ, ବାହାରେ ତୁମେମାନେ ପରିତୃପ୍ତ ହେବ ନାହିଁ, କିନ୍ତୁ ଅନ୍ତରରେ—ଗଭୀର ଭାବରେ ତୁମେମାନେ ଯାହାକୁ ଖୋଜି ଚାଲିଛ, ତାହା ହିଁ ହେଉଛି ମୁକ୍ତି ।

ଏହି ବାସନାର ବିଶାଳତା ବସ୍ତୁତଃ ମଣିଷର ନିଜ ଅନନ୍ତତ୍ୱର ଲକ୍ଷଣ । ମଣିଷ

ଅନନ୍ତ ହୋଇଥିବାରୁ ତା'ର ବାସନା ଏବଂ ବାସନା-ପୂର୍ତ୍ତି ଅନନ୍ତ ଆକାର ଧାରଣ କଲାପରେ ଯାଇ ସେ ପରିତୃପ୍ତ ହୋଇପାରେ ।

ତା'ହେଲେ କେଉଁ ବସ୍ତୁ ମଣିଷକୁ ପରିତୃପ୍ତ କରିପାରେ ? କାଞ୍ଚନ ନୁହେଁ, ସମ୍ଭୋଗ ନୁହେଁ, ସୌନ୍ଦର୍ଯ୍ୟ ବି ନୁହେଁ । ଏକମାତ୍ର ଅନନ୍ତ ହିଁ ତାହାକୁ ତୃପ୍ତ କରିପାରେ ଏବଂ ସେ ନିଜେ ହିଁ ସେହି ଅନନ୍ତ ସତ୍ତା । ସେ ଯେତେବେଳେ ଏହା ଉପଲବ୍ଧି କରେ, ସେତେବେଳେ ସେ ମୁକ୍ତ ପାଏ ।

ଏହି ବଂଶୀଟି ତା'ର ରନ୍ଧ୍ରରୂପୀ ସକଳ ଇନ୍ଦ୍ରିୟ, ସକଳ ଚେତନା, ଅନୁଭୂତ ଓ ସଙ୍ଗୀତକୁ ନେଇ କେବଳ ଗୋଟିଏ ରାଗିଣୀ ଗାଉଛି; ଯେଉଁ ବଣରୁ ତାହାକୁ ଛେଦନ କରି ଯାଇଥିଲା, ସେଠାକୁ ଫେରିଯିବା ପାଇଁ ସେ ପ୍ରତ୍ୟାଶୀ ।

'—ନିଜ ଦ୍ୱାରା ନିଜକୁ ଉଦ୍ଧାର କର,
ନିଜକୁ କେବେ ବୁଡ଼ାଇ ଦିଅ ନାହିଁ,
କାରଣ ତୁମେ ହିଁ ତୁମର ପରମ ବନ୍ଧୁ,
ପୁଣି ତୁମେ ହିଁ ତୁମର ଚରମ ଶତ୍ରୁ ।'

ଅନନ୍ତକୁ କିଏ ସାହାଯ୍ୟ କରିପାରେ ? ଅନ୍ଧକାର ମଧ୍ୟଦେଇ ଯେଉଁ ହାତଟି ତୁମ ପାଖକୁ ଆସୁଛି, ସେହି ହାତଟିକୁ ତୁମ ନିଜର ହାତ କରିବାକୁ ପଡ଼ିବ ।

ଭୀତ ଓ ବାସନା—ଏହି ଦୁଇଟି କାରଣ ହିଁ ଏସବୁର ମୂଳରେ । କିଏ ଏମାନଙ୍କୁ ସୃଷ୍ଟି କରେ ? ଆମେ ନିଜେ । ଆମମାନଙ୍କର ଜୀବନ ଯେପରି ସ୍ୱପ୍ନରୁ ସ୍ୱପ୍ନାନ୍ତରକୁ ମାତ୍ର । ଅନନ୍ତ ସ୍ୱପ୍ନର ସ୍ରଷ୍ଟା ମଣିଷ ସୀମାବଦ୍ଧ ସ୍ୱପ୍ନ ଦେଖି ଚାଲିଛି ।

ଆହା ! ବାହାରର କୌଣସି ବସ୍ତୁ ଯେ ନିତ୍ୟ ବସ୍ତୁ ନୁହେଁ—ଏହା ଯେ କି ଅପୂର୍ବ ଆଶୀର୍ବାଦ ! ଏହି ଆପେକ୍ଷିକ ଜଗତରେ କିଛି ଚିରନ୍ତନ ନୁହେଁ—ଏ କଥା ଶୁଣି ଯେଉଁମାନଙ୍କର ଭୀତ ଥରେ, ସେମାନେ ଏହି କଥାଗୁଡ଼ିକର ଅର୍ଥ ଜାଣନ୍ତି ନାହିଁ ।

ମୁଁ ଯେପରି ଅନନ୍ତ ନୀଳାକାଶ । ମୋ ଉପର ଦେଇ ନାନା ରଙ୍ଗର ମେଘ ଭାସି ଭାସି ଚାଲିଯାଏ, କେବେ କେବେ ମୂହୂର୍ତ୍ତିକ ପାଇଁ ରହିଯାଇ ପୁଣି ଅଦୃଶ୍ୟ ହୋଇଯାଏ । ମୁଁ କିନ୍ତୁ ସେହି ଚିରନ୍ତନ ନୀଳ ହୋଇ ରହିଯାଏ । ମୁଁ ସବୁ କିଛିର ସାକ୍ଷୀ, ସେହି ଚିରନ୍ତନ ସାକ୍ଷୀ । ମୁଁ ଦେଖୁଛି ବୋଲି ତ ପ୍ରକୃତି ଅଛି । ମୁଁ ନ ଦେଖିଲେ ପ୍ରକୃତି ରହିବ ନାହିଁ । ଯଦି ଏହି ଅନନ୍ତ ଐକ୍ୟ ମୂହୂର୍ତ୍ତିକ ପାଇଁ ବି ଭାଙ୍ଗିଯାଏ, ତା'ହେଲେ ଆମେ କେହି କିଛି ଦେଖିପାରନ୍ତେ ନାହିଁ କି କହିପାରନ୍ତେ ନାହିଁ ।

## ହିନ୍ଦୁ ଓ ଗ୍ରୀକ୍‌ଜାତି

ତିନୋଟି ପର୍ବତ ମଣିଷର ଅଗ୍ରଗତିର ସାକ୍ଷୀ ରୂପେ ଦଣ୍ଡାୟମାନ : ହିମାଳୟ—ଭାରତୀୟ ଆର୍ଯ୍ୟ-ସଭ୍ୟତାର, ସିନାଇ—ହିବ୍ରୁ ସଭ୍ୟତାର, ଅଲିମ୍ପାସ—ଗ୍ରୀକ୍ ସଭ୍ୟତାର । ଆର୍ଯ୍ୟଗଣ ଭାରତରେ ପ୍ରବେଶ କରି ଭାରତର ଗ୍ରୀଷ୍ମପ୍ରଧାନ ଜଳବାୟୁରେ ଅବିରାମ କର୍ମ

କରିବାକୁ ସମର୍ଥ ହେଲେ ନାହିଁ; ସୁତରାଂ ସେମାନେ ଚିନ୍ତାଶୀଳ ଓ ଅନ୍ତର୍ମୁଖ ହୋଇ ଧର୍ମର ଉନ୍ନତି ସାଧନ କଲେ । ସେମାନେ ଆବିଷ୍କାର କଲେ ଯେ, ମାନବ-ମନର ଶକ୍ତି ସୀମାଙ୍କିତ; ଅତଏବ ସେମାନେ ମାନସିକ କ୍ଷମତା ଆୟତ୍ତ କରିବାକୁ ଚେଷ୍ଟା । ଏହାର ମାଧ୍ୟମରେ ସେମାନେ ଶିକ୍ଷା କଲେ । କଲେ ଯେ, ମଣିଷ ମଧ୍ୟରେ ଏକ ଅନନ୍ତସତ୍ତା ଲୁକ୍କାୟିତ ରହିଛି ଏବଂ ଏହି ସତ୍ତା ଶକ୍ତିରୂପେ ଆତ୍ମପ୍ରକାଶ କରିବାକୁ ଚାହୁଁଛି । ଏହି ସତ୍ତାର ବିକାଶ-ସାଧନ ହିଁ ସେମାନଙ୍କର ଚରମ ଉଦ୍ଦେଶ୍ୟ ହେଲା ।

ଆର୍ଯ୍ୟଜାତିର ଅନ୍ୟ ଗୋଟିଏ ଶାଖା କ୍ଷୁଦ୍ରତର ଅଥଚ ଅଧିକତର ସୌନ୍ଦର୍ଯ୍ୟମଣ୍ଡିତ ହୋଇ ଗ୍ରୀକ୍ ଦେଶରେ ପ୍ରବେଶ କଲା । ଗ୍ରୀକ୍‌ର ଜଳବାୟୁ ଓ ପ୍ରାକୃତିକ ଅବସ୍ଥା ଅନୁକୂଳ ହୋଇଥିବାରୁ ସେମାନଙ୍କର କାର୍ଯ୍ୟକଳାପ ବହିର୍ମୁଖ ହୋଇପଡ଼ିଲା ଏବଂ ଏହିରୂପେ ସେମାନେ ବାହ୍ୟଶିଳ୍ପ ଓ ବାହ୍ୟ ସ୍ୱାଧୀନତାର ବିକାଶ କଲେ । ଗ୍ରୀକ୍‌ଜାତି ରାଜନୈତିକ ସ୍ୱାଧୀନତା ଅନ୍ୱେଷଣରେ ଥିବାବେଳେ ହିନ୍ଦୁଗଣ ସର୍ବଦା ଆଧ୍ୟାତ୍ମିକ ମୁକ୍ତି ଅନ୍ୱେଷଣ କରିଛନ୍ତି । ଉଭୟ ପକ୍ଷ ହିଁ ଏକଦେଶଦର୍ଶୀ । ଜାତୀୟ ସଂରକ୍ଷଣ ଅଥବା ସ୍ୱାଦେଶିକତା ପ୍ରତି ଭାରତୀୟମାନଙ୍କର ସେତେ ମନଯୋଗ ନାହିଁ, ସେମାନେ କେବଳ ଧର୍ମରକ୍ଷା ପାଇଁ ତତ୍ପର । ଅପର ପକ୍ଷରେ ଗ୍ରୀକ୍ ଜାତି ନିକଟରେ ଏବଂ ୟୁରୋପରେ (ଯେଉଁଠାରେ ଗ୍ରୀକ୍ ସଭ୍ୟତାର ଧାରା ଅନୁସୃତ ହେଉଅଛି) ସ୍ୱଦେଶର ସ୍ଥାନ ସର୍ବୋଚ୍ଚ । ସାମାଜିକ ମୁକ୍ତିକୁ ଉପେକ୍ଷା କରି କେବଳ ଆଧ୍ୟାତ୍ମିକ ମୁକ୍ତି ପାଇଁ ପ୍ରୟାସ କରିବା ତ୍ରୁଟିପୂର୍ଣ୍ଣ; କିନ୍ତୁ ତାହାର ବିପରୀତ ଅର୍ଥାତ୍ ଆଧ୍ୟାତ୍ମିକ ମୁକ୍ତିକୁ ଉପେକ୍ଷା କରି କେବଳ ସାମାଜିକ ମୁକ୍ତି ପାଇଁ ଯତ୍ନବାନ୍ ହେବା ମଧ୍ୟ ଆହୁରି ଦୋଷାବହ । ଆଧ୍ୟାତ୍ମିକ ଓ ଆଧିଭୌତିକ—ଉଭୟବିଧ ମୁକ୍ତି ପାଇଁ ଚେଷ୍ଟା କରିବା ପ୍ରୟୋଜନ ।

## ମନୁଷ୍ୟ ଓ ଖ୍ରୀଷ୍ଟଙ୍କ ମଧ୍ୟରେ ପ୍ରଭେଦ

ଅଭିବ୍ୟକ୍ତ ହୋଇଗଲେ ଜୀବ ଜୀବ ମଧ୍ୟରେ ଅନେକ ପ୍ରଭେଦ । ଅଭିବ୍ୟକ୍ତ ଜୀବ ଭାବରେ ତୁମେ କେବେହେଲେ ଖ୍ରୀଷ୍ଟ ହୋଇପାରିବ ନାହିଁ । ମାଟିରେ ଗୋଟିଏ ହାତୀ ତିଆରି କର ଏବଂ ସେହି ମାଟିରେ ଆଉ ଗୋଟିଏ ମୂଷା ତିଆରି କର । ଉଭୟଙ୍କୁ ପାଣିରେ ବୁଡ଼ାଇ ଦିଅ, ଦୁଇଟିଯାକ ପାଣିରେ ମିଳେଇଯିବ । ମୃତ୍ତିକା ରୂପରେ ସେମାନଙ୍କର ଚିରନ୍ତନ ଐକ୍ୟ ଥିବାବେଳେ ନିର୍ମିତ ବସ୍ତୁ ହିସାବରେ ସେମାନଙ୍କର ଚିରନ୍ତନ ପାର୍ଥକ୍ୟ ରହିଛି । ଈଶ୍ୱର ଓ ମଣିଷ—ନିତ୍ୟ ହିଁ ଉଭୟଙ୍କର ଉପାଦାନ । ନିତ୍ୟରୂପେ ସର୍ବବ୍ୟାପୀ ସତ୍ତା ଭାବରେ ଆମେ ସମସ୍ତେ ଏକ; କିନ୍ତୁ ଅଭିବ୍ୟକ୍ତ କ୍ଷେତ୍ରରେ ଈଶ୍ୱର ହେଉଛନ୍ତି ଚିରନ୍ତନ ପ୍ରଭୁ ଏବଂ ଆମେ ତାଙ୍କର ଚିରନ୍ତନ ଭୃତ୍ୟ ।

ତୁମ ଭିତରେ ତିନିଗୋଟି ଜିନିଷ ଅଛି : ଦେହ, ମନ ଓ ଆତ୍ମା । ଆତ୍ମା ଆମର ଧରାଛୁଆଁର ବାହାରେ, ମନର ଜନ୍ମ-ମୃତ୍ୟୁ ଅଛି ଏବଂ ଦେହର ବି ଅଛି । ତୁମେ ସେହି ଆତ୍ମା, କିନ୍ତୁ ସଚରାଚର ତୁମର ଧାରଣା ଯେ, ତୁମେ ଏହି ଦେହ । ଜଣେ ବ୍ୟକ୍ତି ଯେତେବେଳେ କହେ, 'ମୁଁ ଏଠାରେ', ସେତେବେଳେ ସେ କେବଳ ତା'ର ଦେହର କଥା ହିଁ ମନକୁ

ଆଣିଥାଏ । ତା'ପରେ ଆଉ ଗୋଟିଏ ମୁହୂର୍ତ୍ତ ଆସେ, ଯେତେବେଳେ, ତୁମେ ସଙ୍କୋଚ ସ୍ତରରେ ବିରାଜିତ ହୁଅ; ସେତେବେଳେ ତୁମେ 'ମୁଁ ଏଠାରେ' ବୋଲି କୁହ ନାହିଁ । ସେତେବେଳେ ଯଦି କୌଣସି ବ୍ୟକ୍ତି ତୁମକୁ ଗାଳି ଦିଏ ବା ଅଭିଶାପ ଦିଏ, ତା'ହେଲେ ତୁମର କୌଣସି କ୍ରୋଧ ବା ବିରକ୍ତି ଆସେ ନାହିଁ, କାରଣ ତୁମେ ହେଲ ଆତ୍ମା । 'ଯେତେବେଳେ ନିଜକୁ ମନ ବୋଲି ଭାବେ, ସେତେବେଳେ ହେ ଚିରନ୍ତନ ଅଗ୍ନି, ମୁଁ ତୁମର ସ୍ଫୁଲିଙ୍ଗ ମାତ୍ର । ଆଉ ନିଜକୁ ଯେତେବେଳେ ଆତ୍ମା ବୋଲି ଅନୁଭବ କରେ, ସେତେବେଳେ ତୁମେ ଓ ମୁଁ ଅଭିନ୍ନ'—ଜଣେ ଭକ୍ତ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଏହା ହିଁ କହିଥିଲେ । ତାହାହେଲେ ମନ ଆତ୍ମାର ଅଗ୍ରବର୍ତ୍ତୀ ହେବ କିପରି ?

ଈଶ୍ୱର ଯୁକ୍ତିତର୍କରେ ବିଚାର କରନ୍ତି ନାହିଁ; ଯଦି ଏହା ସତ୍ୟ ବୋଲି ଜାଣ, ତା'ହେଲେ ଯୁକ୍ତି ବିଚାର କରିବ କାହିଁକି ? କେତୋଟି ତଥ୍ୟ ଜାଣିବା ପାଇଁ ଏବଂ ତା'ର ଭିତ୍ତି ଉପରେ କେତେଗୁଡ଼ିଏ ସାଧାରଣ ନିୟମ ଛିଡ଼ା କରାଇବା ପାଇଁ ଆମେ ଯେ କୀଟ ପରି ସନ୍ଧାନ କରି ବୁଲୁଛୁ, ସେହି ଚେଷ୍ଟାରେ ଗଢ଼ାହୋଇଥିବା ସବୁ କିଛି ପୁଣି ଭାଙ୍ଗିଯାଉଛି; ଏସବୁ ଆମ ଦୁର୍ବଳତାର ଚିହ୍ନ ।

ମନ ଓ ଯାବତୀୟ ବସ୍ତୁ ଉପରେ ଆତ୍ମା ପ୍ରତିଫଳିତ ହୁଏ । ଆତ୍ମାର ଆଲୋକ ହିଁ ମନକୁ ଚେତନାରେ ସ୍ପନ୍ଦିତ କରେ । ସବୁ କିଛି ହିଁ ଆତ୍ମାର ପ୍ରକାଶ; ସମସ୍ତ ଅସଂଖ୍ୟ ଦର୍ପଣ ସଦୃଶ । ଯାହାକୁ ତୁମେ ପ୍ରେମ, ଭୟ, ଘୃଣା, ପୁଣ୍ୟ ବା ପାପ ବୋଲି କୁହ, ସେସମସ୍ତ ଆତ୍ମାର ହିଁ ପ୍ରତିଫଳନ; ପ୍ରତିଫଳକଟି ଯଦି ନିମ୍ନ ସ୍ତରର ହୁଏ, ତା'ହେଲେ ପ୍ରତିଫଳନ ଭଲ ହୁଏ ନାହିଁ ।

## ଖ୍ରୀଷ୍ଟ ଓ ବୁଦ୍ଧ କ'ଣ ଅଭିନ୍ନ ?

ଆମର ଗୋଟିଏ ବିଶେଷ ଧାରଣା—ବୁଦ୍ଧ ହିଁ ଖ୍ରୀଷ୍ଟ ହୋଇଥିଲେ । ବୁଦ୍ଧ ଭବିଷ୍ୟବାଣୀ କରିଥିଲେ, 'ପାଞ୍ଚଶହ ବର୍ଷ ପରେ ମୁଁ ପୁଣି ଅବତୀର୍ଣ୍ଣ ହେବି' ଏବଂ ପାଞ୍ଚଶହ ବର୍ଷପରେ ଖ୍ରୀଷ୍ଟଙ୍କ ଆବିର୍ଭାବ ହୋଇଥିଲା । ଏ ଦୁହେଁ ସମଗ୍ର ମାନବ-ପ୍ରକୃତିର ଦୁଇଗୋଟି ଆଲୋକ-ସ୍ତମ୍ଭ । ଦୁଇଜଣ ମଣିଷ ଆବିର୍ଭୂତ ହୋଇଥିଲେ—ବୁଦ୍ଧ ଓ ଖ୍ରୀଷ୍ଟ; ଏମାନେ ଦୁହେଁ ଦୁଇଟି ବିରାଟ ଶକ୍ତି—ଦୁଇଟି ପ୍ରଚଣ୍ଡ ବିଶାଳ ବ୍ୟକ୍ତିତ୍ୱ, ଦୁଇଟି ଈଶ୍ୱର । ଜଗତଟାକୁ ସେମାନେ ନିଜ ମଧ୍ୟରେ ଭାଗ କରି ନେଇଥିଲେ । ପୃଥିବୀରେ ଯେଉଁଠାରେ ସାମାନ୍ୟ କିଛି ଜ୍ଞାନ ଅଛି, ସେଠାରେ ଲୋକେ ବୁଦ୍ଧ ଅଥବା ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ମୁଣ୍ଡ ନୁଆଁନ୍ତି । ସେମାନଙ୍କ ପରି ଅନ୍ୟ କେହି ହେବା ଖୁବ୍ କଠିନ, ତେବେ ଆଶା କରେ, ଆହୁରି ହେବେ । ପାଞ୍ଚଶହ ବର୍ଷ ପରେ ଆବିର୍ଭୂତ ହେଲେ ମହମ୍ମଦ, ଆହୁରି ପାଞ୍ଚଶହ ବର୍ଷପରେ ପ୍ରୋଟେଷ୍ଟାଣ୍ଟ ତରଙ୍ଗ ନେଇ ଆସିଲେ ଲୁଥର୍ ଏବଂ ତା'ପରେ ପୁଣି ପାଞ୍ଚଶହ ବର୍ଷ ବିତିଯାଇଛି । କେତେ ହଜାର ବର୍ଷ ମଧ୍ୟରେ ଯୀଶୁ ଓ ବୁଦ୍ଧଙ୍କ ପରି ଦୁଇଜଣ ଜନ୍ମନେବା ଗୋଟିଏ ବିରାଟ ଘଟଣା ।

ଏହି ଦୁଇଜଣ କ'ଣ ଯଥେଷ୍ଟ ନୁହନ୍ତି ? ଖ୍ରୀଷ୍ଟ ଓ ବୁଦ୍ଧ ଥିଲେ ଈଶ୍ୱର, ଅନ୍ୟମାନେ ହେଲେ ଧର୍ମଗୁରୁ । ଏହି ଦୁଇଜଣଙ୍କ ଜୀବନ ଅନୁଶୀଳନ କର ଏବଂ ସେମାନଙ୍କ ମଧ୍ୟରେ ଥିବା ଶକ୍ତିର ବିକାଶକୁ ଲକ୍ଷ୍ୟ କର—ଦେଖ କି ଶାନ୍ତ, କି ଅପ୍ରତିରୋଧ ଜୀବନ—ଦରିଦ୍ର ଭିକ୍ଷୁକ ପରି ସେମାନେ କପର୍ଦ୍ଦକଶୂନ୍ୟ, ସାରା ଜୀବନ ଘୃଣିତ ଓ ଅବଜ୍ଞାତ, ଧର୍ମଦ୍ରୋହୀ ଓ ନିର୍ବୋଧ ବୋଲି କଥିତ—ଆଉ ଭାବି ଦେଖ, ସମଗ୍ର ମାନବଜାତି ଉପରେ କିପରି ବିପୁଳ ଆଧ୍ୟାତ୍ମିକ ଶକ୍ତି ସେମାନେ ବିସ୍ତାର କରି ଦେଇଥିଲେ ।

## ପାପରୁ ପରିତ୍ରାଣ

ଅଜ୍ଞାନରୁ ମୁକ୍ତି ପାଇଲେ ଯାଇ ଆମେ ପାପରୁ ନିସ୍ତାରଲାଭ କରିବା । ଅଜ୍ଞତା ହିଁ କାରଣ ଏବଂ ପାପ ହେଲା ତା'ର ଫଳ ।

## ରାମାୟଣ-ପ୍ରସଙ୍ଗ

[ ଆଲୋଚନା ସମୟରେ ଛୋଟ ଛୋଟ ମନ୍ତବ୍ୟ ]

ଯିଏ ଆମ ପାଖେ ପାଖେ ସର୍ବଦା ଅଛନ୍ତି, ଆମେ ଭଲମନ୍ଦ ଯାହା କରୁନା କାହିଁକି, ଯେ ଆମକୁ ପରିତ୍ୟାଗ ନ କରି ଆମକୁ ଭଲ ପାଆନ୍ତି ତାହାଙ୍କୁ ହିଁ ପୂଜା କର । କାରଣ ଭଲ ପାଇବା କେବେହେଲେ ହ୍ରାସ କରେ ନାହିଁ ଓ ଭଲ ପାଇବାରେ ବିନିମୟ ନାହିଁ, ସ୍ୱାର୍ଥପରତା ବି ନାହିଁ ।

ରାମ ଥିଲେ ବୃଦ୍ଧ ନୃପତିଙ୍କର ଜୀବନସ୍ୱରୂପ; କିନ୍ତୁ ସେ ରାଜା, ସୁତରାଂ ତାଙ୍କୁ ଅଙ୍ଗୀକାର ପାଳନ କରିବାକୁ ପଡ଼ିଥିଲା ।

କନିଷ୍ଠ ଭ୍ରାତା ଲକ୍ଷ୍ମଣ କହିଥିଲେ, 'ରାମ ଯେଉଁଆଡ଼େ ଯିବେ ମୁଁ ମଧ୍ୟ ସେଠାକୁ ଯିବି ।'

ହିନ୍ଦୁମାନଙ୍କ ନିକଟରେ ଜ୍ୟେଷ୍ଠା ଭ୍ରାତୃବଧୂ ମାତୃସ୍ୱରୂପା !

ଅବଶେଷରେ ସେ ଦିଗନ୍ତରେଖାର ଶେଷପ୍ରାନ୍ତରେ ଅବସ୍ଥିତ କ୍ଷୀଣ ଶଶୀକଳା ପରି ମ୍ଳାନ ଓ କୃଶ ସୀତାଙ୍କୁ ଦେଖିବାକୁ ପାଇଲେ ।

ସୀତା ସତୀତ୍ୱର ପ୍ରତିମୂର୍ତ୍ତି, ନିଜସ୍ୱ ପତିଙ୍କ ଭିନ୍ନ ଅନ୍ୟ କୌଣସି ପୁରୁଷର ଅଙ୍ଗ ସେ କଦାପି ସ୍ପର୍ଶ କରି ନାହାନ୍ତି ।

ରାମ କହିଥିଲେ, 'ପବିତ୍ର ? ସୀତା ସ୍ୱୟଂ ପବିତ୍ରତା ।'

ନାଟକ ଓ ସଙ୍ଗୀତ ମାନେ ହିଁ ଧର୍ମ । ସଙ୍ଗୀତ ମାନେ, ତାହା ପ୍ରେମ ଅଥବା ଅନ୍ୟ ଯେକୌଣସି ସଙ୍ଗୀତ ହେଉନା କାହିଁକି—ଯଦି କେହି ତା'ର ହୃଦୟ ଓ ମନକୁ ସେହି ସଙ୍ଗୀତରେ ଢାଳି ଦେଇପାରେ, ତାହେଲେ ସେଇଥିରେ ହିଁ ତା'ର ମୁକ୍ତି ଲାଭ । ତା'ର ଆଉ କିଛି କରିବା ଦରକାର ନାହିଁ । ଯଦି କାହାର ଆତ୍ମା ସଙ୍ଗୀତରେ ମଗ୍ନ ହୁଏ, ତା'ହେଲେ

ସେଥିରେ ହିଁ ତା'ର ମୁକ୍ତି । ଲୋକେ କହନ୍ତି, ସଙ୍ଗୀତ ସେହି ଏକ ଲକ୍ଷ୍ୟରେ ହିଁ ପହଞ୍ଚାଇ ଦିଏ ।

ପତ୍ନୀ ସହଧର୍ମିଣୀ । ହିନ୍ଦୁମାନଙ୍କୁ ଶତ ଶତ ଧର୍ମାନୁଷ୍ଠାନ କରିବାକୁ ପଡ଼େ । ପତ୍ନୀ ନ ଥିଲେ କୌଣସି ଅନୁଷ୍ଠାନରେ ବି ତା'ର ଅଧିକାର ନାହିଁ । ପୁରୋହିତ ପତି ଓ ପତ୍ନୀ ଉଭୟଙ୍କୁ ଏକତ୍ର ଆବଦ୍ଧ କରିଦିଅନ୍ତି ଏବଂ ସେମାନେ ଉଭୟେ ଏକ ସଙ୍ଗରେ ମନ୍ଦିର ପ୍ରଦକ୍ଷିଣ କରନ୍ତି ଏବଂ ଶ୍ରେଷ୍ଠ ତୀର୍ଥସମୂହ ପରିକ୍ରମା କରନ୍ତି ।

ରାମ ଦେହ ବିସର୍ଜନ କରି ପରଲୋକରେ ସୀତାଙ୍କ ସହ ମିଳିତ ହୋଇଥିଲେ ।

ସୀତା ପବିତ୍ର, ବିଶୁଦ୍ଧ ଏବଂ ସହିଷ୍ଣୁତାର ଚରମ ।

## ଜଗତ୍-ଜନନୀଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ

ଧାତ୍ରୀ ଯେତେବେଳେ କୌଣସି ଶିଶୁକୁ ଉଦ୍ୟାନକୁ ନେଇ ତା' ସହିତ ଖେଳୁଥାଏ, ମାଆ ହୁଏତ ସେତେବେଳେ ଶିଶୁଟିକୁ ଘରକୁ ଡକାଇ ପଠାଏ । ଶିଶୁଟି ସେତେବେଳେ ଖେଳରେ ମତ୍ତ ଥିବାରୁ କହେ, 'ମୁଁ ଯିବିନି । ମୋତେ ଏବେ ଭୋକ ହେଉନି ।' କିଛି ସମୟ ପରେ ସେ ଯେତେବେଳେ ଖେଳି ଖେଳି କ୍ଳାନ୍ତ ହୋଇପଡ଼େ, ସେତେବେଳେ ସେ କହେ, 'ମୁଁ ମାଆ ପାଖକୁ ଯିବି ।' ଧାତ୍ରୀ ସେତେବେଳେ ତାକୁ ନୂଆ କଣ୍ଢେଇ ଆଦିର ପ୍ରଲୋଭନ ଦେଖାଇ ଯେତେ ବୁଝାଇଲେ ମଧ୍ୟ ଶିଶୁଟି ମାଆ ପାଖକୁ ଯିବାକୁ ଜିଦ୍ କରେ ଓ ଯେପର୍ଯ୍ୟନ୍ତ ମାଆ ପାଖକୁ ନ ଯାଇଛି ସେପର୍ଯ୍ୟନ୍ତ କାନ୍ଦୁଥାଏ । ଆମେ ସମସ୍ତେ ଗୋଟିଏ ଗୋଟିଏ ଶିଶୁ । ଈଶ୍ୱର ହେଉଛନ୍ତି ଆମର ମାଆ । ଆମେ ଟଙ୍କାକଉଡ଼ି, ଧନଦୌଲତ ଇହଜଗତର ଏହିସବୁ ଜିନିଷ ଖୋଜି ବୁଲୁଛୁ; କିନ୍ତୁ ସମୟ ଆସିବ, ଯେତେବେଳେ ଆମର ଖେଳଘର ଭାଙ୍ଗିବ; ଏବଂ ସେତେବେଳେ ପ୍ରକୃତିରୂପୀ ଧାତ୍ରୀ ଆମକୁ ଯେତେ ପ୍ରଲୋଭନ ଦେଖାଇଲେ ବି ଆମେ କହିବା, 'ନା, ଢେର ହେଲଣି; ଏଥର ଈଶ୍ୱରଙ୍କ ପାଖକୁ ଯିବା ।'

## ଈଶ୍ୱରଙ୍କଠାରୁ ସ୍ୱତନ୍ତ୍ର କୌଣସି ବ୍ୟକ୍ତି-ସତ୍ତା ନାହିଁ

ଆମେ ଯଦି ଈଶ୍ୱରଙ୍କଠାରୁ ଅବିଚ୍ଛିନ୍ନ ଏବଂ ତାଙ୍କ ସହ ସର୍ବଦା ଏକ ସତ୍ତା ହେଉ, ତା'ହେଲେ କ'ଣ ଆମର ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ବୋଲି କିଛି ନାହିଁ ? ହଁ, ଅଛି; ତାହା ହିଁ ହେଲା ଈଶ୍ୱର । ଆମର ବ୍ୟକ୍ତିସତ୍ତା ହେଲା ଈଶ୍ୱର । ତୁମେ ଏବେ ଯାହା ହୋଇ ରହିଛ, ତାହା ଯଥାର୍ଥରେ ତୁମର ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ନୁହେଁ । ସେହି ଗୋଟିଏ ସତ୍ୟ ଆଡ଼କୁ ତୁମେ ଆଗେଇ ଚାଲିଛ । ସ୍ୱାତନ୍ତ୍ର୍ୟ କଥାର ଅର୍ଥ ହେଲା ଯାହାକୁ ଭାଗ କରିହୁଏ ନାହିଁ । ଆମେ ଏବେ ଯେଉଁ ଅବସ୍ଥାରେ ଅଛୁ, ତାହାକୁ କିପରି ଆମର ସ୍ୱାତନ୍ତ୍ର୍ୟ-ଅବସ୍ଥା ବୋଲି କହିବା ? ଏବେ ଘଣ୍ଟାଏ ତୁମେ ଗୋଟିଏ କଥା ଚିନ୍ତା କରୁଛ, ପୁଣି ତା'ପର ଘଣ୍ଟାରେ ଅନ୍ୟ ଚିନ୍ତା ଏବଂ ଦୁଇଘଣ୍ଟା

ପରେ ପୁଣି ଅନ୍ୟ କିଛି ଚିନ୍ତା କରୁଛ । ଯାହା ଅପରିବର୍ତ୍ତନୀୟ ତାହା ହିଁ ହେଲା ସ୍ୱାତନ୍ତ୍ର୍ୟ । ବର୍ତ୍ତମାନ ଅବସ୍ଥା ଚିରକାଳ ବଜାୟ ରହିଲେ ଭୟଙ୍କର ବିପଦଜନକ କଥା ହେବ; ସେପରି ହେଲେ ଚୋର ଚିରଦିନ ପାଇଁ ଚୋର ହୋଇ ରହିଯିବ, ବଦମାସ୍ ଚିରଦିନ ପାଇଁ ବଦ୍‌ମାସ ହୋଇ ରହିଯିବ । ଶିଶୁ ଅବସ୍ଥାରେ ଯିଏ ମରିଯାଏ, ତାକୁ ଚିରଦିନ ଶିଶୁ ହୋଇ ରହିବାକୁ ପଡ଼ିବ । ପ୍ରକୃତ ସ୍ୱାତନ୍ତ୍ର୍ୟ ହେଲା ଯାହାର ପରିବର୍ତ୍ତନ ହୁଏ ନାହିଁ ବା ହେବ ନାହିଁ; ଏବଂ ତାହା ହିଁ ହେଲା ଆମ ହୃଦୟରେ ସମାସୀନ୍ ଈଶ୍ୱର ।

ଭାରତବର୍ଷରେ ଯାହା କିଛି କଲ୍ୟାଣକର, ଶୁଦ୍ଧ ଓ ପବିତ୍ର, ସୀତା କହିଲେ ତାହା ହିଁ ବୁଝାଏ । ନାରୀ ମଧ୍ୟରେ ନାରୀତ୍ୱ କହିଲେ ଯାହା ବୁଝାଏ—ତାହା ହିଁ ସୀତା ।

ସୀତା ଧୈର୍ଯ୍ୟଶୀଳା, ସହିଷ୍ଣୁ, ଚିର-ବିଶ୍ୱସ୍ତା, ଚିର-ବିଶୁଦ୍ଧା ପତ୍ନୀ । ତାଙ୍କର ସକଳ ଦୁଃଖ ସତ୍ତ୍ୱେ ସେ ରାମଙ୍କ ବିରୋଧରେ ପଦଟିଏ ହେଲେ କର୍କଶ କଥା କହି ନାହାନ୍ତି । ସୀତା କେବେହେଲେ ଆଘାତ ବଦଳରେ ଆଘାତ ଦେଇ ନାହାନ୍ତି । 'ସୀତା ଭବ'—ସୀତା ହୁଅ ।

## ଖ୍ରୀଷ୍ଟ ପୁଣି କେବେ ଅବତୀର୍ଣ୍ଣ ହେବେ

ଏସବୁ କଥାରେ ମୁଁ ବିଶେଷ ଭାବରେ ମୁଣ୍ଡ ଖେଳାଏ ନାହିଁ । ମୋର କାମ ହେଲା ମୂଳ ନୀତି ନେଇ । ଭଗବାନ ବାରମ୍ବାର ଆବିର୍ଭୂତ ହୁଅନ୍ତି, ମୁଁ କେବଳ ଏହି କଥା ହିଁ ପ୍ରଚାର କରେ । ରାମ, କୃଷ୍ଣ ଓ ବୁଦ୍ଧରୂପେ ସେ ଭାରତରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ପୁନଶ୍ଚ ସେ ଅବତୀର୍ଣ୍ଣ ହେବେ । ଏ କଥା ପ୍ରାୟ ସ୍ପଷ୍ଟ ଭାବରେ ଦେଖାଇ ଦିଆଯାଇପାରେ ଯେ, ପ୍ରତି ପାଞ୍ଚଶତ ବର୍ଷ ବ୍ୟବଧାନରେ ପୃଥିବୀ ନିମଜ୍ଜମାନ ହୁଏ ଏବଂ ସେତେବେଳେ ଏକ ପ୍ରଚଣ୍ଡ ଆଧ୍ୟାତ୍ମିକ ତରଙ୍ଗ ଆସେ, ଏବଂ ସେହି ତରଙ୍ଗର ଶୀର୍ଷରେ ଥାନ୍ତି ଜଣେ ଖ୍ରୀଷ୍ଟ ।

ସାରା ବିଶ୍ୱରେ ଏବେ ଏକ ବିରାଟ ପରିବର୍ତ୍ତନ ଆସିଛି, ଏବଂ ତାହା ଏକ ଚକ୍ର-ପଥରେ ଘଟୁଛି । ମଣିଷ ଦେଖୁଛି, ଜୀବନ ଉପରୁ ସେ ଆଧିପତ୍ୟ ହରାଇ ବସିଛି; ସେମାନଙ୍କର ଗତି କୁଆଡ଼େ ? ନିମ୍ନକୁ ନା ଊର୍ଦ୍ଧ୍ୱକୁ ? ଊର୍ଦ୍ଧ୍ୱକୁ ନିଶ୍ଚୟ । ନିମ୍ନକୁ କିଭଳି ହେବ ? ଯଦି କେଉଁଠି ଫାଟ ଦେଖୁଛ, ତା'ହେଲେ ନିଜ ଦେହ ଦେଇ, ଜୀବନ ଦେଇ ସେହି ଫାଟକୁ ଭର୍ତ୍ତି କର । ତୁମେ ଥାଉଁ ଥାଉଁ କିପରି ଦୁନିଆକୁ ନିମ୍ନଗାମୀ ହେବାକୁ ଦେବ ?

## ମାନ୍ଦ୍ରାଜରେ ଗୃହୀତ ସ୍ମାରକଲିପିରୁ

୧୮୯୨-୯୩ ଖ୍ରୀଷ୍ଟାବ୍ଦ

ହିନ୍ଦୁଧର୍ମର ତିନୋଟି ମୂଳତତ୍ତ୍ୱ : ଈଶ୍ୱର, ଆପ୍ତବାକ୍ୟସ୍ୱରୂପ ବେଦ, ଏବଂ କର୍ମ ଓ ପୁନର୍ଜନ୍ମ-ବାଦରେ ବିଶ୍ୱାସ । ଯଦି କେହି ଠିକ୍ ଭାବରେ ମର୍ମ ଗ୍ରହଣପୂର୍ବକ ବେଦ ଅଧ୍ୟୟନ କରେ, ତା'ହେଲେ ସେଥିରେ ସେ ଏକ ସମନ୍ୱୟବାଦୀ ଧର୍ମ ଲକ୍ଷ୍ୟ କରିବ ।

ଅନ୍ୟାନ୍ୟ ଧର୍ମଠାରୁ ହିନ୍ଦୁ ଧର୍ମର ସ୍ୱାତନ୍ତ୍ର୍ୟ ହେଲା, ହିନ୍ଦୁ ଧର୍ମରେ ସତ୍ୟରୁ ସତ୍ୟକୁ ଗତି—ନିମ୍ନତମ ସତ୍ୟରୁ ଉର୍ଦ୍ଧ୍ୱତର ସତ୍ୟକୁ, କେବେହେଲେ ମିଥ୍ୟାରୁ ସତ୍ୟକୁ ନୁହେଁ ।

କ୍ରମବିକାଶ ଦୃଷ୍ଟିକୋଣରୁ ବେଦ ଅନୁଶୀଳନ କରିବା ଉଚିତ୍ । ଏକତ୍ୱର ଉପଲବ୍ଧି ରୂପକ ଧର୍ମର ପୂର୍ଣ୍ଣତାପ୍ରାପ୍ତିର ପୂର୍ବ ପର୍ଯ୍ୟନ୍ତ ଧର୍ମଚେତନାର ଅଗ୍ରଗତିର ସମଗ୍ର ଇତିହାସ ଏହା ମଧ୍ୟରେ ନିହିତ ରହିଛି ।

ବେଦ ଅନାଦି ଓ ନିତ୍ୟ । ଏହାର ଅର୍ଥ ଏପରି ନୁହେଁ—ଯେପରି କେହି କେହି ଭ୍ରମବଶତଃ ମନେକରନ୍ତି ଯେ, ଏହାର ବାକ୍ୟ (ଶବ୍ଦ)-ସମୂହ ଅନାଦି, ଶାଶ୍ୱତ; କିନ୍ତୁ ଏହା ଠିକ୍ ନୁହେଁ । ଏହାର ଆଧ୍ୟାତ୍ମିକ ନିୟମସମୂହ ହେଉଛି ଅନାଦି । ଏହି ଅପରିବର୍ତ୍ତନୀୟ ଶାଶ୍ୱତ ନିୟମଗୁଡ଼ିକ ବିଭିନ୍ନ ସମୟରେ ମହାପୁରୁଷ ବା ଋଷିଗଣଙ୍କ ଦ୍ୱାରା ଆବିଷ୍କୃତ ହୋଇଛି । ଏଗୁଡ଼ିକ ମଧ୍ୟରୁ କେତେକ ବିସ୍ମୃତ ଓ କେତେକ ସୁରକ୍ଷିତ ହୋଇଛି ।

ଯେତେବେଳେ ବହୁ ଲୋକ ବିଭିନ୍ନ କୋଣ ଓ ଦୂରତ୍ୱରୁ ସମୁଦ୍ରକୁ ଦେଖନ୍ତି, ସେତେବେଳେ ନିଜ ନିଜର ଦୃଷ୍ଟି ଅନୁଯାୟୀ ସମୁଦ୍ରର ଗୋଟିଏ ଅଂଶ ପ୍ରତ୍ୟେକଙ୍କ ଦୃଷ୍ଟିଗୋଚରକୁ ଆସେ । ସିଏ ଯାହା ଦେଖିଲା ତାହା ହିଁ ପ୍ରକୃତ ସମୁଦ୍ର ବୋଲି ସେମାନେ କହିଥାନ୍ତି । ସମସ୍ତଙ୍କ କଥା ସତ, କାରଣ ସେମାନେ ସମସ୍ତେ ସେହି ଗୋଟିଏ ବିଶାଳ ସମୁଦ୍ରର ବିଭିନ୍ନ ଅଂଶ ଦେଖିଛନ୍ତି । ସେହିପରି ଯଦିଓ ବିଭିନ୍ନ ଶାସ୍ତ୍ରର ଉକ୍ତିସମୂହ ପୃଥକ୍ ଓ ପରସ୍ପର-ବିରୋଧୀ ଭଳି ମନେହୁଏ, ତଥାପି ସେଥିରେ ସତ୍ୟ ପ୍ରକାଶିତ ହୋଇଥାଏ, କାରଣ ସେସବୁ ଉକ୍ତି ଏକ ଅନନ୍ତ ସତ୍ତାର ଭିନ୍ନ ଭିନ୍ନ ବର୍ଣ୍ଣନା ।

ଯେତେବେଳେ କେହି ସର୍ବପ୍ରଥମେ ମରୀଚିକା ଦେଖେ, ସେତେବେଳେ ତାହା ତାକୁ ସତ୍ୟ ବୋଲି ପ୍ରତୀତ ହୁଏ, କିନ୍ତୁ ତୃଷା-ନିବାରଣ ପାଇଁ ବୃଥା ଚେଷ୍ଟା କରିବା ପରେ ସେ ହୃଦୟଙ୍ଗମ କରେ ଯେ, ଏହା ମରୀଚିକା । କିନ୍ତୁ ଭବିଷ୍ୟତରେ ଯେତେବେଳେ ସେହି ଦୃଶ୍ୟ ସେ ପୁନର୍ବାର ଦେଖେ, ସେତେବେଳେ ତାହା ତାକୁ ସତ୍ୟଭଳି ପ୍ରତୀୟମାନ ହେଉଥିଲେ ହେଁ ସେ ଯେ ମରୀଚିକା ଦେଖୁଛି, ଏ ଧାରଣା ତା'ର ମନରେ ଦୃଢ଼ ଭାବରେ ରହେ । ଜୀବନ୍ମୁକ୍ତ ନିକଟରେ ମାୟାର ଜଗତଟା ଠିକ୍ ସେହିପରି ।

ଯେପରି କେତେକ ବିଶେଷ ପରିବାର ହାତରେ ସ୍ୱାଭାବିକ ଭାବରେ ନିର୍ଦ୍ଦିଷ୍ଟ କେତେକ କ୍ଷମତା ରହିଥାଏ, ସେହିପରି କେତେଗୁଡ଼ିଏ ପରିବାର ବୈଦିକ ରହସ୍ୟର କେତେକ ତଥ୍ୟ ଜାଣିଥିଲେ । ଏହିସବୁ ପରିବାରର ବିଲୋପସାଧନ ସଙ୍ଗେ ସଙ୍ଗେ ଏହିସବୁ ରହସ୍ୟ ମଧ୍ୟ ଅନ୍ତର୍ହିତ ହୋଇଯାଇଛି ।

ବୈଦିକ ଶବ-ବ୍ୟବଚ୍ଛେଦ-ବିଦ୍ୟା ଆୟୁର୍ବେଦୀୟ ବିଦ୍ୟାଠାରୁ କୌଣସି ପ୍ରକାରେ କମ୍ ପୂର୍ଣ୍ଣାଙ୍ଗ ନ ଥିଲା । ଯଜ୍ଞ-କାଳରେ ପଶୁ-ବ୍ୟବଚ୍ଛେଦ କରିବାକୁ ପଡ଼ୁଥିବାରୁ ଶରୀରର ବିଭିନ୍ନ ଅଂଶର ଭିନ୍ନ ଭିନ୍ନ ନାମ କରଣ କରାଯାଉଥିଲା ।

ସମୁଦ୍ର ଅର୍ଣ୍ଣବପୋତରେ ଯାତ୍ରା ନିଷେଧ ବୋଲି ବର୍ଣ୍ଣିତ ହୁଏ; ସମୁଦ୍ରଯାତ୍ରା କଲେ ସାଧାରଣ ଲୋକ ବୌଦ୍ଧ ହୋଇଯିବେ, କିଛି ପରିମାଣରେ ଏହି ଆଶଙ୍କା ଯୋଗୁ ହିଁ ପରବର୍ତ୍ତୀ କାଳରେ

ସମୁଦ୍ରଯାତ୍ରା ନିଷିଦ୍ଧ ହୋଇଥିଲା ।

ବୌଦ୍ଧଧର୍ମ ହିଁ ବୈଦିକ ପୌରୋହିତ୍ୟ-ବ୍ୟବସାୟ ବିରୋଧରେ ନବଗଠିତ କ୍ଷତ୍ରିୟ ସମ୍ପ୍ରଦାୟଙ୍କର ବିଦ୍ରୋହ । ବୌଦ୍ଧଧର୍ମରୁ ସାର ସଂଗ୍ରହ କରିନେବା ପରେ ହିନ୍ଦୁଧର୍ମ ବୌଦ୍ଧମତକୁ ପରିହାର କରିଥିଲା । ହିନ୍ଦୁଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ମିଳନ ସ୍ଥାପନ କରିବା ଥିଲା ଦାକ୍ଷିଣାତ୍ୟର ସକଳ ପ୍ରମୁଖ ଆଚାର୍ଯ୍ୟଗଣଙ୍କ ପ୍ରଚେଷ୍ଟା । ଏଣୁ ଶଙ୍କରାଚାର୍ଯ୍ୟଙ୍କ ଉପଦେଶ ମଧ୍ୟରେ ବୌଦ୍ଧପ୍ରଭାବ ପରିଲକ୍ଷିତ ହୁଏ । କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କର ଶିଷ୍ୟଗଣ ତାଙ୍କ ଉପଦେଶକୁ ଏଭଳି ବିକୃତ କରିଦେଇଥିଲେ ଯେ, କେହି କେହି ସଂସ୍କାରକ ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀଗଣଙ୍କୁ 'ପ୍ରଚ୍ଛନ୍ନ ବୌଦ୍ଧ' ବୋଲି ଅଭିହିତ କରିଛନ୍ତି—ଏହା ଯଥାର୍ଥ ହୋଇଛି ।

ସ୍ପେନ୍‌ସର୍‌ଙ୍କ 'ଅଜ୍ଞେୟ' ବସ୍ତୁଟି କ'ଣ ? ଏହା ହିଁ ଆମମାନଙ୍କର 'ମାୟା' । ପାଶ୍ଚାତ୍ୟ ଦାର୍ଶନିକଗଣ 'ଅଜ୍ଞେୟ' ପ୍ରସଙ୍ଗ ପଡ଼ିଲେ ଭୟଭୀତ ହୋଇଯାଆନ୍ତି; କିନ୍ତୁ ଆମର ଦାର୍ଶନିକଗଣ ସେହି 'ଅଜ୍ଞାତ' ଉଦ୍ଦେଶ୍ୟରେ ଗୋଟିଏ ବିରାଟ ଅଭିଯାନ ଆରମ୍ଭ କରିଥିଲେ ଏବଂ ସେଥିରେ ମଧ୍ୟ ସେମାନେ ବିଜୟୀ ହୋଇଥିଲେ ।

ପାଶ୍ଚାତ୍ୟ ଦାର୍ଶନିକଗଣ ଶକୁନପରି ଊର୍ଦ୍ଧ୍ୱରେ ବିଚରଣ କରିଥାନ୍ତି, କିନ୍ତୁ ସେମାନଙ୍କର ଦୃଷ୍ଟି ସର୍ବଦା ନିମ୍ନଦେଶରେ ପଡ଼ିଥିବା ପଚା ଶବ ଉପରେ ରହିଥାଏ । 'ଅଜଣା'କୁ ସେମାନେ ଅତିକ୍ରମ କରିପାରନ୍ତି ନାହିଁ, ତେଣୁ ପୃଷ୍ଠପ୍ରଦର୍ଶନପୂର୍ବକ ସର୍ବଶକ୍ତିମାନ୍ ଡଲାରକୁ ହିଁ ପୂଜା କରିଥାନ୍ତି ।

ଜଗତରେ ଉନ୍ନତିର ଦୁଇଟି ଧାରା ଅଛି—ରାଜନୈତିକ ଓ ଧର୍ମଭିତ୍ତିକ ।

ପ୍ରଥମଟିରେ ଗ୍ରୀକ୍‌ମାନଙ୍କର ପ୍ରାଧାନ୍ୟ ଲକ୍ଷ୍ୟ କରାଯାଏ । ଆଧୁନିକ ରାଜନୈତିକ ଅନୁଷ୍ଠାନସମୂହ ଗ୍ରୀସ୍‌ଦେଶର ଅନୁଷ୍ଠାନମାନଙ୍କର ସମ୍ପ୍ରସାରଣ ମାତ୍ର; ଦ୍ୱିତୀୟଟିରେ ଅର୍ଥାତ୍ ଧର୍ମର ଉନ୍ନତି ବିଷୟରେ ହିନ୍ଦୁମାନଙ୍କର ପ୍ରାଧାନ୍ୟ ରହିଛି ।

ମୋର ଧର୍ମ ଏପରି ଏକ ଧର୍ମ—ଖ୍ରୀଷ୍ଟଧର୍ମ ଯାହାର ଗୋଟିଏ ଶାଖା ଏବଂ ବୌଦ୍ଧ-ଧର୍ମ ଯାହାର ଏକ ବିଦ୍ରୋହୀ ସନ୍ତାନ ।

ଯେତେବେଳେ ଏପରି ଏକ ମୌଳିକ ପଦାର୍ଥ ମିଳେ—ଯାହାଦ୍ୱାରା ଅପର ପଦାର୍ଥଗୁଡ଼ିକର ଉପାଦାନ ସିଦ୍ଧ ହୁଏ, ସେତେବେଳେ ରସାୟନବିଦ୍ୟା ଉନ୍ନତିର ଚରମରେ ଉପନୀତ ହୁଏ । ଅନ୍ୟାନ୍ୟ ଶକ୍ତିସମୂହ ଯେଉଁ ଶକ୍ତିର ବିଭିନ୍ନ ଅଭିବ୍ୟକ୍ତି, ସେହି ମୂଳଶକ୍ତି ପ୍ରାପ୍ତ ହେଲେ ପଦାର୍ଥବିଦ୍ୟାର ଉନ୍ନତିର ଅବସାନ ଘଟେ । ସେହିଭଳି ଆଧ୍ୟାତ୍ମିକ ଏକତ୍ୱର ସନ୍ଧାନ ମିଳିଲେ ଧର୍ମକ୍ଷେତ୍ରରେ ଉନ୍ନତି କରିବା ପାଇଁ ଆଉ କିଛି ଅବଶିଷ୍ଟ ରହେ ନାହିଁ । ହିନ୍ଦୁଧର୍ମରେ ଏହା ହିଁ ଘଟିଛି ।

ଏମିତି କୌଣସି ଧର୍ମ ସମ୍ବନ୍ଧୀୟ ନୂତନ ଧାରଣା କେଉଁଠାରେ ପ୍ରଚାରିତ ହୋଇ ନାହିଁ, ଯାହା ବେଦରେ ନାହିଁ ।

ପ୍ରତ୍ୟେକ ବିଷୟରେ ଦୁଇପ୍ରକାର ବିକାଶ ପରିଲକ୍ଷିତ ହୁଏ—ବିଶ୍ଳେଷଣାତ୍ମକ (analytical) ଓ ସମନ୍ୱୟମୂଳକ (synthetical) । ପ୍ରଥମଟିରେ ହିନ୍ଦୁଗଣ ଅନ୍ୟାନ୍ୟ

ଜାତକୁ ଛପି ଯାଇଛନ୍ତି । ତ୍ରିଭାସୃଷ୍ଟିରେ ସେମାନଙ୍କର ସ୍ଥାନ ନାହିଁ । (ଏଠାରେ synthesis ଅର୍ଥ ବୈଜ୍ଞାନିକ ସାମାନ୍ୟୀକରଣ) ।

ହିନ୍ଦୁମାନେ ବିଶ୍ଳେଷଣ ଏବଂ ସୂକ୍ଷ୍ମ ବିଷୟ ଅନୁଧାବନ କରିବା କ୍ଷମତାକୁ ଅନୁଶୀଳନ କରିଛନ୍ତି । ଏପର୍ଯ୍ୟନ୍ତ କୌଣସି ଜାତି ପାଣିନିଙ୍କ ଭଳି ବ୍ୟାକରଣ ଉଦ୍ଭାବନ କରିବାକୁ ସମର୍ଥ ହୋଇ ନାହାନ୍ତି ।

ରାମାନୁଜଙ୍କର ବିଶିଷ୍ଟ କାର୍ଯ୍ୟ ହେଉଛି ଜୈନ ଓ ବୌଦ୍ଧମାନଙ୍କୁ ହିନ୍ଦୁଧର୍ମକୁ ନେଇ ଆସିବା । ରାମାନୁଜ ମୂର୍ତ୍ତିପୂଜାର ଜଣେ ଶ୍ରେଷ୍ଠ ସମର୍ଥକ । ସେ ପ୍ରେମ ଓ ବିଶ୍ୱାସକୁ ମୁକ୍ତିଲାଭର ପ୍ରକୃଷ୍ଟ ପଥ ବୋଲି ନିର୍ଦ୍ଦେଶ କରିଯାଇଛନ୍ତି ।

ଏପରିକି ଭାଗବତରେ ମଧ୍ୟ ଜୈନମାନଙ୍କର ଚବିଶ ତୀର୍ଥଙ୍କରଙ୍କ ଅନୁରୂପ ଚବିଶଟି ଅବତାରଙ୍କର ଉଲ୍ଲେଖ ଅଛି । ଋଷଭ ଦେବଙ୍କ ନାମ ଉଭୟରେ ଦେଖିବାକୁ ମିଳେ ।

ଯୋଗାଭ୍ୟାସ କଲେ ସୂକ୍ଷ୍ମ ବସ୍ତୁକୁ ଅବଧାରଣ କରିବାର କ୍ଷମତା ଆସେ । ସିଦ୍ଧପୁରୁଷ ବିଷୟରୁ ଗୁଣସମୂହକୁ ପୃଥକ୍ କରି ବସ୍ତୁସତ୍ତା ପ୍ରଦାନପୂର୍ବକ ସେସବୁକୁ ସ୍ୱତନ୍ତ୍ର ଭାବରେ ଚିନ୍ତା କରିବାରେ ସମର୍ଥ । ଏହିଥିରେ ହିଁ ଅନ୍ୟାନ୍ୟ ବ୍ୟକ୍ତିଙ୍କଠାରୁ ସିଦ୍ଧପୁରୁଷମାନଙ୍କର ଶ୍ରେଷ୍ଠତା ।

ଦୁଇଟି ବିପରୀତ ବସ୍ତୁ ଚରମ ଅବସ୍ଥାକୁ ଯାଇ ସର୍ବଦା ମିଳିତ ହୁଅନ୍ତି ଏବଂ ଏକାପ୍ରକାର ଦେଖାଯାଆନ୍ତି । ଶ୍ରେଷ୍ଠ ଆତ୍ମବିସ୍ମୃତ ଭକ୍ତ, ଯାହାଙ୍କ ମନ ଅନନ୍ତ ପରମବ୍ରହ୍ମଙ୍କ ଧ୍ୟାନରେ ମଗ୍ନ ଏବଂ ଅତ୍ୟନ୍ତ ହୀନ, ଉନ୍ମାଦ ମଦ୍ୟପ—ଉଭୟ ବାହ୍ୟତଃ ଏକାଭଳି ଦେଖାଯାଆନ୍ତି । ବେଳେବେଳେ ଏମାନଙ୍କର ସାଦୃଶ୍ୟ ହେତୁ ଗୋଟିଏକୁ ଅନ୍ୟ ଗୋଟିଏରେ ପରିବର୍ତ୍ତିତ ହେବାର ଦେଖିଲେ ଆମେ ଆଶ୍ଚର୍ଯ୍ୟ ହୋଇଯାଉ ।

ଅତ୍ୟନ୍ତ ଦୁର୍ବଳ ସ୍ନାୟୁଯୁକ୍ତ ବ୍ୟକ୍ତିଗଣ ଧାର୍ମିକ ହିସାବରେ କୃତକାର୍ଯ୍ୟ ହୁଅନ୍ତି । ସେମାନଙ୍କର ମୁଣ୍ଡରେ କିଛି ପଶିଲେ ସେବିଷୟରେ ସେମାନେ ଅତ୍ୟଧିକ ଉତ୍ସାହୀ ହୋଇଉଠନ୍ତି ।

ଜଣେକ ଈଶ୍ୱର-ଭକ୍ତଙ୍କୁ ଉନ୍ମାଦ ବୋଲି କହିବାରୁ ସେ ଉତ୍ତର ଦେଇଥିଲେ, 'ଏ ଜଗତରେ ସମସ୍ତେ ଉନ୍ମାଦ—କେହି କାଞ୍ଚନ ପାଇଁ, କେହି କାମିନୀ ପାଇଁ ଏବଂ କେହି ଈଶ୍ୱରଙ୍କ ପାଇଁ । ବୁଡ଼ିମରିବା ଯଦି ମଣିଷର ଅଦୃଷ୍ଟରେ ଲେଖାଥାଏ, ତାହାହେଲେ ପଙ୍କିଳ ଜଳାଶୟରେ ବୁଡ଼ି ମରିବା ଅପେକ୍ଷା ଦୁଗ୍ଧ-ସାଗରରେ ବୁଡ଼ି ମରିବା ହିଁ ଶ୍ରେୟଃ ।'

ଅନନ୍ତ ପ୍ରେମମୟ ଈଶ୍ୱର ଏବଂ ମହତ୍ତ୍ୱ ଓ ଅନନ୍ତ ପ୍ରେମର ପାତ୍ରକୁ ନୀଳବର୍ଣ୍ଣ ରୂପେ ଚିତ୍ରିତ କରାଯାଏ । କୃଷ୍ଣଙ୍କର ବର୍ଣ୍ଣ ନୀଳ । ସଲୋମନଙ୍କ ପ୍ରେମର ଈଶ୍ୱରଙ୍କର ରଙ୍ଗ ମଧ୍ୟ ନୀଳ ।* ଏହା ଏକ ପ୍ରାକୃତିକ ନିୟମ ଯେ, ଯାହା କିଛି ଗଭୀର ଓ ଅସୀମ ତାହା ନୀଳବର୍ଣ୍ଣଯୁକ୍ତ । ଅଞ୍ଜୁଳାଏ ପାଣି ନିଅ, ଦେଖିବ ଏହାର କିଛି ରଙ୍ଗ ନାହିଁ । କିନ୍ତୁ ଗଭୀର ବିଶାଳ ସମୁଦ୍ରକୁ ଚାହଁ, ଦେଖିବ ଏହା ନୀଳ । ତୁମ ସନ୍ନିହିତ ଯେଉଁ ଶୂନ୍ୟସ୍ଥାନ ତାହାର

* O. T., The Song of Solomon, 1, 5, 7, 14

କୌଣସି ବର୍ଣ୍ଣ ନାହିଁ, କିନ୍ତୁ ସୀମାହୀନ ଆକାଶକୁ ଚାହିଁଲେ ଦେଖିବ ତାହା ନୀଳ ।

ଆଦର୍ଶବାଦୀ ହିନ୍ଦୁମାନଙ୍କ ମଧ୍ୟରେ ଯେ ବାସ୍ତବ ଦୃଷ୍ଟିଭଙ୍ଗୀର ଅଭାବ ଥିଲା, ଏହା ହିଁ ତାହାର ପ୍ରମାଣ । ଚିତ୍ରକଳା ଓ ଭାସ୍କର୍ଯ୍ୟ କଥା ବିଚାରକୁ ନିଆଯାଉ । ହିନ୍ଦୁମାନଙ୍କର ଚିତ୍ରକଳାରେ କ'ଣ ଦେଖିବାକୁ ମିଳେ ? କେବଳ ବିଭିନ୍ନ ପ୍ରକାର କିମ୍ଭୂତକିମାକାର ଓ ଅସ୍ୱାଭାବିକ ମୂର୍ତ୍ତି । ହିନ୍ଦୁ ମନ୍ଦିରଭିତରେ କ'ଣ ନଜର୍‌ରେ ପଡ଼େ ? 'ଚତୁଃରଙ୍ଗ' ନାରାୟଣ ବା ଏହି ଜାତୀୟ କୌଣସି ମୂର୍ତ୍ତି । କିନ୍ତୁ କୌଣସି ଇଟାଲୀୟ ପଟ୍ଟଚିତ୍ର ବା ଗ୍ରୀକ୍‌ଦେଶର ମୂର୍ତ୍ତିକୁ ଲକ୍ଷ୍ୟକଲେ ଦେଖିବ, ସେଥିରେ ପ୍ରକୃତ ପର୍ଯ୍ୟବେକ୍ଷଣର କି ଅପୂର୍ବ ପ୍ରକାଶ! ଦୀପଟିଏ ହାତରେ ଧରିଥିବା ଗୋଟିଏ ନାରୀର ଚିତ୍ର ଅଙ୍କନ କରିବା ପାଇଁ ହୁଏତ ଜଣେ କୋଡ଼ିଏ ବର୍ଷ ଧରି ନିଜ ହାତରେ ପ୍ରଦୀପ ଜାଳି ବସିଥିଲା ।

ହିନ୍ଦୁଗଣ 'ଆତ୍ମସମୀକ୍ଷାପ୍ରସୂତ ବିଜ୍ଞାନସମୂହରେ ଉନ୍ନତ କରିଥିଲେ । ବିଭିନ୍ନ ପ୍ରକୃତିର ମଣିଷଙ୍କ ପାଇଁ ବେଦରେ ଭିନ୍ନ ଭିନ୍ନ ଧର୍ମାଚରଣର ବିଧାନ ରଖାଯାଇଛି । ବୟସ୍କମାନଙ୍କୁ ଯାହା ଶିକ୍ଷା ଦିଆଯିବ, ତାହା ଶିଶୁଙ୍କୁ ଦେଇହେବ ନାହିଁ ।

ଗୁରୁ ହେଉଛନ୍ତି ଚିକିତ୍ସକ । ଶିଷ୍ୟର ପ୍ରକୃତି ଅବଗତ ହୋଇ ତାହାପାଇଁ ଯେଉଁଟା ସର୍ବାପେକ୍ଷା ଉପଯୋଗୀ ହେବ ତାକୁ ସେ ସେହି ପ୍ରଣାଳୀରେ ଶିକ୍ଷା ଦେବେ ।

ଯୋଗାଭ୍ୟାସ ପାଇଁ ଅସଂଖ୍ୟ ପଥ ଅଛି । ଭିନ୍ନ ଭିନ୍ନ ପ୍ରଣାଳୀ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ଉତ୍କୃଷ୍ଟ ଫଳ ପ୍ରଦାନ କରିଥାଏ । କିନ୍ତୁ ଏସବୁ ମଧ୍ୟରେ ସାଧାରଣ ଭାବରେ ଯେଉଁ ଦୁଇଟିର ଗୁରୁତ୍ୱ ଅଧିକ—(୧) ଇନ୍ଦ୍ରିୟ ଓ ମନର ଯାବତୀୟ ପ୍ରତ୍ୟୟକୁ ଲୟକରି ଚରମ ସତ୍ୟରେ ଉପନୀତ ହେବା, (୨) ମୁଁ ହିଁ ସବୁ, ମୁଁ ହିଁ ସମଗ୍ର ବିଶ୍ୱ—ଏଭଳି ଚିନ୍ତାକରିବା । ଦ୍ୱିତୀୟ ପଦ୍ଧତିଟି ସାଧକକୁ ଅତିଶୀଘ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେଲେ ମଧ୍ୟ ଏହା ସର୍ବାପେକ୍ଷା ନିରାପଦ ନୁହେଁ । ସାଧାରଣତଃ ଏହି ପ୍ରଣାଳୀ ଅବଲମ୍ବନରେ ମହାବିପଦର ଆଶଙ୍କା ଅଛି ଏବଂ ଏହା ସାଧକକୁ ବିପଥଗାମୀ କରି ଉଦ୍ଦେଶ୍ୟସିଦ୍ଧିରେ ବିଘ୍ନ ଘଟାଇଥାଏ ।

ଖ୍ରୀଷ୍ଟଧର୍ମ ଓ ହିନ୍ଦୁଧର୍ମରେ ଉପଦିଷ୍ଟ ପ୍ରେମ ମଧ୍ୟରେ ପାର୍ଥକ୍ୟ ହେଲା—ଖ୍ରୀଷ୍ଟଧର୍ମ ପ୍ରତିବେଶୀକୁ ଭଲ ପାଇବା ପାଇଁ ଶିକ୍ଷା ଦିଏ, କାରଣ ଆମର ଇଚ୍ଛା ଯେ ପ୍ରତିବେଶୀମାନେ ଆମକୁ ଭଲ ପାଆନ୍ତୁ । ହିନ୍ଦୁଧର୍ମରେ ପ୍ରତିବେଶୀଙ୍କୁ ଆତ୍ମବତ୍ ଭଲପାଆନ୍ତୁ—ବସ୍ତୁତଃ ସେମାନଙ୍କ ଭିତରେ ଆମର ସ୍ୱରୂପ ଉପଲବ୍ଧି କରିବାକୁ କହନ୍ତି ।

ସାଧାରଣତଃ ଗୋଟିଏ ନେଉଳକୁ ଲମ୍ବା ଶିକୁଳିରେ ବାନ୍ଧି କାଚ-ଆଲମିରାରେ ଏପରି ଭାବରେ ରଖାଯାଏ, ଯେପରି ସେ ସ୍ୱାଧୀନ ଭାବରେ ବିଚରଣ କରିପାରେ । ଆଲମିରା ବାହାରକୁ ଆସି ବୁଲୁଥିବାବେଳେ କୌଣସି ବିପଦର ଆଭାସ ପାଇବା ମାତ୍ରେ ସେ ସେହି କାଚ-ଆଲମିରା ଭିତରକୁ ପଶିଯାଏ । ଯୋଗୀମାନେ ଏହି ପୃଥିବୀରେ ଏହିପରି ଭାବରେ ବିଚରଣ କରନ୍ତି ।

ସମଗ୍ର ବିଶ୍ୱ ଏକ ଅବିଚ୍ଛିନ୍ନ ବସ୍ତୁ; ଏହାର ଗୋଟିଏ ପ୍ରାନ୍ତରେ ଜଡ଼ଜଗତ ଓ ଅପର ପ୍ରାନ୍ତରେ ଈଶ୍ୱର—ଏହିପରି ଭାବଦ୍ୱାରା କିଛି ପରିମାଣରେ ବିଶିଷ୍ଟାଦ୍ୱୈତବାଦର

ବ୍ୟାଖ୍ୟା କରାଯାଇପାରେ ।

ବେଦର ବହୁ ଉକ୍ତ ହେଉଛି ସଗୁଣ ଈଶ୍ୱରଙ୍କର ଅସ୍ତିତ୍ୱ-ଜ୍ଞାପକ । ଦୀର୍ଘକାଳ ଉପାସନା ଫଳରେ ଋଷିଗଣ ଈଶ୍ୱରଦର୍ଶନ କରିଥିଲେ ଏବଂ ଅଜ୍ଞାତ ରାଜ୍ୟର ରହସ୍ୟ ଉଦ୍‌ଘାଟନ କରି ଜଗତକୁ ଏହା ପରୀକ୍ଷା କରିବାକୁ ଆହ୍ୱାନ କରିଥିଲେ । ଦାମ୍ଭିକ ଲୋକମାନେ ହିଁ ଋଷିଗଣଙ୍କ ନିର୍ଦ୍ଦେଶିତ ପଥ ଅନୁସରଣ ନ କରି ଏବଂ ସେମାନଙ୍କର ଉପଦେଶ ପାଳନ ନ କରି ସମାଲୋଚନା ଓ ବିରୁଦ୍ଧାଚରଣ କରିଥାନ୍ତି । ଏପର୍ଯ୍ୟନ୍ତ ଏପରି କେହି ସାହସ ସହକାରେ କହିପାରି ନାହିଁ ଯେ, ଋଷିମାନଙ୍କ ନିର୍ଦ୍ଦେଶକୁ ଯଥାଯଥ ପାଳନ କରି ମଧ୍ୟ ତା'ର କୌଣସି ପ୍ରକାର ଅନୁଭୂତ ହୋଇ ନାହିଁ ଏବଂ ଋଷିଗଣ ମିଥ୍ୟାବାଦୀ । ଏପରି ବହୁଲୋକ ଅଛନ୍ତି, ଯେଉଁମାନେ ବିଭିନ୍ନ ସମୟରେ ନାନାବିଧ ପରୀକ୍ଷା ମଧ୍ୟ ଦେଇ ଉପଲବ୍ଧି କରିଛନ୍ତି ଯେ, ଈଶ୍ୱର ସେମାନଙ୍କୁ ତ୍ୟାଗ କରନ୍ତି ନାହିଁ । ଜଗତ ଏପରି ଯେ, ଈଶ୍ୱର-ବିଶ୍ୱାସ ଯଦି ଆମକୁ କୌଣସି ସାନ୍ତ୍ୱନା ନ ଦିଏ, ତା'ହେଲେ ଆମ ପକ୍ଷରେ ଆତ୍ମହତ୍ୟା ହିଁ ଶ୍ରେୟସ୍କର ।

ଜଣେ ଧର୍ମପ୍ରଚାରକ ଥରେ ପ୍ରଚାର-କାର୍ଯ୍ୟରେ ବାହାରକୁ ଯାଇଥିଲେ । ସେହି ସମୟରେ ଅକସ୍ମାତ୍ କଲେରାରେ ଆକ୍ରାନ୍ତ ହୋଇ ତାଙ୍କର ତିନୋଟି ପୁତ୍ର ମରିଗଲେ । ତାଙ୍କର ପତ୍ନୀ ପ୍ରିୟପୁତ୍ରମାନଙ୍କର ମୃତଦେହକୁ ଗୋଟିଏ ଲୁଗାରେ ଘୋଡ଼ାଇ ରଖି ଘରର ଦୁଆରମୁହଁରେ ସ୍ୱାମୀଙ୍କ ପ୍ରତ୍ୟାବର୍ତ୍ତନକୁ ଅପେକ୍ଷା କରି ରହିଲେ । ସ୍ୱାମୀ ପ୍ରତ୍ୟାବର୍ତ୍ତନ କରିବାରୁ ସେ ତାଙ୍କୁ ସେହି ଦୁଆରମୁହଁରେ ଅଟକାଇ ପଚାରିଲେ, 'ସ୍ୱାମୀ, ଆପଣଙ୍କ ନିକଟରେ କେହି କିଛି ଗଚ୍ଛିତ ରଖିଥିଲେ ଏବଂ ଆପଣଙ୍କର ଅନୁପସ୍ଥିତ ସମୟରେ ଆସି ହଠାତ୍ ତାହା ଫେରାଇ ନେଇଗଲେ; ସେଥିପାଇଁ କ'ଣ ଆପଣ ଦୁଃଖ କରିବେ ?' ସ୍ୱାମୀ ଉତ୍ତର ଦେଲେ, 'ନା ଆଦୌ ନୁହେଁ ।' ତା'ପରେ ପତ୍ନୀ ତାଙ୍କୁ ଗୃହମଧ୍ୟକୁ ନେଇଯାଇ ଲୁଗାଖଣ୍ଡିକ କାଢ଼ି ସେହି ତିନୋଟି ସନ୍ତାନର ମୃତ ଦେହ ଦେଖାଇଲେ । ସ୍ୱାମୀ ଶାନ୍ତ ଭାବରେ ଏ ଦୃଶ୍ୟକୁ ସହ୍ୟ କରି ସେହି ଶବସମୂହର ଯଥୋଚିତ ସତ୍କାର କଲେ । ବିଶ୍ୱର ଯାବତୀୟ ଘଟଣାର ନିୟନ୍ତା କରୁଣାମୟ ଈଶ୍ୱରଙ୍କ ଅସ୍ତିତ୍ୱରେ ଯେଉଁମାନଙ୍କର ଦୃଢ଼ ବିଶ୍ୱାସ, ସେମାନେ ଏହି ପ୍ରକାର ମନୋବଳର ଅଧିକାରୀ ହୁଅନ୍ତି ।

ଅଖଣ୍ଡକୁ କଦାପି ଚିନ୍ତା କରାଯାଏ ନାହିଁ । ସୀମାବଚ୍ଛିନ୍ନ ନ ହେବାଯାଏ ଆମେ କୌଣସି ବସ୍ତୁର ଧାରଣା କରିପାରିବା ନାହିଁ । ଅନନ୍ତ ଈଶ୍ୱରଙ୍କୁ କେବଳ ସାନ୍ତ ରୂପରେ ହିଁ ଧାରଣା ଓ ପୂଜା କରିବା ସମ୍ଭବ ।

ଜନ୍ ବ୍ୟାପ୍‌ଟିଷ୍ଟ ଥିଲେ ଜଣେ 'ଏସୀନ' (Essene) । ଏହା ଏକ ବୌଦ୍ଧ-ସମ୍ପ୍ରଦାୟ ବିଶେଷ । ଦୁଇଟି ଶିବଲିଙ୍ଗକୁ ଛକ କରି ସ୍ଥାପନ କରିଦେଲେ ଏହା ଖ୍ରୀଷ୍ଟଧର୍ମର କ୍ରୁଶରେ ପରିଣତ ହୋଇଥାଏ । ପ୍ରାଚୀନ ରୋମ୍‌ର ଧ୍ୱଂସାବଶେଷ ମଧ୍ୟରେ ଏବେ ମଧ୍ୟ ବୌଦ୍ଧପୂଜାର୍ଚ୍ଚନାର ଚିହ୍ନ ପରିଦୃଷ୍ଟ ହୁଏ ।

ଦକ୍ଷିଣ ଭାରତରେ କେତେଗୁଡ଼ିଏ 'ରାଗ' ବା ସ୍ୱରର ପ୍ରଚଳନ ଅଛି । ଏହି

ରାଗଗୁଡ଼ିକୁ ସ୍ୱତନ୍ତ୍ର ବୋଲି ମନେକରାଯାଉଥିଲେ ମଧ୍ୟ ବସ୍ତୁତଃ ପ୍ରଧାନ ଷଡ଼ରାଗରୁ ଏଗୁଡ଼ିକର ଉତ୍ପତ୍ତି । ଦକ୍ଷିଣ ଭାରତର ସଙ୍ଗୀତରେ ମୂର୍ଚ୍ଛନା ବା ଶବ୍ଦର ଦୋଦୁଲ୍ୟମାନ ସ୍ପନ୍ଦନର ପ୍ରୟୋଗ ଖୁବ୍ କମ୍ । ସେଠାରେ ପୂର୍ଣ୍ଣାଙ୍ଗ ସଙ୍ଗୀତ-ଯନ୍ତ୍ରର ବ୍ୟବହାର ମଧ୍ୟ ଦୁର୍ଲ୍ଲଭ । ଦାକ୍ଷିଣାତ୍ୟର ବୀଣା ପ୍ରକୃତ ବୀଣା ନୁହେଁ । ଆମର ସାମରିକ ସଙ୍ଗୀତ ବା ସାମରିକ କବିତା କୌଣସିଟି ନାହିଁ । ଭବଭୂତି କଥଞ୍ଚିତ୍‌ପରିମାଣରେ ବୀରରସପ୍ରିୟ କବି ।

ଯୀଶୁଖ୍ରୀଷ୍ଟ ସନ୍ନ୍ୟାସୀ ଥିଲେ । ତାଙ୍କ ପ୍ରଚାରିତ ଧର୍ମ ମୂଳତଃ କେବଳ ସନ୍ନ୍ୟାସୀ-ମାନଙ୍କର ଉପଯୋଗୀ । ତାଙ୍କ ଧର୍ମର ସାରମର୍ମ ହେଲା—'ତ୍ୟାଗକର'; ଆଉ ଅଧିକ କିଛି ନୁହେଁ । ଏହି ଶିକ୍ଷା କତିପୟ ବିଶେଷ ଅଧିକାରୀମାନଙ୍କ ପାଇଁ ଉପଯୋଗୀ ।

'ଅନ୍ୟ ଗାଲଟି ଦେଖାଇ ଦିଅ'—ଏହି ଶିକ୍ଷା କାର୍ଯ୍ୟତଃ ଅସମ୍ଭବ, ଅସାଧ୍ୟ । ପାଶ୍ଚାତ୍ୟଗଣ ଏହା ଜାଣନ୍ତି । ଯେଉଁମାନେ ଧର୍ମଲାଭ ପାଇଁ ଲାଳାୟିତ, ଯେଉଁମାନଙ୍କର ଜୀବନର ଉଦ୍ଦେଶ୍ୟ ହେଲା ପୂର୍ଣ୍ଣତାଲାଭ, ସେମାନଙ୍କ ପାଇଁ ଏହି ଉପଦେଶ । ସାଧାରଣ ଲୋକଙ୍କର ଧର୍ମ ହେଲା—'ନିଜ ଅଧିକାରରେ ପ୍ରତିଷ୍ଠିତ ହୁଅ ।' ସନ୍ନ୍ୟାସୀ ଓ ଗୃହସ୍ଥ—ସମସ୍ତଙ୍କୁ ଏକପ୍ରକାର ନୈତିକ ଉପଦେଶ ଦିଆଯାଇ ନ ପାରେ ।

ସକଳ ସାଂପ୍ରଦାୟିକ ଧର୍ମ ଧରିନେଇଛି ଯେ, ସବୁ ମଣିଷ ସମାନ । ବିଜ୍ଞାନ କିନ୍ତୁ ଏହାକୁ ସମର୍ଥନ କରେ ନାହିଁ । ମଣିଷର ଶାରୀରିକ ପାର୍ଥକ୍ୟ ଅଧିକ । ହିନ୍ଦୁଧର୍ମର ଗୋଟିଏ ମୂଳନୀତି ହେଲା ଯେ, ପ୍ରତ୍ୟେକ ମଣିଷ ପୃଥକ୍—ବୈଚିତ୍ର୍ୟ ମଧ୍ୟରେ ଐକ୍ୟ । ଏପରିକି ମଦ୍ୟପ ଓ ବେଶ୍ୟାସକ୍ତ ପାଇଁ ମଧ୍ୟ ହିନ୍ଦୁଧର୍ମରେ କିଛି ମନ୍ତ୍ରର ବିଧାନ ରହିଛି ।

ନୀତି ଏକ ଆପେକ୍ଷିକ ଶବ୍ଦ । ଜଗତରେ ବିଶୁଦ୍ଧ ନୀତି ବୋଲି କୌଣସି ପଦାର୍ଥ ଅଛି କି ? ଏହି ଧାରଣା କେବଳ କୁସଂସ୍କାର ମାତ୍ର । ପ୍ରତ୍ୟେକ ଯୁଗର ପ୍ରତ୍ୟେକ ବ୍ୟକ୍ତିକୁ ଗୋଟିଏ ଆଦର୍ଶଦ୍ୱାରା ବିଚାର କରିବାର ଅଧିକାର ଆମମାନଙ୍କର ନାହିଁ । ପ୍ରତ୍ୟେକ ଦେଶରେ ପ୍ରତ୍ୟେକ ଯୁଗରେ ପ୍ରତିଟି ବ୍ୟକ୍ତିବିଶେଷ ତତ୍କାଳୀନ ଅବସ୍ଥାର ଅଧୀନ । ଅବସ୍ଥାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଭାବର ପରିବର୍ତ୍ତନ ମଧ୍ୟ ଅପରିହାର୍ଯ୍ୟ । ଏକଦା ଗୋମାଂସ-ଭକ୍ଷଣ ନୀତିସଙ୍ଗତ ବୋଲି ବିବେଚିତ ହେଉଥିଲା । ସେତେବେଳେ ଜଳବାୟୁ ଶୀତଳ ଥିଲା ଏବଂ ଖାଦ୍ୟଶସ୍ୟର ବ୍ୟବହାର ବିଶେଷ ଭାବରେ ପ୍ରଚଳିତ ହୋଇ ନ ଥିଲା । ଖାଦ୍ୟ ମଧ୍ୟରେ ମାଂସ ହିଁ ଥିଲା ପ୍ରଧାନ, ସୁତରାଂ ସେହି ଯୁଗରେ ଓ ସେହି ସମୟରେ ମାଂସଭକ୍ଷଣ ଅପରିହାର୍ଯ୍ୟ ଥିଲା । କିନ୍ତୁ ବର୍ତ୍ତମାନ ଗୋମାଂସ-ଭକ୍ଷଣ ନୀତିବିରୁଦ୍ଧ ବୋଲି ଗଣ୍ୟ ହେଉଛି ।

ଈଶ୍ୱର ହିଁ କେବଳ ଅପରିବର୍ତ୍ତନୀୟ । ସମାଜ ଚଳମାନ । ଜଗତ ଅନବରତ ସଚଳ । ଈଶ୍ୱର ଅଚଳ ।

ଆମର କଥା ହେଲା—'ସଂସ୍କାର' ନୁହେଁ, କିନ୍ତୁ 'ଅଗ୍ରସର ହୁଅ—ଚରୈବେତି ।' ଜଗତରେ ଏପରି କେଉଁ ମନ୍ଦ ବସ୍ତୁ ନାହିଁ, ଯାହାର ସଂସ୍କାର ହୋଇପାରିବ ନାହିଁ । ନିଜକୁ ବିଭିନ୍ନ ଅବସ୍ଥା ସହ ଖାପ ଖୁଆଇ ଚଳିବା ମଧ୍ୟରେ ହିଁ ଜୀବନର ସକଳ ରହସ୍ୟ ନିହିତ । ଏହା ହିଁ ଜୀବନବିକାଶର ଅନ୍ତର୍ନିହିତ ମୂଳନୀତି । ବହିଃପ୍ରକୃତି ଆମକୁ ଦବାଇ ରଖିବାକୁ

ନୁହେଁ, ଏହାର ବଦଳରେ ସଂଗ୍ରାମ ପାଇଁ ପ୍ରବୃତ୍ତ ହେବା ଫଳରେ ଆମେ ନିଜକୁ ବିଭିନ୍ନ ଅବସ୍ଥାର ଉପଯୋଗୀ କରି ତୋଳୁ ଅଥବା ପରିବେଷ୍ଟନୀ ସହିତ ଖାପ ଖୁଆଇ ଚଳିବାର କ୍ଷମତା ଲାଭ କରୁ । ପରିବର୍ତ୍ତିତ ଅବସ୍ଥାର ଉପଯୋଗୀ କରି ଗଢ଼ିତୋଳିବାର କ୍ଷମତା ଯାହା ଭିତରେ ଅଧିକ, ସେ ହିଁ ଦୀର୍ଘଜୀବୀ ହୋଇଥାଏ । ମୁଁ ଏହି ତତ୍ତ୍ୱ ପ୍ରଚାର ନ କଲେ ମଧ୍ୟ ସମାଜ ପରିବର୍ତ୍ତିତ ହେଉଅଛି ଓ ହୋଇଚାଲିବ । ହୁଏତ ବଞ୍ଚି ରହିବାକୁ ହେବ ଅଥବା ଅନାହାରରେ ରହିବାକୁ ହେବ—ଏହି ପ୍ରୟୋଜନ ହିଁ ଜଗତରେ କାର୍ଯ୍ୟ କରୁଅଛି, ଖ୍ରୀଷ୍ଟଧର୍ମ ଅଥବା ବିଜ୍ଞାନ ନୁହେଁ ।

ହିମାଳୟର ମନୋହର ଶିଖରରେ ହିଁ ଜଗତର ଶ୍ରେଷ୍ଠ ପ୍ରାକୃତିକ ଦୃଶ୍ୟ ଦେଖିବାକୁ ମିଳେ । ଯଦି କେହି ସେଠାରେ କିଛି କାଳ ବାସ କରେ, ତା'ହେଲେ ପୂର୍ବରୁ ସେ ଯେତେ ଅସ୍ଥିରଚିତ୍ତ ଥାଉ ନା କାହିଁକି, ନିଶ୍ଚୟ ସେ ମାନସିକ ଶାନ୍ତି ପାଇବ ।

ଈଶ୍ୱର ଯାବତୀୟ ବିଶ୍ୱବିଧାନର ସର୍ବଶ୍ରେଷ୍ଠ ରୂପ । ଈଶ୍ୱରଙ୍କ ସତ୍ତାକୁ ଥରେ ଜାଣି-ପାରିଲେ ଅନ୍ୟାନ୍ୟ ସବୁ ଜିନିଷକୁ ଏହାର ଅଧୀନ ବୋଲି ବ୍ୟାଖ୍ୟା କରିହୋଇପାରେ । ପତନ-ଶୀଳ ବସ୍ତୁସମୂହ କ୍ଷେତ୍ରରେ ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ନିୟମର ଯେଉଁ ସ୍ଥାନ, ଧର୍ମକ୍ଷେତ୍ରରେ ଈଶ୍ୱରଙ୍କ ସ୍ଥାନ ମଧ୍ୟ ସେହିପରି ।

ପ୍ରତ୍ୟେକ ପୂଜା ହେଉଛି ଉଚ୍ଚ ସ୍ତରର ପ୍ରାର୍ଥନା । ଯେଉଁ ବ୍ୟକ୍ତି ଧ୍ୟାନ ଅଥବା ମାନସ-ପୂଜା କରିବାକୁ ଅକ୍ଷମ, ତାହା ପାଇଁ କେବଳ ପୂଜା ବା ଆନୁଷ୍ଠାନିକ ପୂଜାର୍ଚ୍ଚନାର ପ୍ରୟୋଜନ ଅଛି । କାରଣ ତା'ପାଇଁ କୌଣସି ସ୍ଥୂଳ ବସ୍ତୁର ପ୍ରୟୋଜନ ।

ସାହସୀ ବ୍ୟକ୍ତିମାନେ ହିଁ କେବଳ ଅକପଟ ହୋଇପାରନ୍ତି । ସିଂହ ସହିତ ଶୃଗାଳକୁ ତୁଳନା କର ।

ଈଶ୍ୱର ଓ ପ୍ରକୃତି ମଧ୍ୟରେ ଯାହା କିଛି ଭଲ, ତାକୁ ଭଲ ପାଇବା ଶିଶୁ ପକ୍ଷରେ ମଧ୍ୟ ସମ୍ଭବ । କିନ୍ତୁ ଭୟଙ୍କର ଓ ଦୁଃଖଜନକ ବସ୍ତୁକୁ ମଧ୍ୟ ଭଲପାଇବାକୁ ହେବ । ସନ୍ତାନ ଯେତେବେଳେ ଦୁଃଖ ଦିଏ, ସେତେବେଳେ ମଧ୍ୟ ପିତା ତା' ପ୍ରତି ସ୍ନେହ ପୋଷଣ କରିଥାନ୍ତି ।

ଶ୍ରୀକୃଷ୍ଣ ଈଶ୍ୱରାବତାର । ସେ ମାନବଜାତିର ଉଦ୍ଧାର ପାଇଁ ଅବତୀର୍ଣ୍ଣ ହୋଇଥିଲେ । ଗୋପୀଲୀଳା ହେଉଛି ପ୍ରେମଧର୍ମର ପରାକାଷ୍ଠା; ଏହି ପ୍ରେମରେ ସକଳ ବ୍ୟକ୍ତିତ୍ୱ ଲୋପ ପାଇଁ ପରମ ମିଳନ ସଂଘଟିତ ହୁଏ । ଗୀତାରେ ଶ୍ରୀକୃଷ୍ଣ ପ୍ରଚାର କରିଥିଲେ, 'ମୋତେ ପାଇବା ପାଇଁ ଅନ୍ୟାନ୍ୟ ସକଳ ବନ୍ଧନ ତ୍ୟାଗ କର'—ଗୋପୀଲୀଳାରେ ଏହି ତତ୍ତ୍ୱ ଅଭିବ୍ୟକ୍ତ ହୋଇଛି । ଭକ୍ତିତତ୍ତ୍ୱ ହୃଦୟଙ୍ଗମ କରିବା ପାଇଁ ବୃନ୍ଦାବନ-ଲୀଳାର ଶରଣ ନିଅ । ଏ ସମ୍ପର୍କରେ ବହୁ ସଂଖ୍ୟକ ପୁସ୍ତକ ଅଛି । ଭକ୍ତି ହେଉଛି ଭାରତବର୍ଷର ସାର୍ବଜନୀନ ଧର୍ମ । ହିନ୍ଦୁ ଜାତିର ବୃହତ୍ତର ଅଂଶ ଶ୍ରୀକୃଷ୍ଣଙ୍କ ଅନୁବର୍ତ୍ତୀ ।

ଦରିଦ୍ର, ଭିକ୍ଷୁକ, ପାପୀ, ପୁତ୍ର, ପିତା, ପତ୍ନୀ—ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତଙ୍କର ଈଶ୍ୱର । ଆମମାନଙ୍କର ସର୍ବପ୍ରକାର ମାନବିକ ସମ୍ବନ୍ଧ ସହିତ ସେ ଘନିଷ୍ଠ ଭାବରେ ସମ୍ବନ୍ଧିତ

ହୋଇ ଏଗୁଡ଼ିକୁ ପବିତ୍ର କରନ୍ତି ଏବଂ ପରିଣାମରେ ମୁକ୍ତିପ୍ରଦାନ କରନ୍ତି । ଶ୍ରୀକୃଷ୍ଣ—ଭଗବାନ ଦାର୍ଶନିକ ଓ ପଣ୍ଡିତଙ୍କ ନିକଟରେ ନିଜକୁ ଗୋପନ ରଖି ଅଜ୍ଞ ଓ ଶିଶୁଙ୍କ ନିକଟରେ ପ୍ରକଟ ହୁଅନ୍ତି । ଶ୍ରୀକୃଷ୍ଣ ହେଉଛନ୍ତି ବିଶ୍ୱାସ ଓ ପ୍ରେମର ଦେବତା—ପାଣ୍ଡିତ୍ୟ ଦେଖାଇ ତାଙ୍କୁ ପାଇ ହୁଏ ନାହିଁ । ଗୋପୀମାନଙ୍କ ନିକଟରେ ପ୍ରେମ ଓ ଈଶ୍ୱର ଏକ ବସ୍ତୁ । ସେମାନେ ଜାଣନ୍ତି ଶ୍ରୀକୃଷ୍ଣ ହେଉଛନ୍ତି ପ୍ରେମର ମୂର୍ତ୍ତିମନ୍ତ ବିଗ୍ରହ ।

ଦ୍ୱାରକାରେ ଶ୍ରୀକୃଷ୍ଣ କର୍ତ୍ତବ୍ୟ ଶିକ୍ଷା ଦେଇଛନ୍ତି, ବୃନ୍ଦାବନରେ ପ୍ରେମ । ତାଙ୍କର ବଂଶଧରଗଣ ଦୁର୍ବୃତ୍ତ ଥିଲେ ବୋଲି ସେ ସେମାନଙ୍କୁ ପରସ୍ପରର ବିନାଶରୁ ନିବୃତ୍ତ କରି ନାହାନ୍ତି ।

ଈଶ୍ୱରଙ୍କ ସମ୍ବନ୍ଧରେ ଇହୁଦୀ ଓ ମୁସଲମାନଙ୍କର ଧାରଣା ଯେ, ସେ ଅଦାଲତର ଜଣେ ବଡ଼ ବିଚାରକ; କିନ୍ତୁ ଆମର ଈଶ୍ୱର ହେଉଛନ୍ତି ବାହାରକୁ କଠୋର, କିନ୍ତୁ ଅନ୍ତର ପ୍ରେମ ଓ କରୁଣାରେ ପୂର୍ଣ୍ଣ ।

ଅଦ୍ୱୈତବାଦ କ'ଣ ତାହା ନ ବୁଝି କେହି କେହି ଏହାର ଓଲଟା ଅର୍ଥ କରିଥାନ୍ତି । ସେମାନେ କହନ୍ତି—ଶୁଦ୍ଧ ଓ ଅଶୁଦ୍ଧ ପୁଣି କ'ଣ ? ପାପ ପୁଣ୍ୟ ଭିତରେ କି ପ୍ରଭେଦ ଅଛି ? —ଏସବୁ କେବଳ ମଣିଷର କୁସଂସ୍କାର । ଫଳରେ ସେମାନେ ସେମାନଙ୍କର ଆଚରଣରେ କୌଣସି ନୈତିକ ସଂଯମ ପାଳନ କରନ୍ତି ନାହିଁ । ଏହା ହେଉଛି ନିଛକ ବଦମାସି । ଏଭଳି ପ୍ରବୃତ୍ତି ଦ୍ୱାରା ପ୍ରଭୂତ କ୍ଷତି ଘଟିଥାଏ ।

ପାପ ଓ ପୁଣ୍ୟ—ଅନିଷ୍ଟକର ପାପ ଓ ହିତକର ପୁଣ୍ୟ—ଏହି ଦୁଇପ୍ରକାର କର୍ମଦ୍ୱାରା ଦେହ ଗଠିତ । ଶରୀରରେ କଣ୍ଟକ ବିଦ୍ଧ ହେଲେ ଏହି କଣ୍ଟକଟିକୁ କାଢ଼ିବା ପାଇଁ ଅନ୍ୟ ଏକ କଣ୍ଟକର ପ୍ରୟୋଜନ—କିନ୍ତୁ ପରେ ଉଭୟଙ୍କୁ ଫିଙ୍ଗି ଦିଆଯାଏ । ସିଦ୍ଧିଲାଭ ନିମିତ୍ତ କେହି ପୁଣ୍ୟ-ରୂପକ କଣ୍ଟକ ଦ୍ୱାରା ପାପ-ରୂପକ କଣ୍ଟକକୁ ଦୂର କରନ୍ତି । ଏହାପରେ ସେ ଜୀବନ ଧାରଣ କରିପାରନ୍ତି ଏବଂ କେବଳ ପୁଣ୍ୟ ଅବଶିଷ୍ଟ ଥିବାରୁ ସେମାନଙ୍କ ଦ୍ୱାରା କେବଳ ପୁଣ୍ୟ କର୍ମ ହିଁ ଅନୁଷ୍ଠିତ ହୁଏ । ଜୀବନ୍ମୁକ୍ତଙ୍କ ମଧ୍ୟରେ କିଞ୍ଚିନ୍ମାତ୍ର ପୁଣ୍ୟ ଅବଶିଷ୍ଟ ଥିବାରୁ ସେ ଜୀବିତ ରହନ୍ତି, କିନ୍ତୁ ସେ ଯାହା କିଛି କରନ୍ତି, ତାହା ହିଁ ଶୁଦ୍ଧ ।

ଯାହା କିଛି ଉନ୍ନତି ଆଡ଼କୁ ନେଇଯାଏ, ତାହା ହିଁ ପୁଣ୍ୟ; ଯାହାଦ୍ୱାରା ଆମର ଅବନତି ଘଟେ ତାହା ହିଁ ପାପ । ମଣିଷ ମଧ୍ୟରେ ତିନିପ୍ରକାର ଗୁଣ ଅଛି—ପଶୁତ୍ୱ, ମନୁଷ୍ୟତ୍ୱ ଓ ଦେବତ୍ୱ । ଯାହା ଦେବତ୍ୱର ଉତ୍କର୍ଷ ସାଧନ କରେ, ତାହା ହିଁ ପୁଣ୍ୟ । ଯାହାଦ୍ୱାରା ପଶୁଭାବର ବୃଦ୍ଧି ହୁଏ, ତାହା ହିଁ ପାପ । ପାଶବ ପ୍ରକୃତି ନାଶ କରି ମନୁଷ୍ୟତ୍ୱ ଲାଭ କରିବାକୁ ହେବ—ଅର୍ଥାତ୍ ପ୍ରେମିକ ଓ ଦୟାଳୁ ହେବାକୁ ପଡ଼ିବ । ଏହି ଅବସ୍ଥାକୁ ମଧ୍ୟ ଅତିକ୍ରମ କରି ତୁମକୁ ସଚ୍ଚିଦାନନ୍ଦସ୍ୱରୂପ ହେବାକୁ ପଡ଼ିବ—ଅଗ୍ନିର ତେଜ ଅଛି, ଅଥଚ ଦାହଶକ୍ତି ନାହିଁ, ଅପୂର୍ବ ପ୍ରେମ ଅଥଚ ଜାଗତିକ ପ୍ରେମର ଦୁର୍ବଳତା ନାହିଁ, ଦୁଃଖବୋଧ ନାହିଁ ।

ଭକ୍ତି ଦୁଇ ପ୍ରକାର—ବୈଧୀ ଓ ରାଗାନୁଗା । ଶାସ୍ତ୍ରର ଅନୁଶାସନରେ ଦୃଢ଼ ବିଶ୍ୱାସକୁ 'ବୈଧୀ ଭକ୍ତି' କୁହାଯାଏ । ରାଗାନୁଗା ଭକ୍ତି ପାଞ୍ଚ ପ୍ରକାର—(୧) ଶାନ୍ତ—ଖ୍ରୀଷ୍ଟଧର୍ମରେ

ଏହା ରୂପାୟିତ ହୋଇଅଛି । (୨) ଦାସ୍ୟ—ରାମଙ୍କ ପ୍ରତି ହନୁମାନଙ୍କର ଆଚରଣରେ ଏହା ପରିସ୍ଫୁଟ । (୩) ସଖ୍ୟ—ଶ୍ରୀକୃଷ୍ଣଙ୍କ ପ୍ରତି ଅର୍ଜୁନଙ୍କ ଭାବ ମଧ୍ୟ ଦେଇ ଏହା ପ୍ରକାଶିତ । (୪) ବାତ୍ସଲ୍ୟ—ଶ୍ରୀକୃଷ୍ଣଙ୍କ ପ୍ରତି ବସୁଦେବାଦିଙ୍କର ଯେଉଁ ଭାବ, ତାହା ହିଁ ବାତ୍ସଲ୍ୟ । (୫) ମଧୁର ଭାବ—ଶ୍ରୀକୃଷ୍ଣ ଓ ଗୋପୀଗଣଙ୍କ ଜୀବନରେ ମଧୁର ଭାବର (ପତିପତ୍ନୀଙ୍କ ସମ୍ବନ୍ଧର) ବିକାଶ ଦେଖାଯାଏ ।

କେଶବଚନ୍ଦ୍ର ସେନ୍ ସମାଜକୁ ଏକ ଡିମ୍ବାକାର (elliptic) କକ୍ଷରେ ପରିଭ୍ରମଣଶୀଳ ଗ୍ରହ ସହିତ ତୁଳନା କରିଛନ୍ତି । ଈଶ୍ୱର କେନ୍ଦ୍ରଗତ ସୂର୍ଯ୍ୟ । ଗ୍ରହକକ୍ଷର ଯେଉଁ ବିନ୍ଦୁଟି ସୂର୍ଯ୍ୟଙ୍କ ନିକଟତର, ସମାଜ କେତେବେଳେ ସେହି ବିନ୍ଦୁଟି ପରି ଈଶ୍ୱରଙ୍କ ସମୀପବର୍ତ୍ତୀ ହୁଏ, ପୁଣି କେବେ ସୂର୍ଯ୍ୟଠାରୁ ସର୍ବାପେକ୍ଷା ଦୂରରେ ଅବସ୍ଥିତ ବିନ୍ଦୁଟି ପରି ଈଶ୍ୱରଙ୍କଠାରୁ ଦୂରକୁ ଚାଲିଯାଏ । ଅବତାରଗଣ ଅବତୀର୍ଣ୍ଣ ହୋଇ ଏହାକୁ ଈଶ୍ୱରଙ୍କ ସମୀପବର୍ତ୍ତୀ କରନ୍ତି । ପରବର୍ତ୍ତୀ ସମୟରେ ଏହା ପୁଣି ଦୂରକୁ ଚାଲିଯାଏ । କାହିଁକି ଏପରି ହେବ ? କହିପାରିବି ନାହିଁ । ଅବତାରଙ୍କର ପ୍ରୟୋଜନ କ'ଣ ? ସୃଷ୍ଟିର କି ପ୍ରୟୋଜନ ଥିଲା ? ଈଶ୍ୱର କାହିଁକି ଆମ ସମସ୍ତଙ୍କୁ ପୂର୍ଣ୍ଣକରି ସୃଷ୍ଟି କଲେ ନାହିଁ ? ଏହା ହିଁ ଲୀଳା, ଏହା ଆମମାନଙ୍କ ଜ୍ଞାନର ଅଗୋଚର ।

ମଣିଷ ବ୍ରହ୍ମତ୍ୱ ଲାଭ କରିପାରେ, କିନ୍ତୁ ଈଶ୍ୱର ହୋଇପାରେ ନାହିଁ । ଯଦି କେହି ଈଶ୍ୱରତ୍ୱ ଲାଭ କରିଥାଏ, ତା'ହେଲେ ତାଙ୍କ ରଚିତ ସୃଷ୍ଟି ଦେଖାଇପାରିବ ? ବିଶ୍ୱାମିତ୍ରଙ୍କ ସୃଷ୍ଟି ତାଙ୍କର ନିଜସ୍ୱ କଳ୍ପନା ମାତ୍ର । ଏହି ସୃଷ୍ଟିକୁ ବିଶ୍ୱାମିତ୍ରଙ୍କ ନିୟମରେ ଚଳିବାକୁ ହୁଏ । ଯଦି ଯେ କେହି ସ୍ରଷ୍ଟା ହୋଇପାରନ୍ତି, ତେବେ ବିଭିନ୍ନ ନିୟମର ସଂଘର୍ଷ ଫଳରେ ଏହି ଜଗତର ବିଲୟ ଅବଶ୍ୟ ଘଟିବ । ଜଗତର ଭାରସାମ୍ୟ ଏପରି ସୁନ୍ଦର ଯେ, ଯଦି ଗୋଟିଏ ପରମାଣୁର ବି ସାମ୍ୟାବସ୍ଥା ଭଙ୍ଗ କରାଯାଏ, ତା'ହେଲେ ସାରାଜଗତ ଲୟପ୍ରାପ୍ତ ହେବ !

ଏପରି ସବୁ ମହାପୁରୁଷ ହୋଇଯାଇଛନ୍ତି, ଯାହାଙ୍କ ସହିତ ଆମମାନଙ୍କର ବିପୁଳ ପାର୍ଥକ୍ୟ କୌଣସି ଗାଣିତିକ ଉପାୟ ଦ୍ୱାରା ନିର୍ଣ୍ଣୟ କରାଯାଏ ନାହିଁ; କିନ୍ତୁ ଈଶ୍ୱରଙ୍କ ସହିତ ତୁଳନା କଲେ ସେମାନେ ବି ଜ୍ୟାମିତିକ ବିନ୍ଦୁମାତ୍ର । ଅନନ୍ତଙ୍କ ସହିତ ତୁଳନା କରି ଦେଖିଲେ ଅନ୍ୟ ସମସ୍ତେ ଅକିଞ୍ଚିତ୍କର । ଈଶ୍ୱରଙ୍କ ସହ ତୁଳନା କଲେ ବିଶ୍ୱାମିତ୍ର ଏକ କ୍ଷୁଦ୍ର ମନୁଷ୍ୟ-ପତଙ୍ଗ ଭିନ୍ନ ଆଉ କ'ଣ ହୋଇପାରନ୍ତି ?

ଆଧ୍ୟାତ୍ମିକ ଓ ଜାଗତିକ ଉଭୟ କ୍ଷେତ୍ରରେ କ୍ରମବିକାଶ-ମତର ଆଦି-ପ୍ରବର୍ତ୍ତକ ହେଲେ ପତଞ୍ଜଳି ।

ଜୀବ ସାଧାରଣତଃ ପାରିପାର୍ଶ୍ୱିକ ଅବସ୍ଥା ଅପେକ୍ଷା ଦୁର୍ବଳ ଓ ନିଜକୁ ଏହି ଅବସ୍ଥାର ଉପଯୋଗୀ କରିବା ପାଇଁ ସର୍ବଦା ସଂଗ୍ରାମ କରି ଚାଲିଛି । କେବେ କେବେ ତା'ର ଏହି ଉପଯୁକ୍ତତା ଲାଭର ପ୍ରଚେଷ୍ଟା ପ୍ରୟୋଜନ ଅପେକ୍ଷା ଅଧିକ ହୋଇଯାଏ । ଏହା ଫଳରେ ତା'ର ସମଗ୍ର ଶରୀରରେ ଜାତ୍ୟନ୍ତର ଘଟେ । ନନ୍ଦୀ ଜଣେ ସାଧାରଣ ମଣିଷ ଥିଲେ, କିନ୍ତୁ ତାଙ୍କର ପବିତ୍ରତା ଏତେ ବେଶୀ ଯେ ମାନବଶରୀର ପକ୍ଷରେ ତାହା ଧାରଣ କରିବା ଅସମ୍ଭବ

ଥିଲି; ସୁତରାଂ ତାଙ୍କର ଦେହକୋଷ-ସ୍ଥିତ ପରମାଣୁଗୁଡ଼ିକ ଦେବ-ଦେହରେ ପରିଣତ ହୋଇଥିଲି ।

ପ୍ରତିଯୋଗିତାରୂପକ ଭୟଙ୍କର ଯନ୍ତ୍ର ହିଁ ସବୁ କିଛିକୁ ଧ୍ୱଂସ କରି ପକାଇବ । ଯଦି ବଞ୍ଚି ରହିବାକୁ ଚାହିଁ, ତା'ହେଲେ ନିଜକୁ ଯୁଗୋପଯୋଗୀ କରି ତୋଳିବାକୁ ଚେଷ୍ଟା କର । ଆମେ ଯଦି ବଞ୍ଚି ରହିବାକୁ ଚାହୁଁ, ତା'ହେଲେ ଆମକୁ ବିଜ୍ଞାନନିଷ୍ଠ ଜାତିରେ ପରିଣତ ହେବାକୁ ପଡ଼ିବ । ମାନସିକ ଶକ୍ତି ହିଁ ହେଉଛି ପ୍ରକୃତ ବଳ । ୟୁରୋପୀୟମାନଙ୍କର ସଙ୍ଗଠନ-କ୍ଷମତା ତୁମେମାନେ ଶିକ୍ଷା କରିବା ଆବଶ୍ୟକ । ତୁମେ ନିଜେ ଶିକ୍ଷିତ ହେବା ସଙ୍ଗେ ସଙ୍ଗେ ଝିଅମାନଙ୍କୁ ଶିକ୍ଷାଦେବା ପ୍ରୟୋଜନ । ବାଲ୍ୟ-ବିବାହ ପ୍ରଥା ବନ୍ଦ କରିବାକୁ ହେବ ।

ଏସମସ୍ତ ଚିନ୍ତା ସମାଜରେ ଭାସି ବୁଲୁଛି । ତୁମେ ସଭିଏଁ ଏହା ଜାଣ, କିନ୍ତୁ ତୁମେ କେହି ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ସାହସ କର ନାହିଁ । ବିରାଡ଼ି ବେକରେ କିଏ ଘଣ୍ଟି ବାନ୍ଧିବ ? ଉପଯୁକ୍ତ ସମୟରେ ଜଣେ ଅଦ୍ଭୁତ ମହାପୁରୁଷଙ୍କର ଆଗମନ ହେବ । ସେତିକିବେଳେ ସବୁ ମୂଷାମାନେ ସାହସୀ ହେବେ ।

ଯେତେବେଳେ କୌଣସି ମହାପୁରୁଷଙ୍କର ଆବିର୍ଭାବ ହୁଏ, ସେତେବେଳେ ସମସ୍ତ ପାରିପାର୍ଶ୍ୱିକ ଅବସ୍ଥା ତାଙ୍କ ପାଇଁ ପ୍ରସ୍ତୁତ ଥାଏ । ସେ ଯେପରି ଓଟ ପିଠିରେ ଶେଷ ତୃଣଖଣ୍ଡ ସଦୃଶ । ସେ ଯେପରି କମାଣ ଗୋଳାର ସ୍ଫୁଲିଙ୍ଗ । ତାଙ୍କ କଥାରେ ବିଶେଷ କିଛି ଅଛି— ଆମେମାନେ ତାଙ୍କ ପାଇଁ ପଥ ପ୍ରସ୍ତୁତ କରୁଛୁ ।

କୃଷ୍ଣ କ'ଣ ଚତୁର ଥିଲେ ? ନା, ସେ ଚତୁର ନ ଥିଲେ । ଯୁଦ୍ଧ ନ ହେବା ପାଇଁ ସେ ଯଥାସାଧ୍ୟ ଚେଷ୍ଟା କରିଥିଲେ । ଦୁର୍ଯ୍ୟୋଧନ ହିଁ ଯୁଦ୍ଧ ଲଗାଇଥିଲେ । କିନ୍ତୁ ଥରେ କାର୍ଯ୍ୟରେ ପ୍ରବୃତ୍ତ ହେଲେ ସେଥିରୁ ନିବୃତ୍ତ ହେବା ଉଚିତ ନୁହେଁ—କର୍ତ୍ତବ୍ୟପରାୟଣ ବ୍ୟକ୍ତିର ଏହା ହିଁ ଧର୍ମ । ପଶ୍ଚାତ୍‌ପଦ ହୁଅ ନାହିଁ, ଏହା କାପୁରୁଷତାର ପରିଚାୟକ । ଥରେ କାର୍ଯ୍ୟରେ ପ୍ରବୃତ୍ତ ହେଲେ ତାହା ଅବଶ୍ୟ ହିଁ ସମ୍ପନ୍ନ କରିବାକୁ ହେବ, ଇଞ୍ଚେ ବି ଘୁଞ୍ଚିବା ଉଚିତ୍ ନୁହେଁ—ଅବଶ୍ୟ ଏହା କୌଣସି ଅନ୍ୟାୟ କାର୍ଯ୍ୟ ପାଇଁ ନୁହେଁ । ସେହି ଯୁଦ୍ଧ ଥିଲି ଧର୍ମ-ଯୁଦ୍ଧ ।

ସଇତାନ ନାନା ଛଦ୍ମବେଶରେ ଆସେ । କ୍ରୋଧ ନ୍ୟାୟର ବେଶରେ, କାମନା କର୍ତ୍ତବ୍ୟର ରୂପ ନେଇ । ସଇତାନର ପ୍ରଥମ ଆବିର୍ଭାବ ଲୋକେ ଜାଣିପାରିଲେ ହେଁ ପରେ ଭୁଲିଯାନ୍ତି, ଯେପରି ଓକିଲମାନେ ତାଙ୍କ ବିବେକ-ବୁଦ୍ଧି ବଳରେ ମକ୍କେଲ ବଦମାସି କରିଛି ବୋଲି ଜାଣିପାରୁଥିଲେ ହେଁ କର୍ତ୍ତବ୍ୟ-ବୁଦ୍ଧି ଯୋଗୁଁ ମକ୍କେଲଙ୍କୁ ସମର୍ଥନ କରନ୍ତି ।

ଯୋଗୀଗଣ ନର୍ମଦା-କୂଳରେ ବାସ କରନ୍ତି । ସେଠାକାର ଜଳବାୟୁ ସମଭାବାପନ୍ନ ବୋଲି ସେମାନଙ୍କ ବାସ ପାଇଁ ତାହା ଉତ୍ତମ । ଭକ୍ତଗଣ ବୃନ୍ଦାବନରେ ଅବସ୍ଥାନ କରନ୍ତି ।

ସିପାହୀମାନେ ଶୀଘ୍ର ମରିଯାନ୍ତି; ପ୍ରକୃତ ଦୃଷ୍ଟିପୂର୍ଣ୍ଣ; ମଲ୍ଲବୀରମାନଙ୍କର ହିଁ ଶୀଘ୍ର ମୃତ୍ୟୁ ଘଟେ । ଭଦ୍ରଶ୍ରେଣୀ ସର୍ବାପେକ୍ଷା ଶକ୍ତିଶାଳୀ ଏବଂ ଦରିଦ୍ରମାନେ ସବୁଠାରୁ ବେଶୀ

କଷ୍ଟସହିଷ୍ଣୁ । କୋଷ୍ଠବଦ୍ଧ ଲୋକ ପାଇଁ ଫଳାହାର ଉପଯୁକ୍ତ ହୋଇପାରେ । ସଭ୍ୟ ମଣିଷଙ୍କର ମସ୍ତିଷ୍କ କାର୍ଯ୍ୟ କରେ ବୋଲି ସେମାନଙ୍କର ବିଶ୍ରାମ ପ୍ରୟୋଜନ ଏବଂ ଖାଦ୍ୟ ସହିତ ସେମାନଙ୍କୁ ମସଲା ଓ ଚଟଣି ଖାଇବାକୁ ପଡ଼ିଥାଏ । ଅସଭ୍ୟ ଲୋକମାନେ ପ୍ରତିଦିନ ଚାଳିଶ ପଚାଶ ମାଇଲ ଚାଲନ୍ତି । ସାଧାସିଧା ଖାଦ୍ୟ ତାଙ୍କର ରୁଚିକର । ଆମ ଦେଶର ଫଳଗୁଡ଼ିକ ସବୁପ୍ରାୟ କୃତ୍ରିମ, ଏବଂ ସ୍ୱାଭାବିକ ଆମ୍ବ ଅତି ସାମାନ୍ୟ ଫଳ । ଗହମ ମଧ୍ୟ କୃତ୍ରିମ ।

ବ୍ରହ୍ମଚର୍ଯ୍ୟ ପାଳନ କରି ଦେହରେ ଆଧ୍ୟାତ୍ମିକ ଶକ୍ତି ସଞ୍ଚୟ କର ।

ଗୃହସ୍ଥର ଆୟ ଅନୁଯାୟୀ ବ୍ୟୟ କରିବାର ନିୟମ ଅଛି । ସେ ଆୟର ଏକ-ଚତୁର୍ଥାଂଶ ପରିବାରବର୍ଗଙ୍କ ଭରଣପୋଷଣରେ, ଏକ-ଚତୁର୍ଥାଂଶ ଦାନ କାର୍ଯ୍ୟରେ, ଏକ ଚତୁର୍ଥାଂଶ ନିଜ ପାଇଁ ବ୍ୟୟ କରିବେ, ଏବଂ ଏକ ଚତୁର୍ଥାଂଶ ସଞ୍ଚୟ କରିବେ ।

ବହୁତ୍ୱରେ ଏକତ୍ୱ, ସମଷ୍ଟିରେ ବ୍ୟଷ୍ଟି—ଏହା ହିଁ ସୃଷ୍ଟିର ରୀତି ।

କେବଳ କାରଣକୁ ଅସ୍ୱୀକାର କରୁଛ କାହିଁକି ? କାର୍ଯ୍ୟକୁ ମଧ୍ୟ ଅସ୍ୱୀକାର କର । କାର୍ଯ୍ୟ ମଧ୍ୟରେ ଯାହା କିଛି ଅଛି, ତାହା ମଧ୍ୟ କାରଣ ମଧ୍ୟରେ ଅଛି ।

ଖ୍ରୀଷ୍ଟଙ୍କ ଜୀବନର ମାତ୍ର ଅଠରମାସ ସାଧାରଣରେ ପ୍ରକଟିତ ହୋଇଥିଲା । ସେଥିପାଇଁ ସେ ବତିଶ ବର୍ଷ ଧରି ନିଜକୁ ନୀରବରେ ପ୍ରସ୍ତୁତ କରିଥିଲେ । ସର୍ବସାଧାରଣଙ୍କ ସଂସ୍ପର୍ଶରେ ଆସିବା ପୂର୍ବରୁ ମହମ୍ମଦଙ୍କର ଚାଳିଶ ବର୍ଷ ଅତିକ୍ରାନ୍ତ ହୋଇଥିଲା ।

ଏହା ସତ୍ୟ ଯେ, ସ୍ୱାଭାବିକ ଅବସ୍ଥାରେ ଜାତିପ୍ରଥାର ଆବଶ୍ୟକତା ଅଛି । ଯେଉଁମାନଙ୍କର କୌଣସି ବିଶେଷ କାର୍ଯ୍ୟପ୍ରବଣତା ଅଛି, ସେମାନେ ଗୋଟିଏ ଶ୍ରେଣୀଭୁକ୍ତ ହୁଅନ୍ତି । କିନ୍ତୁ କୌଣସି ବିଶେଷ ବ୍ୟକ୍ତିର ଶ୍ରେଣୀ ନିର୍ଣ୍ଣୟ କରିବ କିଏ ? କୌଣସି ବ୍ରାହ୍ମଣ ଯଦି ମନେକରନ୍ତି, ଆଧ୍ୟାତ୍ମ୍ୟ ବିଦ୍ୟାଚର୍ଚ୍ଚାରେ ତାଙ୍କର ବିଶେଷ କ୍ଷମତା ଅଛି, ତା'ହେଲେ ପ୍ରକାଶ୍ୟ ଭାବରେ ଶୂଦ୍ର ସହ ମିଳିତ ହେବାକୁ ସେ ଭୟ କରନ୍ତି କାହିଁକି ? କୌଣସି ବଳବାନ୍ ଅଶ୍ୱ କ'ଣ ଏକ ନିସ୍ତେଜ ଅଶ୍ୱ ସହ ଦୌଡ଼ରେ ପ୍ରତିଯୋଗିତା କରିବାକୁ ଭୟ କରେ ?

'କୃଷ୍ଣ-କର୍ଣ୍ଣାମୃତ'ର ରଚୟିତା ଭକ୍ତ ବିଲ୍ୱମଙ୍ଗଳଙ୍କ ଜୀବନୀ ଉଲ୍ଲେଖଯୋଗ୍ୟ । ଈଶ୍ୱରଙ୍କ ଦର୍ଶନ କରିପାରିଲେ ନାହିଁ ବୋଲି ସେ ନିଜର ଦୁଇଟି ଆଖି ଉତ୍ପାଟନ କରିଥିଲେ । ବିପଥଗାମୀ ଭଲପାଇବା ଯେ ପରିଣାମରେ ପ୍ରକୃତ ପ୍ରେମରେ ପରିଣତ ହୋଇପାରେ, ତାଙ୍କ ଜୀବନ ଏହାର ପ୍ରକୃଷ୍ଟ ଉଦାହରଣ ।

ବହୁ ପୂର୍ବରୁ ଧର୍ମକ୍ଷେତ୍ରରେ ଉନ୍ନତି ଏବଂ ସବୁ ବିଷୟରେ ସୂକ୍ଷ୍ମ ଦୃଷ୍ଟି—ଏହି ଦୁଇଟି ପାଇଁ ହିନ୍ଦୁଗଣ ସର୍ବଦା ଉଚ୍ଚତର ତତ୍ତ୍ୱ ନେଇ ବ୍ୟାପୃତ ଥିଲେ । ଏହା ଫଳରେ ସେମାନେ ଐହିକ ବିଷୟରେ ବର୍ତ୍ତମାନ ଅବସ୍ଥାରେ ପତିତ ହୋଇଛନ୍ତି । ହିନ୍ଦୁମାନଙ୍କୁ ପାଶ୍ଚାତ୍ୟ ଦେଶଠାରୁ କିଞ୍ଚିତ୍ ବସ୍ତୁତନ୍ତ୍ରବାଦ ଶିକ୍ଷା କରିବାକୁ ହେବ ଏବଂ ଏହା ପରିବର୍ତ୍ତେ ପାଶ୍ଚାତ୍ୟ-ଦେଶକୁ କିଛି ଆଧ୍ୟାତ୍ମିକତା ଶିଖାଇବାକୁ ହେବ ।

ତୁମେମାନେ ନାରୀମାନଙ୍କୁ ଶିକ୍ଷା ଦେଇ ଛାଡ଼ିଦିଅ । ତା'ପରେ ସେମାନେ ହିଁ

କହିବେ—କେଉଁ ଜାତୀୟ ସଂସ୍କାର ସେମାନଙ୍କ ପାଇଁ ଆବଶ୍ୟକ । ସେମାନଙ୍କର ସଂଶ୍ଳିଷ୍ଟ ବିଷୟରେ କିଛି କହିବାକୁ ତୁମେ ପୁରୁଷମାନେ କିଏ ?

ମେହେନ୍ତର ଓ ଚଣ୍ଡାଳମାନଙ୍କର ବର୍ତ୍ତମାନର ଅଧଃପତିତ ଅବସ୍ଥା ପାଇଁ କେଉଁମାନେ ଦାୟୀ ? ଆମମାନଙ୍କର ହୃଦୟହୀନ ବ୍ୟବହାର ଓ ସେଥି ସଙ୍ଗେ ଅଦ୍ଭୁତ ଅଦ୍ୱୈତବାଦ-ପ୍ରଚାର—ଏହା କ'ଣ ଆଘାତ ଉପରେ ଅପମାନ ନୁହେଁ କି ?

ଏହି ଜଗତରେ ସାକାର ଓ ନିରାକାରର ପରସ୍ପର ସହ ସମ୍ବନ୍ଧ । ନିରାକାରକୁ ସାକାର ମଧ୍ୟ ଦେଇ ପ୍ରକାଶ କରାଯାଇପାରେ, ପୁଣି ନିରାକାରର ପୃଷ୍ଠଭୂମିରେ ହିଁ ସାକାରକୁ ଚିନ୍ତା କରାଯାଇପାରେ । ଆମର ଚିନ୍ତାର ବାହ୍ୟରୂପ ହିଁ ଜଗତ । ପ୍ରତିମା ଧର୍ମର ହିଁ ଅଭିବ୍ୟକ୍ତି ।

ଈଶ୍ୱରଙ୍କ ମଧ୍ୟରେ ଯାବତୀୟ ଜୀବ-ପ୍ରକୃତି ବିଦ୍ୟମାନ । କିନ୍ତୁ ମଣିଷ କେବଳ ମାନବ-ପ୍ରକୃତି ମଧ୍ୟଦେଇ ତାଙ୍କୁ ଦର୍ଶନ କରିପାରେ । ଯେପରି ପିତା ବା ପୁତ୍ର ରୂପେ ଆମେ ମଣିଷକୁ ଭଲପାଉ, ସେହିପରି ଈଶ୍ୱରଙ୍କୁ ଭଲ ପାଇପାରୁ । ନର ଓ ନାରୀ ମଧ୍ୟରେ ଯେଉଁ ପ୍ରେମ, ତାହା ହିଁ ପ୍ରବଳତମ ପ୍ରେମ, ଏହା ମଧ୍ୟ ପୁଣି ଯେତେ ଗୋପନୀୟ ହେବ, ସେତେ ଦୃଢ଼ତର ହେବ । ଏହି ପ୍ରେମ ଶ୍ରୀଭଗବାନଙ୍କ ପ୍ରତି କିପରି ପ୍ରଯୁକ୍ତ ହୋଇପାରିବ, ତାହା ରାଧାକୃଷ୍ଣଙ୍କ ପ୍ରେମ ମଧ୍ୟ ଦେଇ ବ୍ୟକ୍ତ ହୋଇଛି ।

ମଣିଷ ପାପୀ ହୋଇ ଜନ୍ମଗ୍ରହଣ କରିଛି—ଏକଥା ବେଦରେ କେଉଁଠାରେ ନାହିଁ । ମଣିଷକୁ ପାପୀ କହିବା ଅର୍ଥ ମନୁଷ୍ୟତ୍ୱର ଘୋର ଅମର୍ଯ୍ୟାଦା କରିବା ।

ସତ୍ୟକୁ ସାମନାସାମନି ପ୍ରତ୍ୟକ୍ଷ କରିବାର ଅବସ୍ଥା ଲାଭ କରିବା ସହଜ ନୁହେଁ । ସେଦିନ ସମଗ୍ର ଚିତ୍ରଟି ମଧ୍ୟରୁ ପ୍ରଚ୍ଛନ୍ନ ଭାବରେ ଅବସ୍ଥିତ ବିରାଡ଼ିଟିକୁ କେହି ଖୋଜି ପାଇଲେ ନାହିଁ, ଯଦିଓ ଚିତ୍ରଟିର ଅଧିକାଂଶ ସ୍ଥାନକୁ ବ୍ୟାପୀ ବିରାଡ଼ିଟି ଥିଲା ।

ତାହାକୁ ଆଘାତ କରି ତୁମେ ସ୍ଥିର ଭାବରେ ବସି ରହିପାରିବ ନାହିଁ । ସୃଷ୍ଟି ଏକ ଅଦ୍ଭୁତ ଯନ୍ତ୍ର । ଈଶ୍ୱରଙ୍କ ପ୍ରତିଶୋଧରୁ ପରିତ୍ରାଣ ପାଇବାର ଉପାୟ ନାହିଁ ।

କାମ ଅନ୍ଧ । ଏହା ମଣିଷକୁ ନରକକୁ ନେଇଯାଏ । ଭଲପାଇବା ହିଁ ପ୍ରେମ । ଏହା ସ୍ୱର୍ଗକୁ ନେଇଯାଏ ।

ରାଧାକୃଷ୍ଣ-ପ୍ରେମରେ କାମର ଲେଶମାତ୍ର ଚିହ୍ନବର୍ତ୍ତି ନାହିଁ । ରାଧା କୃଷ୍ଣଙ୍କୁ କହିଲେ—'ତୁମେ ଯଦି ମୋ ହୃଦୟରେ ପାଦ ସ୍ଥାପନ କର ତା'ହେଲେ ମୋର ସକଳ କାମ ଦୂରୀଭୂତ ହେବ ।' ଭଗବାନଙ୍କ ପ୍ରତି ଅନୁରାଗ ଆସିଲେ କାମ ଅନ୍ତର୍ହିତ ହୋଇଯାଏ । ସେତେବେଳେ ଥାଏ କେବଳ ପ୍ରେମ ।

ଜନୈକ କବି ଜଣେ ଧୋବଣୀକୁ ଭଲ ପାଉଥିଲେ । ସେହି ଧୋବଣୀର ପାଦରେ ଗରମ ଡାଲି ଢାଳି ହୋଇଯିବାରୁ କବିଙ୍କ ପାଦ ମଧ୍ୟ ପୋଡ଼ିଗଲା ।

ଶିବଙ୍କଠାରେ ଈଶ୍ୱରଙ୍କର ସୁଶାନ୍ତ ପ୍ରକାଶ, କୃଷ୍ଣଙ୍କଠାରେ ଈଶ୍ୱରଙ୍କ ମାଧୁର୍ଯ୍ୟ । ପ୍ରେମ ଘନୀଭୂତ ହେଲେ ନୀଳରଙ୍ଗରେ ପରିଣତ ହୁଏ । ନୀଳରଙ୍ଗ ହେଉଛି ପ୍ରଗାଢ଼ ପ୍ରେମର

ଦ୍ୟୋତକ । ସଲୋମନ 'କୃଷ୍ଣ'ଙ୍କୁ ଦର୍ଶନ କରିଥିଲେ । ଏଠାରେ (ଭାରତରେ) ଅନେକ ମଧ୍ୟ କୃଷ୍ଣଙ୍କୁ ଦର୍ଶନ କରିଛନ୍ତି ।

ଏବେ ମଧ୍ୟ ହୃଦୟରେ ବିଶୁଦ୍ଧ ପ୍ରେମ ଜାଗରିତ ହେଲେ ରାଧାଙ୍କୁ ଦର୍ଶନ କରିହୁଏ । ରାଧା ହୁଅ ଓ ମୁକ୍ତ ହୁଅ । ନାନ୍ୟ ପନ୍ଥାଃ । ଖ୍ରୀଷ୍ଟିଆନମାନେ ସଲୋମନଙ୍କ ସଙ୍ଗୀତର ମର୍ମ ଗ୍ରହଣ କରିପାରି ନାହାନ୍ତି । ସେମାନଙ୍କ ମତରେ—ଏହା ଚର୍ଚ୍ଚ ପ୍ରତି ଖ୍ରୀଷ୍ଟଙ୍କର ଗଭୀର ଅନୁରାଗର ପ୍ରତୀକ—ଭବିଷ୍ୟତ୍-ବାଣୀ । ସେମାନଙ୍କ ନିକଟରେ ଏହି ସଙ୍ଗୀତ ଅର୍ଥହୀନ ଏବଂ ସେଥିପାଇଁ ଏ ସମ୍ପର୍କରେ କେତେ କେତେ କାହାଣୀ ସୃଷ୍ଟି କରନ୍ତି ।

ହିନ୍ଦୁଗଣ ବୁଦ୍ଧଙ୍କୁ ଅବତାର ବୋଲି ବିଶ୍ୱାସ କରନ୍ତି । ଈଶ୍ୱରଙ୍କ ପ୍ରତି ସେମାନଙ୍କର ଦୃଢ଼ ବିଶ୍ୱାସ । ଭଗବାନ ଅଛନ୍ତି କି ନାହାନ୍ତି ବୌଦ୍ଧମାନେ ତାହା ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । କଣାଘାତ କରି ଆମମାନଙ୍କୁ କାର୍ଯ୍ୟରେ ତତ୍ପର କରାଇବା ପାଇଁ ହିଁ ବୁଦ୍ଧଙ୍କର ଆବିର୍ଭାବ । ସତ୍ ହୁଅ, ରିପୁସମୂହକୁ ଦମନ କର । ସେତେବେଳେ ନିଜେ ହିଁ ଜାଣିପାରିବ ଦ୍ୱୈତ ବା ଅଦ୍ୱୈତ ଦର୍ଶନ ମଧ୍ୟରୁ କେଉଁଟି ସତ୍ୟ—ତତ୍ତ୍ୱ ଗୋଟିଏ ନା ଅନେକ । ବୁଦ୍ଧ ହିନ୍ଦୁଧର୍ମର ଜଣେ ସଂସ୍କାରକ ଥିଲେ ।

ଜଣେ ବ୍ୟକ୍ତି ମଧ୍ୟରେ ମାତା ଦେଖନ୍ତି ସନ୍ତାନକୁ ଓ ପତ୍ନୀ ଦେଖନ୍ତି ଅନ୍ୟ ଭାବରେ । ମନ୍ଦ ବ୍ୟକ୍ତି ଈଶ୍ୱରଙ୍କ ମଧ୍ୟରେ ମନ୍ଦ ଦେଖନ୍ତି, ଧାର୍ମିକ ବ୍ୟକ୍ତି ପୁଣ୍ୟ ଦେଖନ୍ତି । ଈଶ୍ୱରଙ୍କୁ ସକଳ ରୂପରେ ଚିନ୍ତା କରାଯାଏ । ପ୍ରତ୍ୟେକର ଭାବ ଅନୁଯାୟୀ ସେ ରୂପ ପରିଗ୍ରହ କରନ୍ତି । ଭିନ୍ନ ଭିନ୍ନ ପାତ୍ରରେ ଜଳ ଭିନ୍ନ ଭିନ୍ନ ଆକାର ଧାରଣ କରେ, କିନ୍ତୁ ସବୁ ପାତ୍ରରେ କେବଳ ଜଳ ହିଁ ଥାଏ । ଅତଏବ ସବୁ ଧର୍ମ ହିଁ ସତ୍ୟ ।

ଈଶ୍ୱର ନିଷ୍ଠୁର, ପୁଣି ନିଷ୍ଠୁର ନୁହନ୍ତି । ସେ ସର୍ବଭୂତରେ ଅଛନ୍ତି, ପୁଣି ନାହାନ୍ତି । ଅତଏବ ସେ ପରସ୍ପରବିରୁଦ୍ଧ-ଭାବମୟ । ପ୍ରକୃତି ମଧ୍ୟ ପରସ୍ପରବିରୋଧୀ ଭାବରାଶି ଭିନ୍ନ ଅନ୍ୟ କିଛି ନୁହେଁ ।

## ଭବିଷ୍ୟତ ସଭ୍ୟତାର ଦିଗନିର୍ଣ୍ଣୟ

କେବଳ ଆଧ୍ୟାତ୍ମିକ ଜ୍ଞାନ ହିଁ ଆମମାନଙ୍କ ଦୁଃଖକ୍ଳେଶର ଆତ୍ୟନ୍ତିକ ନିବୃତ୍ତି କରିପାରେ । ଅନ୍ୟ ଯେକୌଣସି ଜ୍ଞାନ କିଛି ସମୟ ପାଇଁ କେବଳ ଆମର ଅଭାବ ମେଣ୍ଟାଇପାରେ । ଆତ୍ମଜ୍ଞାନର ଉନ୍ମେଷ ହେଲେ ଅଭାବବୋଧ ସବୁଦିନ ପାଇଁ ଦୂରୀଭୂତ ହୁଏ ।

ଦୈହିକ ଶକ୍ତିର ବିକାଶ ଅବଶ୍ୟ ବଡ଼କଥା; ବୈଜ୍ଞାନିକ ତଥ୍ୟାନୁସନ୍ଧୀ ଯନ୍ତ୍ରସମୂହର ମଧ୍ୟ ଦେଇ ମନୀଷାର ଯେଉଁ ଅଭିବ୍ୟକ୍ତି ଦେଖାଯାଏ, ତାହା ଅଦ୍ଭୁତ ହେଲେ ହେଁ ଆତ୍ମିକଶକ୍ତି ଜଗତ ଉପରେ ଯେଉଁ ପ୍ରଭାବ ବିସ୍ତାର କରେ, ତା' ତୁଳନାରେ ଏସବୁ ଶକ୍ତି ନଗଣ୍ୟ ।

ଯନ୍ତ୍ର କେବେହେଲେ ମଣିଷକୁ ସୁଖୀ କରିପାରେ ନାହିଁ, କେବେହେଲେ କରିପାରିବ ନାହିଁ । ଯେଉଁମାନେ ଯନ୍ତ୍ର-ସଭ୍ୟତାର ମାହାତ୍ମ୍ୟ ପ୍ରଚାର କରନ୍ତି, ସେମାନଙ୍କ ମତରେ ଯନ୍ତ୍ର ମଧ୍ୟରେ ହିଁ ସୁଖ ନିହିତ ଅଛି । ବାସ୍ତବିକ ସୁଖର ଉଦ୍ଭବ ଓ ସ୍ଥିତି ମନରେ ହିଁ ଥାଏ । ମନ ଯାହାର ବଶୀଭୂତ, ସେ କେବଳ ସୁଖୀ, ଅନ୍ୟ କେହି ନୁହନ୍ତି । ସମସ୍ତ ପୃଥିବୀକୁ ନିୟନ୍ତ୍ରଣ କରିବା ଭଳି ଶକ୍ତି ଯଦି ପାଅ, ବିଶ୍ୱବ୍ରହ୍ମାଣ୍ଡର ପ୍ରତିଟି ପରମାଣୁକୁ ଯଦି କରତଳଗତ କରିପାର, ସେଥିରେ ବା ତୁମର କି ଲାଭ ହେବ ? ବସ୍ତୁତଃ ପ୍ରକୃତିକୁ ଜୟ କରିବା ପାଇଁ ମଣିଷର ଜନ୍ମ; ପାଶ୍ଚାତ୍ୟ ଜନଗଣ 'ପ୍ରକୃତି' କହିଲେ ସ୍ଥୂଳ ବା ବହିଃ ପ୍ରକୃତିକୁ ବୁଝିଥାନ୍ତି । ଅଶେଷ ଶକ୍ତିର ଆଧାର ନଦୀ, ପର୍ବତ, ସାଗର ପ୍ରଭୃତି ଅସଂଖ୍ୟ ବୈଚିତ୍ର୍ୟର ସମାବେଶରେ ଏହି ବହିଃ ପ୍ରକୃତି ବାସ୍ତବରେ ବିରାଟ । କିନ୍ତୁ ଏହା ଅପେକ୍ଷା ମଧ୍ୟ ଆଉ ଏକ ମହତ୍ତର ପ୍ରକୃତି ଅଛି, ଯାହା ହେଉଛି ମଣିଷର ଅନ୍ତର୍ଜଗତ । ଏହି ଅନ୍ତର୍ଜଗତର ସମୀକ୍ଷାରେ ହିଁ ପ୍ରାଚ୍ୟ ପ୍ରତିଭା ସମ୍ୟକ୍ ବିକଶିତ ହୋଇଛି, ଯେପରି ବହିର୍ଜଗତ କ୍ଷେତ୍ରରେ ବିକଶିତ ହୋଇଛି ପାଶ୍ଚାତ୍ୟ ପ୍ରତିଭା ।

ପାଶ୍ଚାତ୍ୟ ଦେଶରେ ଇନ୍ଦ୍ରିୟଗ୍ରାହ୍ୟ ଜଗତ ଯେପରି ସତ୍ୟ, ପ୍ରାଚ୍ୟରେ ଅତୀନ୍ଦ୍ରିୟ ଜଗତ୍ ସେହିପରି ସତ୍ୟ । ମାନବଜାତିର ଅଗ୍ରଗତି ପାଇଁ ପାଶ୍ଚାତ୍ୟ ଆଦର୍ଶ ପରି ପ୍ରାଚ୍ୟ ଆଦର୍ଶର ମଧ୍ୟ ପ୍ରୟୋଜନ ରହିଛି; ବୋଧହୁଏ ତା'ର ପ୍ରୟୋଜନ ଆହୁରି ବେଶୀ ।

ପାର୍ଥିବ କ୍ଷମତାରେ ଶକ୍ତିଶାଳୀ ଜାତିଗୁଡ଼ିକ ମନେକରନ୍ତି ଯେ, ଏହି ଶକ୍ତି ହିଁ ଏକମାତ୍ର କାମ୍ୟ, ଏହା ହିଁ ପ୍ରଗତି ଓ ସଂସ୍କୃତି; ଯେଉଁମାନଙ୍କର ବିତ୍ତଲାଳସା ନାହିଁ, ଐହିକ ପ୍ରତିପତ୍ତି ନାହିଁ—ସେମାନେ ବଞ୍ଚି ରହିବା ପାଇଁ ଅଯୋଗ୍ୟ । ପକ୍ଷାନ୍ତରେ ଅନ୍ୟ କୌଣସି ଜାତି ମନେକରିପାରନ୍ତି ଯେ, କେବଳ ଜଡ଼ବାଦୀ ସଭ୍ୟତା ଏକାନ୍ତ ନିରର୍ଥକ । ପ୍ରତ୍ୟେକଟିର ନିଜସ୍ୱ ଗୁରୁତ୍ୱ ଓ ମହିମା ଅଛି । ଏହି ଦୁଇଟି ଆଦର୍ଶର ମିଳନ ଓ ସାମଞ୍ଜସ୍ୟ ହିଁ ହେବ ବର୍ତ୍ତମାନ ଯୁଗର ମୀମାଂସା ।

## ପତ୍ରାଳାପଦ୍ୱାରା ପ୍ରଶ୍ନୋତ୍ତର

ଭଗିନୀ ନିବେଦିତାଙ୍କ କେତୋଟି ପ୍ରଶ୍ନ ଓ ସ୍ୱାମୀଜୀଙ୍କର ସଂକ୍ଷିପ୍ତ ଉତ୍ତର :
୧୯୦୦ ଖ୍ରୀ: ୨୪ ମେ, ସାନ୍‌ଫ୍ରାନ୍‌ସିସ୍କୋ

ପ୍ରଶ୍ନ : ପୃଥ୍ୱୀରାଜ ଓ ଚାନ୍ଦ ଯେତେବେଳେ କାନ୍ୟକୁବ୍ଜ ସ୍ୱୟମ୍ବରକୁ ଯିବାକୁ ମନସ୍ଥ କଲେ, ସେତେବେଳେ ସେମାନେ କାହାର ଛଦ୍ମବେଶ ଧାରଣ କରିଥିଲେ—ଏହା ମୋର ମନେପଡ଼ୁ ନାହିଁ ।

ଉତ୍ତର : ଉଭୟେ ଚାରଣ-ବେଶରେ ଯାଇଥିଲେ ।

ପ୍ର : ପୃଥ୍ୱୀରାଜ ଯେ ସଂଯୁକ୍ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ, ତାହା କ'ଣ ଏଥିପାଇଁ ଯେ, ସଂଯୁକ୍ତା ଥିଲେ ଅସାମାନ୍ୟ ରୂପବତୀ ଓ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ କନ୍ୟା ? ସଂଯୁକ୍ତାଙ୍କ ପରିଚାରିକା ହେବା ପାଇଁ ସେ କ'ଣ ତାଙ୍କର ଜଣେ ଦାସୀକୁ ଶିଖେଇ ପଠାଇ-

ଥିଲେ ଏବଂ ସେହି ବୃଦ୍ଧା ଧାତ୍ରୀ ହିଁ କ'ଣ ରାଜକୁମାରୀଙ୍କ ମନରେ ପୃଥ୍ୱୀରାଜଙ୍କ ପ୍ରତି ଭଲ ପାଇବାର ବୀଜ ଅଙ୍କୁରିତ କରିଥିଲେ ?

ଉତ୍ତର : ପରସ୍ପର ପରସ୍ପରର ରୂପଗୁଣ ବର୍ଣ୍ଣନା ଶୁଣି ଓ ଆଲେଖ୍ୟ ଦେଖି ପରସ୍ପର ପ୍ରତି ଆକୃଷ୍ଟ ହୋଇଥିଲେ । ଆଲେଖ୍ୟ-ଦର୍ଶନରେ ନାୟକ-ନାୟିକାଙ୍କ ମନରେ ପୂର୍ବରାଗ-ଦଶାର ଭାରତବର୍ଷରେ ଏକ ପ୍ରାଚୀନ ରୀତି ।

ପ୍ର : କୃଷ୍ଣ ଗୋପବାଳକଙ୍କ ଗହଣରେ ପ୍ରତିପାଳିତ ହେବାର କାରଣ କ'ଣ ?

ଉ : ଭବିଷ୍ୟବାଣୀ ଥିଲା ଯେ କୃଷ୍ଣ କଂସକୁ ସିଂହାସନଚ୍ୟୁତ କରିବେ । କାଳେ ଜନ୍ମ ପରେ କୃଷ୍ଣ କେଉଁଠାରେ ଗୋପନରେ ଲାଳିତପାଳିତ ହେବେ, ସେହି ଭୟରେ ଦୁରାଚାର କଂସ କୃଷ୍ଣଙ୍କର ପିତାମାତାଙ୍କୁ (ଯଦିଓ ସେମାନେ ଥିଲେ କଂସର ଭଗିନୀ ଓ ଭଗିନୀ-ପତି) କାରାଗାରରେ ନିକ୍ଷେପ କରିଥିଲେ ଏବଂ ଆଦେଶ ଦେଇଥିଲେ ଯେ, ସେବର୍ଷ ରାଜ୍ୟରେ ଯେତେ ବାଳକ ଜନ୍ମ ନେବେ, ସେସମସ୍ତଙ୍କୁ ହତ୍ୟା କରାଯିବ । ଅତ୍ୟାଚାରୀ କଂସର ହାତରୁ ବଞ୍ଚାଇବା ପାଇଁ କୃଷ୍ଣଙ୍କ ପିତା କୃଷ୍ଣଙ୍କୁ ଗୋପନରେ ନଦୀ ଆରପାରିକୁ ନେଇ ଗୋପପୁରରେ ରଖାଇଥିଲେ ।

ପ୍ର : ତାଙ୍କ ଜୀବନର ଏହି ଅଧ୍ୟାୟ କିଭଳି ଶେଷ ହେଲା ?

ଉ : ଅତ୍ୟାଚାରୀ କଂସଦ୍ୱାରା ଆମନ୍ତ୍ରିତ ହୋଇ ସେ ଭାଇ ବଳରାମ ଓ ପାଳକ ପିତା ନନ୍ଦଙ୍କ ସାଙ୍ଗରେ ରାଜସଭାକୁ ଗଲେ । ଅତ୍ୟାଚାରୀ କଂସ ତାଙ୍କୁ ବଧ କରିବା ପାଇଁ ଷଡ଼ଯନ୍ତ୍ର କରିଥିଲେ । କିନ୍ତୁ ସେ କଂସକୁ ବଧ କଲେ ଅଥଚ ନିଜେ ରାଜ୍ୟ ଅଧିକାର ନ କରି କଂସର ନିକଟତମ ଉତ୍ତରାଧିକାରୀଙ୍କୁ ସିଂହାସନରେ ବସାଇଲେ । କର୍ମଫଳ ସେ ନିଜେ କେବେ ଭୋଗ କରୁ ନ ଥିଲେ ।

ପ୍ର : ଏହି ସମୟର କୌଣସି ଚମକପ୍ରଦ ଘଟଣା କହିପାରିବେ କି ?

ଉ : କୃଷ୍ଣଙ୍କର ଏହି ସମୟର ଜୀବନ ଅଲୌକିକ ଘଟଣାରେ ପରିପୂର୍ଣ୍ଣ । ଶୈଶବରେ ସେ ଖୁବ୍ ଦୁଷ୍ଟ ଥିଲେ । ଦୁଷ୍ଟାମି ପାଇଁ ତାଙ୍କର ପାଳିତା ମାତା ଦିନେ ତାଙ୍କୁ ମନ୍ଥନ-ରଜ୍ଜୁରେ ବାନ୍ଧିବାକୁ ଚାହିଁଥିଲେ । କିନ୍ତୁ ସମସ୍ତ ରଜ୍ଜୁ ଏକାଠି ଯୋଡ଼ି ମଧ୍ୟ ତାଙ୍କୁ ବାନ୍ଧିପାରିଲେ ନାହିଁ । ସେତେବେଳେ ତାଙ୍କର ଆଖି ଖୋଲିଗଲା, ଏବଂ ସେ ଦେଖିଲେ ଯେ, ଯାହାଙ୍କୁ ସେ ବାନ୍ଧିବାକୁ ଯାଉଛନ୍ତି, ତାଙ୍କ ଦେହରେ ସାରା ବିଶ୍ୱବ୍ରହ୍ମାଣ୍ଡ ଅଧିଷ୍ଠିତ । ଭୟରେ ଥରି ଥରି ସେ ଭଗବାନଙ୍କ ସ୍ତୁତି ଆରମ୍ଭ କଲେ । ଭଗବାନ୍ ସେତେବେଳେ ତାଙ୍କୁ ପୁଣି ମାୟାଚ୍ଛନ୍ନ କରିଦେଲେ ଓ ସେ କେବଳ ବାଳକଟିକୁ ହିଁ ଦେଖିଲେ ।

ପରଂବ୍ରହ୍ମ ଯେ ଗୋପବାଳକ ହୋଇଛନ୍ତି, ଏକଥା ଦେବଶ୍ରେଷ୍ଠ ବ୍ରହ୍ମାଙ୍କର ବିଶ୍ୱାସ ହେଲା ନାହିଁ । ପରୀକ୍ଷା କରିବା ପାଇଁ ଏକଦା ସେ ଧେନୁ ସମେତ ଗୋପବାଳକମାନଙ୍କୁ ଚୋରିକରି ଏକ ଗୁହା ମଧ୍ୟରେ ଲୁଚାଇ ରଖି ଚାଲିଗଲେ; କିନ୍ତୁ ଫେରି ଆସି ଦେଖିଲେ ଯେ, ସେହିଦିନରୁ ଧେନୁ ଓ ବାଳକ କୃଷ୍ଣଙ୍କୁ ଘେରି ରହିଛନ୍ତି । ତା'ପରେ ପୁଣି ସେମାନଙ୍କୁ ସେ ଚୋରି କଲେ । ପୁନଶ୍ଚ ଫେରି ଆସି ଦେଖିଲେ, ପୂର୍ବାବସ୍ଥାରେ ସେମାନେ ଅଛନ୍ତି । ସେତେ-

ବେଳେ ଯାଇ ତାଙ୍କର ଜ୍ଞାନ-ନେତ୍ର ଉନ୍ମୀଳିତ ହେଲା । ସେ ଦେଖିପାରିଲେ ଅନନ୍ତ କୋଟି ବ୍ରହ୍ମାଣ୍ଡ ଏବଂ ସହସ୍ର ସହସ୍ର ବ୍ରହ୍ମା କୃଷ୍ଣଙ୍କ ଦେହରେ ବିରାଜମାନ ।

କାଳୀୟ ନାଗ ଯମୁନା-ଜଳକୁ ବିଷାକ୍ତ କରିଥିଲା ବୋଲି ସେ ତା'ର ଫଣା ଉପରେ ନୃତ୍ୟ କରିଥିଲେ । ଇନ୍ଦ୍ରଙ୍କ ପୂଜା ପାଇଁ କୃଷ୍ଣ ବାରଣ କରୁଥିବାରୁ ଇନ୍ଦ୍ର କୁପିତ ହୋଇ ଏପରି ପ୍ରବଳ ବେଗରେ ବାରିବର୍ଷଣ ଆରମ୍ଭ କଲେ ଯେ, ଯେପରିକି ସମଗ୍ର ବ୍ରଜବାସୀ ବନ୍ୟା ଜଳରେ ବୁଡ଼ି ମରିବେ । କୃଷ୍ଣ ସେତେବେଳେ ଗୋବର୍ଦ୍ଧନଗିରିକୁ ଧାରଣ କଲେ । ସେ ଗୋଟିଏ ଅଙ୍ଗୁଳିରେ ଗୋବର୍ଦ୍ଧନ-ପର୍ବତକୁ ଛତାପରି ଊର୍ଦ୍ଧ୍ୱକୁ ଟେକି ଧରିଲେ ଓ ତା'ରି ତଳେ ବ୍ରଜବାସୀ ନିର୍ଭୟରେ ଆଶ୍ରୟ ଗ୍ରହଣ କଲେ ।

ଶୈଶବରୁ ସେ ନାଗପୂଜା ଓ ଇନ୍ଦ୍ରପୂଜାର ବିରୋଧୀ ଥିଲେ । ଇନ୍ଦ୍ରପୂଜା ଏକ ବୈଦିକ ଅନୁଷ୍ଠାନ । ସମଗ୍ର ଗୀତାରୁ ଏହା ସ୍ପଷ୍ଟ ଯେ, ସେ ବୈଦିକ ଯାଗଯଜ୍ଞର ପକ୍ଷପାତୀ ନ ଥିଲେ ।

ଜୀବନର ଏହି ସମୟରେ ହିଁ ସେ ଗୋପୀମାନଙ୍କ ସହିତ ଲୀଳା କରିଥିଲେ । ସେତେ-ବେଳକୁ ତାଙ୍କର ବୟସ ହୋଇଥିଲା ପନ୍ଦର ବର୍ଷ ।

## ଏକ ଅପୂର୍ବ ପତ୍ରାଳାପ

[ ଏହି ପତ୍ରାଳାପଟିକୁ ଯଥାଯଥ ଭାବରେ ଉପଭୋଗ କରିବାକୁ ହେଲେ ପାଠକଙ୍କୁ କେଉଁ ଘଟଣାକୁ କେନ୍ଦ୍ର କରି ଏହି ପତ୍ରାଳାପ ଆରମ୍ଭ ହୋଇଥିଲା ଏବଂ ପତ୍ରାଳାପକାରୀଙ୍କ ମଧ୍ୟରେ କି ଭଳି ସମ୍ପର୍କ ଥିଲା, ତାହା ପ୍ରଥମେ ଜାଣିବାକୁ ହେବ । ପ୍ରଥମ ପତ୍ରରେ ସ୍ୱାମୀଜୀ ନିଜ ଆଚରଣକୁ ସମର୍ଥନ କରି ୧୮୯୫ ଖ୍ରୀଷ୍ଟାବ୍ଦ ଫେବୃଆରି ପହିଲରେ ବେଶ୍ କଡ଼ା କରି ପତ୍ରୋଦ୍ଦିଷ୍ଟାଙ୍କୁ ଲେଖିଥିଲେ ।* ସେହି ଅପୂର୍ବ ପତ୍ରଟିରେ ସ୍ୱାମୀଜୀଙ୍କର ସନ୍ନ୍ୟାସୀ ପ୍ରକୃତି ଅଗ୍ନି ଭଳି ପ୍ରଜ୍ୱଳିତ ହୋଇଥିଲା । କବିତା ଆକାରରେ ଏହି ପତ୍ରଗୁଚ୍ଛ ପାଠକରିବା ପୂର୍ବରୁ ସେହି ପତ୍ରଟି ପାଠ କରିବା ପ୍ରୟୋଜନ । ପତ୍ରୋଦ୍ଦିଷ୍ଟା ମେରୀ ହେଲ୍ ମିଃ ଓ ମିସେସ୍ ହେଲ୍ଙ୍କର (ସ୍ୱାମୀଜୀ ଯାହାଙ୍କୁ ଫାଦର୍ ପୋପ୍ ଓ ମଦର୍ ଚର୍ଚ୍ଚ ବୋଲି କହୁଥିଲେ) ଦୁଇ କନ୍ୟାଙ୍କ ମଧ୍ୟରୁ ଅନ୍ୟତମ । ଏହି ଦୁଇ ହେଲ୍-ଭଗିନୀ ଓ ତାଙ୍କର ସମ୍ପର୍କୀୟା ଅନ୍ୟ ଦୁଇ ଭଗିନୀଙ୍କୁ ସ୍ୱାମୀଜୀ ନିଜ ଭଉଣୀ ଭଳି ଦେଖୁଥିଲେ ଓ ସେମାନେ ମଧ୍ୟ ସ୍ୱାମୀଜୀଙ୍କୁ ପରମ ଶ୍ରଦ୍ଧାର ସହିତ ଗ୍ରହଣ କରିଥିଲେ । ସ୍ୱାମୀଜୀଙ୍କର କେତୋଟି ମୂଲ୍ୟବାନ୍ ଚିଠି ସେମାନଙ୍କ ଉଦ୍ଦେଶ୍ୟରେ ଲିଖିତ ।

ଏହି ପତ୍ରାଳାପରେ ସ୍ୱାମୀଜୀଙ୍କୁ ଏକ ନୂତନ ଆଲୋକରେ ଦେଖାଯାଏ । ରଙ୍ଗପ୍ରିୟ ଅଥଚ ଏକାନ୍ତ ଗମ୍ଭୀର ପରିହାସ ମଧ୍ୟରେ ତାଙ୍କ ଜୀବନର ମୂଳଭିତ୍ତି ବ୍ରହ୍ମଜ୍ଞାନ ଫୁଟି ଉଠିଛି । ଏହି ପତ୍ରାଳାପର ପ୍ରଥମ ପତ୍ରଟି ନିୟୁର୍କରୁ ୧୮୯୫ ଖ୍ରୀଷ୍ଟାବ୍ଦ ଫେବୃୟାରି ୧୫

* 'ବାଣୀ ଓ ରଚନା' ୭ମ ଖଣ୍ଡ, ୧୭୦ ସଂଖ୍ୟକ ପତ୍ର, ୧୦୧ ପୃଷ୍ଠା ଦ୍ରଷ୍ଟବ୍ୟ ।

ଭାରତରେ ଲିଖିତ । ସମ୍ପାଦକ ]

ଶୁଣ ଗୋ ମୋର ଭଗିନୀ ମେରି,
କରନା ଦୁଃଖ ଯଦିଓ ଭାରି
ଆଘାତ ଅଛ ପାଇ, ତଥାପି ଜାଣ
ଜାଣିଛ ବୋଲି କୁହାଇ ନଥ—.
ତୁମକୁ ପାଏ ଭଲ, ସାରି ହୃଦୟ ଦେଇ ।

ପାରିବ କହି ରଖି ମୁଁ ବାଜି
ସେସବୁ ଶିଶୁ ବନ୍ଧୁ ମୋର
ରହିବେ ଚିର ଦୁଃଖେ ଓ ସୁଖେ,
ମୁଁ ବି ରହିବି ତାଙ୍କର ବନ୍ଧୁ ହୋଇ
ଏ କଥା ତୁମେ ଜାଣିଛ ମେରି-ଶିଶୁ
ଭଲ ଭାବରେ ଜାଣିଛ ଏହି କଥା ।

*ସର୍ପ ଯଦି ପଦାହତ ଟେକେ ତା'ର ଫଣା,
ଅଗ୍ନି ଯଦି ସମୁଦ୍ୟତ—ଶିଖା ଲହି ଲହି,
ପ୍ରତିଧ୍ୱନି ଘୁରିବୁଲେ ଶକ୍ତ ମରୁଭୂମେ
ଜାର୍ଣ୍ଣବକ୍ଷ ସିଂହ ଯେବେ ଗର୍ଜେ ଘୋର ରୋଷେ ।

ବିଦ୍ୟୁତର ବାଣବିଦ୍ଧ ମହାମେଘ-ରାଶି
ବନ୍ୟାସ୍ରୋତ ଉନ୍ମୋଚନ କରେ ବଜ୍ରସ୍ୱରେ,
ସେହିପରି ମହାପ୍ରାଣ ମୁକ୍ତ ମହାଦାନେ
ଆତ୍ମା ଯେବେ ଆନ୍ଦୋଳିତ ସତ୍ତ୍ୱର ଗଭୀରେ ।

ମ୍ଳାନ ହେଉ ଆଖି-ତାରି ପ୍ରାଣ ହେଉ କ୍ଷୀଣ,
ନାହିଁ ବନ୍ଧୁ, ପ୍ରେମ ହେଉ ଅବିଶ୍ୱାସେ ଲୀନ,
ଭୟଙ୍କର ଭାଗ୍ୟ ଯଦି ଆଣେ ମୃତ୍ୟୁଭୟ,
ଘନୀଭୂତ ଅନ୍ଧକାରେ ରୁଦ୍ଧ ଯଦି ପଥ,

ପ୍ରକୃତି ସ୍ୱରୂପ ଯଦି ଭ୍ରୂକୁଟି-କୁଟିଳ
ତବ ଧ୍ୱଂସ ଚାହେଁ ତେବେ ଜାଣ—ତୁମେ ସେହି ।
ତୁମେ ଦିବ୍ୟ, ଧାଅଁ ଧାଅଁ, ସମ୍ମୁଖେ କେବଳ,
ଧାଅଁ ନିଜ ଲକ୍ଷ୍ୟ ପାଶେ ନତ୍ୟଗତି ଧରି ।

ଦେବ ନୁହେଁ, ନୁହେଁ ମୁହିଁ ପଶୁ ଅବା ନର,
ଦେହ ନୁହେଁ, ମନ ନୁହେଁ ନାରୀ ବା ପୁରୁଷ,
ଶାସ୍ତ୍ର ସ୍ତବ୍ଧ ସବିସ୍ମୟେ ମୋର ଆଡ଼େ ଚାହିଁ,
ମୋହର ପ୍ରକୃତ ଘୋଷେ—'ମୁହିଁ ସେହି' ବାଣୀ ।

ସୂର୍ଯ୍ୟଚନ୍ଦ୍ର ନକ୍ଷତ୍ରର ସୃଷ୍ଟିର ପୂର୍ବରୁ
ଥିଲି ମୁହିଁ, ଯେବେ ନାହିଁ ଥିଲା ପୃଥ୍ୱୀ ବ୍ୟୋମ,
ନାହିଁ ଥିଲା ମହାକାଳ, 'ସେ' ମଧ୍ୟ ନ ଥିଲା,
ଥିଲି ମୁହିଁ, ରହିଛି ବି, ଥିବି ଚିରକାଳ ।

ଏ ପୃଥିବୀ ଅପରୂପା, ଏ ସୂର୍ଯ୍ୟ ମହାନ୍
ଚନ୍ଦ୍ରମା ମଧୁର ଏତେ, ତାରକା ଆକାଶ—
କାର୍ଯ୍ୟ-କାରଣରେ ବନ୍ଧା ସୃଷ୍ଟି ସକରୁଣ
ବନ୍ଧନେ ଜୀବନ ତା'ର, ବନ୍ଧନେ ମରଣ ।

ମନ ତା'ର ମାୟାମୟ ଜାଲ ଦିଏ ଛାଡ଼ି,
ବାନ୍ଧିଦିଏ ଏକାବେଳେ ନିର୍ମମ ନିକ୍ଷେପେ;
ପୃଥିବୀ, ନରକ, ସ୍ୱର୍ଗ—ଭଲ ଓ ମନ୍ଦର
ଚିନ୍ତା ଆଉ ଭାବନାର ଛୁଞ୍ଚ ଗଢ଼ି ଉଠେ ।

ଜାଣ କିନ୍ତୁ—ଏ ସକଳ ଫେନପୁଞ୍ଜ ସମ
ସ୍ଥାନ କାଳ ପାତ୍ର ଆଉ କାର୍ଯ୍ୟ ଓ କାରଣ,
ମୁହିଁ କିନ୍ତୁ ଊର୍ଦ୍ଧ୍ୱ ବୃଦ୍ଧି ଇନ୍ଦ୍ରିୟ ମନର
ନିତ୍ୟ ଦ୍ରଷ୍ଟା ସାକ୍ଷୀ ମୁହିଁ ଏ ସୃଷ୍ଟି ମଧ୍ୟରେ ।

ଦୁଇ ନୁହେଁ, ବହୁ ନୁହେଁ, ଏକ—ଖାଲି ଏକ,
ଏଣୁ ମୋ ଭିତରେ ଅଛି ସବୁ 'ମୁହିଁ',
ଅନିବାର ଏଣୁ ପ୍ରେମ,—ଘୃଣା ଅସମ୍ଭବ;
'ମୁହିଁ'ଠାରୁ ମୋତେ କିଏ କରିବ ଅଲଗା ?

ସ୍ୱପ୍ନରୁ ଜାଗ୍ରତ ହୁଅ, ବନ୍ଧନକୁ ନାଶ,
ହୁଅ ବୀତଭୟ, କୁହ : ନିଜ ଦେହ-ଛାୟା
ଭୀତ ଆଉ ନାହିଁ କରେ, ଆହେ ମୃତ୍ୟୁଞ୍ଜୟ
ମୁହିଁ ବ୍ରହ୍ମ, ଏହି ଚିର ସତ୍ୟ ଜ୍ୟୋତିର୍ମୟ । *

---

* ଭାରତୀ ମଧ୍ୟସ୍ଥ ଅଂଶ 'ବୀରବାଣୀ' ସଂଗ୍ରହରେ 'ଜୀବନ୍ମୁକ୍ତର ଗୀତି' ନାମରେ ସ୍ୱତନ୍ତ୍ର ଭାବେ ଅନୂଦିତ, ୭ମ ଖଣ୍ଡ ଦ୍ରଷ୍ଟବ୍ୟ ।

ମୋର କବିତା ଏହି ପର୍ଯ୍ୟନ୍ତ । ଆଶା କରେ ତୁମେ ସମସ୍ତେ କୁଶଳରେ ଅଛ । ମଦର୍ ଚର୍ଚ୍ଚ ଓ ଫାଦର୍ ପୋପ୍‌ଙ୍କୁ ମୋର ପ୍ରୀତି ଜଣାଇବ । ମୁଁ ଏତେ ବ୍ୟସ୍ତ ଯେ, ମୋର ମରିବାକୁ ବେଳ ନାହିଁ, ଯାହା ଲେଖିବାକୁ ବି ବେଳ ନାହିଁ । ଏଣୁ ଭବିଷ୍ୟତରେ ଯଦି ଲେଖିବାକୁ ଡେରି ହୁଏ ତା' ହେଲେ କ୍ଷମା କରିବ ।

ତୁମର ଚିରକାଳର, ବିବେକାନନ୍ଦ

ମିସ୍ ମେରି ହେଲ୍ ଉତ୍ତରରେ ଲେଖି ପଠାଇଲେ :

'କବି ହେବି ମୁହିଁ' ଏହି ସାଧନାରେ
ସନ୍ନ୍ୟାସୀ ମହାବୀର
ଗୀତ ରଚି ଯାଅ ପ୍ରାଣ ମନ ଦେଇ
ଅତ୍ୟନ୍ତ ଗମ୍ଭୀର ।

ଭାବେ ଓ ବଚନେ ସିଏ ଯେ ଅଜେୟ
ସନ୍ଦେହ ନାହିଁ କିଛି,
ସମସ୍ୟା ଖାଲି ଛନ୍ଦକୁ ନେଇ
କିପରି ପାରିବ ରଚି ।

କେଉଁ ଛନ୍ଦଟି ଦୀର୍ଘ ତୁମର
କେଉଁଟି ଅତୀବ ହ୍ରସ୍ୱ
ରୂପ ନାହିଁ ମିଳେ ଭାବ ସଙ୍ଗତେ—
କବିତା ନୁହେଁ ଅବଶ୍ୟ ।

ମହାକାବ୍ୟ ନା ଗୀତି-କାବ୍ୟ ସେ
କିମ୍ବା ଚଉଦ-ପଦୀ ?
ସେହି ଭାବନାରେ ଭାଲି ଭାଲି ହାୟ
ହେଲି ଅଜୀର୍ଣ୍ଣ ବ୍ୟାଧି ।

ଯେତେ ଦିନ ଥାଏ ଏହି କବି-ବ୍ୟାଧି
ଖାଦ୍ୟେ ଅରୁଚି ପାଏ,
ଯଦି ସେ ଖାଦ୍ୟ ନିରାମିଷ ହୁଏ,
ଲସ୍ବନ୍* ରାନ୍ଧୁଣୀ ହୁଏ ।

* ଲସ୍ବନ୍ ଲ୍ୟାଣ୍ଡସ୍‌ବର୍ଗ—ସ୍ୱାମୀଜୀଙ୍କର ଜଣେ ଶିଷ୍ୟ । କେତେଦିନ ସ୍ୱାମୀଜୀଙ୍କ ସଙ୍ଗରେ ଏକା ବସାରେ ଥିଲେ ।

ତଥାପି ଚଳେନା ଚଳିବ ପାରେନା;
    ସ୍ୱାମୀଜୀ ବ୍ୟସ୍ତ ଅଦ୍ୟ,
ସଯତନେ ରନ୍ଧା ଖାଦ୍ୟ ପଡ଼ିରହୁ,
    ଲେଖୁଛନ୍ତି ସିଏ ପଦ୍ୟ ।

ସିଏ ଏକ ଦିନ ସୁଖାସୀନ ହୋଇ
    ଏକାନ୍ତ ଭାବମଗ୍ନ,
ସହସା ଆଲୋକ ଆସି ତାଙ୍କର
    ଗୃହପାଶେ ହେଲା ଲଗ୍ନ ।

'ଶାନ୍ତ କ୍ଷୁଦ୍ର କଣ୍ଠ' ଗୋଟିଏ
    ଭାବ ଦୋହଲାଇ ଦେଲା,
ଶବ୍ଦ ଦୀପ୍ତ ହୋଇଲା ଯେସନ
    ଜ୍ୱଳନ୍ତ କୋଇଲା ।

ବାସ୍ତବିକ୍ ସେ ଅଙ୍ଗାର ସତେ
    ମୋ ଉପରେ ହେଲା ଜମା,
ଜର୍ଜର ଏଣୁ ଘୋର ଅନୁତାପେ
    ଏ ଭଗିନୀ ଗୃହେଁ କ୍ଷମା ।

ଭର୍ତ୍ସନାଭରା ପତ୍ରଟି ଲାଗି
    ଦୁଃଖର ସୀମା ନାହିଁ,
ତୁମ୍ଭେ ବାର ବାର, କ୍ଷମା ମାଗୁଅଛୁ
    କ୍ଷମା ମାଗୁଅଛୁ ମୁହିଁ ।

ଯେ କେତୋଟି ଧାଡ଼ି ଲେଖିଅଛ ତୁମେ,
    ତୁମର ଭଗିନୀଗଣେ
ନିଶ୍ଚୟ ଜାଣ ଜୀବ ଥିବା ଯାଏ
    ରଖିଥିବେ ତାହା ମନେ ।

କାରଣ ତାହାଙ୍କୁ ଦେଇଛ ଦେଖାଇ
    ଅତୀବ ପରିଷ୍କାର
'ଯାହା କିଛି ଅଛି, ସବୁ କିଛି ସେହି'
    ଏହା ହିଁ ସତ୍ୟ ସାର ।

ଉତ୍ତରରେ ସ୍ୱାମୀଜୀ ଲେଖିଲେ :

ସେହି ପୂର୍ବ କାଳେ ଗଙ୍ଗାର କୂଳେ
ଗୀତ ହୁଏ ରାମାୟଣ
ବୃଦ୍ଧ କଥକ ବୁଝାଇ ଗଲନ୍ତି
ଯା'ଅ.ସ କରନ୍ତି କପର ସେ ଦେବଗଣ ।
ଅତୀବ ନୀରବେ ସୀତାରାମ-ରୂପେ
ନଶ୍ୱର ସୀତାଙ୍କ ବନ୍ଦନ ସକରୁଣ ।

କଥା ହେଲା ଶେଷ
ଗୃହ ଅଭିମୁଖେ ଚଳିଗଲେ ଶ୍ରୋତାଗଣ,
ପଥେ ଯାଉ ଯାଉ ଭାବି ଭାବି ମନେ
ଜନତା ଭିତରୁ ଏଣୁ କେହି ଜଣେ
ପଚାରିଲା ଉଚ୍ଚ ସ୍ୱରେ ଅତୀବ ଆକୁଳଭରେ—

'କିଏ ସେହିମାନେ କିଏ ସେହି ରାମ ସୀତା
ଯଦି ପାରେ ବୁଝି କୁହନ୍ତୁ ଆଜି ସେ କଥା ।'

ଏଣୁ ମେରି ହେଲ୍, କହୁଛି ତୁମକୁ—
ଶିଖାଇଲି ଯେଉଁ ତତ୍ତ୍ୱ ନ ବୁଝି ସବୁ ତ କରିଲ ମାଟି !
କହିନ ତ ମୁହିଁ କାହାକୁ କଦାପି—
'ସବୁ ଭଗବାନ'—ଅର୍ଥବିହୀନ ଅଦ୍ଭୁତ କଥା ଗୋଟି !
ଏତିକି କହୁଛି ମନେରଖିଥାଅ—

ଈଶ୍ୱର 'ସତ୍' ବାକି ଯା ଅସତ୍—ଆଦୌ କିଛି ନୁହେଁ !
ଏ ଜଗତ ଏକ ସ୍ୱପ୍ନ କେବଳ,
ଯଦିଓ ସତ୍ୟ ବୋଲି ତାହା ମନେହୁଏ !
ଗୋଟିଏ ମାତ୍ର ସତ୍ୟ ରହିଛି ଜୀବନ୍ତ ଭଗବାନ
ଯଥାର୍ଥ 'ମୁହିଁ'—ତାଙ୍କ ଛଡ଼ା କିଛି ନୁହେଁ
ପରିଣାମଶୀଳ ଏ ଜଡ଼-ଜଗତ ମୁଁ ନୁହେଁ, ମୁହିଁ ନୁହେଁ ।

ସୁକଟେଲ କଣ୍ଠାଏ ସ୍ନେହ୍ ତ୍ରୟ ତ୍ମୋହ୍ଵର୍ ଅନନ୍ତ ଶେଷସ୍ଥାନ ।
ବିବେକାନନ୍ଦ

ମିସ୍ ମେରି ହେଲ୍ ଲେଖିଲେ :

ଅତି ସହଜରେ ପାରୁଛୁ ମୁଁ ବୁଝି
ତଫାତ୍‌ଟି କାହିଁ ରହିଲ—
ତୈଳ-ଆଧାର ପାତ୍ର ସାଥିରେ
ପାତ୍ର-ଆଧାର ତୈଳ !

ଅତି ସହଜ ଏ—ସିଧା ପ୍ରସ୍ତାବ
ଗୋଟିଏ ପ୍ରତ୍ୟବାୟ—
ପ୍ରାଚ୍ୟ ଯୁକ୍ତି ବୁଝିପାରିବାକୁ
ଶକ୍ତି ନାହିଁ ମୋ ହାୟ !

ଯଦି 'ଭଗବାନ୍ କେବଳ ସତ୍ୟ
ଆଉ ସବୁ ହେଲା ମିଛ',
ଯଦି 'ପୃଥିବୀଟା ସ୍ୱପ୍ନ' ତା'ହେଲେ
ରହିଲା ବାକି ବା କିସ

ଭଗବାନ ଛଡ଼ା ? ଏଣୁ ମୁଁ ପତ୍ରରେ
ତୁମେ ଯା' କହିଛ ଲାଗି,
'ବହୁ ଯେ ଦେଖନ୍ତି ଲଭନ୍ତି ମୃତ୍ୟୁ'
ସ୍ପଷ୍ଟ ଯାଇଛ କହି—

'ଏକର ତତ୍ତ୍ୱ ବୁଝିଛନ୍ତି ଯେହୁ,
ନିଶ୍ଚେ ଲଭିବେ ମୁକ୍ତି'—*
ତଥାପି ଏ ମୋର ସାମାନ୍ୟ କଥା
କହୁଛି ମୁଁ ଧୀରେ ଅତି :

ସିଏ ସବୁ କିଛି, ଏହି କଥା ଛଡ଼ା
ଆଉ କିଛି ଜାଣେ ନାହିଁ
ମୁଁ ଯଦି ରହୁଛି ତାଙ୍କର ଭିତରେ,
ମୋ ଭିତରେ ଛନ୍ତି ସେହି ।

ସ୍ୱାମୀଜୀ ଉତ୍ତରରେ ଲେଖିଲେ :

ପ୍ରକୃତିର ଏ କି ଖିଆଲ ଆହା !
ରୁକ୍ଷ ମିଜାଜ୍ ଅପୂର୍ବ ନାରୀ,
ସୁନ୍ଦରୀ ସେହୁ ସନ୍ଦେହ ନାହିଁ
ଦୁର୍ଲ୍ଲଭ-ଆତ୍ମା କୁମାରୀ ମେରି ।

ଗଭୀର ଆବେଗ ଠେଲିଠାଲି ଉଠେ
ଲୁଚିବାକୁ କା'ର ସାଧ୍ୟ ନାହିଁ,
ଦେଖିବାକୁ ପାଏ ମୁକ୍ତ ସତ୍ତା
ଆଗ୍ନେୟ ତାର ସ୍ୱଭାବଟା ହିଁ ।

ଗୀତେ ଶୁଣେ ତା'ର ସହଚ-ସଙ୍ଗିଣୀ,
ପିଆନୋରେ ବାଜେ ମଧୁର ସ୍ୱର !
ଶୀତଳ ହୃଦୟେ ଜାଗେ ନାହିଁ କେବେ
ବର୍‌-ବେଶ କା'ର ମନରେ ତା'ର !

ଶୁଣିଛୁ ଭଗିନୀ ସେମାନଙ୍କ ମୁଖୁ
ତୁମର ରୂପର ପ୍ରଭାବ ଘୋର !
ସାବଧାନେ ରୁହ ପଡ଼ ନାହିଁ ନଇଁ,
ପିନ୍ଧନ ମଧୁ ଶିକୁଳି-ଡୋର ।

ଶୀଘ୍ର ଶୁଣିବ ଆଉ ଏକ ସ୍ୱର
ଚନ୍ଦ୍ର ମିଳିଛୁ ସେ ଯେଉଁ ସାଥୀ;
ତା' ସାଥୀରେ ବାଦ ତୁମର କଥାରେ,
ଲଭିଯିବ ତା'ର ଜୀବନ-ସ୍ରୋତ ।

ଏହି କେତେ ପଦ, ହେ ଭଗିନୀ ମେରୀ,
ପ୍ରତ୍ୟୁପହାର ଗ୍ରହଣ କର !
'ଯେପର କର୍ମ ସେହିପର ଫଳ'—
ସନ୍ନ୍ୟାସୀ ଜାଣ ଜବାବେ ଦୃଢ଼ ॥

# ଇତିହାସର ପ୍ରତିଶୋଧ

୧୮୯୩ ଖ୍ରୀଷ୍ଟାବ୍ଦ ଅଗଷ୍ଟ ମାସ ଶେଷ ଆଡ଼କୁ ସ୍ୱାମୀ ବିବେକାନନ୍ଦ ଅଧ୍ୟାପକ ଜେ. ଏଚ୍. ରାଇଟ୍‌ଙ୍କ ଆନିସ୍କୋୟାମ୍ ଗ୍ରାମସ୍ଥିତ ଗୃହରେ ରହୁଥିଲେ । ନ୍ୟୁ ଇଂଲଣ୍ଡର ଏକ ଛୋଟ ଶାନ୍ତ ପଲ୍ଲୀରେ ସ୍ୱାମୀଜୀଙ୍କର ଆବିର୍ଭାବ ଏପରି ଏକ ବିସ୍ମୟ ସୃଷ୍ଟି କରିଥିଲା ଯେ, ସେ ଏଠାକୁ ଆସିବା ମାତ୍ରେ ସେହି ଅପରୂପ ସୁନ୍ଦର ବିରାଟ-ବ୍ୟକ୍ତିତ୍ୱ-ସମ୍ପନ୍ନ ମଣିଷଟି କେଉଁଠାରୁ ଆସିଛନ୍ତି, ସେହି କଥା ନେଇ ପଲ୍ଲୀବାସୀଙ୍କ ମଧ୍ୟରେ କଳ୍ପନା-ଜଳ୍ପନା ଆରମ୍ଭ ହୋଇଗଲା । ପ୍ରଥମେ ସେମାନେ ସିଦ୍ଧାନ୍ତ କରିନେଲେ ଯେ, ସେ ଜଣେ ଭାରତୀୟ ବ୍ରାହ୍ମଣ । କିନ୍ତୁ ଭାରତୀୟ ବ୍ରାହ୍ମଣମାନଙ୍କ ସମ୍ପର୍କରେ ସେମାନଙ୍କର ଯାହା ଧାରଣା ଥିଲା, ସ୍ୱାମୀଜୀଙ୍କ ଆଚାର-ବ୍ୟବହାରରେ ସେମାନେ ତାହା ଆଦୌ ଲକ୍ଷ୍ୟ କଲେ ନାହିଁ । ଏଣୁ ତାଙ୍କୁ ସଠିକ୍ ଭାବରେ ଜାଣିବା ପାଇଁ ଏବଂ ତାଙ୍କ କଥା ଶୁଣିବା ପାଇଁ ଦିନେ ରାତିରେ ଆହାର ପରେ ସମସ୍ତେ ଆସି ଅଧ୍ୟାପକ ରାଇଟ୍‌ଙ୍କ ଘରେ ହାଜର ହେଲେ । ବୈଠକଖାନାରେ କଥୋପକଥନରତ ସ୍ୱାମୀଜୀ ସେତେବେଳେ ମଧୁର ସ୍ୱରରେ କହୁଥିଲେ :

'ଏହି ସେଦିନ—ଏହି କିଛିଦିନ ତଳେ—ଚାରିଶହ ବର୍ଷରୁ ବେଶୀ ହେବ ନାହିଁ—' ହଠାତ୍ ତାଙ୍କର କଣ୍ଠସ୍ୱର ବଦଳିଗଲା, ସେ କହିବାକୁ ଲାଗିଲେ : ଦୁର୍ଗତ ଜାତି ଉପରେ ସେମାନେ କି ନିଷ୍ଠୁର ବ୍ୟବହାର ଓ ଅତ୍ୟାଚାର ନ କରିଛନ୍ତି । କିନ୍ତୁ ଈଶ୍ୱରଙ୍କ ବିଚାର ନିଶ୍ଚୟ ଦିନେ ନା ଦିନେ ସେମାନଙ୍କ ଉପରକୁ ଓହ୍ଲାଇ ଆସିବ । ଇଂରେଜ ! ମାତ୍ର ଅଳ୍ପ କାଳ ପୂର୍ବେ ସେମାନେ ଅସଭ୍ୟ ଥିଲେ । ସେମାନଙ୍କ ଦେହରେ ପୋକ ସାଲୁ ସାଲୁ ହେଉଥିଲା ଏବଂ ସେମାନେ ନାନା ସୁଗନ୍ଧ ଦ୍ୱାରା ସେମାନଙ୍କ ଦେହ-ଦୁର୍ଗନ୍ଧକୁ ଲୁଚାଇବାକୁ ଚେଷ୍ଟା କରୁଥିଲେ । କି ଭୟଙ୍କର ଅବସ୍ଥା ! ଏହି ମାତ୍ର ତାଙ୍କର ବର୍ବର ଅବସ୍ଥା ବଦଳିବାକୁ ଆରମ୍ଭ କରିଛି ।

ଯେଉଁମାନଙ୍କର ସମାଲୋଚନା ସ୍ୱାମୀଜୀ କରୁଥିଲେ, ସେମାନଙ୍କ ମଧ୍ୟରୁ ଜଣେ ଶ୍ରୋତା କହି ଉଠିଲେ, 'ଏହା ସମ୍ପୂର୍ଣ୍ଣ ବାଜେ କଥା । ଏହା ଅନ୍ତତଃ ପାଞ୍ଚଶହ ବର୍ଷ ପୂର୍ବର କଥା ।'

ମୁଁ କହିଲି ନାହିଁ କି, 'ଏହି କିଛି ଦିନ ପୂର୍ବେ ? ମନୁଷ୍ୟର ଆତ୍ମାର ଅନନ୍ତତ୍ୱ ତୁଳନାରେ କେତୋଟି ଶହ ବର୍ଷ ବା କେତେ ଟିକିଏ ?' ତା'ପରେ ସ୍ୱର ପରିବର୍ତ୍ତନ କରି ସମ୍ପୂର୍ଣ୍ଣ ଶାନ୍ତ ଓ ଯୁକ୍ତିପୂର୍ଣ୍ଣ କଣ୍ଠରେ କହିଲେ : ସେମାନେ ଏକାବେଳକେ ଅସଭ୍ୟ ! ଉତ୍ତରାଞ୍ଚଳର ପ୍ରଚଣ୍ଡ ଶୀତ ଓ ଅଭାବ-ଅନଟନ ସେମାନଙ୍କୁ ବନ୍ୟ-ପ୍ରାଣୀ କରିଦେଇଛି । ସେମାନେ କେବଳ ଅନ୍ୟକୁ ହତ୍ୟା କରିବା କଥା ଭାବନ୍ତି ।···ସେମାନଙ୍କର ଧର୍ମ କାହିଁ ? ମୁହଁରେ ସେମାନେ ଈଶ୍ୱରଙ୍କର ପବିତ୍ର ନାମ ନିଅନ୍ତି, ପ୍ରତିବେଶୀକୁ ଭଲ ପାଆନ୍ତି ବୋଲି ଦାବି କରନ୍ତି, ଖ୍ରୀଷ୍ଟଙ୍କ ନାମରେ ସେମାନେ ଅନ୍ୟକୁ ସଭ୍ୟ କରିବାର କଥା କହନ୍ତି ! କିନ୍ତୁ ଏସବୁ ମିଛ । ଈଶ୍ୱର ନୁହନ୍ତି—କ୍ଷୁଧା ହିଁ ସେମାନଙ୍କୁ ସଭ୍ୟ କରିଛି । ମଣିଷକୁ ଭଲ ପାଇବା କଥା

କେବଳ ସେମାନଙ୍କ ମୁହଁର କଥା, କିନ୍ତୁ ଅନ୍ତରରେ ପାପ ଏବଂ ସର୍ବପ୍ରକାର ହିଂସା ଛଡ଼ା ଅନ୍ୟ କିଛି ନାହିଁ । ସେମାନେ ମୁହଁରେ କହନ୍ତି, 'ଭାଇ, ମୁଁ ତୁମକୁ ଭଲ ପାଏ'; କିନ୍ତୁ ସଙ୍ଗେ ସଙ୍ଗେ ବେକରେ ଛୁରୀ ଚଳାଇ ଦିଅନ୍ତି । ସେମାନଙ୍କ ହାତ ରକ୍ତ-ରଞ୍ଜିତ ।

ତା'ପରେ ତାଙ୍କର ସୁମିଷ୍ଟ କଣ୍ଠସ୍ୱର ଗମ୍ଭୀର ହୋଇ ଆସିଲା, ସେ ଆହୁରି ଧୀର କଣ୍ଠରେ କହିଲେ : କିନ୍ତୁ ଈଶ୍ୱରଙ୍କର ବିଚାର ଦିନେ ସେମାନଙ୍କ ଉପରେ ଓହ୍ଲାଇ ଆସିବ । ପ୍ରଭୁ କହିଛନ୍ତି, 'ମୁଁ ପ୍ରତିଶୋଧ ନେବି, ପ୍ରତିଫଳ ଦେବି ।' ମହାଧ୍ୱଂସ ଆସୁଛି । ଏହି ପୃଥିବୀରେ ତୁମ ଖ୍ରୀଷ୍ଟିଆନ୍‌ମାନଙ୍କ ସଂଖ୍ୟା କେତେ ? ସମଗ୍ର ପୃଥିବୀର ଲୋକସଂଖ୍ୟାର ଏକ-ତୃତୀୟାଂଶ ବି ନୁହେଁ । ଚାହିଁ ଦେଖ, ଲକ୍ଷ ଲକ୍ଷ ଚୀନ୍‌ର ଲୋକଙ୍କୁ, ଈଶ୍ୱରଙ୍କର ହତିଆର ହୋଇ ସେହିମାନେ ହିଁ ଏହାର ପ୍ରତିଶୋଧ ନେବେ । ସେମାନେ ହିଁ ତୁମମାନଙ୍କ ଉପରେ ଆକ୍ରମଣ କରିବେ । ଆଉ ଥରେ ଚାଲିବ ହୂନ୍-ଅଭିଯାନ । ତା'ପରେ ଟିକିଏ ମୁରୁକି ହସି କହିଲେ, 'ସେମାନେ ସମଗ୍ର ୟୁରୋପକୁ ଭସେଇ ନେଇଯିବେ, କୌଣସି କିଛିର ଅସ୍ତିତ୍ୱ ରଖିବେ ନାହିଁ । ନାରୀ, ପୁରୁଷ, ଶିଶୁ—ସମସ୍ତେ ଧ୍ୱଂସ ପାଇଯିବେ । ପୃଥିବୀକୁ ଓହ୍ଲାଇ ଆସିବ ପୁଣି ଏକ ଅନ୍ଧକାର-ଯୁଗ ।' ଏକଥା କହିବା ବେଳେ ତାଙ୍କ କଣ୍ଠସ୍ୱର ଏତେ ବିଷର୍ଣ୍ଣ ହୋଇଗଲା ଯେ, ତାହା ଅବର୍ଣ୍ଣନୀୟ । ତା'ପରେ ହଠାତ୍ କହି ଉଠିଲେ, 'ମୁଁ—ମୁଁ କୌଣସି କିଛିକୁ ଗ୍ରାହ୍ୟ କରେ ନାହିଁ । ଏହି ଧ୍ୱଂସସ୍ତୂପ ମଧ୍ୟରୁ ପୃଥିବୀ ଆହୁରି ସୁନ୍ଦର ହୋଇ ଗଢ଼ିଉଠିବ । କିନ୍ତୁ ମହାଧ୍ୱଂସ ଆସୁଛି । ଈଶ୍ୱରଙ୍କ ପ୍ରତିଶୋଧ ଓ ଅଭିଶାପ ଓହ୍ଲାଇ ଆସିବାକୁ ଆଉ ବିଳମ୍ବ ନାହିଁ ।'

ସେମାନେ ସମସ୍ତେ ପ୍ରଶ୍ନ କଲେ, 'ଶୀଘ୍ର କ'ଣ ଏହା ସଙ୍ଘଟିତ ହେବ ?'

'ହଜାର ବର୍ଷ ମଧ୍ୟରେ ଏ ଘଟଣା ଘଟିବ ।'

ବିପଦ ଆସନ୍ନ ନୁହେଁ ଶୁଣି ସେମାନେ ସ୍ୱସ୍ତିର ନିଃଶ୍ୱାସ ନେଲେ ।

ସ୍ୱାମୀଜୀ କହି ଚାଲିଲେ, 'ଈଶ୍ୱର ଏ ଅନ୍ୟାୟର ପ୍ରତିଶୋଧ ନିଶ୍ଚୟ ନେବେ । ଆପଣଙ୍କ ଧର୍ମରେ, ରାଜନୀତିରେ ହୁଏତ ତାହା ଲକ୍ଷ୍ୟ କରିପାରୁ ନାହାନ୍ତି । କିନ୍ତୁ ଇତିହାସର ପୃଷ୍ଠାରୁ ଏହାର ସନ୍ଧାନ କରିବାକୁ ହେବ । ବାରମ୍ବାର ଏପରି ଘଟିଛି, ଭବିଷ୍ୟତରେ ମଧ୍ୟ ଏପରି ଘଟିବ । ଆପଣମାନେ ଯଦି ଜନଗଣଙ୍କୁ ଅତ୍ୟାଚାର ଓ ପୀଡ଼ନ କରନ୍ତି, ତା'ହେଲେ ସେଥିପାଇଁ ଆପଣମାନଙ୍କୁ ଦୁଃଖ ଭୋଗ କରିବାକୁ ପଡ଼ିବ । ଆପଣମାନେ ଭାରତ ପ୍ରତି ଦୃଷ୍ଟିପାତ କରନ୍ତୁ; ଦେଖିବେ, କିପରି ଈଶ୍ୱର ଆମ କାର୍ଯ୍ୟର ପ୍ରତିଶୋଧ ନେଉଛନ୍ତି । ଭାରତର ଇତିହାସରେ ଦେଖାଯାଏ, ଅତୀତରେ ଯେଉଁମାନେ ଧନୀ ମାନୀ ଥିଲେ, ସେମାନେ ନିଜର ଧନଦୌଲତର ବୃଦ୍ଧି ପାଇଁ ଦରିଦ୍ରଙ୍କୁ ନିଷ୍ପେଷିତ କରିଛନ୍ତି, ସେମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର କରିଛନ୍ତି ! ଦୁର୍ଗତ ଲୋକଙ୍କ କ୍ରନ୍ଦନ ସେମାନଙ୍କ କାନରେ ପହଞ୍ଚି ନାହିଁ । ସେମାନେ ଯେତେବେଳେ ଅନ୍ନ ପାଇଁ ହାହାକାର କରିଛନ୍ତି, ସେତେବେଳେ ଧନୀମାନେ ସେମାନଙ୍କର ସୁନାରୁପାର ଥାଳରେ ଅନ୍ନ ଗ୍ରହଣ କରିଛନ୍ତି । ତା'ପରେ ଈଶ୍ୱରଙ୍କର ପ୍ରତିଶୋଧ ରୂପରେ ଆସିଲେ ମୁସଲମାନ୍‌ମାନେ, ଏମାନଙ୍କୁ କାଟି ଟିକିଟିକି କରିଦେଲେ ।

ତରବାରି ବଳରେ ସେମାନେ ଜୟୀ ହେଲେ । ତା'ପରେ ବହୁକାଳ ଓ ବହୁବର୍ଷ ଧରି ଭାରତ ବାରମ୍ବାର ବଞ୍ଚିତ ହୋଇଛି ଏବଂ ସର୍ବଶେଷରେ ଆସିଛନ୍ତି ଇଂରେଜମାନେ । ଯେତେ ଜାତି ଭାରତକୁ ଆସିଛନ୍ତି, ସେମାନଙ୍କ ମଧ୍ୟରୁ ସବୁଠାରୁ ଖରାପ ହେଉଛନ୍ତି ଏହି ଇଂରେଜମାନେ । ଭାରତର ଇତିହାସ ପ୍ରତି ଦୃଷ୍ଟି ଦେଲେ ଦେଖାଯିବ ଯେ, ହିନ୍ଦୁମାନେ ରଖିଯାଇଛନ୍ତି ଅପୂର୍ବ ମନ୍ଦିର, ମୁସଲମାନମାନେ ସୁନ୍ଦର ସୁନ୍ଦର ପ୍ରାସାଦ । ଆଉ ଇଂରେଜମାନେ ?—ସ୍ତୂପୀକୃତ ବ୍ରାଣ୍ଡିର ଭଙ୍ଗା ବୋତଲ—ଆଉ କିଛି ନୁହେଁ । ତଥାପି ଈଶ୍ୱର ଆମକୁ ଦୟା କରି ନାହାନ୍ତି, କାରଣ ଆମେମାନେ ମଧ୍ୟ ଅନ୍ୟ ପ୍ରତି କୌଣସି ଦୟା-ମମତା ଦେଖାଇ ନାହୁଁ । ଆମର ଦେଶବାସୀଗଣ ସେମାନଙ୍କର ନିଷ୍ଠୁରତାରେ ସମଗ୍ର ସମାଜକୁ ତଳକୁ ଟାଣି ଅଣିଛନ୍ତି । ତା'ପରେ ଯେତେବେଳେ ଜନସାଧାରଣଙ୍କର ପ୍ରୟୋଜନ ହେଲା, ସେତେବେଳେ ତାଙ୍କୁ ସାହାଯ୍ୟ କରିବା ପାଇଁ ଜନସାଧାରଣଙ୍କର କୌଣସି କ୍ଷମତା ରହିଲା ନାହିଁ । ଈଶ୍ୱର ପ୍ରତିଶୋଧ ନିଅନ୍ତି—ମଣିଷ ଏକଥା ବିଶ୍ୱାସ ନ କଲେ ମଧ୍ୟ ଇତିହାସର ପ୍ରତିଶୋଧ ଗ୍ରହଣ ଅଧ୍ୟାୟଟିକୁ ସେ ଅସ୍ୱୀକାର କରିପାରିବ ନାହିଁ । ଇତିହାସ ଇଂରେଜମାନଙ୍କ କୃତକର୍ମର ପ୍ରତିଶୋଧ ଅବଶ୍ୟ ନେବ । ଆମର ଦେଶରେ ଗାଆଁ ଗାଆଁରେ ମଣିଷ ଦୁର୍ଭିକ୍ଷରେ ମରୁଥିବା ବେଳେ ଇଂରେଜମାନେ ଆମ ତଣ୍ଟିରେ ଗୋଡ଼ ଦେଇ ଚିପି ଧରିଛନ୍ତି । ଆମର ଶେଷ ରକ୍ତବିନ୍ଦୁ ଟିକକ ସେମାନେ ନିଜର ତୃପ୍ତି ପାଇଁ ପାନ କରିଛନ୍ତି ଏବଂ ଆମ ଦେଶର କୋଟି କୋଟି ଟଙ୍କା ସେମାନଙ୍କ ନିଜ ଦେଶକୁ ଚାଳାଣ କରିଛନ୍ତି । ଚୀନ୍ ଦେଶର ଲୋକେ ସେମାନଙ୍କ ଉପରକୁ ଲମ୍ଫ ଦେଇ ଏହାର ପ୍ରତିଶୋଧ ନେବେ । ଆଜି ଯଦି ଚୀନାମାନେ ଜାଗି ଉଠନ୍ତି ଓ ଇଂରେଜମାନଙ୍କୁ ସମୁଦ୍ରରେ ଠେଲି ପକାଇ ଦିଅନ୍ତି, ଯାହା ତାଙ୍କର ଉଚିତ ପ୍ରାପ୍ୟ, ତା'ହେଲେ ସୁବିଚାର ହେବ ।

ଏତକ କହି ସାରିବା ପରେ ସ୍ୱାମୀଜୀ ନୀରବ ରହିଲେ । ସମବେତ ଜନତାଙ୍କ ମଧ୍ୟରେ ତାଙ୍କ ସମ୍ବନ୍ଧରେ ମୃଦୁ ଗୁଞ୍ଜରଣ ଉଠିଲା । ସେ ସବୁ ଶୁଣିଲେ, କିନ୍ତୁ ବାହାରକୁ ଜଣାଯାଉଥିଲା ଯେପରିକି ସେ ସେଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି । ତା'ପରେ ଊର୍ଦ୍ଧ୍ୱକୁ ଚାହିଁ ଧୀରେ ଧୀରେ କହିଲେ, 'ଶିବ ! ଶିବ !' କ୍ଷୁଦ୍ର ଶ୍ରୋତୃମଣ୍ଡଳୀ ତାଙ୍କର ପ୍ରତିହିଂସା-ପରାୟଣ ମନୋବୃତ୍ତି ଓ ଭାବ-ବନ୍ୟାର ପ୍ରବାହରେ ଚଞ୍ଚଳ ଓ ଅଶାନ୍ତ ହୋଇପଡ଼ିଥିଲେ । ସେମାନଙ୍କର ମନେହୋଇଥିଲା ଏହି ଅଦ୍ଭୁତ ଲୋକଟିର ଶାନ୍ତ ମନୋଭାବର ଅନ୍ତରାଳରେ ଯେପରି ଆଗ୍ନେୟଗିରିର ଗଳିତ ଲାଭାସ୍ରୋତ ପରି ଏହି ଭାବାବେଗ ଓ ଭାବବନ୍ୟା ପ୍ରବହମାନ । ସଭା ଭଙ୍ଗ ହେଲା । ଶ୍ରୋତାମାନେ ବିକ୍ଷୁବ୍ଧ ମନରେ ଚାଲିଗଲେ ।

ପ୍ରକୃତ ପକ୍ଷେ ଏହା ଥିଲା ସପ୍ତାହ ଶେଷର ଗୋଟିଏ ଦିନ । ସେ ଏଠାରେ କେତୋଟି ଦିନ ଥିଲେ···ଏଠାରେ ଯେଉଁସବୁ ଆଳାପ ଆଲୋଚନା ହୋଇଥିଲା ସେଗୁଡ଼ିକୁ ସେ ନାନା ଦୃଷ୍ଟାନ୍ତ ଦେଇ ସୁନ୍ଦର ସୁନ୍ଦର ଗଳ୍ପ ଉପାଖ୍ୟାନ ମାଧ୍ୟମରେ ଛବି ଭଳି ବୁଝାଇ ଦେଇଥିଲେ ।···

ଏହି ସୁନ୍ଦର ଗଳ୍ପଟିକୁ ମଧ୍ୟ ସ୍ୱାମୀଜୀ ଥରେ କଥା ପ୍ରସଙ୍ଗରେ କହିଥିଲେ : ଜଣେ

ସ୍ତ୍ରୀ ତା'ର ସ୍ୱାମୀଙ୍କୁ ନିଜର ଦୁଃଖକଷ୍ଟ ପାଇଁ ଗାଳିଗୁଲଜ କରୁଥିଲା, ଅନ୍ୟର ସ୍ୱାଚ୍ଛନ୍ଦ୍ୟ ଦେଖି ତାଙ୍କୁ କଟୁକଥା କହୁଥିଲା ଓ ତାଙ୍କର ଦୋଷତ୍ରୁଟିକୁ ବିସ୍ତାରିତ ଭାବରେ ବର୍ଣ୍ଣନା କରି କହୁଥିଲା । ସ୍ତ୍ରୀ କହୁଥିଲା : ଭଗବାନ୍‌ଙ୍କୁ ଏତେ ବର୍ଷ ଧରି ସେବା କରିବା ପରେ ତୁମର ଭଗବାନ୍ କ'ଣ ତୁମ ପାଇଁ ଏଇୟା କଲେ ? ଏହା ହିଁ କଅଣ ତାଙ୍କର ପ୍ରତିଦାନ ? ସ୍ତ୍ରୀର ଏହି ପ୍ରଶ୍ନର ଉତ୍ତରରେ ସ୍ୱାମୀ କହିଲେ, 'ମୁଁ କ'ଣ ଧର୍ମରେ ବ୍ୟବସାୟ କରୁଛି ? ଏହି ପର୍ବତଟିକୁ ଚାହିଁ ଦେଖ । ଏ ଆମ ପାଇଁ କ'ଣ କରୁଛି ଓ ଆମେ ବା ତା' ପାଇଁ କ'ଣ କରୁଛୁ ? ତଥାପି ମୁଁ ଏ ପର୍ବତକୁ ଭଲ ପାଏ । ମୁଁ ସୌନ୍ଦର୍ଯ୍ୟକୁ ଭଲ ପାଏ ବୋଲି ଏହାକୁ (ହିମାଳୟକୁ) ଭଲ ପାଏ—ମୋତେ ଏହି ଭାବରେ ସୃଷ୍ଟି କରାଯାଇଛି । ଏହା ହିଁ ମୋର ପ୍ରକୃତି । ଭଗବାନଙ୍କୁ ମୁଁ ଏଥିପାଇଁ ଭଲପାଏ ।'

ତା'ପରେ ସ୍ୱାମୀଜୀ ଜଣେ ରାଜାଙ୍କ କାହାଣୀ କହିଲେ । ଜଣେ ରାଜା ଜନୈକ ସାଧୁଙ୍କୁ କିଛି ଦାନ ଦେବାକୁ ଇଚ୍ଛା କଲେ । ସାଧୁ ରାଜାଙ୍କର ପ୍ରସ୍ତାବକୁ ପ୍ରଥମେ ପ୍ରତ୍ୟାଖ୍ୟାନ କଲେ । ପ୍ରାସାଦକୁ ଫେରି ରାଜା ସାଧୁଙ୍କୁ ପୁନଃ ପୁନଃ ଦାନ ଗ୍ରହଣ ପାଇଁ ସନିର୍ବନ୍ଧ ଅନୁରୋଧ କଲେ । କିନ୍ତୁ ରାଜପ୍ରାସାଦକୁ ଆସି ସାଧୁ ଦେଖିଲେ, ରାଜା ଧନସମ୍ପଦ ଓ ଶକ୍ତିବୃଦ୍ଧି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି, ଭିକ୍ଷା ମାଗୁଛନ୍ତି । ସାଧୁ କିଛିକ୍ଷଣ ତାଙ୍କର ଏହି ପ୍ରାର୍ଥନା ଅବାକ୍ ହୋଇ ଶୁଣିଲେ, ତା'ପରେ ତାଙ୍କର ମଶିଣାଟିକୁ ଗୁଡ଼ାଇ ଚାଲିଯିବାକୁ ଉଦ୍ୟତ ହେଲେ । ରାଜା ଆଖି ବୁଜି ପ୍ରାର୍ଥନା କରୁଥିଲେ । ପ୍ରାର୍ଥନା ପରେ ଆଖି ଖୋଲିବାମାତ୍ରେ ଦେଖିଲେ ଯେ ସାଧୁ ଚାଲିଯାଉଛନ୍ତି । ରାଜା ପଚାରିଲେ, 'ଆପଣ ଯାଉଛନ୍ତି କୁଆଡ଼େ ? ଆପଣ ତ ମୋର ଦାନ ଗ୍ରହଣ କରି ନାହାନ୍ତି ?' ସାଧୁ ଉତ୍ତରରେ କହିଲେ, 'ମୁଁ ଜଣେ ଭିକାରୀଠାରୁ କି ଦାନ ନେବି ?'

ଧର୍ମ ହିଁ ସମସ୍ତଙ୍କୁ ରକ୍ଷା କରିପାରେ ଏବଂ ଖ୍ରୀଷ୍ଟିଆନ୍ ଧର୍ମରେ ସମସ୍ତଙ୍କୁ ରକ୍ଷା କରିପାରିବା ଭଳି ଶକ୍ତି ଅଛି—କୌଣସି ବ୍ୟକ୍ତି ଏଭଳି ମନ୍ତବ୍ୟ ଦେବାରୁ ସ୍ୱାମୀଜୀ ତାଙ୍କର ବଡ଼ ବଡ଼ ଆଖି ଦୁଇଟିକୁ ଖୋଲି କହିଲେ, 'ଖ୍ରୀଷ୍ଟିଆନ୍ ଧର୍ମର ଯଦି ରକ୍ଷା କରିବାର ଶକ୍ତି ଥାଆନ୍ତା, ତା'ହେଲେ ସେହି ଧର୍ମ କାହିଁକି ଇଥିଓପିଆ ଓ ଆବିସିନିଆର ଲୋକମାନଙ୍କୁ ରକ୍ଷା କରିପାରିଲା ନାହିଁ ?'

ସ୍ୱାମୀଜୀଙ୍କ ମୁହଁରୁ ପ୍ରାୟ ଏହି କଥାଟି ହିଁ ଶୁଣାଯାଇଥିଲା : କୌଣସି ସନ୍ନ୍ୟାସୀଙ୍କୁ ଇଂରେଜମାନେ ଏପରି କରିବାକୁ ସାହସ କରିବେ ନାହିଁ । ବେଳେବେଳେ ସେ ତାଙ୍କ ଆକୁଳ ମନର ଇଚ୍ଛା ପ୍ରକାଶ କରି କହୁଥିଲେ, 'ଇଂରେଜ ମୋତେ ଧରିନେଇ ଗୁଳି କରି ମାରିଦେଉ, ତା'ହେଲେ ମୋର ମୃତ୍ୟୁ ହିଁ ହେବ ସେମାନଙ୍କ ଧ୍ୱଂସର ସୂତ୍ରପାତ ।' ତା'ପରେ ହସର ଝଲକ ଖେଳାଇ କହୁଥିଲେ, 'ମୋର ମୃତ୍ୟୁ-ସମ୍ବାଦ ସାରା ଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଦାବାନଳ ପରି ବ୍ୟାପିଯିବ ।'

ସିପାହୀ-ବିଦ୍ରୋହରେ ଝାନ୍ସୀର ରାଣୀଙ୍କୁ ସେ ସବୁଠାରୁ ବଡ଼ ବୀରନାରୀ ବୋଲି ମନେକରୁଥିଲେ । ଝାନ୍ସୀ-ରାଣୀ ରଣକ୍ଷେତ୍ରରେ ନିଜେ ସୈନ୍ୟ ପରିଚାଳନା କରିଥିଲେ ।

ବିଦ୍ରୋହୀମାନଙ୍କ ମଧ୍ୟରୁ ଅନେକେ ପରେ ଆତ୍ମଗୋପନ କରିବା ଉଦ୍ଦେଶ୍ୟରେ ସନ୍ନ୍ୟାସୀ ହୋଇଥିଲେ । ସାଧୁମାନଙ୍କ ମଧ୍ୟରେ ଯେଉଁ ଭୟଙ୍କର ଜଘନ୍ୟ ମନୋଭାବ ଦେଖାଯାଏ, ଏହା ହିଁ ହେଲ ତା'ର ଅନ୍ୟତମ ଇତିହାସ । ଏହି ବିଦ୍ରୋହୀମାନଙ୍କ ମଧ୍ୟରୁ ଜଣେ ତା'ର ପ୍ରତ୍ୟେକଟି ସନ୍ତାନଙ୍କୁ ହରେଇଥିଲା; ସେ ଶାନ୍ତ ଓ ସ୍ଥିର ଭାବରେ ତା'ର ସେହି ହଜିଲ ସନ୍ତାନ-ମାନଙ୍କ କଥା କହୁଥିଲ, କିନ୍ତୁ ଝାନ୍ସୀର ରାଣୀଙ୍କ କଥା ପଡ଼ିଲେ ଆଖିର ଲୁହରେ ତା'ର ଛାତି ଓଦା ହୋଇଯାଉଥିଲ । ସେ କହୁଥିଲେ : ରାଣୀ ତ ମାନବୀ ନୁହନ୍ତି, ଦେବୀ । ଯେତେବେଳେ ସୈନ୍ୟମାନେ ପରାଜିତ ହେଲେ, ସେତେବେଳେ ରାଣୀ ତରବାରି ଧରି ପୁରୁଷଙ୍କ ପରି ଯୁଦ୍ଧ କରୁ କରୁ ମୃତ୍ୟୁବରଣ କରିଥିଲେ । ଏହି ସିପାହୀ-ବିଦ୍ରୋହର ଅନ୍ୟ ଦିଗର କାହାଣୀଟି ଅଦ୍ଭୁତ ମନେହୁଏ । ଏହାର ଯେ ଅନ୍ୟ ଏକ ଦିଗ ଅଛି, ତାହା ଆପଣ-ମାନେ ଚିନ୍ତା କରିପାରିବେ ନାହିଁ । କୌଣସି ହିନ୍ଦୁ ସିପାହୀ ଯେ କୌଣସି ନାରୀଙ୍କୁ ହତ୍ୟା କରିପାରେ ନାହିଁ, ଏ ସମ୍ପର୍କରେ ଆପଣମାନେ ନିଶ୍ଚିତ ରହିପାରନ୍ତି ।

## ଧର୍ମ ଓ ବିଜ୍ଞାନ

ଜ୍ଞାନର ଏକମାତ୍ର ଉତ୍ସ ହେଲ ଅଭିଜ୍ଞତା । ଜଗତରେ ଧର୍ମ ହିଁ ଏକମାତ୍ର ବିଜ୍ଞାନ, ଯେଉଁଥିରେ ନିଶ୍ଚୟତା ନାହିଁ, କାରଣ ଅଭିଜ୍ଞତାମୂଳକ ସତ୍ୟ ହିସାବରେ ଏହାକୁ ଶିଖାଯାଏ ନାହିଁ । ଏହା ମଧ୍ୟ ଉଚିତ ନୁହେଁ । ଯାହାହେଉ, ଏପରି କିଛି ଲୋକ ସର୍ବଦା ଦେଖାଯାନ୍ତି, ଯେଉଁମାନେ ବ୍ୟକ୍ତିଗତ ଅଭିଜ୍ଞତାରୁ ଧର୍ମ ଶିକ୍ଷା ଦିଅନ୍ତି । ସେମାନଙ୍କୁ ଅତୀନ୍ଦ୍ରିୟବାଦୀ ବା ମରମୀ (mystic) ବୋଲି କୁହାଯାଏ ଏବଂ ପ୍ରତ୍ୟେକ ଧର୍ମରେ ହିଁ ଏହି ମରମୀଗଣ ଗୋଟିଏ ଭାଷାରେ କହୁଥାନ୍ତି ଓ ଗୋଟିଏ ସତ୍ୟ ପ୍ରଚାର କରନ୍ତି । ଏହା ହିଁ ପ୍ରକୃତ ଧର୍ମବିଜ୍ଞାନ । ଜଗତରେ ସ୍ଥାନଭେଦରେ ଯେପରି ଗଣିତର (ଗାଣିତିକ ସତ୍ୟର) ତାରତମ୍ୟ ହୁଏ ନାହିଁ, ସେହିପରି ଏହି ଅତୀନ୍ଦ୍ରିୟ ସତ୍ୟଦ୍ରଷ୍ଟାଗଣଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖାଯାଏ ନାହିଁ । ସେମାନଙ୍କ ପ୍ରକୃତି ଏକ ପ୍ରକାରର, ଅବସ୍ଥାନ-ରୀତି ମଧ୍ୟ ଏକା ଧରଣର । ସେମାନଙ୍କର ଉପଲବ୍ଧି ମଧ୍ୟ ଏକ ଏବଂ ଏହି ଉପଲବ୍ଧି ହିଁ ନିୟମ ରୂପେ ପରିଗଣିତ ହୋଇଥାଏ ।

ଧର୍ମସଂସ୍ଥାର ତଥାକଥିତ ଧାର୍ମିକ ବ୍ୟକ୍ତିଗଣ ପ୍ରଥମେ ଧର୍ମ-ସମ୍ବନ୍ଧୀୟ ଗୋଟିଏ ମତବାଦ ଶିକ୍ଷା କରନ୍ତି ଓ ପରେ ସେଗୁଡ଼ିକର ଅନୁଶୀଳନ କରନ୍ତି । ପ୍ରତ୍ୟକ୍ଷାନୁଭୂତିକୁ ସେମାନେ ବିଶ୍ୱାସର ଭିତ୍ତି ରୂପେ ଗ୍ରହଣ କରନ୍ତି ନାହିଁ । କିନ୍ତୁ ମରମୀମାନେ ହେଲେ ସତ୍ୟସନ୍ଧାନୀ; ସେମାନେ ପ୍ରଥମେ ଆଧ୍ୟାତ୍ମିକ ସତ୍ୟକୁ ଉପଲବ୍ଧି କରନ୍ତି ଓ ପରେ ମତବାଦ ସୃଷ୍ଟି କରନ୍ତି । ଧର୍ମଯାଜକମାନଙ୍କ ଦ୍ୱାରା ପ୍ରଚାରିତ ଧର୍ମ ଅନ୍ୟର ଉପଲବ୍ଧି-ପ୍ରସୂତ; ମରମୀ-ପ୍ରଚାରିତ ଧର୍ମ ସ୍ୱୀୟ ଉପଲବ୍ଧିପ୍ରସୂତ । ଯାଜକୀୟ ଧର୍ମ ବାହାରକୁ ଅବଲମ୍ବନ କରି ଅନ୍ତରରେ ପ୍ରବିଷ୍ଟ ହୁଏ; କିନ୍ତୁ ଅତୀନ୍ଦ୍ରିୟବାଦୀଙ୍କର ଯାତ୍ରା ଅନ୍ତରରୁ ବାହାରକୁ ।

ରସାୟନ ଶାସ୍ତ୍ର ଓ ଅପରାପର ପ୍ରାକୃତିକ ବିଜ୍ଞାନସମୂହ ଜଡ଼ଜଗତର ସତ୍ୟକୁ

ଅନ୍ୱେଷଣ କରୁଥିବା ସ୍ଥଳେ ଧର୍ମ ଅତୀନ୍ଦ୍ରିୟ ଜଗତର ସତ୍ୟକୁ ଅନ୍ୱେଷଣ କରେ । ରସାୟନ ଶାସ୍ତ୍ରରେ ଜ୍ଞାନ ଅର୍ଜନ କରିବାକୁ ହେଲେ ପ୍ରକୃତି-ରାଜ୍ୟର ଗ୍ରନ୍ଥଟିକୁ ଅଧ୍ୟୟନ କରିବାକୁ ହୁଏ । ଅନ୍ୟପକ୍ଷରେ ଧର୍ମ-ଶିକ୍ଷାର ଗ୍ରନ୍ଥ ହେଲା ସ୍ୱୀୟ ମନ ଓ ହୃଦୟ । ଋଷିଗଣ ପ୍ରାୟତଃ ଜଡ଼ବିଜ୍ଞାନ ସମ୍ବନ୍ଧରେ ଅଜ୍ଞ, କାରଣ ସେମାନେ ଯେଉଁ ଗ୍ରନ୍ଥ ପାଠ କରନ୍ତି ଅର୍ଥାତ୍ ଅନ୍ତର-ଗ୍ରନ୍ଥ, ସେଥିରେ ଏହାର ଖବର ନାହିଁ । ବୈଜ୍ଞାନିକମାନେ ମଧ୍ୟ ସେପରି ଧର୍ମ-ବିଜ୍ଞାନ ସମ୍ପର୍କରେ ପ୍ରାୟତଃ ଅନଭିଜ୍ଞ, କାରଣ ସେମାନେ ଧର୍ମବିଜ୍ଞାନ ସମ୍ପର୍କୀୟ ଜ୍ଞାନଦାନରେ ସମ୍ପୂର୍ଣ୍ଣ ଅସମର୍ଥ, ସେମାନେ କେବଳ ବାହାରର ପୁସ୍ତକଟିକୁ ଅଧ୍ୟୟନ କରିଥାନ୍ତି ।

ପ୍ରତ୍ୟେକ ବିଜ୍ଞାନର ଗୋଟିଏ ବିଶେଷ ଧାରା (ପଦ୍ଧତି) ଅଛି; ଧର୍ମବିଜ୍ଞାନ ମଧ୍ୟ ଅନୁରୂପ ଧାରା-ବିଶିଷ୍ଟ । ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ବୋଲି ଏହାର ଅନୁଶୀଳନ-ଧାରା ମଧ୍ୟ ବହୁବିଧ । ଅନ୍ତର୍ଜଗତ ଓ ବହିର୍ଜଗତ ସମଜାତୀୟ ନୁହେଁ । ସ୍ୱଭାବର ବିଭିନ୍ନତାବଶତଃ ଧର୍ମବିଜ୍ଞାନର ପ୍ରଣାଳୀ ମଧ୍ୟ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ । ଯେପରି କୌଣସି ଏକ ଇନ୍ଦ୍ରିୟର ପ୍ରଖରତା ହେତୁ କାହାର ଶ୍ରବଣଶକ୍ତି ପ୍ରଖର, କାହାର ବା ଦର୍ଶନଶକ୍ତି; ସେହିପରି ମାନସ-ଇନ୍ଦ୍ରିୟର ପ୍ରାବଲ୍ୟ ମଧ୍ୟ ସମ୍ଭବ ଏବଂ ଏହି ବିଶେଷ ପଥ ଦେଇ ମଣିଷକୁ ତା'ର ଅନ୍ତର୍ଜଗତରେ ଉପନୀତ ହେବାକୁ ପଡ଼ିଥାଏ । ତଥାପି ସକଳ ମନ ମଧ୍ୟରେ ଗୋଟିଏ ଐକ୍ୟ ଅଛି ଏବଂ ଏପରି ଏକ ବିଜ୍ଞାନ ମଧ୍ୟ ଅଛି, ଯାହା ସମସ୍ତଙ୍କ ମନ ପକ୍ଷରେ ପ୍ରଯୋଜ୍ୟ ହୋଇପାରେ । ଏହି ଧର୍ମବିଜ୍ଞାନ ମାନବାତ୍ମାର ବିଶ୍ଳେଷଣମୂଳକ । ଏହାର କୌଣସି ନିର୍ଦ୍ଦିଷ୍ଟ ମତବାଦ ନାହିଁ ।

କୌଣସି ଗୋଟିଏ ଧର୍ମ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ନ ପାରେ । ପ୍ରତ୍ୟେକଟି ଧର୍ମମତ ଗୋଟିଏ ସୂତାରେ ଗ୍ରଥିତ ଗୋଟିଏ ଗୋଟିଏ ମୁକ୍ତାପରି । ସର୍ବୋପରି ଆମେମାନେ ପ୍ରତ୍ୟେକ ଧର୍ମମତର ସ୍ୱକୀୟ ବୈଶିଷ୍ଟ୍ୟକୁ ବୁଝିବାକୁ ଚେଷ୍ଟା କରିବା ଉଚିତ । ମଣିଷ କୌଣସି ବିଶେଷ ଧର୍ମମତ ନେଇ ଜନ୍ମଗ୍ରହଣ କରି ନ ଥାଏ, ଧର୍ମ ତା'ର ଅନ୍ତରରେ ହିଁ ରହିଛି । ଯେଉଁ ଧର୍ମମତ ବ୍ୟକ୍ତିତ୍ୱକୁ ବିନାଶ କରିବାକୁ ଚାହେଁ, ତାହା ହିଁ ପରିଣାମରେ ଭୟାବହ । ପ୍ରତ୍ୟେକଟି ଜୀବନ ଗୋଟିଏ ଗୋଟିଏ ସ୍ରୋତ-ପ୍ରବାହ ପରି ଏବଂ ସେହି ସ୍ରୋତ-ପ୍ରବାହ ହିଁ ତାହାକୁ ଈଶ୍ୱରଙ୍କ ଆଡ଼କୁ ନେଇଯାଏ । ଈଶ୍ୱର-ଉପଲବ୍ଧି ହିଁ ସକଳ ଧର୍ମର ଚରମ ଉଦ୍ଦେଶ୍ୟ । ଈଶ୍ୱର-ଉପାସନା ହିଁ ସବୁ ଶିକ୍ଷାର ସାର । ଯଦି ପ୍ରତ୍ୟେକ ମଣିଷ ତା'ର ଆଦର୍ଶ ନିର୍ବାଚନ ପୂର୍ବକ ନିଷ୍ଠାର ସହିତ ତାହାକୁ ଅନୁଶୀଳନ କରେ, ତା'ହେଲେ ଧର୍ମ-ସମ୍ବନ୍ଧୀୟ ସମସ୍ତ ବିସମ୍ବାଦ ଘୁଞ୍ଚିଯିବ ।

## ଉପଲବ୍ଧି ହିଁ ଧର୍ମ

ମଣିଷ ଏପର୍ଯ୍ୟନ୍ତ ଈଶ୍ୱରଙ୍କୁ ଯେତେ ନାମରେ ଅଭିହିତ କରି ଆସିଛି, ତନ୍ମଧ୍ୟରୁ 'ସତ୍ୟ' ହିଁ ସର୍ବଶ୍ରେଷ୍ଠ । ସତ୍ୟ ଉପଲବ୍ଧିର ଫଳସ୍ୱରୂପ; ଅତଏବ ଆତ୍ମା ମଧ୍ୟରେ ସତ୍ୟର

ଅନୁସନ୍ଧାନ କର । ପୁସ୍ତକ ଓ ପ୍ରତୀକ ସକଳକୁ ଦୂର କରି ଆତ୍ମାକୁ ତା'ର ସ୍ୱ-ସ୍ୱରୂପ ଦର୍ଶନ କରିବାକୁ ଦିଅ । ଶ୍ରୀକୃଷ୍ଣ କହିଥିଲେ, 'ଆମେ ଇନ୍ଦ୍ରଜାଲର କୂପରେ ଅଭିଭୂତ ଓ ଉନ୍ମତ୍ତ ହୋଇଯାଇଛୁ ? ଯାବତୀୟ ଦ୍ୱୈତଭାବର ଊର୍ଦ୍ଧ୍ୱକୁ ଯାଅ । ଯେଉଁ ମୁହୂର୍ତ୍ତରେ ତୁମେ ମତବାଦ, ପ୍ରତୀକ ଓ ଅନୁଷ୍ଠାନକୁ ସର୍ବସ୍ୱ ମନେକଲ, ସେହି ମୁହୂର୍ତ୍ତରେ ହିଁ ତୁମେ ବନ୍ଧନରେ ପଡ଼ିଗଲ; ଅନ୍ୟକୁ ସାହାଯ୍ୟ କରିବା ପାଇଁ ଏସବୁ ସହିତ ସମ୍ପର୍କ ରଖିପାର, କିନ୍ତୁ ସାବଧାନ, ଏସବୁ ଯେପରି ତୁମ ବନ୍ଧନର କାରଣ ହୋଇ ନ ଯାଏ । ଧର୍ମ ଏକ, କିନ୍ତୁ ଏହାର ପ୍ରୟୋଗ ଭିନ୍ନ ଭିନ୍ନ । ସୁତରାଂ ପ୍ରତ୍ୟେକେ ନିଜନିଜର ମତବାଦ ପ୍ରଚାର କରନ୍ତୁ, କିନ୍ତୁ କେହି ଯେପରି ଅନ୍ୟ ଧର୍ମର ଦୋଷାନୁସନ୍ଧାନ ନ କରନ୍ତି । ଯଦି ତତ୍ତ୍ୱାଲୋକ ପ୍ରତ୍ୟକ୍ଷ କରିବାକୁ ଚାହିଁ, ତା'ହେଲେ ସବୁପ୍ରକାର ବେଷ୍ଟନୀରୁ ମୁକ୍ତ ହୁଅ । ଭଗବଦ୍-ଜ୍ଞାନ-ସୁଧା ଆକଣ୍ଠ ପାନକର । ଛିନ୍ନବସ୍ତ୍ର ପରିହିତ ହୋଇ ମଧ୍ୟ ଯିଏ 'ସୋଽହମ୍' ଉପଲବ୍ଧି କରେ, ସେହି ବ୍ୟକ୍ତି ହିଁ ସୁଖୀ । ଅନନ୍ତର ରାଜ୍ୟରେ ପ୍ରବେଶ କର ଓ ଅନନ୍ତ ଶକ୍ତି ନେଇ ଫେରି ଆସ । ହୀତଦାସ ସତ୍ୟର ଅନୁସନ୍ଧାନରେ ଯାଏ, ଏବଂ ମୁକ୍ତ ହୋଇ ଫେରିଆସେ ।

## ସ୍ୱାର୍ଥର ବିଲୋପ ହିଁ ଧର୍ମ

ବିଶ୍ୱର ଅଧିକାରସମୂହକୁ କେହି ବାଣ୍ଟି ଦେଇପାରେ ନାହିଁ । 'ଅଧିକାର' ଶବ୍ଦଟି ହେଉଛି କ୍ଷମତାର ସୀମା-ନିର୍ଦ୍ଦେଶକ । 'ଅଧିକାର' ନୁହେଁ, ପରନ୍ତୁ ଦାୟିତ୍ୱ । ଜଗତର କେଉଁଠାରେ କିଛି ଅନିଷ୍ଟ ସାଧିତ ହେଲେ ଆମେ ପ୍ରତ୍ୟେକେ ସେଥିପାଇଁ ଦାୟୀ । କେହି ନିଜକୁ ତାହାର ଭାଇଠାରୁ ବିଚ୍ଛିନ୍ନ କରିପାରେ ନାହିଁ । ଯାହା ଭୂମା ସହିତ ସଂଯୋଗ ସ୍ଥାପନ କରେ, ତାହା ହିଁ ପୁଣ୍ୟ, ଏବଂ ଯାହା ଏଥିରୁ ଆମକୁ ବିଚ୍ୟୁତ କରେ, ତାହା ହିଁ ପାପ । ତୁମେ ଅନନ୍ତର ଗୋଟିଏ ଅଂଶ, ତାହା ହିଁ ତୁମର ସ୍ୱରୂପ । ସେହି ଅର୍ଥରେ 'ତୁମେ ତୁମ ଭାଇର ରକ୍ଷକ ।'

ଜୀବନର ପ୍ରଥମ ଉଦ୍ଦେଶ୍ୟ ଜ୍ଞାନଲାଭ, ଦ୍ୱିତୀୟ ଉଦ୍ଦେଶ୍ୟ ଆନନ୍ଦଲାଭ; ଜ୍ଞାନ ଓ ଆନନ୍ଦ ମୁକ୍ତି-ପଥରେ ପରିଚାଳିତ କରେ । କିନ୍ତୁ ଯେପର୍ଯ୍ୟନ୍ତ ଜଗତର ପ୍ରତ୍ୟେକଟି ପ୍ରାଣୀ—ପିମ୍ପୁଡ଼ି ବା କୁକୁର ମଧ୍ୟ ମୁକ୍ତ ନ ହୋଇଛନ୍ତି, ସେପର୍ଯ୍ୟନ୍ତ କେହି ହେଲେ ମୁକ୍ତିଲାଭ କରି-ପାରିବେ ନାହିଁ । ସମସ୍ତେ ସୁଖୀ ନ ହେବା ପର୍ଯ୍ୟନ୍ତ କେହି ହେଲେ ସୁଖୀ ହୋଇପାରିବେ ନାହିଁ । ଯେହେତୁ ତୁମେ ଓ ତୁମର ଭାଇ ମୂଳତଃ ଏକ, ଅନ୍ୟକୁ ଆଘାତ କରିବା ଅର୍ଥ ନିଜକୁ ହିଁ ଆଘାତ କରିବା । ଯିଏ ସର୍ବଭୂତରେ ଆତ୍ମାକୁ ଓ ଆତ୍ମାରେ ସର୍ବଭୂତକୁ ପ୍ରତ୍ୟକ୍ଷ କରନ୍ତି, ସେ ହିଁ ପ୍ରକୃତ ଯୋଗୀ । ଆତ୍ମପ୍ରତିଷ୍ଠା ନୁହେଁ, ଆତ୍ମୋତ୍ସର୍ଗ ହିଁ ବିଶ୍ୱର ଉଚ୍ଚତମ ବିଧାନ ।

'ଅନ୍ୟାୟର ପ୍ରତିରୋଧ କର ନାହିଁ'—ଯୀଶୁଙ୍କର ଏହି ଉପଦେଶ କାର୍ଯ୍ୟରେ ପରିଣତ ନ ହେବାରୁ ଜଗତରେ ଏତେ ଅନ୍ୟାୟ ପରିଲକ୍ଷିତ ହୁଏ । ଏକମାତ୍ର ନିଃସ୍ୱାର୍ଥତା ଏହି

ସମସ୍ୟାର ସମାଧାନ ପାଇଁ ସକ୍ଷମ । ପ୍ରଚଣ୍ଡ ଆତ୍ମୋତ୍ସର୍ଗ ଦ୍ୱାରା ଧର୍ମ ସାଧିତ ହୁଏ । ନିଜ ପାଇଁ କୌଣସି ବାସନା ରଖ ନାହିଁ । ତୁମର ସକଳ କର୍ମ ଅନ୍ୟ ପାଇଁ ଅନୁଷ୍ଠିତ ହେଉ । ଏହି ଭାବରେ ଜୀବନ ଯାପନ କର ଈଶ୍ୱରଙ୍କ ଭିତରେ ସ୍ୱୀୟ ଅସ୍ତିତ୍ୱକୁ ଉପଲବ୍ଧି କର ।

## ଆତ୍ମାର ମୁକ୍ତି

ଦୃଶ୍ୟ ବସ୍ତୁ ସଂସ୍ପର୍ଶରେ ନ ଆସିବା ପର୍ଯ୍ୟନ୍ତ ଯେପରି ଆମେ ଆମର ଦର୍ଶନେନ୍ଦ୍ରିୟର ଅସ୍ତିତ୍ୱ ସମ୍ବନ୍ଧରେ ଅବହିତ ହୋଇପାରୁ ନାହିଁ, ସେହିପରି ଆତ୍ମାକୁ ମଧ୍ୟ ଆମେ ତାହାର କାର୍ଯ୍ୟ ଭିତର ଦେଇ ନ ଦେଖିଲେ ପ୍ରତ୍ୟକ୍ଷ କରିପାରୁ ନାହିଁ । ଇନ୍ଦ୍ରିୟାନୁଭୂତିର ନିମ୍ନଭୂମିକୁ ଆତ୍ମାକୁ ଆଣିହୁଏ ନାହିଁ ! ଆତ୍ମା ସ୍ୱୟଂ କାରଣର ବିଷୟୀଭୂତ ନ ହୋଇ ମଧ୍ୟ ଏହି ବିଶ୍ୱର ଯାବତୀୟ ପଦାର୍ଥର କାରଣ । ଯେତେବେଳେ ଆମେ ନିଜକୁ ଆତ୍ମା ବୋଲି ଜାଣିପାରୁ, ସେତେବେଳେ ହିଁ ଆମେ ମୁକ୍ତ ହୋଇଯାଉ । ଆତ୍ମା ଅପରିଣାମୀ । ଏହା କଦାପି କାରଣର ବିଷୟ ହୋଇ ନ ପାରେ, କାରଣ ଏହା ସ୍ୱୟଂ କାରଣ । ଆତ୍ମା ସ୍ୱୟଂଭୂ । ଆମମାନଙ୍କ ମଧ୍ୟରେ ଯଦି ଏପରି କୌଣସି ବସ୍ତୁର ସନ୍ଧାନ ପାଉ, ଯାହା କୌଣସି କାରଣ ଦ୍ୱାରା ସାଧିତ ନୁହେଁ, ସେତେବେଳେ ବୁଝିବାକୁ ହେବ ଯେ, ଆମେ ଆତ୍ମାକୁ ଜାଣିଛୁ ।

ଅମୃତତ୍ୱ ଓ ମୁକ୍ତି ଅବିଚ୍ଛେଦ୍ୟ ଭାବରେ ସଂଶ୍ଳିଷ୍ଟ । ମୁକ୍ତ ହେବାକୁ ହେଲେ ପ୍ରାକୃତିକ ନିୟମର ଊର୍ଦ୍ଧ୍ୱକୁ ଯିବାକୁ ପଡ଼ିବ । ବିଧି-ନିଷେଧ ସେପର୍ଯ୍ୟନ୍ତ, ଯେପର୍ଯ୍ୟନ୍ତ ଆମେ ଅଜ୍ଞାନ । ତତ୍ତ୍ୱଜ୍ଞାନ ହେଲେ ଆମେ ହୃଦୟଙ୍ଗମ କରୁ ଯେ, ଆମ ଭିତରେ ଯେଉଁ ସ୍ୱାଧୀନତା ଅଛି, ତାହାର ନାମ ହିଁ ନିୟମ । ଇଚ୍ଛା କେବେ ସ୍ୱାଧୀନ ହୋଇ ନ ପାରେ । କାରଣ ଏହା କାର୍ଯ୍ୟ-କାରଣ-ସାପେକ୍ଷ । କିନ୍ତୁ ଇଚ୍ଛା-ଶକ୍ତିର ପଶ୍ଚାତ୍ତରେ ଅବସ୍ଥିତ 'ଅହଂ' ସ୍ୱାଧୀନ ଏବଂ ଏହା ହିଁ ଆତ୍ମା ! 'ମୁଁ ମୁକ୍ତ' ଏହି ବୁଦ୍ଧିକୁ ଭିତ୍ତି କରି ଜୀବନ ଗଠନ କରିବାକୁ ହେବ ଓ ବଞ୍ଚି ରହିବାକୁ ପଡ଼ିବ । ମୁକ୍ତିର ଅର୍ଥ ଅମୃତତ୍ୱ ।

## ବେଦାନ୍ତ ବିଷୟକ ବକ୍ତୃତାର ଅନୁଲିପି

ହିନ୍ଦୁଧର୍ମର ପ୍ରଧାନ ବୈଶିଷ୍ଟ୍ୟସମୂହ—ଅନୁଧ୍ୟାନ ଓ ଗଭୀର ଚିନ୍ତାମୂଳକ ଦର୍ଶନଶାସ୍ତ୍ର ଏବଂ ବେଦର ବିଭିନ୍ନ ଅଂଶରେ ନିହିତ ନୈତିକ ଶିକ୍ଷାର ଭିତ୍ତି ଉପରେ ପ୍ରତିଷ୍ଠିତ । ଏହାର ମତରେ ଏହି ବିଶ୍ୱ ଅନନ୍ତ ଓ ନିତ୍ୟକାଳସ୍ଥାୟୀ । ଏହାର କେବେ ଆଦି ନ ଥିଲା କି ଅନ୍ତ ମଧ୍ୟ ହେବ ନାହିଁ । ଏହି ଜଡ଼ଜଗତରେ ଆତ୍ମାର ଚୈତନ୍ୟ-ଶକ୍ତିର—ସୀମାର ରାଜ୍ୟରେ ଅସୀମ ଶକ୍ତିର ଅସଂଖ୍ୟ ପ୍ରକାଶ ଘଟିଛି; କିନ୍ତୁ ଅନନ୍ତ ନିଜେ ସ୍ୱୟଂ ବିଦ୍ୟମାନ—ଶାଶ୍ୱତ ଓ ଅପରିଣାମୀ । କାଳର ଗତି ଅନନ୍ତର ଚକ୍ର ଉପରେ କୌଣସି ରେଖାପାତ କରିପାରେ ନାହିଁ ।

ମାନବ-ବୁଦ୍ଧିର ଅଗୋଚର ସେହି ଅତୀନ୍ଦ୍ରିୟ ରାଜ୍ୟରେ ଅତୀତ ବା ଭବିଷ୍ୟତ ବୋଲି କିଛି ନାହିଁ ।

ମାନବାତ୍ମା ଅମର—ଏହା ହିଁ ବେଦ ଶିକ୍ଷା ଦିଏ । ଦେହ କ୍ଷୟ୍-ବୃଦ୍ଧିରୂପକ ନିୟମର ଅଧୀନ, କାରଣ ଯାହାର ବୃଦ୍ଧି ଅଛି, ତାହା ଅବଶ୍ୟ କ୍ଷୟପ୍ରାପ୍ତ ହେବ । କିନ୍ତୁ ଦେହସ୍ଥ ଆତ୍ମା ଦେହ ମଧ୍ୟରେ ଅବସ୍ଥିତ, ଅନନ୍ତ ଓ ଶାଶ୍ୱତ ଜୀବନ ସହିତ ସଂଯୁକ୍ତ । ଏହାର କେବେ ଜନ୍ମ ହୋଇ ନାହିଁ କି ମୃତ୍ୟୁ ମଧ୍ୟ ହେବ ନାହିଁ । ବୈଦିକ ଧର୍ମ ଓ ଖ୍ରୀଷ୍ଟଧର୍ମ ମଧ୍ୟରେ ଗୋଟିଏ ପ୍ରଧାନ ପାର୍ଥକ୍ୟ ହେଲି : ଖ୍ରୀଷ୍ଟ ଧର୍ମ ଶିକ୍ଷା ଦିଏ—ଏହି ପୃଥିବୀରେ ଜନ୍ମ-ପରିଗ୍ରହ କରିବା ମାନବାତ୍ମାର ଆଦି; ଅପର ପକ୍ଷରେ ବୈଦିକ ଧର୍ମ ଦୃଢ଼ ଭାବରେ ଘୋଷଣା କରିଥାଏ —ମାନବାତ୍ମା ଅନନ୍ତ ସତ୍ତାର ଅଭିବ୍ୟକ୍ତି ମାତ୍ର ଏବଂ ପରମେଶ୍ୱରଙ୍କ ପରି ଏହାର ମଧ୍ୟ ଆଦି ନାହିଁ । ସେହି ଶାଶ୍ୱତ ପୂର୍ଣ୍ଣତା ଲାଭ ନ କରିବା ପର୍ଯ୍ୟନ୍ତ ଆଧ୍ୟାତ୍ମିକ କ୍ରମବିକାଶର ନିୟମ ଅନୁସାରେ ଦେହରୁ ଦେହାନ୍ତରକୁ, ଅବସ୍ଥାରୁ ଅବସ୍ଥାନ୍ତରକୁ ଯିବାବେଳେ ସେହି ଆତ୍ମା ବହୁ ରୂପରେ ପ୍ରକାଶିତ ହେଉଛି ଓ ହେବ । ଅବଶେଷରେ ସେହି ପୂର୍ଣ୍ଣତ୍ୱ-ପ୍ରାପ୍ତିପରେ ତା'ର ଆଉ ଅବସ୍ଥାନ୍ତର ଘଟିବ ନାହିଁ ।

## ବେଦ ଓ ଉପନିଷଦ୍ ପ୍ରସଙ୍ଗରେ

ବୈଦିକ ଯଜ୍ଞର ବେଦୀରୁ ହିଁ ଜ୍ୟାମିତିର ଉଦ୍ଭବ ହୋଇଥିଲି ।

ଦେବତା ବା ଦିବ୍ୟପୁରୁଷମାନଙ୍କର ଆରାଧନା ଥିଲି ପୂଜାର ଭିତ୍ତି । ଏହାର ଭାବ ହେଲି : ଯେଉଁ ଦେବତା ଆରାଧିତ ହୁଅନ୍ତି, ସେ ସାହାଯ୍ୟପ୍ରାପ୍ତ ହୁଅନ୍ତି ଓ ସାହାଯ୍ୟ କରନ୍ତି । ବେଦର ସ୍ତୋତ୍ରସମୂହ କେବଳ ସ୍ତୁତି-ବାକ୍ୟ ନୁହେଁ, ପରନ୍ତୁ ଯଥାର୍ଥ ମନୋଭାବ ନେଇ ଉଚ୍ଚାରିତ ହେଲେ ସେସବୁ ଶକ୍ତିସମ୍ପନ୍ନ ହୋଇ ଉଠେ ।

ସ୍ୱର୍ଗଲୋକସମୂହ ଅବସ୍ଥାନ୍ତର ମାତ୍ର, ଯେଉଁଠାରେ ଇନ୍ଦ୍ରିୟଜ୍ଞାନ ଓ ଉଚ୍ଚତର କ୍ଷମତା ଆହୁରି ଅଧିକ । ପାଥିବ ଦେହପରି ଊର୍ଦ୍ଧ୍ୱସ୍ଥିତ ସୂକ୍ଷ୍ମ ଦେହ ମଧ୍ୟ ପରିଣାମରେ ଧ୍ୱଂସପ୍ରାପ୍ତ ହେବ । ଇହଜୀବନରେ ଏବଂ ପରଜୀବନରେ ସବୁ ପ୍ରକାର ଦେହର ମୃତ୍ୟୁ ଘଟିବ । ଦେବଗଣ ମଧ୍ୟ ମରଣଶୀଳ ଏବଂ ସେମାନେ କେବଳ ଭୋଗ-ସୁଖ-ପ୍ରଦାନରେ ସମର୍ଥ ।

ଦେବଗଣଙ୍କ ପଶ୍ଚାତ୍ତରେ ଏକ ଅଖଣ୍ଡ ତତ୍ତ୍ୱ—ଈଶ୍ୱର ବର୍ତ୍ତମାନ, ଯେପରି ଏହି ଦେହର ପଶ୍ଚାତ୍ତରେ ଏକ ଉଚ୍ଚତର ସତ୍ତା ବିଦ୍ୟମାନ, ଯିଏ ଅନୁଭବ ଓ ଦର୍ଶନ କରନ୍ତି ।

ବିଶ୍ୱର ସୃଷ୍ଟି ସ୍ଥିତି ଓ ପ୍ରଳୟ ବିଧାନର ଶକ୍ତି ଓ ସର୍ବତ୍ରବିଦ୍ୟମାନତା, ସର୍ବଜ୍ଞତା ଏବଂ ସର୍ବଶକ୍ତିମତ୍ତା ପ୍ରଭୃତି ଗୁଣାବଳୀ ଦେବଗଣଙ୍କ ନିୟନ୍ତା ଏକମାତ୍ର ଈଶ୍ୱରଙ୍କଠାରେ ହିଁ ବିଦ୍ୟମାନ ।

'ଅମୃତର ପୁତ୍ରଗଣ ଶ୍ରବଣ କର; ଊର୍ଦ୍ଧ୍ୱଲୋକ-ନିବାସୀ ସମସ୍ତେ ଶ୍ରବଣ କର, ସମସ୍ତ ସଂଶୟ ଓ ଅନ୍ଧକାରର ଆର ପାରରେ ମୁଁ ଏକ ଜ୍ୟୋତିର ଦର୍ଶନ ପାଇଛି । ମୁଁ ସେହି

ସନାତନ ପୁରୁଷଙ୍କୁ ଜାଣିଛୁ ।' ଉପନିଷଦ୍ ମଧ୍ୟରେ ଏହି ପଥର ନିର୍ଦ୍ଦେଶ ଅଛି ।

ପୃଥିବୀରେ ଆମେ ମରଣଶୀଳ । ସ୍ୱର୍ଗରେ ବି ମୃତ୍ୟୁ ଅଛି । ଊର୍ଦ୍ଧ୍ୱତମ ସ୍ୱର୍ଗଲୋକରେ ମଧ୍ୟ ଆମେ ମୃତ୍ୟୁର କବଳିତ ହେଉ । କେବଳ ଈଶ୍ୱରପ୍ରାପ୍ତି ହେଲେ ଆମେ ସତ୍ୟ ଓ ପ୍ରକୃତ ଜୀବନ ଲାଭ କରି ଅମରତ୍ୱ ଲାଭ କରୁ ।

ଉପନିଷଦ୍ କେବଳ ଏହି ତତ୍ତ୍ୱଗୁଡ଼ିକର ଅନୁଶୀଳନ କରେ । ଉପନିଷଦ୍ ଶୁଦ୍ଧ ପଥର ପ୍ରଦର୍ଶକ । ଉପନିଷଦ୍‌ରେ ଯେଉଁ ପଥର ନିର୍ଦ୍ଦେଶ ଅଛି, ତାହା ହିଁ ପବିତ୍ର ପନ୍ଥା । ବେଦର ବହୁ ଆଚାର-ବ୍ୟବହାର, ରୀତିନୀତି ଓ ସ୍ଥାନୀୟ ପ୍ରସଙ୍ଗ ବର୍ତ୍ତମାନ ବୁଝିହୁଏ ନାହିଁ । କିନ୍ତୁ ଏଗୁଡ଼ିକ ମାଧ୍ୟମରେ ସତ୍ୟ ପରିସ୍ଫୁଟ ହୁଏ । ସତ୍ୟର ଆଲୋକପ୍ରାପ୍ତି ପାଇଁ ସ୍ୱର୍ଗ ଓ ମର୍ତ୍ତ୍ୟ ତ୍ୟାଗ କରିବାକୁ ହୁଏ ।

ଉପନିଷଦ୍ ଘୋଷଣା କରୁଛନ୍ତି :

ସେହି ବ୍ରହ୍ମ ସମଗ୍ର ଜଗତରେ ଓତପ୍ରୋତ ଭାବରେ ରହିଛନ୍ତି । ଏହି ଜଗତ୍-ପ୍ରପଞ୍ଚ ତାହାଙ୍କର । ସେ ସର୍ବବ୍ୟାପୀ, ଅଦ୍ୱିତୀୟ, ଅଶରୀରୀ, ଅପାପବିଦ୍ଧ, ବିଶ୍ୱର ମହାନ୍ କବି, ଶୁଦ୍ଧ, ସର୍ବଦର୍ଶୀ; ସୂର୍ଯ୍ୟ ଓ ତାରକାଗଣ ଯାହାଙ୍କର ଛନ୍ଦ—ସେ ସମସ୍ତଙ୍କୁ ଯଥାନୁରୂପ କର୍ମଫଳ ପ୍ରଦାନ କରିଥାନ୍ତି ।

ଯେଉଁମାନେ କର୍ମାନୁଷ୍ଠାନ ଦ୍ୱାରା ଜ୍ଞାନାଲୋକ ଲାଭ କରିବାକୁ ଚେଷ୍ଟା କରିଥାନ୍ତି, ସେମାନେ ଗଭୀର ଅନ୍ଧକାର ମଧ୍ୟରେ ଘୂରି ବୁଲୁଛନ୍ତି । ପକ୍ଷାନ୍ତରେ ଯେଉଁମାନେ ମନେ କରନ୍ତି ଯେ, ଏହି ଜଗତ୍-ପ୍ରପଞ୍ଚ ହିଁ ସର୍ବସ୍ୱ, ସେମାନେ ମଧ୍ୟ ଅନ୍ଧକାରରେ ରହିଛନ୍ତି । ଏହି ସକଳ ଭାବନା ଦ୍ୱାରା ଯେଉଁମାନେ ପ୍ରକୃତିର ବାହାରକୁ ଯିବାକୁ ଅଭିଳାଷ କରନ୍ତି, ସେମାନେ ଗଭୀରତମ ଅନ୍ଧକାରରେ ପ୍ରବେଶ କରନ୍ତି ।

ତା'ହେଲେ କର୍ମାନୁଷ୍ଠାନ କ'ଣ ଖରାପ ? ନା, ଯେଉଁମାନେ ପ୍ରବର୍ତ୍ତକ ମାତ୍ର, ସେମାନେ ଏସବୁ ଅନୁଷ୍ଠାନ ଦ୍ୱାରା ଉପକୃତ ହେବେ ।

ଗୋଟିଏ ଉପନିଷଦ୍‌ରେ କିଶୋର ନଚିକେତା କର୍ତ୍ତୃକ ଏହି ପ୍ରଶ୍ନ ଉତ୍ଥାପିତ ହୋଇଛି : ମଣିଷର ମୃତ୍ୟୁ ହେଲେ କେହି କେହି କହନ୍ତି ସେ ରହେ ନାହିଁ; କେହି କେହି କହନ୍ତି, ସେ ରହନ୍ତି । ଆପଣ ଯମ, ସ୍ୱୟଂ ମୃତ୍ୟୁ—ଆପଣ ନିଶ୍ଚିତ ଭାବରେ ଏହି ସତ୍ୟ ଅବଗତ ଅଛନ୍ତି; ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଯମ ଉତ୍ତର ଦେଲେ, 'ମଣିଷ ତ ଦୂରର କଥା, ଦେବତାଗଣଙ୍କ ମଧ୍ୟରୁ ଅନେକେ ଏହା ଜାଣନ୍ତି ନାହିଁ । ହେ ବାଳକ, ତୁମେ ମୋତେ ଏହାର ଉତ୍ତର ପଚାର ନାହିଁ ।' କିନ୍ତୁ ନଚିକେତା ନିଜ ପ୍ରଶ୍ନରେ ଅବିଚଳିତ ରହିବାରୁ ଯମ ପୁନରାୟ କହିଲେ, 'ଦେବତାମାନଙ୍କର ଭୋଗ୍ୟ ବିଷୟସକଳ ମୁଁ ତୁମକୁ ପ୍ରଦାନ କରିବି । ଏ ପ୍ରଶ୍ନର ଉତ୍ତର ପାଇଁ ମୋତେ ଆଉ ଅନୁରୋଧ କର ନାହିଁ ।' କିନ୍ତୁ ନଚିକେତା ପର୍ବତ ପରି ଅଟଳ ରହିଲେ । ଏହାପରେ ମୃତ୍ୟୁଦେବତା କହିଲେ, 'ବତ୍ସ, ତୁମେ ତୃତୀୟ ଥର ମଧ୍ୟ ସମ୍ପଦ, ଶକ୍ତି, ଦୀର୍ଘ ଜୀବନ, ଯଶ, ପରିବାର, ସବୁକିଛିକୁ ପ୍ରତ୍ୟାଖ୍ୟାନ କରିଛ । ଚରମ ସତ୍ୟ ସମ୍ବନ୍ଧରେ ଜିଜ୍ଞାସା କରିବା ଭଳି ଯଥେଷ୍ଟ ସାହସ ତୁମର ଅଛି । ମୁଁ ତୁମକୁ ଏହି ବିଷୟରେ

ଉପଦେଶ ପ୍ରଦାନ କରିବ । ଦୁଇଟି ପଥ ଅଛି—ଗୋଟିଏ ହେଲା ଶ୍ରେୟଃର ପଥ ଓ ଅନ୍ୟଟି ପ୍ରେୟର ପଥ । ତୁମେ ପ୍ରଥମଟି ନିର୍ବାଚନ କରିଛ ।'

ଏଠାରେ ସତ୍ୟବସ୍ତୁ ପ୍ରଦାନର ସର୍ତ୍ତଗୁଡ଼ିକୁ ଲକ୍ଷ୍ୟ କର । ପ୍ରଥମଟି ହେଲା ପବିତ୍ରତା—ଏକ ଅପାପବିଦ୍ଧ ନିର୍ମଳଚରିତ୍ର ବାଳକ ଈଶ୍ୱର ରହସ୍ୟ ଜାଣିବା ପାଇଁ ପ୍ରଶ୍ନ ପଚାରୁଛନ୍ତି । ଦ୍ୱିତୀୟତଃ କୌଣସି ପୁରସ୍କାର ବା ପ୍ରତିଦାନର ଆଶା ନ ରଖି କେବଳ ସତ୍ୟ ପାଇଁ ସତ୍ୟକୁ ଗ୍ରହଣ କରିବାକୁ ହେବ । ଯେ ସ୍ୱୟଂ ଆତ୍ମସାକ୍ଷାତ୍କାର କରିଛନ୍ତି, ସତ୍ୟକୁ ଉପଲବ୍ଧି କରିଛନ୍ତି—ସେହିଭଳି ବ୍ୟକ୍ତିଙ୍କ ନିକଟରୁ ସତ୍ୟ ସମ୍ବନ୍ଧରେ ଉପଦେଶ ନ ମିଳିଲେ ତାହା ଫଳପ୍ରଦ ହୁଏ ନାହିଁ । କୌଣସି ଗ୍ରନ୍ଥ ଏହା ଦେଇପାରେ ନାହିଁ, ତର୍କବିଚାରରେ ଏହା ପ୍ରତିଷ୍ଠିତ ହୋଇପାରେ ନାହିଁ । ସତ୍ୟର ରହସ୍ୟ ଯେ ଜାଣିଛନ୍ତି, କେବଳ ତାଙ୍କ ନିକଟରେ ସତ୍ୟ ଉଦ୍‌ଘାଟିତ ହୁଏ ।

ଏହି ରହସ୍ୟ ଜାଣିବା ପରେ ଶାନ୍ତ ହୋଇଯାଅ । ବୃଥାତର୍କରେ ଉତ୍ତେଜିତ ହୁଅ ନାହିଁ । ଆତ୍ମସାକ୍ଷାତ୍କାର ପାଇଁ ଲାଗିପଡ଼; ତୁମେ ହିଁ ସତ୍ୟ-ଲାଭ କରିବାକୁ ସମର୍ଥ ।

ଏହା ସୁଖ ନୁହେଁ, ଦୁଃଖ ନୁହେଁ; ପାପ ନୁହେଁ, ପୁଣ୍ୟ ମଧ୍ୟ ନୁହେଁ; ଜ୍ଞାନ ନୁହେଁ, ଅଜ୍ଞାନ ମଧ୍ୟ ନୁହେଁ । ତୁମକୁ ଏହା ଅନୁଭବରେ ଜାଣିବାକୁ ହେବ । ଭାଷା ମାଧ୍ୟମରେ ମୁଁ କିପରି ତୁମ ଆଗରେ ଏହାକୁ ବର୍ଣ୍ଣନା କରିବି ?

ଯେ ଅନ୍ତରରୁ କାନ୍ଦି କାନ୍ଦି କହନ୍ତି, ପ୍ରଭୁ, ମୁଁ ଏକମାତ୍ର ତୁମକୁ ହିଁ ଚାହେଁ—ପ୍ରଭୁ ତାଙ୍କ ନିକଟରେ ନିଜକୁ ପ୍ରକାଶ କରନ୍ତି । ପବିତ୍ର ହୁଅ, ଶାନ୍ତ ହୁଅ; ଅଶାନ୍ତ ଚିତ୍ତରେ ଈଶ୍ୱର ପ୍ରତିଫଳିତ ହୁଅନ୍ତି ନାହିଁ ।

'ବେଦ ଯାହାଙ୍କୁ ଘୋଷଣା କରେ, ଯାହାଙ୍କୁ ଲାଭ କରିବା ପାଇଁ ଆମେ ପ୍ରାର୍ଥନା ଓ ଯଜ୍ଞ କରିଥାଉଁ, ଓଁ ସେହି ଅବ୍ୟକ୍ତ ପୁରୁଷଙ୍କର ପବିତ୍ର ନାମସ୍ୱରୂପ ।' ଏହି ଓଁକାର ସମ୍ପ୍ରଦାୟ ଶବ୍ଦ ମଧ୍ୟରେ ପବିତ୍ରତମ । ଯେ ଏହି ଶବ୍ଦର ରହସ୍ୟ ଅବଗତ, ସେ ପ୍ରାର୍ଥିତ ବସ୍ତୁ ଲାଭ କରନ୍ତି । ଏହି ଶବ୍ଦର ଆଶ୍ରୟ ଗ୍ରହଣ କର । ଯେ ଏହି ଶବ୍ଦର ଆଶ୍ରୟ ଗ୍ରହଣ କରନ୍ତି, ତାଙ୍କ ପାଇଁ ପଥ ଉଦ୍‌ଘାଟିତ ହୁଏ ।

## ଜ୍ଞାନଯୋଗ

ପ୍ରଥମତଃ ଧ୍ୟାନ ନେତିମୂଳକ ହେବ । ସମସ୍ତ ଚିନ୍ତାକୁ ବିଲୟ କରିଦିଅ । ଯାହା ମନକୁ ଆସେ, ତାହାକୁ ପ୍ରବଳ ଇଚ୍ଛାଶକ୍ତି ସହାୟତାରେ ବିଶ୍ଳେଷଣ କରି ନିରସ୍ତ କର ।

ଏହାପରେ ଦୃଢ଼ତାର ସହ ଆମର ଯାହା ପ୍ରକୃତ ସ୍ୱରୂପ, ତତ୍ ସମ୍ବନ୍ଧରେ ଅଭିନିବିଷ୍ଟ ହୁଅ—ସତ୍, ଚିତ୍, ଆନନ୍ଦ—ଅସ୍ତିଭାବ, ଜ୍ଞାନସ୍ୱଭାବ ଏବଂ ପ୍ରେମସ୍ୱରୂପ ।

ଧ୍ୟାନ ମଧ୍ୟ ଦେଇ ଦ୍ରଷ୍ଟା ଓ ଦୃଶ୍ୟର ଐକ୍ୟାନୁଭବ ହୋଇଥାଏ । ଧ୍ୟାନ କର : ଊର୍ଦ୍ଧ୍ୱ ମୋ ଦ୍ୱାରା ପରିପୂର୍ଣ୍ଣ, ଅଧଃ ମୋ ଦ୍ୱାରା ପରିପୂର୍ଣ୍ଣ, ମଧ୍ୟ ମୋ ଦ୍ୱାରା ପରିପୂର୍ଣ୍ଣ । ମୁଁ ସର୍ବ-

ଭୂତରେ ଏବଂ ସର୍ବଭୂତ ମୋ'ଠାରେ ବିରାଜିତ । ଓମ୍ ତତ୍ ସତ୍, ମୁଁ ହିଁ ସେହି । ମୁଁ ମନର ଊର୍ଦ୍ଧ୍ୱରେ ସତ୍ସ୍ୱରୂପ । ମୁଁ ବିଶ୍ୱର ଏକମାତ୍ର ଆତ୍ମାସ୍ୱରୂପ, ମୁଁ ସୁଖ ନୁହେଁ, ଦୁଃଖ ନୁହେଁ ।

ଦେହ ହିଁ ପାନାହାର କରେ । ମୁଁ ଦେହ ନୁହେଁ କି ମନ ନୁହେଁ । ସୋଽହମ୍ !

ମୁଁ ସାକ୍ଷୀସ୍ୱରୂପ, ମୁଁ ଦ୍ରଷ୍ଟା । ଯେତେବେଳେ ଦେହ ସୁସ୍ଥ ଥାଏ, ମୁଁ ସାକ୍ଷୀ; ଯେତେବେଳେ ରୋଗ ଆକ୍ରମଣ କରେ, ସେତେବେଳେ ବି ମୁଁ ସାକ୍ଷୀସ୍ୱରୂପ ବିଦ୍ୟମାନ ।

ମୁଁ ସଚ୍ଚିଦାନନ୍ଦ । ମୁଁ ହିଁ ସାର ପଦାର୍ଥ, ଜ୍ଞାନାମୃତ-ସ୍ୱରୂପ । ଅନନ୍ତ କାଳରେ ମୋର ପରିବର୍ତ୍ତନ ନାହିଁ । ମୁଁ ଶାନ୍ତ, ଦୀପ୍ୟମାନ, ପରିବର୍ତ୍ତନ-ରହିତ ।

## ସତ୍ୟ ଏବଂ ଛାୟା

ଦେଶ, କାଳ ଓ ନିମିତ୍ତ ଏକ ବସ୍ତୁରୁ ଅନ୍ୟ ବସ୍ତୁର ପାର୍ଥକ୍ୟ ନିର୍ଣ୍ଣୟ କରେ । ପାର୍ଥକ୍ୟ ଆକାରରେ ହିଁ ବିଦ୍ୟମାନ, ବସ୍ତୁରେ ନୁହେଁ । ରୂପ (ଆକାର) ବିନଷ୍ଟ ହେଲେ ଏହା ଚିରଦିନ ପାଇଁ ଲୋପ ପାଏ, କିନ୍ତୁ ବସ୍ତୁ ଏକରୂପରେ ହିଁ ଥାଏ । ବସ୍ତୁକୁ କଦାପି ଧ୍ୱଂସ କରାଯାଇପାରେ ନାହିଁ । ପ୍ରକୃତି ମଧ୍ୟରେ ହିଁ କ୍ରମ-ବିବର୍ତ୍ତନ, ଆତ୍ମାରେ ନୁହେଁ—ପ୍ରକୃତିର କ୍ରମ-ବିବର୍ତ୍ତନ ଆତ୍ମାର ପ୍ରକାଶ ।

ସାଧାରଣତଃ ଯେଭଳି ବ୍ୟାଖ୍ୟା କରାଯାଇଥାଏ, ମାୟା ସେପରି ଭ୍ରମ ନୁହେଁ । ମାୟା ସତ୍, ପୁଣି ସତ୍ ନୁହେଁ । ମାୟା ସତ୍, କାରଣ ଏହା ପଛରେ ପ୍ରକୃତ ସତ୍ତା ବିଦ୍ୟମାନ, ଏହା ହିଁ ମାୟାକୁ ପ୍ରକୃତ ସତ୍ତାର ଆଭାସ ପ୍ରଦାନ କରେ । ମାୟା ମଧ୍ୟରେ ଯାହା ସତ୍, ତାହା ହେଲା ମାୟା ମଧ୍ୟରେ ଓତପ୍ରୋତ ଭାବରେ ବିଦ୍ୟମାନ ପ୍ରକୃତ ସତ୍ତା । ତଥାପି ଏହି ପ୍ରକୃତ ସତ୍ତା କେବେହେଲେ ଦୃଷ୍ଟ ହୁଏ ନାହିଁ; ସୁତରାଂ ଯାହା ଦୃଷ୍ଟ ହୁଏ, ତାହା ଅସତ୍ ଏବଂ ତା'ର ପ୍ରକୃତ ସ୍ୱତନ୍ତ୍ର ସତ୍ତା ନାହିଁ, ପ୍ରକୃତ ସତ୍ତା ଉପରେ ହିଁ ଏହାର ଅସ୍ତିତ୍ୱ ନିର୍ଭର କରେ ।

ଅତଏବ ମାୟା ହେଲା କୂଟାଭାସ—ସତ୍ ଅଥଚ ସତ୍ ନୁହେଁ, ଭ୍ରମ ଅଥଚ ଭ୍ରମ ନୁହେଁ । ଯେ ପ୍ରକୃତ ସତ୍ତାକୁ (ସତ୍ସ୍ୱରୂପକୁ) ଜାଣିଛନ୍ତି, ସେ ମାୟାକୁ ଭ୍ରମ ଭାବରେ ଦେଖନ୍ତି ନାହିଁ, ସତ୍ୟ ବୋଲି ବିବେଚନା କରନ୍ତି । ଯାହାଙ୍କୁ ସତ୍ସ୍ୱରୂପ ଜଣା ନାହିଁ, ତାଙ୍କ ନିକଟରେ ମାୟା ଭ୍ରମ ଏବଂ ଏହାକୁ ହିଁ ସେ ସତ୍ୟ ବୋଲି ଜ୍ଞାନ କରିଥାଆନ୍ତି ।

## ଜୀବନ-ମୃତ୍ୟୁର ବିଧାନ

ପ୍ରକୃତି ଅନ୍ତର୍ଗତ ସମୁଦାୟ ବସ୍ତୁ ନିୟମ ଅନୁଯାୟୀ କର୍ମ କରିଥାନ୍ତି । କୌଣସିଟି ଏହାର ବ୍ୟତିକ୍ରମ ନୁହେଁ । ମନ ଓ ବହିଃପ୍ରକୃତିର ସମୁଦାୟ ବସ୍ତୁ ନିୟମ ଦ୍ୱାରା ଶାସିତ ଓ ନିୟନ୍ତ୍ରିତ ହୁଅନ୍ତି ।

ଅନ୍ତର ଓ ବହିଃପ୍ରକୃତି, ମନ ଓ ଜଡ଼ବସ୍ତୁ କାଳ ଓ ଦେଶ ମଧ୍ୟରେ ଅବସ୍ଥିତ ଏବଂ କାର୍ଯ୍ୟ-କାରଣ-ସମ୍ବନ୍ଧ ଦ୍ୱାରା ଆବଦ୍ଧ ।

ମନର ମୁକ୍ତି ଭ୍ରମ ମାତ୍ର । ଯେଉଁ ମନ ନିୟମ ଦ୍ୱାରା ବଦ୍ଧ ଓ ନିୟନ୍ତ୍ରିତ, ତା'ର ମୁକ୍ତି କିପରି ସମ୍ଭବ ହେବ ? କର୍ମବାଦ ହିଁ କାର୍ଯ୍ୟ-କାରଣ-ବାଦ ।

ଆମମାନଙ୍କୁ ମୁକ୍ତ ହେବାକୁ ପଡ଼ିବ । ଆମେ ତ ମୁକ୍ତ ଅଛୁ; କିନ୍ତୁ ଆମେ ଯେ ମୁକ୍ତ—ଏହା ଜାଣିପାରିବା ହିଁ ପ୍ରକୃତ କାମ । ସର୍ବପ୍ରକାର ଦାସତ୍ୱ ଓ ସର୍ବପ୍ରକାର ବନ୍ଧନକୁ ପରିତ୍ୟାଗ କରିବାକୁ ହେବ । ଆମମାନଙ୍କୁ ଯେ କେବଳ ସବୁପ୍ରକାର ପାର୍ଥିବ ବନ୍ଧନ ଓ ଜଗତର ଅନ୍ତର୍ଗତ ସବୁପ୍ରକାର ବସ୍ତୁ ଓ ବ୍ୟକ୍ତିଙ୍କର ବନ୍ଧନ ତ୍ୟାଗ କରିବାକୁ ହେବ, ତାହା ନୁହେଁ, ସ୍ୱର୍ଗ ଓ ସୁଖ ସମ୍ବନ୍ଧରେ ସର୍ବପ୍ରକାର କଳ୍ପନା ମଧ୍ୟ ତ୍ୟାଗ କରିବାକୁ ହେବ ।

ବାସନା ଦ୍ୱାରା ଆମେମାନେ ପୃଥିବୀରେ ଆବଦ୍ଧ, ପୁନଶ୍ଚ ଈଶ୍ୱର ସ୍ୱର୍ଗ ଦେବଦୂତଙ୍କ ନିକଟରେ ମଧ୍ୟ ବଦ୍ଧ । କ୍ରୀତଦାସ ହିଁ କ୍ରୀତଦାସ, ସେ ମାନବ, ଈଶ୍ୱର ଅଥବା ଦେବଦୂତ—ଯାହାର କ୍ରୀତଦାସ ହେଉନା କାହିଁକି । ସ୍ୱର୍ଗର କଳ୍ପନା ପରିତ୍ୟାଗ କରିବାକୁ ହେବ ।

ସଜ୍ଜନ ବ୍ୟକ୍ତି ମୃତ୍ୟୁପରେ ସ୍ୱର୍ଗକୁ ଯାଇ ଅନନ୍ତ ସୁଖମୟ ଜୀବନ ଯାପନ କରନ୍ତି—ଏପରି ଧାରଣା ବୃଥା ସ୍ୱପ୍ନ ମାତ୍ର । ଏହାର ବିନ୍ଦୁମାତ୍ର ଅର୍ଥ ବା ଯୌକ୍ତିକତା ନାହିଁ । ଯେଉଁଠାରେ ସୁଖ ଅଛି, ସେଠାକୁ କୌଣସି ନା କୌଣସି ସମୟରେ ଦୁଃଖ ଆସିବ ହିଁ ଆସିବ । ଯେଉଁଠାରେ ଆନନ୍ଦ, ସେଠାରେ ବେଦନା ନିଶ୍ଚିତ । ଏହା ସମ୍ପୂର୍ଣ୍ଣ ଭାବରେ ସତ୍ୟ ଯେ, ଯେଉଁ ଭାବରେ ହେଉ ନା କାହିଁକି ପ୍ରତ୍ୟେକ କ୍ରିୟାର ପ୍ରତିକ୍ରିୟା ଅବଶ୍ୟ ରହିବ ।

ସ୍ୱାଧୀନତାର ଆଦର୍ଶ ହେଉଛି ମୋକ୍ଷଲାଭର ପ୍ରକୃତ ଆଦର୍ଶ । ତାହା ହେଉଛି ଇନ୍ଦ୍ରିୟର ସର୍ବପ୍ରକାର ଦ୍ୱନ୍ଦ୍ୱ ଆନନ୍ଦ ବା ବେଦନା, ଭଲ ବା ମନ୍ଦ ଯାବତୀୟ ବିଷୟରୁ ମୁକ୍ତି ।

ଏହାଠାରୁ ବଳି ବଡ଼ କଥା ହେଲା—ଆମମାନଙ୍କୁ ମୃତ୍ୟୁର କବଳରୁ ମଧ୍ୟ ମୁକ୍ତ ହେବାକୁ ପଡ଼ିବ; ଏବଂ ମୃତ୍ୟୁର ହାତରୁ ମୁକ୍ତ ହେବାକୁ ହେଲେ ଆମକୁ ଜୀବନଠାରୁ ମଧ୍ୟ ମୁକ୍ତ ହେବାକୁ ପଡ଼ିବ । ଜୀବନ ମୃତ୍ୟୁର ଛାୟା ମାତ୍ର । ଜୀବନ ଥିଲେ ମୃତ୍ୟୁ ଅବଶ୍ୟ ରହିବ; ସୁତରାଂ ମୃତ୍ୟୁକୁ ଅତିକ୍ରମ କରିବାକୁ ହେଲେ ଜୀବନଠାରୁ ମଧ୍ୟ ମୁକ୍ତ ହୁଅ ।

ଆମେ ଚିରକାଳ ମୁକ୍ତ, ଆମକୁ କେବଳ ଏହା ବିଶ୍ୱାସ କରିବାକୁ ହେବ, ଯଥେଷ୍ଟ ବିଶ୍ୱାସ ରହିବା ଦରକାର । ତୁମେ ଅନନ୍ତ ମୁକ୍ତ ଆତ୍ମା, ଚିରସ୍ୱାଧୀନ—ଚିର ଧନ୍ୟ । ଯଥେଷ୍ଟ ବିଶ୍ୱାସ ରଖ—ମୁହୂର୍ତ୍ତକ ମଧ୍ୟରେ ତୁମେ ମୁକ୍ତ ହୋଇଯିବ ।

ଦେଶ କାଳ ଓ ନିମିତ୍ତର ଅନ୍ତର୍ଗତ ସମସ୍ତ ବସ୍ତୁ ବଦ୍ଧ । ଆତ୍ମା ସର୍ବପ୍ରକାର ଦେଶ କାଳ ଓ ନିମିତ୍ତର ବାହାରେ । ଯାହା ବଦ୍ଧ ତାହା ହିଁ ପ୍ରକୃତି—ଆତ୍ମା ନୁହେଁ ।

ଅତଏବ ତୁମର ମୁକ୍ତି ଘୋଷଣା କର ଏବଂ ତୁମେ ପ୍ରକୃତରେ ଯାହା, ତାହା ହିଁ ହୁଅ—ସଦା ମୁକ୍ତ, ସଦାନନ୍ଦମୟ ।

ଦେଶ କାଳ ଓ ନିମିତ୍ତକୁ ହିଁ ଆମେ ମାୟା ବୋଲି କହୁଥାଉଁ ।

## ଆତ୍ମା ଓ ଈଶ୍ୱର

ଯାହା କୌଣସି ସ୍ଥାନ ଅଧିକାର କରି ରହିଛି, ତାହାର ରୂପ ଅଛି । ସ୍ଥାନ (ଦେଶ) ନିଜେ ହିଁ ରୂପ ବା ଆକାର ଧାରଣ କରେ । ହୁଏତ ତୁମେ ସ୍ଥାନ (ଦେଶ) ମଧ୍ୟରେ ଅବସ୍ଥିତ, ନତୁବା ସ୍ଥାନ ତୁମ ମଧ୍ୟରେ ଅବସ୍ଥିତ । ଆତ୍ମା ସର୍ବପ୍ରକାର ଦେଶର ଅତୀତ । ଦେଶ ଆତ୍ମାରେ ଅବସ୍ଥିତ, ଆତ୍ମା ଦେଶରେ ଅବସ୍ଥିତ ନୁହେଁ ।

ଆକାର ବା ରୂପ—କାଳ ଓ ଦେଶଦ୍ୱାରା ସୀମାବଦ୍ଧ ଏବଂ କାର୍ଯ୍ୟକାରଣ ଦ୍ୱାରା ଆବଦ୍ଧ । ସମୁଦାୟ କାଳ ଆମ ଭିତରେ ବିଦ୍ୟମାନ, ଆମେ କାଳ ମଧ୍ୟରେ ଅବସ୍ଥିତ ନୋହୁଁ । ଯେହେତୁ ଆତ୍ମା ସ୍ଥାନ ଓ କାଳ ମଧ୍ୟରେ ଅବସ୍ଥିତ ନୁହେଁ, ସମୁଦାୟ କାଳ ଓ ଦେଶ ଆତ୍ମାରେ ହିଁ ଅବସ୍ଥିତ; ଅତଏବ ଆତ୍ମା ହେଉଛି ସର୍ବବ୍ୟାପୀ ।

ଈଶ୍ୱରଙ୍କ ସମ୍ବନ୍ଧରେ ଆମମାନଙ୍କର ଧାରଣା ଆମ ନିଜ ନିଜ ଚିନ୍ତାର ପ୍ରତିଛବି । ପ୍ରାଚୀନ ପାର୍ସୀ ଏବଂ ସଂସ୍କୃତ ମଧ୍ୟରେ ମେଳ ଦେଖାଯାଏ ।

ପ୍ରକୃତିର ବିଭିନ୍ନ ରୂପ ସହିତ ଈଶ୍ୱରଙ୍କର ଅଭେଦକଳ୍ପନା ଅର୍ଥାତ୍ ପ୍ରକୃତି-ପୂଜା ହିଁ ଥିଲା ଈଶ୍ୱରଙ୍କ ସମ୍ବନ୍ଧରେ ପ୍ରାଚୀନ ଯୁଗର ଧାରଣା । ପରବର୍ତ୍ତୀ ସ୍ତର ହେଲା ଗୋଷ୍ଠୀଗତ ଦେବତା । ରାଜାଙ୍କୁ ଈଶ୍ୱରଜ୍ଞାନରେ ପୂଜା କରିବା ହେଲା ତା'ର ପରବର୍ତ୍ତୀ କ୍ରମ ।

ଈଶ୍ୱର ସ୍ୱର୍ଗରେ ଅବସ୍ଥାନ କରନ୍ତି—ଏହି ଧାରଣା ଭାରତବର୍ଷ ବ୍ୟତୀତ ଅନ୍ୟସବୁ ଜାତି ମଧ୍ୟରେ ପ୍ରବଳ । ଏହି ଧାରଣା ଅତ୍ୟନ୍ତ ଅପରିଣତ ।

ଅବିଚ୍ଛିନ୍ନ ଜୀବନର କଳ୍ପନା ହାସ୍ୟଜନକ । ଯେପର୍ଯ୍ୟନ୍ତ ଆମେ ଜୀବନରୁ ମୁକ୍ତି ଲାଭ ନ କରୁ, ସେପର୍ଯ୍ୟନ୍ତ ମୃତ୍ୟୁ-ହାତରୁ ମଧ୍ୟ ମୁକ୍ତି ନାହିଁ ।

## ଚରମ ଲକ୍ଷ୍ୟ ବା ଉଦ୍ଦେଶ୍ୟ

ଦ୍ୱୈତବାଦୀମାନଙ୍କ ମତରେ ଈଶ୍ୱର ଏବଂ ପ୍ରକୃତି ଚିରକାଳ ପୃଥକ୍ । ବିଶ୍ୱ ଓ ପ୍ରକୃତି ଅନନ୍ତକାଳ ଧରି ଈଶ୍ୱରାଧୀନ ।

ଚରମ ଅଦ୍ୱୈତବାଦୀଗଣ ଏପରି ତାରତମ୍ୟ କରନ୍ତି ନାହିଁ । ସର୍ବଶେଷ ବିଶ୍ଳେଷଣରେ ସେମାନେ ଘୋଷଣା କରିଥାନ୍ତି ଯେ, ସବୁ ହିଁ ବ୍ରହ୍ମ; ତାଙ୍କଠାରେ ହିଁ ଏହି ବିଶ୍ୱପ୍ରପଞ୍ଚ ଲୟପ୍ରାପ୍ତ ହୁଏ; ଈଶ୍ୱର ଏହି ବିଶ୍ୱର ଅନନ୍ତ ଜୀବନ-ସ୍ୱରୂପ ।

ସେମାନଙ୍କ ମତରେ ଅସୀମ ଓ ସସୀମ—କେବଳ ଦୁଇଟି ଶବ୍ଦ ମାତ୍ର । ଭେଦବୁଦ୍ଧିବଶତଃ ବିଶ୍ୱଜଗତ୍, ପ୍ରକୃତି ସ୍ୱତନ୍ତ୍ରଭାବରେ ଦଣ୍ଡାୟମାନ । ପ୍ରକୃତି ସ୍ୱୟଂ ବିଭିନ୍ନତାର ସ୍ୱରୂପ ।

'ଈଶ୍ୱର ଏହି ବିଶ୍ୱକୁ କାହିଁକି ସୃଷ୍ଟି କଲେ ? ଯେ ସ୍ୱୟଂ ପୂର୍ଣ୍ଣ, ସେ ଏହି ଅପୂର୍ଣ୍ଣ ସୃଷ୍ଟି କଲେ କାହିଁକି ?' ଇତ୍ୟାଦି ପ୍ରଶ୍ନର ଉତ୍ତର ଦେଇହେବ ନାହିଁ, କାରଣ ଏହି ଧରଣର ପ୍ରଶ୍ନଗୁଡ଼ିକ ତର୍କାନୁସାରେ ଅଯୌକ୍ତିକ । ଯୁକ୍ତିର ସ୍ଥାନ ପ୍ରକୃତିର ଇଲାକା ମଧ୍ୟରେ; ପ୍ରକୃତିର ଊର୍ଦ୍ଧ୍ୱରେ ଏହାର କୌଣସି ଅସ୍ତିତ୍ୱ ନାହିଁ । 'ଈଶ୍ୱର ସର୍ବଶକ୍ତିମାନ୍, ସୁତରାଂ କାହିଁକି ସେ ସେହିପରି କଲେ ?'—ଇତ୍ୟାଦି ପ୍ରଶ୍ନ ଦ୍ୱାରା ତାଙ୍କୁ ସୀମାବଦ୍ଧ କରିଦିଆଯାଏ । ଯଦି ତାଙ୍କର କୌଣସି ଉଦ୍ଦେଶ୍ୟ ଥାଏ, ତା'ହେଲେ ତାହା ନିଶ୍ଚୟ କୌଣସି ଲକ୍ଷ୍ୟପ୍ରାପ୍ତିର ଉପାୟସ୍ୱରୂପ ଏବଂ ଏହାର ଏହି ଅର୍ଥ ହେବ ଯେ, ଏହି ଉପାୟ ବ୍ୟତୀତ ଈଶ୍ୱର ଲକ୍ଷ୍ୟ ହାସଲ କରିପାରନ୍ତି ନାହିଁ । 'କାହିଁକି ? ଓ କେଉଁଠାରୁ ?'—ଇତ୍ୟାଦି ପ୍ରଶ୍ନସମୂହ ସେହି ବସ୍ତୁ ସମ୍ବନ୍ଧରେ କେବଳ ଉଠିପାରେ, ଯାହାର ଅସ୍ତିତ୍ୱ ଅନ୍ୟ କୌଣସି ବସ୍ତୁ ଉପରେ ନିର୍ଭର କରେ ।

## ଧର୍ମର ପ୍ରମାଣ ପ୍ରସଙ୍ଗରେ

ଧର୍ମ ସମ୍ବନ୍ଧରେ ଗୋଟିଏ ବଡ଼ ପ୍ରଶ୍ନ ହେଲା : କେଉଁ କାରଣରୁ ଧର୍ମ ଏତେ ଅବୈଜ୍ଞାନିକ ? ଧର୍ମ ଯଦି ଗୋଟିଏ ବିଜ୍ଞାନ, ତା' ହେଲେ ଅପରାପର ବିଜ୍ଞାନ ପରି ଏହାର ସତ୍ୟତା ଅବଧାରିତ ନୁହେଁ କାହିଁକି ? ଈଶ୍ୱର, ସ୍ୱର୍ଗ ପ୍ରଭୃତି ସମ୍ପର୍କରେ ସମୁଦାୟ ଧାରଣା—ଅନୁମାନ ଓ ବିଶ୍ୱାସ ମାତ୍ର । ଏହା ସମ୍ବନ୍ଧରେ କୌଣସି ନିଶ୍ଚୟତା ନାହିଁ ବୋଲି ମନେହୁଏ । ଧର୍ମ ସମ୍ବନ୍ଧରେ ଆମମାନଙ୍କର ଧାରଣା ପ୍ରତିନିୟତ ପରିବର୍ତ୍ତିତ ହେଉଅଛି । ମନ ସର୍ବଦା ପରିବର୍ତ୍ତନଶୀଳ ପ୍ରବାହ-ସ୍ୱରୂପ ।

ମାନବ କ'ଣ ଆତ୍ମା, ଏକ ଅପରିବର୍ତ୍ତନୀୟ ସତ୍ତା (ପଦାର୍ଥ) ଅଥବା ନିତ୍ୟ ପରିବର୍ତ୍ତନଶୀଳତାର ସମଷ୍ଟି ମାତ୍ର ? ପ୍ରାଚୀନ ବୌଦ୍ଧଧର୍ମ ବ୍ୟତୀତ ଅନ୍ୟାନ୍ୟ ସବୁ ଧର୍ମ ବିଶ୍ୱାସ କରନ୍ତି ଯେ, ମଣିଷ ହିଁ ଆତ୍ମା, ଏକ ଅଭିନ୍ନ ସତ୍ତା, ଏକ ଅଦ୍ୱିତୀୟ—ଯାହାର ମୃତ୍ୟୁ ନାହିଁ ଅର୍ଥାତ୍ ଅବିନଶ୍ୱର ।

ପ୍ରାଚୀନ ବୌଦ୍ଧ ମତାବଲମ୍ବୀମାନଙ୍କର ବିଶ୍ୱାସ ଯେ, ମଣିଷ ନିତ୍ୟ-ପରିବର୍ତ୍ତନଶୀଳ ଅବସ୍ଥାବିଶେଷ ଏବଂ ଅସଂଖ୍ୟ ଦ୍ରୁତ ଅବସ୍ଥାନ୍ତରର ପାରମ୍ପର୍ଯ୍ୟ ମଧ୍ୟରେ ହିଁ ତାହାର ଚୈତନ୍ୟ ନିହିତ । ପ୍ରତ୍ୟେକଟି ପରିବର୍ତ୍ତନଗୁଡ଼ିକଠାରୁ ବିଚ୍ଛିନ୍ନ ଅବସ୍ଥାରେ ଏକକ ଅବସ୍ଥାନ କରୁଛି । ଏହି ଭାବରେ କାର୍ଯ୍ୟକାରଣ-ବାଦ ଓ ପରିଣାମ-ବାଦର କୌଣସି ଅବସର ନାହିଁ ।

ଯଦି ଅଦ୍ୱିତୀୟ 'ସମଗ୍ର' ବୋଲି କିଛି ଥାଏ, ତା'ହେଲେ ବସ୍ତୁ (ସତ୍ତା) ମଧ୍ୟ ଅଛି । ଅଖଣ୍ଡ ସର୍ବଦା ମୌଳିକ । ମୌଳିକ କୌଣସି ପଦାର୍ଥର ସମ୍ମିଶ୍ରଣ ନୁହେଁ । ଅନ୍ୟ କୌଣସି ପଦାର୍ଥ ଉପରେ ଏହାର ଅସ୍ତିତ୍ୱ ନିର୍ଭର କରେ ନାହିଁ । ଏହା ଏକାକୀ ବିରାଜମାନ ଓ ଅବିନଶ୍ୱର ।

ପ୍ରାଚୀନ ବୌଦ୍ଧଗଣ ଏପରି ଯୁକ୍ତି ପ୍ରଦର୍ଶନ କରିଥାନ୍ତି ଯେ, ସମୁଦାୟ ବସ୍ତୁ

ପରସ୍ପରଠାରୁ ବିଚ୍ଛିନ୍ନ; ଅଖଣ୍ଡ ବୋଲି କିଛି ନାହିଁ; ଏବଂ ମଣିଷ ପୂର୍ଣ୍ଣ ବା ଅଖଣ୍ଡ—ଏହି ମତବାଦ କେବଳ ବିଶ୍ୱାସ ମାତ୍ର, ଏହାକୁ ପ୍ରମାଣ କରାଯାଇପାରିବ ନାହିଁ ।

ବର୍ତ୍ତମାନ ପ୍ରଧାନ ପ୍ରଶ୍ନ ହେଲା : ମଣିଷ ତା'ହେଲେ କଅଣ ପୂର୍ଣ୍ଣ, ନା ନିତ୍ୟ ପରିବର୍ତ୍ତନଶୀଳତାର ଗୋଟିଏ ସ୍ତୂପ ମାତ୍ର ? ଏହି ପ୍ରଶ୍ନର ଉତ୍ତର ଦେବାର—ପ୍ରମାଣ କରିବାର ଗୋଟିଏ ମାତ୍ର ଉପାୟ ଅଛି । ମନର ଶୃଙ୍ଖଳାକୁ ରୁଦ୍ଧ କର, ଦେଖିବ ମଣିଷ ଯେ ପୂର୍ଣ୍ଣ, ମୌଳିକ ବା ଅବିମିଶ୍ର ଏହା ନିଃସଂଶୟରେ ପ୍ରତିପନ୍ନ ହେବ । ସମୁଦାୟ ପରିବର୍ତ୍ତନ ମୋ ମଧ୍ୟରେ ଚିତ୍ତରେ ବା ମନରୂପକ ପଦାର୍ଥରେ, ମୁଁ ପରିବର୍ତ୍ତନସମୂହ ନୁହେଁ । ଯଦି ତାହା ହୋଇଥାନ୍ତି, ତା'ହେଲେ ପରିବର୍ତ୍ତନସମୂହକୁ ପ୍ରତିରୋଧ କରିପାରନ୍ତି ନାହିଁ ।

ପ୍ରତ୍ୟେକ ବ୍ୟକ୍ତି ନିଜ ମଧ୍ୟରେ ଓ ଅନ୍ୟମାନଙ୍କ ମଧ୍ୟରେ ଏହି ବିଶ୍ୱାସ ସୃଷ୍ଟି କରିବାକୁ ଚେଷ୍ଟିତ ଯେ, ଜଗତର ସବୁକିଛି ଅତି ସୁନ୍ଦର, ଏବଂ ସେ ସମ୍ପୂର୍ଣ୍ଣଭାବରେ ସୁଖୀ । କିନ୍ତୁ ଯେତେବେଳେ ସେ ସ୍ଥିର ହୋଇ ଜୀବନର ପ୍ରକୃତ ଉଦ୍ଦେଶ୍ୟ କ'ଣ ତାହା ଅନୁସନ୍ଧାନ କରେ, ସେତେବେଳେ ଉପଲବ୍ଧି କରେ ଯେ, ସେ ଏହା ତାହା ପଛରେ ଧାଇଁଛି— ନାନା ବିଷୟ ପାଇଁ ସଂଗ୍ରାମ କରି ଚାଲିଛି, ତାହାର କାରଣ—ଏହା ନ କରି ତା'ର ଉପାୟାନ୍ତର ନାହିଁ । ତାହାକୁ ଅଗ୍ରସର ହେବାକୁ ହିଁ ପଡ଼ିବ । ସେ ସ୍ଥିର ହୋଇ ରହିପାରିବ ନାହିଁ । ସୁତରାଂ ସେ ନିଜକୁ ବିଶ୍ୱାସ କରାଇବାକୁ ଚେଷ୍ଟା କରେ ଯେ, ବାସ୍ତବରେ ତା'ର ନାନା ବସ୍ତୁର ପ୍ରୟୋଜନ ଅଛି । ଯେଉଁ ବ୍ୟକ୍ତି ନିଜକୁ ଯଥାର୍ଥ ଭାବରେ ବୁଝାଇବାକୁ ସମର୍ଥ ହୁଏ ଯେ, ଖୁବ୍ ଭଲରେ ତା'ର ଦିନକାଳ କଟିଯାଉଛି, ତା'ହେଲେ ବୁଝିବାକୁ ହେବ ଯେ, ତା'ର ଶାରୀରିକ ସ୍ୱାସ୍ଥ୍ୟ ଖୁବ୍ ଭଲ ଅଛି । ଏହି ବ୍ୟକ୍ତି କୌଣସି ପ୍ରକାର ପ୍ରଶ୍ନ ନ କରି ସଙ୍ଗେ ସଙ୍ଗେ ତା'ର ବାସନାକୁ ଚରିତାର୍ଥ କରିଥାଏ । ତା' ଭିତରେ ଯେଉଁ ଶକ୍ତି ଅଛି, ତା'ର ବଶବର୍ତ୍ତୀ ହୋଇ ସେ କାର୍ଯ୍ୟ କରିଥାଏ । ଏହି ଶକ୍ତି ତାହାକୁ ବଳପୂର୍ବକ କାର୍ଯ୍ୟରେ ପ୍ରବୃତ୍ତ କରାଏ ଏବଂ ଦେଖାଏ ଯେପରିକି ସେ ଏହିପରି କରିବାକୁ ଇଚ୍ଛା କରିଥିଲା ବୋଲି କରିଅଛି । କିନ୍ତୁ ଯେତେବେଳେ ସେ ପ୍ରକୃତି ନିକଟରୁ ପ୍ରଚଣ୍ଡ ବାଧା ପାଏ, ସେତେବେଳେ ତାକୁ ବହୁ ଆଘାତ ସହ୍ୟ କରିବାକୁ ହୁଏ, ସେତେବେଳେ ତା' ମନରେ ପ୍ରଶ୍ନ ଉଠେ, ଏସବୁର ଅର୍ଥ କ'ଣ ? ଯେତେ ଅଧିକ ସେ ଆଘାତ ପାଏ ଓ ଚିନ୍ତା କରେ ସେତେ ହିଁ ସେ ବୁଝେ ଯେ ତା'ର ଆୟତ୍ତ ବାହାରେ ଏକ ଶକ୍ତି ଦ୍ୱାରା ସେ କ୍ରମାଗତ ଭାବରେ ଚାଳିତ ହେଉଅଛି ଏବଂ ସେ ଯେ କାର୍ଯ୍ୟ କରୁଛି, ତାହାର କାରଣ—ତାହାକୁ ଏହା କରିବାକୁ ହେବ । ଏହାପରେ ସେ ବିଦ୍ରୋହ ଘୋଷଣା କରେ ଏବଂ ସଂଗ୍ରାମ ଆରମ୍ଭ କରିଦିଏ ।

କଥା ହେଲା ଏହି ଯେ, ଯଦି ଏହିସବୁ ଉତ୍ପାତରୁ ପରିତ୍ରାଣର କିଛି ଉପାୟ ଥାଏ, ତା'ହେଲେ ତାହା ଆମମାନଙ୍କ ଅନ୍ତରରେ ହିଁ ଅବସ୍ଥିତ । ଆମେ ସର୍ବଦା ପ୍ରକୃତ ସତ୍ତା କ'ଣ ତାହା ଉପଲବ୍ଧି କରିବା ପାଇଁ ଚେଷ୍ଟା କରୁଛୁ । ସହଜାତ ସଂସ୍କାର-ବଶରୁ ଆମେ ତାହା କରିଥାଉ । ଜୀବାତ୍ମାର ଅନ୍ତର୍ଗତ ସୃଷ୍ଟି ହିଁ ଈଶ୍ୱରଙ୍କୁ ଆବୃତ କରିଥାଏ ଏବଂ ଏହି କାରଣରୁ ଈଶ୍ୱରଙ୍କର ଆଦର୍ଶ-ସମ୍ବନ୍ଧରେ ଏତେ ପ୍ରଭେଦ ରହିଛି । ସୃଷ୍ଟିର ବିରାମ ହେଲେ ଯାଇ

ଆମେ ନିର୍ବିଶେଷ ସତ୍ତାକୁ ଜାଣିପାରୁ । ନିର୍ବିଶେଷ ପୂର୍ଣ୍ଣ ବା ଅସୀମ ସତ୍ତା ଆତ୍ମାରେ ହିଁ ଅଛି, ସୃଷ୍ଟି ମଧ୍ୟରେ ନୁହେଁ । ସୁତରାଂ ସୃଷ୍ଟିର ଅବସାନ ଘଟିଲେ ହିଁ ଆମେ ପୂର୍ଣ୍ଣକୁ ଜାଣିପାରିବା । ନିଜ ସମ୍ବନ୍ଧରେ ଚିନ୍ତା କରିବାକୁ ଗଲବେଳେ ଆମେ ଦେହର କଥା ହିଁ ଚିନ୍ତା କରିଥାଉ ଏବଂ ଈଶ୍ୱରଙ୍କ ସମ୍ବନ୍ଧରେ ଚିନ୍ତା କଲବେଳେ ତାଙ୍କୁ ଦେହଧାରୀରୂପେ ହିଁ ଚିନ୍ତା କରିଥାଉ । ଯାହାଦ୍ୱାରା ଆତ୍ମାର ପ୍ରକାଶ ଘଟେ, ସେଥିପାଇଁ ମନର ଶୃଙ୍ଖଳା ଦମନ କରିବା ହିଁ ପ୍ରକୃତ କାର୍ଯ୍ୟ । ଶିକ୍ଷାର ଆରମ୍ଭ ହୁଏ ଦେହରେ । ପ୍ରାଣାୟାମ ଦେହକୁ ଶିକ୍ଷିତ କରି ସୌଷ୍ଠବ ଦାନ କରେ । ପ୍ରାଣାୟାମ-ଅଭ୍ୟାସର ଉଦ୍ଦେଶ୍ୟ ହେଲା ଧ୍ୟାନ ଓ ଏକାଗ୍ରତାଲାଭ । ଯଦି ମୁହୂର୍ତ୍ତିକ ପାଇଁ ତୁମେ ସମ୍ପୂର୍ଣ୍ଣ ସ୍ଥିର ବା ନିଶ୍ଚଳ ହୋଇପାର, ତା'ହେଲେ ତୁମେ ଲକ୍ଷ୍ୟରେ ଉପନୀତ ହୋଇଛ ବୋଲି ବୁଝିବାକୁ ହେବ । ମନ ଏହାପରେ ମଧ୍ୟ କାର୍ଯ୍ୟ କରିଯାଇପାରେ; କିନ୍ତୁ ପୂର୍ବରୁ ମନ ଯେଉଁ ଅବସ୍ଥାରେ ଥିଲା, ସେହି ଅବସ୍ଥାରେ ଆଉ ରହିପାରିବ ନାହିଁ । ତୁମେ ନିଜକୁ ଜାଣିପାରିବ, ତୁମର ପ୍ରକୃତ ସତ୍ତା କ'ଣ ତାହା ଉପଲବ୍ଧି କରିବ । ମୁହୂର୍ତ୍ତିକ ପାଇଁ ମନ ସ୍ଥିର କର, ତୁମର ଯଥାର୍ଥ ସ୍ୱରୂପ ସହସା ଉଦ୍ଭାସିତ ହେବ ଏବଂ ବୁଝିବ ଯେ, ତୁମର ମୁକ୍ତି ଆସନ୍ନ; ଆଉ କୌଣସି ବନ୍ଧନ ରହିବ ନାହିଁ । ତତ୍ତ୍ୱଟି ଏହିପରି—ଯଦି ତୁମେ ସମୟର ଏକ ଏକ ମୁହୂର୍ତ୍ତିକୁ ଅନୁଧାବନ କରିବାକୁ ସମର୍ଥ ହୁଅ, ତା'ହେଲେ ସମଗ୍ର ସମୟ ବା କାଳକୁ ଜାଣିପାରିବ, ଯେହେତୁ ଏକର ଦ୍ରୁତ ଅବଚ୍ଛିନ୍ନ ପାରମ୍ପର୍ଯ୍ୟ ହେଉଛି 'ସମଗ୍ର' । 'ଏକ'କୁ ଆୟତ୍ତ କର, ଏକ ମୁହୂର୍ତ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣ—ମୁକ୍ତିଲାଭ ଅବଶ୍ୟ ହେବ ।

ପ୍ରାଚୀନ ବୌଦ୍ଧଗଣଙ୍କୁ ଛାଡ଼ିଦେଲେ ଅନ୍ୟ ସବୁ ଧର୍ମ ଈଶ୍ୱର ଓ ଆତ୍ମାରେ ବିଶ୍ୱାସୀ । ଆଧୁନିକ ବୌଦ୍ଧଗଣ ଈଶ୍ୱର ଓ ଆତ୍ମାରେ ବିଶ୍ୱାସ କରନ୍ତି । ବ୍ରହ୍ମଦେଶ, ଶ୍ୟାମ, ଚୀନ ପ୍ରଭୃତି ଦେଶର ବୌଦ୍ଧମାନେ ପ୍ରାଚୀନ ବୌଦ୍ଧପର୍ଯ୍ୟାୟଭୁକ୍ତ ।

ଆର୍ଣ୍ଣଲ୍ଡଙ୍କର 'ଲାଇଟ୍ ଅଫ୍ ଏସିଆ' ପୁସ୍ତକରେ ବୌଦ୍ଧବାଦ ଅପେକ୍ଷା ବେଦାନ୍ତବାଦ ହିଁ ଅଧିକ ପ୍ରଦର୍ଶିତ ।

## ଉଦ୍ଦେଶ୍ୟମୂଳକ ସୃଷ୍ଟିବାଦ

ପ୍ରକୃତିର ସୁଶୃଙ୍ଖଳ ବିଧି-ବ୍ୟବସ୍ଥା ବିଶ୍ୱସ୍ରଷ୍ଟାଙ୍କର ଅଭିପ୍ରାୟ ପ୍ରଦର୍ଶନ କରିଥାଏ—ଏହି ଧାରଣା 'କିଣ୍ଡରଗାର୍ଟେନ' ଶିକ୍ଷାପଦ୍ଧତି ହିସାବରେ ଉତ୍ତମ—ଯେହେତୁ ଏ ଧାରଣା ଧର୍ମ-ଜଗତରେ ଯେଉଁମାନେ ଶିଶୁ, ସେମାନଙ୍କୁ ଈଶ୍ୱର-ସମ୍ବନ୍ଧୀୟ ଦାର୍ଶନିକ ତତ୍ତ୍ୱରେ ପରିଚାଳିତ କରିବା ପାଇଁ ଈଶ୍ୱରଙ୍କ ସୌନ୍ଦର୍ଯ୍ୟ, ଶକ୍ତି ଓ ମାହାତ୍ମ୍ୟ ପ୍ରଦର୍ଶନ କରାଇଥାଏ । ଏତଦ୍‌ଭିନ୍ନ ଏହି ଧାରଣା ବା ମତବାଦର କୌଣସି ଉପକାରିତା ନାହିଁ ଏବଂ ଏହା ସମ୍ପୂର୍ଣ୍ଣ ଅଯୌକ୍ତିକ । ଈଶ୍ୱରଙ୍କୁ ସର୍ବଶକ୍ତିମାନ୍ ବୋଲି ସ୍ୱୀକାର କରିବା ଦାର୍ଶନିକ ତତ୍ତ୍ୱ ହିସାବରେ ସମ୍ପୂର୍ଣ୍ଣ ଭିତ୍ତିହୀନ ।

ବିଶ୍ୱ-ସୃଷ୍ଟିର ମଧ୍ୟ ଦେଇ ପ୍ରକୃତି ଯଦି ଈଶ୍ୱରଙ୍କର ଶକ୍ତି ପ୍ରକାଶ କରିଥାଏ,

ତା'ହେଲେ ସୃଷ୍ଟିର ମୂଳରେ କୌଣସି ଅଭିପ୍ରାୟ ବା ପରିକଳ୍ପନା ଅଛି, ଏହି ତତ୍ତ୍ୱ ତାଙ୍କର ନ୍ୟୂନତା ମଧ୍ୟ ପ୍ରଦର୍ଶନ କରେ । ଈଶ୍ୱର ସର୍ବଶକ୍ତିମାନ୍ ହେଲେ କୌଣସି କାର୍ଯ୍ୟ ପାଇଁ ତାଙ୍କର ପରିକଳ୍ପନା ବା ମତଲବର ପ୍ରୟୋଜନ ହୁଏ ନାହିଁ । ତାଙ୍କର ଇଚ୍ଛାମାତ୍ରେ ହିଁ ଏହା ସମ୍ପନ୍ନ ହୁଏ । ସୁତରାଂ ପ୍ରକୃତି ମଧ୍ୟରେ ଈଶ୍ୱରଙ୍କର କୌଣସି ବିତର୍କ, କୌଣସି ଉଦ୍ଦେଶ୍ୟ ବା କୌଣସି ପରିକଳ୍ପନା ନାହିଁ ।

ମଣିଷର ସୀମାବଦ୍ଧ ଚୈତନ୍ୟର ପରିଣାମ ହେଉଛି ଜଡ଼ଜଗତ । ମଣିଷ ଯେତେବେଳେ ତା'ର ଦେବତ୍ୱକୁ ଜାଣିପାରେ, ସେତେବେଳେ ଜଡ଼ବସ୍ତୁ ଏବଂ ପ୍ରକୃତି ବୋଲି ଆମେ ଯାହା ଜାଣିଛୁ, ତାହା ସବୁ ଲୋପ ପାଇଯାଏ ।

କୌଣସି ଉଦ୍ଦେଶ୍ୟ-ସାଧନର ପ୍ରୟୋଜନରୂପେ ଏହି ଜଡ଼ଜଗତରେ ସ୍ଥାନ ସେହି ସର୍ବବ୍ୟାପୀ ଈଶ୍ୱରଙ୍କଠାରେ ନାହିଁ । ଯଦି ତାହା ଥାଆନ୍ତା, ତା'ହେଲେ ଈଶ୍ୱର ଏଥିଦ୍ୱାରା ସୀମାବଦ୍ଧ ହୋଇଥାଆନ୍ତେ । ଈଶ୍ୱରଙ୍କ ଅନୁଜ୍ଞାକ୍ରମେ ଏହି ଜଗତ ବିଦ୍ୟମାନ—ଏହି କଥା କହିବାର ଅର୍ଥ ଏହା ନୁହେଁ ଯେ, ମଣିଷକୁ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ବା ଅନ୍ୟ କୌଣସି କାରଣବଶତଃ ବା ଈଶ୍ୱରଙ୍କର ପ୍ରୟୋଜନ ନିମିତ୍ତ ଏହି ଜଗତ୍ର ବିଦ୍ୟମାନ ।

ମଣିଷର ପ୍ରୟୋଜନରୁ ହିଁ ଜଗତର ସୃଷ୍ଟି, ଈଶ୍ୱରଙ୍କ ପ୍ରୟୋଜନରୁ ନୁହେଁ । ବିଶ୍ୱ-ପରିକଳ୍ପନାରେ ଈଶ୍ୱରଙ୍କର କୌଣସି ଉଦ୍ଦେଶ୍ୟ ରହି ନ ପାରେ । ସେ ସର୍ବଶକ୍ତିମାନ ହୋଇଥିବାରୁ ତାଙ୍କର ଏପରି କୌଣସି ଉଦ୍ଦେଶ୍ୟ କିପରି ରହିବ ? କୌଣସି କାର୍ଯ୍ୟ-ସାଧନ ପାଇଁ ତାଙ୍କର କୌଣସି ପରିକଳ୍ପନା ବା ଉଦ୍ଦେଶ୍ୟର ପ୍ରୟୋଜନ କାହିଁକି ହେବ ? ତାଙ୍କର କୌଣସି ପ୍ରୟୋଜନ ଅଛି, ଏହା କହିବାର ଅର୍ଥ ତାଙ୍କୁ ସୀମାବଦ୍ଧ କରିଦେବା ଓ ତାଙ୍କର ସର୍ବଶକ୍ତିମତ୍ତ୍ୱରୂପକ ବୈଶିଷ୍ଟ୍ୟକୁ ତାଙ୍କ ନିକଟରୁ କାଢ଼ିନେବା ।

ଉଦାହରଣସ୍ୱରୂପ କୁହାଯାଇପାରେ, କୌଣସି ପ୍ରଶସ୍ତ ନଦୀର ତୀରରେ ଉପସ୍ଥିତ ହୋଇ ତୁମେ ଦେଖିଲ ଯେ, ନଦୀଟି ଏତେ ବଡ଼ ଯେ, ସେତୁନିର୍ମାଣ ବ୍ୟତୀତ ସେହି ନଦୀ ପାର ହେବା ତୁମ ପକ୍ଷରେ ସମ୍ଭବ ନୁହେଁ । ନଦୀ ପାର ହେବା ପାଇଁ ସେତୁ-ନିର୍ମାଣର ପ୍ରୟୋଜନ, ଏହି ଘଟଣା ଦ୍ୱାରା ସେତୁ ନିର୍ମାଣ କରିବାର ସାମର୍ଥ୍ୟ ତୁମ ଶକ୍ତିର ପରିଚୟ ପ୍ରଦାନ କଲେ ମଧ୍ୟ ଏହାଦ୍ୱାରା ତୁମର ସୀମାବଦ୍ଧ ଶକ୍ତି ଏବଂ ଅକିଞ୍ଚିତ୍କରତା ହିଁ ପ୍ରକାଶ ପାଇବ । ତୁମର କ୍ଷମତା ଯଦି ସୀମାବଦ୍ଧ ହୋଇ ନ ଥାନ୍ତା, ଯଦି ତୁମେ ଉଡ଼ି ଉଡ଼ି ଅଥବା ନଦୀରେ ଲମ୍ଫଦେଇ ନଦୀ ଅତିକ୍ରମ କରିପାରିଥାନ୍ତ, ତା'ହେଲେ ତୁମକୁ ସେତୁନିର୍ମାଣ-ରୂପକ ପ୍ରୟୋଜନୀୟତାର ବଶବର୍ତ୍ତୀ ହେବାକୁ ପଡ଼ନ୍ତା ନାହିଁ । ସେତୁ-ନିର୍ମାଣ ଦ୍ୱାରା ତୁମ ମଧ୍ୟରେ ସେତୁନିର୍ମାଣର ଶକ୍ତି ପ୍ରମାଣିତ ହେଲେ ମଧ୍ୟ ଏହାଦ୍ୱାରା ଅନ୍ୟପକ୍ଷରେ ତୁମର ଅପୂର୍ଣ୍ଣତା ହିଁ ପ୍ରଦର୍ଶିତ ହେଲା । ଅନ୍ୟ କିଛି ଅପେକ୍ଷା ତୁମର କ୍ଷୁଦ୍ରତା ହିଁ ଅଧିକ ଭାବରେ ପ୍ରକାଶିତ ହେଲା ।

ଅଦ୍ୱୈତବାଦ ଓ ଦ୍ୱୈତବାଦ ମୁଖ୍ୟତଃ ଗୋଟିଏ, ଭେଦ କେବଳ ପ୍ରକାଶରେ । ଦ୍ୱୈତବାଦୀଗଣ ପିତା ଓ ପୁତ୍ରଙ୍କୁ 'ଦୁଇ' ବୋଲି ଗ୍ରହଣ କଲାବେଳେ ଅଦ୍ୱୈତବାଦୀଗଣ

ଉଭୟଙ୍କୁ 'ଏକ' ବୋଲି ମନେକରନ୍ତି । ଦ୍ୱୈତବାଦର ଅବସ୍ଥାନ ପ୍ରକୃତି ମଧ୍ୟରେ, ବିକାଶ ମଧ୍ୟରେ ଏବଂ ଅଦ୍ୱୈତବାଦର ପ୍ରତିଷ୍ଠା ବିଶୁଦ୍ଧ ଆତ୍ମାର ସ୍ୱରୂପରେ ।

ପ୍ରତ୍ୟେକ ଧର୍ମର ତ୍ୟାଗ ଓ ସେବାର ଆଦର୍ଶ ହେଲା ଈଶ୍ୱରଙ୍କ ସନ୍ନିକଟ ହେବାର ଉପାୟସ୍ୱରୂପ ।

## ଚୈତନ୍ୟ ଓ ପ୍ରକୃତି

ଜଡ଼ ରୂପରେ ନୁହେଁ, ଚୈତନ୍ୟକୁ ଚୈତନ୍ୟ ରୂପରେ ପ୍ରତ୍ୟକ୍ଷ କରିବା ହିଁ ଧର୍ମ ।

ଧର୍ମ ହେଉଛି ବିକାଶଶୀଳ । ପ୍ରତ୍ୟେକଙ୍କୁ ଏହା ଉପଲବ୍ଧି କରିବାକୁ ହେବ । ଖ୍ରୀଷ୍ଟିଆନ୍‌ମାନଙ୍କର ବିଶ୍ୱାସ ଯେ, ମାନବଜାତିର ପରିତ୍ରାଣ ପାଇଁ ଯୀଶୁଖ୍ରୀଷ୍ଟ ପ୍ରାଣତ୍ୟାଗ କରିଥିଲେ । ଏପରି ଏକ ବିଶିଷ୍ଟ ମତବାଦ ଉପରେ ତୁମର ଯେଉଁ ବିଶ୍ୱାସ, ସେହି ବିଶ୍ୱାସରେ ହିଁ ତୁମମାନଙ୍କର ମୁକ୍ତି ନିହିତ । ଆମମାନଙ୍କ ନିକଟରେ ମୁକ୍ତି ସହିତ ବିଶିଷ୍ଟ ମତବାଦର କୌଣସି ପ୍ରକାର ସମ୍ପର୍କ ନାହିଁ । ପ୍ରତ୍ୟେକର ସ୍ୱୀୟ ମନୋମତ କୌଣସି ଏକ ମତବାଦରେ ବିଶ୍ୱାସ ଥାଇପାରେ, ଅଥବା କୌଣସି ମତବାଦରେ ବିଶ୍ୱାସ ନ ଥାଇପାରେ । ଯୀଶୁଖ୍ରୀଷ୍ଟ କୌଣସି ଏକ ସମୟରେ ଥିଲେ ଅଥବା କୌଣସି ଦିନ ନ ଥିଲେ—ତୁମମାନଙ୍କ ନିକଟରେ ଏହି ଉଭୟ ମଧ୍ୟରେ ପାର୍ଥକ୍ୟ କ'ଣ ? ଜଳୁଥିବା ଏକ ବୁଦା (burning bush) ମଧ୍ୟରେ ମୋଜେସ୍‌ଙ୍କର ଈଶ୍ୱର-ଦର୍ଶନ ସହିତ ତୁମର କଅଣ ସମ୍ପର୍କ ? ମୋଜେସ୍ ଜ୍ୱଳନ୍ତ ବୁଦା ମୂଳରେ ଥାଇ ଈଶ୍ୱରଙ୍କୁ ଦର୍ଶନ କରିଥିଲେ, ଏହି ତତ୍ତ୍ୱ ଦ୍ୱାରା ତୁମମାନଙ୍କର ଈଶ୍ୱର-ଦର୍ଶନ ପ୍ରତିଷ୍ଠିତ ହୁଏ ନାହିଁ । ତାହା ଯଦି ହୁଅନ୍ତା, ତା'ହେଲେ ମୋଜେସ୍ ଯାହା ଆହାର କରିଥିଲେ, ତାହା ମଧ୍ୟ ତୁମ ପାଇଁ ଯଥେଷ୍ଟ ହୁଅନ୍ତା; ଏଣୁ ତୁମେମାନେ ଆହାର-ଗ୍ରହଣରୁ ନିବୃତ୍ତ ହେବା ଉଚିତ । ଗୋଟିଏ ଅନ୍ୟଟି ପରି ସମାନ ଭାବରେ ଯୁକ୍ତିଯୁକ୍ତ । ଆଧ୍ୟାତ୍ମିକ ଶକ୍ତି-ସମ୍ପନ୍ନ ମହାପୁରୁଷମାନଙ୍କର ବିବରଣୀସମୂହ ଆମମାନଙ୍କୁ ସେମାନଙ୍କ ପଥରେ ଅଗ୍ରସର ହେବାକୁ ଓ ସ୍ୱୟଂ ଧର୍ମ ଉପଲବ୍ଧି କରିବାକୁ ପ୍ରଣୋଦିତ କରେ, ଏହା ବ୍ୟତୀତ ଅନ୍ୟ କୌଣସି କଲ୍ୟାଣ ସାଧନ କରେ ନାହିଁ । ଯୀଶୁଖ୍ରୀଷ୍ଟ, ମୋଜେସ୍ ବା ଅନ୍ୟ କେହି ଯାହା କିଛି କରିଛନ୍ତି, ତାହା ଆମମାନଙ୍କୁ ଅଗ୍ରସର ହେବା ପାଇଁ ଉତ୍ସାହିତ କରିବା ବ୍ୟତୀତ ଅନ୍ୟ କୌଣସି ସାହାଯ୍ୟ କରିପାରିବ ନାହିଁ ।

ପ୍ରତ୍ୟେକ ବ୍ୟକ୍ତିର ଏକ ବିଶେଷ ସ୍ୱଭାବ ଅଛି, ଯାହା ତା'ର ପ୍ରକୃତିଗତ ବୈଶିଷ୍ଟ୍ୟ । ତାହାକୁ ଏହି ବୈଶିଷ୍ଟ୍ୟକୁ ଅନୁସରଣ କରିବାକୁ ହିଁ ହେବ । ଏହାର ମଧ୍ୟ ଦେଇ ତାକୁ ମୁକ୍ତିର ପଥ ଖୋଜିବାକୁ ହେବ । ତୁମର ଗୁରୁ ହିଁ ତୁମ ପାଇଁ ନିର୍ଦ୍ଦିଷ୍ଟ ପଥ କହିଦେବେ ଏବଂ ସେ ମଧ୍ୟ ତୁମକୁ ସେହି ପଥରେ ପରିଚାଳିତ କରିବେ । ତୁମର ମୁହଁ ଦେଖି ସେ କହିଦେବେ, ତୁମେ କେଉଁ ଅବସ୍ଥାରେ ଓ କିଭଳି ସାଧନାର ଅଧିକାରୀ ଏବଂ ସେବିଷୟରେ ତୁମକୁ

ନିର୍ଦ୍ଦେଶ ଦେବାର କ୍ଷମତା ମଧ୍ୟ ତାଙ୍କର ରହିବ । ଅନ୍ୟର ପଥ ଅନୁସରଣ କରିବାକୁ ଚେଷ୍ଟା କରିବା ଉଚିତ ନୁହେଁ, କାରଣ ଏହା ତୁମ ପାଇଁ ନୁହେଁ, ତାଙ୍କ ପାଇଁ ହିଁ ଉଦ୍ଦିଷ୍ଟ । ନିର୍ଦ୍ଦିଷ୍ଟ ପଥ ପାଇଗଲା ପରେ ନିଶ୍ଚିନ୍ତ ହୋଇ ରହିବା ବ୍ୟତୀତ ଅନ୍ୟ କିଛି କରିବାର ନାହିଁ, ସ୍ରୋତ ହିଁ ତୁମକୁ ମୁକ୍ତି ଆଡ଼କୁ ଟାଣି ନେଇଯିବ । ଅତଏବ ଯେତେବେଳେ ସେହି ନିର୍ଦ୍ଧାରିତ ପଥ ପାଇବ, ସେଥିରୁ ଭ୍ରଷ୍ଟ ହୁଅ ନାହିଁ । ତୁମର ପନ୍ଥା ତୁମ ପକ୍ଷରେ ଶ୍ରେୟଃ; କିନ୍ତୁ ତାହା ଯେ ଅନ୍ୟ ପାଇଁ ଶ୍ରେୟଃ ହେବ, ଏହାର କୌଣସି ପ୍ରମାଣ ବା ଯୁକ୍ତି ନାହିଁ ।

ପ୍ରକୃତ ଆଧ୍ୟାତ୍ମିକ-ଶକ୍ତିସମ୍ପନ୍ନ ବ୍ୟକ୍ତି ଚୈତନ୍ୟକୁ ଜଡ଼ ରୂପରେ ନୁହେଁ, ଚୈତନ୍ୟ ରୂପରେ ହିଁ ଦେଖନ୍ତି । ଚୈତନ୍ୟ ହିଁ ପ୍ରକୃତିକୁ ଗତିଶୀଳ କରେ । ଚୈତନ୍ୟ ହିଁ ସତ୍ୟ ବସ୍ତୁ । କ୍ରିୟାର ଅସ୍ତିତ୍ୱ ପ୍ରକୃତି ମଧ୍ୟରେ ବିଦ୍ୟମାନ, ଚୈତନ୍ୟରେ ନୁହେଁ । ଚୈତନ୍ୟ ସର୍ବଦା ଏକ, ଅପରିଣାମୀ ଓ ଶାଶ୍ୱତ । ଚୈତନ୍ୟ ଓ ଜଡ଼ ପ୍ରକୃତି ପକ୍ଷରେ ଗୋଟିଏ, କିନ୍ତୁ ଚୈତନ୍ୟ ସ୍ୱ-ସ୍ୱରୂପରେ କେବେହେଲେ ଜଡ଼ ନୁହେଁ । ଜଡ଼ ମଧ୍ୟ କେବେହେଲେ ଜଡ଼ସତ୍ତା-ରୂପରେ ଚୈତନ୍ୟ ହୋଇ ନ ପାରେ । ଆତ୍ମା କେବେହେଲେ କ୍ରିୟା କରନ୍ତି ନାହିଁ । କାହିଁକି ବା କରିବେ ? ଆତ୍ମା ବିଦ୍ୟମାନ—ଏହା ହିଁ ଯଥେଷ୍ଟ; ଆତ୍ମା ଶୁଦ୍ଧ, ସତ୍ ଓ ନିରବଚ୍ଛିନ୍ନ । ଆତ୍ମା ପାଇଁ କ୍ରିୟାର କୌଣସି ଆବଶ୍ୟକତା ନାହିଁ ।

ତୁମେ ନିୟମଦ୍ୱାରା ଆବଦ୍ଧ ନୁହଁ । ଏହା ତୁମର ମାୟିକ ପ୍ରକୃତିର ଅନ୍ତର୍ଗତ । ମନ ହିଁ ପ୍ରକୃତିରେ ଅଛି, ଏଣୁ ପ୍ରକୃତିର ନିୟମାଧୀନ । ସମଗ୍ର ପ୍ରକୃତି ସ୍ୱୀୟ କର୍ମଜନିତ ନିୟମର ଅଧୀନ ଏବଂ ଏହି ନିୟମ ଅଲଙ୍ଘନୀୟ । ପ୍ରକୃତିର ଗୋଟିଏ ନିୟମକୁ ବି ଯଦି ଭାଙ୍ଗିବାକୁ ସମର୍ଥ ହେବ, ତା'ହେଲେ ମୁହୂର୍ତ୍ତିକ ମଧ୍ୟରେ ସମଗ୍ର ପ୍ରକୃତି ଧ୍ୱଂସପ୍ରାପ୍ତ ହେବ । ପ୍ରକୃତି ବୋଲି କିଛି ରହିବ ନାହିଁ । ଯେଉଁମାନେ ମୁକ୍ତି ଲାଭ କରନ୍ତି, ସେହିମାନେ କେବଳ ପ୍ରକୃତିର ନିୟମ ଭାଙ୍ଗିଦେବାକୁ ସମର୍ଥ, ତାଙ୍କ ନିକଟରେ ପ୍ରକୃତି ଲୟପ୍ରାପ୍ତ ହୁଏ; ପ୍ରକୃତିର କୌଣସି ପ୍ରଭାବ ଆଉ ତାଙ୍କ ଉପରେ ରହେ ନାହିଁ, ଦିନେ ନା ଦିନେ ସମସ୍ତେ ଏହି ନିୟମ ଭଙ୍ଗ କରିବେ ଏବଂ ସେତେବେଳେ ପ୍ରକୃତି ସହିତ ତାଙ୍କର ଦ୍ୱନ୍ଦ୍ୱ ଶେଷ ହୋଇଯିବ ।

ଗଭର୍ଣ୍ଣମେଣ୍ଟ, ସମିତି ପ୍ରଭୃତି ଅଲ୍ପବହୁତେ କ୍ଷତିକର । ସବୁ ସମିତି ହିଁ କେତେଗୁଡ଼ିଏ ଦୋଷଯୁକ୍ତ ସାଧାରଣ ନିୟମ ଉପରେ ପ୍ରତିଷ୍ଠିତ । ଯେଉଁ ମୁହୂର୍ତ୍ତିରେ ତୁମେ ଗୋଟିଏ ସଂଘରେ ସାମିଲ ହୋଇଗଲ, ସେହି ମୁହୂର୍ତ୍ତିରୁ ସେହି ସଂଘ ବହିର୍ଭୂତ ସମସ୍ତଙ୍କ ପ୍ରତି ତୁମର ବିଦ୍ୱେଷ ଆରମ୍ଭ ହୋଇଗଲା । ଯେକୌଣସି ସଂଘରେ ଯୋଗ ଦେବା ଅର୍ଥ ନିଜର ସ୍ୱାଧୀନତାକୁ ସୀମାବଦ୍ଧ କରିଦେବା । ପ୍ରକୃତ କଲ୍ୟାଣ ହେଉଛି, ସର୍ବୋତ୍ତମ ସ୍ୱାଧୀନତା । ପ୍ରତ୍ୟେକ ବ୍ୟକ୍ତିକୁ ଏହି ସ୍ୱାଧୀନତା ପଥରେ ଅଗ୍ରସର ହେବାକୁ ଦେବା ଆମର ଲକ୍ଷ୍ୟ ହେବା ଉଚିତ । ସାଧୁତା ଯେତିକି ଯେତିକି ବଢ଼େ, କୃତ୍ରିମ ନିୟମମାନ ସେତିକି ସେତିକି ହ୍ରାସ ପାଏ । କାରଣ ସେଗୁଡ଼ିକ ବସ୍ତୁତଃ, ନିୟମ ନୁହେଁ । କାରଣ—ସେଗୁଡ଼ିକ ଯଦି ପ୍ରକୃତିରେ ନିୟମ ହୋଇଥାନ୍ତେ, ତା'ହେଲେ ସେଗୁଡ଼ିକୁ କେବେହେଲେ ଲଙ୍ଘନ କରାଯାଇପାରନ୍ତା ନାହିଁ । ତଥାକଥିତ ଏହିସବୁ ନିୟମକୁ ଭାଙ୍ଗି ଦିଆଯାଇପାରୁଥିବାରୁ ଏଥିରୁ ସ୍ପଷ୍ଟ ସୂଚୀତ ହୁଏ ଯେ,

ଏସବୁ ନିୟମ ପ୍ରକୃତ ନିୟମ ନୁହେଁ । ଯଥାର୍ଥ ନିୟମ ଅଲଂଘନୀୟ ।

ଯେତେବେଳେ କୌଣସି ଚିନ୍ତାକୁ ଦମନ କରିଦିଅ, ସେତେବେଳେ ଏହା ଏକ ସ୍ପ୍ରିଂ ପରି କୁଣ୍ଡଳିତ ହୋଇ ଅଦୃଶ୍ୟ ଭାବରେ ଗୁପ୍ତି ହୋଇ ରହିଥାଏ ମାତ୍ର । ସୁଯୋଗ ପାଇଲେ ମୁହୂର୍ତ୍ତିକ ମଧ୍ୟରେ—ଦମନ ଫଳରେ ସଂହତ ସମସ୍ତ ରୁଦ୍ଧ ଶକ୍ତି ନେଇ ସଙ୍ଗେ ସଙ୍ଗେ ବାହାରିଆସେ ଏବଂ ତା'ପରେ ଯାହା ଘଟିବାକୁ ବହୁ ସମୟ ଲାଗିଥାନ୍ତା, ତାହା ମୁହୂର୍ତ୍ତିକ ମଧ୍ୟରେ ଘଟିଯାଏ ।

ପ୍ରତିଟି କ୍ଷୁଦ୍ର ସୁଖ ବୃହତ୍ ଦୁଃଖ ବହନ କରିଥାଏ । ଶକ୍ତି ଏକ—ଏକ ସମୟରେ ଯାହା ଆନନ୍ଦ ରୂପେ ବ୍ୟକ୍ତ ହୁଏ, ଅନ୍ୟ ସମୟରେ ତାହାର ଅଭିବ୍ୟକ୍ତି ହୁଏ ଦୁଃଖରେ । କେତେଗୁଡ଼ିଏ ଅନୁଭୂତିର ଅବସାନ ହେଲେ ହିଁ ଅନ୍ୟ କେତେଗୁଡ଼ିଏର ଆରମ୍ଭ ହୁଏ । କୌଣସି କୌଣସି କ୍ଷେତ୍ରରେ ଉନ୍ନତତର ବ୍ୟକ୍ତିମାନଙ୍କର କାହା ମଧ୍ୟରେ ଦୁଇଟି, ଏପରିକି ଶହେଟା ଭିନ୍ନ ଭିନ୍ନ ଚିନ୍ତା ଏକ ସମୟରେ କାର୍ଯ୍ୟ କରିଥାଏ ।

ମନ ହେଉଛି ସ୍ପନ୍ଦ ସ୍ୱଭାବର ପରିଣତି । ମାନସିକ କ୍ରିୟାର ଅର୍ଥ ସୃଷ୍ଟି । ଶବ୍ଦ ଚିନ୍ତାର ଏବଂ ରୂପ (ଆକାର) ଶବ୍ଦର ଅନୁସରଣ କରେ । ମନରେ ଆତ୍ମା ପ୍ରତିଫଳିତ ହେବା ପୂର୍ବରୁ ମାନସିକ ଓ ଶାରୀରିକ ସର୍ବପ୍ରକାର କ୍ରିୟାକୁ ରୁଦ୍ଧ କରିବା ପ୍ରୟୋଜନ ।

## ଧର୍ମର ଅନୁଶୀଳନ

୧୮ ମାର୍ଚ୍ଚ ୧୯୦୦ ଖ୍ରୀ: କାଲିଫର୍ଣ୍ଣିଆ ଅନ୍ତର୍ଗତ ଆଲାମୀଡାରେ ପ୍ରଦତ୍ତ

ଅମେ ବହୁ ପୁସ୍ତକ ପଢ଼ିଥାଉ, କିନ୍ତୁ ଏହା ଦ୍ୱାରା ଆମର ଜ୍ଞାନଲାଭ ହୁଏ ନାହିଁ । ଜଗତର ସବୁ ବାଇବେଲ୍ ଆମେ ପଢ଼ି ଶେଷ କରିପାରୁ, କିନ୍ତୁ ତାହା ଦ୍ୱାରା ଆମର ଧର୍ମଲାଭ ହେବ ନାହିଁ । ଯେଉଁ ଧର୍ମ କେବଳ କଥାରେ ପର୍ଯ୍ୟବସିତ, ତାହା ଲାଭ କରିବା ଅତି ସହଜ । ଯେ କେହି ଏହାକୁ ଲାଭ କରିପାରେ ? ଆମେ ଚାହୁଁ କର୍ମରେ ପରିଣତ ଧର୍ମ । କର୍ମରେ ପରିଣତ ଧର୍ମ ସମ୍ବନ୍ଧରେ ଖ୍ରୀଷ୍ଟିଆନ୍‌ମାନଙ୍କର ଧାରଣା ହେଉଛି—ସତ୍‌କର୍ମର ଅନୁଷ୍ଠାନ, ଜଗତର ହିତ-ସାଧନ ।

ହିତସାଧନ ବା ପରୋପକାରର ଫଳ କ'ଣ ? ହିତବାଦୀମାନଙ୍କ ଦୃଷ୍ଟିଭଙ୍ଗୀ ନେଇ ବିଚାର କଲେ ଦେଖାଯାଏ ଯେ, ଧର୍ମ ବ୍ୟର୍ଥତାରେ ହିଁ ପର୍ଯ୍ୟବସିତ ହୋଇଛି । ବହୁସଂଖ୍ୟକ ଲୋକ ହସ୍‌ପିଟାଲକୁ ଆସନ୍ତୁ—ଏହା ପ୍ରତ୍ୟେକ ହସ୍‌ପିଟାଲର କର୍ତ୍ତୃପକ୍ଷ ଚାହାଁନ୍ତି । ପରହିତୈଷଣାର ଅର୍ଥ କ'ଣ ? ଏହା ଅତ୍ୟାବଶ୍ୟକ ନୁହେଁ । ପ୍ରକୃତପକ୍ଷେ ପରହିତୈଷଣାର ଅର୍ଥ ହେଲା ଜଗତର ଦୁଃଖରେ କିଞ୍ଚିତ୍ ସାହାଯ୍ୟ କରିବା—ଦୁଃଖର ଉଚ୍ଛେଦ-ସାଧନ ନୁହେଁ । ସାଧାରଣ ଲୋକ ନାମଯଶର ଆକାଙ୍‌କ୍ଷା କରେ ଏବଂ ଏହି ନାମ-ଯଶ-ଲାଭ ଉଦ୍ଦେଶ୍ୟରେ ସେ ତା'ର ସମସ୍ତ ପ୍ରଚେଷ୍ଟାକୁ ପରୋପକାର ଓ ସତ୍‌କର୍ମର ଚାକଚକ୍ୟମୟ ଆବରଣ ଭିତରେ ଢାଙ୍କି ରଖେ । 'ଅନ୍ୟ ପାଇଁ କାମ କରୁଛି' ଏହାକୁ ଆଳ କରି ବସ୍ତୁତଃ ସେ ନିଜର କାର୍ଯ୍ୟ ହିଁ କରି-

ଚାଲିଥାଏ । ପତ୍ୟେକଟି ତଥାକଥିତ ପରୋପକାରର ଉଦ୍ଦେଶ୍ୟ ହେଉଛି—ଯେଉଁ ଅଶୁଭଟିକୁ ନିବାରଣ କରିବାକୁ ଚାହୁଁଛ, ତାକୁ ଉତ୍ସାହିତ କରିବା ।

ହସ୍‌ପିଟାଲ ବା ଅନ୍ୟାନ୍ୟ ଦାତବ୍ୟ ପ୍ରତିଷ୍ଠାନ ପ୍ରତି ଦାକ୍ଷିଣ୍ୟ ଦେଖାଇବା ନିମିତ୍ତ ସ୍ତ୍ରୀ-ପୁରୁଷ ଉଭୟେ ମିଶି ବଲ୍ ଡାନ୍‌ସ କରନ୍ତି ଏବଂ ନୃତ୍ୟଗୀତରେ ସାରାରାତି ଅତିବାହିତ କରି ଗୃହକୁ ପ୍ରତ୍ୟାବର୍ତ୍ତନ କରିବାପରେ ପଶୁଭଳି ଆଚରଣ କରନ୍ତି; ଫଳରେ ପୃଥିବୀରେ ଦଳେ ପାଷଣ୍ଡ ବ୍ୟକ୍ତି ଉତ୍ପନ୍ନ ହୁଅନ୍ତି ଏବଂ କାରାଗାର, ପାଗଳଗାରଦ ଓ ହସ୍‌ପିଟାଲ ଆଦି ଏଭଳି ବ୍ୟକ୍ତିଙ୍କ ଦ୍ୱାରା ପୂର୍ଣ୍ଣ ହୋଇଯାଏ । ଏହିଭଳି ଚାଲିଥାଏ ଏବଂ ହସ୍‌ପିଟାଲ ସ୍ଥାପନ ପ୍ରଭୃତି ସତ୍‌କର୍ମରୂପେ ଅଭିହିତ ହୁଏ । ସତ୍‌କର୍ମର ଆଦର୍ଶ ହେଉଛି ଜଗତର ସକଳ ଦୁଃଖର ହ୍ରାସ ଅଥବା ଉଚ୍ଛେଦସାଧନ । ଯୋଗୀମାନେ କହନ୍ତି : ମନଃସଂଯମ ରକ୍ଷା କରିବାରେ ବ୍ୟର୍ଥ ହେଲେ ଦୁଃଖର ଉତ୍ପତ୍ତି ହୁଏ । ଯୋଗୀମାନଙ୍କର ଆଦର୍ଶ ହେଲା ଜଡ଼-ଜଗତରୁ ମୁକ୍ତିଲାଭ । ପ୍ରକୃତିକୁ ଜୟ କରିବା ହିଁ ସେମାନଙ୍କ କର୍ମର ମାନଦଣ୍ଡ । ଯୋଗୀମାନେ କହନ୍ତି, ସମଗ୍ର ଶକ୍ତି ଆତ୍ମାରେ ହିଁ ବିଦ୍ୟମାନ ଏବଂ ଶରୀର ଓ ମନକୁ ସଂଯତ କରି ଆତ୍ମଶକ୍ତି ବଳରେ ଯେ କେହି ପ୍ରକୃତିକୁ ଜୟ କରିପାରିବ ।

ଦୈହିକ କର୍ମ ପାଇଁ ଯେତିକି ପ୍ରୟୋଜନ ତଦପେକ୍ଷା ଟିକିଏ ହେଲେ ଅଧିକ ମାଂସ-ପେଶୀର ବୃଦ୍ଧି ହେବା ଉଚିତ ନୁହେଁ, କାରଣ ତାହାଦ୍ୱାରା ସେତିକି ପରିମାଣରେ ମାନସିକ ଶକ୍ତି ହ୍ରାସ ପାଇବ । ଅତ୍ୟଧିକ କଠୋର ପରିଶ୍ରମ କରିବା ଉଚିତ ନୁହେଁ, କାରଣ ଏହା କ୍ଷତିକାରକ । ଯେଉଁ ବ୍ୟକ୍ତି କଠୋର ପରିଶ୍ରମ କରେ ନାହିଁ, ସେ ଦୀର୍ଘଜୀବୀ ହୁଏ । ଅଳ୍ପ ଆହାର ଗ୍ରହଣ କର ଓ ଅଳ୍ପ ପରିଶ୍ରମ କର । ମସ୍ତିଷ୍କର ଖାଦ୍ୟ ସଞ୍ଚୟ କର ।

ନାରୀପକ୍ଷରେ ଗୃହକର୍ମ ହିଁ ଯଥେଷ୍ଟ । ପ୍ରଦୀପକୁ ଏକାଥରେ ଜାଳି ଶେଷ କରିଦିଅ ନାହିଁ । ଧୀରେ ଧୀରେ ଜଳିବାକୁ ଦିଅ ।

'ଯୁକ୍ତାହାର'ର ଅର୍ଥ—ସାଦାସିଧା ଖାଦ୍ୟ, ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ ନୁହେଁ ।

## ବେଲୁଡ଼ ମଠ—ଆବେଦନ

ହିନ୍ଦୁଧର୍ମର ମୂଳତତ୍ତ୍ୱଗୁଡ଼ିକୁ ପ୍ରଚାର କରି ପାଶ୍ଚାତ୍ୟ ଦେଶରେ ବହୁନିନ୍ଦିତ ଆମମାନଙ୍କ ଧର୍ମମତ ପ୍ରତି କିଞ୍ଚିତ୍ ଶ୍ରଦ୍ଧା ଜନ୍ମାଇବାରେ ଶ୍ରୀରାମକୃଷ୍ଣ ପରମହଂସଙ୍କ ଶିଷ୍ୟଗଣ ଯେତିକି ସଫଳତା ହାସଲ କରିଥିଲେ, ସେଥିରେ ଉଦ୍‌ବୁଦ୍ଧ ହୋଇ ଭାରତର ଭିତରେ ଓ ବାହାରେ ପ୍ରଚାର କରିବା ପାଇଁ ଦଳେ ଯୁବକ ସନ୍ନ୍ୟାସୀଙ୍କୁ ଶିକ୍ଷା ଦେବା ନିମିତ୍ତ ଆମମାନଙ୍କ ମନରେ ଆଶା ଜାଗ୍ରତ ହୋଇଛି । ସେହି ଯୁବକମାନଙ୍କୁ ବୈଦିକ ଗୁରୁଗୃହବାସ ପ୍ରଥା ଅନୁସାରେ ଶିକ୍ଷା ଦେବା ପାଇଁ ଚେଷ୍ଟା ମଧ୍ୟ କରାଯାଉଛି ।

କେତେଜଣ ୟୁରୋପୀୟ ଏବଂ ଆମେରିକୀୟ ବନ୍ଧୁଙ୍କ ସାହାଯ୍ୟରେ କଲିକତା ନିକଟବର୍ତ୍ତୀ ଗଙ୍ଗାକୂଳରେ ଗୋଟିଏ ମଠ ସ୍ଥାପିତ ହୋଇଛି ।

ଖୁବ୍ ଶୀଘ୍ର ଏହି କାର୍ଯ୍ୟରେ କିଛି ପ୍ରତ୍ୟକ୍ଷ ଫଳ ଲାଭ କରିବାକୁ ହେଲେ ଅର୍ଥ ଦରକାର । ଅତଏବ ଯେଉଁମାନେ ଆମର ଏହି ପ୍ରଚେଷ୍ଟା ପ୍ରତି ସହାନୁଭୂତିଶୀଳ, ସେମାନଙ୍କ ନିକଟରେ ଆମମାନଙ୍କର ଏହି ଆବେଦନ ।

ଆମର ଇଚ୍ଛା—ମଠର କାର୍ଯ୍ୟକୁ ଏପରି ପ୍ରସାରିତ କରିବାକୁ ହେବ, ଯାହାଦ୍ୱାରା ଏହି ଅର୍ଥାନୁକୂଲ୍ୟରେ ଯେତେ ଜଣଙ୍କୁ ରଖିବା ସମ୍ଭବ, ସେତେ ଯୁବକଙ୍କୁ ମଠରେ ରଖି ସେମାନଙ୍କୁ ପାଶ୍ଚାତ୍ୟ ବିଜ୍ଞାନ ଓ ଭାରତୀୟ ଆଧ୍ୟାତ୍ମିକ ଶିକ୍ଷା ସମ୍ପର୍କରେ ଶିକ୍ଷିତ କରାଯିବ । ଏହାଦ୍ୱାରା ସେମାନେ ବିଶ୍ୱବିଦ୍ୟାଳୟ ଶିକ୍ଷା ସହିତ ସେମାନଙ୍କ ଗୁରୁଙ୍କ ନିକଟରେ ରହି ପୁରୁଷୋଚିତ ନିୟମାନୁବର୍ତ୍ତିତା ଅର୍ଜନ କରିବେ ।

ଲୋକବଳ ଓ ଅର୍ଥବଳ ମିଳିଲେ କଲିକତା ନିକଟସ୍ଥ ପ୍ରଧାନ କେନ୍ଦ୍ର କର୍ତ୍ତୃକ ଦେଶର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ କ୍ରମଶଃ ଶାଖାକେନ୍ଦ୍ରମାନ ସ୍ଥାପିତ ହେବ ।

ଏହି କାର୍ଯ୍ୟର ସ୍ଥାୟୀ ଫଳ ମିଳିବା ପାଇଁ ସମୟ ଲାଗିବ । ଆମର ଯୁବକମାନଙ୍କ ପକ୍ଷରେ ଏବଂ ଯେଉଁମାନଙ୍କର ଏହି କାର୍ଯ୍ୟରେ ସାହାଯ୍ୟ କରିବାର ସାମର୍ଥ୍ୟ ଅଛି, ସେମାନଙ୍କ ପକ୍ଷରେ ଏଥିପାଇଁ ପ୍ରଚୁର ସ୍ୱାର୍ଥତ୍ୟାଗ କରିବାର ପ୍ରୟୋଜନ ଅଛି ।

ଆମର ବିଶ୍ୱାସ ଯେ, ଏଥିପାଇଁ ଜନବଳ ପ୍ରସ୍ତୁତ । ଅତଏବ ଯେଉଁମାନେ ସେମାନଙ୍କର ଧର୍ମ ଓ ଦେଶକୁ ପ୍ରକୃତ ଭଲପାଆନ୍ତି ଏବଂ କାର୍ଯ୍ୟତଃ ସହାନୁଭୂତି ଦେଖାଇବାକୁ ଚାହାଁନ୍ତି, ସେମାନଙ୍କୁ ଏହି ନିବେଦନ କରୁଛୁ ।

## ଅଦ୍ୱୈତ ଆଶ୍ରମ, ହିମାଳୟ

୧୮୯୯ ଖ୍ରୀ: ମାର୍ଚ୍ଚ ମାସରେ ସ୍ୱାମୀଜୀ ଏହି ଲେଖାଟି ମାୟାବତୀ (ଆଲମୋଡ଼ା, ହିମାଳୟ) ଅଦ୍ୱୈତ ଆଶ୍ରମର ପରିଚୟ-ପୁସ୍ତିକାରେ (Prospectus) ପ୍ରକାଶ କରିବା ନିମିତ୍ତ ପତ୍ରଯୋଗେ ପ୍ରେରଣ କରିଥିଲେ

ଯାହାଙ୍କ ମଧ୍ୟରେ ଏହି ବ୍ରହ୍ମାଣ୍ଡ, ଯେ ଏହି ବ୍ରହ୍ମାଣ୍ଡରେ ଅବସ୍ଥିତ ଏବଂ ଯେ ଏହି ବ୍ରହ୍ମାଣ୍ଡ, ଯାହାଙ୍କ ମଧ୍ୟରେ ଆତ୍ମା, ଏବଂ ଯେ ଏହି ଆତ୍ମା ମଧ୍ୟରେ ବିଦ୍ୟମାନ ଏବଂ ଯେ ଏହି ମାନବାତ୍ମା, ତାହାଙ୍କୁ, ଅତଏବ ଏହି ବ୍ରହ୍ମାଣ୍ଡକୁ ଆତ୍ମସ୍ୱରୂପ ବୋଲି ଜାଣିଲେ ଆମମାନଙ୍କର ସମସ୍ତ ଭୟ ଓ ଦୁଃଖର ଅବସାନ ହୁଏ ଏବଂ ପରମ ମୁକ୍ତି ମିଳେ । ଯେଉଁଠାରେ ପ୍ରେମର ପ୍ରସାରଣ ଅଥବା ବ୍ୟକ୍ତିଗତ ବା ସମଷ୍ଟିଗତ ସୁଖସ୍ୱାଚ୍ଛନ୍ଦ୍ୟର ଉନ୍ନତି ଦେଖାଯାଏ, ସେଠାରେ ହିଁ —'ସର୍ବପ୍ରାଣୀଙ୍କ ଏକତ୍ୱ'-ରୂପକ ଶାଶ୍ୱତ ସତ୍ୟର ଉପଲବ୍ଧି ପ୍ରତ୍ୟକ୍ଷାନୁଭୂତି ଓ କାର୍ଯ୍ୟକାରିତା ମଧ୍ୟଦେଇ ପ୍ରକାଶିତ ହୋଇଅଛି । ପରାଧୀନତା ହିଁ ଦୁଃଖ; ସ୍ୱାଧୀନତା ହିଁ ସୁଖ ।

ଅଦ୍ୱୈତ ହିଁ ଏକମାତ୍ର ସାଧନପ୍ରଣାଳୀ ଯାହା ମଣିଷକୁ ତା'ର ପୂର୍ଣ୍ଣ ସ୍ୱାବଲମ୍ବନ ପ୍ରଦାନ କରେ ଏବଂ ତା'ର ସମସ୍ତ ପରାଧୀନତା ଓ ତତ୍‌ସଂଶ୍ଳିଷ୍ଟ ସମସ୍ତ କୁସଂସ୍କାରକୁ ଦୂର କରିଦି

ଆମମାନଙ୍କୁ ସବୁପ୍ରକାର ଦୁଃଖ ସହ୍ୟ କରିବାର କ୍ଷମତା ଓ କାର୍ଯ୍ୟ କରିବାର ସାହସ ପ୍ରଦାନ କରେ । ପରିଶେଷରେ ଏହା ହିଁ ଆମମାନଙ୍କୁ ପରମ ମୁକ୍ତିଲାଭ କରିବାକୁ ସକ୍ଷମ କରେ ।

ଦ୍ୱୈତଭାବର ଦୁର୍ବଳତାରୁ ସମ୍ପୂର୍ଣ୍ଣ ମୁକ୍ତ ରହି ଏଯାଏ ଏହି ମହାନ୍ ସତ୍ୟ ପ୍ରଚାର କରିବା ସମ୍ଭବପର ହୋଇ ନାହିଁ । ଏହି କାରଣରୁ ଆମମାନଙ୍କର ଧାରଣା, ଏହି ଭାବ ମାନବ-ସମାଜର କଲ୍ୟାଣରେ ସମ୍ୟକ୍‌ଭାବେ ପ୍ରଯୁକ୍ତ ହୋଇ ନାହିଁ ।

ଏହି ମହାନ୍ ସତ୍ୟକୁ ବ୍ୟକ୍ତିଗତ ଜୀବନରେ ସ୍ୱାଧୀନ ଓ ପୂର୍ଣ୍ଣତର ପ୍ରକାଶର ସୁଯୋଗ ଦେଇ ମାନବସମାଜକୁ ଉନ୍ନତ କରିବାକୁ ଆମେ ହିମାଳୟର ଏହି ଊର୍ଦ୍ଧ୍ୱପ୍ରଦେଶରେ— ଯେଉଁଠାରେ ଏହା ପ୍ରଥମ କରି ଉଦ୍‌ଗୀତ ହୋଇଥିଲା—ସେଠାରେ ଏହି ଅଦ୍ୱୈତ ଆଶ୍ରମ ସ୍ଥାପନ କରିଛୁ ।

ଏଠାରେ ସମସ୍ତ କୁସଂସ୍କାର ଏବଂ ବଳହାନିକାରକ ମଳିନତାରୁ ଅଦ୍ୱୈତଭାବ ଯେ ମୁକ୍ତ ରହିବ, ଏହା ଆଶା କରାଯାଏ । ଏଠାରେ କେବଳ 'ଏକତ୍ୱର ଶିକ୍ଷା' ଭିନ୍ନ ଅନ୍ୟ କିଛି ଶିକ୍ଷାଦାନ ବା ସାଧନ କରାହେବ ନାହିଁ । ଯଦିଓ ଏହି ଆଶ୍ରମଟି ସମସ୍ତ ଧର୍ମମତ ପ୍ରତି ସମ୍ପୂର୍ଣ୍ଣ ଭାବରେ ସହାନୁଭୂତିଶୀଳ, ତଥାପି ଏହା ଅଦ୍ୱୈତ, କେବଳ ଅଦ୍ୱୈତଭାବ ପାଇଁ ଉତ୍ସର୍ଗୀକୃତ ହେବ ।

## ବାରାଣସୀ ଶ୍ରୀରାମକୃଷ୍ଣ ସେବାଶ୍ରମ : ଆବେଦନ

୧୯୦୨ ଖ୍ରୀ: ଫେବୃଆରି ମାସରେ କାଶୀ ଶ୍ରୀରାମକୃଷ୍ଣ ସେବାଶ୍ରମର ପ୍ରଥମ କାର୍ଯ୍ୟ-ବିବରଣୀ ସହ ପ୍ରେରିତ ଖଣ୍ଡିଏ ପତ୍ର

ପ୍ରିୟ...

ଏଥି ସହିତ ବାରାଣସୀ ରାମକୃଷ୍ଣ ସେବାଶ୍ରମର ଗତବର୍ଷର ଏକ କାର୍ଯ୍ୟ-ବିବରଣୀ ଆପଣଙ୍କ ପାଖକୁ ପଠାଉଛି ।

ଏହି ସହରରେ ଯେଉଁସବୁ ବ୍ୟକ୍ତି ସାଧାରଣତଃ ବୃଦ୍ଧ ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇପଡ଼ନ୍ତି, ସେମାନଙ୍କ ଦୁଃଖମୋଚନ ପାଇଁ ଆମେ ଯେଉଁ ସାମାନ୍ୟ ଚେଷ୍ଟା କରିପାରିଛୁ, ତା'ର ସଂକ୍ଷିପ୍ତ ବିବରଣୀ ଏଥିରୁ ପାଇବେ ।

ବର୍ତ୍ତମାନର ଶିକ୍ଷାଜାଗରଣ ଓ ଜନମତର କ୍ରମବର୍ଦ୍ଧନ କାଳରେ ହିନ୍ଦୁତୀର୍ଥସମୂହ, ସେମାନଙ୍କର ବର୍ତ୍ତମାନ ଅବସ୍ଥା ଓ କର୍ମପଦ୍ଧତି—ସମାଲୋଚକର ତୀକ୍ଷ୍ଣ ଦୃଷ୍ଟିରୁ ଏଡ଼ାଇ ପାରି ନାହିଁ । ଏହି ତୀର୍ଥ ହିନ୍ଦୁମାନଙ୍କ ନିକଟରେ ପବିତ୍ରତମ, ସେଥିପାଇଁ ଏହାର ସମାଲୋଚନା ମଧ୍ୟ କଠୋରତମ ।

ଅନ୍ୟାନ୍ୟ ତୀର୍ଥସ୍ଥାନଗୁଡ଼ିକୁ ଲୋକେ ପାପମୋଚନ ଉଦ୍ଦେଶ୍ୟରେ ଯାଆନ୍ତି । ସେଥିପାଇଁ ସେହି ସ୍ଥାନ ସହ ସେମାନଙ୍କର ସଂପର୍କ ସାମୟିକ, ମାତ୍ର କେତୋଟି ଦିନ ପାଇଁ । କିନ୍ତୁ ଆର୍ଯ୍ୟ ସଭ୍ୟତାର ଏହି ପ୍ରାଚୀନତମ ଓ ସଜୀବ ଧର୍ମୀୟ କେନ୍ଦ୍ରରେ—ଏହି ନଗରରେ

—ବୃଦ୍ଧ ଓ ଜରାଗ୍ରସ୍ତ ନରନାରୀଗଣ ବିଶ୍ୱେଶ୍ୱର ମନ୍ଦିରର ଛାୟା ତଳେ ବସି ମୃତ୍ୟୁପରେ ଯେପରି ଚରମ ମୋକ୍ଷ ଲାଭ କରିବେ, ସେହି ଆଶାରେ ଦିନ ପରେ ଦିନ ଅପେକ୍ଷା କରିଥାନ୍ତି ।

ଏହାଛଡ଼ା ଆଉ ଯେଉଁମାନେ ଜଗତର ହିତପାଇଁ ସର୍ବତ୍ୟାଗୀ ହୋଇ ସେମାନଙ୍କର ଆତ୍ମୀୟସ୍ୱଜନ ଓ ଶୈଶବର ସକଳ ସମ୍ପର୍କକୁ ସବୁଦିନ ପାଇଁ ଛିନ୍ନ କରିଦେଇଛନ୍ତି, ସେମାନେ ମଧ୍ୟ ଏହି ସହରରେ ବାସ କରନ୍ତି । ସେମାନେ ମଧ୍ୟ ମଣିଷର ସାଧାରଣ ନିୟତି—ଦୈହିକ ରୋଗାଦି ଦ୍ୱାରା ଆକ୍ରାନ୍ତ ହୁଅନ୍ତି ।

ସହରର ବ୍ୟବସ୍ଥାପନାରେ ହୁଏତ କିଛି କିଛି ତ୍ରୁଟି ରହିଛି । ପୁରୋହିତବର୍ଗଙ୍କ ଉପରେ ସାଧାରଣତଃ ଯେଉଁସବୁ କଠୋର ସମାଲୋଚନା କରାଯାଏ, ହୁଏତ ତାହା ମଧ୍ୟ ସତ୍ୟ । ତଥାପି ଏକଥା ଭୁଲିଗଲେ ଚଳିବ ନାହିଁ ଯେ—ଜନସାଧାରଣ ଯେପରି, ପୁରୋହିତ-ମାନେ ମଧ୍ୟ ତଦନୁରୂପ । ଯଦି ଲୋକମାନେ ଯୋଡ଼ହସ୍ତ ହୋଇ କେବଳ ଗୋଟିଏ ପାର୍ଶ୍ୱରେ ଛିଡ଼ା ହୋଇ ରହନ୍ତି ଓ ଦୁଃଖର ଏହି ଦ୍ରୁତପ୍ରବାହ—ଯାହା ସେମାନଙ୍କର ଗୃହ ପାର୍ଶ୍ୱ ଦେଇ ପ୍ରବାହିତ ହୋଇ ଆବାଳ-ବୃଦ୍ଧ-ବନିତା, ସନ୍ନ୍ୟାସୀ ଓ ଗୃହୀ ସମସ୍ତଙ୍କୁ ଅସହାୟ ଦୁର୍ଭୋଗର ସାଧାରଣ ଆବର୍ତ୍ତରେ ଟାଣିନେଇ ପକାଇଦେଉଛି—କେବଳ ଦେଖୁଥିବେ ଏବଂ ଏହି ପ୍ରବାହରୁ କାହାକୁ ବଞ୍ଚାଇବା ପାଇଁ ଚେଷ୍ଟା ନ କରି କେବଳ ତୀର୍ଥର ପୁରୋହିତମାନଙ୍କ କାର୍ଯ୍ୟର ବାଗାଡ଼ମ୍ବର ସମାଲୋଚନା କରୁଥିବେ, ତା'ହେଲେ ଏହି ଦୁର୍ଭୋଗରୁ କାଣିଚାଏ ବି କମିବ ନାହିଁ, କି କୌଣସି ଜଣେ ବ୍ୟକ୍ତି ମଧ୍ୟ ସାହାଯ୍ୟ ପାଇବ ନାହିଁ ।

ପ୍ରଶ୍ନ ହେଲା—ଶିବଙ୍କର ଏହି ଚିରନ୍ତନ ସ୍ଥାନ ମୋକ୍ଷଲାଭ ପାଇଁ ଅନୁକୂଳ ବୋଲି ଆମର ପୂର୍ବପୁରୁଷଗଣ ଯେପରି ବିଶ୍ୱାସ କରିଥିଲେ, ଆମେ ବି କ'ଣ ସେହି ବିଶ୍ୱାସ ପୋଷଣ କରିବାକୁ ଚାହୁଁ ? ଯଦି ତାହା ହୁଏ, ତା'ହେଲେ ମରଣାର୍ଥୀ ବ୍ୟକ୍ତିଗଣ ବର୍ଷକୁ ବର୍ଷ ଏଠାକୁ ଆସି ସଂଖ୍ୟା ବୃଦ୍ଧି କରୁଥିବାର ଦେଖି ଆମେ ଆନନ୍ଦଲାଭ କରିବା ଉଚିତ । ଦୁଃଖୀଗଣଙ୍କର ମୋକ୍ଷଲାଭ ନିମିତ୍ତ ଏହି ଚିରନ୍ତନ ଐକାନ୍ତିକ ଆଗ୍ରହକୁ ଦେଖି ଆମେମାନେ ଶ୍ରୀଭଗବାନଙ୍କ ନାମର ଜୟଗାନ କରିବା ହିଁ କର୍ତ୍ତବ୍ୟ ।

ଯେଉଁସବୁ ଦୁଃଖାର୍ତ୍ତ ବ୍ୟକ୍ତି ଏହି ସ୍ଥାନକୁ ମୃତ୍ୟୁବରଣ କରିବାକୁ ଆସନ୍ତି, ସେମାନେ ସ୍ୱକୀୟ ଜନ୍ମସ୍ଥାନରୁ ପ୍ରାପ୍ୟ ସମସ୍ତ ସାହାଯ୍ୟରୁ ସ୍ୱଇଚ୍ଛାରେ ବିଚ୍ଛିନ୍ନ ହୋଇଛନ୍ତି; ସେମାନେ ଯେତେବେଳେ ରୋଗାକ୍ରାନ୍ତ ହୁଅନ୍ତି, ସେତେବେଳେ ତାଙ୍କର ଅବସ୍ଥା ଯେ କ'ଣ ହୁଏ, ତାହା ଅନୁଭବ କରିବାର ଦାୟିତ୍ୱ ଓ ହିନ୍ଦୁ ହିସାବରେ ଆପଣମାନେ ଏହାର କି ପ୍ରତିକାର କରିପାରିବେ, ତାହା ଭାବି ଦେଖିବାର ଭାର ଆପଣମାନଙ୍କ ବିବେକ ଉପରେ ନ୍ୟସ୍ତ କରୁଛି ।

ଭ୍ରାତୃଗଣ ! ଅନ୍ତିମ ବିଶ୍ରାମ ପାଇଁ ପ୍ରସ୍ତରର ଏହି ଅଦ୍ଭୁତ ସ୍ଥାନର ଅଲୌକିକର ଆକର୍ଷଣ ବିଷୟକୁ ସ୍ଥିର ଚିତ୍ତରେ ଆପଣମାନେ କିଅଣ ଚିନ୍ତା କରିପାରୁ ନାହାନ୍ତି ? ମୃତ୍ୟୁ ମାଧ୍ୟମରେ ମୋକ୍ଷ ଆଡ଼କୁ ଅଗ୍ରସର ତୀର୍ଥଯାତ୍ରୀମାନଙ୍କର ବହୁ ପ୍ରାଚୀନ ବିରାମସ୍ଥାନ ଏହି ସ୍ରୋତ ଆପଣମାନଙ୍କୁ କ'ଣ ଏକ ଅନିର୍ବଚନୀୟ ଶ୍ରଦ୍ଧାର ଭାବରେ ଆବିଷ୍ଟ କରୁ ନାହିଁ ? ଯଦି କରୁଛି, ତା'ହେଲେ ଆସନ୍ତୁ ଆମମାନଙ୍କର ଏହି କାର୍ଯ୍ୟ ପାଇଁ ଆପଣମାନଙ୍କର ସଦୟ ହସ୍ତ

ଏଥିନିମିତ୍ତ ପ୍ରସାରଣ କରନ୍ତୁ ।

ଆପଣମାନଙ୍କର ଦାନ ହୁଏତ ଅତି ସାମାନ୍ୟ, ଆପଣମାନଙ୍କର ସାହାଯ୍ୟ ହୁଏତ ଅତି ନଗଣ୍ୟ ହୋଇପାରେ, ତଥାପି କୁଣ୍ଠାବୋଧ କରନ୍ତୁ ନାହିଁ । ଗୋଟିଏ ପୁରୁଣା ପ୍ରବାଦ ଅଛି—ତୃଣଗୁଚ୍ଛଗୁଡ଼ିକୁ ଏକତ୍ର କରି ଗୋଟିଏ ରଜ୍ଜୁ ପ୍ରସ୍ତୁତ କଲେ ସେଥିରେ ସର୍ବାପେକ୍ଷା ମଦମତ୍ତ ହସ୍ତୀକୁ ମଧ୍ୟ ବାନ୍ଧି ରଖାଯାଇପାରେ ।

ବିଶ୍ୱନାଥାଶ୍ରିତ ସର୍ବଦା ଆପଣଙ୍କର
ବିବେକାନନ୍ଦ

# ବୌଦ୍ଧ ଭାରତ

ସେକ୍‌ସପିଅର୍ କ୍ଲବ, ପାସାଡେନା, କାଲିଫର୍ଣ୍ଣିଆଠାରେ ୨ ଫେବ୍ରୁଆରି ୧୯୦୦, ସନ୍ଧ୍ୟା ୮ ଘଟିକାରେ ପ୍ରଦତ୍ତ ବକ୍ତୃତା

ଆଜି ସନ୍ଧ୍ୟାରେ ଆମର ଆଲୋଚ୍ୟ ବିଷୟ ହେଲା 'ବୌଦ୍ଧ ଭାରତ' । ଆପଣମାନଙ୍କ ମଧ୍ୟରୁ ହୁଏତ ଅନେକ ଏଡୁଇନ୍ ଆର୍ଣ୍ଣୋଲ୍‌ଡଙ୍କ ପଦ୍ୟରେ ରଚିତ ବୁଦ୍ଧଙ୍କ ଜୀବନୀ ପାଠ କରିଥିବେ । କେହି କେହି ହୁଏତ ଏ ବିଷୟରେ ବିଶଦ ଆଲୋଚନା ମଧ୍ୟ କରିଥିବେ । କାରଣ ଇଂରାଜୀ, ଫରାସୀ, ଜର୍ମାନ ପ୍ରଭୃତି ଭାଷାରେ ବୌଦ୍ଧ ସାହିତ୍ୟ ଉପରେ ବହୁ ଉପାଦେୟ ପୁସ୍ତକ ପ୍ରକାଶିତ ହୋଇଛି । ବୌଦ୍ଧଧର୍ମ ହିଁ ଜଗତର ସାର୍ବଭୌମ ଧର୍ମର ପ୍ରଥମ ଅଭିବ୍ୟକ୍ତି । ସୁତରାଂ ଏହାର ଅନୁଶୀଳନ ସ୍ୱତଃ ହିଁ ବିଶେଷ ଆକର୍ଷଣୀୟ ।

ବୌଦ୍ଧଧର୍ମ ପୂର୍ବରୁ ଭାରତରେ ଏବଂ ଭାରତ ବାହାରେ ନାନାଧର୍ମର ଆବିର୍ଭାବ ହୋଇଥିଲା । କିନ୍ତୁ ସେସବୁ ଧର୍ମ ପ୍ରାୟଶଃ ନିଜ ନିଜ ଜାତିର ପରିଧି ମଧ୍ୟରେ ହିଁ ସୀମାବଦ୍ଧ ଥିଲା । ହିନ୍ଦୁ, ଇହୁଦୀ, ପାରସିକ ପ୍ରଭୃତି ପ୍ରାଚୀନ ଜାତିର ମହାନ୍ ଧର୍ମ ଥିଲା । ମାତ୍ର ସେସବୁ ସାଧାରଣତଃ ସେହି ସେହି ଜାତିର ନିଜସ୍ୱ ଧର୍ମ—ସାର୍ବଭୌମ ଧର୍ମ ନୁହେଁ । ବୌଦ୍ଧଧର୍ମର ଅଭ୍ୟୁତ୍ଥାନ ସଙ୍ଗେ ସଙ୍ଗେ ଧର୍ମର ବିଶ୍ୱବିଜୟସ୍ୱରୂପ ଗୋଟିଏ ବିଚିତ୍ର ଅଭିଯାନର ସୂତ୍ରପାତ ହେଲା । ଯେଉଁ ମତବାଦ ଓ ବାଣୀ ବୌଦ୍ଧଧର୍ମରେ ପ୍ରଚାରିତ ହୋଇଥିଲା, ଯେଉଁ ସତ୍ୟସମୂହ ତା'ର ଶିକ୍ଷାର ଅଙ୍ଗୀଭୂତ—ସେସବୁକୁ ବାଦ୍ ଦେଲେ ମଧ୍ୟ ଧର୍ମଜଗତରେ ସେହି ଧର୍ମ ପ୍ରଥମ କରି ଆମକୁ ନେଇ ଏକ ବିପୁଳ ବୈପ୍ଳବିକ ପରିବର୍ତ୍ତନର ମୁହାଁମୁହିଁ ଛିଡ଼ା କରାଇଥିଲା । ସେହି ଧର୍ମର ଜନ୍ମଲଗ୍ନର କେତେକ ଶତାବ୍ଦୀ ମଧ୍ୟରେ ବୌଦ୍ଧ ଶ୍ରମଣଗଣ ଖାଲିପାଦ ଓ ମୁଣ୍ଡିତ ମସ୍ତକରେ ତତ୍କାଳୀନ ସଭ୍ୟ ଜଗତର ସର୍ବତ୍ର ବିଛେଇ ହୋଇଗଲେ, ଏପରିକି ଲାପ୍‌ଲାଣ୍ଡର ଏକପ୍ରାନ୍ତରୁ ଆରମ୍ଭ କରି ଫିଲିପାଇନ୍ ଦ୍ୱୀପପୁଞ୍ଜର ଅପର ପ୍ରାନ୍ତ ପର୍ଯ୍ୟନ୍ତ ସେମାନେ ଧର୍ମ ପ୍ରଚାର କରିଥିଲେ । ଏହି ଭାବରେ ବୁଦ୍ଧଦେବଙ୍କ ଜନ୍ମର ଅଳ୍ପ କେତେକ ଶତାବ୍ଦୀ ମଧ୍ୟରେ ସେମାନେ ନାନାଦେଶରେ ବିଛେଇ ହୋଇଗଲେ ଏବଂ ମୂଳ ଭାରତ-ଭୂଖଣ୍ଡରେ ବୌଦ୍ଧଧର୍ମ ଏକ ସମୟରେ ଦେଶର ପ୍ରାୟ ଦୁଇ-ତୃତୀୟାଂଶ ନରନାରୀଙ୍କ

ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ କରିଥିଲା । ତେବେ ଭାରତବର୍ଷ କେବେହେଲେ ସମଗ୍ର ଭାବରେ ବୌଦ୍ଧଧର୍ମକୁ ଗ୍ରହଣ କରି ନାହିଁ । ଏହି ଧର୍ମର ପରିଧିର ବାହାରେ ଭାରତବର୍ଷ ଚିରଦିନ ଠିଆ ହୋଇଥିଲା । ଫଳରେ ଖ୍ରୀଷ୍ଟଧର୍ମ ଇହୁଦୀମାନଙ୍କ ମଧ୍ୟରେ ଯେଉଁ ପରିଣତି ଲାଭ କରିଥିଲା, ଅର୍ଥାତ୍ ଅଧିକାଂଶ ଇହୁଦୀ ଖ୍ରୀଷ୍ଟଧର୍ମ ଗ୍ରହଣ କରି ନ ଥିଲେ, ସେହିପରି ବୌଦ୍ଧଧର୍ମ ମଧ୍ୟ ଭାରତବର୍ଷରେ ଅନୁରୂପ ପରିଣତି ଲାଭ କରିଥିଲା ଏବଂ ଏହି ଭାବରେ ପ୍ରାଚୀନ ଭାରତୀୟ ଧର୍ମର ଧାରା ଅବ୍ୟାହତ ଥିଲା ।

କିନ୍ତୁ ତୁଳନାଟିର ପରିସମାପ୍ତି ଏହିଠାରେ । କାରଣ ଖ୍ରୀଷ୍ଟଧର୍ମ ଇହୁଦୀଜାତିକୁ ନିଜ ପରିଧି ମଧ୍ୟରେ ଗ୍ରହଣ କରିବାକୁ ସମର୍ଥ ହୋଇ ନ ଥିଲେ ମଧ୍ୟ ସମଗ୍ର ଦେଶକୁ ନିଜ ପ୍ରଭାବର ଅନ୍ତର୍ଭୁକ୍ତ କରିଥିଲା । ଯେଉଁସବୁ ସ୍ଥାନରେ ପ୍ରାଚୀନ ଇହୁଦୀ ଧର୍ମ ପ୍ରଚଳିତ ଥିଲା— ଅତି ଅଳ୍ପ କାଳ ମଧ୍ୟରେ ଖ୍ରୀଷ୍ଟଧର୍ମ ସେସବୁ ସ୍ଥାନରେ ପ୍ରବେଶ କରି ତାହାର ଲକ୍ଷ୍ୟସାଧନ କରିଥିଲା । ସେଥିପାଇଁ ପ୍ରାଚୀନ ଇହୁଦୀଧର୍ମ କେବଳ ବିକ୍ଷିପ୍ତ ଭାବରେ ପୃଥିବୀର ଏଣେ ତେଣେ ବଞ୍ଚି ରହିଲା । କିନ୍ତୁ ଭାରତବର୍ଷରେ ଏହି ବୌଦ୍ଧଧର୍ମରୂପକ ଶିଶୁଟିକୁ ତା'ର ଜନ୍ମଦାତ୍ରୀ ଯେପରି ଗ୍ରାସ କରିଦେଇଥିଲା ଏବଂ ଆଜି ବୁଦ୍ଧଙ୍କର ନାମ ମଧ୍ୟ ଯେପରି ଭାରତବର୍ଷରେ ଲୁପ୍ତ ହୋଇଯାଇଛି । ଫଳରେ ଭାରତର ଶତକଡ଼ା ଅନେକତ ଭାଗ ନରନାରୀଙ୍କ ଅପେକ୍ଷା ଆପଣମାନେ ହୁଏତ ବୌଦ୍ଧଧର୍ମ ବିଷୟରେ ଅଧିକ ଜାଣିଛନ୍ତି । ଅତିବେଶୀ ହେଲେ ସେମାନେ ସେହି ମହାପୁରୁଷଙ୍କ ନାମଟି କେବଳ ଜାଣିଛନ୍ତି । ସେ ଯେ ଜଣେ ବିରାଟ ମହାପୁରୁଷ ଥିଲେ, ଭଗବାନଙ୍କର ଅବତାର ଥିଲେ—ଏତିକିମାତ୍ର ସମ୍ବାଦ ସେମାନେ ହୁଏତ ଜାଣିଛନ୍ତି, ଏହାଠାରୁ ଅଧିକ ଆଉ କିଛି ନୁହେଁ ।

ସିଂହଳ ଅବଶ୍ୟ ଏପର୍ଯ୍ୟନ୍ତ ବୁଦ୍ଧଦେବଙ୍କର ସାମ୍ରାଜ୍ୟ ହୋଇ ରହିଛି ଏବଂ ହିମାଳୟର କୌଣସି କୌଣସି ଅଂଶରେ ଏବେ ମଧ୍ୟ କିଛି କିଛି ବୌଦ୍ଧଧର୍ମାବଲମ୍ବୀ ଅଛନ୍ତି । ଏହାଛଡ଼ା ଭାରତବର୍ଷରେ ବୌଦ୍ଧଧର୍ମର ଆଉ କିଛି ଅବଶିଷ୍ଟ ନାହିଁ । ତେବେ ଭାରତ ବାହାରେ ଏସିଆର ଅନ୍ୟାନ୍ୟ ଅଂଶରେ ବୌଦ୍ଧଧର୍ମ ବିସ୍ତୃତ ଲାଭ କରିଥିଲା । ବୌଦ୍ଧଧର୍ମର ଅନୁଗାମୀ-ମାନଙ୍କ ସଂଖ୍ୟା ପୃଥିବୀରେ ସର୍ବାଧିକ ଏବଂ ଏହି ଧର୍ମ ପରୋକ୍ଷ ଭାବରେ ଅନ୍ୟାନ୍ୟ ଧର୍ମର ଶିକ୍ଷା ଓ ଅନୁଶାସନକୁ ପ୍ରଭୂତ ପରିମାଣରେ ପ୍ରଭାବିତ କରିଛି ।...

ଏକଦା ବୌଦ୍ଧଧର୍ମର ଅନେକ କିଛି ଏସିଆ ମାଇନର୍‌ରେ ପ୍ରବେଶ କରିଥିଲା । ଖ୍ରୀଷ୍ଟଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ପ୍ରାଧାନ୍ୟ ଓ ପ୍ରଭୁତ୍ୱ ନେଇ ଏକଦା ଅବିଚ୍ଛିନ୍ନ ସଂଗ୍ରାମ ମଧ୍ୟ ଚାଲିଥିଲା । ଖ୍ରୀଷ୍ଟଧର୍ମର ଆଦିକାଳରେ ନଷ୍ଟିକ୍ (Gnostics) ପ୍ରମୁଖ ଯେଉଁସବୁ ସମ୍ପ୍ରଦାୟର ଉଦ୍ଭବ ହୋଇଥିଲା, ସେମାନଙ୍କର ଅଭ୍ୟାସ-ଆଚରଣ, ମତଗତ ବୌଦ୍ଧମାନଙ୍କର ଅନୁରୂପ ଥିଲା । ବିଶେଷ ନଗରୀ ଆଲେକ୍‌ଜାଣ୍ଡ୍ରିଆର ଆବହାଓା ମଧ୍ୟରେ ରୋମକ ଆଇନ ଅଧୀନରେ ଯେଉଁ ଧର୍ମଗତ ସମ୍ମିଶ୍ରଣ ସାଧିତ ହୋଇଥିଲା—ସେଥିରୁ ଖ୍ରୀଷ୍ଟଧର୍ମର ଉଦ୍ଭବ ହେଲା ।

ବୌଦ୍ଧଧର୍ମର ରାଜନୈତିକ ଓ ସାମାଜିକ ଦିଗ—ତା'ର ଧର୍ମ ଓ ଆଚାର-ଆଚରଣାଦି ଅପେକ୍ଷା ଅଧିକତର ଆକର୍ଷଣୀୟ ଏବଂ ବିପୁଳଶକ୍ତିସମ୍ପନ୍ନ ଏକ ବିଶ୍ୱବିଜୟୀ ଧର୍ମ ରୂପେ

ତା'ର ଯେଉଁ ପ୍ରଥମ ଆତ୍ମପ୍ରକାଶ—ତା'ର ମାଧୁର୍ଯ୍ୟ ମଧ୍ୟ କମ୍ ନୁହେଁ ।

ଆଜିକାର ଭାଷଣରେ ମୁଁ ମୂଳତଃ ଭାରତବର୍ଷରେ ବୌଦ୍ଧଧର୍ମର ପ୍ରଭାବ ସମ୍ପର୍କରେ ଆଲୋଚନା କରିବାକୁ ଚାହେଁ । ବସ୍ତୁତଃ ବୌଦ୍ଧଧର୍ମର ଉଦ୍ଭବ ଏବଂ ପ୍ରସାର ସମ୍ପର୍କରେ ମୁଁ କହିବାକୁ ଯାଉଥିଲେ ହେଁ ସେହି ମହାନ୍ ଧର୍ମଗୁରୁଙ୍କ ଆବିର୍ଭାବ ବେଳକୁ ଭାରତବର୍ଷର ଅବସ୍ଥା କିପରି ଥିଲା—ସେ ବିଷୟରେ ଟିକିଏ ଧାରଣା ରହିବା ଦରକାର ।

ସେହି ସମୟରେ ଭାରତବର୍ଷରେ ଗୋଟିଏ ବହୁ-ବିସ୍ତୃତ ବିରାଟ ଧର୍ମ ସୁପ୍ରତିଷ୍ଠିତ ଥିଲା । ସେହି ଧର୍ମର ମୁଖ୍ୟ ଶାସ୍ତ୍ର ଥିଲା—ବେଦ । ବେଦସମୂହ 'ବାଇବେଲ' ପରି ଗୋଟିଏ ମାତ୍ର ଗ୍ରନ୍ଥ ନୁହେଁ । ବରଂ ନାନା ଗ୍ରନ୍ଥର ସମାହାରରେ ବେଦ ଥିଲା ଏକ ସାହିତ୍ୟବିଶେଷ । ଅବଶ୍ୟ ବାଇବେଲ ମଧ୍ୟ ବିଭିନ୍ନ ଯୁଗର ଭିନ୍ନ ଭିନ୍ନ ଲେଖକଙ୍କର ରଚନାର ସମଷ୍ଟି । କିନ୍ତୁ ବେଦ ଏକ ଅତି ବିଶାଳ ସଂଗ୍ରହ । ଏବେ ବେଦର ଗ୍ରନ୍ଥ ମିଳେ ନାହିଁ, ଏପରିକି ସେହିଗୁଡ଼ିକର ନାମ ମଧ୍ୟ ଭାରତବର୍ଷରେ କେହି ଜାଣି ନାହାନ୍ତି । କିନ୍ତୁ ଯଦି କୌଣସି ପ୍ରକାରେ ସେ ଗ୍ରନ୍ଥସମୂହକୁ ସଂଗ୍ରହ କରିବା ସମ୍ଭବ ହୁଅନ୍ତା, ତା'ହେଲେ ଏହି ପ୍ରଶସ୍ତ କକ୍ଷଟିରେ ମଧ୍ୟ ତା' ପାଇଁ ସ୍ଥାନ ଅଣ୍ଟନ୍ତା ନାହିଁ ।

ଏହା ଏକ ବିରାଟ, ବିପୁଳ ସାହିତ୍ୟ-ସଂଗ୍ରହ । ସେହି ମହାନ୍ ଶାସ୍ତ୍ରକାର ଶ୍ରୀଭଗବାନଙ୍କ ନିକଟରୁ ଏହି ସାହିତ୍ୟ ବଂଶପରଂପରାକ୍ରମେ ଆମ ପାଖରେ ଆସି ପହଞ୍ଚିଛି । ସେଥିପାଇଁ ଭାରତବର୍ଷରେ ଶାସ୍ତ୍ର-ବିଷୟକ ଧାରଣା ଅତ୍ୟନ୍ତ ପ୍ରାଚୀନପନ୍ଥୀ ଥିଲା, ରକ୍ଷଣଶୀଳ ଥିଲା ।

ଆପଣମାନେ ଗ୍ରନ୍ଥପୂଜା-ପରମ୍ପରା ବିରୋଧରେ ଅଭିଯୋଗ କରିଥାଆନ୍ତି; କିନ୍ତୁ ଆପଣମାନେ ଏ ସମ୍ପର୍କରେ ହିନ୍ଦୁର ମନୋଭାବ ଜାଣିପାରିଲେ ଆପଣମାନେ କ'ଣ ଭାବିବେ—କିଏ ଜାଣେ ? ହିନ୍ଦୁ ବିଶ୍ୱାସ କରେ ଯେ, ବେଦ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ଶ୍ରୀମୁଖ-ନିଃସୃତ ଜ୍ଞାନ । ବେଦର ସହାୟତାରେ ବିଶ୍ୱଚରାଚର ସୃଷ୍ଟ ହୋଇଛି ଏବଂ ବେଦରେ କହିତ ବୋଲି ତାହାର ଅସ୍ତିତ୍ୱ ସମ୍ଭବ ହୋଇଛି । ଗୋଟିଏ ଗାଈ ଏହି ସ୍ଥୂଳ ଜଗତରେ ଅଛି, କାରଣ 'ଗାଈ' ଶବ୍ଦଟି ବେଦରେ ଅଛି । ଗୋଟିଏ ମଣିଷ ଏହି ପାର୍ଥିବ ଜଗତରେ ବିଦ୍ୟମାନ, କାରଣ 'ମନୁଷ୍ୟ' ଶବ୍ଦଟିର ଉଲ୍ଲେଖ ମଧ୍ୟ ବେଦରେ ଅଛି । ଏଠାରେ ଆପଣ ଯେଉଁ ମତବାଦର ଜନ୍ମସୂତ୍ର ଦେଖିଲେ—ଯାହାକୁ ପରବର୍ତ୍ତୀ କାଳରେ ଖ୍ରୀଷ୍ଟଧର୍ମାବଲମ୍ବୀଗଣ ବର୍ଦ୍ଧିତ କରିଥିଲେ ଏବଂ ଏହାକୁ ଏହି ଭାବରେ ପ୍ରକାଶ କରିଥିଲେ—'ସୃଷ୍ଟିର ପ୍ରାରମ୍ଭରେ ଥିଲା କେବଳ ଶବ୍ଦ ଏବଂ ଶବ୍ଦ ଈଶ୍ୱର ବା ବ୍ରହ୍ମଙ୍କ ସହିତ ଅଭିନ୍ନ ଥିଲା'—ଏହି ତତ୍ତ୍ୱ ଭାରତବର୍ଷର ପ୍ରାଚୀନ ତତ୍ତ୍ୱ; ଏହି ତତ୍ତ୍ୱର ଭିତ୍ତି ଉପରେ ଶାସ୍ତ୍ରର ଭାବଧାରା ପ୍ରତିଷ୍ଠିତ । ଅବଶ୍ୟ ଏକଥା ସ୍ମରଣ ରଖିବା ପ୍ରୟୋଜନ ଯେ, ଶବ୍ଦ ମାନେ ହିଁ ଐଶୀ ଶକ୍ତିର ଆଧାର । ବହିର୍ବିଶ୍ୱ ଭାବର ମୂର୍ତ୍ତିପ୍ରକାଶ-ସ୍ୱରୂପ । ସୁତରାଂ ପ୍ରକାଶମାନେ ହିଁ ଜାଗତିକ କ୍ଷେତ୍ରର ସ୍ଥୂଳ ପ୍ରକାଶ ଏବଂ ଶବ୍ଦ ମାନେ ହିଁ ବେଦ ଏବଂ ସଂସ୍କୃତ ହିଁ ଦେବ-ଭାଷା । ଏକଦା ଦେବମୁଖରୁ ଭାଷା ନିଃସୃତ ହୋଇଥିଲା । ସେହି ଭାଷା ସଂସ୍କୃତ ଭାଷା ବା ଦେବଭାଷା । ସେଥିପାଇଁ ଭାରତୀୟମାନଙ୍କ ମତରେ ସଂସ୍କୃତ ଭାଷା ଭିନ୍ନ ଅନ୍ୟ ସକଳ ଭାଷା ନିମ୍ନପର୍ଯ୍ୟାୟର ପଶୁମାନଙ୍କ କଣ୍ଠନିଃସୃତ

ଭିଚାପର; ଏବଂ ସେହି ସବୁ ଭାଷାଭାଷୀଗଣ ମ୍ଳେଚ୍ଛ ଶବ୍ଦଦ୍ୱାରା ଅଭିହିତ । ଗ୍ରୀକ୍‌ମାନଙ୍କ ପରଭାଷାରେ 'ବର୍ବର' ଶବ୍ଦଟି ଯେପରି ଏହି 'ମ୍ଳେଚ୍ଛ' ଶବ୍ଦଟି ମଧ୍ୟ ସଂସ୍କୃତରେ ସେହିପରି ।...

ବେଦସମୂହ କୌଣସି ବ୍ୟକ୍ତିବିଶେଷଙ୍କର ରଚନା ନୁହେଁ, ଦେବତାମଣ୍ଡଳୀଙ୍କ ସହ ସମାନ୍ତରାଳ ରେଖାରେ ଏହା ବିଦ୍ୟମାନ । ଭଗବାନ ଅନନ୍ତ, ଜ୍ଞାନ ମଧ୍ୟ ଅନନ୍ତ ଏବଂ ସେହି ଅନନ୍ତ ଜ୍ଞାନର ସହାୟତାରେ ଜଗତର ସୃଷ୍ଟି ହୋଇଛି । ଏହି ଗ୍ରନ୍ଥରେ ଜଗତର ସବୁ କିଛି ବିଧୃତ, ତା'ର ବାହାରେ କିଛି ନାହିଁ । ମଣିଷର ଯେତେ ଯାହା ନୀତି ଜ୍ଞାନ, ଭଲ-ମନ୍ଦ-ବିଚାର—ସବୁକିଛି ଏହି ଗ୍ରନ୍ଥର ଅନୁଶାସନ ଉପରେ ପ୍ରତିଷ୍ଠିତ । କାରଣ ଐଶ୍ୱରିକ ଜ୍ଞାନର ଊର୍ଦ୍ଧ୍ୱକୁ ମଣିଷ ଉଠିପାରେ ନାହିଁ ।—ଭାରତୀୟ ରକ୍ଷଣଶୀଳତାର ଏହା ହିଁ ହେଲ ମୂଳ କଥା ।

ବେଦର ଶେଷାଂଶ ଉଚ୍ଚତମ ଆଧ୍ୟାତ୍ମିକ ତତ୍ତ୍ୱରେ ପରିପୂର୍ଣ୍ଣ ଏବଂ ପ୍ରଥମାଂଶ ଅପେକ୍ଷାକୃତ ସ୍ଥୂଳ ।

ବେଦର କିଛି ଅଂଶକୁ ଉଦ୍ଧୃତ କରି 'ଏହା ଭଲ ନୁହେଁ, ତାହା ଭଲ ନୁହେଁ' ବୋଲି ଆପଣମାନେ ମନ୍ତବ୍ୟ ଦେଇଥାଆନ୍ତି । କିନ୍ତୁ କାହିଁକି ? 'ବହୁ ଅନଭିପ୍ରେତ ଏବଂ ମନ୍ଦ ଅନୁଶାସନ ଏହା ମଧ୍ୟରେ ନିହିତ ଅଛି ।' ଏଇଥିପାଇଁ ତ ? ତାହା ହୁଏତ ଅଛି । କିନ୍ତୁ ଓଲ୍ଡ ଟେଷ୍ଟାମେଣ୍ଟରେ ବି ତ ଏଜାତୀୟ ବିଷୟ ରହିଛି ! ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏପରି ବହୁ ବିଚିତ୍ର ମତ, ବହୁ ଉଦ୍ଭଟ ଚିନ୍ତାର ଉଲ୍ଲେଖ ଅଛି, ଯାହାକୁ ଏବେ ଆମେ ପସନ୍ଦ କରିବା ନାହିଁ ।

'ଏ ମତବାଦଟି ଭଲ ନୁହେଁ', ମୋର ନୀତିବୋଧକୁ ଏହା ଆଘାତ ଦିଏ ।

ଏ ଜାତୀୟ ଉକ୍ତିର 'କାରଣ' ସମ୍ବନ୍ଧରେ ପ୍ରଶ୍ନ ଉତ୍ଥାପନ କଲେ, ଅଥବା କାହିଁକି ଆପଣଙ୍କର ନୀତିବୋଧକୁ ଆଘାତ ଦିଏ—ଏକଥା ପଚାରିଲେ,—'ନା, ଏଥିରେ କୌଣସି ପ୍ରଶ୍ନ ବା ଯୁକ୍ତିର ଅବକାଶ ନାହିଁ ।'... ଯଦି ଏହି ଅବସ୍ଥା ହୁଏ, ତେବେ ଚୁପ୍ କରି ରହନ୍ତୁ; ଦୂରେଇ ରହନ୍ତୁ ।'...

ବେଦର ଯେଉଁ ନିର୍ଦ୍ଦେଶ ତାହା ପାଳନ କରିବା ହିଁ ବିଧି । ବେଦ-ନିର୍ଦ୍ଦିଷ୍ଟ ଭଲ-ମନ୍ଦ ହିଁ ଶେଷ କଥା; ସେ-ବିଷୟରେ କୌଣସି ପ୍ରଶ୍ନ ଉତ୍ଥାପନ କରିବା ମଣିଷର ଅଧିକାରର ବହିର୍ଭୂତ ।

ବେଦ-ବିରୋଧୀ କୌଣସି ଉକ୍ତିର ସମର୍ଥନରେ କୌଣସି ହିନ୍ଦୁକୁ ଯଦି କେହି କହେ ଯେ—'ଆମ ବାଇବେଲରେ ତ ଏକଥା ନାହିଁ,' ତା'ହେଲେ ସେହି ମୁହୂର୍ତ୍ତରେ ଉତ୍ତର ଆସିବ—'ଓଃ ତୁମର ବାଇବେଲ ? ତାହା ତ ଏବକାର ଗୋଟିଏ ଅତି ଆଧୁନିକ ଇତିହାସ ! ବେଦ ଭିନ୍ନ ଆଉ ଶାସ୍ତ୍ର କାହିଁ ? ଗ୍ରନ୍ଥ କାହିଁ ?' ଭଗବାନ ହିଁ ସକଳ ଜ୍ଞାନର ଆକର । ଫଳତଃ ସେ ପୁନଃପୁନଃ ଏକାଧିକ ବାଇବେଲ ମାଧ୍ୟମରେ ଶିକ୍ଷା ଦେବେ, ଏହା ଆଦୌ ସମ୍ଭବ ନୁହେଁ । ବେଦଗ୍ରନ୍ଥ ମାଧ୍ୟମରେ ତାଙ୍କ ଶିକ୍ଷାର ପ୍ରଥମ ପ୍ରକାଶ । ତାହା କ'ଣ ତେବେ ଭୁଲ ? ମିଥ୍ୟା ? ପରବର୍ତ୍ତୀ କାଳରେ ଉଚ୍ଚତର କୌଣସି ଶିକ୍ଷାଦାନ ଉଦ୍ଦେଶ୍ୟ ନେଇ

ଭିନ୍ନ ଭିନ୍ନ ଜାତି ପାଇଁ ଭିନ୍ନ ଭିନ୍ନ ବେଦ ବା ବାଇବେଲ୍ ସେ ସୃଷ୍ଟି କରିଥିଲେ—ଏହା କ'ଣ ସମ୍ଭବ ?

'ବେଦ ପରି ପ୍ରାଚୀନ ଗ୍ରନ୍ଥ ଆଉ କିଛି ନାହିଁ । ଅନ୍ୟସବୁ ଗ୍ରନ୍ଥ ବେଦର ଅନୁଗାମୀ, ବେଦର ଅନୁକରଣରେ ରଚିତ !' ସେମାନେ ଆପଣଙ୍କ କଥା ଶୁଣିବେ ନାହିଁ । ପୁଣି ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ବାଇବେଲ୍ ଗ୍ରନ୍ଥଟିକୁ ଦେଖାଇ କହିବେ, ସେସବୁ ଉକ୍ତି କେବଳ ପ୍ରତାରଣା ମାତ୍ର । ଭଗବାନଙ୍କ ଉକ୍ତି ଅଭ୍ରାନ୍ତ ଏବଂ ତାହା ଥରକ ପାଇଁ ମାତ୍ର ଉଚ୍ଚାରିତ ହୋଇଥାଏ ।

ଏସବୁ କଥା ବିଶେଷ ଭାବରେ ଚିନ୍ତା କରିବାର ବିଷୟ । ରକ୍ଷଣଶୀଳତା ଅବଶ୍ୟ ଅତି ବିଷମ ବସ୍ତୁ ।...

ଯଦି କୌଣସି ହିନ୍ଦୁକୁ କୌଣସି ସାମାଜିକ ସଂସ୍କାର ବିଷୟରେ ଆପଣମାନେ କହନ୍ତି, 'ଏପରି କରିବା ସଙ୍ଗତ' ଅଥବା 'ଏପରି କରିବା ସଙ୍ଗତ ନୁହେଁ'; ତା'ହେଲେ ସେ ଉତ୍ତର ଦେବେ, 'ଏସବୁ କ'ଣ ଆମର ପ୍ରାଚୀନ ଗ୍ରନ୍ଥାଦିରେ ନିର୍ଦ୍ଦେଶିତ ହୋଇଛି ? ଯଦି ନ ହୋଇଛି ତା'ହେଲେ ଏଥିରେ ଆମର ମୁଣ୍ଡ ଖେଳାଇବା ଦରକାର ନାହିଁ । ଆମେ କୌଣସି ପରିବର୍ତ୍ତନର ପକ୍ଷପାତୀ ନୋହୁଁ', ଆଉ କେତେ ଶତାବ୍ଦୀ ଅପେକ୍ଷା କରନ୍ତୁ, ଦେଖିବେ ଯେ, ଆମମାନଙ୍କର ବ୍ୟବସ୍ଥା ହିଁ କଲ୍ୟାଣପ୍ରଦ ।...

ଯଦି ତାଙ୍କୁ କୁହାଯାଏ,...'ତୁମର ସମାଜପ୍ରତିଷ୍ଠାନଗୁଡ଼ିକ ଉତ୍କୃଷ୍ଟ ନହେଁ ।' ତା'ହେଲେ ସେ ସଙ୍ଗେ ସଙ୍ଗେ କହିବେ—'ଅଚ୍ଛା ! ତୁମେ ସେକଥା କିପରି ଜାଣିଲ ? ତୁମର ଅଭିମତର ଭିତ୍ତି କ'ଣ ? ଆମମାନଙ୍କର ବିଶ୍ୱାସ, ଆମର ସମାଜ-ସଂସ୍ଥାମାନ ତୁମ ସମାଜ-ବ୍ୟବସ୍ଥା ତୁଳନାରେ ଉନ୍ନତତର । ଅପେକ୍ଷା କଲେ ଶହ-ପାଞ୍ଚଶହ ବର୍ଷ ମଧ୍ୟରେ ଦେଖିବ, କାଳକୁ ଅତିକ୍ରମ କରି ଆମେ ଛିଡ଼ା ହୋଇ ରହିଛୁ ଏବଂ ତୁମମାନଙ୍କର ମୃତ୍ୟୁ ହୋଇଛି ।'...ସେମାନେ ଏହିପରି ଭାବରେ କହିବେ ।

ଏହା ହେଉଛି ଉଗ୍ର ରକ୍ଷଣଶୀଳତା ଏବଂ ଭଗବାନ୍‌ଙ୍କ ଆଶୀର୍ବାଦରୁ ସେହି ମହା ସଙ୍କଟ-ସମୁଦ୍ରକୁ ମୁଁ ଅତିକ୍ରମ କରିଛି ।

ଏହି ରକ୍ଷଣଶୀଳତା ଭାରତରେ ଥିଲା । ଏହାଛଡ଼ା ଅଉ କ'ଣ ଥିଲା ? ଥିଲା—ବିଚ୍ଛିନ୍ନ ଭାବ ଓ ବିଭାଗ । ସମଗ୍ର ସମାଜଟି—ବହୁ ଜାତି ଓ ସମ୍ପ୍ରଦାୟରେ ବିଭକ୍ତ ଥିଲା, ଏବଂ ସେହିସବୁ ବିଭାଗ ଆଜିର ତୁଳନାରେ ଅଧିକ କଠୋର ଥିଲା ।

ଆଉ ଗୋଟିଏ ବିଷୟ ଲକ୍ଷ୍ୟ କରିବା କଥା । ଏବେ ନୂଆ ନୂଆ ଜାତି-ଗୋଷ୍ଠୀ ସୃଷ୍ଟି କରିବାର ପ୍ରବଣତା ପାଶ୍ଚାତ୍ୟରେ ମଧ୍ୟ ଦେଖା ଦେଇଛି ।

ମୁଁ ନିଜେ ଅବଶ୍ୟ ଜାତିର ବାହାରେ । ବ୍ୟକ୍ତିଗତ ଭାବରେ ମୁଁ ଜାତିଗତ ବନ୍ଧନକୁ ବିଶ୍ୱାସ କରେ ନାହିଁ । ସେହି ବନ୍ଧନକୁ ମୁଁ ଛିନ୍ନ କରିଛି । ଜାତି-ବିଭାଗର ଭଲ ଦିଗ ଅବଶ୍ୟ ଅଛି, କିନ୍ତୁ ଭଗବାନ କରନ୍ତୁ—ମୁଁ ଯେପରି ଜାତି-ବନ୍ଧନରେ ଆବଦ୍ଧ ନ ହୁଏ । ଆପଣମାନେ ଜାଣିପାରୁଥିବେ—ଜାତି-ଗୋଷ୍ଠୀ ଶବ୍ଦଦ୍ୱାରା ମୁଁ କେଉଁ ବସ୍ତୁଟିକୁ ବୁଝାଇବାକୁ ଚାହେଁ । କାରଣ ମନୁଷ୍ୟସମାଜ ଅତି ଦ୍ରୁତ ଏହାକୁ ଗ୍ରହଣ କରିଥାଏ ।

ହିନ୍ଦୁମାନଙ୍କ ମଧ୍ୟରେ ବୃତ୍ତି ଉପରେ ହିଁ ଜାତି ନିର୍ଭରଶୀଳ । ପ୍ରାଚୀନ ଯୁଗରେ ହିନ୍ଦୁ-ମାନଙ୍କର ଜୀବନ-ଲକ୍ଷ୍ୟ ଥିଲା ସୁଖଶାନ୍ତିମୟ ସାବଲୀଳ ଏକ ଜୀବନଧାରା । କି ଉପାୟରେ ଜୀବନର ସବୁକିଛି ପ୍ରାଣମୟ ହୋଇପାରିବ—ଏହା ହିଁ ଥିଲା ପ୍ରଶ୍ନ; ଏବଂ ତା'ର ଉତ୍ତର—ପ୍ରତିଯୋଗିତା । କିନ୍ତୁ ବଂଶଗତ ବୃତ୍ତି ପ୍ରତିଯୋଗିତାକୁ ନଷ୍ଟ କରିଦିଏ । ତୁମେ ଜଣେ ବଢ଼େଇ ? ତୁମେ ସୂତ୍ରଧର ? ଭଲ କଥା । ତୁମର ପୁଅ ସୂତ୍ରଧର ହେବ ।

ତୁମେ ? ତୁମେ କୁମ୍ଭାର ? କୁମ୍ଭାର-ବୃତ୍ତି ଗୋଟିଏ ଜାତିଗତ ବୃତ୍ତି—ତେଣୁ ତୁମର ପୁଅ କୁମ୍ଭାର ହେବ । ଭାରତବର୍ଷରେ ଗୋଟିଏ ବୃତ୍ତି ମଧ୍ୟରେ ଅନ୍ୟ ବୃତ୍ତିର କାହାକୁ ପ୍ରବେଶ କରାଇ ଦିଆଯାଏ ନାହିଁ । ଫଳରେ ନିରୁପଦ୍ରବ ଭାବରେ ସ୍ୱ ସ୍ୱ ବୃତ୍ତି ନେଇ ମଣିଷ ଜୀବନ ଧାରଣ କରିଥାଏ ।

ତୁମେ ଯୋଦ୍ଧା ? ଅଥବା ତୁମେ ପୁରୋହିତ ? ଭଲ କଥା । ତୁମର ବୃତ୍ତିଗତ ଭିତ୍ତି ଉପରେ ଗୋଟିଏ ଜାତି ଗଠନ କର । ପୌରୋହିତ୍ୟ ବଂଶାନୁକ୍ରମିକ । ଅନ୍ୟାନ୍ୟ ବୃତ୍ତି ମଧ୍ୟ ସେହିପରି । ପୁଣି ନିରଙ୍କୁଶ କ୍ଷମତା ବା ଉଚ୍ଚାଧିକାର କଥା ଯଦି ଚିନ୍ତା କରାଯାଏ, ତା'ହେଲେ ଦେଖାଯିବ ଯେ, ତା'ର ମଧ୍ୟ ଗୋଟିଏ ବିଶେଷ ଦିଗ ଅଛି । ତାହା ହେଲା—କୌଣସି ପ୍ରତିଯୋଗିତାକୁ ସେ ବରଦାସ୍ତ କରେ ନାହିଁ । ତେବେ ଏହାର ଫଳରେ ଏହି ଜାତିବିଭାଗର ପରିଣତିରେ ହିଁ—ଭାରତବର୍ଷ ମହାକାଳର ପ୍ରଭାବକୁ ଅତିକ୍ରମ କରି ବଞ୍ଚି ରହିଲା ଓ ଅନ୍ୟାନ୍ୟ ବହୁ ଜାତି ବିଲୁପ୍ତ ହୋଇଗଲେ । କିନ୍ତୁ ଅନ୍ୟ ଭାବରେ ଏହାର ଏକ ମନ୍ଦ ଦିଗ ମଧ୍ୟ ଅଛି । ଏଥିରେ ବ୍ୟକ୍ତିତ୍ୱର ଉନ୍ମେଷ ବ୍ୟାହତ ହୁଏ ।

ବଢ଼େଇ-ପୁଅକୁ କାଠକାମ କରିବାକୁ ହେବ—ତାହା ସେ ପସନ୍ଦ କରୁ ବା ନ କରୁ । ବୁଦ୍ଧଦେବଙ୍କ ଆବିର୍ଭାବ ପୂର୍ବରୁ ଏହି ବ୍ୟବସ୍ଥା ଭାରତୀୟ ଶାସ୍ତ୍ରରେ ଲିପିବଦ୍ଧ ଥିଲା ଏବଂ ସେହି ପ୍ରାକ୍-ବୌଦ୍ଧଯୁଗର କଥା ହିଁ ମୁଁ ଆପଣମାନଙ୍କୁ ଏବେ କହୁଛି ।

ଆଧୁନିକ ଯୁଗର ସମାଜତନ୍ତ୍ର-ବାଦ ଏହାର ଅନୁକୃତି । ଏହାର ଫଳ ହୁଏତ ପରିଣାମରେ ଭଲ ହେବ, କିନ୍ତୁ ଗୋଟିଏ ଛିଦ୍ରଚିହ୍ନ ରହିଯିବ ନାହିଁ କି ? ମୋ ମତରେ ସ୍ୱାଧୀନତା ହିଁ ମୂଳକଥା ।··· ମୁକ୍ତ ହୁଅ । ଦେହ, ମନ ଓ ଆତ୍ମାରେ ପୂର୍ଣ୍ଣ ମୁକ୍ତି, ପୂର୍ଣ୍ଣ ବନ୍ଧନହୀନତା—ଏହା ହିଁ ମୋର ଆଜୀବନ କାମନା । ବ୍ୟକ୍ତିଗତ ଜୀବନରେ ମୁଁ ସ୍ୱାଧୀନ ଭାବରେ କୌଣସି ମନ୍ଦ କାର୍ଯ୍ୟ କରିବାକୁ ମଧ୍ୟ ରାଜି ଅଛି, ପରାଧୀନ ଭାବରେ କୌଣସି ସତ୍ କାର୍ଯ୍ୟ ସୁଦ୍ଧା କରିବାକୁ ମୁଁ ରାଜି ନୁହେଁ ।

ଯାହାହେଉ ଏବେ ଯେଉଁସବୁ ବସ୍ତୁ ପାଇଁ ପାଶ୍ଚାତ୍ୟ ଦେଶର ଲୋକମାନେ ଚିତ୍କାର କରୁଛନ୍ତି—ଭାରତର ଅସଂଖ୍ୟ ନରନାରୀ ବହୁ ଯୁଗ ପୂର୍ବରୁ ତା'ର ଅନୁଶୀଳନ କରୁଛନ୍ତି । ଭୂମି ଜାତୀୟ ସମ୍ପଦରେ ରୂପାନ୍ତରିତ ହୋଇଛି । ଦୃଢ଼ବଦ୍ଧ ଜାତିବିଭାଗକୁ ମଧ୍ୟ ଭାରତ ବର୍ଷରେ ଧିକ୍କାର କରାଯାଇଥିଲା । ଭାରତୀୟ ଲୋକମାନେ ମନପ୍ରାଣରେ ସମାଜତନ୍ତ୍ରବାଦୀ । କିନ୍ତୁ ଏହାର ଊର୍ଦ୍ଧ୍ୱରେ ଭାରତବର୍ଷରେ ଆଉ ଗୋଟିଏ ସମ୍ପଦ ଥିଲା—ତାହା ବ୍ୟକ୍ତିତ୍ୱର ସମ୍ପତ୍ତି । ପୁଙ୍ଖାନୁପୁଙ୍ଖ ବିଧି-ନିଷେଧ ଆରୋପ ସତ୍ତ୍ୱେ ସେମାନେ ପ୍ରଚଣ୍ଡଭାବରେ

ବ୍ୟକ୍ତିସ୍ୱାତନ୍ତ୍ର୍ୟରେ ବିଶ୍ୱାସୀ ଥିଲେ । ସବୁ କିଛି ପାଇଁ ଅବଶ୍ୟ ସେମାନେ ନୀତି-ନିୟମ ପ୍ରଣୟନ କରିଛନ୍ତି । ପାନାହାର, ନିଦ୍ରା, ମୃତ୍ୟୁ—ସବୁକିଛି ସେଠାରେ ବିଧିଦ୍ୱାରା ନିୟନ୍ତ୍ରିତ । ଅତି ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ କରିବା ମୁହୂର୍ତ୍ତରୁ ରାତିରେ ଶୋଇବା ପର୍ଯ୍ୟନ୍ତ ପ୍ରତି କ୍ଷଣ, ପ୍ରତିଟି କର୍ମ ଶାସ୍ତ୍ରୀୟ ବିଧାନ ଦ୍ୱାରା ନିୟମିତ । ନିୟମ, ନିୟମ, ନିୟମ ! ଏକଥା କ'ଣ ଚିନ୍ତା କରାଯାଇପାରେ ଯେ, ଗୋଟିଏ ଜାତି ଏପରି ନିୟମ-ଶୃଙ୍ଖଳା ମଧ୍ୟରେ ବଞ୍ଚିରହିପାରେ ? ଆଇନ ତ ପ୍ରାଣହାନି । ଯେଉଁ ଦେଶରେ ଯେତେ ବେଶୀ ଆଇନ୍, ସେଦେଶର ଅବସ୍ଥା ସେତିକି ବେଶୀ ଖରାପ ! ସେଥିପାଇଁ ବ୍ୟକ୍ତିତ୍ୱର ପୂର୍ଣ୍ଣ-ବିକାଶ-କାମନାରେ ଆମେ ପାହାଡ଼କୁ ଯାଉଁ, ପର୍ବତରେ ଆତ୍ମଗୋପନ କରୁ—ଯେଉଁଠାରେ କୌଣସି ଆଇନ୍ ନାହିଁ, କୌଣସି ସରକାର ନାହିଁ । ଯେଉଁଠାରେ ଯେତେ ଆଇନ୍, ସେଠାରେ ସେତେ ପୋଲିସ୍—ଦୁର୍ଜନମାନଙ୍କର ସେତିକି ପ୍ରାଧାନ୍ୟ; ଏବଂ ଦୁର୍ଭାଗ୍ୟକ୍ରମେ ଭାରତବର୍ଷରେ ଏହି ବିଧିନିୟମର କଟକଣା ପ୍ରଚଣ୍ଡ । ଯେଉଁ ମୁହୂର୍ତ୍ତରେ ଗୋଟିଏ ଶିଶୁର ଜନ୍ମ ହେଲା, ସେହି ମୁହୂର୍ତ୍ତରେ ହିଁ ସେ ପ୍ରଥମେ ବର୍ଣ୍ଣର ଦାସ ହେଲା, ତା'ପରେ ହେଲା ଜାତିର । ଦାସତ୍ୱ-ଶୃଙ୍ଖଳରେ ସେ ଯେପରି ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ବନ୍ଧା ହୋଇଗଲା । ତା'ର ପ୍ରତିଟି କାର୍ଯ୍ୟ, ତା'ର ଆହାର-ବିହାର, ଉଠାବସା—ସବୁକିଛି ନିୟନ୍ତ୍ରିତ ହେବ ଆଇନ୍‌ରେ, ନିୟମରେ ।

ଆହାରକାଳରେ ପ୍ରତି ଗ୍ରାସରେ ତାହାକୁ ପ୍ରାର୍ଥନା କରିବାକୁ ହେବ, ପାଣି ପିଇଲାବେଳେ ମଧ୍ୟ ସେହି କଥା । ଦିନ ପରେ ଦିନ—ଜୀବନର ଆରମ୍ଭଠାରୁ ମୃତ୍ୟୁପର୍ଯ୍ୟନ୍ତ ସର୍ବକ୍ଷଣ ଓ ସର୍ବମୁହୂର୍ତ୍ତ ଏହିପରି ନିୟମାଧୀନ ହୋଇ ତାକୁ ରହିବାକୁ ହେବ । ଭାବିଲେ ହିଁ ଆଶ୍ଚର୍ଯ୍ୟ ଲାଗେ; କିନ୍ତୁ ଅବ୍ୟାହତ ଏହି ପ୍ରଣାଳୀ ଅନନ୍ତ କାଳ ଧରି ଚାଲି ଆସିଛି ।

କିନ୍ତୁ ସେମାନେ ଯେ ଚିନ୍ତାଶୀଳ ଥିଲେ ଏଥିରେ ସନ୍ଦେହ ନାହିଁ । ସେମାନେ ଜାଣିଥିଲେ ଯେ, ଏପରି ନିୟମାଧୀନତାରେ ପ୍ରକୃତ ମହତ୍ତ୍ୱ ଲାଭ ହୁଏ ନାହିଁ । ସେଥିପାଇଁ ଯଥାର୍ଥ ମୁକ୍ତିଲାଭ ପାଇଁ ଏକ କଠୋର ପଥ ମଧ୍ୟ ସେମାନେ ଉନ୍ମୁକ୍ତ ରଖିଥିଲେ । ମୋଟ ଉପରେ ଏହି ବିଧାନ ଥିଲା ଯେ, କେବଳ ଜାଗତିକ କ୍ଷେତ୍ରରେ ଏବଂ ସାଂସାରିକ ଜୀବନରେ ନିୟମାଦି ପ୍ରଯୁକ୍ତ ହେବ; କିନ୍ତୁ ଯେଉଁ ମୁହୂର୍ତ୍ତରେ କେହି କାଞ୍ଚନାସକ୍ତି ତ୍ୟାଗ କରିବ, ସ୍ତ୍ରୀ-ପୁତ୍ର-କନ୍ୟା ଆଦି ଜାଗତିକ ସୁଖକୁ ବିସର୍ଜନ କରିବ, ତତ୍‌ମୁହୂର୍ତ୍ତରେ ହିଁ ସେ ପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇଯିବ । କୌଣସି ବିଧି-ନିଷେଧ ଆଉ ତା' ପାଇଁ ପ୍ରଯୁକ୍ତ ହେବ ନାହିଁ । ଏହି-ମାନଙ୍କୁ ସନ୍ନ୍ୟାସୀ କୁହାଯାଏ, ସର୍ବତ୍ୟାଗୀ ସନ୍ନ୍ୟାସୀ । ସେମାନେ ଅତୀତ କିମ୍ବା ବର୍ତ୍ତମାନ କୌଣସି ଜାତି ବା ଗୋଷ୍ଠୀର ଭୁକ୍ତ ହୁଅନ୍ତି ନାହିଁ । ସେମାନେ ଏକ ଅନାସକ୍ତ ଓ ମୁକ୍ତ ମାନବଗୋଷ୍ଠୀ । ପୁରୁଷ ଓ ନାରୀ ଉଭୟେ ସେମାନଙ୍କ ମଧ୍ୟରେ ଅଛନ୍ତି । ସେମାନେ ଆଦୌ ବିବାହ କରନ୍ତି ନାହିଁ କି ଧନ ଆହରଣ କରନ୍ତି ନାହିଁ । ସେମାନେ କୌଣସି ନିୟମର ଅଧୀନ ନୁହନ୍ତି । ଏପରି କି ବେଦ ବିଧି ମାନି ଚଳିବାକୁ ସେମାନେ ବାଧ୍ୟ ନୁହନ୍ତି । ବେଦର ଶୀର୍ଷରେ ସେମାନଙ୍କର ସ୍ଥାନ । ଆମମାନଙ୍କ ସମାଜ-ସଂସ୍କାରର ଠିକ୍ ବିପରୀତ ବିନ୍ଦୁରେ ଯେପରିକି ସେମାନେ ଦଣ୍ଡାୟମାନ । ଜାଗତିକ ବିଧିନିଷେଧରେ ସେମାନେ ଆବଦ୍ଧ ନୁହନ୍ତି । ସେମାନଙ୍କୁ

ନିୟମିତ କରିବା ପାଇଁ ବିଧି-ନିଷେଧର କୌଣସି ଶକ୍ତି ନାହିଁ । ସୀମିତ ଗଣ୍ଡିକୁ ଅତିକ୍ରମ କରିବା ପରେ ହିଁ ସେମାନଙ୍କର ସନ୍ନ୍ୟାସୀ-ଜୀବନ । ସେମାନଙ୍କ ପକ୍ଷରେ କେବଳ ଦୁଇଟି କଥା ଅବଶ୍ୟ ପାଳନୀୟ । ସେମାନେ ବିଭା ହେବେ ନାହିଁ କି ଧନ-ସମ୍ପଦର ଅଧିକାରୀ ହେବେ ନାହିଁ । ଏହି ଅବସ୍ଥାରେ ଥିଲେ ସମାଜର କୌଣସି ନିୟମ ବା ଅନୁଶାସନ ତାଙ୍କ ପାଇଁ ପ୍ରଯୁକ୍ତ ହେବ ନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେମାନେ ବିବାହ କରିବେ ଅଥବା ଅର୍ଥ ଉପାର୍ଜନ କରିବେ, ସେହି ମୁହୂର୍ତ୍ତରେ ହିଁ ସମାଜର ପ୍ରତିଟି ନିୟମ ତାଙ୍କ ପାଇଁ ବାଧ୍ୟତାମୂଳକ ହେବ ଏବଂ ପାଳନୀୟ ହେବ । ଏହି ସନ୍ନ୍ୟାସୀମାନେ ଥିଲେ ଜାତିର ଜୀବନ୍ତ ଦେବତା ଏବଂ ଏମାନଙ୍କ ମଧ୍ୟରୁ ଶତକଡ଼ା ଅନେଶତ ଜଣ ମହାପୁରୁଷ ଉଦ୍ଭୂତ ହୋଇଥିଲେ ।

ପ୍ରତ୍ୟେକ ଦେଶରେ, ଆତ୍ମାର ପୂର୍ଣ୍ଣ ମହିମାର ଉପଲବ୍ଧି ବ୍ୟକ୍ତିତ୍ୱର ଚରମୋତ୍କର୍ଷ ଉପରେ ନିର୍ଭର କରିଥାଏ ଏବଂ ସେ ଉତ୍କର୍ଷତା ସମାଜ-ବନ୍ଧନ ମଧ୍ୟଦେଇ ଉପଲବ୍ଧି କରିହୁଏ ନାହିଁ । ବିକାଶୋନ୍ମୁଖ ବ୍ୟକ୍ତିତ୍ୱ ସମାଜର ବନ୍ଧନ ବିରୋଧରେ ବିଦ୍ରୋହ କରେ । ସେହି ବନ୍ଧନକୁ ସେ ଛିନ୍ନ କରିଦେବାକୁ ଚାହେଁ । ଯଦି କୌଣସି ସମାଜ ତାକୁ ଏ ପଥରେ ବାଧାଦିଏ, ତା'ହେଲେ ସେ ତାକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ନିଜକୁ ବିକଶିତ କରିବାକୁ ଚେଷ୍ଟା କରେ ।

ଏହି ଦୁଇଟି ବିପରୀତ ଶକ୍ତିର ମଝିଆମଝି ଏକ ସହଜପନ୍ଥା ମଧ୍ୟ ଆବିଷ୍କୃତ ହୋଇଥିଲା । କୁହାଯାଇଥିଲା ଯେ, ଯଦି ତୁମେ ସମାଜର ବାହାରକୁ ଯାଇ ଛିଡ଼ା ହୁଅ, ଯଦି ସଂସାର ତ୍ୟାଗ କର, ତା'ହେଲେ ତୁମେ ଯାହା ଇଚ୍ଛା ତାହା ପ୍ରଚାର କରିପାର, ଶିକ୍ଷା ଦେଇପାର । ଦୂରରୁ ଆମେ କେବଳ ତୁମ ପ୍ରତି ସମ୍ମାନ ଓ ଶ୍ରଦ୍ଧା ଜ୍ଞାପନ କରିବୁ ।

ଫଳରେ ଅସାଧାରଣ ବ୍ୟକ୍ତିତ୍ୱ-ସମ୍ପନ୍ନ ନର ଓ ନାରୀଙ୍କର ଉଦ୍ଭବ ସେତେବେଳେ ସମ୍ଭବ ହୋଇଥିଲା ଏବଂ ସେହିମାନେ ହିଁ ସମାଜରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ଏକ ପକ୍ଷରେ ଯେଉଁ ମୁଣ୍ଡିତ-ମସ୍ତକ ଗୈରିକବସନଧାରୀ ସନ୍ନ୍ୟାସୀ ଉପସ୍ଥିତ ହେଲେ ରାଜା ମଧ୍ୟ ନିଜ ଆସନରେ ଉପବିଷ୍ଟ ହୋଇ ରହିବାକୁ ସାହସ କରୁ ନ ଥିଲେ, ଆସନ ଛାଡ଼ି ଛିଡ଼ା ହେବାକୁ ପଡ଼ୁଥିଲା, ସେହିପରି ଅନ୍ୟପକ୍ଷରେ ସେହି ସନ୍ନ୍ୟାସୀ ଦୀନଦରିଦ୍ରର ଜୀର୍ଣ୍ଣକୁଟୀର ସମ୍ମୁଖରେ ଭିକ୍ଷାର୍ଥୀ ହୋଇ ଖଣ୍ଡେ ରୁଟି ଭିକ୍ଷାସ୍ୱରୂପ ଗ୍ରହଣ କରି ପ୍ରସ୍ଥାନ କରୁଥିଲେ ।

ମୋଟ ଉପରେ ସମାଜର ସବୁସ୍ତରର ଲୋକଙ୍କ ସହ ସେମାନଙ୍କର ସମ୍ପର୍କ ଥିଲା । ଏବେ ହୁଏତ ଦେଖିବେ ଏକ ଦରିଦ୍ରର ପର୍ଣ୍ଣକୁଟୀରରେ ସନ୍ନ୍ୟାସୀର ରାତ୍ରିଯାପନ, ପୁଣି ପରଦିନ ଦେଖିବେ ରାଜପ୍ରାସାଦର ମନୋରମ ଶଯ୍ୟାରେ ସୁଖନିଦ୍ରା । ଦିନେ ରାଜଗୃହରେ ସ୍ୱର୍ଣ୍ଣପାତ୍ରରେ ଭୋଜନ ତ ଅନ୍ୟଦିନ ସମ୍ପୂର୍ଣ୍ଣ ଅନାହାରରେ ବୃକ୍ଷତଳେ ଦିନ ଯାପନ । ଏହା ହିଁ ଥିଲା ସନ୍ନ୍ୟାସୀମାନଙ୍କର ଜୀବନ । ସମାଜ ଏମାନଙ୍କୁ ଅତୀବ ଶ୍ରଦ୍ଧାଦୃଷ୍ଟିରେ ଦେଖୁଥିଲା । କେବେକେବେ ହୁଏତ ନିଜର ବ୍ୟକ୍ତିତ୍ୱ ପ୍ରଚାର କରିବାକୁ ଯାଇ କୌଣସି ସନ୍ନ୍ୟାସୀ ସାଧାରଣ ମତକୁ ଆଘାତ ଦେବାଭଳି କିଛି କହି ବସୁଥିଲେ । କିନ୍ତୁ ବୃହତ୍ତର ସମାଜ ସେଥିରେ କ୍ଷୁବ୍ଧ ହେଉ ନ ଥିଲା କି କିଛି ମନେକରୁ ନ ଥିଲା । ସେ କେବଳ ଦେଖୁଥିଲା—ସନ୍ନ୍ୟାସୀର ମୂଳ ଦୁଇଟି ଧର୍ମ—ପବିତ୍ରତା ଓ ତ୍ୟାଗବ୍ରତ ଅବ୍ୟାହତ ରହିଛି କି ନାହିଁ ।

ସେମାନଙ୍କର ବ୍ୟକ୍ତିସ୍ୱାତନ୍ତ୍ର୍ୟ ଖୁବ୍ ପ୍ରବଳ ଥିଲା ବୋଲି ସେମାନେ ପ୍ରତ୍ୟେକ ଦେଶକୁ ଯାଇ ନୂତନ ଚିନ୍ତା ଓ ତତ୍ତ୍ୱ ଆବିଷ୍କାର ପାଇଁ ସର୍ବଦା ସଚେଷ୍ଟ ରହୁଥିଲେ । ପୁରାତନର ଗଣ୍ଡିକୁ ଅତିକ୍ରମ କରି ନୂତନର ସନ୍ଧାନ ସେମାନଙ୍କୁ କରିବାକୁ ହେଉଥିଲା । ନିୟମାବଦ୍ଧ ସମାଜରେ ସମସ୍ତେ ଗୃହୁଁ ଥିଲେ ପୁରାତନ ଗଣ୍ଡିରେ ଆବଦ୍ଧ ରହିବାକୁ, ସେହି ଗୋଟିଏ ପ୍ରକାର ଚିନ୍ତା କରିବାକୁ । କିନ୍ତୁ ମଣିଷର ନିଗୂଢ଼ ପ୍ରକୃତି ଏହି ଧରଣର ସଂସ୍କାରବଦ୍ଧତାକୁ କରଦାସ୍ତ କରେ ନାହିଁ । ମଣିଷର ବୋକାମିଠାରୁ ମଣିଷର ସଦ୍‌ବୁଦ୍ଧି ଅଧିକ ଶକ୍ତିଶାଳୀ । ଦୁର୍ବଳତାଠାରୁ ସବଳତା ଅଧିକ କ୍ରିୟାଶୀଳ । ଅସଦ୍‌ବସ୍ତୁଠାରୁ ସଦ୍‌ବସ୍ତୁ ଅଧିକ ସବଳ । ସେହି ହେତୁରୁ ନିୟମାବଦ୍ଧ ମଣିଷ ଏହି ଭାବ ବଜାୟ ରଖିବାର ଚେଷ୍ଟାରେ ସଫଳ ହୋଇ ନାହିଁ । ଯଦି ହୋଇଥାନ୍ତା, ଯଦି ସେମାନେ ସବୁ ମଣିଷଙ୍କୁ ଗୋଟିଏ ଚିନ୍ତାଧାରାରେ ଗ୍ରଥିତ କରିବାକୁ ସମର୍ଥ ହୋଇପାରିଥାନ୍ତେ ତା'ହେଲେ ଆମ୍ଭେ ଜଡ଼ତ୍ୱପ୍ରାପ୍ତ ହୋଇଥାନ୍ତେ । ଚିନ୍ତା-ଜଗତରେ ଆମମାନଙ୍କର ମୃତ୍ୟୁ ହୋଇଥାନ୍ତା ।

ବସ୍ତୁତଃ ଏପରି ଏକ ସମାଜ-ବ୍ୟବସ୍ଥା ପ୍ରଚଳିତ ଥିଲା, ଯାହାର କୌଣସି ଜୀବନୀ-ଶକ୍ତି ନ ଥିଲା, ଯାହାର ସଦସ୍ୟଗଣ ନିୟମର ଲୌହ-ଶୃଙ୍ଖଳରେ ଆବଦ୍ଧ ଥିଲେ । ପରସ୍ପରକୁ ସାହାଯ୍ୟ କରିବାକୁ ସେମାନେ ବାଧ୍ୟ ଥିଲେ । ନିୟମ-ବନ୍ଧନ ଏତେ କଠୋର ଏବଂ ଏପରି ନିର୍ମମ ଥିଲା ଯେ, କୌଣସି କାର୍ଯ୍ୟ ନିୟମ-ବହିର୍ଭୂତ ହେବାର ବାଟ ନ ଥିଲା । କିପରି ନିଃଶ୍ୱାସ ନେବାକୁ ହେବ, କିପରି ହାତମୁହଁ ଧୋଇବାକୁ ହେବ—ଗୋଟିଏ କଥାରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ହିଁ ନିୟମ-ଶୃଙ୍ଖଳାରେ ଆବଦ୍ଧ ଥିଲା ।

ଏହିସବୁ ନିୟମବଦ୍ଧତାର ବାହାରେ ଥିଲା ସନ୍ନ୍ୟାସୀମାନଙ୍କର ଅଦ୍ଭୁତ ବ୍ୟକ୍ତି-ସ୍ୱାଧୀନତା; ଏବଂ ସେହି ସନ୍ନ୍ୟାସୀମାନଙ୍କଠାରୁ ନିତ୍ୟ ନୂତନ ସମ୍ପ୍ରଦାୟର ଉଦ୍ଭବ ହେଉଥିଲା । ପ୍ରାଚୀନ ସଂସ୍କୃତ ସାହିତ୍ୟରେ ଏମାନଙ୍କର ସ୍ୱାତନ୍ତ୍ର୍ୟର କଥା ଉଲ୍ଲିଖିତ ହୋଇଛି । ଜଣେ ନାରୀଙ୍କ ସମ୍ପର୍କରେ ଏପରି ଏକ କାହାଣୀ ଅଛି । ସେ ଅତି ଅଦ୍ଭୁତ ପ୍ରକୃତିର ଥିଲେ, ଅସାଧାରଣ ଥିଲେ, ବୟୋବୃଦ୍ଧା ଥିଲେ; ଅଥଚ ସେ ନିତ୍ୟନୂତନ ଚିନ୍ତାର ଅବତାରଣା ମଧ୍ୟ କରିପାରୁଥିଲେ । ତାଙ୍କୁ ଅବଶ୍ୟ ଅନେକେ ବହୁ ସମୟରେ ସମାଲୋଚନା କରୁଥିଲେ । ତଥାପି ଲୋକମାନଙ୍କର ତାଙ୍କ ପ୍ରତି ଭୟ ଥିଲା । ତାଙ୍କର ନିର୍ଦ୍ଦେଶକୁ ଲୋକମାନେ ନୀରବରେ ପାଳନ କରୁଥିଲେ । ପ୍ରାଚୀନ ଯୁଗରେ ଏପରି ଏକାଧିକ ନରନାରୀ ଥିଲେ ।

ଏହି ନିୟମ-ବଦ୍ଧ ସମାଜର କ୍ଷମତା ପୁରୋହିତଶ୍ରେଣୀଙ୍କ ହାତରେ ଥିଲା । ସମାଜର ସ୍ତର-ବିନ୍ୟାସରେ ଯେଉଁମାନେ ବର୍ଣ୍ଣଶ୍ରେଷ୍ଠ, ସେମାନଙ୍କ ମଧ୍ୟରୁ ହିଁ ପୁରୋହିତ ହେଉଥିଲେ ଏବଂ ସେମାନଙ୍କର ଯେଉଁ କାର୍ଯ୍ୟ ଥିଲା, ସେଥିରେ 'ପୁରୋହିତ' ଶବ୍ଦ ଭିନ୍ନ ଅନ୍ୟ ଶବ୍ଦଦ୍ୱାରା ସେମାନଙ୍କୁ ଅଭିହିତ କରାଯାଇପାରିବ ବୋଲି ମୋର ମନେହୁଏ ନାହିଁ । ଅବଶ୍ୟ ଏ ଦେଶରେ ଯେଉଁ ଅର୍ଥରେ 'ପୁରୋହିତ' ଶବ୍ଦ ବ୍ୟବହୃତ ହୁଏ, ଆମ ଦେଶରେ ସେହି ଅର୍ଥରେ ବ୍ୟବହୃତ ହୁଏ ନାହିଁ । ପୁରୋହିତଗଣ ଧର୍ମ ବା ଦର୍ଶନ ଶିକ୍ଷା ଦିଅନ୍ତି ନାହିଁ । ସମାଜରେ ନିର୍ଦ୍ଦିଷ୍ଟ ବିଧି-ବିଧାନସମୂହ ଯଥାଯଥ ଭାବରେ ପାଳିତ ହେଉଛି କି ନାହିଁ, ତାହା ଦେଖିବା

ଏବଂ ସେହି ବିଷୟରେ ସାହାଯ୍ୟ କରିବା ହିଁ ସେମାନଙ୍କର କାର୍ଯ୍ୟ ଥିଲା । ଫଳତଃ ସମାଜର କ୍ରିୟାକର୍ମ, ଉତ୍ସବାନୁଷ୍ଠାନରେ ପୁରୋହିତଙ୍କ ପ୍ରୟୋଜନ ଥିଲା ଅପରିହାର୍ଯ୍ୟ । ସମାଜ-ବ୍ୟବସ୍ଥାରେ ଗାର୍ହସ୍ଥ୍ୟଧର୍ମ ଥିଲା ଶ୍ରେଷ୍ଠ ଆଶ୍ରମ । ପ୍ରତ୍ୟେକଙ୍କୁ ବିବାହ କରିବାକୁ ହେବ—ଏହା ହିଁ ଥିଲା ଅନୁଶାସନ । ବିବାହ ବିନା କେହି କୌଣସି ଧର୍ମାନୁଷ୍ଠାନ କରିବାର ଅଧିକାର ପାଉ ନ ଥିଲେ । ଅବିବାହିତ ପୁରୁଷ ବା ନାରୀ ପୂର୍ଣ୍ଣ ମଣିଷ ଭାବରେ ବିବେଚିତ ହେଉ ନ ଥିଲେ । ଅବିବାହିତ ପୁରୋହିତଙ୍କର ମଧ୍ୟ କ୍ରିୟାକର୍ମ କରିବାର ଅଧିକାର ନ ଥିଲା । ଅବିବାହିତ ବ୍ୟକ୍ତି ସମାଜରେ ଅକ୍ଷମ ରୂପେ ବିବେଚିତ ହେଉଥିଲେ ।

ଏହି କାଳରେ ଯେଉଁମାନେ ସମାଜପତି, ଆଇନପ୍ରଣୟନକର୍ତ୍ତା, ସେମାନଙ୍କର ନୀତି ଏପରି ଥିଲା ଯେ, ଯାହାଦ୍ୱାରା ପୁରୋହିତଗଣ ସମାଜରେ ଯଥେଷ୍ଟ ସମ୍ମାନ ଲାଭ କରୁଥିଲେ ଓ ସେମାନଙ୍କର କ୍ଷମତା ଖୁବ୍ ବଢ଼ିଯାଇଥିଲା । ଏ ଦେଶ-ସ୍ଥିତି ଭଳି ଏକ ସମାଜତାନ୍ତ୍ରିକ ବ୍ୟବସ୍ଥା ମଧ୍ୟ ସେମାନଙ୍କର ଥିଲା, ଯାହାର ପ୍ରଭାବରେ ପୁରୋହିତବର୍ଗଙ୍କ ହାତକୁ ଅଧିକ ଅର୍ଥ ଯାଇ-ପାରୁ ନ ଥିଲା । ଆର୍ଥିକ ମର୍ଯ୍ୟାଦା ପରିବର୍ତ୍ତେ ପୁରୋହିତମାନେ ଅଧିକ ସାମାଜିକ ମର୍ଯ୍ୟାଦା ପାଆନ୍ତୁ—ଏହା ହିଁ ଥିଲା ଏହାର ଉଦ୍ଦେଶ୍ୟ ।

ଏକଥା ମନେରଖିବା ପ୍ରୟୋଜନ ଯେ, ପୁରୋହିତଗଣ ସବୁ ଦେଶରେ ମର୍ଯ୍ୟାଦା ଓ ସମ୍ମାନ ପାଇଆନ୍ତି । ଭାରତବର୍ଷରେ ପୁଣି ସେହି ମର୍ଯ୍ୟାଦା ଏତେ ବେଶୀ ଥିଲା ଯେ, ଅତି ଦରିଦ୍ର ବ୍ରାହ୍ମଣ ମଧ୍ୟ ସାମାଜିକ ମର୍ଯ୍ୟାଦାରେ ରାଜା ଅପେକ୍ଷା ଉନ୍ନତ ଥିଲେ । ସମାଜ-ବ୍ୟବସ୍ଥା ତାଙ୍କୁ ଚିର ଦାରିଦ୍ର୍ୟରେ ନିକ୍ଷେପିତ କରେ ସତ୍ୟ, କିନ୍ତୁ ସେଥି ସଙ୍ଗେ ସଙ୍ଗେ ତାଙ୍କୁ ଖୁବ୍ ସମ୍ମାନ ମଧ୍ୟ ଦିଏ । ସେମାନଙ୍କ ପାଇଁ ସହସ୍ର ପ୍ରକାର ବାଧା-ନିଷେଧ ଥିଲା । ପୁଣି ଯିଏ ଯେତେ ଉଚ୍ଚ ବର୍ଣ୍ଣର, ତା'ର ଭୋଗବିଳାସ ପାଇଁ ବିଧିନିଷେଧ ଥିଲା ସେତେ ଅଧିକ କଠୋର । ତା'ଛଡ଼ା ଉଚ୍ଚବର୍ଣ୍ଣର ବ୍ରାହ୍ମଣମାନଙ୍କ ଆହାରାଦି ଉପରେ ମଧ୍ୟ ବହୁ ବିଧି-ନିୟମ ଆରୋପିତ ହୋଇଥିଲା । ବର୍ଣ୍ଣ ଯେତେ ଉନ୍ନତ ହେବ, ଆହାରାଦି ବ୍ୟବସ୍ଥା ସେତେ ସୀମାବଦ୍ଧ ହେବ । ଜୀବନଧାରଣ ପାଇଁ ଯେଉଁସବୁ ବୃତ୍ତି ସେମାନେ ଅବଲମ୍ବନ କରିପାରିବେ, ସେଗୁଡ଼ିକ ମଧ୍ୟ ଅତି ଅଳ୍ପ କେତୋଟି ବୃତ୍ତି ମଧ୍ୟରେ ସୀମାବଦ୍ଧ ହୋଇ ରହିବ । ଏହା ହିଁ ଥିଲା ବ୍ୟବସ୍ଥା । ସେମାନଙ୍କର ଜୀବନ ଏକ ଅନ୍ତହୀନ କଠୋରତାର ନିଦର୍ଶନ ଭଳି ଆପଣ-ମାନଙ୍କର ମନେହେବ । ଆହାର-ବିହାର, ପାନ, ଗ୍ରହଣ—ସବୁ କ୍ଷେତ୍ରରେ ହିଁ ଅଫୁରନ୍ତ ବିଧିନିଷେଧ ।

ସେହିସବୁ ବିଧିନିଷେଧକୁ ଲଙ୍ଘନ କଲେ ସେଥିପାଇଁ ଯେଉଁସବୁ ଶାସ୍ତିର ବ୍ୟବସ୍ଥା ଥିଲା, ତାହା ମଧ୍ୟ ନୀଚତର ବର୍ଣ୍ଣଠାରୁ ବ୍ରାହ୍ମଣଙ୍କ କ୍ଷେତ୍ରରେ ବହୁ ଗୁଣରେ ଅଧିକ ନିର୍ମମ ଥିଲା । ଜଣେ ନୀଚ ବର୍ଣ୍ଣର ଲୋକ ପାଇଁ ମିଥ୍ୟା କହିବା ନିମିତ୍ତ ଦଣ୍ଡ ଯଦି ଟଙ୍କାଟିଏ ହୁଏ, ତା'ହେଲେ ବ୍ରାହ୍ମଣଙ୍କ କ୍ଷେତ୍ରରେ ଯେହେତୁ ସେମାନେ ଉଚ୍ଚତର ଜ୍ଞାନର ଅଧିକାରୀ, ସେଥିପାଇଁ ଦଣ୍ଡ ଶହେ ଗୁଣ ହେଉଥିଲା ।

ପ୍ରାରମ୍ଭିକ ଅବସ୍ଥାରେ ଅବଶ୍ୟ ଏହି ବ୍ୟବସ୍ଥାଟି ଅତି ସୁନ୍ଦର ଥିଲା । କିନ୍ତୁ ପରବର୍ତ୍ତୀ

କାଳରେ ଏପରି ଏକ ସମୟ ଆସି ଉପସ୍ଥିତ ହେଲା, ଯେତେବେଳେ ଏହି ପୁରୋହିତ-ସମ୍ପ୍ରଦାୟ ପ୍ରଚୁର କ୍ଷମତାର ଅଧିକାରୀ ହେଲେ ଏବଂ ସେତେବେଳେ ସେମାନେ ଏହି ମୂଳ କଥାଟି ବିସ୍ମୃତ ହୋଇଗଲେ ଯେ, ସେମାନଙ୍କ କ୍ଷମତାର ରହସ୍ୟ ଦାରିଦ୍ର୍ୟ ମଧ୍ୟରେ ହିଁ ନିହିତ । ସେମାନେ ବିସ୍ମୃତ ହୋଇଗଲେ ଯେ, ସେମାନେ ଏପରି ଏକ ମାନବଗୋଷ୍ଠୀ, ଯେଉଁମାନେ ଗଭୀର ଭାବରେ ଅଧ୍ୟୟନ କରିବେ, ଚିନ୍ତା କରିବେ ଏବଂ ସେଥିପାଇଁ ସମାଜ ତାଙ୍କର ଆହାର, ବସନ, ବାସ ପ୍ରଭୃତି ଯାବତୀୟ ଦାୟିତ୍ୱ ବହନ କରିବ । କିନ୍ତୁ କାଳକ୍ରମେ ସେମାନଙ୍କର ଭୋଗପିପାସା ଜାଗ୍ରତ ହେଲା ଏବଂ ଅର୍ଥଲାଭ ପାଇଁ ସେମାନେ ହାତ ବଢ଼ାଇବାକୁ ଲାଗିଲେ । ଆପଣମାନଙ୍କ ଘରୋଇ ଭାଷାରେ ଯାହାକୁ 'ଅର୍ଥଗୃଧ୍ନ' (money grabbers) କୁହାଯାଏ, ସେମାନେ ତାହା ହିଁ ହୋଇଗଲେ ଏବଂ ଅନ୍ୟସବୁ କିଛି ଭୁଲିଗଲେ ।

ବ୍ରାହ୍ମଣମାନଙ୍କ ପରେ ଦ୍ୱିତୀୟ ଜାତି ହେଲା କ୍ଷତ୍ରିୟ ଜାତି । ଯୁଦ୍ଧ ଓ ରାଜ୍ୟଶାସନ କରିବା ଏମାନଙ୍କର କାର୍ଯ୍ୟ । ପ୍ରକୃତ କ୍ଷମତା ଏହିମାନଙ୍କ ଉପରେ ନ୍ୟସ୍ତ ଥିଲା । ଏହିମାନଙ୍କ ମଧ୍ୟରୁ ଆମ ଦେଶର ଶ୍ରେଷ୍ଠ ମନୀଷୀଗଣ ଉଦ୍ଭୂତ ହୋଇଥିଲେ । ଏହା ମଧ୍ୟ ଏକ ବିଚିତ୍ର ଘଟଣା । ଅବତାରପୁରୁଷ ଭାବରେ ଆମ ସମାଜରେ ଯେଉଁମାନେ ପୂଜିତ, ସେମାନେ ସମସ୍ତେ କ୍ଷତ୍ରିୟକୁଳୋଦ୍ଭବ । ଏଥିରେ ଟିକିଏ ହେଲେ ବ୍ୟତିକ୍ରମ ନାହିଁ । ମହାମନୀଷୀ ଶ୍ରୀକୃଷ୍ଣଙ୍କର ଜନ୍ମ ଏହି କ୍ଷତ୍ରିୟକୁଳରେ ହୋଇଥିଲା । ରାମଚନ୍ଦ୍ର ମଧ୍ୟ କ୍ଷତ୍ରିୟକୁଳରେ ଜନ୍ମଗ୍ରହଣ କରିଥିଲେ । ଆମ ଦେଶର ଖ୍ୟାତନାମା ଦାର୍ଶନିକଗଣ ପ୍ରଥମେ ରାଜସିଂହାସନରେ ଉପବେଶନ କରୁଥିଲେ ଏବଂ ରାଜସିଂହାସନରୁ ହିଁ ତ୍ୟାଗବ୍ରତୀ ଦାର୍ଶନିକମାନଙ୍କର ଉଦ୍ଭବ ହୋଇଅଛି । ରାଜସିଂହାସନରୁ ହିଁ ନିୟତ ଏହି ଆହ୍ୱାନ ଧ୍ୱନିତ ହେଉଥିଲା – 'ତ୍ୟାଗ କର, ତ୍ୟାଗ କର ।'

ଯୋଦ୍ଧାମାନେ ଥିଲେ ଦେଶର ଶାସନକର୍ତ୍ତା, ସେମାନେ ହିଁ ଦାର୍ଶନିକ ଓ ସେମାନେ ହିଁ ଉପନିଷଦ୍‌ର ପ୍ରବକ୍ତା । ଚିନ୍ତାରେ, ଧୀ-ଶକ୍ତିରେ ପୁରୋହିତବର୍ଗଙ୍କ ଅପେକ୍ଷା ଏମାନେ ଉନ୍ନତ ଥିଲେ । କ୍ଷମତା ମଧ୍ୟ ଏମାନଙ୍କର ଅଧିକ ଥିଲା, କାରଣ ଏମାନେ ଥିଲେ ରାଜା । ଅଥଚ ପୁରୋହିତଗଣ ସମାଜରେ ଆଧିପତ୍ୟ କରୁଥିଲେ ଓ ଭୀତିପ୍ରଦର୍ଶନର ଚେଷ୍ଟା ମଧ୍ୟ କରୁଥିଲେ । ଫଳରେ ବ୍ରାହ୍ମଣ ଓ କ୍ଷତ୍ରିୟଙ୍କ ମଧ୍ୟରେ ରାଜନୈତିକ କ୍ଷମତାର ଦ୍ୱନ୍ଦ୍ୱ ଦୀର୍ଘକାଳ ଧରି ଚାଲି ଆସିଥିଲା ।

ଅନ୍ୟ ଏକ କଥା ମଧ୍ୟ ଅଛି । ଆପଣମାନଙ୍କ ମଧ୍ୟରୁ ଯେଉଁମାନେ ମୋର ପ୍ରଥମ ଭାଷଣରେ ଉପସ୍ଥିତ ଥିଲେ, ସେମାନେ ଅବଗତ ଅଛନ୍ତି ଯେ, ଭାରତବର୍ଷରେ ଦୁଇଟି ମାନବ-ଗୋଷ୍ଠୀ ଥିଲେ—ଗୋଟିଏ ଆର୍ଯ୍ୟ ଓ ଅନ୍ୟଟି ଅନାର୍ଯ୍ୟ । ଆର୍ଯ୍ୟମାନଙ୍କ ମଧ୍ୟରେ ପୁଣି ତିନୋଟି ବର୍ଣ୍ଣ ଥିଲା—ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ । ଏହି ତିନିବର୍ଣ୍ଣର ବାହାରେ ଯେଉଁମାନେ ରହିଗଲେ, ସେମାନେ ଶୂଦ୍ର ନାମରେ ଅଭିହିତ । ସେମାନେ ଆର୍ଯ୍ୟ ନୁହନ୍ତି । ବହୁ ବିଦେଶୀ ପର୍ଯ୍ୟଟକ ଆସି ଏହି ଶୂଦ୍ରମାନଙ୍କୁ ହିଁ ଦେଖିଛନ୍ତି । ସେ ଯାହା ହେଉ ନା କାହିଁକି, କାଳକ୍ରମେ ଏହି ବିପୁଳ ଅନାର୍ଯ୍ୟଗୋଷ୍ଠୀ ଓ ନାନା ଜାତିର ସମ୍ମିଶ୍ରଣରେ ଉଦ୍ଭୂତ ହୋଇ ଅନାର୍ଯ୍ୟ ଜାତିରେ ମିଶିଯାଇଥିବା ଲୋକମାନେ କ୍ରମଶଃ ସଭ୍ୟ ହେବାକୁ ଲାଗିଲେ ଓ ଆର୍ଯ୍ୟମାନଙ୍କର ଅନୁରୂପ

ଅଧିକାର ଲାଭ ପାଇଁ ପ୍ରୟାସୀ ହେଲେ ।

ସେମାନେ ଶିକ୍ଷାଲାଭ ପାଇଁ ଆର୍ଯ୍ୟମାନଙ୍କ ପରି ଶିକ୍ଷାନୁଷ୍ଠାନକୁ ପ୍ରବେଶ କରିବାକୁ ଚାହିଁଲେ; ଉପବୀତ ଧାରଣ କରିବାକୁ ଚାହିଁଲେ; କ୍ରିୟାକର୍ମ ଓ ଉତ୍ସବର ଅଧିକାର ଚାହିଁଲେ । ଧର୍ମ ଏବଂ ରାଜନୀତିରେ ମଧ୍ୟ ସମାନ ଅଧିକାର ଦାବି କଲେ ।

ଅବଶ୍ୟ ପୁରୋହିତଗଣ ସ୍ୱଭାବତଃ ଏହି ଦାବି ବିରୋଧରେ ପ୍ରବଳ ଆପତ୍ତି ଉତ୍ଥାପନ କଲେ । ପୃଥିବୀର ସବୁ ଦେଶରେ ପୁରୋହିତବର୍ଗଙ୍କର ଏହି ରୀତି । ସେମାନେ ସ୍ୱତଃ ଖୁବ୍ ରକ୍ଷଣଶୀଳ । ଯେତେଦିନ ଯାଏ ପୌରୋହିତ୍ୟ ବୋଲି ଗୋଟିଏ ବୃତ୍ତି ଥିବ, ସେତେଦିନଯାଏ ଏହି ରକ୍ଷଣଶୀଳତା ରହିଥିବ । କାରଣ ସେମାନଙ୍କର ନିଜସ୍ୱାର୍ଥ ପାଇଁ ଏହାର ପ୍ରୟୋଜନୀୟତା ରହିଛି । ସୁତରାଂ ଅନାର୍ଯ୍ୟଗୋଷ୍ଠୀର ସେହି ଦାବି ଏବଂ ବିକ୍ଷୋଭ ଦମନ କରିବା ପାଇଁ ପୁରୋହିତଗଣ ସବୁ ଶକ୍ତି ପ୍ରୟୋଗ କଲେ ଏବଂ ଆର୍ଯ୍ୟମାନଙ୍କ ମଧ୍ୟରେ ବି ପ୍ରବଳ ଧର୍ମବିକ୍ଷୋଭ ଦେଖା ଦେଲା । ସେହି ବିକ୍ଷୋଭକୁ ପରିଚାଳନା କଲେ ଏହି କ୍ଷତ୍ରିୟଗଣ ।

ଭାରତବର୍ଷରେ ଅନ୍ୟ ଏକ ସନାତନପନ୍ଥୀ ସମ୍ପ୍ରଦାୟ ମଧ୍ୟ ଥିଲା—ଜୈନ ସମ୍ପ୍ରଦାୟ । ଏହି ସମ୍ପ୍ରଦାୟ ଯେତିକି ପୁରାତନ ସେତିକି ମଧ୍ୟ ରକ୍ଷଣଶୀଳ । ହିନ୍ଦୁଶାସ୍ତ୍ର ବେଦର ପ୍ରାମାଣିକତାକୁ ମଧ୍ୟ ଏମାନେ ଅସ୍ୱୀକାର କରିଥିଲେ । ଏମାନେ ନିଜେ କିଛି କିଛି ଧର୍ମଗ୍ରନ୍ଥ ପ୍ରଣୟନ କରିଥିଲେ ଓ ଘୋଷଣା କରିଥିଲେ ଯେ : ସେମାନଙ୍କ ପ୍ରଣୀତ ଗ୍ରନ୍ଥାଦି ହେଉଛି ଯଥାର୍ଥ ବେଦ ଏବଂ ଯେଉଁଗୁଡ଼ିକ ବେଦ ନାମରେ ପ୍ରଚଳିତ, ସେଗୁଡ଼ିକ ସର୍ବସାଧାରଣଙ୍କୁ ପ୍ରତାରିତ କରିବା ଉଦ୍ଦେଶ୍ୟରେ ବ୍ରାହ୍ମଣମାନେ ରଚନା କରିଛନ୍ତି । ଅବଶ୍ୟ ଏମାନଙ୍କର କର୍ମପନ୍ଥା ମଧ୍ୟ ଏକା ପ୍ରକାରର ଥିଲା ।

ଏକଥା ମନେରଖିବାକୁ ହେବ ଯେ, ନିଜର ଧର୍ମଗ୍ରନ୍ଥ ସମ୍ପର୍କରେ ହିନ୍ଦୁମାନଙ୍କର ଯେଉଁ ଯୁକ୍ତି, ତାହାକୁ ଖଣ୍ଡନ କରିବା ସହଜସାଧ୍ୟ ନୁହେଁ । ଏଣୁ ହିନ୍ଦୁମାନଙ୍କପରି ଜୈନମାନେ ମଧ୍ୟ ଦାବି କଲେ ଯେ, ସେମାନଙ୍କ ଧର୍ମଗ୍ରନ୍ଥ ମାଧ୍ୟମରେ ହିଁ ସୃଷ୍ଟିର ପ୍ରକାଶ ହୋଇଛି । ସର୍ବସାଧାରଣରେ ପ୍ରଚଳିତ ଯେଉଁ ଭାଷା ସେହି ଭାଷାରେ ତାଙ୍କର ଶାସ୍ତ୍ରସମୂହ ରଚିତ ହୋଇଥିଲା ।

ସେତେବେଳେ ସଂସ୍କୃତ ଆଉ କଥିତ ଭାଷା ନ ଥିଲା । ତତ୍କାଳୀନ କଥିତ ଭାଷା ଓ ସଂସ୍କୃତ ଭାଷା ମଧ୍ୟରେ ସମ୍ପର୍କ ଅନେକାଂଶରେ ସେହିଭଳି ହୋଇଯାଇଥିଲା, ଯାହା ଏବେ ଇଟାଲୀୟ ଭାଷା ଓ ପ୍ରାଚୀନ ଲାଟିନ୍ ଭାଷା ମଧ୍ୟରେ ଦେଖାଯାଏ । ଜୈନଧର୍ମାବଲମ୍ବୀଗଣ ସଂସ୍କୃତ ଭାଷାରେ ନୁହେଁ, ପାଲିଭାଷାରେ ଶାସ୍ତ୍ର-ଗ୍ରନ୍ଥାଦି ରଚନା କରିଥିଲେ । କାରଣ ସେମାନେ କହୁଥିଲେ, ସଂସ୍କୃତ ଆଉ ସଜୀବ ଭାଷା ହୋଇ ରହି ନାହିଁ, ତାହା ମୃତ ଭାଷାର ପର୍ଯ୍ୟାୟଭୁକ୍ତ ।

ସେମାନଙ୍କର ଆଚାରପ୍ରଣାଳୀରେ ମଧ୍ୟ ସେମାନେ ସ୍ୱତନ୍ତ୍ର ଥିଲେ । ବସ୍ତୁତଃ ହିନ୍ଦୁମାନଙ୍କ ଧର୍ମଶାସ୍ତ୍ର ଏହି ବେଦ ଏକ ବିଶାଳ ଶାସ୍ତ୍ର-ସଂଗ୍ରହ । ଏହାର କେତେକାଂଶ ସମ୍ପୂର୍ଣ୍ଣ ସ୍ଥୂଳ ଓ ଅସାର, ଅପରାଂଶ ଆଧ୍ୟାତ୍ମିକ ତତ୍ତ୍ୱରେ ପୂର୍ଣ୍ଣ—ଯେଉଁଥିରୁ ଧର୍ମଜ୍ଞାନ ଲାଭ କରିଯାଇ-

ପାରେ, ଏବଂ ଏହିସମସ୍ତ ସମ୍ପ୍ରଦାୟ ଏହି ଅଂଶ ଟିକକ ପ୍ରଚାର କରନ୍ତି ବୋଲି ଦାବି କରିଥାଆନ୍ତି ।

ପ୍ରାଚୀନ ବେଦରେ ତିନୋଟି ସ୍ତର ଦେଖାଯାଏ । ପ୍ରଥମଟି କର୍ମ, ଦ୍ୱିତୀୟଟି ଉପାସନା ଓ ତୃତୀୟଟି ଜ୍ଞାନ । କର୍ମ ଓ ଜ୍ଞାନଦ୍ୱାରା ନିଜକୁ ପରିଶୁଦ୍ଧ କଲେ ହିଁ ମନୁଷ୍ୟର ଅନ୍ତରରେ ଭଗବାନ ପ୍ରତିଭାତ ହେବେ । ଭଗବାନ ଯେ ନିରନ୍ତର ତା'ର ଅନ୍ତରରେ ଅଧିଷ୍ଠିତ—ମଣିଷ ସେତେବେଳେ ଏହା ଉପଲବ୍ଧି କରିବ । ଅନ୍ତର ବିଶୁଦ୍ଧ ହେଲେ ଯାଇ ଏ ପ୍ରକାର ଉପଲବ୍ଧି ସମ୍ଭବ ହୁଏ । କେବଳ କର୍ମ ଓ ଉପାସନାଦ୍ୱାରା ହିଁ ମନ ପବିତ୍ର ହୋଇ-ପାରେ । ଏହା ହିଁ ଏକମାତ୍ର ପନ୍ଥା । ସେତେବେଳେ ମୁକ୍ତି କରାୟତ୍ତ ହୁଏ । ଅତଏବ କର୍ମ, ଉପାସନା ଓ ଜ୍ଞାନ—ଏହି ତିନୋଟି ସୋପାନ ବିଶେଷ । ଯେଉଁ ସମ୍ପ୍ରଦାୟର କଥା କହୁଛି, ସେମାନଙ୍କର ବିଚାରରେ କର୍ମ ହେଉଛି ଅନ୍ୟର ଉପକାର-ସାଧନ । ଏ କଥାର ଅବଶ୍ୟ ଏକ ତାତ୍ପର୍ଯ୍ୟ ଅଛି । କାରଣ ବ୍ରାହ୍ମଣମାନଙ୍କ କ୍ଷେତ୍ରରେ କର୍ମର ଅର୍ଥ ଥିଲା ବିସ୍ତୃତ ଉତ୍ସବାନୁଷ୍ଠାନ —ଗୋ, ମହିଷ, ଛାଗ, ପ୍ରଭୃତି ପଶୁବଳି ଅଥବା ଅନ୍ୟବିଧ ପ୍ରାଣୀମାନଙ୍କୁ ଯଜ୍ଞାଦିରେ ଆହୁତି ପ୍ରଦାନ ।

ଜୈନଧର୍ମାବଲମ୍ବୀଗଣ କିନ୍ତୁ ଏହି ସବୁ କର୍ମ ବିରୋଧରେ କଠୋର ମତ ପୋଷଣ କଲେ । ସେମାନେ କହିଲେ ଯେ, ଏସବୁ କର୍ମ କର୍ମ-ପଦବାଚ୍ୟ ନୁହେଁ । ଅନ୍ୟଙ୍କୁ ଆଘାତ ଦେବା କେବେହେଲେ ସତ୍‌କର୍ମ ହୋଇ ନ ପାରେ । ବରଂ ଏସବୁ କର୍ମ ଏହି କଥା ପ୍ରମାଣ କରେ ଯେ, ବ୍ରାହ୍ମଣମାନଙ୍କର ବେଦ ମିଥ୍ୟା; ତାହା ପୁରୋହିତମାନଙ୍କ ସୃଷ୍ଟ ଗୋଟିଏ ପୁସ୍ତକ ମାତ୍ର । କାରଣ କୌଣସି ମହତ୍ତ୍ୱ ଗ୍ରନ୍ଥ ମଣିଷକୁ ପ୍ରାଣୀହତ୍ୟା କରିବାକୁ ନିର୍ଦ୍ଦେଶ ଦେବା ଅସମ୍ଭବ ଓ ଅବିଶ୍ୱାସ୍ୟ । ଅତଏବ ପ୍ରାଣୀହତ୍ୟା, ପଶୁବଳି ପ୍ରଭୃତିର ଯେଉଁସବୁ ନିର୍ଦ୍ଦେଶ ବେଦରେ ଲିପିବଦ୍ଧ ରହିଛି, ସେଗୁଡ଼ିକ ବ୍ରାହ୍ମଣମାନଙ୍କର ରଚନା । କାରଣ ସେଗୁଡ଼ିକ ସେମାନଙ୍କ ସ୍ୱାର୍ଥର ଅନୁକୂଳ, ଅର୍ଥାଗମର ସହାୟକ । ବାସ୍ତବରେ ସେସବୁ ପୁରୋହିତ-ମାନଙ୍କର କୌଶଳମାତ୍ର ।

ଜୈନମାନଙ୍କର ଅନ୍ୟ ଏକ ମତ ହେଉଛି—ଭଗବାନଙ୍କର କୌଣସି ଅସ୍ତିତ୍ୱ ନାହିଁ । ସାଧାରଣ ମଣିଷର ବିଶ୍ୱାସ ଜନ୍ମାଇବା ପାଇଁ ଏବଂ ସେହି ସୂତ୍ରରେ ଧନ ସମ୍ପଦ ସଂଗ୍ରହ କରିବା ପାଇଁ ପୁରୋହିତମାନେ ଏହି ଭଗବାନଙ୍କୁ ସୃଷ୍ଟି କରିଛନ୍ତି । ସବୁ କିଛି ଏକ ବିରାଟ ଧପ୍ପାବାଜି । ଅସ୍ତିତ୍ୱ ଅଛି ପ୍ରକୃତିର, ଅସ୍ତିତ୍ୱ ଅଛି ଆତ୍ମାର । ତାହା ବ୍ୟତୀତ ଆଉ କିଛି ନାହିଁ, ଭଗବାନ ଅବାସ୍ତବ, ଅସ୍ତିତ୍ୱହୀନ ।

ଏହି ଜୀବନ ସହିତ ଆତ୍ମା ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଦେହ ଯେପରି ଗୋଟିଏ ବହିର୍ବାସରୂପେ ତାକୁ ଆଚ୍ଛାଦିତ କରି ରଖିଛି । ସୁତରାଂ ସତ୍‌କର୍ମର ଅନୁଷ୍ଠାନ କରିଚାଲ— ତାହା ହିଁ ପଥ ।

ଏମାନଙ୍କ ମତବାଦରୁ ହିଁ ଜଡ଼ବସ୍ତୁର ହେୟତ୍ୱ ପ୍ରତିପାଦିତ ହେଲା । ଏମାନେ ହିଁ ଜଗତରେ କୃଚ୍ଛ୍ରସାଧନାର ପ୍ରଥମ ଶିକ୍ଷକ । ଅପରିଶୁଦ୍ଧିତାରୁ ଯଦି ଦେହର ଜନ୍ମ ହୁଏ,

ତା'ହେଲେ ଦେହଟି କୌଣସି ଉତ୍କୃଷ୍ଟ ବସ୍ତୁ ନୁହେଁ । ଯଦି କେହି କିଛି କାଳ ଗୋଟିଏ ପାଦରେ ଛିଡ଼ା ହୋଇ ରହେ—ଉତ୍ତମ, ତାହା ତା'ର ଶାସ୍ତି-ସ୍ୱରୂପ ହୋଇଗଲା । ଯଦି ଅକସ୍ମାତ୍ କାନ୍ଥରେ ମୁଣ୍ଡ ପିଟି ହୋଇଯାଏ, ତା'ହେଲେ ତାହା ମଧ୍ୟ ଏକ ଆକାଙ୍କ୍ଷିତ ଶାସ୍ତି ମାତ୍ର···

ଏକଦା ଫ୍ରାନ୍‌ସିସ୍କାନ୍ ସମ୍ପ୍ରଦାୟର କତିପୟ ନୈଷ୍ଠିକାମ୍ୟ ପୁରୁଷ—ସେଣ୍ଟ ଫ୍ରାନ୍‌ସିସ୍ ସେମାନଙ୍କ ମଧ୍ୟରେ ଅନ୍ୟତମ—ଥରେ ଜଣେ ବ୍ୟକ୍ତି ବିଶେଷଙ୍କ ସହ ସାକ୍ଷାତ୍ କରିବାକୁ ଯାଇଥିଲେ । ସେଣ୍ଟ ଫ୍ରାନ୍‌ସିସ୍‌ଙ୍କ ସହ ଜଣେ ସହଯାତ୍ରୀ ବୁଲୁଥିଲେ । କଥାବାର୍ତ୍ତା ଚାଲିଥିଲା ଯେ, ଯାହାଙ୍କ ସହ ସାକ୍ଷାତ୍ କରିବାକୁ ସେମାନେ ଯାଉଛନ୍ତି, ସେ ସେମାନଙ୍କର ଅଭ୍ୟର୍ଥନା କରିବେ କି ନାହିଁ, ସେମାନଙ୍କ ସହ କଥାବାର୍ତ୍ତା କରିବେ କି ନାହିଁ । ସହଯାତ୍ରୀ ଜଣକ କହିଲେ, ଖୁବ୍ ସମ୍ଭବ ସେ ଆମର ଅଭ୍ୟର୍ଥନା କରିବେ ନାହିଁ—ଆମକୁ ପ୍ରତ୍ୟାଖ୍ୟାନ କରିବେ । ଏହାର ଉତ୍ତରରେ ସେଣ୍ଟ ଫ୍ରାନ୍‌ସିସ୍ କହିଥିଲେ, 'ତାଙ୍କର ପ୍ରତ୍ୟାଖ୍ୟାନ ଆମ ପକ୍ଷରେ ଯଥେଷ୍ଟ ନୁହେଁ ବନ୍ଧୁ ! ଯଦି ତାଙ୍କ ଦ୍ୱାରଦେଶରେ ଆମର କରାଘାତ ଶୁଣି ସେ ବାହାର ଆସି ଆମକୁ ତଡ଼ି ଦିଅନ୍ତି, ତାହା ମଧ୍ୟ ଆମ ପକ୍ଷରେ ଯଥେଷ୍ଟ ହେବ ନାହିଁ; ଅଥବା ସେ ଯଦି ଆମର ହାତଗୋଡ଼ ବାନ୍ଧି ନିର୍ମମ ଭାବରେ ବେତାଘାତ କରନ୍ତି, ମୋ ମତରେ ତାହା ମଧ୍ୟ ପର୍ଯ୍ୟାପ୍ତ ହେବ ନାହିଁ; ତେବେ ସେ ଯଦି ଆମର ହାତଗୋଡ଼ ଦୃଢ଼ ଭାବରେ ବାନ୍ଧି ବେତାଘାତଦ୍ୱାରା ଆମର ପ୍ରତିଟି ଲୋମମୂଳରୁ ରକ୍ତ ବାହାର କରି ଆମକୁ ତାଙ୍କ ଘରର ବାହାରେ ବରଫ ଉପରେ ପକାଇ ରଖନ୍ତି, ତା'ହେଲେ ତାହା ହିଁ ଆମମାନଙ୍କର ଉଦ୍ଦେଶ୍ୟଲାଭ ପାଇଁ ପର୍ଯ୍ୟାପ୍ତ ହୋଇପାରେ ।'

ସେଯୁଗରେ ଏପରି କଠୋର କୃଚ୍ଛ୍ର ସାଧନାର ମନୋଭାବ ଥିଲା ।

ବସ୍ତୁତଃ ଜୈନମାନେ ହିଁ ଥିଲେ କୃଚ୍ଛ୍ର ସାଧନାର ପଥିକୃତ୍, ତେବେ ସେଥି ସଙ୍ଗେ ସଙ୍ଗେ ସେମାନେ କିଛିକିଛି ମହତ୍ କାର୍ଯ୍ୟ ମଧ୍ୟ ସମ୍ପାଦନ କରୁଥିଲେ । ସେମାନେ କହୁଥିଲେ—କାହାକୁ ଆଘାତ ଦିଅ ନାହିଁ । ଯଥାଶକ୍ତି ଅନ୍ୟର ଉପକାର କର । ଏହି କର୍ମ, ଏହି ନୀତି ଓ ସଦାଚାର—ଏହା ଛଡ଼ା ଆଉ ଯାହା କିଛି, ସେସବୁ ବ୍ରାହ୍ମଣମାନଙ୍କ ଦ୍ୱାରା ସୃଷ୍ଟ ବାଜେ କଥା; ସେସବୁକୁ ବର୍ଜନ କର ।

ଏହି ମତବାଦକୁ ଭିତ୍ତି କରି ସେମାନେ କର୍ମରେ ପ୍ରବୃତ୍ତ ହେଉଥିଲେ ଏବଂ ଏହାକୁ ହିଁ ସେମାନେ ନାନାଭାବରେ ସୂକ୍ଷ୍ମପର ବିସ୍ତୃତ କରିଥିଲେ । ତାହା ଏକ ବିରାଟ ଆଦର୍ଶ । କେବଳ ଅହିଂସା ଓ ପରୋପକାରର ଭିତ୍ତି ଉପରେ ସକଳ ନୈତିକ ଆଦର୍ଶକୁ ଛିଡ଼ା କରାଇ ଦେବା—ଏକ ଅଭିନବ ଆଦର୍ଶ ନୁହେଁ କି ?

ବୁଦ୍ଧଦେବଙ୍କ ଆବିର୍ଭାବର ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ଏହି ସମ୍ପ୍ରଦାୟ ଗଢ଼ି ଉଠିଥିଲା । ପୁଣି ବୁଦ୍ଧଦେବ ମଧ୍ୟ ଖ୍ରୀଷ୍ଟଜନ୍ମର ପାଖେ ପାଞ୍ଚଶହ ବର୍ଷ ପୂର୍ବେ ଆବିର୍ଭୂତ ହୋଇଥିଲେ । ଏମାନେ ସମଗ୍ର ପ୍ରାଣୀଜଗତକୁ ପାଞ୍ଚଭାଗରେ ବିଭକ୍ତ କରିଥିଲେ । ସେମାନଙ୍କ ମଧ୍ୟରୁ ସର୍ବନିମ୍ନରେ ଥିବା ଜୀବର କେବଳ ଗୋଟିଏ ମାତ୍ର ଇନ୍ଦ୍ରିୟ—ସ୍ପର୍ଶେନ୍ଦ୍ରିୟ । ତା' ଉପର

ସ୍ତରରେ ସ୍ପର୍ଶ- ଓ ଆସ୍ୱାଦନ-ଇନ୍ଦ୍ରିୟ । ତା' ଉପରେ—ସ୍ପର୍ଶ- ସ୍ୱାଦ-ଏବଂ ଶ୍ରବଣେନ୍ଦ୍ରିୟ । ଚତୁର୍ଥ ସ୍ତରରେ—ଏହି ପୂର୍ବ ତିନିଗୋଟି ଇନ୍ଦ୍ରିୟ ସହ ଦର୍ଶନେନ୍ଦ୍ରିୟ ଯୁକ୍ତ । ସର୍ବଶେଷ ସ୍ତରରେ ପଞ୍ଚେନ୍ଦ୍ରିୟ ଥାଏ ।

ଏକ ବା ଦୁଇ ଇନ୍ଦ୍ରିୟ-ବିଶିଷ୍ଟ ଯେଉଁସବୁ ପ୍ରାଣୀ—ସେମାନେ ଆଖିକୁ ଦେଖାଯାନ୍ତି ନାହିଁ । ସେମାନେ ଜଳ ମଧ୍ୟରେ ଅବସ୍ଥାନ କରନ୍ତି । ଏମାନଙ୍କୁ—ଏହି ଅତି-ନିମ୍ନପର୍ଯ୍ୟାୟର ପ୍ରାଣୀମାନଙ୍କୁ ମଧ୍ୟ ବିନାଶ କରିବା ଅତି ଭୟାବହ କାର୍ଯ୍ୟ ।

ଏହି ଯୁଗରେ ପ୍ରାଣୀଜଗତର ଏହି ସକଳ ତତ୍ତ୍ୱ ଖୁବ୍ ଅଳ୍ପଦିନ ତଳେ ଜଣାପଡ଼ିଛି । ତା' ପୂର୍ବରୁ ଏ ସମ୍ବନ୍ଧରେ ବିଶେଷ କିଛି ଜଣା ନ ଥିଲା । ଜୈନମାନଙ୍କର ମତ ଯେ, ସର୍ବ-ନିମ୍ନସ୍ତରର ସମସ୍ତ ପ୍ରାଣୀଙ୍କର କେବଳ ସ୍ପର୍ଶାନୁଭୂତି ଭିନ୍ନ ଆଉ କିଛି ନାହିଁ । ସେମାନଙ୍କ ଉପର ସ୍ତରରେ ପ୍ରାଣୀମାନେ ମଧ୍ୟ ଅଦୃଶ୍ୟ । ଜୈନମାନେ ଜାଣିଥିଲେ ଯେ, ଏହିସବୁ ପ୍ରାଣୀମାନେ କେବଳ ଜଳରେ ବାସ କରନ୍ତି ଏବଂ ପାଣିକୁ ଫୁଟାଇଲେ ଏମାନେ ମରିଯାଆନ୍ତି । ଏଣୁ ଜୈନ ସନ୍ନ୍ୟାସୀଗଣ ତୃଷାରେ ମରିଗଲେ ମଧ୍ୟ ନିଜେ ପାଣିକୁ ଫୁଟାଇ ପିଉ ନ ଥିଲେ । କିନ୍ତୁ ଭିକ୍ଷାର୍ଥୀ ହୋଇ କାହା ଘରକୁ ଗଲେ ଗୃହସ୍ଥ ଯଦି ପାଣି ପିଇବାକୁ ଦେଉଥିଲେ, ତା'ହେଲେ ସେମାନେ ତାହା ପାନ କରୁଥିଲେ । କାରଣ ସେକ୍ଷେତ୍ରରେ ପ୍ରାଣୀହତ୍ୟାର ଦାୟିତ୍ୱ ଗୃହସ୍ଥ ଉପରେ, ଏବଂ ଜଳପାନର ସୁବିଧାଟିକକ କେବଳ ସେମାନଙ୍କ ନିଜର ।

ଏମାନେ ଏହି ଅହିଂସ ଧାରଣାଟିକୁ କ୍ରମଶଃ ଏକ ହାସ୍ୟକର ପର୍ଯ୍ୟାୟକୁ ନେଇଗଲେ । ଯଥା—ସ୍ନାନ ସମୟରେ ଦେହ ଘସିହେବା ଦ୍ୱାରା ଅସଂଖ୍ୟ ଅଦୃଶ୍ୟ ଜୀବାଣୁ ମରିଯାନ୍ତି ବୋଲି ଭାବି ଏମାନେ ଆଦୌ ସ୍ନାନ କରୁ ନ ଥିଲେ, ବରଂ ନିଜେ ମରିବାକୁ ପ୍ରସ୍ତୁତ ଥିଲେ । କାରଣ ଏମାନଙ୍କ ଦୃଷ୍ଟିରେ ମୃତ୍ୟୁ ଏକ ଅତି ତୁଚ୍ଛ ପରିଣତି । ଏଣୁ ଅନ୍ୟ କୌଣସି ପ୍ରାଣୀକୁ ହତ୍ୟା କରି ବଞ୍ଚି ରହିବା ପାଇଁ ଏମାନେ ପ୍ରସ୍ତୁତ ନ ଥିଲେ ।

ଏମାନଙ୍କର ସମସାମୟିକ କାଳରେ ଆହୁରି କେତେ କୃଚ୍ଛ୍ରସାଧନ-ପରାୟଣ ସମ୍ପ୍ରଦାୟ ଥିଲେ ଏବଂ ଏହି କୃଚ୍ଛ୍ରସାଧନା କାଳରେ ପୁରୋହିତ ଏବଂ ରାଜନ୍ୟବର୍ଗଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଓ ରାଜନୈତିକ ବିଦ୍ୱେଷର ସୂତ୍ରପାତ ହୋଇଥିଲା; ଏବଂ ଏଥି ସଙ୍ଗେ ସଙ୍ଗେ ବହୁ ବିକ୍ଷିପ୍ତ ସମ୍ପ୍ରଦାୟର ଉଦ୍ଭବ ମଧ୍ୟ ହୋଇଥିଲା ।

ଜନସାଧାରଣଙ୍କୁ ନେଇ ଆହୁରି କଠିନ ସମସ୍ୟାର ସୃଷ୍ଟି ହୋଇଥିଲା । କାରଣ ଏହି ସମୟରେ ଜନସାଧାରଣ ସବୁ ବିଷୟରେ ଆର୍ଯ୍ୟମାନଙ୍କର ସମ-ଅଧିକାର ଦାବି କରୁଥିଲେ । ପ୍ରକୃତିର ନିତ୍ୟପ୍ରବାହମାନ ସ୍ରୋତସ୍ୱିନୀ କୂଳରେ ଛିଡ଼ା ହୋଇ ଜଳପାନର ଅଧିକାରରୁ ବଞ୍ଚିତ ହେବା ସେମାନଙ୍କ ପକ୍ଷରେ କ୍ରମଶଃ ଯେପରି ଅସହନୀୟ ହୋଇ ଉଠିଥିଲା ।···

ଏହି ମହାସନ୍ଧିକ୍ଷଣରେ ହିଁ ସେହି ମହାନ୍ ପୁରୁଷ ବୁଦ୍ଧଦେବ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଜୀବନ ଓ ଜୀବନୀ କଥା ଆପଣମାନେ ସମସ୍ତେ ଅବଗତ ଅଛନ୍ତି । ନାନା ଅଲୌକିକ ଘଟଣା ବା କାହାଣୀରେ ମଣ୍ଡିତ ହୋଇଥିବା ସତ୍ତ୍ୱେ—ଯାହା

ମହାପୁରୁଷମାନଙ୍କ ଜୀବନରେ ହୋଇଥାଏ—ବୁଦ୍ଧଦେବ ଜଗତରେ ଇତିହାସସ୍ୱୀକୃତ ମହାପୁରୁଷମାନଙ୍କ ମଧ୍ୟରେ ଅନ୍ୟତମ । ବସ୍ତୁତଃ ଏ ଦୃଷ୍ଟିରୁ କେବଳ ଦୁଇଜଣ ମହାପୁରୁଷଙ୍କର ନାମ ଉଲ୍ଲେଖ କରାଯାଇପାରେ, ଯାହାଙ୍କ ସମ୍ବନ୍ଧରେ ଶତ୍ରୁ ମିତ୍ର ଉଭୟେ ଏକମତ—ଜଣେ ବୁଦ୍ଧଦେବ ଓ ଅନ୍ୟ ଜଣେ ହଜରତ୍ ମହମ୍ମଦ । ସୁତରାଂ ଏହି ଦୁହିଁଙ୍କ ସମ୍ବନ୍ଧରେ ଆମେ ସମ୍ପୂର୍ଣ୍ଣ ନିଃସଂଶୟ । ଅନାନ୍ୟ ମହାପୁରୁଷମାନଙ୍କ ସମ୍ବନ୍ଧରେ ସେମାନଙ୍କ ଶିଷ୍ୟପ୍ରଶିଷ୍ୟମାନଙ୍କର ବକ୍ତବ୍ୟ ଭିନ୍ନ ଆମ ପାଖରେ ଅନ୍ୟ ବିଶେଷ କିଛି ବିବରଣୀ ନାହିଁ ।

ଆପଣମାନେ ଶ୍ରୀକୃଷ୍ଣଙ୍କ ବିଷୟରେ ଜାଣନ୍ତି । ହିନ୍ଦୁ-ସମ୍ପ୍ରଦାୟ ମଧ୍ୟରେ ସେ ଅବତାରପୁରୁଷ ରୂପେ ପୂଜିତ । ତାଙ୍କର କାହାଣୀ ବହୁଳାଂଶରେ ଆଖ୍ୟାନ-ଚରିତ ମାତ୍ର ।

କେବଳ ତାଙ୍କ ଅନୁଗାମୀ ଶିଷ୍ୟଗଣ ହିଁ ତାଙ୍କ ଜୀବନର ଅଧିକାଂଶ କଥା ଲିପିବଦ୍ଧ କରିଯାଇଛନ୍ତି । ଏହା ଫଳରେ ଅନେକ ସମୟରେ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ଯେପରି ଏକାଧିକ ବ୍ୟକ୍ତିଙ୍କର ମିଶ୍ରଣ ହୋଇଯାଇଛି । ବସ୍ତୁତଃ ବହୁ ଅବତାର-ପୁରୁଷଙ୍କ ସମ୍ବନ୍ଧରେ ଆମେ ବିଶେଷ କିଛି ଜାଣିନାହୁଁ । କିନ୍ତୁ ବୁଦ୍ଧଦେବଙ୍କ ଐତିହାସିକତା ସମ୍ପର୍କରେ ଆମେ ନିଃସନ୍ଦେହ । କାରଣ ଶତ୍ରୁ ଓ ମିତ୍ର—ଉଭୟ ପକ୍ଷ ତାଙ୍କ କଥା ଲିପିବଦ୍ଧ କରିଯାଇଛନ୍ତି । ଆଉ ଗୋଟିଏ କଥା ହେଲା : ମହାପୁରୁଷମାନଙ୍କ ଜୀବନ ସହ ଯେତେ କାହାଣୀ ଯେତେ ଅଲୌକିକ ଗଳ୍ପ ଓ ଉପାଖ୍ୟାନ ଜଡ଼ିତ ହୋଇଥାଏ, ସେଗୁଡ଼ିକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ, ବାହ୍ୟ କାହାଣୀସମୂହର ଅନ୍ତରାଳରେ ପ୍ରତ୍ୟେକଙ୍କର ଗୋଟିଏ ନିଜସ୍ୱ ସତ୍ତା, ଗୋଟିଏ ଆଭ୍ୟନ୍ତରୀଣ ସ୍ୱକୀୟତା ଥାଏ; କିନ୍ତୁ ଏହି ମହାପୁରୁଷଙ୍କ ଜୀବନରେ କୌଣସି ସ୍ତରରେ, କୌଣସି ସମୟରେ ସ୍ୱକୀୟ ପ୍ରୟୋଜନ ନିମିତ୍ତ କୌଣସି ପ୍ରୟାସ ଦେଖାଯାଏ ନାହିଁ । ଏହାଦ୍ୱାରା ପ୍ରମାଣିତ ହେଉଛି ଯେ, ଯେତେବେଳେ କୌଣସି ମହାପୁରୁଷଙ୍କୁ ଅବଲମ୍ବନ କରି ଆଖ୍ୟାୟିକା ରଚିତ ହୁଏ, ସେତେବେଳେ ସେହି ମହାପୁରୁଷଙ୍କ ମାହାତ୍ମ୍ୟ ଓ ମହିମାରେ ତାହା ଅନୁରଞ୍ଜିତ ହୋଇଥାଏ । ବୁଦ୍ଧଦେବଙ୍କ ବେଳକୁ ମଧ୍ୟ ତାହା ହୋଇଥିଲା ସତ; କିନ୍ତୁ ତାଙ୍କ ଜୀବନ ବା ଚରିତ ନେଇ ଯେତେ ଉପାଖ୍ୟାନ ରଚିତ ହୋଇଛି, ସେଥିରୁ କୌଣସିଟିରେ କେବେହେଲେ କୌଣସି ଅସଦାଚରଣ ବା ନୀଚ କାର୍ଯ୍ୟର ଇଙ୍ଗିତ ନାହିଁ । ଏପରିକି ତାଙ୍କର ବିରୁଦ୍ଧବାଦୀମାନେ ମଧ୍ୟ ତାଙ୍କର ପ୍ରଶଂସା କରିଛନ୍ତି ।

ଜନ୍ମ-ମୁହୂର୍ତ୍ତରୁ ବୁଦ୍ଧ ଏତେ ପବିତ୍ର, ଏତେ ନିର୍ମଳ ଥିଲେ ଯେ, ଯିଏ ତାଙ୍କର ଶ୍ରୀମୁଖ ଦର୍ଶନ କରୁଥିଲା, ସେ ହିଁ ଆନୁଷ୍ଠାନିକ ଧର୍ମ ପରିତ୍ୟାଗ କରି ସନ୍ନ୍ୟାସ-ଧର୍ମ ଗ୍ରହଣ କରୁଥିଲା ଏବଂ ପରିତ୍ରାଣ ଲାଭ କରୁଥିଲା । ଫଳରେ ଦେବତାଗଣ ଏଥି ସଙ୍ଗେ ଆହତ କରି ନିଜ ନିଜର ଅସହାୟତା ପ୍ରକାଶ କରିଥିଲେ । କାରଣ ଅଧିକାଂଶ ଦେବତା ଯାଗଯଜ୍ଞ ଉପରେ ନିର୍ଭରଶୀଳ ଥିଲେ । ଯଜ୍ଞଭାଗ ଥିଲା ଦେବତାମାନଙ୍କର ପ୍ରାପ୍ୟ । କିନ୍ତୁ ବୁଦ୍ଧଙ୍କ ପ୍ରଭାବ ଫଳରେ ସେହି ଯାଗଯଜ୍ଞ ଲୋପ ପାଇଗଲା । ଫଳରେ ଗୋଟିଏ ଦୃଷ୍ଟିରୁ ଦେବତାମାନଙ୍କର ଆହାର ଯେ ଖାଲି ବନ୍ଦ ହୋଇଗଲା, ତାହା ନୁହେଁ, ଅନ୍ୟ ପକ୍ଷରେ

ସେମାନଙ୍କର ପ୍ରଭାବ ମଧ୍ୟ ଲୋପ ପାଇଗଲା । ସୁତରାଂ ଦେବତାଗଣ ସେତେବେଳେ ସ୍ଥିର କଲେ ଯେ, 'ଯେପରି ଭାବରେ ହେଉ ବୁଦ୍ଧଙ୍କୁ ପତିତ କରିବାକୁ ପଡ଼ିବ । ଏତଦ୍‌ଭିନ୍ନ ଆମମାନଙ୍କର ଅନ୍ୟ କୌଣସି ଗତି ନାହିଁ । ତାଙ୍କର ପବିତ୍ରତା ଆମମାନଙ୍କ ପକ୍ଷରେ ଦୁଃସହ ।'

ଏହି ସିଦ୍ଧାନ୍ତ ନେବା ପରେ ଦେବତାମଣ୍ଡଳୀ ବୁଦ୍ଧଙ୍କ ନିକଟରେ ଯାଇ ଉପସ୍ଥିତ ହେଲେ ଓ କହିଲେ, 'ହେ ସୌମ୍ୟ, ଆପଣଙ୍କ ପାଖକୁ ଆମେମାନେ ଗୋଟିଏ ନିବେଦନ ନେଇ ଆସିଛୁ । ଆମେମାନେ ଗୋଟିଏ ମହାଯଜ୍ଞ କରିବା ପାଇଁ ସଂକଳ୍ପ କରିଛୁ । ସେଥିପାଇଁ ଏକ ବିରାଟ ଅଗ୍ନିକୁଣ୍ଡ ପ୍ରଜ୍ୱଳିତ କରିବାକୁ ହେବ, କିନ୍ତୁ ସାରା ପୃଥିବୀରେ ଅନୁସନ୍ଧାନ କରି ମଧ୍ୟ ସେହି ଅଗ୍ନିକୁଣ୍ଡ ପ୍ରଜ୍ୱଳିତ କରିବା ପାଇଁ କୌଣସିଠାରେ ଗୋଟିଏ ପବିତ୍ର ସ୍ଥାନ ପାଇପାରିଲୁ ନାହିଁ । ତେବେ ବର୍ତ୍ତମାନ ଆମେ ସେହି ସ୍ଥାନର ସନ୍ଧାନ ପାଇଛୁ । ଆପଣ ଯଦି ନିଜ ବକ୍ଷଦେଶ ଉନ୍ମୁକ୍ତ କରି ଶୟନ କରିବେ, ତା'ହେଲେ ଆପଣଙ୍କ ବକ୍ଷ ଉପରେ ଆମେ ଅଗ୍ନିକୁଣ୍ଡ ସ୍ଥାପନ କରିପାରିବୁ ।'

ବୁଦ୍ଧ କହିଲେ, 'ମୁଁ ଏଥିରେ ରାଜି ଅଛି । ଆପଣମାନେ ଯଜ୍ଞ ଆରମ୍ଭ କରନ୍ତୁ ।' ଦେବଗଣ ବୁଦ୍ଧଙ୍କ ଛାତି ଉପରେ ସେହି ବିଶାଳ ଅଗ୍ନିକୁଣ୍ଡ ପ୍ରଜ୍ୱଳିତ କଲେ ଏବଂ ଭାବିଥିଲେ ଯେ, ସେହି ଅଗ୍ନିର ଉତ୍ତାପରେ ବୁଦ୍ଧଙ୍କର ମୃତ୍ୟୁ ହେବ । କିନ୍ତୁ ତାହା ହେଲା ନାହିଁ ।° ବୁଦ୍ଧ ମରିଲେ ନାହିଁ । ସେତେବେଳେ ଦେବଗଣ ଖୁବ୍ ହତାଶ ହେଲେ ଏବଂ ସେମାନଙ୍କର ହତାଶାଭାବ ସର୍ବତ୍ର ପ୍ରକାଶିତ ହେବାକୁ ଲାଗିଲା । ସେମାନେ ସଙ୍ଗେ ସଙ୍ଗେ ପୁନଃ ପୁନଃ ବୁଦ୍ଧଦେବଙ୍କୁ କଠିନ ଆଘାତ କରିବାକୁ ଲାଗିଲେ; କିନ୍ତୁ ସେଥିରେ ମଧ୍ୟ କିଛି ଫଳ ହେଲା ନାହିଁ । ବୁଦ୍ଧଙ୍କୁ ହତ୍ୟା କରିହେଲା ନାହିଁ ।

ସେତେବେଳେ ସେହି ଅଗ୍ନିକୁଣ୍ଡର ନିମ୍ନ ଦେଶରୁ ଶୁଣାଗଲା : 'ଆପଣମାନେ ଏ ବୃଥା ଶ୍ରମ କାହିଁକି କରୁଛନ୍ତି ? ଆପଣମାନଙ୍କର ଉଦ୍ଦେଶ୍ୟ କଅଣ ?' ଉତ୍ତର ମିଳିଲା, 'ଆପଣଙ୍କ ପବିତ୍ର ମୁଖମଣ୍ଡଳକୁ ଯିଏ ଥରେ ଦେଖୁଁଛି, ସେ ଶୁଦ୍ଧ ହୋଇଯାଉଛି । ଫଳରେ ଆଉ କେହି ଆମମାନଙ୍କର ଉପାସନା କରୁ ନାହାନ୍ତି, ସେଥିପାଇଁ ଆମେ ଆପଣଙ୍କର ବିନାଶ କାମନା କରୁଛୁ ।'

ତାହାର ଉତ୍ତରରେ ବୁଦ୍ଧ କହିଲେ, 'ତା'ହେଲେ ଆପଣମାନଙ୍କର ଏହି ଶ୍ରମ ବୃଥା । ପବିତ୍ରତାର କେବେହେଲେ ବିନାଶ ନାହିଁ ।'

ଏହି କାହାଣୀ ବୁଦ୍ଧଙ୍କ ବିରୁଦ୍ଧବାଦୀମାନଙ୍କର ରଚନା । ଅଥଚ ଏହାର ମଧ୍ୟରେ ବି ବୁଦ୍ଧ-ଚରିତର ପ୍ରତିକୂଳରେ କେବଳ ଏହି ଦୋଷଟିକୁ ଆରୋପିତ ହୋଇଛି ଯେ, ସେ ଏକ ଅଦ୍ଭୁତ ଧରଣର ପବିତ୍ରତା ପ୍ରଚାର କରିଥିଲେ । ଆଉ କିଛି ନୁହେଁ । ବୁଦ୍ଧଙ୍କ ମତବାଦ ସମ୍ପର୍କରେ ଆପଣମାନଙ୍କ ମଧ୍ୟରୁ ଅନେକେ କିଛି କିଛି ଅବଗତ ଅଛନ୍ତି ।

ବର୍ତ୍ତମାନ କାଳରେ ଯେଉଁସବୁ ଚିନ୍ତାଶୀଳ ମନୀଷୀ ଅଜ୍ଞେୟବାଦୀ ଭାବରେ ପରିଚିତ, ସେମାନଙ୍କ ନିକଟରେ ବୁଦ୍ଧଙ୍କ ମତବାଦର ବିଶେଷ ଗୋଟିଏ ଆବେଦନ ଅଛି । ବିଶ୍ୱ-

ଭ୍ରାତୃତ୍ୱର ମହାନ୍ ପ୍ରବକ୍ତା ଥିଲେ ବୁଦ୍ଧଦେବ । ସେ କହୁଥିଲେ : 'ଆର୍ଯ୍ୟ-ଅନାର୍ଯ୍ୟ ଓ ଜାତି-ସମ୍ପ୍ରଦାୟ ନିର୍ବିଶେଷରେ—ପ୍ରତ୍ୟେକ ମଣିଷର ଧର୍ମ ଉପରେ ଅଧିକାର ରହିଛି, ଅଧିକାର ରହିଛି ଈଶ୍ୱରଙ୍କ ଉପରେ, ସ୍ୱାଧୀନତା ଉପରେ । ଅତଏବ ସେହି ଅଧିକାରର କ୍ଷେତ୍ରକୁ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି ।'

ଏତଦ୍‌ଭିନ୍ନ ଅନ୍ୟାନ୍ୟ କ୍ଷେତ୍ରରେ ସେ ଥିଲେ କଠୋର ଅଜ୍ଞେୟବାଦୀ । ବାସ୍ତବ-ବୁଦ୍ଧିସମ୍ପନ୍ନ ହେବା ପାଇଁ ସେ ସର୍ବଦା ଉପଦେଶ ଦେଉଥିଲେ । ଥରେ ପାଞ୍ଚଜଣ ବ୍ରାହ୍ମଣ ଯୁବକ ଗୋଟିଏ ପ୍ରଶ୍ନ ଉପରେ ତର୍କ-ବିତର୍କ କରୁ କରୁ ତାଙ୍କ ପାଖରେ ଆସି ଉପସ୍ଥିତ ହେଲେ । 'ସତ୍ୟଲାଭର ପଥ କ'ଣ ?'—ଏହା ହିଁ ଥିଲା ସେମାନଙ୍କର ପ୍ରଶ୍ନ । ସେମାନଙ୍କ ମଧ୍ୟରୁ ଜଣେ କହିଲା, 'ମୋ ମତରେ—ଏହା ହିଁ ସତ୍ୟର ପଥ । ମୋର ପୂର୍ବପୁରୁଷଗଣ ଏହାକୁ ପ୍ରଚାର କରିଯାଇଛନ୍ତି ।'

ଅନ୍ୟ ଜଣେ ତାଙ୍କ ସଙ୍ଗେ ସଙ୍ଗେ କହି ଉଠିଲା, 'ମୁଁ କିନ୍ତୁ ଅନ୍ୟ ପ୍ରକାର ଶିକ୍ଷା ଲାଭ କରିଛି, ଏବଂ ମୋର ବିଶ୍ୱାସ ଆମ ଦ୍ୱାରା ନିର୍ଦ୍ଦିଷ୍ଟ ପଥ ହିଁ ସତ୍ୟ ଲାଭର ଏକମାତ୍ର ପଥ ।'

'ହେ ଆର୍ଯ୍ୟ ! ଏଥି ମଧ୍ୟରୁ କେଉଁଟି ଠିକ୍ ତାହା ଆମମାନଙ୍କର ଜିଜ୍ଞାସ୍ୟ ।'

ବୁଦ୍ଧଦେବ ସେତେବେଳେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ଭାବରେ କହିଥିଲେ, 'ତୁମମାନଙ୍କର ନିଜ ନିଜର ଗୋଷ୍ଠୀ ସତ୍ୟଲାଭ ପାଇଁ ଗୋଟିଏ ଗୋଟିଏ ପଥ ନିର୍ଦ୍ଦେଶ କରିଛନ୍ତି । ଖୁବ୍ ଭଲ କଥା । କିନ୍ତୁ ତୁମେ ନିଜେ କେହି ଈଶ୍ୱରଙ୍କୁ ଦର୍ଶନ କରିଛ କି ? ଅଥବା ତୁମର ପିତା ବା ପିତାମହ କେହି କେବେ ଈଶ୍ୱରଙ୍କୁ ଦର୍ଶନ କରିଛନ୍ତି କି ?'

'ନା, ସେମାନେ କେହି ଈଶ୍ୱର-ଦର୍ଶନ କରି ନାହାନ୍ତି, ଆମମାନଙ୍କର ପିତା-ପିତାମହମାନେ ମଧ୍ୟ ଈଶ୍ୱର-ଦର୍ଶନ କରି ନାହାନ୍ତି ।

'ଆଚ୍ଛା, ତୁମମାନଙ୍କ ଆଚାର୍ଯ୍ୟମାନଙ୍କ ମଧ୍ୟରୁ କେହି କଅଣ ଈଶ୍ୱର-ଦର୍ଶନ କରିଛନ୍ତି ?'

'ନା, ସେମାନେ ମଧ୍ୟ ଈଶ୍ୱର-ଦର୍ଶନ କରି ନାହାନ୍ତି ।'

ସମସ୍ତଙ୍କ ମୁହଁରେ ସେହି ଗୋଟିଏ ଉତ୍ତର । ସେମାନେ କେହି ଈଶ୍ୱର-ଦର୍ଶନ କରି ନାହାନ୍ତି ।

ତା'ପରେ ବୁଦ୍ଧଦେବ ସେହି ପାଞ୍ଚଜଣ ଯୁବକଙ୍କୁ ଗୋଟିଏ ଉପାଖ୍ୟାନ ଶୁଣାଇଥିଲେ । କହିଲେ : ଥରେ ଗୋଟିଏ ଗାଆଁରେ ହଠାତ୍ କେଉଁଠାରୁ ଜଣେ ଯୁବକ ଆସି ପହଞ୍ଚିଲେ । ସେ କେତେବେଳେ କାନ୍ଦୁଥିଲେ, କେତେବେଳେ ବିଳାପ କରୁଥିଲେ, କେତେବେଳେ ଚିତ୍କାର କରୁଥିଲେ । କହୁଥିଲେ, 'ଆହାଃ, ମୁଁ ତାକୁ ଖୁବ୍ ଭଲପାଏ, ନିବିଡ଼ ଭାବରେ ଭଲପାଏ ।' ତାଙ୍କର ଚିତ୍କାର ଶୁଣି ଗ୍ରାମବାସୀମାନେ ତାଙ୍କ ପାଖକୁ ଆସି ପଚାରିଲେ, 'କାହାକୁ ତୁମେ ଭଲପାଅ ? ସେ କିଏ ?' 'ସେ କଥା ମୁଁ ଜାଣି ନାହିଁ ।' 'ସେ କନ୍ୟା ରହେ କେଉଁଠାରେ ? ତାହାର ଚେହେରା କିପରି ?' 'ହାୟ, ସେସବୁ କିଛି ମୁଁ ଜାଣି ନାହିଁ କି କୌଣସି ଖବର ମଧ୍ୟ ରଖି ନାହିଁ । କେବଳ ଏତିକି ଜାଣେ ଯେ, ମୁଁ ତାକୁ

ଖୁବ୍ ଭଲପାଏ ।' ଉପାଖ୍ୟାନଟି କହିସାରି ବୁଦ୍ଧଦେବ ସେମାନଙ୍କୁ ପଚାରିଲେ, 'ଏହି ଯୁବକଟି ସମ୍ବନ୍ଧରେ ତୁମମାନଙ୍କର ଅଭିମତ କଅଣ—ତାହା ମୁଁ ଜାଣିବାକୁ ଚାହେଁ ।'

ତରୁଣଗଣ ସମସ୍ତେ ଏକସଙ୍ଗରେ କହି ଉଠିଲେ, ସେ ତ ଜଣେ ଅତି ନିର୍ବୋଧ ! ଯାହାକୁ ସେ ଜାଣି ନାହିଁ, ଚିହ୍ନି ନାହିଁ, କେବେହେଲେ ଦେଖି ନାହିଁ—ଏପରି ଜଣେ ଅବାସ୍ତବ ଝିଅ ପାଇଁ ସେ ଚିତ୍କାର କରି ବୁଲୁଛି ! ତାକୁ ଅତ୍ୟନ୍ତ ନିର୍ବୋଧ ଛଡ଼ା ଆଉ କଅଣ କୁହାଯାଇପାରେ ?'

ବୁଦ୍ଧଦେବ କହିଲେ, 'ତାହାହେଲେ ତୁମେମାନେ ମଧ୍ୟ କଅଣ ଅନେକାଂଶରେ ସେହିପରି ନୁହଁ ! ତୁମେମାନେ ନିଜେ ସ୍ୱୀକାର କରୁଛ ଯେ, ତୁମେ କିମ୍ବା ତୁମର ପିତା, ପିତାମହ କେହି କେବେ ଈଶ୍ୱରଙ୍କୁ ଦେଖି ନାହାନ୍ତି । ବଂଶପରମ୍ପରାରେ ତୁମମାନଙ୍କର କାହାରି ଈଶ୍ୱରଙ୍କ ସମ୍ବନ୍ଧରେ ପ୍ରତ୍ୟକ୍ଷ-ଜ୍ଞାନ ନାହିଁ; ଅଥଚ ସେହି ଈଶ୍ୱରଙ୍କୁ ନେଇ ତୁମେମାନେ ତର୍କ-ବିତର୍କ କରୁଛ, ପରସ୍ପରର ତଣ୍ଟି ଚିପିବାକୁ ଚାହୁଁଛ ! ଏଇଟା କଅଣ ପାଗଳାମି ନୁହେଁ ?'

ସେତେବେଳେ ତରୁଣଗଣ ଖୁବ୍ ବିବ୍ରତ ହୋଇ ବୁଦ୍ଧଙ୍କୁ ପଚାରିଲେ, 'ତାହାହେଲେ ଆମେ ଏବେ କଅଣ କରିବା ଉଚିତ—ତାହା କୁହନ୍ତୁ ।' ବୁଦ୍ଧଦେବ କହିଲେ, 'ବେଶ୍, ତା'ହେଲେ ଶୁଣ । ତୁମର ପୂର୍ବପୁରୁଷଗଣ କେବେ କଅଣ କହିଛନ୍ତି ଯେ, ଭଗବାନ କ୍ରୋଧୀ ବା ଅସତ୍ ?' 'ଆଜ୍ଞା ନା, ସେଭଳି କଥା ସେମାନେ କେବେହେଲେ କହି ନାହାନ୍ତି । ସେ ଚିର-ସତ୍, ଚିର-ପବିତ୍ର—ଏହା ହିଁ ସେମାନେ କହିଛନ୍ତି ।'

'ତାହାହେଲେ ହେ ତରୁଣଗଣ ! ତୁମେମାନେ ଯଦି କାୟମନୋବାକ୍ୟରେ ସତ୍ ହୁଅ, ସର୍ବତୋଭାବରେ ପବିତ୍ର ହୁଅ, ତା'ହେଲେ ତୁମେ ଭଗବାନଙ୍କର ସାନ୍ନିଧ୍ୟ ଲାଭ କରିପାରିବ । ତର୍କ-ବିତର୍କ କରି ବା ପରସ୍ପରକୁ ଆକ୍ରମଣ କରି ଭଗବାନଙ୍କୁ ଲାଭ କରିହୁଏ ନାହିଁ । ଅତଏବ ମୋର ନିର୍ଦ୍ଦେଶ—ପବିତ୍ର ହୁଅ, ସତ୍ ହୁଅ । ସର୍ବାନ୍ତଃକରଣରେ ଅନ୍ୟକୁ ଭଲ ପାଅ । ଭଗବାନଙ୍କୁ ଲାଭ କରିବା ପାଇଁ ଏହା ଚିରନ୍ତନ ପଥ । ଏତଦ୍‌ଭିନ୍ନ ଅନ୍ୟ ପଥ କିଛି ନାହିଁ ।'

ବୁଦ୍ଧଦେବଙ୍କ ଜନ୍ମ ସମୟରେ ହିଁ ପ୍ରାଣୀହତ୍ୟା ନ କରିବା ଏବଂ ପ୍ରାଣୀମାନଙ୍କୁ ଦୟା ପ୍ରଦର୍ଶନ କରିବାର ମତ ରହିଥିଲା—ଆଦର୍ଶ ରୂପେ ଏକଥା ଆମେ ଆଲୋଚନା କରିଛୁ । ଏ କ୍ଷେତ୍ରରେ ବୁଦ୍ଧଦେବ ନୂଆ କିଛି କହି ନାହାନ୍ତି; କିନ୍ତୁ ସେ ନୂଆ ଯାହା କହିଥିଲେ, ତାହା ହେଉଛି—ଜାତିଭେଦପ୍ରଥା ଉଚ୍ଛେଦ ପାଇଁ ଏକ ପ୍ରବଳ ଆନ୍ଦୋଳନର ମୂଳପାତ । ତା' ଛଡ଼ା ଅନ୍ୟ ଏକ ଅଭିନବ କାର୍ଯ୍ୟ ମଧ୍ୟ ବୁଦ୍ଧଦେବ ସମ୍ପନ୍ନ କରିଥିଲେ । ସେ ତାଙ୍କର ଚାଳିଶ ଜଣ ଶିଷ୍ୟଙ୍କୁ ପୃଥିବୀର ନାନା ସ୍ଥାନକୁ ପ୍ରେରଣ କରିଥିଲେ । ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ : ବତ୍ସଗଣ, ତୁମେମାନେ ସବୁ ମଣିଷଙ୍କ ସହ ଉଦାର ଭାବ ନେଇ ମିଳିତ ହେବ, ଜାତିଧର୍ମନିର୍ବିଶେଷରେ ସମସ୍ତଙ୍କ ସହ ମିଶିବ ଏବଂ ସମସ୍ତଙ୍କର କଲ୍ୟାଣସାଧନ-କଳ୍ପେ ମହାବାଣୀ ପ୍ରଚାର କରିବ ।

ଅବଶ୍ୟ ଏଥିପାଇଁ ହିନ୍ଦୁମାନେ ସୌଭାଗ୍ୟକ୍ରମେ ତାଙ୍କୁ ନର୍ଯ୍ୟାତିତ କରି ନାହାନ୍ତି । ସେ ପୂର୍ଣ୍ଣବୟସରେ ଦେହତ୍ୟାଗ କରିଥିଲେ । ବରାବର ସେ ଅତି କଠୋର ଜୀବନ ଯାପନ କରିଥିଲେ । କୌଣସି ଦୁର୍ବଳତା କେବେ ତାଙ୍କୁ ସ୍ପର୍ଶ କରିପାରି ନ ଥିଲା । ତାଙ୍କର ଅନେକ ମତବାଦକୁ ମୁଁ ବିଶ୍ୱାସ କରେ ନାହିଁ । ସତରେ ବିଶ୍ୱାସ କରେ ନାହିଁ । ମୁଁ ବରଂ ବିଶ୍ୱାସ କରେ ଯେ, ପ୍ରାଚୀନ ହିନ୍ଦୁମାନଙ୍କର ବେଦାନ୍ତବାଦ ଅନେକ ବେଶୀ ଚିନ୍ତାପୂର୍ଣ୍ଣ; ବେଦାନ୍ତର ଜୀବନଦର୍ଶନ ଅପୂର୍ବ ! ବୁଦ୍ଧଙ୍କର କର୍ମପଦ୍ଧତିକୁ ମୁଁ ଯେ ନାପସନ୍ଦ କରେ, ତାହା ଅବଶ୍ୟ ନୁହେଁ । ତେବେ ତାଙ୍କର ଯେଉଁ ବୈଶିଷ୍ଟ୍ୟ ମୋତେ ସବୁଠାରୁ ବେଶୀ ଆକର୍ଷିତ କରେ, ତାହା ହେଲା ତାଙ୍କର ଦୃଢ଼ତା, ତାଙ୍କର ମହତ୍ତ୍ୱ ଓ ତାଙ୍କର ସ୍ୱଚ୍ଛ ଚିନ୍ତାଶକ୍ତି । ତାଙ୍କ ମସ୍ତିଷ୍କରେ କୌଣସି ଜଟିଳତା ନ ଥିଲା । ଯେତେବେଳେ ବିଶ୍ୱର ସକଳ ଐଶ୍ୱର୍ଯ୍ୟ ତାଙ୍କର ପାଦତଳକୁ ଆସିଥିଲା, ସେତେବେଳେ ମଧ୍ୟ ତାଙ୍କର ଚଳେମାଣ ପରିବର୍ତ୍ତନ ହୋଇ ନ ଥିଲା । 'ମୁଁ ଅନ୍ୟ ଦଶଜଣଙ୍କ ପରି ଜଣେ ସାଧାରଣ ମଣିଷ'—ଏହି ମନୋଭାବ ତାଙ୍କର ସେତେବେଳେ ମଧ୍ୟ ଅବ୍ୟାହତ ରହିଥିଲା ।

ଆପଣମାନେ ଜାଣନ୍ତି ଯେ, ହିନ୍ଦୁମାନେ ବ୍ୟକ୍ତିପୂଜା କରିବାକୁ ଭଲପାଆନ୍ତି । ଏହିଗରେ ସେମାନଙ୍କର ଏକାନ୍ତ ଆଗ୍ରହ । ଆପଣମାନେ ଯଦି ଦୀର୍ଘକାଳ ବଞ୍ଚି ରହିବେ, ତା'ହେଲେ ଦେଖିବେ ଯେ, ମୋତେ ମଧ୍ୟ ବହୁ ଲୋକ ପୂଜା କରିବେ । ଯଦି ହିନ୍ଦୁମାନଙ୍କ ମଧ୍ୟରୁ କେହି କୌଣସି ଧର୍ମପ୍ରଚାର କରନ୍ତି, ତା'ହେଲେ ତାଙ୍କ ଜୀବନ-କାଳରେ ହିଁ ହିନ୍ଦୁମାନେ ତାଙ୍କୁ ପୂଜା କରିବା ଆରମ୍ଭ କରିଦିଅନ୍ତି । ମୂଳକଥା, କାହାକୁ ପୂଜା କରିବାର ଆଗ୍ରହ ଏବଂ ପ୍ରବଣତା ସେମାନଙ୍କର ଚିରନ୍ତନ । ଅଥଚ ସେମାନଙ୍କ ମଧ୍ୟରେ ବାସ କରି ମଧ୍ୟ ବିଶ୍ୱବିଖ୍ୟାତ ବୁଦ୍ଧଦେବ ଆଜୀବନ ଏହି ଘୋଷଣା କରିଥିଲେ ଯେ, ସେ ଜଣେ ସାଧାରଣ ମଣିଷ । ଏହାଛଡ଼ା ଅନ୍ୟ କୌଣସି ଉକ୍ତି ତାଙ୍କ କଣ୍ଠରୁ ତାଙ୍କର କୌଣସି ଭକ୍ତ କେବେହେଲେ ବାହାର କରିପାରି ନାହିଁ ।

ତାଙ୍କର ଅନ୍ତିମ ବାକ୍ୟଗୁଡ଼ିକ ଚିରଦିନ ମୋ ଅନ୍ତରରେ ଏକ ଅବ୍ୟକ୍ତ ସ୍ପନ୍ଦନ ସୃଷ୍ଟି କରିଆସିଛି । ସେ ସେତେବେଳେ ବୃଦ୍ଧ, ରୁଗ୍ଣ, ମୃତ୍ୟୁ-ପଥର ପଥିକ । ଠିକ୍ ସେହି ସମୟରେ ଜଣେ ଅସ୍ପୃଶ୍ୟ, ଅନ୍ତ୍ୟଜ ବ୍ୟକ୍ତି ତାଙ୍କ ପାଖରେ ଉପସ୍ଥିତ ହୋଇଥିଲା; ସେ ଗଳିତମାଂସଭୋଜୀ । ହିନ୍ଦୁମାନେ ସେହି ଜାତିର କାହାକୁ ଲୋକାଳୟରେ ପ୍ରବେଶ କରିବାକୁ ଦିଅନ୍ତି ନାହିଁ । ସେହି ଶ୍ରେଣୀର ଜଣେ ଲୋକ ସଶିଷ୍ୟ ବୁଦ୍ଧଦେବଙ୍କୁ ତା' ଗୃହରେ ଆହାର ପାଇଁ ନିମନ୍ତ୍ରଣ କରିଥିଲା । ସେହି ଦରିଦ୍ର ଲୋକଟିର ନାମ ଚୁନ୍ଦ । ସେ ତା'ର ସାଧ୍ୟମତେ, ଯୁକ୍ତିବିବେଚନା ମୁତାବକ ସେହି ମହାନ୍ ଆଚାର୍ଯ୍ୟଙ୍କୁ ଆପ୍ୟାୟିତ କରିବାକୁ ଚାହିଁଥିଲା । ସେଥିପାଇଁ ସେ ପ୍ରଚୁର ଶୂକର-ମାଂସ ଏବଂ ଅନ୍ନ ପ୍ରସ୍ତୁତ କରି ବୁଦ୍ଧଦେବ ଓ ତାଙ୍କର ଶିଷ୍ୟଗଣଙ୍କୁ ପରିବେଷଣ କଲା । ବୁଦ୍ଧଦେବ ଥରେ ପାଇଁ ସେହି ଆହାରକୁ ଦେଖିଲେ । ଶିଷ୍ୟମାନେ ସମସ୍ତେ ଇତଃସ୍ତତଃ ହେଉଥିଲେ—ସେମାନେ ସେହି ଭୋଜ୍ୟ-ବସ୍ତୁ ଗ୍ରହଣ କରିବେ କି ନାହିଁ । ବୁଦ୍ଧଦେବ ସେତେବେଳେ ସେମାନଙ୍କୁ କହିଲେ, 'ଏ ଖାଦ୍ୟ

ତୁମେମାନେ କେହି ଗ୍ରହଣ କର ନାହିଁ, ଏହାଦ୍ୱାରା ତୁମମାନଙ୍କର କ୍ଷତି ହେବ ।' କିନ୍ତୁ ସେ ନିଜେ ଶାନ୍ତ ଭାବରେ ଆସନରେ ବସି ସେହି ଖାଦ୍ୟ ଗ୍ରହଣ କଲେ । ସେ ସମଦର୍ଶୀ, ସେ ଆପ୍ତକାମ; ଅତଏବ ସେ ଚୁନ୍ଦ-ପ୍ରଦତ୍ତ ଖାଦ୍ୟକୁ ଗ୍ରହଣ କରିବେ—ଏପରିକି ଶୂକର-ମାଂସ ମଧ୍ୟ ଖାଇବେ ! ସେଥିପାଇଁ ସେ ଖାଇଲେ, ସ୍ଥିର ଭାବରେ ସେହି ଖାଦ୍ୟ ଗ୍ରହଣ କଲେ ।···

ସେ ସେତେବେଳେ ମରଣାପନ୍ନ ଥିଲେ । ଏବେ ତାଙ୍କର ମୃତ୍ୟୁ ଆସନ୍ନ ବୋଲି ଉପଲବ୍ଧି କରି କହିଲେ, 'ଏହି ବୃକ୍ଷତଳେ ମୋ' ପାଇଁ ଶଯ୍ୟା କରାଯାଉ । ମୋର ମନେ-ହେଉଛି—ମୋର ପ୍ରୟାଣର ସମୟ ଉପସ୍ଥିତ ।'

ତା'ପରେ ସେହି ବୃକ୍ଷମୂଳେ ସେ ଶଯ୍ୟା ଗ୍ରହଣ କଲେ ଏବଂ ସେହିଠାରେ ହିଁ ଦେହ ତ୍ୟାଗ କଲେ । ସେହି ବୃକ୍ଷମୂଳେ ଶୋଇଥିବାବେଳେ ସେ ପ୍ରଥମେ ଜଣେ ଶିଷ୍ୟଙ୍କୁ କହିଥିଲେ, 'ଚୁନ୍ଦ ପାଖକୁ ଯାଇ ତାକୁ ଜଣାଇଦେଇ ଆସ ଯେ, ତା'ପରି ଉପକାରୀ ବନ୍ଧୁ ମୋର ଆଉ କେହି ନାହିଁ, କାରଣ ତା'ର ଦତ୍ତ ଖାଦ୍ୟ ଗ୍ରହଣ କରି ମୁଁ ନିର୍ବାଣ ଲାଭ କରିବାକୁ ଯାଉଛି ।'

ଏହି ସମୟରେ କେତେଜଣ ଲୋକ ତାଙ୍କ ପାଖକୁ ଉପଦେଶଲାଭ ପାଇଁ ଆସିଥିଲେ । ଜଣେ ଶିଷ୍ୟ ସେମାନଙ୍କୁ ଉଦ୍ଦେଶ୍ୟ କରି କହିଲେ, 'ପ୍ରଭୁଙ୍କର ଅତି ନିକଟକୁ ତୁମେମାନେ କେହି ଯାଅ ନାହିଁ । ସେ ଏବେ ମହାସମାଧିରେ ନିମଗ୍ନ ହେବାକୁ ଯାଉଛନ୍ତି ।' କିନ୍ତୁ ସେ କଥା ଶୁଣିବାମାତ୍ରେ ବୁଦ୍ଧଦେବ କହିଉଠିଲେ, 'ନା, ନା, ସେମାନଙ୍କୁ ଆସିବାକୁ ଦିଅ ।' ପୁଣି କେତେଜଣ ଲୋକ ଆସିଲେ । ଶିଷ୍ୟମାନେ ପୁଣି ସେମାନଙ୍କୁ ବାଧା ଦେଲେ; କିନ୍ତୁ ପୁଣି ବୁଦ୍ଧଦେବ ସେମାନଙ୍କୁ ପାଖକୁ ଡାକିନେଲେ । ତା'ପରେ ତାଙ୍କର ଅନ୍ୟତମ ପ୍ରଧାନ ଶିଷ୍ୟ ଆନନ୍ଦଙ୍କୁ ଡାକି ବୁଦ୍ଧଦେବ କହିଲେ, 'ବତ୍ସ ଆନନ୍ଦ ! ମୁଁ ଚାଲିଯାଉଛି । ଏଥିପାଇଁ ତୁମେ କେହି ଶୋକ କର ନାହିଁ । ମୋ ପାଇଁ ଚିନ୍ତା କର ନାହିଁ । ମଣିଷଜୀବନରେ ମୃତ୍ୟୁ ଅବଧାରିତ । ତୁମେମାନେ ତୁମ ନିଜର ମୁକ୍ତି ପାଇଁ ଅଧ୍ୟବସାୟ ସହକାରେ ଚେଷ୍ଟା କର । ତୁମେମାନେ ପ୍ରତ୍ୟେକେ ସର୍ବାଂଶରେ ମୋ ପରି । ମୁଁ ତୁମମାନଙ୍କ ମଧ୍ୟରୁ ଜଣେ ଭିନ୍ନ ଅନ୍ୟ କିଛି ନୁହେଁ । ଅଶେଷ ତପସ୍ୟା କରି ମୁଁ ମୋର ଏହି ଜୀବନ ଗଠନ କରିଛି । ସୁତରାଂ ତୁମେମାନେ ମଧ୍ୟ ଅକ୍ଳାନ୍ତ ଚେଷ୍ଟାଦ୍ୱାରା ବୁଦ୍ଧତ୍ୱ ଲାଭ କରିପାରିବ ।'

ବୁଦ୍ଧଙ୍କର ଶେଷ ଅକ୍ଷୟ ବାଣୀ ହେଲା : ଯେତେ ପ୍ରାଚୀନ ହେଉ ନା କାହିଁକି, କୌଣସି ଶାସ୍ତ୍ରଗ୍ରନ୍ଥର ପ୍ରାମାଣ୍ୟକୁ ମାନି ନିଅ ନାହିଁ । କେବଳ ପୂର୍ବପୁରୁଷଙ୍କର ଉକ୍ତି ବୋଲି କୌଣସି କଥାକୁ ବିଶ୍ୱାସ କର ନାହିଁ, ଅଥବା ଅନ୍ୟ ଦଶଜଣ ଲୋକ ବିଶ୍ୱାସ କରନ୍ତି ବୋଲି ତୁମେ କୌଣସି ମତବାଦକୁ ଗ୍ରହଣ କର ନାହିଁ । ପ୍ରତିଟି ଜିନିଷକୁ ପରୀକ୍ଷା କର, ବିଚାର କର, ତା'ପରେ ବିଶ୍ୱାସ କର । ଯଦି କୌଣସି କିଛି ବହୁଜନଙ୍କର ହିତକର ହେବ ବୋଲି ମନେକର, ତା'ହେଲେ ସମସ୍ତଙ୍କ ମଧ୍ୟରେ ତାହାକୁ ବିତରଣ କର । —ଏହି ଶେଷବାଣୀ ଉଚ୍ଚାରଣ କରି ବୁଦ୍ଧଦେବ ଦେହତ୍ୟାଗ କରିଥିଲେ ।

ଏହି ମହତ୍ତମ ପ୍ରଜ୍ଞାବାଣୀ ଅନୁଧ୍ୟାନଯୋଗ୍ୟ । ସେ ଦେବତା ନୁହନ୍ତି, ଦାନବ

ନୁହନ୍ତି, ଦେବଦୂତ ବି ନୁହନ୍ତି । ସେ କେବଳ ଜଣେ ଦୃଢ଼ଚିତ୍ତ ପ୍ରାଜ୍ଞ ବ୍ୟକ୍ତି—ଯାହାଙ୍କ ମସ୍ତିଷ୍କର ପ୍ରତିଟି କୋଷ ନିଖୁଣ, ପରିପୁଷ୍ଟ ଏବଂ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସତେଜ ଓ କ୍ରିୟାଶୀଳ । ମୋହ ନାହିଁ, ଭ୍ରାନ୍ତି ନାହିଁ—ଏହା ହିଁ ବୁଦ୍ଧଙ୍କ ସ୍ୱରୂପ । ତାଙ୍କର ବହୁ ମତବାଦ ସହ ମୁଁ ଏକମତ ନୁହେଁ, ଆପଣମାନେ ଅନେକେ ହୁଏତ ଏକମତ ହେବେ ନାହିଁ । କିନ୍ତୁ ମୁଁ ଭାବେ—ଆହା, ତାଙ୍କ ମହାଶକ୍ତିର କାଣିଚାଏ ହେଲେ ମୋର ଥାନ୍ତା କି ! ପୃଥିବୀର ଶ୍ରେଷ୍ଠ ପ୍ରାଜ୍ଞବାନ୍ ଦାର୍ଶନିକ ସେ । ପ୍ରବଳ ବ୍ରାହ୍ମଣ୍ୟ-ଶକ୍ତିର ଅତ୍ୟାଚାର ନିକଟରେ ସେ କେବେହେଲେ ମୁଣ୍ଡ ନୁଆଇଁ ନାହାନ୍ତି । ସର୍ବଦା ସହଜ ଓ ଋଜୁ—ଏହା ହିଁ ତାଙ୍କର ପ୍ରକୃତି ଥିଲା । ଦୁଃଖୀର ଦୁଃଖରେ ସେ ଦୁଃଖୀ, ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ମୁକ୍ତ-ହସ୍ତ । ପୁଣି ସଙ୍ଗୀତ-ସମ୍ପର୍କରେ ସେ ମହାସଙ୍ଗୀତଜ୍ଞ । ଶକ୍ତିମାନ୍‌ଗଣଙ୍କ ମଧ୍ୟରେ ସେ ମହାଶକ୍ତିମାନ୍ । କିନ୍ତୁ ସର୍ବଦା ସେ ଜଣେ ପ୍ରାଜ୍ଞ ମନୀଷୀ, ସମର୍ଥ ଶକ୍ତିମାନ୍ ପୁରୁଷ ।

କିନ୍ତୁ ଏସବୁ ସତ୍ତ୍ୱେ ତାଙ୍କ ମତବାଦର ସବୁକିଛି ମୋର ବୋଧଗମ୍ୟ ନୁହେଁ । ଆପଣମାନେ ଜାଣନ୍ତି—ହିନ୍ଦୁ ମତରେ ମଣିଷ ଭିତରେ ଯେଉଁ ଆତ୍ମା ବିରାଜମାନ କରନ୍ତି, ସେହି ଆତ୍ମାଙ୍କୁ ସେ ସ୍ୱୀକାର କରନ୍ତି ନାହିଁ । ଆମେ ହିନ୍ଦୁମାନେ ଏକଥା ବିଶ୍ୱାସ କରୁ ଯେ, ମଣିଷ ମଧ୍ୟରେ ଏକ ଶାଶ୍ୱତ ପଦାର୍ଥ ରହିଛି—ଯାହା ଅପରିବର୍ତ୍ତନୀୟ, ଯାହା ଅନନ୍ତକାଳ ସ୍ଥାୟୀ । ସେହି ପଦାର୍ଥ ହିଁ ଆତ୍ମା । ତାଙ୍କର ଆଦି ନାହିଁ, ଅନ୍ତ ନାହିଁ—ସେ ବ୍ରହ୍ମ । କିନ୍ତୁ ବୁଦ୍ଧଦେବ ଏହି ଆତ୍ମା ଓ ବ୍ରହ୍ମ—ଉଭୟଙ୍କୁ ଅସ୍ୱୀକାର କରିଛନ୍ତି । ସେ କହୁଥିଲେ—କୌଣସି ବସ୍ତୁର ଚିରସ୍ଥାୟିତ୍ୱର କୌଣସି ପ୍ରମାଣ ନାହିଁ ।···ସବୁକିଛି ନିତ୍ୟ ପରିବର୍ତ୍ତନର ସମଷ୍ଟି । ମାତ୍ର ନିତ୍ୟ ପରିବର୍ତ୍ତନଶୀଳ ଯେଉଁ ଚିନ୍ତାସ୍ରୋତ—ତା'ର ସମଷ୍ଟିକୁ 'ମନ' କୁହାଯାଏ । ଏକ ଘୂର୍ଣ୍ଣାୟମାନ ମଶାଲ ଯେପରି ଏକ ଶୋଭାଯାତ୍ରା ପରିଚାଳନା କରୁଛି, କିନ୍ତୁ ଏହି 'ଅଲାତଚକ୍ର'ଟି ମାୟା । ଅଥବା ଗୋଟିଏ ନଦୀର ଉପମା ଦିଆଯାଇପାରେ—ଗୋଟିଏ ନଦୀ ଯେପରି ଅବିରାମ ପ୍ରବାହରେ ଗତିଶୀଳ, ପ୍ରତି ମୁହୂର୍ତ୍ତରେ ତା' ମଧ୍ୟକୁ ନୂତନ ଜଳରାଶି ଆସୁଛି ଏବଂ ଚାଲିଯାଉଛି—ଜୀବନ ମଧ୍ୟ ଠିକ୍ ସେହିପରି; ଦେହ ଓ ମନ ମଧ୍ୟ ସେହିପରି ।

କିନ୍ତୁ ମୁଁ ତାଙ୍କ ମତବାଦକୁ ଠିକ୍‌ରୂପେ ବୁଝିପାରେ ନାହିଁ, ହିନ୍ଦୁମାନେ ମଧ୍ୟ କେବେ ହେଲେ ବୁଝିପାରି ନାହାନ୍ତି । ତେବେ ତାଙ୍କ ମତବାଦର ନିଗୂଢ଼ ଉଦ୍ଦେଶ୍ୟଟିକୁ ମୁଁ ବୁଝିପାରେ । ଆହା, ତାହା ଏକ ମହାନ୍ ଉଦ୍ଦେଶ୍ୟ—ବିରାଟ ଉଦ୍ଦେଶ୍ୟ ! ବୁଦ୍ଧଦେବ କହୁଥିଲେ—ଜଗତରେ ସ୍ୱାର୍ଥପରତା ହିଁ ପ୍ରଚଣ୍ଡ ଅଭିଶାପ । ଆମେ ସ୍ୱାର୍ଥପର, ସେଥିପାଇଁ ଆମେ ଅଭିଶପ୍ତ । ସ୍ୱାର୍ଥପରତାର କୁ-ଉଦ୍ଦେଶ୍ୟ ପରିହାର କରିବା କର୍ତ୍ତବ୍ୟ । ଏକ ଘଟଣାପ୍ରବାହ ପରି ଜୀବନ ବହି ଚାଲିଛି । ନଦୀର ପ୍ରବାହ ସଙ୍ଗେ ତା'ର ତୁଳନା ହୋଇପାରେ । ଈଶ୍ୱର ନୁହନ୍ତି, ଆତ୍ମା ନୁହେଁ, ଆତ୍ମଶକ୍ତିରେ ବିଶ୍ୱାସ ରଖି ନିଜ ନିଜ ଗୋଡ଼ରେ ଛିଡ଼ା ହୁଅ । ସତ୍‌କାର୍ଯ୍ୟ ପାଇଁ ସତ୍‌କାର୍ଯ୍ୟର ଅନୁଷ୍ଠାନ କର—ଶାସ୍ତି-ଭୟରେ ନୁହେଁ କି କୌଣସି ଆକାଙ୍‌କ୍ଷିତ ଲୋକକୁ ଯିବାର ଉଦ୍ଦେଶ୍ୟ ରଖି ନୁହେଁ ।

ସୁବୁଦ୍ଧି ନେଇ ଛିଡ଼ା ହୁଅ, ମତଲବ ଛାଡ଼ି ଛିଡ଼ା ହୁଅ । ସତ୍‌କାର୍ଯ୍ୟ ସତ୍ ବୋଲି ମୁଁ

ତାହା କରିବ, ଅନ୍ୟ କୌଣସି ଉଦ୍ଦେଶ୍ୟରେ ନୁହେଁ—ଏହା ହିଁ ହେବ ଉଦ୍ଦେଶ୍ୟ । କି ଅଦ୍ଭୁତ କି ବିଚିତ୍ର ଏହି ମତବାଦ ! ମୁଁ ତାଙ୍କର ଦାର୍ଶନିକ ତତ୍ତ୍ୱଗୁଡ଼ିକ ସହ କୌଣସି ସମୟରେ ଏକମତ ନୁହେଁ ବୋଲି ପୂର୍ବରୁ କହିଛି; କିନ୍ତୁ ତାଙ୍କର ନୈତିକ ପ୍ରଭାବ ମୋତେ ଯେପରି ଉଦ୍ବୋଧିତ କରିଥାଏ । ଆପଣମାନେ ପ୍ରତ୍ୟେକେ ନିଜ ନିଜର ଅନ୍ତରରେ ପ୍ରବିଷ୍ଟ ହୋଇ ପ୍ରଶ୍ନ କରନ୍ତୁ, ଦେଖନ୍ତୁ ତାଙ୍କ ପରି ନିର୍ଭୀକତା ଓ ଶକ୍ତି ନେଇ—ନିଜ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ଘଣ୍ଟାଟିଏ ରହିପାରିବେ କି ନାହିଁ । ମୁଁ ତ ପାଞ୍ଚ ମିନିଟ ଭିତରେ ଡରିଯାଏ, ଗୋଟିଏ ଅବଲମ୍ବନ ଯେପରି ମୋ ପାଇଁ ଅପରିହାର୍ଯ୍ୟ ହୋଇପଡ଼େ । ସେତେବେଳେ ମୁଁ ବୁଝିପାରେ—ମୁଁ କେତେ ଭୀରୁ, କେତେ ଦୁର୍ବଳ, ଓ ସଙ୍ଗେ ସଙ୍ଗେ ଏହି ବିରାଟ ମହାମାନବଙ୍କ କଥା ଚିନ୍ତାକରି ମୁଁ ଉଦ୍ଦୀପ୍ତ ହୋଇଉଠେ । ତାଙ୍କର ଯେଉଁ ପ୍ରଚଣ୍ଡ ମହାଶକ୍ତି, ତା'ର ପାଖାପାଖି ଯିବା ମଧ୍ୟ ଆମମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ସେପରି ଶକ୍ତି-ପ୍ରକାଶ ଇତିପୂର୍ବରୁ ଏ ଜଗତ କେବେହେଲେ ପ୍ରତ୍ୟକ୍ଷ କରି ନ ଥିଲା । ମୁଁ ନିଜେ ମଧ୍ୟ ଏପରି ଶକ୍ତି ଏପର୍ଯ୍ୟନ୍ତ କେଉଁଠାରେ ଦେଖି ନାହିଁ ।

ବସ୍ତୁତଃ ଆମେ ତ ଧର୍ମଭୀରୁ । ନିଜକୁ ବଞ୍ଚାଇବା ପାଇଁ ଆମେ ସର୍ବଦା ସଚେଷ୍ଟ ଓ ସେତିକି ହୋଇଗଲେ ଆମେ ତୃପ୍ତ ହୋଇଯାଉ । ପ୍ରଚଣ୍ଡ ଲୋଭ ଓ ନିଗୂଢ଼ ସ୍ୱାର୍ଥପରତା ସଦାସର୍ବଦା ଆମ ଭିତରେ କାର୍ଯ୍ୟ କରୁଛି, ଓ ସେଥିପାଇଁ ଆମ ଭୀରୁତାର ଅନ୍ତ ନାହିଁ, ଭୟର ସୀମା ନାହିଁ । ଅଥଚ ଏହାରି ମଧ୍ୟରେ ଠିଆ ହୋଇ ତାଙ୍କର ଏହି ଘୋଷଣା—'ସତ୍ ବୋଲି ସତ୍କାର୍ଯ୍ୟର ଅନୁଷ୍ଠାନ କର । କୌଣସି ପ୍ରଶ୍ନ ଉତ୍ଥାପନ କର ନାହିଁ, କାରଣ ସେସବୁ ନିରର୍ଥକ ।' ଗଳ୍ପ-ଉପାଖ୍ୟାନରେ, ସମ୍ଭାବ-ସହାୟତାରେ ମଣିଷକୁ ସତ୍କାର୍ଯ୍ୟରେ ପ୍ରଣୋଦିତ କରାଯାଇଥାଏ । ତଥାପି ସୁଯୋଗ ପାଇଲେ ସେ ଅସତ୍ କାର୍ଯ୍ୟରେ ଲିପ୍ତ ହୁଏ । କେବଳ ସତ୍କର୍ମ ପାଇଁ ଯେଉଁ ବ୍ୟକ୍ତି ସତ୍କର୍ମର ଅନୁଷ୍ଠାନ କରିଥାଏ, ସେ ହିଁ ଯଥାର୍ଥରେ ମହାନ୍ । ତା'ଚରିତ୍ରର ଯଥାର୍ଥ ପରିଚୟ ତା'ର କାର୍ଯ୍ୟରୁ ହିଁ ଜାଣିହୁଏ ।···

ଥରେ ବୁଦ୍ଧଙ୍କୁ ପଚରାଯାଇଥିଲା, 'ମୃତ୍ୟୁପରେ, ମଣିଷର ଅବଶିଷ୍ଟ କିଅଣ ରହେ ?' ଉତ୍ତରରେ ସେ କହିଥିଲେ, 'ସବୁ ରହେ, ସବୁକିଛି ରହେ ।' କିନ୍ତୁ ମଣିଷ ମଧ୍ୟରେ ଅକ୍ଷୟ ପଦାର୍ଥଟି କିଅଣ ? ତା'ର ଚରିତ୍ର—ତା'ର ଦେହ ନୁହେଁ, ଆତ୍ମା ନୁହେଁ କି ଅନ୍ୟ କିଛି ନୁହେଁ । ସେହି ଚରିତ୍ର ହିଁ କାଳଜୟୀ ହୋଇ ବଞ୍ଚିରହେ । ଯେଉଁମାନେ ଚାଲିଗଲେଣି, ସେମାନେ କେବଳ ତାଙ୍କ ଚରିତ୍ରରୂପକ ମହାସମ୍ପଦକୁ ଆମ ପାଇଁ, ସମଗ୍ର ମାନବଜାତି ପାଇଁ ରଖିଯାଇଛନ୍ତି । ଯୁଗ ଯୁଗ ଧରି ସେହି ଚରିତ୍ରର ପ୍ରଭାବ କାର୍ଯ୍ୟ କରି ଚାଲିଛି ।

ବୁଦ୍ଧଙ୍କ କଥା କହନ୍ତୁ କି ଯୀଶୁଖ୍ରୀଷ୍ଟଙ୍କ କଥା କହନ୍ତୁ···ଏହି ଜଗତ ସେମାନଙ୍କ ଚରିତ୍ରର ମହିମାରେ ଉଦ୍ଭାସିତ । ମହାଶକ୍ତି-ସମନ୍ୱିତ ଏହି ମତବାଦ । ସେ ଯାହା ହେଉ ନା କାହିଁକି, ଏବେ ଆସନ୍ତୁ ଆମେ ପୁଣି ମୂଳ ପ୍ରସଙ୍ଗକୁ ଫେରିଯିବା, କାରଣ ସେ-ପ୍ରସଙ୍ଗରେ ଏବେ ବି ଆମେ ପହଞ୍ଚି ନାହୁଁ । (ସମସ୍ତଙ୍କର ହାସ୍ୟ) । ସୁତରାଂ ଆଜି ସନ୍ଧ୍ୟାରେ ଆଉ ଦୁଇ ଗୋଟିଏ କଥା ମୁଁ କହିବି ।···ବୁଦ୍ଧଦେବଙ୍କ ସମ୍ବନ୍ଧରେ ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ବିଷୟ

ହେଉଛି ତାଙ୍କର କର୍ମପନ୍ଥା, ତାଙ୍କର ସଙ୍ଗଠନ । ଆଜି ଗୀର୍ଜା ସମ୍ବନ୍ଧରେ, ଧର୍ମସଂସ୍ଥା ସମ୍ବନ୍ଧରେ ଆପଣମାନଙ୍କର ଯେଉଁ ମତ ଓ ଧାରଣା ଗଢ଼ିଉଠିଛି—ତାହା ମଧ୍ୟ ତାଙ୍କର ଠାରରୁ । ସେ ସାଧାରଣ ଧର୍ମସଂସ୍ଥା ପରିତ୍ୟାଗ କରି ନିଜ ସନ୍ନ୍ୟାସୀ ଶିଷ୍ୟମାନଙ୍କୁ ଏକତ୍ରିତ କରି ଗୋଟିଏ ନୂତନ ସଂଘ ଗଠନ କରିଥିଲେ । ସେହି ସଂଘରେ—ଖ୍ରୀଷ୍ଟଜନ୍ମର ପାଖାପାଖି ପାଞ୍ଚଶହ ବର୍ଷ ପୂର୍ବେ ଭୋଟ ଦ୍ୱାରା ମତାମତ ଦେବାର ପ୍ରଥା ମଧ୍ୟ ଗୃହୀତ ହୋଇଥିଲା ଏବଂ ତାଙ୍କର ସଙ୍ଗଠନ ମଧ୍ୟ ସର୍ବାଂଶରେ ତ୍ରୁଟିଶୂନ୍ୟ ଥିଲା । ଫଳରେ ଏହି ନୂତନ ଧର୍ମସଂଘ ଖୁବ୍ ଶକ୍ତିଶାଳୀ ହୋଇଥିଲା ଏବଂ ଭାରତବର୍ଷରେ ଓ ଭାରତ ବାହାରେ ପ୍ରଭୂତ ସେବାମୂଳକ କାର୍ଯ୍ୟ କରିଥିଲା ।

ଏହାର ତିନିଶହ ବର୍ଷ ପରେ ଅର୍ଥାତ୍ ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଦୁଇଶହ ବର୍ଷ ପୂର୍ବେ ମହାନ୍ ସମ୍ରାଟ ଅଶୋକଙ୍କର ଆବିର୍ଭାବ ହୋଇଥିଲା । ପାଶ୍ଚାତ୍ୟ ଦେଶର ଐତିହାସିକଗଣ ତାଙ୍କୁ 'ଦେବୋପମ ସମ୍ରାଟ' ରୂପେ ଆଖ୍ୟାୟିତ କରିଥିଲେ । ସେ ସମ୍ପୂର୍ଣ୍ଣ ରୂପରେ ବୁଦ୍ଧଙ୍କ ମତବାଦ ଗ୍ରହଣ କରିଥିଲେ । ସେହି କାଳରେ ସମଗ୍ର ପୃଥିବୀରେ ସେ ହିଁ ଥିଲେ ସର୍ବଶ୍ରେଷ୍ଠ ସମ୍ରାଟ । ତାଙ୍କର ପିତାମହ ଆଲେକ୍‌ଜାଣ୍ଡରଙ୍କ ସମସାମୟିକ ଥିଲେ ଓ ସେହି ସମୟରୁ ଭାରତବର୍ଷ ସହିତ ଗ୍ରୀସ୍‌ର ଏକ ଘନିଷ୍ଠ ଯୋଗାଯୋଗ ସ୍ଥାପିତ ହୋଇଥିଲା ।

ଅଧୁନା ପ୍ରାୟ ପ୍ରତିଦିନ ମଧ୍ୟ-ଏସିଆରେ କୌଣସି ଶିଳାଲିପି ବା ଏହି ଜାତୀୟ କିଛି ଆବିଷ୍କୃତ ହେଉଛି । ଭାରତବର୍ଷ ତ ବୁଦ୍ଧ ବା ଅଶୋକଙ୍କ କଥା ଭୁଲିଯାଇଥିଲେ । ଅଥଚ ଏଠାରେ ସ୍ତମ୍ଭଗାତ୍ରରେ ବା ଶିଳାଖଣ୍ଡରେ ଯେଉଁ ବାଣୀସବୁ ଖୋଦିତ ହୋଇଥିଲା, ସେ-ସବୁର ପାଠୋଦ୍ଧାର କରିବାକୁ କେହି ସକ୍ଷମ ନ ଥିଲେ ।···ପ୍ରାଚୀନ ମୋଗଲ ସମ୍ରାଟମାନଙ୍କ ମଧ୍ୟରୁ କେହି କେହି ଲକ୍ଷ ଲକ୍ଷ ମୁଦ୍ରା ପାରିତୋଷିକ ଘୋଷଣା କରି ମଧ୍ୟ ସେଗୁଡ଼ିକର ପାଠୋଦ୍ଧାର କରିବାକୁ ସକ୍ଷମ ହୋଇ ନ ଥିଲେ ।

କିନ୍ତୁ ଗତ ତିରିଶ ବର୍ଷ ମଧ୍ୟରେ ସେସବୁର ପାଠୋଦ୍ଧାର କରିବା ସମ୍ଭବପର ହୋଇଛି । ସେସବୁ ବାଣୀ ପାଳିଭାଷାରେ ଲିଖିତ ।

ପ୍ରଥମ ଶିଳାଲିପିଟି ଏହିପରି : "···

ଏହାପରେ ଯୁଦ୍ଧର ଭୟାବହତା ଏବଂ କରୁଣ ଦୁଃଖକାହାଣୀ ବିସ୍ତାରିତ ଭାବରେ ଲିପିବଦ୍ଧ ହୋଇଛି । ଏହାପରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଶିଳାଲିପିରେ ଅଶୋକ ଲେଖିଥିଲେ : 'ଅତଃପର ମୋର ବଂଶଧରମାନଙ୍କ ମଧ୍ୟରୁ କେହି ଯେପରି ଅନ୍ୟ କୌଣସି ଜାତିକୁ ଯୁଦ୍ଧରେ ଜୟ କରି ଯଶଲାଭ ପାଇଁ ପ୍ରୟାସୀ ନ ହୁଅନ୍ତି । ଯଦି ସେମାନେ ଯଶସ୍ୱୀ ହେବାକୁ ଚାହାଁନ୍ତି, ତେବେ ଅନ୍ୟ ଜାତିକୁ ସାହାଯ୍ୟ କରି ସେମାନେ ଯେପରି ଯଶ ଅର୍ଜନ କରନ୍ତି । ଜ୍ଞାନବିଜ୍ଞାନରେ ଯେଉଁମାନେ ଶିକ୍ଷକ ଓ ଆଚାର୍ଯ୍ୟ, ସେମାନଙ୍କୁ ଯେପରି ବିଭିନ୍ନ ଦେଶକୁ ପ୍ରେରଣ କରାଯାଏ । ତରବାରି ସାହାଯ୍ୟରେ ଯେଉଁ ଯଶ ଅର୍ଜନ କରାଯାଏ, ତାହା ପ୍ରକୃତ ଯଶ ନୁହେଁ ।'

ଏହାପରେ ଦେଖାଯାଏ—ଅଶୋକ କିଭଳି ବିଭିନ୍ନ ଦେଶରେ, ଏପରିକି ସୁଦୂର

ଆଲେକ୍‌ଜାଣ୍ଡ୍ରିଆ ପର୍ଯ୍ୟନ୍ତ ଧର୍ମ-ପ୍ରଚାରକମାନଙ୍କୁ ପ୍ରେରଣ କରିଥିଲେ । ଆହୁରି ବିସ୍ମୟକର କଥା ଏହି ଯେ, ଏହିସବୁ ଅଞ୍ଚଳରେ ବିଭିନ୍ନ ସଂପ୍ରଦାୟର ଉଦ୍ଭବ ହୋଇଥିଲା—ଯେଉଁମାନେ କି ଥେରାପୁତ୍, ଏସିନ ପ୍ରଭୃତି ନାମରେ ଖ୍ୟାତ । ଏହିସବୁ ସଂପ୍ରଦାୟ କଠୋର ନିରାମିଷାଶୀ ।

ମହାମତି ସମ୍ରାଟ ଅଶୋକ କେବଳ ମଣିଷମାନଙ୍କ ପାଇଁ ନୁହେଁ, ପଶୁମାନଙ୍କ ପାଇଁ ମଧ୍ୟ ଚିକିତ୍ସାଳୟ ସ୍ଥାପନ କରିଥିଲେ । ନାନା ଶିଳାଲିପିରେ ଏହିସବୁ ଚିକିତ୍ସାଳୟ ସ୍ଥାପନ ନିମିତ୍ତ ନିର୍ଦ୍ଦେଶ ଥିବାର ଲକ୍ଷ୍ୟ କରାଯାଏ । ଯେତେବେଳେ କୌଣସି ଗୃହପାଳିତ ପଶୁ ବୃଦ୍ଧ ଓ ଅକର୍ମଣ୍ୟ ହୋଇଯିବ ଏବଂ ତା'ର ମୁନିବ ଦାରିଦ୍ର୍ୟବଶତଃ ତାକୁ ଆଉ ପ୍ରତିପାଳିତ କରିବାକୁ ସମର୍ଥ ହେବ ନାହିଁ, ସେତେବେଳେ ତାକୁ ହସ୍‌ପିଟାଲକୁ ପଠାଇ ଦିଆଯିବ, ଦୟାପରବଶ ହୋଇ ହତ୍ୟା କରିବ ନାହିଁ । ସେହିସବୁ ଚିକିତ୍ସାଳୟ ଜନସାଧାରଣଙ୍କର ଅର୍ଥରେ ପରିଚାଳିତ ହେଉଥିଲା । ବହିର୍ବାଣିଜ୍ୟ କରୁଥିବା ବ୍ୟବସାୟୀଗଣ କିଣାଯିବା ବସ୍ତୁ ଉପରେ ଯେଉଁ ଶୁଳ୍କ ଦେଉଥିଲେ ତାହା ଏହି ଚିକିତ୍ସାଳୟ ପାଇଁ ବ୍ୟୟିତ ହେଉଥିଲା । ଫଳରେ କାହା ଉପରେ କୌଣସି ଚାପ ଦିଆଯାଇ ନ ଥିଲା, ଅଥଚ ସମସ୍ତଙ୍କ ପାଇଁ ସୁବ୍ୟବସ୍ଥା କରାଯାଇଥିଲା । ତୁମର ପାଳିତ ଗାଈଟି ବୁଢ଼ୀ ହୋଇଛି, ତୁମେ ଆଉ ତାକୁ ରଖିବାକୁ ଚାହୁଁ ନାହଁ, ତା'ହେଲେ ତାକୁ ପଶୁଚିକିତ୍ସାଳୟକୁ ପଠାଇଦିଅ, ସେମାନେ ତାକୁ ରଖିବେ । ଏପରିକି ବିରାଡ଼ି, ମୂଷା ପ୍ରଭୃତି ନିମ୍ନସ୍ତରର ପ୍ରାଣୀମାନଙ୍କୁ ରକ୍ଷିବା ପାଇଁ ମଧ୍ୟ ସେଠାରେ ବ୍ୟବସ୍ଥା ଥିଲା । ଏହି ପ୍ରକାର ପ୍ରାଣୀମାନଙ୍କୁ ଆମର ସ୍ତ୍ରୀଲୋକମାନେ ମାରିଦେବାକୁ ଚେଷ୍ଟା କରୁଥିଲେ, ସେମାନେ ବେଳେ ବେଳେ ଦଳବଦ୍ଧ ହୋଇ ନାନା ବିଷାକ୍ତ ପଦାର୍ଥ ନେଇ-ଯାଉଥିଲେ ଏବଂ ତାହାକୁ ଖାଇବାକୁ ଦେଇ ବହୁ ପ୍ରାଣୀଙ୍କୁ ମାରିପକାଉଥିଲେ ।

କିନ୍ତୁ ଅଶୋକଙ୍କ ମତରେ—ମଣିଷର ଜୀବନ ରକ୍ଷା କରିବା ଯେପରି ସରକାରଙ୍କର କର୍ତ୍ତବ୍ୟ, ପ୍ରାଣୀମାନଙ୍କର ଜୀବନ ରକ୍ଷା କରିବା ମଧ୍ୟ ସେହିପରି ସରକାରଙ୍କର କର୍ତ୍ତବ୍ୟ ହେବା ବିଧେୟ । ପ୍ରାଣୀହତ୍ୟା କରାଯିବ କାହିଁକି ? କେଉଁ ଯୁକ୍ତିରେ ? ଏହା ପଛରେ କୌଣସି ସଙ୍ଗତ ଯୁକ୍ତି ନାହିଁ । ତେବେ ମଣିଷର ଆହାର ପାଇଁ ବ୍ୟବହୃତ ହେଉଥିବା ପଶୁମାନଙ୍କର ବଧ ନିଷିଦ୍ଧ କରିବା ପୂର୍ବରୁ ସବୁ ପ୍ରକାର ପନିପରିବାର ବ୍ୟବସ୍ଥା କରାଇବାକୁ ହେବ । ସେଥିପାଇଁ ନାନା ଦେଶରୁ ବିଭିନ୍ନ ପନିପରିବାର ମଞ୍ଜି ସଂଗ୍ରହ କରି ସେ ଦେଶ ସାରା ଲଗାଇଥିଲେ ଏବଂ ସେଗୁଡ଼ିକ ଆହାର-ଉପଯୋଗୀ ହେବା ସଙ୍ଗେ ସଙ୍ଗେ ଆଦେଶନାମା ଜାରି କରିଥିଲେ ଯେ—ପ୍ରାଣୀହତ୍ୟା ମାତ୍ରକେ ଦଣ୍ଡନୀୟ ଅପରାଧ ବୋଲି ଗଣ୍ୟ ହେବ । ଯେକୌଣସି ଯୋଗ୍ୟ ସରକାର ପକ୍ଷରେ ପ୍ରାଣୀମାନଙ୍କୁ ରକ୍ଷା କରିବା ଅବଶ୍ୟ-କର୍ତ୍ତବ୍ୟ ରୂପେ ଗଣ୍ୟ ହେବା ଉଚିତ । ମଣିଷର ନିଜ ଆହାର ପାଇଁ ଗୋ, ଛାଗ ଆଦି ପ୍ରାଣୀଙ୍କୁ ହତ୍ୟା କରିବାର କି ଅଧିକାର ଅଛି ?

ଏହି ଭାବରେ ବୌଦ୍ଧଧର୍ମ ରାଜନୀତି-କ୍ଷେତ୍ରରେ ମଧ୍ୟ ଅସାଧାରଣ ପ୍ରଭାବ ଓ କ୍ଷମତା ବିସ୍ତାର କରିଥିଲା । କାଳକ୍ରମେ ଧର୍ମ-ପ୍ରଚାରକମାନଙ୍କର ବହୁ ଅବସାନ ସଙ୍ଗେ ସଙ୍ଗେ ସେହି ଧର୍ମ ବିପର୍ଯ୍ୟସ୍ତ ହୋଇଥିଲା । ତେବେ ସେମାନଙ୍କ କୃତିତ୍ୱର ପରିଚାୟକ ରୂପେ ଏକଥା ଅବଶ୍ୟ

ସ୍ୱୀକାର କରିବାକୁ ହେବ ଯେ, ଧର୍ମପ୍ରଚାର ଉଦ୍ଦେଶ୍ୟରେ ସେମାନେ କେବେହେଲେ ତରବାରିର ସାହାଯ୍ୟ ନେଇ ନାହାନ୍ତି, ଏବଂ ସେଥି ସଙ୍ଗେ ସଙ୍ଗେ ଏକଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ, କେବଳ ବୌଦ୍ଧଧର୍ମ ଭିନ୍ନ ଜଗତର ଅନ୍ୟ କୌଣସି ଧର୍ମ ବିନା ରକ୍ତପାତରେ ପାଦଟିଏ ଅଗ୍ରସର ହେବାକୁ ସକ୍ଷମ ହୋଇ ନାହିଁ । କେବଳ ମାନସିକ ଶକ୍ତିର ସାହାଯ୍ୟରେ ହଜାର ହଜାର ନରନାରୀଙ୍କୁ ଧର୍ମାନ୍ତର ଗ୍ରହଣ କରାଇବା—ଅନ୍ୟ କୌଣସି ଧର୍ମ ପକ୍ଷରେ ସମ୍ଭବ ହୋଇ ନାହିଁ । ନା, କେଉଁଠାରେ ହୋଇ ନାହିଁ, କୌଣସି ଯୁଗରେ ହୋଇ ନାହିଁ ।

କିନ୍ତୁ ଆପଣମାନେ କଅଣ ଠିକ୍ ଏହା ହିଁ କରିବାକୁ ଯାଉଛନ୍ତି ଫିଲିପାଇନ୍ ଦ୍ୱୀପ-ପୁଞ୍ଜରେ । ତରବାରି ଦ୍ୱାରା ଧର୍ମଶିକ୍ଷା ଦେବା ହେଉଛି ଆପଣଙ୍କର ପ୍ରଣାଳୀ ! ଏହା ହିଁ ତ ଧର୍ମଯାଜକଗଣ ପ୍ରଚାର କରିଥାଆନ୍ତି । ବଳପ୍ରୟୋଗ ଦ୍ୱାରା ଜୟ କରି, ହତ୍ୟା କରି ଧର୍ମଶିକ୍ଷା ଦେବା ! ଧର୍ମଶିକ୍ଷାର ଏହା କି ବିଚିତ୍ର ପ୍ରଣାଳୀ !

ଆପଣମାନେ ଜାଣନ୍ତି—କିଭଳି ମହାମତି ସମ୍ରାଟ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଯୌବନରେ ସେ ଖୁବ୍ ସତ୍ ପ୍ରକୃତିର ନ ଥିଲେ । ତାଙ୍କର ଜଣେ ଭାଇ ଥିଲେ । ଦୁଇ ଭାଇଙ୍କ ମଧ୍ୟରେ ଥରେ ପ୍ରଚଣ୍ଡ କଳହ ଲାଗିଲା । ଅଶୋକ ସେହି କଳହରେ ପରାଜିତ ହୋଇଥିଲେ । ସେହି ପ୍ରତିହିଂସାରେ ଅଶୋକ ନିଜ ଭାଇଙ୍କୁ ହତ୍ୟା କରିବାର ସଂକଳ୍ପ କରିଥିଲେ । ତାଙ୍କ ଭାଇ ଆତ୍ମରକ୍ଷା ପାଇଁ ଏକ ବୌଦ୍ଧ ବିହାରରେ ଯାଇ ଆଶ୍ରୟ ନେଇଥିଲେ । ଏହି ଖବର ପାଇ ଅଶୋକ ସେଠାକୁ ଗଲେ ଓ ତାଙ୍କ ଭାଇଙ୍କୁ ତାଙ୍କ ହାତରେ ସମର୍ପଣ କରିବାକୁ ଦାବି କଲେ । ସେତେବେଳେ ମଠାଧୀଶ ସନ୍ନ୍ୟାସୀ ତାଙ୍କୁ କହିଥିଲେ, 'ପ୍ରତିହିଂସା ଭଲ ନୁହେଁ ବାବା ! ପ୍ରେମଦ୍ୱାରା କ୍ରୋଧକୁ ଜୟ କର । କ୍ରୋଧ କେବେହେଲେ କ୍ରୋଧ ଦ୍ୱାରା ଶାନ୍ତ ହୁଏ ନାହିଁ । ଘୃଣା କେବେହେଲେ ଘୃଣାଦ୍ୱାରା ଦୂରୀଭୂତ ହୁଏ ନାହିଁ । ପ୍ରେମଦ୍ୱାରା କ୍ରୋଧକୁ ଜୟ କର, ହିଂସାକୁ ଜୟ କର । ହେ ବନ୍ଧୁ, ଗୋଟିଏ ଅନ୍ୟାୟ ପରିବର୍ତ୍ତେ ତୁମେ ଯଦି ଆଉ ଏକ ଅନ୍ୟାୟ କାର୍ଯ୍ୟ କରି ବସ, ତା'ହେଲେ ତାହାଦ୍ୱାରା ପ୍ରଥମ ଅନ୍ୟାୟର ପ୍ରତିକାର ତ ହେବ ନାହିଁ, ବରଂ ତାହାଦ୍ୱାରା ସଂସାରରେ ଆଉ ଏକ ନୂତନ ଅନ୍ୟାୟ ସାଧିତ ହେବ ।' ଏହାର ଉତ୍ତରରେ ସମ୍ରାଟ କହିଲେ, 'ଠିକ୍ କଥା, ଠିକ୍ କଥା । କିନ୍ତୁ ତୁମେ ଗୋଟିଏ ମୂର୍ଖ ! ଏହି ବ୍ୟକ୍ତିର ଜୀବନରକ୍ଷା ପାଇଁ ତୁମେ ତୁମ ନିଜ ଜୀବନକୁ ବିସର୍ଜନ କରିବାକୁ ପ୍ରସ୍ତୁତ ଅଛ କି ?'

'ହଁ, ମୁଁ ପ୍ରସ୍ତୁତ ଅଛି ସମ୍ରାଟ ।' ଏହା କହିବା ସଙ୍ଗେ ସଙ୍ଗେ ସେହି ସନ୍ନ୍ୟାସୀ ସମ୍ରାଟଙ୍କ ସମ୍ମୁଖକୁ ଆସି ସିଧା ହୋଇ ଛିଡ଼ା ହେଲେ ଓ ସମ୍ରାଟ ମଧ୍ୟ ସଙ୍ଗେ ସଙ୍ଗେ ତରବାରିକୁ କୋଷମୁକ୍ତ କରି କହିଲେ—'ତାହାହେଲେ ପ୍ରସ୍ତୁତ ହୁଅ !' କିନ୍ତୁ ତରବାରିରେ ଆଘାତ କରିବାକୁ ଯିବାବେଳେ ହଠାତ୍ ତାଙ୍କର ସେହି ସନ୍ନ୍ୟାସୀଙ୍କ ମୁଖମଣ୍ଡଳରେ ଦୃଷ୍ଟି ପଡ଼ିଲା । ପ୍ରଶାନ୍ତ ସେ ମୁଖମଣ୍ଡଳ, ଆଖିର ପଲକ ମଧ୍ୟ ପଡ଼ୁ ନାହିଁ । ସମ୍ରାଟ ସ୍ତମ୍ଭୀଭୂତ ହୋଇଗଲେ । ପଚାରିଲେ, 'ତୁମେ ଏପରି ସାହସ, ଏପରି ଅବିଚଳିତ ଭାବ କିପରି ଆୟତ୍ତ

କଲ—ଭିକ୍ଷୁକ ସନ୍ନ୍ୟାସୀ ?'

ସେତେବେଳେ ସେହି ସନ୍ନ୍ୟାସୀ ବୁଦ୍ଧଙ୍କ ବାଣୀ ଉଚ୍ଚାରଣ କରିବାକୁ ଲାଗିଲେ ଏବଂ ସମ୍ରାଟ ବିସ୍ମିତ, ମୁଗ୍ଧ ହୋଇ ସେହି ଅମୃତବାଣୀ ଆହୁରି ଶୁଣିବା ପାଇଁ ଅନୁରୋଧ କରିବାକୁ ଲାଗିଲେ । ଏହି ଭାବରେ ବୁଦ୍ଧଙ୍କର ଜୀବନ ଓ ବାଣୀ ନିକଟରେ ଅଶୋକ ଆତ୍ମସମର୍ପଣ କରିଥିଲେ ।

ବୌଦ୍ଧଧର୍ମରେ ତିନୋଟି ଜିନିଷ ଅଛି । ସ୍ୱୟଂ ବୁଦ୍ଧ, ତାଙ୍କର ଧର୍ମ ଓ ସଙ୍ଘ । ପ୍ରଥମେ ସେହି ଧର୍ମ ଅତି ସରଳ ଓ ନିରାଡ଼ମ୍ବର ଥିଲା । ବୁଦ୍ଧଙ୍କ ମୃତ୍ୟୁକାଳରେ ତାଙ୍କର ଶିଷ୍ୟଗଣ ପ୍ରଶ୍ନ କରିଥିଲେ—'ପ୍ରଭୁ, ଆପଣଙ୍କ ସମ୍ବନ୍ଧରେ ଆମର କର୍ତ୍ତବ୍ୟ କଅଣ ? ଆପଣଙ୍କ ସ୍ମୃତିରକ୍ଷା ପାଇଁ କିଭଳି ସ୍ମୃତିସ୍ତମ୍ଭ ଆମେ ନିର୍ମାଣ କରିବୁ ?'

ଉତ୍ତରରେ ସେ କହିଥିଲେ, 'ମୋ ପାଇଁ ତୁମେ କିଛି କରିବା ଦରକାର ନାହିଁ । ଯଦି ଇଚ୍ଛାହୁଏ, ତା'ହେଲେ ମୋ ଚିତାଭସ୍ମ ଉପରେ ଗୋଟିଏ ମାଟିର ସ୍ତୂପ ନିର୍ମାଣ କରିପାର, କିନ୍ତୁ ତାହା ମଧ୍ୟ କରିବାର ଆବଶ୍ୟକତା ନାହିଁ ।' କିନ୍ତୁ କାଳକ୍ରମେ ଅବସ୍ଥାର ପରିବର୍ତ୍ତନ ହେଲା । ବୁଦ୍ଧଙ୍କ ସ୍ମୃତିଚିହ୍ନରୂପରେ ବିଶାଳ ମନ୍ଦିର ଓ ସ୍ତୂପାଦି ନିର୍ମିତ ହେଲା । ବୌଦ୍ଧମାନେ ହିଁ ପ୍ରଥମେ ମୂର୍ତ୍ତିପୂଜାର ପ୍ରଚଳନ କଲେ । ଅଥଚ ତା' ପୂର୍ବରୁ ଲୋକମାନେ ମୂର୍ତ୍ତିପୂଜା କଥା ଜାଣି ନ ଥିଲେ । ବୁଦ୍ଧଦେବଙ୍କର ନାନା ଅବସ୍ଥାର ମୂର୍ତ୍ତି, ଭୋଗ-ନିବେଦନ, ଉପାସନା—ସବୁ କିଛି ପ୍ରବର୍ତ୍ତିତ ହେଲା ଏବଂ ସଙ୍ଘର ପ୍ରସାର ସଙ୍ଗେ ସଙ୍ଗେ ଏସବୁର ଜଟିଳତା ମଧ୍ୟ ବଢ଼ି ବଢ଼ି ଚାଲିଲା । କାଳକ୍ରମେ ବୌଦ୍ଧମଠଗୁଡ଼ିକ ପ୍ରଚୁର ଧନସମ୍ପଦର ଅଧିକାରୀ ହେଲେ, ଏବଂ ଏଥି ସଙ୍ଗେ ସଙ୍ଗେ ପତନର ବୀଜ ମଧ୍ୟ ବୁଣାହେଲା ।

ସନ୍ନ୍ୟାସ ଯଦି ଅଳ୍ପସଂଖ୍ୟକ ଯୋଗ୍ୟ ଅଧିକାରୀଙ୍କ ମଧ୍ୟରେ ସୀମାବଦ୍ଧ ହୋଇ ରହେ, ତା'ହେଲେ ଭଲ; କିନ୍ତୁ ଯେତେବେଳେ ଯେକୌଣସି ପୁରୁଷ ବା ନାରୀ ସାମାନ୍ୟ ଆଗ୍ରହ ବା ଅନୁପ୍ରେରଣାବଶତଃ ସମାଜ ଓ ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବା ଆରମ୍ଭ କରି-ଦିଅନ୍ତି, ତା'ହେଲେ ବିପଦ । ଯେତେବେଳେ ଦେଖାଗଲା ଯେ, ସାରା ଭାରତବର୍ଷରେ ଅନେକ ମଠ ଓ ଆଶ୍ରମ ଗଢ଼ି ଉଠିଛି, ଏବଂ ଗୋଟିଏ ଗୋଟିଏ ମଠ ବା ଆଶ୍ରମରେ ଶତ ସହସ୍ର ସନ୍ନ୍ୟାସୀ ବାସ କରୁଛନ୍ତି, ଏପରିକି କେତେକ କ୍ଷେତ୍ରରେ କୋଡ଼ିଏ ହଜାର ପର୍ଯ୍ୟନ୍ତ ଭିକ୍ଷୁ ଗୋଟିଏ ମଠରେ ବାସ କରୁଛନ୍ତି—ବିରାଟ ବିଶାଳ କୋଠାଘର, ଅବଶ୍ୟ ଜ୍ଞାନଚର୍ଚ୍ଚାର କେନ୍ଦ୍ରରୂପେ ସେଗୁଡ଼ିକ ପରିଚାଳିତ—ସେତେବେଳେ ଯଥାର୍ଥ ବିପଦର କାଳ—କାରଣ ଜାତୀୟ ଜୀବନସ୍ରୋତ ସେତେବେଳେ ବ୍ୟାହତ ହେଲା । ସନ୍ତୁଷ୍ଟିର ଅଭାବରୁ ହିନ୍ଦୁ ପୁତ୍ର-କନ୍ୟା ଆଉ ସମାଜରେ ସେତେବେଳେ ଯଥେଷ୍ଟ ସଂଖ୍ୟାରେ ଜନ୍ମ ଗ୍ରହଣ କଲେ ନାହିଁ । ସବଳ ଓ ଶକ୍ତିବାନ୍‌ମାନେ ସମାଜର ବାହାରକୁ ଚାଲିଯିବା ଫଳରେ ସମାଜରେ ଦୁର୍ବଳ-ମାନଙ୍କର ସଂଖ୍ୟା ବୃଦ୍ଧି ପାଇଲା । ଫଳରେ ଶକ୍ତି ଓ ବୀର୍ଯ୍ୟର ଅଭାବରୁ ଜାତି କ୍ଷୟିଷ୍ଣୁ ହୋଇଗଲା ।...

ଏଥର ବିରାଟ ବୌଦ୍ଧ ସଙ୍ଘ ସମ୍ପର୍କରେ କିଛି କହିବି । ସେ ସଙ୍ଘ ମହାନ୍; ତେବେ

ଚିନ୍ତା ଏବଂ ମତବାଦ ଗୋଟିଏ କଥା ଏବଂ ବାସ୍ତବତା ଦୃଷ୍ଟିକୋଣରୁ ତା'ର ପ୍ରୟୋଗ ସମ୍ପୂର୍ଣ୍ଣ ଅଲଗା କଥା ।

ଅହିଂସା, ମୈତ୍ରୀ—ତତ୍ତ୍ୱ ହିସାବରେ ଉତ୍ତମ, କିନ୍ତୁ ଆମେ ସମସ୍ତେ ଯଦି ବାସ୍ତବରେ ଅହିଂସ ନୀତି ଅବଲମ୍ବନ କରି କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବା, ତା'ହେଲେ ଏହି ସହରର ଆଉ କିଛି ଅବଶିଷ୍ଟ ରହିବ ନାହିଁ । ଅର୍ଥାତ୍ ତତ୍ତ୍ୱ ହିସାବରେ ଠିକ୍ ହେଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ତା'ର ସାର୍ଥକ ପ୍ରୟୋଗର ପଥ ନିର୍ଦ୍ଧାରଣ କରିବାକୁ କେହି ସକ୍ଷମ ହୋଇନାହାନ୍ତି । ଆଉ ଗୋଟିଏ କଥା । ତାହା ହେଲା ବର୍ଣ୍ଣ-ବୈଷମ୍ୟ ସମ୍ପର୍କରେ । ରକ୍ତର ବିଶୁଦ୍ଧତା ଦୃଷ୍ଟିରୁ ବର୍ଣ୍ଣ-ବୈଷମ୍ୟର କିଛିଟା ଅର୍ଥ ଅଛି । ବଂଶ-ଧର୍ମିତା ଅନସ୍ୱୀକାର୍ଯ୍ୟ । ଏହି ଦୃଷ୍ଟିରୁ ନିଗ୍ରୋ କିମ୍ବା ରେଡ୍‌ଇଣ୍ଡିଆନ୍‌ମାନଙ୍କ ସହ ଆପଣମାନେ ଜାତିକ ରକ୍ତ-ସମ୍ପର୍କ ସ୍ଥାପନ କରିବାକୁ ଚାହିଁ ନାହାନ୍ତି, ତାହା ହିଁ ଏତ ଉପଲବ୍ଧି କରିପାରିବେ । ପ୍ରକୃତି ହିଁ ଏହାର ପ୍ରତିକୂଳ ହୋଇଥାଏ । ପ୍ରକୃତିର ପ୍ରତିବନ୍ଧକତା ହେତୁ ଏଭଳି ରକ୍ତର ସମ୍ମିଶ୍ରଣ ଘଟିପାରେ ନାହିଁ । କୌଣସି ଅଦୃଶ୍ୟ ଶକ୍ତି ଯେପରିକି ଏହିପରି ଭାବରେ ବିଭିନ୍ନ ଜାତିକୁ ରକ୍ଷା କରି ଚାଲିଛି ।...ବସ୍ତୁତଃ ଏହା ହିଁ ଆର୍ଯ୍ୟମାନଙ୍କର ବର୍ଣ୍ଣବିଭାଗ । ତା'ର ଅର୍ଥ ଏହା ନୁହେଁ ଯେ, ନିମ୍ନବର୍ଣ୍ଣର ଲୋକମାନେ ଉଚ୍ଚବର୍ଣ୍ଣର ଲୋକମାନଙ୍କର ସମପର୍ଯ୍ୟାୟର ନୁହନ୍ତି ବା ଉଚ୍ଚବର୍ଣ୍ଣର ଲୋକମାନେ ପାଉଥିବା ସୁବିଧା ସୁଯୋଗ ସେମାନେ ପାଇବେ ନାହିଁ । ତେବେ ଏକଥା ଆମେ ଜାଣୁ ଯେ, ରକ୍ତର ଅବାଧ ମିଶ୍ରଣରେ ଜାତିର ଅବନତି ଘଟେ । ଆର୍ଯ୍ୟ ଏବଂ ଅନାର୍ଯ୍ୟମାନଙ୍କ ମଧ୍ୟରେ ଏପରି କଠୋର ଜାତିଗତ ବୈଷମ୍ୟ ଥିବା ସତ୍ତ୍ୱେ ସେମାନେ ଏହି ବର୍ଣ୍ଣବିଭେଦର ପ୍ରାଚୀରକୁ କେତେକାଂଶରେ ଅପସାରିତ କରିଥିଲେ, ଏବଂ ତା' ଫଳରେ ଏକାଧିକ ବହିରାଗତ ଜାତି ସେମାନଙ୍କର ଅଦ୍ଭୁତ ଆଚାର-ବ୍ୟବହାର ଓ ପୋଷାକ-ପରିଚ୍ଛଦ ନେଇ ଏମାନଙ୍କ ମଧ୍ୟକୁ ପଶି ଆସିଥିଲେ । ଏମାନଙ୍କ ବେଶଭୂଷାରେ ଶାଳୀନତା ନ ଥିଲା, ଏମାନେ ମୃତଦେହର ଗଳିତ ମାଂସ ଭକ୍ଷଣ କରୁଥିଲେ । ତଥାପି ପ୍ରଥମାବସ୍ଥାରେ କିଛିଟା ବାହ୍ୟ ଭବ୍ୟତା ବଜାୟ ରହିଥିଲା, କିନ୍ତୁ କିଛି ବର୍ଷ ମଧ୍ୟରେ ଏମାନଙ୍କର ରକ୍ଷଣଶୀଳତା, କୁସଂସ୍କାର, ନରବଳିପ୍ରଥା, ଗୋଷ୍ଠୀଗତ କଦାଚାର ପ୍ରଭୃତି ଧୀରେ ଧୀରେ ଆସି ମୂଳ ସମାଜ ଭିତରେ ପ୍ରବେଶ କଲା । ପ୍ରଥମାବସ୍ଥାରେ ଏହି ଦୋଷସମୂହ ଅନେକାଂଶରେ ପ୍ରଚ୍ଛନ୍ନ ରହିଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ଏହିସବୁ ଦୋଷ ଅତ୍ୟନ୍ତ ପ୍ରବଳ ଭାବରେ ପ୍ରକଟିତ ହୋଇ ଲାଗିଲା । ତାହାଦ୍ୱାରା ସମଗ୍ର ଜାତି ନିମ୍ନଗାମୀ ହୋଇଗଲା । ଅସବର୍ଣ୍ଣ-ବିବାହ ଦ୍ୱାରା ଉଚ୍ଚ ଏବଂ ନିମ୍ନବର୍ଣ୍ଣ ମଧ୍ୟରେ ରକ୍ତର ସମ୍ମିଶ୍ରଣ ଘଟିଲା ଏବଂ ଜାତି ହୀନବୀର୍ଯ୍ୟ ହୋଇଗଲା ।

ଅବଶ୍ୟ ସୁଦୂର ଭବିଷ୍ୟତରେ ଏହା ଶୁଭ ଫଳପ୍ରସୂ ହୋଇଥାଏ । ଧରନ୍ତୁ ଆପଣମାନେ ଯଦି ନିଗ୍ରୋମାନଙ୍କ ସହ ଅଥବା ରେଡ୍‌ଇଣ୍ଡିଆନ୍‌ମାନଙ୍କ ସହ ରକ୍ତ-ସମ୍ପର୍କ ସ୍ଥାପନ କରନ୍ତି, ତା'ହେଲେ ବର୍ତ୍ତମାନର ସଭ୍ୟତା ନିଃସନ୍ଦେହରେ ନଷ୍ଟ ହୋଇଯିବ । କିନ୍ତୁ ବହୁ ଶତାବ୍ଦୀ ପରେ ଏହି ମିଶ୍ରଣର ଫଳସ୍ୱରୂପ ଏକ ଦୁର୍ଦ୍ଧର୍ଷ ଜାତିର ଉଦ୍ଭବ ହେବ—ଯାହାର ବଳବୀର୍ଯ୍ୟ ଅତୁଳନୀୟ ହେବ । ଏଣୁ ସାମୟିକ ଭାବରେ କ୍ଷତିଗ୍ରସ୍ତ ହେଲେ ମଧ୍ୟ ପରେ ସୁଫଳ

ଲଭ ହେବାର ସମ୍ଭାବନା ଅଛି ।

ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ, ପୃଥିବୀରେ କେବଳ ଗୋଟିଏ ମାତ୍ର ସୁସଭ୍ୟ ଜାତି ଅଛି—ସେହି ଜାତି ଆର୍ଯ୍ୟ ଜାତି । ଏହା ଯେ ଏକ ବିଚିତ୍ର ବିଶ୍ୱାସ, ଏଥିରେ ସନ୍ଦେହ ନାହିଁ । ତଥାପି ଏ ବିଶ୍ୱାସ ବିରୋଧରେ ମୁଁ କିଛି କହିପାରୁ ନାହିଁ, କାରଣ ଏହା ବିପକ୍ଷରେ କୌଣସି ପ୍ରମାଣ ମୁଁ ପାଇ ନାହିଁ । ଏହି ଆର୍ଯ୍ୟଜାତିର ରକ୍ତ-ମିଶ୍ରଣ ନ ହେଲେ ନୂତନ ସଭ୍ୟ ଜାତିର ଉଦ୍ଭବ ସମ୍ଭବ ନୁହେଁ । କୌଣସି ପ୍ରକାର ଶିକ୍ଷାଦ୍ୱାରା ତାହା ହୋଇପାରିବ ନାହିଁ । ଆର୍ଯ୍ୟ-ଜାତିର ରକ୍ତ ହେଉଛି ପ୍ରାଥମିକ ପ୍ରୟୋଜନ, ତା'ପରେ ତା' ସହିତ ଶିକ୍ଷା—ତଦ୍ୱାରା ନୂତନ ସଭ୍ୟତା ଜନ୍ମଲାଭ କରେ; କେବଳମାତ୍ର ଶିକ୍ଷାରେ ନୁହେଁ ।

ଆପଣମାନଙ୍କ ଦେଶର କଥା ଧରନ୍ତୁ—ଆପଣମାନେ ଯଦି ନିଗ୍ରୋମାନଙ୍କ ସହି ରକ୍ତ-ସମ୍ପର୍କ ସ୍ଥାପନ କରିବାକୁ ସମ୍ମତ ହୁଅନ୍ତି, ତା'ହେଲେ ନିଗ୍ରୋମାନଙ୍କ ମଧ୍ୟରେ ଉଚ୍ଚତର ସଂସ୍କୃତି ପ୍ରବେଶ କରିପାରେ । କିନ୍ତୁ ସେପ୍ରକାର ରକ୍ତ-ମିଶ୍ରଣରେ ଆପଣମାନେ କିଅଣ ସମ୍ମତ ହେବେ ?

ହିନ୍ଦୁମାନେ ବର୍ଣ୍ଣବିଭାଗକୁ ପସନ୍ଦ କରନ୍ତି । ଠିକ୍ କହିପାରିବି ନାହିଁ, ତେବେ ମୋ ଭିତରେ ବି ହୁଏତ ସେହି ବର୍ଣ୍ଣ-ବିଭାଗର ଛିଟା ଲଗିଥାଇପାରେ । ପୁରାତନ ଆର୍ଯ୍ୟଗଣଙ୍କ ଆଦର୍ଶରେ ମୁଁ ବିଶ୍ୱାସ କରେ । ସେହି ଆଦର୍ଶ ମହାନ୍ ଆଦର୍ଶ; କିନ୍ତୁ ତା'ର ବାସ୍ତବ ରୂପାୟନ ଖୁବ୍ ବେଶୀ ସାର୍ଥକ ହୋଇ ନାହିଁ, ଏବଂ ପରବର୍ତ୍ତୀ କାଳରେ ଭାରତୀୟ ଜାତିର ଅଧଃପତନର ତାହା ଅନ୍ୟତମ କାରଣ ହୋଇ ଛିଡ଼ା ହୋଇଥିଲା । ତେବେ ଏହା ଫଳରେ ପୁଣି ଏକ ପ୍ରଚଣ୍ଡ ସମ୍ମିଶ୍ରଣ ମଧ୍ୟ ସଂଘଟିତ ହୋଇଥିଲା । ଯେଉଁଠାରେ ନାନାଜାତିର ରକ୍ତ-ସମ୍ମିଶ୍ରଣ ଘଟିଛି—କେହି ଶ୍ୱେତ,କେହି ପୀତ, କେହି ମୋପରି କୃଷ୍ଣକାୟ—ଅର୍ଥାତ୍ ନାନା ବିପରୀତ ବର୍ଣ୍ଣର ସମ୍ମିଶ୍ରଣ, ଅଥଚ କୌଣସି ଜାତି ନିଜର ଆଚାର-ବ୍ୟବହାର ପରିତ୍ୟାଗ କରି ନାହିଁ—ସେଠାରେ ଧୀରେ ଧୀରେ ଏକ ଅଦ୍ଭୁତ ରକ୍ତ-ସମ୍ମିଶ୍ରଣ ଘଟିଛି ଏବଂ ତା' ଫଳରେ ଯଥାକାଳରେ ଏକ ମହାବିପ୍ଳବ ଅବଶ୍ୟମ୍ଭାବୀ । କିନ୍ତୁ ଆପାତତଃ ଏବେ ସେହି ମହାଦୈତ୍ୟ ଶୋଇରହିବ, ତା'ର ଜାଗରଣ ବହୁତ ଡେରି ଅଛି । ବିଭିନ୍ନ ଜାତିର ରକ୍ତ-ମିଶ୍ରଣରେ ଏହି ପରିଣାମ ।...

ବୌଦ୍ଧଧର୍ମର କ୍ରମ-ଅବନତି କାଳରେ ଅନିବାର୍ଯ୍ୟ ପ୍ରତିକ୍ରିୟା ଦେଖା ଦେଇଥିଲା । ସମଗ୍ର ଜଗତ ଐକ୍ୟସୂତ୍ରରେ ବଦ୍ଧ । ଏକ-ଜ୍ଞାନ ହିଁ ସତ୍ୟ—ବହୁଜ୍ଞାନ ଅଜ୍ଞାନ; ତାହା ଭ୍ରମ; ସେହି ଏକତ୍ୱର ଧାରଣାରୁ ହିଁ ଦ୍ୱୈତବର୍ଜିତ ଅଦ୍ୱୈତବାଦର ଉଦ୍ଭବ । ଭାରତୀୟ ଚିନ୍ତାର ତାହା ହିଁ ବୈଶିଷ୍ଟ୍ୟ । ଯୁଗ ଯୁଗ ଧରି ସେହି ଅଦ୍ୱୈତ ମତବାଦ ଭାରତବର୍ଷରେ ବିଦ୍ୟମାନ । ଜଡ଼ବାଦର ଉଦ୍ଭବ ହେଲେ କିମ୍ବା ନାସ୍ତିକତା ଦେଖା ଦେଲେ ସେହି ଅଦ୍ୱୈତତତ୍ତ୍ୱ କ୍ରିୟାଶୀଳ ହୋଇଉଠେ । ବୌଦ୍ଧଧର୍ମ କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଥିଲା । ବୌଦ୍ଧଧର୍ମର ମୁକ୍ତ ଦ୍ୱାର ଦେଇ ନାନା ଜାତୀୟ ବର୍ବର ଲୋକେ ସେମାନଙ୍କର ବିଚିତ୍ର ସ୍ୱତନ୍ତ୍ରତା ଓ ଆଚାର-ବ୍ୟବହାର ନେଇ ଭାରତବର୍ଷରେ ଅନୁପ୍ରବେଶ କରିଥିଲେ ଏବଂ ତାହାରି ଫଳରେ

ଏକ ବ୍ୟାପକ ପ୍ରତିକ୍ରିୟା ଭାରତୀୟ ସମାଜରେ ଦେଖାଦେଇଥିଲା । ସେହି ପ୍ରତିକ୍ରିୟାର ନେତୃତ୍ୱ ନେଇଥିଲେ ଜଣେ ତରୁଣ ସନ୍ନ୍ୟାସୀ—ସେ ହେଉଛନ୍ତି ଆଚାର୍ଯ୍ୟ ଶଙ୍କର । କୌଣସି ନୂତନ ମତବାଦର ପ୍ରଚାର ନ କରି ବା କୌଣସି ନୂତନ ସମ୍ପ୍ରଦାୟ ପ୍ରତିଷ୍ଠା ନ କରି ମଧ୍ୟ ସେ ବୈଦିକ ଧର୍ମକୁ ପୁନର୍ବାର ବାସ୍ତବ ଜୀବନରେ ପ୍ରୟୋଗ କରିଥିଲେ । ଫଳସ୍ୱରୂପ ଆଧୁନିକ ହିନ୍ଦୁଧର୍ମ—ପ୍ରାଚୀନ ହିନ୍ଦୁଧର୍ମର ଉପାଦାନରେ ହିଁ ଗଠିତ, ବେଦାନ୍ତର ପ୍ରଭାବ ଓ ପ୍ରାଧାନ୍ୟ ଏଥିରେ ପ୍ରବଳ । ତେବେ ଯେଉଁ ବସ୍ତୁ ଥରେ ଲୁପ୍ତ ହୋଇଯାଏ, ତାହା ଆଉ ପୂର୍ବର ଜୀବନୀ ଶକ୍ତି ନେଇ ଫେରିଆସେ ନାହିଁ । ଫଳରେ ହିନ୍ଦୁଧର୍ମର ପୁରାତନ ଉତ୍ସବାନୁଷ୍ଠାନ ଆଦି ଆଉ ଜୀବନ୍ତ ହୋଇ ଫେରି ଆସିଲା ନାହିଁ । ଆପଣମାନେ ଶୁଣି ବିସ୍ମିତ ହେବେ ଯେ, ପ୍ରାଚୀନ ପ୍ରଥାନୁସାରେ—ଯେଉଁ ହିନ୍ଦୁ ଗୋମାଂସ ଭକ୍ଷଣ ନ କରେ, ସେ ଖାଣ୍ଟି ହିନ୍ଦୁ ନୁହେଁ । କୌଣସି କୌଣସି ଉତ୍ସବରେ ତାହାକୁ ଗୋବଧ କରିବାକୁ ହେଉଥିଲା, ଗୋମାଂସ ଭକ୍ଷଣ କରିବାକୁ ପଡ଼ୁଥିଲା । ଏବେ ସେହି ପ୍ରଥା ସମ୍ପୂର୍ଣ୍ଣ ବୀଭତ୍ସ ବୋଲି ଗଣ୍ୟ ହୋଇଥାଏ । ଅନ୍ୟ ସବୁ ବିଷୟରେ ସମ୍ପ୍ରଦାୟ-ସମ୍ପ୍ରଦାୟ ମଧ୍ୟରେ ପାର୍ଥକ୍ୟ ଥିଲେ ମଧ୍ୟ ଏ ବିଷୟରେ ଆଜି ସମସ୍ତେ ସହମତ । ଏବେ ଆଉ କେହି ଗୋମାଂସ ଭକ୍ଷଣ କରୁ ନାହାନ୍ତି । ପ୍ରାଚୀନ ଯୁଗର ଦେବଦେବୀ, ପ୍ରାଚୀନ ଯୁଗର ପଶୁବଳି ସବୁ କିଛି ଲୋପ ପାଇଛି, ଚିରଦିନ ପାଇଁ ଲୁପ୍ତ ହୋଇଛି । ଏବର ଭାରତବର୍ଷ କେବଳ ବେଦର ଆଧ୍ୟାତ୍ମିକ ଅଂଶଟିକ ଗ୍ରହଣ କରିଛି ।

ବୌଦ୍ଧ ସମ୍ପ୍ରଦାୟ ହେଉଛି ଭାରତର ପ୍ରଥମ ଧର୍ମସମ୍ପ୍ରଦାୟ । ଏହି ଧର୍ମସମ୍ପ୍ରଦାୟ ପ୍ରଥମେ ପ୍ରଚାର କରିଥିଲେ ଯେ, ବୌଦ୍ଧଧର୍ମର ନିର୍ଦ୍ଧାରିତ ପଥ ହିଁ ଏକମାତ୍ର ପଥ—ସେହି ପଥ ଭିନ୍ନ ମୁକ୍ତିର ଅନ୍ୟ କୌଣସି ପଥ ନାହିଁ—ସେହି ପଥ ହିଁ ସତ୍ୟ ପଥ । କିନ୍ତୁ ସେମାନଙ୍କ ଧମନୀରେ ହିନ୍ଦୁ ରକ୍ତ ପ୍ରବାହିତ ହେଉଥିବାରୁ ସେମାନେ ଅନ୍ୟାନ୍ୟ ଦେଶର ରକ୍ଷଣଶୀଳ ସାଂପ୍ରଦାୟିକବାଦୀମାନଙ୍କ ପରି ସେତେ ନିଷ୍ଠୁର ହୋଇପାରି ନାହାନ୍ତି । ଫଳରେ ସେମାନେ ଏକଥା ମଧ୍ୟ କହୁଥିଲେ ଯେ—ଅନ୍ୟମାନଙ୍କର ମଧ୍ୟ ମୁକ୍ତି ସମ୍ଭବ, ତେବେ ତାହା କିଛି ବିଳମ୍ବରେ ଓ ଧୀରେ ଧୀରେ । ଏତିକ ନମନୀୟତା ହିନ୍ଦୁ-ରକ୍ତ-ପ୍ରଭାବର ଫଳ ! ଖୁବ୍ ବେଶୀ ନିର୍ମମ ହେବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନାହିଁ । ତଥାପି ବୌଦ୍ଧଧର୍ମ ଗ୍ରହଣ କରିବାକୁ ହେବ—ଏହା ହିଁ ଥିଲା ନିର୍ଦ୍ଦେଶ !

ଏ ବିଗରେ ହିନ୍ଦୁମାନଙ୍କର ମତ ହେଲା—ଅନ୍ୟ ସମ୍ପ୍ରଦାୟ ସହ ଯୋଗଦାନ କରିବା ଠିକ୍ ନୁହେଁ । ଯିଏ ଯେଉଁଠାରେ ଅଛ, ସେହିଠାରେ ଥାଅ—ସେହି ସ୍ଥାନଟି ଯେପରି ପରିଧି, ସେଠାରୁ କେନ୍ଦ୍ରବିନ୍ଦୁକୁ ଯାତ୍ରା କରିଯାଇପାରେ । ଏହା ହିଁ ଠିକ୍ । ହିନ୍ଦୁଧର୍ମର ସୁବିଧା ଏହି ଯେ, ମତ ବା ସୂତ୍ର ଉପରେ ହିନ୍ଦୁଧର୍ମ ବିଶେଷ ଗୁରୁତ୍ୱ ଆରୋପ କରେ ନାହିଁ, ଗୁରୁତ୍ୱ ଆରୋପ କରେ ଜୀବନ ଉପରେ । ଜଗତର ସର୍ବୋତ୍ତମ ଦାର୍ଶନିକ ମତବାଦର ଅନୁଗାମୀ ହୋଇ ମଧ୍ୟ ଯଦି କେହି ଆଚାର ବ୍ୟବହାରରେ ମୂର୍ଖ ନିର୍ବୋଧ ହୁଏ, ତା'ହେଲେ ତା'ର ଜ୍ଞାନ ବ୍ୟର୍ଥ । ଜୀବନରେ ଏବଂ ବ୍ୟବହାରରେ ଯଦି କେହି ସତ୍ ହୁଏ, ତା'ହେଲେ ତା'ର ଆଶା ଅଛି, ତା'ର ଭବିଷ୍ୟତ ଉଜ୍ଜ୍ୱଳ ।

ଏହା ହିଁ ଯଦି ଅବସ୍ଥା ହୁଏ, ତା'ହେଲେ ବୈଦାନ୍ତିକଗଣ ସମସ୍ତଙ୍କ ପାଇଁ ଅପେକ୍ଷା କରିପାରନ୍ତି । ବେଦାନ୍ତର ପ୍ରତିପାଦ୍ୟ ବିଷୟ ହେଉଛି—ଏକ ଅଦ୍ୱୟ ବସ୍ତୁ ଯିଏ ସତ୍ୟରୂପେ ବିରାଜିତ—ସେ ହିଁ ବ୍ରହ୍ମ । ସ୍ଥାନ, କାଳ, ପାତ୍ର, କାର୍ଯ୍ୟ-କାରଣବିଧି ପ୍ରଭୃତି ସବୁ କିଛିର ଊର୍ଦ୍ଧ୍ୱରେ ତାଙ୍କର ସ୍ଥାନ । କୌଣସି ଶବ୍ଦଦ୍ୱାରା ତାଙ୍କୁ ପ୍ରକାଶ କରିହୁଏ ନାହିଁ । ସେ ସତ୍, ସେ ଚିତ୍ ଏବଂ ସେ ଆନନ୍ଦମୟ—ଏହାଛଡ଼ା ଅନ୍ୟ କୌଣସି ଭାବରେ ତାଙ୍କୁ ବ୍ୟକ୍ତ କରିବା ସମ୍ଭବ ନୁହେଁ । ସେ ଏକକ ସତ୍ୟ । ମୁଁ, ତୁମେ—ସଜୀବ, ନିର୍ଜୀବ—ଯେଉଁଠି ଯାହା କିଛି ଅଛି, ସବୁକିଛି ମଧ୍ୟରେ ସେ ସତ୍ୟରୂପେ ଅନୁସ୍ୟୂତ । ସେହି ପରଜ୍ଞାନ ଉପରେ ଆମମାନଙ୍କର ସମୁଦାୟ ଜ୍ଞାନ ପ୍ରତିଷ୍ଠିତ, ସେହି ପରମାନନ୍ଦରେ ହିଁ ଆମମାନଙ୍କର ସକଳ ଆନନ୍ଦ ବିଧୃତ । ମନୁଷ୍ୟ ଯେତେବେଳେ ଏହି ତତ୍ତ୍ୱଟି ଉପଲବ୍ଧି କରେ, ସେତେବେଳେ ସେହି ପରମ ସତ୍ୟ ସହ ତା'ର ସମ୍ପର୍କ ଅବିଚ୍ଛେଦ୍ୟ ହୁଏ । ସେ ଏବଂ ଅଦ୍ୱୈତ ସତ୍ୟ ଅଭିନ୍ନ ହୋଇଯାଏ ।

ଅତଏବ ସବୁ ପ୍ରକାର ମଳିନତା ଅପସାରିତ ହେଲେ, ସବୁପ୍ରକାର ସ୍ଥୂଳତା ଦୂରୀଭୂତ ହେଲେ—ହୃଦ୍ ଓ ପବିତ୍ର ସ୍ୱଭାବ ମଧ୍ୟ ଦେଇ ମଣିଷ ଉପଲବ୍ଧି କରେ—ଯୀଶୁଖ୍ରୀଷ୍ଟ ଯେପରି କହିଥିଲେ—'ମୁଁ ଏବଂ ମୋର ପିତା ଏକ ଓ ଅଭିନ୍ନ' ।

ବୈଦାନ୍ତିକଗଣ ସମସ୍ତଙ୍କ ପାଇଁ ଧୈର୍ଯ୍ୟ ଧାରଣ କରି ଅପେକ୍ଷା କରିପାରନ୍ତି । ଯେଉଁଠାରେ ଯେଉଁ ଅବସ୍ଥାରେ ଆମେ ଥାଉ ନା କାହିଁକି, 'ମୁଁ ଓ ପରମ ପିତା ଈଶ୍ୱର ଅଭିନ୍ନ'—ଏହି ଉପଲବ୍ଧି ହିଁ ଶ୍ରେଷ୍ଠ ଉପଲବ୍ଧି । ଏହାକୁ ଉପଲବ୍ଧି କରିବାକୁ ହୁଏ । ଯଦି ମୂର୍ତ୍ତିପୂଜା ଏହି ଉପଲବ୍ଧିର ସହାୟକ ହୁଏ, ତା'ହେଲେ ମୂର୍ତ୍ତିପୂଜା ହିଁ ବିଧେୟ । ଯଦି କୌଣସି ମହାପୁରୁଷ ଏବିଷୟରେ ସାହାଯ୍ୟ କରିବାକୁ ସକ୍ଷମ ହୁଅନ୍ତି, ତା'ହେଲେ ତାଙ୍କୁ ହିଁ ପୂଜା କର । ଯଦି ମହମ୍ମଦଙ୍କୁ ପୂଜା କଲେ ଏହା ସାଧିତ ହୋଇପାରିବ, ତା'ହେଲେ ତାହା ହିଁ କର । କିନ୍ତୁ ଯାହା କରିବ, ଐକାନ୍ତିକ ନିଷ୍ଠାର ସହ କର । ବେଦାନ୍ତ-ମତରେ ନିଷ୍ଠା ହିଁ ସିଦ୍ଧିର ଧ୍ରୁବ ସହାୟକ । କେହି ବାଦ ଯିବେ ନାହିଁ କି କେହି ପ୍ରତ୍ୟାଖ୍ୟାତ ହେବେ ନାହିଁ । ତୁମର ଶକ୍ତି—ଯେଉଁଠାରେ ସର୍ବସତ୍ୟ ନିହିତ—ଧୀରେ ଧୀରେ ପର୍ଯ୍ୟାୟକ୍ରମେ ବିକଶିତ ହେବ ଏବଂ ପରିଶେଷରେ ଏହି ପରମ ତତ୍ତ୍ୱ ତୁମେ ଉପଲବ୍ଧି କରିବ, 'ତୁମେ ଓ ତୁମର ପରମ ପିତା ଏକ ଓ ଅଭିନ୍ନ' ।

ମୁକ୍ତି କଅଣ ? ବ୍ରାହ୍ମୀ ସ୍ଥିତି ହିଁ ମୁକ୍ତି । କିନ୍ତୁ କେଉଁଠାରେ ସେହି ବ୍ରାହ୍ମୀ ସ୍ଥିତି ? ସର୍ବତ୍ର, ସର୍ବସ୍ଥାନରେ ଓ ସର୍ବକାଳରେ ଯେଉଁ ବ୍ରାହ୍ମୀ ସ୍ଥିତି, ତାକୁ ହିଁ 'ମୁକ୍ତି' କୁହାଯାଏ ।

ବର୍ତ୍ତମାନର ମୁହୂର୍ତ୍ତିଟି, ବର୍ତ୍ତମାନର କ୍ଷଣଟି—ମହାକାଳର ବକ୍ଷରେ ଯେକୌଣସି ମୁହୂର୍ତ୍ତ ପରି ପରମ ମୂଲ୍ୟବାନ—ଏହାହିଁ ହେଉଛି ପ୍ରାଚୀନ ବେଦର ମହତ୍ତ୍ୱ ବାର୍ତ୍ତା । ବୌଦ୍ଧ-ଧର୍ମର ପ୍ରଭାବରେ ଏହି ବାର୍ତ୍ତା ପୁନର୍ଜୀବିତ ହୋଇଥିଲା । ବୌଦ୍ଧଧର୍ମ ଭାରତବର୍ଷରୁ ନିଶ୍ଚିହ୍ନ ହୋଇଯାଇଥିଲା ସତ, କିନ୍ତୁ ଭାରତର ଜାତୀୟ ଜୀବନରେ ତାହା ଏକ ଅକ୍ଷୟ ଚିହ୍ନ ହୋଇ ରହିଯାଇଛି—ଦାକ୍ଷିଣ୍ୟ ଓ ଜୀବଜନ୍ତୁଙ୍କ ପ୍ରତି ଅହିଂସା-ନୀତିରେ । ଏବଂ ଆଜି ଭାରତର

ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ବୈଦାନ୍ତିକ ମତବାଦ ତା'ର ବିଜୟାଭିଯାନ ଆରମ୍ଭ କରିଛି ।

## ଶ୍ରେୟୋଲାଭର ପଥ

ଆଜି ସନ୍ଧ୍ୟାରେ ବେଦର ଗୋଟିଏ କାହାଣୀ ଆପଣମାନଙ୍କୁ କହିବି । ବେଦ ହିନ୍ଦୁମାନଙ୍କର ପବିତ୍ର ଧର୍ମଗ୍ରନ୍ଥ ଓ ବିଶାଳ ସାହିତ୍ୟ । ଏହାର ଶେଷାଂଶ ବେଦାନ୍ତ; ଅର୍ଥାତ୍ ବେଦର ଶେଷଭାଗ ନାମରେ ଅଭିହିତ । ଏଥିରେ ନାନାବିଧ ତତ୍ତ୍ୱ ଓ ଦର୍ଶନ ପ୍ରତିପାଦିତ ହୋଇଛି । ଏହା ପ୍ରାଚୀନ ସଂସ୍କୃତରେ ରଚିତ ଏବଂ ବହୁ ସହସ୍ର ବର୍ଷ ପୂର୍ବେ ଏହା ଲିପିବଦ୍ଧ ହୋଇଥିଲା ।

ଥରେ ଜଣେ ବ୍ୟକ୍ତି ଗୋଟିଏ ମହାଯଜ୍ଞର ଅନୁଷ୍ଠାନ କରିବାକୁ ସଂକଳ୍ପ କଲେ । ହିନ୍ଦୁଧର୍ମରେ ଯଜ୍ଞର ସ୍ଥାନ ଗୁରୁତ୍ୱପୂର୍ଣ୍ଣ । ଯଜ୍ଞ ନାନାପ୍ରକାରର । ଯଜ୍ଞରେ ବେଦୀ ନିର୍ମିତ ହୁଏ, ଯଜ୍ଞାଗ୍ନିରେ ଘୃତାହୁତି ଦେବାକୁ ହୁଏ ଏବଂ ନାନାବିଧ ମନ୍ତ୍ର ଉଚ୍ଚାରିତ ହୁଏ । ଯଜ୍ଞଶେଷରେ ବ୍ରାହ୍ମଣ, ଦରିଦ୍ରମାନଙ୍କୁ ଦାନ ଦିଆଯାଏ । ପ୍ରତ୍ୟେକ ଯଜ୍ଞରେ ବିଶେଷ ବସ୍ତୁ ଦାନ କରାଯାଏ । ଗୋଟିଏ ପ୍ରକାର ଯଜ୍ଞ ଥିଲା, ଯେଉଁଥିରେ ଯଜ୍ଞ କରୁଥିବା ଲୋକଙ୍କୁ ସର୍ବସ୍ୱ ଦାନ କରିବାକୁ ପଡ଼ୁଥିଲା । ଯେଉଁ ବ୍ୟକ୍ତିଙ୍କ କଥା ମୁଁ ଏବେ କହୁଛି, ସେ ଧନୀ ଥିଲେ ସତ, କିନ୍ତୁ କୃପଣ ଥିଲେ । କିନ୍ତୁ ସେ ଏପରି ଗୋଟିଏ ଅତି କଠିନ ଯଜ୍ଞ ଅନୁଷ୍ଠାନ କରି ସୁନାମ ଅର୍ଜନ କରିବାକୁ ଇଚ୍ଛୁକ ହେଲେ । କିନ୍ତୁ ଯଜ୍ଞରେ ସର୍ବସ୍ୱ ଦାନ କରିବା ପରିବର୍ତ୍ତେ ସେ କେବଳ ଅନ୍ଧ, ଛୋଟା, ବୁଢ଼ା ଓ କ୍ଷୀର ଦେଉ ନ ଥିବା ଗାଈଗୁଡ଼ିକୁ ଦାନ କଲେ । କିନ୍ତୁ ନଚିକେତା ନାମକ ତାଙ୍କର ଗୁଣୀ ପୁତ୍ର ଲକ୍ଷ୍ୟ କଲେ ଯେ, ତାଙ୍କ ପିତା କେବଳ ଜରାଜୀର୍ଣ୍ଣ ଗାଈଗୁଡ଼ିକୁ ଦାନ କରୁଛନ୍ତି । ସେ ଭାବିଲେ ଯେ, ଏହାଦ୍ୱାରା ଯଜ୍ଞରେ କୌଣସି ସୁଫଳ ଲାଭ ହେବନାହିଁ । ଅତଏବ ସେ ନିଜକୁ ଦାନ କରି ଏହି କ୍ଷତିର ପୂରଣ କରିବାକୁ କୃତସଂକଳ୍ପ ହେଲେ । ପିତାଙ୍କ ନିକଟକୁ ଯାଇ ବାଳକ ପୁତ୍ର ନଚିକେତା କହିଲେ, 'ବାପା, ମୋତେ ତୁମେ କାହାକୁ ଦାନ କରିବ ?' ପିତା କୌଣସି ଉତ୍ତର ଦେଲେ ନାହିଁ । ବାଳକ ଦ୍ୱିତୀୟ ଓ ତୃତୀୟଥର ପାଇଁ ସେହି ଗୋଟିଏ ପ୍ରଶ୍ନ ପଚାରିଲେ । ଏଥର ପିତା ବିରକ୍ତ ହୋଇ କହିଲେ, 'ତୋତେ ଯମକୁ ଦାନ କଲି । ମୃତ୍ୟୁ-ହାତରେ ଅର୍ପଣ କଲି ।' ବାଳକ ନଚିକେତା ଏକଥା ଶୁଣି ସିଧା ଯମଙ୍କ ଘରକୁ ଗଲେ । ଯମ ସେତେବେଳେ ଘରେ ନ ଥିଲେ; ତେଣୁ ନଚିକେତା ଯମ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କଲେ । ତିନିଦିନ ପରେ ଯମ ଘରକୁ ଫେରି ନଚିକେତାଙ୍କୁ ଦେଖି କହିଲେ, 'ବ୍ରାହ୍ମଣ, ତୁମେ ମୋର ଅତିଥି । ମୋ ଘରେ ତିନିଦିନ ଧରି ଅନାହାରରେ ରହିଛ । ମୋର ନମସ୍କାର ଗ୍ରହଣ କର । ମୋତେ ଅପେକ୍ଷା କରି ତୁମେ ଯେଉଁ କଷ୍ଟ ଭୋଗ କଲ, ତା'ର କ୍ଷତିପୂରଣସ୍ୱରୂପ ମୁଁ ତୁମକୁ ତିନୋଟି ବର ପ୍ରଦାନ କରିବି । ଯାହା ବର ମାଗିବ ମାଗ ।'

ଏକଥା ଶୁଣି ବାଳକ ନଚିକେତା ପ୍ରଥମ ବର ମାଗିଲେ, 'ମୋ ପ୍ରତି ପିତାଙ୍କର କ୍ରୋଧ ଶାନ୍ତ ହେଉ ।' ଦ୍ୱିତୀୟ ବରରେ ବାଳକ ଗୋଟିଏ ଯଜ୍ଞ ବିଷୟରେ ଜାଣିବାକୁ ଚାହିଁଲେ । ତୃତୀୟ ବରରେ ବାଳକ ଜାଣିବାକୁ ଚାହିଁଲେ ଯେ, 'ମଣିଷ ମୃତ୍ୟୁ ପରେ କୁଆଡ଼େ ଯାଏ ? କେହିକେହି କହନ୍ତି, ତା'ର ଅସ୍ତିତ୍ୱ ରହେ ନାହିଁ । ପୁଣି କେହି କେହି କହନ୍ତି, ତା'ର ଅସ୍ତିତ୍ୱ ରହେ । ଦୟାକରି ଏହାର ଉତ୍ତର ଦିଅନ୍ତୁ । ଏହା ହିଁ ମୋର ତୃତୀୟ ବର' ।

ଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଯମ କହିଲେ, 'ପ୍ରାଚୀନ କାଳରେ ଦେବତାମାନେ ଏହି ରହସ୍ୟ ଉଦ୍‌ଘାଟନ କରିବାକୁ ଚେଷ୍ଟା କରିଥିଲେ । ଏହି ରହସ୍ୟ ଏତେ ସୂକ୍ଷ୍ମ ଯେ, ଏହାକୁ ଜାଣିବା କଠିନ । ଏଣୁ ଏହି ବରକୁ ଛାଡ଼ି ଅନ୍ୟ କିଛି ବର ମାଗ । ଶତାୟୁ ଜୀବନ, ଗୋଧନ, ଅଶ୍ୱ ଓ ବୃହତ୍ତ ରାଜ୍ୟ ଚାହିଁଲେ ମୁଁ ତାହା ଦେଇପାରିବି; ହେଲେ ଏହି ପ୍ରଶ୍ନର ଉତ୍ତର ପାଇଁ ମୋ ୍ତ ବାଧ କର ନାହିଁ । ମଣିଷର ଯାହା କିଛି ଭୋଗ୍ୟ ବସ୍ତୁ ଅଛି, ସେସବୁ ଯଦି ଚାହଁ, ତା'ହେଲେ ମୁଁ ତୁମର ସେହି ଇଚ୍ଛା ପୂର୍ଣ୍ଣ କରିବି; କିନ୍ତୁ ଏହି ରହସ୍ୟ ଜାଣିବାକୁ ଇଚ୍ଛା କର ନାହିଁ ।'

ବାଳକ ନଚିକେତା କହିଲେ, 'ନା ମହାଭାଗ, ମଣିଷ ବିତ୍ତଦ୍ୱାରା ସନ୍ତୁଷ୍ଟ ହୁଏ ନାହିଁ । ଆପଣଙ୍କ ଦର୍ଶନ ପାଇ ମୁଁ ଯଦି ବିତ୍ତ ଚାହେଁ, ତା'ହେଲେ ମୁଁ ବିତ୍ତ ଲାଭ କରିବି । ଆପଣଙ୍କ ଇଚ୍ଛାରେ ମୁଁ ଦୀର୍ଘଜୀବୀ ମଧ୍ୟ ହୋଇପାରିବି । ସଙ୍ଗୀତ ଓ ନୃତ୍ୟ ଦ୍ୱାରା ଯେଉଁ ଆନନ୍ଦ ମିଳେ, ତାହାର ପ୍ରକୃତ ଜାଣି ପୃଥିବୀର କୌଣସି ମରଣଶୀଳ ବୁଦ୍ଧିବାନ୍ ବ୍ୟକ୍ତି ଅଜର ଓ ଅମର ଦେବଗଣଙ୍କ ସମୀପରେ ଉପସ୍ଥିତ ହୋଇ ଦୀର୍ଘାୟୁ-ଲାଭରେ କିଅଣ ତୃପ୍ତ ହେବ ? ଅତଏବ ପରଲୋକର ଏହି ମହାନ୍ ରହସ୍ୟଟି ମୋତେ କହନ୍ତୁ, ମୁଁ ଅନ୍ୟ କିଛି ଚାହେଁ ନାହିଁ । ନଚିକେତା ଏହି ମୃତ୍ୟୁ-ରହସ୍ୟଟି ଜାଣିବାକୁ ଚାହିଁବାରୁ ଯମ ପ୍ରସନ୍ନ ହେଲେ ।

ପୂର୍ବର ଦୁଇ-ତିନୋଟି ବକ୍ତୃତାରେ ମୁଁ କହିଛି ଯେ, ଏହି ଜ୍ଞାନ ମନକୁ ପ୍ରସ୍ତୁତ କରେ । ଅତଏବ ତୁମେମାନେ ଦେଖୁଛ ଯେ, ପ୍ରଥମ ପ୍ରସ୍ତୁତି ହେଲା—ମନୁଷ୍ୟ ସତ୍ୟ ଭିନ୍ନ ଅନ୍ୟ କିଛି ଚାହିଁବ ନାହିଁ ଏବଂ କେବଳ ସତ୍ୟ ପାଇଁ ସତ୍ୟକୁ ଚାହିଁବ । ଯମ ନଚିକେତାଙ୍କୁ ଯେଉଁସବୁ ବସ୍ତୁ ଦେବାକୁ ଚାହିଁଥିଲେ, ବାଳକ ନଚିକେତା ସେସବୁକୁ ପ୍ରତ୍ୟାଖ୍ୟାନ କରିଥିଲେ କେବଳ ଏହି ଜ୍ଞାନ ପାଇଁ; ଏହି ସତ୍ୟ ପାଇଁ ନଚିକେତା ଧନ, ସମ୍ପଦ, ଦୀର୍ଘଜୀବନ ସବୁ କିଛିକୁ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । ଏହିଭଳି ଭାବରେ ସତ୍ୟଲାଭ ହୁଏ । ଯମ ପ୍ରସନ୍ନ ହୋଇ କହିଲେ, 'ଏଥିପାଇଁ ଦୁଇଟି ପଥ ଅଛି—ପ୍ରେୟଃ ଓ ଶ୍ରେୟଃ । ଏହି ଦୁଇଟି ପଥ ନାନା ଭାବରେ ମନୁଷ୍ୟକୁ ଆବଦ୍ଧ କରେ । ଏହି ଦୁଇଟି ମଧ୍ୟରୁ ଯେ ଶ୍ରେୟଃ (ନିବୃତ୍ତି)-ର ପଥ ଗ୍ରହଣ କରନ୍ତି, ତାଙ୍କର ମଙ୍ଗଳ ହୁଏ ଏବଂ ଯେ ପ୍ରେୟ (ପ୍ରବୃତ୍ତି)ର ପଥ ଅବଲମ୍ବନ କରନ୍ତି, ତାଙ୍କର ଅଧୋଗତି ହୁଏ । ନଚିକେତା, ମୁଁ ତୁମର ପ୍ରଶଂସା କରୁଛି । ତୁମେ ଭୋଗ୍ୟବସ୍ତୁ ଚାହିଁ ନାହଁ । ତୁମକୁ ଭୋଗ ଆଡ଼କୁ ପ୍ରଲୁବ୍ଧ କରିବାକୁ ମୁଁ ନାନାଭାବରେ ଚେଷ୍ଟା କରିଛି । କିନ୍ତୁ ତୁମେ ସବୁକୁ ପ୍ରତ୍ୟାଖ୍ୟାନ କରିଛ—ତୁମେ ଜାଣିଛ ଯେ, ଭୋଗ ଅପେକ୍ଷା ଜ୍ଞାନ ବହୁ ପରିମାଣରେ ମହତ୍ତର ।

'ତୁମେ ବୁଝିପାରିଛ—ଯେଉଁ ବ୍ୟକ୍ତି ଅଜ୍ଞାନ-ଅନ୍ଧକାର ମଧ୍ୟରେ ଥାଇ ଭୋଗବିଳାସ-ପୂର୍ଣ୍ଣ ଜୀବନଯାପନ କରୁଛି ସେ ପଶୁ ସହିତ ସମାନ । ତଥାପି ଅନେକେ ଅବିଦ୍ୟାରେ ଆଚ୍ଛନ୍ନ ରହି ମଧ୍ୟ ନିଜକୁ ଧୀର ଓ ପଣ୍ଡିତ ମନେକରି ଗର୍ବ କରନ୍ତି । ଫଳରେ ସେମାନେ ଅନ୍ଧକର୍ତ୍ତୃକ ପରିଚାଳିତ ଅନ୍ଧପରି ଭୁଲ ବାଟରେ ବାରମ୍ବାର ଘୁରି ବୁଲୁଥାନ୍ତି । ହେ ନଚିକେତା, ଯେଉଁମାନେ ଅଜ୍ଞ ଶିଶୁମାନଙ୍କପରି କେତୋଟି ମାଟିଢେଲାରେ ବିଭ୍ରାନ୍ତ ହୁଅନ୍ତି, ସେମାନଙ୍କ ହୃଦୟରେ ଏହି ସତ୍ୟ କେବେହେଲେ ପ୍ରତିଭାତ ହୁଏ ନାହିଁ । ସେମାନେ ଇହକାଳ ଓ ପରକାଳ ବୁଝନ୍ତି ନାହିଁ । ସେମାନେ ଇହକାଳ ଓ ପରକାଳ ଉଭୟକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ପୁନଃ ପୁନଃ ମୋର ଶାସନାଧୀନ ହୁଅନ୍ତି । ଏହି ପରଲୋକତତ୍ତ୍ୱ ଶୁଣିବାର ସୁଯୋଗ ଅନେକଙ୍କୁ ମିଳେ ନାହିଁ, ଅନେକେ ଶୁଣି ମଧ୍ୟ ଜାଣିପାରନ୍ତି ନାହିଁ; କାରଣ ବକ୍ତା ଓ ଜ୍ଞାତା ହେବେ ଆଶ୍ଚର୍ଯ୍ୟ ପୁରୁଷ ଏବଂ ଶିଷ୍ୟ ଓ ଶ୍ରୋତା ହେବେ କୁଶଳ ବା ନିପୁଣ । ବକ୍ତା ବା ଆଚାର୍ଯ୍ୟ ଯଦି ଜ୍ଞାନରେ ସମୁନ୍ନତ ନ ହୁଅନ୍ତି, ତା'ହେଲେ ଶ୍ରୋତା ବା ଶିଷ୍ୟ ଶତବାର ଶୁଣିଲେ ମଧ୍ୟ ଏବଂ ଶତବାର ଉପଦିଷ୍ଟ ହେଲେ ମଧ୍ୟ ସତ୍ୟର ଆଲୋକ ତାଙ୍କର ହୃଦୟକୁ କେବେହେଲେ ଉଦ୍ଭାସିତ କରେ ନାହିଁ । ହେ ନଚିକେତା, ବୃଥା ତର୍କରେ ତୁମ ମନକୁ ଉଦ୍‌ଭ୍ରାନ୍ତ କର ନାହିଁ; ଶୁଦ୍ଧ ଚିତ୍ତରେ ହିଁ ଏହି ସତ୍ୟ ପ୍ରତିଭାତ ହୁଏ । ଯାହାକୁ ଅତିକଷ୍ଟରେ ଅନୁଭବ କରିହୁଏ, ଯିଏ ପ୍ରାକୃତ ବିଷୟବୁଦ୍ଧି ଦ୍ୱାରା ପ୍ରଚ୍ଛନ୍ନ, ଯିଏ ହୃଦୟଗୁହାଭ୍ୟନ୍ତରରେ ଅନୁପ୍ରବିଷ୍ଟ, ସେହି ପୁରାତନ ଆତ୍ମାଙ୍କୁ ବହିର୍ଚକ୍ଷୁ ଦ୍ୱାରା ଦର୍ଶନ କରାଯାଏ ନାହିଁ । ତାହାଙ୍କୁ ଅନ୍ତଃ-ଚକ୍ଷୁ ଦ୍ୱାରା ଦର୍ଶନ କରି ସୁଖଦୁଃଖର ଅତୀତ ହୋଇଯିବାକୁ ପଡ଼େ । ଏହି ରହସ୍ୟ ସମ୍ପର୍କରେ ଯେ ଅବଗତ ଅଛନ୍ତି, ସେ ସବୁ ପ୍ରକାର ବୃଥା ବାସନା ତ୍ୟାଗ କରି ଏହି ଅତୀନ୍ଦ୍ରିୟ ଅନୁଭୂତି ଲାଭ କରନ୍ତି ଏବଂ ସର୍ବଦା ଧନ୍ୟ ହୁଅନ୍ତି । ହେ ନଚିକେତା, ଏହା ହିଁ ଶ୍ରେୟୋଲାଭର ପଥ । ସେ ଗୁଣାତୀତ, ନିରଞ୍ଜନ, କର୍ତ୍ତବ୍ୟାକର୍ତ୍ତବ୍ୟର ଅତୀତ, ଭୂତଭବିଷ୍ୟତ ଓ ବର୍ତ୍ତମାନଠାରୁ ଭିନ୍ନ; ଏହା ଯେ ଜାଣେ ସେ ହିଁ ଜ୍ଞାତା ।

'ଯାହାଙ୍କୁ ସକଳ ବେଦ ଅନୁସନ୍ଧାନ କରେ, ଯାହାଙ୍କୁ ଦର୍ଶନ କରିବା ପାଇଁ ମନୁଷ୍ୟ ସର୍ବପ୍ରକାର ତପସ୍ୟା ଓ କୃଚ୍ଛ୍ରସାଧନା କରେ—ମୁଁ ତାଙ୍କର ନାମ ତୁମକୁ କହିବି । ସେ ଓଁ । ଏହି ସନାତନ 'ଓମ୍' ହିଁ ବ୍ରହ୍ମ—ସେ ଅମୃତ; ଏହି ରହସ୍ୟକୁ ଯେ ଜାଣିଛନ୍ତି, ସେ ଯାହା ଚାହାଁନ୍ତି ତାହା ପାଆନ୍ତି । ନଚିକେତା, ତୁମେ ଯେଉଁ ଆତ୍ମା ସମ୍ବନ୍ଧରେ ଜାଣିବାକୁ ଚାହୁଁଛ, ସେହି ଆତ୍ମାଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ଦେହର ବିନାଶରେ ସେହି ଅନାଦି ଅନନ୍ତ ସନାତନ ଆତ୍ମା ନଷ୍ଟ ହୁଅନ୍ତି ନାହିଁ । ହତ୍ୟାକାରୀ ଯଦି ମନେକରେ ଯେ, ସେ ହତ୍ୟାକରେ ଏବଂ ହତ ବ୍ୟକ୍ତି ଯଦି ମନେକରେ ଯେ, ସେ ହତ ହୋଇଅଛି, ତା'ହେଲେ ଏ ଉଭୟେ ହିଁ ଅଜ୍ଞ, କାରଣ ଆତ୍ମା ହତ୍ୟା କରିପାରନ୍ତି ନାହିଁ କି ହତ ହୁଅନ୍ତି ନାହିଁ । ଅଣୁ ଅପେକ୍ଷା ମଧ୍ୟ ମହୀୟାନ୍ ସର୍ବେଶ୍ୱର ଆତ୍ମା ସମସ୍ତଙ୍କ ହୃଦୟ-ଗୁହାରେ ଅବସ୍ଥାନ କରନ୍ତି । ନିଷ୍ପାପ ବ୍ୟକ୍ତି ଆତ୍ମାଙ୍କ କୃପାରୁ ତାଙ୍କୁ ସର୍ବମହିମମୟ ଦର୍ଶନ କରିପାରେ । (ଆମେ ଦେଖୁଛୁ, ପରମେଶ୍ୱରଙ୍କ କୃପା ତାହାଙ୍କୁ ଉପଲବ୍ଧ କରିବାର ଅନ୍ୟତମ କାରଣ) । ଆତ୍ମା ଉପବିଷ୍ଟ ରହି ମଧ୍ୟ ଦୂରକୁ

ଗମନ କରନ୍ତି, ଶୋଇରହି ମଧ୍ୟ ସର୍ବତ୍ର ବିଚରଣ କରନ୍ତି । ପରସ୍ପରବିରୁଦ୍ଧ ଗୁଣାବଳୀର ମିଳନ-ଭୂମି ଈଶ୍ୱରଙ୍କୁ ଶୁଦ୍ଧ ଓ ସୂକ୍ଷ୍ମ-ବୁଦ୍ଧିସମ୍ପନ୍ନ ବ୍ୟକ୍ତିଗଣଙ୍କ ଭିନ୍ନ ଆଉ କିଏ ବା ଜାଣିବାକୁ ସମର୍ଥ ? ବିଭିନ୍ନ ଦେହରେ ଅଶରୀରୀ ରୂପେ ବିଦ୍ୟମାନ ଏବଂ ଅନିତ୍ୟ ବସ୍ତୁ ମଧ୍ୟରେ ନିତ୍ୟରୂପେ ବିଦ୍ୟମାନ ସେହି ମହାନ୍ ଓ ସର୍ବବ୍ୟାପୀ ଆତ୍ମାଙ୍କୁ ଜାଣି ଧୀ-ସମ୍ପନ୍ନ ବ୍ୟକ୍ତି ଶୋକ କରନ୍ତି ନାହିଁ । ଏହି ଆତ୍ମାଙ୍କୁ ପ୍ରବଚନ ଅଥବା ବେଦାଧ୍ୟୟନ ଅଥବା ମେଧା ବା ବହୁଶାସ୍ତ୍ର-ଶ୍ରବଣ ଦ୍ୱାରା ମଧ୍ୟ ଜାଣିହୁଏ ନାହିଁ । ଆତ୍ମା ଯାହାକୁ ବରଣ କରନ୍ତି ବା ଅନୁଗ୍ରହ କରନ୍ତି, ସେ ହିଁ ତାଙ୍କୁ ଲାଭ କରେ, ତା' ନିକଟରେ ଆତ୍ମା ନିଜ ସ୍ୱରୂପ ପ୍ରକାଶ କରନ୍ତି । ଯେ ଅବିରତ ଦୁଷ୍କୃତି-ପରାୟଣ, ଯାହାର ମନ ଶାନ୍ତ ଓ ସମାହିତ ନୁହେଁ, ଯେ ସତତ ଚଞ୍ଚଳ ଓ ଅସ୍ଥିର, ସେ ହୃଦୟ-ଗୁହାରେ ପ୍ରବିଷ୍ଟ ଏହି ଆତ୍ମାଙ୍କୁ ଅବଧାରଣ ଓ ଉପଲବ୍ଧି କରିପାରେ ନାହିଁ । ନଚିକେତା, ଏହି ଦେହ ହେଉଛି ରଥ, ଇନ୍ଦ୍ରିୟ-ବର୍ଗ ତା'ର ଅଶ୍ୱ, ମନ ଲଗାମ୍, ବୁଦ୍ଧି ସାରଥି, ଆତ୍ମା ରଥର ସ୍ୱାମୀ । ଯେତେବେଳେ ଆତ୍ମା ବୁଦ୍ଧିରୂପକ ସାରଥି ଏବଂ ବୁଦ୍ଧିର ସାହାଯ୍ୟରେ ମନରୂପକ ଲଗାମ୍ ସହିତ ପୁଣି ମନ ମାଧ୍ୟମରେ ଇନ୍ଦ୍ରିୟବର୍ଗରୂପକ ଅଶ୍ୱ ସହିତ ସଂଯୁକ୍ତ ହୁଅନ୍ତି, ସେତେବେଳେ ଜୀବାତ୍ମାଙ୍କୁ ଭୋକ୍ତା କୁହାଯାଏ; ସେତେବେଳେ ସେ ଅନୁଭବ କରନ୍ତି, କାମ କରନ୍ତି, କ୍ରିୟାଶୀଳ ହୁଅନ୍ତି । ଯାହାର ମନ ଅସଂଯତ ଓ ଯିଏ ବିବେକ-ବୁଦ୍ଧିହୀନ, ତା'ର ଇନ୍ଦ୍ରିୟଗୁଡ଼ିକ ସାରଥି ହାତରେ ଦୁଷ୍ଟ ଅଶ୍ୱଭଳି ଅସଂଯତ । କିନ୍ତୁ ଯିଏ ବିବେକ-ବୁଦ୍ଧିସମ୍ପନ୍ନ, ଯାହାର ମନ ସଂଯତ, ତା'ର ଇନ୍ଦ୍ରିୟଗୁଡ଼ିକ ରଥଚାଳକ ହାତରେ ଉତ୍ତମ ଅଶ୍ୱପରି ସର୍ବଦା ସଂଯତ । ଯାହାର ନିତ୍ୟାନିତ୍ୟ-ବିଚାରବୁଦ୍ଧି ଅଛି, ଯାହାର ମନ ସତ୍ୟକୁ ଅବଧାରଣ କରିବାକୁ ସର୍ବଦା ପ୍ରସ୍ତୁତ, ଯିଏ ଶୁଚିଚିତ୍ତ—ସେ ହିଁ କେବଳ ସେହି ସତ୍ୟକୁ ଗ୍ରହଣ କରେ, ଯାହାକୁ ଲାଭ କଲେ ଆଉ ପୁନର୍ଜନ୍ମ ହୁଏ ନାହିଁ । ନଚିକେତା, ଏହା ଅତୀବ ଦୁଷ୍କର, ପଥ ଦୀର୍ଘ, ଏହା ଦୁର୍ଲଭ । ଯେଉଁମାନେ ସୂକ୍ଷ୍ମାନୁଭୂତି ଲାଭ କରିଛନ୍ତି, କେବଳ ସେମାନେ ହିଁ ଏହି ସତ୍ୟ ଦର୍ଶନ କରିପାରନ୍ତି, ଅବଧାରଣ କରିପାରନ୍ତି । ତଥାପି ଭୟ କର ନାହିଁ । ଉଠ, ଜାଗ, ସକ୍ରିୟ ହୁଅ । ଉଦ୍ଦେଶ୍ୟ ସାଧନ ନ ହେବା ପର୍ଯ୍ୟନ୍ତ ଅଟକି ଯାଅ ନାହିଁ; କାରଣ ଋଷିମାନେ କହନ୍ତି—ଏହି ପଥ ଅତି ଦୁର୍ଗମ—କ୍ଷୁରଧାରପରି ଶାଣିତ ଓ ଦୁରତିକ୍ରମଣୀୟ । ଯିଏ ଶବ୍ଦ-ସ୍ପର୍ଶ-ରୂପ-ରସ-ଗନ୍ଧ-ବିହୀନ, ଶାଶ୍ୱତ, ଅନନ୍ତ, ନିର୍ବିକାର, ବୁଦ୍ଧିର ଅଗମ୍ୟ, ଅକ୍ଷୟ—ତାଙ୍କୁ ଜାଣିପାରିଲେ ଆମେ ଅମୃତତ୍ୱ ଲାଭ କରୁ ବା ମୁକ୍ତ ହେଉ ।'

ଏପର୍ଯ୍ୟନ୍ତ ଆମେ ଦେଖିଲେ ଯେ ଯମ ଆମମାନଙ୍କର ଅଭୀଷ୍ଟ ଉଦ୍ଦେଶ୍ୟ ବର୍ଣ୍ଣନା କରିଛନ୍ତି । ପ୍ରଥମ ଭାବ ହେଲା—ନିତ୍ୟବସ୍ତୁକୁ ଜାଣିଲେ ଆମେ ଜନ୍ମ, ମୃତ୍ୟୁ, ଦୁଃଖ ଏବଂ ସଂସାରର ବିବିଧ ବିପର୍ଯ୍ୟୟକୁ ଅତିକ୍ରମ କରିପାରିବା । ନିତ୍ୟବସ୍ତୁ କ'ଣ ?—ବିକାରହୀନ ଅପରିବର୍ତ୍ତନୀୟ ମାନବାତ୍ମା, ବିଶ୍ୱାତ୍ମା । ପୁଣି ଏହା ମଧ୍ୟ କୁହାଯାଏ ଯେ, ନିତ୍ୟବସ୍ତୁକୁ ଜାଣିବା ଅତି କଠିନ । 'ଜାଣିବା' ଶବ୍ଦର ଅର୍ଥ କେବଳ ବୁଦ୍ଧିର ସ୍ୱୀକୃତି ନୁହେଁ, ଏହାର ଅର୍ଥ ଉପଲବ୍ଧି । ଆମେ ବାରମ୍ବାର ପଢ଼ିଛୁ ଯେ, ଏହି ଆତ୍ମାକୁ ଦର୍ଶନ କରିବାକୁ ହେବ, ଅନୁଭବ

କରିବାକୁ ହେବ । ଆମେ ଏହାକୁ ଚକ୍ଷୁଦ୍ୱାରା ଦେଖିପାରୁ ନାହିଁ, ଏହାକୁ ଜାଣିବାକୁ ହେଲେ ସୂକ୍ଷ୍ମାନୁଭୂତିର ପ୍ରୟୋଜନ । ସ୍ଥୂଳ ଅନୁଭୂତି ଦ୍ୱାରା କାନ୍ଥବାଡ଼ ଓ ବହିପତ୍ର ସମ୍ପର୍କରେ ଧାରଣା ହୁଏ, କିନ୍ତୁ ସତ୍ୟକୁ ଜାଣିବାକୁ ହେଲେ ସୂକ୍ଷ୍ମାନୁଭୂତି ଦରକାର । ଏହା ହିଁ ଏହି ଜ୍ଞାନର ସମଗ୍ର ରହସ୍ୟ । ଯମ କହିଲେ : ମଣିଷକୁ ଶୁଦ୍ଧ ହେବାକୁ ପଡ଼ିବ । ଏହା ହିଁ ସୂକ୍ଷ୍ମାନୁଭୂତି ଲାଭ କରିବାର ଉପାୟ । ତା'ପରେ ଯମ ଅନ୍ୟାନ୍ୟ ଉପାୟ ସମ୍ପର୍କରେ ମଧ୍ୟ କହିଛନ୍ତି । ସେହି ସ୍ୱୟମ୍ଭୂ ଆତ୍ମା ଇନ୍ଦ୍ରିୟାତୀତ । ଇନ୍ଦ୍ରିୟଗଣ ବହିର୍ମୁଖ, କିନ୍ତୁ ସ୍ୱୟମ୍ଭୂ ଆତ୍ମା ଅନ୍ତର୍ମୁଖ । ଚକ୍ଷୁ ଆଦି ଇନ୍ଦ୍ରିୟକୁ ବିଷୟାଦିରୁ ନିବୃତ୍ତ କରି ଆତ୍ମାକୁ ଜାଣିବାର ଇଚ୍ଛା ବିଶେଷ ପ୍ରୟୋଜନ । ବାହ୍ୟ ପ୍ରକୃତିରେ ଆମେ ଯେଉଁସବୁ ସୁନ୍ଦର ଜିନିଷ ଦେଖୁ, ସେଗୁଡ଼ିକ ସବୁ ଭଲ, କିନ୍ତୁ ଈଶ୍ୱରଙ୍କୁ ଜାଣିବାର ପଥ ଏହା ନୁହେଁ । ଆବୃତ୍ତ-ଚକ୍ଷୁ ବା ଅନ୍ତର୍ମୁଖ ହେବା ପାଇଁ ଶିକ୍ଷାଲାଭ କରିବାକୁ ହେବ । ବାହ୍ୟବସ୍ତୁ ଦେଖିବାର ଆଗ୍ରହକୁ ସଂଯତ କରିବାକୁ ହେବ । ଯେତେବେଳେ ତୁମେ କର୍ମବ୍ୟସ୍ତ ରାସ୍ତାରେ କାହା ସାଙ୍ଗରେ କଥାବାର୍ତ୍ତା କରି-ଯାଉଥାଅ, ସେତେବେଳେ ଚଳମାନ ଗାଡ଼ିର ଶବ୍ଦ ଯୋଗୁଁ କଥା ଶୁଣିବା କଷ୍ଟକର ହୁଏ— ଅତ୍ୟଧିକ ଗୋଳମାଳ ଯୋଗୁଁ ସେ ତୁମର କଥା ଶୁଣିପାରେ ନାହିଁ କି ତୁମେ ମଧ୍ୟ ତା'ର କଥା ଶୁଣିପାର ନାହିଁ । ସେହିପରି ଏହି ବାହ୍ୟଜଗତ ଏତେ ଅଧିକ ଗୋଳମାଳ କରେ ଯେ, ଏହାଦ୍ୱାରା ମନ ବହିର୍ମୁଖ ହୁଏ । ଆତ୍ମାକୁ କିପରି ଦେଖିପାରିବା ? ଏହି ବହିର୍ମୁଖୀତାକୁ ନିବୃତ୍ତ କରିବାକୁ ପଡ଼ିବ । ଏହା ହିଁ ଚକ୍ଷୁକୁ ଅନ୍ତର୍ମୁଖ କରିବା । ଯେତେବେଳେ ଏପରି ହେବ, ସେତେବେଳେ ଯାଇ ଅନ୍ତରାତ୍ମାର ମହିମା ଦେଖିପାରିବ ।

ଏହି ଆତ୍ମା କ'ଣ ? ଆମେ ଜାଣିଛୁ ଯେ, ଏହା ବୁଦ୍ଧିର ମଧ୍ୟ ଅତୀତ । କଠୋପ-ନିଷଦ୍‌ରୁ ଆମେ ଜାଣିଛୁ ଯେ, ଏହି ଆତ୍ମା ଅନାଦି ଅପରିବର୍ତ୍ତନୀୟ ସର୍ବଗ । ତୁମେ ଓ ମୁଁ ଏବଂ ଆମେ ସମସ୍ତେ ସର୍ବତ୍ର ବିଦ୍ୟମାନ । ଏହି ସର୍ବଗ ଆତ୍ମା ଏକ ଓ ଅଦ୍ୱିତୀୟ । ଦୁଇଟି ସତ୍ତା ସମଭାବରେ ସର୍ବଗ ହୋଇପାରନ୍ତି ନାହିଁ—ଏହା କିପରି ହୋଇପାରିବ ? ଦୁଇଟି ସତ୍ତା ଅନନ୍ତ ହୋଇପାରନ୍ତି ନାହିଁ ଏବଂ ଫଳରେ ପ୍ରକୃତ ପକ୍ଷେ ଗୋଟିଏ ମାତ୍ର ଆତ୍ମା ଅଛନ୍ତି । ଏଣୁ ତୁମେ, ମୁଁ ଓ ସମଗ୍ର ବିଶ୍ୱ ଏକ । କେବଳ ଏହା ଆମକୁ ବହୁ ରୂପେ ପ୍ରତୀୟମାନ ହୁଏ । 'ଯେପରି ଅଗ୍ନି ପୃଥିବୀରେ ନାନାଭାବରେ ପ୍ରକାଶିତ ହୁଏ, ସେହିପରି ଅଦ୍ୱିତୀୟ ସର୍ବାନ୍ତରବର୍ତ୍ତୀ ଆତ୍ମା ପ୍ରତି ଜୀବଦେହରେ ନାନା ଭାବରେ ପ୍ରତିଭାତ ହେଉଛନ୍ତି ।' ତେବେ ପ୍ରଶ୍ନ ହେଲା— ଯଦି ସେହି ଆତ୍ମା ପୂର୍ଣ୍ଣ ଓ ଶୁଦ୍ଧ ଏବଂ ବିଶ୍ୱର ଏକମାତ୍ର ସତ୍ତା, ତା'ହେଲେ ଅଶୁଦ୍ଧ ଶରୀରରେ, ପାପୀର ଦେହରେ, ପୁଣ୍ୟବାନ୍‌ର ଦେହରେ ଓ ଅନ୍ୟତ୍ର ପ୍ରବେଶ କଲେ ତାଙ୍କର କି ଗତି ହୁଏ ? କିଭଳି ସେ ପୂର୍ଣ୍ଣ ରହିବେ ? ଯଦିଓ ସୂର୍ଯ୍ୟ ପ୍ରତି ଚକ୍ଷୁରେ ଦୃଷ୍ଟିର ହେତୁ, ତଥାପି ଚକ୍ଷୁର ଦୋଷ ସୂର୍ଯ୍ୟଙ୍କୁ ସ୍ପର୍ଶ କରେ ନାହିଁ । କାହାର କାମଳ ହେଲେ ସେ ସବୁ ଜିନିଷ ହଳଦିଆ ଦେଖେ; ତା'ର ଦୃଷ୍ଟିଶକ୍ତିର କାରଣ ସୂର୍ଯ୍ୟ, କିନ୍ତୁ ତାହାର ହଳଦିଆ ଦେଖିବା ରୋଗ ସୂର୍ଯ୍ୟଙ୍କୁ ସ୍ପର୍ଶ କରେ ନାହିଁ । ଠିକ୍ ସେହିପରି ଏହି ଏକମେବାଦ୍ୱିତୀୟମ୍ ଯଦିଓ ପ୍ରତ୍ୟେକର ଆତ୍ମା, ତଥାପି ବାହାରର ଶୁଚି-ଅଶୁଚି ତାହାଙ୍କୁ ସ୍ପର୍ଶ କରିପାରେ ନାହିଁ । ଏହି

ଅନନ୍ତ୍ୟ ବିନାଶଶୀଳ ପୃଥିବୀରେ ଯେ ନିତ୍ୟ ଆତ୍ମାଙ୍କୁ ଜାଣେ, ଏହି ଜଡ଼ ଜଗତରେ ଯେ ଚୈତନ୍ୟସ୍ୱରୂପଙ୍କୁ ଚିହ୍ନେ, ଏହି ବିଚିତ୍ର ଜଗତରେ ଯେ ଅଖଣ୍ଡ ଆତ୍ମାଙ୍କୁ ଜାଣେ ଏବଂ ନିଜ ମଧ୍ୟରେ ଦେଖେ, ସେ ହିଁ ଶାଶ୍ୱତ ସୁଖ ଲାଭ କରେ, ଅନ୍ୟ କେହି ନୁହେଁ । ସେହି ପରମାତ୍ମା ବ୍ରହ୍ମଙ୍କୁ ସୂର୍ଯ୍ୟ ପ୍ରକାଶ କରେ ନାହିଁ, ଚନ୍ଦ୍ର ଓ ତାରକା ପ୍ରକାଶ କରେ ନାହିଁ, ବିଦ୍ୟୁତ୍ ମଧ୍ୟ ପ୍ରକାଶ କରେ ନାହିଁ । ଅଗ୍ନି ତାଙ୍କୁ କପରି ପ୍ରକାଶ କରିବ ? ସେ ଦୀପ୍ତିମାନ ବୋଲି ସବୁ କିଛି ଦୀପ୍ତିମାନ୍, ତାଙ୍କର ଜ୍ୟୋତିରେ ଏହିସବୁ ଜ୍ୟୋତିର୍ମୟ । ଯେତେବେଳେ ହୃଦୟର ସକଳ ବାସନା ଦୂରୀଭୂତ ହୁଏ, ସେତେବେଳେ ମନୁଷ୍ୟ ଅମର ହୁଏ ଏବଂ ଏହି ଦେହରେ ହିଁ ବ୍ରହ୍ମାନନ୍ଦ ଲାଭ କରେ । ଯେତେବେଳେ ହୃଦୟର ସକଳ ଗ୍ରନ୍ଥି ଛିନ୍ନ ହୁଏ, ହୃଦୟର ସକଳ ବକ୍ରତା ଦୂରୀଭୂତ ହୁଏ, ସକଳ ସନ୍ଦେହର ନିରସନ ହୁଏ, ସେତେବେଳେ ମନୁଷ୍ୟ ଅମୃତତ୍ୱ ଲାଭ କରେ । ଏହା ହିଁ ପଥ ।

ଏହି ଶାସ୍ତ୍ର-ଅଧ୍ୟୟନ ଯେପରି ଆମମାନଙ୍କୁ ରକ୍ଷା କରେ, ଆମମାନଙ୍କୁ ପାଳନ କରେ, ଆମମାନଙ୍କୁ ଶକ୍ତି ଓ ବୀର୍ଯ୍ୟ ଦିଏ, ଆମେମାନେ ଯେପରି ପରସ୍ପରକୁ ବିଦ୍ୱେଷ ନ କରୁ । ଶାନ୍ତି, ଶାନ୍ତି, ଶାନ୍ତି । ଓଁ ସହନାବବତୁ ସହ ନୌ ଭୁନକ୍ତୁ ସହ ବୀର୍ଯ୍ୟଂ କରବାବହୈ । ତେଜସ୍ୱି ନାବଧୀତମସ୍ତୁ ମା ବିଦ୍ୱିଷାବହୈ । ଓଁ ଶାନ୍ତିଃ, ଶାନ୍ତିଃ ଶାନ୍ତିଃ ।

ବେଦାନ୍ତଦର୍ଶନରେ ତୁମେମାନେ ଏହି ଚିନ୍ତାଧାରା ଦେଖିବାକୁ ପାଇବ । ପ୍ରଥମତଃ ଆମେ ଦେଖିବାକୁ ପାଉଁ ଯେ, ପୃଥିବୀର ଅନ୍ୟାନ୍ୟ ଗ୍ରନ୍ଥରେ ଲିପିବଦ୍ଧ ଭାବ ଅପେକ୍ଷା ସମ୍ପୂର୍ଣ୍ଣ ପୃଥକ୍ ଗୋଟିଏ ଭାବ ବେଦାନ୍ତଦର୍ଶନରେ ଅଛି । ଅନ୍ୟାନ୍ୟ ଗ୍ରନ୍ଥପରି ବେଦର ପ୍ରାଚୀନତମ ଅଂଶରେ ଗୋଟିଏ ପ୍ରକାର ଅନୁସନ୍ଧାନ ଚାଲିଥିଲା—ସେହି ଅନୁସନ୍ଧାନ ଥିଲା ବାହାରେ । କେତେଗୁଡ଼ିଏ ପ୍ରାଚୀନ ଗ୍ରନ୍ଥରେ ପ୍ରଶ୍ନ ଉଠାଯାଇଥିଲା : ସର୍ବପ୍ରଥମେ (ଆଦିରେ) କ'ଣ ଥିଲା ? ଯେତେବେଳେ ଅସ୍ତି ବା ନାସ୍ତି କିଛି ନ ଥିଲା, ଯେତେବେଳେ ଅନ୍ଧକାର ଅନ୍ଧକାରକୁ ଆବୃତ କରି ରଖିଥିଲା, ସେତେବେଳେ କିଏ ଏହି ବିଶ୍ୱବ୍ରହ୍ମାଣ୍ଡକୁ ସୃଷ୍ଟି କରିଥିଲା ? ଅତଏବ ଅନୁସନ୍ଧାନ ଆରମ୍ଭ ହେଲା । ଦେବଦୂତ, ଦେବତା ଏବଂ ଅନ୍ୟାନ୍ୟ ବହୁ ବିଷୟର କଥା କୁହାଗଲା ପରେ ଆମେ ଦେଖିବାକୁ ପାଉ—ଏହି ଅନୁସନ୍ଧାନ ନୈରାଶ୍ୟପୂର୍ଣ୍ଣ ବୋଲି ପରିତ୍ୟକ୍ତ ହେଲା । ସେହି ସମୟରେ ଅନୁସନ୍ଧାନ ଚାଲିଥିଲା ବାହାରେ, ଏଣୁ କୌଣସି ଫଳ ମିଳିଲା ନାହିଁ; କିନ୍ତୁ ଆମେ ବେଦରେ ଦେଖିବାକୁ ପାଉ ଯେ, ପରବର୍ତ୍ତୀ କାଳରେ ଏହି ସ୍ୱୟମ୍ଭୂ ଈଶ୍ୱରଙ୍କର ଅନୁସନ୍ଧାନ ଚାଲିଥିଲା ଭିତରେ । ବେଦରେ ଏହି ଗୋଟିଏ ମୂଳଭାବ ଅଛି ଯେ, ନକ୍ଷତ୍ରରାଜିରେ ନୀହାରିକାର ଛାୟାପଥରେ—ଏହି ସମଗ୍ର ବାହ୍ୟଜଗତରେ ଅନୁସନ୍ଧାନ କରି କୌଣସି ଫଳ ମିଳି ନାହିଁ, ଜୀବନ ଓ ମୃତ୍ୟୁର ସମସ୍ୟା କେବେହେଲେ ମୀମାଂସିତ ହୋଇ ନାହିଁ । ଅନ୍ତର୍ଜଗତର ବିସ୍ମୟକର କାର୍ଯ୍ୟପ୍ରଣାଳୀ ଓ ରହସ୍ୟ ବିଶ୍ଳେଷଣ କରିବାକୁ ପଡ଼ିଥିଲା, ବିଶ୍ଳେଷଣ ଫଳରେ ବିଶ୍ୱର ରହସ୍ୟ ଉଦ୍‌ଘାଟିତ ହେଲା, ନକ୍ଷତ୍ର ଅଥବା ସୂର୍ଯ୍ୟ ଏହା କରିପାରି ନ ଥାନ୍ତେ । ମଣିଷର ଶରୀରକୁ ବିଶ୍ଳେଷଣ କରିଯାଇଥିଲା—ମଣିଷର ଶରୀରକୁ ନୁହେଁ, ଆତ୍ମାକୁ ନିରୂପଣ କରିବାକୁ ପଡ଼ିଥିଲା । ସେହି ଆତ୍ମାରେ ହିଁ

ଅନୁସନ୍ଧାନର ଉତ୍ତର ମିଳିଥିଲା । କି ଉତ୍ତର ମିଳିଥିଲା ? ଉତ୍ତର ମିଳିଥିଲା—ଦେହର ପଛରେ, ଏପରିକି ମନର ପଛରେ ସ୍ୱୟମ୍ଭୂ ଆତ୍ମା ସର୍ବଗ, ସର୍ବଦା ବିରାଜମାନ, କାରଣ ସେ ଅମୂର୍ତ୍ତି । ଯାହା ନିରବୟବ, ନିରାକାର, ଦେଶ ବା କାଳଦ୍ୱାରା ଅପରିଚ୍ଛିନ୍ନ, ତାହା କୌଣସି ସ୍ଥାନରେ ଅବସ୍ଥାନ କରିପାରେ ନାହିଁ । ଏହା କିପରି ହେବ ? ଆତ୍ମା ସର୍ବଦା ବିଦ୍ୟମାନ, ସର୍ବଗ, ଆମ ସମସ୍ତଙ୍କ ମଧ୍ୟରେ ସମଭାବରେ ଅନୁସ୍ୟୂତ ।

ମନୁଷ୍ୟର ଆତ୍ମା କଅଣ ? ଗୋଟିଏ ସମ୍ପ୍ରଦାୟ କହନ୍ତି—ଜଣେ ଈଶ୍ୱର ଅଛନ୍ତି; ଏହାଛଡ଼ା ଅସଂଖ୍ୟ ଜୀବାତ୍ମା ଅଛନ୍ତି, ଯେଉଁମାନେ ଈଶ୍ୱରଙ୍କଠାରୁ ସ୍ୱରୂପତଃ ଚିର-ପୃଥକ୍ । ଏହା ଦ୍ୱୈତବାଦ । ଏହା ପ୍ରାଚୀନ ଅପରିଣତ ଭାବ । ଅନ୍ୟ ଗୋଟିଏ ସମ୍ପ୍ରଦାୟ ଉତ୍ତରରେ କହନ୍ତି—ଜୀବାତ୍ମା ଅନନ୍ତ ପରମେଶ୍ୱରଙ୍କର ଅଂଶ । ଯେପରି ଏହି ଦେହ ସ୍ୱୟଂ ଗୋଟିଏ କ୍ଷୁଦ୍ର ଜଗତ ଏବଂ ଏହାର ପଶ୍ଚାତ୍‌ରେ ଅଛି ମନ ବା ଚିନ୍ତା ଏବଂ ଏହାର ପଶ୍ଚାତ୍‌ରେ ଆତ୍ମା, ସେହିପରି ସମଗ୍ର ଜଗତ୍ ହେଉଛି ଗୋଟିଏ ଶରୀର, ଏହାର ପଶ୍ଚାତ୍‌ରେ ବିଶ୍ୱଜନୀନ ଆତ୍ମା । ଯେପରି ଏହି ଦେହ ସର୍ବଜନୀନ ଦେହର ଗୋଟିଏ ଅଂଶ, ସେହିପରି ଏହି ମନ ସର୍ବଜନୀନ ମନର ଗୋଟିଏ ଅଂଶ ଏବଂ ମନୁଷ୍ୟର ଆତ୍ମା ବିଶ୍ୱଜନୀନ ଆତ୍ମାଙ୍କର (ପରମାତ୍ମାଙ୍କର) ଅଂଶ । ଏହି ମତକୁ ବିଶିଷ୍ଟାଦ୍ୱୈତବାଦ କୁହାଯାଏ । ଏବେ ଆମେ ଜାଣିଲେ, ବିଶ୍ୱଜନୀନ ଆତ୍ମା ଅନନ୍ତ । ଅସୀମ ବା ଅନନ୍ତର ଅଂଶ କଅଣ ହୋଇପାରେ ? ଏହାକୁ କଅଣ ଭାଙ୍ଗିହୁଏ, ଭାଗ କରାଯାଇପାରେ ? ଏହା କବିତ୍ୱର କଥା ହୋଇପାରେ ଯେ, ମୁଁ ଅସୀମ ଅନନ୍ତ ପରମେଶ୍ୱରଙ୍କର ଗୋଟିଏ ସ୍ଫୁଲିଙ୍ଗ, କିନ୍ତୁ ଚିନ୍ତାଶୀଳ ମନ ପାଖରେ ଏହା ଅସମ୍ଭବ । ଅନନ୍ତକୁ ଭାଗ କରିବାର ଅର୍ଥ କ'ଣ ? ଏହା କ'ଣ କୌଣସି ଏକ ଜଡ଼ବସ୍ତୁ ଯେ, ତାହାକୁ ତୁମେ ଖଣ୍ଡିତ ବା ପୃଥକ୍ କରିପାରିବ ? ଅନନ୍ତକୁ କେବେହେଲେ ଭାଗ କରାଯାଏ ନାହିଁ । ଯଦି ଏହା ସମ୍ଭବ ହୁଅନ୍ତା, ତା'ହେଲେ ଏହା ଆଉ ଅନନ୍ତ ହୁଅନ୍ତା ନାହିଁ । ତା'ହେଲେ ସିଦ୍ଧାନ୍ତ କ'ଣ ? ସିଦ୍ଧାନ୍ତ ହେଲା : ତୁମେ ସର୍ବଜନୀନ ଆତ୍ମାର ଅଂଶ ନୁହଁ, ତୁମେ ହିଁ ସମଗ୍ର ସର୍ବଜନୀନ ଆତ୍ମା । ତୁମେ ହିଁ ସମଗ୍ର ପରମେଶ୍ୱର । ତା' ହେଲେ ଏସବୁ ଭେଦ ବା ବୈଷମ୍ୟ କାହିଁକି ? ଆମେ କୋଟି କୋଟି ଜୀବାତ୍ମାକୁ ଦେଖୁଛୁ । ସେମାନେ କିଏ ? ଯଦିଓ ସୂର୍ଯ୍ୟ ଲକ୍ଷ ଲକ୍ଷ ଜଳବିନ୍ଦୁରେ ପ୍ରତିବିମ୍ବିତ ହୁଏ, ପ୍ରତି ଜଳବିନ୍ଦୁରେ ସୂର୍ଯ୍ୟଙ୍କର ସମ୍ପୂର୍ଣ୍ଣ ଆକୃତି ବା ଛାୟା ପଡ଼େ, ତଥାପି ପ୍ରକୃତ ସୂର୍ଯ୍ୟ ଗୋଟିଏ ଏବଂ ଏସବୁ କେବଳ ସୂର୍ଯ୍ୟଙ୍କର ଛାୟା ବା ଆକୃତି । ଅତଏବ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଯେଉଁ ଆପାତ-ପ୍ରତୀୟମାନ ଆତ୍ମା ରହିଛନ୍ତି, ସେ ଈଶ୍ୱରଙ୍କ ଛାୟା ବା ଆକୃତି ମାତ୍ର, ଏହା ବ୍ୟତୀତ ଅନ୍ୟ କିଛି ନୁହନ୍ତି । ପଶ୍ଚାତ୍‌ରେ ଯେଉଁ ପ୍ରକୃତ ସତ୍ତା ଅଛନ୍ତି, ସେ ହିଁ ଏକ ଈଶ୍ୱର । ସେଠାରେ ଆମେ ସମସ୍ତେ ଏକ । ଆତ୍ମାରୂପେ ବିଶ୍ୱରେ କେବଳ ଜଣେ ମାତ୍ର ଅଛନ୍ତି । ସେହି ଏକମାତ୍ର ଆତ୍ମା ତୁମଠାରେ ଓ ମୋ'ଠାରେ ବିରାଜମାନ । ସେହି ଗୋଟିଏ ଆତ୍ମା ଭିନ୍ନ ଭିନ୍ନ ଦେହରେ ଭିନ୍ନ ଭିନ୍ନ ଆତ୍ମାରୂପରେ ପ୍ରତିବିମ୍ବିତ । କିନ୍ତୁ ଏହା ଆମେ ଜାଣୁ ନାହିଁ; ଏଣୁ ଆମେ ମନେକରୁ ଯେ, ଆମେ ପରସ୍ପର ପୃଥକ୍ ଏବଂ ଈଶ୍ୱରଙ୍କଠାରୁ ଭିନ୍ନ । ଯେତେଦିନ ଯାଏ ଆମେ ଏପରି ଭାବୁଥିବା, ସେତେଦିନ

ପର୍ଯ୍ୟନ୍ତ ଜଗତରେ ଦୁଃଖ ରହିବ । ଏହା ହିଁ ହେଉଛି ମାୟା ।

ତା'ପରେ ଦୁଃଖର ଅନ୍ୟ ଏକ ବଡ଼ କାରଣ ହେଲା—ଭୟ । କାହିଁକି ଜଣେ ଅନ୍ୟ ଜଣଙ୍କର ଅନିଷ୍ଟ କରେ ? କାରଣ ତାହାର ଆଶଙ୍କା—ସେ ଯଥେଷ୍ଟ ଭୋଗ କରିପାରିବ ନାହିଁ । ଜଣେ ଆଶଙ୍କା କରେ ଯେ, ହୁଏତ ତା'ର ଯଥେଷ୍ଟ ଅର୍ଥଲାଭ ହେବ ନାହିଁ ଏବଂ ଏହି ଆଶଙ୍କାର ବଶବର୍ତ୍ତୀ ହୋଇ ସେ ଅନ୍ୟର ଅନିଷ୍ଟ କରେ ଏବଂ ଅର୍ଥ ଲୁଣ୍ଠନ କରେ । ଯେଉଁଠାରେ କେବଳ ଗୋଟିଏ ମାତ୍ର ସତ୍ତା ଅଛି, ସେଠାରେ ଭୟର ସ୍ଥାନ କାହିଁ ? ଯଦି ମୋ ଉପରେ ବଜ୍ରପାତ ହୁଏ, ତା'ହେଲେ ମୁଁ ହିଁ ସେହି ବଜ୍ର, କାରଣ ମୁଁ ହେଉଛି ଏକମାତ୍ର ସତ୍ତା । ଯଦି ପ୍ଲେଗ୍‌ର ଆବିର୍ଭାବ ହୁଏ, ମୁଁ ହେଉଛି ସେହି ପ୍ଲେଗ୍; ଯଦି ଗୋଟିଏ ବ୍ୟାଘ୍ର ଆସେ, ମୁଁ ସେହି ବ୍ୟାଘ୍ର; ଯଦି ମୃତ୍ୟୁ ଆସେ, ମୁଁ ସେହି ମୃତ୍ୟୁ । ମୁଁ ଜନ୍ମ ଓ ମୃତ୍ୟୁ—ଉଭୟ । ଆମେ ଦେଖିଛୁ ଯେ, ବିଶ୍ୱରେ ଦୁଇଟି ସତ୍ତା ଅଛି—ଏହି ଧାରଣାରୁ ହିଁ ଭୟ ଜନ୍ମେ । 'ପରସ୍ପରକୁ ଭଲ ପାଅ'— ଏହି ବାଣୀର ପ୍ରଚାର ଆମେ ସର୍ବଦା ଶୁଣିଥାଉ । କିନ୍ତୁ କାହିଁକି ମୁଁ ସମସ୍ତଙ୍କୁ ଭଲ ପାଇବି ?—ତା'ର କାରଣ ସେମାନେ ଓ ମୁଁ ଏକ । କାହିଁକି ମୁଁ ମୋର ଭାଇକୁ ଭଲ ପାଇବି ? କାରଣ ସେ ଓ ମୁଁ ଏକ । ଏହି ଏକତ୍ୱ—ଏହି ସମଗ୍ର ବିଶ୍ୱର ଅଖଣ୍ଡତ୍ୱ ହିଁ ଭଲପାଇବାର କାରଣ । ପଦତଳବିହାରୀ କ୍ଷୁଦ୍ରତମ କୀଟରୁ ଆରମ୍ଭ କରି ଉଚ୍ଚତମ ଜୀବ ପର୍ଯ୍ୟନ୍ତ ସମସ୍ତଙ୍କର ଭିନ୍ନ ଭିନ୍ନ ଦେହ ଅଛି, କିନ୍ତୁ ସେମାନେ ସମସ୍ତେ ଗୋଟିଏ ଆତ୍ମା । ସମସ୍ତଙ୍କ ମୁଖ ଦେଇ ତୁମେ ଖାଅ; ସମସ୍ତଙ୍କ ହାତରେ ତୁମେ କାମ କର; ସମସ୍ତଙ୍କ ଆଖିରେ ତୁମେ ଦେଖ । ଲକ୍ଷ ଲକ୍ଷ ଦେହରେ ସ୍ୱାସ୍ଥ୍ୟଗତ ସୁଖକୁ ତୁମେ ଉପଭୋଗ କରୁଛ, ଲକ୍ଷ ଲକ୍ଷ ଶରୀରର ବ୍ୟାଧି-ଯନ୍ତ୍ରଣା ତୁମେ ଭୋଗ କରୁଛ । ଯେତେବେଳେ ଏହି ଭାବ ଆସେ ଏବଂ ଆମେ ଏହାକୁ ଉପଲବ୍ଧି କରୁ, ଦେଖୁ, ଅନୁଭବ କରୁ, ସେତେବେଳେ ଦୁଃଖର ନିବୃତ୍ତି ହୁଏ, ଏବଂ ଏଥି ସଙ୍ଗେ ସଙ୍ଗେ ଭୟ ମଧ୍ୟ ଦୂରୀଭୂତ ହୋଇଯାଏ । ମୁଁ କିପରି ମରିପାରେ ? ମୋ ଛଡ଼ା ଯେ ଆଉ କିଛି ନାହିଁ ! ସମସ୍ତ ଭୟ ଚାଲିଯାଏ, ଏବଂ କେବଳ ସେତେବେଳେ ପୂର୍ଣ୍ଣ ସୁଖ ଏବଂ ପୂର୍ଣ୍ଣ ପ୍ରେମ ଆସେ । ସେହି ଅବିନାଶୀ ସର୍ବଜନୀନ ସହାନୁଭୂତି, ସର୍ବଜନୀନ ପ୍ରେମ, ସର୍ବଜନୀନ ସୁଖ ମଣିଷକୁ ସର୍ବବସ୍ତୁର ଉପରକୁ ନେଇଯାଏ । ଏହାର କୌଣସି ପ୍ରତିକ୍ରିୟା ନାହିଁ, କୌଣସି ଦୁଃଖ ଏହାକୁ ସ୍ପର୍ଶ କରିପାରେ ନାହିଁ । କିନ୍ତୁ ଜଗତର ଏହି ସାମାନ୍ୟ ପାନ-ଭୋଜନ ସର୍ବଦା ଗୋଟିଏ ପ୍ରତିକ୍ରିୟା ଆଣିଥାଏ । ଏସବୁର ମୂଳକାରଣ ଏହି ଦ୍ୱୈତବାଦ— ବିଶ୍ୱରୁ ଭଗବାନ ଓ ଭଗବାନଙ୍କଠାରୁ ଆମେ ପୃଥକ୍—ଏହି ଭାବ । କିନ୍ତୁ ଯେଉଁ ମୁହୂର୍ତ୍ତରେ ଆମେ ଉପଲବ୍ଧି କରୁ ଯେ, 'ମୁଁ ବିଶ୍ୱର ଆତ୍ମା, ମୁଁ ଚିରସୁଖୀ, ଚିରମୁକ୍ତ', ସେତେବେଳେ ପ୍ରକୃତ ପ୍ରେମ ଆସେ, ସବୁ ଭୟ ଚାଲିଯାଏ ଏବଂ ସକଳ ଦୁଃଖର ଅବସାନ ହୁଏ ।

# ମୁକ୍ତିର ପଥ

୧୨ ମାର୍ଚ୍ଚ ୧୯୦୦ ଖ୍ରୀଷ୍ଟାବ୍ଦ ସୋମବାର ଦିନ
ୟୁ କ୍ଲିଫୋର୍ଣ୍ଣିଆର ଓକ୍‌ଲାଣ୍ଡରେ ପ୍ରଦତ୍ତ ବକ୍ତୃତାର ବିବରଣ

ଓକ୍‌ଲାଣ୍ଡ ଏନ୍‌କୋୟାରର୍ (Oakland Enquirer) ପତ୍ରିକାର ସଂପାଦକୀୟ ମନ୍ତବ୍ୟ ସହ ବକ୍ତୃତାର ବିବରଣୀ ପ୍ରକାଶିତ ହୋଇଥିଲା । ହିନ୍ଦୁ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କ ମୁଖରୁ 'ମୁକ୍ତିର ପଥ କ'ଣ ?'—ଏ ବିଷୟରେ ବକ୍ତୃତା ଶୁଣିବା ପାଇଁ ଗତ ସନ୍ଧ୍ୟାରେ ଫାଷ୍ଟ ୟୁନିଟାରିଆନ୍ ଚର୍ଚ୍ଚର ଉଏଣ୍ଟେ ହଲ୍ (Wendte Hall)-ରେ ବିପୁଳ ଶ୍ରୋତାଙ୍କର ସମାଗମ ହୋଇଥିଲା । ସ୍ୱାମୀଜୀ ଯେଉଁ ତିନୋଟି ଧାରାବାହିକ ବକ୍ତୃତା ଦେଇଥିଲେ, ଏଇଟି ତନ୍ମଧ୍ୟରୁ ଶେଷ ବକ୍ତୃତା । ଏହି ବକ୍ତୃତାର ସାରାଂଶ :

କେହି କହନ୍ତି ଯେ—ଈଶ୍ୱର ସ୍ୱର୍ଗରେ ଅଛନ୍ତି । ଆଉ କେହି କହନ୍ତି ଯେ—ଈଶ୍ୱର ପ୍ରକୃତିରେ ଏବଂ ସର୍ବତ୍ର ବିଦ୍ୟମାନ । କିନ୍ତୁ ମହତ୍ତ୍ୱ ବିଷୟଟିଏ ଉପସ୍ଥିତ ହେଲେ ଆମେ ଦେଖିପାରୁ ଯେ, ଉଦ୍ଦେଶ୍ୟ ଏକ । ଆମେ ସମସ୍ତେ ବିଭିନ୍ନ ପରିକଳ୍ପନା ଅନୁସାରେ କାମ କରୁ ସତ, କିନ୍ତୁ ପରିଣାମ ଭିନ୍ନ ହୁଏ ।

ପ୍ରତିଟି ମହାନ୍ ଧର୍ମର ଦୁଇଟି ମହତ୍ତ୍ୱ ମୀତିବାକ୍ୟ—ତ୍ୟାଗ ଓ ଆତ୍ମୋତ୍ସର୍ଗ । ଆମେ ସମସ୍ତେ ସତ୍ୟ ଚାହୁଁ ଏବଂ ଜାଣୁ ଯେ, ଆମେ ଚାହୁଁ ବା ନ ଚାହୁଁ ସତ୍ୟ ଅବଶ୍ୟ ଆସିବ । କିଛି ପରିମାଣରେ ଆମେ ସମସ୍ତେ ସେହି ସତ୍ୟ (ଶ୍ରେୟଃ) ପାଇଁ ଚେଷ୍ଟା କରୁଛୁ । ସତ୍ୟଲାଭ ପଥରେ ପ୍ରତିବନ୍ଧକ କ'ଣ ? ସ୍ୱୟଂ ଆମେମାନେ । ଆପଣମାନଙ୍କ ପୂର୍ବପୁରୁଷ ଏହି ପ୍ରତିବନ୍ଧକକୁ 'ସଇତାନ' ବୋଲି କହୁଥିଲେ; କିନ୍ତୁ ପ୍ରକୃତରେ ଏହା ହେଉଛି ଆମମାନଙ୍କର ମିଥ୍ୟା 'ଅହଂ' । ଆମେ ଦାସତ୍ୱ ମଧ୍ୟରେ ବାସ କରୁ, ଏବଂ ଦାସତ୍ୱ ନ ଥିଲେ ଆମେ ମରିଯାଇଥାନ୍ତୁ । ଆମେ ସେହି ଲୋକଟିପରି, ଯେଉଁ ଲୋକଟି ନବେ ବର୍ଷ ଘୋର ଅନ୍ଧକାର ମଧ୍ୟରେ ରହିବାପରେ ତାକୁ ପ୍ରକୃତିର ସୂର୍ଯ୍ୟାଲୋକକୁ ଅଣାଯିବାରୁ ସେ ପୁନର୍ବାର ସେହି ଅନ୍ଧକାର ମଧ୍ୟକୁ ଫେରିଯିବା ପାଇଁ କାତର ପ୍ରାର୍ଥନା କରିଥିଲା । ଆପଣମାନେ ମଧ୍ୟ ଏହି ଗତାନୁଗତିକ ପୁରାତନ ଜୀବନଯାତ୍ରାକୁ ଛାଡ଼ି ନୂତନ ଓ ଅଧିକତର ଉନ୍ମୁକ୍ତ ସ୍ୱାଧୀନତାକୁ ଯିବାକୁ ଚାହିଁବେ ନାହିଁ ।

ପ୍ରକୃତ ଘଟଣାର ଗଭୀରକୁ ଯିବା ହିଁ ପ୍ରଧାନ ସମସ୍ୟା ।··· ଧର୍ମ ଅନୁସାରେ ଗୋଟିଏ ଦେଶର ଲୋକେ ବହୁ-ପତ୍ନୀକ; ଅନ୍ୟ ଦେଶରେ ଜଣେ ନାରୀଙ୍କର ବହୁ ସ୍ୱାମୀ । ସୁତରାଂ କେହି ଦୁଇଟି ଦେବତାଙ୍କୁ ପୂଜା କରେ ତ, କିଏ କେବଳ ଜଣେ ଈଶ୍ୱରଙ୍କୁ ପୂଜା କରେ; କେହି କେହି ବା କୌଣସି ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ।

କିନ୍ତୁ କାର୍ଯ୍ୟ ଓ ଭଲପାଇବା ମଧ୍ୟରେ ଥାଏ ମୁକ୍ତି । ଆପଣମାନେ କୌଣସି ଏକ ବିଷୟକୁ ସମ୍ୟକ୍ ରୂପେ ଜାଣିଛନ୍ତି; ଯଥାସମୟରେ ହୁଏତ ସେହି ବିଷୟକୁ ସ୍ମରଣ କରିପାରୁ ନାହାନ୍ତି, ତଥାପି ସେହି ବିଷୟଟି ଆପଣଙ୍କ ଅନ୍ତଃଚେତନାରେ ମିଶି ଆପଣଙ୍କର ଅଙ୍ଗୀଭୂତ ହୋଇଯାଇଛି । ଅତଏବ ଆପଣମାନେ ଯେତେବେଳେ କାମ କରନ୍ତି, ସେହି କାମ ଭଲ

ହେଉ କି ମନ୍ଦ ହେଉ, ସେତେବେଳେ ଆପଣମାନେ ନିଜର ଭବିଷ୍ୟତ ଜୀବନଧାରା ଗଠନ କରନ୍ତି । ଯଦି ଆପଣମାନେ କର୍ମ ଭାବରେ ଭାବିତ ହୋଇ, କର୍ମ ପାଇଁ କର୍ମ ହିସାବରେ—ସତ୍କର୍ମ କରନ୍ତି, ତା'ହେଲେ ଆପଣମାନଙ୍କର ସେହି ଭାବ ଅନୁଯାୟୀ ଆପଣମାନେ ସ୍ୱର୍ଗକୁ ଗମନ କରିବେ ଏବଂ ସ୍ୱର୍ଗର ସ୍ୱପ୍ନ ଦେଖିବେ ।

ପୃଥିବୀ-ଇତିହାସ ମହାପୁରୁଷ ଓ ଉପଦେବତାମାନଙ୍କ ଇତିହାସ ନୁହେଁ, ଏମାନେ ସମୁଦ୍ରର କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପ ପରି, ଯେଉଁଗୁଡ଼ିକ ସମୁଦ୍ରର ସ୍ରୋତ-ତାଡ଼ିତ ବସ୍ତୁଖଣ୍ଡସମୂହରୁ କ୍ରମେ କ୍ରମେ ମହାଦେଶରୂପେ ଗଢ଼ି ଉଠିଛନ୍ତି । ତା'ହେଲେ ପ୍ରତି ଗୃହରେ ଅନୁଷ୍ଠିତ ଆତ୍ମୋତ୍ସର୍ଗର କ୍ଷୁଦ୍ର କ୍ଷୁଦ୍ର କାର୍ଯ୍ୟ ମଧ୍ୟରେ ହିଁ ନିହିତ ଅଛି ପୃଥିବୀର ଇତିହାସ । ମଣିଷ ତା'ର ନିଜସ୍ୱ ବିଚାରବୁଦ୍ଧି ଉପରେ ନିର୍ଭର କରିବାକୁ ଇଚ୍ଛା କରେ ନାହିଁ ବୋଲି ହିଁ ଧର୍ମ ଗ୍ରହଣ କରେ ।

ମଣିଷ ଈଶ୍ୱରଙ୍କୁ ଯେପରି ଗଭୀର ଭାବରେ ଭଲ ପାଏ, ସେପରି ଭଲ ପାଇବା ମଧ୍ୟରେ ତା'ର ମୁକ୍ତି ନିହିତ ଅଛି । ଆପଣଙ୍କ ପତ୍ନୀ କହିଲେ, 'ଜନ୍, ତୁମକୁ ଛାଡ଼ି ମୁଁ ରହିପାରୁ ନାହିଁ ।' କେହି କେହି ଅର୍ଥ ହରାଇଲେ ସେମାନଙ୍କୁ ପାଗଳ-ଗାରଦକୁ ପଠାଇବାକୁ ହୁଏ । ଆପଣମାନେ କ'ଣ ଆପଣଙ୍କ ଈଶ୍ୱରଙ୍କ ସମ୍ବନ୍ଧରେ ସେପରି ଅନୁଭବ କରନ୍ତି ? ଆପଣମାନେ ଯେତେବେଳେ ଅର୍ଥ, ବନ୍ଧୁ, ପିତାମାତା, ଭାଇଭଉଣୀ ଓ ଇହଜଗତର ସବୁକିଛିକୁ ପରିତ୍ୟାଗ କରିବାକୁ ସମର୍ଥ ହେବେ ଏବଂ କେବଳ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରିବେ ଯେପରି ସେ ତାଙ୍କ ପ୍ରେମର କଣିକାଟିଏ ଆପଣମାନଙ୍କୁ ଦାନ କରନ୍ତି, ସେତେବେଳେ ଆପଣମାନେ ମୁକ୍ତିଲାଭ କରିବେ ।

# ମୁଁ ହିଁ ମୁଁ

୨୦ ମାର୍ଚ୍ଚ ୧୯୦୦ ଖ୍ରୀଷ୍ଟାବ୍ଦ ସାନ୍‌ଫ୍ରାନ୍‌ସିସ୍କୋଠାରେ ପ୍ରଦତ୍ତ ବକ୍ତୃତାର ସାରାଂଶ

ଆଜି ସନ୍ଧ୍ୟାର ବକ୍ତୃତାର ବିଷୟ ହେଉଛି 'ମନୁଷ୍ୟ'—ଅର୍ଥାତ୍ ପ୍ରକୃତି ସହିତ ବୈଷମ୍ୟରେ ମନୁଷ୍ୟ । ଦୀର୍ଘକାଳ ଧରି 'ପ୍ରକୃତି' ଶବ୍ଦଟି ବାହ୍ୟ ପ୍ରକୃତିକୁ ବୁଝାଇବା ପାଇଁ ପ୍ରାୟତଃ ବ୍ୟବହୃତ ହୋଇ ଆସିଛି । ଏହି ସବୁ ବାହ୍ୟ ପ୍ରକୃତିକୁ ସୁଶୃଙ୍ଖଳ ଭାବରେ ଆଚରଣ କରିବାର ଦେଖାଯାଉଥିଲା ଏବଂ ଏମାନେ ପ୍ରାୟ ପୁନରାବୃତ୍ତି ହେଉଥିଲେ—ଅର୍ଥାତ୍ ଯାହା ପୂର୍ବେ ଘଟିଛି, ତାହା ପୁନଶ୍ଚ ଘଟିଛି, କୌଣସିଟି କେବଳ ଥରକ ପାଇଁ ଘଟି ନାହିଁ । ଏହି ଭାବରେ ସିଦ୍ଧାନ୍ତ କରାହେଲା ଯେ, ପ୍ରକୃତି ସର୍ବତ୍ର ଓ ସର୍ବକାଳରେ ଏକ ରୂପ । ପ୍ରକୃତିର ଧାରଣା ସହିତ ଏକରୂପତା ଘନିଷ୍ଠ ଭାବରେ ଜଡ଼ିତ । ଏହା ଛଡ଼ା ବାହ୍ୟ ପ୍ରକୃତିକୁ ବୁଝିହୁଏ ନାହିଁ । ଆମେ ଯାହାକୁ 'ବିଧି' କହୁ, ତା'ର ଭିତ୍ତି ମଧ୍ୟ ଏକରୂପତା ।

କ୍ରମଶଃ 'ପ୍ରକୃତି' ଶବ୍ଦ ଓ ଏକରୂପତାର ଧାରଣା ଅନ୍ତଃପ୍ରକୃତି, ଜୀବନ ଓ ମନର

ପ୍ରକୃତକୁ ବୁଝାଇବା ପାଇଁ ପ୍ରଯୁକ୍ତ ହେବାରେ ଲାଗିଲା । ଯାହା କିଛି ପୃଥକ୍ କରାଯାଏ, ତାହା ହିଁ ପ୍ରକୃତ । ବୃକ୍ଷଗଛ, ପ୍ରାଣୀ ଓ ମନୁଷ୍ୟର ଗୁଣକୁ ପ୍ରକୃତ କୁହାଯାଏ । ମଣିଷର ଜୀବନ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଆଚରିତ ହୁଏ; ତା'ର ମନ ମଧ୍ୟ ସେହିପରି କରେ । ଯେତେ-ବେଳେ ଇଚ୍ଛା ସେତେବେଳେ ଚନ୍ଦ୍ରାରାଜର ଉତ୍ପତ୍ତି ହୁଏ ନାହିଁ; ସେଗୁଡ଼ିକର ଉତ୍ପତ୍ତି, ସ୍ଥିତି ଓ ଲୟର ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅଛି । ଅନ୍ୟ କଥାରେ କହିଲେ, ବାହ୍ୟ ପ୍ରକୃତିଗୁଡ଼ିକ ଯେପରି ପ୍ରଣାଳୀବଦ୍ଧ, ଅନ୍ତଃପ୍ରକୃତି ଅର୍ଥାତ୍ ମନୁଷ୍ୟର ଜୀବନ ଓ ମନ ମଧ୍ୟ ସେହିପରି ବିଧିବଦ୍ଧ ।

ଯେତେବେଳେ ଆମେ ମନୁଷ୍ୟର ମନ ଓ ଅସ୍ତିତ୍ୱ ସମ୍ପର୍କରେ ବିଧିର କଥା ବିବେଚନା କରୁ, ସେତେବେଳେ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ, ସ୍ୱାଧୀନ ଇଚ୍ଛା ଓ ସ୍ୱାଧୀନ ଅସ୍ତିତ୍ୱ ବୋଲି କିଛି ରହି ନ ପାରେ । କିଭଳି ପାଣିବ ପ୍ରକୃତି ବିଧିଦ୍ୱାରା ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରିତ ହୁଏ, ତାହା ଆମେମାନେ ଜାଣୁ । ମଣିଷ ସମ୍ବନ୍ଧରେ ମଧ୍ୟ ସେହି ଏକା କଥା, ମାନବ ପ୍ରକୃତି ମଧ୍ୟ ବିଧିବଦ୍ଧ । ମାନବ-ମନର ବୃତ୍ତିସମୂହ ଯେଉଁ ବିଧିଦ୍ୱାରା ନିୟନ୍ତ୍ରିତ ହୁଏ, ତାହାକୁ କର୍ମପ୍ରଣାଳୀ କୁହାଯାଏ ।

ଶୂନ୍ୟରୁ କିଛିର ଉତ୍ପତ୍ତି କେହି କେବେ ଦେଖି ନାହିଁ । ମନରେ ଯାହା କିଛି ଉଠେ, ତାହା ମଧ୍ୟ କୌଣସି ନା କୌଣସିଥିରୁ ଉଦ୍ଭୂତ ହୋଇଛି । ଆମେ ଯେତେବେଳେ ସ୍ୱାଧୀନ ଇଚ୍ଛାର କଥା କହୁ, ଆମେ ଏହି ଅର୍ଥରେ କହୁ ଯେ, ଇଚ୍ଛା ଅନ୍ୟ କାହାଦ୍ୱାରା ଉଦ୍ଭୂତ ହୋଇ ନାହିଁ । କିନ୍ତୁ ଏହା ସତ୍ୟ ହୋଇ ନ ପାରେ । ଇଚ୍ଛା ଜାତ ହୋଇଛି, ଏବଂ ଯେ ହେତୁ ଏହା ଜାତ ହେଉଛି, ଏହା ସ୍ୱାଧୀନ ହୋଇ ନ ପାରେ—ଏହା ବିଧିବଦ୍ଧ । ମୁଁ ଯେ ଆପଣମାନଙ୍କ ସହ କଥାବାର୍ତ୍ତା କରିବାକୁ ଇଚ୍ଛୁକ ଏବଂ ଆପଣମାନେ ମୋ କଥା ଶୁଣିବାକୁ ଆସିଛନ୍ତି, ଏହା ମଧ୍ୟ ଗୋଟିଏ ବିଧି । ମୁଁ ଯାହା କିଛି କରେ ବା ଭାବେ ବା ଅନୁଭବ କରେ, ମୋର ପ୍ରତ୍ୟେକ ଆଚରଣ ବା ବ୍ୟବହାର, ମୋର ପ୍ରତ୍ୟେକ ଗତିବିଧି—ସବୁ ଉତ୍ପନ୍ନ ବା ଜାତ ହୁଏ, ସୁତରାଂ ସ୍ୱାଧୀନ ନୁହେଁ । ଆମମାନଙ୍କ ଜୀବନ ଓ ମନର ଏହି ନିୟନ୍ତ୍ରଣକୁ କର୍ମର ବିଧି ବା ପ୍ରଣାଳୀ କୁହାଯାଏ ।

ଯଦି ପ୍ରାଚୀନ କାଳରେ ପାଶ୍ଚାତ୍ୟ ସମାଜରେ ଏପରି ତତ୍ତ୍ୱ ପ୍ରବର୍ତ୍ତିତ ହୋଇଥାନ୍ତା, ତା'ହେଲେ ତୁମୁଳ ଆନ୍ଦୋଳନ ହୋଇଥାନ୍ତା । ପାଶ୍ଚାତ୍ୟର ମଣିଷ ଭାବିବାକୁ ଚାହାନ୍ତି ନାହିଁ ଯେ, ତାଙ୍କ ମନ ବିଧିଦ୍ୱାରା ନିୟନ୍ତ୍ରିତ ହୁଏ । ଭାରତର ପ୍ରାଚୀନତମ ଦର୍ଶନ ଯେତେବେଳେ ଏହି ବିଧି ପ୍ରବର୍ତ୍ତନ କଲା, ସେତେବେଳେ ହିଁ ଭାରତବାସୀ ଏହାକୁ ଗ୍ରହଣ କରିଥିଲେ । ମନର ସ୍ୱାଧୀନତା ବୋଲି କିଛି ନାହିଁ, ଏହା ହୋଇ ନ ପାରେ—ଏହି ଶିକ୍ଷା ଭାରତୀୟ ମନରେ କୌଣସି ଉତ୍ତେଜନା ସୃଷ୍ଟି କଲା ନାହିଁ କାହିଁକି ? ଭାରତ ଏହାକୁ ଶାନ୍ତ ଭାବରେ ଗ୍ରହଣ କଲା; ଏହା ହିଁ ଭାରତୀୟ ମନୀଷା ବା ଚିନ୍ତାର ବୈଶିଷ୍ଟ୍ୟ । ଏହିଠାରେ ହିଁ ଭାରତୀୟ ଭାବଧାରା ଜଗତର ଅନ୍ୟାନ୍ୟ ଭାବଧାରାଠାରୁ ପୃଥକ୍ ।

ବାହ୍ୟ ଓ ଅନ୍ତଃପ୍ରକୃତି ଦୁଇଟି ସ୍ୱତନ୍ତ୍ର ବସ୍ତୁ ନୁହେଁ; ପ୍ରକୃତ ପକ୍ଷେ ଏମାନେ ଗୋଟିଏ ।

ପ୍ରକୃତି ସକଳ ବାହ୍ୟ ଦୃଶ୍ୟର ସମଷ୍ଟି । ଯାହା କିଛି ଅଛି, ଯାହା କିଛି ଚଳମାନ, ତାହାର ଅର୍ଥ ହିଁ 'ପ୍ରକୃତି' । ବସ୍ତୁ ଓ ମନ ମଧ୍ୟରେ ବିପୁଳ ବୈଷମ୍ୟ ଅଛି ବୋଲି ଆମେ ମନେକରୁ, ଆମେ ଭାବୁ ଯେ, ମନ ବସ୍ତୁଠାରୁ ସଂପୂର୍ଣ୍ଣ ପୃଥକ୍ । ପ୍ରକୃତ ପକ୍ଷରେ ଏମାନେ ଗୋଟିଏ ପ୍ରକୃତି, ଏହାର ଏକାର୍ଦ୍ଧ ଉପରେ ଅପରାର୍ଦ୍ଧ କ୍ରିୟାଶୀଳ । ନାନା ପ୍ରକାର ଉତ୍ତେଜନା ଆକାରରେ ବସ୍ତୁ ମନ ଉପରେ ପ୍ରଭାବ ପକାଏ । ଏହି ଉତ୍ତେଜନାଗୁଡ଼ିକ ଶକ୍ତି ଭିନ୍ନ ଅନ୍ୟ କିଛି ନୁହେଁ । ବାହାରର ଉତ୍ତେଜନା ଭିତରର ଉତ୍ତେଜନାର ଉଦ୍ଦୀପକ । ବାହାରର ଶକ୍ତିକୁ ଗ୍ରହଣ କରିବା ଅଥବା ବାହାର ଶକ୍ତିଠାରୁ ଦୂରେଇ ରହିବାର ଇଚ୍ଛାକୁ ଆମେ ଚିନ୍ତା କହୁ, ସେଥିରୁ ଅନ୍ତରର ଶକ୍ତି ଜାତ ହୁଏ ।

ବସ୍ତୁ ଓ ମନ—ଏହି ଦୁଇଟି ଶକ୍ତି ଛଡ଼ା ପ୍ରକୃତପକ୍ଷେ ଅନ୍ୟ କିଛି ନୁହେଁ ଏବଂ ଯଦି ତୁମେ ଏହି ଦୁଇଟିକୁ ଭଲଭାବରେ ବିଶ୍ଳେଷଣ କର, ତା'ହେଲେ ଦେଖିବ ଯେ, ମୂଳତଃ ଏମାନେ ଗୋଟିଏ । ବାହାରର ଶକ୍ତି ଅନ୍ତରର ଶକ୍ତିକୁ କୌଣସି ପ୍ରକାରେ ଉଦ୍ଦୀପିତ କରିପାରେ—ଏଥିରୁ ବୁଝାଯାଏ ଯେ, କୌଣସି ସ୍ଥାନରେ ଏମାନେ ପରସ୍ପର ମିଳିତ ହୁଅନ୍ତି —ଏମାନେ ଅବଶ୍ୟ ଅବିଚ୍ଛିନ୍ନ, ଏବଂ ସୁତରାଂ ଏହା ମୂଳତଃ ଗୋଟିଏ ଶକ୍ତି । ଯେତେବେଳେ ତୁମେମାନେ ବସ୍ତୁଗୁଡ଼ିକର ମୂଳରେ ଯାଇ ପହଞ୍ଚ, ସେତେବେଳେ ଏମାନେ ସରଳ ଓ ସାଧାରଣ ହୁଅନ୍ତି । ଯେହେତୁ ଏକମାତ୍ର ଶକ୍ତି ଗୋଟିଏ ଆକାରରେ ବସ୍ତୁ ରୂପେ ଏବଂ ଅନ୍ୟ ଆକାରରେ ମନରୂପେ ଆବିର୍ଭୂତ ହୁଏ, ତେଣୁ ବସ୍ତୁ ଓ ମନକୁ ପୃଥକ୍ ଭାବରେ ଚିନ୍ତା କରିବାର କୌଣସି କାରଣ ନାହିଁ । ମନ ବସ୍ତୁରେ ରୂପାନ୍ତରିତ ହୁଏ, ବସ୍ତୁ ମନରେ ରୂପାନ୍ତରିତ ହୁଏ । ଚିନ୍ତାଶକ୍ତି ସ୍ନାୟୁ ଓ ପେଶୀ-ଶକ୍ତି ହୁଏ; ପେଶୀ ଓ ସ୍ନାୟୁ-ଶକ୍ତି ଚିନ୍ତା-ଶକ୍ତି ହୁଏ । ବସ୍ତୁ ଅଥବା ମନ ଯେଉଁ ରୂପରେ ପ୍ରକାଶିତ ହେଉ ନା କାହିଁକି, ପ୍ରକୃତି ଏହି ସବୁର ଶକ୍ତି ।

ସୂକ୍ଷ୍ମତମ ମନ ଓ ସ୍ଥୂଳତମ ବସ୍ତୁ ମଧ୍ୟରେ କେବଳ ପରିମାଣଗତ ପାର୍ଥକ୍ୟ । ଅତଏବ ସମଗ୍ର ବିଶ୍ୱକୁ ମନ ଅଥବା ବସ୍ତୁ ବୋଲି କୁହାଯାଇପାରେ । ତୁମେ ମନକୁ ବିଶୁଦ୍ଧ ବସ୍ତୁ ଅଥବା ଶରୀରକୁ ସ୍ଥୂଳ ବା ବାସ୍ତବ ମନ ବୋଲି କହିପାର, କେଉଁଟିକୁ କେଉଁ ଭାବରେ ଡାକୁଛ, ସେଥିରେ ସାମାନ୍ୟ ପାର୍ଥକ୍ୟ ପରିଲକ୍ଷିତ ହୁଏ । ଜଡ଼ବାଦ ଓ ଅଧ୍ୟାତ୍ମ୍ୟବାଦ ମଧ୍ୟରେ ବିରୋଧ-ଜନିତ ଯେଉଁସବୁ ଅସୁବିଧାର ସୃଷ୍ଟି ହୋଇଛି, ସେସବୁର କାରଣ ଭୁଲ ଚିନ୍ତା । ପ୍ରକୃତପକ୍ଷେ ଏହି ଦୁଇଟି ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ମୋର ଓ ନିମ୍ନତମ ଶୂକର-ଶାବକ ମଧ୍ୟରେ ପାର୍ଥକ୍ୟ କେବଳ ପରିମାଣଗତ । ଶୂକର-ଶାବକ ମଧ୍ୟରେ ଶକ୍ତିର ପ୍ରକାଶ କମ୍ ଓ ମୋ ଭିତରେ ଶକ୍ତିର ପ୍ରକାଶ ବେଶୀ । କେତେବେଳେ ମୁଁ ନିକୃଷ୍ଟ ତ କେତେବେଳେ ଶୂକର-ଶାବକ ଉତ୍କୃଷ୍ଟ ।

ମନ ଅଥବା ବସ୍ତୁ—କେଉଁଟି ପ୍ରଥମେ ଆସେ, ଏହାର ଆଲୋଚନା କରି କିଛି ଲାଭ ନାହିଁ । ମନ କଅଣ ପ୍ରଥମ, ଯେଉଁଥିରୁ ବସ୍ତୁ ଆସିଛି ? ଅଥବା ବସ୍ତୁ କ'ଣ ପ୍ରଥମ, ଯେଉଁଥିରୁ ମନର ଉତ୍ପତ୍ତି ? ଏସବୁ ଅର୍ଥହୀନ ପ୍ରଶ୍ନରୁ ଅନେକ ଦାର୍ଶନିକ ଯୁକ୍ତି ଉଦ୍‌ଭୂତ ହୋଇଛି । ଏସବୁ

ପ୍ରଶ୍ନ 'ଡିମ୍ବ ଆଗ ନା କୁକୁଡ଼ା ଆଗ' ଏହି ପ୍ରଶ୍ନ ପରି । ଉଭୟେ ପ୍ରଥମ ଓ ଉଭୟେ ହିଁ ଶେଷ —ମନ ଓ ବସ୍ତୁ, ବସ୍ତୁ ଓ ମନ । ଯଦି ମୁଁ କହିବି, ବସ୍ତୁର ଅସ୍ତିତ୍ୱ ପ୍ରଥମେ ଏବଂ ବସ୍ତୁ କ୍ରମଶଃ ସୂକ୍ଷ୍ମରୁ ସୂକ୍ଷ୍ମତର ହୋଇ ମନ ହୁଏ, ତା'ହେଲେ ମୁଁ ଅବଶ୍ୟ ସ୍ୱୀକାର କରିବି ଯେ, ବସ୍ତୁ ପୂର୍ବରୁ ମନର ଅସ୍ତିତ୍ୱ ନିଶ୍ଚୟ ଥିବ । ଯଦି ନ ଥାନ୍ତା, ତା'ହେଲେ ବସ୍ତୁ କେଉଁଠାରୁ ଉଦ୍‌ଭୂତ ହେଲା ? ମନ ପୂର୍ବରୁ ବସ୍ତୁର ଅସ୍ତିତ୍ୱ ଏବଂ ବସ୍ତୁ ପୂର୍ବରୁ ମନର ଅସ୍ତିତ୍ୱ ଅଛି । ଏହା ଆମୂଳ-ଚୂଳ 'କୁକୁଡ଼ା ଓ ଡିମ୍ବ' ପ୍ରଶ୍ନ ପରି ।

ସମଗ୍ର ପ୍ରକୃତି ନିମିତ୍ତର ବିଧିଦ୍ୱାରା ସୀମାବଦ୍ଧ ଏବଂ ଦେଶ-କାଳର ଅନ୍ତର୍ଗତ । ଦେଶ ବାହାରେ ଆମେ କିଛି ଦେଖିପାରୁ ନାହିଁ, ତଥାପି ଆମେ ଦେଶ କ'ଣ ଜାଣି ନାହୁଁ । କାଳ ବାହାରେ ଆମେ କିଛି ଅନୁଭବ କରିପାରୁ ନାହିଁ, ତଥାପି ଆମେ କାଳ କ'ଣ ଜାଣି ନାହୁଁ । କାର୍ଯ୍ୟକାରଣର ଭାଷାରେ ନ କହିଲେ ଆମେ କିଛି ବୁଝିପାରୁ ନାହିଁ । ତଥାପି କାର୍ଯ୍ୟକାରଣ କ'ଣ ତାହା ଆମେ ଜାଣୁ ନାହିଁ । ଦେଶ, କାଳ ଓ ନିମିତ୍ତ—ଏହି ତିନୋଟି ପ୍ରତ୍ୟେକ ଦୃଶ୍ୟ ବସ୍ତୁ ମଧ୍ୟରେ ଅନୁସ୍ୟୂତ, କିନ୍ତୁ ଏସବୁ ଦୃଶ୍ୟ ବସ୍ତୁ ନୁହେଁ । ବୁଝିପାରିବା ପୂର୍ବରୁ ଏମାନେ ଯେପରି ଭିନ୍ନ ଭିନ୍ନ ଆକାର ବା ଛାଞ୍ଚ, ଯେଉଁଥିରେ ପ୍ରତ୍ୟେକ ବସ୍ତୁକୁ ଢାଳିବାକୁ ହେବ । ଦେଶ-କାଳ-ନିମିତ୍ତର ସମବାୟରେ ବସ୍ତୁ ଗୋଟିଏ ସତ୍ତ୍ୱା । ଦେଶ-କାଳ-ନିମିତ୍ତର ସମବାୟରେ ମନ ଗୋଟିଏ ସତ୍ତ୍ୱା ।

ଏହି ତତ୍ତ୍ୱଟିକୁ ଅନ୍ୟ ଭାବରେ ପ୍ରକାଶ କରାଯାଇପାରେ । ପ୍ରତ୍ୟେକ ବସ୍ତୁ ହିଁ ସତ୍ତ୍ୱା—ନାମ ଓ ରୂପର ସମାହାର । ନାମ ଓ ରୂପ ଆସେ ଏବଂ ଯାଏ, କିନ୍ତୁ ସତ୍ତ୍ୱା ଚିରଦିନ ଏକାପରି ରହିଯାଏ । ସତ୍ତ୍ୱା, ନାମ ଓ ରୂପ ଏହି ଜଳପାତ୍ରଟିକୁ ଗଢ଼ନ୍ତି ! ଏହା ଭାଙ୍ଗିଗଲେ ଏହାକୁ ଆଉ 'ପାତ୍ର' ବୋଲି କୁହାଯାଏ ନାହିଁ; ଅଥବା ଏହାର ପାତ୍ର-ରୂପ ରହେ ନାହିଁ । ଏହାର ନାମ ଓ ରୂପ ରହେ ନାହିଁ, କିନ୍ତୁ ଏହାର ସତ୍ତ୍ୱା ରହେ । ନାମ ଓ ରୂପ ଦ୍ୱାରା ବସ୍ତୁର ଯାବତୀୟ ପାର୍ଥକ୍ୟ ହୁଏ । ଏଗୁଡ଼ିକ କିନ୍ତୁ ଯଥାର୍ଥ ନୁହେଁ; କାରଣ ଏହିସବୁର ଅସ୍ତିତ୍ୱ ରହେ ନାହିଁ । ଆମେ ଯାହାକୁ ପ୍ରକୃତି ବୋଲି କହୁ, ତାହା ଅବିନାଶୀ ଓ ବିକାରହୀନ ସତ୍ତ୍ୱା ନୁହେଁ । ଦେଶ, କାଳ ଓ ନିମିତ୍ତ ହିଁ ପ୍ରକୃତି, ନାମ ଓ ରୂପ ହିଁ ପ୍ରକୃତି । ପ୍ରକୃତି ହିଁ ମାୟା । ଯେଉଁ ନାମ ଓ ରୂପରେ ପ୍ରତ୍ୟେକ ବସ୍ତୁକୁ ଢଳାଯାଏ, ତାହାକୁ 'ମାୟା' କୁହାଯାଏ । ମାୟା ସତ୍ୟ ନୁହେଁ, ମିଥ୍ୟା । ମାୟା ସତ୍ୟ ହୋଇଥିଲେ ଏହାକୁ ଆମେ ବିନାଶ ବା ପରିବର୍ତ୍ତିତ କରିପାରନ୍ତେ ନାହିଁ । ସତ୍ତ୍ୱା ହେଉଛି ଅଜ୍ଞାତ ଓ ବସ୍ତୁଜଗତର ଗୁଣାଗୁଣଶୂନ୍ୟ ଏବଂ କେବଳ ବୁଦ୍ଧି ଦ୍ୱାରା ଅଧିଗମ୍ୟ ବିଷୟ, ଏବଂ ମାୟା ହେଉଛି ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ବା ପ୍ରପଞ୍ଚ । ପ୍ରକୃତ 'ମୁଁ' କୁ କେହି ବିନାଶ କରିପାରେ ନାହିଁ, ଅପକ୍ଷେ ବା ପରିଦୃଶ୍ୟମାନ 'ମୁଁ' ସତତ ପରିବର୍ତ୍ତନ-ଶୀଳ ଓ ନଶ୍ୱର ।

ଅସଲ କଥା—ପାର୍ଥିବ ବସ୍ତୁ ମାନଙ୍କେ ଦୁଇଟି ଦିଗ ଅଛି । ଗୋଟିଏ ଦିଗ ହେଲା ନିତ୍ୟ, ବିକାରହୀନ ଓ ଅବିନାଶୀ; ଏବଂ ଅନ୍ୟ ଦିଗଟି ହେଲା ଅନିତ୍ୟ, ପରିବର୍ତ୍ତନଶୀଳ ଓ ନଶ୍ୱର । ମନୁଷ୍ୟ ସ୍ୱରୂପତଃ ସତ୍ତ୍ୱା, ଆତ୍ମା ! ଏହି ଆତ୍ମା—ଏହି ସତ୍ତ୍ୱା ବିକାରହୀନ, ଅବିନାଶୀ;

କିନ୍ତୁ ଏହା ନାମରୂପାତ୍ମକ ବୋଲି ପ୍ରତୀୟମାନ ହୁଏ । ଏହି ନାମ ଓ ରୂପ ବିକାରହୀନ ବା ଅବିନାଶୀ ନୁହେଁ; ଏହା ଚିରପରିବର୍ତ୍ତନଶୀଳ ଓ ନଶ୍ୱର । ତଥାପି ମନୁଷ୍ୟ ଏହି ପରିବର୍ତ୍ତନଶୀଳ ଦେହ ଓ ମନ ମଧ୍ୟରେ ନିର୍ବୋଧଙ୍କ ପରି ଅମରତ୍ୱ ଖୋଜେ—ଗୋଟିଏ ଶାଶ୍ୱତ ଦେହ ପାଇବାକୁ ଚାହେଁ । ମୁଁ ସେପ୍ରକାର ଅମୃତତ୍ୱ ଚାହେଁ ନାହିଁ ।

ପ୍ରକୃତି ଓ ମୋ ମଧ୍ୟରେ କି ସମ୍ବନ୍ଧ ? ପ୍ରକୃତି ନାମ ଓ ରୂପ ଅଥବା ଦେଶ, କାଳ ଓ ନିମିତ୍ତର ପ୍ରତୀକ; ମୁଁ ପ୍ରକୃତିର ଅଂଶ ନୁହେଁ, କାରଣ ମୁଁ ମୁକ୍ତ, ଅମୃତ, ଅପରିଣାମୀ ଓ ଅନନ୍ତ । ମୋର ସ୍ୱାଧୀନ ଇଚ୍ଛା ଅଛି କି ନାହିଁ—ଏହି ପ୍ରଶ୍ନ ଉଠେ ନାହିଁ । ମୁଁ ଯେକୌଣସି ଇଚ୍ଛାର ଅତୀତ । ଯେଉଁଠାରେ ଇଚ୍ଛା ଅଛି, ତାହା କଦାପି ସ୍ୱାଧୀନ ନୁହେଁ । ଇଚ୍ଛାର କୌଣସି ସ୍ୱାଧୀନତା ନାହିଁ । ନାମ ଓ ରୂପ—ଇଚ୍ଛାକୁ ଧରି ଦାସ କଲେ ମଧ୍ୟ ଆତ୍ମାର ସ୍ୱାଧୀନତା ବଜାୟ ରହିଥାଏ । ସେହି ସତ୍ତ୍ୱ, ସେହି ଆତ୍ମା ଯେପରି ନିଜକୁ ନାମ-ରୂପର ଛାଞ୍ଚରେ ଢାଳି ଗଢ଼ିତୋଳନ୍ତି ଏବଂ ଅଚିରେ ବନ୍ଧନଯୁକ୍ତ ହୁଅନ୍ତି, ଅଥଚ ପୂର୍ବରୁ ସେ ମୁକ୍ତ ବା ସ୍ୱାଧୀନ ଥିଲେ । ତଥାପି ତାଙ୍କର ମୂଳ ସ୍ୱଭାବ ରହିଯାଏ । ଏଥିପାଇଁ ଶାସ୍ତ୍ର କହେ, 'ମୁଁ ମୁକ୍ତ; ଏସମସ୍ତ ବନ୍ଧନ ସତ୍ତ୍ୱେ ମୁଁ ମୁକ୍ତ ।' ଏବଂ ଆତ୍ମା କେବେହେଲେ ଏ କଥା ବିସ୍ମୃତ ହୁଅନ୍ତି ନାହିଁ ।

କିନ୍ତୁ ଯେତେବେଳେ ଇଚ୍ଛା ଜାଗ୍ରତ ହୁଏ, ସେତେବେଳେ ଆତ୍ମା ଆଉ ପ୍ରକୃତପକ୍ଷେ ସ୍ୱାଧୀନ ବା ମୁକ୍ତ ନୁହନ୍ତି । ପ୍ରକୃତି ଶିକୁଳି ଧରି ଟାଣେ, ଏବଂ ପ୍ରକୃତି ଯେପରି ନଚାଇବାକୁ ଚାହେଁ, ତାଙ୍କୁ ସେହିପରି ନାଚିବାକୁ ହୁଏ । ଏହିଭଳି ଭାବରେ ତୁମେ ଓ ମୁଁ ବର୍ଷ ବର୍ଷ ଧରି ନାଚି ଆସୁଛୁ । ଆମେ ଯାହା କିଛି ଦେଖୁ, କରୁ, ଅନୁଭବ କରୁ ଓ ଜାଣୁ, ଆମମାନଙ୍କର ସକଳ ଚିନ୍ତା ଓ କାର୍ଯ୍ୟ ପ୍ରକୃତିର ନିର୍ଦ୍ଦେଶାନୁସାରେ ନୃତ୍ୟ ଛଡ଼ା ଆଉ କିଛି ନୁହେଁ । କୌଣସିଥିରେ ଆମର କୌଣସି ସ୍ୱାଧୀନତା ନ ଥିଲା କି ନାହିଁ ! ନିମ୍ନତମରୁ ଉଚ୍ଚତମ ସକଳ ଚିନ୍ତା ଓ କାର୍ଯ୍ୟ ପ୍ରଣାଳୀବଦ୍ଧ, ଏବଂ ଏଥିମଧ୍ୟରୁ କୌଣସିଟି ଆମମାନଙ୍କର ପ୍ରକୃତ ସ୍ୱରୂପଗତ ନୁହେଁ !

ମୋର ଯଥାର୍ଥ ସ୍ୱରୂପ ସକଳ ବିଧିର ବାହାରେ । ଦାସତ୍ୱ ଓ ପ୍ରକୃତି ସହିତ ସମଭାବାପନ୍ନ ହୁଅ ଏବଂ ତୁମେ ନିୟମାନୁଗ ହୋଇ ଚାଲ; ନିୟମର ବଶବର୍ତ୍ତୀ ହେଲେ ହିଁ ତୁମେ ସୁଖୀ ହେବ । କିନ୍ତୁ ତୁମେ ଯେତିକି ପ୍ରକୃତି ଓ ଏହାର ନିର୍ଦ୍ଦେଶକୁ ମାନି ଚଳିବ, ସେତିକି ବାନ୍ଧି ହୋଇଯିବ । ଅଜ୍ଞତା ସହିତ ତୁମେ ଯେତିକି ସଙ୍ଗତି ରଖି ଚାଲିବ, ସେତିକି ବେଶୀ ତୁମେ ବିଶ୍ୱର ସବୁକିଛିର ଅଧୀନ ହେବ । ପ୍ରକୃତି ସହିତ ଏହି ସାମଞ୍ଜସ୍ୟ, ଏହି ନିୟମାନୁଗାମିତା ହିଁ କ'ଣ ମଣିଷର ଯଥାର୍ଥ ସ୍ୱରୂପ ଓ ନିୟତି ସହ ସଙ୍ଗତିସମ୍ପନ୍ନ ? କୌଣସି ଖଣିଜ ପଦାର୍ଥ କେବେ କ'ଣ ବିଧି ବା ନିୟମ ସହିତ ବିବାଦ କରିଛି ? କୌଣସି ବୃକ୍ଷ ବା ଗୁଳ୍ମଗଛ କେବେ କ'ଣ ନିୟମ ଲଙ୍ଘନ କରିଛି ? ଏହି ଟେବୁଲଟି ପ୍ରକୃତି ଓ ନିୟମକୁ ମାନି ଚଳେ; କିନ୍ତୁ ଏହା ସର୍ବଦା ଟେବୁଲ ହୋଇ ରହିଯାଏ, ଏହା ଅପେକ୍ଷା ଭଲ ହୁଏ ନାହିଁ । ମଣିଷ ପ୍ରକୃତି ବିରୋଧରେ ସଂଗ୍ରାମ କରିବାକୁ ଆରମ୍ଭ କରେ । ସେ ଅନେକ ଭୁଲ କରେ, ଅନେକ କଷ୍ଟ

ପାଏ । କିନ୍ତୁ ପରିଣାମରେ ସେ ପ୍ରକୃତିକୁ ଜୟ କରେ, ଏବଂ ନିଜର ମୁକ୍ତି ଉପଲବ୍ଧି କରେ, ଯେତେବେଳେ ସେ ମୁକ୍ତ ହୁଏ, ସେତେବେଳେ ପ୍ରକୃତି ତା'ର ଦାସ ହୋଇଯାଏ ।

ବନ୍ଧନ ସମ୍ବନ୍ଧରେ ଆତ୍ମାର ସଚେତନତା ଏବଂ ଶକ୍ତିପ୍ରକାଶରେ ସଚେଷ୍ଟ ହେବାକୁ 'ଜୀବନ' କୁହାଯାଏ । ଏହି ସଂଗ୍ରାମର ସଫଳତାକୁ କ୍ରମବିକାଶ କୁହାଯାଏ । ସର୍ବପ୍ରକାର ଦାସତ୍ୱକୁ ଦୂର କରି ପରିଣାମରେ ଜୟଲାଭ କରିବାକୁ 'ମୁକ୍ତି', 'ମୋକ୍ଷ' ବା 'ନିର୍ବାଣ' କୁହାଯାଏ । ବିଶ୍ୱର ସମସ୍ତେ ମୁକ୍ତି ପାଇଁ ସଂଗ୍ରାମ କରୁଛନ୍ତି । ଯେତେବେଳେ ମୁଁ ପ୍ରକୃତି, ନାମ-ରୂପ ଓ ଦେଶ-କାଳ-ନିମିତ୍ତ ଦ୍ୱାରା ଆବଦ୍ଧ, ସେତେବେଳେ ମୁଁ ମୋର ଯଥାର୍ଥ ସ୍ୱରୂପ ଜାଣି ନ ଥାଏ । କିନ୍ତୁ ଏହି ଦାସତ୍ୱରେ ମଧ୍ୟ ମୋର ଯଥାର୍ଥ ସ୍ୱରୂପ ସଂପୂର୍ଣ୍ଣ ଭାବରେ ନଷ୍ଟ ହୁଏ ନାହିଁ । ମୁଁ ବନ୍ଧନ ବିରୋଧରେ ସଂଗ୍ରାମ କରେ; ବନ୍ଧନଗୁଡ଼ିକ ଗୋଟି ଗୋଟି ହୋଇ ଭାଙ୍ଗିଯାଏ ଏବଂ ମୋର ସ୍ୱାଭାବିକ ମହତ୍ତ୍ୱ ସମ୍ବନ୍ଧରେ ମୁଁ ସଚେତନ ହୁଏ । ତା'ପରେ ହିଁ ଆସେ ପୂର୍ଣ୍ଣ ମୁକ୍ତି । ମୋର ସ୍ୱରୂପ ସମ୍ବନ୍ଧରେ ସୁସ୍ପଷ୍ଟ ଓ ପରିପୂର୍ଣ୍ଣ ଚୈତନ୍ୟ ମୁଁ ଲାଭ କରେ— ଜାଣେ ଯେ ମୁଁ ଅନନ୍ତ ଆତ୍ମା, ପ୍ରକୃତିର ପ୍ରଭୁ, କିନ୍ତୁ ପ୍ରକୃତିର ଦାସ ନୁହେଁ । ସକଳ ଭେଦ ଓ ସମବାୟର ଅତୀତ, ଦେଶ କାଳ ଓ ନିମିତ୍ତର ଅତୀତ 'ମୁଁ ସେହି ଆତ୍ମା, ମୁଁ ସେହି ବ୍ରହ୍ମ' ।

## ଧର୍ମୀୟ ଐକ୍ୟର ମହାସମ୍ମେଳନ

### 'ଶିକାଗୋ ସନ୍‌ଡ଼େ ହେରାଲ୍‌ଡ' (୨୪ ସେପ୍‌ଟେମ୍ବର, ୧୮୯୩) ପତ୍ରିକାରେ ପ୍ରକାଶିତ ବକ୍ତୃତାର ରିପୋର୍ଟ

ଏହି ଧର୍ମ-ମହାସମ୍ମେଳନରେ ପ୍ରଦତ୍ତ ବକ୍ତୃତାଗୁଡ଼ିକର ସାଧାରଣ ସିଦ୍ଧାନ୍ତ ହେଲା— ମାନବଜାତିର ସୌଭ୍ରାତ୍ର ହିଁ ବହୁ-ଆକାଙ୍‌କ୍ଷିତ ଉଦ୍ଦେଶ୍ୟ । ସ୍ୱାଭାବିକ ଅବସ୍ଥାରୂପେ ଏହି ଭ୍ରାତୃତ୍ୱ ସମ୍ପର୍କରେ ଅନେକ କଥା କୁହାଯାଇଛି, କାରଣ ଆମେ ସମସ୍ତେ ଜଣେ ଈଶ୍ୱରଙ୍କର ସନ୍ତାନ । ଅନେକ ଧର୍ମସଂପ୍ରଦାୟ ଈଶ୍ୱରଙ୍କର ଅର୍ଥାତ୍‌ ସାକାର ଈଶ୍ୱରଙ୍କର ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ । ଯଦି ଆମେ ଏହିସବୁ ଧର୍ମସଂପ୍ରଦାୟକୁ ସ୍ୱୀକାର ନ କରୁ, ତା' ହେଲେ ଆମମାନଙ୍କର ସୌଭ୍ରାତ୍ର ସାର୍ବଜନୀନ ହେବ ନାହିଁ, ସମଗ୍ର ମାନବଜାତିକୁ ଆଲିଙ୍ଗନ କରିବା ଭଳି ପ୍ରଶସ୍ତ ମିଳନଭୂମି ଆମମାନଙ୍କର ରହିବ ନାହିଁ । ଏହି ମହାସମ୍ମେଳନରେ କୁହାଯାଇଛି ଯେ, ମାନବଜାତିର ହିତସାଧନ କରିବା ଆମମାନଙ୍କର କର୍ତ୍ତବ୍ୟ, କାରଣ ମନ୍ଦ ବା ନୀଚ କର୍ମ ପ୍ରତିକ୍ରିୟାରୂପରେ କର୍ତ୍ତା ନିକଟକୁ ଫେରିଆସେ । ପ୍ରଥମେ ଆମେ ନିଜେ ଓ ତା'ପରେ ଆମର ଭାଇମାନେ—ଏହି ଭାବଟିରେ ଦୋକାନଦାରି ଚିନ୍ତା ଅଛି ବୋଲି ମନେହୁଏ । ମୁଁ ମନେକରେ—ଈଶ୍ୱରଙ୍କ ପିତୃତ୍ୱରେ ଆମେ ବିଶ୍ୱାସ କରୁ ବା ନ କରୁ; ଭାଇମାନଙ୍କୁ ଆମମାନଙ୍କର ଭଲ ପାଇବା ଉଚିତ୍‌, କାରଣ ପ୍ରତ୍ୟେକ ଧର୍ମ ଓ ପ୍ରତ୍ୟେକ ମତବାଦ ମଣିଷର ଦେବତ୍ୱକୁ ସ୍ୱୀକାର କରେ । ମଣିଷ ଭିତରେ ଯେ ଦେବତ୍ୱ ନିହିତ, ତାହା ଯେପରି

କୌଣସି ପ୍ରକାରେ କ୍ଷୁଣ୍ଣ ନ ହୁଏ; ସେଥିପାଇଁ କାହାର କୌଣସି ଅନିଷ୍ଟ କରିବା ଉଚିତ ନୁହେଁ ।

## ପ୍ରାଚ୍ୟ-ନାରୀ

[ଚିକାଗୋର ଜାକ୍‌ସନ ଷ୍ଟ୍ରିଟ୍‌ରେ ନାରୀମାନଙ୍କ ସଭାଗୃହରେ ବିଶ୍ୱଧର୍ମ-ସମ୍ମେଳନର ନାରୀ-ପରିଚାଳିକା ସମିତିର ପ୍ରେସିଡେଣ୍ଟ ମିସେସ୍ ପିଟାର୍ ପାମାର୍ କର୍ତ୍ତୃକ ଆୟୋଜିତ ଏକ ବିଶେଷ ସଭାରେ ସ୍ୱାମୀଜୀ ପ୍ରାଚ୍ୟନାରୀର ବର୍ତ୍ତମାନ ଓ ଭବିଷ୍ୟତ ସମ୍ବନ୍ଧରେ ଆଲୋଚନା କରିଥିଲେ । ବକ୍ତୃତାଟି ଚିକାଗୋ ଡେଲି ଇଣ୍ଟରଓସେନ୍ ପତ୍ରିକାରେ ୧୮୯୩ ଖ୍ରୀ: ସେପ୍‌ଟେମ୍ବର ୨୩ ପ୍ରକାଶିତ ।]

କୌଣସି ଜାତିର ଉନ୍ନତିର ଶ୍ରେଷ୍ଠ ପରିମାପକ ତା'ର ନାରୀ ଜାତି ପ୍ରତି ଆଚରଣ । ପ୍ରାଚୀନ ଗ୍ରୀସ୍‌ରେ ପୁରୁଷ ଓ ନାରୀଙ୍କ ଅବସ୍ଥା ମଧ୍ୟରେ କୌଣସି ପାର୍ଥକ୍ୟ ନ ଥିଲା—ପୂର୍ଣ୍ଣ ସାମ୍ୟଭାବ ପ୍ରତିଷ୍ଠିତ ଥିଲା । ବିବାହ ନ ହେବା ପର୍ଯ୍ୟନ୍ତ କୌଣସି ହିନ୍ଦୁ ପୁରୋହିତ ହୋଇପାରିବେ ନାହିଁ—ଏହାର ଅର୍ଥ, ଅବିବାହିତ ବ୍ୟକ୍ତି ଅଧା ଅର୍ଥାତ୍ ଅସମ୍ପୂର୍ଣ୍ଣ ମଣିଷ । ପୂର୍ଣ୍ଣ ନାରୀତ୍ୱର ଅର୍ଥ ପୂର୍ଣ୍ଣ ସ୍ୱାଧୀନତା । ସତୀତ୍ୱ ହିଁ ଆଧୁନିକ ହିନ୍ଦୁନାରୀ ଜୀବନର ମୁଖ୍ୟଭାବ । ବୃତ୍ତର କେନ୍ଦ୍ର ପତ୍ନୀ—ଏହି କେନ୍ଦ୍ରର ସ୍ଥାୟିତ୍ୱ ନିର୍ଭର କରେ ତା'ର ସତୀତ୍ୱ ଉପରେ । ଏହି ପ୍ରକାର ଭାବର ଆତିଶଯ୍ୟ ଯୋଗୁ ହିନ୍ଦୁ ବିଧବା ମୃତ-ପତିର ଚିତାରେ ଆତ୍ମ-ବିସର୍ଜନ କରୁଥିଲେ । ସମ୍ଭବତଃ ପୃଥିବୀର ଅନ୍ୟାନ୍ୟ ନାରୀମାନଙ୍କ ଅପେକ୍ଷା ହିନ୍ଦୁନାରୀ ଅଧିକତର ଧର୍ମଶୀଳା ଓ ଆଧ୍ୟାତ୍ମିକଭାବସମ୍ପନ୍ନା । ଯଦି ଆମେ ଚରିତ୍ରର ଏହି ସୁନ୍ଦର ଗୁଣରାଜିକୁ ରକ୍ଷା କରିପାରୁ ଏବଂ ଏଥି ସଙ୍ଗେ ସଙ୍ଗେ ଆମ ନାରୀମାନଙ୍କର ବୁଦ୍ଧିବୃତ୍ତିର ଉନ୍ନତି ସାଧନ କରିପାରୁ, ତା'ହେଲେ ଭବିଷ୍ୟତରେ ହିନ୍ଦୁନାରୀ ଆଦର୍ଶ ନାରୀ ହେବେ ।

## ଭାଷା-ପ୍ରସଙ୍ଗରେ

ସରଳତା ହିଁ ରହସ୍ୟ । ମୋର ଗୁରୁଦେବଙ୍କ କଥ୍ୟ ଅଥଚ ଗଭୀର ଭାବ-ପ୍ରକାଶକ ଭାଷା ହିଁ ମୋର ଆଦର୍ଶ । ଯେଉଁ ଭାବ ପ୍ରକାଶର ଅଭିପ୍ରାୟ ଥାଏ, ସେହି ଭାବ ହିଁ ପ୍ରକାଶିତ ହେବା ଉଚିତ ।

ଏତେ ଅଳ୍ପ ସମୟ ମଧ୍ୟରେ ବଙ୍ଗଳା ଭାଷାକୁ ନିପୁଣ କରିବାର ଚେଷ୍ଟା କଲେ ଏହା ଧରାବନ୍ଧା ଭାଷାରେ ପରିଣତ ହେବ । ପ୍ରକୃତରେ କହିବାକୁ ଗଲେ ବଙ୍ଗଳା ଭାଷାରେ କ୍ରିୟା ନାହିଁ । ମାଇକେଲ ମଧୁସୂଦନ ଦତ୍ତ ତାଙ୍କର କବିତାରେ ଏହାର ପ୍ରତିକାର କରିବାକୁ ଚେଷ୍ଟା କରିଥିଲେ । କବି-କଙ୍କଣ ବଙ୍ଗଳାର ଶ୍ରେଷ୍ଠ କବି ଥିଲେ । ପତଞ୍ଜଳିଙ୍କ ମହାଭାଷ୍ୟ ସଂସ୍କୃତ ଭାଷାର ଶ୍ରେଷ୍ଠ ଗଦ୍ୟ, ଏହାର ଭାଷା ବଳିଷ୍ଠ । ହିତୋପଦେଶର ଭାଷା ମନ୍ଦ ନୁହେଁ;

କିନ୍ତୁ କାଦମ୍ବରୀର ଭାଷା ଅପକୃଷ୍ଟତାର ଦୃଷ୍ଟାନ୍ତ ।

ବଙ୍ଗଳା ଭାଷା ବରଂ ପାଲିଭାଷା ଢଙ୍ଗରେ ହେବା ଉଚିତ, ସଂସ୍କୃତ ଢାଞ୍ଚାରେ ନୁହେଁ । କାରଣ ବଙ୍ଗଳା ସହିତ ପାଲିର ଅଧିକତର ସାଦୃଶ୍ୟ ଅଛି । ବଙ୍ଗଳାରେ ପରିଭାଷା-ଶବ୍ଦର ସୃଷ୍ଟି ପାଇଁ ସଂସ୍କୃତ ଶବ୍ଦକୁ ବ୍ୟବହାର କରିବାକୁ ହେବ ଏବଂ ନୂତନ ନୂତନ ଶବ୍ଦ ଉଦ୍ଭାବନ କରିବାର ଚେଷ୍ଟା ମଧ୍ୟ କରିବାକୁ ହେବ । ଏହି ଉଦ୍ଦେଶ୍ୟରେ ଯଦି ସଂସ୍କୃତ ଅଭିଧାନରୁ ଏସବୁ ଶବ୍ଦ ସଂଗ୍ରହ କରାଯାଏ, ତା'ହେଲେ ବଙ୍ଗଳା ଭାଷା-ଗଠନରେ ପ୍ରଭୂତ ସହାୟକ ହେବ ।

# ଭକ୍ତି-ସଞ୍ଚୟନ

## ଉକ୍ତି-ସଞ୍ଚୟନ-୧

[ଭଗିନୀ ନିବେଦିତାଙ୍କ Master as I saw Him
ପ୍ରଭୃତି ଗ୍ରନ୍ଥରୁ ସ୍ୱାମୀଜୀଙ୍କର ଉକ୍ତି-ଚୟନ]

୧ । ମନୁଷ୍ୟର ଜନ୍ମ ପ୍ରକୃତିକୁ ଜୟ କରିବା ପାଇଁ, ତାକୁ ଅନୁସରଣ କରିବା ପାଇଁ ନୁହେଁ ।

୨ । ତୁମେ ଯେତେବେଳେ ନିଜକୁ ଦେହ ମାତ୍ର ଭାବ, ସେତେବେଳେ ତୁମେ ବିଶ୍ୱ-ଜଗତରୁ ବିଚ୍ଛିନ୍ନ; ନିଜକୁ ଯେତେବେଳେ ଜୀବ ବୋଲି ଭାବ, ସେତେବେଳେ ତୁମେ ସେହି ଶାଶ୍ୱତ ମହାନ୍ ଜ୍ୟୋତିର ଗୋଟିଏ କଣିକା ମାତ୍ର; ଯେତେବେଳେ ଆତ୍ମା ବୋଲି ଭାବ, ସେତେବେଳେ ତୁମେ ସବୁ କିଛି ।

୩ । ଇଚ୍ଛାଶକ୍ତି ସ୍ୱାଧୀନ ନୁହେଁ—ଏହା କାର୍ଯ୍ୟ-କାରଣ-ଗଣ୍ଠିର ଅନ୍ତର୍ନିହିତ ଘଟଣା-ବିଶେଷ; କିନ୍ତୁ ଏହି ଇଚ୍ଛାଶକ୍ତି ପଛରେ ଏପରି ଗୋଟିଏ ଜିନିଷ ଅଛି, ଯାହା କି ସ୍ୱାଧୀନ ।

୪ । ସତ୍ୟତା ଏବଂ ପବିତ୍ରତା ହିଁ ଶକ୍ତିର ଆକର ।

୫ । ବିଶ୍ୱଜଗତ୍ ଈଶ୍ୱରଙ୍କର ବହିଃପ୍ରକାଶ ।

୬ । ନିଜ ଉପରେ ବିଶ୍ୱାସ ନ ଆସିଲେ, ଈଶ୍ୱରଙ୍କ ଉପରେ ବିଶ୍ୱାସ ଆସେ ନାହିଁ ।

୭ । 'ମୋର ଦେହ'—ଏହି ଭ୍ରମ ହିଁ ସମସ୍ତ ଅମଙ୍ଗଳର ମୂଳ । ପ୍ରଥମ ପାପ ବୋଲି ଯଦି କିଛି ଥାଏ, ଏହା ହିଁ ସେହି ପାପ ।

୮ । ଦଳେ କହନ୍ତି, ଚିନ୍ତା—ଜଡ଼ରୁ ଉତ୍ପନ୍ନ; ଆଉ ଗୋଟିଏ ଦଳର ମତ ଯେ, ଚିନ୍ତାରୁ ଜଡ଼-ଜଗତର ଉତ୍ପତ୍ତି । ଏହି ଦୁଇଟି ମତବାଦ ହିଁ ଭୁଲ; ଜଡ଼ବସ୍ତୁ ଏବଂ ଚିନ୍ତା ପରସ୍ପରର ସହଗାମୀ । ତୃତୀୟ ଏପରି ଗୋଟିଏ ବସ୍ତୁ ଅଛି, ଯାହାଠାରୁ ଉଭୟ ଚିନ୍ତା ଓ ଜଡ଼ବସ୍ତୁର ଉଦ୍ଭବ ।

୯ । ଆକାଶ ଭିତରେ ଯେପରି ସମସ୍ତ ଜଡ଼କଣା ଏକତ୍ର ହୁଏ, ସେହିପରି କାଳର ବକ୍ଷରେ ସମସ୍ତ ଚିନ୍ତାତରଙ୍ଗ ମିଳିତ ହୁଏ । ସମସ୍ତ ଜଡ଼ ଜିନିଷ ଯେପରି ଆକାଶରେ (ଦେଶରେ) ସୀମାବଦ୍ଧ, ସମସ୍ତ ଚିନ୍ତା ସେହିପରି କାଳରେ ସୀମାବଦ୍ଧ ।

୧୦ । ଈଶ୍ୱରଙ୍କ ସଂଜ୍ଞା ନିରୂପଣ କରିବା କମିତ୍ତ ଯିବା ମାନେ ଦଳାଚକଟା କରିବା, କାରଣ ସେ ହିଁ ଏକମାତ୍ର ସତ୍ତା—ଯାହାଙ୍କୁ ଆମେ ଜାଣୁ ।

୧୧ । ଧର୍ମ ଏପରି ଏକ ଭାବ, ଯାହା ପଶୁକୁ ମନୁଷ୍ୟରେ ଏବଂ ମନୁଷ୍ୟକୁ ଦେବତାରେ ପରିଣତ କରେ ।

୧୨ । ବହିଃପ୍ରକୃତି—ଅନ୍ତଃପ୍ରକୃତିର ହିଁ ସ୍ଥୂଳ ପ୍ରକାଶ ମାତ୍ର ।

୧୩ । ଉଦ୍ଦେଶ୍ୟ ଦ୍ୱାରା ହିଁ ଯେକୌଣସି କାର୍ଯ୍ୟର ମୂଲ୍ୟ ନିରୂପିତ ହୁଏ । ତୁମେ ଈଶ୍ୱର, ନିମ୍ନତମ ମନୁଷ୍ୟଟି ମଧ୍ୟ ଈଶ୍ୱର—ଏହା ଅପେକ୍ଷା ଆଉ ଉଚ୍ଚତର ଉଦ୍ଦେଶ୍ୟ ବା କ'ଣ ଥାଇପାରେ ?

୧୪ । ମନୋଜଗତର ଘଟଣାବଳୀ ପରୀକ୍ଷା କରିବାକୁ ଗଲେ ବିଜ୍ଞାନସମ୍ମତ ଉପାୟ ଦ୍ୱାରା ଶିକ୍ଷିତ ଏବଂ ଖୁବ୍ ସବଳ ହେବା ପ୍ରୟୋଜନ ।

୧୫ । ମନ ହିଁ ସବୁ କିଛି; ଚିନ୍ତା ହିଁ ସବୁ କିଛି—ଏହି ଧରୁ ଭାବିବା କେବଳ ଗୋଟିଏ ଉନ୍ନତ ଧରଣର ଜଡ଼ବାଦ ମାତ୍ର ।

୧୬ । ଏହି ପୃଥିବୀ ଗୋଟିଏ ବିରାଟ ବ୍ୟାୟାମାଗାର, ଏଠାକୁ ଆମେ ନିଜକୁ ସବଳ କରିବା ନିମନ୍ତେ ଆସୁ ।

୧୭ । ଗୋଟିଏ ଗଛ ଗଛକୁ ବଢ଼େଇବା ତୁମ ପକ୍ଷରେ ଯେତିକି ସମ୍ଭବ, ଗୋଟିଏ ଶିଶୁକୁ ଶିକ୍ଷା ଦେବା ମଧ୍ୟ ତୁମ ପକ୍ଷରେ ସେତିକି ସମ୍ଭବ, ତା'ଠାରୁ ବେଶୀ ନୁହେଁ । ତୁମେ ଯେତିକି କରିପାର, ତାହା କେବଳ 'ନେତି'ବାଚକ—ତୁମେ କେବଳ ତାକୁ ସାହାଯ୍ୟ କରିପାର । ଶିକ୍ଷା ଦ୍ୱାରା ବିକାଶ ଯେଉଁ ହୁଏ, ଶିଶୁ ନିଜର ପ୍ରକୃତିକୁ ବିକଶିତ କରିଥାଏ; ତୁମେ କେବଳ ବାଧାଗୁଡ଼ିକୁ ଅପସାରିତ କରିପାର ।

୧୮ । ସମ୍ପ୍ରଦାୟ-ଗଠନ ସଙ୍ଗେ ସଙ୍ଗେ ବିଶ୍ୱପ୍ରେମର ବିରୋଧିତା କରିଥାଏ । ଯାହାର ହୃଦୟରେ ବାସ୍ତବିକ୍ ବିଶ୍ୱପ୍ରେମର ଅନୁଭୂତି ଜାଗ୍ରତ ହୋଇଛି, ସେ ବେଶୀ କଥା କହେ ନାହିଁ, କିନ୍ତୁ ତାହାର କାର୍ଯ୍ୟଗୁଡ଼ିକ ଉଚ୍ଚକଣ୍ଠରେ ତାହା ଘୋଷଣା କରିଥାଏ ।

୧୯ । ସତ୍ୟକୁ ହଜାର ପ୍ରକାର କଥାରେ ପ୍ରକାଶ କରିହୁଏ, ଏବଂ ପ୍ରତିଟି କଥା ହିଁ ସତ୍ୟ ।

୨୦ । ତୁମକୁ କ୍ରମଶଃ ଭିତରୁ ବାହାର ଆଡ଼କୁ ବିକଶିତ ହେବାକୁ ପଡ଼ିବ; ଏହା କେହି ତୁମକୁ ଶିଖାଇପାରିବେ ନାହିଁ, କେହି ତୁମକୁ ଭଗବତ୍-ପରାୟଣ କରିଦେଇପାରିବେ ନାହିଁ । ତୁମ ନିଜର ଅନ୍ତରାତ୍ମା ଭିନ୍ନ ଆଉ କେହି ଶିକ୍ଷକ ନାହାନ୍ତି ।

୨୧ । ଗୋଟିଏ ଅନନ୍ତ ଶୃଙ୍ଖଳର କେତୋଟି ଶିକୁଳି ସହିତ ପରିଚୟ ହେଲେ ସେହି ଏକା ଉପାୟରେ ଅନ୍ୟ ଅଂଶଗୁଡ଼ିକର ପରିଚୟ-ଲାଭ ସହଜ ।

୨୨ । କୌଣସି ଜଡ଼ ଜିନିଷ ଯାହାକୁ ଚଞ୍ଚଳ କରିପାରେ ନାହିଁ, ସେ ଅମୃତତ୍ୱ ଲାଭ କରିଛନ୍ତି ।

୨୩ । ସତ୍ୟ ପାଇଁ ସବୁ କିଛି ତ୍ୟାଗ କରାଯାଇପାରେ, କିନ୍ତୁ କୌଣସି ଜିନିଷ ପାଇଁ ସତ୍ୟକୁ ବର୍ଜନ କରିବା ଅନୁଚିତ ।

୨୪ । ସତ୍ୟ-ଅନୁସନ୍ଧାନର ଅର୍ଥ ଶକ୍ତିର ପ୍ରକାଶ—ଏହା ଦୁର୍ବଳ ବା ଅନ୍ଧପର

ହାତରେ ଅଣ୍ଡାଳିବା ନୁହେଁ ।

୨୫ । ଈଶ୍ୱର ମନୁଷ୍ୟ ହୋଇଛନ୍ତି—ମନୁଷ୍ୟ ମଧ୍ୟ ଈଶ୍ୱର ହେବ ।

୨୬ । ମନୁଷ୍ୟ ମରେ ଏବଂ ସ୍ୱର୍ଗକୁ ଯାଏ—ଏହା ତ ପିଲାଳିଆ କଥା । ଆମେ କେବେ ଆସୁ ନାହିଁ କି ଯାଉ ନାହିଁ । ଆମେ ଯେଉଁଠିକାର ସେହିଠାରେ ହିଁ ଅଛୁ । ଯେତେ ଜୀବାତ୍ମା ଆଜି ପର୍ଯ୍ୟନ୍ତ ହୋଇଛନ୍ତି ବା ଅଛନ୍ତି ବା ହେବେ—ସମସ୍ତେ ଗୋଟିଏ ଜ୍ୟାମିତିକ ବିନ୍ଦୁରେ ଅବସ୍ଥିତ ।

୨୭ । ଯାହାର ହୃଦୟ-ବେଦ ଖୋଲିଯାଇଛି, ତା' ପାଇଁ କୌଣସି ଗ୍ରନ୍ଥ ଦରକାର ହୁଏ ନାହିଁ । ଗ୍ରନ୍ଥର ଏକମାତ୍ର କାର୍ଯ୍ୟ ହେଉଛି, ଅନ୍ତରରେ ଆକାଙ୍‌କ୍ଷା ସୃଷ୍ଟି କରିବା । ଗ୍ରନ୍ଥ-ଗୁଡ଼ିକ ତ ଅନ୍ୟର ଅଭିଜ୍ଞତା ମାତ୍ର ।

୨୮ । ସମସ୍ତ ଜୀବଙ୍କ ପ୍ରତି ସହାନୁଭୂତିସମ୍ପନ୍ନ ହୁଅ । ଦୁଃସ୍ଥ ପ୍ରତି କରୁଣା ପ୍ରକାଶ କର । ସମସ୍ତ ପ୍ରାଣୀଙ୍କୁ ଭଲ ପାଅ । କାହାରି ପ୍ରତି ଈର୍ଷାପରାୟଣ ହୁଅ ନାହିଁ ଏବଂ ଅନ୍ୟର ଦୋଷ ଦେଖ ନାହିଁ ।

୨୯ । ମନୁଷ୍ୟ କେବେହେଲେ ମରେ ନାହିଁ କି ଜନ୍ମ ନିଏ ନାହିଁ । ମୃତ୍ୟୁ ହୁଏ ଦେହର; ଆତ୍ମା କେବେହେଲେ ମରେ ନାହିଁ ।

୩୦ । କୌଣସି ଧର୍ମ-ମତ ନେଇ କେହି ଜନ୍ମି ନ ଥାଏ; ପରନ୍ତୁ ପ୍ରତ୍ୟେକେ କୌଣସି ନା କୌଣସି ଧର୍ମମତ ନିମନ୍ତେ ଜାତ ହୋଇଥାଆନ୍ତି ।

୩୧ । ପ୍ରକୃତପକ୍ଷରେ ବିଶ୍ୱ-ଚରାଚରରେ ଏକମାତ୍ର ଆତ୍ମା ରହିଛନ୍ତି—ଆଉ ସବୁ କିଛି ତାଙ୍କର ବିକାଶ ମାତ୍ର ।

୩୨ । ଉପାସକଗଣଙ୍କ ମଧ୍ୟରେ ଅଧିକାଂଶ ହିଁ ସାଧାରଣ ଶ୍ରେଣୀର । ଆଉ କେବଳ ଜଣେ-ଦୁଇଜଣ । ଉପାସକମାନଙ୍କୁ ଶ୍ରେଣୀଭୁକ୍ତ କରିବା ଚଳେ ।

୩୩ । ଯଦି ଏହିଠାରେ—ଏବଂ ଏହି ମୁହୂର୍ତ୍ତରେ ପୂର୍ଣ୍ଣତ୍ୱ ଲାଭ କରିବା ସମ୍ଭବପର ନୁହେଁ, ତେବେ ଅନ୍ୟ କୌଣସି ଜୀବନରେ ଯେ ଆମେ ପୂର୍ଣ୍ଣତ୍ୱଲାଭ କରିପାରିବା, ତାହାର କୌଣସି ପ୍ରମାଣ ନାହିଁ ।

୩୪ । ଗୋଟିଏ ପ୍ରକାର ମାଟି ସମ୍ବନ୍ଧରେ ଯଦି ମୋର ସମ୍ପୂର୍ଣ୍ଣ ଜ୍ଞାନ ହୁଏ, ତେବେ ପୃଥିବୀରେ ଯେତେ ମାଟି ଅଛି, ସେସମ୍ବନ୍ଧରେ ମୁଁ ଜାଣିପାରେ । ଏହା ତଥ୍ୟ-ସମ୍ବନ୍ଧୀୟ ଜ୍ଞାନ; କିନ୍ତୁ କ୍ଷେତ୍ରାନୁଯାୟୀ ଏହାର ରୂପ ବିଭିନ୍ନ ହୋଇପାରେ । ଯେତେବେଳେ ତୁମେ ନିଜକୁ ଜାଣିପାରିବ, ସେତେବେଳେ ତୁମେ ସବୁକିଛି ଜାଣିପାରିବ ।

୩୫ । ବେଦର ଯେତିକି ଅଂଶ ଯୁକ୍ତିସିଦ୍ଧ, ମୁଁ ବ୍ୟକ୍ତିଗତ ଭାବେ ସେତିକି ଗ୍ରହଣ କରିଥାଏ । ବେଦର କେତେକ ଅଂଶ ଆପାତ-ଦୃଷ୍ଟିରେ ପରସ୍ପର-ବିରୋଧୀ । ଦିବ୍ୟପ୍ରେରଣା-

ଲବ୍ଧ ବାଣୀ (Inspired) କହିଲେ ପାଶ୍ଚାତ୍ୟ ଭାଷାରେ ଯାହା ବୁଝାଯାଏ, ଏସମସ୍ତ ଠିକ୍ ତାହା ନୁହେଁ, ବରଂ ଏଗୁଡ଼ିକୁ ଈଶ୍ୱରଙ୍କ ଜ୍ଞାନ-ସମଷ୍ଟି ବା ସର୍ବଜ୍ଞତ୍ୱ ବୋଲି କୁହାଯାଇପାରେ । କଳ୍ପର ଆରମ୍ଭରେ ଏହି ଜ୍ଞାନର ଅଭ୍ୟୁଦୟ ଓ ବିସ୍ତାର ହୁଏ, ଏବଂ କଳ୍ପଶେଷରେ ଏଗୁଡ଼ିକ ପୁଣି ସୂକ୍ଷ୍ମାକାରପ୍ରାପ୍ତ ହୋଇଥାଏ । ପୁଣି ଯେତେବେଳେ କଳ୍ପ ଆରମ୍ଭ ହୁଏ, ସେତେବେଳେ ଏହି ଜ୍ଞାନର ବହିଃପ୍ରକାଶ ଘଟିଥାଏ । ଏପର୍ଯ୍ୟନ୍ତ ଏ ମତବାଦ ଠିକ୍ । କିନ୍ତୁ ବେଦ ନାମରେ ଅଭିହିତ କେବଳ ଏହି ପୁସ୍ତକଗୁଡ଼ିକ ଈଶ୍ୱରଙ୍କ ଜ୍ଞାନ, ଏ କଥା କହିବା ବୃଥା ତର୍କ ମାତ୍ର । ମନୁ ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, ବେଦର ଯେଉଁ ଅଂଶ ଯୁକ୍ତିସମ୍ମତ, ସେତିକ ହିଁ ବେଦନାମର ଯୋଗ୍ୟ, ଅନ୍ୟଗୁଡ଼ିକ ନୁହେଁ । ଆମର ଅନେକ ଦାର୍ଶନିକ ଏହି ମତ ଗ୍ରହଣ କରିଛନ୍ତି ।

୩୬ । ଜଗତର ସମସ୍ତ ଧର୍ମଶାସ୍ତ୍ର ମଧ୍ୟରେ ବେଦ ହିଁ କେବଳ ଘୋଷଣା କରନ୍ତି ଯେ, ବେଦ-ଅଧ୍ୟୟନ ମଧ୍ୟ ଗୌଣ । 'ଯାହାଦ୍ୱାରା ଆମେ ସେହି ଅକ୍ଷର ପୁରୁଷଙ୍କୁ ଜାଣିପାରୁ, ତାହା ହିଁ ପ୍ରକୃତ ବିଦ୍ୟା ଏବଂ ଏହି ବିଦ୍ୟା କେବଳ ବେଦପାଠ, ବିଶ୍ୱାସ ବା ତର୍କ— ଏଥିରୁ କୌଣସିଟି ନୁହେଁ, ଏହା ଅତିଚେତନ ଅନୁଭୂତି ବା ସମାଧି ।'

୩୭ । ଆମେ ମଧ୍ୟ ଏକ ସମୟରେ ନିମ୍ନତର ପ୍ରାଣୀ ଥିଲୁ । ଆମେ ଭାବୁ ଯେ; ସେମାନେ ଆମମାନଙ୍କଠାରୁ ଭିନ୍ନ । ମୁଁ ପାଶ୍ଚାତ୍ୟ ଦେଶର ଲୋକେ କହିବାର ଶୁଣିଛି ଯେ— ଆମମାନଙ୍କ ଭୋଗ ନିମନ୍ତେ ଏହି ଜଗତର ସୃଷ୍ଟି ହୋଇଛି । ବ୍ୟାଘ୍ରମାନଙ୍କର ବହି ଲେଖିବା କ୍ଷମତା ଥିଲେ ସେମାନେ ମଧ୍ୟ କୁହନ୍ତେ ଯେ, ସେମାନଙ୍କ ଭୋଗ ନିମନ୍ତେ ମଣିଷର ସୃଷ୍ଟି ହୋଇଛି, ଏବଂ ସବୁ ପ୍ରାଣୀଙ୍କ ମଧ୍ୟରେ ମଣିଷ ହିଁ ପାପିଷ୍ଠ, କାରଣ ସେ ସହଜରେ ବାଘ ନିକଟରେ ଧରାଦେବାକୁ ଚାହେଁ ନାହିଁ । ଯେଉଁ କୀଟ ତୁମ ପାଦତଳେ ଆଜି ଘୁରବୁଲୁଛି, ସେ ମଧ୍ୟ ଦିନେ ଈଶ୍ୱରତ୍ୱ ଲାଭ କରିବ ।

୩୮ । ନିଉୟର୍କରେ ସ୍ୱାମୀ ବିବେକାନନ୍ଦ କହିଥିଲେ : ଆମ ଦେଶର ସ୍ତ୍ରୀଅମାନେ ତୁମମାନଙ୍କ ପରି ବିଦ୍ୟା ବୁଦ୍ଧି ଅର୍ଜନ କରନ୍ତୁ, ତାହା ମୁଁ ଚାହେଁ; କିନ୍ତୁ ପବିତ୍ରତାକୁ ବିସର୍ଜନ ଦେଇ ଯଦି ତାହା କରାଯାଏ, ତାହା ହେଲେ ନୁହେଁ । ତୁମେମାନେ ଯାହା ଜାଣ, ସେଥିପାଇଁ ତୁମମାନଙ୍କୁ ମୁଁ ପ୍ରଶଂସା କରେ, କିନ୍ତୁ ତୁମେମାନେ ଯେପରି ମନ୍ଦକୁ ଫୁଲରେ ଢାଙ୍କି ତାକୁ ଭଲ ବୋଲି କୁହ, ତାହା ମୁଁ ପସନ୍ଦ କରେ ନାହିଁ । ବୁଦ୍ଧି-ବୃତ୍ତି ଶ୍ରେଷ୍ଠ ବସ୍ତୁ ନୁହେଁ । ନୈତିକତା ଏବଂ ଆଧ୍ୟାତ୍ମିକତା ଲାଭ ନିମନ୍ତେ ହିଁ ଆମମାନଙ୍କର ସାଧନା । ଆମ ଦେଶର ସ୍ତ୍ରୀଅମାନେ ସେତେ ଶିକ୍ଷିତ ନୁହନ୍ତି ସତ, କିନ୍ତୁ ସେମାନେ ଅନେକ ବେଶୀ ପବିତ୍ର । ନାରୀ ନିକଟରେ ନିଜ ସ୍ୱାମୀ ବ୍ୟତୀତ ଅନ୍ୟ ସମସ୍ତ ପୁରୁଷ ସନ୍ତାନ, ପ୍ରତ୍ୟେକ ପୁରୁଷଙ୍କ ନିକଟରେ ନିଜ ସ୍ତ୍ରୀ ବ୍ୟତୀତ ଅନ୍ୟ ସମସ୍ତ ନାରୀ ମାତୃସଦୃଶ ମନେହେବା ଉଚିତ । ମୁଁ ଯେତେବେଳେ ଚାରିଆଡ଼କୁ ଚାହେଁ, ସେତେବେଳେ ତୁମେମାନେ ଯାହାକୁ ନାରୀଜାତି ପ୍ରତି ପୁରୁଷ-ସୁଲଭ ସୌଜନ୍ୟ (gallantry) ବୋଲି କୁହ, ତାହା ଦେଖି ମୋର ମନ ବିରକ୍ତିରେ ଭରିଯାଏ ।

ସ୍ତ୍ରୀ-ପୁରୁଷ-ଭେଦ ମନରୁ ପୋଛି ଦେଇ, ଯେତେଦିନ ପର୍ଯ୍ୟନ୍ତ ତୁମେ ମାନବଜାତିର ସାଧାରଣ ଭିତ୍ତି-ଭୂମିରେ ପରସ୍ପର ସହ ମିଳାମିଶା କରି ନ ପାରିଛ ସେତେଦିନ ପର୍ଯ୍ୟନ୍ତ ତୁମ ନାରୀ-ଜାତିର ଯଥାର୍ଥ ଉନ୍ନତି ହେବ ନାହିଁ । ସେତେଦିନ ପର୍ଯ୍ୟନ୍ତ ସେମାନେ ତୁମର କ୍ରୀଡ଼ା ପୁତ୍ତଳିକା ହୋଇ ରହିଥିବେ—ତା'ଠାରୁ ବେଶୀ କିଛି ନୁହେଁ । ଏହା ହିଁ ବିବାହ-ବିଚ୍ଛେଦର କାରଣ । ତୁମର ପୁରୁଷମାନେ ନତ ହୋଇ ସ୍ତ୍ରୀମାନଙ୍କୁ ଅଭିନନ୍ଦନ କରିଥାନ୍ତି ଏବଂ ବସିବା ପାଇଁ ଚୌକି ଆଗେଇ ଦେଇଥାନ୍ତି, କିନ୍ତୁ ସଙ୍ଗେ ସଙ୍ଗେ ହିଁ ପ୍ରଶଂସା ଆରମ୍ଭ କରିଦିଅନ୍ତି । ସେମାନେ କହିଥାନ୍ତି, 'ମହୋଦୟା, ଆପଣଙ୍କ ଚକ୍ଷୁଦୁଇଟି କି ସୁନ୍ଦର !' ଏହିପରି କରିବା ପାଇଁ ତାଙ୍କର କି ଅଧିକାର ଅଛି ? ପୁରୁଷ କିପରି ଏତେଦୂର ସାହସ କରିପାରେ ଏବଂ ତୁମେ ସ୍ତ୍ରୀମାନେ ବା କିପରି ଏହାକୁ ଅନୁମୋଦନ କର ? ଏହି ଭାବ-ଅବଲମ୍ବନରେ ମାନବ-ଜୀବନର ଅପେକ୍ଷାକୃତ ନିମ୍ନ ଦିଗଟା ହିଁ ପ୍ରକାଶିତ ହୁଏ । ଏହାଦ୍ୱାରା ମହତ୍ତ୍ୱ ଆଦର୍ଶ ଦିଗରେ ଯାଇ ହୁଏ ନାହିଁ । ଆମେ ଯେପରି ନ ଭାବୁ ଯେ, ଆମେ ପୁରୁଷ ବା ସ୍ତ୍ରୀ, ବରଂ ଆମେ ଭାବିବା ଉଚିତ ଯେ, ଆମେ ମନୁଷ୍ୟ ମାତ୍ର । ଜୀବନକୁ ସାର୍ଥକ କରିବା ନିମନ୍ତେ ଏବଂ ପରସ୍ପରକୁ ସାହାଯ୍ୟ କରିବା ପାଇଁ ଆମର ଜନ୍ମ । କୌଣସି ଯୁବକ ଏବଂ ଯୁବତୀକୁ ଏକା ସଙ୍ଗରେ ଛାଡ଼ିଦିଅ; ଦେଖିବ, ସଙ୍ଗେ ସଙ୍ଗେ ଯୁବକଟି ଯୁବତୀର ସ୍ତୁତିଗାନ ଆରମ୍ଭ କରିଦେଇଛି ଏବଂ ଜଣେ କାହାକୁ ବିବାହ କରିବା ପୂର୍ବରୁ ହୁଏତ ଦେଖାଯିବ ଯେ, ସେ ଦୁଇଶହ ଜଣଙ୍କୁ ପ୍ରଣୟ ନିବେଦନ କରିଛି । କି ଜ୍ୱାଳା ! ମୁଁ ଯଦି ବିବାହକାରୀ-ଦଳରେ ଥାଆନ୍ତି, ତେବେ ଏତେ କଥା ନ କରି ଜଣେମାତ୍ର ପ୍ରେୟସୀ ଯୋଗାଡ଼ କରିଥାନ୍ତି ।

ଭାରତରେ ଥିବା ସମୟରେ ଯେତେବେଳେ ଦୂରରୁ ମୁଁ ଏସବୁ ଲକ୍ଷ୍ୟ କରୁଥିଲି, ସେତେବେଳେ ଶୁଣିଥିଲି, ଏସବୁ ଦୋଷ ନୁହେଁ, ଏହା କେବଳ ଆମୋଦ-ପ୍ରମୋଦ ମାତ୍ର; ଏବଂ ମୁଁ ତାହା ମଧ୍ୟ ବିଶ୍ୱାସ କରିଥିଲି । କିନ୍ତୁ ତା'ପରେ ମୁଁ ଅନେକ ଭ୍ରମଣ କରିଛି ଏବଂ ବୁଝିଛି ଯେ, ଏହା ଠିକ୍ ନୁହେଁ, ଏହା ଦୂଷଣୀୟ । କେବଳ ପାଶ୍ଚାତ୍ତ୍ୟବାସୀ, ତୁମେମାନେ ଆଖି ବୁଜି ରହିଥାଅ ଏବଂ କୁହ ଯେ, ଏସବୁ ଭଲ । ପାଶ୍ଚାତ୍ତ୍ୟ ଜାତିମାନଙ୍କର ତ୍ରୁଟି ଏହିଠାରେ ଯେ, ସେମାନେ ନୂତନ ଜାତି, ନିର୍ବୋଧ, ଅବ୍ୟବସ୍ଥିତ-ଚିତ୍ତ ଏବଂ ଐଶ୍ୱର୍ଯ୍ୟଶାଳୀ । ଏଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ କେତେ କ୍ଷତିକାରକ ନ ହୋଇପାରେ ! ପୁଣି ଯେତେବେଳେ ଏହା ଭିତରୁ ତିନୋଟି ବା ଚାରୋଟି ଏକତ୍ର ହୁଏ, ସେତେବେଳେ ଖୁବ୍ ସାବଧାନ ହେବା ଉଚିତ ।

ସ୍ୱାମୀଜୀ ସ୍ୱଭାବତଃ ସମସ୍ତଙ୍କର କଠୋର ସମାଲୋଚନା କଲେ ମଧ୍ୟ ବୋଷ୍ଟନ୍‌ବାସୀଙ୍କ ପାଇଁ କଠୋରତମ ଭାଷା ବ୍ୟବହାର କରିଥିଲେ : ବୋଷ୍ଟନ୍ ହିଁ ସର୍ବାପେକ୍ଷା ନିକୃଷ୍ଟ । ସେଠାକାର ସ୍ତ୍ରୀମାନେ ଅବ୍ୟବସ୍ଥିତଚିତ୍ତ, ତାମସା-ପ୍ରିୟ, ସବୁ ସମୟରେ କିଛି ଅଭିନବ ଏବଂ ଏବଂ ଅଦ୍ଭୁତ ଜିନିଷ ପଛରେ ଦୌଡ଼ୁଥିବେ ।

୩୯ । ସେ ଆମେରିକାରେ କହିଥିଲେ : ଯେଉଁ ଦେଶ ସଭ୍ୟତା ନିମନ୍ତେ ଏତେ

ଗର୍ବିତ, ସେଦେଶରୁ କେଉଁ ପ୍ରକାର ଆଧ୍ୟାତ୍ମିକତା ଆଶା କରାଯାଏ, ତାହା କାହିଁ ?

୪୦ । 'ଇହଲୋକ' ଏବଂ 'ପରଲୋକ' ଏହିସବୁ ଶବ୍ଦ କେବଳ ଶିଶୁମାନଙ୍କୁ ଭୟ ଦେଖାଇବା ନିମିତ୍ତ । ସବୁ କିଛି ଏହିଠାରେ ହିଁ ଅଛି । ଇହଲୋକରେ—ଏହି ଦେହରେ ହିଁ ଭଗବାନଙ୍କୁ ଅବଲମ୍ବନ କରି ଭଗବତ୍ ଜୀବନଯାପନ କରିବାକୁ ହେବ, ସେଥିପାଇଁ ସମସ୍ତ ସ୍ୱାର୍ଥବୁଦ୍ଧି ତ୍ୟାଗ କରିବା ପ୍ରୟୋଜନ; ସମସ୍ତ କୁସଂସ୍କାର ବର୍ଜନ କରିବାକୁ ପଡ଼ିବ । ଭାରତରେ ଏହିପରି ପୁରୁଷ ଅଛନ୍ତି; ଏଦେଶରେ ସେପରି ମଣିଷ କାହାନ୍ତି ? ତୁମର (ଆମେରିକାର) ଧର୍ମ-ପ୍ରଚାରକମାନେ ସ୍ୱପ୍ନବିଳାସୀମାନଙ୍କୁ ନିନ୍ଦା କରନ୍ତି । କିନ୍ତୁ ଏଦେଶରେ ଆହୁରି ବେଶୀ ସ୍ୱପ୍ନବିଳାସୀ ଥିଲେ ଏଦେଶର ମଙ୍ଗଳ ହୁଅନ୍ତା । ସ୍ୱପ୍ନବିଳାସ ଏବଂ ଊନବିଂଶ ଶତାବ୍ଦୀର ଏହି ଦାମ୍ଭିକତା ମଧ୍ୟରେ ଅନେକ ତଫାତ୍ । ସମସ୍ତ ପୃଥିବୀ ଈଶ୍ୱରଭାବରେ ପରିପୂର୍ଣ୍ଣ, ପାପରେ ନୁହେଁ । ଆସ, ଆମେମାନେ ଏକେ ଅପରକୁ ସାହାଯ୍ୟ କରିବା—ପରସ୍ପରକୁ ଭଲ ପାଇବା ।

୪୧ । ଅର୍ଥ, ନାମ ଓ ଯଶକୁ ଉପେକ୍ଷା କରି ମୁଁ ଯେପରି ମୋର ଶ୍ରୀଗୁରୁଙ୍କ ପରି ପ୍ରକୃତ ସନ୍ନ୍ୟାସୀର ମୃତ୍ୟୁ ବରଣ କରିପାରେ । ଏଗୁଡ଼ିକ ମଧ୍ୟରେ ଯଶର ଆକାଙ୍କ୍ଷା ହିଁ ସର୍ବାପେକ୍ଷା ଅଧିକ ଶତ୍ରୁ ।

୪୨ । ମୁଁ କେବେ ପ୍ରତିହିଂସାର କଥା କହି ନାହିଁ । ମୁଁ ସର୍ବଦା ଶକ୍ତିର କଥା ହିଁ କହିଛି । ସମୁଦ୍ରର ଗୋଟିଏ ଜଳକଣିକା ବିରୋଧରେ କଅଣ ଆମର ପ୍ରତିହିଂସା-ବୃତ୍ତି ଜାଗ୍ରତ ହୁଏ ? ତେବେ ହଁ, ଗୋଟିଏ ମଶା ନିକଟରେ ଏହା ନିଶ୍ଚୟ ଖୁବ୍ ମାରାତ୍ମକ ।

୪୩ । ଥରେ ଆମେରିକାରେ ସ୍ୱାମୀଜୀ କହିଲେ : ଏହା ଗୋଟିଏ ମହାନ୍ ଦେଶ, କିନ୍ତୁ ମୁଁ ଏଠାରେ ବାସ କରିବାକୁ ଚାହେଁ ନାହିଁ । ଆମେରିକାନ୍‌ମାନେ ଧନର କଥା ବହୁତ ଭାବନ୍ତି । ଅନ୍ୟ କୌଣସି ବସ୍ତୁ ଅପେକ୍ଷା ସେମାନେ ଧନ ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି । ତୁମ ଦେଶର ଲୋକମାନଙ୍କର ଅନେକ କିଛି ଶିଖିବାର ଅଛି । ତୁମର ଜାତି ଯେତେବେଳେ ଆମ ପରି ପ୍ରାଚୀନ ହେବ, ସେତେବେଳେ ତୁମର ଜ୍ଞାନ ଆହୁରି ପାକଲ ହେବ ।

୪୪ । ଏପରି ହୋଇପାରେ ଯେ, ମୁଁ ହୁଏତ ବୁଝିବି—ଏହି ଦେହର ବାହାରକୁ ଚାଲିଯାଇ, ଏହି ଦେହକୁ ଜୀର୍ଣ୍ଣ ପୋଷାକପରି ଫୋପାଡ଼ିଦେବା ମୋ ପକ୍ଷେ ମଙ୍ଗଳକର । ମୁଁ କିନ୍ତୁ କୌଣସି ଦିନ କର୍ମରୁ କ୍ଷାନ୍ତ ହେବ ନାହିଁ । ଯେତେଦିନ ପର୍ଯ୍ୟନ୍ତ ସମଗ୍ର ଜଗତ୍ ଈଶ୍ୱରଙ୍କ ସହିତ ଏକତ୍ୱ ଅନୁଭବ ନ କରିଛି, ସେପର୍ଯ୍ୟନ୍ତ ମୁଁ ସର୍ବତ୍ର ମଣିଷ-ମନରେ ପ୍ରେରଣା ଦେଇ ଚାଲିଥିବ ।

୪୫ । ମୁଁ ନିଜେ ଯାହା କିଛି ହୋଇଛି, ଭବିଷ୍ୟତରେ ପୃଥିବୀ ଯାହା ହେବ, ସେସବୁର ମୂଳରେ ଅଛନ୍ତି—ମୋର ଗୁରୁଦେବ ଶ୍ରୀରାମକୃଷ୍ଣ । ଜଗତରେ ଅବତୀର୍ଣ୍ଣ ହୋଇ ସେ ହିନ୍ଦୁ, ଇସଲାମ୍ ଏବଂ ଖ୍ରୀଷ୍ଟଧର୍ମ ମଧ୍ୟରେ ସର୍ବାନୁସ୍ୟୂତ ଅତି ଆଶ୍ଚର୍ଯ୍ୟ ଏକ ଏକତ୍ୱ ଉପଲବ୍ଧି କରିଥିଲେ ଏବଂ ଏହା ପ୍ରଚାର କରିଥିଲେ ।

୪୬ । ଜିହ୍ୱାକୁ ଯଥେଚ୍ଛ ଭାବରେ ଚାଲିବାକୁ ଦେଲେ ଅନ୍ୟ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ଯଥେଚ୍ଛ ଭାବରେ ଚାଲିବେ ।

୪୭ । ଜ୍ଞାନ, ଭକ୍ତି, ଯୋଗ ଏବଂ କର୍ମ—ମୁକ୍ତିର ଏହି ଚାରୋଟି ପଥ । ନିଜ ନିଜର ଅଧିକାର ଅନୁଯାୟୀ ପ୍ରତ୍ୟେକେ ନିଜର ପଥ ଅନୁସରଣ କରନ୍ତି । ତେବେ, ଏହି ଯୁଗରେ କର୍ମ-ଯୋଗ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିବା ଉଚିତ୍ ।

୪୮ । ଧର୍ମ କଳ୍ପନାର ବସ୍ତୁ ନୁହେଁ, ଅପରୋକ୍ଷ ଅନୁଭୂତିର ବିଷୟ । କୌଣସି ଗୋଟିଏ ଭାବକୁ ଯେ ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି, ସେ ବହୁଶାସ୍ତ୍ରବିତ୍ ପଣ୍ଡିତଙ୍କ ଅପେକ୍ଷା ବଡ଼ ।

୪୯ । ସ୍ୱାମୀଜୀ ଥରେ ଜଣକର ଖୁବ୍ ପ୍ରଶଂସା କରୁଥିଲେ, ଏଥିରେ ପାଖରେ ଥିବା ଜଣେ କହିଉଠିଲେ, 'ସେ କିନ୍ତୁ ଆପଣଙ୍କୁ ମାନେ ନାହିଁ ।' ଏ କଥା ଶୁଣି ସ୍ୱାମୀଜୀ ତତ୍‌କ୍ଷଣାତ୍ ଉତ୍ତର ଦେଲେ, 'ସେ କଅଣ ଏପରି କୌଣସି ଅଇନ୍ ଦ୍ୱାରା ଆବଦ୍ଧ ଯେ, ମୋତେ ନିଶ୍ଚୟ ମାନିବ । ସେ ସତ୍‌କାର୍ଯ୍ୟ କରିଛନ୍ତି, ତେଣୁ ସେ ପ୍ରଶଂସାର ଯୋଗ୍ୟ ।'

୫୦ । ପ୍ରକୃତ ଧର୍ମ-ରାଜ୍ୟରେ ପୋଥିଗତ ବିଦ୍ୟାର ପ୍ରବେଶ-ଅଧିକାର ନାହିଁ ।

୫୧ । କୌଣସି ଧର୍ମ-ସମ୍ପ୍ରଦାୟ ଭିତରେ ଯେଉଁଦିନଠାରୁ ଧନୀମାନଙ୍କର ଖାତିର ଆରମ୍ଭ ହୁଏ, ସେହିଦିନଠାରୁ ଏ ସମ୍ପ୍ରଦାୟର ପତନ ଆରମ୍ଭ ହୁଏ ।

୫୨ । ତୁମର ଯଦି କୌଣସି ଅନ୍ୟାୟ କରିବାକୁ ଇଚ୍ଛା ହୁଏ, ତେବେ ତାହା ତୁମେ ତୁମ ଗୁରୁଜନମାନଙ୍କ ଆଖି ଆଗରେ କର ।

୫୩ । ଗୁରୁଙ୍କ କୃପାରୁ କୌଣସି ବହି ନ ପଢ଼ି ମଧ୍ୟ ଶିଷ୍ୟ ପଣ୍ଡିତ ହୋଇପାରେ ।

୫୪ । ପାପ ଓ ପୁଣ୍ୟର କୌଣସି ଅସ୍ତିତ୍ୱ ନାହିଁ, ଅସଲ ହେଉଛି ଅଜ୍ଞାନ । ଅଦ୍ୱୈତ ଅନୁଭୂତି ଦ୍ୱାରା ଏହି ଅଜ୍ଞାନ ଦୂରୀଭୂତ ହୁଏ ।

୫୫ । ଏକାଧିକ ଧର୍ମାନ୍ଦୋଳନ ଏକସାଥିରେ ଆସନ୍ତି । ତା' ଭିତରୁ ପ୍ରତ୍ୟେକଟି ଅନ୍ୟ ସବୁକୁ ଅତିକ୍ରମ କରି ଉପରକୁ ଉଠିବାକୁ ଚାହେଁ, କିନ୍ତୁ ସାଧାରଣତଃ ତା' ଭିତରୁ ଗୋଟିଏ ହିଁ ପ୍ରକୃତ ଶକ୍ତିଶାଳୀ ହୋଇ ଉଠେ, ଏବଂ ସମସାମୟିକ ଅନ୍ୟ ଆନ୍ଦୋଳନଗୁଡ଼ିକୁ ଆତ୍ମସାତ୍ କରିଦିଏ ।

୫୬ । ରାମନାଦରେ ଥିବା ସମୟରେ କଥୋପକଥନ-ପ୍ରସଙ୍ଗରେ ସ୍ୱାମୀଜୀ କହିଲେ : ରାମ ପରମାତ୍ମା, ସୀତାଦେବୀ ଜୀବାତ୍ମା ଏବଂ ପ୍ରତ୍ୟେକ ନାରୀ ବା ପୁରୁଷଙ୍କ ଦେହ ହିଁ ଲଙ୍କା । ଏହି ଦେହରୂପକ ଲଙ୍କାରେ ବନ୍ଦୀ ଜୀବାତ୍ମା ସବୁ ସମୟରେ ହିଁ ପରମାତ୍ମା ବା ଶ୍ରୀରାମଙ୍କ ସହିତ ମିଳନ କାମନା କରେ, କିନ୍ତୁ ରାକ୍ଷସଗଣ ତାହା କରାଇ ଦିଅନ୍ତି ନାହିଁ । ରାକ୍ଷସର ଅର୍ଥ ଚାରିତ୍ରିକ କେତେଗୁଡ଼ିଏ ବୈଶିଷ୍ଟ୍ୟ । ଉଦାହରଣସ୍ୱରୂପ ବିଭୀଷଣ ସତ୍ତ୍ୱଗୁଣ, ରାବଣ ରଜୋଗୁଣ ଏବଂ କୁମ୍ଭକର୍ଣ୍ଣ ତମୋଗୁଣର ପ୍ରତୀକ । ସତ୍ତ୍ୱଗୁଣର ଅର୍ଥ ସାଧୁତା, ରଜୋଗୁଣର ଅର୍ଥ କାମ ଓ

ଇନ୍ଦ୍ରିୟପରାୟଣତା, ତମୋଗୁଣର ଅର୍ଥ ଅଜ୍ଞାନ, ଜଡ଼ତା, ଲୋଭ, ହିଂସା ଓ ସହଗାମୀ ଦୋଷସମୂହ । ଏହି ଗୁଣଗୁଡ଼ିକ ଦେହରେ ଆବଦ୍ଧ ଜୀବାତ୍ମାକୁ ବା ଲଙ୍କାରେ ବନ୍ଦିନୀ ସୀତାଙ୍କୁ ପରମାତ୍ମା ବା ଶ୍ରୀରାମଙ୍କ ସହିତ ମିଳିତ ହେବାକୁ ଦିଅନ୍ତି ନାହିଁ । ଏହିରୂପେ ବନ୍ଦିନୀ ସୀତା ଯେତେବେଳେ ତାଙ୍କ ପ୍ରଭୁଙ୍କ ସହିତ ମିଳିବା ନିମନ୍ତେ ବ୍ୟାକୁଳ, ସେତେବେଳେ ହନୁମାନ ଅର୍ଥାତ୍ ଗୁରୁ ବା ପରମାର୍ଥ-ବସ୍ତୁର ଉପଦେଷ୍ଟାଙ୍କର ସାକ୍ଷାତ୍ ମିଳେ । ସେ ଶ୍ରୀରାମଚନ୍ଦ୍ରଙ୍କ ଅଙ୍ଗୁରୀୟ ଦେଖାନ୍ତି । ଏହି ଅଙ୍ଗୁରୀୟ ହେଲା ବ୍ରହ୍ମଜ୍ଞାନ ବା ସର୍ବୋତ୍ତମ ଅନୁଭୂତି, ଯାହା ସକଳ ଭ୍ରାନ୍ତି ଦୂର କରେ । ଏହିରୂପେ ସୀତା ଶ୍ରୀରାମଙ୍କ ସାନ୍ନିଧ୍ୟ ଲାଭର ଉପାୟ ଦେଖିପାରନ୍ତି, ଅର୍ଥାତ୍ ଅନ୍ୟ କଥାରେ କହିବାକୁ ଗଲେ ପରମାତ୍ମା ସହିତ ଜୀବାତ୍ମାର ଏକତ୍ୱାନୁଭୂତି ହୁଏ ।

୫୭ । ଯେ ପ୍ରକୃତ ଖ୍ରୀଷ୍ଟିଆନ୍, ସେ ପ୍ରକୃତ ହିନ୍ଦୁ ମଧ୍ୟ ଅଟନ୍ତି; ଏବଂ ଯେ ପ୍ରକୃତ ହିନ୍ଦୁ ସେ ପ୍ରକୃତ ଖ୍ରୀଷ୍ଟିଆନ୍ ମଧ୍ୟ ଅଟନ୍ତି ।

୫୮ । ସମାଜ ଭିତରେ ଯେଉଁ ଆଧ୍ୟାତ୍ମିକ ଶକ୍ତି କାର୍ଯ୍ୟ କରୁଛି, ତାହାର ବିକାଶ ଫଳରେ ହିଁ ସାମାଜିକ ଶୁଭ ପରିବର୍ତ୍ତନଗୁଡ଼ିକ ସଂଘଟିତ ହେଉଛି । ଏହି ଶକ୍ତିଗୁଡ଼ିକ ସୁଦୃଢ଼ ଏବଂ ସୁସଂବଦ୍ଧ ହେଲେ ସମାଜ ମଧ୍ୟ ସେହିରୂପେ ନିଜକୁ ଗଢ଼ିତୋଳିବ । ପ୍ରତ୍ୟେକଙ୍କୁ ଯେପରି ନିଜର ମୁକ୍ତି ପାଇଁ ଚେଷ୍ଟା କରିବାକୁ ପଡ଼େ ଏବଂ ତା' ବ୍ୟତୀତ ଅନ୍ୟ ଉପାୟ ନାହିଁ, ପ୍ରତ୍ୟେକ ଜାତି ପାଇଁ ମଧ୍ୟ ସେହି ଏକା କଥା । ପ୍ରତ୍ୟେକ ଜାତି ମଧ୍ୟରେ ପୁଣି ଯେଉଁସବୁ ନିଜସ୍ୱ ଭଲ ବିଧି-ବ୍ୟବସ୍ଥାଦି ଅଛି, ସେଗୁଡ଼ିକ ଉପରେ ଏସବୁ ଜାତିର ଅସ୍ତିତ୍ୱ ନିର୍ଭର କରେ ଏବଂ ଏଗୁଡ଼ିକୁ ଅନ୍ୟ ଜାତିର ଛାଞ୍ଚରେ ଢାଳି ନୂତନ କରି ଗଢ଼ିବା ଚଳିବ ନାହିଁ । ଯେତେଦିନ ପର୍ଯ୍ୟନ୍ତ କୌଣସି ଉନ୍ନତତର ବିଧିବ୍ୟବସ୍ଥା ଉଦ୍ଭାବିତ ହୋଇ ନାହିଁ, ସେତେଦିନ ପୁରାତନକୁ ଭାଙ୍ଗିଦେବାର ଚେଷ୍ଟା ମାରାତ୍ମକ । ଉନ୍ନତି ସବୁ ସମୟରେ କ୍ରମଶଃ ଧୀର ଗତିରେ ହୋଇଥାଏ । ସବୁ ସାମାଜିକ ରୀତିନୀତି ଅଳ୍ପବହୁତେ ଅସଂପୂର୍ଣ୍ଣ ବୋଲି ଏଗୁଡ଼ିକର ତ୍ରୁଟି ଦେଖାଇବା ଖୁବ୍ ସହଜ । କିନ୍ତୁ ସେ ହିଁ ମନୁଷ୍ୟ-ଜାତିର ଯଥାର୍ଥ କଲ୍ୟାଣକାମୀ, ଯେ କି —ଜଣେ ମଣିଷ, ଯେକୌଣସି ସମାଜ ବ୍ୟବସ୍ଥା ମଧ୍ୟରେ ସେ ଜୀବନଯାପନ କରୁନା କାହିଁକି— ତାହାର ଅପୂର୍ଣ୍ଣତା ଦୂର କରିଦେଇ ତାହାକୁ ଉନ୍ନତି-ପଥରେ ଅଗ୍ରସର କରାଇ ଦିଅନ୍ତି । ସମାଜ ଓ ବ୍ୟକ୍ତିର ଉନ୍ନତି ହେଲେ ହିଁ ସମାଜ ଓ ଜାତିର ଉନ୍ନତି ହେବ ।

ଧାର୍ମିକ ବ୍ୟକ୍ତିଗଣ ସମାଜର ଦୋଷତ୍ରୁଟି ଧରନ୍ତି ନାହିଁ, କିନ୍ତୁ ସେମାନଙ୍କର ପ୍ରେମ, ସହାନୁଭୂତି ଓ ସତତା ସେମାନଙ୍କୁ ସମାଜକଲ୍ୟାଣ ନିମନ୍ତେ ନିୟୋଜିତ କରେ । ଏହା ହିଁ ସେମାନଙ୍କ ପାଇଁ ଅଲିଖିତ ଶାସ୍ତ୍ର । ଯେଉଁସବୁ ଜାତି ବା ସମାଜ କ୍ଷୁଦ୍ର ଲିଖିତ ଶାସ୍ତ୍ରୀୟ ଗଣ୍ଡି ଉପରକୁ ଉଠିପାରନ୍ତି, ସେମାନେ ହିଁ ଯଥାର୍ଥ ସୁଖୀ । ସତ୍ ଲୋକମାନେ ଏହି ଶାସ୍ତ୍ରୀୟ ଗଣ୍ଡି ଉପରକୁ ଉଠନ୍ତି ଏବଂ ତାଙ୍କର ପ୍ରତିବେଶୀଗଣ ଯେଉଁ ଅବସ୍ଥାରେ ଥାଆନ୍ତୁ ନା କାହିଁକି ସେମାନଙ୍କୁ ଏହିପରି ଉଠିବାରେ ସାହାଯ୍ୟ କରନ୍ତି । ଭାରତର ମୁକ୍ତି ମଧ୍ୟ ସେଥିପାଇଁ ବ୍ୟକ୍ତିର

ଶକ୍ତି ବିକାଶ ଓ ତାହାର ଅନ୍ତର୍ନିହିତ ବ୍ରହ୍ମ-ଉପଲବ୍ଧି ଉପରେ ନିର୍ଭର କରେ ।

୫୯ । ଜଡ଼ବାଦ ନ ଗଲେ ଆଧ୍ୟାତ୍ମିକତା କଦାପି ଆସିପାରେ ନାହିଁ ।

୬୦ । ଗୀତାର ପ୍ରଥମ ଅଧ୍ୟାୟଟିକୁ ରୂପକ ଭାବରେ ଗ୍ରହଣ କରାଯାଇପାରେ ।

୬୧ । ଯଥା ସମୟରେ ଷ୍ଟିମର୍ ଧରିପାରିବେ ନାହିଁ ଭାବି ଉଦ୍‌ବିଗ୍ନ ଜଣେ ମାର୍କିନ ଭକ୍ତ ମନ୍ତବ୍ୟ କଲେ, 'ସ୍ୱାମୀଜୀ, ଆପଣଙ୍କର କୌଣସି ସମୟ-ଜ୍ଞାନ ନାହିଁ ।' ସ୍ୱାମୀଜୀ ଶାନ୍ତ ଭାବରେ ଉତ୍ତର ଦେଲେ, 'ଠିକ୍ କଥା, ତୁମେ ସମୟ ଭିତରେ ଅଛ, ଆଉ ମୁଁ ଅଛି ଅନନ୍ତରେ ।'

୬୨ । ଆମେ ସର୍ବଦା ଆମର ଭାବପ୍ରବଣତାକୁ ଆମର କର୍ତ୍ତବ୍ୟବୁଦ୍ଧିର ସ୍ଥାନ ଅଧିକାର କରିବାକୁ ଦେଉ, ଅଥଚ ଆମେ ଏହା ମନେକରି ଆତ୍ମତୁଷ୍ଟି ଲଭ କରୁ ଯେ, ଆମେ ପ୍ରକୃତ ଭଲ ପାଇବାର ପ୍ରେରଣା ନେଇ କାର୍ଯ୍ୟ କରୁଛୁ ।

୬୩ । ତ୍ୟାଗର ଶକ୍ତି ଲଭ କରିବାକୁ ହେଲେ ଆମମାନଙ୍କୁ ଅବଶ୍ୟ ଭାବପ୍ରବଣତାର ବାହାରକୁ ଯିବାକୁ ପଡ଼ିବ । ଭାବପ୍ରବଣତା ପଶୁମାନଙ୍କର ବୃତ୍ତି । ସେମାନେ ପୂରାପୂରି ଭାବାବେଗଦ୍ୱାରା ଚାଳିତ ହୁଅନ୍ତି ।

୬୪ । ନିଜ ନିଜର ସନ୍ତାନ-ସନ୍ତତିଙ୍କ ପାଇଁ ତ୍ୟାଗକୁ ଉଚ୍ଚତର ତ୍ୟାଗ କୁହାଯାଏ ନାହିଁ । ପଶୁମାନେ ଏପରି କରିଥାନ୍ତି ଏବଂ ଯେକୌଣସି ମାନବ-ମାତା ହିଁ ଯେଉଁକି ସ୍ୱତଃ-ପ୍ରବୃତ୍ତ ହୋଇ ତ୍ୟାଗ କରନ୍ତି, ସେମାନେ ମଧ୍ୟ ଠିକ୍ ସେତିକି କରନ୍ତି । ଏଭଳି କରିବା ଭଲ ପାଇବାର ପ୍ରକୃତ ପରିଚୟ ନୁହେଁ । ଏହା କେବଳ ଅନ୍ଧ ଭାବପ୍ରବଣତା ।

୬୫ । ଆମେ ଚିରକାଳ ଚେଷ୍ଟା କରୁଛୁ ଆମର ଦୁର୍ବଳତାକୁ ଶକ୍ତିରୂପରେ ଦେଖାଇ-ବାକୁ, ଭାବପ୍ରବଣତାକୁ ଭଲ ପାଇବା ବୋଲି ଚଳାଇ ଦେବାକୁ, କାପୁରୁଷତାକୁ ସାହସର ରୂପ ଦେବାକୁ ଏବଂ ଏହିପରି ଆହୁରି କେତେ କଅଣ ?

୬୬ । ଦାମ୍ଭିକତା, ଦୁର୍ବଳତା ପ୍ରଭୃତି ବିଷୟରେ ତୁମର ଅନ୍ତରାତ୍ମାକୁ କୁହ : ଏହା ତୁମକୁ ଶୋଭା ପାଏ ନାହିଁ, ଏହା ତୁମର ଉପଯୁକ୍ତ ନୁହେଁ ।

୬୭ । କୌଣସି ସ୍ୱାମୀ କେବେହେଲେ ତା'ର ସ୍ତ୍ରୀକୁ 'ସ୍ତ୍ରୀ' ବୋଲି ଭଲପାଏ ନାହିଁ ବା ସ୍ତ୍ରୀ ମଧ୍ୟ ତାହାର ସ୍ୱାମୀକୁ 'ସ୍ୱାମୀ' ବୋଲି ଭଲପାଏ ନାହିଁ । ସ୍ତ୍ରୀ ମଧ୍ୟରେ ଯେଉଁ ଈଶ୍ୱର ଅଛନ୍ତି, ତାହାଙ୍କୁ ହିଁ ସ୍ୱାମୀ ଭଲପାଏ ଏବଂ ସ୍ୱାମୀ ମଧ୍ୟରେ ଯେଉଁ ଈଶ୍ୱର ଅଛନ୍ତି ତାହାଙ୍କୁ ହିଁ ସ୍ତ୍ରୀ ଭଲପାଏ । ପ୍ରତ୍ୟେକଙ୍କ ମଧ୍ୟରେ ଯେଉଁ ଈଶ୍ୱର ଅଛନ୍ତି, ସେ ହିଁ ଆମ ହୃଦୟରେ ଭଲ ପାଇବାର ପ୍ରେରଣା ଜଗାଇଥାଆନ୍ତି । ଈଶ୍ୱର ହିଁ ଏକମାତ୍ର ପ୍ରେମସ୍ୱରୂପ ।

୬୮ । ଆହା ! ଯଦି ତୁମେମାନେ ନିଜକୁ ଜାଣିପାରନ୍ତ ! ତୁମେମାନେ ହିଁ ଆତ୍ମା, ତୁମେମାନେ ଈଶ୍ୱର ! ଯଦି କେବେ ମୁଁ ତୁମକୁ ମନୁଷ୍ୟ ବୋଲି ଭାବେ, ତା'ହେଲେ ଜାଣ ଯେ, ମୁଁ ଈଶ୍ୱରଙ୍କର ନିନ୍ଦା କରୁଛି ।

୬୯ । ପ୍ରତ୍ୟେକଙ୍କ ମଧ୍ୟରେ ସେହି ଈଶ୍ୱର, ପରମାତ୍ମା ଅଛନ୍ତି । ଅନ୍ୟ ସବୁକିଛି ସ୍ୱପ୍ନ, କେବଳ ମାୟା ।

୭° । ଆଧ୍ୟାତ୍ମିକ ଜୀବନରେ ଯଦି ଆନନ୍ଦ ନ ପାଏ, ତେବେ କ'ଣ ଇନ୍ଦ୍ରିୟ-ପରାୟଣତା ମଧ୍ୟରେ ତୃପ୍ତିର ସନ୍ଧାନ କରିବାକୁ ପଡ଼ିବ ? ଅମୃତ ନ ପାଇଲେ କ'ଣ ନର୍ଦ୍ଦମାର ଜଳପାନ କରିବାକୁ ହେବ ? ଚାତକ କେବଳ ବୃଷ୍ଟିଜଳ ପାନ କରେ; ଉଡ଼ି ଉଡ଼ି ସେ କେବଳ ଡାକେ—ଫଟିକ ଜଳ, ଫଟିକ ଜଳ । କୌଣସି ଝଡ଼-ତୋଫାନ ତା' ଡେଣାର ଗତିକୁ କମାଇପାରେ ନାହିଁ, କିମ୍ବା ଜଳପାନ ନିମନ୍ତେ ତାକୁ ଧରାପୃଷ୍ଠକୁ ଓହ୍ଲାଇ ଆଣିପାରେ ନାହିଁ ।

୭୧ । ଈଶ୍ୱର-ଉପଲବ୍ଧିର ସହାୟକ ଯେକୌଣସି ସମ୍ପ୍ରଦାୟକୁ ସ୍ୱାଗତ ଜଣାଅ । ଈଶ୍ୱରାନୁଭୂତି ହିଁ ଧର୍ମ ।

୭୨ । ନାସ୍ତିକ ଦୟାବାନ୍ ହୋଇପାରେ, କିନ୍ତୁ ଧାର୍ମିକ ହୋଇପାରେ ନାହିଁ । କିନ୍ତୁ ଧାର୍ମିକକୁ ଦୟାଶୀଳ ହେବାକୁ ହିଁ ପଡ଼ିବ ।

୭୩ । ଗୁରୁର ଆସନ ଗ୍ରହଣ କରିବା ନିମନ୍ତେ ଯେଉଁମାନେ ଜନ୍ମିଛନ୍ତି, ସେପରି ମହାତ୍ମାଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଗୁରୁଗିରି କରିବାକୁ ଯାଇ ବୁଡ଼େଇ ମାରନ୍ତି ।

୭୪ । ପଶୁତ୍ୱ, ମନୁଷ୍ୟତ୍ୱ, ଈଶ୍ୱରତ୍ୱ—ଏହି ତିନୋଟିର ସମଷ୍ଟି ହିଁ ମନୁଷ୍ୟ ।

୭୫ । 'ଗରମ ବରଫ', 'ଅନ୍ଧକାର ଆଲୋକ'—କହିଲେ ଯାହା ବୁଝାଏ, 'ସାମାଜିକ ଉନ୍ନତି' କହିଲେ ଅନେକଟା ତାହା ହିଁ ବୁଝାଏ । ଶେଷ ପର୍ଯ୍ୟନ୍ତ 'ସାମାଜିକ ଉନ୍ନତି' କହିଲେ କିଛି ହିଁ ଖୋଜି ମିଳେ ନାହିଁ ।

୭୬ । ବାହାରେ କାହାର କିଛି ଉନ୍ନତି ହୁଏ ନାହିଁ; ଜଗତର ଉନ୍ନତି କରିବାକୁ ଯାଇ ଆମେ ନିଜେ ହିଁ ଉନ୍ନତ ହେଉ ।

୭୭ । ମୁଁ ଯେପରି ମଣିଷର ସେବା କରିପାରେ—ଏହା ହିଁ ମୋର ଏକମାତ୍ର କାମ୍ୟ ।

୭୮ । କିଉସ୍କୋର୍ଡରେ ସ୍ୱାମୀଜୀ ଗୋଟିଏ ପ୍ରଶ୍ନର ଉତ୍ତରସ୍ୱରୂପ ଅତି ମୃଦୁ ଭାବରେ କହିଲେ : ନା, ମୁଁ କୌଣସି ଅଲୌକିକ ବିଦ୍ୟା (occultism)ରେ ବିଶ୍ୱାସ କରେ ନାହିଁ । ଯଦି କୌଣସି ବିଷୟ ମିଥ୍ୟା ହୁଏ, ତେବେ ତାହା ନାହିଁ, ଯାହା ମିଥ୍ୟା ତା'ର ଅସ୍ତିତ୍ୱ ରହି ନ ପାରେ । ଅଦ୍ଭୁତ ଅଲୌକିକ ଘଟଣାଗୁଡ଼ିକ ପ୍ରାକୃତିକ ବ୍ୟାପାରର ଅନ୍ତର୍ଗତ । ମୁଁ ଏଗୁଡ଼ିକୁ ବିଜ୍ଞାନର ବିଷୟ ବୋଲି ମନେକରେ । ସେଦୃଷ୍ଟିରୁ ଏସବୁ ମୋ ନିମନ୍ତେ ଗୁପ୍ତବିଦ୍ୟାର ବିଷୟ ନୁହେଁ । ମୋର କୌଣସି ଗୁପ୍ତବିଦ୍ୟା-ସଂଘ ଉପରେ ଆସ୍ଥା ନାହିଁ । ସେମାନେ କିଛି ଭଲ କରନ୍ତି ନାହିଁ, କରିପାରିବେ ନାହିଁ ।

୭୯ । ଯୁକ୍ତିବାଦୀ, ଭାବପ୍ରବଣ, ରହସ୍ୟବାଦୀ ଏବଂ କର୍ମୀ—ସାଧାରଣତଃ ଏହି ଚାରି

ସ୍ତରର ଲୋକ ଦେଖାଯାଆନ୍ତି । ପ୍ରତ୍ୟେକ ସ୍ତର ପାଇଁ ଉପଯୁକ୍ତ ସାଧନପଦ୍ଧତି ରହିବା ଦରକାର । ଯୁକ୍ତିବାଦୀ ଆସି କହିଲେ—ମୁଁ ଏପ୍ରକାର ସାଧନ-ପଦ୍ଧତି ମାନେ ନାହିଁ; ମୋତେ ବିଶ୍ଳେଷଣମୂଳକ ଯୁକ୍ତିସିଦ୍ଧ କିଛି କୁହନ୍ତୁ, ଯେଉଁଥିରେ ମୋ ମନ ରାଜି ହୋଇପାରିବ । ସୁତରାଂ ବିଚାରବାଦୀ ନିମନ୍ତେ ଦାର୍ଶନିକ ବିଚାର ହେଉଛି ସାଧନ-ମାର୍ଗ । ତା'ପରେ କର୍ମୀ ଆସି କହନ୍ତି, ମୁଁ ଦାର୍ଶନିକର ସାଧନ-ପଦ୍ଧତି ମାନେ ନାହିଁ । ମୋତେ ମଣିଷ ପାଇଁ କିଛି କରିବାକୁ ଦିଅନ୍ତୁ । ଅତଏବ ତା'ର ସାଧନ ନିମନ୍ତେ କର୍ମପଥ ହିଁ ନିର୍ଦ୍ଦିଷ୍ଟ ହୋଇଅଛି । ରହସ୍ୟବାଦୀ (mystic) ଏବଂ ଭାବପ୍ରବଣ ବ୍ୟକ୍ତିଙ୍କ ପାଇଁ ସେମାନଙ୍କ ଉପଯୁକ୍ତ ଉପାସନା-ମାର୍ଗ ନିର୍ଦ୍ଧାରିତ ହୋଇଛି । ଏସମସ୍ତ ଲୋକମାନଙ୍କ ପାଇଁ ଧର୍ମରେ ସେମାନଙ୍କ ନିଜ ନିଜ ଅବସ୍ଥା ଅନୁଯାୟୀ ବ୍ୟବସ୍ଥା ରହିଛି ।

୮୦ । ମୁଁ ସତ୍ୟାନୁସନ୍ଧିତ୍ସୁ । ସତ୍ୟ କେବେ ମିଥ୍ୟାର ସହିତ ବନ୍ଧୁତ୍ୱ କରିପାରିବ ନାହିଁ । ଏପରିକି ସମସ୍ତ ପୃଥିବୀ ମୋ ବିରୋଧରେ ଛିଡ଼ା ହେଲେ ମଧ୍ୟ ଅବଶେଷରେ ସତ୍ୟର ଜୟ ଅବଶ୍ୟମ୍ଭାବୀ ।

୮୧ । ଯେଉଁଠାରେ ଦେଖିବ—ମାନବର ହିତ ନିମନ୍ତେ ଉଦାରଭାବ ସବୁ ସାଧାରଣ ଜନତା ହାତରେ ପଡ଼ିଛି, ସେଠାରେ ହିଁ ସର୍ବପ୍ରଥମେ ତୁମେ ଲକ୍ଷ୍ୟ କରିବ ଯେ, ସେସବୁର ଅଧୋଗତି ଘଟିଛି । ଶିକ୍ଷା ଏବଂ ବୁଦ୍ଧି ଥିଲେ କୌଣସି ନା କୌଣସି ବିଷୟର ସଂରକ୍ଷଣର ସମ୍ଭାବନା ଅଛି । ସମାଜର କୃଷ୍ଟି-ସଂପନ୍ନ ସଂପ୍ରଦାୟ ହିଁ ପ୍ରକୃତ ପକ୍ଷେ ଧର୍ମ ଓ ଦର୍ଶନର ବିଶୁଦ୍ଧତମ ରୂପଟିକୁ ରକ୍ଷା କରିପାରନ୍ତି । ଆଉ ଏମାନଙ୍କଠାରୁ ଏ ଜାତିର ସାମାଜିକ ଏବଂ ମାନସିକ ଗତି-ପ୍ରକୃତିର ନିଦର୍ଶନ ମିଳିଥାଏ ।

୮୨ । ସ୍ୱାମୀଜୀ ଥରେ ଆମେରିକାରେ କହିଲେ : ମୁଁ ତୁମକୁ ନୂତନ ଧର୍ମରେ ଦୀକ୍ଷିତ କରିବା ପାଇଁ ଏଠାକୁ ଆସି ନାହିଁ । ମୁଁ ଚାହେଁ, ତୁମମାନଙ୍କର ସ୍ୱସ୍ୱ ଧର୍ମରେ ବିଶ୍ୱାସ ଅତୁଟ ରହୁ । ମୁଁ ଜଣେ ମେଥଡ଼ିଷ୍ଟଙ୍କୁ ଭଲ ମେଥଡ଼ିଷ୍ଟ, ପ୍ରେସ୍‌ବିଟେରିଆନକୁ ଭଲ ପ୍ରେସ୍‌ବିଟେରିଆନ୍, ୟୁନିଟେରିଆନ୍‌କୁ ଭଲ ୟୁନିଟେରିଆନ୍ କରିବାକୁ ଚାହେଁ । ମୁଁ ତୁମମାନଙ୍କୁ ଶିଖାଇବାକୁ ଚାହେଁ ଯେ—କିପରିଭାବେ ସତ୍ୟକୁ ଜୀବନରେ ରୂପାୟିତ କରାଯାଇପାରିବ, କିପରି ତୁମର ଅନ୍ତର୍ନିହିତ ଜ୍ୟୋତିକୁ ବାହାରେ ପ୍ରକାଶ କରାଯାଇପାରିବ ।

୮୩ । ଦୁଃଖର ରାଜମୁକୁଟ ମଥାରେ ବାନ୍ଧି ସୁଖ ମଣିଷ ଆଗରେ ଦେଖାଦିଏ । ଯେ ତାହାକୁ ସ୍ୱାଗତ ଜଣାଏ, ସେ ଦୁଃଖକୁ ବି ସ୍ୱାଗତ ଜଣାଇବାକୁ ବାଧ୍ୟ ।

୮୪ । ଯେ ସଂସାର ପ୍ରତି ବିମୁଖ ହୋଇଛି, ଯେ ସର୍ବସ୍ୱ ତ୍ୟାଗ କରିଛି, ଯେ ଇନ୍ଦ୍ରିୟ ଜୟ କରିଛି ଏବଂ ଯେ ଶାନ୍ତିକାମୀ, ଏହି ପୃଥିବୀରେ ସେହିମାନେ ହିଁ ମୁକ୍ତ—ସେହିମାନେ ହିଁ ମହାନ୍ । ରାଜନୈତିକ ଓ ସାମାଜିକ ସ୍ୱାଧୀନତା ପାଇ ମଧ୍ୟ କେହି ଯଦି ଇନ୍ଦ୍ରିୟ-ପରତନ୍ତ୍ର ଏବଂ ବାସନାର ଦାସ ହୁଏ, ସେ ପ୍ରକୃତରେ ମୁକ୍ତିର ବିଶୁଦ୍ଧ ଆସ୍ୱାଦ ପାଇପାରିବ ନାହିଁ ।

୮୫ । ପରୋପକାର ହିଁ ଧର୍ମ, ପରପୀଡ଼ନ ହିଁ ପାପ । ଶକ୍ତି ଓ ସାହସିକତା ହିଁ ଧର୍ମ, ଦୁର୍ବଳତା ଓ କାପୁରୁଷତା ହିଁ ପାପ । ସ୍ୱାଧୀନତା ହିଁ ଧର୍ମ, ପରାଧୀନତା ହିଁ ପାପ । ଅନ୍ୟକୁ ଭଲପାଇବା ହିଁ ଧର୍ମ, ଅନ୍ୟକୁ ଘୃଣା କରିବା ପାପ । ଈଶ୍ୱର ଏବଂ ନିଜ ଆତ୍ମାକୁ ବିଶ୍ୱାସ କରିବା ହିଁ ଧର୍ମ, ସନ୍ଦେହ ହିଁ ପାପ । ଅଭେଦ-ଦର୍ଶନ ହିଁ ଧର୍ମ, ଭେଦ-ଦର୍ଶନ ପାପ । ବିଭିନ୍ନ ଶାସ୍ତ୍ର କେବଳ ଧର୍ମଲାଭର ଉପାୟ ନିର୍ଦ୍ଦେଶ କରେ ।

୮୬ । ବିଚାରର ସାହାଯ୍ୟରେ ସତ୍ୟ ଯେତେବେଳେ ବୁଦ୍ଧିଗ୍ରାହ୍ୟ ହୁଏ, ସେତେବେଳେ ତାହାର ଅନୁଭୂତିର ଉତ୍ସ ହୃଦୟରେ ଅନୁଭୂତ ହୁଏ । ଏହିପରି ହୃଦୟ ଓ ମସ୍ତିଷ୍କ ଦୁଇଟି ହିଁ ଏକାସାଥିରେ ଆଲୋକିତ ହୋଇଉଠେ ଏବଂ ସେତେବେଳେ ଉପନିଷଦ୍‌ର କଥା ଅନୁସାରେ—'ଭିଦ୍ୟତେ ହୃଦୟଗ୍ରନ୍ଥିଃ ଛିଦ୍ୟନ୍ତେ ସର୍ବସଂଶୟାଃ'—ହୃଦୟର ଗ୍ରନ୍ଥି ଖୋଲିଯାଏ, ସମସ୍ତ ସଂଶୟ ଛିନ୍ନ ହୁଏ । ପ୍ରାଚୀନ କାଳରେ ଏହି ଭାବ ଏବଂ ଏହି ଜ୍ଞାନ ଯେତେବେଳେ ଯୁଗପତ୍ ଋଷିଙ୍କର ଅନ୍ତଃ-କରଣରେ ବିକଶିତ ହୋଇଥିଲା, ସେତେବେଳେ ହିଁ ଶ୍ରେଷ୍ଠ ସତ୍ୟଗୁଡ଼ିକ କବିତା ରୂପରେ ରୂପାୟିତ ହେଲା ଏବଂ ସେତେବେଳେ ବେଦ ଏବଂ ଅନ୍ୟାନ୍ୟ ଶାସ୍ତ୍ର ରଚିତ ହେଲା । ଏହି କାରଣରୁ ଏସବୁ ଅଧ୍ୟୟନ କଲେ ଦେଖାଯାଏ ଯେ, ଜ୍ଞାନ ଓ ଭାବର ଦୁଇଟି ସମାନ୍ତରାଳ ସରଳରେଖା ଅବଶେଷରେ ବେଦ-ସ୍ତରରେ ଆସି ମିଳିତ ହୋଇଛନ୍ତି ଏବଂ ଓତଃପ୍ରୋତ ଭାବରେ ମିଶିଯାଇଛନ୍ତି ।

୮୭ । ବିଶ୍ୱପ୍ରେମ, ସ୍ୱାଧୀନତା, ସାହସିକତା ଏବଂ ନିଃସ୍ୱାର୍ଥ ପରୋପକାର ପ୍ରଭୃତି ଆଦର୍ଶଗୁଡ଼ିକୁ ଆୟତ୍ତ କରିବା ପାଇଁ ବିଭିନ୍ନ ଧର୍ମଶାସ୍ତ୍ର ବିଭିନ୍ନ ପଥର ସନ୍ଧାନ ଦେଇଛନ୍ତି । କେଉଁଟା ପାପ, କେଉଁଟା ପୁଣ୍ୟ—ଏହି ବିଷୟରେ ପ୍ରତ୍ୟେକ ଧର୍ମ-ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟ ସହିତ ଦ୍ୱିମତ ଏବଂ ସିଦ୍ଧି ଆଡ଼କୁ ଲକ୍ଷ୍ୟ ନ ରଖି ଏହି ପାପପୁଣ୍ୟର ପଥ ବିଷୟରେ କଳହରେ ଜଡ଼ିତ । ପ୍ରତ୍ୟେକ ପଥ ଅଳ୍ପ ବହୁତେ ଉନ୍ନତି-ପଥରେ ସାହାଯ୍ୟ କରେ । ଗୀତା କହେ—'ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତା ।'—ଅଗ୍ନି ଯେପରି ଧୂଆଁ ଦ୍ୱାରା ଆବୃତ ଥାଏ, ସେହିପରି ପ୍ରତ୍ୟେକ କର୍ମ ସହିତ ଦୋଷ ମିଶି ରହିଥାଏ । ଅତଏବ ପଥଗୁଡ଼ିକ ଅଳ୍ପବହୁତ ଅସମ୍ପୂର୍ଣ୍ଣ ନିଶ୍ଚୟ ରହିବ । କିନ୍ତୁ ନିଜ ନିଜ ଶାସ୍ତ୍ରନିର୍ଦ୍ଦିଷ୍ଟ ପଥ ଅନୁସରଣ କରି ଉଚ୍ଚତମ ଧର୍ମଭାବ ଲାଭ କରିବା ଯେତେବେଳେ ଆମର ଲକ୍ଷ୍ୟ, ସେତେବେଳେ ଏଗୁଡ଼ିକୁ ଅନୁସରଣ କରିବା ପାଇଁ ଆମର ଆପ୍ରାଣ ଚେଷ୍ଟା କରିବା ଉଚିତ । ତା' ଛଡ଼ା ଏସବୁକୁ ଯୁକ୍ତି ଓ ବିଚାର ଦ୍ୱାରା ଗ୍ରହଣ କରିବାକୁ ହେବ । ଅତଏବ ଆମେ ଯେତିକି ସିଦ୍ଧି-ପଥରେ ଆଗେଇ ଯିବା, ପାପପୁଣ୍ୟ-ସମସ୍ୟାର ସମାଧାନ ସେତିକି ଆପେ ଆପେ ହୋଇଯିବ ।

୮୮ । ଆଜିକାଲି ଆମ ଦେଶରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ଶାସ୍ତ୍ରର ଅର୍ଥ ଠିକ୍ ଭାବରେ ବୁଝିପାରନ୍ତି ନାହିଁ । ସେମାନେ କେବଳ ବ୍ରହ୍ମ, ମାୟା, ପ୍ରକୃତି ପ୍ରଭୃତି ଶବ୍ଦ ଜାଣି ସେସବୁ ଯୋଗୁଁ ମୁଣ୍ଡ ଭିତରେ ସମସ୍ତ ଗୋଳମାଳ ସୃଷ୍ଟି କରନ୍ତି । ଶାସ୍ତ୍ରର ପ୍ରକୃତ ମର୍ମ ଓ ଉଦ୍ଦେଶ୍ୟ ଛାଡ଼ି ସେମାନେ କେବଳ ଶବ୍ଦ ନେଇ ବିବାଦ କରନ୍ତି ।

ଶାସ୍ତ୍ର ଯଦି ସମସ୍ତ ଲୋକଙ୍କୁ ସବୁ ଅବସ୍ଥାରେ ଏବଂ ସବୁ ସମୟରେ ସାହାଯ୍ୟ କରି ନ ପାରେ, ତେବେ ସେ ଶାସ୍ତ୍ରରେ ପ୍ରୟୋଜନ କ'ଣ ? ଶାସ୍ତ୍ର ଯଦି କେବଳ ସନ୍ନ୍ୟାସୀର ପଥ-ପ୍ରଦର୍ଶକ ହୁଏ ଏବଂ ଯଦି ଗୃହସ୍ଥ-ଜୀବନର କୌଣସି କାର୍ଯ୍ୟରେ ନ ଆସେ, ତେବେ ଏହି ଏକଦେଶ-ଦର୍ଶୀ ଶାସ୍ତ୍ରରେ ଗୃହସ୍ଥର ପ୍ରୟୋଜନ କ'ଣ ? ଯେଉଁମାନେ ସବୁ କର୍ମ ଛାଡ଼ି ଜଙ୍ଗଲରେ ଆଶ୍ରୟ ନେଇଛନ୍ତି, ଶାସ୍ତ୍ର ଯଦି କେବଳ ତାଙ୍କ ପାଇଁ ହୁଏ, ଶାସ୍ତ୍ର ଯଦି କର୍ମଚଞ୍ଚଳ ପୃଥିବୀରେ ଦୈନିକ ଶ୍ରମ, ରୋଗ, ଶୋକ, ଦାରିଦ୍ର୍ୟ ମଧ୍ୟରେ, ଅନୁଶୋଚନାମୟ ହତାଶ ହୃଦୟରେ, ନିପୀଡ଼ିତର ଆତ୍ମଗ୍ଲାନିରେ, ଯୁଦ୍ଧକ୍ଷେତ୍ରର ଭୟାବହତା ମଧ୍ୟରେ, ଲୋଭରେ, କ୍ରୋଧରେ, ସୁଖରେ, ବିଜୟର ଆନନ୍ଦରେ, ପରାଜୟର ଅନ୍ଧକାରରେ ଏବଂ ଅବଶେଷରେ ମୃତ୍ୟୁର ଭୟାବହ ମୁହୂର୍ତ୍ତରେ ମଣିଷକୁ ଆଶାର ଆଲୋକ ଜଳାଇବାର ଉପାୟ ଦେଖାଇ ନ ପାରେ, ତେବେ ଦୁର୍ବଳ ମନୁଷ୍ୟ ନିକଟରେ ଏହି ଶାସ୍ତ୍ରର କୌଣସି ପ୍ରୟୋଜନ ନାହିଁ । ତାହା ହେଲେ ଶାସ୍ତ୍ରର ଶାସ୍ତ୍ରତ୍ୱ ନଷ୍ଟ ହୋଇଯିବ ।

୮୯ । ଭୋଗ ମଧ୍ୟ ଦେଇ ସ୍ୱତଃ ଯୋଗ ଆସିବ । କିନ୍ତୁ ହାୟ, ଆମ ଦେଶବାସୀଙ୍କର ଭାଗ୍ୟ ଏପରି ଯେ, ଯୋଗ ଆୟତ୍ତ କରିବା ଦୂରେ ଥାଉ, ସେମାନେ ସାମାନ୍ୟ ଭୋଗ ବି ପାଆନ୍ତି ନାହିଁ । ସର୍ବପ୍ରକାର ଅପମାନ ସହ୍ୟ କରି ଅତିକଷ୍ଟରେ ସେମାନେ ଜୀବନର ଅତ୍ୟାବଶ୍ୟକ ପ୍ରୟୋଜନ ମାତ୍ର ମେଣ୍ଟାଇବାକୁ ସମର୍ଥ ହୁଅନ୍ତି; ତାହା ମଧ୍ୟ ସମସ୍ତେ ପାରନ୍ତି ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏପରି ଦୁରବସ୍ଥା ଆମମାନଙ୍କ ନିଦ୍ରାରେ ବ୍ୟାଘାତ ଘଟାଇ ଆମମାନଙ୍କୁ ଆଶୁ କର୍ତ୍ତବ୍ୟ ପ୍ରତି ସଚେତନ କରି-ପାରେ ନାହିଁ ।

୯୦ । ତୁମମାନଙ୍କ ଅଧିକାର ଏବଂ ସୁଯୋଗ-ସୁବିଧା ପାଇଁ ତୁମେମାନେ ଯେତେ ଆନ୍ଦୋଳନ କର ନା କାହିଁକି, ମନେରଖ, ଯେତେଦିନ ତୀବ୍ର ଜାତୀୟ ସମ୍ମାନବୋଧ ଜଗାଇ ଆମେ ଯଥାର୍ଥତଃ ନିଜର ଉନ୍ନତି ନ କରିପାରିଛେ, ସେତେଦିନ ଏହି ସୁଯୋଗ ଓ ଅଧିକାର-ଲାଭର ଆଶା 'ଆଲନାସ୍କାରଙ୍କ ଦିବାସ୍ୱପ୍ନ' ସଦୃଶ ।

୯୧ । ଯେତେବେଳେ କୌଣସି ବଂଶରେ କୌଣସି ପ୍ରତିଭାବାନ୍ ବା ବିଶେଷ ବିଭୂତିମାନ୍ ବ୍ୟକ୍ତି ଜନ୍ମଗ୍ରହଣ କରନ୍ତି, ସେତେବେଳେ ସେହି ବଂଶରେ ଯାହାକିଛି ଶ୍ରେଷ୍ଠ ସମଧିକ ସୃଜନଶୀଳ ପ୍ରତିଭା ଥାଏ, ତାହା ଯେପରି ଏହି ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱର ପରିପୁଷ୍ଟି ପାଇଁ ନିଃଶେଷରେ ତାହାଙ୍କ ଆଡ଼କୁ ଅକୃଷ୍ଟ ହୁଏ । ଏହି କାରଣରୁ ଆମେ ଦେଖୁ, ଏହି ବଂଶରେ ପରବର୍ତ୍ତୀ କାଳରେ ଯେଉଁମାନେ ଜନ୍ମଗ୍ରହଣ କରନ୍ତି, ସେମାନେ ହୁଏତ ନିର୍ବୋଧ ଅଥବା ଅତିସାଧାରଣ ବୁଦ୍ଧି-ସମ୍ପନ୍ନ ବ୍ୟକ୍ତିମାତ୍ର ଏବଂ କାଳକ୍ରମେ ଏହି ବଂଶ ବହୁକ୍ଷେତ୍ରରେ ହିଁ ନିଶ୍ଚିହ୍ନ ହୋଇଯାଏ ।

୯୨ । ଏହି ଜୀବନରେ ଯଦି ମୁକ୍ତିଲାଭ ନ ହୁଏ, ତେବେ ପରବର୍ତ୍ତୀ ଏକ ବା ବହୁ ଜୀବନରେ ଯେ ମୁକ୍ତିଲାଭ ହେବ, ତାହାର ପ୍ରମାଣ କ'ଣ ?

୯୩ । ଆଗ୍ରାର ତାଜମହଲ ଦେଖିବାକୁ ଯାଇ ସେ ମନ୍ତବ୍ୟ ଦେଲେ : ଏହାର ଯେ-କୌଣସି ଖଣ୍ଡିଏ ମାର୍ବଲକୁ ଚପୁଡ଼ିଲେ ଏହା ଭିତରୁ ରାଜକୀୟ ପ୍ରେମ ଓ ଦୁଃଖ ଝରିପଡ଼ିବ । ସେ ଆହୁରି କହିଲେ : ଏହାର ଅନ୍ତର୍ଭାଗର ଏକ ବର୍ଗ ଇଞ୍ଚ ପରିମିତ ସ୍ଥାନର ସୌନ୍ଦର୍ଯ୍ୟ ଠିକ୍ ଠିକ୍ ଉପଭୋଗ କରିବାକୁ ଛ' ମାସ ସମୟ ଲାଗିବ ।

୯୪ । ଭାରତର ପ୍ରକୃତ ଇତିହାସ ଉଦ୍‌ଘାଟିତ ହେଲେ ପ୍ରମାଣିତ ହେବ ଯେ, ଯେପରି ଧର୍ମ-କ୍ଷେତ୍ରରେ, ସେହିପରି ଲଳିତକଳାର କ୍ଷେତ୍ରରେ ଭାରତ ସମସ୍ତ ପୃଥିବୀର ଆଦିଗୁରୁ ।

୯୫ । ସ୍ଥାପତ୍ୟ ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ ସେ କହିଲେ : ଲୋକମାନେ କହନ୍ତି, କଲିକତା ପ୍ରାସାଦପୁରୀ । କିନ୍ତୁ ଘରଗୁଡ଼ାକ ଦେଖିଲେ ଜଣାପଡ଼ିବ ଯେ, ଯେପରି କେତେଗୁଡ଼ିଏ ବାକ୍ସକୁ ଉପରେ ଉପରେ ରଖି ସଜାଯାଇଛି । ଏଗୁଡ଼ିକ କୌଣସି ବିଶେଷ ଭାବର ଦ୍ୟୋତକ ନୁହେଁ । ପ୍ରକୃତ ହିନ୍ଦୁ ସ୍ଥାପତ୍ୟ ବର୍ତ୍ତମାନ ରାଜପୁତାନାରେ ଅନେକ ଦେଖାଯାଏ । କୌଣସି ଧର୍ମଶାଳାକୁ ଅନାଇଲେ ମନେହେବ, ଏହା ଯେପରି ମୁକ୍ତ ବାହୁ ପ୍ରସାରଣପୂର୍ବକ ଯାତ୍ରୀଙ୍କୁ ଆହ୍ୱାନ ଜଣାଉଛି—ସେମାନେ ସେଠାରେ ଆଶ୍ରୟ ଓ ଆତିଥେୟତା ଲାଭ କରିପାରିବେ । ଏହାର ଭିତରେ ଓ ବାହାରେ ଦେବତାର ସାନ୍ନିଧ୍ୟ ମଧ୍ୟ ଅନୁଭବ କରିହେବ । ଗ୍ରାମ୍ୟ-କୁଟୀର ଦେଖିଲେ ବି ଆପଣମାନେ ଏହାର ବିଭିନ୍ନ ଅଂଶର ବିଭିନ୍ନ ଅର୍ଥ ହୃଦୟଙ୍ଗମ କରିପାରିବେ ଏବଂ ବୁଝିପାରିବେ ଯେ, ସମଗ୍ର କୁଟୀରଟି ହିଁ ମାଲିକର ନିଜସ୍ୱ ଆଦର୍ଶ ଏବଂ ପ୍ରକୃତିର ଦ୍ୟୋତକ । ଇଟାଲି ବ୍ୟତୀତ ମୁଁ ଅନ୍ୟ କୌଣସି ଦେଶରେ ଏହି ଜାତୀୟ ଭାବବ୍ୟଞ୍ଜକ ସ୍ଥାପତ୍ୟଶିଳ୍ପ ଦେଖି ନାହିଁ ।

## ଉକ୍ତି-ସଞ୍ଚୟନ-୨

୧ । ସ୍ୱାମୀଜୀଙ୍କୁ ପଚରାଗଲା, 'ବୁଦ୍ଧଙ୍କ ମତରେ କଅଣ ବହୁତ୍ୱ ସତ୍ୟ ଏବଂ ଏକତ୍ୱ (ଆତ୍ମା) ମିଥ୍ୟା ? ହିନ୍ଦୁ (ବେଦ) ମତରେ ତ ଏକତ୍ୱ ହିଁ ସତ୍ୟ ଓ ବହୁତ୍ୱ ମିଥ୍ୟା ।' ସ୍ୱାମୀଜୀ କହିଲେ : ହିଁ, ଏବଂ ଏହା ସହିତ ଶ୍ରୀରାମକୃଷ୍ଣ ପରମହଂସ ଏବଂ ମୁଁ ଯାହା ଯୋଗ କରିଛୁ, ତାହା ହେଉଛି, ଗୋଟିଏ ନିତ୍ୟ ବସ୍ତୁ ଏହି ମନରେ ବିଭିନ୍ନ ସମୟରେ ବିଭିନ୍ନ ଭାବରେ ଅନୁଭୂତ ହୋଇ ଏକ ଏବଂ ବହୁ ରୂପରେ ପ୍ରତିଭାତ ହୁଏ ।

୨ । ଥରେ ଜଣେ ଶିଷ୍ୟଙ୍କୁ କହିଲେ : ମନେ ରଖ, ଜୀବାତ୍ମାର ବିକାଶ ନିମନ୍ତେ ହିଁ ପ୍ରକୃତି, ପ୍ରକୃତି ପାଇଁ ଜୀବାତ୍ମା ନୁହେଁ— ଏହା ଭାରତର ଶାଶ୍ୱତ ବାଣୀ ।

୩ । ପୃଥିବୀ ଆଜି ଖୋଜୁଛି, ଏପରି କୋଡ଼ିଏ ଜଣ ନର-ନାରୀ ଯେଉଁମାନେ ଏହି ପଥରେ ସାହସର ସହିତ ଛିଡ଼ା ହୋଇ କହିପାରିବେ ଯେ, ଭଗବାନଙ୍କ ବ୍ୟତୀତ ସେମାନଙ୍କର ଆଉ କୌଣସି ସମ୍ବଳ ନାହିଁ । କିଏ ଆସିବ ? କାହିଁକି, ଏଥିରେ ଭୟ କ'ଣ ? ଯଦି ଏହା

ସତ୍ୟ ହୁଏ, ତେବେ ଆଉ କଅଣ ପ୍ରୟୋଜନ ? ଆଉ ଯଦି ଏହା ସତ୍ୟ ନ ହୁଏ, ତେବେ ଆମମାନଙ୍କର ବଞ୍ଚି ରହି ଲଭ କଅଣ ?

୪ । ଆହା, ଯେ ପରମାତ୍ମାଙ୍କର ସ୍ୱରୂପ ଜାଣିଛନ୍ତି, ତାଙ୍କର କାର୍ଯ୍ୟ କେତେ ଯେ ଶାନ୍ତ ! ବାସ୍ତବିକ୍ ଲୋକଙ୍କ ଚକ୍ଷୁ ଖୋଲିଦେବା ବ୍ୟତୀତ ତାଙ୍କର ଆଉ କିଛି କରିବାର ନ ଥାଏ । ଆଉ ଯାହା କିଛି ତାହା ଆପଣାଛାଏଁ ହେଉଥାଏ ।

୫ । ସେ (ରାମକୃଷ୍ଣ) ଏକ ମହତ୍ତ୍ୱ ଜୀବନ ଯାପନ କରି ତୃପ୍ତ ଥିଲେ ଏବଂ ସେ ହିଁ ଜୀବନର ତାତ୍ପର୍ଯ୍ୟ-ନିର୍ଣ୍ଣୟର ଭାର ଦେଇଯାଇଛନ୍ତି ଅନ୍ୟ ସମସ୍ତଙ୍କ ଉପରେ ।

୬ । ଜଣେ ଶିଷ୍ୟ କୌଣସି ଗୋଟିଏ ବିଷୟରେ ସ୍ୱାମୀଜୀଙ୍କୁ ସଂସାରର ଅଭିଜ୍ଞତା-ପ୍ରସୂତ ପରାମର୍ଶ ଦେବାରୁ ସ୍ୱାମୀଜୀ ବିରକ୍ତିର ସହିତ କହିଲେ : କେବଳ ପରିକଳ୍ପନା ଆଉ ପରିକଳ୍ପନା ! ଏଥିପାଇଁ ପାଶ୍ଚାତ୍ୟବାସୀମାନେ କୌଣସି ଧର୍ମମତ ଗଠନ କରିପାରନ୍ତି ନାହିଁ । ତୁମମାନଙ୍କ ମଧ୍ୟରେ ଯଦି କେହି କେବେ ପାରିଥାଏ, ତେବେ ତାହା କେତେଜଣ କ୍ୟାଥଲିକ୍ ସନ୍ନ୍ୟାସୀ ମାତ୍ର, ଯେଉଁମାନଙ୍କର ପରିକଳ୍ପନା ବୋଲି କିଛି ନ ଥିଲା । ପରିକଳ୍ପନାକାରୀ-ମାନଙ୍କ ଦ୍ୱାରା କେବେ ଧର୍ମପ୍ରଚାର ହୋଇପାରେ ନାହିଁ ।

୭ । ପାଶ୍ଚାତ୍ୟର ସମାଜ-ଜୀବନ ଦେଖିବାକୁ ଗୋଟିଏ ହସର କଳରବ ପରି, କିନ୍ତୁ ତା'ର ଠିକ୍ ତଳେ କେବଳ କାନ୍ଦ । ହତାଶ କ୍ରନ୍ଦନରେ ଏହାର ଶେଷ ହୁଏ । କୌତୁକ-ଉଚ୍ଛଳତା ସମାଜର ଉପରେ, ମାତ୍ର ବସ୍ତୁତଃ ଏହା ବିଷାଦରେ ପୂର୍ଣ୍ଣ । ଏଦେଶରେ (ଭାରତରେ) ବାହାର ହୁଏତ ନିରାନନ୍ଦ ଓ ବିଷାଦ, କିନ୍ତୁ ଭିତରେ ଗାମ୍ଭୀର୍ଯ୍ୟ, ନିଶ୍ଚିନ୍ତତା ଏବଂ ଆନନ୍ଦ ।

ଆମର ଗୋଟିଏ ମତବାଦ ଅଛି—ଈଶ୍ୱର ସ୍ୱୟଂ ଲୀଳାଛଳରେ ନିଜକୁ ଜୀବ-ଜଗତରେ ରୂପାନ୍ତରିତ କରିଛନ୍ତି ଏବଂ ଏହି ସଂସାରରେ ଅବତାରମାନେ ଲୀଳାଛଳରେ ଦେହଧାରଣ କରି ଜୀବନଯାପନ କରନ୍ତି । ସବୁ କିଛି ଲୀଳା, ସବୁ ହିଁ ଖେଳ । ଯୀଶୁ କାହିଁକି କ୍ରୁଶବିଦ୍ଧ ହୋଇଥିଲେ ? ତାହା ମଧ୍ୟ ସମ୍ପୂର୍ଣ୍ଣ ଖେଳ । ମାନବ-ଜୀବନ ସମ୍ବନ୍ଧରେ ମଧ୍ୟ ସେହି ଗୋଟିଏ କଥା । ଏହା ମଧ୍ୟ ଈଶ୍ୱରଙ୍କ ସହିତ କ୍ରୀଡ଼ା ମାତ୍ର । କୁହ, 'ସବୁ ହିଁ ଲୀଳା, ସବୁ ହିଁ ଖେଳ ।' ଖେଳିବା ବ୍ୟତୀତ ତୁମେ ଆଉ କ'ଣ କିଛି କର ?

୮ । ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଛି ଯେ, ଗୋଟିଏ ଜୀବନରେ କେହି ନେତା ହୋଇ ଉଠିପାରନ୍ତି ନାହିଁ । ତାଙ୍କୁ ଶକ୍ତି ନେଇ ଜନ୍ମିବାକୁ ହୁଏ । କାରଣ ସଂଗଠନ ବା ପରିକଳ୍ପନା ସେପରି କଷ୍ଟସାଧ୍ୟ ନୁହେଁ । ବିଭିନ୍ନ ବ୍ୟକ୍ତିଙ୍କୁ ସେମାନଙ୍କର ସାଧାରଣ ସହାନୁଭୂତିର ସୂତ୍ର ଧରି ସଂଘବଦ୍ଧ କରି ରଖିବାର କ୍ଷମତା ହିଁ ନେତାର ପ୍ରକୃତ ପରୀକ୍ଷା । ଚେଷ୍ଟା ଦ୍ୱାରା ନୁହେଁ, ଅଜ୍ଞାତ-ସାରରେ ଏହା ହୋଇଥାଏ ।

୯ । ପ୍ଲେଟୋଙ୍କର ଭାବଧାରା ବ୍ୟାଖ୍ୟା କରିବାକୁ ଯାଇ ସ୍ୱାମୀଜୀ କହିଲେ, ତା'ହେଲେ

ତୁମେମାନେ ଦେଖିପାରୁଛ ଯେ, ବଡ଼ ବଡ଼ ଭାବଗୁଡ଼ିକର କ୍ଷୀଣତମ ବିକାଶ ଏସବୁ ଯାହା କିଛି । ଏହି ଭାବଗୁଡ଼ିକ ସତ୍ୟ ଏବଂ ସମ୍ପୂର୍ଣ୍ଣ । ଗୋଟିଏ ଆଦର୍ଶ "ତୁମେ" କେଉଁଠାରେ ଅଛି ଏବଂ ସେଇଟିକୁ ଜୀବନରେ ରୂପାୟିତ କରିବା ନିମନ୍ତେ ଏଠାରେ ତୁମର ଯେତେ ଚେଷ୍ଟା । ଚେଷ୍ଟା ହୁଏତ ଅନେକ ଦିଗରୁ ତ୍ରୁଟିପୂର୍ଣ୍ଣ ହେବ, ତେବେ ଚେଷ୍ଟା କରିଯାଅ । ଦିନେ ନା ଦିନେ ସେ ଆଦର୍ଶ ରୂପାୟିତ ହେବ ।'

୧୦ । ଜଣୈକା ଶିଷ୍ୟା ନିଜର ଭାବ ବ୍ୟକ୍ତ କରି ମନ୍ତବ୍ୟ ଦେଲେ, ବ୍ୟକ୍ତିଗତ ମୁକ୍ତି —ଜୀବନରୁ ନିଷ୍କୃତି ପାଇବା ନିମନ୍ତେ ତୀବ୍ର ଆକାଙ୍‌କ୍ଷା ଅପେକ୍ଷା ଯେଉଁସବୁ ଉଦ୍ଦେଶ୍ୟ ସାଧନ କରିବାକୁ ମୁଁ ଶ୍ରେଷ୍ଠ ବୋଲି ମନେକରେ, ସେଗୁଡ଼ିକୁ ସମ୍ପାଦନ କରିବା ନିମନ୍ତେ ବାରମ୍ବାର ସଂସାରକୁ ଫେରି ଆସିବାକୁ ମୁଁ ଭଲ ବୋଲି ମନେକରେ । ଏଥିରେ ସ୍ୱାମୀଜୀ ସଙ୍ଗେ ସଙ୍ଗେ କହି ଉଠିଲେ, 'ଏହାର କାରଣ ତୁମେ ଉନ୍ନତି କରିବାର ଧାରଣାର ଉପରକୁ ଉଠିପାର ନାହିଁ; କିନ୍ତୁ କୌଣସି ଜିନିଷ ଉନ୍ନତତର ହୁଏ ନାହିଁ । ଏଗୁଡ଼ିକ ଯେପରି ସେହିପରି ହିଁ ରହିଥାଏ । ଏହାକୁ ରୂପାନ୍ତର ଘଟାଇ କେବଳ ଆମେ ହିଁ ଉନ୍ନତତର ହେଉ ।'

୧୧ । ଆଲମୋଡ଼ାରେ ଜଣେ ବୟସ୍କ ଲୋକ ସ୍ୱାମୀଜୀଙ୍କ ନିକଟକୁ ଆସିଥିଲା । ତାଙ୍କ ମୁଖରେ ପର-ନିର୍ଭରତାର ଏପରି ଗୋଟିଏ ଭାବ ଥିଲା, ଯାହା ଦେଖିଲେ ହିଁ ସହାନୁଭୂତି ଆସେ । ସେ କର୍ମବାଦ ସମ୍ବନ୍ଧରେ ପଚାରିଲେ, 'ଯେଉଁମାନେ ନିଜ କର୍ମଦୋଷରୁ ଦୁର୍ବଳ ପ୍ରତି ସବଳର ଅତ୍ୟାଚାର ଦେଖିବାକୁ ବାଧ୍ୟ ହୁଅନ୍ତି, ସେମାନଙ୍କର କର୍ତ୍ତବ୍ୟ କଅଣ ?' ସ୍ୱାମୀଜୀ କ୍ଷୁବ୍ଧ ବିସ୍ମୟ ସହକାରେ ତାଙ୍କୁ ଚାହିଁ କହିଲେ, 'ନିଶ୍ଚିତ ସବଳକୁ ମାଡ଼ ଦେବେ, ଆଉ କଅଣ ? ଏହି କର୍ମବାଦ ମଧ୍ୟରେ ତୁମେ ତୁମ ନିଜର ଅଂଶଟିକୁ ଭୁଲିଯାଉଛ ? ମୁଣ୍ଡ ଟେକି ଠିଆ ହେବା ଓ ବିଦ୍ରୋହ କରିବାର ଅଧିକାର ତୁମର ସବୁ ସମୟରେ ଅଛି ।'

୧୨ । ସ୍ୱାମୀଜୀଙ୍କୁ ଜଣେ ପଚାରିଲେ, 'ସତ୍ୟ ପାଇଁ କଅଣ ମୃତ୍ୟୁକୁ ମଧ୍ୟ ବରଣ କରିବା ଉଚିତ, ଅଥବା ଗୀତାର ଶିକ୍ଷା ଅନୁସାରେ ସର୍ବଦା ଉଦାସୀନ ରହିବା ନିମନ୍ତେ ଚେଷ୍ଟା କରିବା ଉଚିତ ?' ସ୍ୱାମୀଜୀ ଧୀରେ ଧୀରେ ଅନେକ ସମୟ ରହି ରହି କହିଲେ, 'ମୁଁ ଉଦାସୀନ ରହିବାର ପକ୍ଷପାତୀ ।' ତା'ପରେ ପୁଣି କହିଲେ, 'ଏହା ସନ୍ନ୍ୟାସୀଙ୍କ ପାଇଁ, ଗୃହୀମାନଙ୍କ ପଥ ଆତ୍ମରକ୍ଷା ।'

୧୩ । ସମସ୍ତେ ସୁଖ ଚାହାଁନ୍ତି—ଏ କଥା ଭୁଲ । ପ୍ରାୟ ସମସଂଖ୍ୟକ ଲୋକ ଦୁଃଖ ବରଣ କରିବା ନିମନ୍ତେ ଜନ୍ମ ନେଇଥାନ୍ତି । ଆସ, ଆମେ ଭୟଙ୍କରକୁ ଭୟଙ୍କର ଭାବରେ ପୂଜା କରିବା ।

୧୪ । ଆଜି ପର୍ଯ୍ୟନ୍ତ ରାମକୃଷ୍ଣ ପରମହଂସ ହିଁ ଏକମାତ୍ର ବ୍ୟକ୍ତି, ଯେ ସାହସ କରି କହିପାରିଛନ୍ତି: ଠିକ୍ ଯେଉଁ ଭାଷାରେ ଅନ୍ୟ ଜଣେ କଥା କହେ ଏବଂ ଯେଉଁ ଭାଷା ବୁଝେ, ତା' ସହିତ ସେହି ଭାଷାରେ ହିଁ କଥା କହିବା ଉଚିତ ।

୧୫ । ନିଜ ଜୀବନରେ କାଳୀଙ୍କୁ ଆଦର୍ଶ ଭାବରେ ଗ୍ରହଣ କରିବା ପୂର୍ବରୁ ତାଙ୍କର

ସନ୍ଦେହ-ବିଜଡ଼ିତ ଦିନଗୁଡ଼ିକୁ ଲକ୍ଷ୍ୟ କରି ସ୍ୱାମୀଜୀ କହିଲେ, 'କାଳୀ ଏବଂ କାଳୀଙ୍କର ସର୍ବ-ପ୍ରକାର କାର୍ଯ୍ୟକଳାପକୁ ମୁଁ କେତେ ଅବଜ୍ଞା ନ କରିଛି ! ମୋର ଛ'ଅ ବର୍ଷକାଳ ମାନସିକ ଦ୍ୱନ୍ଦ୍ୱର କାରଣ ଥିଲା ଯେ, ମୁଁ ତାଙ୍କୁ ମାନୁ ନ ଥିଲି । ଶେଷରେ ମୋତେ ତାଙ୍କୁ ମାନିବାକୁ ପଡ଼ିଲା । ରାମକୃଷ୍ଣ ପରମହଂସ ମୋତେ ତାଙ୍କ ନିକଟରେ ସମର୍ପଣ କରିଯାଇଛନ୍ତି ଏବଂ ବର୍ତ୍ତମାନ ମୋର ବିଶ୍ୱାସ ଯେ, ସର୍ବଦା ସମସ୍ତ କାର୍ଯ୍ୟରେ ମୋତେ ମା' କାଳୀ ପରିଚାଳିତ କରୁଛନ୍ତି ଏବଂ ତାଙ୍କର ଯାହା ଇଚ୍ଛା ମୋ ଦ୍ୱାରା କରାଇନେଉଛନ୍ତି । ତେବେ ମୁଁ କେତେ ଦିନ ତାଙ୍କ ବିରୋଧରେ ଯୁଦ୍ଧ ନ କରିଛି ! ଅସଲ କଥା ଏହି, ମୁଁ ଯେ ଶ୍ରୀରାମକୃଷ୍ଣଙ୍କୁ ଭଲ ପାଉଥିଲି, ତାହା ମୋତେ ଧରି ରଖିଥିଲା । ମୁଁ ତାଙ୍କର ଅପୂର୍ବ ପବିତ୍ରତା ଦେଖିଛି । ମୁଁ ତାଙ୍କର ଆଶ୍ଚର୍ଯ୍ୟ ଭଲପାଇବା ଅନୁଭବ କରିଛି । ସେପର୍ଯ୍ୟନ୍ତ ତାଙ୍କର ମହତ୍ତ୍ୱ ମୋ ନିକଟରେ ପ୍ରତିଭାତ ହୋଇ ନ ଥିଲା । ପରେ ଯେତେବେଳେ ମୁଁ ତାଙ୍କ ନିକଟରେ ନିଜକୁ ସମର୍ପଣ କରିଦେଲି, ସେତେବେଳେ ଏହି ଭାବ ଆସିଥିଲା । ତା' ପୂର୍ବରୁ ମୁଁ ତାଙ୍କୁ ବିକୃତ-ମସ୍ତିଷ୍କ ଗୋଟିଏ ଶିଶୁ ବୋଲି ଭାବୁଥିଲି; ମନେକରୁଥିଲି—ଏଇଥି ପାଇଁ ସେ ସର୍ବଦା ଅଲୌକିକ ଦୃଶ୍ୟ ପ୍ରଭୃତି ଦେଖନ୍ତି । ସେସବୁକୁ ମୁଁ ଘୃଣା କରୁଥିଲି । ତା'ପରେ ମୋତେ ମଧ୍ୟ ମା' କାଳୀଙ୍କୁ ମାନିବାକୁ ପଡ଼ିଲା । ନା, ଯେଉଁ କାରଣରୁ ମୋତେ ତାଙ୍କୁ ମାନିବାକୁ ପଡ଼ିଲା, ତାହା ଗୋଟିଏ ଗୋପନ ରହସ୍ୟ ଏବଂ ତାହା ମୋର ମୃତ୍ୟୁ ସହିତ ଲୁପ୍ତ ହେବ । ସେ ସମୟରେ ମୋର ଭାଗ୍ୟ-ବିପର୍ଯ୍ୟୟ ପଡ଼ିଥିଲା ।... ଏହା ମୋ ଜୀବନରେ ଗୋଟିଏ ସୁଯୋଗ ଭାବରେ ଆସିଥିଲା । ମା' (କାଳୀ) ମୋତେ ତାଙ୍କର କ୍ରୀତଦାସ କରିନେଲେ । 'ମୁଁ ତୁମର ଦାସ' ଏହି କଥା ହିଁ କହିଥିଲି । ରାମକୃଷ୍ଣ ପରମହଂସ ହିଁ ମୋତେ ତାଙ୍କ ଚରଣରେ ଅର୍ପଣ କରିଦେଇଥିଲେ । ଅଦ୍ଭୁତ ଘଟଣା ! ଏ ଘଟଣା ପରେ ସେ ମାତ୍ର ଦୁଇଟି ବର୍ଷ ଜୀବିତ ଥିଲେ ଏବଂ ସେହି କାଳ ମଧ୍ୟରେ ଅଧିକାଂଶ ସମୟ ସେ ଅସୁସ୍ଥ ଥିଲେ । ଛ'ମାସ ଭିତରେ ତାଙ୍କର ସ୍ୱାସ୍ଥ୍ୟ ଓ ଲାବଣ୍ୟ ନଷ୍ଟ ହୋଇଗଲା ।

ତୁମେମାନେ ଜାଣ, ଗୁରୁ ନାନକ ମଧ୍ୟ ଏହିପରି ଜଣେ ଶିଷ୍ୟର ସନ୍ଧାନରେ ଥିଲେ, ଯାହାକୁ ସେ ତାଙ୍କ ଶକ୍ତିର ଉତ୍ତରାଧିକାରୀ କରିଯାଇପାରିବେ । ସେ ତାଙ୍କ ପରିବାରବର୍ଗଙ୍କ ମଧ୍ୟରୁ କାହାକୁ ଉପଯୁକ୍ତ ମନେକଲେ ନାହିଁ । ତାଙ୍କର ସନ୍ତାନଗଣ ତାଙ୍କ ନିକଟରେ ଅତ୍ୟନ୍ତ ଅଯୋଗ୍ୟ ବୋଲି ମନେହେଲେ । ତା'ପରେ ସେ ଜଣେ ବାଳକର ସନ୍ଧାନ ପାଇଲେ, ତାହାକୁ ସେହି ଶକ୍ତି ଦେଇଦେଲେ ଏବଂ ଦେହତ୍ୟାଗ ନିମନ୍ତେ ପ୍ରସ୍ତୁତ ହୋଇଗଲେ ।

ତୁମେମାନେ କହୁଛ, ଭବିଷ୍ୟତରେ ରାମକୃଷ୍ଣ ପରମହଂସଙ୍କୁ କାଳୀଙ୍କ ଅବତାର ବୋଲି କୁହାଯିବ କି ? ହଁ, ମୁଁ ବି ମନେକରେ, କାଳୀ ତାଙ୍କର କାର୍ଯ୍ୟ ସମ୍ପାଦନ ନିମନ୍ତେ ଶ୍ରୀରାମକୃଷ୍ଣଙ୍କର ଦେହଯନ୍ତ୍ରକୁ ପରିଚାଳିତ କରିଥିଲେ । ଦେଖ, ଆମ ପକ୍ଷରେ ଏହା ବିଶ୍ୱାସ ନ କରିବାର ଉପାୟ ନାହିଁ ଯେ, କେଉଁଠାରେ ଏପରି ଏକ ବିରାଟ ଶକ୍ତି ନିଶ୍ଚୟ ଅଛି, ଯେ କି

କେବେ କେବେ ନିଜକୁ ନାରୀ ରୂପରେ କଳ୍ପନା କରନ୍ତି ଏବଂ ତାଙ୍କୁ ଲୋକେ 'କାଳୀ' ଏବଂ 'ମା' ବୋଲି ଡାକନ୍ତି । ମୁଁ ବ୍ରହ୍ମଙ୍କୁ ବି ବିଶ୍ୱାସ କରେ । ଆଉ ଅସଲ କଥାସବୁ କଅଣ ଠିକ୍ ଏହିପରି ନୁହେଁ ? ଯେପରି ଅସଂଖ୍ୟାତୀତ ଜୀବକୋଷର ସମଷ୍ଟିରେ ବ୍ୟକ୍ତିତ୍ୱ ଗଠିତ ହୁଏ, ଯେପରି ଗୋଟିଏ ନୁହେଁ—ବହୁ ମସ୍ତିଷ୍କ-କୋଷର ସମବାୟରେ ଚୈତନ୍ୟର ଉତ୍ପତ୍ତି ହୁଏ, ଠିକ୍ ସେହିପରି ନୁହେଁ କି ? ଏକତ୍ୱ ମାନେ ହିଁ ବୈଚିତ୍ର୍ୟ । ଏହା ମଧ୍ୟ ଠିକ୍ ସେହିପରି । ବ୍ରହ୍ମ ସମ୍ବନ୍ଧରେ ବା ଭିନ୍ନ ବ୍ୟବସ୍ଥା କାହିଁକି ? ବ୍ରହ୍ମ ହିଁ ଅଛନ୍ତି, ସେ ହିଁ ଏକମାତ୍ର ସତ୍ତା, କିନ୍ତୁ ତେବେ ସେ ହିଁ ପୁଣି ବହୁ ଦେବତା ମଧ୍ୟ ହୋଇଛନ୍ତି ।

୧୬ । ଯେତେ ବୟସ ବଢ଼ୁଛି, ସେତିକି ମନେହେଉଛି, ବୀରତ୍ୱ ଉପରେ ସବୁ କିଛି ନିର୍ଭର କରେ । ଏହା ହିଁ ମୋର ନୂତନ ବାଣୀ ।

୧୭ । 'କୌଣସି କୌଣସି ସମାଜରେ ନରମାଂସ-ଭୋଜନ ସ୍ୱାଭାବିକ ଜୀବନ-ଧାରାର ଅଙ୍ଗୀଭୂତ'—ଇଉରୋପରେ ଏହି ମତର ଉଲ୍ଲେଖ ଶୁଣି ସ୍ୱାମୀଜୀ ମନ୍ତବ୍ୟ କଲେ : ଏହା କଅଣ ସତ୍ୟ ନୁହେଁ ଯେ, ଯୁଦ୍ଧରେ ହିଂସାର ବଶବର୍ତ୍ତୀ ହୋଇ ବା କୌଣସି ଧର୍ମାନୁଷ୍ଠାନାଦି ବ୍ୟତୀତ କୌଣସି ଜାତି କେବେହେଲେ ନରମାଂସ ଭୋଜନ କରେ ନାହିଁ ? ତୁମେ କ'ଣ ଏହା ବୁଝିପାରୁ ନାହିଁ ? ସମାଜବଦ୍ଧ ପ୍ରାଣୀମାନଙ୍କର ଏହା ରୀତି ନୁହେଁ, କାରଣ ଏହାଦ୍ୱାରା ସମାଜ-ଜୀବନର ମୂଳୋଚ୍ଛେଦ ହେବ ।

୧୮ । ମୃତ୍ୟୁ ବା କାଳୀଙ୍କ ଉପାସନା କରିବା ନିମନ୍ତେ କେତେଜଣଙ୍କର ସାହସ ଅଛି ? ଆସ, ଆମେ ମୃତ୍ୟୁର ଉପାସନା କରିବା । ଆମେ ଯେପରି ଭୀଷଣକୁ ଭୀଷଣ ବୋଲି ଜାଣି ଆଲିଙ୍ଗନ କରିବା—ତାହାକୁ ଯେପରି କୋମଳତର ହେବା ନିମନ୍ତେ ଅନୁରୋଧ ନ କରି ଆମେ ଯେପରି ଦୁଃଖ ପାଇଁ ଦୁଃଖକୁ ବରଣ କରିବା ।

୧୯ । ପାଞ୍ଚଶହ ବର୍ଷର ନୀତିର ଅନୁଶାସନ, ପାଞ୍ଚଶହ ବର୍ଷର ମୂର୍ତ୍ତିପୂଜା ଏବଂ ପାଞ୍ଚଶହ ବର୍ଷର ତନ୍ତ୍ରର ପ୍ରାଧାନ୍ୟ—ବୌଦ୍ଧଧର୍ମର ଏହି ତିନୋଟି ଯୁଗ । ତୁମେ ଯେପରି କେବେହେଲେ ନ ଭାବ ଯେ, ଭାରତରେ ବୌଦ୍ଧଧର୍ମ ନାମରେ ଏପରି କୌଣସି ଧର୍ମ ଥିଲା, ଯାହାର ସ୍ୱତନ୍ତ୍ର ଧରଣର ମନ୍ଦିର, ପୁରୋହିତ ପ୍ରଭୃତି ଥିଲେ; ଏପରି କୌଣସି କିଛି ନ ଥିଲା । ବୌଦ୍ଧଧର୍ମ ସବୁ ସମୟରେ ହିଁ ହିନ୍ଦୁଧର୍ମର ଅଙ୍ଗୀଭୂତ ଥିଲା । କେବଳ କୌଣସି ଏକ ସମୟରେ ବୁଦ୍ଧଙ୍କର ପ୍ରଭାବ ବିଶେଷ ପ୍ରବଳ ଥିଲା, ଏବଂ ତାହାର ଫଳରେ ସମଗ୍ର ଜାତିରେ ସନ୍ନ୍ୟାସର ପ୍ରାଧାନ୍ୟ ଘଟିଥିଲା ।

୨୦ । ଯେଉଁମାନେ ପ୍ରାଚୀନ-ପନ୍ଥୀ, ସେମାନଙ୍କ ଦୃଷ୍ଟିରେ କେବଳ ଆତ୍ମସମର୍ପଣ ହିଁ ଆଦର୍ଶ । କିନ୍ତୁ ତୁମମାନଙ୍କର ଆଦର୍ଶ ହେଲା ସଂଗ୍ରାମ । ଫଳରେ ଜୀବନକୁ ଆମେମାନେ ହିଁ ଉପଭୋଗ କରୁ, ତୁମେମାନେ କେବେହେଲେ କରିପାର ନାହିଁ । ତୁମେମାନେ ସବୁ ସମୟରେ ଆହୁରି ଭଲ ପାଇଁ ତୁମମାନଙ୍କର ଜୀବନକୁ ପରିବର୍ତ୍ତିତ କରିବାକୁ ସଚେଷ୍ଟ; କିନ୍ତୁ ଉପସ୍ଥିତ ପରିବର୍ତ୍ତନର ଲକ୍ଷେ ଭାଗରୁ ଏକଭାଗ ମଧ୍ୟ ସାଧିତ ହେବା ପୂର୍ବରୁ ତୁମେମାନେ ମରିଯାଅ ।

ପାଶ୍ଚାତ୍ୟର ଆଦର୍ଶ—କିଛି ନା କିଛି କରିବା, ଏବଂ ପ୍ରାଚ୍ୟର ଆଦର୍ଶ—ସହ୍ୟ କରିବା । 'କରିବା' ଏବଂ 'ସହିବା'—ଏହି ଦୁଇଟିର ଅପୂର୍ବ ସମନ୍ୱୟରେ ପୂର୍ଣ୍ଣ ଜୀବନ ଗଢ଼ି ଉଠିବ, କିନ୍ତୁ ତାହା କିଅଣ କେବେ ସମ୍ଭବ !

ଆମ ସମାଜରେ ଏହା ସ୍ୱୀକୃତ ସିଦ୍ଧାନ୍ତ ଯେ, ମଣିଷର ସବୁ ଆକାଙ୍କ୍ଷା ଚରିତାର୍ଥ ହେବା ସମ୍ଭବ ନୁହେଁ । ସେଥିପାଇଁ ଆମମାନଙ୍କର ଜୀବନ ବହୁ ବିଧି-ନିଷେଧର ଅଧୀନ । ଏସବୁ ସୌନ୍ଦର୍ଯ୍ୟବିହୀନ ମନେହେଲେ ସୁଦ୍ଧା, ଏହା ଶକ୍ତି ଓ ଆଲୋକ-ପ୍ରଦ । ଆମ ସମାଜର ଉଦାରପନ୍ଥୀମାନେ ସମାଜର କେବଳ କୁତ୍ସିତ ଦିଗଟିକୁ ଦେଖି ତାକୁ ବର୍ଜନ କରିବାକୁ ଚାହିଁଥିଲେ, କିନ୍ତୁ ତା' ବଦଳରେ ଯାହା ପ୍ରବର୍ତ୍ତନ କଲେ, ତାହା ସେହିପରି ଖରାପ । ତା'ପରେ ନୂତନ ପ୍ରଥାଗୁଡ଼ିକ ଶକ୍ତି ଲାଭ କରିବା ପାଇଁ ପୁରାତନ ପ୍ରଥା ପରି ଦୀର୍ଘ ସମୟ ଲାଗିବ ।

ପରିବର୍ତ୍ତନ କଲେ ହିଁ ଇଚ୍ଛା-ଶକ୍ତି ଦୃଢ଼ ହୁଏ ନାହିଁ, ବରଂ ଏହା ଦୁର୍ବଳ ଓ ପରିବର୍ତ୍ତନର ଅଧୀନ ହୋଇପଡ଼େ । ତେବେ ଆମ ସମସ୍ତଙ୍କୁ ସବୁ ସମୟରେ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ପଡ଼ିବ । ନିଜସ୍ୱ କରିନେବା ଭିତର ଦେଇ ଇଚ୍ଛାଶକ୍ତି ଦୃଢ଼ତର ହୁଏ । ପୃଥିବୀରେ ଇଚ୍ଛାଶକ୍ତି ହିଁ ଏକମାତ୍ର ବସ୍ତୁ, ଜ୍ଞାତସାରରେ ବା ଅଜ୍ଞାତସାରରେ ଆମେ ଏହାର ପ୍ରଶଂସା କରିଥାଉ । ସତୀଦାହ-ପ୍ରଥାର ସତୀଗଣ ସମସ୍ତଙ୍କ ପ୍ରଶଂସା ଅର୍ଜନ କରିଥାନ୍ତି, ଯେହେତୁ ଏହି ପ୍ରଥା ମାଧ୍ୟମରେ ଦୃଢ଼ ଇଚ୍ଛାଶକ୍ତି ପ୍ରକାଶିତ ହୁଏ ।

ସ୍ୱାର୍ଥପରତା ଦୂର କରିବା ପାଇଁ ଚେଷ୍ଟା କରିବାକୁ ହେବ । ଜୀବନରେ ଯେତେବେଳେ କିଛି ଭୁଲ କରିଛି, ସେତେବେଳେ ଦେଖିଛି, ତା'ର ମୂଳକାରଣ ହେଲା, ମୁଁ ମୋର ସ୍ୱାର୍ଥବୁଦ୍ଧିକୁ ତା' ଭିତରକୁ ଆଣିଥିଲି । ଯେଉଁଠାରେ ମୋର ସ୍ୱାର୍ଥ ନ ଥିଲା, ସେଠାରେ ମୋର ସିଦ୍ଧାନ୍ତ ଅଭ୍ରାନ୍ତ ରହିଛି ।

ସ୍ୱାର୍ଥବୁଦ୍ଧି ନ ଥିଲେ କୌଣସି ଧର୍ମମତ ଗଢ଼ି ଉଠି ନ ଥାନ୍ତା । ମଣିଷର ନିଜ ପାଇଁ କୌଣସି କିଛି ଆକାଙ୍କ୍ଷା ନ ଥିଲେ, ତୁମେ କିଅଣ ଭାବୁଛ ଯେ, ଏହିସବୁ ପ୍ରାର୍ଥନା ଉପାସନା ପ୍ରଭୃତି ଆସିଥାନ୍ତା ? କୌଣସି ପ୍ରାକୃତିକ ଦୃଶ୍ୟ ବା ଆଉ କିଛି ଦେଖି ହୁଏତ ସେ କେବେ କେବେ ସାମାନ୍ୟ କିଛି ସ୍ତୁତି କରନ୍ତା, ଏହାଛଡ଼ା ସେ ଈଶ୍ୱରଙ୍କ କଥା କେବେହେଲେ ଭାବି ନ ଥାନ୍ତା । ସର୍ବଦା ଭଗବାନଙ୍କ ସ୍ତୁତି ଓ ପ୍ରାର୍ଥନାରେ ନିମଗ୍ନ ରହିବା ତ ଉଚିତ୍ । କିନ୍ତୁ ହାୟ ! ଆମେ ଯଦି ଏହି ସ୍ୱାର୍ଥବୁଦ୍ଧି ଛାଡ଼ିପାରନ୍ତୁ !

ଯୁଦ୍ଧ-ବିଗ୍ରହ ଅଗ୍ରଗତିର ଲକ୍ଷଣ—ଏକଥା ଯେତେବେଳେ ଭାବ, ସେତେବେଳେ ତୁମେ ସମ୍ପୂର୍ଣ୍ଣ ଭୁଲ କର । ବିଷୟଟି ଆଦୌ ଏପରି ନୁହେଁ ! ଅଗ୍ରଗତିର ଲକ୍ଷଣ—ଗ୍ରହଣ-ଶୀଳତା । କିଛି ନା କିଛି ଗ୍ରହଣ କରି ନିଜସ୍ୱ କରିନେବା ହିନ୍ଦୁଧର୍ମର ବିଶେଷତ୍ୱ । ଯୁଦ୍ଧ-ବିଗ୍ରହ ନେଇ ଆମେ କେବେ ମୁଣ୍ଡ ଘୂରାଇ ନ ଥିଲୁ । ଅବଶ୍ୟ ଆମ ନିଜର ବାସଭୂମି ରକ୍ଷା ନିମନ୍ତେ କେବେ କେବେ ଅସ୍ତ୍ରଧାରଣ କରିଥାଇପାରୁ, କିନ୍ତୁ ଯୁଦ୍ଧକୁ ନୀତି ହିସାବରେ ଆମେ କେବେ-

ହେଲେ ଚହ୍ଲେଣ କରି ନାହାନ୍ତି । ପ୍ରତ୍ୟେକ ଜାତିକୁ ଏହା ଶିଖିବାକୁ ପଡ଼ିବ । ଅତଏବ ନବାଗତ ଜାତିଗୁଡ଼ିକ କିଛିଦିନ ଘୁରୁଥାଆନ୍ତୁ, ଶେଷରେ ସମସ୍ତେ ହିଁ ହିନ୍ଦୁଧର୍ମର (ସ୍ଥାବର) ଅଙ୍ଗୀଭୂତ ହୋଇଯିବେ ।

୨୧ । କେବଳ ମନୁଷ୍ୟ ନୁହେଁ, ସମସ୍ତ ଜୀବାତ୍ମାର ସମଷ୍ଟି ହିଁ ସଗୁଣ ଈଶ୍ୱର । ସମଷ୍ଟିର ଇଚ୍ଛାକୁ କେହି ରୋଧ କରିପାରେ ନାହିଁ । ନିୟମ କହିଲେ ଆମେ ଯାହା ବୁଝୁ, ତାହା ଏହି; ଏହାକୁ ହିଁ ଆମେ ଶିବ, କାଳୀ ବା ଅନ୍ୟ ନାମରେ ବ୍ୟକ୍ତ କରୁ ।

୨୨ । ଭୀଷଣର ପୂଜା କର, ମୃତ୍ୟୁର ଉପାସନା କର । ବାକିସବୁ ବୃଥା; ସମସ୍ତ ଚେଷ୍ଟା ହିଁ ବୃଥା । ଏହା ହିଁ ଶେଷ ଉପଦେଶ, କିନ୍ତୁ ଏହା କାପୁରୁଷର ବା ଦୁର୍ବଳର ମୃତ୍ୟୁବରଣ ନୁହେଁ ବା ଆତ୍ମହତ୍ୟା ନୁହେଁ—ଏହା ଶକ୍ତିମାନ୍ ପୁରୁଷର ମୃତ୍ୟୁବରଣ, ଯେ ସବୁ କିଛିର ଅନ୍ତରତମ ପ୍ରଦେଶକୁ ଖୋଜି ଦେଖିଛନ୍ତି ଓ ଜାଣିଛନ୍ତି ଯେ, ଏହାଛଡ଼ା ଦ୍ୱିତୀୟ କିଛି ସତ୍ୟ ନାହିଁ ।

୨୩ । ଯେଉଁମାନେ ସେମାନଙ୍କ କୁସଂସ୍କାରଗୁଡ଼ିକୁ ଆମ ଦେଶବାସୀଙ୍କ ଉପରେ ଲଦି ଦେବାକୁ ଚେଷ୍ଟା କରନ୍ତି, ସେମାନଙ୍କ ସହିତ ମୁଁ ଏକମତ ନୁହେଁ । ମିଶର-ତତ୍ତ୍ୱବିଦ୍‌ଗଣଙ୍କ ମିଶର ପ୍ରତି କୌତୂହଳ ପୋଷଣ କରିବା ପରି ଭାରତବର୍ଷ ସମ୍ବନ୍ଧରେ ମଧ୍ୟ ଲୋକଙ୍କର କୌତୂହଳ ପୋଷଣ କରିବା ସହଜ, କିନ୍ତୁ ଏହା ସ୍ୱାର୍ଥ-ପ୍ରଣୋଦିତ ।

କେହି କେହି ହୁଏତ ପ୍ରାଚୀନ ଗ୍ରନ୍ଥରେ, ଗବେଷଣାଗାରରେ ବା ସ୍ୱପ୍ନରେ ଭାରତ-ବର୍ଷକୁ ଯେପରି ଦେଖିଛନ୍ତି, ତାକୁ ପୁଣି ସେହି ଭାବରେ ଦେଖିବାକୁ ଇଚ୍ଛା କରନ୍ତି । ମୁଁ ସେହି ଭାରତକୁ ପୁଣି ଦେଖିବାକୁ ଚାହେଁ, ଯେଉଁ ଭାରତରେ ପ୍ରାଚୀନ ଯୁଗରେ ଯାହା କିଛି ଶ୍ରେଷ୍ଠ ଭାବ ଥିଲା, ତା' ସହିତ ବର୍ତ୍ତମାନ ଯୁଗର ଶ୍ରେଷ୍ଠ ଭାବଗୁଡ଼ିକ ସ୍ୱାଭାବିକ ଭାବରେ ମିଳିତ ହୋଇଛି । ଏହି ନୂତନ ଅବସ୍ଥାର ସୃଷ୍ଟି ତା' ଭିତରୁ ବାହାରିବ, ବାହାରୁ ନୁହେଁ ।

ସେଥିପାଇଁ ମୁଁ କେବଳ ଉପନିଷଦ୍ ହିଁ ପ୍ରଚାର କରେ । ତୁମେମାନେ ଲକ୍ଷ୍ୟ କରିବ ଯେ, ମୁଁ କେବେହେଲେ ଉପନିଷଦ୍ ଛଡ଼ା ଅନ୍ୟ କିଛି ଆବୃତ୍ତି କରେ ନାହିଁ । ପୁଣି ଉପନିଷଦ୍‌ର ଯେଉଁସବୁ ବାକ୍ୟରେ ଶକ୍ତିର କଥା ଅଛି, ସେଗୁଡ଼ିକ ହିଁ କହେ । 'ଶକ୍ତି'—ଏହି ଗୋଟିଏ ଶବ୍ଦରେ ବେଦବେଦାନ୍ତର ମର୍ମାର୍ଥ ରହିଛି । ବୁଦ୍ଧଙ୍କ ବାଣୀ ଥିଲା ଅପ୍ରତିରୋଧ ବା ଅହିଂସା; କିନ୍ତୁ ମୋ ମତରେ ସେହି ଅହିଂସା ଶିକ୍ଷା ଦେବା ନିମନ୍ତେ ଶକ୍ତିର ଭାବ ଏକ ଉନ୍ନତତର ଉପାୟ । ଅହିଂସା ପଛରେ ଭୟଙ୍କର ଦୁର୍ବଳତା ରହିଛି, ଦୁର୍ବଳତାରୁ ହିଁ ପ୍ରତିରୋଧର ଭାବ ଆସେ । ମୁଁ ସମୁଦ୍ରର ଗୋଟିଏ ଜଳକଣିକା ବିରୋଧରେ ପ୍ରତିଶୋଧ ନେବା ପାଇଁ ବା ଏହାକୁ ଏଡ଼ାଇ ଦେବାପାଇଁ କେବେହେଲେ ଚିନ୍ତା କରେ ନାହିଁ । ମୋ ନିକଟରେ ଏହା କିଛି ନୁହେଁ, କିନ୍ତୁ ଗୋଟିଏ ମଶା ନିକଟରେ ଏହା ବିପଜ୍ଜନକ । ସବୁ ପ୍ରକାର ହିଂସା ଘଟଣାରେ ଏହି ଗୋଟିଏ କଥା—ଶକ୍ତି ଓ ନିର୍ଭୀକତା । ମୋର ଆଦର୍ଶ ସେହି ମହାପୁରୁଷ, ଯାହାଙ୍କୁ ଲୋକେ ସିପାହୀ ବିଦ୍ରୋହ ସମୟରେ ହତ୍ୟା କରିଥିଲେ ଏବଂ ଯେ ବୁକୁରେ ଛୁରିକା-

ହିତ ହୋଇ ମୌନ ଭଙ୍ଗ କରି କହିଥିଲେ, 'ତୁମେ ହିଁ ସେ' ।

ତୁମେମାନେ ପଚାରିପାର—ଏହି ଚିନ୍ତାଧାରାରେ ରାମକୃଷ୍ଣଙ୍କ ସ୍ଥାନ କେଉଁଠାରେ ? ତାଙ୍କର ଜୀବନ ଥିଲା ଅଦ୍ଭୁତ ଜୀବନ, ଏକ ଅତ୍ୟାଶ୍ଚର୍ଯ୍ୟ ସାଧନା, ଯାହାକି ଅଜ୍ଞାତସାରରେ ଗଢ଼ି ଉଠିଥିଲା । ସେ ନିଜେ ହିଁ ତାହା ଜାଣି ନ ଥିଲେ । ସେ ଇଂଲଣ୍ଡ ଏବଂ ଇଂଲଣ୍ଡବାସୀଙ୍କ ସମ୍ବନ୍ଧରେ—ସେମାନେ ଯେ ସମୁଦ୍ର ଆରପାରିରେ ଏକ ଅଦ୍ଭୁତ ଜାତି – ଏହାଛଡ଼ା ଆଉ କିଛି ଜାଣି ନ ଥିଲେ । କିନ୍ତୁ ସେ ଗୋଟିଏ ମହତ୍ ଜୀବନ ଦେଖାଇ ଯାଇଛନ୍ତି ଏବଂ ମୁଁ ତାହାର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛି । କୌଣସି ଦିନ କାହାର ନିନ୍ଦା ସେ କରି ନାହାନ୍ତି । ଦିନେ ମୁଁ ଆମ ଦେଶର ଗୋଟିଏ ବ୍ୟଭିଚାରୀ ସଂପ୍ରଦାୟର ସମାଲୋଚନା କରୁଥିଲି । ମୁଁ ତିନି ଘଣ୍ଟା ଧରି କହି ଚାଲିଲି, ସେ ଶାନ୍ତ ଭାବରେ ସବୁ ଶୁଣିଲେ । ମୋର କହିବା ଶେଷ ହେବାପରେ ସେ କହିଲେ, 'ହେଲା ଏବେ ସେକଥା ଠିକ୍, କିନ୍ତୁ ପ୍ରତ୍ୟେକ ଘରର ତ ଗୋଟିଏ ଝରକା-ବାଟ ଥିବ, ତା' କିଏ ଜାଣେ ?'

ଆଜି ପର୍ଯ୍ୟନ୍ତ ଯେତେ ଭାରତୀୟ ଧର୍ମ ହୋଇଛି, ସେଗୁଡ଼ିକର ଦୋଷ ଏହି ଯେ, ଧର୍ମ-ଗୁଡ଼ିକରେ ଦୁଇଟି କଥା ସ୍ଥାନ ପାଇଛି—ତ୍ୟାଗ ଓ ମୁକ୍ତି । ଜଗତରେ କେବଳ ମୁକ୍ତି ହିଁ ଦରକାର । ଗୃହୀମାନଙ୍କ ପାଇଁ କ'ଣ କିଛି କହିବାର ନାହିଁ ? ମୁଁ କିନ୍ତୁ ଗୃହୀମାନଙ୍କୁ ସାହାଯ୍ୟ କରିବାକୁ ଚାହେଁ । ସମସ୍ତ ଆତ୍ମା କଅଣ ସମଗୁଣସମ୍ପନ୍ନ ନୁହନ୍ତି ? ସମସ୍ତଙ୍କର ଲକ୍ଷ୍ୟ କଅଣ ଏକା ନୁହେଁ ? ସୁତରାଂ ଶିକ୍ଷା ମଧ୍ୟ ଦେଇ ଜାତି ଭିତରେ ଥିବା ଶକ୍ତିର ସ୍ଫୁରଣ ହେବା ଆବଶ୍ୟକ ।

୨୪ । ହିନ୍ଦୁଧର୍ମର ସୁ-ଉଚ୍ଚ ଭାବଗୁଡ଼ିକୁ ଜନତାଙ୍କ ନିକଟରେ ପହଞ୍ଚାଇ ଦେବାର ଚେଷ୍ଟାରୁ ହିଁ ପୁରାଣଗୁଡ଼ିକର ଉତ୍ପତ୍ତି । ଭାରତବର୍ଷରେ ଜଣେ ମାତ୍ର ଏହି ପ୍ରୟୋଜନ ଅନୁଭବ କରିଥିଲେ—ସେ ଶ୍ରୀକୃଷ୍ଣ ଏବଂ ସମ୍ଭବତଃ ସେ ମାନବ-ଇତିହାସରେ ଶ୍ରେଷ୍ଠ ବ୍ୟକ୍ତି ।

ଏହିପରି ଏପରି ଏକ ଧର୍ମର ଉତ୍ପତ୍ତି ହେଲା, ଯାହା କାଳକ୍ରମେ ବସ୍ତୁ-ଉପାସନାରେ ପର୍ଯ୍ୟବସିତ ହେଲା ଏବଂ ଏହି ଉପାସନାରୁ ଅମର ଜୀବନରକ୍ଷା ଓ ସାଂସାରିକ ସୁଖଭୋଗକୁ ମଧ୍ୟ ଭଗବାନ-ଲାଭର ଉପାୟ ଭାବରେ ସ୍ୱୀକାର କରାଯାଇଛି । ଆମ ଦେଶର ଶେଷ ଧର୍ମ-ଆନ୍ଦୋଳନ ହେଲା ଶ୍ରୀଚୈତନ୍ୟଦେବଙ୍କ ମତବାଦ । ତୁମର ସ୍ମରଣ ଥାଇପାରେ ଯେ, ଏହି ମତବାଦରେ ମଧ୍ୟ ଭୋଗର କଥା ଅଛି । ଅନ୍ୟ ଦିଗରେ ଜୈନଧର୍ମ ଆଉ ଗୋଟିଏ ବିପରୀତ ଚରମଭାବର ଦୃଷ୍ଟାନ୍ତ । ଏଥିରେ ଆତ୍ମନିଗ୍ରହ ଦ୍ୱାରା ଧୀରେ ଧୀରେ ଶରୀରକୁ ଧ୍ୱଂସ କରାଯାଏ । ଅତଏବ ତୁମେ ଦେଖିବାକୁ ପାଉଛ, ବୌଦ୍ଧଧର୍ମ ହେଲା ଜୈନଧର୍ମର ଏକ ସଂସ୍କୃତ ରୂପ ଏବଂ ବୁଦ୍ଧ ଯେଉଁ ପାଞ୍ଚଜଣ ତପସ୍ୱୀଙ୍କର ସଙ୍ଗ ତ୍ୟାଗ କରିଥିଲେ, ଏହା ହିଁ ତା'ର ପ୍ରକୃତ ଅର୍ଥ । ଗୋଟିଏ ଦିଗରେ ଚରମ କୃଚ୍ଛ୍ରତା ଏବଂ ଅନ୍ୟଦିଗରେ ସମ୍ଭୋଗ—ଏହିସବୁ ବିଭିନ୍ନ ସ୍ତରରେ ବୈଦିକ ସାଧନାରେ ରତ ଧର୍ମସଂପ୍ରଦାୟସମୂହ ଭାରତବର୍ଷରେ ପ୍ରତ୍ୟେକ ଯୁଗରେ ଗୋଟିଏ ପରେ ଗୋଟିଏ ଆତ୍ମପ୍ରକାଶ କରିଛନ୍ତି । ସେହିସବୁ ଯୁଗରେ ପୁଣି ଏପରି ଅନେକଗୁଡ଼ିଏ

ଦାର୍ଶନିକ ସଂପ୍ରଦାୟର ଉଦ୍ଭବ ହୋଇଛି, ଯାହାଙ୍କ ଭିତରୁ କେହି ଈଶ୍ୱରଲାଭର ଉପାୟସ୍ୱରୂପ ଇନ୍ଦ୍ରିୟଗୁଡ଼ିକୁ ନିୟୋଜିତ କରିଛନ୍ତି; ଏବଂ ଅନ୍ୟ କେହି ସେହି ଉଦ୍ଦେଶ୍ୟରେ ଇନ୍ଦ୍ରିୟଗୁଡ଼ିକୁ ଧ୍ୱଂସ କରିବା ପାଇଁ ଉଦ୍ୟତ । ଏହି ଭାବରେ ଦେଖାଯାଏ ଯେ, ହିନ୍ଦୁଧର୍ମ ମଧ୍ୟରେ ସବୁବେଳେ ଯେପରି ଦୁଇଟି ବିପରୀତ ସର୍ପିଳଗତି ଶିଢ଼ି (spiral staircase) ଗୋଟିଏ ଅକ୍ଷକୁ ଅବଲମ୍ବନ କରି କେତେବେଳେ ଊର୍ଦ୍ଧ୍ୱଗାମୀ ଓ ଅନ୍ୟ କେତେବେଳେ ବା ଅଧୋଗାମୀ ହୋଇ ପରସ୍ପରର ଅଭାବ ପୂରଣ କରି ଚାଲିଛନ୍ତି ।

ହଁ, ବୈଷ୍ଣବଧର୍ମ ମତରେ ତୁମେ ଯାହା କିଛି କରୁଛ ସବୁ ଭଲ; ପିତା, ମାତା, ଭ୍ରାତା, ସ୍ୱାମୀ ଏବଂ ସନ୍ତାନ ପ୍ରତି ତୁମର ଯେଉଁ ତୀବ୍ର ଭଲ ପାଇବା, ତାହାର ସବୁ କିଛି ଭଲ । ଏଗୁଡ଼ିକର ସବୁ ହିଁ ଠିକ୍ ଯଦି ତୁମେ ଭାବିପାର ଯେ, କୃଷ୍ଣ ହିଁ ତୁମର ସନ୍ତାନ, ଆଉ ସନ୍ତାନକୁ ଯେତେବେଳେ କିଛି ଖାଇବାକୁ ଦିଅ, ସେତେବେଳେ ଯଦି ଭାବିପାର ଯେ, ତୁମେ କୃଷ୍ଣଙ୍କୁ ହିଁ ଖୁଆଉଛ । ଏହା ହିଁ ଥିଲା ଚୈତନ୍ୟଙ୍କ ବାଣୀ—'ସବୁ ଇନ୍ଦ୍ରିୟ ଦେଇ ତୁମେ ଈଶ୍ୱରଙ୍କର ପୂଜା କର ।' ଏହାର ବିପରୀତ ଭାବ ବେଦାନ୍ତରେ କୁହାଯାଇଛି— ଇନ୍ଦ୍ରିୟକୁ ସଂଯତ କର, ଇନ୍ଦ୍ରିୟକୁ ପ୍ରତିହତ କର ।

ମୋ ଦୃଷ୍ଟିରେ ଭାରତ ଯେପରି ନବଯୌବନସଂପନ୍ନ ଏକ ଜୀବନ୍ତ ପ୍ରାଣୀ ବିଶେଷ, ୟୁରୋପ ମଧ୍ୟ ଯୌବନଶାଳୀ ଏବଂ ଜୀବନ୍ତ । ଦୁଇଟି ମଧ୍ୟରୁ କେଉଁଟି ହେଲେ ତା'ର ଉନ୍ନତିର ଏପରି ସ୍ତରରେ ଆସି ପହଞ୍ଚି ନାହିଁ, ଯେଉଁଠାରୁ ନିର୍ବିବାଦରେ ସେମାନଙ୍କ ସମାଜର ବ୍ୟବସ୍ଥାଗୁଡ଼ିକୁ ସମାଲୋଚନା କରିପାରିବା । ଉଭୟ ହିଁ ଦୁଇଟି ବିରାଟ ପରୀକ୍ଷା ମଧ୍ୟରେ ଚାଲୁଛନ୍ତି । କୌଣସି ପରୀକ୍ଷା ଏବେ ମଧ୍ୟ ସମ୍ପୂର୍ଣ୍ଣ ନୁହେଁ । ଭାରତରେ ଆମେ ପାଉ ସାମାଜିକ ସାମ୍ୟବାଦ, ଯାହା ଅଦ୍ୱୈତର ଆଧ୍ୟାତ୍ମିକ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଉପରେ ପ୍ରତିଷ୍ଠିତ [ପ୍ରତ୍ୟେକ ଭିତରେ ବ୍ରହ୍ମ ବିରାଜମାନ କରିଛନ୍ତି] । ୟୁରୋପରେ ସାମାଜିକ ଦୃଷ୍ଟିରେ ତୁମେମାନେ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ-ବାଦୀ, କିନ୍ତୁ ତୁମର ଚିନ୍ତାଧାରା ଦ୍ୱୈତମୂଳକ, ଅର୍ଥାତ୍ ଆଧ୍ୟାତ୍ମିକ ଦୃଷ୍ଟିରେ ସାମ୍ୟବାଦୀ ।

ଅତଏବ ଦେଖାଯାଉଛି ଗୋଟିଏ ଦିଗରେ ଅଛି ବ୍ୟକ୍ତି-ସ୍ୱାତନ୍ତ୍ର୍ୟବାଦର ବାଡ଼ଭିତରେ ସମାଜତାନ୍ତ୍ରିକ ବ୍ୟବସ୍ଥା ଏବଂ ଅନ୍ୟ ଦିଗରେ ସାମ୍ୟବାଦର ବାଡ଼ ଭିତରେ ବ୍ୟକ୍ତିସ୍ୱାତନ୍ତ୍ର୍ୟମୂଳକ ସମାଜ ।

ବର୍ତ୍ତମାନ ଭାରତୀୟ ପରୀକ୍ଷା ଯେଉଁ ଧାରାରେ ଚାଲିଛି, ଠିକ୍ ସେହି ଭାବରେ ଚାଲିବାକୁ ଆମେ ଏହାକୁ ନିଶ୍ଚୟ ସାହାଯ୍ୟ କରିବୁ । ଯେଉଁ ସମସ୍ତ ଆନ୍ଦୋଳନ କୌଣସି ବିଷୟବସ୍ତୁକୁ ଠିକ୍ ତାହାର ଦିଗରେ ଯିବାକୁ ସାହାଯ୍ୟ ନ କରେ, ସେଗୁଡ଼ିକ ସେହି ହିସାବରେ ଭଲ ନୁହେଁ । ଉଦାହରଣସ୍ୱରୂପ ୟୁରୋପରେ ବିବାହ କରିବା ଏବଂ ନ କରିବା ଏ ଉଭୟ ବ୍ୟବସ୍ଥା ପ୍ରତି ହିଁ ମୁଁ ଗଭୀର ଶ୍ରଦ୍ଧାଶୀଳ । ଭୁଲିଯାଅ ନାହିଁ, ମଣିଷ ଜୀବନକୁ ସଂପୂର୍ଣ୍ଣ ଏବଂ ମହତ୍ତ୍ୱ କରି ଗଢ଼ିବାକୁ ଗୁଣଗୁଡ଼ିକ ଯେତିକି କାର୍ଯ୍ୟରେ ଲାଗେ, ଦୋଷଗୁଡ଼ିକ ମଧ୍ୟ ଠିକ୍ ସେତିକି ଲାଗେ । ଅତଏବ ଯଦି ଏହା ପ୍ରମାଣିତ ମଧ୍ୟ ହୁଏ ଯେ, କୌଣସି ଜାତିର

ଚରିତ୍ରରେ କେବଳ ଦୋଷ ଅଛି, ତେବେ ସୁଦ୍ଧା ଆମେ ଯେପରି ଏ ଜାତିର ବିଶେଷତ୍ୱକୁ ଏକାବେଳକେ ଉଡ଼ାଇ ନ ଦେଉ ।

୨୫ । ତୁମେ ହୁଏତ କହିପାର ଯେ, ପ୍ରତିମା ବସ୍ତୁତଃ ଈଶ୍ୱର । କିନ୍ତୁ ଭଗବାନଙ୍କୁ କେବଳ ପ୍ରତିମା ବୋଲି ଭାବ ନାହିଁ [ଏପରି ଭାବିବାରୂପକ ଭୁଲଟିକୁ ସର୍ବଦା ଏଡ଼େଇ ଚାଲିବାକୁ ହେବ] ।

୨୬ । ଏକଦା ହିଟେଷ୍ଟାଣ୍ଟ୍‌ମାନଙ୍କର ଜଡ଼-ଉପାସନାକୁ ନିନ୍ଦା କରିବା ନିମନ୍ତେ ସ୍ୱାମୀଜୀଙ୍କୁ ଅନୁରୋଧ କରାଗଲା । ସେ ଉତ୍ତର ଦେଲେ—ଜଡ଼-ଉପାସନା କହିଲେ କ'ଣ ବୁଝାଏ, ମୁଁ ଜାଣେ ନାହିଁ । ତା'ପରେ ଗୋଟିଏ ବିବରଣୀ ଦେଇ ତାଙ୍କ ସମ୍ମୁଖରେ ଗୋଟିଏ ବୀଭତ୍ସ ଚିତ୍ର ଅଙ୍କନ କରି ଦେଖାଗଲା, କିପରି ଗୋଟିଏ ବସ୍ତୁକୁ ପର୍ଯ୍ୟାୟକ୍ରମେ ପୂଜା, ପ୍ରହାର ଏବଂ ପ୍ରତିବସ୍ତୁତ କରାଯାଏ । ସେ କହିଉଠିଲେ, 'ମୁଁ ବି ତ ଏହିଭଳି ।' କିଛି ସମୟ ପରେ ଅବହେଳିତ ଏହି ଲୋକମାନଙ୍କ ପ୍ରତି ସେମାନଙ୍କ ପଛରେ ଏପ୍ରକାର ଅବିଚାରରେ କ୍ଷୁବ୍ଧ ଏବଂ ଉତ୍ତେଜିତ ହୋଇ ସେ କହିବାକୁ ଲାଗିଲେ, 'ତୁମେମାନେ କଅଣ କିଛି ବୁଝିପାରୁ ନାହଁ ? ତୁମେମାନେ କଅଣ ଦେଖୁ ନାହଁ ଯେ, ଜଡ଼-ଉପାସନା ବୋଲି କିଛି ନାହିଁ ? ଦେଖ, ତୁମମାନଙ୍କର ହୃଦୟ କଠିନ ହୋଇଯାଇଛି, ସେଥିପାଇଁ ତୁମେ ବୁଝିପାରୁ ନାହଁ ଯେ, ଶିଶୁମାନେ ଯାହା କରନ୍ତି, ତାହା ଠିକ୍ । ଶିଶୁମାନେ ସବୁକିଛିକୁ ଜୀବନ୍ତ ଦେଖନ୍ତି । ଜ୍ଞାନୀ ହୋଇ ଆମେମାନେ ଶିଶୁର ସେହି ଦୃଷ୍ଟି ହରାଇ ବସୁଛେ । ଅବଶେଷରେ ଉଚ୍ଚତର ଜ୍ଞାନ ଲାଭ କରି ଆମେ ପୁଣି ସେହି ଦୃଷ୍ଟି ଫେରିପାଉ । ପାହାଡ଼, କାଠ, ଗଛ ଏବଂ ଅନ୍ୟାନ୍ୟ ସବୁକିଛି ଭିତରେ ସେ ଗୋଟିଏ ଜୀବନ୍ତ ଶକ୍ତି ଦେଖେ । ଏହା ପଛରେ କଅଣ ସତରେ ଗୋଟିଏ ଜୀବନ୍ତ ଶକ୍ତି ନାହିଁ ? ଏହା ପ୍ରତୀକ-ଉପାସନା, ଜଡ଼-ଉପାସନା ନୁହେଁ । ବୁଝିଲ ତ ? ସୁତରାଂ ଭଗବାନଙ୍କର ନାମ ହିଁ ସବୁ—ତୁମେମାନେ କଅଣ ଏହା ବୁଝିପାରୁ ନାହଁ ?'

୨୭ । ଥରେ ସେ ସତ୍ୟଭାମାଙ୍କର ତ୍ୟାଗ ସମ୍ବନ୍ଧରେ ଗଳ୍ପଟି କହିଲେ : କିପରି ଗୋଟିଏ ଛୋଟ ପତ୍ର ଉପରେ 'କୃଷ୍ଣ' ନାମ ଲେଖି ତରାଜୁର ଗୋଟିଏ ପଟରେ ରଖି, ଅନ୍ୟ ପଟରେ କୃଷ୍ଣଙ୍କୁ ବସାଇ ଓଜନ କରିବାରୁ ଦେଖାଗଲା, 'କୃଷ୍ଣ' ନାମର ହିଁ ବେଶୀ ଓଜନ ହୋଇଥିଲା । ସେ ପୁଣି କହିଲେ : ରକ୍ଷଣଶୀଳ ହିନ୍ଦୁଙ୍କ ନିକଟରେ ଶ୍ରୁତି ହିଁ ସର୍ବଶ୍ରେଷ୍ଠ—ସବୁକିଛି । ଏହା ବହୁ ପୂର୍ବରୁ ଅଭିବ୍ୟକ୍ତ ଗୋଟିଏ ଚିରନ୍ତନ ଭାବର ସାମାନ୍ୟ ବିକାଶମାତ୍ର । ଈଶ୍ୱର ନିଜେ ହିଁ ଅନନ୍ତ-ମନରେ ଏହି ଭାବର ଗୋଟିଏ ସ୍ଥୂଳ ପ୍ରକାଶ । ତୁମେ ଯେଉଁ ବ୍ୟକ୍ତି, ତାହା ଅପେକ୍ଷା ତୁମର ନାମ ଅନନ୍ତ ଗୁଣ ଶ୍ରେଷ୍ଠ । ଈଶ୍ୱରଙ୍କ ଅପେକ୍ଷା ଈଶ୍ୱରଙ୍କ ନାମ ବଡ଼ । ଅତଏବ ବାକ୍-ସଂଯମ କର ।

୨୮ । ମୁଁ ଗ୍ରୀକ୍‌ମାନଙ୍କର ଦେବତାଙ୍କୁ ମାନେ ନାହିଁ । କାରଣ ସେମାନେ ମନୁଷ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ । କେବଳ ସେହିମାନଙ୍କୁ ପୂଜା କରିବା ଉଚିତ, ଯେଉଁମାନେ ଠିକ୍ ଆମପରି, କିନ୍ତୁ ଆମମାନଙ୍କ ଅପେକ୍ଷା ମହତ୍ତର । ଆମର ଏବଂ ଦେବତାଙ୍କ ମଧ୍ୟରେ ଯେଉଁ

ବ୍ୟବଧାନ, ତାହା ଗୁଣଗତ ତାରତମ୍ୟ ମାତ୍ର ।

୨୯ । ଗୋଟିଏ ପଥର ପଡ଼ି ଗୋଟିଏ କୀଟକୁ ପେଷିଦେଲା । ସୁତରାଂ ଆମେ ଅନୁମାନ କରିପାରୁ, ସମସ୍ତ ପଥରଖଣ୍ଡ ପଡ଼ିଲେ, କୀଟଗୁଡ଼ିକୁ ପେଷି ଦିଅନ୍ତି । ଏପ୍ରକାର ଗୋଟିଏ ଯୁକ୍ତି କାହିଁକି ଆମେ ଅନ୍ୟ ଏକ କ୍ଷେତ୍ରରେ ପ୍ରୟୋଗ କରିବା ? ଗୋଟିଏ କ୍ଷେତ୍ରରେ ହିଁ ଅଭିଜ୍ଞତା ହୋଇଛି; କିନ୍ତୁ ମନେକର—ଏହା ଥରେ ମାତ୍ର ହେଲା । ଗୋଟିଏ ଶିଶୁକୁ ଶୂନ୍ୟକୁ ଫୋପାଡ଼ିଦିଅ, ସେ କାନ୍ଦି ଉଠିବ । ଏହା ପୂର୍ବଜନ୍ମର ଅଭିଜ୍ଞତା ? କିନ୍ତୁ ଭବିଷ୍ୟତରେ ଆମେ କିପରି ଏହାର ପ୍ରୟୋଗ କରିବା ? ଏହାର କାରଣ—କେତେଗୁଡ଼ିଏ ଜିନିଷ ମଧ୍ୟରେ ଗୋଟିଏ ପ୍ରକୃତ ସମ୍ପର୍କ—ଗୋଟିଏ ବ୍ୟାପ୍ତିଶୀଳତା ଥାଏ । ଆମକୁ କେବଳ ଦେଖିବାକୁ ହେବ, ଯେପରି ଦୃଷ୍ଟାନ୍ତ ଅପେକ୍ଷା ଗୁଣ ଖୁବ୍ ବେଶୀ ବା କମ୍ ନ ହୋଇ ପଡ଼େ । ଏହି ପାର୍ଥକ୍ୟ ନିରୂପଣ ଉପରେ ସବୁ ମାନବିକ ଜ୍ଞାନ ନିର୍ଭର କରେ । [ଏହାଦ୍ୱାରା ଯେପରି ଅବ୍ୟାପ୍ତି ବା ଅତିବ୍ୟାପ୍ତି ଦୋଷ ନ ହୁଏ । ]

କୌଣସି ଭ୍ରମାତ୍ମକ ବିଷୟ ସମ୍ବନ୍ଧରେ ଏତିକି ମନେରଖିବାକୁ ହେବ ଯେ, ପ୍ରତ୍ୟକ୍ଷାନୁଭୂତ ସେତେବେଳେ ପ୍ରମାଣସ୍ୱରୂପ ଗୃହୀତ ହୋଇପାରେ, ଯଦି ପ୍ରତ୍ୟକ୍ଷ ଅନୁଭବ ଯେଉଁ ଯନ୍ତ୍ର ମାଧ୍ୟମରେ ହୋଇଛି, ସେହି ଯନ୍ତ୍ରଟି ଅନୁଭବର ପଦ୍ଧତି ଏବଂ ଏହାର ସ୍ଥାୟିତ୍ୱ-କାଳର ପରିମାପ ବିଶୁଦ୍ଧ ହୁଏ । ଶାରୀରିକ ରୋଗ ବା କୌଣସି ପ୍ରକାର ଭାବପ୍ରବଣତା ଏହି ପର୍ଯ୍ୟବେକ୍ଷଣକୁ ଭ୍ରମପୂର୍ଣ୍ଣ କରିପାରେ । ଅତଏବ ପ୍ରତ୍ୟକ୍ଷ ଜ୍ଞାନ ସିଦ୍ଧାନ୍ତରେ ପହଞ୍ଚିବାର ଗୋଟିଏ ଉପାୟ ମାତ୍ର । ସୁତରାଂ ସବୁ ପ୍ରକାର ମାନବିକ-ଜ୍ଞାନ, ଯାହା ପ୍ରତ୍ୟକ୍ଷ-ଜ୍ଞାନ ଉପରେ ନିର୍ଭର କରେ, ତାହା ଅନିଶ୍ଚିତ ଏବଂ ତ୍ରୁଟିପୂର୍ଣ୍ଣ । ପ୍ରକୃତ ସାକ୍ଷୀ କିଏ ? ବିଷୟଟି ଯାହାର ପ୍ରତ୍ୟକ୍ଷଗୋଚର ହୋଇଛି । ବେଦସମୂହ ସତ୍ୟ, କାରଣ, ଏଗୁଡ଼ିକ ନିର୍ଭରଯୋଗ୍ୟ ବ୍ୟକ୍ତି-ଗଣଙ୍କର ବା ଆପ୍ତପୁରୁଷଗଣଙ୍କର ପ୍ରତ୍ୟକ୍ଷ-ଜ୍ଞାନର ସାକ୍ଷ୍ୟ-ବିବରଣ; କିନ୍ତୁ ଏହି ପ୍ରତ୍ୟକ୍ଷ ଅନୁଭବର ଶକ୍ତି କଅଣ କୌଣସି ବ୍ୟକ୍ତି-ବିଶେଷଙ୍କ କ୍ଷମତାରେ ସୀମାବଦ୍ଧ ? ନା । ଋଷି, ଆର୍ଯ୍ୟ ଏବଂ ମ୍ଳେଚ୍ଛ ସମସ୍ତଙ୍କର ସମଭାବରେ ଏହି ଜ୍ଞାନ ହୋଇପାରେ । ନବ୍ୟନ୍ୟାୟର ଅଭିମତ ଯେ, ଏହିପରି ଆପ୍ତପୁରୁଷଙ୍କର ବାକ୍ୟ ପ୍ରତ୍ୟକ୍ଷ-ଜ୍ଞାନର ଅନ୍ତର୍ଗତ, ଉପମା କିମ୍ବା ହେତ୍ୱାଭାସ ଯଥାର୍ଥ ଅନୁମାନର ସହାୟକ ନୁହେଁ । ସୁତରାଂ ପ୍ରକୃତ ପ୍ରମାଣ କହିଲେ ଆମେ ଦୁଇଟି ଜିନିଷ ପାଉ—ପ୍ରତ୍ୟକ୍ଷ ଜ୍ଞାନ ଏବଂ ଅନୁମାନ ।

ଦଳେ ଲୋକ ଅଛନ୍ତି, ଯେଉଁମାନେ ବହିଃପ୍ରକୃତିର ବିକାଶକୁ ପ୍ରାଧାନ୍ୟ ଦିଅନ୍ତି, ଏବଂ ଅନ୍ୟ ଗୋଟିଏ ଦଳ ଅନ୍ତଃପ୍ରକୃତିର ବିକାଶକୁ । କେଉଁଟି ଆଗ—ଡିମ୍ବ ଆଗରୁ ପକ୍ଷୀ, ନା ପକ୍ଷୀ ଆଗରୁ ଡିମ୍ବ ? ପାତ୍ରାଧାର ତୈଳ, ନା ତୈଳାଧାର ପାତ୍ର ? ଏହି ସମସ୍ୟାର କୌଣସି ମୀମାଂସା ନାହିଁ । ଏସବୁକୁ ଛାଡ଼ିଦିଅ । ମାୟାଭିତରୁ ବାହାରି ଆସ ।

୩୦ । ଜଗତ ନ ରହିଲେ ବା ମୋର କ'ଣ ଯାଏ ଆସେ ? ମୋ ମତରେ ତା' ହେଲେ ତ ଖୁବ୍ ଭଲ ହୁଅନ୍ତା । କିନ୍ତୁ ବାସ୍ତବିକ ଯାହା କିଛି ମୋର ପ୍ରତିବନ୍ଧକ, ସେସବୁ

ହିଁ ଶେଷରେ ମୋ ସହିତ ମିଳିତ ହେବ । ମୁଁ କଅଣ ତାଙ୍କର (କାଳୀଙ୍କର) ସୈନିକ ନୁହେଁ ?

୩୧ । ହଁ, ଜଣେ ବରିଷ୍ଠ ପୁରୁଷଙ୍କର ଅନୁପ୍ରେରଣାରେ ହିଁ ମୋର ଜୀବନ ପରିଚାଳିତ ହେଉଛି, କିନ୍ତୁ ସେଥିରେ ବା କଅଣ ଅଛି ? ଏହି ପୃଥିବୀରେ ପ୍ରେରଣା କୌଣସି ଜଣକର ମାଧ୍ୟମରେ ଆସେ ନାହିଁ । ଏହା ସତ୍ୟ ଯେ, ମୁଁ ବିଶ୍ୱାସ କରେ—ଶ୍ରୀରାମକୃଷ୍ଣ ପରମହଂସ-ଦେବ ପ୍ରତ୍ୟାଦିଷ୍ଟ (ଦ୍ରଷ୍ଟା) ପୁରୁଷ ଥିଲେ; ସୁତରାଂ ମୁଁ ନିଜେ ମଧ୍ୟ ତା'ହେଲେ ପ୍ରତ୍ୟାଦିଷ୍ଟ ହେବି ଏବଂ ତୁମେମାନେ ମଧ୍ୟ, ତୁମମାନଙ୍କର ଶିଷ୍ୟମାନେ ମଧ୍ୟ ହେବେ; ତା'ପରେ ସେମାନଙ୍କ ଶିଷ୍ୟମାନେ ମଧ୍ୟ । ଏହିପରି ବରାବର ଚାଲିବ । ତୁମେମାନେ କ'ଣ ଦେଖୁ ନାହଁ ଯେ, ନିର୍ବାଚିତ କେତେଜଣଙ୍କୁ ଉଦ୍‌ବୁଦ୍ଧ କରିବାର ଯୁଗ ଆଉ ନାହିଁ । ଏଥିରେ ଭଲ ହେଉ ବା ମନ୍ଦ ହେଉ, ସେଦିନ ଚାଲିଯାଇଛି, ଆଉ କେବେହେଲେ ଆସିବ ନାହିଁ । ଭବିଷ୍ୟତରେ ସତ୍ୟ ପୃଥିବୀରେ ଅବାରିତ ରହିବ ।

୩୨ । ସମଗ୍ର ପୃଥିବୀକୁ ଉପନିଷଦ୍‌ର ଯୁଗକୁ ଉନ୍ନୀତ କରିବାକୁ ହେବ—ଏହିପରି ଚିନ୍ତାକରି ବୁଦ୍ଧ ଗୋଟିଏ ବିରାଟ ଭୁଲ କରିଥିଲେ । ମଣିଷର ସ୍ୱାର୍ଥଚିନ୍ତା ସବୁ ନଷ୍ଟ କରିଥିଲା । ଏ ବିଷୟରେ କୃଷ୍ଣ ବିଜ୍ଞତର ଥିଲେ, କାରଣ ସେ ରାଜନୀତିଜ୍ଞ ପୁରୁଷ । କିନ୍ତୁ ବୁଦ୍ଧ କୌଣସି ସାଲିସ୍‌ର ପକ୍ଷପାତୀ ନ ଥିଲେ । ସାଲିସ୍ କରିବା ଯୋଗୁ ଏହା ଆଗରୁ କେତେ ଅବତାରଙ୍କର ଶିକ୍ଷା ନଷ୍ଟ ହୋଇଯାଇଛି, ସେମାନେ ଲୋକସ୍ୱୀକୃତ ପାଇ ନାହାନ୍ତି, ଅତ୍ୟାଚାରିତ ହୋଇ ମୃତ୍ୟୁବରଣ କରିଛନ୍ତି । ବୁଦ୍ଧ ଯଦି ମୁହୂର୍ତ୍ତିକ ପାଇଁ ସାଲିସ୍ କରିଥାନ୍ତେ, ତେବେ ତାଙ୍କର ଜୀବନକାଳ ଭିତରେ ହିଁ ସେ ଈଶ୍ୱର ବୋଲି ସାରା ଏସିଆରେ ପୂଜିତ ହୋଇଥାଆନ୍ତେ । ତାଙ୍କର ଉତ୍ତର ଥିଲା କେବଳ ଏତିକି—ବୁଦ୍ଧତ୍ୱ ଗୋଟିଏ ଅବସ୍ଥା-ପ୍ରାପ୍ତି ମାତ୍ର, କୌଣସି ବ୍ୟକ୍ତିବିଶେଷ ନୁହନ୍ତି । ବସ୍ତୁତଃ ଦେହଧାରୀଙ୍କ ମଧ୍ୟରେ ତାଙ୍କୁ ହିଁ ଏକମାତ୍ର ପ୍ରକୃତ ଜ୍ଞାନୀ ବୋଲି କୁହାଯାଏ ।

୩୩ । ପାଶ୍ଚାତ୍ୟରେ ଲୋକେ ସ୍ୱାମୀଜୀଙ୍କୁ କହିଥିଲେ : ଯଦି ବୁଦ୍ଧ କ୍ରୁଶବିଦ୍ଧ ହୋଇଥାନ୍ତେ, ତେବେ ତାଙ୍କର ମହତ୍ତ୍ୱ ଅଧିକତର ହୃଦୟଗ୍ରାହୀ ହୋଇଥାଆନ୍ତା । ଏହାକୁ ସେ ରୋମ୍‌ଦେଶୀୟ ବର୍ବରତା ବୋଲି ଅଭିହିତ କରିଥିଲେ ଏବଂ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । କର୍ମପ୍ରତି ଯେଉଁ ଆସକ୍ତି, ତାହା ଅତି ନିମ୍ନସ୍ତରର ଏବଂ ପଶୁସୁଲଭ । ଏହି କାରଣରୁ ଜଗତରେ ସବୁ ସମୟରେ ମହାକାବ୍ୟର ସମାଦର ହେବ । ସୌଭାଗ୍ୟବଶତଃ ଭାରତରେ ଏପରି ଜଣେ ମିଲ୍‌ଟନ ଜନ୍ମଗ୍ରହଣ କରି ନାହାନ୍ତି, ଯେ କି ମଣିଷକୁ ସିଧାସଳଖ ନେଇ ଗଭୀର ଅତଳ ଗହ୍ୱରରେ ଫୋପାଡ଼ିଦେବେ । ବରଂ ବ୍ରାଉନିଂଙ୍କ ଗୋଟିଏ ଧାଡ଼ି ସେହି ସ୍ଥାନରେ ଦେଲେ ଭଲ ହୁଅନ୍ତା । ଗଳ୍ପଟିର ମହାକାବ୍ୟିକ ଚମତ୍କାରିତା ରୋମାନ୍-ମାନଙ୍କର ହୃଦୟଗ୍ରାହୀ ହୋଇଥିଲା । କ୍ରୁଶବିଦ୍ଧ ହେବା ଘଟଣାଟି ଖ୍ରୀଷ୍ଟଧର୍ମକୁ ରୋମାନ୍‌ମାନଙ୍କ ନିକଟକୁ ବହନ କରି ନେଇଯାଇଥିଲା । ସେ ଆହୁରି କହିଲେ : ହଁ, ହଁ, ତୁମେ ପାଶ୍ଚାତ୍ୟ-

ବାସୀମାନେ କାମ ବୃହଁ । ଜୀବନର ସାଧାରଣ ଘଟଣାଗୁଡ଼ିକ ମଧ୍ୟରେ ଯେଉଁ କାବ୍ୟ ରହିଛି, ତାହା ତୁମେ ଏପର୍ଯ୍ୟନ୍ତ ମଧ୍ୟ ଅନୁଭବ କରିପାରି ନାହିଁ । ସେହି ଯେ ଅଳ୍ପବୟସ୍କା ମାତା ତା'ର ମୃତ ପୁତ୍ରକୁ ନେଇ ବୁଦ୍ଧଙ୍କ ନିକଟରେ ଉପସ୍ଥିତ ହୋଇଥିଲା, ସେହି ଗଳ୍ପଠାରୁ ଚମତ୍କାର ଆଉ କେଉଁ ଗଳ୍ପ ହୋଇପାରେ ? ଅଥବା ସେହି ଛାଗଶିଶୁର ଘଟଣାଟି ? ଦେଖ, ମହାନ୍ ତ୍ୟାଗ ଯେଉଁ ଜିନିଷ, ତାହା ଭାରତରେ କିଛି ନୂଆ ନୁହେଁ । କିନ୍ତୁ ନିର୍ବାଣ ପରେ, ଏଠାରେ ମଧ୍ୟ ଯେ ଗୋଟିଏ କାବ୍ୟ ଅଛି ତାହା ଲକ୍ଷ୍ୟ କର ।

ସେଦିନ ଥିଲା ବର୍ଷାରାତି । ସେ ବନ୍ଧୁ ବନ୍ଧୁ ବର୍ଷାରେ ଆସି ସେହି ଗୋପାଳକର କୁଡ଼ିଆଘର ଚାଳ ତଳେ କାନ୍ଥକୁ ଲାଗି ଛିଡ଼ା ହୋଇଥିଲେ । କ୍ରମେ ଜୋର୍ ବର୍ଷା ହେଲା ଏବଂ ପବନ ମଧ୍ୟ ବଢ଼ି ଚାଲିଲା । ସେହି ଗୋପାଳକ ଝରକା ବାଟେ ବାହାରେ କାହାକୁ ଜଣକୁ ଦେଖିପାରି ଚିନ୍ତା କରିବାକୁ ଲାଗିଲା—ହାଃ ହାଃ କାଷାୟଧାରୀ, ସେହିଠାରେ ଥାଅ । ସେହି ସ୍ଥାନ ହିଁ ତୁମ ପାଇଁ ଉପଯୁକ୍ତ । ତା'ପରେ ସେ ଗୀତ ଗାଇଲା :

ମୋର ଗୋରୁମାନେ ଗୁହାଳରେ ଅଛନ୍ତି, ନିଆଁ ଭଲଭାବରେ ଜଳୁଛି, ମୋର ସ୍ତ୍ରୀ ନିରାପଦରେ ଅଛି ଏବଂ ଶିଶୁମାନେ ନିଶ୍ଚିନ୍ତରେ ଶୋଇଛନ୍ତି । ଅତଏବ ହେ ମେଘ, ତୁମେ ଆଜି ରାତିରେ ଯେତେ ଇଚ୍ଛା ସେତେ ବର୍ଷିପାର ।

ବୁଦ୍ଧ ମଧ୍ୟ ବାହାରେ ଛିଡ଼ା ହୋଇ ଏହାର ଉତ୍ତର ଦେଇ କହିଲେ : ମୋର ମନ ସଂଯତ, ମୋର ଇନ୍ଦ୍ରିୟବର୍ଗ ସଂହୃତ, ଏବଂ ମୋର ହୃଦୟ ସୁଦୃଢ଼ । ଅତଏବ ହେ ସଂସାର-ମେଘ, ତୁମେ ଆଜି ଯେତେ ଇଚ୍ଛା ବର୍ଷଣ କରିପାର ।

ସେହି ଗୋ-ପାଳକ ପୁଣି ଗାଇଲା : ମୋର ଶସ୍ୟସବୁ କଟା ସରିଛି, ଗଡ଼ା ସବୁ ଘରକୁ ଆସିଯାଇଛି । ନଦୀ ଜଳରେ ପୂର୍ଣ୍ଣ ହୋଇଉଠିଛି, ରାସ୍ତା ସବୁ ଭଲ ଅଛି । ଅତଏବ ହେ ମେଘ, ତୁମେ ଆଜି ଯେତେ ଇଚ୍ଛା ବର୍ଷଣ କର ।

...ଏହି ଭାବରେ କିଛି ସମୟ ଚାଲିଲା, ଅବଶେଷରେ ସେହି ଗୋପାଳକ ଅନୁତପ୍ତ ଏବଂ ବିସ୍ମିତ ହୋଇ ବୁଦ୍ଧଙ୍କର ଶିଷ୍ୟତ୍ୱ ଗ୍ରହଣ କଲା ।

ପୁଣି ସେହି ନାପିତର ଗଳ୍ପ । ତା'ଠାରୁ ସୁନ୍ଦର ଆଉ କ'ଣ ହୋଇପାରେ ?

ଜଣେ ପବିତ୍ର ଲୋକ ମୋ ଘର ପାଖ ଦେଇ ଯାଉଥିଲେ—ମୁଁ ନାପିତ, ମୋରି ଘର ପାଖ ଦେଇ ! ମୁଁ ଦଉଡ଼ିଗଲି, ସେ ଫେରି ଠିଆ ହେଲେ ଏବଂ ଅପେକ୍ଷା କଲେ । ମୁଁ କହିଲି, 'ପ୍ରଭୁ, ମୁଁ କଅଣ ଆପଣଙ୍କ ସହିତ କଥା କହିପାରିବି ?' ଏବଂ ସେ କହିଲେ, 'ହଁ, ନିଶ୍ଚୟ ।' ସେ ମୋ ପରି ନାପିତକୁ ବି 'ହଁ' କହିଲେ । ତା'ପରେ ମୁଁ କହିଲି, 'ମୁଁ କଅଣ ଆପଣଙ୍କର ଅନୁସରଣ କରିବି ?' ସେ କହିଲେ, 'କରିପାର ।' ମୁଁ ଯେ ସାମାନ୍ୟ ନାପିତ ! ମୋତେ ମଧ୍ୟ ସେ କୃପା କଲେ !

୩୪ । ବୌଦ୍ଧଧର୍ମ ଓ ହିନ୍ଦୁଧର୍ମ ଭିତରେ ପ୍ରଧାନ ପାର୍ଥକ୍ୟ ହେଲା: ବୌଦ୍ଧଧର୍ମ କହେ—

ସବୁକିଛି ଭ୍ରମ ବୋଲି ଜାଣିରଖ । ଆଉ ହିନ୍ଦୁଧର୍ମ କହେ—ଜାଣିରଖ ଯେ, ଏହି ଭ୍ରମ (ମାୟା) ମଧ୍ୟରେ ସତ୍ୟ ବର୍ତ୍ତିତ । ଏହା କିପରି ଭାବରେ ହେବ, ଏବିଷୟରେ ହିନ୍ଦୁଧର୍ମରେ କୌଣସି କଠିନ ନିୟମ ନାହିଁ । ବୌଦ୍ଧଧର୍ମର ଅନୁଶାସନଗୁଡ଼ିକୁ ଜୀବନରେ ପ୍ରୟୋଗ କରିବା ନିମନ୍ତେ ସନ୍ନ୍ୟାସ-ଧର୍ମର ପ୍ରୟୋଜନ, କିନ୍ତୁ ହିନ୍ଦୁଧର୍ମର ଅନୁଶାସନଗୁଡ଼ିକୁ ଜୀବନର ଯେକୌଣସି ଅବସ୍ଥାରେ ଅନୁସରଣ କରାଯାଇପାରିବ । ସବୁ ପଥ ହିଁ ସେହି ଏକ ସତ୍ୟରେ ପହଞ୍ଚିବାର ପଥ । ଏହି ଧର୍ମର ଶ୍ରେଷ୍ଠ ଏବଂ ମହତ୍ତର କଥାଗୁଡ଼ିକ ମଧ୍ୟରୁ ଗୋଟିଏ—ଜଣେ ବ୍ୟାଧର (ମାଂସ-ବିକ୍ରେତାର) ମୁହଁ ଦେଇ କୁହାଯାଇଛି; ଜଣେ ବିବାହିତା ନାରୀଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ସେ ଜଣେ ସନ୍ନ୍ୟାସୀଙ୍କୁ ଏହି ଶିକ୍ଷା ଦେଇଥିଲେ । ଏହି ଭାବରେ ଦେଖାଯାଏ ଯେ, ବୌଦ୍ଧ-ଧର୍ମ ସନ୍ନ୍ୟାସୀସଙ୍ଘର ଧର୍ମରେ ପରିଣତ ହୋଇଛି; କିନ୍ତୁ ହିନ୍ଦୁଧର୍ମ ସନ୍ନ୍ୟାସ-ଜୀବନକୁ ସର୍ବୋଚ୍ଚ ସ୍ଥାନ ଦେଲେ ମଧ୍ୟ, ଜୀବନର ପ୍ରାତ୍ୟହିକ କର୍ତ୍ତବ୍ୟପାଳନକୁ ଈଶ୍ୱର-ଲାଭର ଅନ୍ୟତମ ପଥ ହିସାବରେ ନିର୍ଦ୍ଦେଶ ଦେଇଛି ।

୩୬୫ । ନାରୀମାନଙ୍କର ସନ୍ନ୍ୟାସ-ଜୀବନ ପ୍ରସଙ୍ଗରେ ଆଲୋଚନା କରି ସ୍ୱାମୀଜୀ କହିଲେ : ତୁମମାନଙ୍କ ପାଇଁ କି କି ନିୟମ ହେବ, ତାହା ତୁମେମାନେ ସ୍ଥିର କର; ତା'ପରେ ଭାବଗୁଡ଼ିକୁ ବିକଶିତ କର ଏବଂ ତା' ମଧ୍ୟରେ ଯେତେଦୂର ପାର ଟିକିଏ ସାର୍ବଜନୀନତା ରଖ । କିନ୍ତୁ ମନେରଖ ଯେ, ପୃଥିବୀରେ କେତେବେଳେ ହେଲେ ଏହି ଆଦର୍ଶ-ଜୀବନ ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ଏପରି ଲୋକ ଅଧ-ଡଜନରୁ ବେଶୀ ପାଇବ ନାହିଁ । ସମ୍ପ୍ରଦାୟ-ଗଠନ ଯେପରି ପ୍ରୟୋଜନ, ସେହିପରି ସମ୍ପ୍ରଦାୟଗତ ଭାବର ଉପରକୁ ଯିବାର ମଧ୍ୟ ପ୍ରୟୋଜନ ରହିଛି । ତୁମମାନଙ୍କର ଉପାୟ ତୁମକୁ ହିଁ ଉଦ୍ଭାବନ କରିବାକୁ ହେବ । ଆଇନ୍ ତିଆରି କର, କିନ୍ତୁ ଏପରି ଭାବରେ ଆଇନ୍ କର ଯେ, ଯେତେବେଳେ ଲୋକମାନେ ଆଇନ୍‌ର ଅନୁଶାସନ ବ୍ୟତୀତ ଚଳିବାକୁ ଅଭ୍ୟସ୍ତ ହେବେ, ସେତେବେଳେ ସେମାନେ ଯେପରି ଆଇନ୍-ଗୁଡ଼ିକୁ ଦୂରକୁ ଫିଙ୍ଗିଦେଇ ପାରନ୍ତି । ପୂର୍ଣ୍ଣ ସ୍ୱାଧୀନତାର ସହିତ ପୂର୍ଣ୍ଣ କର୍ତ୍ତୃତ୍ୱ ଯୋଗ କରିବା ମଧ୍ୟରେ ଆମର ବୈଶିଷ୍ଟ୍ୟ ନିହିତ । ସନ୍ନ୍ୟାସ-ଜୀବନାଦର୍ଶରେ ମଧ୍ୟ ଏହା କରାଯାଇପାରିବ ।

୩୬୬ । ଦୁଇଟି ଭିନ୍ନ ଜାତିର ଏକତ୍ର ମିଶ୍ରଣ ଫଳରେ, ସେମାନଙ୍କ ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ବିଶିଷ୍ଟ ଜାତିର ଉଦ୍ଭବ ହୁଏ । ଏମାନେ ମିଶ୍ରଣରୁ ନିଜକୁ ବଞ୍ଚାଇ ରଖିବାକୁ ଚାହାଁନ୍ତି, ଏବଂ ଏହିଥିରୁ ହିଁ ଜାତିର ଉତ୍ପତ୍ତି । ଉଦାହରଣସ୍ୱରୂପ ଆପେଲ୍‌ର କଥା ନିଆଯାଉ । ଯେଉଁଗୁଡ଼ିକ ଭଲ ଜାତିର, ସେଗୁଡ଼ିକ ମିଶ୍ରଣ ଦ୍ୱାରା ହୋଇଛି; କିନ୍ତୁ ଥରେ ମିଶ୍ରଣ ହୋଇଗଲା ପରେ, ଆମେ ସେହି ଜାତିଟା ଯେପରି ଠିକ୍ ରହେ, ସେଥିପାଇଁ ଚେଷ୍ଟା କରୁ ।

୩୬୭ । ସ୍ତ୍ରୀଅମାନଙ୍କର ଶିକ୍ଷା ସମ୍ବନ୍ଧରେ କହିବାକୁ ଯାଇ ସେ କହିଲେ : ଦେବତାଙ୍କର ପୂଜା ପାଇଁ ତୁମମାନଙ୍କର ମୂର୍ତ୍ତି ଅବଶ୍ୟ ଦରକାର । ତେବେ ତୁମେମାନେ ଏହି ମୂର୍ତ୍ତିଗୁଡ଼ିକର ପରିବର୍ତ୍ତନ କରିପାର । କାଳୀମୂର୍ତ୍ତି ଯେ ସବୁଦିନ ଗୋଟିଏ ଢାଞ୍ଚାରେ ହେବ, ତାହାର କୌଣସି ଆବଶ୍ୟକତା ନାହିଁ । ତାଙ୍କୁ ବିଭିନ୍ନ ନୂତନ ଭାବରେ ଯେପରି ଅଙ୍କାଯାଇପାରିବ,

ଏବିଷୟରେ ଚିନ୍ତା କରିବା ପାଇଁ ତୁମେମାନେ ସ୍ତ୍ରୀମାନଙ୍କୁ ଉତ୍ସାହିତ କର । ସରସ୍ୱତୀଙ୍କର ଶହେ ପ୍ରକାର ବିଭିନ୍ନ ଭାବ କଳ୍ପନା କରାଯାଉ । ସେମାନଙ୍କର ଭାବଗୁଡ଼ିକୁ ଅବଲମ୍ବନ କରି ସେମାନେ ଛବି ଅଙ୍କନ କରନ୍ତୁ, ଶ୍ରେଷ୍ଠ ପଟ୍ଟ-ମୂର୍ତ୍ତି ତିଆରି କରନ୍ତୁ ଏବଂ ରଙ୍ଗର କାର୍ଯ୍ୟ କରନ୍ତୁ ।

ମନ୍ଦିରର ଭିତର ବେଦୀର ସବାତଳେ ଯେଉଁ କଳସୀଟି ଥାଏ; ତାହା ଯେପରି ସବୁବେଳେ ଜଳପୂର୍ଣ୍ଣ ରହେ ଏବଂ ତାମିଲ୍ ଦେଶରେ ଯେଉଁ ଲହୁଣୀର ପ୍ରଦୀପସବୁ, ସେଗୁଡ଼ିକୁ ଅନବରତ ଜଳାଇ ରଖିବା ଦରକାର । ତା' ସଙ୍ଗେ ସଙ୍ଗେ ଯଦି ନିୟମିତ ଓ ନିଷ୍ଠିତ ଉପାସନାଦିର ବ୍ୟବସ୍ଥା ରଖିପାର, ତେବେ ହିନ୍ଦୁଭାବ ଦୃଷ୍ଟିରୁ ଆଉ ବେଶୀ କିଛି କରିବା ଅନାବଶ୍ୟକ । କିନ୍ତୁ ଯେଉଁ ଅନୁଷ୍ଠାନଗୁଡ଼ିକୁ ପାଳନ କରିବ, ସେଗୁଡ଼ିକ ଯେପରି ବୈଦିକ ହୁଏ । ଗୋଟିଏ ବୈଦିକ ମଣ୍ଡିର ବେଦୀ ରହିବ, ଯେଉଁଥିରେ ପୂଜା ସମୟରେ ବୈଦିକ (ଯଜ୍ଞର) ଅଗ୍ନି ପ୍ରଜ୍ୱଳିତ ହେବ । ଏପ୍ରକାର ଗୋଟିଏ ଧର୍ମାନୁଷ୍ଠାନ ଭାରତର ସବୁଲୋକଙ୍କର ଶ୍ରଦ୍ଧା ଆକର୍ଷଣ କରିବ ।

ସବୁ ପ୍ରକାର ଜୀବ ଯୋଗାଡ଼ କର । ଗୋରୁଠାରୁ ଆରମ୍ଭ କଲେ ଭଲ ହେବ, କିନ୍ତୁ ତା' ସଙ୍ଗେ ବିରାଡ଼ି ଚଢ଼େଇ ଓ ଅନ୍ୟାନ୍ୟ ଜୀବଗୁଡ଼ିଏ ରଖ । ସେମାନଙ୍କୁ ଖୁଆଇବା ଏବଂ ଯତ୍ନ କରିବା ପ୍ରଭୃତି କାର୍ଯ୍ୟ ପିଲାଙ୍କିମାନଙ୍କୁ କରିବାକୁ ଦିଅ ।

ତା'ପରେ ଜ୍ଞାନଯଜ୍ଞ । ଏହା ସବୁଠାରୁ ସୁନ୍ଦର ଜିନିଷ । ତୁମେ କ'ଣ ଜାଣ ଯେ, ଭାରତରେ ପ୍ରତ୍ୟେକ ବହି ପବିତ୍ର ବୋଲି ବିବେଚିତ ହୁଏ—କେବଳ ବେଦ ନୁହେଁ, ଇଂରାଜୀ ଓ ମୁସଲ୍‌ମାନ୍‌ମାନଙ୍କ ବହିଗୁଡ଼ିକ ମଧ୍ୟ ପବିତ୍ର ।

ପ୍ରାଚୀନ ଶିଳ୍ପକଳାର ପୁନଃପ୍ରବର୍ତ୍ତନ କର । ଘନୀଭୂତ କ୍ଷୀର ଦେଇ ଫଳର ବିଭିନ୍ନ ଖାଦ୍ୟ କିପରି ପ୍ରସ୍ତୁତ କରାଯାଏ, ସ୍ତ୍ରୀମାନଙ୍କୁ ସେସବୁ ଶିଖାଅ । ସୌଖୀନ ରନ୍ଧାବଢ଼ା ଏବଂ ସିଲେଇ-କାର୍ଯ୍ୟ ଶିଖାଅ । ସେମାନେ ଛବିଅଙ୍କା, ଫଟୋ ସମ୍ବନ୍ଧୀୟ କାର୍ଯ୍ୟ, କାଗଜ କାଟି ବିଭିନ୍ନ ପ୍ରକାରର ଜିନିଷ ତିଆରି କରିବା, ସୁନା-ରୂପା ଉପରେ ସୁନ୍ଦର ସୁନ୍ଦର କାରୁକାର୍ଯ୍ୟ କରିବା ଇତ୍ୟାଦି ଶିଖନ୍ତୁ । ଲକ୍ଷ୍ୟ ରଖ—ସେମାନେ ପ୍ରତ୍ୟେକେ ଏପରି କିଛି ଶିଖନ୍ତୁ ଯେପରି ପ୍ରୟୋଜନ ବେଳେ ନିଜର ଜୀବିକା ନିଜେ ଅର୍ଜନ କରିପାରିବେ ।

ମଣିଷକୁ କେବେହେଲେ ଭୁଲିଯାଅ ନାହିଁ । ଦେବାର ଦୃଷ୍ଟି ନେଇ ମଣିଷକୁ ପୂଜା କରିବା ଭାବଟି ଭାରତରେ ସୂକ୍ଷ୍ମାକାରରେ ରହିଛି, କିନ୍ତୁ ଏହା କୌଣସି ଦିନ ବିଶିଷ୍ଟ ମର୍ଯ୍ୟାଦା ପାଇ ନାହିଁ । ତୁମର ଶିଷ୍ୟମାନେ ଏ ବିଷୟରେ ଚେଷ୍ଟା କରନ୍ତୁ । ଏମାନଙ୍କ ବିଷୟରେ କବିତା ରଚନା କର, ଶିଳ୍ପ ସୃଷ୍ଟି କର । ହଁ, ପ୍ରତ୍ୟହ ସ୍ନାନ ପରେ ଖାଇବା ପୂର୍ବରୁ ଯଦି କେହି ଯାଇ ଭିକାରୀମାନଙ୍କ ପାଦପୂଜା କରେ, ତେବେ ତା'ର ହାତ ଏବଂ ମୁଣ୍ଡ ଦୁଇଟିର ହିଁ ଆଶ୍ଚର୍ଯ୍ୟ-ଜନକ ଶିକ୍ଷା ହେବ । ପୁଣି କେବେ କିଛିଦିନ ଶ୍ରେଷ୍ଠ ଶିଶୁମାନଙ୍କର ବା ତୁମର ଶିଷ୍ୟମାନଙ୍କର ନିଏତ ପୂଜା କଲ, ଅଥବା କାହା ନିକଟରୁ ଶିଶୁମାନଙ୍କୁ ଡାକି ଆଣି ତାଙ୍କୁ ଖୁଆଇଲ,

ପରିଚର୍ଯ୍ୟା କଲି । ମାତାଜୀଂ ମୋତେ ଯାହା କହିଥିଲେ ତାହା କଅଣ ?—ସ୍ୱାମୀଜୀ ମୁଁ ଅସହାୟ, କିନ୍ତୁ ଏହି ଯେଉଁ ପବିତ୍ର ଆତ୍ମା, ଏମାନଙ୍କର ଯେଉଁ ପୂଜା କରୁଛି, ଏମାନେ ହିଁ ମୋତେ ମୁକ୍ତିପଥରେ ନେଇଯିବେ । ଦେଖ, ତାଙ୍କର ଭାବ ହେଲି ଯେ, ଗୋଟିଏ କୁମାରୀ ମଧ୍ୟରେ ସେ ଉମାଙ୍କର ହିଁ ପୂଜା କରୁଛନ୍ତି । ଏହି ଭାବ-ଦୃଷ୍ଟି ଏବଂ ଏହାକୁ ଭିତ୍ତିକରି ଗୋଟିଏ ବିଦ୍ୟାଳୟର ମୂଳଦୁଆ ପକାଇବା ଖୁବ୍ ଆଶ୍ଚର୍ଯ୍ୟ ବିଷୟ ।

୩୮ । ଭଲପାଇବା ଚିରଦିନ ଆନନ୍ଦର ଅଭିବ୍ୟକ୍ତି । ଏହା ଭିତରେ ଦୁଃଖର ଛାୟା ଟିକିଏ ଦେହାତ୍ମିକତା ଏବଂ ସ୍ୱାର୍ଥପରତା ।

୩୯ । ପାଶ୍ଚାତ୍ୟରେ ବିବାହ ଆଇନ୍‌ଗତ ବନ୍ଧନ ଛଡ଼ା ଆଉ କାହା ଉପରେ ନିର୍ଭର କରେ ନାହିଁ । କିନ୍ତୁ ଭାରତରେ ଏହା ଚିରକାଳ ପାଇଁ ଦୁଇଜଣଙ୍କୁ ମିଳିତ କରିବାର ଗୋଟିଏ ସାମାଜିକ ବନ୍ଧନ । ଏହି ଜୀବନରେ ବା ପରଜୀବନରେ ସେମାନେ ଇଚ୍ଛା କରନ୍ତୁ ବା ନ କରନ୍ତୁ, ସେମାନେ ପରସ୍ପରକୁ ବରଣ କରିନେବେ । ଜଣେ ଅନ୍ୟ ଜଣଙ୍କର ସମସ୍ତ ଶୁଭକର୍ମର ଅର୍ଦ୍ଧାଂଶର ଅଂଶୀଦାର ହେବ । ଏମାନଙ୍କ ଭିତରୁ ଜଣେ ଯଦି ଜୀବନ-ପଥରେ ପଛରେ ପଡ଼ିଯାଏ, ତେବେ ପରେ ଯେପରି ସେ ପୁଣି ତା'ର ସହଯାତ୍ରୀ ହୋଇପାରେ, ସେଥିପାଇଁ ଅନ୍ୟ ଜଣକୁ ଚେଷ୍ଟା କରିବାକୁ ହେବ ।

୪୦ । ଚୈତନ୍ୟ ହେଉଛି ଅବଚେତନ ମନ ଏବଂ ପୂର୍ଣ୍ଣଜ୍ଞାନାବସ୍ଥା—ଏହି ଦୁଇସମୁଦ୍ର ମଝିରେ ଗୋଟିଏ ପତଳା ବ୍ୟବଧାନ ମାତ୍ର ।

୪୧ । ପାଶ୍ଚାତ୍ୟର ଲୋକମାନେ ଯେତେବେଳେ ଚୈତନ୍ୟ ସମ୍ବନ୍ଧରେ ଅନେକ କଥା କହିବାର ମୁଁ ଶୁଣେ, ସେତେବେଳେ ନିଜର କାନକୁ ବିଶ୍ୱାସ କରିପାରେ ନାହିଁ । ଚୈତନ୍ୟ ! କ'ଣ ହୋଇଛି ଚୈତନ୍ୟରେ ? କାହିଁକି, ଅବଚେତନ ମନର ଅତଳ ଗଭୀରତା ଏବଂ ପୂର୍ଣ୍ଣ ଚୈତନ୍ୟାବସ୍ଥାର ଉଚ୍ଚତାର ତୁଳନାରେ ଏହା କିଛି ନୁହେଁ । ଏ ବିଷୟରେ ମୋର କୌଣସି ଦିନ ଭୁଲ ହେବ ନାହିଁ, କାରଣ ମୁଁ ଯେଉଁ ରାମକୃଷ୍ଣ ପରମହଂସଦେବଙ୍କୁ ଦେଖିଛି, ସେ ଯେକୌଣସି ବ୍ୟକ୍ତିର ଅବଚେତନ ମନର ଖବର ଦଶମିନଟ୍ ଭିତରେ ଜାଣିପାରୁଥିଲେ ଏବଂ ତାହା ଦେଖି ସେ ବ୍ୟକ୍ତିର ଭୂତ, ଭବିଷ୍ୟତ ଏବଂ ଶକ୍ତିଲାଭ ପ୍ରଭୃତି ସବୁ କିଛି କହିଦେଇ-ପାରୁଥିଲେ ।

୪୨ । ଏହିସବୁ ଅନ୍ତର୍ଦୃଷ୍ଟିର ବିଷୟ ଅତ୍ୟନ୍ତ ଗୌଣ । ଏସବୁ ପ୍ରକୃତ ଯୋଗ ନୁହେଁ । ଆମର କଥାଗୁଡ଼ିକର ଯାଥାର୍ଥ୍ୟ ପରୀକ୍ଷାଭାବରେ ନିର୍ଣ୍ଣୟ କରିବା ଦିଗରେ ଏସବୁର କିଛି କିଛି ପ୍ରୟୋଜନୀୟତା ଆଇପାରେ । ଏହି ବିଷୟର ସାମାନ୍ୟତମ ଅନୁଭୂତିରେ ମଣିଷ ବିଶ୍ୱାସବାନ୍ ହୁଏ ଯେ, ଜଡ଼ଜଗତ ପଛରେ ଗୋଟିଏ କିଛି ରହିଛି । ତେବେ ଏସବୁ ଜିନିଷ ନେଇ ଯେଉଁମାନେ କାଳକ୍ଷେପଣ କରନ୍ତି, ସେମାନେ ଭୟାବହ ବିପଦରେ ପଡ଼ନ୍ତି । ଏସବୁ

୧ କଲିକତା ମହାକାଳୀ ପାଠଶାଳାର ସ୍ଥାପୟିତ୍ରୀ ତପସ୍ୱିନୀ ମାତାଜୀ ।

ଯୌଗିକ ଶକ୍ତିଗୁଡ଼ିକ ବାହ୍ୟ ଘଟଣା ମାତ୍ର । ଏଗୁଡ଼ିକର ସାହାଯ୍ୟରେ କୌଣସି ଜ୍ଞାନ ହେଲେ କେବେହେଲେ ତା'ର ସ୍ଥିରତା ବା ଦୃଢ଼ତା ରହେ ନାହିଁ । ମୁଁ କ'ଣ କହୁନ ଯେ, ଏଗୁଡ଼ିକ ବାହ୍ୟ ଘଟଣା ମାତ୍ର ? ସୀମାରେଖା ସବୁ ସମୟରେ ଘୁଞ୍ଚି ଘୁଞ୍ଚି ଯାଉଛି ।

୧୩ । ଅଦ୍ୱୈତ ଦୃଷ୍ଟିରୁ କୁହାଯାଏ ଯେ, ଆତ୍ମା ଜନ୍ମନ୍ତି ନାହିଁ କି ମରନ୍ତି ନାହିଁ । ବିଶ୍ୱର ଏସବୁ ସ୍ତର ଆକାଶ ଓ ପ୍ରାଣର ବିଭିନ୍ନ ସୃଷ୍ଟି ମାତ୍ର । ଅର୍ଥାତ୍ ସବୁଠାରୁ ଯେଉଁ ନିମ୍ନସ୍ତର ବା ଘନୀଭୂତ ସ୍ତର ତାହା ହେଲା ସୌର-ଲୋକ, ଦୃଶ୍ୟମାନ ଜଗତକୁ ନେଇ ଏହାର ପରିମିତ, ଏହା ମଧ୍ୟରେ ପ୍ରାଣ ବା ଜୀବନୀଶକ୍ତି ଏବଂ ଆକାଶ ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥରୂପେ ପ୍ରତିଭାତ । ଏହାପରେ ଚନ୍ଦ୍ର-ଲୋକ—ଏହା ସୌରମଣ୍ଡଳକୁ ଘେରି ରହିଛି । ଏହା କିନ୍ତୁ ଚନ୍ଦ୍ର କହିଲେ ଯାହା ବୁଝାଏ, ଆଦୌ ତାହା ନୁହେଁ । ଏହା ଦେବଗଣଙ୍କର ଆସିମଭୂମି । ଏଠାରେ ପ୍ରାଣ ଜୀବନଶକ୍ତିରୂପେ ଏବଂ ଆକାଶ ତନ୍ମାତ୍ରା ବା ପଞ୍ଚଭୂତରୂପେ ପ୍ରତିଭାତ । ଏହାପରେ ଆଲୋକମଣ୍ଡଳ (ବିଦ୍ୟୁତ୍-ମଣ୍ଡଳ)—ଏହା ଏପରି ଗୋଟିଏ ଅବସ୍ଥା ଯେ, ଏହାକୁ ଆକାଶରୁ ପୃଥକ୍ କରିଯାଏ ନାହିଁ, ଏବଂ ତୁମମାନଙ୍କ ପକ୍ଷରେ ଏହା କହିବା ଅସମ୍ଭବ ଯେ, ବିଦ୍ୟୁତ୍ ଜଡ଼ ଅଥବା ଶକ୍ତିବିଶେଷ । ଏହାପରେ ବ୍ରହ୍ମଲୋକ—ଏଠାରେ ପ୍ରାଣ ଏବଂ ଆକାଶ ବୋଲି ଅଲଗା କିଛି ନାହିଁ, ଦୁଇଟି ଏକୀଭୂତ ହୋଇ ମନର ସୂକ୍ଷ୍ମ ଶକ୍ତିରେ ପରିଣତ ହୋଇଛି । ଏଠାରେ ପ୍ରାଣ ବା ଆକାଶ କିଛି ନ ଥିବାରୁ ଜୀବ ସମସ୍ତ ବିଶ୍ୱକୁ ସମଷ୍ଟିରୂପେ ମହତ୍ ତତ୍ତ୍ୱ ବା 'ସମଷ୍ଟି-ମନ' ରୂପେ ଚିନ୍ତା କରେ । ସେହିଁ ପୁରୁଷରୂପେ ବା ସମଷ୍ଟି ସୂକ୍ଷ୍ମ ଆତ୍ମାରୂପେ ଆବିର୍ଭୂତ ହୁଅନ୍ତି । ଏଠାରେ ତଥାପି ବହୁତ୍ୱ-ଜ୍ଞାନ ଅଛି, ତେଣୁ ଏ ପୁରୁଷ ନିତ୍ୟ ନୁହେଁ । ଏହିଠାରୁ ହିଁ ଜୀବ ଶେଷରେ ଏକତ୍ୱ ଉପଲବ୍ଧି କରେ । ଅଦ୍ୱୈତ ମତରେ ଜୀବ— ଯାହାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ, ତା' ନିକଟରେ ଏହି ପର୍ଯ୍ୟାୟଗୁଡ଼ିକ କ୍ରମାନ୍ୱୟରେ ଭାସି ଉଠୁଥାଏ । ବର୍ତ୍ତମାନର ସୃଷ୍ଟି ମଧ୍ୟ ସେହି ଏକ ଭାବରେ ଦୃଶ୍ୟମାନ ହୋଇଉଠିଛି । ସୃଷ୍ଟି ଓ ପ୍ରଳୟ ଗୋଟିଏ ପର୍ଯ୍ୟାୟରେ ହୁଏ, ଗୋଟିଏ ଭିତରକୁ ଚାଲିଯିବା, ଏବଂ ଅନ୍ୟ ଗୋଟିଏ ବାହାରକୁ ବାହାରି ଆସିବା ମାତ୍ର ।

ପ୍ରତ୍ୟେକେ ଏହିପରି ତାଙ୍କ ନିଜର ଜଗତକୁ ଦେଖନ୍ତି—ଏହି ଜଗତ୍ ତାଙ୍କର କର୍ମଫଳରୁ ସୃଷ୍ଟ ହୁଏ, ଏବଂ ତାଙ୍କ ମୁକ୍ତି ସହିତ ଚାଲିଯାଏ । ଅବଶ୍ୟ ଅନ୍ୟ ଯିଏ ବନ୍ଧନ-ଗ୍ରସ୍ତ, ତା' ନିକଟରେ ଏହାର ଅସ୍ତିତ୍ୱ ସେତେବେଳେ ବି ଥାଏ । ନାମ ଏବଂ ରୂପ ହିଁ ଜଗତ୍ । ସମୁଦ୍ରର ଗୋଟିଏ ଢେଉ ନାମ ଏବଂ ରୂପ ଦ୍ୱାରା ସୀମିତ ବୋଲି ତା'ର ନାମ ଢେଉ । ଢେଉ ମିଶିଗଲେ ସମୁଦ୍ର ହିଁ ପଡ଼ିରହେ । ନାମ-ରୂପ କିନ୍ତୁ ଚିରକାଳ ପାଇଁ ସଙ୍ଗେ ସଙ୍ଗେ ଚାଲିଯାଏ । ଜଳ ବ୍ୟତୀତ ଢେଉର ନାମ ଏବଂ ରୂପ କୌଣସି ଦିନ ସମ୍ଭବ ନୁହେଁ ଏବଂ ଏହି ନାମ-ରୂପ ହିଁ ଜଳକୁ ଢେଉରେ ପରିଣତ କରୁଛି, ତେବେ ନାମ-ରୂପ ଢେଉ ନୁହନ୍ତି । ଢେଉ ଜଳରେ ମିଳିତ ହେବା ସଙ୍ଗେ ସଙ୍ଗେ ସେମାନେ ମଧ୍ୟ ବିଲୀନ ହୋଇଯାଆନ୍ତି । କିନ୍ତୁ ଅନ୍ୟାନ୍ୟ ଢେଉ ବିଦ୍ୟମାନ ଥିବାରୁ ସେମାନଙ୍କର ନାମ-ରୂପ ଥାଏ । ଏହି ନାମ-ରୂପ

ହେଲ ମାୟା ଏବଂ ଜଳ ହେଲ ବ୍ରହ୍ମ । ଯେପର୍ଯ୍ୟନ୍ତ ଢେଉଟିର ଅସ୍ତିତ୍ୱ ଥିଲ, ସେପର୍ଯ୍ୟନ୍ତ ଜଳ ଛଡ଼ା ଆଉ କିଛି ନ ଥିଲ, ତେବେ ଢେଉ ହିସାବରେ ଏହାର ଗୋଟିଏ ରୂପ ଓ ନାମ ଥିଲ । ପୁଣି ଢେଉକୁ ବାଦ୍ ଦେଇ ଏହି ନାମ ଓ ରୂପ ଗୋଟିଏ ମୁହୂର୍ତ୍ତ ମଧ୍ୟ ରହିପାରେ ନାହିଁ, ଯଦିଓ ଜଳ ହିସାବରେ ଏହି ଢେଉ ନାମ ଏବଂ ରୂପରୁ ଅନନ୍ତ କାଳ ବିଚ୍ଛିନ୍ନ ରହିପାରେ । କିନ୍ତୁ ଯେହେତୁ ଏହି ନାମ ଏବଂ ରୂପକୁ ସ୍ୱତନ୍ତ୍ର ଭାବରେ ଦେଖିବା ଅସମ୍ଭବ, ତେଣୁ ଏଗୁଡ଼ିକର କୌଣସି ବାସ୍ତବ ସତ୍ତା ନାହିଁ । ଅଥଚ ଏଗୁଡ଼ିକ ଶୂନ୍ୟ ମଧ୍ୟ ନୁହେଁ । ଏହାର ନାମ ମାୟା ।

୪୪ । ମୁଁ ବୁଦ୍ଧଙ୍କର ଦାସାନୁଦାସଙ୍କର ମଧ୍ୟ ଦାସ । ସେହି ମହାପ୍ରାଣ ପ୍ରଭୁଙ୍କ ପରି କେହି କ'ଣ କେବେହେଲେ ଜନ୍ମଗ୍ରହଣ କରିଛନ୍ତି ? ସେ ନିଜ ପାଇଁ ଗୋଟିଏ ହେଲେ କର୍ମ କରି ନ ଥିଲେ, ତାଙ୍କର ହୃଦୟ ଦେଇ ସମଗ୍ର ପୃଥିବୀକୁ ଆଲିଙ୍ଗନ କରିଥିଲେ । ସେହି ରାଜକୁମାର ଏବଂ ସନ୍ନ୍ୟାସୀଙ୍କର ଏତେ ଦୟା ଯେ, ସେ ଗୋଟିଏ ସାମାନ୍ୟ ଛେଳିଶିଶୁ ପାଇଁ ନିଜର ଜୀବନ ଦେବାକୁ ଉଦ୍ୟତ ହେଲେ; ତାଙ୍କର ଏତେ ଭଲ ପାଇବା ଯେ, କ୍ଷୁଧିତ ବ୍ୟାଘ୍ରୀ ଆଗରେ ନିଜକୁ ସମର୍ପଣ କରିଦେଲେ; ଜଣେ ଅନ୍ତ୍ୟଜର ଆତିଥ୍ୟ ଗ୍ରହଣ କରି ତାକୁ ଆଶୀର୍ବାଦ କଲେ । ମୁଁ ଯେତେବେଳେ ସାମାନ୍ୟ ବାଳକ ମାତ୍ର, ସେତେବେଳେ ତାଙ୍କୁ ମୁଁ ମୋ ଘରେ ଦର୍ଶନ କରିଥିଲି ଏବଂ ତାଙ୍କ ପାଦତଳେ ଆତ୍ମସମର୍ପଣ କରିଥିଲି, କାରଣ ମୁଁ ଜାଣିଥିଲି ଯେ, ସେ ସ୍ୱୟଂ ସେହି ପ୍ରଭୁ ।

୪୫ । ଶୁକ ହେଲେ ଆଦର୍ଶ ପରମହଂସ । ମନୁଷ୍ୟମାନଙ୍କ ମଧ୍ୟରେ ସେ ହିଁ କେବଳ ଅନନ୍ତ ସଚ୍ଚିଦାନନ୍ଦ-ସାଗରର ଏକ ଗଣ୍ଡୁଷ ଜଳ ପାନ କରିଥିଲେ । ଅଧିକାଂଶ ସାଧକ ହିଁ ତୀରଦେଶରୁ ଏହି ସାଗରର ଗର୍ଜନ ଶୁଣି ମରିଯାଆନ୍ତି, କେତେଜଣ ମାତ୍ର ଏହାର ଦର୍ଶନ ପାଆନ୍ତି ଏବଂ ଆହୁରି ଅଳ୍ପସଂଖ୍ୟକ ବ୍ୟକ୍ତି ଏହାର ସ୍ୱାଦ ଗ୍ରହଣ କରିବାକୁ ସମର୍ଥ ହୁଅନ୍ତି । କିନ୍ତୁ ସେ ଏହି ଅମୃତ-ସାଗରରୁ ପାନ କରିଥିଲେ ।

୪୬ । ତ୍ୟାଗକୁ ବାଦ୍ ଦେଇ ଯେଉଁ ଭକ୍ତି, ତା'ର ଅର୍ଥ କ'ଣ ? ଏହା ଅତ୍ୟନ୍ତ ଅନିଷ୍ଟକର ।

୪୭ । ଆମେ ସୁଖ ବା ଦୁଃଖ କିଛି ହେଲେ ଚାହୁଁ ନାହିଁ—ଏ ଦୁଇଟି ମଧ୍ୟ ଦେଇ ଆମେ ସେହି ବସ୍ତୁର ସନ୍ଧାନ କରୁଛୁ, ଯାହା ଏ ଦୁଇଟିର ଊର୍ଦ୍ଧ୍ୱରେ ।

୪୮ । ବେଦ ମଧ୍ୟରେ ଯେ ଗୋଟିଏ ଛନ୍ଦ-ମାଧୁର୍ଯ୍ୟ, ଗୋଟିଏ ଜାତୀୟ-ଜୀବନର ସ୍ୱରପ୍ରବାହ ଅଛି, ତାହା ଶଙ୍କରାଚାର୍ଯ୍ୟ ଧରିପାରିଥିଲେ । ବାସ୍ତବିକ୍ ମୋର ସବୁ ସମୟରେ ମନେହୁଏ ଯେ, ସେ ଯେତେବେଳେ ବାଳକ ଥିଲେ, ସେତେବେଳେ ମୋ ପରି ତାଙ୍କର ମଧ୍ୟ ଅନ୍ତର୍ଦୃଷ୍ଟି ହୋଇଥିଲ ଏବଂ ସେହି ଦୃଷ୍ଟି ଦ୍ୱାରା ସେ ସେହି ସୁପ୍ରାଚୀନ ସଙ୍ଗୀତ-ଧାରାକୁ ପୁନରୁଦ୍ଧାର କରିଥିଲେ । ଯାହା ହେଉ ତାଙ୍କର ସାରା ଜୀବନର କାର୍ଯ୍ୟାବଳୀ ବିବେଚନା

କଲେ ଦେଖାଯିବ, ଏହା ବେଦ ଓ ଉପନିଷଦ୍‌ର ମାଧୁର୍ଯ୍ୟର ଛନ୍ଦିତ ସ୍ପନ୍ଦନ ଛଡ଼ା ଆଉ କିଛି ନୁହେଁ ।

୪୯ । ଯଦିଓ ମା'ର ଭଲପାଇବା କୌଣସି କୌଣସି ଦିଗରୁ ମହତ୍ତର, ତଥାପି ପୁରୁଷ ଓ ନାରୀ ମଧ୍ୟରେ ଯେଉଁ ଭଲପାଇବା, ତାହା ଠିକ୍ ପରମାତ୍ମା ପ୍ରତି ଜୀବାତ୍ମାର ସମ୍ପର୍କ ଭଳି । ଆଦର୍ଶକୁ ଏତେ ଜୀବନ୍ତ କରି ତୋଳିବାରେ ଭଲପାଇବା ପରି ଆଉ କିଛି ନାହିଁ । ଭଲପାଇବା ଦ୍ୱାରା ଜଣକର କଳ୍ପନାର ଛବି ଅନ୍ୟ ଜଣକ ଭିତରେ ବାସ୍ତବ ହୋଇ-ଉଠେ । ଏହି ଭଲପାଇବା ତା'ର ପ୍ରିୟକୁ ରୂପାନ୍ତରିତ କରିଦିଏ ।

୫୦ । ସମ୍ପୂର୍ଣ୍ଣ ଅନାସକ୍ତ ହୋଇ ସିଂହାସନରେ ବସି, ସମ୍ପଦ, ଯଶ, ସ୍ତ୍ରୀ-ପୁତ୍ରାଦିଙ୍କୁ ତୁଚ୍ଛଜ୍ଞାନ କରି ଜନକଙ୍କ ପରି ହେବା କଅଣ ଏତେ ସହଜ ? ପାଶ୍ଚାତ୍ତ୍ୟରେ ଅନେକେ ମୋତେ କହିଛନ୍ତି ଯେ, ସେମାନେ ସେହି ଅବସ୍ଥା ଲାଭ କରିଛନ୍ତି; ମୁଁ କେବଳ କହୁଛି ଯେ, ଏପରି ବରିଷ୍ଠ ପୁରୁଷଗଣ ଭାରତରେ ତ ଜନ୍ମଗ୍ରହଣ କରନ୍ତି ନାହିଁ ।

୫୧ । ଏ କଥା ତୁମେ ଭୁଲ ନାହିଁ ଏବଂ ତୁମର ପିଲାପିଲାମାନଙ୍କୁ ଶିକ୍ଷା ଦେବାକୁ ଭୁଲ ନାହିଁ ଯେ, ଗୋଟିଏ ଜୁ଼ଳୁଜୁଳିଆ ପୋକ ଏବଂ ସୂର୍ଯ୍ୟ ମଧ୍ୟରେ, ଗୋଟିଏ କ୍ଷୁଦ୍ର ପୋଖରୀ ଏବଂ ଅସୀମ ସମୁଦ୍ର ମଧ୍ୟରେ ଏବଂ ଗୋଟିଏ ସୋରିଷ ଓ ମେରୁ ପର୍ବତ ମଧ୍ୟରେ ଯେଉଁ ପାର୍ଥକ୍ୟ—ଗୃହୀ ଓ ସନ୍ନ୍ୟାସୀ ମଧ୍ୟରେ ସେହିପରି ପାର୍ଥକ୍ୟ ।

୫୨ । ସବୁକିଛି ଭୟାନ୍ୱିତ, ତ୍ୟାଗ ହିଁ କେବଳ ନିର୍ଭୟ । ଯେଉଁସବୁ ସାଧୁ ଭଣ୍ଡ ବା ଯେଉଁମାନେ ଜୀବନରେ ଆଦର୍ଶରକ୍ଷା ନିମନ୍ତେ ଅସମର୍ଥ ହୋଇଛନ୍ତି, ସେମାନେ ମଧ୍ୟ ପ୍ରଶଂସନୀୟ, ଯେହେତୁ ଆଦର୍ଶ ସହିତ ସେମାନଙ୍କର ସମ୍ୟକ୍ ପରିଚୟ ହୋଇଛି ଏବଂ ଏହା-ଦ୍ୱାରା ସେମାନେ ଅନ୍ୟମାନଙ୍କର ସାଫଲ୍ୟ ନିମନ୍ତେ କିଛି ପରିମାଣରେ ସହାୟକ । ଆମେ ଯେପରି ଆମର ଆଦର୍ଶ କେବେହେଲେ ଭୁଲି ନ ଯାଉ । ରମ୍‌ତା ସାଧୁ ବହତା ପାନି— ଯେଉଁ ନଦୀରେ ସ୍ରୋତ ଅଛି ସେ ନଦୀ ପବିତ୍ର ରହେ, ସେହିପରି ଯେଉଁ ସାଧୁ ବିଚରଣଶୀଳ ସେ ମଧ୍ୟ ପବିତ୍ର ।

୫୩ । ସନ୍ନ୍ୟାସୀଙ୍କର ଟଙ୍କା କଥା ଭାବିବା ଓ ଟଙ୍କା ପାଇବାର ଚେଷ୍ଟା କରିବା ଆତ୍ମହତ୍ୟା ସଦୃଶ ।

୫୪ । ମହମ୍ମଦ ବା ବୁଦ୍ଧ ମହାନ୍ ବ୍ୟକ୍ତି ଥିଲେ । କିନ୍ତୁ ଏଥିରେ ମୋର କ'ଣ ଯାଏ ଆସେ ? ଏହାଦ୍ୱାରା ମୋର କ'ଣ କିଛି ଭଲ ବା ମନ୍ଦ ହେବ ? ଆମମାନଙ୍କୁ ନିଜନିଜର ଆବଶ୍ୟକତାରେ ଓ ଦାୟିତ୍ୱରେ ହିଁ ଭଲ ହେବାକୁ ପଡ଼ିବ ।

୫୫ । ଏଦେଶରେ ତୁମେମାନେ ମଧ୍ୟ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ବଜାୟ ରଖିବା ଭୟରେ ଅତ୍ୟନ୍ତ ସନ୍ତ୍ରସ୍ତ । କିନ୍ତୁ ବ୍ୟକ୍ତିତ୍ୱ କହିଲେ ଯାହା ବୁଝାଏ, ତାହା ଏପର୍ଯ୍ୟନ୍ତ ତୁମମାନଙ୍କର ବିକଶିତ ହୋଇ ନାହିଁ । ତୁମେମାନେ ଯେତେବେଳେ ତୁମମାନଙ୍କର ନିଜ ନିଜର ପ୍ରକୃତିକୁ ଜାଣି-

ପାରିବ, ସେତେବେଳେ ତୁମେ ଯଥାର୍ଥ ବ୍ୟକ୍ତିତ୍ୱ ଲାଭ କରିବ, ତା'ପୂର୍ବରୁ ନୁହେଁ । ଆଉ ଗୋଟିଏ କଥା ମୁଁ ଏଦେଶରେ ସବୁବେଳେ ଶୁଣୁଛି ଯେ, ସଦାସର୍ବଦା ପ୍ରକୃତି ସହିତ ତାଳ ଦେଇ ଆମେମାନେ ଚାଲିବା ଉଚିତ । ତୁମେମାନେ କଅଣ ଜାଣ ନାହିଁ ଯେ, ଆଜି ପର୍ଯ୍ୟନ୍ତ ପୃଥିବୀରେ ଯେତେ ଉନ୍ନତି ହୋଇଛି, ସେସବୁ କେବଳ ପ୍ରକୃତିକୁ ଜୟ କରି ସାଧିତ ହୋଇଛି । ଆମକୁ କୌଣସି ପ୍ରକାର ଉନ୍ନତି କରିବାକୁ ହେଲେ ପ୍ରତି ପଦକ୍ଷେପରେ ପ୍ରକୃତିକୁ ପ୍ରତିରୋଧ କରିବାକୁ ପଡ଼ିବ ।

୫୬ । ଭାରତବର୍ଷରେ ଲୋକମାନେ ମୋତେ ସାଧାରଣଙ୍କ ମଧ୍ୟରେ ଅଦ୍ୱୈତ ବେଦାନ୍ତ ଶିକ୍ଷା ନ ଦେବାକୁ କହନ୍ତି; କିନ୍ତୁ ମୁଁ କହେ ଯେ, ଗୋଟିଏ ଶିଶୁକୁ ମଧ୍ୟ ମୁଁ ଏହା ବୁଝାଇ ଦେଇପାରିବି । ଉଚ୍ଚ ଆଧ୍ୟାତ୍ମିକ ସତ୍ୟଗୁଡ଼ିକୁ ପ୍ରଥମରୁ ହିଁ ଶିକ୍ଷା ଦେବା ଉଚିତ ।

୫୭ । ଯେତେ କମ୍ ପଢ଼ିବ, ସେତେ ମଙ୍ଗଳ । ଗୀତା ଓ ବେଦାନ୍ତ ଉପରେ ଯେତେ ଯେତେ ଭଲ ଗ୍ରନ୍ଥ ଅଛି, ସେଗୁଡ଼ିକୁ ପଢ଼ । କେବଳ ଏଗୁଡ଼ିକ ହେଲେ ହିଁ ଚଳିବ । ବର୍ତ୍ତମାନ ଶିକ୍ଷା ପଦ୍ଧତିର ସମସ୍ତଟା ହିଁ ଭୁଲରେ ଭର୍ତ୍ତି । ଚିନ୍ତା କରିବାକୁ ଶିଖିବା ଆଗରୁ ମନ ନାନା ବିଷୟ ଓ ସମ୍ବାଦରେ ପୂର୍ତ୍ତି ହୋଇ ଉଠେ । ମନକୁ କିପରି ସଂଯତ କରିବାକୁ ହେବ, ସେହି ଶିକ୍ଷା ପ୍ରଥମେ ଦେବା ଉଚିତ । ମୋତେ ଯଦି ପୁଣି ନୂଆ କରି ଶିଖିବାକୁ ହୁଏ ଏବଂ ଏହି ବିଷୟରେ ମୋର ଯଦି କୌଣସି ମତାମତ ଦେବାର କ୍ଷମତା ଥାଏ, ତେବେ ପ୍ରଥମେ ମୁଁ ମୋର ମନକୁ ନିଜର ଆୟତ୍ତରେ ରଖିବାକୁ ଚେଷ୍ଟା କରିବି ଏବଂ ତା'ପରେ ପ୍ରୟୋଜନ ବୋଧ କଲେ ଅନ୍ୟ କୌଣସି ବିଷୟ ଶିଖିବି । କୌଣସି ବିଷୟ ଶିଖିବା ପାଇଁ ଲୋକଙ୍କୁ ବହୁତ ଦିନ ଲାଗିଥାଏ । ତା'ର କାରଣ ସେମାନେ ଇଚ୍ଛାନୁସାରେ ମନକୁ ସନ୍ନିବିଷ୍ଟ କରିପାରନ୍ତି ନାହିଁ ।

୫୮ । ଯଦି ଦୁଃସମୟ ଆସେ, ତେବେ ଦୁଃଖ କାହିଁକି ? ଘଣ୍ଟାର ପେଣ୍ଡୁଲମ୍ ପୁଣି ଅନ୍ୟ ପଟକୁ ଫେରି ଆସିବ । କିନ୍ତୁ ଏହା ମଧ୍ୟ ବିଶେଷ କିଛି ଭଲ ନୁହେଁ । ଯାହା କରିବାକୁ ହେବ, ତାହା ହେଲା, ତାକୁ ଏକାବେଳକେ ବନ୍ଦ କରିଦେବା ।

# ତଥ୍ୟପଞ୍ଜୀ

ପୃଷ୍ଠା ପଙ୍‌କ୍ତି

୧୧ ୨ ଡିମସ୍‌ଥେନଜ୍ (ଖ୍ରୀ: ପୂ: ୩୮୩–୩୨୨) : ଗ୍ରୀସ୍‌ଦେଶର ଏଥେନ୍‌ସ ରାଜ୍ୟର ବିଖ୍ୟାତ ରାଜନୀତଜ୍ଞ ଓ ବାଗ୍ମୀ ଥିଲେ । ତାଙ୍କ ବକ୍ତୃତାସମୂହ ମଧ୍ୟରୁ ଅନ୍ୟତମ ବକ୍ତୃତା 'ଫିଲିପିକ୍‌ସ' ।

୧୪ ୨୪ ଜେଶୁଇଟ୍ (Society of Jesuits) : ସ୍ପେନ୍ ଦେଶର ଇଗ୍‌ନେଶିୟସ୍ ଲୟୋଲାଙ୍କ କର୍ତ୍ତୃକ ୧୫୪୩ ଖ୍ରୀ:ରେ ପୋପ ତୃତୀୟ ପଲ୍‌ଙ୍କର ଅନୁମତି ଅନୁସାରେ ଏହି ଖ୍ରୀଷ୍ଟିଆନ ସଂଘ ପ୍ରତିଷ୍ଠିତ ହୋଇଥିଲା । ଏମାନେ ପ୍ରୋଟେଷ୍ଟାଣ୍ଟମାନଙ୍କର ପରମ ଶତ୍ରୁତା କରିବା ପାଇଁ ବଦ୍ଧପରିକର ଥିଲେ । ସମୟ ସମୟରେ ରାଜଶକ୍ତିକୁ ମଧ୍ୟ ଅମାନ୍ୟ କରୁଥିଲେ । ୧୭୭୩ ଖ୍ରୀଷ୍ଟାବ୍ଦରେ ପୋପ୍ ଚତୁର୍ଦ୍ଦଶ କ୍ଲେମେଣ୍ଟ ଏହି ସଂଘକୁ ଦମନ କରିଥିଲେ । କିନ୍ତୁ ୧୮୧୪ ଖ୍ରୀଷ୍ଟାବ୍ଦରେ ପୋପ୍ ସପ୍ତମ ପାୟାସ୍‌ଙ୍କ କର୍ତ୍ତୃକ ପୁନର୍ବାର ଏହି ସଂଘ ପୁନର୍ଜ୍ଜୀବିତ ହେଲା ।

୨୩ ୧୧ ଆଦିମ ପାପ : ଓଲ୍‌ଡ ଟେଷ୍ଟାମେଣ୍ଟରେ ବର୍ଣ୍ଣିତ ଅଛି ଯେ—ସଇତାନ୍‌ର ପ୍ରଲୋଭନରେ ଆଦମ୍ ଓ ଇଭ୍ ଈଶ୍ୱରଙ୍କର ଆଦେଶ ଅମାନ୍ୟ କରି ନିଷିଦ୍ଧ ଫଳ ଭକ୍ଷଣ କରିଥିଲେ, ଏହା ହିଁ ଆଦିମ ପାପ । ଏହା ଫଳରେ ମନୁଷ୍ୟ ସ୍ୱର୍ଗଚ୍ୟୁତ ହେଲା ।

୧୮ ଟାଇଟସ୍, ସମ୍ରାଟ : ରୋମର ସମ୍ରାଟ୍ (୪୦-୮୦ ଖ୍ରୀ:) ଟାଇଟସ୍ ୭୦ ଖ୍ରୀ:ରେ ଜେରୁଜେଲମ୍ ଜୟ କରିଥିଲେ । ୧୦ ଲକ୍ଷ ଇହୁଦୀ ଯୁଦ୍ଧରେ ହତ ଏବଂ ଏକଲକ୍ଷ ଇହୁଦୀ କ୍ରୀତଦାସ ରୂପେ ବିକ୍ରୀତ ହୋଇଥିଲେ । ୭୯-୮୧ ଖ୍ରୀ:ରେ ଟାଇଟସ୍ ସମ୍ରାଟ ଥିଲେ ।

୩୪ ୧୧ ସୁଇଡନ୍‌ବର୍ଗ : ଇମାନ୍ୟୁଏଲ ସୁଇଡନ୍‌ବର୍ଗ (୧୬୮୮-୧୭୭୨ ଖ୍ରୀ:) ସୁଇଡେନର ବୈଜ୍ଞାନିକ ଓ ମିଷ୍ଟିକ୍ । ସେ ଲଣ୍ଡନରେ ଦେହତ୍ୟାଗ କରିଥିଲେ ।

୧୬ ବାଲ୍‌ଜାକ୍ (Honore De Balzac, ୧୭୯୯-୧୮୫୦ ଖ୍ରୀ:) ଫରାସୀ ଦେଶର ବିଖ୍ୟାତ ଔପନ୍ୟାସିକ ।

୬୩ ୮ ସମ୍ରାଟ ନୀରୋ ବେହେଲା ବଜାଉଥିଲେ··· : ରୋମ୍‌ସମ୍ରାଟ ନୀରୋ (୩୭-୬୮ ଖ୍ରୀ:) ସ୍ୱୟଂ ରୋମ୍‌ରେ ଅଗ୍ନି ଲଗାଇ ବେହେଲା ବଜାଉଥିଲେ ଏବଂ ମଜା ଦେଖୁଥିଲେ । ଏହି ଅଗ୍ନି ଲାଗିଥିଲା ୬୪ ଖ୍ରୀ:ରେ ।

ପୃଷ୍ଠା ପଙ୍‌କ୍ତି

୮୪ ୧୨ କଲମ୍ବସ୍ : Christopher Columbus (୧୪୫୧-୧୫୦୬ ଖ୍ରୀ:) ସେ ଥିଲେ ଜାତିରେ ଇଟାଲୀୟ । ସ୍ପେନ୍‌ର ରାଜା ଫାର୍ଡିନାଣ୍ଡଙ୍କ ସାହାଯ୍ୟରେ ଆମେରିକା ଅଧିକାର କରିଥିଲେ ।

୮୫ ୧୭ ସେମିଟିକ୍ ରକ୍ତସମ୍ଭୂତ ଆସିରୀୟ ଜାତି : ସାଧାରଣତଃ ଇହୁଦୀମାନଙ୍କର ନାମ ସେମାଇଟ୍, କାରଣ ନୂ (Noah)-ଙ୍କର ପୁତ୍ର ସେମ୍‌ଙ୍କଠାରୁ ସେଉଁମାନଙ୍କର ଉଦ୍ଭବ, ସେହିମାନେ ସେମାଇଟ୍ ଅଟନ୍ତି । ଖ୍ରୀ:ପୂ: ୨୦୦୦ ଅବ୍ଦରେ ମେସୋପୋଟାମିଆଁରେ ସେମାଇଟ୍‌ମାନେ ବାସ କରୁଥିବାର ଜଣାଯାଏ । ବାବିଲ୍ ଓ ଆସିରୀୟଗଣ ଏହି ସେମାଇଟ୍ ରକ୍ତସମ୍ଭୂତ । ଆସିରୀୟମାନଙ୍କର ଦେବତା ଆସୁରଙ୍କଠାରୁ ଏହି ନାମର ଉତ୍ପତ୍ତି । ରାଜଧାନୀ ନେନେଭ । ୟୁଫ୍ରେଟିସ୍ ତଟରେ ଖ୍ରୀ: ପୂ: ତ୍ରୟୋଦଶ ଶତାବ୍ଦୀରୁ ପ୍ରଭୂତ କ୍ଷମତାଶାଳୀ ହୋଇ ଚତୁର୍ଦ୍ଦିଗରେ ବଡ଼ ରାଜ୍ୟ ସ୍ଥାପନ କରିବା ପରେ ଖ୍ରୀ: ପୂ: ୭ମ ଶତକଠାରୁ ଆସିରୀୟମାନଙ୍କର ପତନ ଆରମ୍ଭ ହେଲା ।

୯୧ ୨୦ ମନିକାଇବାଦ (Monecian Heresy) : ପାରସ୍ୟ ଦେଶରେ ତୃତୀୟ ଖ୍ରୀଷ୍ଟାବ୍ଦରେ ମନି, ମନେସ୍ ବା ମନିକେୟାସ୍ (୨୧୫-୨୭୬ ଖ୍ରୀ:) ନାମକ ଏକ ଧର୍ମସଂସ୍କାରକଙ୍କର ଆବିର୍ଭାବ ହୋଇଥିଲା । ତାଙ୍କ ଧର୍ମରେ ଦ୍ୱୈତବାଦ ଓ ରହସ୍ୟବାଦ (Dualism and Mysticism) ମିଶ୍ରିତ ଥିଲା । ପାର୍ଶୀ ଧର୍ମମତ, ବୌଦ୍ଧମାନଙ୍କର ମଠ, ବାବିଲ ପୁରାଣ ଏବଂ ନଷ୍ଟିକ୍ ଓ ଖ୍ରୀଷ୍ଟାନ୍‌ମାନଙ୍କର ମୂଳଭାବ-ସଂଗ୍ରହ ତାଙ୍କର ଧର୍ମ-ସଂସ୍କାରରେ ସ୍ଥାନ ପାଇଥିଲା । ମନିଙ୍କୁ ୨୭୬ ଖ୍ରୀ: ରେ ପାଷଣ୍ଡଜ୍ଞାନରେ କ୍ରୁଶରେ ବନ୍ଧନ କରି ମରାଯାଇଥିଲା । ଏହି ମତବାଦ ଏସିଆମାଇନରଠାରୁ ଭାରତର କେତେକ ଅଞ୍ଚଳ ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥିଲା ।

୯୨ ୯ ହଣ୍ଟର୍, ଉଇଲିୟମ୍ : (୧୮୪୦-୧୯୦୦ ଖ୍ରୀ:) ସ୍କଟ୍‌ଲାଣ୍ଡରେ ଜନ୍ମ । ଐତିହାସିକ ଓ ପରିସଂଖ୍ୟାନବିତ୍ । ବଙ୍ଗଳାର ସିଭିଲ ସର୍ଭିସରେ ଯୋଗଦାନ କରିଥିଲେ । ତାଙ୍କ ଲେଖାରୁ ହିଁ ୧୮୮୧ ଖ୍ରୀ: 'ଇମ୍ପେରିଆଲ ଗେଜେଟିୟର୍ ଅଫ୍ ଇଣ୍ଡିଆ' ସଙ୍କଳିତ ହୋଇଥିଲା ।

୨୦୭ ୭ ଫ୍ରାନ୍‌ସିସ୍, ସେଣ୍ଟ : (୧୧୮୨-୧୨୨୬) ଆସିସିର ସେଣ୍ଟ ଫ୍ରାନ୍‌ସିସ୍ ନାମରେ ଖ୍ୟାତ । ୧୨୧୦ ଖ୍ରୀ: ପୋପ ତୃତୀୟ ଇନୋସେଣ୍ଟଙ୍କର ଅନୁମତି ଅନୁସାରେ ସେ ଫ୍ରାନ୍‌ସିସ୍କାନ ନାମକ ସନ୍ନ୍ୟାସୀ-ସଂଘ ଗଠନ କରିଥିଲେ । ପୂର୍ବଜୀବନରେ ସେ ବିଳାସୀ ଥିଲେ ।

# ପ୍ରଧାନ ପ୍ରଧାନ ଲେଖା ଓ ରଚନାର ସମୟସୂଚୀ

| ବର୍ଷ | ମାସ ଓ ତାରିଖ | ସ୍ଥାନ | ବିଷୟ |
|---|---|---|---|
| ୧୮୮୯ | — | କଲିକତା | ଈଶାନୁସରଣର ସୂଚନା |
| ୧୮୯୩ | ସେପ୍ଟେମ୍ବର ୧୧ | ଚିକାଗୋ | Paper on Hinduism |
| ୧୮୯୪ | ମାର୍ଚ୍ଚ-ଏପ୍ରିଲ | ” | Reason, Faith and Love |
| | ଗ୍ରୀଷ୍ମକାଳ | | ଗାଇ ଗୀତ ଶୁଣାଏ ତୁମକୁ |
| | ସେପ୍ଟେମ୍ବର | ବୋଷ୍ଟନ | Reply to Madras Address |
| ୧୮୯୫ | ବସନ୍ତକାଳ | ନିଉୟର୍କ | *My Play is done* |
| | ମାର୍ଚ୍ଚ | ” | Is the Soul Immortal ? |
| | ଗ୍ରୀଷ୍ମକାଳ | ସହସ୍ରଦ୍ୱୀପୋଦ୍ୟାନ | *Song of the Sannyasin* |
| | ଶରତ୍କାଳ | ” | Reincarnation. |
| | | ନିଉୟର୍କ | Raja-Yoga (First Half) |
| ୧୮୯୫-୯୬ | — | ଆମେରିକା | Reply to Address of Maharaja of Khetri. |
| | — | — | Struggle for Expansion |
| | | | The Birth of Religion |
| ୧୮୯୫-୯୬ | — | ଆମେରିକା | Four Paths of Yoga |
| | | | Cyclic Rest and Change |
| ୧୮୯୬ | ଜାନୁଆରି | ନିଉୟର୍କ | *To an Early Violet* |
| ୧୮୯୮ | ଜୁନ | ଅଲମୋଡ଼ା | Requiescat in Pace |
| | ଜୁଲାଇ | ଶ୍ରୀନଗର | *To the Fourth of July* |
| | | ” | *To the Awakened India* |
| | ଶରତ୍କାଳ | କାଶ୍ମୀର | *Kali the Mother* |
| | ନଭେମ୍ବର | କଲିକତା | ଶ୍ରୀରାମକୃଷ୍ଣଙ୍କ ସ୍ତବ (ସଂସ୍କୃତ) |
| | | | *The Angels Unawares* |
| | | ” | ଉଦ୍‌ବୋଧନ ପତ୍ରିକାର ପ୍ରସ୍ତାବନା |
| ୧୮୯୯ | ଜାନୁଆରି | | ସଖାପ୍ରତି |
| | ଏପ୍ରିଲ | ବେଲୁଡ଼ ମଠ | ଉଦ୍‌ବୋଧନ ପାଇଁ କେତୋଟି ରଚନା । |

| ବର୍ଷ | ମାସ ଓ ତାରିଖ | ସ୍ଥାନ | ବିଷୟ |
|---|---|---|---|
